# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଫେବୃୟାରୀ ୨୫/୨୦୨୦ (୨୦ ପୃଷ୍ଠା) | Bhubaneswar, Tuesday, February 25/2020 | ★★★★★★

୪୬ଶ ଭାଗ ୯୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଫିଟ୍‌ନେସ୍ ଫର୍ମରେ ଦିଶା**

ଟାଇଗର ଶ୍ରଫ୍‌ଙ୍କ ସହ ରିଲେସନଶିପ୍‌କୁ ନେଇ ସବୁବେଳେ ଚର୍ଚ୍ଚା ସାଉଁଟୁଥିବା ବଲିଉଡ୍ ଅଭିନେତ୍ରୀ ଦିଶା ପଟ୍ଟାନୀ ଏବେ ଆକ୍ସନ ଫିଲ୍ମ ଆଡ଼କୁ ଢଳିଛନ୍ତି।

୦୨

୧୪

**ଶେଫାଳିଙ୍କ ପ୍ରଦର୍ଶନରେ ଭାରତ ବିଜୟୀ**

ଶେଫାଳି ବର୍ମାଙ୍କ ଦ୍ରୁତ ୩୯ ରନ ସହାୟତାରେ ଭାରତ ଆଇସିସି ମହିଳା ଟି୨୦ ବିଶ୍ୱକପର ସୋମବାର ଅନୁଷ୍ଠିତ ମ୍ୟାଚରେ ବାଂଲାଦେଶକୁ ୧୮ ରନରେ ପରାସ୍ତ କରିଛି।



# ଭାରତ ପ୍ରତି ଆମେରିକା କୃତଜ୍ଞ: ଟ୍ରମ୍ପ୍

- ‘ନମସ୍ତେ ଟ୍ରମ୍ପ୍’ କାର୍ଯ୍ୟକ୍ରମରେ ଆମେରିକା ରାଷ୍ଟ୍ରପତିଙ୍କୁ ଭବ୍ୟ ସ୍ୱାଗତ
- ଆତଙ୍କବାଦ ବିରୋଧରେ ଲଢ଼େଇ ପାଇଁ ଦୁଇଦେଶ ପ୍ରତିବଦ୍ଧ
- ସମ୍ପର୍କର ନୂଆ ଇତିହାସ ସୃଷ୍ଟି ହେବ: ମୋଦି

ଅହମଦାବାଦ,୨୪।୨(ପି.ଟି.)

ଇସ୍‌ଲାମିକ୍ ଆତଙ୍କବାଦରୁ ଦେଶବାସୀଙ୍କୁ ସୁରକ୍ଷା ଦେବା ଲାଗି ଭାରତ ଓ ଆମେରିକା ପ୍ରତିଶ୍ରୁତିବଦ୍ଧ। ଦୁଇଦେଶ ମିଳିତ ଭାବେ ଇସ୍‌ଲାମିକ୍ ଆତଙ୍କବାଦର ମୁକାବିଲା କରିବେ ବୋଲି ସୋମବାର ଗୁଜରାଟ ଅହମଦାବାଦର ମୋଟେରା ଷ୍ଟାଡିୟମରେ ଅନୁଷ୍ଠିତ ‘ନମସ୍ତେ ଟ୍ରମ୍ପ୍’ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି। ଏଥିସହିତ ଭାରତ-ଆମେରିକା ପ୍ରତିରକ୍ଷା ସମ୍ପର୍କକୁ ନୂଆ ସୋପାନକୁ ନେଇଯିବା ସହ ବାଣିଜ୍ୟ ସମ୍ପର୍କ ବୃଦ୍ଧି ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ କାର୍ଯ୍ୟ କରିବେ ବୋଲି ଟ୍ରମ୍ପ୍ କହିଥିଲେ। ଦୁଇଦେଶ ମଧ୍ୟରେ ପ୍ରତିରକ୍ଷା ସହଯୋଗ ବଢ଼ିବା ସହ ମିଳିତ ସମରାଭ୍ୟାସ କରାଯିବ। ଭାରତର ପ୍ରତିରକ୍ଷାକୁ ଅଧିକ ସୁଦୃଢ଼ କରିବା ପାଇଁ ସେନାବାହିନୀକୁ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଯୋଗାଇ ଦିଆଯିବ। ତାଙ୍କ ଦେଶ ଭାରତକୁ ଭଲପାଏ ଓ ଭାରତ ପ୍ରତି କୃତଜ୍ଞ ବୋଲି ବିଶ୍ୱର ସର୍ବବୃହତ୍ ଷ୍ଟାଡିୟମରେ ଲକ୍ଷାଧିକ ଜନତାଙ୍କୁ ସମ୍ବୋଧିତ କରି ଆମେରିକା ରାଷ୍ଟ୍ରପତି ଏହା କହିଛନ୍ତି।

ମଞ୍ଚରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଆମେରିକା ଫାଷ୍ଟ ଲେଡି ମେଲାନିଆ ଟ୍ରମ୍ପ୍ ଉପସ୍ଥିତ ଥିଲେ। ଏହି ଅବସରରେ ଟ୍ରମ୍ପ୍ ଭାରତ ଓ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ। ସେ ଭାରତର ମହାନ୍ ପରମ୍ପରା, ବ୍ୟକ୍ତି ସ୍ୱାଧୀନତା, ଆଇନର ଶାସନ, ମାନବିକ ମର୍ଯ୍ୟାଦା ଓ ସଦ୍‌ଭାବନାର ଭୂୟସୀ ପ୍ରଶଂସା କରିଥିଲେ। ସେ କହିଥିଲେ, ଭାରତ ପାଇଁ ଆମେରିକା ହୃଦୟରେ ସ୍ୱତନ୍ତ୍ର ସ୍ଥାନ ରହିଛି। ଭାରତର ଉନ୍ନତି ପାଇଁ ମୋଦି ଅହରହ କାର୍ଯ୍ୟ କରିଚାଲିଛନ୍ତି। ଜଣେ ଚା’ ବିକାଳିରୁ ଆଜି ସେ ଏତେ ବଡ଼ ହୋଇପାରିଛନ୍ତି। ଭାରତର ମୋଦିଙ୍କୁ ସମସ୍ତେ ପ୍ରଶଂସା କରୁଛନ୍ତି। ମୋଦିଙ୍କ ପାଇଁ ଭାରତରେ ପ୍ରତି ୧୨ ମିନିଟରେ ଜଣେ ଲୋକ ଦାରିଦ୍ର୍ୟ ମୁକ୍ତ ହେଉଛନ୍ତି ବୋଲି ଟ୍ରମ୍ପ୍ କହିଥିଲେ। ନିଜର ଅଭିଭାଷଣରେ ଟ୍ରମ୍ପ୍ ଭାରତୀୟ ଚଳଚ୍ଚିତ୍ର ବିଷୟରେ ଅବତାରଣା କରିବା ସହ ସଚିନ ତେନ୍ଦୁଲକରଙ୍କ ଭଳି କ୍ରିକେଟ କିମ୍ବଦନ୍ତୀ ଭାରତ ସୃଷ୍ଟି କରିପାରିଛି ବୋଲି କହିଥିଲେ।

ଦୁଇଦିନିଆ ଭାରତ ଗସ୍ତରେ ଆସିଥିବା ଟ୍ରମ୍ପ୍‌ଙ୍କୁ ବିମାନବନ୍ଦରରେ ପ୍ରଧାନମନ୍ତ୍ରୀ ସ୍ୱାଗତ କରିଥିଲେ। ସେଠାରେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଟ୍ରମ୍ପ୍‌ଙ୍କ ବିମାନ ପହଞ୍ଚିବାର ୧ ଘଣ୍ଟା ପୂର୍ବରୁ ମୋଦି ସେଠାରେ ପହଞ୍ଚିଥିଲେ। ଟ୍ରମ୍ପ୍‌ଙ୍କ ବିମାନ ପହଞ୍ଚିବା ପରେ ମୋଦି ପ୍ରୋଟୋକଲ ଭାଙ୍ଗି ତାଙ୍କୁ ସ୍ୱାଗତ କରିଥିଲେ। ବିମାନ ବନ୍ଦରରୁ ଉଭୟ ନେତା ସାବରମତି ଆଶ୍ରମ ଅଭିମୁଖେ ବାହାରିଥିଲେ। ସେଠାରେ ଟ୍ରମ୍ପ୍ ଦମ୍ପତି ମହାତ୍ମା ଗାନ୍ଧୀଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ପ୍ରଧାନମନ୍ତ୍ରୀ ସେମାନଙ୍କୁ ଗାନ୍ଧିଜୀ ଓ କସ୍ତୁରବା ରହୁଥିବା ପ୍ରକୋଷ୍ଠ ‘ହୃଦୟ କୁଞ୍ଜ’ ଦେଖାଇଥିଲେ। ଟ୍ରମ୍ପ୍ ଓ ମେଲାନିଆ ସେଠାରେ ଗାନ୍ଧିଜୀଙ୍କ ଚରଖା ଚଳାଇଥିଲେ ଓ ଆଶ୍ରମ ଛାଡ଼ିବା ପୂର୍ବରୁ ଭିଜିଟର ପୁସ୍ତିକାରେ ସ୍ୱାକ୍ଷର କରିଥିଲେ। ସେଠାରୁ ଦୀର୍ଘ ୨୨ କିଲୋମିଟର ରୋଡ୍ ଶୋ’ରେ ଆସି ମୋଟେରା ଷ୍ଟାଡିୟମରେ ପହଞ୍ଚିଥିଲେ ଆମେରିକା ରାଷ୍ଟ୍ରପତି। ଷ୍ଟାଡିୟମରେ ଆୟୋଜିତ ‘ନମସ୍ତେ ଟ୍ରମ୍ପ୍’ କାର୍ଯ୍ୟକ୍ରମରେ ୧ ଲକ୍ଷ ୧୦ ହଜାର ଜନସାଧାରଣ ଉପସ୍ଥିତ ରହି ଟ୍ରମ୍ପ୍‌ଙ୍କୁ ସ୍ୱାଗତ କରିଥିଲେ। ଷ୍ଟାଡିୟମରେ ଝିଅ ଇଭାଙ୍କା, ଜ୍ୱାଇଁ ଜାରେଡ କୁଶନେର, ତାଙ୍କ ପ୍ରଶାସନର ଉଚ୍ଚ ପଦାଧିକାରୀମାନେ ଉପସ୍ଥିତ ଥିଲେ।

ମଙ୍ଗଳବାର ଦୁଇଦେଶ ମଧ୍ୟରେ ୩ ବିଲିୟନ ଡଲାର ମୂଲ୍ୟର ପ୍ରତିରକ୍ଷା ଚୁକ୍ତିନାମା ସ୍ୱାକ୍ଷର ହେବା ସହ ଆମେରିକା ଭାରତ ମୁଖ୍ୟ ପ୍ରତିରକ୍ଷା ସହଯୋଗୀ ହେବାକୁ ଯାଉଛି ବୋଲି ଏହି ଅବସରରେ ଟ୍ରମ୍ପ୍ ଘୋଷଣା କରିଥିଲେ। ଭାରତ ଓ ଆମେରିକା ମଧ୍ୟରେ ସ୍ୱାଭାବିକ ଓ ସ୍ଥାୟୀ ବନ୍ଧୁତା ରହିଥିବା ସେ କହିଥିଲେ। ଭାରତର ସାଂସ୍କୃତିକ ବିବିଧତାଠାରୁ ଆରମ୍ଭ କରି ଚଳଚ୍ଚିତ୍ର ଓ କ୍ରୀଡ଼ା କ୍ଷେତ୍ରରେ ସଫଳତା ସମ୍ପର୍କରେ ଟ୍ରମ୍ପ୍ ଭାଷଣରେ ଉଲ୍ଲେଖ କରିଥିଲେ।

ଆମେରିକା ରାଷ୍ଟ୍ରପତିଙ୍କ ଏହି ଗସ୍ତ ଦୁଇଦେଶ ମଧ୍ୟରେ ସମ୍ପର୍କର ନୂଆ ଇତିହାସ ସୃଷ୍ଟି କରିବ ବୋଲି ମୋଦି କହିଥିଲେ। ଆତଙ୍କବାଦ ଦମନରେ ଟ୍ରମ୍ପ୍‌ଙ୍କ ନେତୃତ୍ୱକୁ ମୋଦି ପ୍ରଶଂସା କରିଥିଲେ। ଟ୍ରମ୍ପ୍‌ଙ୍କ ନେତୃତ୍ୱରେ ଭାରତ-ଆମେରିକା ସମ୍ପର୍କ ଯଥେଷ୍ଟ ବୃଦ୍ଧି ପାଇଛି। ସପରିବାର ଟ୍ରମ୍ପ୍ ଭାରତ ଆସିବା ଦୃଢ଼ ବନ୍ଧୁତାକୁ ସୂଚାଉଛି ବୋଲି ମୋଦି କହିଥିଲେ।





ଅହମ୍ମଦାବାଦସ୍ଥିତ ମୋଟେରା ଷ୍ଟାଡିୟମରେ ଅନୁଷ୍ଠିତ ‘ନମସ୍ତେ ଟ୍ରମ୍ପ୍’ କାର୍ଯ୍ୟକ୍ରମରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍, ତାଙ୍କ ପତ୍ନୀ ମେଲାନିଆ ଓ ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

## ମାଟ୍ରିକ୍ ପରୀକ୍ଷା: କପି କରି ଧରାପଡ଼ିଲେ ୧୧୮ ପରୀକ୍ଷାର୍ଥୀ

କଟକ ଅଫିସ,୨୪।୨

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଚଳିତ ମାଟ୍ରିକ ପରୀକ୍ଷାରେ ସୋମବାର ୧୧୮ଜଣ ପରୀକ୍ଷାର୍ଥୀ କପି କରି ଧରା ପଡ଼ିବା ସହ ମାଲପ୍ରାକ୍ଟିସ(ଏମ୍‌ପି) ହୋଇଛନ୍ତି। ସେମାନଙ୍କ ମଧ୍ୟରେ ମାଟ୍ରିକ ପରୀକ୍ଷାର ୧୦୮ଜଣ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷାର ୧୦ଜଣ ପରୀକ୍ଷାର୍ଥୀ ଅଛନ୍ତି। ସୋମବାର ୩ୟ ଭାଷା ତଥା ହିନ୍ଦୀ, ସଂସ୍କୃତ, ଓଡ଼ିଆ, ପାର୍ସୀ ବିଷୟ ପରୀକ୍ଷା ରହିଥିଲା। ଅନ୍ୟପକ୍ଷରେ ବିଭିନ୍ନ ଜିଲାର ପରୀକ୍ଷାକେନ୍ଦ୍ରରେ ପରୀକ୍ଷା ଚାଲୁଥିବା ସମୟରେ ବିଦ୍ୟୁତ କାଟ୍ ହେଉଥିବା ବୋର୍ଡ କାର୍ଯ୍ୟାଳୟର ହେଲ୍ପଲାଇନ ନମ୍ବରରେ ଅଭିଯୋଗ ହୋଇଥିବା ଜଣାପଡିଛି।


**୩ ଦିନ ବର୍ଷା: ଘଣ୍ଟାକୁ ୩୦ରୁ ୪୦ କି.ମି. ପବନ**

**ରାଜ୍ୟରେ କମୁଛି ଦଣ୍ଡବିଧାନ ହାର**
........ ୩ ........

**ଅନୁପଙ୍କ ଗିରଫଦାରିକୁ ବେଆଇନ କହିଲେ ଝିଅ**
........ ୫ ........


**ଆଜିର ସମ୍ପାଦକୀୟ**

**ଭାରତ ଅଡୁଆରେ**

**ଆଜିର ମନ୍ତବ୍ୟ**

“ଆମେରିକା ଭାରତକୁ ଭଲପାଏ ଓ ସବୁବେଳେ ବିଶ୍ୱସ୍ତ ତଥା ଅନୁଗତ ବନ୍ଧୁ ହୋଇ ରହିବ।

-ଡୋନାଲ୍ଡ ଟ୍ରମ୍ପ୍, ଆମେରିକା ରାଷ୍ଟ୍ରପତି

**କିଛି ତଥ୍ୟ**

୨୦୧୮-୧୯ ଆର୍ଥିକ ବର୍ଷରେ ରେଳପଥ ପକ୍ଷରୁ ୬୦୬ ନିୟୁତ ଟନ୍ କୋଇଲା ପରିବହନ କରାଯାଇଛି।

- ରେଳ ମନ୍ତ୍ରଣାଳୟ

# ବିଧାନସଭାରେ ଧାନ ଝଡ଼

- ୧୬ଥର ମୁଲତବୀ, ସାରାଦିନ ବରବାଦ
- ଫେଲ୍ ମାରିଲା ସର୍ବଦଳୀୟ ବୈଠକ
- ୫ ଜିଲାର ବିଧାୟକଙ୍କୁ ଡାକି ଆଲୋଚନା କଲେ ମନ୍ତ୍ରୀ
- ଜିଲାପାଳଙ୍କୁ କ୍ଷମତା ଦେବା ନେଇ ଅସନ୍ତୋଷ
- ମଙ୍ଗଳବାର ଯାଏ ଗୃହ ମୁଲତବୀ
- ଆଜି ଗୃହରେ ବିବୃତି ଦେଇପାରନ୍ତି ମନ୍ତ୍ରୀ

ଭୁବନେଶ୍ୱର, ୨୪।୨(ବ୍ୟୁରୋ)

ଆକାଶରେ ମେଘ ବାଦଲ। ଆଗାମୀ ତିନିଦିନ ଧରି ଉପକୂଳ ଓ ଆଭ୍ୟନ୍ତର ଓଡ଼ିଶାରେ ବର୍ଷା ଛେଚିବ। କେବଳ ମେଘ ନୁହେଁ, ୩୦ରୁ ୪୦ କିଲୋମିଟର ବେଗରେ ପବନ ମଧ୍ୟ ବହିବ ବୋଲି ପାଣିପାଗ ବିଭାଗ ସତର୍କ କରିଛି। ଏନେଇ ଜିଲାପାଳଙ୍କୁ ସତର୍କ ରହିବାକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏଭଳିସ୍ଥିତିରେ ମଣ୍ଡିରେ ଧାନ ଗଦା ହୋଇଛି। ଧାନ କିଣା ନ ଯିବା ଯୋଗୁ ଚାଷୀଙ୍କ ମୁଣ୍ଡରେ ଚଡ଼କ ପକାଇଛି। ମଣ୍ଡିରୁ ଧାନ ନ ଉଠିବା ଏବଂ ଟୋକନ ଅବ୍ୟବସ୍ଥାକୁ ନେଇ ବିରୋଧୀ ସରକାରଙ୍କୁ ସଣ୍ଣୁଆଶି ଆକ୍ରମଣ କରିଥିଲେ। ତିନିଦିନ ଗୃହ ବନ୍ଦ ରହିବା ପରେ ସୋମବାର ବିଧାନସଭାରେ ବିରୋଧୀ ଭାଜପା ଓ କଂଗ୍ରେସ ସରକାରଙ୍କୁ ହରଡ଼ଘଣାରେ ପକାଇଥିଲେ। ସରକାର ଚାଷୀଙ୍କ ପ୍ରତି ସମ୍ବେଦନଶୀଳ ନୁହନ୍ତି। ଚାଷୀମାନେ ଧାନ ଧରି ଦିନରାତି ମଣ୍ଡିରେ ବସିଛନ୍ତି। ଟୋକନ ମିଳୁନାହିଁ, ଯାହାଙ୍କୁ ମିଳିଛି ସେମାନେ ଧାନ ବିକ୍ରି କରିପାରୁ ନାହାନ୍ତି। ଟୋକନ ଆଳରେ ଧାନ କିଣାଯାଉନାହିଁ। ଏଭଳି ଅଭିଯୋଗ ଆଣି ବିରୋଧୀ ବିଧାନସଭାରେ ହଙ୍ଗାମା କରିଥିଲେ। ଥରେ କି ଦି’ଥର ନୁହେଁ, ଦିନତମାମ ୧୬ଥର ଗୃହକୁ ମୁଲତବୀ ଘୋଷଣା କରାଯାଇଥିଲା। ଅଚଳାବସ୍ଥାକୁ ଏଡ଼ାଇବାକୁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକି ଗୃହକୁ ସ୍ୱାଭାବିକ କରିବାକୁ ଆପ୍ରାଣ ଉଦ୍ୟମ କରିଥିଲେ ମଧ୍ୟ ସବୁକିଛି ଫସର ଫାଟିଛି। ବିରୋଧୀଙ୍କ ହଟ୍ଟଗୋଳ ପାଇଁ ଦିନତମାମ ଗୃହକାର୍ଯ୍ୟ ବାଏଁ ବାଏଁ ଉଡ଼ିଯାଇଛି। ପୂର୍ବରୁ ଗତ ୨୦ ତାରିଖରେ ଧାନକିଣାକୁ ନେଇ ☞ପୃଷ୍ଠା-୪

# ଉଗ୍ର ହେଉଛି ସିଏଏ ବିରୋଧୀ ହିଂସା

**କନ୍‌ଷ୍ଟେବଲଙ୍କ ସମେତ ୫ ମୃତ**

- ଡିସିପି ଓ ୨୦ ଆହତ
- ବହୁ ଘର, ଗାଡ଼ି ଜାଳିଦେଲେ ବିକ୍ଷୋଭକାରୀ
- ଉତ୍ତରପୂର୍ବ ଦିଲ୍ଲୀର ୧୦ ସ୍ଥାନରେ ୧୪୪ ଧାରା ଜାରି

ନୂଆଦିଲ୍ଲୀ, ୨୪।୨ (ଆଇଏଏନ୍ଏସ୍)

ଦିଲ୍ଲୀରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧୀ ବିକ୍ଷୋଭ ସୋମବାର ପୁଣିଥରେ ହିଂସାର ରୂପ ନେଇଛି। ସିଏଏ ସପକ୍ଷ ଓ ବିପକ୍ଷ ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ବେଳେ ଦିଲ୍ଲୀ ପୋଲିସର ଜଣେ ହେଡ୍ କନ୍‌ଷ୍ଟେବଲଙ୍କ ସମେତ ୪ ଜଣଙ୍କ ମୃତ୍ୟୁ ଘଟିଛି । ସଦର ଡିସିପି ଅମିତ ଶର୍ମାଙ୍କ ସମେତ ୨୦ ଜଣ ଆକ୍ରମଣରେ ଆହତ ହୋଇଛନ୍ତି। ସେମାନଙ୍କୁ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଶାନ୍ତି ଓ ସଦ୍‌ଭାବନା ବଜାୟ ରଖିବା ଲାଗି ଉପରାଜ୍ୟପାଳ ଅନିଲ ବୈଜଲ ଏବଂ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ଆହ୍ୱାନ ସତ୍ତ୍ୱେ ସ୍ଥିତି ଅଣାୟତ୍ତ ରହିଛି। ଉଭୟ ପକ୍ଷର ବିକ୍ଷୋଭକାରୀ ଅନେକ ଗାଡ଼ି ଓ ଘର ଜାଳିବା ସହ ଭଜନପୁରା ଅଞ୍ଚଳରେ ଏକ ପେଟ୍ରୋଲ ପମ୍ପରେ ନିଆଁ ଲଗାଇଦେଇଛନ୍ତି। ସ୍ଥିତି ଅଣାୟତ୍ତ ହେବାରୁ ୧୪୪ ଧାରା ଜାରି ହୋଇଛି। ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ଲାଗି ଉପରାଜ୍ୟପାଳ ଦିଲ୍ଲୀ ପୋଲିସ କମିଶନର ଅମୂଲ୍ୟ ପଟ୍ଟନାୟକଙ୍କୁ ପରାମର୍ଶ ଦେଇଛନ୍ତି। ଉତ୍ତରପୂର୍ବ ଦିଲ୍ଲୀରେ ୨ କମ୍ପାନୀ ରାପିଡ ଆକ୍ସନ ଫୋର୍ସ, ଗୋଟିଏ କମ୍ପାନୀ ମହିଳା ସୁରକ୍ଷା କର୍ମୀଙ୍କ ସମେତ ୮ କମ୍ପାନୀ ସିଆର୍‌ପିଏଫ୍ ଯବାନଙ୍କୁ ପଠାଯାଇଛି। ଉତ୍ତେଜନା ଲାଗି ରହିଥିବାରୁ ମଙ୍ଗଳବାର ଉତ୍ତରପୂର୍ବ ଦିଲ୍ଲୀର ସମସ୍ତ ସ୍କୁଲକୁ ଛୁଟି ଘୋଷଣା କରାଯାଇଛି।

ରବିବାର ଅପରାହ୍ନରେ ଉତ୍ତରପୂର୍ବ ଦିଲ୍ଲୀରେ ସିଏଏ ବିରୋଧୀ ଓ ସପକ୍ଷବାଦୀ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିଲା। ପୋଲିସ ପହଞ୍ଚି ଲୁହବୁହା ବାଷ୍ପ ପ୍ରୟୋଗ କରିବା ସହ ଲୋକଙ୍କୁ ଘଉଡାଇଦେଇଥିଲା। ସୋମବାର ମଧ୍ୟାହ୍ନରୁ ଦିଲ୍ଲୀର ଜାଫରାବାଦ, ମୌଜପୁର, ଗୋକୁଳପୁରୀରେ ପୁଣି ଉତ୍ତେଜନା ଆରମ୍ଭ ହୋଇଛି। ଉଭୟ ପକ୍ଷ ମଧ୍ୟରେ ଜୋରଦାର ଟେକାମାଡ଼ ହୋଇଥିଲା। ହିଂସା ରୋକିବା ପାଇଁ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ଉତ୍ତେଜନା ଥିବା ୧୦ଟି ସ୍ଥାନରେ ୧୪୪ ଧାରା ଜାରି ହୋଇଛି। ଗୋକୁଳପୁରୀ ଓ ଏହାର ଆଖପାଖ ଅଞ୍ଚଳରେ ଅନେକ ଦୋକାନ ଓ ଘର ଉପରେ ଆକ୍ରମଣ ହେବା ସହ ଗାଡ଼ିରେ ନିଆଁ ଲଗାଇଦିଆଯାଇଛି। ଆନ୍ଦୋଳନରେ ସାମିଲ ହୋଇଥିବା କିଛି ଲୋକ ଦେଶୀ ବନ୍ଧୁକ ବ୍ୟବହାର କରିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏପରିକି ଖବର ସଂଗ୍ରହ କରିବାକୁ ଯାଇଥିବା ଗଣମାଧ୍ୟମ ପ୍ରତିନିଧି ମଧ୍ୟ ଆକ୍ରମଣରୁ ବାଦ୍ ପଡ଼ି ନ ଥିଲେ। ସେମାନଙ୍କୁ ଆକ୍ରମଣ ବେଳର ଭିଡିଓ ଶୁଟିଂ ପାଇଁ ଅନୁମତି ଦେଇ ନ ଥିଲେ ବିକ୍ଷୋଭକାରୀ। ହେଡ୍ କନ୍‌ଷ୍ଟେବଲ୍ ରତନ ଲାଲ୍‌ଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀ କେଜ୍‌ରିୱାଲ ଦୁଃଖପ୍ରକାଶ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କ ସମେତ ଆମ୍ ଆଦ୍‌ମୀ ପାର୍ଟିର ବହୁ ନେତା ଶାନ୍ତି ବଜାୟ ରଖିବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ହିଂସାକାଣ୍ଡ ପାଇଁ ସିଏଏ ବିରୋଧୀ ବିକ୍ଷୋଭକାରୀଙ୍କୁ ସପକ୍ଷବାଦୀମାନେ ଦାୟୀ କରିଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ବିକ୍ଷୋଭକାରୀମାନେ ଦୁଇଦିନ ହେଲା ରାସ୍ତାରେ ବସିରହିବା ଫଳରେ ପିଲାମାନେ ସ୍କୁଲ ଯାଇପାରୁନାହାନ୍ତି। ମେଟ୍ରୋ ଷ୍ଟେଶନକୁ ବନ୍ଦ କରିଦିଆଯାଇଛି।



ଉତ୍ତରପୂର୍ବ ଦିଲ୍ଲୀର ଏକ ଅଞ୍ଚଳରେ ବିକ୍ଷୋଭକାରୀମାନେ ଟେକାପଥର ଫିଙ୍ଗୁଛନ୍ତି।

# ନରହନ୍ତା ଦନ୍ତା ଚନ୍ଦକାମୁହାଁ

- ରାଜଧାନୀ ଉପକଣ୍ଠରେ ମହିଳାଙ୍କୁ ଆକ୍ରମଣ
- ରବିବାର ୪ ଜଣଙ୍କ ଜୀବନ ନେଇଥିଲା
- ୬ ଗୁରୁତର, ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି ୨ଜଣ

ଭୁବନେଶ୍ୱର, ୨୪।୨(ବ୍ୟୁରୋ)

ପିପିଲି, ନିମାପଡ଼ା, କଣାସ ଓ ଡେଲାଙ୍ଗ ବ୍ଲକ ଅଞ୍ଚଳରେ ତିନି ଦିନ ଧରି ଉପଦ୍ରବ କରିଥିବା ଦନ୍ତାହାତୀ ସୋମବାର ସନ୍ଧ୍ୟାରେ ଚନ୍ଦକା ଜଙ୍ଗଲମୁହାଁ ହୋଇଛି। ତା’ର ଆକ୍ରମଣରେ ରବିବାର ପିପିଲି ଓ ବଳଙ୍ଗା ଥାନା ଅଞ୍ଚଳର ୪ଜଣଙ୍କ ଜୀବନ ଯାଇଥିବାବେଳେ ୫ଜଣ ଗୁରୁତର ଆହତ ହୋଇଥିଲେ। ସୋମବାର ସକାଳେ ଉକ୍ତ ହାତୀ ଭୁବନେଶ୍ୱର ଉପକଣ୍ଠରେ ଜଣେ ମହିଳାଙ୍କୁ ଆକ୍ରମଣ କରିବାରୁ ସେ ଗୁରୁତର ଆହତ ହୋଇଛନ୍ତି। ମହିଳା ଜଣକ ହେଲେ ମୁଣ୍ଡା ସାହିର ଫୁଲେଶ୍ୱରୀ ବସ୍ତିରେ ରହୁଥିବା ଗାଙ୍ଗି ମୁଣ୍ଡା(୫୫)। ସକାଳ ପ୍ରାୟ ସାଢ଼େ ୫ଟାରେ ସେ ଫୁଲ ତୋଳୁଥିବାବେଳେ ଉଗ୍ର ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ତାଙ୍କ କାନ୍ଧ ହାଡ଼ ଭାଙ୍ଗିଯିବା ସହିତ କାଖରେ କ୍ଷତ ଚିହ୍ନ ରହିଛି। ତାଙ୍କୁ ଭୁବନେଶ୍ୱର ଏମ୍‌ସରେ ଭର୍ତ୍ତି କରାଯାଇଛି। ମୋଟ ୬ ଗୁରୁତରଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ସେମାନେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଦନ୍ତା ରବିବାରଠାରୁ ଅଣାୟତ୍ତ ହୋଇ ଆକ୍ରମଣ କରି ଚାଲିଥିବାବେଳେ ବନବିଭାଗ କର୍ମଚାରୀଙ୍କ ଅକ୍ଳାନ୍ତ ପରିଶ୍ରମରେ ସୋମବାର ସନ୍ଧ୍ୟା ୬ଟା ବେଳକୁ ଚନ୍ଦକା ଜଙ୍ଗଲମୁହାଁ ହୋଇଛି। ତେବେ ଦନ୍ତା ପୁଣି ଫେରି ଆକ୍ରମଣ କରିପାରେ ବୋଲି ଲୋକେ ଆଶଙ୍କା କରି ଆତଙ୍କିତ ହୋଇପଡ଼ିଛନ୍ତି। ଫଳରେ ସୋମବାର ଦିନତମାମ ପୁରୀ ଜିଲାର ଉପରୋକ୍ତ ବ୍ଲକ ସମେତ ଜଟଣୀ, ଖୋର୍ଦ୍ଧା ବ୍ଲକ ଏବଂ ରାଜଧାନୀ ଉପକଣ୍ଠର ବହୁ ଗ୍ରାମ ଏକପ୍ରକାର ଜନଶୂନ୍ୟ ହୋଇପଡ଼ିଥିଲା। ଲୋକେ ତାଟିକବାଟ କିଳି ଘରେ ରହିବାକୁ ସୁରକ୍ଷିତ ମଣିଥିଲେ। ବନବିଭାଗ ପକ୍ଷରୁ ମଧ୍ୟ ସତର୍କ ରହିବାକୁ ଡାକବାଜି ଯନ୍ତ୍ର ଜରିଆରେ କୁହାଯାଇଥିଲା।

ସୂଚନାଥାଉ କି, ରବିବାର ସକାଳ ପ୍ରାୟ ୬ଟାରୁ ପୂର୍ବାହ୍ନ ୧୧ଟା ମଧ୍ୟରେ ଦନ୍ତାହାତୀଟି ଗୋଟିଏ ପରେ ଗୋଟିଏ ଗାଁରେ ପଶି ଲୋକଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲା। କାହାକୁ ଗୋଡ଼ରେ ଦଳିଥିଲା ତ କାହାକୁ ଶୁଣ୍ଢରେ ଟେକି ଛେଚିଥିଲା। ଆଉ କେତେଜଣ ଜୀବନ ବିକଳରେ ଦୌଡ଼ିବାବେଳେ ତଳେ ପଡ଼ି ଆହତ ହୋଇଥିଲେ। ପୁରୀ ଜିଲାର ବଳଙ୍ଗା ଥାନା ଅଧୀନ ଗୋପୀନାଥପୁର ଗ୍ରାମର ଯୁଗଳ କିଶୋର ଭଟ୍ଟ(୬୨)ଙ୍କ ମୃତ୍ୟୁ ଘଟିଥିବାବେଳେ ବାବନ ପୃଷ୍ଟି (୬୦), ହାଡ଼ିବନ୍ଧୁ ସାହୁ (୪୦) ଗୁରୁତର ଆହତ ହୋଇଛନ୍ତି। ☞ପୃଷ୍ଠା-୪



ଭୁବନେଶ୍ୱର ଉପକଣ୍ଠରେ ଦନ୍ତା ପ୍ରବେଶ କରିଛି।






ଗାଡିରୁ ଘର-ଖଟିରୁ ବଜାର
ସବୁଠି 91.9 ସାର୍ଥକ FM ର ସ୍ୱର
91.9 ସାର୍ଥକ FM
ଏଥର ଜମିଲା...
୨୪ଘଣ୍ଟା Super Hit ଓଡିଆ ଗୀତ

Vencobb CHICKEN
24.02.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 36 | 75 | 85 |
| CTC | 38 | 77 | 87 |
| DKL | 38 | 77 | 87 |
| BDK | 40 | 80 | 90 |
| BLS | 42 | 83 | 93 |
| ANG | 39 | 79 | 89 |
| BMP | 36 | 75 | 85 |

*Conditions Apply
Issued in the Interest of Consumers

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୫ ଫେବୃୟାରୀ, ୨୦୨୦





କିଛି ନୂଆ କରି ଦେଖାଇବା ପାଇଁ କେତେକଙ୍କ ମଧ୍ୟରେ ଆଗ୍ରହ ରହିଥାଏ। ଏହାର ସଦ୍ୟତମ ଉଦାହରଣ ପାଲଟିଛନ୍ତି ଜଣେ ଯୁବକ। ଫ୍ରାନ୍ସର ୨୬ ବର୍ଷୀୟ ରେମି ଓଭରାର୍ଡ ଏକ ହଟ୍ ଏୟାର ବେଲୁନରେ ଠିଆ ହୋଇ ଭୂପୃଷ୍ଠଠାରୁ ୩୨୮୦ ଫୁଟ ଉପରେ ନାଚି ରେକର୍ଡ କରିଛନ୍ତି। ପଶ୍ଚିମ ଫ୍ରାନ୍ସରେ ବାସ କରୁଥିବା ରେମିଙ୍କ ପିତା ଚେଟେଲେଲାର୍ଟ ଏହି ବେଲୁନକୁ ଉଡ଼ାଉଥିଲେ। ଏୟାର ବେଲୁନ ଉପରେ ଠିଆ ହୋଇ ଭାରସାମ୍ୟ ରଖିବା କଷ୍ଟକର ହୋଇଥିଲେ ବି ରେମି ଏଭଳି କରିଛନ୍ତି। ଏହାର ୧୬ ସେକେଣ୍ଡର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ବହୁ ୟୁଜର୍ସ ରେମିଙ୍କ ଏଭଳି ଦୁଃସାହାସିକ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି।

# ବୁଡ଼ି ଅଞ୍ଚଳରେ ଶିକ୍ଷାର ଆଲୋକବର୍ତ୍ତିକା



## ବୋଟ୍ ବିଦ୍ୟାଳୟ

**ଢାକା:** ଶିକ୍ଷା ହେଉଛି ଭବିଷ୍ୟତର ପାସ୍‌ପୋର୍ଟ। ଏହି ଉକ୍ତିକୁ ମର୍ମେମର୍ମେ ଅନୁଭବ କରିଛନ୍ତି ଉତ୍ତର-ପୂର୍ବ ବାଂଲାଦେଶର ହାଓର ଅଞ୍ଚଳବାସୀ। ବର୍ଷର ୮ମାସ ବନ୍ୟାରେ କଲବଲ ହେଉଥିବା ଏଠାକାର ଲୋକଙ୍କ ଭିତରେ ପାଠପଢ଼ିବାକୁ ନେଇ ରହିଛି ଖାସ୍ ଝୁଙ୍କ୍। ଆଉ ଏହା ପଛରେ ରହିଛି 'ବୋଟ୍ ବିଦ୍ୟାଳୟ'।

ହାଓର ହେଉଛି ଏକ ସିଲହଟି ଶବ୍ଦ। ଏହା ସଂସ୍କୃତ ଶବ୍ଦ ସାଗର ଅବା ସମୁଦ୍ରରୁ ଆସିଛି। ଏଥିରୁ ସହଜରେ ଅନୁମାନ କରାଯାଇପାରେ ଅଞ୍ଚଳବାସୀ ସମସ୍ୟା। ବନ୍ୟା ପାଇଁ ପାଖାପାଖି ୮ମାସ ଜଳବନ୍ଦୀ ଜୀବନ କାଟିଥାନ୍ତି ହାଓର ଅଞ୍ଚଳର ଲକ୍ଷାଧିକ ପରିବାର। ଏହି ସମୟରେ ସମସ୍ତ ଜରୁରୀ କାର୍ଯ୍ୟ ଠପ୍ ହୋଇଯାଏ। ଯଦିଓ ଏହା ଲୋକମାନଙ୍କ ଅଭ୍ୟାସଗତ। ସେମାନେ ବନ୍ୟା ପୂର୍ବରୁ ଘରେ ନିଜର ଆବଶ୍ୟକ ସାମଗ୍ରୀ ମହଜୁଦ୍ କରି ରଖିଦିଅନ୍ତି। ହେଲେ ଏଥିରେ ସବୁଠାରୁ ବେଶି ପ୍ରଭାବିତ ହେଉଥିଲେ ପାଠପଢୁଆ ପିଲାଏ। ଦୀର୍ଘଦିନ ଧରି ଲାଗି ରହିଥିବା ଏହି ସମସ୍ୟାର ସମାଧାନ ଖୋଜି ବାହାର କରିଛନ୍ତି ସ୍ଥାନୀୟ ପ୍ରଶାସନ ଏବଂ ସାମାଜିକ ସଙ୍ଗଠନ। କୋମିଲା, ପବନା, ଫରିଦପୁର, ସୁନାମଗଞ୍ଜ, ହାବିଗଞ୍ଜ, ଢାକା ଏବଂ ସିଲହଟ ଜିଲାର ବନ୍ୟା ପ୍ରଭାବିତ ଅଞ୍ଚଳର ୯୭%

ପିଲାଙ୍କ ପାଖରେ ଏବେ ପହଞ୍ଚିଛି 'ବୋଟ୍ ସ୍କୁଲ'। ପ୍ରାଥମିକ ଶିକ୍ଷାର ସମସ୍ତ ଆବଶ୍ୟକତା ପୂରଣ କରୁଥିବା ଏହି ବିଦ୍ୟାଳୟ ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳବାସୀଙ୍କ ପାଇଁ ପାଲଟିଛି ଶିକ୍ଷାର ଆଲୋକବର୍ତ୍ତିକା।

ପିଲାଙ୍କ ପାଖରେ ଶିକ୍ଷା ପହଞ୍ଚାଇବାକୁ ୨୦୧୨ରେ ଆରମ୍ଭ ହୋଇଥିଲା ବୋଟ୍ ସ୍କୁଲ। ଏହି ସଂଖ୍ୟା ୫୦୦ରେ ପହଞ୍ଚିଛି। ଏବେ ଏଠାରେ ୧୪,୦୦୦ରୁ ଊର୍ଦ୍ଧ୍ୱ ପିଲା ପାଠ ପଢୁଛନ୍ତି। ସବୁଠାରୁ ବଡ଼କଥା ହେଉଛି, ଗତ ୮ବର୍ଷରେ ୮୦ ହଜାର ପିଲାଙ୍କୁ ଶିକ୍ଷିତ କରିଛି ବୋଟ୍ ସ୍କୁଲ। ଏଠାରେ ଦିନରାତି ପାଠପଢ଼ିବାର ସୁବିଧା ରହିଛି। ଯେଉଁ ପିଲାମାନେ ଦିନରେ ସ୍କୁଲକୁ ଆସିପାରନ୍ତି ନାହିଁ, ସେମାନଙ୍କ ଲାଗି ରାତିରେ ପାଠପଢ଼ିବା ସୁବିଧା କରାଯାଇଛି। ଏହାକୁ ବାଦ୍‌ଦେଲେ ମହିଳାଙ୍କୁ ଆତ୍ମନିର୍ଭରଶୀଳ କରାଇବା, ବିଭିନ୍ନ ସାମଗ୍ରୀ ନିର୍ମାଣ କରିବା ନେଇ ଏଠାରେ ପ୍ରଶିକ୍ଷଣ ଦିଆଯାଉଛି। ସୌରଶକ୍ତି ସମ୍ପନ୍ନ ବୋଟ୍‌ଗୁଡ଼ିକ ଅତି ବ୍ୟବସ୍ଥିତ। ଏଠାରେ ପାଠପଢ଼ିବା ଲାଗି ସମସ୍ତ ସୁବିଧା ଉପଲବ୍ଧ। ଜଣେ ଚାହିଁଲେ ସେଠାରେ ରାତିରେ ମଧ୍ୟ ପାଠ ପଢ଼ିପାରିବ। ସବୁଠାରୁ ବଡ଼ କଥା ହେଉଛି, ପାଠ ପଢ଼ାଇବାକୁ ନିୟୋଜିତ ସମସ୍ତେ ମହିଳା। ମହିଳାଙ୍କୁ ଶିକ୍ଷାର ରୋଲ ମଡେଲ କରିବାକୁ ଏପରି ପ୍ରୟାସ କରାଯାଇଛି। ଏହି କାରଣରୁ ୮ବର୍ଷ ମଧ୍ୟରେ ସ୍କୁଲର ଉପସ୍ଥାନ ୯୭%କୁ ବୃଦ୍ଧି ପାଇଛି। ୧୦ ହଜାରରୁ ଊର୍ଦ୍ଧ୍ୱ ଛାତ୍ର ଏହି ସ୍କୁଲରୁ ପାସ୍ କରି ରାଷ୍ଟ୍ରୀୟସ୍ତରରେ ସୁନାମ ଅର୍ଜନ କଲେଣି। ସେମାନେ ଏବେ ନିଜର ଅଭିଭାବକଙ୍କୁ ସାକ୍ଷର କରିବାକୁ ଅଣ୍ଟା ଭିଡ଼ିଛନ୍ତି। କେବଳ ଏତିକି ନୁହେଁ, ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିବା, ବିଭିନ୍ନ ସାମଗ୍ରୀ ନିର୍ମାଣ କରିବା ଆଦି ବିଷୟରେ ମଧ୍ୟ ପ୍ରଶିକ୍ଷଣ ଦିଆଯାଉଛି।

ହାଓର ଅଞ୍ଚଳର ମୋଟ ଜନସଂଖ୍ୟା ୧୯ ଲକ୍ଷ। ସେଥିରୁ ୨୫% ହେଉଛନ୍ତି ୧୫ବର୍ଷ ବୟସର। ୨୫ ହଜାର ବର୍ଗ କିମିରେ ଅଞ୍ଚଳ ପରିବ୍ୟାପ୍ତ ଏହି ଅଞ୍ଚଳର ୧%ରୁ କମ୍ ଜନସଂଖ୍ୟା ବିଶିଷ୍ଟ ଛୋଟ ଗାଁ ବି ପୂର୍ଣ୍ଣ ସାକ୍ଷର, ଯାହା ଏକ ବିରାଟ ଉପଲବ୍ଧି।



# ଆକ୍ସନ୍ ଫର୍ମରେ ଦିଶା

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଦିଶା ପଟାନୀ ଆଜିକାଲି ଖୁବ୍ ଚର୍ଚ୍ଚାରେ। ଦିନେ ଟାଇଗର୍ ଶ୍ରଫ୍‌ଙ୍କ ସହ ତାଙ୍କ ରିଲେସନଶିପ୍‌କୁ ନେଇ ଚର୍ଚ୍ଚାରେ ରହୁଥିବା ଦିଶା ଏବେ ନିଜ ଫିଲ୍ମ ଆଉ ଫିଟ୍‌ନେସ୍ ପାଇଁ ଚର୍ଚ୍ଚାରେ ରହୁଛନ୍ତି। ସେ ଜଣେ ଫିଟ୍‌ନେସ୍ ଫ୍ରିକ୍ ହୋଇଥିବାବେଳେ ଆକ୍ସନ ଫିଲ୍ମ ଆଡ଼େ ଅଧିକ ମନ ବଳାଉଛନ୍ତି।

ନିକଟରେ ରିଲିଜ୍ ହୋଇଥିବା ଫିଲ୍ମ 'ମଲଙ୍ଗ୍'ର ସଫଳତା ପରେ ଦିଶା ଖୁବ୍ ଖୁସି ଅଛନ୍ତି। ସେ ନିଜ କ୍ୟାରିୟରର ଏହି ସଫଳତାକୁ ସେଲିବ୍ରେଟ୍ କରୁଛନ୍ତି। ଫିଲ୍ମଟି ବକ୍ସ ଅଫିସରେ ଭଲ ବ୍ୟବସାୟ କରିପାରିଛି। ଯଦି ଆପଣ ଦିଶାଙ୍କ ଫ୍ୟାନ୍ ତେବେ ଖୁସି ହୋଇଯାଆନ୍ତୁ। ସେ ପୁଣି ଥରେ ଆକ୍ସନ ଫର୍ମରେ ଦର୍ଶକଙ୍କ ସାମ୍ନାକୁ ଫେରୁଛନ୍ତି ବୋଲି ଜଣାପଡ଼ିଛି।

ପ୍ରକୃତରେ ଦିଶା ଏବେ ନିଜ ଅପ୍‌କମିଂ ଫିଲ୍ମ 'ରାଧେ: ୟୋର୍ ମୋଷ୍ଟ ୱାଣ୍ଟେଡ୍ ଭାଇ'ର ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି। ଏଥିରେ ସେ ବଲିଉଡ୍ ଭାଇଜାନ ସଲମାନ୍ ଖାନ୍‌ଙ୍କ ଅପୋଜିଟ୍‌ରେ ନଜରକୁ ଆସିବେ। ଆଉ ଏଥିଲାଗି ସେ କଠିନ ପରିଶ୍ରମ କରୁଥିବା ଜଣାପଡ଼ିଛି। ଏହାରି ଭିତରେ ଦିଶାଙ୍କ ଆକ୍ସନ ଫର୍ମର ଏକ ଝଲକ ସେ ସୋସିଆଲ ମିଡିଆରେ ଭାଇରାଲ୍ ହେଉଛି।

ଦିଶା ନିଜ ଅଫିସିଆଲ୍ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲ୍‌ରେ ଏକ ଭିଡିଓ ଶେୟାର କରିଛନ୍ତି। ଏଥିରେ ସେ ବ୍ୟାକ୍‌ଫ୍ଲିପ୍‌ସ କରୁଥିବା ଦେଖିବାକୁ ମିଳିଛି। ସେ ତାଙ୍କ ଟ୍ରେନରଙ୍କ ସାହାଯ୍ୟ ନେଇ ବ୍ୟାକ୍‌ଫ୍ଲିପ୍‌ସ କରୁଛନ୍ତି। ଭିଡିଓଟି ଶେୟାର କରି ଦିଶା ଲେଖିଛନ୍ତି, ଏବେ ସେ ଏହି ଚେଷ୍ଟାରେ ଏତେଟା ସଫଳ ହେଇନାହାନ୍ତି। କିନ୍ତୁ ଜଲଦି ନିପୁଣ ହୋଇଯିବେ ବୋଲି ଦିଶା ଲେଖିଛନ୍ତି।

ଭିଡିଓଟି ଶେୟାର କରିବା ପରେ ଏହା ସୋସିଆଲ ମିଡିଆରେ ଚର୍ଚ୍ଚା ସାଉଁଟୁଛି। ଫ୍ୟାନ୍‌ମାନଙ୍କ ଯଥେଷ୍ଟ ଭଲପାଇବା ଓ ଲାଇକ୍, କମେଣ୍ଟ ତାଙ୍କୁ ମିଳୁଛି। ଏହାସହ କୁହାଯାଉଛି ଅପ୍‌କମିଂ ଫିଲ୍ମ 'ରାଧେ: ୟୋର୍ ମୋଷ୍ଟ ୱାଣ୍ଟେଡ୍ ଭାଇ' ପାଇଁ ଦିଶା ମାର୍ଶଲ ଆର୍ଟ ଅଭ୍ୟାସ ଚଳାଇଛନ୍ତି। ଫିଲ୍ମର ନିର୍ଦ୍ଦେଶନା ପ୍ରଭୁଦେବା ଦେଉଥିବାବେଳେ ଟାଲେଣ୍ଟେଡ୍ ଆକ୍ଟର ରଣଦୀପ୍ ହୁଡ୍‌ଡାଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିବ। ଫିଲ୍ମକୁ ମେ'ରେ ରିଲିଜ୍ କରିବାକୁ ଯୋଜନା କରାଯାଇଛି।

# ଟ୍ରମ୍ପଙ୍କ ସ୍ୱାଗତ ପାଇଁ ୧୦୭ କେଜିର ଇଡ୍‌ଲି



**ଚେନ୍ନାଇ:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଗସ୍ତରେ ଆସିଥିବା ବେଳେ ତାଙ୍କୁ ସ୍ୱାଗତ କରିବାକୁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏହି ଅବସରରେ ଚେନ୍ନାଇର ଇନିଆଭାନ ନାମକ ଜଣେ ଫୁଡ୍ ଆର୍ଟିଷ୍ଟ ଟ୍ରମ୍ପଙ୍କୁ ସ୍ୱାଗତ କରିବା ପାଇଁ ୩ଟି ଇଡ୍‌ଲି (ରାଇସ୍ କେକ୍) ପ୍ରସ୍ତୁତ କରିଛନ୍ତି। ଏହାର ଓଜନ ପାଖାପାଖି ୧୦୭ କିଲୋଗ୍ରାମ ବୋଲି ଜଣାପଡିଛି। ଏଥିମଧ୍ୟରୁ ଗୋଟିଏ ଇଡଲିରେ ଟ୍ରମ୍ପଙ୍କ ମୁହଁ, ଆଉ ଗୋଟିଏରେ ମୋଦିଙ୍କ ମୁହଁ ଓ ଅନ୍ୟଟିରେ ଭାରତ-ଆମେରିକାର ପତାକା ଡିଜାଇନ୍ କରାଯାଇଛି। ୬ ଜଣ ସହଯୋଗୀଙ୍କୁ ନେଇ ୩୬ ଘଣ୍ଟାରେ ଇନିଆଭାନ ଉକ୍ତ ଇଡ୍‌ଲି ପ୍ରସ୍ତୁତ କରିଥିବା କହିଛନ୍ତି। ସୂଚନାଯୋଗ୍ୟ, ଦୁଇ ଦିନିଆ ଭାରତଗସ୍ତ କାର୍ଯ୍ୟକ୍ରମରେ ଡୋନାଲ୍ଡ ଟ୍ରମ୍ପ, ସହଧର୍ମିଣୀ ମେଲାନିଆ ଟ୍ରମ୍ପ ଝିଅ ଜ୍ୱାଇଁଙ୍କ ସହ ସୋମବାର ପ୍ରାୟ ଦିନ ୧୨ଟାରେ ଗୁଜରାଟ ଅହମଦାବାଦର ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଇଣ୍ଟରନ୍ୟାଶନାଲ ଏୟାର ପୋର୍ଟରେ ପହଞ୍ଚିଛନ୍ତି।



# କଲାମ୍‌ଙ୍କ ସ୍ମୃତିରେ ୨୦୨୦ କେଜିର କେକ୍

**ଚେନ୍ନାଇ:** ତାମିଲନାଡୁରେ ପୂର୍ବତନ ରାଷ୍ଟ୍ରପତି ଏ.ପି.ଜେ. ଅବ୍ଦୁଲ କଲାମ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ୨୦୨୦ କିଗ୍ରାର ଏକ ବୃହତ କେକ୍ ପ୍ରସ୍ତୁତ କରାଯାଇଛି। ସ୍ଥାନୀୟ କଲ୍ଲୁପକ୍କମଠାରେ ୩୦ ଜଣ ବେକେରି ବିଶେଷଜ୍ଞ ମିଳିତ ଭାବେ ୨୫ ଫୁଟ ଲମ୍ବ ଏବଂ ୩୧ ଫୁଟ ଚୌଡ଼ାର କେକ୍ ପ୍ରସ୍ତୁତ କରି ଏହାକୁ ଏସିଆ ବୁକ୍ ଅଫ୍ ରେକର୍ଡରେ ସାମିଲ୍ କରିଛନ୍ତି। ଏଥିରେ କଲାମ୍‌ଙ୍କ ଫଟୋ ମଧ୍ୟ ଲଗାଯାଇଥିଲା। ଏଥିରେ ୫୦୦ କିଗ୍ରା ମଇଦା, ୬୫୦ କିଗ୍ରା ଚିନି, ୧୬,୦୦୦ ଅଣ୍ଡା ବ୍ୟବହାର କରାଯାଇଥିଲା। କଲାମ୍‌ଙ୍କ ପୁତୁରା ଏ.ପି.ଜେ. ଶେଖ୍ ସଲିମ୍ ଏବଂ କେତେକ ବରିଷ୍ଠ ବ୍ୟକ୍ତିଙ୍କ ଉପସ୍ଥିତିରେ ଏହି କେକ୍ ପ୍ରସ୍ତୁତ କରାଯାଇଥିଲା। ୨୦୨୦ ସୁଦ୍ଧା କଲାମ୍ ଭାରତକୁ ସୁପର ପାୱାର ଭାବେ ପ୍ରତିଷ୍ଠା କରିବାର ସ୍ୱପ୍ନ ଦେଖିଥିଲେ। ତେଣୁ ଏଭଳି କେକ୍ ତିଆରି କରାଯାଇଥିବା ବେକେରି ଦଳ ପକ୍ଷରୁ ଲରେନ୍ସ ସୂଚନା ଦେଇଛନ୍ତି।

# ଷ୍ଟ୍ରୋକ୍ ଆଶଙ୍କା କମାଏ ଦହି, ଫଳ

**ଲଣ୍ଡନ:** ବିଭିନ୍ନ ଷ୍ଟ୍ରୋକ୍‌ର ବିଭିନ୍ନ ପ୍ରକାର ଖାଦ୍ୟ ସହ ସମ୍ପର୍କ ରହିଛି ବୋଲି ଇଂଲଣ୍ଡର ଅକ୍ସଫୋର୍ଡ ୟୁନିଭର୍ସିଟି ଦ୍ୱାରା କରାଯାଇଥିବା ଏକ ଗବେଷଣାରୁ ଜଣାପଡିଛି।। ବିଶେଷ କରି ଅଧିକ ଫଳ, ପରିବା ଏବଂ ଦୁଗ୍ଧଜାତୀୟ ଖାଦ୍ୟ ଖାଇବା ଦ୍ୱାରା ଇଶ୍ଚେମିକ ଷ୍ଟ୍ରୋକ୍ ହେବାର ଆଶଙ୍କା କମ୍ ରହିଥିବା ସ୍ପଷ୍ଟ ହୋଇଛି। ଏହି ଷ୍ଟ୍ରୋକ୍ ରକ୍ତ ଧମନୀରେ ରକ୍ତ ଜମାଟ ବାନ୍ଧିବା ଦ୍ୱାରା ମସ୍ତିଷ୍କକୁ ରକ୍ତ ପ୍ରବାହରେ ବାଧା ସୃଷ୍ଟି ହୋଇଥାଏ। ଗବେଷକମାନେ ୯ଟି ୟୁରୋପିଆନ ଦେଶରେ ୪ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ଏହି ଗବେଷଣାରେ ସାମିଲ କରିଥିଲେ। ସେମାନେ ଇଶ୍ଚେମିକ ଷ୍ଟ୍ରୋକ୍ ଓ ହାମ୍‌ରେଜ ଷ୍ଟ୍ରୋକ୍ (ମସ୍ତିଷ୍କରେ ରକ୍ତସ୍ରାବ ଯୋଗୁ ହୋଇଥାଏ) ଉପରେ ଅଲଗା ଅଲଗା ଅନୁଧ୍ୟାନ କରିଥିଲେ। ଦୈନିକ ପରିବା,ତନ୍ତୁଜାତୀୟ ଖାଦ୍ୟ (ବିଭିନ୍ନ କୋଳି, ମଞ୍ଜି, ଫଳ, ଡାଲି ଓ ଶସ୍ୟ ଜାତୀୟ ଖାଦ୍ୟ ଖାଇବା ଦ୍ୱାରା ଇଶ୍ଚେମିକ ଷ୍ଟ୍ରୋକ୍ ହେବାର ଆଶଙ୍କା ସବୁଠୁ କମ୍ ରହିଥିବା ଏହି ଅନୁଧ୍ୟାନରୁ ଜଣାପଡିଛି। ଅନ୍ୟପକ୍ଷରେ ହାମ୍‌ରେଜ ଷ୍ଟ୍ରୋକ୍ ସହ ଏହି ଖାଦ୍ୟର କୌଣସି ସମ୍ପର୍କ ରହି ନ ଥିବା ଲକ୍ଷ୍ୟ କରାଯାଇଛି। କିନ୍ତୁ ଏହି ଦୁଇ ପ୍ରକାର ଷ୍ଟ୍ରୋକ୍ ଉପରେ କୋଲେଷ୍ଟେରଲ ସ୍ତର ଓ ମେଦବହୁଳତାର ପ୍ରଭାବ ରହିଥିବା କହିଛନ୍ତି ଗବେଷଣା ଟିମ୍‌ର ମୁଖ୍ୟ ଟାମି ଟଙ୍ଗ। ଦୈନିକ ୧୦ ଗ୍ରାମ ତନ୍ତୁଜାତୀୟ ଖାଦ୍ୟ ଓ ୨୦୦ ଗ୍ରାମ ପରିବା ଖାଇବା ଦ୍ୱାରା ଇଶ୍ଚେମିକ ଷ୍ଟ୍ରୋକ୍ ଯଥାକ୍ରମେ ୨୩ ଓ ୧୩ ପ୍ରତିଶତ କମ୍ ରହେ ବୋଲି କୁହାଯାଇଛି। କିନ୍ତୁ ଅଧିକ ଅଣ୍ଡା ଖାଇବା ଦ୍ୱାରା ହାମ୍‌ରେଜ ଷ୍ଟ୍ରୋକ୍ ହେବାର ଅଧିକ ସମ୍ଭାବନା ରହିଥିବାବେଳେ ଇଶ୍ଚେମିକ ଷ୍ଟ୍ରୋକ୍ ସହ ଏହାର କୌଣସି ସମ୍ବନ୍ଧ ନାହିଁ ବୋଲି ଗବେଷକମାନେ କହିଛନ୍ତି। ଦିନକୁ ୨୦ ଗ୍ରାମ ଅଧିକ ଅଣ୍ଡା ଖାଇବା ଫଳରେ ହାମ୍‌ରେଜ ଷ୍ଟ୍ରୋକ ହେବାର ୨୫ ପ୍ରତିଶତ ଅଧିକ ବିପଦ ରହିଥିବା ଜଣାପଡିଛି। ଷ୍ଟ୍ରୋକର ଶିକାର ହେଉଥିବା ମୋଟ ସଂଖ୍ୟାର ୮୫ ପ୍ରତିଶତ ଇଶ୍ଚେମିକ ଓ ୧୫ ପ୍ରତିଶତ ହାମ୍‌ରେଜ ଷ୍ଟ୍ରୋକ। ଏଣୁ ଇଶ୍ଚେମିକ ଷ୍ଟ୍ରୋକ ରୋକିବା ଲାଗି ଏହି ସବୁ ଖାଦ୍ୟ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି କୁହାଯାଇଛି। ଗବେଷଣା ସମ୍ପର୍କିତ ସମସ୍ତ ତଥ୍ୟ ୟୁରୋପିଆନ ହାର୍ଟ ଜର୍ନାଲରେ ପ୍ରକାଶ ପାଇଛି।





# ବିବାହ ପୋଷାକରେ ୨୩ ଦେଶ ବୁଲିଲେ ନବଦମ୍ପତି

**ୱାଶିଂଟନ୍:** ଆମେରିକାର ନ୍ୟୁଜର୍ସିରେ ରହୁଥିବା କପଲ ନିକ୍ ଅଷ୍ଟ ଏବଂ ଜୋନ ନେ ଦୁହେଁ ଦୁହିଁଙ୍କୁ ଡେଟ୍ ସମୟରେ ବିବାହକୁ ଖାସ୍‌କରିବା ନେଇ ଶପଥ କରିଥିଲେ। ଯେଉଁଥି ପାଇଁ ବିବାହ ପୋଷାକରେ ସେମାନେ ୨୩ ଦେଶ ବୁଲି ଆସିଛନ୍ତି। ୨୦୧୬ରେ ଏହି ଯୋଡ଼ିଙ୍କର ନିର୍ବନ୍ଧ ହୋଇଥିବା ବେଳେ ୨୦୧୭ ଡିସେମ୍ବରରେ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ଏହା ପରେ ୨୦୧୮ ଜାନୁୟାରୀରେ ହନିମୁନ୍ ପାଇଁ ସମସ୍ତ ପ୍ରସ୍ତୁତି ଆରମ୍ଭ କରିଥିଲେ। ବିବାହକୁ ଖାସ୍‌କରିବା ପାଇଁ ସେହି ପୋଷାକରେ ୨୩ଟି ଦେଶ ବୁଲିବା ପାଇଁ ବାହାରିଥିଲେ। ତାଙ୍କର ଏହି ଯାତ୍ରା ପ୍ରଥମେ ଥାଇଲାଣ୍ଡରୁ ଆରମ୍ଭ ହୋଇଥିଲା। ୧୦ ମାସ ମଧ୍ୟରେ ଦମ୍ପତି ମାଉଣ୍ଟ ଏଭରେଷ୍ଟ, ଚାଇନା, ଦୁବାଇ, ଇଟାଲି, ଫ୍ରାନ୍ସ, ତୁର୍କୀ, ଇଣ୍ଡୋନେସିଆ, ଗ୍ରୀସ୍, ନ୍ୟୁଜିଲାଣ୍ଡ, ଅଷ୍ଟ୍ରେଲିଆ, ଅଷ୍ଟ୍ରିୟା, ସର୍ବିଆ, ଦକ୍ଷିଣଆଫ୍ରିକା, ଇସ୍ରାଇଲ, ସିଙ୍ଗାପୁର, ମିଶର, ଶ୍ରୀଲଙ୍କା, ସୁଇଜରଲାଣ୍ଡ, ଭାରତ ଆଦି ଦେଶ ବୁଲିଥିଲେ। ଏହି ନବଦମ୍ପତି ଭାରତ ଆସିଥିବା ସମୟରେ ଭାରତର ସଂସ୍କୃତି, ପରମ୍ପରାକୁ ଅନୁକରଣ କରିଥିଲେ। କନ୍ୟା ଜୋ ନେ ଗାଉନ୍ ପିନ୍ଧିବା ସହିତ ମୁଣ୍ଡରେ ଓଢ଼ଣା ପକାଇଥିଲେ। ମଥାରେ ଟିକିଲି ମଧ୍ୟ ଲଗାଇଥିଲେ। ନବଦମ୍ପତିଙ୍କ କହିବା ଅନୁସାରେ, ବିବାହ ପୋଷାକ ଥରେ ପିନ୍ଧିବାକୁ ପଡ଼େ। ତେଣୁ ଏମିତି କିଛି କରିବାକୁ ଚାହୁଁଥିଲେ ଯାହା ସ୍ମରଣୀୟ ହୋଇରହିବ। ଦୁନିଆ ବହୁତ ବଡ଼। ଏଥିଲାଗି ବିବାହ ପୋଷାକରେ ସାରା ଦେଶ ବୁଲିବାକୁ ଇଚ୍ଛା ରଖିଥିଲେ। ନବଦମ୍ପତିଙ୍କ ଇଚ୍ଛା ପୂରଣ ହୋଇଥିବାରୁ ଖୁସି ବ୍ୟକ୍ତ କରିଛନ୍ତି।

# ଜାପାନ ତିଆରି କଲା ଏଆଇ ସୁଟକେସ୍

**ଟୋକିଓ:** ଜାପାନର ଗବେଷକମାନେ ଏକ ଆର୍ଟିଫିସିଆଲ୍ ଇଣ୍ଟେଲଜେନ୍ସ (ଏଆଇ) ସୁଟକେସ ବିକଶିତ କରିଛନ୍ତି। ଏହା ଦୃଷ୍ଟିବାଧିତ ବୟସ୍କ ବ୍ୟକ୍ତିଙ୍କୁ ସହାୟତା ଦେବ ବୋଲି କୁହାଯାଉଛି। ବୟସ ବଢ଼ିଲେ କେତେକଙ୍କଠାରେ ମୋତିଆବିନ୍ଦୁ ହୋଇଥାଏ। ଏଭଳି ବ୍ୟକ୍ତିଙ୍କୁ ଏହି ସୁଟକେସ୍ ଯିବାଆସିବା ସମୟରେ ସାହାଯ୍ୟ କରିବ ବୋଲି ଏହାକୁ ବିକଶିତ କରିଥିବା କମ୍ପାନୀ ଶିମିଜୁ କର୍ପୋରେଶନ ପକ୍ଷରୁ କୁହାଯାଇଛି। ଏଥିରେ କ୍ୟାମେରା, ସେନ୍‌ସର, ବ୍ୟାଟେରି ଏବଂ ମୋଟର ରହିଛି। ଏହା ସ୍ଥାନ ଚିହ୍ନଟ କରିବା ସହିତ ସୁଟ୍‌କେସ୍ ଧରିଥିବା ବ୍ୟକ୍ତିଙ୍କୁ ବିଭିନ୍ନ ସୂଚନା ଦେବାକୁ ସକ୍ଷମ ହୋଇପାରିବ।






# ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଲେ ଡିଜିପି

**ବିଜେଡି ନେତ୍ରୀଙ୍କ ଆତ୍ମାହୁତି ଘଟଣା**

କଟକ ଅଫିସ,୨୪।୨

ବିଜେଡି ନେତ୍ରୀ ମୀନାକ୍ଷୀ ମିଶ୍ରଙ୍କ ଆତ୍ମାହୁତି ଘଟଣା ସୋମବାର ନୂଆ ମୋଡ଼ ନେଇଛି। ବ୍ରହ୍ମପୁର ଏସ୍‌ପିଙ୍କ କାର୍ଯ୍ୟାଳୟ ପରିସରରେ ମୀନାକ୍ଷୀ ଆତ୍ମାହୁତି ଦେଇଥିବା ଯୋଗୁ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ଡିଜିପି ଅଭୟ। ଏହି ମାମଲାର ତଦନ୍ତ ଦାୟିତ୍ୱ ସୋମବାର ଆଇଜିପି(ଆଧୁନିକୀକରଣ) ରେଖା ଲୋହାନୀଙ୍କୁ ପ୍ରଦାନ କରାଯାଇଥିବା ଏକ ପ୍ରେସ୍ ବିବୃତିରେ କୁହାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଏକ ଆପରାଧିକ ମାମଲାରେ ମୀନାକ୍ଷୀଙ୍କ ପୁଅ ରାଜାଙ୍କୁ ବ୍ରହ୍ମପୁରର ବୈଦ୍ୟନାଥପୁର ଥାନା ପୋଲିସ ଜାନୁୟାରୀ ୨୮ତାରିଖରେ ଗିରଫ କରିଥିଲା। ତେବେ ରାଜା ନିର୍ଦ୍ଦୋଷ ଏବଂ ତାଙ୍କୁ ଫସାଇ ଦିଆଯାଇଥିବା ମୀନାକ୍ଷୀ କହି ଆସୁଥିଲେ। ଯଦି ତାଙ୍କ ପୁଅଙ୍କୁ ତୁରନ୍ତ ଖଲାସ କରା ନ ଯାଏ, ତେବେ ସେ ଆତ୍ମହତ୍ୟା କରିବେ ବୋଲି ଗତ ୧୦ତାରିଖରେ ବ୍ରହ୍ମପୁରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଚେତାବନୀ ଦେଇଥିଲେ। ତଥାପି ପୋଲିସ ଘଟଣାକୁ ଅତ୍ୟନ୍ତ ହାଲୁକା ଭାବେ ନେଇଥିଲା। ଫେବୃୟାରୀ ୧୨ତାରିଖ ପୂର୍ବାହ୍ନରେ ମୀନାକ୍ଷୀ ବ୍ରହ୍ମପୁର ଏସ୍‌ପିଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏସ୍‌ପି ବ୍ୟସ୍ତ ଥିବା ଯୋଗୁ ଜଣେ ଏଏସ୍‌ପିଙ୍କୁ ସାକ୍ଷାତ୍ କରିବାକୁ କହିଥିଲେ। ମୀନାକ୍ଷୀ ଏଏସ୍‌ପିଙ୍କ ଚାମ୍ବରରୁ ବାହାରି ଏସ୍‌ପିଙ୍କ କାର୍ଯ୍ୟାଳୟ ପରିସରରେ ହିଁ ନିଜ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ବ୍ରହ୍ମପୁରର ଏମ୍‌କେସିଜି ଏବଂ ପରେ କଟକ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏହାପରେ ସେଠାରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗତ ୨୦ତାରିଖ ସକାଳେ ମୀନାକ୍ଷୀଙ୍କ ମୃତ୍ୟୁ ଘଟିଥିଲା। ତେବେ ଶାସକ ଦଳର ଜଣେ ନେତ୍ରୀ ନ୍ୟାୟ ନ ପାଇ ଆତ୍ମାହୁତି ଦେଇଥିବା ଯୋଗୁ ବିରୋଧୀ ଦଳଗୁଡ଼ିକ କଡ଼ା ସମାଲୋଚନା କରିଥିଲେ।

ତେବେ ଡିଜିପି ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେବା ପରେ ନାନା କଳ୍ପନାଜଳ୍ପନା ଦେଖାଦେଇଛି। ଏଏସ୍‌ପିଙ୍କ ଚାମ୍ବରରୁ ବାହାରି ମୀନାକ୍ଷୀ ହଠାତ୍ ଆତ୍ମାହୁତି ଦେଇଥିଲେ। ଏଣୁ ଏଏସ୍‌ପିଙ୍କ ସହ ସେ କ'ଣ ଆଲୋଚନା କରିଥିଲେ, ଖବରଦାତା ସମ୍ମିଳନୀରେ ମୀନାକ୍ଷୀ ଆତ୍ମାହୁତି ଚେତାବନୀ ଦେବା ସତ୍ତ୍ୱେ ପୋଲିସ ତାହାକୁ କାହିଁକି ଗୁରୁତର ସହ ନେଇ ନ ଥିଲା, ଏଭଳି ଅନେକ ଦିଗକୁ ନେଇ ଏହି ତଦନ୍ତ ଚାଲିବ ବୋଲି କୁହାଯାଉଛି।

# ୩ ଦିନ ବର୍ଷା: ଘଣ୍ଟାକୁ ୩୦ରୁ ୪୦ କି.ମି. ପବନ

- ୨୮ ଯାଏ କୁହୁଡ଼ି
- ସତର୍କ କଲା ପାଣିପାଗ ବିଭାଗ
- ଜିଲାପାଳଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୪।୨(ବ୍ୟୁରୋ)

ଛତିଶଗଡ଼ ଓ ଏହାର ଆଖପାଖ ଅଞ୍ଚଳର ଭୂପୃଷ୍ଠରୁ ୯କି.ମି. ଉଚ୍ଚତାରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୨୬ ତାରିଖ ଯାଏ ରାଜ୍ୟର ବିଭିନ୍ନ ଭାଗରେ ବର୍ଷା ହେବାର ସମ୍ଭାବନା ରହିଛି। ମଙ୍ଗଳବାର ଉତ୍ତର ଆଭ୍ୟନ୍ତରୀଣ ଜିଲା ସମେତ ଯାଜପୁର, ଭଦ୍ରକ, ବାଲେଶ୍ୱର, କଟକ, ଖୋର୍ଦ୍ଧା, ନୟାଗଡ଼, ବୌଦ୍ଧ, ସୋନପୁର, ବଲାଙ୍ଗୀର ଜିଲାର କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଏପରି କି ଏହି ସମୟରେ ସମ୍ବଲପୁର, ଦେବଗଡ଼ ଏବଂ ସୁନ୍ଦରଗଡ଼ର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୨୫ ତାରିଖ ରାତିରୁ ୨୬ ତାରିଖ ସକାଳ ଯାଏ କଟକ, ଯାଜପୁର, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଏବଂ ପୁରୀ ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ। ଏ ସବୁ ଜିଲାରେ ଘଣ୍ଟାକୁ ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଏ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ବର୍ଷା ପରେ ପରେ ୨୭ ଓ ୨୮ ତାରିଖରେ କୁହୁଡ଼ି ଅସ୍ତବ୍ୟସ୍ତ କରିବ। ନୟାଗଡ଼, ଖୋର୍ଦ୍ଧା, ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼ ଏବଂ ଅନୁଗୋଳ ଜିଲାର କେତେକ ସ୍ଥାନରେ ପ୍ରବଳ କୁହୁଡ଼ି ହେବ। ସେହିପରି ଉପକୂଳ ଓଡ଼ିଶା, ଭଦ୍ରକ, ଯାଜପୁର, କଟକ, ଜଗତ୍‌ସିଂହପୁର, ଖୋର୍ଦ୍ଧା ପୁରୀ, ନୟାଗଡ଼, ଅନୁଗୋଳ, କନ୍ଧମାଳ ଏବଂ ରାୟଗଡ଼ା ଜିଲାର କେତେକ ଅଞ୍ଚଳରେ କୁହୁଡ଼ି ଜନଜୀବନକୁ ଅସ୍ତବ୍ୟସ୍ତ କରିବ।

ବର୍ଷା, ପବନ ଏବଂ କୁହୁଡ଼ିକୁ ଦେଖି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଜିଲାପାଳମାନଙ୍କୁ ସତର୍କ କରାଯାଇଛି। ପରିସ୍ଥିତି ଉପରେ ନଜର ରଖିବା ସହ ଆବଶ୍ୟକ ପଦକ୍ଷେପ ନେବା ଲାଗି ପରାମର୍ଶ ଦିଆଯାଇଛି। କୁହୁଡ଼ି ପ୍ରବଳ ହେଉଥିବାରୁ ଯାନବାହନ ଚଳାଚଳ ନିୟନ୍ତ୍ରଣ ନେଇ ପୋଲିସ ଓ ପରିବହନ ବିଭାଗ ସହ ଯୋଗାଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କ୍ଷୟକ୍ଷତି ନେଇ ରାଜ୍ୟ ଆପାତ୍‌କାଳୀନ ସେଣ୍ଟରକୁ ଜଣାଇବାକୁ କୁହାଯାଇଛି। ପାଗ ମେଘୁଆ ଥିବା ଯୋଗୁ ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ମଧ୍ୟ ହ୍ରାସ ପାଇବାର ସମ୍ଭାବନା ରହିଛି। ସୋମବାର ରାଜ୍ୟର ସର୍ବନିମ୍ନ ତାପମାତ୍ରା ବଲାଙ୍ଗୀରଠାରେ ୧୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ସର୍ବୋଚ୍ଚ ତାପମାତ୍ରା ମାଲକାନଗିରିଠାରେ ୩୫.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

# ୪ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର

## ସୁଧାରଗୃହ ଗଲେ ନାବାଳକ

ରେଙ୍ଗାଲି,୨୪।୨ (ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଅଞ୍ଚଳରେ ଜଣେ ୪ବର୍ଷ ଶିଶୁ କନ୍ୟାକୁ ପଡୋଶୀ ଘରର ୧୨ ବର୍ଷର ନାବାଳକ ବଳାତ୍କାର କରିଥିବାର ଅଭିଯୋଗ ହୋଇଛି। ସୋମବାର ସକାଳ ୯ଟାରେ ଶିଶୁକନ୍ୟାଟି ଏକୁଟିଆ ଘରେ ଥିଲା। ଏହି ସମୟରେ ତାଙ୍କ ପଡୋଶୀ ଘରର ନାବାଳକ ସେଠାକୁ ଆସି ଶିଶୁ କନ୍ୟାକୁ ବଳାତ୍କାର କରିଥିଲେ। ଶିଶୁକନ୍ୟାଙ୍କ ମା' ପହଞ୍ଚିଯିବାରୁ ନାବାଳକ ସେଠାରୁ ଚାଲି ଯାଇଥିଲେ। ଏ ନେଇ ଶିଶୁକନ୍ୟାର ମା' ରେଙ୍ଗାଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ନାବାଳକଙ୍କୁ ପୋଲିସ ଡାକ୍ତରୀମାଇନା କରାଇବା ପରେ ରାଉରକେଲା ସୁଧାରଗୃହକୁ ପଠାଇଛି। ଶିଶୁକନ୍ୟାର ଡାକ୍ତରୀ ମାଇନା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ରାଜ୍ୟରେ କମୁଛି ଦଣ୍ଡବିଧାନ ହାର

- ୨୦୧୪ରେ ଥିଲା ୧୬.୪, ୨୦୧୮ରେ ରହିଛି ୫.୭
- ବଳାତ୍କାର ମାମଲାରେ ଦଣ୍ଡ ହାର ମଧ୍ୟ ଉଦ୍‌ବେଗଜନକ ରହିଛି
- ପୋଲିସର ଦୁର୍ବଳ ତଦନ୍ତରେ ଖସିଯାଉଛନ୍ତି କି ଅପରାଧୀ

ଭୁବନେଶ୍ୱର,୨୪।୨(ବ୍ୟୁରୋ)

ପୋଲିସର ଦୁର୍ବଳ ତଦନ୍ତ ହେଉ ବା ଆବଶ୍ୟକ ସାକ୍ଷ୍ୟ ପ୍ରମାଣ ଅଭାବରୁ ଅବା ଆଇନର ଗଳାବାଟ ଯୋଗୁ ଅନେକ ଦୋଷୀ ଦଣ୍ଡ ନ ପାଇ ଖସି ଯାଉଛନ୍ତି। ଫଳରେ ରାଜ୍ୟରେ ଦଣ୍ଡବିଧାନ ହାର କମି କମି ଯାଉଛି। ବିଧାନସଭାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ରଖିଥିବା ତଥ୍ୟରୁ ଏହା ଜଣାପଡ଼ିଛି। ଉକ୍ତ ତଥ୍ୟ ଅନୁସାରେ, ୨୦୦୯ରେ ଦଣ୍ଡ ହାର ୧୩.୨ପ୍ରତିଶତ ରହିଥିବାବେଳେ ୨୦୧୦ରେ ୯.୯, ୨୦୧୧ରେ ୧୦.୩, ୨୦୧୨ରେ ୧୧.୦, ୨୦୧୩ରେ ୧୦.୩ ରହିଥିଲା। ତେବେ ୨୦୧୪ରେ ଏହି ହାର ସର୍ବାଧିକ ୧୬.୪ ପ୍ରତିଶତ ରହିଥିଲାବେଳେ ୨୦୧୫ରେ ଏହା ହ୍ରାସ ପାଇ ୯.୫ରେ ପହଞ୍ଚିଥିଲା। ଏହାପରେ ୨୦୧୬ରେ ୧୦.୪, ୨୦୧୭ରେ ୯.୩ ଓ ୨୦୧୮ରେ ସବୁଠୁ କମ୍ ଦଣ୍ଡ ହାର ୫.୭କୁ ଖସି ଆସିଥିଲା।

ସବୁଠୁ ବଡ଼ କଥା ହେଲା ବଳାତ୍କାର ମାମଲାରେ ମଧ୍ୟ ଦଣ୍ଡ ହାର ସ୍ଥିତି ଉଦ୍‌ବେଗଜନକ ରହିଛି। ୨୦୧୫ରେ ୮୩୩ ବଳାତ୍କାର ମାମଲା ରୁଜୁ ହୋଇଥିବା ବେଳେ ୧୫୨ଜଣ ଦଣ୍ଡ ପାଇଥିବାବେଳେ ୬୮୧ଜଣ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ଏହାର ଦଣ୍ଡ ହାର ୧୮.୨୪ ପ୍ରତିଶତ ରହିଛି। ୨୦୧୬ରେ ୮୧୮ ମାମଲାରେ ୧୫୦ଜଣ ଦୋଷୀ ସାବ୍ୟସ୍ତ ହୋଇଥିବାବେଳେ ୬୮୧ ଜଣ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ଏହାର ଦଣ୍ଡ ହାର ୧୮.୩୩ ପ୍ରତିଶତ ରହିଛି। ୨୦୧୭ରେ ୧୦୯୯ ବଳାତ୍କାର ମାମଲାରେ ୧୮୬ ଜଣ ଦୋଷୀ ସାବ୍ୟସ୍ତ ଓ ୯୧୩ଜଣ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ଅର୍ଥାତ୍ ଏହାର ଦଣ୍ଡ ହାର ୧୬.୯୨ ପ୍ରତିଶତ ରହିଛି। ୨୦୧୮ରେ ଦଣ୍ଡ ହାର ୧୮.୩୫ ରହିଥିବାବେଳେ ୧୦୭୩ ମାମଲାରେ ୧୯୭ ଦୋଷୀ ସାବ୍ୟସ୍ତ ଓ ୮୭୬ ଜଣ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ୨୦୧୯ରେ ଦଣ୍ଡ ହାର ୧୭.୯୦ ପ୍ରତିଶତ ରହିଥିବାବେଳେ ୯୪୪ ବଳାତ୍କାର ମାମଲାରେ ୧୬୯ଜଣ ଦୋଷୀ ସାବ୍ୟସ୍ତ ହୋଇଛନ୍ତି।

ସେହିପରି ହତ୍ୟା ମାମଲାରେ ମଧ୍ୟ ଦଣ୍ଡ ହାରରେ ବୃଦ୍ଧି ଘଟୁନି। ୨୦୧୫ରେ ହତ୍ୟାରେ ଦଣ୍ଡ ହାର ୨୯.୨୬ ପ୍ରତିଶତ ରହିଥିବାବେଳେ ୭୨୧ ମାମଲାରେ ୨୧୧ ଦୋଷୀ ସାବ୍ୟସ୍ତ ହେବାସହ ୫୧୦ଜଣ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ୨୦୧୬ରେ ହତ୍ୟା ମାମଲାରେ ଦଣ୍ଡ ହାର ୩୧.୫୫ ପ୍ରତିଶତ ୨୦୧୭ରେ ୩୬.୩୦, ୨୦୧୮ରେ ୩୧.୩୯ ଓ ୨୦୧୯ରେ ୨୯.୯୩ ପ୍ରତିଶତ ରହିଛି।

# ପୋଲିସ ବିଭାଗରେ ୧୦,୦୫୪ ପଦବୀ ଖାଲି

- ବିଧାନସଭାରେ ଉତ୍ତର ରଖିଲେ ଗୃହ(ରାଷ୍ଟ୍ର) ମନ୍ତ୍ରୀ
- ୭୮ ଆଇପିଏସ୍ ପଦବୀ ଖାଲି
- ୧୨ ବର୍ଷ ହେବ ରାଜ୍ୟ ବାହାରେ ୩ ଅଧିକାରୀ

ଭୁବନେଶ୍ୱର,୨୪।୨(ବ୍ୟୁରୋ)

ଦେଶ ତଥା ରାଜ୍ୟରେ ନାଗରିକଙ୍କୁ ସୁରକ୍ଷା ଦେବା ପାଇଁ ପୋଲିସ ପ୍ରଶାସନ କାର୍ଯ୍ୟ କରିଥାଏ। ସେହିଭଳି ଜାତୀୟ ସମ୍ପତ୍ତି ସୁରକ୍ଷା, ଟ୍ରାଫିକ ନିୟନ୍ତ୍ରଣ, ଆପରାଧିକ ଅନୁସନ୍ଧାନ, ସମସ୍ତ ପ୍ରକାର ନିର୍ବାଚନ ପରିଚାଳନା ମଧ୍ୟ ପୋଲିସ ପ୍ରଶାସନ ଦ୍ୱାରା କରାଯାଇଥାଏ। ଜନସଂଖ୍ୟା ଏବଂ କ୍ଷେତ୍ରଫଳକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନକୁ ନିୟୋଜିତ କରାଯାଇଥାଏ। ହେଲେ ସମସ୍ତ କାର୍ଯ୍ୟରେ ନିଜକୁ ନିୟୋଜିତ ରଖିଥିବା ପୋଲିସ ପ୍ରଶାସନରେ ସଂଖ୍ୟାଧିକ ପଦବୀ ଖାଲିପଡିଛି। ଓଡ଼ିଶା ବିଧାନସଭାରେ ଗୃହ ବିଭାଗ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ପ୍ରଦାନ କରାଯାଇଥିବା ଉତ୍ତରରୁ ଏହା ସ୍ପଷ୍ଟ ହୋଇଛି।

ରାଜ୍ୟ ପୋଲିସ ପ୍ରଶାସନରେ ୧୦,୦୫୪ ପଦବୀ ଖାଲିପଡିଛି। ପୋଲିସ ବିଭାଗର ବର୍ଗ 'କ', 'ଖ', 'ଗ' ଏବଂ 'ଘ'ରେ ଏହି ଖାଲି ପଦବୀ ରହିଛି। 'କ' ବର୍ଗରେ ୧୧୪୦ ଅନୁମୋଦିତ ପଦବୀରୁ ୫୦୧ ପଦବୀ ଖାଲି, 'ଖ'ରେ ୬୫୯୪ରୁ ୧୮୨୩, 'ଗ'ରେ ୬୪୮୭ ଏବଂ 'ଘ' ବର୍ଗରେ ୧୨୪୩ଟି ପଦବୀ ଖାଲିପଡିଛି। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କ ଅଣତାରକା ପ୍ରଶ୍ନ ନଂ. ୯୬୦ର ଉତ୍ତର ଦେଇ ଗୃହ(ରାଷ୍ଟ୍ର) ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ସୋମବାର ଏହି ସୂଚନା ପ୍ରଦାନ କରିଛନ୍ତି। ପୋଲିସ ବିଭାଗରେ ମଞ୍ଜୁରୀ ପ୍ରାପ୍ତ ପଦବୀ(୭୨,୧୧୯)ର ୧୪ ପ୍ରତିଶତ ପଦବୀ ଖାଲିପଡିଛି। ଗତ ବର୍ଷ ଡିସେମ୍ବର ଶେଷ ସୁଦ୍ଧା ବିଭାଗୀୟ ତଥ୍ୟ ଆଧାରରେ ଏହି ସୂଚନା ଦିଆଯାଇଥିବା ଜଣାପଡିଛି। ସେହିପରି ବର୍ଗୱାରି ଖାଲିଥିବା ଏହି ପଦବୀ କେବେ ପୂରଣ ହେବ ବୋଲି ମଧ୍ୟ ନରସିଂହଙ୍କ ଦ୍ୱାରା ପଚରାଯାଇଛି। ହେଲେ ଏହାର କୌଣସି ନିର୍ଦ୍ଦିଷ୍ଟ ଉତ୍ତର ଦିଆଯାଇନାହିଁ। ଖାଲିଥିବା ପଦବୀ ପୂରଣ କରିବା ପାଇଁ ଆବଶ୍ୟକ ପଦକ୍ଷେପ(ପଦୋନ୍ନତି ଏବଂ ନିଯୁକ୍ତି) କରାଯିବ ବୋଲି ଗୃହ ରାଷ୍ଟ୍ରମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ପୋଲିସ ପ୍ରଶାସନରେ କେବଳ ତୃଣମୂଳସ୍ତରରେ ପଦବୀ ଖାଲିନାହିଁ। ରାଜ୍ୟ ପୋଲିସ ପ୍ରଶାସନର ଶୀର୍ଷସ୍ତରୀୟ ଅଧିକାରୀ(ଆଇପିଏସ୍) ପଦବୀ ମଧ୍ୟ ଖାଲିପଡିଛି। କଂଗ୍ରେସ ବିଧାୟକ ଦଳ ସଚେତକ ତାରାପ୍ରସାଦ ବାହିନୀପତି ଏ ସଂକ୍ରାନ୍ତରେ ପଚାରିଥିବା ଏ ପ୍ରଶ୍ନରେ ଦିଆଯାଇଥିବା ଉତ୍ତରରୁ ଏହା ସ୍ପଷ୍ଟ ହୋଇଛି। ମୋଟ ମଞ୍ଜୁରୀ ପ୍ରାପ୍ତ ୧୯୫ ପଦବୀ ମଧ୍ୟରୁ ୭୮ଟି ପଦବୀ ଖାଲିପଡିଛି। ଗତ ଡିସେମ୍ବର ୧୯ରେ ରାଜ୍ୟ ଆଇପିଏସ୍ କ୍ୟାଡରରେ ଅଫିସର ସଂଖ୍ୟା ୧୮୮ରୁ ୧୯୫କୁ ବୃଦ୍ଧି ପାଇଥିବା ଜଣାପଡିଛି। ସେହିପରି ୨୯ ଜଣ ଅଧିକାରୀ କେନ୍ଦ୍ରୀୟ ଡେପୁଟେଶନରେ ଅଛନ୍ତି, ତନ୍ମଧ୍ୟରୁ ୩ ଅଧିକାରୀ ଦୀର୍ଘ ୧୨ ବର୍ଷ କାଳ ରାଜ୍ୟ ବାହାରେ କାର୍ଯ୍ୟ କରୁଥିବା ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କହିଛନ୍ତି।

# ହାତୀ ଆକ୍ରମଣ ନେଇ ଓଏଚ୍‌ଆର୍‌ସିରେ ପିଟିଶନ

- ମୃତକଙ୍କ ପରିବାରକୁ ୧୦ ଲକ୍ଷ ଓ ଆହତଙ୍କୁ ସମସ୍ତ ଖର୍ଚ୍ଚ ଦିଆଯାଉ
- ଅବହେଳା ପ୍ରଦର୍ଶନ କରିଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି

ଭୁବନେଶ୍ୱର,୨୪।୨(ବ୍ୟୁରୋ)

ପୁରୀ ଜିଲା ପିପିଲି ଓ ବଳଙ୍ଗାରେ ଏକ ଦନ୍ତାହାତୀ ଆକ୍ରମଣରେ ରବିବାର ୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୫ଜଣ ଆହତ ହୋଇଥିଲେ। ସେହିଭଳି ସୋମବାର ମଧ୍ୟ ରାଜଧାନୀରେ ଜଣେ ମହିଳା ହାତୀ ଆକ୍ରମଣର ଶିକାର ହୋଇଥିଲେ। ଏହି ସ୍ପର୍ଶକାତର ଘଟଣାକୁ ନେଇ ରାଜ୍ୟ ମାନବିକ ଅଧିକାର କମିଶନ (ଓଏଚ୍‌ଆର୍‌ସି)ରେ ମାମଲା ହୋଇଛି। ରାଜ୍ୟ ସରକାର ମୃତକଙ୍କ ପରିବାରକୁ ୧୦ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦେବା ସହ ଆହତଙ୍କ ସମସ୍ତ ଖର୍ଚ୍ଚ ବହନ କରିବାକୁ ମାନବାଧିକାର କର୍ମୀ ପ୍ରଦୀପ୍ତ ନାୟକ ତାଙ୍କ ପିଟିଶନରେ ଦାବି କରିଛନ୍ତି। ସେହିଭଳି ଯେଉଁ ଅଧିକାରୀଙ୍କ ଅବହେଳା ପାଇଁ ଏଭଳି ବହୁ ନିରୀହ ଲୋକଙ୍କ ଜୀବନ ଅକାଳରେ ଚାଲିଗଲା, ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେବାକୁ ସେ କମିଶନଙ୍କୁ ନିବେଦନ କରିଛନ୍ତି।

ପ୍ରଦୀପ୍ତ ତାଙ୍କ ପିଟିଶନରେ ଉଲ୍ଲେଖ କରିଛନ୍ତି, ଗୋଟିଏ ବଣୁଆ ଦନ୍ତାହାତୀ ଚନ୍ଦକା ଅଭୟାରଣ୍ୟ ଭିତରୁ ବାହାରି ଆସିଲା, ତାହା କିପରି ବନ ବିଭାଗ ଅଧିକାରୀମାନେ ଜାଣିପାରିଲେ ନାହିଁ। ଜଙ୍ଗଲ ନ ଥିବା ଅଞ୍ଚଳରେ ଦିନ ତମାମ ବୁଲି ତାଣ୍ଡବ ରଚିଥିଲେ ମଧ୍ୟ ହାତୀକୁ କାବୁ କରିବାକୁ ପ୍ରକୃତ ତତ୍ପରତା ପ୍ରକାଶ କଲେନାହିଁ। ଯେତେବେଳେ କଣାସ ଅଞ୍ଚଳରେ ରହିଥିବା ଉକ୍ତ ହାତୀର ଫଟୋ ସ୍ଥାନୀୟ ଲୋକେ ଉଠାଇ ବନ ବିଭାଗ ଅଧିକାରୀଙ୍କୁ ପଠାଇଲେ, ସେତେବେଳେ କୌଣସି ପଦକ୍ଷେପ ନିଆଗଲା ନାହିଁ। ଫଳରେ ହାତୀଟି ଚାରିଆଡ଼େ ଘୂରିବୁଲି ପିପିଲି ଓ ଡେଲାଙ୍ଗ ଅଞ୍ଚଳରେ ଆତଙ୍କ ଖେଳାଇ ଜଣକ ପରେ ଆଉଜଣକୁ ଆକ୍ରମଣ କଲା। ବନ ବିଭାଗ ଓ ସରକାର ତତ୍ପରତା ପ୍ରକାଶ କରିବାବେଳକୁ ଉନ୍ମତ୍ତ ହାତୀ ୪ ଜୀବନ ନେବା ସହ ବହୁ ଲୋକଙ୍କୁ ଆହତ କରିସାରିଥିଲା। ଘଟଣା ପରେ ସରକାର ମୃତକଙ୍କ ପରିବାରକୁ ୪ଲକ୍ଷ ଓ ଆହତଙ୍କ ଚିକିତ୍ସା ପାଇଁ ୫ହଜାର ଟଙ୍କା ଲେଖାଏ ଘୋଷଣା କରିଛନ୍ତି। ଚିକିତ୍ସା ପାଇଁ ବିପୁଳ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଏହି ସରକାରୀ ସହାୟତା ନାମକୁ ମାତ୍ର। ସେହିଭଳି ଏହି ଘଟଣାରେ ବନ ବିଭାଗ ଅଧିକାରୀଙ୍କ ଖାମଖିଆଲ କାର୍ଯ୍ୟଧାରା ପଦାରେ ପଡିଥିବା ପ୍ରଦୀପ୍ତ ଦର୍ଶାଇଛନ୍ତି। ଅଧିକାରୀମାନେ ହାତୀର ଗତିବିଧି ସମ୍ପର୍କରେ ଯଦି ଟିକିନିକି ନଜର ରଖିଥାନ୍ତେ ଓ ଖବର ପାଇବା ପରେ ତୁରନ୍ତ ଟ୍ରାଙ୍କୁଲାଇଜ୍ କରି ଉକ୍ତ ଦନ୍ତାହାତୀକୁ କାବୁ କରିପାରିଥାନ୍ତେ, ନିଶ୍ଚିତ ଏପରି ହୃଦୟବିଦାରକ ଘଟଣା ଘଟି ନ ଥାନ୍ତା। ମାତ୍ର ସେପରି କୌଣସି ପଦକ୍ଷେପ ନେବାରେ ବନ ବିଭାଗ ବିଫଳ ହେବାରୁ ଅକାଳରେ ଅନେକ ନିରୀହ ଜୀବନ ଚାଲିଗଲା। ତେଣୁ ଏକ୍ଷେତ୍ରରେ ଅବହେଳା ପ୍ରଦର୍ଶନ କରିଥିବା ବନ ବିଭାଗ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ରାଜ୍ୟ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ, ଜଙ୍ଗଲ ଓ ପରିବେଶ ବିଭାଗ ସଚିବଙ୍କ ସମେତ ପୁରୀ ଓ ଖୋର୍ଦ୍ଧାର ଜିଲାପାଳ ଏ ନେଇ ୨ ସପ୍ତାହ ମଧ୍ୟରେ ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦେବାକୁ କମିଶନଙ୍କୁ ପ୍ରଦୀପ୍ତ ନିବେଦନ କରିଛନ୍ତି।



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଅଯୋଧ୍ୟାରେ ୫ଏକର ଜମି ଗ୍ରହଣ କଲା ସୁନ୍ନି ୱାକଫ୍ ବୋର୍ଡ

**ଲକ୍ଷ୍ନୌ,୨୪।୨(ଏଏନ୍ଆଇ)**

ଅଯୋଧ୍ୟାରେ ମସ୍‌ଜିଦ୍ ନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଦିଆଯାଇଥିବା ୫ଏକର ଜମିକୁ ଉତ୍ତରପ୍ରଦେଶ ସୁନ୍ନି ୱାକଫ୍ ବୋର୍ଡ ସୋମବାର ଗ୍ରହଣ କରିଛି। ଏଥିସହ ମସ୍‌ଜିଦ୍ ନିର୍ମାଣକୁ ତଦାରଖ କରିବା ପାଇଁ ଏକ ଟ୍ରଷ୍ଟ ଗଠନ କରିବାକୁ ବୋର୍ଡ ଅଧ୍ୟକ୍ଷ ଜୁଫର ଫାରୁକିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହା ବ୍ୟତିତ ଏହି ଟ୍ରଷ୍ଟ ଚାରିଟେବଲ ହସ୍ପିଟାଲ, ସର୍ବସାଧାରଣଙ୍କ ପାଇଁ ଗ୍ରନ୍ଥାଗାର ଏବଂ ଇଣ୍ଡୋ-ଇସ୍‌ଲାମିକ ସଭ୍ୟତାର ଐତିହ୍ୟ ସମ୍ପର୍କରେ ଗବେଷଣା ଏବଂ ଅଧ୍ୟୟନ କେନ୍ଦ୍ର ନିର୍ମାଣ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଟ୍ରଷ୍ଟରେ କେଉଁମାନଙ୍କୁ ସଦସ୍ୟ ଭାବେ ନିଯୁକ୍ତି କରାଯିବ ତାହା ଟ୍ରଷ୍ଟ ଗଠନ ହେବା ପରେ ସୂଚନା ଦିଆଯିବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି।

ପ୍ରକାଶ ଯେ, ଗତ ନଭେମ୍ବର ୯ରେ ସୁପ୍ରିମ କୋର୍ଟ କେନ୍ଦ୍ର ସରକାରଙ୍କୁ ଅଯୋଧ୍ୟାର ବିବାଦୀୟ ଜମିକୁ ରାମମନ୍ଦିର ନିର୍ମାଣ ନିମନ୍ତେ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ଏହାର ବିକଳ୍ପ ଭାବେ ମସ୍‌ଜିଦ୍ ନିର୍ମାଣ ପାଇଁ ଅଯୋଧ୍ୟାର ଏକ ପ୍ରମୁଖ ସ୍ଥଳରେ ସୁନ୍ନି ୱାକଫ ବୋର୍ଡକୁ ୫ଏକର ଜମି ପ୍ରଦାନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ।

# ‘ପାଟଣାଗଡ଼’ ରିଲିଜ୍ ଉପରେ ରୋକ

**ଭୁବନେଶ୍ୱର,୨୪।୨(ବ୍ୟୁରୋ)**




ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଉପରେ ନିର୍ମିତ ଫିଲ୍ମ ‘ପାଟଣାଗଡ଼’କୁ ନେଇ ପୁଣିଥରେ ବିବାଦ ଦେଖାଦେଇଛି। ଫିଲ୍ମ ରିଲିଜ୍ ପୂର୍ବରୁ ଏହା ଉପରେ ସୋମବାର ଅଙ୍କୁଶ ଲଗାଇଛନ୍ତି ବମ୍ବେ ହାଇକୋର୍ଟ। ପୁଞ୍ଜିଲାଲଙ୍କ ପତ୍ନୀ ଦାଏର କରିଥିବା ମାମଲା ଉପରେ ଶୁଣାଣି କରି ବମ୍ବେ ହାଇକୋର୍ଟ ଏହି ରାୟ ଶୁଣାଇଛନ୍ତି। ଏନେଇ ଫିଲ୍ମର ପ୍ରଯୋଜକ, ନିର୍ଦ୍ଦେଶକ ଓ ଅନ୍ୟମାନଙ୍କୁ ନୋଟିସ ଜାରି କରାଯାଇଥିବା ବେଳେ ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ଜବାବ ଦାଖଲ ପାଇଁ କୁହାଯାଇଛି। ଅନ୍ୟପକ୍ଷରେ ପାଟଣାଗଡ଼ ଫିଲ୍ମକୁ ସେଣ୍ଟ୍ରାଲ୍ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେଶନ(ସିବିଏଫ୍‌ସି) ପକ୍ଷରୁ ଏଯାବତ ସାର୍ଟିଫିକେଶନ ଦିଆଯାଇନାହିଁ। ତେଣୁ ରିଲିଜ୍ ତାରିଖ ବର୍ତ୍ତମାନ ସୁଦ୍ଧା ସ୍ଥିର ହୋଇ ନ ଥିବାବେଳେ ଏହା ଉପରେ ରୋକ ଲଗାଇବା ଦୁର୍ଭାଗ୍ୟଜନକ ବୋଲି ଫିଲ୍ମର ୨୦୧୮ ଫେବୃୟାରୀ ୨୩ରେ ପାଟଣାଗଡ଼ରେ ହୋଇଥିବା ପାର୍ସଲ ବୋମା ବିସ୍ଫୋରଣ ଗୋଟିଏ ପରିବାରକୁ ଛାରକାର କରିଦେଇଥିଲା। ଘରେ ବିବାହ ଉତ୍ସବ ପରିବେଶରେ ଉପହାରରେ ମିଳିଥିବା ପାର୍ସଲ ବୋମା ନେଇଯାଇଥିଲା ଦୁଇଜଣଙ୍କ ଜୀବନ। ଆଉ ନବବିବାହିତା ରୀମାରାଣୀ ଏଥିରେ ଗୁରୁତର ଆହତ ହୋଇ ବଞ୍ଚିଯାଇଥିବାବେଳେ ତାଙ୍କ ହାତରୁ ମେହେନ୍ଦୀ ନ ଛାଡ଼ି ମଥାରୁ ସିନ୍ଦୂର ଲିଭିଯାଇଥିଲା। ତେବେ ତଦନ୍ତ ପରେ ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲ ମେହେର ଉପହାରରେ ବୋମା ପଠାଇଥିବା ଜଣାପଡ଼ିବା ପରେ ଘଟଣାକୁ ନେଇ ସାରା ଦେଶରେ ଚାଞ୍ଚଲ୍ୟ ଖେଳିଯାଇଥିଲା। ତେବେ ପ୍ରଯୋଜକ ଶ୍ରୀଧର ମାର୍ଥା ଏହି କାହାଣୀକୁ ନେଇ ତେଲୁଗୁ ଏବଂ ଓଡ଼ିଆ ଭାଷାରେ ‘ପାଟଣାଗଡ଼’ ଫିଲ୍ମ ନିର୍ମାଣ କରିଛନ୍ତି। ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲ୍‌ଙ୍କ ଭୂମିକାରେ ଲୋକପ୍ରିୟ ଅଭିନେତା ମନୋଜ ମିଶ୍ର ଫିଲ୍ମରେ ଅଭିନୟ କରିଛନ୍ତି। ସେହିପରି ଘଟଣାର ତଦନ୍ତ କରିଥିବା କ୍ରାଇମବ୍ରାଞ୍ଚ ଆଇଜି ଅରୁଣ ବୋଥ୍ରାଙ୍କ ଭୂମିକାରେ ବଲିଉଡ୍ ଅଭିନେତା ଅତୁଲ କୁଲ୍‌କର୍ଣ୍ଣୀ ଅଭିନୟ କରିଛନ୍ତି। ତେବେ ଫିଲ୍ମ ରିଲିଜ୍‌କୁ ନେଇ ପୁଞ୍ଜିଲାଲ ମେହେରଙ୍କ ପତ୍ନୀ ସୌଦାମିନୀ ମେହେର ବମ୍ବେ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସୋମବାର ଏନେଇ ଶୁଣାଣି ହୋଇଥିବାବେଳେ ଫିଲ୍ମ ରିଲିଜ୍ ଉପରେ ରୋକ ଲଗାଯାଇଛି। ସମ୍ପୃକ୍ତ ଅଭିଯୁକ୍ତଙ୍କ ଟ୍ରାଏଲ ନ ସରିବା ପର୍ଯ୍ୟନ୍ତ ଫିଲ୍ମଟି ରିଲିଜ୍ ହୋଇପାରିବ ନାହିଁ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାମଲାରେ ପ୍ରଯୋଜକ ଶ୍ରୀଦ୍ଧର ମାର୍ଥା, ଅଭିନେତା ଅତୁଲ କୁଲକର୍ଣ୍ଣୀ, ମନୋଜ ମିଶ୍ର, ସୁନିତା କ୍ରିଷ୍ଣନ୍ ଏବଂ ଆଇପିଏସ ଅରୁଣ ବୋଥ୍ରାଙ୍କୁ ବମ୍ବେ ହାଇକୋର୍ଟ ନୋଟିସ୍ ଜାରି କରିଥିବା ଜଣାପଡ଼ିଛି। ପୂର୍ବରୁ ଏନେଇ ଓଡ଼ିଶା ହାଇକୋର୍ଟ ଏବଂ ସୁପ୍ରିମକୋର୍ଟରେ ମାମଲା ହୋଇଥିବାବେଳେ ଫିଲ୍ମ ରିଲିଜ୍‌କୁ ସବୁଜ ସଙ୍କେତ ମିଳିଥିଲା।

# ୨୮ରେ ଜନତା ମଇଦାନରେ ହେବ ଭାଜପାର ଜନସଭା

**ଭୁବନେଶ୍ୱର,୨୪।୨(ବ୍ୟୁରୋ)**

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆସନ୍ତା ୨୮ରେ ପୂର୍ବାଞ୍ଚଳ ରାଜ୍ୟ ମିଟ୍‌ରେ ଯୋଗଦେବା ଲାଗି ଦୁଇ ଦିନିଆ ରାଜ୍ୟ ଗସ୍ତରେ ଆସୁଛନ୍ତି। ଏହି ଅବସରରେ ଶାହା ଲୋକସେବା ଭବନଠାରେ ଆୟୋଜିତ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେବା ସହିତ ଦଳୀୟ କାର୍ଯ୍ୟକ୍ରମରେ ମଧ୍ୟ ଯୋଗଦେବେ। ଏହି ଅବସରରେ ରାଜ୍ୟ ଭାଜପା ପକ୍ଷରୁ ନାଗରିକତା ସଂଶୋଧନ ଆଇନ(ସିଏଏ) ସପକ୍ଷରେ ଆୟୋଜିତ ଜନସଭାକୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି। ଏହି ସଭା ପୂର୍ବରୁ ବରମୁଣ୍ଡା ପଡିଆଠାରେ ହେବାକୁ ଥିବାବେଳେ ଏଥିଲାଗି ଦଳର ରାଜ୍ୟ ନେତୃବୃନ୍ଦ ସରକାରଙ୍କ ପାଖରୁ ରସିଦ ମଧ୍ୟ କାଟି ଦେଇଥିଲେ। ମାତ୍ର ଶେଷ ସମୟରେ ଏଥିରେ ପରିବର୍ତ୍ତନ ହୋଇଛି। ଶାହା ଯୋଗଦେବାକୁ ଥିବା ଜନସଭା ବରମୁଣ୍ଡା ପଡିଆ ବଦଳରେ ଜନତା ମଇଦାନରେ ହେବା ଲାଗି ସ୍ଥିର ହୋଇଛି।

**ବିଧାୟକଙ୍କ ଝିଅ ବାହାଘର ଲାଗି ଶାହାଙ୍କ ସଭାକୁ ମିଳିଲାନି ସ୍ଥାନ**

ବିଜେଡି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରଦୀପ ମହାରଥୀଙ୍କ ଝିଅଙ୍କ ବିବାହ ଉତ୍ସବ ବରମୁଣ୍ଡା ପଡିଆଠାରେ ହେବାକୁ ଥିବାରୁ ଭାଜପା କାର୍ଯ୍ୟକ୍ରମ ଲାଗି ସ୍ଥାନ ମିଳି ନ ଥିବା ଭାଜପାର ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି। ଅନ୍ୟପଟେ ଶାହାଙ୍କ କାର୍ଯ୍ୟକ୍ରମ ସଫଳ କରିବା ଲାଗି ଭାଜପା ପକ୍ଷରୁ ଜିଲାସ୍ତରୀୟ ନେତାଙ୍କୁ ସୂଚନା ଦିଆଯିବା ସହିତ ସବୁଠାରେ ଖବରଦାତା ସମ୍ମିଳନୀ ସରିଛି। ବର୍ତ୍ତମାନ ମଣ୍ଡଳସ୍ତରରେ ସମସ୍ତଙ୍କୁ ଏନେଇ ଜଣାଯାଉଛି। ପ୍ରାୟ ୧ ଲକ୍ଷରୁ ଅଧିକ କାର୍ଯ୍ୟକର୍ତ୍ତାଙ୍କୁ ଏଥିରେ ଯୋଡିବାକୁ ନିଷ୍ପତ୍ତି ନିଆଯାଇଛି। ତେଣୁ ବିଧାୟକଙ୍କ ଠାରୁ ଆରମ୍ଭ କରି ଜିଲା ସଭାପତିଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ କର୍ମୀଙ୍କୁ ଆଣି ଆସିବାକୁ କହିଦିଆସରିଲାଣି। ବିଧାୟକସ୍ତରୀୟ ବୈଠକ ମଧ୍ୟ କରାଯାଇ ଜନସଭାକୁ ସଫଳ କରିବା ଉପରେ ରଣନୀତି ପ୍ରସ୍ତୁତ ହୋଇଛି।

## ବିଧାନସଭାରେ...

ବିଧାନସଭାରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏ ସମସ୍ୟାର ସମାଧାନ ପାଇଁ ବିଧାୟକମାନଙ୍କୁ ଡାକି ଆଲୋଚନା କରିବା ସହ ଗୃହକୁ ରିପୋର୍ଟ ଦେବାକୁ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ସମବାୟ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୂର୍ବାହ୍ନ ୧୦ଟା ୩୦ ମିନିଟ୍‌ରେ ବାଚସ୍ପତି ସଭାକାର୍ଯ୍ୟ ଚଳାଇବାକୁ ଗୃହକୁ ପ୍ରବେଶ କରିଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିବା ମାତ୍ରେ କଂଗ୍ରେସ ଦଳ ମୁଖ୍ୟ ସଚେତକ ତାରା ପ୍ରସାଦ ବାହିନୀପତି ଗୃହର ମଧ୍ୟଭାଗକୁ ଆସି ସରକାରଙ୍କ ଚାଷୀ ବିରୋଧୀ ନୀତିକୁ ସମାଲୋଚନା କରିଥିଲେ। ତାଙ୍କ ସହ କଂଗ୍ରେସ ସଦସ୍ୟ ମହମ୍ମଦ ମୋକିମ, ରମେଶ ଜେନା, ସୁରେଶ କୁମାର ରାଉତରାୟ, ଦଳର ଅନ୍ୟ ସଦସ୍ୟମାନେ ଏବଂ ଭାଜପା ସଦସ୍ୟ ମୁକେଶ ମହାଲିଙ୍ଗ, କୁସୁମ ଟେଟେ ଏବଂ ଦଳର ଅନ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ। ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିବା ପରିବର୍ତ୍ତେ ମାତ୍ର ଅଧମିନିଟ୍‌ରେ ଗୃହକୁ ପୂର୍ବାହ୍ନ ୧୧ଟା ୩୦ ଯାଏ ମୁଲତବୀ ଘୋଷଣା କରିଦେଇଥିଲେ। ୧୧ଟା ୩୦ ମିନିଟ୍‌ରେ ମଧ୍ୟ ବିରୋଧୀ ଦଳ ଧାନ ପ୍ରସଙ୍ଗକୁ ନେଇ ପୁଣି ଗୃହରେ ହୋହଲ୍ଲା କଲେ। ସରକାରଙ୍କ ଚାଷୀମାରଣ ନୀତି ଚଳିବ ନାହିଁ, ଚଳିବ ନାହିଁ..., ଯଦି ଚଳିବ ନିଆଁ ଜଳିବ ସ୍ଲୋଗାନ ଦେଇ ସରକାରଙ୍କୁ ଜୋର୍‌ଦାର ଆକ୍ରମଣ କରିଥିଲେ। ବାଚସ୍ପତି ଗୃହକାର୍ଯ୍ୟରେ ସହଯୋଗ କରିବାକୁ ଯେତେ ଅନୁରୋଧ କରିଥିଲେ ମଧ୍ୟ ବିରୋଧୀଙ୍କ ଉପରେ କୌଣସି ପ୍ରଭାବ ପଡ଼ି ନ ଥିଲା। ଶେଷରେ ବାଚସ୍ପତି ସର୍ବଦଳୀୟ ବୈଠକ ଡାକି ଗୃହକୁ ସ୍ୱାଭାବିକ କରିବାକୁ ଉଦ୍ୟମ କରିଥିଲେ। ସର୍ବଦଳୀୟ ବୈଠକରେ ଯୋଗଦେବାକୁ ସେ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବିଧାୟକ ଦେବୀ ପ୍ରସାଦ ମିଶ୍ର, ପ୍ରଣବ ପ୍ରକାଶ ଦାଶ, ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି ଏବଂ ସିପିଆଇ(ଏମ୍) ନେତା ଲକ୍ଷ୍ମଣ ମୁଣ୍ଡାଙ୍କୁ ଅନୁରୋଧ କରିଥିଲେ। ଗୃହକୁ ୧୧ଟା ୩୨ରେ ୧୫ ମିନିଟ୍ ପାଇଁ ମୁଲତବୀ ଘୋଷଣା କରିଥିଲେ। ମାତ୍ର ବୈଠକରେ କୌଣସି ନିର୍ଯ୍ୟାସ ନ ବାହାରିବାରୁ ପର୍ଯ୍ୟାୟକ୍ରମେ ୭ଥର ଅପରାହ୍ନ ୩ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ଅପରାହ୍ନ ୩ଟାରେ ମଧ୍ୟ ଗୃହକାର୍ଯ୍ୟ ସ୍ୱାଭାବିକ ହୋଇପାରି ନ ଥିଲା। ବାଚସ୍ପତି ବିଭିନ୍ନ ପର୍ଯ୍ୟାୟରେ ଗୃହକୁ ଅପରାହ୍ନ ୫ଟା ୩୦ ମିନିଟ୍ ଯାଏ ମୁଲତବୀ ଘୋଷଣା କରିଥିଲେ। ପରିସ୍ଥିତିରେ କୌଣସି ସୁଧାର ନ ଆସିବାରୁ ବାଚସ୍ପତି ଗୃହକୁ ସନ୍ଧ୍ୟା ୬ଟା ୩୦ରେ ମଙ୍ଗଳବାର ପୂର୍ବାହ୍ନ ୧୦ଟା ୩୦ ଯାଏ ମୁଲତବୀ ଘୋଷଣା କରିଥିଲେ। ଗୃହ ଅଚଳ ହେବା ପରେ ସୋମବାର ଅପରାହ୍ନରେ ଧାନ ସଂଗ୍ରହ ହେଉଥିବା ୫ଟି ଜିଲା କଳାହାଣ୍ଡି, ବାଲେଶ୍ୱର, ନୂଆପଡ଼ା, ସୋନପୁର ଏବଂ ବଲାଙ୍ଗୀରର ବିଧାୟକମାନଙ୍କୁ ଡାକି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ଆଲୋଚନା କରିଛନ୍ତି। ଯେଉଁ ଜିଲାରେ ଧାନ ବିକ୍ରି ସମସ୍ୟା ରହିଛି ସେଠାକାର ଜିଲାପାଳମାନଙ୍କୁ ତାଲିକା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଏହାକୁ ନେଇ ବିଧାୟକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସମସ୍ୟା ସମାଧାନ ହୋଇ ନ ଥିବାରୁ ମଙ୍ଗଳବାର ପୁଣି ବିଧାନସଭାରେ ବିରୋଧୀ ସରକାରଙ୍କୁ ଘେରିବା ନେଇ ସୂଚନା ମିଳିଛି।

**ପ୍ରଥମ ପୃଷ୍ଠାରୁ...**

## ନରହନ୍ତା...

ସେହିପରି ବଳଙ୍ଗା ଥାନା ଅଧୀନ ତେରହଳ ଗ୍ରାମର ଛବି ଦେଈ(୪୭) ଗୁରୁତର ଆହତ ହୋଇ ଭୁବନେଶ୍ୱରରେ ଚିକିତ୍ସିତ ହେଉଥିବାବେଳେ ଚନ୍ଦ୍ରାଦେଈପୁର ଗ୍ରାମର ମକର ପଲେଇ (୭୨)ଙ୍କ ମୃତ୍ୟୁ ଘଟିଛି ଏବଂ ବଳିଆ ବେହେରା (୪୫) ଗୁରୁତର ଆହତ ହୋଇଛନ୍ତି। ପିପିଲି ଥାନା ଅନ୍ତର୍ଗତ ରାଜତେଇ ଗ୍ରାମରେ ଚୈତନ୍ୟ ସାହୁ(୫୦) ଓ ଅଜୟ କୁମାର ନାୟକ(୪୫)ଙ୍କ ମୃତ୍ୟୁ ଘଟିଥିବାବେଳେ ସେକ୍ ସମୀର(୨୫) ନାମକ ଜଣେ ଯୁବକ ଗୁରୁତର ଆହତ ହୋଇ ଭୁବନେଶ୍ୱରରେ ଚିକିତ୍ସିତ ହେଉଛନ୍ତି। ତାଙ୍କୁ ରବିବାର ରାତିରେ ପିପିଲି ବଜାରର ଦେବୀଗଳି ନିକଟରେ ଦନ୍ତାହାତୀ ଦଳି ଦେଇଥିଲା। ଏହାପରେ ହାତୀଟି ଭାରତୀପୁର, ଓରକଳ ଅଞ୍ଚଳ ଦେଇ ସୋମବାର ଭୋର ସମୟରେ ଭୁବନେଶ୍ୱର କଳିଙ୍ଗବିହାରରେ ଥିବା ଏମ୍‌ସିଏଲ୍ ଗାର୍ଡେନ୍ ଭିତରେ ପଶିଥିଲା। ସେହି ସମୟରେ ଫୁଲ ତୋଳିବାକୁ ଗାର୍ଡେନକୁ ଆସିଥିବା ଗାଙ୍ଗିଙ୍କୁ ହାତୀ ଆକ୍ରମଣ କରିଥିଲା। ହାତୀର ଗତିବିଧି ନିରୀକ୍ଷଣ କରି ଆସୁଥିବା ବନବିଭାଗ ଅଧିକାରୀ ଓ କର୍ମଚାରୀମାନେ ଗାର୍ଡେନକୁ ଘେରିଯାଇ ତାକୁ ଚନ୍ଦକା ଜଙ୍ଗଲ ଅଭିମୁଖେ ଘଉଡ଼ାଇବାକୁ ଉଦ୍ୟମ କରିଥିଲେ। ନଗର ବନଖଣ୍ଡ ଅଧିକାରୀ ଅଶୋକ ମିଶ୍ର, ଚନ୍ଦକା ବନଖଣ୍ଡ ଅଧିକାରୀ କେଦାର ସ୍ୱାଇଁ, ଭୁବନେଶ୍ୱର ବନାଞ୍ଚଳ ଅଧିକାରୀ ଆଦିତ୍ୟ ମିଶ୍ର, ଭୁବନେଶ୍ୱର ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ଅସିତ୍ ମିଶ୍ର, ଚନ୍ଦକା ବନାଞ୍ଚଳ ଅଧିକାରୀ ମାନସ ମହାନ୍ତି, କଟକ ବନାଞ୍ଚଳ ଅଧିକାରୀ ଦୁର୍ଗାଚରଣ ପଣ୍ଡାଙ୍କ ସମେତ ପ୍ରାୟ ୭୦ଜଣ ବନ ବିଭାଗ କର୍ମଚାରୀ ଓ ଖଣ୍ଡଗିରି ପୋଲିସ ଏଥିରେ ସାମିଲ ଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
କିଛିଦିନ ହେଲା ହାତକୁ ନେଇଥିବା କାମକୁ ପୂର୍ଣ୍ଣାଙ୍ଗ କରିବା ପାଇଁ ଅତି ନିକଟରେ ରହୁଥିବା ବନ୍ଧୁଙ୍କ ସାହାଯ୍ୟ ଆଶା କରିବେ। ଆନୁଷ୍ଠାନିକ କ୍ଷେତ୍ରରେ ସ୍ୱାଧୀନ ଭାବରେ କାର୍ଯ୍ୟ କରିବାରେ ସୁଯୋଗ ମିଳିବ। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେଇପାରେ। ଶତ୍ରୁମାନେ ସୁଯୋଗ ଅପେକ୍ଷାରେ ରହିଲେ ମଧ୍ୟ କୌଣସି ଅସୁବିଧା ହେବନାହିଁ।

**ବୃଷ**
ସଙ୍କଟଜନକ ପରିସ୍ଥିତିରେ ମନର ଦୁଃଖ ସମସ୍ତଙ୍କୁ ଜଣାଇଲେ ମଧ୍ୟ କିଏ ବୁଝିବେ ନାହିଁ। କର୍ମକ୍ଷେତ୍ରରେ କାମର ବାହାନା ଦେଖାଇ ସାଧାରଣ କଥାରେ ସହକର୍ମୀ ମୁହଁ ଫେରାଇ ନେଇପାରନ୍ତି। ସାହିତ୍ୟ, ଗବେଷଣା, ଲେଖାପଢ଼ା, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ସ୍ୱାସ୍ଥ୍ୟ ସମସ୍ୟା ନେଇ ଚିନ୍ତିତ ରହିପାରନ୍ତି।

**ମିଥୁନ**
ଆଜି ପାରିବାରିକ ଅଶାନ୍ତି ସୃଷ୍ଟିହେବା ସାଙ୍ଗକୁ କର୍ମକ୍ଷେତ୍ର ମଧ୍ୟ ସମସ୍ୟାଯୁକ୍ତ ରହିବ। ମାନସିକ ଅସ୍ଥିରତା କାରଣରୁ କଥାରେ ସଂଯମତା ହରାଇବେ ଓ ଶତ୍ରୁତା ସୃଷ୍ଟି କରିବେ। ଅନ୍ୟ ଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ବନ୍ଧୁଙ୍କ ସାହାଯ୍ୟରେ ଅର୍ଥ ପାଇବେ ଓ କାମଟି ବିଳମ୍ବରେ ସମ୍ପନ୍ନ ହୋଇପାରିବ।

**କର୍କଟ**
ଦିନଟିରେ ବିଶେଷ ଅସୁବିଧା ନ ହେଲେ ମଧ୍ୟ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। ମତଭେଦ କାରଣରୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟିହୋଇପାରେ। କରଜଦାତାଙ୍କ ଚାପ ବୃଦ୍ଧି ପାଇବା ହେତୁ ଦୁଶ୍ଚିନ୍ତା ବଢ଼ିଯିବା ସୂଚନା ରହିଛ। କୋର୍ଟ କଚେରି ମାମଲାର ରାୟ ନିଜ ସପକ୍ଷରେ ଯାଇପାରେ।

**ସିଂହ**
ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ଭଲ, ଯାହା କରୁଛନ୍ତି ତାହା ସହଜ ଓ ସୁବିଧାରେ ସମ୍ପନ୍ନ କରିପାରିବେ। ମଘା ନକ୍ଷତ୍ର ସକାଶେ ନିଜ ପରିସରରେ ଅନ୍ୟମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବ। ଅବଶ୍ୟ ସାମାଜିକ ସ୍ତରରେ ଗଠନମୂଳକ ପ୍ରସ୍ତାବ ଦେଇ ପ୍ରଶଂସିତ ହେବେ। ସନ୍ଧ୍ୟାରେ ପୁରାତନ ରୋଗ ପୀଡ଼ାରୁ କଷ୍ଟ ଅନୁଭବ କରିପାରନ୍ତି।

**କନ୍ୟା**
ବିଶିଷ୍ଟବ୍ୟକ୍ତିଙ୍କ ଆଶ୍ରୟରେ ରହି ପ୍ରତ୍ୟେକ କାମରେ ଅଗ୍ରଣୀ ହେବେ ଓ ପ୍ରଶଂସା ପ୍ରୋତ୍ସାହନ ମଧ୍ୟ ପାଇବେ। ପରିବାରରେ ଛୋଟ ଘଟଣା ପ୍ରତି ଗୁରୁତ୍ୱଦେଲେ ସମସ୍ୟା ଭିତରକୁ ଠେଲି ହୋଇପାରନ୍ତି। ଶିଳ୍ପ, ବ୍ୟବସାୟ କ୍ଷେତ୍ରରେ କ୍ଷତିରେ ପଡ଼ିବେ ନାହିଁ। ସଭାସମିତିରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ।

**ତୁଳା**
ବିଭିନ୍ନ କ୍ଷେତ୍ରରେ ସମସ୍ୟା ଆସିବ, କିନ୍ତୁ କୌଣସି ପ୍ରକାର ପ୍ରତିକୂଳ ପରିସ୍ଥିତି ସୃଷ୍ଟି ହେବ ନାହିଁ। ଅଭାବ ରହିଥିଲେ ମଧ୍ୟ କାମ ସମୟକୁ କିଏ ନା କିଏ ସାହାଯ୍ୟ କରିବେ। ଆପଣଙ୍କ ଅଧିକାଂଶ ସମୟର ନୀରବତାକୁ ଅନ୍ୟମାନେ ଭୁଲ୍ ବୁଝିପାରନ୍ତି। ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହେବାକୁ ପଡ଼ିପାରେ।

**ବିଛା**
କୌଣସି କ୍ଷେତ୍ରରେ ଚଟାପଟ୍ ନିର୍ଣ୍ଣୟାତ୍ମକ ସିଦ୍ଧାନ୍ତ ଗ୍ରହଣ କରିବା ଠିକ୍ ହେବନି। ସାମାନ୍ୟ ବ୍ୟତିକ୍ରମକୁ ବାଦ୍ ଦେଲେ ଦୀର୍ଘଦିନର ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବେ। ଅନ୍ୟାୟ ବିରୋଧରେ ସଂଗ୍ରାମ ଜାରି ରଖିଲେ ପରୋକ୍ଷ ଶତ୍ରୁତା କାରଣରୁ ସହଯୋଗ ପାଇବେ ନାହିଁ। ଅନିୟମିତ ଆହାର ଯୋଗୁ ସ୍ୱାସ୍ଥ୍ୟରେ ସମସ୍ୟା ଦେଖାଦେଇପାରେ।

**ଧନୁ**
ମାନସିକ ଅସ୍ଥିରତା କାରଣରୁ କୌଣସି କାର୍ଯ୍ୟ ଶୃଙ୍ଖଳିତ ହୋଇପାରିବ ନାହିଁ। ଅବଶ୍ୟ ଚେଷ୍ଟାକଲେ ସମସ୍ୟା ସମାଧାନର ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ପ୍ରତୀକ୍ଷା ଅଶାନ୍ତି ଉଦ୍ରେକ କରିବ।

**ମକର**
ପାରିବାରିକ ପରିସ୍ଥିତି ପୂର୍ବପରି ରହିବ, କିନ୍ତୁ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା ବଢ଼ିଯିବ। ପଡ଼ୋଶୀମାନେ ମନ ବୁଝିଲା ଭଳି ଲୋଭନୀୟ ପ୍ରତିଶ୍ରୁତି ଦେଇ କାର୍ଯ୍ୟ ହାସଲ କରିବେ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂରହେବ କିନ୍ତୁ ସମସ୍ୟା ପଛେ ପଛେ ଲାଗି ରହିବ। ବୁଝାମଣା ଅଭାବରୁ ଆତ୍ମୀୟମାନଙ୍କ କଥାରେ ସହମତି ହୋଇପାରିବେ ନାହିଁ।

**କୁମ୍ଭ**
ସାହାଯ୍ୟ ପାଇଲେ ମଧ୍ୟ ବନ୍ଧୁଙ୍କ ସହାୟତା ସମୁଦ୍ରକୁ ଶଙ୍ଖେ ଭଳି ଅନୁଭବ କରିବେ। ପ୍ରତ୍ୟେକ କ୍ଷେତ୍ରରେ ବିଶେଷ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ଯାତ୍ରାରେ ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ଉପରିସ୍ଥଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ରହିଲେ ମଧ୍ୟ ମୁହଁ ଖୋଲି କିଛି କହିପାରିବେ ନାହିଁ।

**ମୀନ**
ଅତୀତ ଘଟଣାର ବାରମ୍ବାର ପର୍ଯ୍ୟାଲୋଚନା ମାନସିକ ସ୍ଥିତିକୁ କଳୁଷିତ କରିବ। ସାମୟିକ ସ୍ୱାସ୍ଥ୍ୟହାନି କିମ୍ବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ। ଇଚ୍ଛା ନ ଥିଲେ ମଧ୍ୟ ବାଧ୍ୟବାଧକତାରେ କେତେକ କାମ କରିବାକୁ ପଡ଼ିବ। ଆଲୋଚନା, କଳା, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ବେଶ୍ ଆଦୃତ ହୋଇପାରନ୍ତି।

ଆଜି ଫାଲ୍‌ଗୁନ ଶୁକ୍ଳ ଦ୍ୱିତୀୟା ମଙ୍ଗଳବାର, ଫେବୃୟାରୀ ୨୫ ତାରିଖ, ଶ୍ରୀରାମକୃଷ୍ଣ ପରମହଂସଙ୍କ ଜନ୍ମତିଥି, ରାଶି ନକ୍ଷତ୍ର-ପୂର୍ବଭାଦ୍ରପଦ/କୁମ୍ଭ। ଦିବା ଘ୧।୦୬ମି. ଗତେ ମୀନଚନ୍ଦ୍ର, ଧନୁ ରାଶିର ଘାତଚନ୍ଦ୍ର, ମକର ରାଶିର ଘାତବାର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ। ଦିବା ଘ୮।୩୨ମି. ଗତେ ଘ୧୦।୫୧ମି. ମଧ୍ୟେ ଅମୃତବେଳା। ଦିବା ଘ୧୦।୩୨ମି. ଗତେ ଘ୧୧।୫୮ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୨।୫୩ମି. ଗତେ ଘ୪।୧୯ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**SALE**

ଭୁବନେଶ୍ୱର Amri Hospital ଠାରେ 30’ ରାସ୍ତାଥାଇ BDA yellowzone plot 7894216209. D-68494

ବାଲିଅନ୍ତା ପାଖରେ ସଙ୍ଗେ ସଙ୍ଗେ ଘରକଲା ଭଳି ଘରବାରି ବାଉଣ୍ଡରି, ଇଲେକ୍‌ଟ୍ରି ସୁବିଧା ଥାଇ ପ୍ଲଟ୍ ମିଳୁଅଛି। 9437166686, 7609956035. D-68487

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ sqft-185/-, SC plot sqft-120/-, ନଖରା SC plot sqft-390/- IIT ଅରଗୁଳ sqft-120/-, immediate possession/registration, 8144706560, 7750909843. D-68488

ଭୁବନେଶ୍ୱର ବାଳକାଟି ବଜାରରୁ 2km sqft.-550/-, (ଘରବାରି) ଜଟଣୀଗେଟ୍‌ଠାରେ sqft.-200/-, କଟକ ତ୍ରିଶୁଳିଆରୁ 4km sqft.-300/- ପ୍ଲଟ୍ ମିଳୁଅଛି। 7978939440, 9178004547. D-68489

Well Developed 30’ Road with Boundarywall plot at Bilipada Near Gudiapokhari, Bhubaneswar Call: 9937518482, 8908805482. D-68669

2400sqft. corner plot with boundary wall, electricity near Infocity-2 7008818121, 9938770157. D-68493

ସୁନ୍ଦରପଦା Hitech Plaza ପାଖରେ 30’ରାସ୍ତା, ଘରବାରି, boundary, ଇଲେକ୍‌ଟ୍ରିସିଟି ଥାଇ ପ୍ଲଟ୍ ବିକ୍ରି ହେଉଛି। 6370292040. D-68495

Self plot at Brahmanjharilo, Cuttack, BBSR-13k.m, Cuttack-20k.m, 30’ road, Gharabari, compound wall, electricity, near CBSE English Medium School at a reasonable price. 7809525452. D-68791

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




2BHK flat with parking at Lingipur rent family. Contact: 7894381416. D-59945

ଅଫିସ ଓ ଗୋଦାମ ଘର ଭଡ଼ା ଦିଆଯିବ। ଚାରିନଳା, ଜଗନ୍ନାଥ ବିହାର, ପୁରୀ। ମୋବାଇଲ: ୭୭୩୫୬୮୫୬୪୮ ଧ-୧୬୭୭୪

1/2BHK for family, New forest park, lane-6, Bhubaneswar. Contact: 9437283842. D-68681




Full body herbal massage with refreshment expert therapist. 7381239385, 06742540855. D-69213

Ayurvedic full body massage by ladies, gents therapist. 7008773793 D-60873

Experience full body massage with us (expert). Call: 7377048581, 06742597822. D-69214

Herbal full body massage by smart / expert therapist. Contact: 8338067247. D-69215

Sai herbal spa refresh your body with smart, expert therapist. 7608062524. D-69222

Experience winter therapeutic Abhyanga massage feeling refreshing energetic: Appointment-9668374480. D-69216

Newly open full body massage by ladies, gents therapist. 8018656899 D-60872

Body massage @ 1099 at mystic Unisex Salon and Spa. 9556978408. D-69218

Rejuvenate and Ayurvedic full body massage by smart therapist. 9114402304. D-69217

Monalisa Massage Club: All types body massage with hiprofile smart lady rooms service available-9708545108. D-16879

Newly opening fullbody massage leadies and gents unisex- Mob: 8018855456. D-38568


## କୃତିତ୍ୱ


ଶିବାଶିଷ


ପ୍ରାଚୁର୍ଯ୍ୟା

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମଧୁବନ, ପୁରୀର ୯ମ ଶ୍ରେଣୀର ଦୁଇଜଣ ଶିଶୁ ଶ୍ରୀମାନ ଶିବାଶିଷ ପ୍ରସାଦ ଦାସ ଏବଂ ସୁଶ୍ରୀ ପ୍ରାଚୁର୍ଯ୍ୟା ପ୍ରିୟଦର୍ଶିନୀ ପ୍ରଧାନ ଶିକ୍ଷାବର୍ଷ ୨୦୧୯-୨୦ ପାଇଁ ଉଦ୍ଦିଷ୍ଟ ଓଡ଼ିଶା ସରକାରଙ୍କ ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି (NRTS) ପରୀକ୍ଷାରେ ପୁରୀ ମ୍ୟୁନିସିପାଲିଟିରେ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ତଥା ପୁରୀ ସଦର ବ୍ଲକରେ ୫ମ ଓ ୬ଷ୍ଠ ସ୍ଥାନ ଅଧିକାର କରି ବୃତ୍ତିପାଇବାକୁ ଯୋଗ୍ୟ ବିବେଚିତ ହୋଇ ବିଦ୍ୟାଳୟର ଗୌରବ ବଢାଇବାରେ ସହାୟକ ହୋଇଛନ୍ତି। ବିଦ୍ୟାଳୟ ତରଫରୁ ଶିଶୁ ଦୁଇଜଣଙ୍କର ଉତ୍ତୋରତ୍ତର ଉନ୍ନତି କାମନା କରାଯାଇଛି।
ଧ-୬୮୮୭୦

## ସରକାରୀ ମେଡିକାଲ କଲେଜରେ ଖାଲିପଡ଼ିଛି ୨୪୪ ପଦବୀ

ଭୁବନେଶ୍ୱର, ୨୪।୨(ବ୍ୟୁରୋ): ରାଜ୍ୟରେ ୭ ମେଡିକାଲ କଲେଜ ରହିଛି। ଏସବୁ କଲେଜରେ ମୋଟ ୧୨୬୭ ମଞ୍ଜୁରପ୍ରାପ୍ତ ପ୍ରଫେସର, ଆସୋସିଏଟ୍ ପ୍ରଫେସର ଓ ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ରହିଛି। ତେବେ ସେଥିମଧ୍ୟରୁ ୨୪୪ ପଦବୀ ଖାଲି ରହିଛି ବୋଲି ବିଧାନସଭାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ତଥ୍ୟ ପ୍ରଦାନ କରିଛନ୍ତି। ସୋମବାର ବିଧାନସଭାରେ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ମନ୍ତ୍ରୀଙ୍କୁ ସରକାରୀ ମେଡିକାଲ କଲେଜ ସ୍ଥାପନ ସମ୍ପର୍କରେ ପ୍ରଶ୍ନ କରିଥିଲେ। ରାଜ୍ୟର ୧୦ ଆକାଂକ୍ଷୀ ଜିଲା ମଧ୍ୟରୁ ୬ ଜିଲାରେ କେନ୍ଦ୍ର ସହଯୋଗରେ ମେଡିକାଲ କଲେଜ ଖୋଲିବା ପ୍ରସ୍ତାବ ଚୂଡ଼ାନ୍ତ ହୋଇଛି କି, ରାଜ୍ୟରେ ମୋଟ କେତୋଟି ସରକାରୀ ମେଡିକାଲ କଲେଜରେ ଆଗାମୀ ଶିକ୍ଷାବର୍ଷରୁ ନାମଲେଖା ହେବ, ସରକାରୀ ମେଡିକାଲ କଲେଜଗୁଡ଼ିକରେ ସବୁ ବର୍ଗର ମଞ୍ଜୁରପ୍ରାପ୍ତ ଶିକ୍ଷକଙ୍କ ସଂଖ୍ୟା କେତେ ଓ ସେଥିରୁ କେତେ ପଦବୀ ଖାଲିପଡ଼ିଛି ବୋଲି ବିଧାୟକଙ୍କ ମନ୍ତ୍ରୀଙ୍କୁ ପ୍ରଶ୍ନ ଥିଲା। ଏହାର ଉତ୍ତର ଦେଇ ସ୍ୱାସ୍ଥ୍ୟମନ୍ତ୍ରୀ ରାଜ୍ୟରେ ୭ ନୂତନ ମେଡିକାଲ କଲେଜ ପାଇପ୍ ଲାଇନ୍‌ରେ ଅଛି ବୋଲି କହିଥିଲେ।

# ଅନୁପଙ୍କ ଗିରଫଦାରିକୁ ବେଆଇନ କହିଲେ ଝିଅ

ଭୁବନେଶ୍ୱର,୨୪।୨(ବ୍ୟୁରୋ)

### କଳ୍ପନା ଦାଶ, ଝିଅ ବବ୍‌ଲି ହତ୍ୟା ମାମଲା

- ଛତିଶଗଡ଼ ପୋଲିସ ବିରୋଧରେ ଓଏଚ୍‌ଆର୍‌ସିଙ୍କ ଦ୍ୱାରସ୍ଥ
- ରାୟଗଡ଼ କୋର୍ଟରେ ଅପିଲ କଲେ ପୁଅ
- କଳ୍ପନାଙ୍କ ଭାଇ, ଭଉଣୀଙ୍କୁ ପଚରାଉଚରା



ବହୁ ଚର୍ଚ୍ଚିତ କଳ୍ପନା ଦାଶ ଓ ଝିଅ ବବ୍‌ଲି ହତ୍ୟା ମାମଲାରେ ପୂର୍ବତନ ବିଧାୟକ ଅନୁପ ସାଏ ଓ ତାଙ୍କ ଡ୍ରାଇଭର ବର୍ଦ୍ଧନ ଟପ୍ପୋ ଗିରଫ ହୋଇଛନ୍ତି। ଛତିଶଗଡ଼ର ରାୟଗଡ଼ ଜିଲା ଚକ୍ରଧରନଗର ଥାନା ଅନ୍ତର୍ଗତ ହମିରପୁର ଜଙ୍ଗଲରେ ଘଟିଥିବା ଏହି ବୀଭତ୍ସ ହତ୍ୟା ମାମଲାରେ ଉଭୟ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ପାଇଁ ଛତିଶଗଡ଼ ପୋଲିସ ପ୍ରମାଣ ଯୋଗାଡ଼ରେ ଲାଗିପଡିଛି। ଅନୁପ ପୋଲିସକୁ ସହଯୋଗ କରୁ ନ ଥିବାରୁ ତାଙ୍କୁ ବାରମ୍ବାର ରିମାଣ୍ଡରେ ନେଇ ପଚରାଉଚରା କରୁଛି ପୋଲିସ। ଏପରି କି ଅନୁପଙ୍କ ପରିବାର ସଦସ୍ୟଙ୍କୁ ମଧ୍ୟ ଛତିଶଗଡ଼ ପୋଲିସ ହାଜର ହେବା ପାଇଁ ନୋଟିସ କରିଛି। ଏହି ନୋଟିସ ପାଇବା ପରେ ଅନୁପଙ୍କ ପରିବାର ମୁହଁ ଖୋଲିବା ସହ ରାଜ୍ୟ ମାନବିକ ଅଧିକାର କମିଶନ (ଓଏଚ୍‌ଆର୍‌ସି)ଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପୂର୍ବରୁ ଛତିଶଗଡ଼ ପୋଲିସ ଜାଣିଶୁଣି ଏହି ହତ୍ୟା ମାମଲାରେ ଅନୁପଙ୍କୁ ଫସାଇଥିବା ପରିବାର ଲୋକେ ଅଭିଯୋଗ କରି ଜିଲାପାଳ ଅଫିସ ସମ୍ମୁଖରେ ଧାରଣାରେ ବସିଥିଲେ। ସୋମବାର ଅନୁପଙ୍କ ଝିଅ ଶୁଭସ୍ମିତା ବାପାଙ୍କ ଗିରଫଦାରିର ପ୍ରତିବାଦ କରିବା ସହ ଛତିଶଗଡ଼ ପୋଲିସ ବିରୋଧରେ ଓଏଚ୍‌ଆର୍‌ସିଙ୍କୁ ଅଭିଯୋଗ କରିଛନ୍ତି। ସେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ତାଙ୍କ ବାପାଙ୍କୁ ଛତିଶଗଡ଼ ପୋଲିସ ବେଆଇନଭାବେ ଗିରଫ କରିଥିବାରୁ ପରିବାରର ସମ୍ମାନ ହାନି ଘଟୁଛି। ସେ ଜନ୍ମରୁ ମୂକ ଓ ବଧିର ଥିବାରୁ ତାଙ୍କୁ ବିଭିନ୍ନ ସ୍ଥାନରୁ ଅପବାଦ ଶୁଣିବାକୁ ପଡୁଛି। ତାଙ୍କ ଭବିଷ୍ୟତ ପ୍ରଭାବିତ ହୋଇଛି। ପୂରା ପରିବାର ଭୟଭୀତ ଅବସ୍ଥାରେ ଅଛନ୍ତି। ତେଣୁ ଛତିଶଗଡ଼ ପୋଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ପରିବାର ଲୋକଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ଶୁଭସ୍ମିତା ନିବେଦନ କରିଛନ୍ତି। ସେହିଭଳି ଛତିଶଗଡ଼ ପୋଲିସର ନୋଟିସ ବିରୋଧରେ ଅନୁପଙ୍କ ପୁଅ ଶୁଭମ୍ ସାଏ ରାୟଗଡ଼ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଛିତଶଗଡ଼ ପୋଲିସ ଉପରେ ଭରସା ନ ଥିବାରୁ ସୁରକ୍ଷା ଦୃଷ୍ଟିରୁ ଛତିଶଗଡ଼ ଯିବେ ନାହିଁ। ଯଦି ଛତିଶଗଡ଼ ପୋଲିସ ପଚରାଉଚରା କରିବାକୁ ଚାହୁଁଛି ଓଡ଼ିଶାକୁ ଆସୁ ବୋଲି ପୁଅ କୋର୍ଟରେ ଅପିଲ କରିଛନ୍ତି।

ଅନ୍ୟପକ୍ଷରେ ଛତିଶଗଡ଼ ପୋଲିସ ରବିବାର କଳ୍ପନାଙ୍କ ଭାଇ ବରୁଣ ଦାଶ ଓ ଭଉଣୀ ରୀନା ଦାଶଙ୍କୁ ଡାକି ପଚରାଉଚରା କରିଛି। ଉଭୟଙ୍କୁ ପ୍ରାୟ ଏକ ଘଣ୍ଟାଧରି ବିଭିନ୍ନ ବିଷୟରେ ପଚରାଉଚରା କରିଛି। ବିଶେଷକରି ଅନୁପ ଓ କଳ୍ପନା କେବେଠାରୁ ଏକାଠି ରହୁଥିଲେ? କଳ୍ପନା ନିଖୋଜ ହେବା ପରେ କାହିଁକି ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇ ନ ଥିଲା ବୋଲି ପୋଲିସ ଜାଣିବାକୁ ଚାହିଁଥିବା ବରୁଣ କହିଛନ୍ତି।

ଏ ସଂକ୍ରାନ୍ତରେ ରାୟଗଡ଼ ଏସ୍‌ପି ସନ୍ତୋଷ ସିଂ କହିଛନ୍ତି, ଆମ ପାଖରେ ଅନୁପଙ୍କ ବିରୋଧରେ ବଳିଷ୍ଠ ପ୍ରମାଣ ରହିଛି। ଅନୁପ ପୋଲିସକୁ ସହଯୋଗ କରୁ ନ ଥିବାରୁ ଆମ ପାଇଁ ସମସ୍ୟା ହେଉଛି। ତାଙ୍କୁ ପୁଣି ରିମାଣ୍ଡ ସହ ନାର୍କୋ ଟେଷ୍ଟ ପାଇଁ ଆବେଦନ କରାଯାଇଛି। ତାଙ୍କ ପରିବାର ଲୋକେ ପୋଲିସ ବିରୋଧରେ ଯେଉଁ ଅଭିଯୋଗ ଆଣୁଛନ୍ତି ତାହା ସମ୍ପୂର୍ଣ୍ଣ ମିଛ। ଅନୁପଙ୍କ ଅପରାଧକୁ ଘୋଡ଼ାଇବା ପାଇଁ ସେମାନେ ନାଟକ କରୁଛନ୍ତି। ପଚରାଉଚରା ପାଇଁ ଅନୁପଙ୍କ ପରିବାର ଲୋକଙ୍କୁ ନୋଟିସ କରାଯାଇଛି। ସେମାନଙ୍କୁ କୌଣସି ଧମକଚମକ ଦିଆଯାଉନାହିଁ ବୋଲି ସେ କହିଛନ୍ତି।

# ୮ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୨୪।୨(ବ୍ୟୁରୋ)

- ୨ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର
- ୬ ଅଧିକାରୀଙ୍କ ସ୍ଥାୟୀଭାବେ ପେନ୍‌ସନ ବନ୍ଦ

ଦୁର୍ନୀତି ବିରୋଧରେ ରାଜ୍ୟ ସରକାର କଡ଼ା ଆଭିମୁଖ୍ୟ ଜାରି ରଖିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୁର୍ନୀତି କ୍ଷେତ୍ରରେ ଶୂନ୍ୟ ସହିଷ୍ଣୁତା ନୀତି ଉପରେ ସବୁବେଳେ ଗୁରୁତ୍ୱ ଦେଇଆସିଛନ୍ତି। ଏହାର ଝଲକ ଗତ କିଛିଦିନ ହେବ ଦେଖିବାକୁ ମିଳୁଛି। ଗତ ଅଗଷ୍ଟରୁ ଏଯାବତ୍ ୭୪ଜଣ ଅଧିକାରୀଙ୍କୁ ଚାକିରିରୁ ବରଖାସ୍ତ କରାଯିବା ସହ ୧୫ ଜଣଙ୍କୁ ମୁଖ୍ୟମନ୍ତ୍ରୀ ବାଧ୍ୟତାମୂଳକ ଅବସର ଦେଇଛନ୍ତି। ଦୁର୍ନୀତି ବିରୋଧରେ ତାଙ୍କ କଡ଼ା କାର୍ଯ୍ୟାନୁଷ୍ଠାନ ସ୍ୱରୂପ ମୁଖ୍ୟମନ୍ତ୍ରୀ ସୋମବାର ୬ ଅଧିକାରୀଙ୍କ ପେନ୍‌ସନ ସୁବିଧାକୁ ସ୍ଥାୟୀଭାବେ ବନ୍ଦ କରିଥିବାବେଳେ ୨ଜଣ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି।

ଦୁର୍ନୀତି ବିକାଶର ସବୁଠାରୁ ବଡ଼ ପ୍ରତିବନ୍ଧକ। ତେଣୁ ଲାଞ୍ଚୁଆ ଅଧିକାରୀ ଓବିସିର ପୂର୍ବତନ ଯନ୍ତ୍ରୀ, ମୁଖ୍ୟ ତଥା ପରିଚାଳନା ନିର୍ଦ୍ଦେଶକ ସୁଧୀର କୁମାର ବଜେନ୍ଦ୍ର ନାରାୟଣଙ୍କ ପେନ୍‌ସନକୁ ସ୍ଥାୟୀଭାବେ ବନ୍ଦ କରାଯାଇଛି। ସେହିପରି ଅବସରପ୍ରାପ୍ତ ନିର୍ବାହୀ ଯନ୍ତ୍ରୀ ତଥା ଓବିସିସିର ବରିଷ୍ଠ ପ୍ରୋଜେକ୍ଟ ମ୍ୟାନେଜର ଅରୁଣ ଚରଣ ପରିଡ଼ା, ଅବସରପ୍ରାପ୍ତ ସହକାରୀ ଯନ୍ତ୍ରୀ ଗ୍ରାମ୍ୟ ଉନ୍ନୟନ ସବ୍‌ଡିଭିଜନ କାମାକ୍ଷାନଗରର ପ୍ରମୋଦ କୁମାର ବେହେରା, ପୁରୀ ଗ୍ରାମ୍ୟ ଉନ୍ନୟନ ବିଭାଗର ଅବସରପ୍ରାପ୍ତ ନିର୍ବାହୀ ଯନ୍ତ୍ରୀ ବ୍ରଜସୁନ୍ଦର ପଟ୍ଟନାୟକ, କଟକ ମହାନଗର ନିଗମର ଅବସରପ୍ରାପ୍ତ ନିର୍ବାହୀ ଯନ୍ତ୍ରୀ ଖଗେଶ୍ୱର ସ୍ୱାଇଁ ଏବଂ ସମ୍ବଲପୁର ରାସ୍ତା ଓ କୋଠାବାଡ଼ି ଡିଭିଜନର ଅବସରପ୍ରାପ୍ତ ଅଧୀକ୍ଷଣ ଯନ୍ତ୍ରୀ ବିବେକାନନ୍ଦ ମହାନ୍ତିଙ୍କ ପେନ୍‌ସନକୁ ମଧ୍ୟ ସ୍ଥାୟୀଭାବେ ବନ୍ଦ କରିଦିଆଯାଇଛି।

ସେହିପରି ଦୁର୍ନୀତି ଅଭିଯୋଗରେ କଳାହାଣ୍ଡି ଜିଲା କୋକସରା ତହସିଲ୍‌ର ରେଭିନ୍ୟୁ ଇନ୍‌ସପେକ୍ଟର ଈଶ୍ୱର ପ୍ରସାଦ ପୁରୋହିତ ଏବଂ ସୋନପୁର ଜିଲା ବୀରମହାରାଜପୁର ତହସିଲ୍‌ର ରେଭିନ୍ୟୁ ଇନ୍‌ସପେକ୍ଟର ଅରୁଣ କୁମାର ପୁରୋହିତଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ପୂର୍ବରୁ ଏହି ଦୁଇ ଅଧିକାରୀ ଭିଜିଲାନ୍ସ ହାତରେ ଧରାପଡ଼ି ଜେଲ ଯାଇଛନ୍ତି। ଏହି ସବୁ ଅଧିକାରୀମାନେ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଦୁର୍ନୀତି ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି।

# ସେବାଶ୍ରମ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ନୂଆପଡ଼ା ଅଫିସ/କୋମନା, ୨୪।୨(ଡି.ଏନ.ଏ.)

- ହତ୍ୟା କି ଆତ୍ମହତ୍ୟା ସନ୍ଦେହ ଘେରରେ
- ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା
- ୧୨ଘଣ୍ଟା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଗଲା
- ପ୍ରଧାନ ଓ ସହକାରୀ ଶିକ୍ଷକ ନିଲମ୍ବିତ



ଅଧିକାରୀମାନେ ତଦନ୍ତ କରୁଛନ୍ତି ।

ନୂଆପଡା ଜିଲା କୋମନା ଥାନା ଅନ୍ତର୍ଗତ ଦର୍ଲିପଡା ସେବାଶ୍ରମ ହାଇସ୍କୁଲ ଆବାସିକରେ ପାଠ ପଢୁଥିବା ସୁମନ୍ତ ଶବର (୧୪) ନାମକ ଜଣେ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ସେବାଶ୍ରମଠାରୁ ଅଧ କି.ମି. ଦୂରରେ ଏକ ଗଛରୁ ତାଙ୍କ ମୃତଦେହ ମିଳିଛି। ସେ ଆତ୍ମହତ୍ୟା କରିଛନ୍ତି କି ତାଙ୍କୁ କିଏ ହତ୍ୟା କରି ଗଛରେ ଝୁଲାଇ ଦେଇଛି ସେ ନେଇ ନାନା କଳ୍ପନା ଜଳ୍ପନା ଚାଲିଛି। ତେବେ ଏପରି ଦୁଃଖଦ ଘଟଣା ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଘଟିଛି ବୋଲି ମୃତକଙ୍କ ପରିବାର ସଦସ୍ୟଙ୍କ ସମେତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହିତ ମୃତକଙ୍କ ପରିବାରକୁ କ୍ଷତିପୂରଣ ପାଇଁ ଗ୍ରାମବାସୀ ଦାବି କରିଥିଲେ। ଦାବି ପୂରଣ ପାଇଁ ପ୍ରତିଶ୍ରୁତି ମିଳିବା ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଅତିରିକ୍ତ ଜିଲାପାଳ ସୀତାରାମ ପଟେଲ, ଜିଲା ମଙ୍ଗଳ ଅଧିକାରୀ ସନ୍ଧ୍ୟା ମାଝି ଏ ନେଇ ପ୍ରାଥମିକ ତଦନ୍ତ କରିବା ସହ ପ୍ରଧାନଶିକ୍ଷକ ରଘୁମଣୀ ଶବର ଏବଂ ହଷ୍ଟେଲ ଦାୟିତ୍ୱରେ ଥିବା ସହକାରୀ ଶିକ୍ଷକ ଶ୍ୟାମଲାଲ ସତନାମୀଙ୍କୁ ନିଲମ୍ବନ କରିଛନ୍ତି।

ସୂଚନା ଅନୁଯାୟୀ ନୂଆପଡା ବ୍ଲକ ଚିପାଝର ଗାଁର ପରମାନନ୍ଦ ଶବରଙ୍କ ପୁଅ ସୁମନ୍ତ ଦର୍ଲିପଡା ସେବାଶ୍ରମରେ ନବମ ଶ୍ରେଣୀରେ ପାଠ ପଢୁଥିଲେ। ରବିବାର ସନ୍ଧ୍ୟାରେ ହଠାତ ସେ ଆଶ୍ରମ ଛାଡି ଦୌଡି ପଳାଇଥିଲେ। ତାଙ୍କୁ ସାଙ୍ଗମାନେ ପିଛା କରିଥିଲେ ମଧ୍ୟ ଅନ୍ଧାରରେ ପାଇ ନ ଥିଲେ। ସୋମବାର ସକାଳେ ଆଶ୍ରମଠାରୁ ଅଧ କି.ମି. ଦୂର ଡ୍ୟାମ ପାଣି ନିକଟ ଏକ ଗଛରେ ସୁମନ୍ତଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା। ଖବର ପାଇ ସ୍ଥାନୀୟ ଲୋକେ ସେଠାରେ ଭିଡ ଜମାଇଥିଲେ। ପରିବାର ଲୋକ ମଧ୍ୟାହ୍ନ ୧୨ଟାବେଳେ ଆସି ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହା ଆତ୍ମହତ୍ୟା ନୁହେଁ, ସୁମନ୍ତଙ୍କୁ କିଏ ହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଆଶ୍ରମ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଏପରି ଘଟିଛି ବୋଲି ସେମାନେ କହିଥିଲେ। ଆଶ୍ରମରେ ପ୍ରଧାନଶିକ୍ଷକ, ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ରହୁ ନ ଥିବାରୁ ଏଭଳି ଦୁଃଖଦ ଘଟଣା ଘଟିଛି। ଏହାର ବିଧିବଦ୍ଧ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ମୃତଦେହ ବ୍ୟବଚ୍ଛେଦ ପାଇଁ ଛଡ଼ାଯିବ ନାହିଁ ବୋଲି ଗ୍ରାମବାସୀ କହିଥିଲେ। ଖବର ପାଇ ଅତିରିକ୍ତ ଜିଲାପାଳ, ଓ ଜିଲା ମଙ୍ଗଳ ଅଧିକାରୀ ଆଶ୍ରମରେ ପହଞ୍ଚିଥିଲେ। ଲୋକେ ମୃତଦେହ ଆଣି ଆଶ୍ରମ ପରିସରରେ ରଖି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ପ୍ରଶାସନ ପକ୍ଷରୁ ମୃତକଙ୍କ ପରିବାରକୁ ତୁରନ୍ତ ୨୦ ହଜାର ଟଙ୍କା ପ୍ରଦାନ କରାଯିବା ସହ ବାକି ଦାବିଗୁଡ଼ିକୁ ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ପୋଲିସ ସନ୍ଧାନୀ କୁକୁର ସହ ଛାନ୍‌ଭିନ ଆରମ୍ଭ କରିଛି। ଏ ନେଇ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି।

# ଓଡ଼ିଶା ପୋଲିସର ପାଇପ୍ ବ୍ୟାଣ୍ଡ ଦଳ ତୃତୀୟ



କଟକ ଅଫିସ, ୨୪।୨

### ସର୍ବଭାରତୀୟ ପୋଲିସ ବ୍ୟାଣ୍ଡ ପ୍ରତିଯୋଗିତା

ରେଳ ସୁରକ୍ଷା ବଳ(ଆରପିଏଫ୍) ଆନୁକୂଲ୍ୟରେ ତେଲଙ୍ଗାନାର ସିକନ୍ଦରାବାଦସ୍ଥିତ ଆରପିଏଫ୍ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଗତ ୧୯ରୁ ୨୩ ତାରିଖ ପର୍ଯ୍ୟନ୍ତ ୨୦ତମ ସର୍ବଭାରତୀୟ ପୋଲିସ ବ୍ୟାଣ୍ଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଗନେଇଥିବା ଓଡ଼ିଶା ପୋଲିସର ପାଇପ୍ ବ୍ୟାଣ୍ଡ ଦଳ ତୃତୀୟ ସ୍ଥାନ ହାସଲ କରିଛି। ଓଡ଼ିଶା ପୋଲିସ ଇତିହାସରେ ପ୍ରଥମଥର ପାଇଁ ଏହି ଦଳ ଉକ୍ତ ପ୍ରତିଯୋଗିତାରେ ସଫଳତା ହାସଲ କରିଛି। ଏଥିପାଇଁ ଡିଜିପି ଅଭୟ ଉକ୍ତ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ, ଓଏସ୍‌ଏପି ଷଷ୍ଠ ବାଟାଲିୟନ ଅନ୍ତର୍ଗତ ଓସାଫର ସହକାରୀ ଦୁର୍ଗପତି ସୁଶାନ୍ତ କୁମାର ସାଠୁଆଙ୍କ ନେତୃତ୍ୱରେ ସିକନ୍ଦରାବାଦ ଗସ୍ତ କରିଥିବା ଏହି ଦଳରେ ୨୪ ଜଣ ପାଇପର, ୩୮ ଜଣ ବ୍ରାସବ୍ୟାଣ୍ଡ ପ୍ରତିଯୋଗୀ ଓ ୮ ଜଣ ବିଗୁଲର ଅଂଶଗ୍ରହଣ କରିଥିଲେ। ଅବସରପ୍ରାପ୍ତ ୱିଙ୍ଗ୍ କମାଣ୍ଡର ପ୍ରମୋଦ କୁମାର ଜେନା ଏହି ଦଳର ପ୍ରଶିକ୍ଷକ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଓଡ଼ିଶା ପୋଲିସ ପାଇପ୍ ବ୍ୟାଣ୍ଡ ଦଳ ଗତବର୍ଷ ଜମ୍ମୁଠାରେ ଅନୁଷ୍ଠିତ ସର୍ବଭାରତୀୟ ପୋଲିସ ବ୍ୟାଣ୍ଡ ପ୍ରତିଯୋଗିତାରେ ଚତୁର୍ଥ ସ୍ଥାନ ହାସଲ କରିଥିଲା।

## ଜିଲା ଚିଠି



### କେନ୍ଦୁଝର

## ଏୟାରଷ୍ଟ୍ରିପର ବିକାଶ

ସରକାର ଉଡ଼ାନ ଯୋଜନାରେ ବିଭିନ୍ନ ଏୟାରଷ୍ଟ୍ରିପର ବିକାଶ ଓ ସଂପ୍ରସାରଣ କରୁଛନ୍ତି। ହେଲେ ଖଣିଖାଦାନ ଦ୍ୱାରା ସମୃଦ୍ଧ କେନ୍ଦୁଝର ଜିଲାରେ ଥିବା ଦୁଇଟି ବହୁ ପୁରାତନ ଏୟାରଷ୍ଟ୍ରିପର ବିକାଶ ଓ ସଂପ୍ରସାରଣ ପଛରେ ପଡ଼ିଛି। ରାଜାରାଜୁଡ଼ା ଅମଳରୁ ସଦର ବ୍ଲକ ଅନ୍ତର୍ଗତ ରାଇସୁଆଁଠାରେ ଏନ୍‌ଏଚ୍ ୨୦ ପାର୍ଶ୍ୱରେ ଏକ ଏୟାରଷ୍ଟ୍ରିପ ରହିଥିବା ବେଳେ ଯୋଡ଼ା ବ୍ଲକର ଟଣ୍ଡୋ ଏନ୍‌ଏଚ୍-୨୨୦ ପାର୍ଶ୍ୱରେ ଆଉ ଗୋଟିଏ ରହିଛି। ବେସାମରିକ ବିମାନ ଚଳାଚଳ ବିଭାଗ ଅଧୀନରେ ଥିବା ରାଇସୁଆଁ ଏୟାରଷ୍ଟ୍ରିପ ପ୍ରାୟ ୩୮ ଏକର ଜମିରେ ନିର୍ମାଣ କରାଯାଇଛି। ସେଠାରେ ପ୍ରାୟ ୯୨୦ ମିଟର ଲମ୍ବ ଓ ୩୦ ମିଟର ଓସାରର ରନ୍‌ୱେ ରହିଛି। ଏହାର ରକ୍ଷଣାବେକ୍ଷଣ ପୂର୍ତ୍ତ ବିଭାଗ କରୁଛି। ସେହିପରି ଟଣ୍ଡୋ ଏୟାରଷ୍ଟ୍ରିପର ଲମ୍ବ ୧୧୧୨ ମିଟର, ପ୍ରସ୍ଥ ୮୦ ମିଟର। ରନ୍‌ୱେର ଲମ୍ବ ୧୦୬୩ ମିଟର ରହିଛି। କେନ୍ଦୁଝର ଜିଲାର ଖଣିଖାଦାନ ରାଜ୍ୟ ତଥା ଦେଶକୁ ବିଶ୍ୱରେ ପରିଚିତ କରାଇଛି। ଉଚ୍ଚମାନର ଲୁହାପଥର, ଅନ୍ୟାନ୍ୟ ଖଣିଜ କେନ୍ଦୁଝରରେ ଭରି ରହିଥିବାରୁ ଦେଶ ଓ ବିଦେଶର ବହୁ ଅଧିକାରୀ ଏବଂ କମ୍ପାନୀ ପ୍ରତିନିଧି ହେଲିକପ୍ଟର ବା ଏୟାରକ୍ରାଫ୍ଟରେ ଯିବାଆସିବା କରିଥା'ନ୍ତି। ଏହି ପରିପ୍ରେକ୍ଷୀରେ ଏୟାରଷ୍ଟ୍ରିପର ବିକାଶ ଓ ସମ୍ପ୍ରସାରଣ ଜରୁରୀ ହୋଇପଡ଼ିଛି। ଅନ୍ୟପକ୍ଷେ ଜିଲାର ଏକାଧିକ ରାସ୍ତାରେ ଲୁହାପଥର ବୋଝେଇ ଟ୍ରକ ଚଳାଚଳ ଯୋଗୁ ଅସୁରକ୍ଷିତ ହୋଇପଡ଼ିଛି। ଏପରି ପରିସ୍ଥିତିରେ ଏୟାରଷ୍ଟ୍ରିପ ଅନେକଙ୍କ ପାଇଁ ଆପାତକାଳୀନ ସମୟରେ ଜରୁରୀ ହୋଇପଡ଼ିଛି। ହେଲେ ଦୀର୍ଘଦିନ ହେଲା ଉପରୋକ୍ତ ୨ ଏୟାରଷ୍ଟ୍ରିପ ଅଲୋଡ଼ା ହୋଇ ରହିଛି। ଖଣିଖାଦାନର ଚାହିଦା ବିଶ୍ୱ ବଜାରରେ ବୃଦ୍ଧି ପାଇବା ପରେ ଗତ ପ୍ରାୟ ୧୫ ବର୍ଷ ହେଲା ଉକ୍ତ ଏୟାରଷ୍ଟ୍ରିପର ଗୁରୁତ୍ୱ ବଢ଼ିଯାଇଛି। ହେଲେ ଝାରସୁଗୁଡ଼ା ବିମାନବନ୍ଦରକୁ ପୂର୍ଣ୍ଣକାର୍ଯ୍ୟକ୍ଷମ କରାଯାଇଥିବା ବେଳେ ଏହି ଏୟାରଷ୍ଟ୍ରିପ ଦ୍ୱୟକୁ ଅଣଦେଖା କରିବା ଜିଲାବାସୀଙ୍କୁ ବ୍ୟଥିତ କରିଛି। ଅନ୍ୟପକ୍ଷେ ଖଣି ଅଞ୍ଚଳରୁ ଭୁବନେଶ୍ୱରର ଦୂରତ୍ୱ ପ୍ରାୟ ୩୦୦ କିମି ଓ କେନ୍ଦୁଝରରୁ ଭୁବନେଶ୍ୱର ଦୂରତ୍ୱ ୨୩୦ କିମି। ଏଣୁ ଏୟାରଷ୍ଟ୍ରିପରେ ରୋଗୀ ଓ ଯାତ୍ରୀ ଯାତାୟାତ ସ୍ଥାନୀୟ ଲୋକଙ୍କ ପାଇଁ ବେଶ୍ ଉପଯୋଗୀ। ଏଣୁ ଉପରୋକ୍ତ ୨ ଏୟାରଷ୍ଟ୍ରିପର ସଂପ୍ରସାରଣ ଓ ବିକାଶ ହେଲେ ବହୁ ବିମାନ ଯାତାୟାତ କରିପାରିବ ଏବଂ ସରକାର ବହୁ ରାଜସ୍ୱ ପାଇପାରିବେ ବୋଲି ମତ ପ୍ରକାଶ ପାଉଛି।

– ନରେଶ ଚନ୍ଦ୍ର ପଟ୍ଟନାୟକ

## ଲାଞ୍ଚ ନେଇ ଧରା ପଡ଼ିଲେ କିରାଣି

ମହାକାଳପଡା(ଡି.ଏନ.ଏ.)/ କେନ୍ଦ୍ରାପଡ଼ା ଅଫିସ, ୨୪।୨

କେନ୍ଦ୍ରାପଡା ଜିଲା ମହାକାଳପଡା ତହସିଲର ବରିଷ୍ଠ କିରାଣି ଚନ୍ଦ୍ରକାନ୍ତ ହାଁସଦା ସୋମବାର ଜଣେ ବ୍ୟକ୍ତିଙ୍କ ଠାରୁ ଲାଞ୍ଚ ନେଉଥିବା ସମୟରେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ତାଙ୍କ ଠାରୁ ଭିଜିଲାନ୍ସ ବିଭାଗ ଡିଏସପି ସୁରେନ୍ଦ୍ର ନାଥ ରାୟଗୁରୁ ୧୦୦୦ ଟଙ୍କା ଜବତ କରିଛନ୍ତି। ପ୍ରକାଶ ଯେ, ମହାକାଳପଡା ବ୍ଲକ ଅଧୀନ ଅଳାଇଲ ପଞ୍ଚାୟତ ଓଳିଆ ନୀଳକଣ୍ଠପୁର ଗ୍ରାମର ଦିଲୀପ ପଟ୍ଟନାୟକଙ୍କର ବ୍ରେନ ହାମରେଜ ହୋଇଥିଲା। ଏହାର ଚିକିତ୍ସା ପାଇଁ ଆବେଦନ କରିବା ପରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୩୫ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ଏହି ଅର୍ଥ ପାଇବା ପାଇଁ ଦିଲୀପ ତହସିଲକୁ ଯାଇଥିବା ବେଳେ କିରାଣି ହାଁସଦା ଏଥିପାଇଁ ୧୦୦୦ ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ଦିଲୀପ ଭିଜିଲାନ୍ସ ବିଭାଗକୁ ଜଣାଇବା ପରେ ଚଢାଉ କରାଯାଇଥିଲା। ଏ ସମ୍ପର୍କରେ ଡିଏସପି ରାୟଗୁରୁ କହିଛନ୍ତି ଯେ, ହାଁସଦାଙ୍କ ନିକଟରୁ ଲାଞ୍ଚ ଅର୍ଥ ଜବତ ହୋଇଛି। ଏଥିସହ କାର୍ଯ୍ୟାଳୟରେ ଥିବା ୧୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ କରାଯାଇଛି। ଏହି ଟଙ୍କାରୁ ପ୍ରାୟ ୧୧ ଲକ୍ଷ ଟଙ୍କାର ସରକାରୀ ହିସାବ ମିଳୁଥିବା ବେଳେ ଅବଶିଷ୍ଟ ଟଙ୍କା ସମ୍ପର୍କରେ କୌଣସି ତଥ୍ୟ ମିଳିନାହିଁ। ଏହି ଘଟଣାରେ ହାଁସଦାଙ୍କ ବାସଭବନ ଓ ଅନ୍ୟ ସମ୍ପର୍କୀୟଙ୍କ ଘର ଚଢାଉ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ଚଢ଼ାଉ ସମୟରେ ତହସିଲଦାର ସୁବ୍ରତ ବେହେରା ଓ ଭିଜିଲାନ୍ସ ବିଭାଗ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ନିଲାମ ଖଣିର ଜଙ୍ଗଲ ଅନୁମତି ନେଇ ହୋଇନାହିଁ ଆବେଦନ

ଭୁବନେଶ୍ୱର,୨୪।୨(ବ୍ୟୁରୋ)

ନିକଟରେ ନିଲାମ ହୋଇଥିବା କୌଣସି ଖଣିର ଜଙ୍ଗଲ ଅନୁମତି ସକାଶେ ରାଜ୍ୟ ସରକାର ଆବେଦନ କରିନାହାନ୍ତି। ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ସୋମବାର ବିଧାନସଭାରେ ଏନେଇ ଲିଖିତ ଉତ୍ତର ପ୍ରଦାନ କରିଛନ୍ତି। ବିଜେଡି ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଅଣତାରକା ପ୍ରଶ୍ନ ନଂ.୧୦୨୮ର ଉତ୍ତର ଦେଇ ମନ୍ତ୍ରୀ ଏହା କହିଛନ୍ତି। ଇତିମଧ୍ୟରେ ରାଜ୍ୟ ସରକାର ନିଲାମ ଜରିଆରେ ୧୯ ଖଣିର ନିଲାମୀ କରିସାରିଛନ୍ତି। ଏହାକୁ ବାଦ୍ ଦେଇ ରାଜ୍ୟ ସରକାର ୭ଟି ନୂଆ ଖଣି ମଧ୍ୟ ନିଲାମ କରିଛନ୍ତି। ଏହି ଖଣିଗୁଡ଼ିକ ହେଉଛି– ସୁନ୍ଦରଗଡ଼ ଜିଲାର ଗୋରବୁରହାନୀ ସଗସାହ, ନେତ୍ରବନ୍ଧ ପାହାଡ଼ ଲୁହାପଥର ଖଣି, ଖାଟକୁର ବାହାଲର ଲାଇମ୍‌ଷ୍ଟୋନ୍ ଏବଂ କଳାମାଙ୍ଗ ପଶ୍ଚିମ(ଉତ୍ତରଭାଗ)ସ୍ଥିତ ଲୁହାପଥର ଖଣି ମାଲକାନଗିରିର କୋଟାମେଟ୍ଟା ଲାଇମ୍‌ଷ୍ଟୋନ୍ ଖଣି, କେନ୍ଦୁଝରର ଲର୍ସଦା ପାଟେରିମାଙ୍ଗାନିଜ୍ ବ୍ଲକ ଏବଂ ରାୟଗଡା ଜଗଦଳପୁର ଗ୍ରାଫାଇଟ୍ ବ୍ଲକ।

# ଅଜୟ ପାଇବେ କେନ୍ଦ୍ର ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାର

ଭୁବନେଶ୍ୱର,୨୪।୨(ବ୍ୟୁରୋ)



ପ୍ରଫେସର ଅଜୟ କୁମାର ପଟ୍ଟନାୟକ




ଅବସରପ୍ରାପ୍ତ ହିନ୍ଦୀ ପ୍ରଫେସର ଅଜୟ କୁମାର ପଟ୍ଟନାୟକ ୨୦୧୯ ବର୍ଷ ପାଇଁ ଓଡ଼ିଶାରୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ତାଙ୍କ ଦ୍ୱାରା ଅନୂଦିତ ଓଡ଼ିଆ ପୁସ୍ତକ 'ଶ୍ରେଷ୍ଠ ହିନ୍ଦୀ ଗଳ୍ପ' ପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରତିବର୍ଷ ପ୍ରଦାନ କରାଯାଉଥିବା ଅନୁବାଦ ପୁରସ୍କାର ପାଇବେ। ସୋମବାର ନୂଆଦିଲ୍ଲୀଠାରେ ଏକାଡେମୀ ସଭାପତି ଡ. ଚନ୍ଦ୍ରଶେଖର କମ୍ବରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକାରୀ ପରିଷଦ ବୈଠକରେ ଏନେଇ ବିଧିବଦ୍ଧ ଘୋଷଣା କରାଯାଇଛି। ମୋଟ ୨୩ ଭାଷାରେ ଏହି ପୁରସ୍କାର ଘୋଷଣା କରାଯାଇଥିବା ବେଳେ ଅଜୟଙ୍କ ପୁସ୍ତକ 'ଶ୍ରେଷ୍ଠ ହିନ୍ଦୀ ଗଳ୍ପ' ରେ ବଛା ବଛା ଶ୍ରେଷ୍ଠ ୨୫ଟି ହିନ୍ଦୀରୁ ଓଡ଼ିଆ ଅନୂଦିତ ଗଳ୍ପ ରହିଛି।

ଗଞ୍ଜାମ ଜିଲା ଭଞ୍ଜନଗର ଅନ୍ତର୍ଗତ ଗାମୁଣ୍ଡି ଗ୍ରାମରେ ୧୯୪୯ ଜୁନ୍ ୫ରେ ଜନ୍ମଗ୍ରହଣ କରିଥିଲେ ଅଜୟ। ସେ ଆଲ୍ଲାହାବାଦ ବିଶ୍ୱବିଦ୍ୟାଳୟରୁ ହିନ୍ଦୀରେ ସ୍ନାତକୋତ୍ତର ଏବଂ ଡି.ଫିଲ୍ କରିବା ପରେ ୧୯୭୪ରୁ ୨୦୦୭ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସରକାରୀ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା କରି ଅବସର ଗ୍ରହଣ କରିଛନ୍ତି। ଏହାମଧ୍ୟରେ ସେ ୪୦ରୁ ଊର୍ଦ୍ଧ୍ୱ ପୁସ୍ତକ ଲେଖିଥିବାବେଳେ ଓଡ଼ିଆରୁ ହିନ୍ଦୀ ଏବଂ ହିନ୍ଦୀରୁ ଓଡ଼ିଆକୁ ଅନେକ ପୁସ୍ତକ ଅନୁବାଦ କରିଛନ୍ତି। କେବଳ ଏତିକି ନୁହେଁ, ମରାଠୀ ପୁସ୍ତକ 'ବନଗରବାଡୀ' ସମେତ ରମାନାଥ ତ୍ରିପାଠୀଙ୍କ 'ଶଙ୍ଖା-ସିନ୍ଦୂର', ନରେନ୍ଦ୍ର କୋହଲିଙ୍କ 'ଦୀକ୍ଷା', ମାଲିକ ମହମ୍ମଦ ଜୟସୀଙ୍କ ଆତ୍ମଜୀବନୀ 'ଜାୟସୀ', ନିରାଲାଙ୍କ ଉପନ୍ୟାସ 'ବିଲ୍ଲେସୁର୍ ଛେଲିଆ' ଭଳି ବହୁ ପୁସ୍ତକକୁ ହିନ୍ଦୀରୁ ଓଡ଼ିଆକୁ ଅନୁବାଦ କରିଛନ୍ତି। ସେହିଭଳି 'ମନୋଜ ଦାସକୃତ କହାନୀ ସଂଗ୍ରହ' ଓ 'ପ୍ରଭଞ୍ଜନ', ରବି ରାୟଙ୍କ ଆତ୍ମଜୀବନୀ 'ଅନ୍ୱେଷା କା ଆକାଶ', ନୃସିଂହ ପ୍ରସାଦ ତ୍ରିପାଠୀଙ୍କ 'ମୁରଲୀ ସାହୁ କା ଦିନ', ପ୍ରତିଭା ରାୟଙ୍କ 'ପୁଣ୍ୟତୋୟା', ସାତକଡ଼ି ହୋତାଙ୍କ 'ନୀଲାଚଲ କୋ ରାସ୍ତା', ସୁସ୍ମିତା ବାଗ୍‌ଚୀଙ୍କ 'ଦେବଶିଶୁ' ଓ ମନୋରମା ମହାପାତ୍ରଙ୍କ 'ବନ୍ଦ ଘର୍ କା କିବାଡ଼' ଆଦି ତାଙ୍କର କେତୋଟି ହିନ୍ଦୀ ଅନୂଦିତ ପୁସ୍ତକ। ଏହାବ୍ୟତୀତ ହିନ୍ଦୀରେ ସେ ଅନେକ ଆଲୋଚନା ପୁସ୍ତକ ଓ ହିନ୍ଦୀ ସାହିତ୍ୟର ଇତିହାସ ମଧ୍ୟ ଲେଖିଛନ୍ତି। ତେବେ 'ଶ୍ରେଷ୍ଠ ହିନ୍ଦୀ ଗଳ୍ପ'ରେ ମୋଟ ୨୫ ଗଳ୍ପ ରହିଥିବାବେଳେ ଚନ୍ଦ୍ରଶର୍ମା ଗୁଲେରୀଙ୍କ ଲୋକପ୍ରିୟ ଗଳ୍ପ 'ଉସନେ କହାଥା'ର ଅନୁବାଦ 'ସେ କହିଥିଲା', ରାଜା ରାଧିକା ରମଣ ସିଂହ, ଜୟଙ୍କର ପ୍ରସାଦ, ପ୍ରେମଚାନ୍ଦ, ବିଶ୍ୱମ୍ଭର ଶର୍ମା, ରାଧାକୃଷ୍ଣ, ଭଗବତୀ ପ୍ରସାଦ ବାଜପେୟୀ, ପାଣ୍ଡେୟ ବଚନ ଶର୍ମା, ଚତୁରସେନ ଶାସ୍ତ୍ରୀ, ଯଶ ପାଲ, ବୃନ୍ଦାବନଲାଲ ବର୍ମା, ଜୈନେନ୍ଦ୍ର କୁମାର, ଭଗବତୀ ଚରଣ ବର୍ମା, ଆଚାର୍ଯ୍ୟ ସୁଦର୍ଶନ, ରାଙ୍ଗେୟ ରାଘବ ଆଦିଙ୍କ ଗଳ୍ପ ରହିଛି। ହିନ୍ଦୀ ଏବଂ ଓଡ଼ିଆ ସାହିତ୍ୟକୁ ବିଶେଷ ଅବଦାନ ଲାଗି ସେ ୧୫ରୁ ଊର୍ଦ୍ଧ୍ୱ ପୁରସ୍କାର ପାଇଥିବାବେଳେ ଏହା ମଧ୍ୟରେ ହିନ୍ଦୀସେବୀ ସମ୍ମାନ, ରାଜଭାଷା ସମ୍ମାନ, ସୌହାର୍ଦ୍ଦ୍ୟ ସମ୍ମାନ, ଗଙ୍ଗାଶରଣ ସିଂହ ପୁରସ୍କାର, ବିଶ୍ୱ ହିନ୍ଦୀ ସମ୍ମାନ, ପ୍ରଫୁଲ୍ଲ ଦାସ ଅନୁବାଦ ସାହିତ୍ୟ ପୁରସ୍କାର ଆଦି ରହିଛି।

କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପକ୍ଷରୁ ଏକ ସ୍ୱତନ୍ତ୍ର ଉତ୍ସବର ଆୟୋଜନ କରାଯାଇ ମନୋନୀତ ୨୩ ଅନୁବାଦକଙ୍କୁ ପୁରସ୍କୃତ କରାଯିବ। ପ୍ରତ୍ୟେକଙ୍କୁ ୫୦ ହଜାର ଟଙ୍କାର ଅର୍ଥରାଶି ସହ ମାନପତ୍ର ଏବଂ ଉପଢୌକନ ଦିଆଯିବ। ୨୦୧୯ ଅନୁବାଦ ପୁରସ୍କାର ବିଚାରକ ମଣ୍ଡଳୀରେ ଓଡ଼ିଆ ବିଭାଗରେ ବରିଷ୍ଠ ସାହିତ୍ୟିକ ରବୀନ୍ଦ୍ର କୁମାର ପ୍ରହରାଜ, ଅମୀୟବାଳା ପଟ୍ଟନାୟକ ଏବଂ ଡ. ସୂର୍ଯ୍ୟମଣି ଖୁଣ୍ଟିଆ ସଦସ୍ୟ ରହିଥିଲେ।

ମାନବୀୟ ପ୍ରଗତିର ପୂର୍ଣ୍ଣାଙ୍ଗ ପରିଣତି ପାଇଁ ମନୁଷ୍ୟ ପକ୍ଷରେ ୟୁରୋପୀୟ ସଭ୍ୟତାର ମାନସିକ, ପ୍ରାଣିକ ଓ ଶାରୀରିକ ଉତ୍କର୍ଷର ଗୁରୁତ୍ୱ ଏବଂ ଭାରତୀୟ ସଭ୍ୟତାର ଆଧ୍ୟାତ୍ମିକ ଓ ନୈତିକ ବିକାଶର ପ୍ରେରଣା- ଉଭୟବିଧ ପ୍ରବୃତ୍ତିର ସମ୍ୟକ ଆବଶ୍ୟକତା ରହିଅଛି।

-ଶ୍ରୀଅରବିନ୍ଦ

# ଭାରତ ଅଡୁଆରେ

ଗୁଜରାଟର ମୋଟେରା ଷ୍ଟାଡିୟମ୍‌ରେ 'ନମସ୍ତେ ଟ୍ରମ୍ପ୍' କାର୍ଯ୍ୟକ୍ରମରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତକୁ ପ୍ରଥମେ ଏକ ସମୃଦ୍ଧ ରାଷ୍ଟ୍ର କହି ଉଦ୍‌ବୋଧନ ଦେଇଥିଲେ। ପରବର୍ତ୍ତୀ ସମୟରେ ଏଠାରେ ଉତ୍କଟ ଦାରିଦ୍ର୍ୟ ଥିବା ବିଷୟ ଉଲ୍ଲେଖ କରିଥିଲେ। ଆସନ୍ତା ୧୦ ବର୍ଷ ମଧ୍ୟରେ ଏହା ଦୂରୀକରଣ ହୋଇପାରିବ ବୋଲି ଟ୍ରମ୍ପ୍ କହିବା ପରେ ତାଙ୍କ କଥା ଓଲଟପାଲଟ ହେଉଥିବା ଜଣାପଡୁଛି। କାରଣ ଗତ ସପ୍ତାହରେ ଟ୍ରମ୍ପ୍ ପ୍ରଶାସନ ଅଧୀନ ଆମେରିକା ବାଣିଜ୍ୟ ପ୍ରତିନିଧି କାର୍ଯ୍ୟାଳୟ ପକ୍ଷରୁ ଏକ ବିଜ୍ଞପ୍ତି ଜରିଆରେ ଜଣାଇ ଦିଆଯାଇଥିଲା ଯେ, ଭାରତ ଦ୍ରୁତଗତିରେ ଅଭିବୃଦ୍ଧି କରୁଥିବାରୁ ଏହା ବିକାଶଶୀଳ ରାଷ୍ଟ୍ର ତାଲିକାରୁ ବାଦ୍‌ପଡ଼ିଲା। ଅର୍ଥାତ୍ ଏଣିକି ଭାରତ ଏକ ବିକଶିତ ରାଷ୍ଟ୍ର ଭାବେ ଆମେରିକା ସହ ବାଣିଜ୍ୟିକ କାରବାର କରିବ। ଏହି ଦୁଇଟି କଥାକୁ ତର୍ଜମା କଲେ ଭାରତ ପ୍ରତି ଟ୍ରମ୍ପ୍‌ଙ୍କ କିଭଳି ମନୋଭାବ ରହିଛି ବୁଝାପଡ଼ିଯାଉଛି। ଗୋଟିଏ ପଟେ ସେ ଭାରତର ଦାରିଦ୍ର୍ୟକୁ ବ୍ୟକ୍ତିଗତ ଭାବେ ଦର୍ଶାଉଥିବା ବେଳେ ତାଙ୍କ ଅଧୀନରେ ଚାଲିଥିବା ଆମେରିକା ସରକାରର ନୀତି ମାଧ୍ୟମରେ ଭାରତକୁ ଭିନ୍ନ ଦୃଷ୍ଟିରେ ଦେଖୁଛନ୍ତି। ବିକାଶଶୀଳ ଦେଶରୁ ଭାରତକୁ ବିକଶିତ ରାଷ୍ଟ୍ର ମାନ୍ୟତା ଦିଆଯିବା ପଛରେ ଆମେରିକା ଯେଉଁ ଆର୍ଥିକ ସହାୟତା ଓ ବାଣିଜ୍ୟିକ ରିହାତି ଦେଇ ଆସୁଥିଲା ତାହା ବସ୍ତୁତଃ ବନ୍ଦ ହେବା ନିଶ୍ଚିତ ହୋଇଯାଇଛି।

'ନମସ୍ତେ ଟ୍ରମ୍ପ୍' କାର୍ଯ୍ୟକ୍ରମରେ ଟ୍ରମ୍ପ୍ ପାକିସ୍ତାନ ସପକ୍ଷରେ ଯେଉଁ ମନ୍ତବ୍ୟ ରଖିଛନ୍ତି, ସେଥିରୁ ତାଙ୍କର କୂଟନୈତିକ ଆଭିମୁଖ୍ୟ ବୁଝାପଡୁଛି। ଟ୍ରମ୍ପ୍ ଭାରତ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଶଂସା କଲେ। ତତ୍‌ସହିତ ପାକିସ୍ତାନକୁ ମଧ୍ୟ ପ୍ରଶଂସା କରି କହିଲେ ଇସ୍‌ଲାମାବାଦ ସହ ଆମେରିକାର ସମ୍ପର୍କ ଉତ୍ତମ। ଟ୍ରମ୍ପ୍‌ଙ୍କ ଏଭଳି ମନ୍ତବ୍ୟ ଭାରତୀୟ ଆଭ୍ୟନ୍ତରୀଣ ରାଜନୀତିକୁ ମଧ୍ୟ ପ୍ରଭାବିତ କରିବ। ଭାରତ ସରକାରଙ୍କ ବିଭିନ୍ନ ମନ୍ତବ୍ୟରେ ପାକିସ୍ତାନକୁ ଯେଉଁଭଳି ଆକ୍ରମଣ କରାଯାଉଛି, ତାହା ଏବେ ଟ୍ରମ୍ପ୍‌ଙ୍କ ମନ୍ତବ୍ୟ ପରେ ଭିନ୍ନ ରୂପ ନେଇପାରେ। କହିବାକୁ ଗଲେ ଭାରତ ମାଟିରେ ଏବଂ ବିଶେଷକରି ମୋଦିଙ୍କ ଗୁଜରାଟରେ ଅତିଥି ଭାବେ ଟ୍ରମ୍ପ୍‌ଙ୍କ ପାକିସ୍ତାନ ସପକ୍ଷବାଦୀ ମନ୍ତବ୍ୟ ଭାରତ ପାଇଁ ଚେତାବନୀ ହୋଇପାରେ। ଯେଉଁ ଆମେରିକୀୟ ଡଲାର ପାଇଁ ଭାରତ ସରକାର ନସରପସର ହେଉଛନ୍ତି, ସେହି ଡଲାର ଧରି ଆମେରିକା ଏବେ ପାକିସ୍ତାନକୁ ପ୍ରଶଂସା କରୁଛି। ଆମେରିକାର ପାକିସ୍ତାନ ସପକ୍ଷବାଦୀ ନୀତି ନୂଆ ନୁହେଁ । କିନ୍ତୁ ଗୋଟିଏ ପଟେ ଭାରତରେ କ୍ଷମତାସୀନ ଭାଜପା ନେତାମାନେ ଯେତେବେଳେ ଖୋଲାଖୋଲି ବିରୋଧୀଙ୍କୁ ପାକିସ୍ତାନ ଯାଅ ବୋଲି କହୁଛନ୍ତି, ସେତେବେଳେ ଟ୍ରମ୍ପ୍‌ଙ୍କ ଏହି ମନ୍ତବ୍ୟ ଆମ ଦେଶର ନୀତିକୁ ବଦଳାଇପାରେ। ଆଭ୍ୟନ୍ତରୀଣ ବିଷୟରେ କୌଣସି ବିଦେଶୀ ନେତା ସାଧାରଣରେ ମତ ଦିଅନ୍ତି ନାହିଁ। କିନ୍ତୁ ଭାରତରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧୀ ଆନ୍ଦୋଳନ ତେଜୁଥିବା ବେଳେ ଏଭଳି ମନ୍ତବ୍ୟ ଗୁରୁତ୍ୱ ଧାରଣ କରୁଛି। ଏହି ସମୟରେ ଟ୍ରମ୍ପ୍‌ଙ୍କୁ ଭାରତକୁ ନିମନ୍ତ୍ରଣ କରିବା ପଛରେ ମୋଦିଙ୍କ ସକ୍ରିୟ ଭୂମିକା ରହିଛି। ସମ୍ଭବତଃ ମୋଦି ଭାବିଥିଲେ ଆମେରିକା ରାଷ୍ଟ୍ରପତି ତାଙ୍କ ନିର୍ବାଚନ ପୂର୍ବରୁ ଏଭଳି ସୁଯୋଗ ପାଇଲେ ଟ୍ରମ୍ପ୍ ତାହାର ଲାଭ ଉଠାଇ ଭାରତ ସପକ୍ଷରେ ମତ ଦେବେ। ଭାରତୀୟ ରାଜନୈତିକ ହିସାବରେ ଏଭଳି ପରିସ୍ଥିତି ମିଳିଲେ ନେତାମାନେ ଅନେକ ପ୍ରତିଶ୍ରୁତି ଦେଇଥାଆନ୍ତି। ସେଥିପାଇଁ ହୁଏତ ଆମେରିକାରେ ବସବାସ କରୁଥିବା ଅନେକ ଲକ୍ଷ ଭାରତୀୟ ସେଠାରେ ଟ୍ରମ୍ପ୍‌ଙ୍କୁ ଭୋଟ ଦେଇଥାଆନ୍ତେ। କିନ୍ତୁ ଦୁଃଖର ବିଷୟ, ଆମେରିକାରେ ସେହି ଧରଣର ରାଜନୀତି କରାଯାଏ ନାହିଁ। ବିଶେଷକରି ଟ୍ରମ୍ପ୍‌ଙ୍କ ଭଳି ରାଷ୍ଟ୍ରପତି ମିଛ ପ୍ରତିଶ୍ରୁତି ଦେଇଥିବାର ନଜିର ନାହିଁ। ଏହା ସତ୍ୟ ଯେ, ଆମେରିକାରେ ଟ୍ରମ୍ପ୍ ବିରୋଧୀ ଗୋଷ୍ଠୀ ଯଥେଷ୍ଟ ଶକ୍ତିଶାଳୀ ହେଲେଣି। ସେମାନେ ତାଙ୍କର ମେକ୍ସିକୋ ପାଚେରି ଭଳି ଅନେକ କାର୍ଯ୍ୟକୁ ବିରୋଧ କରନ୍ତି। ନିର୍ବାଚନ ପୂର୍ବରୁ ମେକ୍ସିକୋ ପାଚେରି ତିଆରି କରିବେ ବୋଲି ଦେଇଥିବା ପ୍ରତିଶ୍ରୁତିକୁ ଟ୍ରମ୍ପ୍ ପାଳନ କଲା ବେଳକୁ ସିନେଟ୍‌ରେ ତାହାର ବିରୋଧ ହୋଇଥିଲା। ସେଥିପାଇଁ ଅନେକ ଦିନ ପର୍ଯ୍ୟନ୍ତ ଟ୍ରମ୍ପ୍‌ଙ୍କ ଦ୍ୱାରା ସରକାର ଅଚଳ କରିଦିଆଯାଇଥିଲା। ସେହିଭଳି ଚାଇନାର ଅର୍ଥନୈତିକ ଶକ୍ତିକୁ ହ୍ରାସ କରିବେ ବୋଲି ଟ୍ରମ୍ପ୍ କହିଥିବା କଥାର କାର୍ଯ୍ୟକାରିତା ସମଗ୍ର ପୃଥିବୀ ଦେଖିଲା।

ବିଶ୍ୱବାସୀ ଜାଣିଛନ୍ତି ଟ୍ରମ୍ପ୍ ଜଣେ ଏକଜିଦିଆ ବ୍ୟକ୍ତି। ଯାହା ମନକୁ ଆସେ ତତ୍‌କ୍ଷଣାତ୍ ନିଷ୍ପତ୍ତି ନେଇଥାଆନ୍ତି। ସମସ୍ତଙ୍କ ମନେଥିବ ଟ୍ରମ୍ପ୍ କ୍ଷମତାକୁ ଆସିବା ପରଠାରୁ ଭାରତ ଓ ପାକିସ୍ତାନ ମଧ୍ୟରେ ମଧ୍ୟସ୍ଥତା କରିବାକୁ ବାରମ୍ବାର ପ୍ରସ୍ତାବ ଦେଇଛନ୍ତି। କଶ୍ମୀର ସମସ୍ୟା ଉପରେ ତାଙ୍କ ପ୍ରଶାସନର ନଜର ରହିଛି ବୋଲି କହିଛନ୍ତି। ଭାରତରେ ଦେଖାଦେଇଥିବା ଧର୍ମୀୟ ଅସହିଷ୍ଣୁତା ବିଷୟରେ ମଧ୍ୟ ଆମେରିକାର କେତେକ ସଙ୍ଗଠନ ଅତୀତରେ ଟିପ୍ପଣୀ ଦେଇଥିଲେ। ଏହି ପ୍ରଚ୍ଛଦପଟରେ ମୋଦିଙ୍କ ଉପସ୍ଥିତିରେ ଗୁଜରାଟରେ ଛିଡ଼ା ହୋଇ ଟ୍ରମ୍ପ୍ ଦେଇଥିବା ପାକିସ୍ତାନ ସପକ୍ଷ ମତ ଭାରତକୁ ଅଡୁଆରେ ପକାଇଛି।

## ଚିରନ୍ତନୀ

ବିଶ୍ୱର ତରଙ୍ଗେ ଭାସି
ଅଭାବର ରାଶି ରାଶି
ଜମିଅଛି କେତେ ଶତ ମୋର ଏ ଅନ୍ତରେ,
ନିବିଡ଼ ସେ ଆଲିଙ୍ଗନେ
ଉଠିବ ପୂରି ସଘନେ
ନୀରବ ନିଭୃତ ଏହି ନିଶୀଥ ରାତ୍ରରେ।

(ଆଶ୍ଳେଷ ସ୍ୱର୍ଗ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | | | | 9 | | 0 | | 1 | D | | | C | | |
| | 7 | 9 | D | | 1 | | A | | | | 4 | | | 5 |
| | | 8 | | 5 | 0 | | 6 | | | | 3 | 9 | | E |
| D | | C | | | | | 8 | | E | | | 6 | | A |
| | | | | | | 7 | | D | | C | | | | |
| | | 4 | | | | C | | | 8 | | | 1 | 3 | |
| | | 1 | 9 | | E | | 0 | 7 | | | | 4 | | |
| 7 | | | | | | 8 | | | | | | | | C |
| C | 5 | | 0 | | | | | | | 3 | A | | 8 | 2 |
| | 6 | | 5 | | | 4 | 9 | | | 2 | 7 | E | | |
| | A | 2 | 6 | | | | | 0 | C | | | 8 | | |
| | | | | | | | C | 6 | | E | B | 5 | | 3 |
| | | | | | | | 7 | | | | | | 9 | 4 |
| | D | | | B | | | | | | 9 | 1 | 0 | | |
| 0 | 1 | | E | 8 | 2 | | | | | 5 | | A | | B |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | A | 9 | 6 | 4 | 2 | D | B | 8 | E | 0 | C | 1 | 3 | 5 |
| 0 | D | 2 | 7 | 5 | C | A | 3 | 1 | 8 | B | 9 | 4 | E | 6 |
| C | 4 | 5 | 0 | A | 1 | E | 6 | 2 | 7 | 3 | D | 9 | 8 | B |
| 8 | 6 | 3 | E | B | 9 | 4 | 5 | C | A | 1 | 2 | 7 | D | 0 |
| E | 1 | B | D | 8 | 3 | 9 | 7 | 0 | 5 | 6 | 4 | A | C | 2 |
| 9 | C | 4 | 1 | 2 | B | 7 | E | 6 | 0 | 5 | 8 | 3 | A | D |
| A | 2 | 1 | 4 | 9 | E | 5 | 0 | B | D | C | 3 | 6 | 7 | 8 |
| 3 | 0 | 8 | 5 | 7 | 6 | 2 | C | D | 4 | A | E | B | 1 | 9 |
| D | B | 7 | 8 | C | A | 1 | 4 | 3 | 2 | 9 | 6 | 0 | 5 | E |
| 6 | 5 | E | 3 | D | 0 | 8 | A | 9 | B | 7 | 1 | 2 | 4 | C |
| 2 | 9 | D | B | 0 | 8 | 3 | 1 | 5 | C | 4 | 7 | E | 6 | A |
| 4 | 8 | 0 | A | 3 | 7 | B | D | E | 6 | 2 | 5 | C | 9 | 1 |
| B | 7 | A | C | 1 | 5 | 6 | 8 | 4 | 9 | E | 0 | D | 2 | 3 |
| 1 | E | C | 2 | 6 | D | 0 | 9 | 7 | 3 | 8 | A | 5 | B | 4 |
| 5 | 3 | 6 | 9 | E | 4 | C | 2 | A | 1 | D | B | 8 | 0 | 7 |

ଗତକାଲିର ଉତ୍ତର

# ଜୀବନର ମୂଲ୍ୟ କ'ଣ ଦୁଇଲକ୍ଷ ଟଙ୍କା



ସହଦେବ ସାହୁ

ସାଧାରଣ ଓଡିଆଟିଏ ମରିଗଲେ ସରକାରଙ୍କର କିଛି ଦୁଃଖ ନାହିଁ। ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠି ତ ଅଛି! ଓଡିଆର ଜୀବନ ବଡ଼ ଶସ୍ତା। ମାତ୍ର ଦୁଇ ଲକ୍ଷ ଟଙ୍କା। ଫେବୃୟାରୀ ୯ ତାରିଖ ଦିନ ଗଞ୍ଜାମ ଜିଲାରେ ୧୧ କେ.ଭି. ବିଜୁଳି ତାର ସଂସ୍ପର୍ଶରେ ଆସି ବରଯାତ୍ରୀମାନେ ଯାଉଥିବା ବସ୍‌ରେ ୧୦ ଜଣଙ୍କ ମୃତ୍ୟୁ ଘଟିଛି, ଓଡିଶା ସରକାର ଜଣପିଛା ୨ ଲକ୍ଷ ଲେଖାଏ ଟଙ୍କା ଦେବେ ଘୋଷଣା କରିଦେଲେ। ନିକଟତମ ସମ୍ପର୍କୀୟମାନେ ଏ ପଇସା ପାଇବେ ଶୁଣି ସେମାନେ ତ ଖୋଲାଜାଗାରେ କାନ୍ଦିବା ବନ୍ଦ କରିଦେଲେ। ପରିବାର ବାହାରର ଲୋକେ ଭାବିଲେ ସରକାର ଲୋକଙ୍କ ଦୁଃଖ ବୁଝୁଛନ୍ତି। ୫ 'ଟି'ର ସରକାରଙ୍କ ପାଖରେ ଦୁଇଟି 'ଟି' ହେଉଛି ଟ୍ରାନ୍ସଫର୍ମେସନ୍ ଓ ଟାଇମ୍। ବ୍ୟବସ୍ଥା ବଦଳିବ, ଆଉ ଯଥା ସମୟରେ ପାଉଣା ମିଳିଯିବ। ଘୋଷଣା ଓ ପାଇବା ଭିତରେ ଥିବା ଟି, ଅର୍ଥାତ୍ ମୃତକର ସମ୍ପର୍କୀୟ କେବେ ପାଇବ ଓ ତା' ପାଇଁ କେତେ ହାତଗୁଞ୍ଜା ବା ମଧ୍ୟସ୍ଥ ବଟି ଦେବ ସିଏ ଜାଣେ। ବହୁତ ଝଞ୍ଜଟ ଓ ବିଭାଗୀୟ କଳିତକରାଳ ଭିତରେ ଆଉ ଗୋଟିଏ 'ଟି' ଟ୍ରାନ୍ସପରେନ୍ସି ବା ସ୍ୱଚ୍ଛତା ବି ମାଡ ଖାଇବ।

ବ୍ୟବସ୍ଥା ବଦଳିବା ବା ଟ୍ରାନ୍ସଫର୍ମେସନ୍ କାହିଁ? ପରସ୍ପରକୁ ଦୋଷଦେବା ଯାହାକୁ ଇଂଲିଶରେ କହନ୍ତି ପାସିଂ ଦି ବକ୍, ତା' ସରିଲେ ତ! ନିର୍ବନ୍ଧକୁ ଯାଉଥିବା ଯାତ୍ରୀମାନେ ଯେଉଁ ବସ୍‌ରେ ଥିଲେ ସେ ବସ୍ ଯାଉଥିବା ରାସ୍ତା ଉପରେ ଗୋଟିଏ ଜୀବନ୍ତ ତାର ତଳକୁ ନଇଁ ଆସିଥିଲା। ନଇଁ ଆସିବାର କାରଣ ଖୋଜାଗଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ଦାୟୀ କାରଣ ଗାଁ ରାସ୍ତା ତାଙ୍କର। ପରିବହନ ବିଭାଗ ଦାୟୀ କାରଣ ବସ୍ ଚାଲିବା ସେ ଦେଖନ୍ତି ଓ ଚାଳକର ଲାଇସେନ୍ସ ଦେଖନ୍ତି। ବିଜୁଳି ବିଭାଗ ଦାୟୀ କାରଣ ସେ ବିଜୁଳି ଯୋଗାଣର ଭିତ୍ତିଭୂମି ଦେଖନ୍ତି। ବିଜୁଳି ବିତରଣ କମ୍ପାନୀ ବା ସାଉଥ୍‌କୋ ଦାୟୀ କାରଣ ସେ ତାର ଟଣା ଦେଖନ୍ତି। କଣ୍ଟ୍ରାକ୍ଟର ଦାୟୀ କାରଣ ସେ ତାର ଟଣା କାମ ନେଇଥିଲା। ଯେଉଁ ଜୁନିୟର ବା ସେକ୍ସନ ଅଫିସର୍ କଣ୍ଟ୍ରାକ୍ଟରର ବିଲ୍ ପାସ୍ କରିବା ପାଇଁ ସୁପାରିସ୍ କରିଥିଲା ତା'ର ତନଖି କରିବାରେ ଅବହେଳା ପାଇଁ ସେ ଦାୟୀ। କାହାର ଅଣଦେଖାରୁ ତାର ନଇଁ ଆସି ଚଳନ୍ତା ବସ୍‌ରେ ଲାଗିଲା ସେ ବିଷୟରେ ତର୍କ ଚାଲିଲା। କେଉଁ ଠିକାଦାର ଏବଂ ତାକୁ ତନଖି କରୁଥିବା କେଉଁ ଅଧିକାରୀ ତାରର ଉଚ୍ଚତା ଦେଖି ନ ଥିଲେ ଏବଂ ୧୧ କେ.ଭି. ଉଚ୍ଚ କ୍ଷମତାସମ୍ପନ୍ନ ତାର ତଳେ କାହିଁକି ସୁରକ୍ଷା-ଜାଲି ନ ଦେଲେ, ସେଗୁଡିକ ତ ଆମେ ଭୁଲିଗଲେ। ଲୋକଙ୍କୁ ସାମୟିକ ଭାବେ ଆନ୍ଦୋଳନରୁ ନିବୃତ୍ତ କରିବା ଲାଗି ଗୋଟିଏ କାମ କରାଗଲା- ଘୋଷଣା।

ଗୋଟିଏ ଘୋଷଣା ହେଲା ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ମୃତକଙ୍କ ପିଛା ଦୁଇ ଲକ୍ଷ ଟଙ୍କା ଏକ୍ସଗ୍ରାସିଆ (ଦୟାପ୍ରଦର୍ଶନକାରୀ) ଟଙ୍କା ଦିଆଯିବାର (ଦିଆଗଲା ନୁହେଁ, ଅର୍ଥାତ୍ ଡାଇରେକ୍ଟ ଡେବିଟ୍ ନୁହେଁ) ଏବଂ ଆଉ ଗୋଟିଏ ଘୋଷଣା ହେଲା ଶକ୍ତିମନ୍ତ୍ରୀ ୪ଜଣ ଇଞ୍ଜିନିୟରଙ୍କୁ ନିଲମ୍ବନ କରିଦେଲେ। ଇନ୍‌କ୍ୱାରି ହେବ ବୋଲି କହି ନିଲମ୍ବନ କରାଗଲେ ସେ ନିଲମ୍ବନ ଶାସ୍ତି ନୁହେଁ। ଗାଁ ଭିତରେ ହେଉ ବା ରାସ୍ତା ଉପରେ ତାର ଓହଳି ପଡି ରହିବା ଏକ ଗର୍ହିତ କାର୍ଯ୍ୟ, ତେଣୁ ଅବହେଳା କରିଥିବା ଅଧିକାରୀ ଉପରେ ତତ୍‌କ୍ଷଣାତ୍ ଦଣ୍ଡ ନ ହେଲେ ଏଭଳି ଗର୍ହିତତା ବନ୍ଦ ହେବ ନାହିଁ, ଆଇପିସି (ଭାରତୀୟ ପିଙ୍ଗଳ ସଂହିତା) ଅନୁଯାୟୀ ସେ ତ ମୃତ୍ୟୁରେ ସହଯୋଗ (ଆବେଟ୍) କରିଛି। ସେମିତି ଆଇପିସି ଧାରା ଲଗାଇ ମାମଲା ରୁଜୁ କଲେ କର୍ମଚାରୀମାନେ ତାଙ୍କ କାମରେ ଢିଲା ହୁଅନ୍ତେ ନାହିଁ। ଗଣତନ୍ତ୍ରରେ ବିଶ୍ୱାସ କରୁଥିବା ମନ୍ତ୍ରୀ ବି ତାଙ୍କ ପଦରୁ ଇସ୍ତଫା ଦେଲେ ନାହିଁ। ଆମ ଧର୍ମର ଏକ ରୀତି- ଯାହାକୁ ପ୍ରାୟଶ୍ଚିତ୍ତ କର୍ମ କୁହାଯାଏ- ତା' ହେଉଛି ଠାକୁରଙ୍କୁ ଉପଯୁକ୍ତ ଭୋଗରାଗ ଦେଇ ପାପମୋଚନ କରାଇବା। ପୁରୋହିତମାନେ ଏଥିଲାଗି ଯଥେଷ୍ଟ ରୀତିନୀତି ମନ୍ଦିର ସାମନା ପ୍ରାଙ୍ଗଣରେ ପଟା ମାରି ଲେଖିଦେଇଥାନ୍ତି। ସରକାର ଲୋକଙ୍କ ଆଗରେ ସେମିତି ପଟା ନ ମାରିଥିଲେ ବି ଜନରବ କରିଦେଇଛନ୍ତି ଯେ ମୃତକର ପରିବାରକୁ ଏକ୍ସଗ୍ରାସିଆ (ଅନୁଗ୍ରହମୂଳକ) ରାଶି ଦେଲେ ଓ ଆହତମାନଙ୍କୁ ସରକାରୀ ଡାକ୍ତରଖାନାରେ ମାଗଣା ଚିକିତ୍ସା କରାଇଦେଲେ ଲୋକେ ଶାନ୍ତ ହୋଇଯିବେ, ଅର୍ଥାତ୍ ପ୍ରାୟଶ୍ଚିତ୍ତ ହୋଇଯିବ, ବା ସରକାର ଦୋଷମୁକ୍ତ ହୋଇଯିବେ। ଏ ପ୍ରକାର ଅପମୃତ୍ୟୁର କାରଣ ଯେ ଠିକାଦାର ଓ କର୍ମଚାରୀଙ୍କ ଅବହେଳା ଏବଂ ତାହା ଯେପରି ଆଉ ନ ଘଟେ ତାହାର ବ୍ୟବସ୍ଥା କରୁନାହାନ୍ତି।

ମୂଳ କାରଣ ବିଷୟରେ ଚିନ୍ତା ନ କରି ଅନୁଗ୍ରହମୂଳକ ଟଙ୍କା କିଛି ଦେଇଦେଲେ ବା ମାଗଣା ଚିକିତ୍ସାର ବନ୍ଦୋବସ୍ତ କରିଦେଲେ ସମସ୍ୟାର ସମାଧାନ ହୁଏ ନାହିଁ। ସରକାର ଉତ୍ତରଦାୟୀ, ତେଣୁ ଜଣେ ଦି'ଜଣ ଶହୀଦ ହେବା ଯାଏ ସରକାର ଶୋଇ ରହୁଛନ୍ତି କାହିଁକି? ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସଂହିତା (ଓଡିଶା ରିଲିଫ୍ କୋଡ୍)ରେ 'କର୍ମଚାରୀଙ୍କ ଅବହେଳା ଯୋଗୁ ମୃତ୍ୟୁ' ପାଇଁ ରିଲିଫ୍ ଦୁଇ ଲକ୍ଷ ଟଙ୍କା ଲେଖିଦେଲେ ବାରମ୍ବାର ଦୁର୍ଘଟଣାରେ ମୃତ୍ୟୁ ପାଇଁ ମୃତକଙ୍କ ପରିବାରକୁ ସହାୟତା ଘୋଷଣା କରିବା ଦରକାର ପଡନ୍ତା ନାହିଁ।

ଗଞ୍ଜାମର ଦୁର୍ଘଟଣା କଥାରୁ ଆମେ ଦେଖିବା କିପରି କେହି କୌଣସି ସ୍ତରରେ ଦାୟିତ୍ୱ ମୁଣ୍ଡାଉ ନାହାନ୍ତି। ଏ ସବୁର କାରଣ ଟଙ୍କା, ଯାହା ଦେଇ ଗର୍ହିତ କାମ କରିଥିବା ବ୍ୟକ୍ତି ସେ ଠିକାଦାର ହେଉ ବା ସରକାରୀ କର୍ମଚାରୀ, ସହଜରେ ଶାସକଦଳର ଅନୁକମ୍ପା ହାସଲ କରିପାରୁଛି। ଗଣତନ୍ତ୍ରରେ କୌଣସି ଗୁରୁତର ଅବହେଳା ପାଇଁ ମନ୍ତ୍ରୀ ଦାୟିତ୍ୱ ମୁଣ୍ଡାନ୍ତି। ନିଜର ଇସ୍ତଫାକୁ ନିଜର ପ୍ରାୟଶ୍ଚିତ୍ତ ଭଳି ଦେଖାନ୍ତି। ଏହାଦ୍ୱାରା ମନ୍ତ୍ରୀଙ୍କ ବିଭାଗ କର୍ମଶୀଳ ଓ ଯତ୍ନବାନ୍ ହୋଇଯାଏ।

ଏ ସବୁ ମୂଳରେ ସରକାରୀ ଦଳର (ସରକାରର ନୁହେଁ) ଭ୍ରଷ୍ଟାଚାରପ୍ରୀତି। ଭ୍ରଷ୍ଟାଚାରର ବଡ଼ ମାଧ୍ୟମ ଠିକାଦାର। ବସ୍ ଛପରରେ ଉଚ୍ଚଶକ୍ତି ସମ୍ପନ୍ନ ତାର ଲାଗିବା, ଗାଁ ଗହଳରେ ଜିଅନ୍ତା ତାର ବାଟରେ ଛିଡିପଡିବା, ବିଲବାଡିରେ କାମ କରୁଥବା ଶ୍ରମିକ ଉପରେ ବାଉଁଶରେ ଝୁଲୁଥିବା ତାର ଛିଡି ପଡିବା ଘଟଣା ନିତିଦିନିଆ ହୋଇଯାଇଛି। କେବଳ ବିଜୁଳି ଆଘାତରେ ମରିବା କଥା ନୁହେଁ, ଅନ୍ୟ କୌଣସି କାରଣରୁ ଦୁର୍ଘଟଣାଜନିତ ମୃତ୍ୟୁ ହେଲେ ସରକାର ପଥର ଭଳି ନିଦା ରହୁଛନ୍ତି। ସଡକ ଦୁର୍ଘଟଣାରେ ୨୦୧୯ରେ ୫୩୦୦ରୁ ବେଶି ଲୋକ ଜୀବନ ହରାଇଛନ୍ତି। ଗତ ଜାନୁୟାରୀ ୧୯ରେ ଗଞ୍ଜାମ ଜିଲାରେ ଗୋଟିଏ ପୋଲରୁ ବସ୍ ଖସିପଡି ୯ ଲୋକ ମଲେ। ସପ୍ତାହେ ଯାଇନାହିଁ ସୁନ୍ଦରଗଡ଼ରେ ଗୋଟିଏ ଦ୍ରୁତଗାମୀ କାର୍ ୫ଜଣ ମହିଳା ଶ୍ରମିକଙ୍କ ଉପରେ ଚଢିଯାଇ ସେମାନଙ୍କ ମୃତ୍ୟୁର କାରଣ ହେଲା। ଏ ସବୁ ଘଟଣାରେ ଲୋକେ ଉତ୍ତ୍ୟକ୍ତ ହେବା ପୂର୍ବରୁ ମୁଖ୍ୟମନ୍ତ୍ରୀ ମୃତକଙ୍କ ପରିବାରକୁ ୨ଲକ୍ଷ ଓ ଆହତଙ୍କୁ ମାଗଣା ଚିକିତ୍ସା ଘୋଷଣା କରିଦେଉଛନ୍ତି। କିନ୍ତୁ ବସ୍ ପୋଲ ଉପରୁ ଖସିବା ବା କାର ବେପରୁଆ ଚଳାଇବା ପଛରେ ଚାଳକର ମଦ ପିଇବାକୁ ସରକାର ଯେ ପ୍ରୋତ୍ସାହନ ଦେଉଛନ୍ତି ତାହା ଭୁଲିଯାଉଛନ୍ତି। ଶାସକ ଦଳ ତାଙ୍କର ଠିକାଦାରପ୍ରୀତି ଛାଡ଼ିଲେ, ଅଭିଯୁକ୍ତମାନଙ୍କୁ ଛତ୍ରଚ୍ଛାୟା ଦେଇ ପୋଲିସକୁ ବା ଆଇନ ରକ୍ଷାକାରୀ ଯନ୍ତ୍ରକୁ ଅକାମୀ ନ କଲେ ଏବଂ ଆଇନ ତିଆରି କରୁଥିବା ଲୋକପ୍ରତିନିଧିମାନେ ଆଇନରୁ ଊର୍ଦ୍ଧ୍ୱରେ ଅଛନ୍ତି ବୋଲି ନ ଭାବିଲେ ରାଜ୍ୟରେ ଏ ପ୍ରକାର ମୃତ୍ୟୁହାର କମିଯାଆନ୍ତା।

ଇମେଲ୍: SAHADEVAS@YAHOO.COM

# ସୌନ୍ଦର୍ଯ୍ୟ ନାରୀର ଭୂଷଣ



ଡା. ବାସୁଦେବ ପ୍ରଧାନ

କଥାରେ ଅଛି ନଈ ସେପାରି କନକଗୋରୀ, ତନୁପାତଳୀ ଭାରି ସୁନ୍ଦରୀ। ସୁନ୍ଦରୀ ଝିଅଟିଏ ଦେଖିଲେ ଆଖି ଅଟକି ରହେ। ମା' ବାପା ଭାବନ୍ତି ଘରକୁ ବୋହୂ କରି ନିଅନ୍ତେ କି! ପୁଅ ଭାବେ ବାହାହୋଇ ସଂସାର କରନ୍ତା କି! ଯଦି ଭାଗ୍ୟକୁ ବାହାଘର ହୋଇଯାଏ ଯିଏ ଦେଖେ ସିଏ କହେ ଯୋଡ଼ି ଭାରି ସୁନ୍ଦର। ସତେକି ଲକ୍ଷ୍ମୀନାରାୟଣ! କିଏ କହେ ରତିକାମଦେବଙ୍କ ଯୋଡ଼ି। ସତରେ ସୁନ୍ଦରକୁ ସମସ୍ତେ ମନ ବଳାନ୍ତି।

ଆଗକାଳରେ ପୁଅଝିଅଙ୍କ ବାହାଘର ମା'ବାପା, ବନ୍ଧୁବାନ୍ଧବ, ସାଇପଡ଼ିଶା ଠିକ୍ କରନ୍ତି। କନିଆ ଖୋଜାଚାଲେ ଏ ଗାଁରୁ ସେ ଗାଁ। କନିଆ ପସନ୍ଦ ହେଲେ ଜାତି, ଗୋତ୍ର, କୁଳ ସବୁ ଖୋଜା ହେଉଥିଲା। ତା' ପରେ ଦବାନବା, ଯାନିଯୌତୁକ ତୁଟୁଥିଲା। ଜାତକ ମେଳକ ହେଲେ ବାହାଘର ସ୍ଥିର ହେଉଥିଲା। ଏବେ ସେଥିରେ ଅନେକ ପରିବର୍ତ୍ତନ ଆସିଛି। ପୁଅଝିଅ ନିଜେ ନିଜେ ବାହାଘର ସ୍ଥିର କରିଦେଉଛନ୍ତି। ପରେ ଘରେ ଜଣାଉଛନ୍ତି। ମା'ବାପା ଖୁସି ହେଲେ ନ ହେଲେ ଯାଏ ଆସେ ନାହିଁ। ଯଦି ଘରେ ଅମଙ୍ଗ ହୁଅନ୍ତି ସେମାନେ ମନ୍ଦିରରେ ନ ହେଲେ ରେଜିଷ୍ଟ୍ରି ମ୍ୟାରେଜ କରିଦେଉଛନ୍ତି। ଖାଲି ଝିଅର ବୟସ ୧୮ ଏବଂ ପୁଅର ୨୧ ହେଲେ ହେଲା। ଆଜିକାଲି ମଧ୍ୟ ରୋଜଗାରିଆ ଝିଅଙ୍କର ଅଧିକ ଚାହିଦା। ଝିଅ କ'ଣ ପଢ଼ିଛି, କି ଚାକିରି କରିଛି, ମାସକୁ କେତେ ଦରମା ପାଉଛି ଏସବୁ ଖୋଜା ହେଉଛି। ଆଜିକାଲିର ସହରୀ ଜୀବନରେ ଉଭୟଙ୍କ ରୋଜଗାରର ଯଥେଷ୍ଟ ଆବଶ୍ୟକତା ରହିଛି। ହେଲେ ଚାକିରି ଖୋଜୁ ଖୋଜୁ ବିବାହ ବୟସ ଗଡ଼ିଯାଉଛି। ଅଳ୍ପ ରୋଜଗାରରେ କେହି ସନ୍ତୁଷ୍ଟ ନୁହନ୍ତି। ଆଜିକାଲି ପାଠରେ, ଚାକିରିରେ ଆଉ ରୋଜଗାରରେ ମଧ୍ୟ ପ୍ରତିଯୋଗିତା। ତେବେ ରୋଜଗାର ପାଇଁ ଚାକିରି ଏକମାତ୍ର ମାଧ୍ୟମ ନୁହେଁ। ବଣିଜବେପାର, କୃଷିକୁ ପାଥେୟକରି ମଧ୍ୟ ଭଲରେ ବଞ୍ଚିହେବ। ଆଜିର ଦିନରେ ସୁନାନାକୀ ଝିଅଟିଏ ପାଇବା ଏତେ ସହଜ ନୁହେଁ। କାରଣ ବୟସ ବଢ଼ିବା ସାଙ୍ଗକୁ ଶରୀରରେ ପରିବର୍ତ୍ତନ ଆସେ ଏବଂ ସୌନ୍ଦର୍ଯ୍ୟ ଫିକା ପଡ଼େ। କଥାରେ ଅଛି, ଯୌବନେ ମର୍କଟୀ ଧନ୍ୟା। ଯେଉଁମାନେ ସ୍ୱାସ୍ଥ୍ୟ ସଚେତନ ଓ ଖାଦ୍ୟ ପାନୀୟ, ବେଶପୋଷାକ ଉପରେ ସତର୍କ ଦୃଷ୍ଟି ରଖନ୍ତି ସେମାନଙ୍କର ପ୍ରକୃତ ବୟସ ଜାଣିହୁଏ ନାହିଁ। ସେମାନଙ୍କ ସୌନ୍ଦର୍ଯ୍ୟ ବହୁତ ଦିନ ପାଇଁ ବଜାୟ ରହିଥାଏ। ଝିଅ ଯେତେ ରୋଜଗାରିଆ ହେଲେ ମଧ୍ୟ ତା'ର ବାହ୍ୟ ସୌନ୍ଦର୍ଯ୍ୟ ଉପରେ ଗୁରୁତ୍ୱ ଦିଆଯାଇଥାଏ। କେମିତି ଦେଖାଯାଉଛି- ଡେଙ୍ଗା, ଗେଡ଼ା, ମୋଟୀ, ପାତଳୀ, କାଳୀ, ଗୋରୀ ଏମିତି କେତେ କ'ଣ।

ତେବେ ଆମେ ଟିକିଏ ସ୍ୱାସ୍ଥ୍ୟ ସଚେତନ ହେଲେ ଝିଅଟିଏ ବହୁ ଦିନ ପର୍ଯ୍ୟନ୍ତ ସୁନ୍ଦରୀ ହୋଇ ରହିପାରିବ। ସେହିପରି ବାହାଘର ପରେ ମଧ୍ୟ ସ୍ତ୍ରୀଲୋକଟି ନିଜର ସୌନ୍ଦର୍ଯ୍ୟ ଅତୁଟ ରଖିପାରିବ। କେତେକ ସ୍ୱାସ୍ଥ୍ୟ ନୀତି ପାଳନ କଲେ ଏସବୁ ସମ୍ଭବ ହୋଇପାରିବ। ସେଗୁଡ଼ିକ ହେଲା ନିଜ ବୟସ, ଉଚ୍ଚତା ଅନୁସାରେ ଓଜନ। ଯଦି ଓଜନ ଅଧିକ ଥାଏ, ତେବେ ସୁନ୍ଦରୀ ସୁନାନାକୀ ଝିଅଟି ମଧ୍ୟ ଅସୁନ୍ଦର ଦେଖାଯାଏ। ସେମିତି ଉଚ୍ଚତା ଅନୁସାରେ ମୋଟାପଣ ଠିକ୍ ଥିଲେ ମଧ୍ୟ ଯଦି ମୁଣ୍ଡରେ ଚୁଟି ନ ଥାଏ ତେବେ ସେ ଅସୁନ୍ଦର ଦେଖାଯାଏ। କେଶ ହେଉଛି ନାରୀତ୍ୱର ଲକ୍ଷଣ ଓ ଭୂଷଣ। ଶାସ୍ତ୍ରରେ ଅଛି: ''ସ୍ତନକେଶବତୀ ନାରୀ ପୁରୁଷଃ ଲୋମଶଃ ସ୍ମୃତଃ। ଉଭୟୋରନ୍ତରୋ ଯତ୍ର ନପୁଂସକସ୍ୟ ଲକ୍ଷଣମ୍।'' ଆଜି ଯୁବାବସ୍ଥାରେ ଓଜନ ବୃଦ୍ଧି, ପତଳା ଚୁଟି ବା ଚନ୍ଦାପଣ ଦେଖିବାକୁ ମିଳୁଛି। ସେହିପରି କମ୍ ବୟସରୁ ଚୁଟି ପାଚିଯିବାରୁ ଅନେକେ ମାନସିକ ଚାପର ଶିକାର ହେଉଛନ୍ତି।

ଗାଁ ଅପେକ୍ଷା ସହରରେ ରହୁଥିବା ଲୋକମାନେ ଅଧିକ ମେଦ ବୃଦ୍ଧିର ଅଧିକ ଶିକାର ହେଉଛନ୍ତି। ଏହାର ମୁଖ୍ୟ କାରଣ ହେଲା ଆଧୁନିକ ଜୀବନଶୈଳୀ। ଗାଁରେ ଶାରୀରିକ ଶ୍ରମ ଅଧିକ, ମାନସିକ ଚାପ କମ୍। ସହରରେ ଏହାର ବିପରୀତ। ବିଳମ୍ବରେ ଶୋଇବା, ବିଳମ୍ବରେ ଉଠିବା କାରଣରୁ ବହୁତ ସମସ୍ୟା ଦେଖାଯାଏ। ସେହିପରି ପାରମ୍ପରିକ ଖାଦ୍ୟ ନ ଖାଇ ଜଙ୍କ୍ ଫୁଡ୍ ଖାଇବା, ମଦ୍ୟପାନ, ଧୂମପାନ ଏଥିପାଇଁ ଘାତକ ହୋଇଥାଏ। ତେବେ ମୋଟାପଣ କମାଇବା ପାଇଁ କେତେକ ସ୍ୱାସ୍ଥ୍ୟନୀତି ଆପଣେଇଲେ ଏ ସବୁର ସହଜ ସମାଧାନ ହୋଇପାରିବ। ସେଗୁଡ଼ିକ ହେଲା ରାତିରେ କମ୍ ଖାଆନ୍ତୁ, କମ୍ ପାଣି ପିଅନ୍ତୁ। ଶୋଇବା ପୂର୍ବରୁ ନିଜ ମୋବାଇଲକୁ ସାଇଲେଣ୍ଟ ମୋଡ୍‌ରେ ରଖନ୍ତୁ। ସକାଳେ ସୂର୍ଯ୍ୟ ଉଦୟ ପୂର୍ବରୁ ବିଛଣା ଛାଡ଼ନ୍ତୁ। ଦୁଇ ଗ୍ଲାସ୍ ଉଷୁମ ପାଣି ପିଅନ୍ତୁ। ଅତି କମ୍‌ରେ ଦୁଇ କିଲୋମିଟର ଚାଲନ୍ତୁ। ଅଧିକ କ୍ୟାଲୋରିଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ। ସକାଳ, ମଧ୍ୟାହ୍ନ ଏବଂ ରାତ୍ରି ଭୋଜନ ମଧ୍ୟରେ ଦୂରତା ରଖନ୍ତୁ। ସକାଳ ଜଳଖିଆ ନିଶ୍ଚିତ ଖାଆନ୍ତୁ। ମଧ୍ୟାହ୍ନ ଭୋଜନରେ ସାଲାଡ ରଖନ୍ତୁ। ଗହମ, ବାଜରାରୁ ତିଆରି ଖାଦ୍ୟ ଖାଆନ୍ତୁ। ଭାତ ଖାଇବା କମାଇ ଦିଅନ୍ତୁ। ମାଛ, ମାଂସ ଛାଡ଼ି ଶାକାହାରୀ ହେବା ଭଲ। ଗଜା ମୁଗ, ବୁଟ ଖାଆନ୍ତୁ। ଆବଶ୍ୟକ ସ୍ଥଳେ ସକାଳେ ତାଳମିଶ୍ରି ପାଣି ପିଅନ୍ତୁ। ଚିନି ବଦଳରେ ଗୁଡ଼ ଖାଆନ୍ତୁ। ସବୁଦିନ ଦହି ବା ଚହ୍ଲା ଖାଇଲେ ସ୍ୱାସ୍ଥ୍ୟ ଭଲ ରହେ। ଏଥିରେ ଲାକ୍ଟୋବାସିଲସ୍ ଅଛି ଯାହା ପ୍ରୋବାୟୋଟିକ୍ସର କାମ କରେ। ଋତୁ ଅନୁସାରେ ସବୁଜ ପନିପରିବା ଓ ଫଳ ଖାଆନ୍ତୁ। ତନ୍ତୁଜାତୀୟ ଖାଦ୍ୟ ଖାଆନ୍ତୁ। ମଧ୍ୟାହ୍ନ ଭୋଜନର ଏକ ଘଣ୍ଟା ପୂର୍ବରୁ ପାଣି ପିଅନ୍ତୁ। ଖାଦ୍ୟ ଖାଇବା ପରେ ବଜ୍ରାସନରେ ୧୦ମିନିଟ୍ ବସନ୍ତୁ ଏବଂ ୩୦ ମିନିଟ୍ ପରେ ପାଣି ପିଅନ୍ତୁ। ମିଠା ଖାଇବା କମାନ୍ତୁ। ଝିଅମାନେ ପୁଚି, ଦଉଡିଡିଆଁ ଖେଳନ୍ତୁ। ଫଳରେ ସେମାନଙ୍କର ଶାରୀରିକ ଗଠନ ଠିକ୍ ରହିବ। ବୈବାହିକ ଜୀବନ ମଧ୍ୟ ସ୍ୱାସ୍ଥ୍ୟପ୍ରଦ ହେବ। ଚା, କଫି କମ୍ ପିଅନ୍ତୁ। ଯଦି ଅଭ୍ୟାସ ଅଛି ବିନା କ୍ଷୀରର ହର୍ବାଲ ଚା ପିଅନ୍ତୁ। ଚାରେ ଚିନି ବଦଳରେ ଗୁଡ଼ ବା ମହୁ ବ୍ୟବହାର କରନ୍ତୁ। ଅପରାହ୍ଣରେ ଗୋଟିଏ ପାଚିଲା କଦଳୀ ନିୟମିତ ଖାଆନ୍ତୁ। ଏହା ଅମ୍ଳତା ଦୂର କରେ ଏବଂ ରକ୍ତ ବଢ଼ାଏ। ସୁନିଦ୍ରା ମଧ୍ୟ ଆଣିଥାଏ।

ଜିମ୍ ଯାଆନ୍ତୁ ମନା ନାହିଁ, ତେବେ ଯୋଗ କେନ୍ଦ୍ରକୁ ଯାଆନ୍ତୁ। ଯୋଗାଭ୍ୟାସ କରନ୍ତୁ। ଡାକ୍ତରଙ୍କ ପରାମର୍ଶ ଅନୁସାରେ ବଟା ହଳଦୀ ଖାଆନ୍ତୁ। ଦେହରେ ହଳଦୀ ଲଗାନ୍ତୁ। ଖାଲିପେଟରେ ଘିକୁଆଁରୀ ରସରେ ଗୁଡ଼ ମିଶାଇ ପିଅନ୍ତୁ। ଜଳଖିଆ ପରେ ଅଭ୍ୟାସ କରି ୨ଟି ଅଁଳା ଖାଆନ୍ତୁ। ଓଜନ ହ୍ରାସ ପାଇଁ ଡକ୍ତରଙ୍କ ପରାମର୍ଶ ଅନୁସାରେ ନବାକ ଗୁଗୁଳ, ହରିତକୀ ଚୂର୍ଣ୍ଣ ଖାଆନ୍ତୁ। ଦେହରେ ତେଲ ମାଲିସ କରନ୍ତୁ। ଯଦି ସମ୍ଭବ ମାସରେ ଦୁଇଦିନ (ସଂକ୍ରାନ୍ତି, ଅମାବାସ୍ୟା, ପୂର୍ଣ୍ଣିମା, ଏକାଦଶୀ ପରି ତିଥିରେ) ଉପବାସ କରନ୍ତୁ ବା ହାଲୁକା ଖାଦ୍ୟ ସାଙ୍ଗକୁ ଫଳରସ ପିଅନ୍ତୁ। ରୂପଚର୍ଯ୍ୟାର ଗନ୍ତାଘର ରହିଛି ଆୟୁର୍ବେଦରେ। ପରାମର୍ଶ ନିଅନ୍ତୁ। ଆଜିର ଝିଅ କାଲିର ବୋହୂ, କାଲିର ମା'। ତେଣୁ କନ୍ୟାରତ୍ନର ଯତ୍ନ ନେବା ଆବଶ୍ୟକ।

ସରକାରୀ ଆୟୁର୍ବେଦ ହସ୍ପିଟାଲ, ମାଉସୀମା ଛକ, ଭୁବନେଶ୍ୱର, ମୋ-୯୪୩୭୩୦୫୦୪୫

## ଏଇ ଭାରତରେ

କେରଳର ଏମ୍.ଜେ. ପଲ୍ ନାମକ ଜଣେ ବ୍ୟକ୍ତି ମଦ୍ୟପାନ ଭଳି କୁଅଭ୍ୟାସ ଛାଡି ରକ୍ତଦାନ କରି ରୋଗୀଙ୍କ ଜୀବନ ବଞ୍ଚାଇବାରେ ଲାଗିଛନ୍ତି। ପଲ୍‌ଙ୍କ ବ୍ଲଡ୍‌ଗ୍ରୁପ 'ଓ' ନେଗେଟିଭ୍ ହୋଇଥିବାରୁ ବହୁ ସମୟରେ ତାଙ୍କୁ ଖୋଜାପଡେ ଓ ସେ ମଧ୍ୟ ରକ୍ତଦାନ କରିବାକୁ ଆଗେଇ ଆସନ୍ତି। ରୋଗୀଙ୍କୁ ରକ୍ତଦାନ କରି ଏବେ ସୁଦ୍ଧା ପଲ୍ ୮୦ ଜଣଙ୍କ ଜୀବନ ବଞ୍ଚାଇପାରିଛନ୍ତି। ସେ ବଞ୍ଚାଇଥିବା ପିଲାଟି କେତେବେଳେ ତା' ଜନ୍ମଦିନରେ ତାଙ୍କୁ ଡାକୁଛି ତ ଅନ୍ୟମାନେ ବିଭିନ୍ନ ଉତ୍ସବରେ ତାଙ୍କୁ ଖୋଜୁଛନ୍ତି। କେବଳ ଏତିକି ନୁହେଁ ସେ ପ୍ରତି ତିନିମାସରେ ଥରେ ରକ୍ତଦାନ କରୁଛନ୍ତି। ୨୫ ବର୍ଷ ହେବ ପଲ୍ ଏହି ମହତ୍ କାର୍ଯ୍ୟ କରୁଥିବାରୁ ରାଜ୍ୟ ସରକାର ତାଙ୍କ ରକ୍ତଦାନର ସିଲ୍‌ଭର ଜୁବିଲି ପାଳନ ମଧ୍ୟ କରିଛନ୍ତି। ୩୦ ବର୍ଷ ତଳେ ପଲ ଅତ୍ୟଧିକ ମଦ୍ୟପାନ କରୁଥିଲେ। ସେ ଆଲାପୁଝାରେ ଗାଡି ଚଳାଇ ଗୁଜରାଣ ମେଣ୍ଟାଉଥିଲେ। ପରିସ୍ଥିତି ଏମିତି ହୋଇଥିଲା ଯେ, ତାଙ୍କ ସ୍ତ୍ରୀ ଓ ଝିଅ ତାଙ୍କୁ ଛାଡ଼ି ଚାଲିଯାଇଥିଲେ। ଚାକିରି ବି ଚାଲି ଯାଇଥିଲା। କିନ୍ତୁ ମଦ୍ୟପାନ ଛାଡିଦେବା ପରେ ତାଙ୍କ ଜୀବନରେ ପରିବର୍ତ୍ତନ ଆସଲା। ପରେ ତାଙ୍କଠାରୁ ଦୂରେଇଯାଇଥିବା ତାଙ୍କ ସ୍ତ୍ରୀ ଓ ଝିଅ ପୁଣି ଫେରିଆସିଲେ ଏବଂ ତାଙ୍କୁ ସରକାରୀ ସଂସ୍ଥାରେ ଡ୍ରାଇଭର ଭାବେ ନିଯୁକ୍ତି ବି ମିଳିଲା ବୋଲି କୁହନ୍ତି ପଲ୍। ରକ୍ତଦାନ ଲାଗି ରାଜ୍ୟ ସରକାର ମଧ୍ୟ ତାଙ୍କୁ ପୁରସ୍କୃତ କରିଛନ୍ତି। 'ନେଗେଟିଭ୍' ନାମରେ ଏକ ହ୍ୱାଟ୍ସଆପ ଗ୍ରୁପ୍ ଖୋଲି ଏହା ମାଧ୍ୟମରେ ରକ୍ତଦାନ ଲାଗି ଲୋକମାନଙ୍କୁ ବୁଝାଉଛନ୍ତି। ଏହା ଏବେ ରାଜ୍ୟରେ ସବୁଠୁ ବଡ ବ୍ଲଡ୍ ଡୋନର୍ ଗ୍ରୁପ୍। ପଲ୍‌ଙ୍କୁ ଏବେ ବୟସ ୬୦। ଚାକିରିରୁ ଅବସର ନେଇ ସେ ଏବେ ପୂରା ସମୟ ରକ୍ତଦାନ ପ୍ରତି ସମର୍ପିତ ହୋଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୫ ଫେବୃୟାରୀ ୧୯୯୫

- ଶକ୍ତି କ୍ଷେତ୍ରରେ ବିଭିନ୍ନ ପ୍ରକଳ୍ପ ସ୍ଥାପନ ପାଇଁ ଚାଇନା ଓ ଆମେରିକା ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ ହୋଇଛି।
- ପାକିସ୍ତାନ କ୍ରିକେଟ ଦଳର ଉପଅଧିନାୟକ ରସିଦ ଲତିଫ ଏବଂ ମିଡିଲ ଅର୍ଡର ବ୍ୟାଟ୍ସମ୍ୟାନ ବସିତ ଅଲ୍ଲୀ ଅନ୍ତର୍ଜାତୀୟ କ୍ରିକେଟରୁ ସନ୍ୟାସ ଘୋଷଣା କରିଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ଭାରତରେ ବନ୍ଦ ମାନସିକତା

ମହାଶୟ,

କୌଣସି କାରଣରୁ କିଛି ଲୋକଙ୍କ ଦ୍ୱାରା ଓଡ଼ିଶା ବନ୍ଦ, ଭାରତ ବନ୍ଦ ଡାକରା ଦେଇ ସାଧାରଣ ଲୋକଙ୍କୁ ହଇରାଣ କରାଯାଉଛି। ଦେଶ ପକ୍ଷେ ଏହା ଆଦୌ ଶୁଭଙ୍କର ନୁହେଁ। ବ୍ୟକ୍ତି ସ୍ୱାଧୀନତା ନାମରେ ସାଧାରଣ ନାଗରିକଙ୍କ ଉପରେ ଅତ୍ୟାଚାର କରାଯାଉଛି। ଏଣୁ ଆଇନ ଦ୍ୱାରା ଏପରି କାର୍ଯ୍ୟକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଉ। ସଭାସମିତି କରାଯାଉ, ଟିଭିରେ ବ୍ରଡ୍‌କାଷ୍ଟ କରାଯାଉ କିନ୍ତୁ ଏହିପରି ଭାବରେ ବନ୍ଦ କରିବା ଉଚିତ ନୁହେଁ। ଏହି 'ବନ୍ଦ' ମାନସିକତା ପାଇଁ ସରକାର ମଧ୍ୟ ଅନେକ ପରିମାଣରେ ଦାୟୀ। ଯେଉଁ ସମସ୍ୟାର ସମାଧାନ ଅବିଳମ୍ବେ କରିବା ଉଚିତ, ତାହା ସରକାର କରୁନାହାନ୍ତି। ସରକାରଙ୍କ କାଳକ୍ଷେପଣ ନୀତି ଓ ଉଦାସୀନତା ଜନସାଧାରଣଙ୍କୁ ହତାଶ ଏବଂ କ୍ରୋଧାନ୍ୱିତ କରୁଛି। ଏହାର ଗୋଟିଏ ଉଦାହରଣ ପଶ୍ଚିମ ଓଡ଼ିଶାରେ ସ୍ଥାୟୀ ହାଇକୋର୍ଟ ବେଞ୍ଚ ସ୍ଥାପନ। ଏହାର ସ୍ଥାପନ ଦ୍ୱାରା ଗୋଟିଏ ବିରାଟ ଅଞ୍ଚଳର ଲୋକେ ଉପକୃତ ହେବେ। କିନ୍ତୁ ସରକାର ଦାରୁଭୂତ ମୁରାରି।

ନବ ପଟ୍ଟନାୟକ, ଅଇଁଠାପାଲି, ସମ୍ବଲପୁର

### ଜବରଦଖଲରେ ସରକାରୀ ଜମି

ଜଟଣୀରେ ଶହ ଶହ ଏକର ସରକାରୀ ଜମି ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ଜିଲା ପ୍ରଶାସନ ଆଖିରେ ଅନ୍ଧପୁଟୁଳି ବାନ୍ଧି ବସିରହିଛି। ଫଳରେ ସହରରେ ଦିନକୁ ଦିନ ସରକାରୀ ଜମି ଜବରଦଖଲଜନିତ ସମସ୍ୟା ସଙ୍ଗିନ ସ୍ଥିତି ଆଡକୁ ଗତି କରୁଛି। ଜଟଣୀ ତହସିଲ ଅଧୀନରେ ପାଇକରାପୁର, ବିକାଶନଗର, ମଧୁସୂଦନନଗର ମୁଣ୍ଡିଆ ସାହି, ଷଣ୍ଢପୁର ପୌରାଞ୍ଚଳରେ ରହିଛି ଗୋଚର ଓ ଶ୍ମଶାନ ଜମି। ମୂଲ୍ୟବାନ ରାସ୍ତା କଡର ସରକାରୀ ଜମି ଜବରଦଖଲ ହୋଇଯାଇଛି। ପ୍ରଭାବଶାଳୀ ବ୍ୟକ୍ତି ତଥା ଜମି ମାଫିଆ ସରକାରୀ ଜମିକୁ ନିଜ ଅକ୍ତିଆରକୁ ଆଣି ୪ ଡିସିମିଲକୁ ୪ ଲକ୍ଷ ଟଙ୍କାରେ ବିକ୍ରି କରୁଛନ୍ତି। ସରକାରୀ ଜମିକୁ ଚିହ୍ନଟ କରି ତାରବାଡ ଓ ପାଚେରି ନିର୍ମାଣ କରି ସୁରକ୍ଷା ଦେବାଲାଗି ଜିଲାପାଳ ଦୃଷ୍ଟି ଦେବା ଉଚିତ।

ସୁରେଶ ସାହୁ, ଜଟଣୀ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଗ୍ରୀନ ଏନର୍ଜି କରିଡରକୁ ଅନୁମୋଦନ କରୁନି କେନ୍ଦ୍ର

ଭୁବନେଶ୍ୱର,୨୪।୨(ବ୍ୟୁରୋ)

## ସୌରଶକ୍ତି କ୍ଷେତ୍ରକୁ ଝଟକା

ପାରମ୍ପରିକ ଶକ୍ତି ଉତ୍ସର ଭବିଷ୍ୟତ ବେଳକୁ ବେଳ ଅନିଶ୍ଚିତତା ଆଡକୁ ଗତି କରୁଥିବା ବେଳେ ରାଜ୍ୟ ସରକାର ଅଣପାରମ୍ପରିକ ଶକ୍ତି ଉତ୍ସଗୁଡିକର ବିନିଯୋଗ ଦିଗରେ ପଦକ୍ଷେପ ଆରମ୍ଭ କରିଛନ୍ତି। ରାଜ୍ୟ ସରକାର ୨୦୨୨ ବେଳକୁ ରାଜ୍ୟରେ ୨୨୦୦ ମେଗାୱାଟ ସୌରଶକ୍ତି ପ୍ରକଳ୍ପ ସ୍ଥାପନ କରିବାକୁ ଯୋଜନା କରିଛନ୍ତି। ଏଥିପାଇଁ ହେବାକୁ ଥିବା ସବୁଜ ଶକ୍ତି କରିଡର(ଜିଇସି)କୁ କେନ୍ଦ୍ର ସରକାର ଅନୁମତି ଦେଉ ନାହାନ୍ତି। ଫଳରେ ଏହି ଶକ୍ତି ପ୍ରକଳ୍ପର ଭବିଷ୍ୟତ ଅନ୍ଧକାର ଭିତରକୁ ଚାଲିଯାଇଛି । ଓଡ଼ିଶା ପାୱାର ଟ୍ରାନ୍ସମିଶନ କର୍ପୋରେଶନ ଲିମିଟେଡ(ଓପିଟିସିଏଲ) ସୌରଶକ୍ତିରୁ ୨୮୦ ମେଗାୱାଟ ଶକ୍ତି ନେବାକୁ ଯୋଜନା ପ୍ରସ୍ତୁତ କରିଛି। ଅନ୍ୟପକ୍ଷରେ ଅଲଟ୍ରା ମେଗା ସୋଲାର ପାୱାର ପାର୍କ ଯୋଜନାରେ ୧୦୦୦ ମେଗାୱାଟ ସୋଲାର ପାର୍କକୁ ନୂତନ ଓ ଅଣପାରମ୍ପରିକ ଶକ୍ତି ମନ୍ତ୍ରଣାଳୟ ଅନୁମତି ଦେଇଥିଲା। ଏହି ପାର୍କ ଓଡିଶା ସବୁଜ ଶକ୍ତି ବିକାଶ କର୍ପୋରେଶନ ଲିମିଟେଡ(ଜେଡକଲ) ଜରିଆରେ କାର୍ଯ୍ୟକାରୀ କରାଯାଇ ଥାଆନ୍ତା। ଏହି ପ୍ରକଳ୍ପ ପାଇଁ ରାଜ୍ୟ ସରକାର ୩୧୩.୮୦ କୋଟି ଟଙ୍କାର ଏକ ସମ୍ପୂର୍ଣ୍ଣ ପ୍ରକଳ୍ପ ରିପୋର୍ଟ(ଡିପିଆର) ପ୍ରସ୍ତୁତ କରିଥିଲେ। ନିଲଡୁଙ୍ଗୁରିଠାରେ ୨୨୫ ଏବଂ ମନମୁଣ୍ଡାଠାରେ ୫୫ ମେଗାୱାଟ ସୌରଶକ୍ତି ପ୍ରକଳ୍ପ କରାଯାଇ ଥାଆନ୍ତା। ଏହି ଡିପିଆରକୁ ସେଣ୍ଟ୍ରାଲ ଇଲେକ୍ଟ୍ରିସିଟି ଅଥରିଟି(ସିଇଏ)ର ଅନୁମୋଦନ ପାଇଁ ପଠାଯାଇଥିଲା। ଡିପିଆରକୁ ସିଇଏ ପରୀକ୍ଷାନିରୀକ୍ଷା କରିବା ପରେ ଅନୁମୋଦନ କରିଥିଲା। ଓପିଟିସିଏଲ ପକ୍ଷରୁ ଏ ନେଇ ଟେଣ୍ଡର ପ୍ରକ୍ରିୟା ମଧ୍ୟ ଆରମ୍ଭ କରାଯାଇଛି। ଏହି ପ୍ରକଳ୍ପ ବୃତାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଓପିଟିସିଏଲ ଏଥିପାଇଁ ୫୦ ପ୍ରତିଶତ ଅର୍ଥ ନ୍ୟାଶନାଲ କ୍ଲିନ ଏନର୍ଜୀ ଫଣ୍ଡ(ଏନସିଇଏଫ)ରୁ ଦେବାକୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲା। ରାଜ୍ୟ ସରକାରଙ୍କ ପ୍ରସ୍ତାବକୁ ଅନୁମୋଦନ ନ କରି ଗ୍ରୀନ ଏନର୍ଜୀ କରିଡର-୨ ସ୍କିମ କେନ୍ଦ୍ର ସରକାରଙ୍କ ଦ୍ୱାରା ଅନୁମୋଦନ ହୋଇ ନ ଥିବା ଜଣାଇ ଦିଆଯାଇଛି। ତେବେ ନିଲଡୁଙ୍ଗୁରୀ ଏବଂ ମନମୁଣ୍ଡାଠାରେ ହେବାକୁ ଥିବା ପ୍ରସ୍ତାବିତ ପ୍ରକଳ୍ପ ପାଇଁ ୪୦ ପ୍ରତିଶତ ଅର୍ଥ କେନ୍ଦ୍ର ନ ଦେଲେ ତାହା କାର୍ଯ୍ୟକାରୀ ହେବା ସମ୍ଭବ ନୁହେଁ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

# ମାଲେସିଆ ପ୍ରଧାନମନ୍ତ୍ରୀ ମହାଥିର୍‌ଙ୍କ ଇସ୍ତଫା

କୁଆଲାଲୁମ୍ପୁର, ୨୪।୨



ମାଲେସିଆ ପ୍ରଧାନମନ୍ତ୍ରୀ ପଦରୁ ମହାଥିର୍ ମହମ୍ମଦ ଇସ୍ତଫା ଦେଇଛନ୍ତି। ସେ ତାଙ୍କର ଇସ୍ତଫାପତ୍ର ରାଜାଙ୍କ ନିକଟକୁ ପଠାଇଥିବା ବେଳେ ଦେଶରେ ନୂଆ ମେଣ୍ଟ ସରକାର ଗଠନ ନେଇ କଥାବାର୍ତ୍ତା ଚାଲିଛି। ନୂଆ ସରକାର ଦାୟିତ୍ୱ ନେବା ପର୍ଯ୍ୟନ୍ତ ଅନ୍ତରୀଣ ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରିବାକୁ ମହାଥିର୍‌ଙ୍କୁ ରାଜା ପରାମର୍ଶ ଦେଇଥିବା ଜଣାପଡିଛି। ମହାଥିର୍ ୨୦୧୮ ମେ ମାସରେ ଦ୍ୱିତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ମହାଥିର୍ ନିଜ ଦଳରୁ ମଧ୍ୟ ଇସ୍ତଫା ଦେଇଛନ୍ତି। ଶାସକ ମେଣ୍ଟରୁ ମହାଥିର୍‌ଙ୍କ ଦଳ ବାହାରିଯାଇଥିବା ଘୋଷଣା କରିଛି। ଅନଓ୍ୱର ଇବ୍ରାହିମ୍ ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହେବା ନେଇ ଚର୍ଚ୍ଚା ହେଉଛି।

## ସଂକ୍ଷେପରେ

### ରାମବୀର ବିଧୁରୀ ଦିଲ୍ଲୀ ବିଧାନସଭାରେ ବିରୋଧୀ ଦଳ ନେତା

**ନୂଆଦିଲ୍ଲୀ, ୨୪।୨(ପି.ଟି.):** ଭାଜପାର ବଦରପୁର ବିଧାୟକ ରାମବୀର ବିଧୁରୀଙ୍କୁ ସୋମବାର ସର୍ବସମ୍ମତିକ୍ରମେ ଦିଲ୍ଲୀ ବିଧାନସଭାର ବିରୋଧୀ ଦଳ ନେତା ନିଯୁକ୍ତ କରାଯାଇଛି। ଭାଜପା କାର୍ଯ୍ୟାଳୟରେ ଦିଲ୍ଲୀ ସଭାପତି ମନୋଜ ତିୱାରୀଙ୍କ ଉପସ୍ଥିତିରେ ଦଳର ସାଧାରଣ ସମ୍ପାଦକ ସରୋଜ ପାଣ୍ଡେ ବିରୋଧୀ ଦଳ ନେତା ଭାବେ ବିଧୁରୀଙ୍କ ନାଁ ଘୋଷଣା କରିଥିଲେ। ରୋହିଣୀ ବିଧାୟକ ବିଜେନ୍ଦ୍ର ଗୁପ୍ତା ତାଙ୍କ ନାମ ପ୍ରସ୍ତାବ ଦେଇଥିଲେ। ପୂର୍ବ ବିଧାନସଭାରେ ଗୁପ୍ତା ବିରୋଧୀ ଦଳ ନେତା ଥିଲେ। ସୋମବାର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ, ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କ ସମେତ ନବନିର୍ବାଚିତ ବିଧାୟକମାନେ ଶପଥ ନେଇଥିଲେ।

### ଲାଞ୍ଚ ନେଇ ଏସ୍‌ଏମ୍‌ସି ଅମିନ ଗିରଫ

**ସମ୍ବଲପୁର, ୨୪।୨ (ବ୍ୟୁରୋ):** ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟର ପ୍ଲାନିଂ ବିଭାଗରେ କାର୍ଯ୍ୟରତ ଅମିନ ପ୍ରସନ୍ନ କୁମାର ପରିଡା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ସମ୍ବଲପୁର ଗୋପାଳମାଳର ତୃପ୍ତିମୟୀ ପଣ୍ଡାଙ୍କ ଘର ପ୍ଲାନିଂ ଅନୁମୋଦନ କରିବା ଲାଗି ସୋମବାର ଅପରାହ୍ନ ସାଢ଼େ ୧ଟାରେ ସେ ୧୫ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ। ଏ ନେଇ କେସ ନଂ. ୬/୨୦ରେ ଏକ ମାମଲା ରୁଜୁକରି ଅଭିଯୁକ୍ତ ପରିଡାଙ୍କୁ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଯାଇଛି। ବଂଶୀଧରନଗରରେ ଏକ ଘର ନିର୍ମାଣ ପାଇଁ ତୃପ୍ତିମୟୀ ମହାନଗର ନିଗମ ଅଫିସରେ ପ୍ଲାନିଂ ଅନୁମୋଦନ ଲାଗି ଆବେଦନ କରିଥିଲେ। ଘରର ନକ୍ସା ଓ ସମସ୍ତ ଆବଶ୍ୟକ କାଗଜପତ୍ର ମଧ ଦାଖଲ କରିଥିଲେ। ହେଲେ ବାରମ୍ବାର ଅଫିସକୁ ଗଲା ପରେ ମଧ ପ୍ଲାନିଂ ବିଭାଗରେ ଅନୁମୋଦନ କରାଯାଉ ନ ଥିଲା। ଶେଷରେ ଅମିନ ପରିଡା ୩୦ ହଜାର ଟଙ୍କା ଦେଲା ପରେ ପ୍ଲାନିଂ ଅନୁମୋଦନ କରାଯିବ ବୋଲି ତୃପ୍ତିମୟୀଙ୍କୁ କହିଥିଲେ। ହେଲେ ଏତେ ଟଙ୍କା ଦେଇପାରିବେ ନାହିଁ ବୋଲି ତୃପ୍ତିମୟୀ ଅନୁରୋଧ କରିଥିଲେ। କିନ୍ତୁ ଅମିନ ପରିଡା ତାଙ୍କ କଥା ଶୁଣି ନ ଥିଲେ। ଶେଷରେ ମୂଲଚାଲ ହୋଇଥିଲା। ୧୫ ହଜାର ଟଙ୍କାରେ ଅମିନ ପରିଡା ରାଜି ହୋଇଥିଲେ। ତୃପ୍ତିମୟୀ ଏ ନେଇ ଫେବୃୟାରୀ ୨୦ ତାରିଖ ସମ୍ବଲପୁର ଭିଜିଲାନ୍ସ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ପାଇବା ଭିଜିଲାନ୍ସ ବିଭାଗ ଅମିନ ପରିଡାଙ୍କୁ ଧରିବାକୁ ଯୋଜନା ପ୍ରସ୍ତୁତ କରିଥିଲା। ସୋମବାର ତୃପ୍ତିମୟୀ ଅଫିସ ଭିତରେ ଅମିନ ପରିଡାଙ୍କୁ ଟଙ୍କା ଦେବାବେଳେ ସେଠାରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରି ନେଇଥିଲେ।

# ନେସ୍କୋ ଆଦାୟ କଲା ୮.୮୪ କୋଟି ବକେୟା

ବାଲେଶ୍ୱର ଅଫିସ, ୨୪।୨



ବିଦ୍ୟୁତ୍ କର୍ମଚାରୀ ଜଣେ ଉପଭୋକ୍ତାଙ୍କ ବିଦ୍ୟୁତ୍ ବିଚ୍ଛିନ୍ନ କରୁଛନ୍ତି।

ବାଲେଶ୍ୱର ନେସ୍କୋ ୟୁଟିଲିଟି ପକ୍ଷରୁ ଗତ ୧୬ ତାରିଖଠାରୁ ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ, କେନ୍ଦୁଝର ଜିଲାର ୧୨୦ଟି ସ୍ୱତନ୍ତ୍ର ସ୍କ୍ୱାଡ୍ ଦ୍ୱାରା ବକେୟା ବିଦ୍ୟୁତ୍ ବିଲ ଆଦାୟ ଓ ସଂଯୋଗ ବିଚ୍ଛିନ୍ନ ଅଭିଯାନ ଆରମ୍ଭ କରାଯାଇଛି। ରବିବାର ସୁଦ୍ଧା ୮ ଦିନରେ ୨୯, ୧୨୨ ବିଦ୍ୟୁତ୍ ଉପଭୋକ୍ତାଙ୍କଠାରୁ ୮କୋଟି ୮୪ଲକ୍ଷ ୩୮ହଜାର ଟଙ୍କା ଆଦାୟ ହୋଇଛି। ୬୩୫୪ଜଣ ଉପଭୋକ୍ତାଙ୍କର ୧୦କୋଟି ୧୫ଲକ୍ଷ ୮ହଜାର ଟଙ୍କା ବାକି ପଡ଼ିଥିବାରୁ ସେମାନଙ୍କୁ ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଇଛି। ସେହିପରି ୮୦୯ଜଣ ଉପଭୋକ୍ତାଙ୍କ ଠାରୁ ୪୪ଲକ୍ଷ ୯୨ହଜାର ଟଙ୍କା ଆଦାୟ କରାଯାଇ ପୁନଃ ବିଦ୍ୟୁତ୍ ସଂଯୋଗ ଦିଆଯାଇଥିବା ବିଭାଗ ପକ୍ଷରୁ ସୋମବାର ଏକ ପ୍ରେସ୍ ବିବୃତିରେ ଜଣାଇ ଦିଆଯାଇଛି।

ବାଲେଶ୍ୱର ଜିଲାର ୩୪ ସ୍କ୍ୱାଡ୍ ମାଧ୍ୟମରେ ୬୧୫୩ ବିଦ୍ୟୁତ୍ ଉପଭୋକ୍ତାଙ୍କଠାରୁ ୧କୋଟି ୭୧ଲକ୍ଷ ଟଙ୍କା ଆଦାୟ ହୋଇଛି। ୨୦୨୧ ଉପଭୋକ୍ତାଙ୍କର ୨କୋଟି ୨୮ଲକ୍ଷ ୧୯ହଜାର ଟଙ୍କା ବାକି ପଡ଼ିଥିବାରୁ ସେମାନଙ୍କ ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଇଛି। ସେହିପରି ଭଦ୍ରକରେ ୧୯ଟି ସ୍କ୍ୱାଡ୍ ମାଧ୍ୟମରେ ୨୮୫୨ ବିଦ୍ୟୁତ୍ ଉପଭୋକ୍ତାଙ୍କଠାରୁ ୧କୋଟି ୨୩ଲକ୍ଷ ୩୭ହଜାର ଟଙ୍କା ଆଦାୟ ହୋଇଛି। ୧୧୦୭ ଉପଭୋକ୍ତାଙ୍କର ୨କୋଟି ୨୧ଲକ୍ଷ ୧୫ହଜାର ଟଙ୍କା ବାକି ପଡ଼ିଥିବାରୁ ସେମାନଙ୍କ ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଇଛି। ଯାଜପୁରରେ ୨୦ଟି ସ୍କ୍ୱାଡ଼ ମାଧ୍ୟମରେ ୨୪୯୫ ବିଦ୍ୟୁତ୍ ଉପଭୋକ୍ତାଙ୍କଠାରୁ ୧ କୋଟି ୫୮ଲକ୍ଷ ୮୯ହଜାର ଟଙ୍କା ଆଦାୟ ହୋଇଛି। ୪୫୦ ଉପଭୋକ୍ତାଙ୍କର ୧କୋଟି ୬ଲକ୍ଷ ୪୩ହଜାର ଟଙ୍କା ବାକି ପଡ଼ିଥିବାରୁ ସେମାନଙ୍କ ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଇଛି। ମୟୂରଭଞ୍ଜରେ ୨୭ଟି ସ୍କ୍ୱାଡ୍ ମାଧ୍ୟମରେ ୧୨୭୪୨ ବିଦ୍ୟୁତ୍ ଉପଭୋକ୍ତାଙ୍କଠାରୁ ୨କୋଟି ୯୩ଲକ୍ଷ ୧୮ହଜାର ଟଙ୍କା ଆଦାୟ ହୋଇଛି। ୧୦୭୪ ଉପଭୋକ୍ତାଙ୍କର ୨କୋଟି ୮ଲକ୍ଷ ୬୮ହଜାର ଟଙ୍କା ବାକି ପଡ଼ିଥିବାରୁ ସେମାନଙ୍କ ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଇଛି। କେନ୍ଦୁଝରରେ ୨୦ଟି ସ୍କ୍ୱାଡ଼ ମାଧ୍ୟମରେ ୪୮୭୭ ବିଦ୍ୟୁତ୍ ଉପଭୋକ୍ତାଙ୍କଠାରୁ ୧କୋଟି ୩୭ଲକ୍ଷ ୯୪ହଜାର ଟଙ୍କା ଆଦାୟ ହୋଇଛି। ୧୭୦୨ ଉପଭୋକ୍ତାଙ୍କର ୨କୋଟି ୫୧ଲକ୍ଷ ୩୫ହଜାର ଟଙ୍କା ବାକି ପଡ଼ିଥିବାରୁ ସେମାନଙ୍କ ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଇଥିବା ବିଭାଗୀୟ ଲୋକସମ୍ପର୍କ ଅଧିକାରୀ ଚିତ୍ତରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

# ସାନଭାଇଙ୍କୁ ହାଣିବା ପରେ ବଡ଼ଭାଇଙ୍କ ଆତ୍ମହତ୍ୟା

ସମ୍ବଲପୁର,୨୪।୨(ବ୍ୟୁରୋ)

ସମ୍ବଲପୁର ଜିଲା ଶାସନ ଥାନା ଝରଘାଟି ଗ୍ରାମରେ ସୋମବାର ଅପରାହ୍ନରେ ଏକ ଅଭାବନୀୟ ଘଟଣା ଘଟିଛି। ସାନ ଭାଇଙ୍କୁ ହାଣିବା ପରେ ବଡ ଭାଇ ଆତ୍ମହତ୍ୟା କରିଛନ୍ତି। ମୃତ ବଡ଼ଭାଇ ହେଲେ ନିର୍ମଳ ଖଡିଆ(୨୫)। ତାଙ୍କ ଟାଙ୍ଗିଆ ଚୋଟରେ ଗୁରୁତର ସାନ ଭାଇ ନରେଶ ଖଡିଆ (୨୩)ଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଶାସନ ଥାନା ପୋଲିସ ଗ୍ରାମବାସୀଙ୍କ ଉପସ୍ଥିତିରେ ଘର କବାଟ ଭାଙ୍ଗି ଝୁଲନ୍ତା ଅବସ୍ଥାରେ ନିର୍ମଳଙ୍କ ମୃତଦେହ ଉଦ୍ଧାର କରିଛି। ଘଟଣା ସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଛି। ବୁର୍ଲା ଭିମ୍‌ସାରକୁ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଏ ନେଇ ଥାନାରେ ଏକ ମାମଲା( ନଂ. ୩୮/୨୦) ରୁଜୁ କରି ପୋଲିସ ତଦନ୍ତ କରୁଛି। ଆହତ ନରେଶଙ୍କ କହିବା ଅନୁଯାୟୀ, ପ୍ରତିଦିନ ବଡ ଭାଇ ନିଶାଶକ୍ତ ଅବସ୍ଥାରେ ଆସି ଘରେ ମା'ବାପା ଓ ତାଙ୍କୁ ମାରପିଟ କରନ୍ତି। ସୋମବାର ଅପରାହ୍ନ ପ୍ରାୟ ଗୋଟାଏ ସମୟରେ ନିର୍ମଳ ମା' ବାପାଙ୍କୁ ଟଙ୍କା ମାଗିଥିଲେ। ଏହାକୁ ନେଇ ମା'ବାପାଙ୍କ ସହିତ ତାଙ୍କର ଝଗଡା ହୋଇଥିଲା। ଏହାକୁ ନରେଶ ବିରୋଧ କରିଥିଲେ। ଏଥିରେ ଉତ୍ତେଜିତ ହୋଇ ନିର୍ମଳ ନରେଶଙ୍କ ତଣ୍ଟିଚିପି ହତ୍ୟା ଉଦ୍ୟମ କରିଥିଲେ। ଏହାପରେ ନରେଶ ତାଙ୍କୁ ଭୟଭୀତ କରିବା ପାଇଁ ଘରେ ଥିବା ଏକ ଟାଙ୍ଗିଆ ନେଇ ଆସିଥିଲେ। ହେଲେ ନିର୍ମଳ ସେହି ଟାଙ୍ଗିଆକୁ ଛଡାଇ ନରେଶଙ୍କୁ ଆକ୍ରମଣ କରିଥିଲେ। ଫଳରେ ସେ ଅଚେତହୋଇ ତଳେ ପଡିଯାଇଥିଲେ।

# ଆଇଏଏସ୍ ଅଧିକାରୀସ୍ତରରେ ଅଦଳବଦଳ

ଭୁବନେଶ୍ୱର,୨୪।୨(ବ୍ୟୁରୋ)

ଓଡ଼ିଶା ପ୍ରଶାସନରେ କାର୍ଯ୍ୟରତ କେତେକ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ଅଧିକାରୀସ୍ତରରେ ଛୋଟ ଧରଣର ଅଦଳବଦଳ କରାଯାଇଛି। ଏନେଇ ସୋମବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଜମିଜମା ରେକର୍ଡ, ସର୍ଭେ ଏବଂ ଚକବନ୍ଦୀ ନିର୍ଦ୍ଦେଶକ ବି.ପରମେଶ୍ୱରନ୍(୨୦୦୮)ଙ୍କୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ନିର୍ଦ୍ଦେଶକ ତଥା ଯୁଗ୍ମ ସଚିବଭାବେ ନିଯୁକ୍ତି ମିଳିଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଯୁଗ୍ମ ସଚିବ ଗୁହା ପୁନମ୍ ତାପସ କୁମାର(୨୦୦୮) ଏସ୍‌ଟି, ଏସ୍‌ସି, ସଂଖ୍ୟାଲଘୁ ସମ୍ପ୍ରଦାୟ ଏବଂ ଓବିସି କଲ୍ୟାଣ ବିଭାଗ ନିର୍ଦ୍ଦେଶିକା ଦାୟିତ୍ୱ ତୁଲାଇବେ। ହସ୍ତତନ୍ତ, ବୟନଶିଳ୍ପ ଏବଂ ହସ୍ତଶିଳ୍ପ ଅତିରିକ୍ତ ସଚିବ ବୃନ୍ଦାବନ ବେହେରା(୨୦୦୮) ଜମିଜମା ରେକର୍ଡ, ସର୍ଭେ, ଚକବନ୍ଦୀ ନିର୍ଦ୍ଦେଶକଭାବେ ନିଯୁକ୍ତି ପାଇଛନ୍ତି। ସେହିପରି ସ୍ମୃତି ରଞ୍ଜନ ପ୍ରଧାନ(ଏନ୍‌ଏସ୍‌ସିଏସ-୨୦୧୨)ଙ୍କୁ କଟକସ୍ଥିତ ମତ୍ସ୍ୟ ସମ୍ପଦ ନିର୍ଦ୍ଦେଶକ ଏବଂ ଉମାକାନ୍ତ ତ୍ରିପାଠୀ(ଏସ୍‌ସିଏସ୍)ଙ୍କୁ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ନିର୍ଦ୍ଦେଶକ ଦାୟିତ୍ୱ ମିଳିଛି।

# ଶାହିନ୍‌ବାଗ ବିକ୍ଷୋଭ | ରିପୋର୍ଟ ଦାଖଲ କଲେ ମଧ୍ୟସ୍ଥ

ନୂଆଦିଲ୍ଲୀ, ୨୪।୨

## ବୁଧବାର ଯାଏ ଶୁଣାଣି ସ୍ଥଗିତ



ଦିଲ୍ଲୀର ଶାହିନ୍‌ବାଗଠାରେ ସିଏଏ ବିରୋଧୀ ବିକ୍ଷୋଭ ଜାରି ରହିଥିବା ବେଳେ ସୁପ୍ରିମକୋର୍ଟ ପକ୍ଷରୁ ଏନେଇ ଶୁଣାଣିକୁ ବୁଧବାର ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ଅନ୍ୟପକ୍ଷରେ ଘଟଣାରେ ମଧ୍ୟସ୍ଥ ଭୂମିକା ତୁଲାଉଥିବା ବରିଷ୍ଠ ଓକିଲ ସଞ୍ଜୟ ହେଗ୍‌ଡେ ଓ ଓକିଲ ସାଧନା ରାମଚନ୍ଦ୍ରନ୍ ଜଉମୁଦା ଲଫାପାରେ ସେମାନଙ୍କ ରିପୋର୍ଟ ଦାଖଲ କରିଛନ୍ତି। ଶାହିନବାଗ ବିକ୍ଷୋଭକାରୀଙ୍କ ସହ ଆଲୋଚନା କରି ବିକ୍ଷୋଭ ସ୍ଥାନ ପରିବର୍ତ୍ତନ କରିବାକୁ ସେମାନଙ୍କୁ ସୁପ୍ରିମକୋର୍ଟ ନିଯୁକ୍ତି ଦେଇଥିଲେ। ଲୋକମାନଙ୍କ ଯିବା ଆସିବାରେ ସମସ୍ୟା ସୃଷ୍ଟି ହେବାରୁ ସର୍ବୋଚ୍ଚ ଅଦାଲତ ଏଭଳି ପଦକ୍ଷେପ ଗ୍ରହଣ କରିଥିଲେ। ଅମିତ୍ ସାହଣି ବିକ୍ଷୋଭକାରୀଙ୍କ ବିରୋଧରେ ମାମଲା ରୁଜୁ କରିଥିବା ବେଳେ ଏଭଳି କରାଯିବା ଦ୍ୱାରା ଦୈନନ୍ଦିନ ଜୀବନ ବାଧାପ୍ରାପ୍ତ ହେଉଥିବା ଦର୍ଶାଇଥିଲେ। ସର୍ବସାଧାରଣଙ୍କ ଲାଗି ଉଦ୍ଦିଷ୍ଟ ରାସ୍ତାକୁ ବନ୍ଦକରି ବିକ୍ଷୋଭ ନ କରିବା ଲାଗି ପଦକ୍ଷେପ ନେବାକୁ ସେ ସୁପ୍ରିମକୋର୍ଟଙ୍କୁ ଅନୁରୋଧ କରିଥିଲେ।

# ବିଏସ୍‌କେୱାଇ ସହ ଆୟୁଷ୍ମାନର ମିଶ୍ରଣ ନିଷ୍ପତ୍ତି ବିଚାରାଧୀନ: ମନ୍ତ୍ରୀ

ଭୁବନେଶ୍ୱର,୨୪।୨(ବ୍ୟୁରୋ)

ଓଡ଼ିଶା ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ) ସହ ଆୟୁଷ୍ମାନ ଯୋଜନାର ମିଶ୍ରଣ ପ୍ରସଙ୍ଗ ଏବେ ବି ବିଚାରାଧୀନ ରହିଛି। ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ସୋମବାର ବିଧାନସଭାରେ ଅଣତାରକା ପ୍ରଶ୍ନ ନଂ-୯୭୫ର ଉତ୍ତର ଦେଇ ଏହା କହିଛନ୍ତି। ବିଏସ୍‌କେୱାଇର ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ସମସ୍ତ ଜନସାଧାରଣ ସବୁ ସରକାରୀ ଚିକିତ୍ସାଳୟରେ ଦେୟମୁକ୍ତ ସେବା ପାଇପାରିବେ। ଏହି ଯୋଜନାର ଦ୍ୱିତୀୟ ପର୍ଯ୍ୟାୟରେ ରାଜ୍ୟରେ ୭୦ ଲକ୍ଷରୁ ଅଧିକ ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ପରିବାର ସରକାରୀ ଦେୟମୁକ୍ତ ସେବା ବ୍ୟତୀତ ପରିବାର ପିଛା ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦିଆଯାଉଛି। ମହିଳାଙ୍କ କ୍ଷେତ୍ରରେ ଅତିରିକ୍ତ ୫ ଲକ୍ଷ ଟଙ୍କା ସହ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସେବା ବେସରକାରୀ ଚିକିତ୍ସାଳୟରେ ପ୍ରଦାନ କରାଯାଇପାରିବ ବୋଲି ମନ୍ତ୍ରୀ ଉତ୍ତର ଲେଖିଛନ୍ତି।

# ରାଷ୍ଟ୍ରପତିଙ୍କ ନୈଶଭୋଜିରେ ଯୋଗଦେବେନି ମନମୋହନ

**ନୂଆଦିଲ୍ଲୀ,୨୪।୨(ପି.ଟି.):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମ୍ମାନାର୍ଥେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ମଙ୍ଗଳବାର ଏକ ନୈଶଭୋଜିର ଆୟୋଜନ କରିଛନ୍ତି। ହେଲେ ଏଥିରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ସମେତ କଂଗ୍ରେସ ନେତାମାନେ ଯୋଗଦେବେନି। ମନମୋହନ ନିମନ୍ତ୍ରଣ ରଖିଥିଲେ ହେଁ ଭୋଜିରେ ଯୋଗଦେବା ଲାଗି ଅକ୍ଷମତା ପ୍ରକାଶ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀଙ୍କୁ ଏହି ଭୋଜିକୁ ଆମନ୍ତ୍ରଣ କରାଯାଇ ନାହିଁ। ତେଣୁ ମନମୋହନଙ୍କ ସମେତ ରାଜ୍ୟ ସଭାରେ ବିରୋଧୀ ଦଳ ନେତା ଗୁଲାମ ନବୀ ଆଜାଦ ଏବଂ ଲୋକ ସଭାରେ ଦଳର ନେତା ଅଧୀର ରଞ୍ଜନ ଚୌଧୁରୀ ମଧ ଭୋଜିରେ ଯୋଗଦେବେ ନାହିଁ। ଟ୍ରମ୍ପଙ୍କୁ ଭେଟିବା ପାଇଁ କେନ୍ଦ୍ର ସରକାର କଂଗ୍ରେସର କୌଣସି ନେତାଙ୍କୁ ଅନୁମତି ଦେଇ ନ ଥିବାରୁ ଦଳ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି।


## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ. eT-M-UGM-PUI-R-95-2020

**କାର୍ଯ୍ୟର ନାମ :** ତିନି ବର୍ଷ ଅବଧି ନିମନ୍ତେ ପ୍ରାଥମିକ ରକ୍ଷଣାବେକ୍ଷଣ ଅବସରରେ ପୁରୀ କୋଚିଂ ଡିପୋ ଠାରେ BG ରେଳ କୋଚ୍‌ଗୁଡ଼ିକରେ ଦିନରାତି (Round the clock) ସାଧାରଣ ସାଜସଜ୍ଜା (General Furnishing), ବଢ଼େଇ କାମ (Carpentry), ପାଇପ୍ ଲାଇନ୍ (Plumbing) ଓ ଯାତ୍ରୀ ସୁବିଧା ଦେଖାଶୁଣା କାର୍ଯ୍ୟ ।

**ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) :** 7,45,63,656.02, EMD (ଟଙ୍କାରେ) : 5,22,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 11,800/-, ଶେଷ ହେବା ଅବଧି : 36 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.26.02.2020ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.11.03.2020ରିଖ 1530 ଘଟିକାରେ ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫର ଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଉପରୋକ୍ତ ଇ-ଟେଣ୍ଡର ର ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ସିନିୟର ଡିଭିଜନାଲ ମେକାନିକାଲ ଇଂଜିନିୟର/ ଖୋର୍ଦ୍ଧା ରୋଡ୍

PR-727/K/19-20



## ସର୍ବସାଧାରଣ ଘୋଷଣା

**(ଇନ୍‌ସଲ୍‌ଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି ବୋର୍ଡ ଅଫ୍ ଇଣ୍ଡିଆ (ପରିସମାପନ ପ୍ରକ୍ରିୟା) ରେଗୁଲେସନ୍ସ, ୨୦୧୬ର ରେଗୁଲେଶନ୍ ୩୨ ଓ ୩୩ ଅଧୀନରେ)**

| ସମ୍ପର୍କିତ ବିବରଣୀ | | |
|---|---|---|
| ୧. | କର୍ପୋରେଟ୍ ଋଣୀଙ୍କ ନାମ | ମା'ଦୁର୍ଗା ଥର୍ମାଲ ପାୱାର କମ୍ପାନୀ ଲିମିଟେଡ୍ |
| ୨. | କର୍ପୋରେଟ୍ ଋଣୀଙ୍କ ନିଗମୀକରଣ ତାରିଖ | ଡିସେମ୍ବର ୧୫, ୨୦୦୮ |
| ୩. | କର୍ତ୍ତୃପକ୍ଷ ଯାହାଙ୍କ ଅଧୀନରେ କର୍ପୋରେଟ୍ ଋଣୀ ନିଗମୀକୃତ/ପଞ୍ଜୀକୃତ ହୋଇଥିଲେ | କମ୍ପାନୀ ନିବନ୍ଧକ – କଟକ |
| ୪. | କର୍ପୋରେଟ୍ ଋଣୀଙ୍କ କର୍ପୋରେଟ୍ ପରିଚୟ ସଂଖ୍ୟା/ସୀମିତ ଉତ୍ତରଦାୟିତା ପରିଚୟ ସଂଖ୍ୟା | ୟୁ୪୦୧୦୨ଓଆର୍‌୨୦୦୮ପିଏଲ୍‌ସି୦୧୦୫୦୧ |
| ୫. | କର୍ପୋରେଟ୍ ଋଣୀଙ୍କ ପଞ୍ଜୀକୃତ କାର୍ଯ୍ୟାଳୟ ଠିକଣା ଏବଂ ପ୍ରଧାନ କାର୍ଯ୍ୟାଳୟ (ଯଦି ଥାଏ) | **ପଞ୍ଜୀକୃତ କାର୍ଯ୍ୟାଳୟ:** ସିଏଡିଡି ସେଣ୍ଟର ବିଲ୍ଡିଂ, ୨ୟ ମହଲା, ପ୍ରେସ୍ ଛକ, ମଧୁପାଟଣା, କଟକ, ଓଡ଼ିଶା – ୭୫୩୦୧୦<br>**କାରଖାନା ଅବସ୍ଥିତି:** ବର୍ଚ୍ଚିବୁଆ, ଟାଙ୍ଗୀ, କଟକ– ୭୫୪୦୨୨, ଓଡ଼ିଶା |
| ୬. | କର୍ପୋରେଟ୍ ଋଣୀଙ୍କ ପରିସମାପନ ଆରମ୍ଭ ତାରିଖ | ଜୁନ୍ ୨୫, ୨୦୧୯ |
| ୭. | ପରିସମାପକଙ୍କ ନାମ, ଠିକଣା, ଇମେଲ୍ ଠିକଣା, ଟେଲିଫୋନ ନମ୍ବର ଏବଂ ପଞ୍ଜୀକରଣ ନମ୍ବର | ନାମ: ପଙ୍କଜ ଧାନୁକା<br>ଆଇବିବିଆଇ ସହିତ ପଞ୍ଜୀକୃତ ଠିକଣା: ଏଫ୍ଇ ୩୨୮, ସେକ୍ଟର ୩, ସଲ୍ଟ ଲେକ୍ ସିଟି, କୋଲକାତା, ପଶ୍ଚିମବଙ୍ଗ, ୭୦୦୧୦୬<br>ପଞ୍ଜୀକୃତ ଇମେଲ୍ ଠିକଣା: pankajdhanuka@gmail.com<br>ଟେଲିଫୋନ୍: +୯୧ ୯୮୩୦୦ ୧୮୧୨୮<br>ପଞ୍ଜୀକରଣ ନଂ.: ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୧୨୦୫/୨୦୧୮-୨୦୧୯/୧୧୯୧୧<br>**ଯୋଗାଯୋଗ ଠିକଣା:** ଡିଲୋଏଟେ ଟଚେ ତୋହମାସୁ ଇଣ୍ଡିଆ ଏଲ୍‌ଏଲ୍‌ପି, ୧୩ ମହଲା, ବିଲ୍ଡିଂ – ଓମେଗା, ବେଙ୍ଗଲ ଇଣ୍ଟେଲିଜେଣ୍ଟ ପାର୍କ, ବ୍ଲକ୍ – ଇପି ଏବଂ ଜିପି, ସେକ୍ଟର – ଭି, ସଲ୍ଟ ଲେକ୍ ସିଟି, ପଶ୍ଚିମବଙ୍ଗ ୭୦୦୦୯୧<br>**ଯୋଗାଯୋଗ ଇମେଲ୍ ଠିକଣା:** inmtpclip@deloitte.com |
| ୮. | ଇ-ନିଲାମର ତାରିଖ | ନିଲାମ ଆରମ୍ଭ ତାରିଖ ଓ ସମୟ: ମାର୍ଚ୍ଚ ୨୬, ୨୦୨୦ @ ପୂ. ୧୧.୦୦ ଘ.<br>ନିଲାମ ସମାପ୍ତିର ତାରିଖ ଓ ସମୟ: ମାର୍ଚ୍ଚ ୨୬,୨୦୨୦ @ ଅ. ୦୫.୩୦ ଘ. |
| ୯. | ପ୍ରକ୍ରିୟା ଦସ୍ତାବିଜ ହାସଲର ପଦ୍ଧତି | ନିଲାମ ପ୍ରକ୍ରିୟାର ସବିଶେଷ ନିୟମ ଓ ସର୍ତ୍ତାବଳୀ ପ୍ରକ୍ରିୟା ଦସ୍ତାବିଜରେ ନିର୍ଦ୍ଧାରିତ ଅଟେ, ଯାହାକୁ ବିଡର୍‌ମାନେ inmtpclip@deloitte.com କୁ ଇମେଲ୍ ଅନୁରୋଧ ପଠାଇ ହାସଲ କରିପାରିବେ। |
| ୧୦. | ପ୍ରକ୍ରିୟା ଦସ୍ତାବିଜ ହାସଲର ଶେଷ ତାରିଖ | ମାର୍ଚ୍ଚ ୨୦,୨୦୨୦ |
| ୧୧. | ନିଲାମ ପ୍ରକ୍ରିୟାର ବିଷୟବସ୍ତୁ | କର୍ପୋରେଟ୍ ଋଣୀଙ୍କୁ ଚାଲୁ ବ୍ୟବସାୟ ଭାବେ ଅଧିଗ୍ରହଣ କରିବା |
| ୧୨. | ବିଡ୍ ଦାଖଲର ପଦ୍ଧତି | ପ୍ରକ୍ରିୟା ଦସ୍ତାବିଜରେ ନିର୍ଦ୍ଧାରିତ ହୋଇଥିବା ଅନୁଯାୟୀ, ଯାହା କର୍ପୋରେଟ୍ ଋଣୀଙ୍କ ପରିସମାପକଙ୍କ ଦ୍ୱାରା ଜାରି ହେବ। |
| ୧୩. | ବିକ୍ରୟ ମାଧ୍ୟମ | ବିକ୍ରୟ ମାଧ୍ୟମ ହେଉଛି ଖୋଲା ଇ-ନିଲାମ, ଯେଉଁଠାରେ ବିଡର୍‌ମାନେ ଖୋଲା ସମୟ ଅବଧି ସମୟରେ ଅନ୍ୟାନ୍ୟ ବିଡର୍‌ମାନଙ୍କର ପ୍ରତିଯୋଗିତାମୂଳକ ବିଡ୍ ଦେଖିପାରିବେ ।<br>କର୍ପୋରେଟ୍ ଋଣୀଙ୍କୁ ଏକ ଚାଲୁ ବ୍ୟବସାୟ ଭାବେ ଅଧିଗ୍ରହଣ କରିବା 'ଯେପରି ଅଛି ଯେଉଁଠାରେ ଅଛି' ଭିତ୍ତିରେ କରାଯିବ ଏବଂ କର୍ପୋରେଟ୍ ଋଣୀଙ୍କ ଅଥବା ପରିସମାପକଙ୍କ ଦ୍ୱାରା କୌଣସି ପ୍ରତିନିଧିତ୍ୱ, ୱାରେଣ୍ଟି ଅଥବା କ୍ଷତିପୂର୍ତ୍ତି ଦିଆଯିବ ନାହିଁ । |

ଦ୍ରଷ୍ଟବ୍ୟ: ଏଠାରେ ସୟଳିତ କୌଣସି ଲେଖା କର୍ପୋରେଟ୍ ଋଣୀକୁ ଏକ ଚାଲୁ ବ୍ୟବସାୟ ଭାବେ କିମ୍ବା ଏହାର ପରିସମ୍ପତ୍ତିକୁ ବିକ୍ରି କରିବାର ଏକ ବାଧ୍ୟତାମୂଳକ ଯାଚନା କିମ୍ବା ପ୍ରତିବଦ୍ଧତା ନୁହେଁ ।

ବିଡର୍‌ମାନେ ଏହା ଧ୍ୟାନରେ ରଖିବା ଜରୁରୀ ଯେ ଉପରଦର୍ଶିତ ନିଲାମ ପ୍ରକ୍ରିୟା ଇନସଲଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି ସଂହିତା, ୨୦୧୬ (''ସଂହିତା'') ଅନୁଯାୟୀ ସଞ୍ଚାଳିତ ହେଉଛି । ସଂହିତାର ଧାରା ୫୨ ସହିତ ପଠନପୂର୍ବକ ପ୍ରଯୁଜ୍ୟ ନିୟମାବଳୀର ନିୟମ ଅନୁଯାୟୀ ବିଦ୍ୟମାନ ପ୍ରଭାରୀଙ୍କ ଦ୍ୱାରା କର୍ପୋରେଟ ଋଣୀଙ୍କ କୌଣସି ପରିସମ୍ପତ୍ତି ଆଦାୟକରଣ କ୍ଷେତ୍ରରେ, ସମ୍ପୃକ୍ତ ପ୍ରଭାରୀଙ୍କ ଦ୍ୱାରା ଏପରି ବିକ୍ରିର ପ୍ରୟୋଗ ଯେପରି ଓ ଯେବେ କରାଯିବ, ସେହି ପରିସମ୍ପତ୍ତିଟି ପରିସମାପକଙ୍କ ଦ୍ୱାରା ସଞ୍ଚାଳନ କରାଯାଉଥିବା ନିଲାମ ପ୍ରକ୍ରିୟାର ପରିସରରୁ ବହିର୍ଭୂକ୍ତ ହୋଇଯିବ।

ଏହି ଆମନ୍ତ୍ରଣ ସମେତ ସମୟରେଖା କିମ୍ବା ସେଥିରେ ଅନ୍ତର୍ଭୁକ୍ତ ପ୍ରକ୍ରିୟାଗୁଡ଼ିକକୁ ବିନା କୌଣସି କାରଣ ଦର୍ଶାଇ, ଯେକୌଣସି ସମୟରେ ଓ ଯେକୌଣସି ଉପାୟରେ ସଂଶୋଧନ ଏବଂ/କିମ୍ବା ରଦ୍ଦ କରିବାର ଅଧିକାର ପରିସମାପକଙ୍କ ନିକଟରେ ସଂରକ୍ଷିତ। ଆମନ୍ତ୍ରଣ ସମେତ ଉପରଦର୍ଶିତ ସମୟରେଖାରେ ଏପରି କୌଣସି ସଂଶୋଧନ କର୍ପୋରେଟ୍ ଋଣୀଙ୍କ ୱେବ୍‌ସାଇଟ୍ www.inmtpcl.inରେ ଅଧିସୂଚିତ ହେବ।

ମା'ଦୁର୍ଗା ଥର୍ମାଲ ପାୱାର କମ୍ପାନୀ ଲିମିଟେଡ଼ ପାଇଁ
ସ୍ୱା./- ପଙ୍କଜ ଧାନୁକା

ମୀମାଂସା ବୃହିଧାରୀ – ପଞ୍ଜୀକରଣ ନଂ. ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୧୨୦୫/୨୦୧୮-୨୦୧୯/୧୧୯୧୧
ପଞ୍ଜୀକୃତ ଠିକଣା: ଏଫ୍ଇ ୩୨୮, ସେକ୍ଟର ୩, ସଲ୍ଟ ଲେକ୍ ସିଟି, କୋଲକାତା, ପଶ୍ଚିମବଙ୍ଗ, ୭୦୦୧୦୬
ପଞ୍ଜୀକୃତ ଇମେଲ୍: pankajdhanuka@gmail.com
ଯୋଗାଯୋଗ ଠିକଣା: ଡିଲୋଏଟେ ଟଚେ ତୋହମାସୁ ଇଣ୍ଡିଆ ଏଲ୍‌ଏଲ୍‌ପି, ୧୩ ମହଲା, ବିଲ୍ଡିଂ – ଓମେଗା, ବେଙ୍ଗଲ ଇଣ୍ଟେଲିଜେଣ୍ଟ ପାର୍କ, ବ୍ଲକ୍ – ଇପି ଏବଂ ଜିପି, ସେକ୍ଟର – ଭି, ସଲ୍ଟ ଲେକ୍ ସିଟି, ପଶ୍ଚିମବଙ୍ଗ ୭୦୦୦୯୧
ଯୋଗାଯୋଗ ଇମେଲ୍: inmtpclip@deloitte.com

ତାରିଖ: ଫେବୃୟାରୀ ୨୫, ୨୦୨୦
କୋଲକାତା


# ଆଜୀବନ କଏଦୀ ପଦିଆଙ୍କ ମୃତ୍ୟୁ

## ■ ବହୁଚର୍ଚ୍ଚିତ ୧୯୯୯ ବାରଙ୍ଗ ଗଣବଳାତ୍କାର ମାମଲା

ଭୁବନେଶ୍ୱର,୨୪।୨(ବ୍ୟୁରେ)

ବହୁଚର୍ଚ୍ଚିତ ୧୯୯୯ ବାରଙ୍ଗ ଗଣବଳାତ୍କାର ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଝାରପଡ଼ା ଜେଲ୍‌ରେ ଆଜୀବନ ସଜା କାଟୁଥିବା ଅନ୍ୟତମ ଅଭିଯୁକ୍ତ କଟକ ନୂଆବଜାରର ପ୍ରଦୀପ କୁମାର ସାହୁ (୫୫)ଙ୍କ ସୋମବାର ଅପରାହ୍ନରେ ମୃତ୍ୟୁ ଘଟିଛି। ପ୍ରଦୀପ ଗୁରୁତର ଅସୁସ୍ଥ ହୋଇପଡିବାରୁ ଜେଲ୍ କର୍ତ୍ତୃପକ୍ଷ ତାଙ୍କୁ ଗତ ୧୯ ତାରିଖରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ତାଙ୍କୁ ଆଇସିୟୁରେ ରଖାଯାଇ ଚିକିତ୍ସା ଚାଲିଥିଲା। ତେବେ ତାଙ୍କର ମୃତ୍ୟୁ ଘଟିବା ପରେ ଜେଲ୍ କର୍ତ୍ତୃପକ୍ଷ ଏନେଇ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିବା ସହ ପରିବାର ଲୋକଙ୍କୁ ଖବର ଦେଇଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ହସ୍ପିଟାଲର ଶବ ସଂରକ୍ଷଣ ଗୃହରେ ରଖିଛି। ମଙ୍ଗଳବାର ପରିବାର ଲୋକେ ଆସିଲେ ବ୍ୟବଚ୍ଛେଦ କରାଯାଇ ମୃତଦେହ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି। ପ୍ରଦୀପ ବହୁଦିନ ହେବ ଛାତିରେ ଯନ୍ତ୍ରଣା ଅନୁଭବ କରୁଥିଲେ। ତାଙ୍କୁ ମଝିରେ ମଝିରେ ଜେଲ୍ ହସ୍ପିଟାଲରେ ଚିକିତ୍ସା କରାଯାଉଥିଲା। ସ୍ୱାସ୍ଥ୍ୟାବସ୍ଥା ଅଧିକ ଜଟିଳ ହେଲେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଉଥିଲା। ଗତ ୧୯ ତାରିଖରେ ପ୍ରଦୀପ ଅସହ୍ୟ ଯନ୍ତ୍ରଣା ଅନୁଭବ କରିବା ପରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

ସୂଚନା ଅନୁଯାୟୀ, ୧୯୯୯ ଜାନୁୟାରୀ ୯ ରାତିରେ ଜଣେ ମହିଳାଙ୍କ ସହ ଜଣେ ଖବରଦାତା ଏକ କାରରେ ଭୁବନେଶ୍ୱର ଉପକଣ୍ଠ ବାରଙ୍ଗରୁ କଟକ ଅଭିମୁଖେ ଯାଉଥିଲେ। ଏହି ସମୟରେ ୩ଜଣ ଅଭିଯୁକ୍ତ ତାଙ୍କ କାରକୁ ଅଟକାଇ ଖବରଦାତାଙ୍କୁ ମାଡ଼ ମାରିବା ସହ ମହିଳାଙ୍କୁ ଟେକିନେଇ ଏକ ଧାନବିଲରେ ଗଣବଳାତ୍କାର କରିଥିଲେ। ଜାନୁୟାରୀ ୨୬ରେ ପୋଲିସ ୨ଜଣଙ୍କୁ ଗିରଫ କରି ରିମାଣ୍ଡରେ ନେଇ ପଚରାଉଚରା କରିଥିଲା। ଓଡିଶା ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏହି ମାମଲାର ତଦନ୍ତ ଦାୟିତ୍ୱ ସିବିଆଇ ନେଇଥିଲା। ମେ ୫ରେ ସିବିଆଇ ପକ୍ଷରୁ କୋର୍ଟରେ ଚାର୍ଜଶିଟ୍ ଦାଖଲ ହୋଇଥିଲା। ୨୦୦୨ ଏପ୍ରିଲ ୨୯ରେ ଖୋର୍ଦ୍ଧା ଜିଲା ଦୌରାଜଜ ମାମଲାର ଶୁଣାଣି କରି ୨ ଅଭିଯୁକ୍ତ ପ୍ରଦୀପ ସାହୁ ଓ ଧୀରେନ୍ଦ୍ର ମହାନ୍ତିଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଥିଲେ। ଏହି ମାମଲାରେ ଧୀରେନ୍ଦ୍ର ଝାରପଡ଼ା ଜେଲ୍‌ରେ ସଜା କାଟୁଥିବାବେଳେ ଅନ୍ୟ ଜଣେ ଅଭିଯୁକ୍ତ ବିବନ ବିଶ୍ୱାଳ ଏବେ ବି ଫେରାର ଅଛନ୍ତି।


## SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

କ୍ଷେତ୍ରୀୟ ବ୍ୟବସାୟିକ କାର୍ଯ୍ୟାଳୟ, କ୍ଷେତ୍ର-୨, ମଧୁପାଟଣା, ଲିଙ୍କ୍ ରୋଡ୍, କଟକ-୭୫୩୦୧୦

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍ ୮(୧)]

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୯ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟଗୁଡ଼ିକୁ ନିମ୍ନଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଋଣ ରାଶି କଥିତ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ଆକ୍ଟର ରୁଲ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତିଗୁଡ଼ିକ ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ବଡ଼ମ୍ବା ଶାଖା / ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ଜାମିନ୍‌ଦାରଙ୍କ ନାମ ଓ ଠିକଣା / ସମ୍ପତ୍ତିର ମାଲିକ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|---|
| **ଋଣଗ୍ରହୀତା: ଶ୍ରୀ ରବିନ୍ଦ୍ର ପ୍ରଧାନ,** ପିତା: ଲୋଚନ ପ୍ରଧାନ, ଗ୍ରାମ: ହରିପୁର, ପୋ: ଖୁଣ୍ଟକଟା, ଥାନା: ବଡ଼ମ୍ବା, ଜିଲ୍ଲା: କଟକ | **ଜାମିନ୍‌ଦାର: ଶ୍ରୀ ସତ୍ୟବାଦୀ ପ୍ରଧାନ,** ପିତା: ଲୋଚନ ପ୍ରଧାନ, ବଡ଼ମ୍ବା, ଜିଲ୍ଲା: କଟକ / **ସମ୍ପତ୍ତିର ମାଲିକ: ଶ୍ରୀ ସତ୍ୟବାଦୀ ପ୍ରଧାନ ଏବଂ ଶ୍ରୀ ରବିନ୍ଦ୍ର ପ୍ରଧାନ** | **ଶ୍ରୀ ସତ୍ୟବାଦୀ ପ୍ରଧାନ ଏବଂ ଶ୍ରୀ ରବିନ୍ଦ୍ର ପ୍ରଧାନଙ୍କ ନାମରେ** ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ହରିପୁର, ଥାନା/ତହସିଲ: ବଡ଼ମ୍ବା, ଖାତା ନଂ.: ୨୮୦/୭୭, ପ୍ଲଟ୍ ନଂ.: ୫୩ ଏବଂ ୫୪, କ୍ଷେତ୍ର: ଏକର୦.୧୯ଡିସିମିଲି, କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଚନ୍ଦ୍ର ଶେଖର ରାଉତ, ଦକ୍ଷିଣ: ପିତବାସ ପ୍ରଧାନ, ପୂର୍ବ: ପିତବାସ ପ୍ରଧାନ, ପଶ୍ଚିମ: ଗ୍ରାମ୍ୟ ରାସ୍ତା | ୨୬.୧୧.୨୦୧୯ | ୧୯.୦୨.୨୦୨୦ | ୧୫.୧୧.୨୦୧୯ ସୁଦ୍ଧା ଟ.୬,୨୭,୦୦୦/- + ସୁଧ ଏବଂ ସେବାବଦ ଖର୍ଚ୍ଚ |
| **ଋଣଗ୍ରହୀତା: ମେସର୍ସ ପଣ୍ଡା ଟାଏ ଡାଏ, ସ୍ୱତ୍ତ୍ୱାଧିକାରୀ: ଭିକାରୀ ଚରଣ ପଣ୍ଡା,** ପିତା: ୪ କୃଷ୍ଣ ଚନ୍ଦ୍ର ପଣ୍ଡା, ସା: ମୁକ୍ତାନଗର, ଅଭିମାନପୁର, ଥାନା: ବଡ଼ମ୍ବା, ଜିଲ୍ଲା: କଟକ | **ଜାମିନ୍‌ଦାର: ୪ କୃଷ୍ଣ ଚନ୍ଦ୍ର ପଣ୍ଡା,** ପିତା: ଗୋପି ପଣ୍ଡା, ସା/ପୋ: ଅଭିମାନପୁର, ଥାନା: ବଡ଼ମ୍ବା, ଜିଲ୍ଲା: କଟକ / **ସମ୍ପତ୍ତିର ମାଲିକ: ୪ କୃଷ୍ଣ ଚନ୍ଦ୍ର ପଣ୍ଡା** | **୪ କୃଷ୍ଣ ଚନ୍ଦ୍ର ପଣ୍ଡାଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଅଭିମାନପୁର, ତହସିଲ/ଥାନା: ବଡ଼ମ୍ବା, ଖାତା ନଂ.: ୫୪୪/୩୧୪, ପ୍ଲଟ୍ ନଂ.: ୩୬୨, କ୍ଷେତ୍ର: ଏକର୦.୩୨୦ଡିସିମିଲି, କିସମ: ଘରବାରି ଏବଂ ଖାତା ନଂ.: ୯୩, ପ୍ଲଟ୍ ନଂ.: ୧୩୯, କ୍ଷେତ୍ର: ଏକର୦.୧୬ଡିସିମିଲି, ପ୍ଲଟ୍ ନଂ.: ୧୪୩, କ୍ଷେତ୍ର: ଏକର୦.୧୩ଡିସିମିଲି, ପ୍ଲଟ୍ ନଂ.: ୫୧୮, କ୍ଷେତ୍ର: ଏକର୦.୧୬ଡିସିମିଲି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଏସ୍‌ଏଚ୍-୬୫, ଦକ୍ଷିଣ: ଲକ୍ଷ୍ମଣ କୁମାର ପଣ୍ଡା, ପୂର୍ବ: ରାଜକିଶୋର ପଣ୍ଡା, ପଶ୍ଚିମ: ଗ୍ରାମ୍ୟ ରାସ୍ତା | ୧୫.୧୧.୨୦୧୯ | ୧୯.୦୨.୨୦୨୦ | ୩୧.୧୦.୨୦୧୯ ସୁଦ୍ଧା ଟ.୮,୩୫,୩୫୦/- + ସୁଧ ଏବଂ ସେବାବଦ ଖର୍ଚ୍ଚ |

**ତାରିଖ: ୨୪.୦୨.୨୦୨୦**
**ସ୍ଥାନ: କଟକ**

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ,
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



ରାଗ, ଦ୍ୱେଷ, ଈର୍ଷା, ମନ ଭିତରେ ଥିଲେ ପୂଜାପାଠ, ଭଜନ କୀର୍ତ୍ତନ ନିରର୍ଥକ।

- ସନ୍ଥ ଏକନାଥ

# ବରମୁଣ୍ଡାରୁ ଅଧକୋଟିର ବ୍ରାଉନସୁଗାର ଜବତ

## ବାଲେଶ୍ୱରର ଦୁଇ ଡିଲର ଗିରଫ







ଜବତ ବ୍ରାଉନସୁଗାର ଓ ଗିରଫ ଦୁଇ ଅଭିଯୁକ୍ତ।

ଭୁବନେଶ୍ୱର,୨୪।୨(ବ୍ୟୁରୋ)

ଓଡ଼ିଶା ପାଲଟିଛି ବ୍ରାଉନସୁଗାର କାରବାରର ଗନ୍ତାଘର। ଯେତେ ଜବତ ହେଉଛି, ସେତେ ବାହାରୁଛି। ବିଶେଷକରି ବାଂଲାଦେଶ ଓ କଲିକତାରୁ ଓଡ଼ିଶା ଆସୁଥିବା ଏହି ବ୍ରାଉନସୁଗାରର ବଡ଼ ବଜାର ପାଲଟିଛି ରାଜଧାନୀ ଭୁବନେଶ୍ୱର। ଇତିମଧ୍ୟରେ ବହୁ ହୋଲ୍‌ସେଲର, ଡିଲରଙ୍କଠାରୁ ଆରମ୍ଭ କରି ଏଜେଣ୍ଟ, ଦଲାଲ ଓ ଖୁଚୁରା ବେପାରୀ ଭୁବନେଶ୍ୱରକୁ ଆସି କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଏବଂ କମିଶନରେଟ ପୋଲିସ ହାତରେ ଧରାପଡିଥିଲେ ମଧ୍ୟ ଏହି ବେଆଇନ ବେପାର ବନ୍ଦ ହେବାର ନାଁ ଧରୁନି। ସୋମବାର ଏସ୍‌ଟିଏଫ୍ ବରମୁଣ୍ଡାରୁ ୬ ପ୍ୟାକେଟରେ ଥିବା ୪୦୫ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏହାର ବଜାର ମୂଲ୍ୟ ପ୍ରାୟ ଅଧକୋଟି ହେବ। ତେବେ ଏହାକୁ ଚୋରା ଚାଲାଣ କରୁଥିବା ବାଲେଶ୍ୱରର ଦୁଇଜଣ ବ୍ରାଉନସୁଗାର ଡିଲରଙ୍କୁ ମଧ୍ୟ ଏସ୍‌ଟିଏଫ୍ ଗିରଫ କରିଛି। ସେମାନେ ହେଲେ ବାଲେଶ୍ୱର ଜିଲା ସହଦେବଖୁଣ୍ଟା ଗଳାପୋଲ ଅଞ୍ଚଳର ସେକ୍ ସାରୁକ୍ ଓ ସୁନହଟ ଅଞ୍ଚଳର ସଞ୍ଜୀବ କୁମାର ଦେହୁରୀ। ଦଫା ୨୧(ସି)୨୯ ଏନ୍‌ଡିପିଏସ୍‌ରେ ମାମଲା (ନଂ.୧୪/୨୦) ରୁଜୁ କରାଯାଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏସ୍‌ଟିଏଫ୍ ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ ସୋମବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

### କିଭଳି ଥିଲା ଏସ୍‌ଟିଏଫ୍ ଅପରେଶନ

କିଛି ମାସ ହେବ ବ୍ରାଉନସୁଗାର କାରବାର ଉପରେ ପୂରା ନଜର ରଖିଛି କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍। ସୁରାକ ପାଇବାମାତ୍ରେ ଯୋଜନା କରି ଧରୁଛି। ଇତିମଧ୍ୟରେ ବହୁ ଅନ୍ତର୍ଜାତୀୟ ବ୍ରାଉନ୍‌ସୁଗାର ମାଫିଆ, ହୋଲ୍‌ସେଲରଙ୍କଠାରୁ ଛୋଟ ବେପାରୀ ଏସ୍‌ଟିଏଫ୍ ଜାଲରେ ଫସିଛନ୍ତି। ସେମାନଙ୍କୁ ପଚରାଉଚରା କରି ଅନ୍ୟମାନଙ୍କୁ ଖୋଜି ବାହାର କରୁଛି। ରବିବାର ଗିରଫ ସାରୁକ୍ ଓ ସଞ୍ଜୀବଙ୍କ ସମ୍ପର୍କରେ ଏସ୍‌ଟିଏଫ୍‌କୁ ପୂର୍ବରୁ ସୂଚନା ମିଳିଥିଲା। ସେମାନେ ହେଉଛନ୍ତି କୋଲକାତା, ଖଡ଼ଗପୁର, ମୁର୍ସିଦାବାଦ ଓ ଓଡ଼ିଶାର ଜଳେଶ୍ୱରରେ ଥିବା ହୋଲ୍‌ସେଲରଙ୍କଠାରୁ ବ୍ରାଉନସୁଗାର ଆଣି ଡିଲରଶିପ୍ କରନ୍ତି। ସେମାନଙ୍କ ପାଖରୁ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଥିବା ସବ୍‌ଡିଲର ଓ ଏଜେଣ୍ଟମାନେ ବ୍ରାଉନସୁଗାର ଆଣି ଖୁଚୁରା ବେପାରୀଙ୍କୁ ଦେଇଥାନ୍ତି। କିନ୍ତୁ କିଛିଦିନ ହେବ ଏସ୍‌ଟିଏଫ୍ ଓ ପୋଲିସର ଧରାପଗଡ଼ ଚାଲିଥିବାରୁ ବିଶେଷକରି ସବ୍‌ଡିଲର ଓ ଏଜେଣ୍ଟମାନେ ସେମାନଙ୍କ ନିକଟକୁ ଯିବାକୁ ଭୟ କରୁଛନ୍ତି। ତେଣୁ ସେମାନେ ନିଜେ ବସ୍, ବାଇକ୍ ଓ ଟ୍ରେନ୍‌ରେ ଆସି ବ୍ରାଉନସୁଗାର ପହଞ୍ଚାଉଛନ୍ତି। ସାରୁକ୍ ଓ ସଞ୍ଜୀବ କୋଲକାତାର ଜଣେ ହୋଲ୍‌ସେଲରଙ୍କଠାରୁ ବ୍ରାଉନସୁଗାର ଆଣି ବସ୍‌ରେ ଭୁବନେଶ୍ୱର ଆସୁଥିବା ନେଇ ସୂଚନା ପାଇବା ପରେ ଏସ୍‌ଟିଏଫ୍ ଟିମ୍ ବରମୁଣ୍ଡା ସମେତ ଆଉ କେତେକ ସ୍ଥାନରେ ଜଗି ରହିଥିଲା। ସେମାନେ ବସ୍‌ଷ୍ଟାଣ୍ଡରେ ପହଞ୍ଚି ବାହାରକୁ ଆସି ପେଟ୍ରୋଲପମ୍ପ୍ ନିକଟରେ ବେପାରୀଙ୍କୁ ଅପେକ୍ଷା କରିଥିବାବେଳେ ଏସ୍‌ଟିଏଫ୍ ଅଧିକାରୀମାନେ ଘେରିଯାଇ କାବୁ କରିନେଇଥିଲେ। ଯାଞ୍ଚ କରିବାରୁ ସେମାନଙ୍କ ପକେଟରୁ ୬ ବ୍ରାଉନସୁଗାର ପ୍ୟାକେଟ ମିଳିଥିଲା।

### କୁର୍‌କୁରି ପ୍ୟାକେଟ, ଶାଢ଼ି ଭିତରେ ଚାଲାଣ

ସବୁବେଳେ ଭିନ୍ନ ଭିନ୍ନ ତରିକାରେ ବ୍ରାଉନସୁଗାର ଚାଲାଣ ହେଉଥିବାରୁ ପୋଲିସ ଏହାକୁ ଧରିବା କଷ୍ଟକର ହୋଇପଡୁଛି। ବେପାରୀମାନେ କେତେବେଳେ ମାଛ ଭିତରେ ତ ଆଉ କେତେବେଳେ ବିଲାତି, ସୁଜି ପ୍ୟାକେଟ ଭିତରେ ବ୍ରାଉନସୁଗାର ଚାଲାଣ କରୁଛନ୍ତି। ତେବେ ଅଧିକାଂଶ ସମୟରେ କୁର୍‌କୁରି ପ୍ୟାକେଟ ଓ ଶାଢ଼ି ଭିତରେ ବ୍ରାଉନସୁଗାର ରଖି ଚାଲାଣ କରନ୍ତି ବୋଲି ଗିରଫ ସାରୁକ୍ ଓ ସଞ୍ଜୀବ ପୋଲିସକୁ କହିଛନ୍ତି। ସେମାନେ ପ୍ୟାକେଟରୁ କୁର୍‌କୁରି କାଢି ସେଥିରେ ବ୍ରାଉନସୁଗାର ଭର୍ତ୍ତି କରି ମେସିନ ଦ୍ୱାରା ସିଲ୍ କରିଦିଅନ୍ତି। ସେହିପରି ନୂଆ ଶାଢ଼ି କିଣି ଭିତରେ ବ୍ରାଉନସୁଗାର ରଖି ଚାଲାଣ କରୁଥିବାରୁ ପୋଲିସ ସହଜରେ ଧରିପାରେ ନାହିଁ।

### ଚୋରା ବନ୍ଧୁକ କାରବାରରେ ସମ୍ପୃକ୍ତ

ଗିରଫ ଦୁଇ ଅଭିଯୁକ୍ତ ସେକ୍ ସାରୁକ୍ ଓ ସଞ୍ଜୀବ ବ୍ରାଉନସୁଗାର ବେପାର କରିବା ପୂର୍ବରୁ ଚୋରା ବନ୍ଧୁକ ବ୍ୟବସାୟ କରୁଥିବା ଜଣାପଡିଛି। ସେମାନଙ୍କ ନାମରେ ବାଲେଶ୍ୱର ଓ ସହଦେବଖୁଣ୍ଟା ଥାନାରେ ଏକାଧିକ ମାମଲା ରହିଛି। ସଞ୍ଜୀବଙ୍କ ନାମରେ ବାଲେଶ୍ୱର ଟାଉନ ଥାନାରେ କେସ୍ ନଂ.୨୫୦/୧୮, ବାଲେଶ୍ୱର ଥାନାରେ କେସ୍ ନଂ.୮୮/୧୯ ଓ ସହଦେବଖୁଣ୍ଟା ଥାନାରେ କେସ୍ ନଂ.୧୬୮/୧୭ରେ ବହୁ ସଙ୍ଗିନ ମାମଲା ରହିଛି। ସେହିଭଳି ସାରୁକ୍‌ଙ୍କ ନାମରେ ସହଦେବଖୁଣ୍ଟା ଥାନାରେ କେସ୍ ନଂ.୧୮/୧୯ ଓ କେସ୍ ନଂ.୨୧୧/୧୮ରେ ହତ୍ୟା ଉଦ୍ୟମ, ବନ୍ଧୁକ ବେପାର ଆଦି ଏକାଧିକ ମାମଲା ରହିଛି। ଏସ୍‌ଟିଏଫ୍ ଏହି କଳା କାରବାରର ଖୋଳତାଡ଼ କରିବ ବୋଲି ସୂଚନା ମିଳିଛି।

### ଦୁଇଜଣଙ୍କ ସମ୍ପତ୍ତି ଫ୍ରିଜ୍ ହେବ

ଧରା ପଡୁଥିବା ବ୍ରାଉନସୁଗାର ବେପାରୀଙ୍କ ଉପରେ ଏବେ ଏସ୍‌ଟିଏଫ୍ କଡା କାର୍ଯ୍ୟାନୁଷ୍ଠାନ ନେଉଛି। ସେମାନଙ୍କ ସମ୍ପତ୍ତି ଓ ଆର୍ଥିକ କାରବାରକୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯାଉଛି। ବ୍ରାଉନସୁଗାର ବେପାରରୁ ସମ୍ପତ୍ତି ଠୁଳ ହୋଇଥିବା ନେଇ ପ୍ରମାଣ ଯୋଗାଡ଼ କରୁଛି। ଏହିଭଳି ଦୁଇ ବ୍ରାଉନସୁଗାର ଡିଲରଙ୍କ ସମ୍ପତ୍ତିର ଖୋଳତାଡ଼ ଆରମ୍ଭ ହୋଇଛି। ବ୍ରାଉନସୁଗାର ବେପାର ଟଙ୍କାରେ ସେମାନେ ସମ୍ପତ୍ତି କିଣିଛନ୍ତି କି? ଏହାର ତଦନ୍ତ ଚାଲିଛି। ପ୍ରମାଣ ମିଳିବା ପରେ ଆବଶ୍ୟକ ପ୍ରକ୍ରିୟା ଅନୁଯାୟୀ ତାହାକୁ ଫ୍ରିଜ୍ କରାଯିବ ବୋଲି ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି।

## ସଂକ୍ଷେପରେ

### ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟରେ ମହିଳାଙ୍କୁ ନିର୍ଯାତନା ଅଭିଯୋଗ

ଭୁବନେଶ୍ୱର,୨୪।୨(ବ୍ୟୁରୋ)-ରାଜ୍ୟ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟରେ କାର୍ଯ୍ୟରତ ଜଣେ ମହିଳାଙ୍କୁ ଜନୈକ ଉଚ୍ଚପଦସ୍ଥ ଅଧିକାରୀ ନିର୍ଯାତନା ଦେଉଥିବା ରାଜ୍ୟ ମହିଳା କମିଶନରେ ଅଭିଯୋଗ ହୋଇଛି। ଅଭିଯୋଗର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ମହିଳା କମିଶନ ପକ୍ଷରୁ ଉନ୍ନୟନ କମିଶନରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାନୁଯାୟୀ, ମହିଳା କର୍ମଚାରୀ ଜଣକ ବ୍ୟକ୍ତିଗତ ପ୍ରାପ୍ୟ ଓ କେତେକ ସମସ୍ୟା ସମାଧାନ ନିମନ୍ତେ ଉକ୍ତ ଉଚ୍ଚପଦସ୍ଥ ଅଧିକାରୀଙ୍କ ନିକଟକୁ ଯାଇଥିଲେ। କିଛି ସୁଫଳ ନ ମିଳିବାରୁ ଉଚ୍ଚ କର୍ତ୍ତୃପକ୍ଷ ତଥା ଉନ୍ନୟନ କମିଶନରଙ୍କୁ ଭେଟି ନ୍ୟାୟ ମାଗିଥିଲେ। ଫଳରେ ଉଚ୍ଚପଦସ୍ଥ ଅଧିକାରୀ ଜଣକ ଉତ୍‌କ୍ଷିପ୍ତ ହୋଇ ତାଙ୍କୁ ଅଭଦ୍ର ଭାଷାରେ ଗାଳି କରିଥିଲେ। ପ୍ରତିବାଦ କରିବାରୁ ତାଙ୍କୁ ନାନା ଧମକ ଚମକ ଦେଇଥିଲେ। ନିର୍ଯାତନା ବିରୋଧରେ ମହିଳା ଜଣକ ୨୦୧୯ରେ ବିଭାଗୀୟ ଏବଂ ସରକାରଙ୍କ ଉଚ୍ଚ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ହେଲେ ତାଙ୍କୁ ନ୍ୟାୟ ମିଳି ନ ଥିଲା। ଶେଷରେ ସେ ମହିଳା କମିଶନଙ୍କ ଦ୍ୱାରସ୍ଥ ହୋଇଛନ୍ତି।

### ସ୍ମାର୍ଟ ସିଟି ପରାମର୍ଶଦାତା ଫୋରମର ବୈଠକ

ଭୁବନେଶ୍ୱର,୨୪।୨(ବ୍ୟୁରୋ): ଭୁବନେଶ୍ୱର ସ୍ମାର୍ଟ ସିଟିକୁ ଅଧିକ ବିକଶିତ କରିବାକୁ ବିଏମ୍‌ସି, ବିଡିଏ ଏବଂ ବିଏସ୍‌ସିଏଲ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ସ୍ମାର୍ଟ ସିଟିକୁ ଅଧିକ ସ୍ମାର୍ଟ କରିବା ପାଇଁ ସୋମାବାର ବିଡିଏ କନଫେରେନ୍ସ ହଲରେ ସ୍ମାର୍ଟ ସିଟି ପରାମର୍ଶଦାତା ଫୋରମର ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଭିନ୍ନକ୍ଷମ, ସାମାଜିକ ସୁରକ୍ଷା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସରକାରୀ ଏବଂ ବେସରକାରୀ ସଂସ୍ଥାଗୁଡିକର କର୍ମକର୍ତ୍ତା, ବସ୍ତିବାସିନ୍ଦା, ଯୁବପିଢି ଆଦି ବିଭିନ୍ନ ବର୍ଗର ଲୋକ ଯୋଗ ଦେଇଥିଲେ। ଏଥିରେ ଭୁବନେଶ୍ୱରକୁ ଅଧିକ ବିକଶିତ କରିବା ସହ ବର୍ତ୍ତମାନ ଲୋକେ ସମ୍ମୁଖୀନ ହେଉଥିବା ଅସୁବିଧାଗୁଡିକର ସମାଧାନ କରିବା ଉପରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଯୋଗଦେଇ ବିଏସ୍‌ସିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଥିଲେ, ଆମେ ବିଭିନ୍ନ ବର୍ଗର ଲୋକମାନଙ୍କ ସହ ଆଲୋଚନା କରିଛୁ। ସେମାନଙ୍କ ବିଭିନ୍ନ ଅସୁବିଧା ଏବଂ ପରାମର୍ଶକୁ ଆମେ ଠିକ୍ ମାର୍ଗରେ କାର୍ଯ୍ୟକ୍ଷମ କରିବାକୁ ପ୍ରୟାସ କରିବୁ ବୋଲି ସେ କହିଛନ୍ତି।

### ଶହୀଦନଗର ଆକ୍ରମଣ ଘଟଣା: ଧରାପଡ଼ିଲେ ଆଉ ଜଣେ ନାବାଳକ

ଭୁବନେଶ୍ୱର,୨୪।୨(ବ୍ୟୁରୋ): ଶହୀଦନଗର ଥାନା ୟୁନିଟ-୯ ଗ୍ରୀଡ୍‌କୋ କଲୋନୀରେ ପି. ଆକାଶ ଦୋରାଙ୍କୁ ମରଣାନ୍ତକ ଆକ୍ରମଣ କରିବା ଘଟଣାରେ ସମ୍ପୃକ୍ତ ଆଉ ଜଣେ ନାବାଳକଙ୍କୁ ପୋଲିସ ଧରିଛି। ଗତ ୧୭ ତାରିଖରେ ଏହି ଘଟଣାରେ ସମ୍ପୃକ୍ତି ନେଇ ପୋଲିସ ଜଣେ ନାବାଳକଙ୍କୁ ଧରି ବାଳ ସୁଧାର ଗୃହକୁ ପଠାଇଥିଲେ। ସୋମବାର ଧରା ହୋଇଥିବା ଅନ୍ୟ ଜଣେ ନାବାଳକଙ୍କୁ ବାଳସୁଧାର ଗୃହକୁ ପୁଣି ପଠାଇ ଦିଆଯାଇଛି। ଏହି ଘଟଣାରେ ପୋଲିସ ଆଉ ୨ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ପୂର୍ବରୁ ମରଣାନ୍ତକ ଆକ୍ରମଣ ଘଟଣାରେ ସମ୍ପୃକ୍ତ ୬ ଅଭିଯୁକ୍ତ ମଞ୍ଚେଶ୍ୱର ଥାନା ଅଞ୍ଚଳର ଶୁଭମ ଦାସ, ସୌମ୍ୟରଞ୍ଜନ ମହାରଣା, ପିଣ୍ଟୁ ଗୋସ୍ୱାମୀ, ବିବେକାନନ୍ଦ ଦତ୍ତ, ଆକାଶ ପାତ୍ର ଓ ଜୟଦେବ ବିହାର ଅଞ୍ଚଳର ଏସ.କେ. ଫରାନଙ୍କୁ ଗିରଫ କରିଥିଲା। ଏହି ଘଟଣାକୁ ନେଇ ପୋଲିସ ନଂ. ୮୭/୨୦ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିଲା। ସୂଚନା ମୁତାବକ ପି. ଆକାଶ ଦୋରା ଶହୀଦନଗର ଦୁର୍ଗାମଣ୍ଡପ ନିକଟରେ ସାଙ୍ଗମାନଙ୍କ ସହ ବସିଥିଲେ। ଏହି ସମୟରେ କେତେଜଣ ଯୁବକ ବାଇକ୍ ଏକ୍ସିଲିଟରକୁ ଜୋରରେ ମୋଡି ବିକଟାଳ ଶବ୍ଦ କରିଥିଲେ। ଦୋରା ଏବଂ ତାଙ୍କ ସାଙ୍ଗମାନେ ଏହାକୁ ବିରୋଧ କରିବାରୁ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଅପରପକ୍ଷର ଯୁବକମାନେ ଦୋରାଙ୍କୁ ଏକୁଟିଆ ବେଳେ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ନେଇ ପୋଲିସ ଚଢ଼ାଉ ଜାରି ରଖିଛି।

## ପୋଲିସ, ଡାକ୍ତରଙ୍କୁ ଧମକ ଦେଇ ଯୁବକ ଗିରଫ

ଭୁବନେଶ୍ୱର,୨୪।୨(ବ୍ୟୁରୋ)

କ୍ୟାପିଟାଲ ହସ୍ପିଟାଲ ପରିସରରେ କାର୍ଯ୍ୟରତ ପୋଲିସ ଓ ଡାକ୍ତରଙ୍କୁ ଧମକ ଦେବା ସହ ରୋଗୀଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ କ୍ୟାପିଟାଲ ପୋଲିସ ସୋମବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ କେନ୍ଦ୍ରାପଡ଼ା ଜିଲା ନିକିରାଇ ଥାନା ଅନ୍ତର୍ଗତ ବୀରନୀଳକଣ୍ଠପୁର ଅଞ୍ଚଳର ସରୋଜ କୁମାର ମିଶ୍ର। ସେ କ୍ୟାପିଟାଲ ହସ୍ପିଟାଲ ପରିସର ଏକ ଘରକୁ ଜବରଦଖଲ କରି ରହୁଥିଲେ। ସୂଚନା ମୁତାବକ, ସରୋଜ ଏହି ହସ୍ପିଟାଲରେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରୁଥିଲେ। ମାତ୍ର ପରେ ତାଙ୍କର ବିଭିନ୍ନ ଆପତ୍ତିଜନକ କାର୍ଯ୍ୟକଳାପ ଯୋଗୁ ସିକ୍ୟୁରିଟି ଗାର୍ଡ ସଂସ୍ଥା ପକ୍ଷରୁ ତାଙ୍କୁ ବିଦା କରାଯାଇଥିଲା। ୩ ମାସ ତଳେ ଜଣେ ଆଇନଜୀବୀ ତାଙ୍କ ସମ୍ପର୍କୀୟ ରୋଗୀଙ୍କୁ ନେଇ ମେଡିକାଲ ଆସିଥିବାବେଳେ ଧମକ ଦେବା ସହ ଗଣ୍ଡଗୋଳ କରିଥିଲେ। ଏଥିରେ ଫାଣ୍ଡି ପୋଲିସ ବିରୋଧ କରିବାରୁ ସେମାନଙ୍କୁ ଠେଲାପେଲା କରିବାରୁ ଥାନାରେ ଅଭିଯୋଗ ହୋଇଥିଲା। ଏପରିକି ଡାକ୍ତରଙ୍କୁ ଭେଟିବା ନେଇ ଧାଡିରେ ଠିଆ ହୋଇଥିବା ରୋଗୀଙ୍କ ମଧ୍ୟରେ ବଳପୂର୍ବକ ଅନ୍ୟ ଲୋକଙ୍କୁ ଭର୍ତ୍ତି କରୁଥିଲେ। ଏ ନେଇ ଜଣେ ଯୁବତୀ ସରୋଜଙ୍କ କାର୍ଯ୍ୟକୁ ବିରୋଧ କରିବାରୁ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଅସଦାଚାରଣ କରିଥିଲେ। ଏପରିକି ଗତ ୩ ତାରିଖରେ କାର୍ଯ୍ୟରତ ଡା. ଚିତ୍ତରଞ୍ଜନ ପାତ୍ରଙ୍କୁ ସରୋଜ ଗାଳିଗୁଲଜ କରିବା ସହ ଧମକ ଦେବାରୁ ସେ ଥାନା ଓ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଉକ୍ତ ସମସ୍ତ ଘଟଣାକୁ କେନ୍ଦ୍ର କରି ହସ୍ପିଟାଲ କର୍ତ୍ତୃପକ୍ଷ ସରୋଜଙ୍କ ବିରୋଧରେ ସୋମବାର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ନଂ. ୯୪/୨୦ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଧରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ବିଚାର ବିଭାଗୀୟ ଅଭିଯୁକ୍ତଙ୍କୁ ହାଜତକୁ ପଠାଇ ଦିଆଯାଇଛି।

## ଏବେ ଖାଇହେବ କୁକୁଡ଼ା ମାଂସ

ଭୁବନେଶ୍ୱର, ୨୪।୨(ବ୍ୟୁରୋ)

ଓୟୁଏଟି କୁକୁଡ଼ା ଫାର୍ମରେ ବାର୍ଡ-ଫ୍ଲୁ ଲାଗିଥିବା ପରିପ୍ରେକ୍ଷୀରେ ଲୋକମାନେ ଆଶଙ୍କା ମଧ୍ୟରେ କୁକୁଡ଼ା ମାଂସ ଓ ଅଣ୍ଡା ଖାଉନାହାନ୍ତି। କିନ୍ତୁ ଏଥିପାଇଁ କୌଣସି ଆଶଙ୍କା ସୃଷ୍ଟି ହେବା ଉଚିତ ନୁହେଁ। କୁକୁଡ଼ା ମାଂସ ଓ ଅଣ୍ଡା ଖାଇବାରେ କୌଣସି ଭୟ ନାହିଁ ବୋଲି ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି। ସରକାରଙ୍କ ତରଫରୁ ଓୟୁଏଟି କୁକୁଡ଼ା ଫାର୍ମ ଓ ଏହାର ଏକ କିଲୋମିଟର ବ୍ୟାସାର୍ଦ୍ଧ ଅଞ୍ଚଳରେ ସମସ୍ତ କୁକୁଡ଼ା ଓ ବତକଙ୍କୁ ମାରି ପୋତି ଦିଆଯିବା ସହ ଉପଲବ୍ଧ ଅଣ୍ଡା ଓ କୁକୁଡ଼ା ଖାଦ୍ୟକୁ ମଧ୍ୟ ନଷ୍ଟ କରି ପୋତି ଦିଆଯାଇଛି। ଫାର୍ମର ଏକ କିଲୋମିଟର ବ୍ୟାସାର୍ଦ୍ଧ ଅଞ୍ଚଳରେ ବିଶୋଧକ ପ୍ରୟୋଗ କରାଯାଇଛି। ଓୟୁଏଟି କୁକୁଡ଼ା ଫାର୍ମକୁ ସିଲ୍ କରାଯାଇଥିବା ବେଳେ ଖୋର୍ଦ୍ଧା ଜିଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀଙ୍କ ତରଫରୁ ଗତ ୪ ତାରିଖରେ 'ଜୀବାଣୁମୁକ୍ତ ପ୍ରମାଣପତ୍ର' ପ୍ରଦାନ କରାଯାଇଛି। ତେଣୁ କୁକୁଡ଼ା ମାଂସ ଓ ଅଣ୍ଡା ଖାଇବାରେ କୌଣସି ପ୍ରତିବନ୍ଧକ ନାହିଁ ବୋଲି ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି। କୁକୁଡ଼ା ମାଂସ ଓ ଅଣ୍ଡାକୁ ଭଲ ଭାବେ ସିଝାଇ ଖାଇଲେ କୌଣସି ଭୟ ରହିବ ନାହିଁ। ୭୦ଡିଗ୍ରୀ ସେଲ୍‌ସିୟସ ତାପମାତ୍ରାରେ ୩୦ମିନିଟ୍ ପର୍ଯ୍ୟନ୍ତ ସିଝାଇଲେ ବାର୍ଡ-ଫ୍ଲୁ (ଏଚ୍୫ ଏନ୍୧) ଭୂତାଣୁ ନଷ୍ଟ ହୋଇଯାଏ। ଏହାବ୍ୟତୀତ ଜାନୁୟାରୀ ୨୮ରୁ ଏ ପର୍ଯ୍ୟନ୍ତ ଓୟୁଏଟି କୁକୁଡ଼ା ଫାର୍ମର ଏକରୁ ଦଶ କିଲୋମିଟର ବ୍ୟାସାର୍ଦ୍ଧ ଅଞ୍ଚଳରେ କୌଣସି କୁକୁଡ଼ା ବା କୁକ୍କୁଟଜାତୀୟ ପକ୍ଷୀଙ୍କ ଅସ୍ୱାଭାବିକ ମୃତ୍ୟୁ ହୋଇନାହିଁ। ତେଣୁ ଲୋକେ ଆଶଙ୍କାଗ୍ରସ୍ତ ନ ହୋଇ କୁକୁଡ଼ା ମାଂସ ଓ ଅଣ୍ଡା ଖାଇପାରିବେ ବୋଲି ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି।

## ଯୁବତୀଙ୍କୁ ପ୍ରତାରଣା: ଅଭିଯୁକ୍ତ ବିବାହିତ ଯୁବକ ଅଟକ

ଭୁବନେଶ୍ୱର,୨୪।୨(ବ୍ୟୁରୋ)

ଶହୀଦନଗର ଥାନା ଅଞ୍ଚଳରେ ରହୁଥିବା ଜଣେ ଯୁବତୀଙ୍କୁ ପ୍ରେମ ଜାଲରେ ଫସାଇ ବିବାହ ପ୍ରତିଶ୍ରୁତି ଦେଇ ଶାରିରୀକ ସମ୍ପର୍କ ରଖିଲେ। ପରେ ପ୍ରତାରଣା କରିବା ଅଭିଯୋଗରେ ପୋଲିସ ଅଭିଯୁକ୍ତ ବିବାହିତ ଯୁବକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଅଭିଯୁକ୍ତ ଯୁବକଙ୍କ ଘର ଜଗତ୍‌ସିଂପୁରରେ। ସେ ଟଙ୍କପାଣି ରୋଡ୍‌ରେ ପରିବାର ସହ ରହୁଛନ୍ତି। ସେ ଏକ ଘରୋଇ ଆଇଟି କମ୍ପାନୀରେ କାର୍ଯ୍ୟକରୁଥିବାବେଳେ ଜଣେ ଯୁବତୀଙ୍କୁ ପ୍ରେମ ଜାଲରେ ପସାଇ ପରବର୍ତ୍ତୀ ସମୟରେ ପ୍ରତାରଣା କରିଥିଲେ। ଥାନା ଅଧିକାରୀ ବିରଞ୍ଚି ନାରାୟଣ ପତି କହିଛନ୍ତି, ଅଭିଯୋଗ ମୁତାବକ ତଦନ୍ତ ଚାଲିଛି। ପ୍ରମାଣ ମିଳିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ସୋମବାର ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ 'ମ୍ୟୁଜିକାଲ ଜର୍ନି: ଏଭରଗ୍ରୀନ୍ ବଲିଉଡ୍ ସଙ୍ଗ୍'ରେ କଣ୍ଠଶିଳ୍ପୀମାନେ ସଙ୍ଗୀତ ପରିବେଷଣ କରୁଛନ୍ତି।

## ନବୀନ-ପ୍ରବୀଣ ଶିଳ୍ପୀଙ୍କ ଯୁଗଳବନ୍ଦୀ

ଭୁବନେଶ୍ୱର,୨୪।୨(ବ୍ୟୁରୋ)





ମ୍ୟୁଜିକ୍ ସିଜଲର୍ସ ପକ୍ଷରୁ ସୋମବାର ସ୍ଥାନୀୟ ରବୀନ୍ଦ୍ର ମଣ୍ଡପରେ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ 'ମ୍ୟୁଜିକାଲ ଜର୍ନି: ଏଭରଗ୍ରୀନ୍ ବଲିଉଡ୍ ସଙ୍ଗ୍' ଅନୁଷ୍ଠିତ ହୋଇଯାଇଛି। କୁମାର ଗୌରବଙ୍କ ପ୍ରଯୋଜନା ଓ ଶାରଦା ପ୍ରସନ୍ନ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଭୟ ନବୀନ ଏବଂ ପ୍ରବୀଣ କଣ୍ଠଶିଳ୍ପୀମାନେ ସଙ୍ଗୀତ ପରିବେଷଣ କରିଥିଲେ। କଣ୍ଠଶିଳ୍ପୀ ଦେବଦାସ, ଶ୍ୱେତା, ସୀମା, ରଶ୍ମିରଞ୍ଜନ, ପୁଷ୍ପାଞ୍ଜଳି, ପଲ୍ଲବୀ, ବବି, ତନ୍ମୟ, ବିବେକ, ରାକ୍ଷୀ, ତନୁଶ୍ରୀ, ଅନନ୍ୟା ପ୍ରମୁଖ ୩୦ରୁ ଊର୍ଦ୍ଧ୍ୱ ମନଛୁଆଁ ଗୀତ ଗାଇଥିଲେ। ମହମ୍ମଦ ନାସିରଙ୍କ ସଙ୍ଗୀତ ପରିବେଷଣ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ସାଜିଥିଲା। ଗୁଲସନ୍ ନଦୀମଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଙ୍ଗୀତ ସନ୍ଧ୍ୟାରେ ଅତିଥିଭାବେ ବିଧାୟକ ଅନନ୍ତ ନାରାୟଣ ଜେନା, ଚଳଚ୍ଚିତ୍ର ଅଭିନେତା ସବ୍ୟସାଚୀ ମିଶ୍ର, ସିନେ ସମୀକ୍ଷକ ଦିଲୀପ ହାଲି, ଇଂ. କମଳାକାନ୍ତ ମହାନ୍ତି, ବିଭୂତିଭୂଷଣ ଦାଶ, ମୁକେଶ ଅଗ୍ରୱାଲ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ମ୍ୟୁଜିକ ସିଜଲର୍ସ ପକ୍ଷରୁ ପ୍ରସନ୍ନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଘାଟିକିଆ ଜଙ୍ଗଲରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ଭୁବନେଶ୍ୱର,୨୪।୨(ବ୍ୟୁରୋ)

ଖଣ୍ଡଗିରିସ୍ଥିତ ଘାଟିକିଆ ଜଙ୍ଗଲରୁ ଜଣେ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ପୋଲିସ ସୋମବାର ଉଦ୍ଧାର କରିଛି। ମୃତକ ହେଲେ ବରମୁଣ୍ଡା ଗୋଦାମସାହି ଅଞ୍ଚଳରେ ରହୁଥିବା ବୁଦ୍ଧିଆ ଗୌଡ(୬୫)। ପାରିବାରିକ କଳହରୁ ବୃଦ୍ଧ ବ୍ୟକ୍ତି ଜଣଙ୍କ ଆତ୍ମହତ୍ୟା କରିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଏ ନେଇ ପୋଲିସ (ନଂ. ୫୩/୨୦) ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ପୋଲିସ ସୂଚନା ମୁତାବକ, ସୋମବାର ସକାଳ ପ୍ରାୟ ୮ଟା ବେଳକୁ ଘାଟିକିଆ ନିକଟରେ ଥିବା ଜଙ୍ଗଲରେ ମୃତଦେହ ଝୁଲୁଥିବା ନେଇ ସ୍ଥାନୀୟ ଲୋକ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ଏଥିସହ ସ୍ଥାନୀୟ ଲୋକଙ୍କଠାରୁ ମୃତକଙ୍କ ପରିବାର ଲୋକଙ୍କ ସମ୍ପର୍କରେ ସୂଚନା ନେଇଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ପ୍ରାଥମିକ ତଦନ୍ତ ସୂଚନା ଅନୁଯାୟୀ, ପରିବାର ଲୋକଙ୍କ ସହ ବୁଦ୍ଧିଆଙ୍କର ରବିବାର ରାତିରେ କୌଣସି କାରଣକୁ ନେଇ ଝଗଡା ହୋଇଥିଲା। ଏହାକୁ କେନ୍ଦ୍ରକରି ପରିବାର ଲୋକଙ୍କ ଉପରେ ରାଗି ଘରୁ ବାହାରି ଆସିଥିଲେ। ତେବେ କେଉଁ ପରିସ୍ଥିତିରେ ସେ ଆତ୍ମହତ୍ୟାର ପନ୍ଥା ବାଛିଲେ ସେ ନେଇ ତଦନ୍ତ ଜାରି ରହିଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି ବୋଲି ପୋଲିସ ସୂଚନା ଦେଇଛି।





୪ ଦଫା ଦାବି ନେଇ ବିଏସ୍‌ଏନ୍‌ଏଲ୍ କାଜୁଆଲ କର୍ମଚାରୀ ସଂଘ ପକ୍ଷରୁ ଭୁବନେଶ୍ୱରସ୍ଥିତ ବିଏସ୍‌ଏନ୍‌ଏଲ୍ ଅଫିସ୍ ସମ୍ମୁଖରେ ସୋମବାର ଦିଆଯାଇଥିବା ଧାରଣା।

## ଏସ୍‌ସିବି ମେଡିକାଲରେ ଅବ୍ୟବସ୍ଥା: ସ୍ୱାସ୍ଥ୍ୟ ସଚିବଙ୍କୁ ଚିଠି

କଟକ ଅଫିସ,୨୪।୨

ଏସ୍‌ସିବି ମେଡ଼ିକାଲକୁ ବିଶ୍ୱସ୍ତରୀୟ କରିବା ପାଇଁ ରାଜ୍ୟ ସରକାର ଯୋଜନା କରୁଛନ୍ତି। ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରିବାକୁ ପ୍ରସ୍ତୁତ ହେଉଛନ୍ତି ରାଜ୍ୟ ସରକାର। ହେଲେ ଏଠାରେ ଅନେକ ଅବ୍ୟବସ୍ଥା ରହିଥିବା କଟକର ସ୍ୱେଚ୍ଛାସେବୀ ସଙ୍ଗଠନ 'ସେବା ମନ୍ଦିର' ପକ୍ଷରୁ ଅଭିଯୋଗ ହୋଇଛି। ଏ ନେଇ ସଙ୍ଗଠନ ପକ୍ଷରୁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ସଚିବ, ୫-ଟି ସଚିବ, କେନ୍ଦ୍ରାଞ୍ଚଳ

### ଅପରେଶନ ଥିଏଟର ସାମ୍ନାରେ ପାର୍କିଂ

ରାଜସ୍ୱ ଆୟୁକ୍ତ ଓ କଟକ ଜିଲାପାଳଙ୍କୁ ଚିଠି ଲେଖାଯାଇଛି। ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି, ବିଭିନ୍ନ ବିଭାଗର ବାରଣ୍ଡାରେ କିଛି କର୍ମଚାରୀ ବାଇକ୍, ସ୍କୁଟି, ସାଇକେଲ ରଖୁଛନ୍ତି। ଏଥିଯୋଗୁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ଯାତାୟତରେ ବାଧା ସୃଷ୍ଟି ହେଉଛି। ଏପରି କି ବାରଣ୍ଡାରେ ରୋଗୀ ପଡ଼ିଥିବାବେଳେ ସେମାନଙ୍କ ମୁଣ୍ଡ ପାଖରେ ରହୁଛି ଗାଡ଼ି ଓ ସାଇକେଲ। ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ୍ୟ ମେଡିକାଲ କର୍ତ୍ତୃପକ୍ଷ ଏଥିପ୍ରତି ଆଦୌ ଦୃଷ୍ଟି ଦେଉନାହାନ୍ତି ବୋଲି ସଙ୍ଗଠନର ସଦସ୍ୟ ଅଚ୍ୟୁତ କୁମାର ସାହୁ କହିଛନ୍ତି। ଏ ନେଇ ଏସ୍‌ସିବି ମେଡିକାଲର ଜରୁରୀକାଳିନ ଅଧିକାରୀ ଡା. ଭୁବନାନନ୍ଦ ମହାରଣା କୁହନ୍ତି, ଏ ସମ୍ପର୍କରେ ମୋ ପାଖରେ ଖବର ନାହିଁ। ତଥାପି ଏହା ଉପରେ ତଦନ୍ତ କରାଯିବ।



“ରାଜ ମୁକୁଟ ସୁନାରେ ତିଆରି ବୋଲି ଦେଖାଯାଉଥାଏ,
ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।
- ମିଲ୍‌ଟନ୍



# ହାତୀ ଗଲା, ଭୟ ରହିଲା

ଭୁବନେଶ୍ୱର(ବ୍ୟୁରୋ)/ପିପିଲି(ସ୍ୱ.ପ୍ର.)/ବଳଙ୍ଗା, ୨୪।୨(ଡି.ଏନ୍.ଏ.)

ଗତ ତିନିଦିନ ହେଲା ପୁରୀ ଜିଲାର ପିପିଲି, ନିମାପଡ଼ା, କଣାସ, ଡେଲାଙ୍ଗ ଏବଂ ଖୋର୍ଦ୍ଧା ଜିଲାର ଜଟଣୀ ବ୍ଲକ ଅଞ୍ଚଳରେ ଆତଙ୍କ ଖେଳାଇଥିବା ଦନ୍ତାହାତୀ ସୋମବାର ଭୁବନେଶ୍ୱର ଉପକଣ୍ଠ ହୋଇ ଚନ୍ଦକା ଜଙ୍ଗଲ ଅଭିମୁଖେ ଯାଇଛି। କିନ୍ତୁ ଉପରୋକ୍ତ ଅଞ୍ଚଳର ଏକର ଏକର ଜମିରେ ଫସଲ ନଷ୍ଟ କରିବା ସହ ରବିବାର ୪ଜଣଙ୍କ ଜୀବନ ନେଇଥିଲା। ଗାଁକୁ ଗାଁ ଘୁରିବୁଲି କାହାକୁ କଚାଡ଼ିଲା ତ କାହାକୁ ଦଳିଥିଲା। ଏଥିରେ ୬ଜଣ ଗୁରୁତର ହୋଇଥିବାବେଳେ ଅନେକ ଆହତ ହୋଇଛନ୍ତି। ହାତୀକୁ ଖୋର୍ଦ୍ଧା ବରୁଣେଇ ପାହାଡ଼ ନିକଟ କୁମୁକା ଜଙ୍ଗଲରେ ଛାଡ଼ିବାକୁ ବନବିଭାଗ ଅଧିକାରୀ ଓ କର୍ମଚାରୀ ଉଦ୍ୟମ କରିଥିଲେ। କିନ୍ତୁ ହାତୀ ଚନ୍ଦକା ଜଙ୍ଗଲ ପଟକୁ ଯାଇଥିଲା। ସୋମବାର ରାତି ପ୍ରାୟ ୧୦ଟାରେ ହାତୀ ଚନ୍ଦକା ନିକଟ ଦାସପୁରମୁଣ୍ଡିଆରେ ରହିଥିବା ବନବିଭାଗ ସୂତ୍ରରୁ ଜଣାପଡ଼ିଛି। ହେଲେ ହାତୀ ଯେଭଳି ଉଗ୍ର ଓ ଅଣାୟତ୍ତ ହୋଇ ତାଣ୍ଡବ ରଚିଛି, ତାହା ଅଙ୍ଗେ ନିଭାଇଥିବା ଉପରୋକ୍ତ ଅଞ୍ଚଳବାସୀଙ୍କ ନିଦ ହଜାଇ ଦେଇଛି। ହାତୀ ଗଲାପରେ ମଧ୍ୟ ବହୁ ଗାଁରେ ରହିଯାଇଛି ଭୟ। ଅନେକେ ଆଖିଆଗରେ ହାତୀ ଦଳିକଚାଡ଼ି ଦେବାର ଦୃଶ୍ୟ ଦେଖିଥିବାରୁ ସେମାନଙ୍କ ମନରୁ ଭୟ ହଟିପାରିନାହିଁ। ତେଣୁ ଗାଁଗୁଡ଼ିକରେ ଲୋକେ ସୋମବାର ସକାଳୁ ରାତିଯାଏ ଘରୁ ବାହାରି ନ ଥିଲେ।





ଭୁବନେଶ୍ୱର ଉପକଣ୍ଠରେ ହାତୀର ଗତିବିଧିକୁ ନିରୀକ୍ଷଣ କରୁଛନ୍ତି ବନ କର୍ମଚାରୀ।



## ଚିକିତ୍ସା ପାଇଁ ଅର୍ଥ ବାଧକ, ସରକାରୀ ସହାୟତା ଦାବି

ହାତୀ ଆକ୍ରମଣରେ ଗୁରୁତର ଆହତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ପିପିଲି ପୌରାଞ୍ଚଳ ଅନ୍ତର୍ଗତ ହସନପୁରର ସେକ୍ ସମୀର(୨୫) ଓ ବଳଙ୍ଗା ଥାନା ଅଧୀନ ତେରହଳ ଗ୍ରାମର ଛବି ଦେଇ(୪୭)। ସମୀର ରବିବାର ରାତିରେ ପିପିଲି ବଜାରର ଦେବୀଗଳି ନିକଟରେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ତାଙ୍କୁ ହାତୀ ଧକ୍କା ଦେବାରୁ ସେ ତଳେ ପଡ଼ିଯାଇଥିଲେ। ଏହାପରେ ହାତୀ ତାଙ୍କୁ ଦଳି ଦେବାରୁ ପେଟ ଫାଟି ଅନ୍ତବୁଜୁଳି ବାହାରି ପଡ଼ିଥିଲା। ତାଙ୍କୁ ପିପିଲି ଡାକ୍ତରଖାନା, ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଓ ପରେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ରାତିରେ ୪ ଘଣ୍ଟା ଧରି ଅସ୍ତ୍ରୋପଚାର ପରେ ତାଙ୍କୁ ଆଇସିୟୁରେ ରଖାଯାଇଛି। ସୋମବାର ଅପରାହ୍ନରେ ସେ ପରିବାର ଲୋକଙ୍କ ସହ କଥା ହୋଇଥିଲେ। ପରିବାର ଲୋକେ ଏ ପର୍ଯ୍ୟନ୍ତ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିଥିବାବେଳେ ଆହୁରି ୨ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ହସ୍ପିଟାଲ ପକ୍ଷରୁ କୁହାଯାଇଛି। ତେଣୁ ସରକାରଙ୍କ ତରଫରୁ ସମୀରଙ୍କ ଖର୍ଚ୍ଚ ବହନ କରିବାକୁ ତାଙ୍କ ସାନଭାଇ ରିକି ଓ ପରିବାର ଲୋକ ଗଣମାଧ୍ୟମ ଆଗରେ ନିବେଦନ କରିଛନ୍ତି। ସେହିପରି ସମୀରଙ୍କ ଗ୍ରାମବାସୀ ଓ ଆତ୍ମୀୟ ସ୍ୱଜନ ସମ୍ପୂର୍ଣ୍ଣ ଚିକିତ୍ସା ଖର୍ଚ୍ଚ ବହନ କରିବା ପାଇଁ ଅତିରିକ୍ତ ତହସିଲଦାର ନୀଳକଣ୍ଠ ବେହେରାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଅତିରିକ୍ତ ତହସିଲଦାର ବେହେରା ସମୀରଙ୍କ ପରିବାର ଲୋକଙ୍କୁ ୨୦ ହଜାର ଟଙ୍କା ସହାୟତା କରିଥିଲେ। ଅନ୍ୟପକ୍ଷରେ ଅସ୍ତ୍ରୋପଚାର ବେଳେ ଆବଶ୍ୟକ ରକ୍ତ ଦେବାକୁ କ୍ୟାପିଟାଲ ହସ୍ପିଟାଲ ପକ୍ଷରୁ ମନା କରିଦିଆଯାଇଥିଲା। ଏନେଇ ଖବରଦାତାମାନେ କ୍ୟାପିଟାଲ ଥାନା ଅଧିକାରୀଙ୍କୁ ଜଣାଇବା ପରେ ଗୋଟିଏ ପକେଟ୍ ରକ୍ତ ମିଳିଥିଲା। ତେଣୁ ଗଣମାଧ୍ୟମ ଜରିଆରେ ସରକାରଙ୍କୁ ନିବେଦନ କରୁଛି ଯେ, ଭାଇ ସୁସ୍ଥ ହେବା ପର୍ଯ୍ୟନ୍ତ ସମସ୍ତ ଚିକିତ୍ସା ସୁବିଧା ଓ ଆର୍ଥିକ ଖର୍ଚ୍ଚ ବହନ କରନ୍ତୁ ବୋଲି ରିକି କହିଛନ୍ତି।



ଚିକିତ୍ସାଧୀନ ସମୀର

ଉକ୍ତ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଛବି ଦେଇଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ସାମାନ୍ୟ ଉନ୍ନତି ଆସିଛି। ହାତୀ ଦାନ୍ତରେ ଭୁସିଦେବାରୁ ତାଙ୍କ ଜଙ୍ଘରେ ଗଭୀର ଆଘାତ ଲାଗିବା ସହ ପିଞ୍ଜରା ହାଡ଼ ଭାଙ୍ଗିଯାଇଥିଲା। ପରିବାରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନୁହେଁ। ସରକାରଙ୍କ ପକ୍ଷରୁ ପାଞ୍ଚ ହଜାର ଟଙ୍କା ଚିକିତ୍ସା ସହାୟତା ପାଇଥିଲେ। କିନ୍ତୁ ଅଧିକ ଅର୍ଥ ଆବଶ୍ୟକ ଥିବାରୁ ଚିକିତ୍ସାରେ ବାଧା ସୃଷ୍ଟି ହେଉଛି। ସରକାରଙ୍କ ଆର୍ଥିକ ସହାୟତା ହିଁ ଏକମାତ୍ର ଭରସା ବୋଲି ପରିବାର ଲୋକ କହିଛନ୍ତି। ଏ ନେଇ ସେମାନେ ପିପିଲି ତହସିଲଦାରଙ୍କୁ ଭେଟି ନିବେଦନ କରିଥିବା ଗଣମାଧ୍ୟମକୁ ଜଣାଇଛନ୍ତି। ତେବେ ସରକାରୀ ନିୟମାନୁଯାୟୀ ସହାୟତା ରାଶି ପ୍ରଦାନ କରାଯିବ ବୋଲି ଗୋପ ବନାଞ୍ଚଳ ଅଧିକାରୀ ବେଣୁଧର ବେହେରା ପ୍ରକାଶ କରିଛନ୍ତି।

## ମୃତ୍ୟୁକୁ ଅତିନିକଟରୁ ଦେଖିଥିଲେ କାଳନ୍ଦୀ, ବଳଭଦ୍ର



କାଳନ୍ଦୀ ବେହେରା

ବଳଙ୍ଗା ଥାନା ଚନ୍ଦ୍ରାଦେଇପୁରର କାଳନ୍ଦୀ ବେହେରା (୩୮) ରବିବାର ଭୋର୍‌ରୁ ନିଜ ବାଡ଼ି ଫସଲରେ ଔଷଧ ପକାଇବା ପାଇଁ ଯାଇଥିବା ବେଳେ ହାତୀ ହାବୁଡରେ ପଡ଼ିଯାଇଥିଲେ। ସେ ଭୟଭୀତ ହୋଇ ଦୌଡ଼ିଥିଲେ। ଔଷଧ ମେଶିନ କାନ୍ଧରେ ଥିଲା। ତାହାକୁ କାଢ଼ିବାକୁ ମଧ୍ୟ ସେ ସମୟ ପାଇ ନ ଥିଲେ। ଫଳରେ ଜୋର୍‌ରେ ଦୌଡ଼ିପାରି ନ ଥିଲେ। ତେଣୁ ତାଙ୍କର ମୃତ୍ୟୁ ନିଶ୍ଚିତ ବୋଲି ଭାବି ନେଇଥିଲେ। ଏହି ସମୟରେ ହାତୀ ତାଙ୍କୁ ଦାନ୍ତରେ ଭୁସିବାକୁ ଉଦ୍ୟମ କଲାବେଳେ ତାହା ତାଙ୍କ କାନମୁଣ୍ଡାରେ ବାଜିଥିଲା। ଫଳରେ ସେ ଅଚେତ ହୋଇ ପଡ଼ିଯାଇଥିଲେ। ସୌଭାଗ୍ୟକୁ ହାତୀ ତାଙ୍କୁ ନ ଚକଟି ପଳାଇ ଯାଇଥିଲା। ପ୍ରଥମେ ତାଙ୍କୁ ମଙ୍ଗଳପୁର ଡାକ୍ତରଖାନାକୁ ନିଆଯାଇଥିଲା। ପରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସୋମବାର ଚିକିତ୍ସିତ ହୋଇ ସେ ଘରକୁ ଫେରିଛନ୍ତି। ଏପର୍ଯ୍ୟନ୍ତ ତାଙ୍କ ଚିକିତ୍ସା ପାଇଁ ୧୫ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ସରକାରଙ୍କ ତରଫରୁ ମାତ୍ର ୫ହଜାର ଟଙ୍କା ମିଳିଛି। ସରକାର କାଳନ୍ଦୀଙ୍କୁ ସମ୍ପୂର୍ଣ୍ଣ ଚିକିତ୍ସା ସୁବିଧା ଯୋଗାଇଦେବା ଏବଂ ସେ ବାବଦ ଖର୍ଚ୍ଚ ବହନ କରିବାକୁ ପରିବାର ଲୋକେ ନିବେଦନ କରିଛନ୍ତି। ମୃତ୍ୟୁକୁ ଅତିନିକଟରୁ ଦେଖିଥିଲି, ଭଗବାନଙ୍କ କୃପାରୁ ବଞ୍ଚିଗଲି ବୋଲି କାଳନ୍ଦୀ କହିଛନ୍ତି।

ସେହିଭଳି ପିପିଲି ଥାନା ରାଜଡେଇ ଗ୍ରାମର ବଳଭଦ୍ର ବେହେରା(୫୮) ମଧ୍ୟ ଅଳ୍ପକେ ମୃତ୍ୟୁମୁଖରୁ ଫେରିଆସିଛନ୍ତି। ତାଙ୍କ ପୁଅ ଅନିରୁଦ୍ଧ ବେହେରାଙ୍କ କହିବା ଅନୁଯାୟୀ, ବଳଭଦ୍ର ସକାଳ ୮ଟାରେ ବାହାରକୁ ଯାଇଥିବା ବେଳେ ସେ ହାତୀ ହାବୁଡରେ ପଡିଥିଲେ। ପ୍ରାଣ ବିକଳରେ ସେ ଦୌଡୁଥିବାବେଳେ ହାତୀ ତାଙ୍କୁ ଶୁଣ୍ଢରେ ଉଠାଇ ଫୋପାଡି ଦେଇଥିଲା। ଫଳରେ ସେ ନିକଟସ୍ଥ ଏକ ପୋଖରୀରେ ପଡ଼ିଯାଇଥିଲେ। ହାତୀର ଦାନ୍ତ ଆଘାତରେ ସେ ଗୁରୁତର ଆହତ ହୋଇଥିବାରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ପିପିଲି ତହସିଲଦାର ୫ହଜାର ଟଙ୍କା ସହାୟତା ପ୍ରଦାନ କରିଥିବା ବେଳେ ପୂର୍ଣ୍ଣ ସହାୟତା ପାଇଁ ପରିବାର ତରଫରୁ ସରକାରଙ୍କୁ ନିବେଦନ କରାଯାଇଛି।



ବଳଭଦ୍ର ବେହେରା

## ସିଏଏ ସପକ୍ଷରେ ଝାରସୁଗୁଡ଼ାରୁ ପୁରୀ ପଦଯାତ୍ରା

ଭୁବନେଶ୍ୱର,୨୪।୨(ବ୍ୟୁରୋ)

ସିଏଏକୁ ସମର୍ଥନ କରି ଝାରସୁଗୁଡ଼ାରୁ ପୁରୀକୁ ପଦଯାତ୍ରା କରୁଥିବା ବ୍ରଜରାଜନଗର ବାସିନ୍ଦା ରବି କୁମାର ସୋନି ସୋମବାର ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଫେବୃୟାରୀ ୧ରୁ ତ୍ରିରଙ୍ଗା ପଦଯାତ୍ରାରେ ବାହାରିଥିବା ରବି କୁମାର ଦୀର୍ଘ ୨୪ ଦିନ ପାଦରେ ଚାଲି ଚାଲି ରାଜଧାନୀରେ ପହଞ୍ଚିଛନ୍ତି। ଏହି ଅବସରରେ ସେ ୬ ଜିଲା ମଧ୍ୟଦେଇ ୪୫୦କିମି ପଦଯାତ୍ରା କରିଛନ୍ତି। କେନ୍ଦ୍ର ସରକାରଙ୍କ ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ)କୁ ସମର୍ଥନ କରିବା ସହ ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କୁ ଭେଟି ଏକ ଦସ୍ତଖତ ସମ୍ବଳିତ ପତ୍ର ପ୍ରଦାନ କରିବେ ବୋଲି ସେ କହିଛନ୍ତି। ଏହାସହ ମଙ୍ଗଳବାର ଭାଜପା ରାଜ୍ୟ କାର୍ଯ୍ୟାଳୟକୁ ଯାଇ ସେଠାରେ ଭାଜପା ରାଜ୍ୟ ସଭାପତିଙ୍କୁ ଭେଟିବା ସହ ସିଏଏ ସମର୍ଥନରେ ଜନସାଧାରଣଙ୍କ ଦସ୍ତଖତ ଥିବା ପତ୍ରର ଏକ ନକଲ ହସ୍ତାନ୍ତର କରିବେ। ଓଡ଼ିଶା ୟୁଥ୍ ଏଗେନ୍‌ଷ୍ଟ କରପ୍‌ଶନ୍‌ର ସଂଯୋଜକ ଥିବା ରବି କୁମାର ଏହାପରେ ଜଗନ୍ନାଥ ଧାମ ପୁରୀକୁ ଯାତ୍ରାକରି ସେଠାରୁ ନିଜ ଘର ଅଭିମୁଖେ ବାହାରିବେ। ଓଡ଼ିଶାର ଜନସାଧାରଣ ସିଏଏକୁ ସମର୍ଥନ କରୁଥିବାବେଳେ ସରକାରୀ ଦୁର୍ନୀତି ବିରୋଧରେ ସଂଗ୍ରାମ କରିବାକୁ ସେମାନେ ପ୍ରସ୍ତୁତ ଅଛନ୍ତି। ଆଗାମୀ ଭବିଷ୍ୟତରେ ଯୁବପିଢ଼ିମାନେ କିଭଳି ଏହି ସଂଗ୍ରାମର ନେତୃତ୍ୱ ନେଇପାରିବେ, ସେନେଇ ସଚେତନ କରିବାକୁ ପଦଯାତ୍ରା କରୁଛି ବୋଲି ରବି କୁମାର କହିଛନ୍ତି। ଏହାସହ ସରକାରୀ ଚାକିରି ଏବଂ ଆସନ୍ତା ପୌର ଓ ପଞ୍ଚାୟତ ନିର୍ବାଚନରେ ତୃତୀୟ ଲିଙ୍ଗ ଏବଂ ଦିବ୍ୟାଙ୍ଗଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା କରିବାକୁ ସେ ଦାବି କରିଛନ୍ତି।



**ଓଡ଼ିଶା ହେଉଛି ଗୌରବପୂର୍ଣ୍ଣ ସଂସ୍କୃତି, ସାହିତ୍ୟ, କଳା, ପରମ୍ପରା ଓ ଐତିହ୍ୟର ଭୂମି। ନୃତ୍ୟ ସଙ୍ଗୀତଠୁ ପଟଚିତ୍ର ପର୍ଯ୍ୟନ୍ତ ପୁଣି ସଂସ୍କୃତ ସାହିତ୍ୟରୁ ଓଡ଼ିଆ ସାହିତ୍ୟ ପର୍ଯ୍ୟନ୍ତ ସବୁଥିରେ ଓଡ଼ିଶାର ଐତିହ୍ୟପୂର୍ଣ୍ଣ ବିଭବ ଭରିରହିଛି। ଓଡ଼ିଶାର ଯେଉଁ ଯୋଗଜନ୍ମା କୃତୀ ବ୍ୟକ୍ତିତ୍ୱମାନେ ଜୀବନସାରା ତ୍ୟାଗ ସ୍ୱୀକାର କରି ଏସବୁକୁ ଋଦ୍ଧିମନ୍ତ କରିଛନ୍ତି, ସେମାନଙ୍କ ମଧ୍ୟରୁ ଅନେକେ ଆଲୋଚନାସ୍ତରକୁ ଆସିଥିବା ବେଳେ କେତେଜଣ ଅନାଲୋଚିତ ହୋଇ ରହିଯାଉଛନ୍ତି। ଆମେ ଆନମନା ହୋଇ ସେମାନଙ୍କ କୃତି ଓ ତ୍ୟାଗକୁ ଖୋଜାଲୋଡ଼ା ନ କରିବାରୁ ସେମାନେ ଅଲୋଡ଼ା ହୋଇ କାଳପ୍ରବାହରେ ହଜିଯାଉଛନ୍ତି। ଓଡ଼ିଶାର କୋଣ ଅନୁକୋଣରୁ ସେଭଳି ପ୍ରତିଭାବାନ ବ୍ୟକ୍ତିତ୍ୱମାନଙ୍କୁ ଖୋଜି ବାହାର କରିବା ଏବଂ ସେମାନଙ୍କୁ ଆଲୋଚନାସ୍ତରରେ ମର୍ଯ୍ୟାଦା ଦେବା ପାଇଁ ଏକ ପ୍ରୟାସ ଆରମ୍ଭ କରାଯାଇଛି।**

## ୯୦ ବର୍ଷରେ ବି ଚଳଚଞ୍ଚଳ

ପୁରୀ ଅଫିସ,୨୪।୨

**ଅଣଦେଖା ପ୍ରତିଭା**

ଓଡ଼ିଆ ଭାଷା ଶିକ୍ଷା ପାଇଁ ସାର୍ବଜନୀନ ମାର୍ଗଦର୍ଶିକା ବର୍ଣ୍ଣବୋଧର ରଚୟିତା ଓଡ଼ିଶାର ପ୍ରାତ ସ୍ମରଣୀୟ ଭକ୍ତକବି ମଧୁସୂଦନ ରାଓଙ୍କ ଅଣନାତି ହେଉଛନ୍ତି ଏମାର୍‌କେଆର୍। ସମ୍ପୂର୍ଣ୍ଣ ନାଁ ମୋହନଦାସ ରତିକାନ୍ତ ରାଓ। ପୁରୀ କୁଣ୍ଡେଇବେଣ୍ଟ ସାହି ଜେନାମଠ ଲେନ୍‌ରେ ରହୁଛନ୍ତି ଓଡ଼ିଶାର ଏହି ପ୍ରଥିତଯଶା ବ୍ୟଙ୍ଗ ସାହିତ୍ୟିକ। ୯୦ ବର୍ଷରେ ପଦାର୍ପଣ କରି ମଧ୍ୟ ବିନା ଚଷମାରେ ପଢାପଢିରେ ଏବେ ସେ ବେଶ୍ ଚଳଚଞ୍ଚଳ। ଯୁବକସୁଲଭ ଚିନ୍ତା ଚେତନାରେ ଓଡ଼ିଆ ସାହିତ୍ୟକୁ ନେଇ ଏବେ ବି ଅନେକ ସ୍ୱପ୍ନ ଦେଖୁଛନ୍ତି ଏମାର୍‌କେଆର୍। ଫଡୁରାନନ୍ଦଙ୍କୁ ଦ୍ରୋଣଗୁରୁ ଭାବେ ଗ୍ରହଣ କରି ତାଙ୍କ ଦ୍ୱାରା ପ୍ରଭାବିତ ହୋଇ ଓଡ଼ିଆ ସାହିତ୍ୟରେ ହାସ୍ୟରସକୁ କବିତା, ଗଳ୍ପ ଓ ଆଲୋଚନା ମାଧ୍ୟମରେ ଭେଟିଦେବାକୁ ଦିନେ ସଂକଳ୍ପ ନେଇଥିଲେ ଏହି ଲେଖକ। ସରକାରୀ ଚାକିରି କରିଥିଲେ ମଧ୍ୟ ଭକ୍ତକବିଙ୍କର ଦାୟାଦ ଭାବେ ଲେଖାଲେଖି ପ୍ରତି ତାଙ୍କର ଦୁର୍ବଳତା ରହିଥିଲା। ଫଳସ୍ୱରୂପ ତାଙ୍କ କଲମ ମୁନରୁ ଝରିପଡ଼ିଥିଲା ଅଜସ୍ର ହାସ୍ୟରସ ସମ୍ବଳିତ କବିତା, ଗଳ୍ପ ଓ ଆଲୋଚନା। କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ କଣାମାମୁଁ ଉପନ୍ୟାସର ଉତ୍ତରାର୍ଦ୍ଧ ସେ ସମ୍ପୂର୍ଣ୍ଣ କରିଥିଲେ। ଆଉ ତା ନାଁ ବି ରଖିଛନ୍ତି କଣାମାମୁଁ। ବାସଭବନରେ ଏମାର୍‌କେଆର୍‌ଙ୍କ ସହିତ ଭାବ ବିନିମୟ ଅବସରରେ ଫଡୁରାନନ୍ଦଙ୍କ ସ୍ମୃତିରେ ସେ ଯେପରି ଭାବପ୍ରବଣ ହୋଇପଡୁଥିଲେ ଠିକ୍ ସେହିପରି ଓଡ଼ିଆ ସାହିତ୍ୟରେ ହାସ୍ୟରସକୁ ଉଚିତ ମର୍ଯ୍ୟାଦା ଦିଆଯାଇ ନ ଥିବା ଦୁଃଖରେ ମ୍ରିୟମାଣ ହୋଇପଡୁଥିଲେ। ତାଙ୍କ ଭାଷାରେ ଗଳ୍ପ ହେଉ କି କବିତା, ଉପନ୍ୟାସ ହେଉ କି ନାଟକ, କାବ୍ୟ ହେଉ କି ଚମ୍ପୂ, ବିନା ହାସ୍ୟରସରେ ତାହା ରସାଳ ହୁଏନାହିଁ। ପାଠକଙ୍କୁ ବାନ୍ଧି ରଖିଥାଏ ହାସ୍ୟରସ। ଯେଉଁ ସାହିତ୍ୟରେ ହାସ୍ୟରସର କବି ଭାବେ ଯଦୁମଣିଙ୍କୁ ସର୍ବାଗ୍ରେ ଗ୍ରହଣ କରାଯାଉଥିଲା ସେହି ଭାଷାରେ ବ୍ୟଙ୍ଗ କବିମାନେ ଏବେ ଅଲୋଡ଼ା। ‘ଢୋଲ’ ଏବଂ ‘ଏକଦମ୍ ଘରୁଆ’ ନାମରେ ଦୁଇଟି ଗପ ବହି ଲେଖିବା ପରେ ୨୦୦୩ରେ ପ୍ରକାଶ ପାଇଥିଲା ତାଙ୍କ ବହି ‘ମନ୍ମୟ’। ମନକୁ ଛୁଇଁଗଲା ଭଳି ଭାବନାକୁ ସେ ରୂପ ଦେଇଥିଲେ ଏହି ବହିରେ। ବ୍ୟଙ୍ଗ କବିତା ରସାଳରେ ହାସ୍ୟରସର ସେ ଯେଉଁ ସାମାଜିକ ବାର୍ତ୍ତା ଦେଇଛନ୍ତି ତାହା ସର୍ବଦା ସ୍ମରଣୀୟ। ମହାନଦୀର ଉତ୍ପତ୍ତିସ୍ଥଳ ମଧ୍ୟପ୍ରଦେଶର ବସ୍ତରଠାରୁ ଓଡ଼ିଶାର ପାରାଦୀପ ମୁହାଣ ପର୍ଯ୍ୟନ୍ତ ନଦୀ ଉପତ୍ୟକାର ଐତିହ୍ୟପୂର୍ଣ୍ଣ ବିବରଣୀ ସ୍ଥାନ ପାଇଛି ତାଙ୍କ ‘ମହାନଦୀ’ କବିତାରେ। ଶେଷ ପୁସ୍ତକ ‘ଆଠମଲ୍ଲିକ ଡାଏରୀ’ରେ ନିଜ ଜୀବନ ପ୍ରବାହର ପ୍ରତିଟି ଧାରାକୁ ବଖାଣିଛନ୍ତି ଏମାର୍‌କେଆର୍। ପିଲାଦିନ, ଚାକିରି ଜୀବନ ଏବଂ ମା’ବାପାଙ୍କର ପ୍ରେରଣାଦାୟୀ ଲେଖାକୁ ଏଥିରେ ସେ ସ୍ଥାନିତ କରିଛନ୍ତି। ଆଠମଲ୍ଲିକ ଥିଲା ତାଙ୍କ ପ୍ରେରଣାର ଉତ୍ସ। ବର୍ତ୍ତମାନର ଓଡ଼ିଆ ସାହିତ୍ୟକୁ ଟିକିନିଖି ପଢ଼ିବା ପରେ ମନରେ କ୍ଷୋଭ ଆସୁଛି ବୋଲି କହିଥିଲେ ଏମାର୍‌କେଆର୍। ଓଡ଼ିଆ ସାହିତ୍ୟକୁ ଅନୁଧ୍ୟାନ କରି ସେ ଯେଉଁ ମତ ଦେଇଛନ୍ତି, ତାହା ବି ପ୍ରଣିଧାନଯୋଗ୍ୟ। ତାଙ୍କ ମତରେ ବର୍ତ୍ତମାନର ଲେଖକଙ୍କ ମଧ୍ୟରେ ପ୍ରଚୁର ଅଧ୍ୟୟନର ଅଭାବ ଅନୁଭବ ହେଉଛି। ଫଳରେ ଓଡ଼ିଆ ସାହିତ୍ୟ ଏବେ ବାଟବଣା ହୋଇଯାଇଛି। ଓଡ଼ିଆ ସାହିତ୍ୟର ୨୪ଟି ବିଭାଗକୁ ସଂକୁଚିତ କରାଯାଇ ଏବେ ଦୁଇ ଚାରିଟି ବିଭାଗରେ କଲମଚାଳନା ହେଉଛି, ଯାହା ସବୁବର୍ଗର ପାଠକଙ୍କୁ ଛୁଇଁପାରୁନାହିଁ। କେବଳ ଗଳ୍ପ, କବିତା, ଉପନ୍ୟାସ ଭିତରେ ସୀମିତ ନ ରହି ସାଧାରଣ ପାଠକଙ୍କୁ ଛୁଇଁପାରିବା ଭଳି ଲେଖା ଲେଖାଯିବା ଦରକାର। ଓଡ଼ିଶା ସାହିତ୍ୟ ଏକାଡେମୀ ବ୍ୟଙ୍ଗ ସାହିତ୍ୟକୁ ଏଯାଏ ସମ୍ମାନ ଏବଂ ସ୍ୱୀକୃତି ଦେଇ ନ ଥିବାରୁ କ୍ଷୋଭପ୍ରକାଶ କରିଥିଲେ ଏହି ବର୍ଷୀୟାନ୍ ଲେଖକ।

– ରିପୋର୍ଟ: ହେମନ୍ତ ନାୟକ



ଏମାର୍‌କେଆର୍




ଭାରତ ଗସ୍ତରେ ଆସିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଓ ତାଙ୍କ ସ୍ତ୍ରୀ ମାଲେନିଆଙ୍କୁ ସ୍ୱାଗତ ଜଣାଇ ପୁରୀ ବେଳାଭୂମିରେ ଶିଳ୍ପୀ ମାନସ ସାହୁ ସୋମବାର ତିଆରି କରିଥିବା ସ୍ୟାଣ୍ଡ୍ ଆନିମେଶନ।




ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଭାରତ ଗସ୍ତକୁ ବିରୋଧ କରି ଏସ୍‌ୟୁସିଆଇ ପକ୍ଷରୁ ସୋମବାର ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ପ୍ରତିବାଦ ସହ ତାଙ୍କ କୁଶପୁତ୍ତଳିକାକୁ ଦାହ କରାଯାଉଛି।

## ଆଜି ପୁରୀ ଆସିବେ ମମତା

ପୁରୀ ଅଫିସ,୨୪।୨

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଙ୍ଗଳବାର ପୁରୀ ଗସ୍ତରେ ଆସିବେ। ସ୍ଥାନୀୟ ଏକ ହୋଟେଲରେ ତାଙ୍କ ରହିବା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଛି। ପୋଲିସ ପକ୍ଷରୁ ସମ୍ପୃକ୍ତ ହୋଟେଲରେ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରାଯାଇଛି। ମଙ୍ଗଳବାର ସନ୍ଧ୍ୟାରେ ମମତା ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ସେଠାରୁ ଏକ ସ୍ୱତନ୍ତ୍ର କାର୍‌ରେ ଆସି ରାତିରେ ପୁରୀରେ ପହଞ୍ଚିବେ ବୋଲି ଜଣାପଡ଼ିଛି। ତେବେ ଏଠାରେ ସେ କେତେଦିନ ରହିବେ ତାହା ସ୍ପଷ୍ଟ ଜଣାପଡି ନ ଥିବାବେଳେ ଦୁଇଦିନ ସେ ପୁରୀରେ ରହିବେ ବୋଲି ଶୁଣିବାକୁ ମିଳୁଛି। ମାତ୍ର ମମତାଙ୍କ ଗସ୍ତସୂଚୀ ନେଇ ପ୍ରଶାସନ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ଅପରପକ୍ଷେ ଆସନ୍ତା ୨୮ତାରିଖରେ ଲୋକସେବା ଭବନଠାରେ ପୂର୍ବାଞ୍ଚଳ ରାଜ୍ୟ ମିଟ ଅନୁଷ୍ଠିତ ହେବ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ଏହି ବୈଠକରେ ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ଏବଂ ସରକାରୀ ଅଧିକାରୀମାନେ ଯୋଗଦେବେ। ତେବେ ଏଥିରେ ମମତା ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ଥିବାବେଳେ ଏହାର ଦୁଇଦିନ ପୂର୍ବରୁ ତାଙ୍କର ଗସ୍ତ ନେଇ ଭିନ୍ନଧରଣ ଚର୍ଚ୍ଚା ହୋଇଛି।



ଆତଙ୍କବାଦକୁ ନେଇ ଭାରତ ଓ ଆମେରିକା ଆଭିମୁଖ୍ୟ ସମାନ। ବିଶ୍ୱରୁ ଉଗ୍ର ଇସ୍‌ଲାମିକ ଆତଙ୍କବାଦ ଦୂର କରିବା ଲାଗି ଦୁଇ ରାଷ୍ଟ୍ର ଅଙ୍ଗୀକାରବଦ୍ଧ।
- ଡୋନାଲ୍ଡ ଟ୍ରମ୍ପ୍, ଆମେରିକା ରାଷ୍ଟ୍ରପତି



# ‘ନମସ୍ତେ ଟ୍ରମ୍ପ୍’



## ପ୍ରୋଟୋକଲ ଭାଙ୍ଗି ସ୍ୱାଗତ କଲେ ମୋଦି

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଓ ଆମେରିକାର ଫାଷ୍ଟ ଲେଡି ମେଲାନିଆ ଟ୍ରମ୍ପ୍ ଭାରତରେ ପହଞ୍ଚିବା ପରେ ପ୍ରୋଟୋକଲ ଭାଙ୍ଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟ୍ରମ୍ପ୍ ଦମ୍ପତିଙ୍କୁ ସ୍ୱାଗତ କରିଥିଲେ। ବିମାନ ବନ୍ଦରରୁ ଟ୍ରମ୍ପ୍ ଓ ମୋଦି ଗୁଜରାଟରରେ ଥିବା ବିଶ୍ୱର ସର୍ବବୃହତ୍ କ୍ରିକେଟ ଷ୍ଟାଡିୟମ ଅଭିମୁଖେ ଦୀର୍ଘ ୨୨ କିଲୋମିଟର ରୋଡ ଶୋ’ କରିଥିଲେ। ମୋଟେରା ଷ୍ଟାଡିୟମରେ ଅନୁଷ୍ଠିତ ‘ନମସ୍ତେ ଟ୍ରମ୍ପ୍’ କାର୍ଯ୍ୟକ୍ରମକୁ ଉଭୟ ନେତା ସମ୍ବୋଧନ କରିଥିଲେ।

## ଟ୍ରମ୍ପ୍‌ଙ୍କ ଉଚ୍ଚାରଣକୁ ନେଇ ଚର୍ଚ୍ଚା

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ମୋଟେରା ଷ୍ଟାଡିୟମରେ ଉଦ୍‌ବୋଧନ ଦେବାବେଳେ କେତେକ ଶବ୍ଦର ଭୁଲ୍ ଉଚ୍ଚାରଣ କରିଥିଲେ, ଯାହାକୁ ନେଇ ସୋସିଆଲ ମିଡିଆରେ ଜୋର୍ ଚର୍ଚ୍ଚା ହୋଇଛି। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚାଇୱାଲାଙ୍କ ପୁତ୍ର କହିବା ବଦଳରେ ଚିୱାଲା କହିଥିଲେ। ସେହିପରି ବେଦ ପରିବର୍ତ୍ତେ ଭେଷ୍ଟାସ୍ ଏବଂ ସ୍ୱାମୀ ବିବେକାନନ୍ଦ ପରିବର୍ତ୍ତେ ବିବେକମନନ ଉଚ୍ଚାରଣ କରିଥିଲେ। ଏହା ସତ୍ତ୍ୱେ ବଲିଉଡ୍ ଏବଂ ଭାରତର ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଟ୍ରମ୍ପ୍ ତାଙ୍କ ଭାଷଣରେ ସ୍ଥାନ ଦେଇଥିବାରୁ ଜନସାଧାରଣ ଏହାର ପ୍ରଶଂସା କରିଥିଲେ।

ଗତବର୍ଷ ସେପ୍ଟେମ୍ବରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକା ଗସ୍ତରେ ଯାଇଥିବାବେଳେ ତାଙ୍କୁ ସ୍ୱାଗତ କରିବା ପାଇଁ ସେଠାରେ ‘ହାଓଡି ମୋଦି’ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନିର୍ବାଚନ ବର୍ଷରେ ଭାରତୀୟ ଆମେରିକୀୟଙ୍କ ସମର୍ଥନ ସାଉଁଟିବାକୁ ଭାରତ ସହ ସମ୍ପର୍କ ବଢ଼ାଇବା ଲାଗି ଉଦ୍ୟମ କରିଛନ୍ତି। ଭାରତ ଗସ୍ତରେ ଆସିଥିବା ଟ୍ରମ୍ପ୍‌ଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦେବା ଲାଗି ‘ନମସ୍ତେ ଟ୍ରମ୍ପ୍’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଟ୍ରମ୍ପ୍‌ଙ୍କ ଏହି ଗସ୍ତ ଭାରତ ପାଇଁ କେତେ ଲାଭଦାୟକ ହେବ ତାହା ସମୟ କହିବ। ତେବେ ତାଙ୍କର ଏହି ବ୍ୟୟବହୁଳ ଗସ୍ତ ଦେଶବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଥିବାବେଳେ ସାରା ବିଶ୍ୱ ଏହା ଉପରେ ନଜର ରଖିଛି।




## ଅଷ୍ଟମଥର ଟ୍ରମ୍ପ୍‌ଙ୍କୁ ଭେଟିଲେ ମୋଦି

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଏହା ପ୍ରଥମ ଭାରତ ଗସ୍ତ। ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହା ପୂର୍ବରୁ ୭ ଥର ଟ୍ରମ୍ପ୍‌ଙ୍କୁ ଭେଟିଛନ୍ତି। ଏବେ ଅଷ୍ଟମ ଥର ପାଇଁ ‘ନମସ୍ତେ ଟ୍ରମ୍ପ୍’ କାର୍ଯ୍ୟକ୍ରମରେ ମୋଦି ତାଙ୍କୁ ଭେଟିଛନ୍ତି। ଭାରତର ସାଧାରଣ ନିର୍ବାଚନ ପରେ ମୋଦି ଆମେରିକାରେ ‘ହାଓ୍ୱଡ଼ି ମୋଦି’ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏବେ ଟ୍ରମ୍ପ୍ ଆମେରିକା ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ଭାରତ ଗସ୍ତରେ ଆସିଛନ୍ତି।

## ସ୍ୱାଗତ ପାଇଁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ

ଏୟାରଫୋର୍ସ ୱାନ୍ ବିମାନରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍, ତାଙ୍କ ଧର୍ମପତ୍ନୀ ମେଲାନିଆ, ଝିଅ ଇଭାଙ୍କା, ଜ୍ୱାଇଁ ଜାରେଡ୍ କୁଶନରଙ୍କ ସମେତ ୧୨ ଜଣ ପ୍ରତିନିଧିଙ୍କ ସହ ପୂର୍ବାହ୍ନ ୧୧ଟା ୩୭ରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପହଞ୍ଚିଥିଲେ। ଟ୍ରମ୍ପ୍‌ଙ୍କୁ ସ୍ୱାଗତ କରିବା ପାଇଁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ମୋଟେରା ଷ୍ଟାଡିୟମ ଲୋକାରଣ୍ୟ ହେବା ସହ ରାସ୍ତାର ଉଭୟ ପାର୍ଶ୍ୱରେ ହଜାର ହଜାର ଲୋକ ଉପସ୍ଥିତ ରହି ଟ୍ରମ୍ପ୍ ଓ ମୋଦିଙ୍କୁ ସ୍ୱାଗତ କରିଥିଲେ। ବିଭିନ୍ନ ପ୍ରଜ୍ଞାପନ ମେଢ଼ ସାଙ୍ଗକୁ ଲୋକନୃତ୍ୟ ଓ ସଙ୍ଗୀତ ପରିବେଷଣ ହୋଇଥିଲା। ଷ୍ଟାଡିୟମ୍‌ରେ ଲକ୍ଷାଧିକ ଲୋକ ସକାଳଠାରୁ ଟ୍ରମ୍ପ୍‌ଙ୍କ ଆଗମନକୁ ଅପେକ୍ଷା କରି ରହିଥିଲେ।

## ଭାରତ-ଆମେରିକା ସମ୍ପର୍କରେ ନୂଆ ଅଧ୍ୟାୟ: ମୋଦି




ଆମେରିକା ରାଷ୍ଟ୍ରପତିଙ୍କ ଭାରତ ଗସ୍ତକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଚ୍ଚ ପ୍ରଶଂସା କରିବା ସହ ଦୁଇଦେଶ ମଧ୍ୟରେ ସମ୍ପର୍କର ନୂଆ ଅଧ୍ୟାୟ ସୃଷ୍ଟି ହେବାକୁ ଯାଉଛି ବୋଲି କହିଥିଲେ। ମୋଟେରା ଷ୍ଟାଡିୟମରେ ଟ୍ରମ୍ପ୍‌ଙ୍କୁ ସ୍ୱାଗତ କରି ମୋଦି କହିଥିଲେ, ଏକ ନୂଆ ଇତିହାସ ସୃଷ୍ଟି ହୋଇଛି। ଦୁଇଦେଶର ସମ୍ପର୍କ ଓ ସହଯୋଗ ଏକବିଂଶ ଶତାବ୍ଦୀରେ ବିଶ୍ୱକୁ ନୂଆ ମାର୍ଗରେ ଆଗେଇ ନେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ମୋଦି କହିଥିଲେ। ଆମେରିକା ଏବେ ଭାରତର ସର୍ବବୃହତ ବାଣିଜ୍ୟ ସହଯୋଗୀ ଏବଂ ଭାରତୀୟ ସେନା ଆମେରିକା ସହ ସବୁଠୁ ବଡ଼ ସମରାଭ୍ୟାସରେ ସାମିଲ ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ନୂଆ ଦଶକରେ ଟ୍ରମ୍ପ୍‌ଙ୍କ ଗସ୍ତ ଭାରତ ପାଇଁ ବଡ଼ ସୁଯୋଗ ସୃଷ୍ଟି କରିଛି। ଦୁଇ ଦେଶର ସମ୍ପର୍କ ଏବେ ଶିଖରରେ ପହଞ୍ଚିଛି ବୋଲି ମୋଦି କହିଥିଲେ।

## ଧଳା ଜମ୍ପସୁଟ୍‌ରେ ମେଲାନିଆ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସପରିବାରେ ଭାରତ ଗସ୍ତରେ ଆସିଥିବା ବେଳେ ଆମେରିକାର ଫାଷ୍ଟ ଲେଡି ମେଲାନିଆ ଟ୍ରମ୍ପ୍ ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛନ୍ତି। ଦିନ ପ୍ରାୟ ୧୨ଟାରେ ଟ୍ରମ୍ପ୍ ଦମ୍ପତି ଝିଅ-ଜ୍ୱାଇଁଙ୍କ ସହ ମିଶି ଗୁଜରାଟର ଅହମଦାବାଦସ୍ଥିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଇଣ୍ଟର୍‌ନ୍ୟାଶନାଲ ଏୟାର ପୋର୍ଟରେ ପହଞ୍ଚିବା ପରେ ତାଙ୍କୁ ଭାରତୀୟ ରୀତିନୀତି ଅନୁଯାୟୀ ସ୍ୱାଗତ କରାଯାଇଥିଲା। ଶଙ୍ଖ ଧ୍ୱନିସହ ଢୋଲ ମାଡ଼ ଶବ୍ଦ ଏକ ଭିନ୍ନ ପରିବେଶ ସୃଷ୍ଟି କରିଥିଲା। ଟ୍ରମ୍ପ୍ ଡାର୍କ ବ୍ଲୁ କଲର ଡ୍ରେସ୍ ସହ ହଳଦିଆ ଟାଇ ପିନ୍ଧିଥିବା ବେଳେ ଆମେରିକାର ଫାଷ୍ଟ ଲେଡି ହ୍ୱାଇଟ୍ କଲର ଜମ୍ପସୁଟ୍‌ରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## ଭିଜିଟର୍ସ ବୁକ୍‌ରେ ମୋଦିଙ୍କୁ ଟ୍ରମ୍ପ୍‌ଙ୍କ ପ୍ରଶଂସା



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗୁଜରାଟର ଅହମଦାବାଦ ବିମାନ ବନ୍ଦରରେ ଅବତରଣ କରିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ସ୍ୱାଗତ ଜଣାଇଥିଲେ। ଏହାପରେ ମୋଦିଙ୍କ ସହ ମିଶି ଟ୍ରମ୍ପ ସାବରମତୀ ଆଶ୍ରମ ଗସ୍ତ କରିଥିଲେ। ସେଠାରେ ପହଞ୍ଚିବା ପରେ ଟ୍ରମ୍ପ୍ ଭିଜିଟର୍ସ ବୁକରେ ଦସ୍ତଖତ କରିଥିଲେ। ଏହି ସମୟରେ ଟ୍ରମ୍ପ୍ ମୋଦିଙ୍କୁ ପ୍ରଶଂସା କରି କହିଥିଲେ, ସେ ହେଉଛନ୍ତି ତାଙ୍କର ଜଣେ ଭଲ ବନ୍ଧୁ, ଭାରତ ଗସ୍ତ ତାଙ୍କ ପାଇଁ ଅତି ଉତ୍କୃଷ୍ଟ ଯାତ୍ରା, ଧନ୍ୟବାଦ ମୋଦି। ସୂଚନାଯୋଗ୍ୟ, ଟ୍ରମ୍ପ୍ ତାଙ୍କ ସହଧର୍ମିଣୀ ମେଲାନିଆ ଟ୍ରମ୍ପ୍, ଝିଅ, ଜ୍ୱାଇଁ ଓ କେତେଜଣ ବରିଷ୍ଠ ଅଧିକାରୀଙ୍କ ସହ ଭାରତ ଗସ୍ତରେ ଆସିଛନ୍ତି।

## ମୋଟେରା ଷ୍ଟାଡିୟମ୍ ଲୋକାରଣ୍ୟ



ବିଶ୍ୱର ସର୍ବବୃହତ୍ ଷ୍ଟାଡିୟମ୍ ଭାବେ ପରିଚିତ ଗୁଜରାଟର ନବନିର୍ମିତ ମୋଟେରା ଷ୍ଟାଡିୟମ୍ ଟ୍ରମ୍ପ୍ ପରିବାର ଲାଗି ସୋମବାର ଲୋକାରଣ୍ୟ ହୋଇପଡ଼ିଥିଲା। ଲକ୍ଷାଧିକ ଲୋକ ପ୍ରଧାନମନ୍ତ୍ରୀ ମୋଦି ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଲାଗି ସେଠାରେ ଏକାଠି ହୋଇଥିଲେ। ଅନେକ ବ୍ୟକ୍ତିଙ୍କୁ ଭିତରକୁ ଯିବା ଲାଗି ପାସ୍ ମିଳି ନ ଥିବାବେଳେ ଟ୍ରାଫିକ ସମସ୍ୟା ମଧ୍ୟ ଦେଖାଦେଇଥିଲା। ସକାଳ ୮ରୁ ଏଠାରେ ଲୋକମାନଙ୍କ ପ୍ରବେଶ ଆରମ୍ଭ ହୋଇଥିଲା। ମୋଦି ଓ ଟ୍ରମ୍ପ୍ ମାସ୍କ ପିନ୍ଧି ଲୋକମାନେ ଦୁଇ ବିଶ୍ୱ ନେତାଙ୍କୁ ସ୍ୱାଗତ କରିଥିଲେ। ବଲିଉଡ୍ ଗୀତିକାର କୈଳାସ ଖେର୍ ଓ ସ୍ଥାନୀୟ ଗୁଜରାଟୀ ଗୀତିକାର ଗୀତା ରାବରୀ, କୀର୍ତ୍ତିଦାନ ଗଢ୍‌ଭି, କିନ୍‌ଜାଲ ଡାଭେ ପ୍ରମୁଖ ଦର୍ଶକଙ୍କୁ ଉତ୍ସାହିତ କରି ମନୋରଞ୍ଜନର ଖୋରାକ୍ ଯୋଗାଇଥିଲେ। ଷ୍ଟାଡିୟମ୍ ଭିତରକୁ ବ୍ୟାନର କିମ୍ବା ଫ୍ଲାଗ୍ ନେବା ଲାଗି ଅନୁମତି ଦିଆଯାଇ ନ ଥିଲା। ମୋଦି ଓ ଟ୍ରମ୍ପ୍‌ଙ୍କ ଅଭିଭାଷଣରେ ଦର୍ଶକ ବେଶ୍ ଉତ୍ସାହିତ ହୋଇ କରତାଳି ମାରିଥିଲେ। ବିପୁଳ ଜନସମାବେଶକୁ ଦେଖି ପୂର୍ବରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## ଟ୍ରମ୍ପ୍‌ଙ୍କ ଭାଷଣରେ ‘ସୋଲେ’, ‘ଡିଡିଏଲ୍‌ଜେ’

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ମୋଟେରା ଷ୍ଟାଡିୟମରେ ଆୟୋଜିତ ‘ନମସ୍ତେ ଟ୍ରମ୍ପ୍’କାର୍ଯ୍ୟକ୍ରମରେ ସେ ଯୋଗଦେଇଛନ୍ତି। ଏହି ସମୟରେ ସେ ସାଧାରଣ ଜନତାଙ୍କୁ ଉଦ୍‌ବୋଧନ ଦେବା ବେଳେ ବଲିଉଡ୍‌ର ଖୁବ୍ ପ୍ରଶଂସା କରିଛନ୍ତି। ଅମିତାଭ ବଚ୍ଚନଙ୍କ ଅଭିନୀତ ‘ସୋଲେ’ ଓ ଶାହାରୁଖ-କାଜଲଙ୍କ ଅଭିନୀତ ଫିଲ୍ମ ‘ଦିଲୱାଲେ ଦୁଲହନିୟା ଲେ ଯାଏଙ୍ଗେ’ର କଥା କହିଛନ୍ତି। ସେ କହିଛନ୍ତି ଭାରତୀୟ ସିନେମାର ଆକାର ବହୁତ ବଡ। ଏଠାରେ ପ୍ରତିବର୍ଷ ପାଖାପାଖି ୨ ହଜାର ଫିଲ୍ମ ନିର୍ମାଣ କରାଯାଇଥାଏ। ଏଠାକାର ଫିଲ୍ମରେ ଭାଙ୍ଗଡା ଡ୍ୟାନ୍ସ ଓ ମ୍ୟୁଜିକ ଖୁବ୍ ସୁନ୍ଦର ବୋଲି ସେ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଭାରତ ସଚ୍ଚିନ ତେନ୍ଦୁଲକର ଓ ବିରାଟ କୋହଲିଙ୍କ ଭଳି ଖେଳାଳିଙ୍କୁ ମଧ୍ୟ ବିଶ୍ୱକୁ ଭେଟି ଦେଇଛନ୍ତି।

## ସାବରମତୀରେ ଗାନ୍ଧୀଙ୍କ ଚରଖା ଚଲାଇଲେ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଅହମଦାବାଦ୍ ବିମାନ ବନ୍ଦରରୁ ସିଧାସଳଖ ପ୍ରାୟ ୭ କି.ମି. ଦୂରରେ ଥିବା ସାବରମତୀ ଆଶ୍ରମରେ ପହଞ୍ଚି ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ବ୍ୟବହୃତ ହେଉଥିବା ଚରଖା ଦେଖି ଏହାକୁ କିଛି ସମୟ ଚଲାଇଥିଲେ। ପାଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଉପସ୍ଥିତ ଥିଲେ।



## ତାଜମହଲ ଦେଖିଲେ ଟ୍ରମ୍ପ୍ ଦମ୍ପତି

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଓ ଫାଷ୍ଟ ଲେଡି ମେଲାନିଆ ସୋମବାର ସନ୍ଧ୍ୟାରେ ଆଗ୍ରା ଯାଇ ବିଶ୍ୱପ୍ରସିଦ୍ଧ ତାଜମହଲ ଦର୍ଶନ କରିଛନ୍ତି। ସେମାନଙ୍କ ଝିଅ ଇଭାଙ୍କା ଓ ଜ୍ୱାଇଁ ଜାରେଡ୍ ମଧ୍ୟ ତାଜମହଲ ବୁଲି ଦେଖିଥିଲେ। ସପ୍ତଦଶ ଶତାବ୍ଦୀରେ ପ୍ରେମର ପ୍ରତୀକ ସ୍ୱରୂପ ମୋଗଲ ସମ୍ରାଟ୍ ଶାହାଜାହାନ ନିର୍ମାଣ କରିଥିବା ଏହି କୀର୍ତ୍ତିରାଜି ଦେଖି ଟ୍ରମ୍ପ୍ ଦମ୍ପତି ବିମୋହିତ ହେବା ସହ ଏହାର ଭୂୟସୀ ପ୍ରଶଂସା କରିଥିଲେ। ସେଠାରେ ଆମେରିକା ରାଷ୍ଟ୍ରପତି ଭିଜିଟର ପୁସ୍ତିକାରେ ସ୍ୱାକ୍ଷର କରିଥିଲେ। ତାଜମହଲର ଇତିହାସ ଓ ଏହାର ଗୁରୁତ୍ୱ ସମ୍ପର୍କରେ ଟ୍ରମ୍ପ୍ ଦମ୍ପତିଙ୍କୁ ଅବଗତ କରାଯାଇଥିଲା। ଆଗ୍ରା ବିମାନବନ୍ଦରରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଟ୍ରମ୍ପ୍‌ଙ୍କୁ ସ୍ୱାଗତ କରିଥିଲେ। ସେଠାରେ ୨୫୦ରୁ ଊର୍ଦ୍ଧ୍ୱ କଳାକାର ମୟୂର ନୃତ୍ୟ, ରାଇ ଲୋକନୃତ୍ୟ ଆଦି ପ୍ରଦର୍ଶନ କରିଥିଲେ। ୧୫,୦୦୦ ସ୍କୁଲ ପିଲା ରାସ୍ତାର ଉଭୟ ପାର୍ଶ୍ୱରେ ଭାରତ ଓ ଆମେରିକା ପତାକା ଧରି ଟ୍ରମ୍ପ୍‌ଙ୍କୁ ସ୍ୱାଗତ କରିଥିଲେ। ଟ୍ରମ୍ପ୍‌ଙ୍କ ଗସ୍ତ ପାଇଁ ଆଗ୍ରାରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।



ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜୀବନଶୈଳୀ ଭାରତୀୟଙ୍କୁ ପ୍ରେରଣା ଦେଉଛି। ତାଙ୍କ ନେତୃତ୍ୱରେ ଭାରତର ବିଶେଷ ପ୍ରଗତି ହୋଇପାରିବ।
- ଡୋନାଲ୍ଡ ଟ୍ରମ୍ପ, ଆମେରିକା ରାଷ୍ଟ୍ରପତି

# ‘ଶାନ୍ତି ସ୍ଥାପନର ନେତୃତ୍ୱ ନେଉ ଭାରତ’



## ପାକିସ୍ତାନକୁ ପ୍ରଶଂସା କଲେ ଟ୍ରମ୍ପ୍

## ବାଣିଜ୍ୟ କ୍ଷେତ୍ରରେ ପ୍ରତିବନ୍ଧକ ହଟାଇବାକୁ ମୋଦିଙ୍କୁ କହିଲେ

**ଅହମଦାବାଦ:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଉଚ୍ଚ ପ୍ରଶଂସା କରିବା ସହ ଦକ୍ଷିଣ ଏସିଆରେ ଶାନ୍ତି ପ୍ରସାରରେ ନୂଆଦିଲ୍ଲୀ ନେତୃତ୍ୱ ନେବାକୁ ପରାମର୍ଶ ଦେଇଛନ୍ତି। ପାକିସ୍ତାନ ସମେତ ପଡୋଶୀ ଦେଶଗୁଡ଼ିକ ସହ ଆଲୋଚନା ମାଧ୍ୟମରେ ଭାରତ ଏହି ଅଞ୍ଚଳରେ ଶାନ୍ତି ସ୍ଥାପନ କରିପାରିବ ବୋଲି ଟ୍ରମ୍ପ୍ ଆଶାବ୍ୟକ୍ତ କରିଛନ୍ତି। ଆତଙ୍କବାଦ ଦମନରେ ପାକିସ୍ତାନର ପଦକ୍ଷେପକୁ ମଧ୍ୟ ଟ୍ରମ୍ପ୍ ପ୍ରଶଂସା କରିଛନ୍ତି। ଆତଙ୍କବାଦ ଦମନ ହୋଇପାରିଲେ ଦକ୍ଷିଣ ଏସିଆରେ ଶାନ୍ତି ଫେରିପାରିବ ବୋଲି ଆମେରିକା ରାଷ୍ଟ୍ରପତି କହିଛନ୍ତି।

ଦୁଇ ବୃହତ ଗଣତନ୍ତ୍ର ଭାରତ ଓ ଆମେରିକା ମଧ୍ୟରେ ଅନେକ ବାଣିଜ୍ୟିକ ଚୁକ୍ତି ଅଟକି ରହିଛି। ବୃହତ ବଜାରରେ ପ୍ରବେଶ ଏବଂ ଆମେରିକାର କୃଷି ଓ ଡାଏରୀ ଉତ୍ପାଦଗୁଡ଼ିକର ରପ୍ତାନି ଭଳି କେତେକ ପ୍ରସଙ୍ଗରେ ସହମତି ହୋଇପାରି ନାହିଁ। ଆମେରିକାର ବର୍ଦ୍ଧିତ ଆମଦାନି ଶୁଳ୍କ ଭାରତୀୟ ରପ୍ତାନିକୁ ପ୍ରଭାବିତ କରିଛି। ଏହା ସତ୍ତ୍ୱେ ଟ୍ରମ୍ପ୍ ତାଙ୍କ ଅଭିଭାଷଣରେ ଦୁଇଦେଶର ସମ୍ପର୍କ ବୃଦ୍ଧି ଉପରେ ଗୁରୁତ୍ୱ ଦେଇଛନ୍ତି। ଦୁଇଦେଶର ଅର୍ଥନୈତିକ ସମ୍ପର୍କକୁ ଆଗେଇ ନେବା ଲାଗି ଟ୍ରମ୍ପ୍ ପ୍ରତିଶ୍ରୁତି ଦେଇଛନ୍ତି। ନିବେଶ କ୍ଷେତ୍ରରେ ରହିଥିବା ପ୍ରତିବନ୍ଧକ ହ୍ରାସ ଲାଗି ଅବିଶ୍ୱସନୀୟ ବାଣିଜ୍ୟ ରାଜିନାମା ପାଇଁ ଆଲୋଚନା ପ୍ରାରମ୍ଭିକ ପର୍ଯ୍ୟାୟରେ ରହିଥିବା ଟ୍ରମ୍ପ୍ କହିଥିଲେ। ୨୦୧୭ ଜାନୁୟାରୀରେ ଟ୍ରମ୍ପ୍ ରାଷ୍ଟ୍ରପତି ହେବାଠାରୁ ଭାରତ ସହ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ୪୦ ପ୍ରତିଶତରୁ ଊର୍ଦ୍ଧ୍ୱ ବଢ଼ିଥିବା ଦାବି କରିଛନ୍ତି। ଉଭୟ ଦେଶ ପରସ୍ପର ରପ୍ତାନି ସାମଗ୍ରୀର ବଡ଼ ବଜାର ବୋଲି ସେ କହିଛନ୍ତି। ନିଯୁକ୍ତି ସୃଷ୍ଟି ଓ ସୁଯୋଗ ବଢ଼ାଇବାର ପ୍ରକୃଷ୍ଟ ଉପାୟ ହେଲା ବ୍ୟବସାୟ କ୍ଷେତ୍ରରେ ଥିବା ପ୍ରତିବନ୍ଧକ ଦୂର କରିବା। ଏଥିପାଇଁ ଅନାବଶ୍ୟକ ପ୍ରଶାସନିକ ପ୍ରତିବନ୍ଧକ, ନାଲିଫିତା କଟକଣା, ନିୟମାବଳୀ ଓ ଟିକସ ବ୍ୟବସ୍ଥା ହଟାଇବାକୁ ହେବ ବୋଲି ଟ୍ରମ୍ପ୍ କହିଛନ୍ତି।

ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ବନ୍ଦ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନେଇ ନ ଥିବା ପାକିସ୍ତାନକୁ ଫାଇନାନ୍ସିଆଲ ଆକ୍ସନ ଟାସ୍କଫୋର୍ସ (ଏଫ୍ଏଟିଏଫ୍) ଏହାକୁ ଧୂସର ତାଲିକାରେ ରଖିବା ସହ ଚେତାବନୀ ଦେଇଥିବାବେଳେ ଟ୍ରମ୍ପ୍ ଇସ୍‌ଲାମାବାଦକୁ ପ୍ରଶଂସା କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ପାକିସ୍ତାନ ସହ ଆମେରିକାର ଉତ୍ତମ ସମ୍ପର୍କ ରହିଥିବା ସେ କହିଛନ୍ତି। ଦକ୍ଷିଣ ଏସୀୟ ରାଷ୍ଟ୍ରଗୁଡ଼ିକରେ ଉତ୍ତେଜନା ହ୍ରାସ ପାଇବା ସହ ସ୍ଥିରତା ଓ ସଦ୍ଭାବନା ବଢ଼ିବା ନେଇ ସେ ଆଶାବାଦୀ ଥିବା କହିଛନ୍ତି। ତେବେ ସୀମାପାର ଆତଙ୍କବାଦ ବନ୍ଦ ନ ହେବା ପର୍ଯ୍ୟନ୍ତ ଇସ୍‌ଲାମାବାଦ ସହ ଆଲୋଚନା ସମ୍ଭବ ନୁହେଁ ନିଷ୍ପତ୍ତିରେ ନୂଆଦିଲ୍ଲୀ ଅଟଳ ରହିଛି। ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ହ୍ରାସ ପାଇଁ ଟ୍ରମ୍ପ୍ ପ୍ରଥମ ଥର ଉଦ୍ୟମ କରିନାହାନ୍ତି, କଶ୍ମୀର ପ୍ରସଙ୍ଗରେ ମଧ୍ୟସ୍ଥତା ପାଇଁ ସେ ଏକାଧିକ ଥର ପ୍ରସ୍ତାବ ଦେଲେଣି। ତେବେ କଶ୍ମୀର ଭାରତ ଓ ପାକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ ପ୍ରସଙ୍ଗ ହୋଇଥିବାରୁ ଏଥିରେ ତୃତୀୟ ପକ୍ଷର ହସ୍ତକ୍ଷେପକୁ ନୂଆଦିଲ୍ଲୀ ପ୍ରତ୍ୟାଖ୍ୟାନ କରିଆସିଛି।

### ଭାରତ ସହ ହେବ ୩୦୦ କୋଟି ଡଲାରର ସାମରିକ ଚୁକ୍ତି: ଟ୍ରମ୍ପ୍

ଭାରତ ସହିତ ଆମେରିକା ୩୦୦ କୋଟି ଡଲାରର ସାମରିକ ଚୁକ୍ତି କରିବ ବୋଲି ନମସ୍ତେ ଟ୍ରମ୍ପ୍ କାର୍ଯ୍ୟକ୍ରମରେ ଯୋଗଦେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସୋମବାର ଘୋଷଣା କରିଛନ୍ତି। ଏହି ଚୁକ୍ତି ଅନୁସାରେ ଆମେରିକା ଭାରତକୁ ମିଲିଟାରୀ ହେଲିକପ୍ଟର ଏବଂ ଭାରତୀୟ ସେନା ପାଇଁ ଆବଶ୍ୟକ ଅନ୍ୟ ସାମରିକ ଯନ୍ତ୍ରାଂଶ ଯୋଗାଇ ଦେବ ବୋଲି ଟ୍ରମ୍ପ୍ କହିଛନ୍ତି। ସୂଚନାଯୋଗ୍ୟ, ଏହା ଦ୍ୱାରା ଭାରତର ପ୍ରତିରକ୍ଷା ଶକ୍ତି ଯଥେଷ୍ଟ ବୃଦ୍ଧି ପାଇବ ବୋଲି କୁହାଯାଉଛି।


ଇଲ୍‌ତିଜା ମୁଫ୍‌ତି

## ଦିଲ୍ଲୀ ଜଳୁଥିବା ବେଳେ ‘ନମସ୍ତେ ଟ୍ରମ୍ପ୍’

**ଶ୍ରୀନଗର:** ସିଏଏ ବିରୋଧୀ ହିଂସାକାଣ୍ଡରେ ଦିଲ୍ଲୀ ଜଳୁଛି, ୮୦ ଲକ୍ଷ କଶ୍ମୀରୀ ସେମାନଙ୍କର ମୌଳିକ ଅଧିକାରରୁ ଦୀର୍ଘଦିନ ଧରି ବଞ୍ଚିତ ହୋଇଆସୁଛନ୍ତି। ଏତିକିବେଳେ ‘ନମସ୍ତେ ଟ୍ରମ୍ପ୍’ କାର୍ଯ୍ୟକ୍ରମକୁ ନେଇ ଉତ୍ସବ ପାଳନ କରାଯାଉଛି। ଏଭଳି ମତ ରଖିଛନ୍ତି ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିଡିପି ନେତ୍ରୀ ମେହବୁବା ମୁଫ୍‌ତିଙ୍କ ଝିଅ ଇଲ୍‌ତିଜା ମୁଫ୍‌ତି। ମା’ଙ୍କ ଟୁଇଟର ଆକାଉଣ୍ଟ ହ୍ୟାଣ୍ଡେଲ କରୁଥିବା ଇଲ୍‌ତିଜା କେନ୍ଦ୍ର ସରକାରଙ୍କ ପଦକ୍ଷେପକୁ ସମାଲୋଚନା କରି ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ସେମାନେ ଭୁଲିଗଲେଣି ବୋଲି କହିଛନ୍ତି। ୩୭୦ ଧାରା ଉଚ୍ଛେଦ ସହ ମା’ ମେହବୁବା ଏବଂ ଅନ୍ୟ ପ୍ରମୁଖ କଶ୍ମୀରୀ ନେତାଙ୍କୁ ଅଟକ ରଖାଯିବାକୁ ସେ ତୀବ୍ର ସମାଲୋଚନା କରିଛନ୍ତି। କଶ୍ମୀରରେ ସୋସିଆଲ ମିଡିଆ ବ୍ୟାନ୍ କରାଯିବା ଓ ଏଠାକାର ସ୍ଥିତି ଜଟିଳ ହେବା ପଛରେ କେନ୍ଦ୍ରର ହାତ ରହିଥିବା ସେ ଅଭିଯୋଗ କରିଛନ୍ତି।



## ଚର୍ଚ୍ଚାରେ ଟ୍ରମ୍ପ୍‌ଙ୍କ କାର୍

ବିଶ୍ୱର ସବୁଠୁ କ୍ଷମତାଶାଳୀ ନେତା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଅହମଦାବାଦରେ ପହଞ୍ଚିବା ପରେ ତାଙ୍କ କାର୍ ‘ଦି ବିଷ୍ଟ’କୁ ନେଇ ବେଶ୍ ଚର୍ଚ୍ଚା ହୋଇଥିଲା। ଅଧିକାଂଶଙ୍କ ନଜର ବିଶ୍ୱର ଏହି ସବୁଠୁ ନିରାପଦ କାର୍ ଉପରେ ରହିଥିଲା। ଏଆରଫୋର୍ସ ୱାନ୍‌ରେ ଟ୍ରମ୍ପ୍ ଆସି ଅହମଦାବାଦରେ ପହଞ୍ଚିବା ପୂର୍ବରୁ ଏହି କାର୍ ସେଠାରେ ପହଞ୍ଚିଥିଲା। କାଡିଲାକ୍ କମ୍ପାନୀ ଦ୍ୱାରା ନିର୍ମିତ ଏହି କାର୍‌ରେ ଅନେକ ସୁରକ୍ଷା ଫିଚର ରହିଛି। ୧.୫ ନିୟୁତ ଡଲାର ମୂଲ୍ୟର ୯୦୦୦ କିଲୋଗ୍ରାମ ଲିମୋସିନରେ ନିର୍ମିତ ବିଷ୍ଟ ବୁଲେଟ ଓ ବିସ୍ଫୋରକ ପ୍ରତିରୋଧି। ଏଥିରେ ୫ ଇଞ୍ଚ ମୋଟେଇର ମିଲିଟାରୀ ଗ୍ରେଡ୍ ଆର୍ମର ରହିଛି। ଏହାର ଡୋର୍ ଆର୍ମର ୮ ଇଞ୍ଚ ମୋଟେଇର ଆର୍ମର ପ୍ଲେଟ୍‌ରେ ନିର୍ମିତ, ଯାହା ରାସାୟନିକ ଆକ୍ରମଣରୁ ରକ୍ଷା କରିପାରିବ। କାର୍‌ର ଝରକା କାଚ ୫ ସ୍ତରୀୟ କାଚ ଓ ପଲିକାର୍ବୋନେଟରେ ତିଆରି ଯାହା ବୁଲେଟ ପ୍ରତିରୋଧ କରିବାକୁ ସକ୍ଷମ। ଏହାର ଟାୟାର ପଙ୍କଚରନିରୋଧୀ। ଆର୍ମର ପ୍ଲେଟରେ ନିର୍ମିତ ଏହାର ଇନ୍ଧନ ଟାଙ୍କି ଫୋମ୍ ଆବୃତ୍ତ ହୋଇଥିବାରୁ ବିସ୍ଫୋରଣ ନିରୋଧୀ। କାର ଭିତର ପମ୍ପ୍ ଆକ୍ସନ ସଟ୍‌ଗନ୍, ଟିଅର ଗ୍ୟାସ୍ କାନନ୍, ଫାୟାର ଫାଇଟିଂ ସିଷ୍ଟମ ସହିତ ଟିଅର ଓ ସ୍ମୋକ୍ ସ୍କ୍ରିନ୍ ଡିସ୍‌ପେନ୍‌ସର ରହିଛି। ଏଥିରେ ସାଟେଲାଇଟ ଫୋନ୍ ରହିଛି ଯାହାଦ୍ୱାରା ପେଣ୍ଟାଗନ ସହ ସିଧାସଳଖ ଯୋଗାଯୋଗ କରାଯାଇପାରିବ। ଏଥିରେ ପାନିକ୍ ବଟନ, ଅକ୍ସିଜେନ୍ ଯୋଗାଣ ବ୍ୟବସ୍ଥା ରହିଛି। ଆମେରିକା ସିକ୍ରେଟ ସର୍ଭିସ ଦ୍ୱାରା ପରିଚାଳିତ ଏହି କାର ସମ୍ଭାବ୍ୟ ବିପଦ ଏଡାଇବା ପାଇଁ ୧୮୦ ଡିଗ୍ରୀ ଟର୍ନ କରିପାରିବ।

## ଇଭାଙ୍କାଙ୍କ ସହ ସେଲ୍‌ଫି ନେଲେ ପ୍ରଶଂସକ



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତାଙ୍କ ସହଧର୍ମିଣୀ ମେଲାନିଆ ଟ୍ରମ୍ପ୍, ଝିଅ ଇଭାଙ୍କା ଟ୍ରମ୍ପ୍ ଓ ଜ୍ୱାଇଁ ଜେରେଡ ଗୁଜରାଟରେ ପହଞ୍ଚିବା ପରେ ସେଠାରୁ ‘ନମସ୍ତେ ଟ୍ରମ୍ପ୍’ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଅହମଦାବାଦର ମୋଟେରା ଷ୍ଟାଡିୟମରେ ପହଞ୍ଚିଥିଲେ। ଏହି ସମୟରେ ଟ୍ରମ୍ପଙ୍କ ଅପେକ୍ଷା ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲେ ଇଭାଙ୍କା। ଏମିତିରେ ତାଙ୍କ ରୂପକୁ ନେଇ ଅନେକ ଥର ଚର୍ଚ୍ଚା ହେଉଥିବା ବେଳେ ତାଙ୍କୁ ପାଖରେ ପାଇଥିବା ଲୋକେ ସହଜରେ ଏହାକୁ ହାତଛଡା କରିବାକୁ ଚାହିଁ ନ ଥିଲେ। ଭିଡ଼ ମଧ୍ୟରେ ତାଙ୍କର କେତେଜଣ ପ୍ରଶଂସକ ଇଭାଙ୍କାଙ୍କ ସହ ସେଲ୍‌ଫି ନେଉଥିବା ଦେଖାଯାଇଥିଲା।

## ମୋଦିଙ୍କୁ ପ୍ରଶଂସାରେ ପୋତିଲେ

ଡୋନାଲ୍ଡ ଟ୍ରମ୍ପ୍ ତାଙ୍କ ଭାଷଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରକୃତ ବନ୍ଧୁ ବୋଲି କହିବା ସହ ତାଙ୍କୁ ପ୍ରଶଂସାରେ ପୋତି ପକାଇଥିଲେ। ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ଦ୍ରୁତ ବିକାଶ ପଥରେ ଅଗ୍ରସର ହେଉଥିବା ଟ୍ରମ୍ପ୍ କହିଥିଲେ। ମୋଦି କେବଳ ଗୁଜରାଟର ଗର୍ବ ନୁହନ୍ତି, ସେ ଭାରତର ଗର୍ବ। କଠିନ ପରିଶ୍ରମ ବଳରେ ଭାରତୀୟମାନେ ସବୁକିଛି ହାସଲ କରିପାରିବେ, ମୋଦି ତାହାର ଜୀବନ୍ତ ଉଦାହରଣ ବୋଲି ଟ୍ରମ୍ପ୍ କହିଥିଲେ। ମୋଦି ସରକାରଙ୍କ ପାଇଁ ଭାରତରେ ଦାରିଦ୍ର୍ୟ ଯଥେଷ୍ଟ ହ୍ରାସ ପାଇଛି। ପ୍ରତି ପରିବାରକୁ ବିଦ୍ୟୁତ ସଂଯୋଗ ହୋଇପାରିଛି। ୩୦ କୋଟିରୁ ଊର୍ଦ୍ଧ୍ୱ ଲୋକ ଇଣ୍ଟରନେଟ ସଂଯୋଗ ପାଇଛନ୍ତି। ୭ କୋଟିରୁ ଊର୍ଦ୍ଧ୍ୱ ପରିବାରକୁ ଏଲ୍‌ପିଜି ସଂଯୋଗ ମିଳିଛି। ଭାରତ ଖୁବ୍‌ଶୀଘ୍ର ବିଶ୍ୱର ସର୍ବବୃହତ ମଧ୍ୟବିତ୍ତ ଶ୍ରେଣୀ ଲୋକଙ୍କ ଦେଶ ହେବାକୁ ଯାଉଛି ବୋଲି ଟ୍ରମ୍ପ୍ କହିଥିଲେ। ମୋଦି ଜଣେ ଶ୍ରେଷ୍ଠ ବୁଝାମଣାକାରୀ। ଦୁଇଦେଶ ମଧ୍ୟରେ ସର୍ବବୃହତ ବାଣିଜ୍ୟ ରାଜିନାମା ହେବାକୁ ଯାଉଛି ବୋଲି ଆମେରିକା ରାଷ୍ଟ୍ରପତି କହିଥିଲେ।

## ଟ୍ରମ୍ପ୍‌ଙ୍କୁ ଭେଟିଲେ ଅମିତ୍ ଶାହା



ବିଶ୍ୱର ସର୍ବବୃହତ୍ କ୍ରିକେଟ ଷ୍ଟାଡିୟମରେ ସୋମବାର ଆମେରିକାର ପ୍ରଥମ ନାଗରିକ ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ସ୍ୱାଗତ କରାଯାଇଛି। ଏହି ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଟ୍ରମ୍ପ୍ ଓ ତାଙ୍କ ସହଧର୍ମିଣୀ ମେଲାନିଆ ଟ୍ରମ୍ପ୍ ମଧ୍ୟ ଗୁଜରାଟ ଅହମଦାବାଦର ମୋଟେରା ଷ୍ଟାଡିୟମରେ ପହଞ୍ଚିଥିଲେ। ଟ୍ରମ୍ପ୍ ସେଠାରେ ଆୟୋଜିତ ‘ନମସ୍ତେ ଟ୍ରମ୍ପ୍’ କାର୍ଯ୍ୟକ୍ରମରେ ଯୋଗ ଦେବା ପୂର୍ବରୁ ମୋଦି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଟ୍ରମ୍ପ୍‌ଙ୍କ ସହ ପରିଚିତ କରାଇଥିଲେ। ଏହାପରେ ସମସ୍ତେ ମିଶି ଗ୍ରୁପ ଫଟୋ ଉଠାଇଥିବା ଦେଖାଯାଇଥିଲା। ଏହା ପରେ ‘ନମସ୍ତେ ଟ୍ରମ୍ପ୍’ କାର୍ଯ୍ୟକ୍ରମ ସ୍ଥାନକୁ ଟ୍ରମ୍ପ୍ ଚାଲିଯାଇଥିଲେ।

## ସ୍ୱତନ୍ତ୍ର ଡାଏଟ୍ ପ୍ଲାନ୍

**ନୂଆଦିଲ୍ଲୀ:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଆମେରିକାର ଫାଷ୍ଟ ଲେଡି ମେଲାନିଆ, ଝିଅ ଇଭାଙ୍କା ଓ ଜ୍ୱାଇଁ ଜାରେଡ୍ କୁଶନର ସୋମବାର ଭାରତ ପରିଭ୍ରମଣରେ ଆସିଛନ୍ତି। ପୂର୍ବରୁ ଇଭାଙ୍କା ଭାରତ ଗସ୍ତରେ ଆସିଥିଲେ। ଏହା ସତ୍ତ୍ୱେ ଟ୍ରମ୍ପ ଓ ତାଙ୍କ ପରିବାର ସଦସ୍ୟଙ୍କ ଭାରତ ଗସ୍ତ ସମଗ୍ର ଦେଶବାସୀଙ୍କ ମନରେ ଉତ୍ସୁକତା ଭରିଦେଇଛି। ଇଭାଙ୍କାଙ୍କ ଡାଏଟ୍ ପ୍ଲାନ୍ ଓ ଟ୍ରମ୍ପଙ୍କ ପରିବାରର ଅନ୍ୟ ସଦସ୍ୟଙ୍କ ଖାଦ୍ୟ ଶୈଳୀକୁ ନେଇ ଅନେକ ପ୍ରଶ୍ନ ରହିଛି। ଇଭାଙ୍କା କୋଶର ଡାଏଟ୍ ଫଲୋ କରନ୍ତି। ସେ ଜାରେଡ୍ କୁଶନରଙ୍କୁ ବିବାହ ପୂର୍ବରୁ ହିଁ ଏହି ଡାଏଟ୍ ଫଲୋ କରୁଥିଲେ। କିଟୋ ବା ଜିଏମ୍ ଡାଏଟ୍ ଭଳି ଏହି ଡାଏଟ୍ ଓଜନ ଘଟାଇବା ପାଇଁ ନୁହେଁ। ଏହା ଏକ ପାରମ୍ପରିକ ଡାଏଟ୍, ଯେଉଁଥିରେ ଇହୁଦୀ ନିୟମ ଆଧାରରେ କିଛି ନିର୍ଦ୍ଦିଷ୍ଟ ଖାଦ୍ୟକୁ ସାମିଲ କରାଯାଇଥାଏ। କୋଶର ହେବ୍ରୁ ଶବ୍ଦ କ୍ୟାଶରରୁ ଆସିଛି, ଯାହାର ଅର୍ଥ ଶୁଦ୍ଧ ବା ଖାଇବାଯୋଗ୍ୟ। କୋଶର ଡାଏଟ୍‌ରେ କିଛି ବିଶେଷ ନିୟମ ରହିଥାଏ, ଯେପରି କି କେଉଁ କେଉଁ ଖାଦ୍ୟ ଖାଇପାରିବେ, କେଉଁ ଖାଦ୍ୟ କାହା ସହିତ ଖାଇପାରିବେ ଓ କେଉଁ ଖାଦ୍ୟକୁ ଆଦୌ ଖାଇପାରିବେ ନାହିଁ। ଏଥିସହ ଖାଇବା ପୂର୍ବରୁ ସେହି ଖାଦ୍ୟ କେଉଁଠୁ ଆସିଛି ଓ କିପରି ପ୍ରସ୍ତୁତ କରାଯାଇଛି ସେ ସମ୍ପର୍କରେ ଜାଣିବା ଆବଶ୍ୟକ। ଇଭାଙ୍କା ଇହୁଦୀ ଧର୍ମ ପାଳନ କରୁଥିବା ବେଳେ ଷ୍ଟ୍ରିକ୍ଟ କୋଶର ଡାଏଟ୍ ଫଲୋ କରନ୍ତି।

## ହୃଦୟ ଜିତିବାକୁ ଟ୍ରମ୍ପ୍‌ଙ୍କ ପ୍ରୟାସ

ଭାରତ ଗସ୍ତରେ ଆସିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଲୋକଙ୍କ ହୃଦୟ ଜିତିବା ଲାଗି ସମସ୍ତ ପ୍ରକାର ପ୍ରୟାସ କରିଛନ୍ତି। ସମ୍ବୋଧନରେ ହିନ୍ଦୀ ଭାଷାକୁ ବ୍ୟବହାର କରିବା, ବଲିଉଡ୍‌ଠାରୁ ଆରମ୍ଭ କରି କ୍ରିକେଟ୍ ପର୍ଯ୍ୟନ୍ତ ଯୋଡ଼ିବା, ସ୍ୱାମୀ ବିବେକାନନ୍ଦଙ୍କ ସମ୍ପର୍କରେ ଉଲ୍ଲେଖ କରିବା ଏସବୁର ସୂଚନା ଦିଏ। ‘ଶୋଲେ’, ଦିଲ୍‌ୱାଲେ ଦୁଲ୍‌ହନିଆଁ ଲେ ଯାଏଙ୍ଗେ’ ଭଳି କାଳଜୟୀ ଫିଲ୍ମ ସମ୍ପର୍କରେ ମଧ୍ୟ ସେ ଉଲ୍ଲେଖ କରିଛନ୍ତି। ଭାରତୀୟ କ୍ରିକେଟ କିମ୍ବଦନ୍ତୀ ସଚିନ ତେନ୍ଦୁଲକର ଓ ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲିଙ୍କ ସମ୍ପର୍କରେ ମଧ୍ୟ ସେ ଅଭିଭାଷଣରେ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରିୟ ବନ୍ଧୁ ଭାବେ ଅଭିହିତ କରି ଦେଶ ବିକାଶରେ ତାଙ୍କର ଅବଦାନ ଉଲ୍ଲେଖନୀୟ ବୋଲି କହିଥିଲେ। ଭାରତ ସହ ଦୀର୍ଘମିଆଦି ବନ୍ଧୁତ୍ୱ ଯୋଡ଼ିବାକୁ ଟ୍ରମ୍ପ୍ ମନ ବଳାଇଥିବା କହିଛନ୍ତି। ଆତଙ୍କବାଦ ନେଇ ଭାରତ-ଆମେରିକା ଏକାଠି ଲଢ଼ିବା, ପ୍ରତିରକ୍ଷା କ୍ଷେତ୍ରରେ ସମସ୍ତ ସହଯୋଗ କରିବା, ଭାରତକୁ ଏକ ଶାନ୍ତି ଓ ପ୍ରଗତିଶୀଳ ଦେଶ ଭାବେ କହିବା, ଭାରତର ଐତିହ୍ୟ, ଗାନ୍ଧୀ ବାଣୀକୁ ପ୍ରଶଂସା କରିବା ଇତ୍ୟାଦି ଭାରତୀୟଙ୍କ ହୃଦୟ ଜିଣିପାରିଛି। ଅହମଦାବାଦ, ଆଗ୍ରା ଓ ଦିଲ୍ଲୀରେ ଟ୍ରମ୍ପ୍ ପରିବାରକୁ ଏଥିଲାଗି ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଟ୍ରମ୍ପ୍ ‘ନମସ୍ତ’ରୁ ଅଭିଭାଷଣ ଆରମ୍ଭ କରି ‘ୱି ଲଭ୍ ଇଣ୍ଡିଆ’ରେ ଶେଷ କରିଥିଲେ।

## ଟ୍ରମ୍ପ୍‌ଙ୍କ ଲାଗି ମେନୁରେ ଶାକାହାରୀ ଖାଦ୍ୟ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତାଙ୍କ ସହଧର୍ମିଣୀ, ମେଲାନିଆ ଟ୍ରମ୍ପ୍, ଝିଅ ଇଭାଙ୍କା, ଜ୍ୱାଇଁ ଜେରେଡ ଓ କେତେଜଣ ଉଚ୍ଚସ୍ତରୀୟ ପ୍ରତିନିଧି ଭାରତ ଗସ୍ତରେ ଆସିଛନ୍ତି। ଟ୍ରମ୍ପ୍ ଟମାଟୋ ସସ୍ ସହ ବିଫ୍ ଖାଇବାକୁ ବହୁତ ପସନ୍ଦ କରନ୍ତି। ହେଲେ ଭାରତ ଭିତରେ ମେନୁରୁ ବିଫ୍‌କୁ ବାଦ୍ ଦିଆଯାଇଛି। ତାଙ୍କ ଖାଦ୍ୟରେ ଅଧିକ ମାତ୍ରାରେ ଶାହାକାରୀ ଖାଦ୍ୟ ଗୁଜରାଟୀ ଷ୍ଟାଇଲରେ ତିଆରି କରାଯାଇଛି। ଫର୍ଚ୍ୟୁନ ଲ୍ୟାଣ୍ଡମାର୍କ ହୋଟେଲର ଶେଫ୍ ସୁରେଶ ଖାନ୍ନାଙ୍କୁ ଟ୍ରମ୍ପ୍‌ଙ୍କ ଖାଦ୍ୟ ପ୍ରସ୍ତୁତିର ଦାୟିତ୍ୱ ଦିଆଯାଇଛି। ଏଥିପାଇଁ ସେ ସିଗନେଚର କୁକିଜ୍, ଗୁଜରାଟର ସ୍ପେଶାଲ ଖମଣ ଢୋକ୍‌ଲା, ବ୍ରୋକ୍‌ଲି-କର୍ଣ୍ଣ ସମୋସା ତିଆରି କରିଛନ୍ତି। ଟ୍ରମ୍ପ୍‌ଙ୍କୁ ଖମଣ ଢୋକ୍‌ଲା ଓ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସ୍ପେଶାଲ ଅଦା ଓ ମସଲା ଚା’ ପସନ୍ଦ ଥିବାରୁ ଏହାର ବ୍ୟବସ୍ଥା ମଧ୍ୟ କରାଯାଇଛି। ଏହା ବ୍ୟତୀତ ଆଇସ୍ ଟି ଓ ଗ୍ରୀନ ଟି’ର ବ୍ୟବସ୍ଥା ମଧ୍ୟ କରାଯାଇଛି।


‘ନମସ୍ତେ ଟ୍ରମ୍ପ୍’ କାର୍ଯ୍ୟକ୍ରମ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ମୁଖା ପିନ୍ଧିଥିବା ଦର୍ଶକବୃନ୍ଦ।


ଟ୍ରମ୍ପ୍‌ଙ୍କ ଆଗମନ ଅବ୍ୟବହିତ ପୂର୍ବରୁ ଅହମଦାବାଦରେ ପୋଲିସ କମାଣ୍ଡୋମାନେ ବିଭିନ୍ନ ସ୍ଥାନଗୁଡ଼ିକ ଛାନ୍‌ଭିନ୍ କରୁଛନ୍ତି।


ଅହମଦାବାଦର ମୋଟେରା ଷ୍ଟାଡିୟମ ନିକଟରେ ସନ୍ଧାନୀ କୁକୁର ସହ ବୋମା ନିଷ୍କ୍ରିୟକାରୀ ଦଳ।



ରାଗିବା ପୂର୍ବରୁ ହଠାତ୍ ସ୍ଥିର ହୋଇଯାଅ। ଆଉ କ୍ରୋଧର ସର୍ବଶେଷ ପରିଣାମ କଥା ଚିନ୍ତାକର।
- କନ୍‌ଫୁସିୟସ୍

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ବିଜେବି କଲେଜର ଆଇଏମ୍‌ବିଏ ବିଭାଗ ପକ୍ଷରୁ ଦିନିକିଆ ଜାତୀୟ ସେମିନାର, ହଲ ନଂ ୧୦୮, ନ୍ୟୁ ଆର୍ଟସ୍ ବ୍ଲକ ବିଲ୍ଡିଂ, ପୂର୍ବାହ୍ନ ୧୦ଟା।
- ଇନଷ୍ଟିଚ୍ୟୁଟ ଅଫ୍ ଲାଇଫ୍ ସାଇନ୍ସ ପକ୍ଷରୁ ନ୍ୟାଶନାଲ କନକ୍ଲେଭ, ଆଇଏଲ୍‌ଏସ୍ ଅଡିଟୋରୟିମ, ନାଲ୍‌କୋ ଛକ, ପୂର୍ବାହ୍ନ ୧୦ଟା।
- ବ୍ଲଡ ଷ୍ଟିମ ସେଲ ଡୋନର ରେଜିଷ୍ଟ୍ରେଶନ କ୍ୟାମ୍ପ, ମହର୍ଷି କଲେଜ, ଶହୀଦ ନଗର, ପୂର୍ବାହ୍ନ ୧୦ଟା।

**କଟକ**

- ବାଦିପାଲା ପରିବେଷଣ, ଶାଳେଶ୍ୱର, ରାତି ୭ଟା।

## ଶ୍ରୀଲିଙ୍ଗରାଜଙ୍କ ହାଣ୍ଡିଭଙ୍ଗା ଯାତ୍ରା କରିବାକୁ ଚିଠି

**ପୁରୁଣା ଭୁବନେଶ୍ୱର, ୨୪।୨ (ଡି.ଏନ.ଏ.):** ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପରମ୍ପରା ମୁତାବକ ମହାଶିବରାତ୍ରି ଯିବାର ପ୍ରଥମ ଶନିବାର ହାଣ୍ଡିଭଙ୍ଗା ଯାତ୍ରା ପାଳିତ ହୋଇଥାଏ। ହେଲେ ୨୦୧୫ ମସିହାଠାରୁ ଶ୍ରୀକପିଳେଶ୍ୱର ମନ୍ଦିରରେ ଦ୍ୱନ୍ଦ୍ୱ ପାଇଁ ହାଣ୍ଡିଭଙ୍ଗା ଯାତ୍ରା ବନ୍ଦ ରହିଛି। ଚଳିତବର୍ଷ ଶ୍ରୀକପିଳେଶ୍ୱର ମନ୍ଦିରରେ ସେବା ପୂଜା ସମାଧାନ ପୂର୍ବକ ଠାକୁରଙ୍କ ଏହି ପରମ୍ପରା ରକ୍ଷା କରାଯାଉ। ହାଣ୍ଡିଭଙ୍ଗା ଯାତ୍ରାକୁ ସମ୍ପାଦନ ପାଇଁ ସୋମବାର ପୂଜାପଣ୍ଡା ଏବଂ ବ୍ରାହ୍ମଣ ନିଯୋଗ ପକ୍ଷରୁ ଲିଖିତ ଭାବେ ପତ୍ର ଦେବୋତ୍ତର କମିଶନରଙ୍କୁ ପ୍ରଦାନ କରାଯାଇଛି। ଯଦି ଏହି ପରମ୍ପରା ପୁଣି ଆସନ୍ତା ୨୮ ତାରିଖ ମଧ୍ୟରେ ପ୍ରଶାସନ ରକ୍ଷା ନ କରେ ଓ କୌଣସି ଉତ୍ତର ନ ଦିଏ, ତେବେ ଆସନ୍ତା ୨୯ ତାରିଖରେ ଠାକୁରଙ୍କ ମଙ୍ଗଳଆଳତିଠାରୁ ନୀତିରେ ବିଶୃଙ୍ଖଳା ସୃଷ୍ଟି ହେବ। ଏଥିପାଇଁ ସମିତି ଦ୍ୱୟ ଦାୟୀ ରହିବେ ନାହିଁ ବୋଲି ସୂଚନା ଦିଆଯାଇଛି। ପୂଜାପଣ୍ଡା ନିଯୋଗ ସମ୍ପାଦକ ସଚ୍ଚିକାନ୍ତ ପୂଜାପଣ୍ଡା ଏବଂ ବ୍ରାହ୍ମଣ ନିଯୋଗ ସମ୍ପାଦକ ବିରଞ୍ଚି ନାରାୟଣ ପତି ଚିଠି ମାଧ୍ୟମରେ ଏହା ଜଣାଇଛନ୍ତି।

## ମୁଖ୍ୟ ପ୍ରଶାସକଙ୍କୁ ଜଣାଇଲା ସୁଆର ମହାସୁଆର ନିଯୋଗ

### ବିଳମ୍ବ ହେଉଛି ଭୋଗ ମଣ୍ଡପ

**ପୁରୀ ଅଫିସ,୨୪।୨:** ଶ୍ରୀମନ୍ଦିରରେ ଭୋଗ ମଣ୍ଡପ ବଢ଼ିବାରେ ବିଳମ୍ବ ହେଉଥିବା ଅଭିଯୋଗ କରି ସୁଆର ମହାସୁଆର ନିଯୋଗ ପକ୍ଷରୁ ସୋମବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ଶ୍ରୀମନ୍ଦିରରେ ବ୍ୟବସ୍ଥାବଳୀ ଲାଗୁ ହେବାଠାରୁ ଭୋଗମଣ୍ଡପ ଧାର୍ଯ୍ୟ ସମୟରେ ସରୁଥିବାରୁ ଭକ୍ତ ଓ ଜନସାଧାରଣ ବିକ୍ରି ଭୋଗ ଓ ବରାଦି ଭୋଗ ଠିକ୍ ସମୟରେ ପାଇ ଆନନ୍ଦିତ ହେଉଥିଲେ। ପ୍ରାୟ ୨ ମାସ ହେବ ଶ୍ରୀମନ୍ଦିର ନୀତି ଧାର୍ଯ୍ୟ ସମୟଠାରୁ ବିଳମ୍ବରେ ସରୁଛି। ନୀତିକାନ୍ତି ଠିକ୍ ଭାବେ ତଦାରଖ କରାଯାଉ ନ ଥିବାରୁ ଭକ୍ତମାନେ ଦର୍ଶନ କରି ମହାପ୍ରସାଦ ନ ପାଇ ମନଦୁଃଖରେ ଫେରୁଛନ୍ତି। ସୂପକାର ସଭ୍ୟମାନେ ଧାର୍ଯ୍ୟ ସମୟ ମଧ୍ୟରେ ଭୋଗ ରନ୍ଧନ କରୁଛନ୍ତି। କିନ୍ତୁ ଭୋଗ ନିର୍ଘଣ୍ଟ ସମୟରେ ସରୁ ନ ଥିବାରୁ ମହାପ୍ରସାଦ ଯୋଗାଇ ନ ପାରି ଅଯଥାରେ ନିନ୍ଦିତ ହେଉଛନ୍ତି। ମହାପ୍ରଭୁଙ୍କ ନୀତିରେ କାହିଁକି ବିଳମ୍ବ ହେଉଛି ଏହା ଉପରେ ଅନୁସନ୍ଧାନ କରି ବିହିତ ପଦକ୍ଷେପ ଗ୍ରହଣ କରିବାକୁ ନିଯୋଗ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରତିହାରୀ ଅନୁରୋଧ କରିଛନ୍ତି।

# ସୁସ୍ଥହୋଇ ଘରକୁ ଫେରିଲେ ଫିରୋଜ

**କଟକ ଅଫିସ,୨୪।୨**

### ରାଜ୍ୟର ପ୍ରଥମ କାଡାଭେରିକ ଟ୍ରାନ୍ସପ୍ଲାଣ୍ଟ ସଫଳ

- ପ୍ରିୟଙ୍କା ପରିବାର, ଡାକ୍ତର, ସରକାରଙ୍କୁ ଧନ୍ୟବାଦ ଜଣାଇଲେ
- ସଂକ୍ରମଣରୁ ଦୂରରେ ରହିବାକୁ ପରାମର୍ଶ



ଏସ୍‌ସିବି ମେଡିକାଲରୁ ଡିସ୍‌ଚାର୍ଜ ହୋଇ ଫେରୁଛନ୍ତି ଫିରୋଜ।

ରାଜ୍ୟର ପ୍ରଥମ କାଡାଭେରିକ୍ ଟ୍ରାନ୍ସପ୍ଲାଣ୍ଟ ବା ଜଣେ ମସ୍ତିଷ୍କ ମୃତ(ବ୍ରେନ୍ ଡେଡ୍) ବ୍ୟକ୍ତିଙ୍କ ଶରୀରରୁ କିଡ୍‌ନୀକୁ ନେଇ ଜଣେ ଜୀବିତଙ୍କ ଶରୀରରେ ପ୍ରତିରୋପଣ ଅସ୍ତ୍ରୋପଚାର ସଫଳ ହୋଇଛି। କଟକ ଏସ୍‌ସିବି ମେଡିକାଲରେ କିଡ୍‌ନୀ ପ୍ରତିରୋପଣ ସହ ତିନି ସପ୍ତାହ ପର୍ଯ୍ୟନ୍ତ ଅଭିଜ୍ଞ ଡାକ୍ତରଙ୍କ ତତ୍ତ୍ୱାବଧାନରେ ରହିବା ପରେ ସୁସ୍ଥ ହୋଇ ସୋମବାର ଘରକୁ ଫେରିଛନ୍ତି ବରଗଡ଼ର ଫିରୋଜ ସାହୁ। ତେବେ ପ୍ରତିରୋପଣ ପରବର୍ତ୍ତୀ ସମୟ(ପୋଷ୍ଟ ଟ୍ରାନ୍ସପ୍ଲାଣ୍ଟ ପିରିୟଡ) ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ସମ୍ବେଦନଶୀଳ ଥିବା ଯୋଗୁ ତାଙ୍କୁ ସତର୍କ ରହିବାକୁ ଡାକ୍ତରମାନେ ପରାମର୍ଶ ଦେଇଛନ୍ତି। ଘରକୁ ଫେରିବାବେଳେ କେବଳ ଫିରୋଜ ନୁହନ୍ତି, ତାଙ୍କ ମାଆ ମିଥାଳି ଏବଂ ବାପା ଲୋକେଶ୍ୱରଙ୍କ ଆଖି ଛଳଛଳ ହୋଇଯାଇଥିଲା। ଫିରୋଜଙ୍କୁ ନୂଆ ଜୀବନ ମିଳିଥିବା ଯୋଗୁ ସମସ୍ତେ ଯେମିତି ଖୁସିରେ କାନ୍ଦି ପକାଇଥିଲେ। ଅନ୍ୟପଟେ ପ୍ରଥମ ଥର ପାଇଁ ରାଜ୍ୟରେ ଏଭଳି ଏକ ବିରଳ ଅସ୍ତ୍ରୋପଚାର କରିଥିବା ଡାକ୍ତରମାନେ ମଧ୍ୟ ଭାବବିହ୍ୱଳ ହୋଇପଡ଼ିଥିଲେ।

ଗଞ୍ଜାମ ଜିଲା ଦିଗପହଣ୍ଡି ସହର ରାଣୀସାହିର ପ୍ରିୟଙ୍କାରାଣୀ ରାଜୁ(୨୬) ଜାନୁୟାରୀ ୨୬ତାରିଖରେ ତପ୍ତପାଣି ପାଖରେ ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇଥିଲେ। ଚିକିତ୍ସା ଲାଗି ତାଙ୍କୁ ଭୁବନେଶ୍ୱରସ୍ଥିତ ଆପୋଲୋ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗତ ୩ ତାରିଖ ରାତିରେ ଡାକ୍ତର ତାଙ୍କୁ ମସ୍ତିଷ୍କ ମୃତ(ବ୍ରେନ୍ ଡେଡ୍) ଘୋଷଣା କରିଥିଲେ। ଏହି ଖବର ପାଇବା ପରେ ପ୍ରିୟଙ୍କାଙ୍କ ସ୍ୱାମୀ ଭି. ସମୀର ରାଜୁ ଓ ଶ୍ୱଶୁର ଭି. ଧର୍ମାରାଜୁ ଧୈର୍ଯ୍ୟ ନ ହରାଇ ପ୍ରିୟଙ୍କାଙ୍କ ଅଙ୍ଗଦାନ କରିବାକୁ ନିଷ୍ପତ୍ତି ନେଇଥିଲେ। ଏ ନେଇ ସେମାନେ ଆପୋଲୋ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ପରେ ହସ୍ପିଟାଲ ପକ୍ଷରୁ ଏ ସମ୍ପର୍କରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗକୁ ସୂଚନା ଦିଆଯାଇଥିଲା। ବିଭାଗ ପକ୍ଷରୁ ଏସ୍‌ସିବିର ବିଭାଗୀୟ ଡାକ୍ତରମାନଙ୍କୁ ତୁରନ୍ତ କାଡାଭେରିକ୍ ଟ୍ରାନ୍ସପ୍ଲାଣ୍ଟ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଡାକ୍ତରମାନେ ବିଳମ୍ବିତ ରାତିରେ ଆପୋଲୋ ହସ୍ପିଟାଲରେ ପହଞ୍ଚି ପ୍ରିୟଙ୍କାଙ୍କ ଶରୀରରୁ କିଡ୍‌ନୀ ବାହାର କରି ଏସ୍‌ସିବି ମେଡିକାଲକୁ ଆଣିଥିଲେ। ପରେ ୟୁରୋଲୋଜି ବିଭାଗ ମୁଖ୍ୟ ଡା. ଦତ୍ତେଶ୍ୱର ହୋତାଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଟିମ୍ ଅସ୍ତ୍ରୋପଚାର କରି ଫିରୋଜଙ୍କ ଶରୀରରେ କିଡ୍‌ନୀ ପ୍ରତିରୋପଣ କରିଥିଲେ। ଏହା ପରଠାରୁ ଫିରୋଜଙ୍କୁ ସ୍ୱତନ୍ତ୍ର କ୍ୟାବିନ୍‌ରେ ରଖାଯାଇ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଥିଲା। ଫଳରେ ଧୀରେ ଧୀରେ ସେ ସୁସ୍ଥ ହେବାରେ ଲାଗିଲେ। ପ୍ରତିରୋପଣର ତିନିରୁ ଚାରି ସପ୍ତାହ ପର୍ଯ୍ୟନ୍ତ ଡାକ୍ତରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଆବଶ୍ୟକ ପଡୁଥିବା ଯୋଗୁ ଫିରୋଜଙ୍କୁ ଏସ୍‌ସିବି ମେଡିକାଲରେ ରଖାଯାଇଥିଲା। ବିଭାଗୀୟ ଡାକ୍ତରମାନଙ୍କ କହିବାନୁଯାୟୀ, ପ୍ରତିରୋପଣ ପରଠୁ ଫିରୋଜଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଦେଖିବାକୁ ମିଳିଥିଲା। ବର୍ତ୍ତମାନ ସେ ସୁସ୍ଥ ଅଛନ୍ତି। ତେବେ ସଂକ୍ରମଣର ଆଶଙ୍କା ଥିବା ଯୋଗୁ ଆସନ୍ତା କିଛି ମାସ ଯତ୍ନ ନେବାକୁ ପରାମର୍ଶ ଦିଆଯାଇଛି। ବିଶେଷକରି ସ୍ୱଚ୍ଛ ଓ ପରିଚ୍ଛନ୍ନ ରହିବାକୁ କୁହାଯାଇଛି। ସଂକ୍ରମଣର ସମ୍ଭାବନା ଥିବା ସମସ୍ତ କାର୍ଯ୍ୟରୁ ନିଜକୁ ଦୂରରେ ରଖିବାକୁ ପରାମର୍ଶ ଦିଆଯାଇଛି। ସେହିଭଳି ଖାଦ୍ୟ, ପାନୀୟ, ଔଷଧ ସେବନ ଆଦି ସମ୍ପର୍କରେ ଆବଶ୍ୟକ ପରାମର୍ଶ ଦିଆଯାଇଥିବା ଡାକ୍ତରଙ୍କ ପକ୍ଷରୁ କୁହାଯାଇଛି।

### 'ପ୍ରିୟଙ୍କାଙ୍କ ଋଣ ଶୁଝିପାରିବି ନାହିଁ'

ପ୍ରିୟଙ୍କା ମୃତ୍ୟୁବରଣ କରି ମଧ୍ୟ ଅମର ହୋଇଗଲେ। ପ୍ରଥମେ ଯେବେ କିଡ୍‌ନୀ ରୋଗ ଜଣାପଡ଼ିଥିଲା, ମୁଁ ସବୁ ଆଶା ଛାଡ଼ିଦେଇଥିଲି। ମାଆ କିଡ୍‌ନୀ ଦେବାକୁ ପ୍ରସ୍ତୁତ ଥିଲେ ମଧ୍ୟ ଆମର ବ୍ଲଡ୍ ଗ୍ରୁପ ଅଲଗା ଥିଲା। ଫଳରେ କିଡ୍‌ନୀ ପ୍ରତିରୋପଣ ପାଇଁ ଆଶଙ୍କା ସୃଷ୍ଟି ହୋଇଥିଲା। ଏଭଳି ସମୟରେ ମୋ' ପାଇଁ ଭଗବାନଙ୍କ ରୂପରେ ପ୍ରିୟଙ୍କା ଆସିଲେ। ତାଙ୍କ କିଡ୍‌ନୀ ମୋ ଶରୀରରେ ଲାଗିଲା ପରେ ବର୍ତ୍ତମାନ ମୁଁ ସୁସ୍ଥ ଅନୁଭବ କରୁଛି। ପ୍ରିୟଙ୍କା ଓ ତାଙ୍କ ପରିବାରବର୍ଗଙ୍କ ଋଣ ଏଜୀବନରେ ଶୁଝିପାରିବି ନାହିଁ। ସମସ୍ତ ଖର୍ଚ୍ଚ ବହନ କରିଥିବା ରାଜ୍ୟ ସରକାର ଏବଂ କଠିନ ପରିଶ୍ରମ କରିଥିବା ଡାକ୍ତରମାନଙ୍କୁ ଧନ୍ୟବାଦ।

# ମହାପ୍ରଭୁଙ୍କ ବେଣ୍ଟ ନୀତି ସମ୍ପନ୍ନ



**ପୁରୀ ଅଫିସ,୨୪।୨**

ଫାଲ୍‌ଗୁନ ଶୁକ୍ଳ ପ୍ରତିପଦାରେ ସୋମବାର ମହାପ୍ରଭୁଙ୍କ ବେଣ୍ଟ ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ମଙ୍ଗଳ ଆଳତି ସରିବା ପରେ ପ୍ରଭୁ ଶ୍ରୀରାମଚନ୍ଦ୍ର ଆଜ୍ଞାମାଳ ପାଇ ବେଣ୍ଟ (ଶିକାର) ନୀତି ନିମନ୍ତେ ବିମାନରେ ବିଜେ ହୋଇଥିଲେ। ବିମାନବଡୁ ସେବକମାନେ ବିମାନ ଶ୍ରୀଜଗନ୍ନାଥ ବଲ୍ଲଭ ମଠକୁ ବିଜେ କରାଇଥିଲେ। ସେଠାରେ ମହାଜନ ସେବକ ଠାକୁରଙ୍କୁ ଖଟ ଉପରେ ବିଜେ କରାଇଥିଲେ। ମୁଦିରସ୍ତଙ୍କ ଦ୍ୱାରା ରାଜ ବନ୍ଦାପନା ପରେ ପ୍ରଭୁ ଶ୍ରୀରାମଚନ୍ଦ୍ର ମହାଜନଙ୍କ ହସ୍ତରେ ବେଣ୍ଟ ନିମନ୍ତେ ବେଣ୍ଟ ପୋଖରୀକୁ ବିଜେ ହୋଇଥିଲେ। ଭିତରଚ୍ଛୁ ତୀର କମାଣ ଶ୍ରୀଅଙ୍ଗରେ ଲାଗି ଦେବା ପରେ ବେଣ୍ଟ ବିନ୍ଧା ପାଇକ ସେବକ ପଇଡରେ ବେଣ୍ଟ ବିନ୍ଧିଥିଲେ। ସେଠାରେ ରଖାଯାଇଥିବା ୬ଟି ପଇଡ ମଧ୍ୟରୁ ଲେଙ୍କା ୫ଟିରେ ତୀର ମାରିଥିଲେ। ଗୋଟିଏ ଅକ୍ଷତ ଅବସ୍ଥାରେ ସାଙ୍ଗରେ ନେଇ ଆସିଥିଲେ। ଏହାପରେ ଶୀତଳ ଭୋଗ, କର୍ପୂର ଆଳତି, ବନ୍ଦାପନା ଆଦି ନୀତି କରାଯାଇଥିଲା। ପରେ ଠାକୁର ବିମାନରେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।

## ଷ୍ଟେଶନରୁ ଗଞ୍ଜେଇ ଜବତ, ଜଣେ ଗିରଫ

**ଜଟଣୀ,୨୪।୨(ଡି.ଏନ୍.ଏ.)**

ଖୋର୍ଦ୍ଧାରୋଡ଼ ରେଳ ଷ୍ଟେଶନରୁ ୧୦ କିଗ୍ରା ଗଞ୍ଜେଇ ଜବତ ହୋଇଛି। ଏହାକୁ ଚାଲାଣ କରୁଥିବା ଜିତୁ ନାୟକ(୨୫)ଙ୍କୁ ରେଲୱେ ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ବାଲୁଗାଁ ଥାନା ଅଞ୍ଚଳରେ ଗିରଫ ଅଭିଯୁକ୍ତଙ୍କ ଘର। ବିଶେଷସୂତ୍ରରୁ ଖବରପାଇ ଆର୍‌ପିଏଫ୍ ଇନ୍ସପେକ୍ଟର ବିଦ୍ୟାଧର ବାରିକ ଓ ରେଲୱେ ପୋଲିସ ମିଳିତ ଭାବେ ଚଢ଼ାଉ କରି ଗଞ୍ଜେଇ ଭର୍ତ୍ତି ଥିବା ବ୍ୟାଗ ସହ ଜିତୁଙ୍କୁ ଧରିଥିଲେ। ୩ ନଂ. ପ୍ଲାଟଫର୍ମରେ ଅଭିଯୁକ୍ତ ଟ୍ରେନ୍‌କୁ ଅପେକ୍ଷା କରିଥିବା ବେଳେ ଏହି ଚଢ଼ାଉ କରାଯାଇଥିଲା। ଖଲ୍ଲିକୋଟ ଓ ବାଲୁଗାଁ ଅଞ୍ଚଳରୁ ଗଞ୍ଜେଇ ସଂଗ୍ରହ କରି ଚେନ୍ନାଇ-ହାୱଡ଼ା ମେଲ୍‌ରେ ଖୋର୍ଦ୍ଧାରୋଡ଼ ଷ୍ଟେଶନ ପର୍ଯ୍ୟନ୍ତ ଜିତୁ ଆସିଥିଲେ। ଏଠାରୁ ଗଞ୍ଜେଇ ଦିଲ୍ଲୀ ଚାଲାଣ ପାଇଁ କଳିଙ୍ଗ ଉତ୍କଳ ଏକ୍ସପ୍ରେସ୍ ଟ୍ରେନକୁ ଅପେକ୍ଷା କରିଥିବା ସମୟରେ ଧରା ପଡିଥିବା ଆର୍‌ପିଏଫ୍ ଇନ୍ସପେକ୍ଟର ବାରିକ କହିଛନ୍ତି। ଏ ନେଇ ନଂ. ୩୨/୨୦ରେ ମାମଲା ରୁଜୁ ହୋଇଛି।



ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



ବୀରବର



ସୁଶୀଲ



ମିର୍ ଅହମ୍ମଦ ଅଲି



ପ୍ରଦୋଷ



ହିତେଶ



ଦୀପକ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

# ଚାରୁକଳା ଶିକ୍ଷାର ପ୍ରସାର ପାଇଁ ପରାମର୍ଶ

**ଭୁବନେଶ୍ୱର, ୨୪।୨(ବ୍ୟୁରୋ)**



କଳିଙ୍ଗ ଚାରୁକଳା ମହାବିଦ୍ୟାଳୟର ପ୍ରଥମ ପ୍ରତିଷ୍ଠା ଦିବସ ସୋମବାର ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରି ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ଉତ୍ସବକୁ ଉଦ୍‌ଘାଟନ କରି ଚାରୁକଳା ଶିକ୍ଷାର ଆବଶ୍ୟକତା ଓ ଉପାଦେୟତା ଉପରେ ଆଲୋକପାତ କରିଥିଲେ। ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦ ଅଧ୍ୟକ୍ଷ ଅମରେନ୍ଦ୍ର ପଟ୍ଟନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଚାରୁକଳା ଶିକ୍ଷାର ଉନ୍ନତି ନିମନ୍ତେ ଗଠନମୂଳକ ପରାମର୍ଶ ଦେଇଥିଲେ। ରାଜ୍ୟ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଯୁଗ୍ମ ସଚିବ ମନସ୍ୱିନୀ ସାହୁ ଅତିଥିଭାବେ ଯୋଗଦେଇ ଚାରୁକଳା ଶିକ୍ଷାର ପ୍ରଚାର ଓ ପ୍ରସାର ପାଇଁ ସରକାରୀ ସ୍ତରରେ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ବି.କେ. ଚାରୁ ଓ କାରୁକଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ମହାପାତ୍ର ଯୋଗଦେଇ ଚିତ୍ରକଳା ଶିକ୍ଷା କ୍ଷେତ୍ରରେ ତାଙ୍କ ନିଜସ୍ୱ ଅନୁଭୂତି ସମ୍ପର୍କରେ କହିଥିଲେ। ଶିକ୍ଷାବିତ୍ ଡ. ମଙ୍ଗଳା ପ୍ରସାଦ ମହାନ୍ତି ଅନ୍ୟତମ ଅତିଥିଭାବେ ଯୋଗଦେଇ ସାମ୍ପ୍ରତିକ ଶିକ୍ଷାର ଛାତ୍ରୀଛାତ୍ରମାନେ ପ୍ରତିଯୋଗିତା ମନୋଭାବ ଦ୍ୱାରା ସଫଳତାର ନିକଟତର ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ପ୍ରତିଷ୍ଠା ଦିବସ ଅବସରରେ ମହାବିଦ୍ୟାଳୟର ଭାସ୍କର୍ଯ୍ୟ ବିଭାଗ ଅଧ୍ୟାପକ ସୁଦୀପ ବାରିକ ଓ ନରୋତ୍ତମ ଦାସଙ୍କ ତତ୍ତ୍ୱାବଧାନରେ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପଲିଥିନ୍ ବ୍ୟବହାର ଓ ବୁଢ଼ିଆଣୀ ଜାଲ ଭଳି ସହରସାରା ଝୁଲୁଥିବା କେବୁଲ ତାରର ନିଷେଧକୁ ଏକନ୍‌ଷ୍ଟଲେଶନ ମାଧ୍ୟମରେ ସମାଜକୁ ବାର୍ତ୍ତା ଦେଇଥିଲେ। ଉତ୍ସବରେ ମହାବିଦ୍ୟାଳୟ ଅଧ୍ୟକ୍ଷ ତାରାକାନ୍ତ ପରିଡ଼ା ସ୍ୱାଗତ ଭାଷଣ ଦେଇଥିବାବେଳେ ଡ. ଆଶିଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# 'ମିଶନ ଗଙ୍ଗେ'ରେ ପ୍ରଦୂଷଣମୁକ୍ତ ଗଙ୍ଗାର ବାର୍ତ୍ତା

**ପୁରୀ ଅଫିସ,୨୪।୨**

### ବାଏଅଫ୍‌ର ଚତୁର୍ଥ ସନ୍ଧ୍ୟା




ଦିନ ଥିଲା ଗଙ୍ଗା ନଦୀ ସବୁଠୁ ପବିତ୍ର ବୋଲି ବିବେଚନା କରାଯାଉଥିଲା। ହେଲେ କାଳକ୍ରମେ ଏହା ଅଧିକ ପ୍ରଦୂଷିତ ନଦୀର ଅଲୋଡ଼ା ପରିଚୟ ପାଇବାକୁ ଲାଗିଲାଣି। ତେଣୁ ଏହାକୁ ପ୍ରଦୂଷଣମୁକ୍ତ କରିବା ଲାଗି ବିଭିନ୍ନ ସ୍ତରରେ ଉଦ୍ୟମ ଆରମ୍ଭ ହୋଇଛି। ସରକାର ବି ଏଥିପାଇଁ ବ୍ୟସ୍ତ। ଗଙ୍ଗା ସଫେଇ ଅଭିଯାନରେ ନିଜର ସହଭାଗିତା ରଖିବା ଲାଗି ବିଭିନ୍ନ ବ୍ୟକ୍ତିବିଶେଷ ମଧ୍ୟ ଏଥିରେ ସାମିଲ ହେଉଛନ୍ତି। ବିଭିନ୍ନ ସଙ୍ଗଠନ ମଧ୍ୟ ଗଙ୍ଗା ନଦୀକୁ ସଫା କରୁଛନ୍ତି। ଗଙ୍ଗା ନଦୀର ଏଭଳି ସ୍ଥିତି ଉପରେ ପର୍ଯ୍ୟବସିତ ପ୍ରାମାଣିକ ଚଳଚ୍ଚିତ୍ର 'ମିଶନ ଗଙ୍ଗେ' ପ୍ରଦର୍ଶିତ ହୋଇଛି ବାଏଅଫ୍‌ର ଚତୁର୍ଥ ସନ୍ଧ୍ୟାରେ। ଯୁବ ନିର୍ଦ୍ଦେଶକ ଅମୃତେନ୍ଦୁ ବରାଳଙ୍କ ଏହି ଚଳଚ୍ଚିତ୍ରର ଅବଧି ରହିଛି ୪୧ ମିନିଟ। ଉଭୟ ହିନ୍ଦୀ ଓ ଇଂଲିଶ ଭାଷାରେ ଏହି ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଛି। ଗଙ୍ଗା ନଦୀକୁ ପ୍ରଦୂଷଣମୁକ୍ତ କରିବାର ବାର୍ତ୍ତା ଦେଇଛି ଚଳଚ୍ଚିତ୍ର ମିଶନ ଗଙ୍ଗେ। ବଚ୍ଛେନ୍ଦ୍ରୀ ପାଲଙ୍କ ନେତୃତ୍ୱରେ ୪୦ଜଣ ଯୁବତୀ ଯୁବକ ଗଙ୍ଗା ନଦୀରେ ହରିଦ୍ୱାରରୁ ପାଟନା ପର୍ଯ୍ୟନ୍ତ ଭେଳାରେ ଯାତ୍ରା କରିଛନ୍ତି। ଉଦ୍ଦେଶ୍ୟ ହେଉଛି ଗଙ୍ଗାନଦୀ କିପରି ପ୍ରଦୂଷଣ ମୁକ୍ତ ହେବ। ଏହି ଅଭିଯାନରେ ସାମିଲ ଅଭିଯାତ୍ରୀ ବାଟରେ ପଡୁଥିବା କାନପୁର, ବନାରସ, ଆଲ୍ଲାହାବାଦ ପ୍ରଭୃତି ବଡ଼ ବଡ଼ ସହରରେ ପର୍ଯ୍ୟଟକ ଏବଂ ସ୍ଥାନୀୟ ଲୋକଙ୍କୁ ଗଙ୍ଗା ସଫେଇ ଲାଗି ସଚେତନ କରିଥିଲେ। ଗଙ୍ଗା ନଦୀ ପ୍ରଦୂଷଣ କାହିଁକି ହେଉଛି, ଏହାର ପ୍ରଭାବ କିପରି ଲୋକମାନଙ୍କ ଉପରେ ପଡୁଛି ଏବଂ ଏହାକୁ କିପରି ପ୍ରଦୂଷଣମୁକ୍ତ କରାଯାଇପାରିବ ସେ ବିଷୟରେ ବୁଝାଇଥିଲେ। ଏଥିସହ ବିଭିନ୍ନ ସ୍କୁଲ, କଲେଜକୁ ଯାଇ ଛାତ୍ରୀଛାତ୍ରଙ୍କୁ ମଧ୍ୟ ସଚେତନ କରିଥିଲେ। ମାସେ ପର୍ଯ୍ୟନ୍ତ ଚାଲିଥିବା ଏହି ଅଭିଯାନରେ ପ୍ରାୟ ୬୦ ହଜାର ଟନ୍ ଆବର୍ଜନା ଗଙ୍ଗା ନଦୀରୁ ବାହାର କରିଥିଲେ। ଏମିତି ଏକ ସଚେତନତାଧର୍ମୀ ଚଳଚ୍ଚିତ୍ର ମିଶନ ଗଙ୍ଗେ ସୋମବାର ବାଏଅଫ୍‌ରେ ସ୍କ୍ରିନିଂ କରାଯାଇଥିଲା। ଏହାବ୍ୟତୀତ ବଲାଇ ବିଶ୍ୱାସଙ୍କ ପ୍ରତିବିମ୍ବ ପ୍ରମୁଖ ଚଳଚ୍ଚିତ୍ର ମଧ୍ୟ ପ୍ରଦର୍ଶିତ ହୋଇଥିଲା।



ରାମ ନାମ ପାପୀମାନଙ୍କ ପାଇଁ
ପରମ ଔଷଧ।
- ମହର୍ଷି ବାଲ୍ମୀକି



## ସଂକ୍ଷେପରେ

### କଲେଜ ପରିସରରୁ ବାଇକ୍ ଚୋରି

**ବାଲିପାଟଣା, ୨୪।୨(ଡି.ଏନ୍.ଏ.)**- ବାଲିପାଟଣାସ୍ଥିତ ଶିଶୁଅନନ୍ତ ମହାବିଦ୍ୟାଳୟ ପରିସରରୁ ସୋମବାର ଛାତ୍ର ରଶ୍ମିରଞ୍ଜନ ନାୟକଙ୍କ ବାଇକ୍ ଓ ମୋବାଇଲ ଫୋନ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବାଲିପାଟଣା ପୋଲିସ ଏକ ମାମଲା (ନଂ.୬୨/୨୦)ରୁଜୁକରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ରଶ୍ମିରଞ୍ଜନ ପୂର୍ବାହ୍ନ ୧୦ଟା ୩୦ରେ ପରୀକ୍ଷା ଦେବା ଲାଗି ହଲରେ ପ୍ରବେଶ କରିଥିଲେ। ଏହାର ସୁଯୋଗରେ କେହି ଜଣେ ଦୁର୍ବୃତ୍ତ ତାଙ୍କ ବାଇକ୍ (ଓଡି-୩୩ଡି-୪୦୨୧)କୁ ଚୋରି କରି ନେଇ ପଳାଇଥିଲେ। ଉକ୍ତ ଗାଡି ଡିକିରେ ତାଙ୍କ ସହିତ ସାଙ୍ଗମାନଙ୍କର ୧୦ରୁ ଅଧିକ ମୋବାଇଲ ଫୋନ ଓ ପର୍ସ ରହିଥିଲା। ସେ ପରୀକ୍ଷା ପରେ ଆସି ଦେଖିଲା ବେଳକୁ ତାଙ୍କ ଗାଡି ନ ଥିବା ଦେଖିବାକୁ ପାଇଥିଲେ। କଲେଜ ପରିସରରେ ଖୋଜାଖୋଜି କରିବା ପରେ ଗାଡି ନ ପାଇବାରୁ ସେ କଲେଜ ଅଧକ୍ଷ ବୈକୁଣ୍ଠ ନାରାୟଣ ଦାଶଙ୍କୁ ଜଣାଇଥିଲେ। କେହି ଜଣେ ଦୁର୍ବୃତ୍ତ ଉକ୍ତ ଗାଡି ପାଖରେ ପ୍ରାୟ ୩୦ମିନିଟ୍ ଛିଡା ହେବା ପରେ ଗାଡି ନେଇ ପଳାଇଥିବା କଲେଜ ସିସି କ୍ୟାମେରାରେ କଏଦ ହୋଇଛି। କ୍ୟାମେରାରେ ଦୁର୍ବୃତ୍ତଙ୍କ ଚିତ୍ର ସ୍ପଷ୍ଟ ହୋଇ ନ ଥିବା ଜଣାପଡିଛି। ଏ ନେଇ ରଶ୍ମିରଞ୍ଜନ ଥାନାରେ ଅଭିଯୋଗ କରିଥିଲେ।

### ଟ୍ରମ୍ପଙ୍କ ଭାରତ ଗସ୍ତକୁ ବିରୋଧ କରି ବିକ୍ଷୋଭ




**କଟକ ଅଫିସ,୨୪।୨**- ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭାରତଗସ୍ତକୁ ସିପିଆଇ ଓ ସିପିଆଇ(ଏମ୍) ପକ୍ଷରୁ ବିରୋଧ କରାଯାଇଛି। ସୋମବାର କଟକ ଓଏମ୍‌ପିଠାରେ ମାନବଶୃଙ୍ଖଳ କରାଯିବା ସହ କର୍ମୀମାନେ ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିସହ ଟ୍ରମ୍ପଙ୍କ କୁଶପୁତଳିକା ଦାହ କରାଯାଇଥିଲା। ସିପିଆଇ ଜିଲା ସମ୍ପାଦକ ବଦ୍ରିନରାୟଣ ଦାଶ କହିଛନ୍ତି, ଦେଶରେ ଆର୍ଥିକ ସଙ୍କଟ, ବେକାରି ଓ ଚାଷୀ ଆତ୍ମହତ୍ୟା ଭଳି ଅନେକ ସମସ୍ୟା ଥିବାବେଳେ କେନ୍ଦ୍ର ସରକାର ଟ୍ରମ୍ପଙ୍କ ଭାରତଗସ୍ତ ପାଇଁ ଏଭଳି ଭବ୍ୟ କାର୍ଯ୍ୟକ୍ରମ ଆୟୋଜନ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏହି କାର୍ଯ୍ୟକ୍ରମରେ ଅମରେନ୍ଦୁ ମହାନ୍ତି, କିଶୋର ଜେନା, ରବିନାରାୟଣ ମଲ୍ଲିକ, ନଗର ସମ୍ପାଦକ ପ୍ରତାପ ମହାପାତ୍ର, ବିନୋଦ ବେହେରା, ବିଷ୍ଣୁ ବେହେରା ପ୍ରମୁଖ ସାମିଲ ହୋଇଥିଲେ।

# 'ଶିଶୁପାଳଗଡ଼ ଗଡ଼ଖାଇର ହେବ ପୁନରୁଦ୍ଧାର'

**ପୁରୁଣା ଭୁବନେଶ୍ୱର, ୨୪। ୨ (ଡି.ଏନ.ଏ.)**

ଐତିହ୍ୟ ସଂରକ୍ଷିତ ରଖିବା ନେଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଯେତେ ଘୋଷଣା, ଯୋଜନା ପ୍ରସ୍ତୁତ କଲେ ମଧ ଜବରଦଖଲ ଯୋଗୁ ଏସବୁ କାର୍ଯ୍ୟ ଆଗେଇ ପାରୁନାହିଁ। ଜବରଦଖଲ ଯୋଗୁ ବର୍ଷ ବର୍ଷ ହେବ ପରସ୍ପରକୁ ଦୋଷାରୋପ ଭିତରେ ଶିଶୁପାଳଗଡ଼ ଗଡ଼ଖାଇ ନିଶ୍ଚିହ୍ନ ହେବାକୁ ବସିଲାଣି। ୨୦୦୦ବର୍ଷ ତଳର ଐତିହ୍ୟ ସୁରକ୍ଷା ନେଇ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ପ୍ରସ୍ତୁତି ଆରମ୍ଭ କରିଛି। ଏହାର ପୁନରୁଦ୍ଧାର କରାଯିବ ବୋଲି ଏଏସ୍‌ଆଇ ପକ୍ଷରୁ କୁହାଯାଇଛି। ଶିଶୁପାଳଗଡ଼ର ଚତୁଃପାର୍ଶ୍ୱରୁ ଶତ୍ରୁ ଭିତରକୁ ପଶି ନ ପାରିବା ଲାଗି ଗଡ଼ଖାଇ ଖୋଳା ଯାଇଥିଲା। ଶିଶୁପାଳଗଡ଼ର ଚତୁଃପାର୍ଶ୍ୱରେ ଗନ୍ଧବତୀ ନଦୀ ବର୍ତ୍ତମାନର ଗଙ୍ଗୁଆ ନାଳ ରହିଛି। କେତେକ ଦିଗରେ ବଡ଼ ବଡ଼ ଜଳାଶୟ ଓ ନାଳ ସୁରକ୍ଷା ନେଇ ଖୋଳା ଯାଇଥିଲା। କାଲିଫର୍ନିଆ ଓ ଜର୍ମାନୀର ବହୁ ଗବେଷକଙ୍କ ସହ ଦେଶର ବିଭିନ୍ନ ପ୍ରାନ୍ତରୁ ଐତିହାସିକଙ୍କୁ ଗଡଖାଇ ଆକୃଷ୍ଟ କରିଥିଲା। ମୁଖ୍ୟଗଡ଼ର ମୋଟ ୧୧୯୦ ମିଟର ଲମ୍ବ ଓ ୧୧୫୦ ମିଟର ପ୍ରସ୍ଥ ରାମପାର୍ଟ ଓ ଗଡ଼ଖାଇର ବିଭିନ୍ନ ଅଂଶ ଅବାଧ ଭାବେ କାଟି ଓ ପୋତି ଜବରଦଖଲ କରାଯାଇଛି। ଏବେ ଏଠାକାର ଜମିକୁ ବିକ୍ରି କରାଯିବା ପରେ ଗୃହ ନିର୍ମାଣ କରାଯାଉଛି। ଏଥିସହ ଶିଶୁପାଳଗଡ଼ର ଶିଳାକୁ ନେଇ ଏକ ଶିବ ଲିଙ୍ଗ ସଦୃଶ କରାଯାଇଥିବା ଦେଖିବାକୁ ମିଳିଛି।



ଐତିହ୍ୟ ଶିଳାକୁ ନେଇ ଶିବଲିଙ୍ଗ ଆକୃତି କରାଯାଇଛି।

### ପୁନରୁଦ୍ଧାର ପାଇଁ ଜବରଦଖଲ ହେବ ଉଚ୍ଛେଦ

ରାଜ୍ୟ ସରକାରଙ୍କୁ ଦୋଷାରୋପ କରି ଆସୁଥିବା ଏଏସ୍‌ଆଇ ବିଳମ୍ବରେ ହେଲେ ମଧ ଶିଶୁପାଳଗଡ଼ ପୁନରୁଦ୍ଧାର କରିବାକୁ ସକ୍ରିୟ ହୋଇଉଠିଛି। ଏ ନେଇ ଏଏସ୍‌ଆଇ ବରିଷ୍ଠ ଅଧିକାରୀ ନିର୍ମଳ ମହାପାତ୍ର କହିଛନ୍ତି, ଭୁବନେଶ୍ୱର ସର୍କଲ ମୁଖ୍ୟ ପୁରାତତ୍ତ୍ୱ ଅଧୀକ୍ଷଣ ଅଧିକାରୀ ପ୍ରତ୍ୟକ୍ଷ ଭାବେ ଗଡ଼ ଅଞ୍ଚଳ ବୁଲି ଦେଖିଥିଲେ। ଏଥିସହ ଶିଶୁପାଳଗଡ଼ ଓ ଗଡ଼ଖାଇର ସୁରକ୍ଷାକୁ ଦୃଷ୍ଟିରେ ରଖି ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିବାକୁ ବୈଠକରେ ସ୍ଥିର ହୋଇଛି। ମୌଳିକ ସୁବିଧା ଆଳରେ ରାଜ୍ୟ ସରକାର ଅବଗତ ଥାଇ ମଧ ବିଭିନ୍ନ ବିଭାଗ ପକ୍ଷରୁ ବିଦ୍ୟୁତ୍, ପାଣି ଓ ରାସ୍ତା ପରି ସେବା ଯୋଗାଇ ଦେଇଛନ୍ତି। ଏଥିଯୋଗୁ କିଛିଟା ଅସୁବିଧା ଦେଖାଦେଇଛି। ଆମ ବିଭାଗ ପକ୍ଷରୁ ପୁନର୍ବାର ଏ ନେଇ ରାଜ୍ୟ ସରକାରଙ୍କୁ ଚିଠି ମାଧ୍ୟମରେ ଜଣାଇବା ପରେ ଖନନ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସେ ଜଣାଇଛନ୍ତି। ତାଙ୍କ ମତରେ କେବଳ ଏଏସ୍‌ଆଇ ନୁହେଁ, ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗର ପୁରାତତ୍ତ୍ୱ ଅଧିକାରୀ ଡ. ବି.କେ. ରଥ ବିଭିନ୍ନ ସମୟରେ ସ୍ଥାନୀୟ ପୋଲିସ ଓ ପ୍ରଶାସନର ଆନ୍ତରିକତା ଅଭାବ ଯୋଗୁ ଏଭଳି ସଙ୍କଟ ଦେଖାଯାଇଥିବା କହିଛନ୍ତି।

### ରାମପାର୍ଟ ପରେ ଗଡ଼ଖାଇକୁ ପୋତିବା ଆରମ୍ଭ

ଶିଶୁପାଳଗଡ଼ର ମୁଖ୍ୟ ଗଡ଼କୁଦ ଅବା ରାମପାର୍ଟ ଓ କୀର୍ତ୍ତିରାଜି ସ୍ଥଳଗୁଡ଼ିକୁ ଐତିହ୍ୟ ନାମରେ ରେକର୍ଡ ନ କରାଇ ରାଜସ୍ୱ ଦସ୍ତାବିଜରେ ରକ୍ଷିତ, ଅନାବାଦୀ ଓ ଗ୍ରାମ୍ୟ ଜଙ୍ଗଲ ପରି କରାଯାଇଛି। ଫଳରେ ମୌଳିକ ସୁବିଧା ମିଳିବାରେ ଜବରଦଖଲକାରୀଙ୍କୁ ଏହା ସୁହାଉଛି। ଫଳରେ ଜବରଦଖଲ ସମସ୍ୟା ବଢି ଚାଲିଛି। କେତେକ କ୍ଷେତ୍ରରେ ରାଜସ୍ୱ ଅଧିକାରୀ ଚଞ୍ଚକତା କରି ଜମିର କିସମ ବଦଳାଇ ଘରବାରି କରିଛନ୍ତି। ଶିଶୁପାଳ, ଲିଙ୍ଗିପୁର, ମହାଭୋଇ ଶାସନ, ବଡ଼ଧାନପୁର ଆଦି ମୌଜାର ବିଭିନ୍ନ ସ୍ଥଳ ଭାଗ ଜବରଦଖଲକାରୀ ପୋତି ଦେଇଛନ୍ତି। ଏବେ ଗଡ଼ଖାଇ ଓ ଜଳାଶୟ ରହିଥିବା ଅଞ୍ଚଳ ପୋତି ଜବରଦଖଲ କରିବାକୁ ମଡ଼ାଣ ଦେଇ ବିକ୍ରି ଆରମ୍ଭ କରିଛନ୍ତି। ବଡ଼ଧାନପୁର ମୌଜାର ଖାତା ନଂ. ୨୫୨, ପ୍ଲଟ ନଂ. ୩୭, ମୋଟ ୩.୮୫ ଜଳାଶୟ ରହିଥିବାବେଳେ ଏହାକୁ ଲାଗି କରି ପ୍ଲଟ ନଂ. ୩୮ ରାମପାର୍ଟ ରହିଛି। ମାତ୍ର ଏହି ଜଳାଶୟକୁ ପୋତି ରାମପାର୍ଟ କାଟି ଏଠାରେ ରାସ୍ତା ନିର୍ମାଣ କରାଯାଉଛି।

### ୭ ବର୍ଷ ହେବ ରାଜ୍ୟ ସରକାରଙ୍କ ସର୍ଭେ ସରିନି

ଶିଶୁପାଳଗଡ଼ ସୁରକ୍ଷା ବିପନ୍ନ ହେବା ଯୋଗୁ ରାଜ୍ୟ ସରକାର ବିଶ୍ୱ ସ୍ତରରେ ଢେର ଅପନିନ୍ଦା ମୁଣ୍ଡାଇଛନ୍ତି। ୨୦୧୩ରେ ରାଜ୍ୟ ସରକାରଙ୍କ ପକ୍ଷରୁ ଖୋର୍ଦ୍ଧା ଜିଲା ପ୍ରଶାସନକୁ ଶିଶୁପାଳଗଡ଼ ଓ ଚତୁଃପାର୍ଶ୍ୱ ସ୍ଥିତି ପରଖି ଏକ ରିପୋର୍ଟ ପ୍ରସ୍ତୁତ କରିବାକୁ ଜଣାଇଥିଲେ। ତତ୍କାଳୀନ ଖୋର୍ଦ୍ଧା ଜିଲାପାଳ ମାତ୍ର ୧ ମାସ ମଧ୍ୟରେ ରିପୋର୍ଟ ପ୍ରସ୍ତୁତ କରି ଶିଶୁପାଳଗଡ଼ ଅଞ୍ଚଳରେ ଜବରଦଖଲକାରୀଙ୍କ ନିର୍ମାଣ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଜଣାଇଥିଲେ। ସେତେବେଳର ଆରଡିସି ମଧ ସର୍ଭେ ରିପୋର୍ଟ ଜିଲା ପ୍ରଶାସନକୁ ଦେଇଥିଲେ। ପରେ ଏହି ଐତିହ୍ୟ ସୁରକ୍ଷା ନେଇ ସ୍ଥାୟୀ ପ୍ରତିକାର କରାଯିବ ବୋଲି ଜଣାଇଥିଲେ। ଆଇଆଇଟି ପ୍ରଫେସର ସଂଘମିତ୍ରା ସାହୁ ବିଡିଏର ନକ୍ସା ପ୍ରସ୍ତୁତିରେ ମୁଖ୍ୟ ଭୂମିକା ନେଇଥିଲେ। ଶିଶୁପାଳଗଡ଼ ଅଞ୍ଚଳରେ ଜବରଦଖଲ ପରେ ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ନେଇ ରାଜ୍ୟ ସରକାର ଓ ବିଡିଏ କର୍ତ୍ତୃପକ୍ଷଙ୍କୁ ଜଣାଇଥିବା ମଧ ଉଲ୍ଲେଖ ରହିଛି। ମାତ୍ର ଦୀର୍ଘ ୭ ବର୍ଷ ହେବ ରାଜ୍ୟ ସରକାରଙ୍କ ସର୍ଭେ ରିପୋର୍ଟ ପ୍ରସ୍ତୁତ ହୋଇପାରି ନ ଥିବାରୁ ସମସ୍ତ ଅଧିକାରୀଙ୍କ ପାରିବା ପଣିଆ ଓ ଆନ୍ତରିକତା ପଦାରେ ପଡ଼ିଛି।

### ତହସିଲ କାର୍ଯ୍ୟାଳୟରେ ଅଗ୍ନିକାଣ୍ଡ



**ନିଆଳି,୨୪।୨(ଡି.ଏନ୍.ଏ.)**

ନିଆଳି ତହସିଲ କାର୍ଯ୍ୟାଳୟରେ ସୋମବାର ଭୋରରୁ ଅଗ୍ନିକାଣ୍ଡ ଘଟି କମ୍ପ୍ୟୁଟର, ଏସି ଓ ଅନ୍ୟାନ୍ୟ ଇଲୋକ୍ଟ୍ରୋନିକ୍ସ ସାମଗ୍ରୀ ସହ ବିଭିନ୍ନ କାଗଜପତ୍ର ପୋଡ଼ିଯାଇଛି। ଭୋରରୁ ତହସିଲ କାର୍ଯ୍ୟାଳୟର ପୁରୁଣା କମ୍ପ୍ୟୁଟର ରୁମ୍‌ରୁ ଧୂଆଁ ବାହାରୁଥିବା ୱାଚମ୍ୟାନ୍ ତହସିଲଦାର ଓ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଖବରପାଇ ନିଆଳି ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ପ୍ରାୟ ୧ ଘଣ୍ଟା ପରେ ନିଆଁକୁ ଆୟତ୍ତ କରିଥିଲେ। ଏହି ଖବର ନିଆଳି ଅଞ୍ଚଳରେ ପ୍ରଚାରିତ ହେବା ପରେ ଜନସାଧାରଣଙ୍କ ଜମିବାଡିର କାଗଜପତ୍ର, ସାର୍ଟିଫିକେଟ୍, ଘରଭଙ୍ଗା ସହାୟତାକୁ ଅପେକ୍ଷା କରିଥିବା ହିତାଧିକାରୀମାନେ ଆଶଙ୍କାରେ ରହିଛନ୍ତି। ଏ ସମ୍ପର୍କରେ ତହଦିଲଦାରଙ୍କ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ରଶ୍ମିରେଖା ଆମନ୍ତ କୁହନ୍ତି, ଜନସାଧାରଣ ଭୟଭୀତ ହେବାରେ କୌଣସି କାରଣ ନାହିଁ। ଜନସାଧାରଣଙ୍କ କୌଣସି କାଗଜପତ୍ର କିମ୍ବା ଘରଭଙ୍ଗା ସହାୟତାର କୌଣସି କାଗଜପତ୍ର ନଷ୍ଟ ହୋଇ ନାହିଁ। ଦୁଇଟି କମ୍ପ୍ୟୁଟର,ଏସି, ଇଲେକ୍ଟ୍ରି ସେକ୍ସନ୍ ପୋଡିଯାଇଛି। ପ୍ରାୟ ୧୫ଦିନ ମଧ୍ୟରେ ଏ ସମସ୍ତ କାର୍ଯ୍ୟ ଠିକ୍ ହୋଇ ଜନସାଧାରଣଙ୍କୁ ତହସିଲ ପକ୍ଷରୁ ସେବା ଯୋଗାଇ ଦିଆଯିବ ବୋଲି କହିଛନ୍ତି।

# ମାର୍କେଟିଂ ଏଜେଣ୍ଟ ପରିଚୟ ଦେଇ ଚୋରି କରୁଥିବା ଗ୍ୟାଙ୍ଗ୍ ଠାବ

**ଭୁବନେଶ୍ୱର,୨୪।୨(ବ୍ୟୁରୋ)**

■ମହିଳା ସମେତ ୨ ଗିରଫ
■ଚୋରି ଲାପ୍‌ଟପ୍, ମୋବାଇଲ୍ ଫୋନ୍, ପର୍ସ ଜବତ

ରାଜଧାନୀର ବିଭିନ୍ନ ଥାନାଞ୍ଚଳରେ ନିଜକୁ ମାର୍କେଟିଂ ଏଜେଣ୍ଟ ପରିଚୟ ଦେଇ ଲୋକଙ୍କ ଘରକୁ ଯାଉଥିଲେ। ସୁଯୋଗ ଦେଖି ଘରେ ପଶି ଚୋରି କରି ଫେରାର୍ ହେଉଥିଲେ। ଏଭଳି ଏକ ଗ୍ୟାଙ୍ଗ୍‌କୁ ଖଣ୍ଡଗିରି ଥାନା ପୋଲିସ ଠାବ କରିବା ସହ ସମ୍ପୃକ୍ତ ମହିଳାଙ୍କ ସମେତ ୨ଜଣଙ୍କୁ ଗିରଫ କରିଛି। ଏଥିସହ ସେମାନଙ୍କ ନିକଟରୁ ଚୋରି ସାମଗ୍ରୀ ଜବତ କରିଛି। ଅଭିଯୁକ୍ତମାନେ ହେଲେ ଜଟଣୀ ଥାନା ହିରିଭାଇନା ଛକର ପିଙ୍କି ଦାସ (୩୫) ଓ ସମୀର ଶବର (୨୦)। ପୋଲିସ ସୂଚନା ମୁତାବକ, ୨ ଅଭିଯୁକ୍ତ ଏକ ଗ୍ୟାଙ୍ଗ ଚଳାଉଛନ୍ତି। ସେମାନେ ବହୁ ଯୁବତୀଯୁବକଙ୍କ ଗ୍ୟାଙ୍ଗ୍‌ରେ ସାମିଲ୍ କରି ର୍‍ୟାକେଟ ଚଳାଉଛନ୍ତି। ବିଶେଷକରି ରାଜଧାନୀର ବିଭିନ୍ନ ଅପାର୍ଟମେଣ୍ଟ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ପହଞ୍ଚି ଲୋକଙ୍କ ସହ କଥାହେବା ଆଳରେ ଭିତରକୁ ଯାଇ ଚୋରି କରୁଥିଲେ। ପାତ୍ରପଡା କ୍ରିଷ୍ଣବିହାରସ୍ଥିତ ଏକ ଆପାର୍ଟମେଣ୍ଟରେ ସମ୍ବିତ କୁମାର ମହାପାତ୍ର ରୁହନ୍ତି। ୨ ଅଭିଯୁକ୍ତ ମାର୍କେଟିଂ ଏଜେଣ୍ଟ ପରିଚୟ ଦେଇ ଗତ ୧୫ ତାରିଖରେ ଆପାର୍ଟମେଣ୍ଟ ଭିତରକୁ ପଶିବା ପରେ ସମ୍ବିତଙ୍କ ଘରକୁ ଯାଇଥିଲେ। ସମ୍ବିତଙ୍କ ଘର କବାଟ ଖୋଲାଥିବାବେଳେ ତାଙ୍କ ଲାପ୍‌ଟପ୍, ମୋବାଇଲ ଫୋନ୍, ପର୍ସ ଚୋରି କରି ଫେରାର ହୋଇଯାଇଥିଲେ। ଏ ନେଇ ସମ୍ବିତ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୧୧୭/୨୦ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ଆପାର୍ଟମେଣ୍ଟର ସିସିଟିଭି ଫୁଟେଜ ଓ ଚୋରି ମୋବାଇଲ୍ ଫୋନକୁ ଟ୍ରାକ୍ କରି ପୋଲିସ ଅଭିଯୁକ୍ତଙ୍କ ନିକଟରେ ପହଞ୍ଚିଥିଲା।

### ଯୁବତୀଙ୍କୁ ପ୍ରତାରଣା କରି ଯୁବକ ଗିରଫ

**ବାଲିଅନ୍ତା,୨୪।୨(ଡି.ଏନ.ଏ.)**

ଜଣେ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖି ପ୍ରତାରଣା କରିବା ଅଭିଯୋଗରେ ବାଲିଅନ୍ତା ପୋଲିସ ସୋମବାର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ରୂପକ ରଞ୍ଜନ ତ୍ରିପାଠୀ(୨୬)। ସୂଚନାଯୋଗ୍ୟ, ରୂପକ ନିଜ ଅଞ୍ଚଳର ଉକ୍ତ ଯୁବତୀଙ୍କୁ ୫ ବର୍ଷ ହେବ ଭଲ ପାଉଥିଲେ। ଯୁବତୀ ଜଣକ ବିବାହ ପାଇଁ କହିବାରୁ ରୂପକ ମନା କରିଦେଇଥିଲେ। ଏ ନେଇ ଯୁବତୀ ପ୍ରଥମେ ଗ୍ରାମବାସୀଙ୍କ ନିକଟରେ ଫେରାଦ ହୋଇଥିଲେ। ଗ୍ରାମର କୌଣସି ବ୍ୟକ୍ତି ଏହାର ସମାଧାନ ନ କରିପାରିବାରୁ ଶେଷରେ ପାହଲ ଫାଣ୍ଡିରେ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ ବାଲିଅନ୍ତା ଥାନାରେ ନଂ.୪୯/୨୦ରେ ମାମଲା ରୁଜୁ କରି ଯୁବକଙ୍କୁ ଗିରଫ କରିଥିଲା।



କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଶ୍ରାଦ୍ଧ ଦିବସ ପାଳନ ଅବସରରେ ସୋମବାର ଉତ୍କଳ ସମ୍ମିଳନୀ ଓ ପୂଜ୍ୟପୂଜା ସଂସ୍କୃତି ଅଭିଯାନ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

# ଗୋଦାମରେ ଚଢ଼ାଉ, ୫ ଟ୍ରକ୍ ନିଷିଦ୍ଧ ପ୍ଲାଷ୍ଟିକ୍ ଜବତ

**ଭୁବନେଶ୍ୱର,୨୪।୨(ବ୍ୟୁରୋ)**

■ବ୍ୟବସାୟୀଙ୍କ ଉପରେ ୫୦ହଜାର ଟଙ୍କା ଜରିମାନା
■ମାପଚୁପ ହେଲା, ଭଙ୍ଗାହେବ ଉକ୍ତ ବେଆଇନ ଘର

ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଡ଼ମଣା ଛକସ୍ଥିତ ଦୈନିକ ହାଟର ପଛପଟେ ବେଆଇନ ଭାବେ ଚାଲିଥିବା ନିଷିଦ୍ଧ ପ୍ଲାଷ୍ଟିକ ଗୋଦାମରେ ବିଏମ୍‌ସିର ପ୍ଲାଷ୍ଟିକ୍ ଏନ୍‌ଫୋର୍ସମେଣ୍ଟ ଟିମ୍ ସୋମବାର ଚଢ଼ାଉ କରିଛି। ସେଠାରୁ ପ୍ରାୟ ୫ଟ୍ରକ୍ ନିଷିଦ୍ଧ ପ୍ଲାଷ୍ଟିକ ସାମଗ୍ରୀ ଜବତ କରାଯାଇଥିବାବେଳେ ଏହାକୁ ଚଳାଉଥିବା ବ୍ୟବସାୟୀ ଟୁକୁନା ସାହୁଙ୍କ ଉପରେ ୫୦ହଜାର ଟଙ୍କାର ଜରିମାନା କରାଯାଇଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ଉକ୍ତ ବେଆଇନ ବେପାର ସମ୍ପର୍କରେ ସୂଚନା ମିଳିବା ପରେ ବିଏମ୍‌ସିର ଜୋନାଲ୍ ଡେପୁଟି କମିଶନର ପ୍ରମୋଦ କୁମାର ପୃଷ୍ଟିଙ୍କ ନିର୍ଦ୍ଦେଶକ୍ରମେ ପ୍ଲାଷ୍ଟିକ୍ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ସେଠାରେ ଚଢ଼ାଉ କରିଥିଲା। ସେଠାରେ ଉପସ୍ଥିତ କେତେଜଣ ଲୋକଙ୍କ ସନ୍ଦେହଜନକ ଆଚରଣକୁ ଦେଖି ଅଧିକାରୀମାନେ ମାଙ୍କଡ଼ା ପଥରରେ ତିଆରି ଦୁଇଟି ଘରେ ଚାଲିଥିବା ଗୋଦାମ ଭିତରେ ପଶି ଯାଞ୍ଚ କରିବା ସହ ସେମାନଙ୍କୁ ପଚରାଉଚରା କରିଥିଲେ। ଗୋଦାମରେ ନିଷିଦ୍ଧ ପ୍ଲାଷ୍ଟିକ ସାମଗ୍ରୀ ରହିଥିବା ଦେଖିବାକୁ ମିଳିଥିଲା। ଡ଼େପୁଟି କମିଶନର (ସାନିଟେଶନ) ଶୁଭେନ୍ଦୁ ସାହୁଙ୍କ ପରାମର୍ଶକ୍ରମେ ବିଏମ୍‌ସିର କିର୍ତ୍ତିମାନ୍ ଷଡ଼ଙ୍ଗୀ ଓ ଏସ୍‌ବିଏ ସେଲ୍‌ର ସୁନୀଲ କୁମାର ସାମଲ ରହିଥିବା ସାମଗ୍ରୀ ଯାଞ୍ଚ କରି ନିଷିଦ୍ଧ ବୋଲି ଜଣାଇଥିଲେ। ସେଥିମଧ୍ୟରେ ଥର୍ମୋକୁଲ୍‌ରେ ତିଆରି ବିଭିନ୍ନ ସାମଗ୍ରୀ, ପ୍ଲାଷ୍ଟିକ୍ ଗ୍ଲାସ୍, ପଲିଥିନ୍, କ୍ୟାରିବ୍ୟାଗ୍ ଇତ୍ୟାଦି ରହିଥିଲା। ଉକ୍ତ ସାମଗ୍ରୀଗୁଡ଼ିକର ମାଲିକ ଡମଣା ହାଟରେ ତେଜରାତି ଦୋକାନ ଦେଇଥିବା ଟୁକୁନା ସାହୁ ବୋଲି ଜଣାପଡ଼ିବା ପରେ ତାହାକୁ ଜବତ କରାଯାଇ ବିଏମ୍‌ସି ଯାତ୍ରୀ ନିବାସକୁ ଅଣାଯାଇଥିଲା। ଜବତ ସାମଗ୍ରୀ ମଧ୍ୟରେ ପ୍ରାୟ ୨.୫ ଟନ୍‌ର ନିଷିଦ୍ଧ ପଲିଥିନ୍ କ୍ୟାରିବ୍ୟାଗ୍ ରହିଛି। ଅନ୍ୟପକ୍ଷରେ ସରକାରୀ ଜମିରେ ପ୍ରାୟ ୬୦୦ ବର୍ଗଫୁଟ ଅଞ୍ଚଳରେ ଉକ୍ତ ଗୋଦାମ ରହିଛି। ଏହା ଜଣାପଡ଼ିବା ପରେ ବିଏମ୍‌ସି ପକ୍ଷରୁ ଅମିନ ଡ଼କାଯାଇ ଉକ୍ତ ସ୍ଥାନର ମାପଚୁପ କରାଯାଇଛି। ପରବର୍ତ୍ତୀ ସମୟରେ ଉକ୍ତ ବେଆଇନ ଘରକୁ ଭଙ୍ଗାଯିବ ବୋଲି ଅତିରିକ୍ତ କମିଶନର ଅବନିକାନ୍ତ ପଟ୍ଟନାୟକ କହିଛନ୍ତି।




ଭୁବନେଶ୍ୱରସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସଠାରେ ସୋମବାର ଉଦ୍‌ଘାଟିତ ଜାତୀୟସ୍ତରୀୟ ସମ୍ମିଳନୀରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ଜନଜାତିଙ୍କ ବିକାଶ ଦିଗରେ ଆଲୋଚନା

**ଭୁବନେଶ୍ୱର, ୨୪।୨(ବ୍ୟୁରୋ)**

ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସ(ଆଇଏଲ୍‌ଏସ୍) ଓ ପ୍ରୟାଗରାଜସ୍ଥିତ ନ୍ୟାଶନାଲ ଏକାଡେମୀ ଅଫ୍ ସାଇନ୍ସେସ୍‌ର ମିଳିତ ଆନୁକୂଲ୍ୟରେ ସୋମବାର ଏକ ଜାତୀୟସ୍ତରୀୟ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି। ଆଇଏଲ୍‌ଏସ୍‌ଠାରେ ଆୟୋଜିତ ସମ୍ମିଳନୀରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସେ କହିଥିଲେ, କୃଷି, ସ୍ୱାସ୍ଥ୍ୟ ଓ ପୋଷଣ ସୁରକ୍ଷା କ୍ଷେତ୍ରରେ ବିଜ୍ଞାନ ଓ ପ୍ରଯୁକ୍ତି ପ୍ରୟୋଗର ଗୁରୁତ୍ୱ ରହିଛି। ଜନଜାତି ସମ୍ପ୍ରଦାୟଙ୍କ ସୁରକ୍ଷା ଓ ସଂରକ୍ଷଣ ଦିଗରେ ମଧ ଏହା ଗୁରୁତ୍ୱ ବହନ କରେ ବୋଲି ମନ୍ତ୍ରୀ କହିଥିଲେ। ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ମନ୍ତ୍ରୀ ଜଗନ୍ନାଥ ସାରକା ଅତିଥିଭାବେ ଯୋଗଦେଇ ଜନଜାତି ସମ୍ପ୍ରଦାୟଙ୍କ ପାଇଁ ରାଜ୍ୟ ଗ୍ରହଣ କରୁଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ନ୍ୟାଶନାଲ ଏକାଡେମୀ ଅଫ୍ ସାଇନ୍ସେସ୍‌ର ସଭାପତି ପ୍ରଫେସର ଜି. ପଦ୍ମନାଭନ, ଡ. ମଞ୍ଜୁ ଶର୍ମା, ଡ. ପରମଜିତ୍ ଖୁରାନା, ଡ. ସତ୍ୟ ଦେଓ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସମ୍ମିଳନୀରେ ୧୫ ରାଜ୍ୟରୁ ୧୮ ଗବେଷଣା ଅନୁଷ୍ଠାନ ସମେତ ୩୫୦ଜଣ ଯୋଗ ଦେଇଛନ୍ତି ବୋଲି ଆଇଏଲ୍‌ଏସ୍ ନିର୍ଦ୍ଦେଶକ ଡ. ଅଜୟ ପରିଡ଼ା ସୂଚନା ଦେଇଛନ୍ତି। ସମ୍ମିଳନୀରୁ ଯେଉଁ ନିର୍ଯାସ ବାହାରିବ, ତାହା ଜନଜାତି ସମ୍ପ୍ରଦାୟର ବିକାଶ କ୍ଷେତ୍ରରେ ଲାଭପ୍ରଦ ହେବ ବୋଲି ନିର୍ଦ୍ଦେଶକ ଆଶାପ୍ରକଟ କରିଛନ୍ତି। ଆଇଏଲ୍‌ଏସ୍ ପରିସରରେ ବିଭିନ୍ନ ରାଜ୍ୟର ଜନଜାତି ସାମଗ୍ରୀ ଓ ଖାଦ୍ୟ ଥିବା ୨୦ ଷ୍ଟଲ୍ ପଡ଼ିଛି। ସନ୍ଧ୍ୟାରେ ବିଭିନ୍ନ ଜନଜାତି ଗ୍ରୁପ୍ ପକ୍ଷରୁ ଫୋକ୍ ନୃତ୍ୟ ପରିବେଷଣ ହୋଇଥିଲା। ସୂଚନାଯୋଗ୍ୟ, ଦୁଇଦିନିଆ ଏହି ସମ୍ମିଳନୀରେ କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ସହାୟତାରେ ନ୍ୟାଶନାଲ ଏକାଡେମୀ ଅଫ୍ ସାଇନ୍ସେସ ପକ୍ଷରୁ ସାରା ଦେଶରେ ଜନଜାତିଙ୍କ ବିକାଶ ଦିଗରେ କାର୍ଯ୍ୟ କରାଯାଉଥିବା ବିଭିନ୍ନ ପ୍ରକଳ୍ପ ଉପରେ ଆଲୋଚନା ହେବ।

### ୧୧ ମୃତ ବିଦେଶୀ ପକ୍ଷୀ ଜବତ: ୩ ଗିରଫ

**ଟାଙ୍ଗୀ (ଖୋର୍ଦ୍ଧା), ୨୪।୨ (ଡି.ଏନ.ଏ.)**

ବନ୍ୟପ୍ରାଣୀ ବିଭାଗର କର୍ମଚାରୀମାନେ କାଲୁପଡା ନିକଟସ୍ଥ ବରୁଣପଡା ଫିଟିଖମ୍ବ ନିକଟରୁ ୧୧ ବିଦେଶାଗତ ମୃତ ପକ୍ଷୀ ଜବତ କରିଛନ୍ତି। ଏଥିରେ ସମ୍ପୃକ୍ତ ୩ ଶିକାରୀଙ୍କୁ ଗିରଫ କରାଯାଇଛି। ଶିକାରୀମାନେ ହେଲେ ସୋରଣ ଗ୍ରାମର ବିଜୟ ବେହେରା, ରାଧା ବେହେରା, ବୁଲୁ ବେହେରା। ସେମାନଙ୍କଠାରୁ ବନ୍ୟପ୍ରାଣୀ କର୍ମଚାରୀମାନେ ଗୋଟିଏ ୪୦ ଫୁଟ ଶାଳକାଠ ନିର୍ମିତ ମେଶିନ ଚାଳିତ ଡଙ୍ଗା, ୯ ଏଚପି ଇଞ୍ଜିନ, ୨ଟି ଲାର୍ଜ ହୁଇସିଲେଂ ଡକ୍, ୫ଟି ନର୍ଦ୍ଦନ ପିଣ୍ଟେଲ, ୩ଟି ନର୍ଦ୍ଦନ ସୋଭଲର, ୩ଟି ଏଗ୍ ଅଫ ପରପୋଲ ମୋରହେନ ନାମକ ବିଦେଶୀ ପକ୍ଷୀ, ୩ଟି ଅଣ୍ଡା ଓ ଏକ ମୋବାଇଲ ହ୍ୟାଣ୍ଡସେଟ୍ ଜବତ କରିଥିବା ଜଣାପଡିଛି ।

# ଟୁଟୁଆ ହତ୍ୟାକାଣ୍ଡ: ତଦନ୍ତ ଅଧିକାରୀ, ପିପିଙ୍କୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର,୨୪।୨(ବ୍ୟୁରୋ)**




ଖୋର୍ଦ୍ଧା ଜିଲା ବାଲିପାଟଣା ଥାନା ଅଞ୍ଚଳରେ ଘଟିଥିବା ବହୁ ଚର୍ଚ୍ଚିତ ପ୍ରଶାନ୍ତ ପ୍ରଧାନ ଓରଫ ଟୁଟୁଆ ହତ୍ୟା ମାମଲାରେ ଅଭିଯୁକ୍ତ ରୋହିତ ପ୍ରଧାନଙ୍କୁ ଗତ ଜାନୁୟାରୀ ୩୧ରେ ସ୍ପେଶାଲ ଜଜ୍ ସିବିଆଇ-୧ କୋର୍ଟ ଆଜୀବନ କାରାଦଣ୍ଡାଦେଶ ଦେଇଥିଲେ। ଏହି ମାମଲାର ସଫଳ ପରିଚାଳନା ପାଇଁ ଅତିରିକ୍ତ ପିପି ସୁରେଶ କୁମାର ବାରିକ ଏବଂ ତଦନ୍ତକାରୀ ଅଧିକାରୀ ଦୋଳେଶ୍ୱର ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏନେଇ ସୋମବାର ପୋଲିସ ସେବା ଭବନରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ସେମାନଙ୍କ କାର୍ଯ୍ୟକୁ ନେଇ ପ୍ରଶଂସା କରିବା ସହ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ସମ୍ବର୍ଦ୍ଧନା ଅନ୍ୟ ପିପି ଓ ତଦନ୍ତକାରୀ ଅଧିକାରୀଙ୍କୁ ପ୍ରେରଣା ଯୋଗାଇବ ବୋଲି କମିଶନର ଷଡ଼ଙ୍ଗୀ କହିଛନ୍ତି।

ସୂଚନାଯୋଗ୍ୟ, ପୁରୀ ଜିଲା ନିମାପଡା ଥାନା କାନପୁର ଗ୍ରାମର ସାଦାଶିବ ପ୍ରଧାନଙ୍କ ପୁଅ ପ୍ରଶାନ୍ତ ୨୦୧୦ ଜୁଲାଇ ୬ରେ ନିଖୋଜ ହୋଇଯାଇଥିଲେ। ସେହିମାସ ୧୦ ତାରିଖରେ ଖୋର୍ଦ୍ଧା ଜିଲା ବାଲିପାଟଣା ଥାନା ଅନ୍ତର୍ଗତ ଭଇରିପୁର ଗ୍ରାମସ୍ଥିତ ଏକ ପୋଖରୀରୁ ବସ୍ତାରେ ବନ୍ଧା ହୋଇଥିବା ଅବସ୍ଥାରେ ତାଙ୍କର ମୃତଦେହ ମିଳିଥିଲା। ମୃତ ପ୍ରଶାନ୍ତଙ୍କ ବାପା ସଦାଶିବଙ୍କ ଅଭିଯୋଗକ୍ରମେ ବାଲିପାଟଣା ଥାନା ପୋଲିସ କେସ୍ ନଂ.୯୩/୨୦୧୦ ଦଫା ୩୦୨, ୨୦୧ ଓ ୩୪ ଲଗାଇ ତଦନ୍ତ ଆରମ୍ଭ କରିଥିଲା। ଏହି ମାମଲାରେ ତଦନ୍ତକାରୀ ଅଧିକାରୀ ଦୋଳେଶ୍ୱର ନାୟକ ମୁଖ୍ୟ ଅଭିଯୁକ୍ତ ରୋହିତ ପ୍ରଧାନ ଓ ଅନ୍ୟ ୫ଜଣଙ୍କୁ ଗିରଫ କରିଥିଲେ।

# ଭାରତର କ୍ରମାଗତ ଦ୍ୱିତୀୟ ବିଜୟ

ପର୍ଥ, ୨୪।୨

ଆଇସିସି ମହିଳା ଟି୨୦ ବିଶ୍ୱକପରେ ଭାରତ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ପ୍ରଥମ ମ୍ୟାଚରେ ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ହରାଇଥିବା ଭାରତ ସୋମବାର ଦ୍ୱିତୀୟ ମ୍ୟାଚରେ ବାଂଲାଦେଶକୁ ୧୮ ରନରେ ପରାସ୍ତ କରିଛି। ଦ୍ରୁତ ହାରରେ ରନ ସଂଗ୍ରହ କରି ୧୭ ବଲ୍‌ରୁ ୩୯ ରନ କରିଥିବା ଶେଫାଳି ବର୍ମା ପ୍ଲେୟର ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି।




**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୧୪୨/୬(ଶେଫାଳି-୩୯, ରୋଡ୍ରିଗ୍ସେଜ-୩୪, କ୍ରିଷ୍ଣମୂର୍ତ୍ତି-୨୦*, ସଲ୍‌ମା-୨/୨୫, ପାନ୍ନା-୨/୨୫)। ବାଂଲାଦେଶ ୨୦ ଓଭରରେ ୧୨୪/୮(ସୁଲତାନା-୩୫, ମୁର୍ଶିଦା-୩୦, ପୁନମ-୩/୧୮, ଅରୁନ୍ଧତୀ-୨/୩୩, ଶିଖା-୨/୧୪, ରାଜେଶ୍ୱରୀ-୧/୨୫)।

**ଆଇସିସି ମହିଳା ଟି୨୦ ବିଶ୍ୱକପ**

ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ୨୦ ଓଭରରେ ୬ ଉଇକେଟ ହରାଇ ୧୪୨ ରନ କରିଥିଲା। ଶେଫାଳିଙ୍କ ବ୍ୟତୀତ ଜେମିମା ରୋଡ୍ରିଗ୍ସେଜ ୩୪ ଓ ବେଦ କ୍ରିଷ୍ଣମୂର୍ତ୍ତି ୧୧ ବଲ୍‌ରୁ ୨୦* ରନର ମୂଲ୍ୟବାନ ଇନିଂସ ଖେଳିଥିଲେ। ବାଂଲାଦେଶ ଅଧିନାୟିକା ସଲ୍‌ମା ଖାତୁନ ଓ ପାନ୍ନା ଘୋଷ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ବାଂଲାଦେଶ ୨୦ ଓଭରରେ ୮ ଉଇକେଟ ହରାଇ ୧୨୪ ରନ କରିବାକୁ ସକ୍ଷମ ହୋଇଥିଲା। ମୁର୍ଶିଦା ଖାତୁନ ୩୦ ଓ ନିଗାର ସୁଲତାନା ଦ୍ରୁତ ୩୫ ରନର ଇନିଂସ ଖେଳିଥିଲେ ହେଁ ତାହା ଦଳର ବିଜୟ ପାଇଁ ପର୍ଯ୍ୟାପ୍ତ ହୋଇ ନ ଥିଲା। ପୁନମ ଯାଦବ ୩ଟି, ଅରୁନ୍ଧତୀ ରେଡ୍ଡୀ ଓ ଶିଖା ପାଣ୍ଡେ ୨ଟି ଲେଖାଏ ଏବଂ ରାଜେଶ୍ୱରୀ ଗାଏକ୍ୱାଡ ଗୋଟିଏ ଉଇକେଟ ନେଇ ଭାରତକୁ ବିଜୟୀ କରାଇଥିଲେ।

# ପ୍ରମୋଦଙ୍କୁ ଡବଲ ସ୍ୱର୍ଣ୍ଣ

ଭୁବନେଶ୍ୱର,୨୪।୨



ପାରା ଓଡ଼ିଆ ବ୍ୟାଡ୍‌ମିଣ୍ଟନ ଖେଳାଳି ପ୍ରମୋଦ ଭଗତ ପୁଣି ଥରେ ରାଜ୍ୟ ପାଇଁ ଆଣିଛନ୍ତି ସଫଳତା। ପେରୁ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ସେ ଜିତିଛନ୍ତି ଡବଲ ସ୍ୱର୍ଣ୍ଣପଦକ। ପୁରୁଷ ସିଙ୍ଗଲ୍ସ ବର୍ଗର ଫାଇନାଲରେ ଅନ୍ୟ ଭାରତୀୟ ଶଟଲର ନୀତୀଶ କୁମାରଙ୍କୁ ୨୧-୧୮, ୨୧-୧୫, ୨୧-୧୪ ଗେମ୍‌ରେ ହରାଇ ଦେଇଛନ୍ତି। ସେହିଭଳି ଡବଲ୍ସ ବର୍ଗରେ ମନୋଜ ସରକାରଙ୍କୁ ସାଥୀକରି ପ୍ରମୋଦ ଫାଇନାଲରେ ୨୧-୧୯, ୨୧-୯ ବ୍ୟବଧାନରେ ଫ୍ରାନ୍ସର ମାଥି ଥୋମାସ ଓ ଗୁଇଲାମେ ଗଲିଙ୍କୁ ହରାଇ ପୋଡିୟମର ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ଏହି ଇଭେଣ୍ଟ ପୂର୍ବରୁ ପ୍ରମୋଦ ବ୍ରାଜିଲ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପରେ ଡବଲ ସ୍ୱର୍ଣ୍ଣ ଜିତିଥିଲେ।

# ଏସ୍‌ଡିସି କପ୍ ୨୦୨୦ ଉଦ୍‌ଘାଟିତ

କଟକ ଅଫିସ,୨୪।୨

ରାଜ୍ୟ ସରକାରଙ୍କ ସ୍ପେଶାଲ ଡେଭଲପମେଣ୍ଟ କାଉନସିଲ (ଏସ୍‌ଡିସି) ଓ ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା (ଫାଓ)ର ମିଳିତ ଆନୁକୂଲ୍ୟରେ ସୋମବାର ଠାରୁ ଏସ୍‌ଡିସି କପ୍-୨୦୨୦ ଆରମ୍ଭ ହୋଇଛି। କନ୍ଧମାଳ ଜୋନ୍ ଓ ବାରିପଦା ଜୋନ୍‌ରେ ଉଭୟ ପୁରୁଷ ଓ ମହିଳା ବର୍ଗର ମ୍ୟାଚ୍ ଖେଳାଯାଇଛି। କନ୍ଧମାଳ ଜୋନ ଅନ୍ତର୍ଗତ ମହିଳା ବର୍ଗର କନ୍ଧମାଳ ଓ କେନ୍ଦୁଝର ବିପକ୍ଷ ମ୍ୟାଚ୍‌ରେ କେନ୍ଦୁଝର ୯-୦ ଗୋଲରେ ବିଜୟୀ ହୋଇଥିଲା। ଅନ୍ୟଏକ ମ୍ୟାଚ୍‌ରେ ରାଇରଙ୍ଗପୁର ୨୧-୦ ଗୋଲରେ ମାଲକାନଗିରିକୁ ହରାଇଛି। ଏହି ଜୋନର ପୁରୁଷ ବର୍ଗର ମ୍ୟାଚ୍‌ରେ କନ୍ଧମାଳ ୨-୧ ଗୋଲରେ କେନ୍ଦୁଝରକୁ, ରାଇରଙ୍ଗପୁର ୧୫-୦ ଗୋଲରେ ମାଲକାନଗିରିକୁ ପରାସ୍ତ କରିଛି। ଏହି ଜୋନର ଉଦଘାଟନୀ ଉତ୍ସବରେ ରାଜ୍ୟ ସରକାରଙ୍କ ଆଇଟି ସେଲ ପରାମର୍ଶଦାତା ଅନୁଭବ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବାରିପଦା ଜୋନରେ ଖେଳାଯାଇଥିବା ମହିଳା ବର୍ଗର ଏକ ମ୍ୟାଚ୍‌ରେ ସୁନ୍ଦରଗଡ଼ ୧୪-୦ ଗୋଲରେ ନବରଙ୍ଗପୁରକୁ ଓ ପୁରୁଷ ବର୍ଗ ମ୍ୟାଚ୍‌ରେ ବାରିପଦା ୧୦-୦ ଗୋଲରେ ରାୟଗଡ଼ାକୁ ଓ ଗଜପତି ୭-୦ ଗୋଲରେ ନବରଙ୍ଗପୁରକୁ ହରାଇଥିଲା। ମୟୂରଭଞ୍ଜ ଜିଲାପାଳ ତଥା ଜିଲା କ୍ରୀଡ଼ା ସଂସଦର ସଭାପତି ଦିଲ୍ଲୀପ ଭରଦ୍ୱାଜ ଏହି ଜୋନର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ।

# ମୁସଫିକରଙ୍କ ଦ୍ୱିଶତକ



ଦ୍ୱିଶତକ ହାସଲରେ ଉଲ୍ଲସିତ ମୁସ୍‌ଫିକର ରହିମ୍।

**ସଂକ୍ଷିପ୍ତ ସ୍କୋର**

- ଜିମ୍ବାୱେ ପ୍ରଥମ ଇନିଂସ: ୨୬୫
- ବାଂଲାଦେଶ ପ୍ରଥମ ଇନିଂସ: ୫୬୦/୬, ଘୋଷଣା (ମୁସ୍‌ଫିକର ରହିମ୍-୨୦୩*, ମୋମିନୁଲ ହକ୍-୧୩୨, ନାଜମୁଲ ହୋସେନ-୭୧, ଲିଟନ ଦାସ-୫୩; ଏନ୍‌ସ୍ଲେ ଏନଡ୍ଲୋଭୁ-୨/୧୭୦)।
- ଜିମ୍ବାୱେ ଦ୍ୱିତୀୟ ଇନିଂସ: ୯/୨ (ନଇମ ହସନ-୨/୪)।

**ଢାକା, ୨୪।୨ (ଏଏଫ୍‌ପି):** ସ୍ଥାନୀୟ ଶେର-ଇ-ବାଂଲା ନ୍ୟାଶନାଲ ଷ୍ଟାଡିୟମରେ ଚାଲିଥିବା ଏକମାତ୍ର କ୍ରିକେଟ ଟେଷ୍ଟ ମ୍ୟାଚରେ ମୁସ୍‌ଫିକର ରହିମ୍ ତାଙ୍କ ତୃତୀୟ ଟେଷ୍ଟ ଦ୍ୱିଶତକ ହାସଲ କରିଛନ୍ତି। ବାଂଲାଦେଶ ଏହାର ପ୍ରଥମ ଇନିଂସ ୫୬୦/୬ରେ ଘୋଷଣା କରିବା ସହ ୨୯୫ ରନ ପ୍ରଥମ ଇନିଂସ ଅଗ୍ରଣୀ ଲାଭ କରିଛି। ଜବାବରେ ଜିମ୍ବାୱେ ତୃତୀୟ ଦିବସ ଖେଳ ଷ୍ଟମ୍ପ ଅପସାରଣ ବେଳକୁ ୨ ଉଇକେଟ ବିନିମୟରେ ମାତ୍ର ୯ ରନ କରିଛି। ଭ୍ରମଣାକାରୀ ଦଳ ପ୍ରଥମ ଇନିଂସରେ ୨୬୫ ରନ କରିଥିଲା। ମୁସ୍‌ଫିକର ଟେଷ୍ଟରେ ବାଂଲାଦେଶର ସବୁଠାରୁ ଅଧିକ ରନ ସଂଗ୍ରହକାରୀ ବ୍ୟାଟ୍ସମ୍ୟାନ ବିବେଚିତ ହୋଇଛନ୍ତି। ସେ ୨୦୩ ରନ କରି ଅପରାଜିତ ରହିଥିବା ବେଳେ ଅଧିନାୟକ ମୋମିନୁଲ ହକ୍ ୧୩୨ ରନ କରିଥିଲେ। ସୋମବାର ସକାଳେ ଘରୋଇ ଦଳ ୨୪୦/୩ରୁ ଖେଳ ଆରମ୍ଭ କରିଥିଲା। ମୁସ୍‌ଫିକର ଓ ମୋମିନୁଲ ଚତୁର୍ଥ ଉଇକେଟରେ ୨୨୨ରନ ଯୋଗ କରିଥିବା ବେଳେ ଉଇକେଟକିପର ବ୍ୟାଟ୍ସମ୍ୟାନ ଲିଟନ ଦାସ ୫୩ ରନ କରିଥିଲେ। ଫଳରେ ଜିମ୍ବାୱେ ବିପକ୍ଷରେ ବାଂଲାଦେଶ ସର୍ବାଧିକ ରନ ସଂଗ୍ରହ କରିବାରେ ସମର୍ଥ ହୋଇଛି। ମୁସ୍‌ଫିକର ଦ୍ୱିଶତକ ହାସଲ କରିବା ପରେ ମୋମିନୁଲ ଇନିଂସ ଘୋଷଣା କରିଥିଲେ।

# ୭ ବର୍ଷ ବାସନ୍ଦ ଓମାନ ଖେଳାଳି

**ଦୁବାଇ, ୨୪।୨:** ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଓମାନ କ୍ରିକେଟର ୟୁସୁଫ ଅବଦୁଲ ରହିମ ଅଲ ବାଲୁଶିଙ୍କୁ ୭ ବର୍ଷ ପାଇଁ ବାସନ୍ଦ କରିଛି। ଅଲବାଲୁଶି ୪ଟି ନିୟମ ଭଙ୍ଗ କରିଥିଲେ। ତାଙ୍କୁ ସାମୟିକ ଭାବେ ଜାନୁୟାରୀ ୨୩ ତାରିଖରୁ ବାସନ୍ଦ କରାଯାଇଥିଲା। ମ୍ୟାଚ୍‌ର ଫଳାଫଳ ଓ ପରିଚାଳନାକୁ ପ୍ରଭାବିତ କରିବା ପାଇଁ ସେ ଉଦ୍ୟମ କରିଥିଲେ। ଅନ୍ୟ ଖେଳାଳିଙ୍କୁ ନିୟମ ଭଙ୍ଗ କରିବା ପାଇଁ ଲୋଭ ଦେଖାଇ ଉତ୍ସାହିତ କରିଥିଲେ। ୩ ଭିନ୍ନ ବ୍ୟକ୍ତି ଆଇସିସି ବିଶ୍ୱ ଟି୨୦ କ୍ୱାଲିଫାୟାର୍ସ ଇଭେଣ୍ଟର ମ୍ୟାଚ୍ ଫିକ୍ସିଂ କରିବାକୁ ପ୍ରସ୍ତାବ ଦେଇଥିଲେ ମଧ୍ୟ ସେ ଆଇସିସି ନିକଟରେ ରିପୋର୍ଟ କରି ନ ଥିଲେ। ଏହାପରେ ତଦନ୍ତରେ ବାଧା ସୃଷ୍ଟି କରିଥିଲେ। ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରି ନ ଥିଲେ। ପ୍ରମାଣ ନଷ୍ଟ କରିବାକୁ ବହୁ ଉଦ୍ୟମ କରିଥିବା ତଦନ୍ତରୁ ଜଣାପଡ଼ିଥିଲା। ଅଲ ବାଲୁଶି ଅନ୍ୟ ଜଣେ ଓମାନ କ୍ରିକେଟରଙ୍କୁ ୩ ମ୍ୟାଚ୍ ଫିକ୍ସିଂ କରିବା ଲାଗି ୩ରୁ ୪ ହଜାର ଓମାନି ରିୟାଲର ପ୍ରଲୋଭନ ଦେଖାଇଥିଲେ। ଉକ୍ତ ଖେଳାଳି ଏହାକୁ ଅସ୍ୱୀକାର କରିବା ସହ ଆଇସିସିକୁ ରିପୋର୍ଟ କରିଥିଲେ। ଏସିୟୁ ସାକ୍ଷାତ୍‌କାର ପୂର୍ବରୁ ଅଲ ବାଲୁଶି ବୁକିଙ୍କ ସହ ହୋଇଥିବା ସମସ୍ତ ମେସେଜକୁ ଡିଲିଟ୍ କରି ଦେଇଥିଲେ। ମାତ୍ର ପଚରାଉଚରାବେଳେ ନିଜ ଦୋଷ ସ୍ୱୀକାର କରିଥିଲେ।

# ହ୍ୱାଟସଆପ ଗ୍ରୁପ୍‌ରେ ଜୋକୋଭିଚ୍, ନାଡାଲ, ଫେଡରର

**ପ୍ୟାରିସ, ୨୪।୨:** ବର୍ତ୍ତମାନ ଟେନିସ କ୍ରୀଡ଼ାର ଶ୍ରେଷ୍ଠ ୩ ଖେଳାଳି ରୋଜର ଫେଡରର, ରାଫାଲ ନାଡାଲ ଓ ନୋଭାକ ଜୋକୋଭିଚ୍ କୋର୍ଟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା କରନ୍ତି। କିନ୍ତୁ କୋର୍ଟ ବାହାରେ ଭଲ ବନ୍ଧୁ। ତିନି ଜଣଙ୍କ ଏକ ହ୍ୱାଟସଆପ ଗ୍ରୁପ ମଧ୍ୟ ରହିଛି ବୋଲି ସର୍ବିଆର ଜୋକୋଭିଚ୍ ସ୍ପଷ୍ଟ କରିଛନ୍ତି। କିନ୍ତୁ ଗ୍ରୁପର ନାମ ପ୍ରକାଶ କରିନାହାନ୍ତି। ଆମେ ଆକ୍ଟିଭ ଥିଲାବେଳେ ସମସ୍ତେ ଚାଟ କରନ୍ତି। ଆମେ ଯାହା ବି କରୁ ବ୍ୟକ୍ତିଗତ କିମ୍ବା ପେସାଦାର ଭାବେ ପ୍ରତ୍ୟେକଙ୍କ ପାଇଁ ଆମର ସମ୍ମାନ ରହିଛି ଜୋକୋଭିଚ୍ କହିଛନ୍ତି। ସେ ଆହୁରି କହିଛନ୍ତି, ଆମେ ଅବସର ନେଲା ପରେ ମଧ୍ୟ ଭଲ ବନ୍ଧୁ ହୋଇ ରହିବୁ। ନିକଟରେ ନାଡାଲ ଦକ୍ଷିଣ ଆଫ୍ରିକାରେ ଫେଡରରଙ୍କ ଫାଉଣ୍ଡେଶନ ଦ୍ୱାରା ଆୟୋଜିତ ମ୍ୟାଚ୍ ଫର ଆଫ୍ରିକାରେ ଅଂଶଗ୍ରହଣ କରିଥିଲେ। ଫେଡରର ସ୍ପେନରେ ରାଫାଲ ନାଡାଲ ଏକାଡେମୀକୁ ପ୍ରମୋଟ କରିଥିଲେ। ସେହିଭଳି ନୋଭାକ ଗତବର୍ଷ ଅକ୍ଟୋବରରେ କାଜାଖସ୍ତାନ ଗସ୍ତ କରି ରାଫାଲଙ୍କ ଫାଉଣ୍ଡେଶନ ପାଇଁ ଏକ ପ୍ରଦର୍ଶନୀ ମ୍ୟାଚ୍ ଖେଳିଥିଲେ। ସ୍ପାନିଶ ଖେଳାଳି ନୋଭାକ ଫାଉଣ୍ଡେଶନ ଲାଗି ମିଲନଠାରେ ଖେଳିଥିଲେ।

# ପାରାମାଉଣ୍ଟ, ସୋଲାର ସେମିରେ

**ଭୁବନେଶ୍ୱର, ୨୪।୨(କ୍ରୀଡ଼ା ପ୍ରତିନିଧି):** ନବ ଦାଶ ମେମୋରିଆଲ ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ସଂସ୍କରଣ ସ୍ଥାନୀୟ ବିଜେବି କଲେଜ ପଡ଼ିଆରେ ସୋମବାର ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଅନୁଷ୍ଠିତ ୨ଟି କ୍ୱାର୍ଟର ଫାଇନାଲ ମ୍ୟାଚରେ ପାରାମାଉଣ୍ଟ ସ୍ପୋର୍ଟିଂ ଓ ସୋଲାର କ୍ରିକେଟ କ୍ଲବ ବିଜୟୀ ହୋଇ ସେମି ଫାଇନାଲ୍‌ରେ ପ୍ରବେଶ କରିଛି। ପାରାମାଉଣ୍ଟ ୮ ଉଇକେଟରେ ଜ୍ୟୋତି ମୋଟର୍ସକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଜ୍ୟୋତି ମୋଟର୍ସ ୧୯.୧ ଓଭରରେ ୧୦୫ ରନକରି ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ସୌମ୍ୟ ବେହେରା ସର୍ବାଧିକ ୨୫ ଓ

**ନବ ଦାଶ ମେମୋରିଆଲ କ୍ରିକେଟ**

ରାଜେଶ ପାଇକରାୟ ୨୪ ରନ କରିଥିଲେ। ପ୍ରତିପକ୍ଷ ଦଳର ସୌମ୍ୟରଞ୍ଜନ ସ୍ୱାଇଁ ଓ ରିତେଶ ପ୍ରିୟରଞ୍ଜନ ୩ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ପାରାମାଉଣ୍ଟ ୧୩.୨ ଓଭରରେ ୨ ଉଇକେଟ ହରାଇ ୧୧୧ ରନ ସଂଗ୍ରହ କରି ନେଇଥିଲା। ରୋହିତ ସାଗର ୪୦ ବଲ୍‌ରୁ ୫୩ ରନରେ ଅପରାଜିତ ରହି ଦଳକୁ ସହଜ ବିଜୟ ପ୍ରଦାନ କରିଥିଲେ। ଅଭୟ ମଲିକ ୨୪ ରନ କରିଥିଲେ। ରୋହିତ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପାଇଥିଲେ। ଦ୍ୱିତୀୟ ମ୍ୟାଚରେ ପ୍ରଗତି ସ୍ପୋର୍ଟିଂକୁ




ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ରୋହିତ ସାଗର।

ହରାଇଛି ସୋଲାର। ସୋଲାର ୨୦ ଓଭରରେ ୯ ଉଇକେଟ ହରାଇ ୧୪୫ ରନ କରିଥିଲା। ଦଳ ପକ୍ଷରୁ ଓମ୍ ପ୍ରକାଶ ସ୍ୱାଇଁ ୩୮ ଓ ପ୍ରଦୀପ ଦାସ ୨୭ ଓ ରୂପେଶ ଦାସ ୨୫ ରନ କରିଥିଲେ। ବିପକ୍ଷ ଦଳର ମନୋଜ ମହାପାତ୍ର ୩ଟି ଓ ନିରଞ୍ଜନ ବେହେରା ୨ଟି ଉଇକେଟ ନେଇଥିଲେ। ପ୍ରଗତି ୨୦ ଓଭରରେ ୯ ଉଇକେଟ ହରାଇ ୧୦୭ ରନ କରିବାକୁ ସକ୍ଷମ ହୋଇଥିଲା। ସୌମ୍ୟ ସୌରଭ କୁମାର ସର୍ବାଧିକ ୨୫ ରନ କରିଥିବାବେଳେ ସୋଲାର ବୋଲର ଅଭିଜିତ ପ୍ରସାଦ ୩ଟି ଓ ପ୍ରଦୀପ ଦାସ ୨ଟି ଉଇକେଟ ନେଇଥିଲେ। ପ୍ରଦୀପ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।


**OFFICE OF THE EXECUTIVE ENGINEER, P.H. DIVISION, ANGUL**
Ph. (06764) 230431, Email-eephangul@yahoo.in
**GOVERNMENT OF ODISHA**

No.C-526 :- **e-Procurement Notice for PH Works.**

**Bid Identification No.EE PH Division Angul- 22/ 2019-20 dt. 19.02.2020**

| | | | |
|---|---|---|---|
| 1. | Name of the work | : | P.H Works. |
| 2. | Nos of work | | 1 (one) no two bid system |
| 3. | Estimated Cost | : | **Rs. 224.84 lakhs** |
| 4. | Period of completion | : | 45 (forty five) days |
| 5. | Date & time of availability of bid document | : | From 11.00AM of 27.02.2020 to 5.00 PM of 11.03.2020 |
| 6. | Last date / time of receipt of bids in the portal | : | 5.00 PM of 11.03.2020 |
| 7. | Date & time of opening of bid | : | 11.00 AM of 12.03.2020 |
| 8. | Name & address of the Officer Inviting Bid. | : | **Executive Engineer, P.H. Division, Angul** |
| 9. | The bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/cancellation of tender can also be seen in the said website. | | |

(Er. Mrutyunjaya Pany)
**Executive Engineer, P.H. Division, Angul.**
**OIPR-13056/11/0008/1920**

**FORM No. 13**
**BEFORE THE DEBTS RECOVERY TRIBUNAL, CUTTACK,ORISSA**
**C-71, SECTOR-7, CDA, CUTTACK, ODISHA**
**O.A. No. 359 / 19**
**Allahabad Bank, Bhubaneswar Main Branch** .......**Applicant**
**Versus**
**Bhakta Batshal Harichandan** ....**Defendant(s)**

To,
**Bhakta Batshal Harichandan,** S/o: Sanatan Harichandan, Plot No.-93, Bhagabanpur, P.O- Patrapada, P.S- Khandagiri, Bhubaneswar, PIN- 751019 .

**SUMMONS BY PAPER PUBLICATION**
**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 359/ 19** in the court of the Debts Recovery Tribunal, Cuttack for recovery of **Rs.30,40,576/-** only together with current and future interest, costs and other reliefs. The above mentioned defendants are therefore, directed to appear before this Tribunal in person or through an Advocate or duly authorised agent in support of their defence to show cause within 30 days from the publication or on **14.04.2020 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this 17th day of February, 2020 .

Sd/-
**(M.K. Patnaik)**
**REGISTRAR**

**NOTICE**

**No.O-1128:-** Smt. Harjeet Kaur, Contractor, who is registered as "C" Class Contractor under S.E., R.W.S.&S., Circle, Koraput and her Registration Certificate is hereby cancelled as per her written request and her onetime deposit in shape of N.S.C. will be refunded to her.

| Sl. No. | Name and Address | Regn. No. & Class | This office order No. & Date |
|---|---|---|---|
| 1) | Smt. Harjeet Kaur, W/o Sri Ekabal Singh At- Bahadurbagichapada, PO- Bhawanipatna Dist- Kalahandi (Odisha) | Regd. No. 608/ / 2013-14 'C' Class | No. 608 Dtd. 13.03.2014 |

This notice is required to be published for information of all Govt. Departments/ Offices she has executed the work. If any Govt. dues/materials are outstanding against the above contractor which are due to be recovered, may please be reported to the undersigned within 30 (thirty) days from the date of publication of this notice for recovery/ adjustment to Govt. accounts.

In case no report from any office / Deptt. are received within the stipulated period i.e. 30 days from the date of publication of this notice, the onetime deposit made by the contractor will be released / refunded to her without any further notice.

If any Govt. dues/ materials detected by any office beyond the stipulated time, it will be their responsibility for the lapses whatsoever.

**Sd./-**
**Superintending Engineer,**
**R.W.S.&S. Circle, Koraput**
**OIPR- 25115/11/0001/1920**

**GOVERNMENT OF ODISHA**
**FINANCE DEPARTMENT**
No. S-36
**OFFICE ORDER**

No. **6281/F, Bhubaneswar,** Dated the 20/02/2020
FIN-OFS-I-CASE-17-2018

Whereas, a Departmental disciplinary proceeding was drawn up against Sri Sanjay Kumar Ganda, OFS-II, Ex-Additional Commercial Tax Officer, Assessment Unit, Titlagargh under-rule-15 of Odisha Civil Services (Classification, Control & Appeal) Rules, 1962 vide Finance Department Memorandum No. FIN-OFS-I-CASE-0017-2018-23800/F., dtd. 19.05.2010 for unauthorized absence from .Government duty in violation of rule 3 of Odisha Government Servants' Conduct Rules, 1959;

And whereas, the aforesaid memorandum with draft charges was communicated to the, Commissioner of Commercial Taxes', Odisha, Cuttack vide this Department Memo-No.23801/F, dt. 19.05.2010 with a request to serve the memorandum on the delinquent officer Sri Ganda.

And whereas, as per the report of Joint Commissioner of Commercial Taxes, Bolangir Range, Bolangir vide letter No.591/CT, dt.19.03.2013, the aforesaid memorandum could not be served on Sri Ganda in his available address. So, a notice to Sri Ganda was published in Odia News Paper the 'Sambad' .dt. 19.01.2014 in order to report in the office of the Joint Commissioner of Commercial Taxes, Bolangir Range, Bolangir to receive the draft charges framed, against him. But, Sri Ganda neither turned up nor did he furnish any reason in this regard;

And whereas, it was considered necessary to appoint an inquiring Officer to .enquire into the charges framed against the delinquent officer Sri Ganda. Sri Pramod Kumar Satapathy, OFS(SG), Joint Commissioner of Commercial Taxes, Bolangir Range, Bolangir was appointed as Inquiring Officer to enquire into the matter and the Assistant Commissioner of Commercial Taxes, Kantabanjhi Circle, Kantabanjhi was nominated as Marshalling. Officer under sub-rule 4 & 5 of rule 15 of O.CS (CC & A) Rules, 1962 respectively vide Finance Department Office Order No. 52/F, dt.01.01.2016. And whereas, after through enquiry the Inquiring Officer submitted the enquiry report to the Disciplinary Authority vide letter No.685/CT-18, dated 13.07:2018 of Office of the Additional Commissioner of CT & GST(Appeal), South Zone, Berhampur;

"And whereas, the delinquent Officer, Sri Sanjay Kumar Ganda, OFS-II, Additional Commercial Tax Officer, Assessment Unit, Titlagargh was informed in Finance Department Notice No.38408/F, dated 07.12.2018 through paper publication in Odisha News Paper the Sambad dt. 11.12.2018 to receive copy of the enquiry report of the Inquiring Officer from Finance Department within 15 days from the date of publication of the notice as per provision of rule 15 (10) (i) (a) of OCS (CC&A) Rules, 1962 so as to enable him to submit his explanation/ representation on the findings of the Inquiring Officer and the delinquent officer Sri Ganda did not submit his representation/ explanation on the findings of the Inquiring officer;

And whereas, Disciplinary Authority, after careful consideration of the charges framed against the delinquent officer, findings of the Inquiring Officer, relevant information available on record, has proposed for imposition of the following punishment on the delinquent officer Sri Ganda under rule 13(viii) r/w rule 15 of OCS (CC&A)Rules,1962:-

1. Removed from service which shall not be disqualification for future employment

And whereas, in pursuance of the provision of rule 15((10)(i)(b) of OCS(CC&A) Rules,1962, the delinquent officer Sri Ganda was called-upon vide Finance Department Office Order No.22635/F,: dt.01.07.2019, through the publication in odia news papers the Sambad dt.03.07.2019 and the Samaj dt.03.07.2019 to submit the representation/ explanation within 15 days from the date of publication of this order as to why the proposed punishment shall not be inflicted on him, failing which it will be construed that he has nothing to say in the matter and the disciplinary proceeding will be disposed of as per provision of the 'rules. But Sri Ganda did not submit his representation / explanation before the Disciplinary Authority.

And whereas, advice of Odisha Public Service Commission, Cuttack was solicited on the proposed penalty of the Disciplinary Authority to be imposed on the delinquent officer Sri Ganda vide Finance Department letter No.33351/F.,/dt.30.09.2019. The Odisha Public Service Commission, Cuttack have been pleased .to concur in the recommendation of the Government for imposition of the proposed penalty on the delinquent officer; Sri Ganda, vide their letter No.94/ PSC dt.08.01.2020. .Now therefore, after careful-consideration of the charges framed against Sri Ganda along with the findings of the Inquiring Officer, relevant records and taking into account concurrence of Odisha Public Service Commission, Cuttack, the State Government have been pleased to impose the following punishment on the delinquent officer Sri Ganda under rule 13(viii) r/w rule 15 of OCS(CC & A) Rules,-1962:-

1. Removal from Government service.

**By the Order of the Governor**
**Sd./- Principal Secretary to Government**
OIPR-05001/11/0018/1920

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପିମ୍ପୁଡ଼ି ଦୁଧ**
**ୟା ଖାଇଲେ ଛାଡ଼ଇ ନିଦ ।**

ବେଳେବେଳେ କ୍ଷୀରରେ ପିମ୍ପୁଡ଼ି ଲାଗିଯାଉଥିବାର ଦେଖିବାକୁ ମିଳିଥାଏ । ଏପରି ପିମ୍ପୁଡ଼ି ମିଶା କ୍ଷୀର ପିଇଲେ ନିଦ ଛାଡ଼ିଯାଉଥିବା ନେଇ ଲୋକ ବିଶ୍ୱାସ ରହିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

**ପାଣି ପିଇବ ଛାଣି**
**ପଇସା ନେବ ଗଣି**
**କଥା କହିବ ଜିଣି**
**ଦୁଃଖୀ ଲୋକକୁ ନୋହିବ ଟାଣି**
**ସଖୀ ଗୋ, ଭଲ ଏ ।**

ପାଣିକୁ ଛାଣି ପିଇବା ସ୍ୱାସ୍ଥ୍ୟ ପକ୍ଷେ ହିତକର ହୋଇଥାଏ । ଟଙ୍କା ପଇସା ଗଣି ନେଲେ ମନରୁ ସବୁ ସନ୍ଦେହ ଦୂର ହୋଇଯାଏ । କଥାକୁ ଠିକ୍‌ଭାବେ ରଙ୍ଗେଇ ମଜେଇ କହି ପାରିଲେ ଅକ୍ଲେଶରେ ଅନ୍ୟର ମନକୁ ଜିଣିହୁଏ । ସେହିପରି ଦୁଃଖ ଅଭାବରେ ରହୁଥିବା ଲୋକଙ୍କୁ ମନରେ କଷ୍ଟ ହେବା ଭଳି ଟାଣ କରି କଥା ନ କହି କୋମଳଭାବ ପୋଷଣ କରିବା ଶୋଭନୀୟ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ପ୍ରଜାକୋର୍ଟରେ ବ୍ୟବସାୟୀଙ୍କୁ ଗୁଳିକରି ହତ୍ୟା

**ମାଲକାନଗିରି,୨୪।୨ (ଡି.ଏନ୍.ଏ.)**

ମାଲକାନଗିରି ଜିଲା ସ୍ୱାଭିମାନ ଅଞ୍ଚଳରେ ଲାଲବାହିନୀ ପୁଣି ନିଜ ସ୍ଥିତି ଜାହିର କରିବାକୁ ଉଦ୍ୟମ କରିଛି । ଜଣେ ବ୍ୟବସାୟୀଙ୍କୁ ହତ୍ୟା କରି ଲୋକଙ୍କ ମନରେ ଭୟ ସୃଷ୍ଟି କରିଛି । ମୃତକ ହେଲେ ଦୀନବନ୍ଧୁ ବେପାରୀ । ତାଙ୍କ ଘର ଚିତ୍ରକୋଣ୍ଡା ଅଞ୍ଚଳରେ । ଖବରରୁ ଜଣାପଡିଛି ସ୍ୱାଭିମାନ ଅଞ୍ଚଳରେ ଜିଲା ପ୍ରଶାସନ, ବିଏସଏଫ୍ ଏବଂ ପୋଲିସ ସହାୟତାରେ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଥିବା ବେଳେ ଏହାକୁ ଲାଲବାହିନୀ ବିରୋଧ କରି ଆସୁଥିଲା । ଗତ କିଛି ଦିନ ତଳେ ଜନ୍ତୁରାଇ ଗ୍ରାମରେ ମାଓବାଦୀଙ୍କୁ ବିରୋଧ କରି ଗ୍ରାମବାସୀ ଟେକାମାଡ କରି ଜଣକୁ ମାଓବାଦୀଙ୍କୁ ମାରି ଦେଇଥିଲେ । ଅନ୍ୟଜଣେ ଗୁରୁତର ଆହତ ହୋଇଥିଲେ । ପୋଲିସ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଚିକିତ୍ସା କରିଥିଲା । ସେ ଭଲ ହେବା ପରେ ପୋଲିସ ନିକଟରେ ଆତ୍ମସମର୍ପଣ କରିଥିଲେ । ସ୍ୱାଭିମାନ ଅଞ୍ଚଳରେ ବିକାଶମୂଳକ କାର୍ଯ୍ୟକୁ ନେଇ ମାଓବାଦୀମାନେ ଅଞ୍ଚଳବାସୀଙ୍କ ଉପରେ ରାସ୍ତା କାମ ବନ୍ଦ ପାଇଁ ଚାପ ପକାଉଥିଲେ । ଫଳରେ ସମ୍ପୃକ୍ତ ଅଞ୍ଚଳରେ ମାଓବାଦୀ ସପକ୍ଷବାଦୀ ଓ ବିପକ୍ଷବାଦୀଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିଥିଲା । ଏପରିସ୍ଥଳେ ରବିବାର ଚିତ୍ରକୋଣ୍ଡା ଅଞ୍ଚଳର ବ୍ୟବସାୟୀ ଦୀନବନ୍ଧୁ ବେପାରିଙ୍କ ମୃତଦେହ ପଣସପୁଟ ଅଞ୍ଚଳରୁ ମିଳିଛି । ସେ ରବିବାର ପଣସପୁଟ ହାଟକୁ ଯାଇ ଆଉ ଘରକୁ ଫେରି ନ ଥିଲେ । ତାଙ୍କୁ ମାଓବାଦୀମାନେ ଗୁଳି କରି ହତ୍ୟା କରିଥିବା ସନ୍ଦେହ କରାଯାଉଛି । ଏଥିପାଇଁ ମାଓବାଦୀଙ୍କ ବସିଥିବା ପ୍ରଜାକୋର୍ଟରେ ତାଙ୍କୁ ପୋଲିସ ଇନ୍‌ଫର୍ମର ରୂପେ ସନ୍ଦେହ କରାଯାଇ ଗୁଳି କରାଯାଇଥିବା ଚର୍ଚ୍ଚା ହେଉଛି । ଏ ସମ୍ପର୍କରେ ପୋଲିସ ନିକଟରେ କୌଣସି ସୂଚନାନାହିଁ । ଥାନାରେ ମଧ୍ୟ କେହି ଅଭିଯୋଗ କରି ନ ଥିବା ଏସପି ରିଶିକେଶ ଡି.ଖିଲାରି କହିଛନ୍ତି । ଏସପି କହିଛନ୍ତି ଯେ, ସ୍ୱାଭିମାନ ଅଞ୍ଚଳରେ ୩ଟି ବିଏସଏଫ କ୍ୟାମ୍ପ ଏବଂ ଥାନା ପ୍ରତିଷ୍ଠା ହେବା ସହ ବିକାଶମୂଳକ କାର୍ଯ୍ୟ ଆଗେଇଚାଲିଛି । ଲୋକଙ୍କ ସୁରକ୍ଷା ପାଇଁ ପୋଲିସ ସର୍ବଦା ସଜାଗ ଅଛି । ତେବେ ବ୍ୟବସାୟୀ ଦୀନବନ୍ଧୁଙ୍କ ହତ୍ୟା ଘଟଣା ନେଇ ତଥ୍ୟ ସଂଗ୍ରହ କରାଯାଉଛି ।

**ସୂଚନାଦାତା ସନ୍ଦେହରେ ମାଓବାଦୀଙ୍କ ହିଂସା**

# ଜେଲ୍ ଗଲେ ରବି ପୂଜାରୀ

**ବେଙ୍ଗାଲୁରୁ,୨୪।୨(ପି.ଟି.)**

ଦୁର୍ଦ୍ଧର୍ଷ ଗ୍ୟାଙ୍ଗଷ୍ଟର ରବି ପୂଜାରୀ ସେନେଗାଲରୁ ଆସି ପହଞ୍ଚିବା ପରେ କର୍ଣାଟକ ପୋଲିସ ତାଙ୍କୁ ଅଦାଲତରେ ହାଜର କରାଇଥିଲା । ଅତିରିକ୍ତ ମୁଖ୍ୟ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ୍ ଭି. ଜଗଦୀଶ ତାଙ୍କୁ ୧୪ ଦିନ ପାଇଁ ପୋଲିସ ହାଜତକୁ ପଠାଇଦେଇଛନ୍ତି । ତାଙ୍କ ବିରୋଧରେ ଅନେକ ଅପରାଧ ମାମଲା ଦୀର୍ଘବର୍ଷ ହେଲା ପଡିରହିଥିବାବେଳେ ପୋଲିସ ତାଙ୍କୁ ହାଜତରେ ଜେରା କରିବ । ଦକ୍ଷିଣ ଆଫ୍ରିକାରେ ରବି ପୂଜାରୀ ଗିରଫ ହେବା ପରେ ତାଙ୍କୁ ସେନେଗାଲ ନିଆଯାଇଥିଲା । ସେନେଗାଲ କର୍ତ୍ତୃପକ୍ଷ ପ୍ରତ୍ୟର୍ପଣ କରିବା ପରେ କର୍ଣାଟକ ପୋଲିସ ଏଡିଜି ଏ.କେ. ପାଣ୍ଡେଙ୍କ ନେତୃତ୍ୱରେ ୪ ଜଣିଆ ଟିମ୍ ରବିଙ୍କୁ ସେନେଗାଲରୁ ବେଙ୍ଗାଲୁରୁ ଆଣିଥିଲା ।


**नालको NALCO**
**National Aluminium Company Limited**
**(A Government of India Enterprise)**
Captive Power Plant,
Angul-759145, Odisha, India
CIN : L27203OR1981GOI000920
A NAVRATNA COMPANY

**NOTICE INVITING TENDERS**

Digitally signed online tenders are being invited from experienced bidders on OPEN/ Two- part (E-tender) mode through Central Public Procurement Portal for the following jobs at NALCO, CPP Plant at Angul, Odisha :

**1- NIT No. MC-4831**
**Name of the work:** Annual Maintenance Contract for CHP Electrical.

For details of NITs like contract period, EMD, Date and time of E-submission, Part-I Bid Opening, Modification/Amendments (if any) please log in to **www.nalcoindia.com** & **http://eprocure.gov.in**

**AGM (Elect.), Contract Cell**



CUTTACK MUNICIPAL CORPORATION

**"e" PROCUREMENT NOTICE**

**Tender ID : 2020_ORULB_60125**
**Bid Reference No. MC(CMC)CTC_Div-II_No19/2019-20**
**Tender Call Notice No. 615 (PW) Date. 24.02.2020**

Name of Works : Civil Works
No. of Works : 10 Nos.
Bid Value : Rs. 1.89 Lakh to Rs. 12.25 Lakh
Period of Completion : One Calendar Month

**Date and Time schedule:**

| Start | End | Opening |
|---|---|---|
| 3.00 PM on dt. 26.02.2020 | 5.00 PM on dt. 06.03.2020 | 11.00 AM on dt. 13.03.2020 |

Tender Details : can be seen from the procurement portal: **www.tendersorissa.gov.in**

***Executive Engineer***
***City Division-I***



**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISON MOHANA**
**e-mail : rwdmohana@gmail.com**
No.O-1100

**NATIONAL COMPETITIVE BIDDING THROUGH e-Procurement**
**Identification No. Online Tender 06/MOHANA/2019-20**

1. Name of the work : Building work
2. Total No. Work : 20 (Twenty) Nos.
3. Estimated Cost : Varies from Rs.10.80 lakhs to Rs.23.42 lakhs
4. Class of Contractor : As per Annexure
5. Period of Completion : As per Annexure
6. Other Details:-

| Procurement Officer | Bid Identification No. | No. of Works | Availability of Tender online for bidding | | Last Date & Time of seeking tender clarification | Date & Time of opening of tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Mohana | Online Tender 06/MOHANA /2019-20 | 20 (Twenty) Nos. of Building work | 02.03.2020 from 10.00 AM | 19.03.2020 upto 5.00 PM | 16.03.2020 upto 5.00 PM | 23.03.2020 at 11.30 AM |

Further details can be seen from the Website www.tenderorissa.gov.in

Sd./- Executive Engineer, R.W. Division, Mohana
OIPR-25148/11/0006/1920



**GOVERNMENT OF ODISHA**
**OFFICE OF THE EXECUTIVE ENGINEER RURAL WORKS DIVISION, NUAPADA**
**e-mail : rd_nuapada@rediffmail.com**
**e-Procurement Notice**
**BID IDENTIFICATION NO.RWNPD-10/2019-20 (Online)**
No. O-1126

1 Name of the work : Road works
2 Total No of work : 03 nos.
3 Estimated cost : Please refer the DTCN
4 EMD : 1% of Estimated Cost
5 Cost of Tender document : Please refer the DTCN
6 Class of contractor : Please refer the DTCN
7 Period of completion : 01 (One) Calender month as per Annexure
8 Other Details : As per DTCN

| Procurement officer | Bid Identification No. | Availability of tender online for bidding | | Last date & time of seeking tender clarification | Date & Time of opening of Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Nuapada | RWNPD-10/2019-20 (Online) | 25.02.2020 at 10.00 AM | 02.03.2020 up to 5.00 PM | 29.02.2020 upto 05.00 PM | 03.03.2020 at 11.00 A.M. |

Further details can be seen from the website www.tendersorissa.gov.in

Sd./-Executive Engineer
Rural Works Division Nuapada
OIPR-25050/11/0006/1920



**Zilla Swasthya Samiti, Ganjam**

**Advt. No.4328** **Date: 24.02.2020**

**WALK-IN-INTERVIEW**

Walk-in-Interview will be conducted on 04.03.2020 for engagement of Pharmacist, Staff Nurse, Yoga Teacher, Laboratory Technician, ECG Technician & Ophthalmic Assistant for Health and Wellness Centre & Lab Technician for "NIDAN" Free Diagnosis Service under Zilla Swasthya Samiti, Ganjam under NIDAN / DMF Scheme.

Interested candidates fulfilling the eligibility criteria may appear before the Interview Board (Venue : Pragyan Conference Hall, of office of the CDM & PHO, Ganjam, Berhampur). They can log on to district website **https://ganjam.nic.in** for details information & application form.

The undersigned reserves the right to cancel / reject any or all the applications without assigning any reason thereof.

**Sd./- CDM & PHO, Ganjam**



**GOVERNMENTOFODISHA**
**OFFICE OF THE EXECUTIVE ENGINEER, RURAL WORKS DIVISION-II, MALKANGIRI**
E-mail-ruralworksdivisioniimalkangiri@yahoo.in
No. O-1118

INVITATION FOR BIDS
**NATIONAL COMPETITIVE BIDDING**
**Bid Identification No: RWDEE_MKG_II_ONLINE_06/2019-20**

The Executive Engineer, Rural Works Division-II, Malkangiri on behalf of Governor of Odisha invites from bidders of eligible class registered with the State Government and bidders of equivalent Grade / Class registered with Central Government / MES / Railways according to the norm of "e" Procurement system in online mode for the works detailed in the table below on turnkey basis.

1 Name of the Work : Road works
2 No. of Works : **07Nos**
3 Estimated Cost : Rs. 1.77 lakhs to Rs. 17.68 lakhs
4 Tender Paper Cost : Rs.600/-, Rs. 2,000/- ,Rs.4,000/- and 6,000/-
5 Class of Contractor :

| Estimated cost up to ₹20.00 lakhs | Estimated cost more than ₹20.00 lakhs & within ₹40.00 lakhs | Estimated cost more than ₹40.00 lakhs & within ₹300.00 lakhs |
|---|---|---|
| 'D' & 'C' | 'C' | 'B' & 'A' |

6 Period of Completion : 01 (One) calendar months & 02 (Two) Calendar months
7. **Critical dates :**

| Procurement Officer | Bid Identification No. | Availability of Tender Online for Bidding | | Last Date of Seeking tender Clarification | Date of opening of Technical Bid |
|---|---|---|---|---|---|
| | | From | To | | |
| **Executive Engineer, Rural Works Division-II, Malkangiri** | **RWDEE_MKG_II_ ONLINE_06 of 2019-20** | **26.03.2020 at 11.00AM** | **03.03.2020 up to 05.00PM** | **02.03.2020** | **04.03.2020 at11.00AM** |

- Further details can be seen in the bidding documents ,which is available in thee-procurement portal **https://www.tendersorissa.gov.in.**
- Subsequent corrigendum if required shall be appeared in the web site.
- Authority reserves the right to reject any or all tenders without assigning any reason thereof.

Executive Engineer Rural Works Division-II, Malkangiri
OIPR-25079/11/0006/1920



**GOVERNMENT OF ODISHA**
**OFFICE OF THE BLOCK DEVELOPMENT OFFICER**
**BALISANKARA BLOCK, SUNDARGARH**
EMAIL ID- ori-Balisankara@nic.in

**INVITATION TENDER CALL NOTICE**

No. 411 Date 24.02.2020

The Block Development Officer, Balisankara, Sundargarh on behalf of Governer of Odisha invites **percentage rate Bids** in sealed cover for the following works from class of eligible contractors as mentioned in column-8 (eight) registered with the State Governments having validity of Civil License and contractors of equivalent grades/ Class registered with Central Govt. / MES/Railways and other state government having validity of Civil license for Execution of **Roads and Bridges**. The proof of registration from the appropriate Authority shall be enclosed with the Bid. The eligible contractors of the state PWD ( R&B ) / Water Resources/ M.I./ C.P.W.D. for the following work eventually to be drawn up in the **P.W.D. P1** forms in conformity with the Detailed Tender Call Notice. The Bidders may submit bids for the following works.

| Sl. No. | Location | Name of the Work | Estt. Cost (Rs. in Lakhs) | Amount put to tender (in Rs.) | Cost of Tender Paper (Non Refundable) in Rs. | Bid security EMD 1% (in Rs.) | Period of com-pletion | Class of Con-tractor |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 1 | Balisankara | Construction of road from Chandini chowk to Tahasil Office, Balisankara | 45.00 | 40,22,169/- | 6000/- | 40,222/- | 3 (Three) Calendar Months | 'B' & 'A' |

**Terms & Conditions:-**

1) The Bid documents and detailed terms and conditions can be downloaded from the District website **www.sundargarh.nic.in** & in daily English News Paper "The New Indian Express" and daily Odia News paper "The Sambad" and "The Dharitri". The Tender paper shall be submitted in sealed cover Superscribing the Name of the Work & shall contain signed DTCN, Attested copy of Registration Certificate, PAN Card, GST Registration /Clearance Certificate, No relation Certificate & Original Affidavit regarding authentication of documents of Tender Notice, other documents required as per the relevant clauses of the DTCN, Tender paper cost in shape of Bank draft or Demand Draft drawn in favour of Block Development Officer, Balisankara and required amount of EMD in shape of NSC/ KVP/POTD/Bank Deposit receipt of any Nationalized Bank duly pledged in favour of Block Development Officer, Balisankara without which, Bid will not be Considered. The Tenderer are required to send their Tender papers through **Registered Post / Speed Post** only to the **Block Development Officer, Balisankara, At/Post- Balisankara, Dist.- Sundargarh, Pin-770015**, so as to reach this Office by **Dt.16.03.2020** within **4.00 PM** after which no Bid will be considered. The Bids received late will not be opened. The Authority will not be held responsible for the Postal delay if any or non-receipt of the Tender Documents in time.
2) The Bids received will be opened on date **17.03.2020 at 11.00 AM** in the Office of the Block Development Officer, Balisankara in presence of the Bidders or their Authorised representatives wish to attend. If the Office happens to be closed on the date of receipt/ opening of the Bids as specified, the Bids will be received/opened on the next working day on the same time and Venue.
3) Detail information as contained in the DTCN shall have to be strictly adhere to while submitting the Tender papers.
4) Engineer Contractor desirous to avail the facility of exemption of EMD is required to submit an Affidavit in original to the effect that, he has not yet availed the facility for more than three works during the current Financial year. The name of work for which and the Authority to which the Tender is being submitted must be mentioned in the Affidavit.
5) Any Tenderer desirous to avail any facility as per certain circular/ order of Govt. have to apply for the same in writing along with the Tender paper. Claim at the time of opening of Tender or latter will not be entertained.
6) If any of the interesting Bidders wish to withdraw from participation in the Bid he/she can freely withdraw from the participation before scheduled date and time of closure, failing which action has deemed fit as per relevant Codal practice will be taken against him/ her.
7) Amendment to para 3.5.5 (V) of OPWD Code Volume -1 by inclusion Additional Performance Security (APS) shall be obtained from the Bidders when the Bid amount is less than estimated cost put to tender. In such an event, only the successful Bidder who has quoted less Bid price rates/ rates than the estimated cost put to tender shall have to furnish the exact amount of differential cost i.e. estimated cost put to tender minus the quoted amount as Additional Performance Security (APS) in shape of term deposit receipt pledged in favour of Divisional Officer/ Bank Guarantee in favour of the Divisional Officer in any Nationalised / Scheduled bank in India counter guaranteed by its local branch at Bhubaneswar within seven days of issue of letter of acceptance (LOA) by the Divisional Officer (by E-mail) to the successful Bidder otherwise the Bid of the Successful Bidder shall be cancelled and the earnest money deposit / Bid security shall be forfeited further proceeding for blacklisting shall be initiated against the Bidder as per Works Department Office Memorandum No. 14459/dated 20.09.2018.
8) If after opening of the Tender, it is seen that, the Tender has to be decided through a transparent lottery system, then the lottery date will be intimated through speed post & Office Notice board. The lottery will be held, even if no bidder has come in front of the Tender Opening Committee.
9) The work should be completed within the stipulated period of completion and in no case the time extension will be allowed except the reasons not attributed to the contractors.
10) The Authority reserves the right to reject any or all the Bids without assigning any reason. On review of last performance of the work executed through B.D.O., Balisankara, the lowest-1 tender may/ may not be considered for the works though he/she becomes lowest-1 bidder.
11) The contractor should have an **Experience** of execution in similar nature of works i.e. road works not less than Rs. 10.00 lakhs during previous five Financial year from **2014-15 to 2019-20**. It is mandatory to submit the experience details on road works for consideration of the Tender.
12) CGST & SGST will be paid beyond the Tender cost as applicable. All other detailed clauses / guidelines can be seen in the Bid documents.

***Sd./- Block Development Officer, Balisankara***



**DISTRICT PROJECT OFFICE,**
**SAMAGRA SHIKSHA, ANGUL**
**Phone: 06764-232412, Fax: 06764-233808**
**E-mail: dpcangulssa.opepa@nic.in, ssaangul@rediffmail.com**

**Letter No.621 /TIC** **Date: 24.02.2020**

**TENDER CALL NOTICE**

Sealed quotations are invited from the interested local Printers/ traders having GST Regd. No. for printing and supply of approximately 5333 numbers of Teacher I-Card for Angul district. Interested printers/ Traders may submit their quotation by Registered Post or Speed Post only on before 12.03.2020 up to 1.30 P.M. and to be opended on the same day at 3.00 P.M. The detail guidelines/ terms and conditions/ Tender paper are available in **www.angul.nic.in.**

The undersigned reserves the rights to accept or reject any or all quotations without assigning any reason thereof.

***By the order of the Collector-cum- Chairman***
**Sd./- District Project Coordinator**
**Samagra Shiksha, Angul**



**GREEN ENERGY DEVELOPMENT CORPORATION OF ODISHA LTD**
**(A wholly owned subsidiary company of OHPC Ltd)**
Regd. Office: OHPC Corporate Office, OSPH&W Corporation Building, Janpath, Bhoinagar, Bhubaneswar-751022, Tel.: 0674-2542922, Fax: 0674-2542102, Email: info@gedcol.com
**CIN NO: U40102OR2013SGC016747**

No: GEDCOL/Tech/68 (Part-II)/2020/166 Date: 20/02/2020 No. CAD-1000

**NOTICE INVITING TENDERS NO.: GEDCOL/24/2020 DATE: 20/02/2020**

Subject: Selection of Solar Company for development of Solar PV rooftop projects in 17 cities in Odisha

Green Energy Development Corporation of Odisha Limited (GEDCOL) hereby invites sealed Bids from prospective bidders for the development of grid connected rooftop solar PV power plants with a proposed capacity of 16.653 MW in various cities in Odisha (Project).

1. The bid documents, including the Request for Proposal (RFP), draft Project Implementation Agreement, draft Power Purchase Agreement, draft Lease Agreement and Project Information Memorandum, can be downloaded from www.gedcol.com - from February 25, 2020 onwards. All notifications, changes, and amendments to the bid documents will be uploaded only on www.gedcol.com.
2. A pre-bid meeting will be held at GEDCOL's office on March 16, 2020, at a time to be notified on www.gedcol.com.
3. Bids must be submitted on or before April 17, 2020, by 1700 hours IST.
4. The technical bids will be opened on April 20, 2020 at 1100 hours IST at GEDCOL's office.
5. The financial bids will be opened upon completion of technical evaluation process at GEDCOL's office within 2 days of notification of the technically qualified bidders.

GEDCOL reserves the right, in its absolute discretion and without any obligation or liability, to supplement or change the terms of this notice inviting tenders or at any stage of the bidding process, to accept or reject any or all the bids, to cancel or modify the bidding process, or to vary any or all the terms and conditions, without assigning any reason whatsoever. GEDCOL does not guarantee that this notice inviting tenders will lead to a formal bid process. If GEDCOL initiates a formal bid process and there is any conflict or difference between the terms of this notice inviting tenders and the bid documents, then the bid documents shall prevail for all purposes.

DIRECTOR
OIPR-04012/11/0022/1920



**Office of the Director General of Police, Odisha, Cuttack**

**Advertisement for Pre – RFP Consultation meeting for Implementation of Emergency Response Support System (ERSS) – Dial 112**

No.D-297 :- Odisha Police wants to conduct a pre-RFP consultation meeting for implementation of ERSS - Dial 112 project. This RFP will have the components such as providing Emergency Response Vehicles (New) with required equipment and providing Call Takers for operating Dial 112 Call Centre.

Companies having prior experience and interested to participate in this upcoming tender can attend the pre - RFP consultation meeting to understand the Scope of Work and provide their inputs on the planned project schedule, function and design. Interested Companies need to send their email confirmation of attendance by **28th Feb 2020 before 3PM on email id: aighdqrs@gmail.com**

**Schedule & Venue of the consultation:**
**Date**:28 February 2020
**Time**:11.00 AM - 1.00 P.M.
**Venue**: Conference Hall, Odisha Police Headquarter, Cuttack.

Details of the scope of work and postal address of the State Police Hdqrs., Cuttack is available in Odisha Police website: **www.odishapolice.gov.in**

**AIG (Hdqrs.)**
**State Police Hdqrs, Odisha, Cuttack**
OIPR-12029/11/0043/1920



# ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, କେନ୍ଦୁଝର

**ବିଜ୍ଞାପନ**

ସଂଖ୍ୟା: ୫୫ ତାରିଖ: ୨୪।୦୨।୨୦୨୦

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଉଦ୍ଧାର କରାଯାଇଥିବା ନିମ୍ନଲିଖିତ ଶିଶୁ ଦୁଇଟିଙ୍କୁ କେନ୍ଦୁଝର ଜିଲା ଶିଶୁ ମଙ୍ଗଳ ସମିତିଙ୍କ ନିର୍ଦ୍ଦେଶନାମା କେସ୍ ନଂ.-୪୫୬୬ ଓ ୪୫୬୭/୧୨।୧୦।୨୦୧୯ ବଳରେ ମୁକ୍ତ ଆଶ୍ରୟ କେନ୍ଦ୍ର, ବଣିଆପାଟ, କେନ୍ଦୁଝରସ୍ଥିତ ଅନୁଷ୍ଠାନରେ ରଖାଯାଇଅଛି । ଏହି ଶିଶୁମାନଙ୍କର ଯଦି କେହି ପିତାମାତା, ଅଭିଭାବକ ବା ଆଇନତଃ ଦାବିଦାର/ଆଇନସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ତିରିଶ (୩୦ଦିନ) ମଧ୍ୟରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର, ଫୋନ୍ ନଂ.-୦୬୭୬୬-୨୫୫୦୫୨ କିମ୍ବା ଶିଶୁ ମଙ୍ଗଳ ସମିତି ଫୋନ୍ ନଂ.-୦୬୭୬୬-୨୫୩୨୧୩ ସହ ଯୋଗାଯୋଗ କରିପାରିବେ । ଉପରୋକ୍ତ ସମୟସୀମା ପରେ କୌଣସି ଦାବିପତ୍ର ଗ୍ରହଣ କରାଯିବ ନାହିଁ । ଏହି ଶିଶୁମାନଙ୍କୁ କିଶୋର ନ୍ୟାୟ ଆଇନ-୨୦୧୫ ଅନ୍ତର୍ଗତ ଧାରା ୩୮(୧) ଅନୁଯାୟୀ ଶିଶୁମାନଙ୍କୁ ପୋଷ୍ୟ ସନ୍ତାନ ନିମନ୍ତେ ଆଇନତଃ ଯୋଗ୍ୟ ବିବେଚିତ କରାଯିବ ।

| କ୍ରମିକ ସଂଖ୍ୟା | ନାମ | ଫଟୋ |
|---|---|---|
| ୧ | ନାମ : ମୋନୁ କୁମାର<br>ଲିଙ୍ଗ : ପୁରୁଷ<br>ବୟସ : ୧୦ ବର୍ଷ<br>ଉଦ୍ଧାର ତାରିଖ : ୧୨।୧୦।୨୦୧୯<br>ଉଦ୍ଧାର କରାଯାଇଥିବା ସ୍ଥାନ : ତୋରପା, ରାଣିୟା, ଖୁଣ୍ଟି, ଝାରଖଣ୍ଡ<br>ବର୍ତ୍ତମାନ ଠିକଣା : ମୁକ୍ତ ଆଶ୍ରୟ କେନ୍ଦ୍ର, ବଣିଆପାଟ, କେନ୍ଦୁଝର |  |
| ୨ | ନାମ : ମିଠୁ କୁମାରୀ<br>ଲିଙ୍ଗ : ମହିଳା<br>ବୟସ : ୭ ବର୍ଷ<br>ଉଦ୍ଧାର ତାରିଖ : ୧୨।୧୦।୨୦୧୯<br>ଉଦ୍ଧାର କରାଯାଇଥିବା ସ୍ଥାନ : ତୋରପା, ରାଣିୟା, ଖୁଣ୍ଟି, ଝାରଖଣ୍ଡ<br>ବର୍ତ୍ତମାନ ଠିକଣା : ମୁକ୍ତ ଆଶ୍ରୟ କେନ୍ଦ୍ର, ବଣିଆପାଟ, କେନ୍ଦୁଝର |  |

ସ୍ୱା./- ଜିଲ୍ଲାପାଳ, କେନ୍ଦୁଝର



**GOVERNMENT OF ODISHA**
**FISHERIES & ANIMAL RESOURCES DEVELOPMENT DEPARTMENT**
**ODISHA SECRETARIAT, BHUBANESWAR**

**QUOTATION CALL NOTICE**

Advertisement No. ........... Dt. ......................

**No. M-67:-** Sealed Quotations/ Tenders are invited from interested Travel Agencies/ Tour Operators/ Private Individuals with valid GST registration for providing one number of AC Petrol Driven Vehicle (Swift Dzire/ Xcent) including the Driver for official use in Fisheries & ARD Department, Odisha Secretariat, Bhubaneswar on monthly rent basis. The date & time for submission of the Sealed Tenders is latest by 27.02.2020 upto 04.00 PM. For details, visit the 'All Tenders Link' of Government of Odisha Website "http://www.odisha.gov.in".

***Deputy Secretary to Government***
***Fisheries & ARD Department***
OIPR-06001/11/0002/1920



ସୌନ୍ଦର୍ଯ୍ୟ

# ବେସନ ଆଣେ ତ୍ୱଚାର ଚମକ

ତ୍ୱଚାର ସୌନ୍ଦର୍ଯ୍ୟ ବୃଦ୍ଧି ଲାଗି ବର୍ତ୍ତମାନ ଅଧିକାଂଶ ବିଭିନ୍ନ ପ୍ରକାର କସ୍‌ମେଟିକ୍ସ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି । କେବଳ ଏତିକି ନୁହେଁ, ଅନେକେ ବ୍ୟୁଟି ପାର୍ଲର ଯିବାକୁ ମଧ ପଛାଉନାହାନ୍ତି। ହେଲେ ତ୍ୱଚାରେ ଗ୍ଲୋ ଆଣିବା ଲାଗି ଆପଣ ଚାହିଁଲେ ବେସନ ବ୍ୟବହାର କରିପାରିବେ । ଜାଣିରଖନ୍ତୁ ଏହାକୁ ବ୍ୟବହାର କରିବାର ଉପାୟ...

▶ବ୍ରଣ ହେବାର ଆଶଙ୍କା ଅଧିକ ହୋଇଥିବାରୁ ଅନେକଙ୍କର ଅଏଲି ସ୍କିନ୍‌କୁ ନେଇ ଟେନ୍‌ସନ ଥାଏ। ହେଲେ ଆପଣ ଜାଣନ୍ତି କି ଏପରି ସ୍କିନ୍ ଲାଗି ବେସନ ବରଦାନ ସଦୃଶ। ଯଦି ଆପଣଙ୍କର ଏଭଳି ସ୍କିନ୍ ତେବେ ବେସନରେ ଦହି ମିଶାଇ ପ୍ୟାକ୍ ପ୍ରସ୍ତୁତ କରି ମୁହଁରେ ଲଗାନ୍ତୁ । ୧୫ ମିନିଟ୍ ରଖିବା ପରେ ପାଣିରେ ଧୋଇ ଦିଅନ୍ତୁ। କିଛିଦିନ ଏପରି କରିବା ଦ୍ୱାରା ତ୍ୱଚାରୁ ତେଲ ଦୂରହେବା ସହ ଗ୍ଲୋ ମଧ ବଢ଼ିବ।

▶ଧୀରେ ଧୀରେ ଖରା ବଢୁଥିବାରୁ ଅନେକଙ୍କ ଠାରେ ସନ୍ ବର୍ନ ବା ସନ୍ ଟ୍ୟାନ୍ ସମସ୍ୟା ଆରମ୍ଭ ହୋଇଗଲାଣି । ଏହାକୁ କମ୍ କରିବା ଲାଗି ଏକ ଚାମଚ ବେସନରେ ଅଳ୍ପ ହଳଦୀ ଗୁଣ୍ଡ, ଫାଳେ ଲେମ୍ବୁରସ, ଅଳ୍ପ ଗୋଲାପ ଜଳ କିମ୍ବା ପାଣି ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହି ପ୍ୟାକ୍‌କୁ ଟ୍ୟାନ୍ ହୋଇଥିବା ସ୍ଥାନରେ ଲଗାଇ ୧୦ ମିନିଟ୍ ରଖିବା ପରେ ଧୋଇ ଦିଅନ୍ତୁ। ସପ୍ତାହକୁ ୨-୩ ଥର ଏହି ପ୍ୟାକ୍ ବ୍ୟବହାର କଲେ ଟ୍ୟାନିଂ ସମସ୍ୟା ସମ୍ପୂର୍ଣ୍ଣ ଦୂର ହୋଇଯିବ।

▶ ବେସନ ଯେ କେବଳ ଅଏଲି ସ୍କିନ୍ ପାଇଁ ଲାଭଦାୟକ ତା' ନୁହେଁ ବରଂ ଏହା ଡ୍ରାଏ ସ୍କିନ୍ ପାଇଁ ମଧ ବେଶ୍ ଉପକାରୀ। ଏଥିପାଇଁ ବେସନରେ ସର କିମ୍ବା କ୍ଷୀର, ମହୁ, ଅଳ୍ପ ହଳଦୀ ଗୁଣ୍ଡ ମିଶାଇ ପ୍ୟାକ୍ ପ୍ରସ୍ତୁତ କରି ଲଗାନ୍ତୁ। ୧୫ ମିନିଟ୍ ରଖିବା ପରେ ଧୋଇ ଦିଅନ୍ତୁ। ଏହା ଦ୍ୱାରା ତ୍ୱଚାର ରୁକ୍ଷପଣ ଦୂର ହୋଇଥାଏ।

▶ ମୁହଁରେ ଥିବା ଅନାବଶ୍ୟକ ଲୋମ ହଟାଇବା ଲାଗି ଅନେକେ ୱାକ୍ସିଂ କିମ୍ବା ଥ୍ରେଡିଂ କରାଇଥାନ୍ତି, ଯାହାକି କଷ୍ଟଦାୟକ ମଧ। ହେଲେ ଆପଣ ଚାହିଁଲେ ଘରୋଇ ଉପାୟରେ ବେସନ ବ୍ୟବହାରକରି ତ୍ୱଚାରୁ ଏହି ଲୋମ ଦୂରକରିପାରିବେ। ଏଥିପାଇଁ ୨ ଚାମଚ ବେସନରେ ୨ ଚାମଚ ସୋରିଷ ତେଲ ମିଶାଇ ମୁହଁରେ ଲଗାନ୍ତୁ। ଧୀରେ ଧୀରେ ଏହାକୁ ମସାଜ କରନ୍ତୁ। ୨-୩ ଥର ଏପରି କରିବା ପରେ ଦେଖିବେ ଲୋମ ଉପୁଡ଼ି ମୁହଁ ସୁନ୍ଦର ଲାଗିବ।



# ପିଲା ଓ ଇ-ଗ୍ୟାଜେଟ୍

ଇଲେକ୍ଟ୍ରୋନିକ ଗ୍ୟାଜେଟ୍ ବର୍ତ୍ତମାନ ଅଧିକାଂଶ ପିଲାଙ୍କ ଦୈନନ୍ଦିନ ଜୀବନର ଏକ ଅଭିନ୍ନ ଅଙ୍ଗ ପାଲଟିଯାଇଛି। ଅଭିଭାବକମାନେ ମଧ ପିଲାଙ୍କୁ ଦୁନିଆ ସହ ଅପ୍‌ଡେଟ୍ ରଖିବା ଆଳରେ ବେଶ୍ ଦାମୀ ଇଲେକ୍ଟ୍ରୋନିକ୍ ଗ୍ୟାଜେଟ୍ ଯୋଗାଇଦେବାକୁ ପଛାଉନାହାନ୍ତି। ହେଲେ ଏସବୁ ଯେ, ଅପରପକ୍ଷେ ସେମାନଙ୍କଠାରେ ଶାରୀରିକ ତଥା ମାନସିକ ସ୍ତରରେ ନକାରାତ୍ମକ ପ୍ରଭାବ ପକାଉଛି , ସେନେଇ ପ୍ରଥମେ ଅଭିଭାବକମାନେ ସଚେତନ ରହିବା ଆବଶ୍ୟକ...





ବର୍ତ୍ତମାନ ପିଲାଙ୍କଠାରେ ଇ-ଗ୍ୟାଜେଟ୍‌ର ବ୍ୟବହାର ବଢ଼ିବାରେ ଲାଗିଛି, ଯାହାକି ସେମାନଙ୍କଠାରେ ବିଭିନ୍ନ ସମସ୍ୟାର କାରଣ ସାଜୁଛି। ତେଣୁ ସେମାନଙ୍କ ସୁରକ୍ଷା ଲାଗି ଅଭିଭାବକମାନେ କେତେକ ଦିଗ ପ୍ରତି ସଜାଗ ରହିବା ଆବଶ୍ୟକ...

▶ ପିଲାଙ୍କୁ ଥରେ ଇ-ଗ୍ୟାଜେଟ୍‌ର ନିଶା ଲାଗିଲେ ସେମାନେ ବାହାରେ ଖେଳିବା ଭୁଲିଯାଇ ଦୀର୍ଘ ସମୟ ବସି ରହି ଏଥିରେ ସମୟ ବିତାଉଛନ୍ତି। ବିଶେଷକରି ସୋସିଆଲ ସାଇଟ୍, ୟୁଟ୍ୟୁବ୍ ଏବଂ ଗେମ୍ ଲାଗି ଘଣ୍ଟା ଘଣ୍ଟା ଇଣ୍ଟରନେଟ୍ ବ୍ୟବହାର କରୁଛନ୍ତି। ଅଧିକ ସମୟ ବସିବା ଯୋଗୁ କାନ୍ଧ, ଆଣ୍ଠୁ, ଅଣ୍ଟା ଓ ପିଠି ଜାକିହୋଇ ରହୁଛି ଆଉ ଏହି ବଦଭ୍ୟାସ ପିଲାବେଳୁ ହିଁ ଅନେକଙ୍କଠାରେ ଗଣ୍ଠିଯନ୍ତ୍ରଣାର କାରଣ ସାଜୁଛି। ଶାରୀରିକ ପରିଶ୍ରମ ଅଭାବ ସାଙ୍ଗକୁ ପିଲାମାନେ ଅଳସୁଆ ହୋଇଯାଉଛନ୍ତି ଏବଂ ଗୋଟିଏ ସ୍ଥାନରେ ବସି ରହି ଖାଇବା ଦ୍ୱାରା ମେଦବହୁଳତାର ଶିକାର ହେଉଛନ୍ତି। ତେଣୁ ପିଲାଙ୍କୁ ଏପରି ଗ୍ୟାଜେଟ୍ ଦେଉଥିଲେ ସେମାନେ ଏହାକୁ କେଉଁ କାର୍ଯ୍ୟ ଲାଗି ବ୍ୟବହାର କରୁଛନ୍ତି ତଦାରଖ କରନ୍ତୁ, ଗୋଟିଏ ସ୍ଥାନରେ ଯେପରି ଦୀର୍ଘ ସମୟ ବସି ନ ରୁହନ୍ତି ଦେଖନ୍ତୁ ଏବଂ ଏକ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରନ୍ତୁ।

▶ସେହିପରି ଇ-ଗ୍ୟାଜେଟ୍ ବ୍ୟବହାର ସମୟରେ ଅନେକ ପିଲା ଖାଇବା ପିଇବା ଭୁଲି ଯାଉଛନ୍ତି ; ଯାହାକି ପରବର୍ତ୍ତୀ ସମୟରେ ସେମାନଙ୍କଠାରେ ଚିଡ଼ିଚିଡ଼ା ଲାଗିବା, ଅବସାଦ, ଅଳସୁଆ ଲାଗିବା, କାର୍ଯ୍ୟକୁଶଳତା ହ୍ରାସ, ଗ୍ୟାସ୍, ବଦହଜମୀ, ହୃଦ୍‌ରୋଗ ସମସ୍ୟା, ଆଖିତଳ କଳା ପଡ଼ିବା, ତ୍ୱଚାରେ କୁଞ୍ଚନ, ମଧୁମେହ, ମେଦବହୁଳତା, ସ୍ମରଣଶକ୍ତି, ଦୃଷ୍ଟିଶକ୍ତି ହ୍ରାସ ହେବା ଭଳି ବିଭିନ୍ନ ସମସ୍ୟା ସହିତ କେତେକ ଦୁସାଧ ରୋଗ ସୃଷ୍ଟି ହେଉଛି। ତେଣୁ ଯଦି ପିଲାଙ୍କୁ ଇ- ଗ୍ୟାଜେଟ୍ ଦେଉଛନ୍ତି ତେବେ ତାଙ୍କ ଖାଦ୍ୟପେୟ ସହ ଶୋଇବା ଯେପରି ଠିକ୍ ରୁହେ ସେଥିପ୍ରତି ଯତ୍ନଶୀଳ ହୁଅନ୍ତୁ।

▶ଇଣ୍ଟରନେଟ୍‌ର ଦୀର୍ଘ ସମୟ ବ୍ୟବହାର ଦ୍ୱାରା ଅନେକ ପିଲା ଇଣ୍ଟରନେଟ୍ ଆଡିକ୍ସନ ଡିସ୍‌ଅର୍ଡର ରୋଗର ଶିକାର ହେଉଛନ୍ତି । ହଠାତ୍ ସେମାନଙ୍କୁ ଏଥିରୁ ନିବୃତ୍ତ ରଖିଲେ ସେମାନଙ୍କଠାରେ ଚିଡ଼ିଚିଡ଼ା ହେବା, ବିନା କାରଣରେ ରାଗିବା କିମ୍ବା ଡିପ୍ରେସନ୍ ବା ଅବସାଦଗ୍ରସ୍ତ ହେବା ଭଳି ଲକ୍ଷଣ ଦେଖାଯାଉଛି। ତେଣୁ ଆରମ୍ଭରୁ ଏଥିପ୍ରତି ଦୃଷ୍ଟି ଦିଅନ୍ତୁ ଏବଂ ସେମାନଙ୍କ ଇଣ୍ଟରନେଟ୍ ବ୍ୟବହାର ଲାଗି ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟ କରନ୍ତୁ।

▶ ଇ-ଗ୍ୟାଜେଟ୍‌ରେ ଭିଡିଓଗେମ୍ ବିଶେଷକରି ଅନ୍‌ଲାଇନ ଗେମ୍ ଖେଳିବା ଅଧିକାଂଶ ପିଲାଙ୍କର ସବୁଠୁ ଅଧିକ ପସନ୍ଦ। ତେବେ ଯେଉଁମାନେ ବାରମ୍ବାର ଫାଇଟିଂ, ରେସିଂ ଆଦି ଗେମ୍ ଖେଳୁଛନ୍ତି ସେମାନଙ୍କ ମାନସିକ ସ୍ତରରେ ଏହାର ନକାରାତ୍ମକ ପ୍ରଭାବ ପଡୁଛି। ଫଳସ୍ୱରୂପ ମନରେ କ୍ରୋଧ, ହିଂସା ଭଳି ଭାବନା ସୃଷ୍ଟି ହେଉଛି । ଦିନକୁ ଦିନ ଅନ୍‌ଲାଇନ ଗେମ୍ ଯୋଗୁ ଏଭଳି ମୃତ୍ୟୁ ସଂଖ୍ୟା ବଢୁଥିବା ଦେଖିବାକୁ ମିଳୁଛି। କେବଳ ଏତିକି ନୁହେଁ, କିଛିଦିନ ପୂର୍ବରୁ ପୋକେମନ୍ ଗୋ ଗେମ୍ ଏବଂ ବର୍ତ୍ତମାନ ବ୍ଲୁହ୍ୱେଲ୍ ଗେମ୍ ଯୋଗୁ ସମଗ୍ର ବିଶ୍ୱରେ ଅନେକଙ୍କ ଜୀବନ ହାନି ହୋଇଥିବା ଘଟଣା ସମଗ୍ର ବିଶ୍ୱରେ ଚହଳ ପକାଇଥିଲା। ତେଣୁ ପିଲାଙ୍କୁ ଇ-ଗ୍ୟାଜେଟ୍ ଦେଉଥିଲେ ସୁରକ୍ଷା ଦୃଷ୍ଟିରୁ ସେ କେଉଁଭଳି ଭିଡିଓଗେମ୍ ଖେଳୁଛି ପ୍ରଥମେ ଦେଖନ୍ତୁ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପିଲାମାନେ ମୋବାଇଲ ହେଉ ଅବା ଲାପ୍‌ଟପ୍, କମ୍ପ୍ୟୁଟର ଇତ୍ୟାଦିରେ ଯେଉଁ ଗେମ୍ ଖେଳୁଛନ୍ତି ତାହା ସେମାନଙ୍କ ସୋସିଆଲ ସାଇଟ୍ ସହିତ ଲିଙ୍କ୍ ଅଛିକି ନାହିଁ ଦେଖନ୍ତୁ। କାରଣ ବର୍ତ୍ତମାନ ସୋସିଆଲ ସାଇଟ୍‌ରେ ଗେମ୍ ଖେଳି ପିଲାଙ୍କ ଆକାଉଣ୍ଟ ହ୍ୟାକ୍ କରି ବିଭିନ୍ନ ଅସାମାଜିକ କାର୍ଯ୍ୟ କରିବା କିମ୍ବା ପିଲାଙ୍କୁ ଅସୁବିଧାରେ ପକାଇବା ଭଳି ଘଟଣା ମଧ ଦେଖିବାକୁ ମିଳୁଛି। ଆପଣ ଚାହିଁଲେ ପ୍ୟାରେଣ୍ଟିଂ କଣ୍ଟ୍ରୋଲ ଜରିଆରେ ମଧ ପିଲାଙ୍କ ଅନ୍‌ଲାଇନ ଗେମ୍ ଖେଳିବାର ସମୟସୀମା କମାଇପାରିବେ।

▶ଅଧିକ ସମୟ ଫୋନ୍, ଟ୍ୟାବ୍, ଲାପ୍‌ଟପ୍, କମ୍ପ୍ୟୁଟର ସ୍କ୍ରିନ୍‌କୁ ଦେଖିବା ଦ୍ୱାରା ପିଲାଙ୍କ ଠାରେ ଚକ୍ଷୁ ସମସ୍ୟା ମଧ ଦେଖାଦେଉଛି। ତେଣୁ ଏଥିପ୍ରତି ସଜାଗ ରୁହନ୍ତୁ। ବିଶେଷକରି ପିଲା ଯେପରି ଅନ୍ଧାରରେ ଏହାକୁ ବ୍ୟବହାର ନ କରେ ଧ୍ୟାନ ଦିଅନ୍ତୁ।

### କ'ଣ କରନ୍ତି ଏମାନେ...



ରୋଜାଲିନ୍



କୃଷ୍ଣପ୍ରିୟା

**କୃଷ୍ଣପ୍ରିୟା ଆଚାର୍ଯ୍ୟ** (କର୍ମଜୀବୀ, ରସୁଲଗଡ଼, ଭୁବନେଶ୍ୱର)- ବର୍ତ୍ତମାନ ସ୍ମାର୍ଟଫୋନ୍‌ରେ ଯେଉଁସବୁ ସୁବିଧା ଉପଲବ୍ଧ, ତାହାକୁ ଦୀର୍ଘ ସମୟ ଧରି ବ୍ୟବହାର କରିବାଠାରୁ ବଡ଼ମାନେ ମଧ ନିଜକୁ ରୋକିପାରୁନାହାନ୍ତି, ଏମିତିରେ ପିଲାମାନେ ବା କେମିତି ସେଥିରୁ ବାଦ୍ ଯିବେ। ପିଲାମାନେ ତ ଏଥିପାଇଁ ଜିଦ୍ କରିବା ସାଧାରଣ କଥା, ହେଲେ ଏହା ଯେପରି ସେମାନଙ୍କର ନିଶା ନ ପାଲଟିଯାଏ ସେଥିପ୍ରତି ଧ୍ୟାନଦେବା ଅଭିଭାବକଙ୍କର ଦାୟିତ୍ୱ। ନିଜ କଥା କହିବି, ସୁରକ୍ଷା ଦୃଷ୍ଟିରୁ ପିଲାଙ୍କୁ ଖୁବ୍ କମ୍ ସମୟ ମୋବାଇଲ ବ୍ୟବହାର କରିବାକୁ ଦେଇଥାଏ। ସେମାନେ ଜିଦ୍ କଲେ ଏହାର ବିଭିନ୍ନ ଅସୁବିଧା ସମ୍ପର୍କରେ ବୁଝାଇଦିଏ।

**ରୋଜାଲିନ୍ ସାହୁ**(ଗୃହିଣୀ, ନିଆଳି, କଟକ)- ଆମମାନଙ୍କ ପିଲାବେଳ ଭଳି ଏବେ ଆଉ ପିଲାମାନଙ୍କୁ ବାହାରେ ଯାଇ ଖେଳିବାକୁ ସୁବିଧା ମିଳୁନି। ତେଣୁ ଏଥିପାଇଁ ସେମାନେ ଇ-ଗ୍ୟାଜେଟ୍ ଉପରେ ନିର୍ଭର କରୁଛନ୍ତି। ଧୀରେ ଧୀରେ ଏହା ସେମାନଙ୍କର ଆଡିକ୍ସନ ପାଲଟିଯାଉଛି ଏବଂ ଅପରପକ୍ଷେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜୁଛି। କେବଳ ଏହି ଡରରେ ନିଜ ଝିଅକୁ ମୋବାଇଲ ଫୋନ୍ ଦେବା ସମୟରେ ବିଭିନ୍ନ ଦିଗ ପ୍ରତି ସଜାଗ ରୁହେ। ଏକ ନିର୍ଦ୍ଦିଷ୍ଟ ସମୟସୀମା ରଖେ ଏବଂ ସେ କ'ଣ ଦେଖୁଛି ବା ଖେଳୁଛି ତଦାରଖ କରେ।

# ଗର୍ଭାବସ୍ଥାରେ ବାନ୍ତି ହେଉଥିଲେ

ହର୍ମୋନ ପରିବର୍ତ୍ତନ ଯୋଗୁ ଗର୍ଭାବସ୍ଥାରେ ଅନେକ ମହିଳାଙ୍କର ବାନ୍ତି ହେବା ଏକ ପ୍ରାକୃତିକ ପ୍ରକ୍ରିୟା। ହେଲେ ବାରମ୍ବାର ବାନ୍ତି ହେବା ବା ଆବଶ୍ୟକରୁ ଅଧିକ ବାନ୍ତି ହେବା ଦ୍ୱାରା ଶରୀର ଡିହାଇଡ୍ରେଟ୍ ହେବା ସହ ଦୁର୍ବଳ ହୋଇଯାଏ। ତେଣୁ କେତେକ ଘରୋଇ ଉପାୟରେ ଏହାକୁ କମ୍ କରାଯାଇପାରିବ। ଜାଣିରଖନ୍ତୁ ସେ ସମ୍ପର୍କରେ...

▶ପ୍ରଥମ କଥା ହେଉଛି ଏ ସମୟରେ ବାରମ୍ବାର ବାନ୍ତି ହେଲେ ଶରୀର ଶୀଘ୍ର ଡିହାଇଡ୍ରେଟ୍ ହୋଇଯିବା ଆଶଙ୍କା ରହିଛି। ତେଣୁ ପ୍ରଚୁର ପାଣି ପିଅନ୍ତୁ। ଏହା ସହ ଫ୍ରୁଟ୍ ଜୁସ୍ ବି ପିଇ ପାରିବେ।

▶ଅଁଳା ଖଣ୍ଡ ପାଟିରେ ଜାକିବା ଦ୍ୱାରା ବାନ୍ତି କମିଥାଏ। ଯଦି ଏହାର ସ୍ୱାଦ ଖରାପ ଲାଗୁଛି ତେବେ ଅଁଳା ମୁରବା ଖାଇଲେ ବାନ୍ତି ସମସ୍ୟାରୁ ଉପଶମ ମିଳିପାରିବ।

▶ଶୁଖିଲା କିମ୍ବା କଞ୍ଚା ଧନିଆକୁ ଗ୍ରାଇଣ୍ଡିଂ କରି ସେଥିରେ ସାମାନ୍ୟ କଳା ଲୁଣ ମିଶାନ୍ତୁ। ଅଧିକ ବାନ୍ତି ହେଉଥିଲେ ମଝିରେ ମଝିରେ ଏହାକୁ ଖାଇବା ଦ୍ୱାରା ବାନ୍ତି କମିବା ସହ ଆରାମ ଲାଗିବ।

▶ତୁଳସୀପତ୍ର ରସରେ ମହୁ ମିଶାଇ ଅଳ୍ପ ଅଳ୍ପ ଚାଟିଲେ ବି ଉପକୃତ ହେବେ।

▶ଅଧିକ ବାନ୍ତି ହେଉଥିଲେ ରାତିରେ କଳା ଚଣା ବା ବୁଟକୁ ପାଣିରେ ଭିଜାଇ ଦିଅନ୍ତୁ ଏବଂ ସକାଳୁ ଉକ୍ତ ପାଣିକୁ ପିଇଦିଅନ୍ତୁ। ଏପରି କରିବା ଦ୍ୱାରା ଉପକୃତ ହେବେ।

▶ଏ ସମୟରେ ଅଦାର ସେବନ ମଧ ହଜମ ଭଲ କରିବା ସହ ଏସିଡିଟି ହେବାକୁ ଦିଏ ନାହିଁ, ଯାହାକି ବାନ୍ତି କମ୍ କରିବାରେ ସାହାଯ୍ୟ କରିଥାଏ। ତେଣୁ ଅଦାରସରେ ମହୁ, ଅଦା ଚା କିମ୍ବା ଅଦା ଚକୋଲେଟ୍ ବା କୁକିଜ୍ ଖାଇଲେ ବାନ୍ତି ସମସ୍ୟା ଦୂର ହୋଇପାରିବ।

▶କମଳାରେ ଥିବା ସାଇଟ୍ରିକ୍ ଏସିଡ୍ ବାନ୍ତି କମ୍ କରିବାରେ ବେଶ୍ ଲାଭଦାୟକ। ତେଣୁ ବାନ୍ତି ହେଲେ କମଳା ଖାଆନ୍ତୁ କିମ୍ବା ଏହାର ଜୁସ୍ ପିଅନ୍ତୁ।

▶ଲେମ୍ବୁ ଶୁଙ୍ଘିବା କିମ୍ବା ଉଷୁମ ପାଣିରେ ଲେମ୍ବୁ ଚିପୁଡ଼ି ପିଇବା ଦ୍ୱାରା ବି ଉପଶମ ମିଳିଥାଏ।

▶ତେବେ ଏସବୁ ଉପଚାର ସହିତ ଯଦି ବାନ୍ତି ନ କମେ ତେବେ ଡାକ୍ତରଙ୍କ ପରାମର୍ଶ ନେବାକୁ ଭୁଲନ୍ତୁ ନାହିଁ।



ଖାଦ୍ୟ ରୁଚି

# ଅଏଲ୍ ଫ୍ରି ଚିକେନ୍ କରି

**ଆବଶ୍ୟକ ସାମଗ୍ରୀ:** କଟା ହୋଇଥିବା ଚିକେନ୍- ୧ କିଗ୍ରା, ୨୫୦ ମିଲିଗ୍ରାମ୍ ଦହି, ୧ ଚାମଚ ଲଙ୍କା ଗୁଣ୍ଡ, ୨ ଚାମଚ ଜିରା, ୧ ଚାମଚ ଧନିଆ ପାଉଡର, ଅଧା ଚାମଚ ଗରମ ମସଲା, ଗୋଟିଏ ଲେମ୍ବୁର ରସ, ଛୋଟ ଛୋଟ କଟା ହୋଇଥିବା ୩ଟି ପିଆଜ, କଟା ହୋଇଥିବା ୩-୪ଟି କଞ୍ଚାଲଙ୍କା, ଛେଚା ହୋଇଥିବା ଅଳ୍ପ ରସୁଣ, ଅଦା, ୨ ଛୋଟ ଚାମଚ ଭିନେଗାର, ସ୍ୱାଦାନୁସାରେ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ଚିକେନ୍‌ରେ ଲେମ୍ବୁ ରସ ଏବଂ ପିଆଜ ଗୋଳାଇ ଏକ ଘଣ୍ଟା ରଖିଦିଅନ୍ତୁ। ତା' ପରେ ଦହିରେ ସମସ୍ତ ମସଲାଗୁଣ୍ଡ ଭଲ ଭାବେ ମିଶାଇ ଦିଅନ୍ତୁ। ଏହାକୁ ଚିକେନ୍‌ରେ ଢାଳି ମିଶାଇ ଦିଅନ୍ତୁ। ବର୍ତ୍ତମାନ ଚୂଲାରେ ଏକ ନନ୍‌ଷ୍ଟିକ୍ ପ୍ୟାନ୍ ଗରମ କରି ସେଥିରେ ଚିକେନ୍ ପକାଇ ଘାଣ୍ଟନ୍ତୁ। ସ୍ୱାଦ ଅନୁସାରେ ଲୁଣ ପକାନ୍ତୁ। ଚିକେନ ସିଝିବା ପରେ ଚୂଲା ବନ୍ଦ କରିଦିଅନ୍ତୁ। ବିନା ତେଲରେ ଆପଣଙ୍କ ଚିକେନ୍ ତରକାରି ପ୍ରସ୍ତୁତ। ସେଥିରେ ଧନିଆ ପତ୍ର ପକାଇ ପରଷନ୍ତୁ।



# ଘର ସଜାଉଥିଲେ

ଘର ସଜାଇବାର ସଉକ ଥିଲେ ଦାମୀ ଫର୍ନିଚର କିମ୍ବା ଡେକୋରେଟିଭ୍ ସାମଗ୍ରୀ ରଖିବା ଯେ ନିହାତି ଆବଶ୍ୟକ ତା' ନୁହେଁ ବରଂ କମ୍ ବଜେଟରେ ୱାଲ୍ ଡେକୋରେଶନ ବି ଆପଣଙ୍କ ଘରକୁ ଦେଇପାରିବ ଆକର୍ଷଣୀୟ ଲୁକ୍...

- ଘରର କାନ୍ଥ ସଜାଇବା ଲାଗି ବିଭିନ୍ନ ପ୍ରକାର ଟାଇଲ ବ୍ୟବହାର କରିପାରିବେ। ଏହା ୱାନ୍ ଟାଇମ୍ ଇନ୍‌ଭେଷ୍ଟମେଣ୍ଟ। ହେଲେ ଆହୁରି କମ୍ ଖର୍ଚ୍ଚରେ କାନ୍ଥ ସଜାଇବାକୁ ଚାହୁଁଥିଲେ ମାର୍କେଟ୍‌ରେ ମିଳୁଥିବା ବିଭିନ୍ନ ପ୍ରକାର ୱାଲ୍ ପେପର ଲଗାଇପାରିବେ।
- ୱାଲ୍ ହ୍ୟାଙ୍ଗିଙ୍ଗ୍ ଲଗାଇବାକୁ ଚାହୁଁଥିଲେ ବିଭିନ୍ନ ପେଣ୍ଟିଂ ଲଗାଇପାରିବେ। ଘରେ ଥିବା ପୁରୁଣା ଫଟୋ ଫ୍ରେମ୍‌ରେ କୌଣସି ସୁନ୍ଦର ପ୍ରିଣ୍ଟେଡ୍ ୱାଲ୍‌ପେପର, କ୍ୟାଲେଣ୍ଡର ଆଦି କାଟି ମଧ ପୁନର୍ବାର ବ୍ୟବହାର କରିପାରିବେ। ନିଜେ ମଧ ପେଣ୍ଟିଂ କିମ୍ବା ପ୍ୟାଚ୍ ୱାର୍କ କରି କାନ୍ଥରେ ଲଗାଇପାରିବେ। ବିଶେଷକରି ଲିଭିଂ ଏବଂ ଷ୍ଟଡି ରୁମ୍ ୱାଲ୍ ଡେକୋରେଶନ ଲାଗି ଏସବୁ ବେଶି ସୁନ୍ଦର ଲାଗିବ।
- ଆପଣଙ୍କର ଆର୍ଟ କିମ୍ବା କ୍ରାଫ୍ଟ ୱାର୍କ ଉପରେ ଜ୍ଞାନ ଥିଲେ କମ୍ ବଜେଟରେ ଘର ସଜାଇବା ଖୁବ୍ ସହଜ ହେବ। ଆପଣ ଥର୍ମୋକୁଲ୍ କିମ୍ବା ଆଇସ୍‌କ୍ରିମ୍ ଷ୍ଟିକ୍‌ରେ ୱାଲ୍ ହ୍ୟାଙ୍ଗିଙ୍ଗ୍, ଫ୍ଲାୱାର ଭେସ୍ ପ୍ରସ୍ତୁତକରି ସେଥିରେ ସୁନ୍ଦର ରଙ୍ଗର ଫୁଲ ରଖିପାରିବେ। ଏହା ମଧ ଆପଣଙ୍କ ଘରର ଇଣ୍ଟେରିୟରକୁ ଅଧିକ ସୁନ୍ଦର କରିବ।
- ଡ୍ରଇଂ ରୁମ୍, ବଡ଼ ହଲ୍ କିମ୍ବା ବାରଣ୍ଡାକୁ ରୟାଲ ଲୁକ୍ ଦେବାକୁ ଚାହୁଁଥିଲେ ନିଜର କୌଣସି ସୁନ୍ଦର ଶାଢ଼ି କିମ୍ବା ଏମ୍ବ୍ରୋଡେରି, ବୁଣା ହୋଇଥିବା ଅବା ଅନ୍ୟ କାମ ହୋଇଥିବା କପଡ଼ାକୁ ବଡ଼ ଓ ଲମ୍ବା କାର୍ଡ ବୋର୍ଡ ଉପରେ ଲଗାଇ କାନ୍ଥରେ ଟଙ୍ଗାଇ ପାରିବେ।





❝ ବର୍ତ୍ତମାନ ବ୍ୟାଙ୍କଗୁଡିକ ଋଣ ଅଭିବୃଦ୍ଧି କ୍ଷେତ୍ରରେ ଏକ ପ୍ରମୁଖ ଚ୍ୟାଲେଞ୍ଜ ସାମ୍ନା କରୁଛନ୍ତି।

–ଶକ୍ତିକାନ୍ତ ଦାସ, ରିଜର୍ଭ ବ୍ୟାଙ୍କ ଗଭର୍ନର



❝ ଟେଲିକମ୍ ସେକ୍ଟର ବନ୍ଦ ହୋଇ ଯାଉ ବୋଲି କେହି ଚାହିଁବେ ନାହିଁ। ସରକାରଙ୍କ ପକ୍ଷରୁ ଏ ନେଇ ଆଗାମୀ ପଦକ୍ଷେପକୁ ନଜର ରଖାଯାଉଛି।

–ରଜନୀଶ କୁମାର, ଏସ୍‌ବିଆଇ ଅଧ୍ୟକ୍ଷ

# ଭାରତ ସହ ଟ୍ରେଡ ଡିଲ୍ ନେଇ ଟ୍ରମ୍ପ ଆଶାବାଦୀ

**ଅହମ୍ମଦାବାଦ, ୨୪–୨**

ଭାରତ ସହ ଏକ ଉତ୍ତମ ବାଣିଜ୍ୟିକ ଚୁକ୍ତି ନେଇ ଆଶାବାଦୀ ଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋମବାର କହିଛନ୍ତି। ସେ ଏବେ ଭାରତ ଗସ୍ତରେ ଥିବା ବେଳେ ମୋଟେରା ଷ୍ଟାଡିୟମଠାରେ ନମସ୍ତେ ଟ୍ରମ୍ପ କାର୍ଯ୍ୟକ୍ରମକୁ ସମ୍ବୋଧିତ କରିଛନ୍ତି। ସେ କହିଛନ୍ତି ଯେ, ଦୁଇ ଦେଶ ମଧ୍ୟରେ ସମ୍ପାଦିତ ହେବାକୁ ଥିବା ବାଣିଜ୍ୟ ଚୁକ୍ତି ସବୁଠାରୁ ବଡ ହେବ। ଏଥିଲାଗି ଭାରତ ଆମେରିକା ଆଲୋଚନାର ପ୍ରାଥମିକ ପର୍ଯ୍ୟାୟରେ ରହିଛନ୍ତି। ଚୁକ୍ତି ସଫଳ ହେଲେ ଏହା ନିବେଶ କ୍ଷେତ୍ରରେ ସବୁ ପ୍ରକାରର ପ୍ରତିବନ୍ଧକକୁ ଦୂର କରିବାରେ ସକ୍ଷମ ହେବ ବୋଲି ସେ ମତ ଦେଇଛନ୍ତି। ଦୁଇ ଦେଶ ମଧ୍ୟରେ ଅର୍ଥନୈତିକ ସମ୍ପର୍କ କିଭଳି ବୃଦ୍ଧିପାଇବ ସେ ନେଇ ଦୁଇ ଲିଡର ଆଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଣେ ଟଫ୍ ନେଗୋସିଏଟର(କଠୋର) ବୋଲି ଟ୍ରମ୍ପ ମତ ଦେଇଛନ୍ତି।

ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ୪୦% ବଢିଛି। ଆମେରିକାର ରପ୍ତାନି କ୍ଷେତ୍ରରେ ଭାରତ ଏକ ପ୍ରମୁଖ ବଜାର ଭାବେ ଉଭା ହୋଇଛି। ସେହିଭଳି ନୂଆଦିଲ୍ଲୀ ଲାଗି ଆମେରିକା ସର୍ବବୃହତ୍ ବଜାର ହୋଇପାରିଛି। ଆମେରିକାର ବିକାଶ ଉଭୟ ଭାରତ ଏବଂ ବିଶ୍ୱ ଲାଗି ଭଲ। ଆମେରିକାରେ ବାଣିଜ୍ୟ କ୍ଷେତ୍ରରେ ରହିଥିବା ଅସୁବିଧାକୁ ଦୂର କରିବା ସହ ନିଯୁକ୍ତି ଏବଂ ସୁଯୋଗ ସୃଷ୍ଟି ଦିଗରେ କାର୍ଯ୍ୟକ୍ରମ ଜାରି ରହିଛି। ନୂଆ ନିବେଶକୁ ପ୍ରୋତ୍ସାହିତ କରିବା ସହ ଅମଲାତନ୍ତ୍ରର ଅଯଥା ହସ୍ତକ୍ଷେପ, ନାଲିଫିତାବାଦ,ଟିକସ ଏବଂ ନିୟମ କ୍ଷେତ୍ରରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଥିବା ସେ ସ୍ପଷ୍ଟ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସଂସ୍କାରଧାରା ହାତକୁ ନେଇଥିବା ଟ୍ରମ୍ପ ଏଥିରେ ମତବ୍ୟକ୍ତ କରିଛନ୍ତି। ଭାରତର ବାଣିଜ୍ୟିକ କାର୍ଯ୍ୟକଳାପ ଦ୍ରୁତ ହାରରେ ବଢୁଛି। ଏହାକୁ ସାରା ବିଶ୍ୱ ଏବେ ଚାହିଁ ରହିଛି। ରେକର୍ଡ ସମୟ ମଧ୍ୟରେ ମୋଦି ଏସବୁ କରିବାକୁ ସକ୍ଷମ ହୋଇଥିବା ଟ୍ରମ୍ପ କହିଛନ୍ତି।

ଆମେରିକା ସହ ଭାରତର ବାଣିଜ୍ୟ ସମ୍ପର୍କ ଅନେକ ଗୁରୁତ୍ୱ ବହନ କରୁଛି। ଟ୍ରମ୍ପଙ୍କ ଗସ୍ତ ସମୟରେ ଏହି ବାଣିଜ୍ୟ ଚୁକ୍ତି ସମ୍ପର୍କରେ ଘୋଷଣା ହୋଇପାରେ ବୋଲି ଆଶା କରାଯାଉଛି। ଉଭୟ ଦେଶ ଏବେ କୃଷି, ଡାଟା ସୁରକ୍ଷା ଏବଂ ସ୍ଥାନୀୟକରଣ, ଡେରୀ, ଇ–କମର୍ସ ଭଳି ଅନ୍ୟ କେତେକ କ୍ଷେତ୍ରରେ ରହିଥିବା ସମସ୍ୟାକୁ ସମାଧାନ କରିବା ଦିଗରେ ସକ୍ଷମ ହୋଇପାରି ନାହାନ୍ତି। ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଡିଲ ହେଲେ ଆପୋଷ ବୁଝାମଣାରେ ହେବ। ଏହାଦ୍ୱାରା ଭାରତର ସ୍ୱାର୍ଥରେ କୌଣସି ଆଞ୍ଚ୍ ଆସିବ ନାହିଁ ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଅଧିକାରୀଙ୍କ କହିବା ମୁତାବକ ଆମେରିକା ନିକଟରେ ଆଉ କିଛି ଦାବି ନୂଆ କରି ରଖିଛି। ବାଣିଜ୍ୟିକ ଆଲୋଚନା ଏବେ ଚାଲୁ ରହିଛି। ଦୁଗ୍ଧଜାତ ସାମଗ୍ରୀ ଲାଗି ଭାରତ ଏକ ବଡ ବଜାର ବୋଲି ଆମେରିକା ବିଚାର କରୁଛି। ମାତ୍ର ଭାରତୀୟ ଗ୍ରାହକଙ୍କ ମନୋଭାବ ଏବଂ ସମାଜ ପ୍ରଭାବିତ ହେଲା ଭଳି ଏମିତି କିଛି କାମ ନ ହେଉ ତାକୁ ମଧ୍ୟ ଭାରତ ବିଚାର କରୁଛି। ଏହାବାଦ୍ ଅଖରୁଟ, ସେଓ, ମେଡିକାଲ ଡିଭାଇସ ଉପରେ ପ୍ରାଇସ କ୍ୟାପ ହଟାଇବା, ୧୬୦୦ ସିସି ବାଇକ ଉପରେ ସୀମା ଶୁଳ୍କ ହଟାଇବା ଭଳି ଅନେକ ପ୍ରସଙ୍ଗ ଉପରେ ଆମେରିକା ଭାରତ ସହ ଆଲୋଚନା କରିବ। ଏହାବାଦ ସୂଚନା ଏବଂ ପ୍ରଯୁକ୍ତି ପ୍ରଡକ୍ଟଗୁଡିକ ଉପରେ ଭାରତ ବଜାରରେ ଉପଲବ୍ଧତା ବଢାଇବାକୁ ଆମେରିକା ପ୍ରୟାସ କରୁଛି।

ଏହାବାଦ୍ ଭାରତ ସହ ଉଚ୍ଚ ବାଣିଜ୍ୟ ନିଅଣ୍ଟକୁ ନେଇ ଆମେରିକା ଆଶଙ୍କାରେ ରହିଛି। ସେହିଭଳି ଭାରତ ଜେନେରାଲାଇଜ୍‌ଡ ସିଷ୍ଟମ ଅଫ୍ ପ୍ରିଫରେନ୍ସ(ଜିଏସ୍‌ପି) ପ୍ରୋଗ୍ରାମ ଅଧୀନରେ ଆମେରିକାଠାରୁ ରପ୍ତାନି ପ୍ରୋତ୍ସାହନ ଆଶା କରୁଛି। ଏହି କାର୍ଯ୍ୟକ୍ରମ ଅଧୀନରେ ଭାରତ ଆମେରିକାକୁ ୬.୫ ବିଲିୟନ ଡଲାରର ସାମଗ୍ରୀ ପ୍ରେରଣ କରୁଥିଲା। ଆମେରିକା ଯଦି ଏହି ସୁବିଧାକୁ ପୁଣି ଥରେ ପ୍ରଦାନ କରେ ତେବେ ଭାରତ ଲାଗି ଏହା ପୁଣି ଥରେ ଲାଭକାରୀ ସାବ୍ୟସ୍ତ ହେବ। ଜିଏସ୍‌ପିରେ ଭାରତ ଆମେରିକାକୁ ୧୯୦୦ ସାମଗ୍ରୀ ପଠାଇ ଥାଏ। ଏହା ମଧ୍ୟରେ କେମିକାଲ, ଇଞ୍ଜିନିୟରିଂ ସମେତ ଅନ୍ୟ ପ୍ରଡକ୍ଟ ସାମିଲ ରହିଛି। ଗତ ବର୍ଷ ଏହି ମାନ୍ୟତାକୁ ଆମେରିକା ପ୍ରତ୍ୟାହାର କରି ନେଇଛି। ଏହାବାଦ ଘରୋଇ ପ୍ରଫେଶନାଲଙ୍କ ପାଇଁ ଭିଜା ଫି ହ୍ରାସ, କେତେକ ଇସ୍ପାତ ଏବଂ ଆଲୁମିନିୟମ ପ୍ରଡକ୍ଟ ବର୍ଗରେ ଆମେରିକା ଲାଗୁ କରୁଥିବା ଉଚ୍ଚ ପରିମାଣର ଟିକସରେ ହ୍ରାସ, କୃଷି ଜାତୀୟ ସାମଗ୍ରୀ, ଅଟୋମୋବାଇଲ, ଅଟୋମୋବାଇଲ କମ୍ପୋନେଣ୍ଟ ଏବଂ ଇଞ୍ଜିନିୟରିଂ ପ୍ରଡକ୍ଟ ଲାଗି ଆମେରିକାରେ ଏକ ବଡ ବଜାର ଆଶାରେ ଭାରତ ରହିଛି।

ଏପଟେ ଭାରତ ଆମେରିକା ପ୍ରଡକ୍ଟ ଉପରେ ସବୁବେଳେ ଅଧିକ ଟିକସ ଲଗାଉଥିବା କହି ଭାରତକୁ ଟାରିଫ କିଙ୍ଗ୍ ବୋଲି ଟ୍ରମ୍ପ ଅଭିଯୋଗ କରୁଛନ୍ତି। ଗତ ବର୍ଷ ଜୁନରେ ୨୮ ଆମେରିକା ପ୍ରଡକ୍ଟ ଉପରେ ଉଚ୍ଚ ଟିକସ ଲାଗୁ କରାଇବା ପାଇଁ ଭାରତ ଘୋଷଣା କରିଥିଲା। ୱାଶିଂଟନ ଭାରତର ଷ୍ଟିଲ ଏବଂ ଆଲୁମିନିୟମ ପ୍ରଡକ୍ଟ ଉପରେ ଟିକସ ବଢାଇବା ପରେ ଭାରତ ଏଭଳି ନିଷ୍ପତ୍ତି ନେଇଥିଲା। ଆମେରିକା ଏବେ ଚାଇନାକୁ ଟପି ଭାରତର ପ୍ରମୁଖ ବାଣିଜ୍ୟ ଅଂଶୀଦାର ହୋଇଛି। ୨୦୧୮–୧୯ରେ ଭାରତ ଆମେରିକାକୁ ୫୨.୪ ବିଲିୟନ ଡଲାରର ସାମଗ୍ରୀ ରପ୍ତାନି କରିଛି। ଏହି ସମୟରେ ଆମେରିକାରୁ ଭାରତ ୩୫.୫ ବିଲିୟନ ଡଲାରର ସାମଗ୍ରୀ ଆମଦାନୀ କରିଛି। ଏହାବାଦ୍ ବାଣିଜ୍ୟ ନିଅଣ୍ଟ ୨୦୧୭–୧୮ରେ ୨୧.୩ ବିଲିୟନ ଥିବା ବେଳେ ୨୦୧୮–୧୯ରେ ୧୬.୯ ବିଲିୟନ ଡଲାର ରହିଛି। ୨୦୧୮–୧୯ରେ ଭାରତ ଆମେରିକାଠାରୁ ୩.୧୩ ବିଲିୟନ ଡଲାରର ଏଫ୍‌ଡିଆଇ ଲାଭ କରିଛି। ଏହା ୨୦୧୭–୧୮ରେ ୨ ବିଲିୟନ ଡଲାରଥିଲା। ଦୁଇ ଦେଶ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତି ହେଲେ ଏହାଦ୍ୱାରା ଉଭୟ ଦେଶ ଲାଭବାନ ହୋଇପାରିବେ।



- ଦୁଇ ଦେଶ ମଧ୍ୟରେ ଆଲୋଚନା ଚାଲୁ ରହିଛି
- ସବୁଠାରୁ ବଡ ହେବ ବାଣିଜ୍ୟ ଚୁକ୍ତି
- ମୋଦି ଜଣେ ଟଫ୍ ନେଗୋସିଏଟର:ଟ୍ରମ୍ପ
- ଭାରତ ଆମେରିକା ଦ୍ୱିପାକ୍ଷିକ ବାଣିଜ୍ୟ ୪୦% ବଢିଛି

## ଟ୍ରମ୍ପଙ୍କ ଗସ୍ତକୁ ନେଇ ଶେୟାର ବଜାର ଖୁସି ନୁହଁ

**ନୂଆଦିଲ୍ଲୀ, ୨୪–୨:** ସୋମବାରଠାରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଗସ୍ତରେ ଆସିଛନ୍ତି। ଭାରତରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି। ହେଲେ ତାଙ୍କ ଗସ୍ତକୁ ନେଇ ଦେଶର ଶେୟାର ବଜାର ଖୁସି ନ ଥିବା ପରି ଲାଗୁଛି। ଶେୟାର ବଜାର ଉପରେ କରୋନା ଭାଇରସର ପ୍ରଭାବ ଭାରି ପଡିଛି। କରୋନା ଭାଇରସ ପ୍ରଭାବରେ ସୋମବାର ଶେୟାର ବଜାର ସୂଚକାଙ୍କ ବୃହତ୍ ପରିମାଣର ହ୍ରାସ ହେବା ସହ ବନ୍ଦ ହୋଇଥିଲା। ୩୦ ଶେୟାର ବିଶିଷ୍ଟ ସେନସେକ୍ସ ୮୦୬.୮୯ ପଏଣ୍ଟ ଖସିଥିବା ବେଳେ ୪୦,୩୬୩.୨୩ ସ୍ତରରେ ବନ୍ଦ ହୋଇଛି। ସେହିଭଳି ନିଫ୍ଟି ୨୫୧.୪୫ ପଏଣ୍ଟ ଖସିବା ସହ ୧୧,୮୨୯.୪୦ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ଏହି ସମୟ ମଧ୍ୟରେ ସେନସେକ୍ସରେ ୧.୯୬% ଏବଂ ନିଫ୍ଟିରେ ୨.୦୧% ହ୍ରାସ ଘଟିଛି। କରୋନା ଯୋଗୁ ବର୍ତ୍ତମାନ ୨୫୦୦ ଲୋକଙ୍କ ମୃତ୍ୟୁ ଘଟିଛି। ୭୭ ହଜାର ଲୋକ ଏହାଦ୍ୱାରା ସଂକ୍ରମିତ ହୋଇଛନ୍ତି। ସେନସେକ୍ସର ପ୍ରାୟ ସବୁ କମ୍ପାନୀଙ୍କ ଶେୟାର କାରବାର ପ୍ରଭାବିତ ହୋଇଛି। ଟାଟା ଷ୍ଟିଲରେ ସର୍ବାଧିକ ୬.୩୯% ହ୍ରାସ ଘଟିଛି। କରୋନା ଯୋଗୁ ଦକ୍ଷିଣ କୋରିଆରେ ୭୬୩ ଲୋକ ମୃତ୍ୟୁମୁଖରେ ପଡିଛନ୍ତି।

## ‘ଷ୍ଟାର୍ଟଅପ୍ କରୁଥିବା ବ୍ୟକ୍ତି ହୋଇ ପାରିବେ ଧୀରୁଭାଇ ଅମ୍ବାନୀ’



- ଭାରତ ହେବ ତୃତୀୟ ବୃହତ୍ତ ଅର୍ଥନୀତି: ମୁକେଶ ଅମ୍ବାନୀ
- ସବୁ ବର୍ଗକୁ ଲାଭ ଦେଲା ଭଳି ଟେକ୍ନୋଲୋଜି ଆଣନ୍ତୁ ଭାରତୀୟ ସିଇଓ: ସତ୍ୟ ନାଡେଲା

**ନୂଆଦିଲ୍ଲୀ, ୨୪–୨:** ଛୋଟ ଛୋଟ ବ୍ୟବସାୟ କରୁଥିବା ବ୍ୟକ୍ତିବିଶେଷ ଦିନେ ବହୁତ ବଡ ହେବାର ସମ୍ଭାବନା ରହିଛି। ଦେଶରେ ଷ୍ଟାର୍ଟ ଅପ୍ କରୁଥିବା ବ୍ୟକ୍ତି ଦିନେ ଧୀରୁଭାଇ ଅମ୍ବାନୀ ହୋଇପାରିବେ ବୋଲି ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ସୋମବାର କହିଛନ୍ତି। ଏହିଭଳି କାରଣ ଯୋଗୁ ଭାରତ ଅନ୍ୟ ଦେଶଠାରୁ ଭିନ୍ନ ହୋଇପାରିଛି। ୪୦ ବର୍ଷ ପୂର୍ବେ ଏକ ଟେବୁଲରୁ ରିଲାଏନ୍ସର ଯାତ୍ରା ଆରମ୍ଭ ହୋଇଥିଲା ହେଲେ ଏହା ବର୍ତ୍ତମାନ ବହୁତ ବଡ କମ୍ପାନୀ ହୋଇସାରିଥିବା ମୁକେଶ କହିଛନ୍ତି। ପ୍ରବାସୀ ଭାରତୀୟ ସତ୍ୟ ନାଡେଲା ମଧ୍ୟ ସୋମବାରଠାରୁ ଭାରତ ଗସ୍ତରେ ଅଛନ୍ତି। ମୁମ୍ବାଇରେ ଅନୁଷ୍ଠିତ ଡିକୋଡ ସିଇଓ ୨୦୨୦ କାର୍ଯ୍ୟକ୍ରମରେ ମୁକେଶ ଅମ୍ବାନୀ ଏବଂ ସତ୍ୟ ନାଡେଲା ଏକ କାର୍ଯ୍ୟକ୍ରମରେ ଗୋଟିଏ ମଞ୍ଚରେ ଦେଖାଯାଇଥିଲେ। ଟ୍ରମ୍ପଙ୍କ ଗସ୍ତକୁ ନେଇ ମୁକେଶ କହିଛନ୍ତି ଯେ, ଆମେରିକାର ଅନ୍ୟ ରାଷ୍ଟ୍ରପତିଙ୍କ ଗସ୍ତଠାରୁ ଏହା ଭିନ୍ନ। ମାଇକ୍ରୋସଫ୍ଟ ଏବଂ ରିଲାଏନ୍ସର ସହଭାଗିତା ଆଜିର ସମୟ ଲାଗି ଅନେକ ଗୁରୁତ୍ୱ ବହନ କରୁଥିବା ମୁକେଶ କହିଛନ୍ତି।

ଅଗଷ୍ଟ ୨୦୧୯ରେ ଦୁଇ କମ୍ପାନୀ ମିଳିତ ହୋଇ କ୍ଲାଉଡ ଇନ୍‌ଫ୍ରାଷ୍ଟ୍ରକଚର ଆଜୁରେ ନେଇ ଚୁକ୍ତିରେ ସାମିଲ ହୋଇଥିଲେ। ଷ୍ଟାର୍ଟଅପ କମ୍ପାନୀଗୁଡିକୁ ମାଗଣାରେ ସଂଯୋଗ ଏବଂ କ୍ଲାଉଡ ସେବା ଯୋଗାଣ ଦିଗରେ ଏହି ଚୁକ୍ତି ସହାୟକ ହେବ। ୨୦୨୧ ଜାନୁୟାରୀ ପହିଲାରୁ ଏହା କାର୍ଯ୍ୟକାରୀ ହେବ। ଜିଓ ଯୋଗୁ ଡାଟା ବହୁତ ଶସ୍ତା ହୋଇଥିବା ଏହି ଅବସରରେ ମୁକେଶ ମତ ରଖିଛନ୍ତି। ଦେଶ ମଧ୍ୟରେ ଉନ୍ନତ ମୋବାଇଲ ଡିଜିଟାଲ ନେଟୱର୍କ ରହିଥିବା ଯୋଗୁ ଭାରତ ସାରା ବିଶ୍ୱରେ ଏକ ପ୍ରମୁଖ ଡିଜିଟାଲ ସୋସାଇଟି ହେବାର କ୍ଷମତା ରଖୁଛି। ଆଗାମୀ ଦଶନ୍ଧିରେ ଭାରତ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି ହେବ ବୋଲି ସେ ଆଶା ପ୍ରକଟ କରିଛନ୍ତି। ସବୁ ବର୍ଗକୁ ଲାଭ ଦେଲା ଭଳି ଟେକ୍ନୋଲୋଜି ସମାଧାନ ପ୍ରଦାନ ଦିଗରେ ଭାରତୀୟ ସିଇଓ ମାନେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ମାଇକ୍ରୋସଫ୍ଟ ସିଇଓ ସତ୍ୟ ନାଡେଲା ଏଥିରେ ମତ ପ୍ରକାଶ କରିଛନ୍ତି।

# ୧.୦୫ ଲକ୍ଷ କୋଟି ଟଙ୍କା ନିବେଶ କରିବ ଗେଲ୍

**ନୂଆଦିଲ୍ଲୀ, ୨୪–୨**

ଦେଶର ସର୍ବବୃହତ୍ ଗ୍ୟାସ କମ୍ପାନୀ ଗେଲ୍ ଇଣ୍ଡିଆ ଲିମିଟେଡ ଆଗାମୀ ୫ ବର୍ଷରେ ୧.୦୫ ଲକ୍ଷ କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରିବା ନେଇ ଲକ୍ଷ୍ୟ ରଖିଛି। ପାଇପ ଲାଇନ ସମ୍ପ୍ରସାରଣ, ସହରୀ ଗ୍ୟାସ ବିତରଣ ନେଟୱର୍କ, ପେଟ୍ରୋକେମିକାଲ ଉତ୍ପାଦନ କ୍ଷମତା ବଢାଇବା ଦିଗରେ ଏହି ନିବେଶ କରାଯିବ ବୋଲି କମ୍ପାନୀର ନୂଆ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ମନୋଜ ଜୈନ ସୂଚନା ଦେଇଛନ୍ତି। ବର୍ତ୍ତମାନ ଦେଶ ମଧ୍ୟରେ ପ୍ରାକୃତିକ ବାଷ୍ପ ବାସ୍କେଟ ୬.୨% ରହିଛି। ଏହାକୁ ୨୦୩୦ ସୁଦ୍ଧା ଦେଶର ମୋଟ ଏନର୍ଜି ବ୍ରାକେଟର ୧୫%କୁ ବଢାଇବା ଦିଗରେ ସରକାର ପ୍ରୟାସ ଜାରି ରଖିଛନ୍ତି। ଏହି ଧାରାରେ ଦେଶର ପୂର୍ବଭାଗ, ଉତ୍ତର–ପୂର୍ବ ଭାଗ ସହ ଦକ୍ଷିଣ ଭାଗର ଗ୍ରାହକଙ୍କୁ ଗ୍ୟାସ ପାଇପ ଯୋଗେ ଅଧିକ ସେବା ଯୋଗାଣ ନେଇ ଯୋଜନା କରାଯାଇଛି। ପାଇପ ଲାଇନ ବିଛାଇବା ଲାଗି ୪୫ ହଜାର ଟଙ୍କାରୁ ୫୦ ହଜାର ଟଙ୍କାର କ୍ୟାପେକ୍ସ, ପେଟ୍ରୋକେମିକାଲ୍ସର କ୍ଷମତା ସମ୍ପ୍ରସାରଣ ଲାଗି ୧୦ ହଜାର କୋଟି ପୁଞ୍ଜି ବ୍ୟବସ୍ଥା ଏବଂ ସିଟି ଗ୍ୟାସ ଡିଷ୍ଟ୍ରିବ୍ୟୁଶନ(ସିଜିଡି) ପ୍ରକଳ୍ପରେ ୪୦ ହଜାର କୋଟି ଟଙ୍କା ପୁଞ୍ଜି ବିନିଯୋଗ ହେବ ବୋଲି ସେ ଖବରଦାତା କାର୍ଯ୍ୟକ୍ରମରେ ସୂଚନା ଦେଇଛନ୍ତି। ପ୍ରଦୂଷଣ ମୁକ୍ତ ଫୁଏଲ ଯୋଗାଣ ଏବଂ ପ୍ରଧାନମନ୍ତ୍ରୀଙ୍କ ଗ୍ୟାସଭିତ୍ତିକ ଅର୍ଥନୀତିକୁ ପ୍ରୋତ୍ସାହନ କାର୍ଯ୍ୟକ୍ରମ ଅନ୍ତର୍ଗତ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି ସେ ମତ ପ୍ରକାଶ କରିଛନ୍ତି।

# ବଲିଉଡର ୭ ପ୍ରଡକ୍ସନ ହାଉସ ଉପରେ ଆଇଟି ସର୍ଭେ

**ନୂଆଦିଲ୍ଲୀ, ୨୪–୨**

ବଲିଉଡର ୭ ପ୍ରଡକ୍ସନ ହାଉସ ଉପରେ ଆୟକର (ଆଇଟି) ବିଭାଗ ପକ୍ଷରୁ ସର୍ଭେ କରାଯାଇଛି। ଏହା ମଧ୍ୟରେ କରନ ଜୋହରଙ୍କ ଧର୍ମା ପ୍ରଡକ୍ସନ ଏବଂ ଏକତା କପୁରଙ୍କ ବାଲାଜି ଟେଲିଫିଲ୍ମ ଭଳି ପ୍ରମୁଖ ହାଉସ ରହିଛନ୍ତି। ଏହାବାଦ ରିତେଶ ସିଧ୍ୱାନୀ ଏବଂ ଫରହାନ ଅଖତରଙ୍କ ଏକ୍ସେଲ ଏଣ୍ଟରଟେନମେଣ୍ଟ, ବାସୁ ଭଗନାନୀଙ୍କ ପୂଜା ଏଣ୍ଟରଟେନମେଣ୍ଟ ଆଣ୍ଡ ଫିଲ୍ମ, ମ୍ୟାଡକ ଫିଲ୍ମ, ଲଭ୍ ଫିଲ୍ମ ଏବଂ ଜାର ପିକଚର ଭଳି ହାଉସ ମଧ୍ୟ ରହିଛନ୍ତି। ଏକ୍ସଟ୍ରା ଅନ୍ତର୍ଗତ ଏହି ଫାର୍ମ ଗୁଡିକରେ କାର୍ଯ୍ୟ କରୁଥିବା ଲୋକଙ୍କୁ ଦିଆଯାଉଥିବା ପାରିଶ୍ରମିକରେ ଟିଡିଏସ୍ କମ୍ କଟାଯାଇଥିବା ବିଭାଗ ସନ୍ଦେହ କରିଛି। ଗୋଟିଏ ଦଶନ୍ଧି ହେବ ଏକ୍ସଟ୍ରା ଲାଗି ୨% ଟିଡିଏସ୍ ଫାର୍ମଗୁଡିକ କାଟୁଛନ୍ତି। ଏ କ୍ଷେତ୍ରରେ ୧୦% ଟିଡିଏସ୍ କଟାଯିବା କଥା ବୋଲି ଆୟକର ବିଭାଗ କିନ୍ତୁ ଯୁକ୍ତିରେ କହିଛି। ଏହି ମାମଲାରେ କିଛି ପ୍ରଡକ୍ସନ ହାଉସ ଉପରେ ଚଡାଉ ମଧ୍ୟ କରାଯାଇଛି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

FINANCE

DHANLAXMI FINANCE
DHANLAXMIଋଣ 2%ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
ଯେବେ କଉଠି ନ ମିଳେ ଲୋନ୍ ଆମକୁ କରନ୍ତୁ ଫୋନ୍
Plot No-14/524, Chandini Chowk, Kolkata
8146524009
8607786347

JAGRUTI FINANCE
Jagruti Finance ସମସ୍ତ ପ୍ରକାର Loan ଯୋଗାଇ ଦେଉଛି। ସୁଧ 2%, ବିଶେଷ ରିହାତି ଅଛି। ମାର୍କଶିଟ୍, କୃଷି, ବ୍ୟକ୍ତିଗତ ଗୃହଋଣ, ବ୍ୟବସାୟ ଓ ପଶୁପାଳନ। Online ସୁବିଧା ଅଛି।
8280202796
7750826959
8763049235
T-62, Yamuna puri, Exit Delhi, Gosainpada, Mahulpalli, Sambalpur-768227

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ପଇସା ଆମର ସଫଳତା ଆପଣଙ୍କର (ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ |50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
9990624548
7982465910

FINANCE
ସରକାରୀ ଯୋଜନା ଦ୍ୱାରା All Odisha ଋଣ ନିକର ମାର୍କସିଟ, ଆଧାରକାର୍ଡ, କୃଷି ଋଣ ମାତ୍ର ୦% ସୁଧ ୫୦% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
Call / SMS Now
Rupali - 8963951185
Sweta - 8963979286
Riya - 9630505037
Sandhya - 8878040343
Niddhi - 7587695952
Vasundhara Mall, West Boring Canal Rd, Rajapur, Patna, Bihar 800001

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
78950-82886
73765-91521
B-34/7 A Block Vijay Enclave, Bururi, New Delhi

ସହଜ କିସ୍ତିରେ ଋଣ
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ମୁଦ୍ରା ଫାଇନାନ୍ସ
ଆଣିଛନ୍ତି ଓଡ଼ିଶାରେ ପ୍ରଥମ ଥର ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତି
ଆଧାରକାର୍ଡ | ରାଶନକାର୍ଡ | ପର୍ସନାଲ | ପ୍ରପର୍ଟି | ଏଗ୍ରିକଲ୍ଚର | ବ୍ୟବସାୟ | ଗୃହ ଋଣ | ଟୁ-ହ୍ୱିଲର୍ | ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
Online ସୁବିଧା ଉପଲବ୍ଧ
9540066083
9540066027
M.P. Nagar, Zone-1, Bhopal, Madhya Pradesh.

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଆଜି ହିଁ ସଂମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: galaxytower1999@gmail.com
WhatsApp No
9479667248

ଡିଜିଟାଲ ଇଣ୍ଡିଆ ସ୍କିମ୍ ଦ୍ୱାରା ନିଜ ଖାଲି ଜମି, ଛାତରେ ଟାୱାର୍ ଲଗାନ୍ତୁ (ଅଗ୍ରିମ–୬୦,୦୦,୦୦୦) ଭଡ଼ା 45,000। ସରକାରୀ ନିର୍ଦ୍ଦେଶ– କୌଣସି ଟାୱାର/ ଫାଇନାନ୍ସ କମ୍ପାନୀ ସହ କଥାବାର୍ତ୍ତା ଚାଲିଥିଲେ ପ୍ରଥମେ କଲ୍ କରି ସୂଚନା ନିଅନ୍ତୁ ଯେ କମ୍ପାନୀ ଠିକ୍ କି ନୁହେଁ ଏବଂ ଅଭିଯୋଗ କରି ଟଙ୍କା ଫେରସ୍ତ ପାଆନ୍ତୁ (ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରାନ୍ତୁ ଏବଂ ଟାୱାର ମଧ୍ୟ ଲଗାନ୍ତୁ)।
ମୋ. 9411277198

DHARITRI Career appointment Every Wednesday and Saturday

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର



ଭାରତ ବିପକ୍ଷ ପ୍ରଥମ ଟେଷ୍ଟରେ ଯୋଜନାକୁ ଠିକଣା ରୂପେ କାର୍ଯ୍ୟକାରୀ କରିପାରିଥିବାରୁ ଆମେ ବିଜୟ ଲାଭ କରିପାରିଲୁ ।

–କେନ୍ ୱିଲିୟମସନ, ନ୍ୟୁଜିଲାଣ୍ଡ କ୍ରିକେଟ ଅଧିନାୟକ



ଚଳିତ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜରେ ଭଲ ସ୍କୋର କରିପାରି ନ ଥିଲେ ମଧ୍ୟ ଏହା ମୋ ବ୍ୟାଟିଂ ଶୈଳୀକୁ ପ୍ରଭାବିତ କରିବ ନାହିଁ ।

–ବିରାଟ କୋହଲି, ଭାରତୀୟ କ୍ରିକେଟ ଅଧିନାୟକ

## ସଂକ୍ଷେପରେ

### ପଡ଼ିଆକୁ ଫେରିବେ ଫିଟ୍ ହାର୍ଦ୍ଦିକ ପାଣ୍ଡ୍ୟା

**ମୁମ୍ବାଇ, ୨୪।୨:** ନ୍ୟୁଜିଲାଣ୍ଡରେ ଭାରତୀୟ ଦଳ ସଂଘର୍ଷ କରାଯାଉଥିବା ବେଳେ ଏକ ଭଲ ଖବର ସାମ୍ନାକୁ ଆସିଛି। ଅସ୍ତ୍ରୋପଚାର କରାଯିବାର ୫ ମାସ ପରେ ହାର୍ଦ୍ଦିକ ପାଣ୍ଡ୍ୟା ଫିଟ୍ ହୋଇଛନ୍ତି। ଦୀର୍ଘଦିନର ବ୍ୟବଧାନ ପରେ ପାଣ୍ଡ୍ୟା ପଡ଼ିଆକୁ ଓହ୍ଲାଇବେ। ୨୬ ବର୍ଷୀୟ ପାଣ୍ଡ୍ୟା ଡି. ୱାଇ. ପାଟିଲ ଟି୨୦ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବେ। ରିଲାଏନ୍ସ ୱାନ୍ ୩ ମ୍ୟାଚ୍ ଚଳିତମାସ ୨୫, ୨୮ ଓ ମେ ୩ ତାରିଖରେ ଖେଳିବ। ରିଲାଏନ୍ସ ୱାନ୍ ଦଳରେ ହାର୍ଦ୍ଦିକଙ୍କ ନାମ ରହିଛି। ସେ ଡି.ୱାଇ. ପାଟିଲ ଟି୨୦ ଟୁର୍ନାମେଣ୍ଟରେ ଖେଳିବେ। ତାଙ୍କୁ ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ) ଏହି ସୁଯୋଗ ପ୍ରଦାନ କରିଛି ବୋଲି ସୂତ୍ରରୁ ଜଣାପଡ଼ିଛି। ସେ ଗତବର୍ଷ ସେପ୍ଟେମ୍ବର ୨୨ ତାରିଖରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଅନ୍ତିମ ଟି୨୦ ମ୍ୟାଚ୍ ଖେଳିଥିଲେ। ଜାତୀୟ ଚୟନକର୍ତ୍ତା ଏବେ ଡି.ୱାଇ. ପାଟିଲ ଷ୍ଟାଡିୟମ ଗସ୍ତକରି ପାଣ୍ଡ୍ୟାଙ୍କ ଫିଟ୍‌ନେସ୍ ଓ ଫର୍ମ ଦେଖିବେ। ଯଦି ସେ ନିଜ ଫିଟ୍‌ନେସ୍ ପ୍ରମାଣ କରିବାରେ ସଫଳ ହୁଅନ୍ତି, ତେବେ ତାଙ୍କୁ ନିଶ୍ଚିତ ଦକ୍ଷିଣ ଆଫ୍ରିକା ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ ଲାଗି ଭାରତୀୟ ଦଳରେ ତାଙ୍କୁ ସ୍ଥାନ ମିଳିବ। ଏହି ସିରିଜ ମାର୍ଚ୍ଚ ୧୨ରୁ ହିମାଚଳ ପ୍ରଦେଶର ଧର୍ମଶାଳାଠାରେ ଆରମ୍ଭ ହେବ।

### ଆଇପିଏଲ ପୂର୍ବରୁ ଚମକିଲେ ଯଶସ୍ୱୀ

**ମୁମ୍ବାଇ,୨୪।୨:** ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ଜବରଦସ୍ତ ପ୍ରଦର୍ଶନ କରିବା ପରେ ଯଶସ୍ୱୀ ଜୈସ୍ୱାଲ ଭଲ ଫର୍ମ ଜାରି ରଖିଛନ୍ତି। ୨.୪ କୋଟି ଟଙ୍କାରେ ବିକ୍ରି ହୋଇଥିବା ଜସଶ୍ରୀ ୧୯ ବର୍ଷରୁ କମ୍ ସି.କେ.ନାଇଡୁ ଟ୍ରଫିର କ୍ୱାର୍ଟର ଫାଇନାଲରେ ମାରାଥନ ଶତକୀୟ ଇନିଂସ ଖେଳିଛନ୍ତି। ଏଥିଯୋଗୁ ୱାଙ୍ଖେଡେ ଷ୍ଟାଡିୟମରେ ପୁଡୁଚେରୀ ବିପକ୍ଷ ମ୍ୟାଚ୍‌ରେ ମୁମ୍ବାଇ ବଡ଼ ସ୍କୋର ଛିଡ଼ା କରିଛି। ଜୁନିୟର ବିଶ୍ୱକପ୍ ଇଭେଣ୍ଟରେ ପ୍ଲେୟାର ଅଫ୍ ଦି ଇୟର ପୁରସ୍କାର ପାଇବା ପରେ ପ୍ରଥମ ମ୍ୟାଚ୍ ଖେଳୁଥିବା ଜଶସ୍ୱୀ ଅଳ୍ପକେ ଦ୍ୱିଶତକରୁ ବଞ୍ଚିତ ହୋଇଛନ୍ତି। ସେ ୨୪୩ ବଲର ସମ୍ମୁଖୀନ ହୋଇ ୧୮୫ (୧୯ ଚୌକା ଓ ଗୋଟିଏ ଛକା) ରନ୍ କରିଥିଲେ। ଅଧିନାୟକ ହାର୍ଦ୍ଦିକ ତାମୋର ୮୬ ଓ ସର୍ଫରାଜ ଖାଁ (୬୦)ଙ୍କ ଅର୍ଦ୍ଧଶତକୀୟ ଇନିଂସ ବଳରେ ମୁମ୍ବାଇ ପ୍ରଥମ ଇନିଂସରେ ୨୪୦ ରନ୍‌ର ଅଗ୍ରଣୀ ହାସଲ କରିଛି। ମୁଁ ମୁମ୍ବାଇ ପାଇଁ ଖେଳୁଛି। ଭଲ ପ୍ରଦର୍ଶନ କରିବା ପାଇଁ ଉତ୍ସାହିତ ଅଛି। ଶତକ କରିଥିବାରୁ ମୁଁ ବହୁତ ଖୁସି।

# ନିରାଶରେ ଶେଷ ହେଲା ସିଜନ୍

**କଟକ ଅଫିସ,୨୪।୨**



ଶୁଭ୍ରାଂଶୁ ସେନାପତି

ଶାନ୍ତନୁ ମିଶ୍ର

ଦେବବ୍ରତ ପ୍ରଧାନ

ସୂର୍ଯ୍ୟକାନ୍ତ ପ୍ରଧାନ

ଦେବାଶିଷ ସାମନ୍ତରାୟ

କୋଚ୍ ରଶ୍ମିରଞ୍ଜନ

ଚଳିତ ରଣଜୀ ଟ୍ରଫି ସିଜନରେ କ୍ୱାର୍ଟର ଫାଇନାଲରୁ ଓଡ଼ିଶାର ଅଭିଯାନ ଶେଷ ହୋଇଛି। ଟାଙ୍ଗୀସ୍ଥିତ ଡ୍ରିମ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ବେଙ୍ଗଲ ସେମିଫାଇନାଲରେ ପ୍ରବେଶ କରିଛି। ଘରୋଇ ପରିବେଶରେ ଓଡ଼ିଶା ସେମିରେ ପ୍ରବେଶ କରିବାର ଏକାଧିକ ସୁଯୋଗ ରହିଥିଲା। ହେଲେ ସୁଯୋଗ ହାତଛଡ଼ା କରି ରାଜ୍ୟ କ୍ରିକେଟପ୍ରେମୀଙ୍କୁ ନିରାଶ କରିଛି ଓଡ଼ିଶା ଦଳ।

ସୋମବାର ୫ମ ଦିନର ଖେଳ ଖରାପ ଆଲୋକ ଯୋଗୁ ସମ୍ପୂର୍ଣ୍ଣ ରୂପେ ବାଧାପ୍ରାପ୍ତ ହୋଇଥିଲା। ରବିବାର ଖେଳ ଶେଷ ସୁଦ୍ଧା ଭ୍ରମଣକାରୀ ବେଙ୍ଗଲ ଦ୍ୱିତୀୟ ଇନିଂସରେ ୭ ଉଇକେଟ ହରାଇ ୩୬୧ରନ କରିଥିଲା। ସୋମବାର ଦଳୀୟ ସ୍କୋରରେ ୧୨ରନ ଯୋଡ଼ି ହେବା ସହ ବଳକା ୩ ଉଇକେଟର ପତନ ଘଟିଥିଲା। ମୁକେଶ କୁମାରଙ୍କୁ ୬ରନରେ ଦେବବ୍ରତ ଏଲବିଡବ୍ଲ୍ୟୁ କରିବା ପରେ ଶାହବାଜ ଅହମ୍ମଦ ୬୪ ଓ ନୀଳକଣ୍ଠ ଦାସ ଖାତା ଖୋଲିବା ପୂର୍ବରୁ ସୂର୍ଯ୍ୟକାନ୍ତ ପ୍ରଧାନଙ୍କ ଶିକାର ହୋଇଥିଲେ। ବେଙ୍ଗଲର ପ୍ରଥମ ଇନିଂସ ସ୍କୋର ଥିଲା ୩୩୨। ଏଣୁ ୨୫୦ରନରେ ଅଲଆଉଟ ହୋଇଥିବା ଓଡ଼ିଶା ସମ୍ମୁଖରେ ୪୫୫ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ୧୦ ଓଭର ଖେଳରୁ ବିନା ଉଇକେଟରେ ଓଡ଼ିଶା ୩୯ରନ କରିଥିବା ବେଳେ କୋହଲା ପାଗ ଓ ଖରାପ ଆଲୋକ ସମସ୍ୟା ସୃଷ୍ଟି କରିଥିଲା। ଫଳରେ ମ୍ୟାଚ୍‌କୁ ସାମୟିକ ମୁହୂର୍ତ୍ତ ପାଇଁ ବନ୍ଦ ରଖିଥିଲେ ଅମ୍ପାୟର। ଗୋଟିଏ ଦିବସରେ ୪୦୦ରୁ ଊର୍ଦ୍ଧ୍ୱ ସ୍କୋର ସଂଗ୍ରହ କରିବା କଷ୍ଟସାଧ ଥିଲେ ସୁଦ୍ଧା ମ୍ୟାଚ୍ ପୁର୍ନବାର ଆରମ୍ଭ ହେବାର କୌଣସି ସମ୍ଭାବନା ସୃଷ୍ଟି ନ ହେବାରୁ ଓଡ଼ିଶାର ସେମି ଫାଇନାଲ ଆଶା ମଉଳି ଯାଇଥିଲା।

#### ଶାନ୍ତନୁ, ଦେବାଶିଷ ସର୍ବାଧିକ ରନ୍

ଚଳିତ ରଣଜୀ ସିଜନରେ ଓଡ଼ିଶା ପକ୍ଷରୁ ସର୍ବାଧିକ ରନ ସଂଗ୍ରହ କରିଛନ୍ତି ଓପନିଂ ଦାୟିତ୍ୱ ସମ୍ଭାଳୁଥିବା ତଥା ଡାହାଣହାତୀ ବ୍ୟାଟ୍ସମ୍ୟାନ ଶାନ୍ତନୁ ମିଶ୍ର। ୯ଟି ମ୍ୟାଚ୍‌ର ୧୬ଟି ଇନିଂସରୁ ୩୮.୫୭ ଆଭରେଜରେ ସେ ୫୪୦ରନ କରିଛନ୍ତି। ଏଥି ମଧ୍ୟରେ ଗୋଟିଏ ଶତକ ଓ ୩ଟି ଅର୍ଦ୍ଧଶତକୀୟ ଇନିଂସ ରହିଛି। କ୍ୱାର୍ଟର ଫାଇନାଲରେ ଶାନ୍ତନୁ ୬୨ରନର ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ। ମହାରାଷ୍ଟ୍ର ଓ ଆସାମ ବିପକ୍ଷରେ ଅନ୍ୟ ଦୁଇଟି ଅର୍ଦ୍ଧଶତକୀୟ ଇନିଂସ ଥିବା ବେଳେ ଉତ୍ତରାଖଣ୍ଡ ବିପକ୍ଷରେ ୧୧୦ରନର ଶତକୀୟ ଇନିଂସ ଖେଳିଥିଲେ ଭୁବନେଶ୍ୱରର ଏହି ୨୫ ବର୍ଷୀୟ ଖେଳାଳି। ସେହିପରି ୮ଟି ମ୍ୟାଚ୍‌ର ୧୨ଟି ଇନିଂସରୁ ୫୩.୫୦ ଆଭରେଜରେ ୫୩୫ରନ କରିଛନ୍ତି ବାମହାତୀ ବ୍ୟାଟ୍ସମ୍ୟାନ ଦେବାଶିଷ ସାମନ୍ତରାୟ। ଦେବାଶିଷଙ୍କ କ୍ୟାରିୟର ପାଇଁ ଏହି ସିଜନ୍ ଶ୍ରେଷ୍ଠ ରହିଛି। ସର୍ଭିସେସ୍ ବିପକ୍ଷରେ ୧୯୫ରନ ଓ ଝାଡ଼ଖଣ୍ଡ ବିପକ୍ଷରେ ୧୫୬ରନର ଇନିଂସ ଦେବାଶିଷଙ୍କ ବ୍ୟାଟିଂ ପରାକାଷ୍ଠାର ପ୍ରମାଣ ଦେଇଛି। ଏହାଛଡ଼ା କ୍ୱାର୍ଟର ଫାଇନାଲ ମୁକାବିଲାରେ ମଧ୍ୟ ଶାନ୍ତନୁଙ୍କ ବ୍ୟତୀତ ଦ୍ୱିତୀୟ ଖେଳାଳି ଭାବେ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ଚଳିତ ସିଜନରେ ଦେବାଶିଷ ୨ଟି ଅର୍ଦ୍ଧଶତକ ମଧ୍ୟ ହାସଲ କରିଛନ୍ତି।

#### ଶ୍ରେଷ୍ଠ ନୁହେଁ, ସନ୍ତୋଷଜନକ: ରଶ୍ମି

ରାଜ୍ୟ ଦଳ ଖରାପ ଖେଳିନାହିଁ। ଭଲ ଖେଳିଛୁ ବୋଲି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛୁ। କିଛି ତ୍ରୁଟି ରହିଲା, କିଛି ସମୟରେ ଆମ ଦଳର ପ୍ରଦର୍ଶନ ତୁଳନାରେ ବିପକ୍ଷ ଦଳର ପ୍ରଦର୍ଶନ ଭାରି ପଡ଼ିଲା। ଏହି ପ୍ରଦର୍ଶନ ଶ୍ରେଷ୍ଠ ନ ହେଲେ ବି, ସନ୍ତୋଷଜନକ। ଏବେ ଆମକୁ ବଡ଼ ଆହ୍ୱାନ ମିଳିବ। ଆସନ୍ତା ସିଜନରେ ଭଲ ଦଳ ସହ ଆମେ ଖେଳିବୁ। ଏଥିରୁ ଖେଳାଳିଙ୍କୁ ଅନେକ କିଛି ଶିଖିବାକୁ ମିଳିବ ବୋଲି କୋଚ୍ ରଶ୍ମିରଞ୍ଜନ ପରିଡ଼ା ପ୍ରକାଶ କରିଛନ୍ତି ।

#### ସୂର୍ଯ୍ୟକାନ୍ତ ସର୍ବାଗ୍ରେ

ଉଭୟ ବ୍ୟାଟିଂ ଓ ବୋଲିଂରେ ଚମତ୍କାର ପ୍ରଦର୍ଶନ କରିଛନ୍ତି ସୂର୍ଯ୍ୟକାନ୍ତ ପ୍ରଧାନ। ୧୦ଟି ମ୍ୟାଚ୍‌ରୁ ୪୦ଟି ଉଇକେଟ ନେବା ସହ ସେ ସିଜନରେ ଓଡ଼ିଶାର ସର୍ବାଧିକ ଉଇକେଟ ହାସଲକାରୀ ହୋଇଛନ୍ତି। ତାଙ୍କ ପଛକୁ ଅଛନ୍ତି ବସନ୍ତ ମହାନ୍ତି(୩୪ ଉଇକେଟ) ଓ ରାଜେଶ ମହାନ୍ତି(୩୨ ଉଇକେଟ)। ହରିୟାଣା ବିପକ୍ଷ ମ୍ୟାଚ୍‌ରେ ଉଭୟ ଇନିଂସରେ ୧୨୨ରନ ବ୍ୟୟ କରି ସେ ୧୧ଟି ଉଇକେଟ ହାସଲ କରିଥିଲେ। ଓଡ଼ିଶା ବୋଲର ମାନଙ୍କ ସ୍କୋରକୁ ନଜର ପକାଇଲେ ଆଗରେ ରହିଛନ୍ତି ସୂର୍ଯ୍ୟକାନ୍ତ। ସେ ଗୋଟିଏ ଅର୍ଦ୍ଧଶତକୀୟ ଇନିଂସ ସହାୟତାରେ ମୋଟ୍ ୨୫୭ରନ କରିଛନ୍ତି। ଏହି ସିଜନରେ ସର୍ବାଧିକ ଛକା ମଧ୍ୟ ଏହି ବୋଲର ଅଲରାଉଣ୍ଡରଙ୍କ ନାମରେ ରହିଛି। ସେ ମୋଟ୍ ୧୫ଟି ଛକା ମାରିଛନ୍ତି। ୭ଟି ଛକା ସହ ପଛକୁ ଅଛନ୍ତି ରାଜେଶ ଧୂପର।

#### ଛାପ ଛାଡ଼ିଲେ ନବାଗତ 'ଦେବବ୍ରତ'

ନବାଗତ ଦେବବ୍ରତ ପ୍ରଧାନ ନିଜ ପ୍ରତିଭାର ଛାପ ଏହି ସିଜନରେ ଛାଡ଼ିଛନ୍ତି। ଓଡ଼ିଶାକୁ ଜଣେ ଭରସାଯୋଗ୍ୟ ଅଲରାଉଣ୍ଡର ମିଳିଛି ବୋଲି କହିଲେ ମଧ୍ୟ ଅତ୍ୟୁକ୍ତି ହେବ ନାହିଁ। ସମ୍ବଲପୁରର ଏହି ଡାହାଣହାତୀ ଅଲରାଉଣ୍ଡର ୭ ମ୍ୟାଚ୍‌ରୁ ୨ଟି ଅର୍ଦ୍ଧଶତକୀୟ ଇନିଂସ ବଳରେ ୧୯୬ରନ କରିଥିବା ବେଳେ ୨୫ଟି ଉଇକେଟ ମଧ୍ୟ ହାସଲ କରିଛନ୍ତି। ଆସାମ ବିପକ୍ଷରେ ଉଭୟ ବ୍ୟାଟିଂ ଓ ବୋଲିଂରେ ସେ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି।

### ରଣଜୀ ଟ୍ରଫିରେ ଓଡ଼ିଶା

#### ପରିସଂଖ୍ୟାନ

**ସର୍ବାଧିକ ରନ**

| ଖେଳାଳି | ମ୍ୟାଚ୍ | ରନ୍ |
|---|---|---|
| ଶାନ୍ତନୁ ମିଶ୍ର | ୯ | ୫୪୦ |
| ଦେବାଶିଷ ସାମନ୍ତରାୟ | ୮ | ୫୩୫ |
| ବିପ୍ଳବ ସାମନ୍ତରାୟ | ୧୦ | ୪୧୧ |
| ଅନୁରାଗ ଷଡ଼ଙ୍ଗୀ | ୭ | ୩୭୬ |
| ଗୋବିନ୍ଦ ପୋଦ୍ଦାର | ୮ | ୩୩୫ |

**ସର୍ବାଧିକ ଉଇକେଟ**

| ଖେଳାଳି | ମ୍ୟାଚ୍ | ଉଇକେଟ୍ |
|---|---|---|
| ସୂର୍ଯ୍ୟକାନ୍ତ ପ୍ରଧାନ | ୧୦ | ୪୦ |
| ବସନ୍ତ ମହାନ୍ତି | ୯ | ୩୪ |
| ରାଜେଶ ମହାନ୍ତି | ୮ | ୩୨ |
| ଦେବବ୍ରତ ପ୍ରଧାନ | ୭ | ୨୫ |

#### ଲକ୍ଷ୍ୟଠାରୁ ପଛରେ ରହିଗଲି: ଶୁଭ୍ରାଂଶୁ

ଗୋଟିଏ ରଣଜୀ ସିଜନରେ ସମ୍ପୂର୍ଣ୍ଣ ଭାବେ ଅଧିନାୟକ ଦାୟିତ୍ୱ ତୁଲାଇଥିବା ପ୍ରତିଭାବାନ ବ୍ୟାଟ୍ସମ୍ୟାନ ଶୁଭ୍ରାଂଶୁ ଶେଖର ସେନାପତି ନିଜ ଲକ୍ଷ୍ୟଠାରୁ ପଛରେ ପଡ଼ିଗଲି ବୋଲି କହିଛନ୍ତି। ଗତ ସିଜନରେ ମାତ୍ର ୨ଟି ମ୍ୟାଚରେ ସେ ଅଧିନାୟକ ଦାୟିତ୍ୱରେ ଥିଲେ। ସିଜନ ଆରମ୍ଭ ହେବା ପୂର୍ବରୁ ଯେଉଁ ସମସ୍ତ ଲକ୍ଷ୍ୟ ଥିଲା ତାହାର ୨୦ ପ୍ରତିଶତ ବି ପୂରଣ କରି ପାରିଲିନି। ତଥାପି ସିଜନରୁ ବହୁତ କିଛି ଅଭିଜ୍ଞତା ହାସଲ ହେଲା। ଆଗାମୀ ସିଜନରେ ଏହା କାମରେ ଲାଗିବ ବୋଲି ଶୁଭ୍ରାଂଶୁ କୁହନ୍ତି। ଅଧିନାୟକତ୍ୱ ଚାପ ତାଙ୍କ ବ୍ୟାଟିଂ ଉପରେ ପ୍ରଭାବ ପକାଇଛି କି ପଚାରିବାରୁ ସେ କହିଥିଲେ, କିଛି ମାତ୍ରାରେ ପଡ଼ିଛି। ଅନେକ ଅଭିଜ୍ଞ ଖେଳାଳି ଥିବା ଦଳର ଅଧିନାୟକ ହୋଇଥିଲି। ଜଗିରଖି ଖେଳିବା ବେଳେ ବ୍ୟକ୍ତିଗତ ପ୍ରଦର୍ଶନ ଉପରେ ଆଞ୍ଚ ଆସିଛି ବୋଲି ଶୁଭ୍ରାଂଶୁଙ୍କ ମତ।

#### ପେସ୍‌ରଙ୍କୁ ୧୩୪, ସ୍ପିନରଙ୍କୁ ୧୮

ଓଡ଼ିଶାର ପେସ୍ ବୋଲିଂ ବିଶେଷ ଫଳପ୍ରଦ ହୋଇଛି। ପେସ୍ ବୋଲିଂରୁ ୧୩୪ ଉଇକେଟ ଦଖଲ ହୋଇଥିବା ବେଳେ ସ୍ପିନରୁ ମିଳିଛି ୧୮ଟି ସଫଳତା। ପେସର ଭାବେ ସୂର୍ଯ୍ୟକାନ୍ତ, ବସନ୍ତ, ରାଜେଶ, ଦେବବ୍ରତ ଓ ନବାଗତ ପ୍ରୀତ କନୱର ସିଂ ଚୌହାନ ସିଜନରେ ଉଇକେଟ ଦଖଲ କରିଥିଲେ। ଅଙ୍କିତ ଯାଦବ ଗୋଟିଏ ମ୍ୟାଚ୍ ଖେଳିଥିଲେ ସୁଦ୍ଧା କୌଣସି ଉଇକେଟ ପାଇ ନଥିଲେ। ସ୍ପିନର ଭାବେ ସର୍ବାଧିକ ଉଇକେଟ ଦଖଲ କରିଛନ୍ତି ଅଭିଷେକ ରାଉତ। ସେ ୬ଟି ମ୍ୟାଚ୍‌ରୁ ୭ଟି ଉଇକେଟ ପାଇଛନ୍ତି। ଏହାଛଡ଼ା ଗୋବିନ୍ଦ ପୋଦ୍ଦାର ୫ଟି, ପପୁ ରାୟ ୩ଟି, ଅନୁରାଗ ଷଡ଼ଙ୍ଗୀ ୨ଟି ଓ ଶାନ୍ତନୁ ମିଶ୍ର ଗୋଟିଏ ଉଇକେଟ ନେଇଛନ୍ତି।

–ରିପୋର୍ଟ: କୁମାରଶ୍ରୀ

### ମାର୍ଚ୍ଚ ୨୧ରୁ ଆର୍‌ସିବିର ଟ୍ରେନିଂ କ୍ୟାମ୍ପ

**ନୂଆଦିଲ୍ଲୀ, ୨୪।୨:** ଆଇପିଏଲ୍‌ର ୧୩ତମ ସଂସ୍କରଣ ମାର୍ଚ୍ଚ ୨୯ ତାରିଖରୁ ଆରମ୍ଭ ହେବ। ଏଥିଲାଗି ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ୭ ଦିନ ପୂର୍ବରୁ ଟ୍ରେନିଂ କ୍ୟାମ୍ପ ଆରମ୍ଭ କରିବ। ଏ ନେଇ ଫ୍ରାଞ୍ଚାଇଜର ଡିରେକ୍ଟର ଅଫ୍ କ୍ରିକେଟ ମାଇକ୍ ହେସନ ସୋମବାର ସ୍ପଷ୍ଟ କରିଛନ୍ତି। ପ୍ରାୟ ଅନ୍ତର୍ଜାତୀୟ ଓ ଘରୋଇ ଖେଳାଳିମାନେ ନିଜ ଚୁକ୍ତି ଶେଷ କରିବା ପରେ ଟ୍ରେନିଂ କ୍ୟାମ୍ପରେ ଯୋଗଦେବେ। ଆର୍‌ସିବି ୩୧ ମାର୍ଚ୍ଚରେ ତା'ର ପ୍ରଥମ ମ୍ୟାଚ୍ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ସହ ଖେଳିବ। ଖେଳାଳିଙ୍କ ନିଲାମ ପ୍ରକ୍ରିୟାରେ ଆର୍‌ସିବି କ୍ରିସ୍ ମୋରିସ, ଆରୋନ ଫିଞ୍ଚ, କେନ୍ ରିଚାର୍ଡସନ, ଡେଲ୍ ଷ୍ଟେଇନଙ୍କୁ କିଣିଛି।

### ରାଜ୍ୟଗୋଷ୍ଠୀ ଶୁଟିଂ, ଆର୍ଚେରୀ ଇଭେଣ୍ଟ ଭାରତରେ

**ଲଣ୍ଡନ, ୨୪।୨ (ପି.ଟି.):** ୨୦୨୨ ଜାନୁୟାରୀରେ ଭାରତ ରାଜ୍ୟଗୋଷ୍ଠୀ ଶୁଟିଂ ଓ ଆର୍ଚେରୀ ଚାମ୍ପିୟନଶିପ୍ ଆୟୋଜନ କରିବ। ଏହି ଦୁଇଟି ଇଭେଣ୍ଟର ପଦକଗୁଡ଼ିକ ବର୍ମିଂହାମ ଗେମ୍ସର ଚୂଡ଼ାନ୍ତ ତାଲିକାରେ ସାମିଲ କରାଯିବ। ରାଜ୍ୟଗୋଷ୍ଠୀ କ୍ରୀଡ଼ା ମହାସଂଘ (ସିଜିଏଫ୍)ରେ ଏହି ପ୍ରସ୍ତାବ ଗୃହୀତ ହୋଇଯାଇଛି। ଏହା ଏକ ବିରଳ ଦୃଷ୍ଟାନ୍ତ। ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଉଦ୍‌ଯାପନର ଏକ ସପ୍ତାହ ପରେ ଏହି ପଦକଗୁଡ଼ିକୁ ସାମିଲ କରାଯିବ। ଏଠାରେ ଗତ ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ସିଜିଏଫ୍ କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏହାକୁ ଭାରତର ଏକ ବଡ଼ ବିଜୟ ବୋଲି କୁହାଯାଇପାରେ। କାରଣ ରାଜ୍ୟଗୋଷ୍ଠୀ କ୍ରୀଡ଼ାରୁ ଶୁଟିଂ ଏବଂ ଏକ ଅତିରିକ୍ତ କ୍ରୀଡ଼ା ଆର୍ଚେରୀକୁ ବାଦ୍ ଦିଆଯିବା ଲାଗି ବିଚାର ପରେ ପ୍ରତିବାଦ ସ୍ୱରୂପ ଆସନ୍ତା ବର୍ମିଂହାମ ସଂସ୍କରଣରୁ ଭାରତ ଓହରିଯିବ ବୋଲି ଧମକ ଦେଇଥିଲା। ଚଣ୍ଡିଗଡ଼ରେ ୨୦୨୨ ଜାନୁୟାରୀରେ ଶୁଟିଂ ଓ ଆର୍ଚେରୀ ଇଭେଣ୍ଟ ହେବାକୁ ଥିବାବେଳେ ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୨୨ ଜୁଲାଇ ୨୭ରୁ ଅଗଷ୍ଟ ୭ ପର୍ଯ୍ୟନ୍ତ ହେବ। ନ୍ୟାଶନାଲ ରାଇଫଲ ଆସୋସିଏଶନ ଅଫ୍ ଇଣ୍ଡିଆ ସଭାପତି ରଣଧୀର ସିଂ ସିଜିଏଫ୍‌ର ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି।

# ନ୍ୟୁଜିଲାଣ୍ଡର ୧୦୦ତମ ଟେଷ୍ଟ ବିଜୟ

**ୱେଲିଂଟନ, ୨୪।୨(ପି.ଟି.)**

ଟିମ୍ ସୌଦୀ ଓ ଟ୍ରେଣ୍ଟ ବୋଲ୍ଟଙ୍କ ଘାତକ ବୋଲିଂକୁ ସାମ୍ନା କରି ନ ପାରି ଭାରତ ଏଠାରେ ଅନୁଷ୍ଠିତ ପ୍ରଥମ କ୍ରିକେଟ ଟେଷ୍ଟରେ ନ୍ୟୁଜିଲାଣ୍ଡଠାରୁ ୧୦ ଉଇକେଟରେ ପରାସ୍ତ ହୋଇଛି। ସିମ୍ ଓ ସୁଇଂ କଣ୍ଡିଶନରେ ଭାରତୀୟ ବ୍ୟାଟିଂ ଲାଇନ୍‌ଅପ୍ ମ୍ୟାଚ ବଞ୍ଚାଇବା ପାଇଁ ପର୍ଯ୍ୟାପ୍ତ ନୁହେଁ ବୋଲି ନ୍ୟୁଜିଲାଣ୍ଡ ବୋଲରମାନେ ପ୍ରମାଣିତ କରିଛନ୍ତି। ଉଭୟ ଇନିଂସରେ ବ୍ୟାଟିଂ ବିଫଳତା ଭାରତ ପାଇଁ ମହଙ୍ଗା ପଡ଼ିଛି। ଭାରତ ପ୍ରଥମ ଇନିଂସରେ ମାତ୍ର ୧୬୫ ରନ କରିଥିବାବେଳେ ଦ୍ୱିତୀୟ ଇନିଂସରେ ୧୯୧ ରନ କରିବାକୁ ସକ୍ଷମ ହୋଇଥିଲା। ଫଳରେ ପ୍ରଥମ ଇନିଂସରେ ୩୪୮ ରନ କରିଥିବା ନ୍ୟୁଜିଲାଣ୍ଡ ପାଇଁ ୯ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଯାହାକୁ ଘରୋଇ ଦଳ କୌଣସି ଉଇକେଟ ନ ହରାଇ ହାସଲ କରି ନେଇଥିଲା। ଫଳରେ ୫ ଦିନ ଦୂରର କଥା ୪ର୍ଥ ଦିବସର ଅଧାରୁ ମ୍ୟାଚ ଶେଷ ହୋଇ ଯାଇଥିଲା। ପ୍ରଥମ ଇନିଂସରେ ୪ ଓ ଦ୍ୱିତୀୟ ଇନିଂସରେ ୫ ଉଇକେଟ ନେଇଥିବା ଟିମ୍ ସୌଦୀ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଭାରତ ପୂର୍ବରୁ ୨୦୧୮–୧୯ ସିରିଜରେ ଅଷ୍ଟ୍ରେଲିଆଠାରୁ ପର୍ଥ ଟେଷ୍ଟ ହାରିଥିଲା। ମାତ୍ର ଏହି ପରାଜୟ ଦଳକୁ ଅଧିକ ଆଘାତ ଦେଇଛି। କାରଣ ନିକଟ ଅତୀତରେ ଭାରତ କୌଣସି ଟେଷ୍ଟରେ ଏପରି ଆତ୍ମସମର୍ପଣ କରି ନ ଥିଲା। ୪୪୧ ମ୍ୟାଚରୁ ଏହାଥିଲା ନ୍ୟୁଜିଲାଣ୍ଡର ୧୦୦ତମ ଟେଷ୍ଟ ବିଜୟ। ଆଇସିସି ଟେଷ୍ଟ ଚାମ୍ପିୟନଶିପରେ ଭାରତର ଏହା ପ୍ରଥମ ପରାଜୟ। ବିରାଟ କୋହଲିଙ୍କ ଦଳ ୮ ମ୍ୟାଚରୁ ୭ ବିଜୟ ଓ ୧ ପରାଜୟ ସହ ୩୬୦ ପଏଣ୍ଟ ପାଇ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି। ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡ ୬ ମ୍ୟାଚରୁ ୨ ବିଜୟ, ୪ ପରାଜୟ ସହିତ ୧୨୦ ପଏଣ୍ଟ ହାସଲ କରି ୫ମ ସ୍ଥାନରେ ରହିଛି।

ତୃତୀୟ ଦିବସର ଅସମାପ୍ତ ସ୍କୋର ୧୪୪/୪ରୁ ଖେଳ ଆରମ୍ଭ କରିଥିବା ଭାରତ ୪ର୍ଥ ଦିବସରେ ଆଉ ୪୭ ରନ ଯୋଗ କରି ଅବଶିଷ୍ଟ ୬ଟି ଉଇକେଟ ହରାଇଥିଲା। ପୂର୍ବ ଦିନର ଦୁଇ ଅପରାଜିତ ବ୍ୟାଟ୍ସମ୍ୟାନ ଅଜିଙ୍କ୍ୟ ରାହାନେ ଓ ହନୁମା ବିହାରୀ ଯଥାକ୍ରମେ ୨୯ ଓ ପୂର୍ବ ଦିନ ସ୍କୋର ୧୫ ରନରେ ଆଉଟ ହେବାରୁ ଭାରତର ଲଢ଼େଇ ଆଶା ମଉଳି ଯାଇଥିଲା। ରିଷଭ ପନ୍ତ ୨୫ ରନର ଯୋଗଦାନ ଦେଇଥିଲେ। ନ୍ୟୁଜିଲାଣ୍ଡ ବୋଲରଙ୍କ ମଧ୍ୟରେ ସୌଦୀଙ୍କ ବ୍ୟତୀତ ବୋଲ୍ଟ ୪ ଉଇକେଟ ନେଇ ଭାରତକୁ ବଡ଼ ପରାଜୟ ଭେଟିଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। କଲିନ ଡି ଗ୍ରାଣ୍ଡହୋମ୍‌ଙ୍କୁ ଗୋଟିଏ ଉଇକେଟ ମିଳିଥିଲା।

#### କେତେ ମ୍ୟାଚରେ ଶତକ ଟେଷ୍ଟ ବିଜୟ

- ଅଷ୍ଟ୍ରେଲିଆ ୧୯୯ ଟେଷ୍ଟ, ୧୯୫୧
- ଇଂଲଣ୍ଡ ୨୪୧ ଟେଷ୍ଟ, ୧୯୩୯
- ୱେଷ୍ଟଇଣ୍ଡିଜ ୨୬୬ ଟେଷ୍ଟ, ୧୯୮୮
- ଦକ୍ଷିଣ ଆଫ୍ରିକା ୩୧୦ ଟେଷ୍ଟ, ୨୦୦୬
- ପାକିସ୍ତାନ ୩୨୦ ଟେଷ୍ଟ, ୨୦୦୬
- ଭାରତ ୪୩୨ ଟେଷ୍ଟ, ୨୦୦୯
- ନ୍ୟୁଜିଲାଣ୍ଡ ୪୪୧ ଟେଷ୍ଟ, ୨୦୨୦

**ପ୍ରଥମ ଟେଷ୍ଟ**

**ଭାରତ ୧୦ ଉଇକେଟରେ ପରାସ୍ତ**

**ଭାରତ ବିପକ୍ଷରେ ନ୍ୟୁଜିଲାଣ୍ଡର ୧୦ ଉଇକେଟ ବିଜୟ**

ଖ୍ରୀଷ୍ଟଚର୍ଚ୍ଚ: ୧୯୮୯/୯୦
ୱେଲିଂଟନ: ୨୦୦୨/୦୩
ୱେଲିଂଟନ: ୨୦୧୯/୨୦



ଉଇକେଟ ହାସଲ ପରେ ନ୍ୟୁଜିଲାଣ୍ଡ ଖେଳାଳି ଖୁସି ମନାଉଛନ୍ତି।

#### ସଂକ୍ଷିପ୍ତ ସ୍କୋର

ଭାରତ ପ୍ରଥମ ଇନିଂସ: ୧୬୫।
ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ: ୩୪୮।
ଭାରତ ଦ୍ୱିତୀୟ ଇନିଂସ: ୧୯୧/ଅଲଆଉଟ (ମୟଙ୍କ ଅଗ୍ରୱାଲ–୫୮, ରାହାନେ–୨୯, ପନ୍ତ–୨୫, ସୌଦୀ–୫/୬୧, ବୋଲ୍ଟ–୪/୩୯, ଗ୍ରାଣ୍ଡହୋମ–୧/୨୮)।
ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ: ୯/୦।
ମ୍ୟାନ ଅଫ ଦି ମ୍ୟାଚ: ଟିମ୍ ସୌଦୀ

### ଡିଫେନ୍ସରେ ସୁଧାର ଆବଶ୍ୟକ

**ବାଇଚୁଙ୍ଗ ଭୂଟିଆ**

ଫୁଟବଲ୍‌ରେ ଅପୂର୍ବ ସଫଳତା ଯୋଗୁ ଗୋଆ କାର୍ନିଭାଲ ପୂର୍ବରୁ ଅର୍ଥାତ ୧୯ରେ ରାଜ୍ୟ ଉତ୍ସବମୁଖରିତ ହୋଇଛି। ଏଫ୍‌ସି ଗୋଆ ପ୍ରଥମ ଭାରତୀୟ ଫୁଟ୍‌ବଲ କ୍ଲବ ହିସାବରେ ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍ ଖେଳିବା ଲାଗି ଟିକେଟ ହାସଲ କରିଛି। ଏଥିପାଇଁ ଶୁଭେଚ୍ଛା। ଯେତେବେଳେ କୌଣସି ନୂଆ କ୍ଲବ ଇତିହାସ ସୃଷ୍ଟି କରେ ତାହାକୁ ଏକ ଶକ୍ତିଶାଳୀ ଦଳ ଭାବେ ବିବେଚନା କରାଯାଇଥାଏ। ପୁନଶ୍ଚ ପ୍ରଥମ ଭାରତୀୟ କ୍ଲବ ହିସାବରେ ଏହି ଟୁର୍ନାମେଣ୍ଟରେ ଖେଳିବା ଲାଗି ଯୋଗ୍ୟତା ଅର୍ଜନ କରିବା ଛୋଟିଆ କଥା ନୁହେଁ। ଗୋଆ ଦଳର କ୍ୱାଲିଟି ଖେଳ ଖୁବ୍ ଆକର୍ଷଣୀୟ। ଦଳ ୧୮ଟି ମ୍ୟାଚରେ ୪୬ଗୋଲ ସ୍କୋର କରିଛି। ଏଥିରୁ ଦଳର ଦକ୍ଷତା ସୂଚାଇ ଦେଉଛି। ଗତ ହିରୋ ଇଣ୍ଡିଆ ସୁପର ଲିଗ୍‌ରେ ଏହି ଦଳର ଖେଳ ଷ୍ଟାଇଲ ସମ୍ପୂର୍ଣ୍ଣ ନିଆରା ଥିଲା। ଦଳ ଏତେ ଭଲ ପ୍ରଦର୍ଶନ କରିବା ପଛରେ କି କାରଣ ରହିଛି, ତାହା ମନରେ ଆସିପାରେ। ଟର୍ଫରେ ଦଳର କମ୍ବିନେଶନ ଓ ଷ୍ଟ୍ରାଇକିଂରେ ବେଶ୍ ସନ୍ତୁଳନ ରହିଛି। ଦଳର ଶର୍ଟ ପାସ୍ ଖୁବ୍ ଚମତ୍କାର। ଟେଲିପାଥି ଭଳି ଦଳର ପ୍ରତ୍ୟେକ ଖେଳାଳିଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ଦେଖିବାକୁ ମିଳେ। ଲେନି ରୋଡ୍ରିଗୁଏଜ୍ ଏବଂ ବ୍ରାଣ୍ଡନ ଫର୍ନାଣ୍ଡିଜ ମିଡ୍‌ଫିଲ୍ଡରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥାନ୍ତି। ଯାହାଫଳରେ ଫେରାନ କରୋମିନାସ ଏବଂ ଏଡୁ ବେଡିଆ ବିନା ଚାପରେ ଖେଳିପାରନ୍ତି। କରୋମିନାସ ଜଣେ ଦକ୍ଷ ଫିନିଶର। ସେ ସବୁବେଳେ ଅଧିକ ୱାର୍କଲୋଡ୍ ନେବାକୁ ଚାହିଥାନ୍ତି। ମ୍ୟାଚବେଳେ ସେ ଆକସ୍ମିକ ସ୍ୱିଡ୍ ଖେଳିଥାନ୍ତି। ଅନ୍ୟ ବିଭାଗଗୁଡ଼ିକରେ ଭାରତୀୟ ଖେଳାଳିମାନଙ୍କର ଅବଦାନ ରହିଛି। ମହମ୍ମଦ ନୱାଜ ସେରିଟନ ଫର୍ନାଣ୍ଡିଜ, ମନ୍ଦର ରାଓ ଦେଶାଇ ଓ ଜ୍ୟାକିଚାନ୍ଦ ସିଂ ବିଭିନ୍ନ ପରିସ୍ଥିତିରେ ସେମାନଙ୍କ ସାମର୍ଥ୍ୟ ପ୍ରତିପାଦନ କରିଛନ୍ତି। ଏଫ୍‌ସି ଗୋଆ ଯଦି ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍‌ରେ ପ୍ରଭାବୀ ପ୍ରଦର୍ଶନ କରିବାକୁ ଚାହୁଁଛି ତେବେ ଏହାର ଡିଫେନ୍ସ ବିଭାଗକୁ ଅଧିକ ସୁଦୃଢ଼ କରିବା ଆବଶ୍ୟକ। ଟିମ୍ ମ୍ୟାନେଜମେଣ୍ଟ ଏଥିପ୍ରତି ଧ୍ୟାନ ଦେବ ବୋଲି ମୋର ଦୃଢ଼ ବିଶ୍ୱାସ।

–(ଗେମ୍‌ପ୍ଲାନ)

#WhatDrivesYou
EXIDE


ମହିଳା ତୀରନ୍ଦାଜୀ ଇଭେଣ୍ଟ ।


ଫେନସିଂ ମହିଳା ଦଳଗତ ଫଏଲ ଇଭେଣ୍ଟରେ ପଦକ ବିଜୟୀ ପ୍ରତିଯୋଗୀମାନେ ।



ମାସ୍କଟ ସହିତ ସେଲ୍‌ଫି ଅବସରରେ ଆଙ୍କର ସୁନୀତା ଗରାବଡୁ ଓ ଲିପ୍‌ସା ପଣ୍ଡା ।

# ଶୀର୍ଷରେ ଗୁରୁ ନାନକ ଦେବ

**ଭୁବନେଶ୍ୱର, ୨୪।୨ (ସ୍ପୋର୍ଟ୍ସ ବ୍ୟୁରୋ):** ପ୍ରଥମ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡାର ୪ର୍ଥ ଦିବସ ଖେଳ ସୋମବାର ଶେଷ ହୋଇଛି । ୬ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୪ ବ୍ରୋଞ୍ଜ ସହ ମୋଟ୍ ୧୧ ପଦକ ପାଇ ଅମୃତସର୍‌ର ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟ ଟେବୁଲ ତାଲିକାର ଶୀର୍ଷରେ ରହିଛି । ଚଣ୍ଡିଗଡ଼ର ପଞ୍ଜାବ ବିଶ୍ୱବିଦ୍ୟାଳୟ ୧୬ଟି ପଦକ ଜିତି ତାଲିକାର ୨ୟ ସ୍ଥାନରେ ରହିଛି । ପଞ୍ଜାବ ଯଥାକ୍ରମେ ୫ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୫ବ୍ରୋଞ୍ଜ ପଦକ ଜିତିଛି । କର୍ନାଟକର ଜୈନ ବିଶ୍ୱବିଦ୍ୟାଳୟ ୭ (୪ ସ୍ୱର୍ଣ୍ଣ, ୩ ରୌପ୍ୟ) ସହ ୩ୟ ସ୍ଥାନ ଲାଭ କରିଛି ।

**ଫାଇନାଲରେ କିଟ୍‌ର ରଞ୍ଜିତ**

ଆୟୋଜକ କିଟ୍ ବିଶ୍ୱବିଦ୍ୟାଳୟର ତୀରନ୍ଦାଜ ରଞ୍ଜିତ ନାୟକ ଫାଇନାଲରେ ପ୍ରବେଶ କରିଛନ୍ତି । ରଞ୍ଜିତ ପୁରୁଷ ରିକର୍ଭ ଇଭେଣ୍ଟର ଫାଇନାଲରେ ପ୍ରବେଶ କରି ପଦକ ନିଶ୍ଚିତ କରିଛନ୍ତି । ମଙ୍ଗଳବାର ଖେଳାଯିବାକୁ ଥିବା ଫାଇନାଲ ମୁକାବିଲାରେ ରଞ୍ଜିତ ପଟିଆଲାର ପଞ୍ଜାବ ବିଶ୍ୱବିଦ୍ୟାଳୟର ଉତ୍କର୍ଷଙ୍କୁ ଭେଟିବେ । ଉତ୍କର୍ଷ ସେମିଫାଇନାଲରେ ସାବିତ୍ରୀବାଈ ଫୁଲେ ପୁନେ ବିଶ୍ୱବିଦ୍ୟାଳୟର ଗୌରବ ଲାମ୍ବେଙ୍କୁ ପରାସ୍ତ କରିଥିଲେ । **ବାସ୍କେଟ୍‌ବଲ:** ପୁରୁଷ ବାସ୍କେଟ୍‌ବଲରେ ମାଡ୍ରାସ ବିଶ୍ୱବିଦ୍ୟାଳୟ ୧୦୪-୯୧ ପଏଣ୍ଟରେ ମୁମ୍ବାଇ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି ।

## ପଦକ ତାଲିକା (ଟପ୍-୧୦)

| ବିଶ୍ୱବିଦ୍ୟାଳୟ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ୍ |
|---|---|---|---|---|
| ଗୁରୁ ନାନକଦେବ | ୬ | ୧ | ୪ | ୧୧ |
| ପଞ୍ଜାବ | ୫ | ୬ | ୫ | ୧୬ |
| ଜୈନ | ୪ | ୩ | ୦ | ୭ |
| ସାବିତ୍ରୀ ଫୁଲେ ପୁନେ | ୪ | ୨ | ୨ | ୮ |
| ମୁମ୍ବାଇ | ୨ | ୨ | ୫ | ୯ |
| ଦିଲ୍ଲୀ | ୨ | ୨ | ୩ | ୭ |
| ଡ. ବାବାସାହେବ ଆମ୍ବେଡକର | ୨ | ୦ | ୧ | ୩ |
| ମାଡ୍ରାସ | ୨ | ୦ | ୦ | ୨ |
| ଆର୍‌ଜିୟୁଏଚ୍‌ଏସ୍, କର୍ନାଟକ | ୨ | ୦ | ୦ | ୨ |
| ଶିବାଜୀ | ୧ | ୩ | ୪ | ୮ |

# ଚର୍ଚ୍ଚାରେ ୬ ଫୁଟ୍ ୯ ଇଞ୍ଚ ଉଚ୍ଚତାର ସହଜ୍

**ଭୁବନେଶ୍ୱର, ୨୪।୨ (ସ୍ପୋର୍ଟ୍ସ ବ୍ୟୁରୋ):** ଏଠାରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ପ୍ରଥମ ସଂସ୍କରଣ ସୋମବାର ୪ର୍ଥ ଦିନରେ ପହଞ୍ଚିଛି । ପ୍ରତିଯାଗିତାରେ ଜୈନ ବିଶ୍ୱବିଦ୍ୟାଳୟ (କର୍ନାଟକ)ର ଉନ୍ନତ ପ୍ରଦର୍ଶନ ଧାରା ଜାରି ରହିଛି । ତେବେ ସେମାନଙ୍କ ସଫଳତା ଯେତିକି ଚର୍ଚ୍ଚାରେ ନାହିଁ ଏହାଠାରୁ ଅଧିକ ଚର୍ଚ୍ଚାରେ ରହିଛନ୍ତି ଏହି ବିଶ୍ୱବିଦ୍ୟାଳୟର ବାସ୍କେଟବଲ ଖେଳାଳି ସହଜ୍ ପଟେଲ । ବରୋଦା ଜନ୍ମିତ ସହଜ୍‌ଙ୍କ ଉଚ୍ଚତା ୬ ଫୁଟ ଏବଂ ୯ ଇଞ୍ଚ୍ ରହିଛି । ଚଳିତ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ତାଙ୍କୁ ସବୁଠାରୁ ଡେଙ୍ଗା ଖେଳାଳି ଭାବେ ବିବେଚିତ କରାଯାଇଛି । ୧୮ ବର୍ଷ ବୟସରେ କଲେଜରେ ଯୋଗଦେବା ପରେ ସହଜ୍ ବହୁ ବିଳମ୍ବରେ ବାସ୍କେଟବଲ ସହିତ ସଂଶ୍ଳିଷ୍ଟ ହୋଇଥିଲେ । 'ଖେଳିବାଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୪ ବର୍ଷ ହୋଇଗଲାଣି, କେବେ ପଛଘୁଞ୍ଚା ଦେଇନାହିଁ । ମୋ ଅଭିଭାବକ ଖୁସି ନ ଥିଲେ କି ମୁଁ କ୍ରୀଡ଼ା କ୍ଷେତ୍ରରେ ପ୍ରବେଶ କରେ । କିନ୍ତୁ ସମୟକ୍ରମେ ସେମାନେ ବୁଝିଗଲେ ଯେ ଏହା ମୋ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ' ବୋଲି ସହଜ୍ କହିଛନ୍ତି । ୨୪ ବର୍ଷୀୟ ସହଜ୍ ପ୍ରଥମେ ବାପାଙ୍କ ଇଚ୍ଛା ପୂରଣ କରି ଇଞ୍ଜିନିୟରିଂ ପଢ଼ା ଶେଷ କରିଥିଲେ । ବର୍ତ୍ତମାନ ସେ ଜୈନ ବିଶ୍ୱବିଦ୍ୟାଳୟରେ ବାଣିଜ୍ୟରେ ମାଷ୍ଟର ଡିଗ୍ରୀ କରୁଛନ୍ତି ।

ପୂର୍ବରୁ ସହଜ୍ ଯେତେବେଳେ ଜାତୀୟ ପ୍ରତିଯୋଗିତାରେ ଗୁଜରାଟ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ ସେତେବେଳେ ଜାତୀୟ ଚୟନକର୍ତ୍ତାଙ୍କ ନଜରକୁ ଆସିଥିଲେ । ଏହାପରେ ତାଙ୍କୁ ସାଫ୍ ଗେମ୍ସରେ ଭାରତ ପାଇଁ ଖେଳିବାର ସୁଯୋଗ ମିଳିଥିଲା । ସେଠାରେ ଭାରତ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ସହଜ୍ ଏହି ସଫଳତା ପଛରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । 'ଏହା ସ୍ୱପ୍ନ ସତ ହେବା ଭଳି । ବାସ୍ତବରେ କ୍ରମାଗତ ଭାବେ ମୁଁ ଭାରତ ପାଇଁ ପ୍ରତିନିଧିତ୍ୱ କରିବାକୁ ଇଚ୍ଛୁକ । ଏଫ୍‌ଆଇବିଏ ଗେମ୍ସରେ ମୁଁ ବିଫଳ ହୋଇଯାଇଥିଲି । କିନ୍ତୁ ପରବର୍ତ୍ତୀ ସମୟରେ ଭାରତୀୟ ଦଳରେ ସାମିଲ ହେବା ପାଇଁ ଚେଷ୍ଟା ଜାରି ରଖିଛି । ଭାରତ ସରକାରଙ୍କ ଦ୍ୱାରା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଏକ ବୃହତ୍ ପଦକ୍ଷେପ । ଏହି ପ୍ରତିଯୋଗିତାର ପ୍ରଥମ ସଂସ୍କରଣରେ ସାମିଲ ହୋଇଥିବାରୁ ବେଶ୍ ଆନନ୍ଦିତ' ବୋଲି ସହଜ୍ ପ୍ରକାଶ କରିଛନ୍ତି ।





# ଜନ୍ମଦିନକୁ ସ୍ମରଣୀୟ କଲେ ପ୍ରିୟଙ୍କା

**ଭୁବନେଶ୍ୱର, ୨୪।୨ (ସ୍ପୋର୍ଟ୍ସ ବ୍ୟୁରୋ):** ପୂର୍ବତନ ବିଶ୍ୱ ତୀରନ୍ଦାଜୀ ଯୁଥ୍ ଚାମ୍ପିୟନଶିପ୍ ସ୍ୱର୍ଣ୍ଣ ପଦକ ବିଜୟିନୀ କୋମାଳିକା ବାରିଙ୍କୁ ଚଳିତ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ନିରାଶ ହେବାକୁ ପଡ଼ିଛି । ସୋମବାର ଏଠାରେ ଅନୁଷ୍ଠିତ ବାଳିକା ରିକର୍ଭ ତୀରନ୍ଦାଜୀ ଇଭେଣ୍ଟରେ ଝାଡ଼ଖଣ୍ଡର କୋଲହାନ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା କୋମାଳିକା ସେମିଫାଇନାଲରୁ ବିଦାୟ ନେଇଛନ୍ତି । ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟ (ରୋହତକ)ର ପ୍ରିୟଙ୍କା ଥାକରନ୍ ସେମିଫାଇନାଲରେ କୋମାଳିକାଙ୍କୁ ପରାସ୍ତ କରିଛନ୍ତି । ପ୍ରିୟଙ୍କା ଏଥିପୂର୍ବରୁ ରାଉଣ୍ଡ-୧୬ରେ କୋଲହାନ ବିଶ୍ୱବିଦ୍ୟାଳୟର ଅନ୍ୟତମ ତୀରନ୍ଦାଜ ବାସନ୍ତୀ ବିରୁଆଙ୍କୁ ୧୨୭-୧୧୮ ସ୍କୋରରେ ହରାଇଥିଲେ । ଏହାପରେ କ୍ୱାର୍ଟର ଫାଇନାଲରେ ପ୍ରିୟଙ୍କା ୮୨-୬୨ରେ ମଣିପୁର ନ୍ୟାଶନାଲ ସ୍ପୋର୍ଟ୍ସ ବିଶ୍ୱବିଦ୍ୟାଳୟର ଦୁର୍ଗେଶ ଗୋସ୍ୱାମୀଙ୍କୁ ମାତ୍ ଦେଇ ସେମିଫାଇନାଲରେ ପହଞ୍ଚିଥିଲେ । ଯେଉଁଠି ସେ ୨୦୧୯ ବିଶ୍ୱ ତୀରନ୍ଦାଜୀ ଯୁଥ୍ ଚାମ୍ପିୟନଶିପ୍‌ର ସ୍ୱର୍ଣ୍ଣ ପଦକ ବିଜୟିନୀ କୋମାଳିକାଙ୍କୁ ପରାସ୍ତ କରିଛନ୍ତି । 'ନିଶ୍ଚିତ ଭାବେ ମୁଁ ଜାଣିଥିଲି କୋମାଳିକା ପ୍ରତିଯୋଗିତାର ଜଣେ ଶ୍ରେଷ୍ଠ ତୀରନ୍ଦାଜ । କିନ୍ତୁ ମୋ ଖେଳ ଉପରେ ମୁଁ ଫୋକସ୍ କରିଥିଲି ଏବଂ ଏହାର ଫଳ ପାଇଛି' ବୋଲି ଜନ୍ମଦିନରେ ବଡ଼ ବିଜୟ ହାସଲ କରିଥିବା ପ୍ରିୟଙ୍କା କହିଛନ୍ତି । ପ୍ରିୟଙ୍କାଙ୍କ ପ୍ରଦର୍ଶନରେ ତାଙ୍କ କୋଚ୍ ଅନିଲ କୁମାର ଖୁସି ଜାହିର କରିଛନ୍ତି । ନବମ ଶ୍ରେଣୀରେ ପଢୁଥିବାବେଳେ ପ୍ରିୟଙ୍କା ତୀରନ୍ଦାଜୀ କ୍ରୀଡ଼ାରେ ପ୍ରବେଶ କରିଥିଲେ । ୨୦୧୮ ନ୍ୟାଶନାଲରେ ସେ ରୌପ୍ୟ ପଦକ ବିଜୟୀ ହରିୟାଣା ଦଳର ସଦସ୍ୟା ରହିଥିଲେ ।

# ସନ୍ତରଣରେ ଚମକିଲେ ଯମଜ ଭଗିନୀ

**ଭୁବନେଶ୍ୱର, ୨୪।୨ (ସ୍ପୋର୍ଟ୍ସ ବ୍ୟୁରୋ):** ଚଳିତ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ଉଦ୍‌ଘାଟନୀ ସଂସ୍କରଣ ଟୁଇନ୍ ସିଟିରେ ଚାଲିଥିବାବେଳେ ସନ୍ତରଣ ଇଭେଣ୍ଟର ପ୍ରଥମ ଦିବସରେ ଯମଜ ଭଗିନୀ ଜ୍ୟୋତି ଓ ଆରତି ପଟେଲଙ୍କ ଚମକ ଦେଖିବାକୁ ମିଳିଛି । ମୁମ୍ବାଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଜ୍ୟୋତି ଓ ଆରତି ସନ୍ତରଣର ପ୍ରଥମ ଦିନରେ ୪ ପଦକ ଜିତିଛନ୍ତି । ଫଳରେ ଏହି ଦୁଇ ଯମଜ ଭଉଣୀ ବର୍ତ୍ତମାନ ଖବରର ଶିରୋନାମାରେ ରହିଛନ୍ତି । ୨୦୦ ମିଟର ବ୍ରେଷ୍ଟ-ଷ୍ଟ୍ରୋକ୍ସ ଇଭେଣ୍ଟରେ ଜ୍ୟୋତି ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ଆରତି ବ୍ରୋଞ୍ଜରେ ସନ୍ତୁଷ୍ଟ ରହିଥିଲେ । ସେହିଭଳି ୪ ଗୁଣା ୨୦୦ ମିଟର ଫ୍ରିଷ୍ଟାଇଲ ରିଲେରେ ମଧ୍ୟ ମୁମ୍ବାଇ ବିଶ୍ୱବିଦ୍ୟାଳୟକୁ ବ୍ରୋଞ୍ଜ ପଦକ ଜିତାଇବାରେ ଉଭୟ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଆଗକୁ ମଧ୍ୟ ଉଭୟ ଆହୁରି ପଦକ ସଫଳତା ପାଇବେ ବୋଲି ଆଶା ରଖିଛନ୍ତି । ଏଥିପୂର୍ବରୁ ପୁନେରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ଗେମ୍ସର ୨ୟ ସଂସ୍କରଣରେ ଉଭୟ ୨୦୦ ଓ ୧୦୦ ମିଟର ବ୍ରେଷ୍ଟ-ଷ୍ଟ୍ରୋକ୍ସ ଇଭେଣ୍ଟରେ ଜ୍ୟୋତି ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ସଫଳତା ପାଇଥିଲେ । ଜ୍ୟୋତି ଓ ଆରତିଙ୍କ ବାପା ବାଜିରାଓ ପଟେଲ ଉଭୟଙ୍କୁ ନେଇ ଅଲିମ୍ପିକ ସ୍ୱପ୍ନ ଦେଖିଥିବାବେଳେ ଏହା ଏବେ ବେଶି ଦୂର ନୁହେଁ ବୋଲି ଆଲୋଚନା ହେଉଛି । ପୂର୍ବରୁ ୪ ବର୍ଷ ବୟସରେ ଉଭୟ ଗେଟ୍‌ୱେ ଅଫ୍ ଇଣ୍ଡିଆରୁ ଆଲିବଗ୍ ପର୍ଯ୍ୟନ୍ତ ସନ୍ତରଣ କରି ଏହି ବୟସ ବର୍ଗରେ ଦ୍ରୁତତମ ସନ୍ତରଣକାରୀ ବିବେଚିତ ହୋଇଥିଲେ ।


ଅତିଥିଙ୍କ ଗହଣରେ ପଦକ ସହ ଜ୍ୟୋତି ଓ ଆରତି ।

# ପଞ୍ଜାବ, ଆନ୍ଧ୍ରର ଡବଲ ବିଜୟ

**କଟକ ଅଫିସ,୨୪।୨:** ସ୍ଥାନୀୟ ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ବ୍ୟାଡମିଣ୍ଟନ ଇଭେଣ୍ଟର ଦ୍ୱିତୀୟ ଦିବସ ଖେଳ ଶେଷ ହୋଇଛି । ସୋମବାର ଦଳଗତ ପର୍ଯ୍ୟାୟ ପୁରୁଷ ବର୍ଗରେ ପଞ୍ଜାବ ବିଶ୍ୱବିଦ୍ୟାଳୟ ଓ ମହିଳା ବର୍ଗରେ ଆନ୍ଧ୍ର ବିଶ୍ୱବିଦ୍ୟାଳୟ ଡବଲ ବିଜୟ ହାସଲ କରିଛନ୍ତି । ପଞ୍ଜାବ ବିଶ୍ୱବିଦ୍ୟାଳୟ ପ୍ରଥମ ରାଉଣ୍ଡରେ ୩-୦ ସେଟରେ କାଲିକଟ୍ ବିଶ୍ୱବିଦ୍ୟାଳୟକୁ ଓ ପରବର୍ତ୍ତୀ ରାଉଣ୍ଡରେ ଲଳିତ ନାରାୟଣ ମିଥିଳା ବିଶ୍ୱବିଦ୍ୟାଳୟକୁ ହରାଇଥିଲା । ସେହିପରି ମହିଳା ବର୍ଗରେ ଆନ୍ଧ୍ର ବିଶ୍ୱବିଦ୍ୟାଳୟ ୨-୧ ଓ ୨-୦ ସେଟରେ ଯଥାକ୍ରମେ ମଣିପୁର ଓ ଦେବୀ ଆହିଲ୍ୟ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି । ଏଠାରେ ଖେଳାଯାଇଥିବା ପୁରୁଷ ବର୍ଗର ଅନ୍ୟ ମ୍ୟାଚ୍ ଗୁଡ଼ିକରେ କାଲିକଟ ବିଶ୍ୱବିଦ୍ୟାଳୟ, ଜୈନ ବିଶ୍ୱବିଦ୍ୟାଳୟ, ସାବିତ୍ରୀ ବାଇ ଫୁଲେ ବିଶ୍ୱବିଦ୍ୟାଳୟ ବିଜୟୀ ହୋଇଛନ୍ତି । ମହିଳା ବର୍ଗରେ ଏସ୍‌ଆର୍‌ଏମ୍ ବିଶ୍ୱବିଦ୍ୟାଳୟ, ଲଭଲି ପ୍ରଫେସନାଲ ବିଶ୍ୱବିଦ୍ୟାଳୟ, ଦିଲ୍ଲୀ ବିଶ୍ୱବିଦ୍ୟାଳୟ, ମଣିପୁର ବିଶ୍ୱବିଦ୍ୟାଳୟ ବିଜୟ ଲାଭ କରିଥିଲେ ।


## ମନେ ପଡ଼ନ୍ତି

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ରାମକୃଷ୍ଣ ମହାପାତ୍ର**
ଏ-୯୪, ଶହୀଦ ନଗର, ଭୁବନେଶ୍ୱର
ଆବିର୍ଭାବ: ୨୦।୦୫।୧୯୩୧
ତିରୋଧାନ: ୧୪।୦୨।୨୦୨୦
(First Batch XLRI, Former Chairman, NIPM, Fellow Utkal Chapter, Honorary Member, O.P.C, Director, Dinabandhu Trust)
ବାପା, ଏହି ଧରାପୃଷ୍ଠ ଭୂମିରୁ ଆପଣଙ୍କ ଅଚାନକ ବିଦାୟରେ ଆମ୍ଭେ ଅତ୍ୟନ୍ତ ମର୍ମାହତ । ଆପଣଙ୍କ ଅସୀମ ତ୍ୟାଗ, ସ୍ନେହ, ଶ୍ରଦ୍ଧା, ଆଦର୍ଶ, ନିର୍ଭୀକତା, ସଙ୍କୋଚ, ପରୋପକାରିତା, ଉଦାରପଣ, ମହାନୀୟତା, ସହିଷ୍ଣୁତା, କର୍ତ୍ତବ୍ୟନିଷ୍ଠା ଆମ୍ଭମାନଙ୍କ ପାଇଁ ପ୍ରେରଣାର ଉତ୍ସ ହେଉ । ଆପଣଙ୍କ ଅମର ମହାନ୍ ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା ।
ହତଭାଗ୍ୟ: ଦିଲ୍ଲୀପ୍, ଦୀପକ, ଆଲୋକ (ପୁତ୍ର), ଶୁଭ୍ରା, ସବିତା, ସିନାଲି (ପୁତ୍ରବଧୂ), ନାତି, ନାତୁଣୀ, ସଂଗ୍ରାମ ଓ ଲୀନା (ଜାମାତା, କନ୍ୟା) ଓ ମହାପାତ୍ର ପରିବାର ।
ଧ-୬୮୫୧୬

**ବିଂଶତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଡ. ପ୍ରଭାକର ରାଉତ**
ଲକ୍ଷ୍ମୀସାଗର, ଭୁବନେଶ୍ୱର
ଆବିର୍ଭାବ: ୦୨।୦୧।୧୯୪୪
ତିରୋଧାନ: ୦୭।୦୩।୨୦୦୦
ବାବା, କୋଡିଏ ବର୍ଷ ହୋଇଗଲା । ଆପଣଙ୍କର ଆଶୀର୍ବାଦ, କର୍ତ୍ତବ୍ୟପରାୟଣତା ଏବଂ ଉପଦେଶ ଆଜି ବି ଆମର ପଥପ୍ରଦର୍ଶକ । ଆଜି ଏହି ପବିତ୍ର ଦିବସରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ ।
ବନ୍ଧୁ ଓ ପରିବାରବର୍ଗ ।
ଧ-୧୬୮୭୭

**ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଚିତ୍ତରଞ୍ଜନ ପରିଡ଼ା**
ମତ୍ତଗଜପୁର, ବିରିବାଟୀ, କଟକ
ଆବିର୍ଭାବ: ତା. ୩୦।୦୫।୧୯୪୦
ତିରୋଧାନ: ତା. ୨୦।୦୨।୨୦୧୫
ଶ୍ରୀଜଗନ୍ନାଥଙ୍କ କୃପାରୁ ତୁମର ଆତ୍ମା ଶାନ୍ତିରେ ରହୁ
ଶୋକସନ୍ତପ୍ତ: ପତ୍ନୀ: ଶାନ୍ତିଲତା, ପୁତ୍ର: ସଞ୍ଜୟ, ଅଜୟ, ଅକ୍ଷୟ, ବିଜୟ, ଅଭୟ, ଧନଞ୍ଜୟ, ଚିନ୍ମୟ, ମୃତ୍ୟୁଞ୍ଜୟ, ଦୃଜୟ, କନିଷ୍ଠ ଭ୍ରାତା: ଲକ୍ଷ୍ମୀଧର, ଶରତ, ପ୍ରଭାତ, ଆଶୁତୋଷ ।
ଧ-୧୪୫୭୬

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଜୟଦେବ ମହାପାତ୍ର**
ଆବିର୍ଭାବ: ୧୯।୦୫।୧୯୩୪
ତିରୋଧାନ: ୨୮।୦୨।୨୦୧୭
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀଲିଙ୍ଗରାଜଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ପୁତ୍ର-ପୁତ୍ରବଧୂ: ମଣ୍ଟୁ-ରୁନୁ, ମିଟୁ-ମିତା, ଝିଅ-ଜାମାତା: ସବିତା-ସୁନୀଲ୍, ନାତି-ନାତୁଣୀ: ବାଦଲ, ଆକାଶ, ଶିବା, ବର୍ଷା ।
ଧ-୧୬୮୭୮

CLASSIFIED DISPLAY

ବାସ୍ ଏବେ ଆଉ ଦୁଃଖ କାହିଁକି ?
ଦୁଃଖକୁ ଖୁସିରେ ବଦଳେଇବା ବାଲା ଏବଂ ରୁହାନି ଶକ୍ତି ଏବଂ କଳା ଯାଦୁରେ ମାହିର୍
ପୂର୍ବପୁରୁଷଙ୍କଠୁ ମିଳିଥିବା ବରଦାନ କେବଳ ୪ ଘଣ୍ଟାରେ ୧୦୦% ସମାଧାନ
ଆପଣ ଯେକୌଣସି ସମସ୍ୟାରେ ଯଦି ବ୍ୟସ୍ତ ଅଛନ୍ତି ତାହେଲେ ଏବେ ଫୋନ୍ କରନ୍ତୁ ଏବଂ ଘରେ ବସି ସମାଧାନ କରାନ୍ତୁ ।
ପ୍ରେମବିବାହ, ବିବାହରେ ବାଧା, ଗୃହକ୍ଲେଶ, ସଉତୁଣୀ ଓ ଶତ୍ରୁ ମୁକ୍ତି, ବ୍ୟବସାୟରେ ବାଧା, ଗଡାଧନ, ଜୁଆ, ସଟ୍‌ଟା, ଭୂତ-ପ୍ରେତ, ପ୍ରେମ ଏବଂ ଭଲପାଇବା ଇତ୍ୟାଦି
(ମୁଠ୍‌କରଣୀ ଏବଂ ବଶୀକରଣ ସ୍ପେଶାଲିଷ୍ଟ)
ପ୍ରେମରେ ଧୋକା ଖାଇଥିବା ସ୍ତ୍ରୀ-ପୁରୁଷ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପୁଅ କିମ୍ବା ଝିଅ ବ୍ୟସ୍ତ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା କବୀର ଖାନ୍
ଠିକଣା - ହୋଟେଲ ମୋନାଲିସା, ରାଜମହଲ୍, ଭୁବନେଶ୍ୱର
9911195449

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋତାଧନ
A to Z ସମସ୍ୟାର ସମାଧାନ ଘରେ ବସି ।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଜ୍ୱାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି ?
8376889657 9971793786

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ଫେବୃୟାରୀ ୨୫/୨୦୨୦ Bhubaneswar, Tuesday, February 25/2020




# ବଳାତ୍କାର ମାମଲାରେ ବିଏସ୍ଏଫ୍ ଅଧିକାରୀ ଗିରଫ

**ଭୁବନେଶ୍ୱର,୨୪।୨(ବ୍ୟୁରୋ)**

ଯୁବତୀଙ୍କୁ ବଳାତ୍କାର କରି ଏହାର ଭିଡିଓ ଦେଖାଇ ବ୍ଲାକ୍ମେଲ୍ କରିବା ଓ ୨୦ଲକ୍ଷ ଠକିନେବା ଅଭିଯୋଗରେ ସୋମବାର ଗିରଫ ହୋଇଛନ୍ତି ବିଏସ୍ଏଫ୍ ଡିଏସ୍ପି ସରୋଜ ମନୋଜ କୁମାର ମହାକୁଡ଼। ମହିଳା ଥାନା ପୋଲିସ ତାଙ୍କୁ ଗିରଫ କରିବା ପରେ କ୍ୟାପିଟାଲ ହସ୍ପିଟାଲରେ ଡାକ୍ତରୀ ମାଇନା ପରେ କୋର୍ଟ ଚାଲାଣ କରିଛି। ଡାକ୍ତରୀମାଇନା ସମୟରେ ମନୋଜ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ତାଙ୍କୁ ଯୁବତୀ ଜଣକ ଫସାଇ ଦେଇଛନ୍ତି। ଯୁବତୀ ଜଣକ ଲକ୍ଷ୍ମୀସାଗର ଅଞ୍ଚଳରେ ଜମି କିଣାଇ ଦେବାକୁ କହି ୧୦ ଲକ୍ଷ ଟଙ୍କା ନେଇଥିଲେ। ଜମି ନ ଦେବାରୁ ମୁଁ ତାଙ୍କୁ ଦେଇଥିବା ୧୦ ଲକ୍ଷ ଟଙ୍କା ଫେରସ୍ତ ମାଗିଥିଲି। କିନ୍ତୁ ସେ ଟଙ୍କା ନ ଦେଇ ମୋତେ ଏଭଳି ମିଥ୍ୟା ଅଭିଯୋଗ ଆଣି ଫସାଇ ଦେଇଛନ୍ତି। ଏପରି କି ମୋର ଅଶ୍ଳୀଳ ଭିଡିଓ ସେ ହିଁ ତାଙ୍କ ଫେସ୍ବୁକ୍ ଆଇଡିରୁ ଭାଇରାଲ କରିଛନ୍ତି। କୋର୍ଟକୁ ମୁଁ ଏହାର ପ୍ରମାଣ ଦେବି ବୋଲି ମନୋଜ କହିଛନ୍ତି।

**ନେଇଥିବା ଟଙ୍କା ମାଗିବାରୁ ମୋତେ ଫସାଇ ଦେଇଛନ୍ତି: ଡିଏସ୍ପି**



ସୂଚନାଯୋଗ୍ୟ, ମନୋଜ ଜଟଣୀ ଅଞ୍ଚଳରେ ଥିବା ବିଏସ୍ଏଫ୍ କ୍ୟାମ୍ପରେ କାର୍ଯ୍ୟ କରନ୍ତି। ତାଙ୍କ ଘର ଜଗତ୍ସିଂପୁର ଜିଲାରେ ହୋଇଥିବାବେଳେ ସେ ଚନ୍ଦକା ନିକଟ ଏକ ଆପାର୍ଟମେଣ୍ଟରେ ପରିବାର ସହ ରୁହନ୍ତି। ଅଭିଯୋଗକାରିଣୀ ଯୁବତୀଙ୍କ ଘର କଟକରେ ହୋଇଥିବାବେଳେ ସେ ଭୁବନେଶ୍ୱରରେ ରହି ଏକ ବିଲ୍ଡର ସଂସ୍ଥାରେ ଏଜେଣ୍ଟ ଭାବେ କାର୍ଯ୍ୟ କରନ୍ତି। ତାଙ୍କ ଅଭିଯୋଗ ଅନୁସାରେ, ୨୦୧୭ରେ ଏକ ଜାଗା କିଣିବା ପାଇଁ ମନୋଜ ତାଙ୍କ ସହ ଯୋଗାଯୋଗ କରିଥିଲେ। ଏହାପରେ ମନୋଜ ବିଭିନ୍ନ ଆଳରେ ତାଙ୍କୁ ଦେଖା କରିବା ପାଇଁ ଡାକି ସମ୍ପର୍କ ବଢ଼ାଇଥିଲେ। ପରେ ବିବାହ ଆଳରେ ତାଙ୍କୁ ବଳାତ୍କାର କରିଥିଲେ। ଏହି ସମୟରେ ମନୋଜ ନିଜ ମୋବାଇଲ୍ ଫୋନ୍ରେ ଭିଡିଓ ରେକର୍ଡିଂ କରିଥିଲେ। ପରେ ଏହି ଭିଡିଓ ଭାଇରାଲ କରାଇ ଦେବାର ଧମକ ଦେଇ ଯୁବତୀଙ୍କୁ ବାରମ୍ବାର ବଳାତ୍କାର କରିଥିଲେ। ଏପରି କି ଭିଡିଓ ଡିଲିଟ୍ କରିବାକୁ ତାଙ୍କଠାରୁ ୨୦ଲକ୍ଷ ଟଙ୍କା ନେଇଥିବା ଯୁବତୀ ଜଣକ ମହିଳା ଥାନାରେ ଅଭିଯୋଗ କରିଥିଲେ।

# ଅଭିଯୁକ୍ତ ଭୂତଙ୍କୁ ୧୦ ବର୍ଷ କାରାଦଣ୍ଡ

**ଭୁବନେଶ୍ୱର,୨୪।୨(ବ୍ୟୁରୋ)**

ଖୋର୍ଦ୍ଧା ସଦର ଥାନା କାଇମାଟିଆ ୯ ବର୍ଷର ନାବାଳିକା ବଳାତ୍କାର ମାମଲାର ସୋମବାର ରାୟ ପ୍ରକାଶ ପାଇଛି। ଭୁବନେଶ୍ୱର ଏଡିଜେ-୪ ଆଣ୍ଡ୍ ସ୍ପେଶାଲ ଜଜ ପୋକ୍ସୋ କୋର୍ଟ ଏହି ମାମଲାର ବିଚାର କରି ଅଭିଯୁକ୍ତ ସଞ୍ଜୟ କୁମାର ଭୋଇ ଓରଫ ଭୂତଙ୍କୁ ୧୦ ବର୍ଷ କାରାଦଣ୍ଡ ଶୁଣାଇଛନ୍ତି। ଏହାସହ ୧୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ଅନାଦାୟ ହେଲେ ଅଧିକ ୬ମାସ ଅଧିକ ସଜା ଭୋଗିବାକୁ ବିଚାରପତି ସତ୍ୟରଞ୍ଜନ ପ୍ରଧାନ ତାଙ୍କ ରାୟରେ ଶୁଣାଇଛନ୍ତି। ଜର୍ଜ୧୦ ଜଣ ସାକ୍ଷ୍ୟ ଏବଂ ୨୮ଟି ଦସ୍ତାବିଜ୍କୁ ଅନୁଧ୍ୟାନ କରିବା ପରେ ଏହି ରାୟ ଦେଇଛନ୍ତି।

**କାଇମାଟିଆ ନାବାଳିକା ବଳାତ୍କାର ମାମଲା**

ସୂଚନା ଅନୁଯାୟୀ, ଖୋର୍ଦ୍ଧା ସଦର ଥାନା କାଇମାଟିଆ ଅଞ୍ଚଳରେ ନାବାଳିକା ପରିବାର ସହ ରୁହନ୍ତି। ଗାଁ ପଦିଆରେ ୨୦୧୭ ମସିହା ମେ ୧ ତାରିଖରେ ମେଳା ପଡିଥିଲା। ମେଳା ନିକଟରେ ନାବାଳିକା ବାପାଙ୍କ ଏକ ପାନ ଦୋକାନ ରହିଛି। ସେହି ଦିନ ରାତି ପ୍ରାୟ ୧୧ଟା ସମୟରେ ନାବାଳିକା ରାମଲିଳା ଦେଖିବା ପାଇଁ ଘରୁ ଗାଁ ପଡିଆକୁ ଏକାକୀ ଯାଉଥିଲେ। ଗାଁ ମଝି ରାସ୍ତାରେ ନାବାଳିକାଙ୍କୁ ଏକାକୀ ଦେଖି ଅଭିଯୁକ୍ତ ସଞ୍ଜୟ ଟେକିନେଇ ନିକଟରେ ଥିବା ଏକ ଭଙ୍ଗାଘରେ ବଳାତ୍କାର କରିଥିଲେ। ସେହିବାଟ ଦେଇ ଯାଉଥିବା ଗାଁର ଅନ୍ୟ ଝିଅମାନେ ପାଟିଶୁଣି ଗାଁ ଲୋକଙ୍କୁ ଡାକିବା ପରେ ଅଭିଯୁକ୍ତ ସଞ୍ଜୟ ସେଠାରୁ ଫେରାର ହୋଇଯାଇଥିଲା। ଏନେଇ ଖୋର୍ଦ୍ଧା ସଦର ଥାନାରେ ଅଭିଯୋଗ କରାଯିବା ପରେ ପୋଲିସ କେସ ନଂ- ୭୮/୧୭ ଦଫା ୩୭୬,୩୬୩(୨) (ଆଇ),୫୦୬, ୬ ପୋକ୍ସୋ ଆକ୍ଟ ଲଗାଇ ଅଭିଯୁକ୍ତ ସଞ୍ଜୟଙ୍କୁ ଗିରଫ କରିଥିଲେ। ପରେ ଏହି ମାମଲା କୋର୍ଟ ଟ୍ରାଏଲ ନଂ- ୯୧୪/୧୭ରେ ମାମଲା ଚାଲୁଥିଲା। ଏହି ମାମଲାରେ ବିପକ୍ଷ ଓକିଲ ମଧ୍ୟରୁ ଜଣଙ୍କୁ ମଧ୍ୟ ସାକ୍ଷ୍ୟରୂପେ ନିଆଯାଇଥିଲା। ଏହାସହ ଆଇନି ଅନୁଯାୟୀ ସରକାର ପିଡିତାଙ୍କୁ ୪ଲକ୍ଷ ଟଙ୍କା କ୍ଷତିପୂରଣ ଦେଇଥିଲେ। ସରକାରଙ୍କ ସ୍ୱତନ୍ତ୍ର ପିପିଭାବେ ସୁବ୍ରତ ପ୍ରିୟଦର୍ଶୀ ମାମଲାର ପରିଚାଳନା କରୁଥିଲେ।

# ଆଧୁନିକୀକରଣ କାର୍ଯ୍ୟ ଯୋଗୁ ପ୍ରଭାବିତ ହେବ ଟ୍ରେନ୍ ଚଳାଚଳ

**ଭୁବନେଶ୍ୱର,୨୪।୨(ବ୍ୟୁରୋ)**

ପୂର୍ବ କେନ୍ଦ୍ରୀୟ ରେଳପଥର ଦାନାପୁର ରେଳମଣ୍ଡଳ ଅନ୍ତର୍ଗତ କିଉଲ ଷ୍ଟେଶନଠାରେ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଯୋଗୁଁ ପୂର୍ବତଟ ରେଳପଥକୁ ଆସୁଥିବା ଏବଂ ଏହାର ପରିସୀମାରୁ ଛାଡ଼ିବାକୁ ଥିବା କେତେକ ଟ୍ରେନକୁ ବାତିଲ ଓ ମାର୍ଗ ପରିବର୍ତ୍ତନ କରାଯାଇଛି। ପୁରୀ-ଜୟନଗର-ପୁରୀ ଏକ୍ସପ୍ରେସ ପୁରୀଠାରୁ ମାର୍ଚ୍ଚ ୧୯ ଓ ୨୬ ଏବଂ ଜୟନଗରଠାରୁ ମାର୍ଚ୍ଚ ୨୧ ଓ ୨୮ରେ ଉଭୟ ଦିଗରୁ ବାତିଲ ରହିବ। ସେହିଭଳି ପୁରୀ-ପାଟନା-ପୁରୀ ଏକ୍ସପ୍ରେସ ପୁରୀଠାରୁ ମାର୍ଚ୍ଚ ୨୩ ଓ ୩୦ ଏବଂ ପାଟନାଠାରୁ ମାର୍ଚ୍ଚ ୨୫ ଓ ଏପ୍ରିଲ ୧ ଦିନ ଏହାର ସ୍ଥିରୀକୃତ ମାର୍ଗ ବର୍ଦ୍ଧପୁର-ଆସାନସୋଲ-ଚିତ୍ତରଞ୍ଜନ-ଜାଶିଡ଼ିହ-କିଉଲ-ବକ୍ତିଆରପୁର ମାର୍ଗରେ ନ ଯାଇ ପରିବର୍ତ୍ତିତ ମାର୍ଗ ଭାୟା ଆଦ୍ରା-ଗୋମୋ-ଗୟା ମାର୍ଗଦେଇ ଚଳାଚଳ କରିବ। ଏର୍ଣ୍ଣାକୁଲମ-ପାଟନା-ଏର୍ଣ୍ଣାକୁଲମ ଏକ୍ସପ୍ରେସ ଏର୍ଣ୍ଣାକୁଲମଠାରୁ ମାର୍ଚ୍ଚ ୧୭ ରୁ ୩୧ ମଧ୍ୟରେ ଏବଂ ପାଟନାଠାରୁ ମାର୍ଚ୍ଚ ୧୯ରୁ ଏପ୍ରିଲ ୨ ମଧ୍ୟରେ ଏହାର ସ୍ଥିରୀକୃତ ମାର୍ଗ ଆସାନସୋଲ-ଚିତ୍ତରଞ୍ଜନ-ଜାଶିଡ଼ିହ-କିଉଲ-ବକ୍ତିଆରପୁର ମାର୍ଗରେ ନ ଯାଇ ପରିବର୍ତ୍ତିତ ମାର୍ଗ ଭାୟା ରାଜବେରା-ଗୋମୋ-ଗୟା ମାର୍ଗ ଦେଇ ଉଭୟ ପାର୍ଶ୍ୱରୁ ଚଳାଚଳ କରିବ। ଅନ୍ୟପକ୍ଷରେ ଯଶୋବନ୍ତପୁର-ଭାଗଲପୁର-ଯଶୋବନ୍ତପୁର ଏକ୍ସପ୍ରେସ ଉଭୟ ଯଶୋବନ୍ତପୁର ଓ ଭାଗଲପୁରଠାରୁ ଫେବୃୟାରୀ ୨୬ରୁ ଏପ୍ରିଲ ୨ ମଧ୍ୟରେ ଆସାନସୋଲ-ଜାଶିଡ଼ିହ-କିଉଲ-ଜମଲପୁର ମାର୍ଗ ପରିବର୍ତ୍ତେ ବର୍ଦ୍ଧମାନ-ରାମପୁର ହାଟ-ସାହିବ ଗଞ୍ଜ ମାର୍ଗ ଦେଇ ଚଳାଚଳ କରିବ ବୋଲି ରେଳ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।






1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



"ରାଜ ମୁକୁଟ ସୁନାରେ ତିଆରି ବୋଲି ଦେଖାଯାଉଥାଏ,
ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।
- ମିଲ୍‌ଟନ



## ସଂକ୍ଷେପରେ

### କାନ୍ତକବିଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

**କଟକ ଅଫିସ, ୨୪।୨:** ସମୀଚୀନ ଆନୁକୂଲ୍ୟରେ ମର୍କତନଗରଠାରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଶ୍ରାଦ୍ଧବାର୍ଷିକୀ ସୋମବାର ପାଳିତ ହୋଇଯାଇଛି। ସାମାଜିକ କର୍ମୀ ଗୋବିନ୍ଦ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଟକ ମହାନଗର ନାଗରିକ ମହାସଭାର ସଭାପତି ଡା. ରବିରଞ୍ଜନ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେ କହିଥିଲେ, ପ୍ରାକ୍ ସ୍ୱାଧୀନତା କାଳରେ କାନ୍ତକବି ଅନେକ ଜାତୀୟତାବୋଧ ସଙ୍ଗୀତ ରଚନା କରିଥିଲେ। ଯାହା ଯୁବପିଢ଼ିଙ୍କ ମନରେ ବିପ୍ଳବର ବହ୍ନି ପ୍ରଜ୍ୱଳିତ କରିଥିଲା। ତାଙ୍କ ଦ୍ୱାରା ରଚିତ 'ବନ୍ଦେ ଉତ୍କଳ ଜନନୀ' ଜାତୀୟ ସଙ୍ଗୀତର ମାନ୍ୟତା ଲାଭ କରିଛି। ଯାହା ଓଡ଼ିଆମାନଙ୍କ ମନରେ ତାଙ୍କୁ ଚିରସ୍ମରଣୀୟ କରି ରଖିବ। ଅନ୍ୟତମ ଅତିଥି ଡା. ପରିଣୀତା ଦାସ କହିଥିଲେ, କାନ୍ତକବିଙ୍କ ନାଟକ, ଏକାଙ୍କିକା ଓ ଶିଶୁ ସାହିତ୍ୟ ସମାଜକୁ ବାର୍ତ୍ତା ପ୍ରଦାନ କରିଥାଏ। ଡା. ରେଣୁକା ପରିଜା, ଡା. ପବିତ୍ର ମହାନ୍ତି, ଲୋପାମୁଦ୍ରା ଜେନା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କବିତା ମହାରଣା ଧନ୍ୟବାଦ ଦେଇଥିଲେ।

### ଭାଜପାର ପ୍ରସ୍ତୁତି ସଭା

**କଟକ ଅଫିସ,୨୪।୨:** ନାଗରିକତ୍ୱ ସଂଶୋଧନ ଆଇନକୁ ନେଇ ଆସନ୍ତା ୨୮ ତାରିଖରେ ଭୁବନେଶ୍ୱରରେ ମହାସମାବେଶ ଅନୁଷ୍ଠିତ ହେବ। ଏନେଇ ନଗର ଭାଜପା ପକ୍ଷରୁ ଏକ ପ୍ରସ୍ତୁତି ସଭା ସିଏମ୍‌ସି ଅନ୍ତର୍ଗତ ୨୪ ନଂ. ୱାର୍ଡରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଭାଜପା ମହାନଗର ସଭାପତି ଲଲାଟେନ୍ଦୁ ବଡୁ ଯୋଗଦେଇ ବୁଥ କମିଟିଗୁଡ଼ିକୁ ମଜଭୁତ କରିବା ସହିତ ଭୁବନେଶ୍ୱର ଠାରେ ହେବାକୁ ଥିବା ମହାସମାବେଶରେ ବହୁ ସଂଖ୍ୟାରେ କର୍ମୀ ଯୋଗଦେବା ପାଇଁ ଆହ୍ୱାନ ଦେଇଥିଲେ। ଏହି ସଭାରେ ଭାଜପା ଓବିସି ମୋର୍ଚ୍ଚା ରାଜ୍ୟ ସମ୍ପାଦକ ଲିଙ୍ଗରାଜ ହାତୀ, ଗୋପାଳଜୀଉ ମଣ୍ଡଳ ସଭାପତି ଦେବାନନ୍ଦ ସିଂ, ଜିତେନ୍ଦ୍ର ଶତପଥୀ, ମୀନକେତନ ଦାସ, ରମେଶ ମହାରଣା, ଗଜେନ୍ଦ୍ର ମହାରଣା, ଶ୍ରୀବତ୍ସ ରାଉତ, ଶିବ ମହାରଣା, ଗିରିଜା ମହାରଣା, ରବୀନ୍ଦ୍ର ରାଉତ, ସେନ୍ତାଲି ରମଣ, ସବିତା ବେହେରା ଓ ଗୀତାଞ୍ଜଳି ସାହୁ ପ୍ରମୁଖ ଯୋଗଦେଇଥିଲେ।

### ଶ୍ରୀ ଜଗନ୍ନାଥ ମହୋତ୍ସବ ସମିତିର ସମ୍ବର୍ଦ୍ଧନା ଉତ୍ସବ

**ଚୌଦ୍ୱାର,୨୪।୨(ଡି.ଏନ୍.ଏ.):** ଓଟିଏମ କଲୋନୀ ସ୍ଥିତ ସତ୍ୟ ନାରାୟଣ ମନ୍ଦିର ପରିସରରେ ଶ୍ରୀ ଜଗନ୍ନାଥ ମହୋତ୍ସବ ସମିତି ପକ୍ଷରୁ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହୋତ୍ସବ ସମିତି ସଭାପତି ଶୁଭେନ୍ଦୁ ସାମଲ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଶ୍ରୀ ଜଗନ୍ନାଥ ସଂସ୍କୃତି ଓ ପରମ୍ପରାର ରାଷ୍ଟ୍ରୀୟ ପ୍ରଚାରକ ତଥା ଶ୍ରୀ ଗୁରୁକୃପା ଆଶ୍ରମର ଅଧକ୍ଷ ବାବା ସ୍ୱାମୀ ସତ୍ୟାନନ୍ଦ ଦାସ ମହାରାଜ ଯୋଗଦେଇ ଚୌଦ୍ୱାରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ଅଲୌକିକ ଘଟଣାବଳୀ ଉପରେ ଆଲୋଚନା କରିଥିଲେ। ମହୋତ୍ସବର ଅଧକ୍ଷ ତଥା ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଏବଂ ଉତ୍ସବର ମୁଖ୍ୟ ସଂଯୋଜକ ସନ୍ତୋଷ କୁମାର ଧର କାର୍ଯ୍ୟକ୍ରମରେ ସହଯୋଗ କରିଥିବା ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ମହୋତ୍ସବ ସମିତିର ସମ୍ପାଦକ ଶରତ କୁମାର ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ। ଉପଦେଷ୍ଟା ନରେନ୍ଦ୍ର ନାଥ ସ୍ୱାଇଁ, କେଦାରନାଥ ଷଡ଼ଙ୍ଗୀ, ନାରାୟଣ ସ୍ୱାଇଁ, କୃଷ୍ଣ ଚନ୍ଦ୍ର ମହାନ୍ତି , ଲକ୍ଷ୍ମୀଧର ଖୁଣ୍ଟିଆ ଓ ଅର୍ଜୁନ ପଣ୍ଡାଙ୍କ ସମେତ ବହୁ କର୍ମକର୍ତ୍ତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ମହାରାଜ ସମସ୍ତ ସଦସ୍ୟ ଓ ଗଣମାଧମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# କ୍ୟାଣ୍ଟିନରେ ତାଲା, ଛାତ୍ରୀଛାତ୍ର ଅସନ୍ତୁଷ୍ଟ

**କଟକ ଅଫିସ, ୨୪।୨**



**ରେଭେନ୍‌ଶା ବିଶ୍ୱବିଦ୍ୟାଳୟ**
■ଅଭିଯୋଗ ପରେ ହେଉନି ପ୍ରତିକାର ବ୍ୟବସ୍ଥା

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର କ୍ୟାଣ୍ଟିନ୍ ୪ ବର୍ଷ ହେବ ବନ୍ଦ ରହିଛି। ଫଳରେ ଖାଦ୍ୟ ପାଇଁ ଛାତ୍ରୀଛାତ୍ରମାନେ ହଟହଟା ହେଉଛନ୍ତି। ଏ ସମ୍ପର୍କରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ମଧ ପ୍ରତିକାର ବ୍ୟବସ୍ଥା କରାଯାଉନାହିଁ। ଏହାକୁ ନେଇ ଛାତ୍ରୀଛାତ୍ରଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି।

କଟକରେ ଥିବା ଏହି ପୁରାତନ ବିଶ୍ୱବିଦ୍ୟାଳୟରେ ରାଜ୍ୟ ସମେତ ରାଜ୍ୟ ବାହାରୁ ଅନେକ ଛାତ୍ରୀଛାତ୍ର ପଢୁଛନ୍ତି। ପ୍ରତିଦିନ ୫/୬ ଘଣ୍ଟା ରହୁଥିବା ଛାତ୍ରୀଛାତ୍ରଙ୍କୁ ଏଠାରେ ଭୋକରେ ରହିବାକୁ ପଡୁଛି। କାରଣ ଏଠାରେ ଥିବା ଏକମାତ୍ର କ୍ୟାଣ୍ଟିନ୍‌ରେ ଏବେ ତାଲା ଝୁଲୁଛି। ୪ ବର୍ଷ ପୂର୍ବେ ଏକ ଘରୋଇ ସଂସ୍ଥାକୁ ଉକ୍ତ କ୍ୟାଣ୍ଟିନ୍ ଚଳାଇବା ପାଇଁ ଠିକା ଦିଆଯାଇଥିଲା। କିଛିଦିନ ଠିକ୍ ଠାକ୍ ଚାଲିଲା। ପରବର୍ତ୍ତୀ ସମୟରେ ସେଠାରେ ନିମ୍ନମାନର ଖାଦ୍ୟ ଦିଆଯିବା ଅଭିଯୋଗ ହୋଇଥିଲା। ଏହି ଖାଦ୍ୟ ଖାଇବା ଦ୍ୱାରା ଅନେକ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଯାଇଥିଲା। ଏଥିଯୋଗୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏହି କ୍ୟାଣ୍ଟିନକୁ ବନ୍ଦ କରିଦେଇଥିଲେ। ଉକ୍ତ ସଂସ୍ଥା ଉପରେ ପ୍ରାୟ ଦେଢ ଲକ୍ଷ ଟଙ୍କା ବକେୟା ପଡିରହିଥିଲା। ଟଙ୍କା ଫେରସ୍ତ ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଉକ୍ତ ସଂସ୍ଥାକୁ ନୋଟିସ ଜାରି କରାଯାଇଥିଲା। ହେଲେ ଉକ୍ତ ସଂସ୍ଥା ଟଙ୍କା ଫେରସ୍ତ କରିବାକୁ ମନା କରିଥିଲା। ଫଳରେ କ୍ୟାଣ୍ଟିନରେ ସଂସ୍ଥାର ଥିବା ସମସ୍ତ ଜିନିଷକୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ସିଲ୍ କରିଦିଆଯାଇଥିଲା। ଏହାର ବିକଳ୍ପ ସ୍ୱରୁପ ଛାତ୍ରୀଛାତ୍ରଙ୍କୁ ବାହାର ଖାଦ୍ୟ ଉପରେ ନିର୍ଭର କରିବାକୁ ପଡୁଥିଲା। ଏନେଇ ଛାତ୍ରୀଛାତ୍ରମାନେ କୁଳସଚିବଙ୍କ ନିକଟରେ ଅଭିଯୋଗ କରିଥିଲେ। ପ୍ରାୟ ୨ ବର୍ଷ ପରେ କ୍ୟାଣ୍ଟିନକୁ ପୁନର୍ବାର ଚାଲୁ କରିବା ପାଇଁ ଏକ ଟେଣ୍ଡର ଆହ୍ୱାନ କରାଯାଇଥିଲା। ସେଥିରେ କିଛି ସଂସ୍ଥା ମଧ ଭାଗ ନେଇଥିଲା। ଖାଦ୍ୟ ସାମଗ୍ରୀର ପରିମାଣ ଏବଂ ସେଗୁଡିକର ମୂଲ୍ୟ ମଧ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିର୍ଦ୍ଧାରଣ କରାଯାଇଥିଲା। ମାତ୍ର ଏହି ଟେଣ୍ଡରରେ କେଉଁମାନେ ଭାଗ ନେଇଥିଲେ ଏବଂ କେବେ କ୍ୟାଣ୍ଟିନ ଚାଲୁହେବ ତାହା ଏବେ ମଧ ସ୍ପଷ୍ଟ ହୋଇପାରିନି। ଅନ୍ୟପକ୍ଷରେ ବିଶ୍ୱବିଦ୍ୟାଳୟର ମୁଖ୍ୟ ଫାଟକ ପାଖରେ ଥିବା କେତେକ ଫାଷ୍ଟଫୁଡ୍ ଦୋକାନରୁ ଛାତ୍ରୀଛାତ୍ରମାନେ ଖାଇବାକୁ ବାଧ ହେଉଛନ୍ତି। କିନ୍ତୁ ଫାଷ୍ଟଫୁଡ୍ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ହୋଇଥିବା ଯୋଗୁ ଅନେକ ଛାତ୍ରୀଛାତ୍ର ଏଥିରୁ ଦୂରରେ ରହୁଛନ୍ତି। ସେଥିରେ ପୁଣି ଯଦି ଫାଷ୍ଟଫୁଡ୍ ଦୋକାନ ବନ୍ଦ ରହୁଛି ତେବେ ସେମାନଙ୍କୁ ଭୋକିଲା ରହିବାକୁ ପଡୁଛି।

**ଏମାନେ କ'ଣ କୁହନ୍ତି...**

ଛୋଟ ବଡ଼ କଲେଜଗୁଡ଼ିକରେ କ୍ୟାଣ୍ଟିନ୍ ଅଛି। କିନ୍ତୁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ କ୍ୟାଣ୍ଟିନ୍ ନାହିଁ। ଯେଉଁଟା ଥିଲା, ୪ ବର୍ଷ ହେଲା ବନ୍ଦ ରହିଛି। ଏ ନେଇ ବାରମ୍ବାର ଅଭିଯୋଗ କଲେ ମଧ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉନାହାନ୍ତି। କ୍ୟାଣ୍ଟିନ ଖୋଲିଲେ ସମସ୍ତ ଛାତ୍ରୀଛାତ୍ର ଏଥିରୁ ଉପକୃତ ହୋଇପାରିବେ।
**-ଅମର୍ତ୍ତ୍ୟ ଅନୁରାଗ, ଛାତ୍ର**

ପୂର୍ବାହ୍ନ ୯ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ କ୍ଲାସ ରହୁଛି। ଅନେକ ସମୟରେ କ୍ଲାସ ଡେରିରେ ସରିଲା ବେଳେକୁ ବାହାରେ ଖାଦ୍ୟ ମିଳୁନାହିଁ। ବହୁବାର ଭୋକରେ ରହିବାକୁ ପଡୁଛି। ଏପରିକି ବାହାର ଖାଦ୍ୟର ମୂଲ୍ୟ ଅଧିକା ରହୁଛି।
**-ସୁଶ୍ରୀତା ନାୟକ, ଛାତ୍ରୀ**

ଖୁବ୍‌ଶୀଘ୍ର କ୍ୟାଣ୍ଟିନ ଖୋଲିବା ପାଇଁ ପ୍ରଚେଷ୍ଟା ଜାରି ରହିଛି। ଦୀର୍ଘଦିନ ଧରି ବନ୍ଦ ପଡିଥିବାରୁ ଏହାର ମରାମତି କରାଯିବ। ଏଥିପାଇଁ ପୂର୍ତ୍ତ ବିଭାଗକୁ ଅବଗତ କରାଯାଇଛି।
**-ଅଶୋକ କୁମାର ଦାଶ, କୁଳସଚିବ**

# ଅପରେଶନ ଥିଏଟର ସାମ୍ନାରେ ପାର୍କିଂ

**କଟକ ଅଫିସ,୨୪।୨**

**ଏସ୍‌ସିବି ମେଡିକାଲରେ ଅବ୍ୟବସ୍ଥା: ସ୍ୱାସ୍ଥ୍ୟ ସଚିବଙ୍କୁ ଚିଠି**



ଏସ୍‌ସିବି ମେଡ଼ିକାଲକୁ ବିଶ୍ୱସ୍ତରୀୟ କରିବା ପାଇଁ ରାଜ୍ୟ ସରକାର ଯୋଜନା କରୁଛନ୍ତି। ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରିବାକୁ ପ୍ରସ୍ତୁତ ହେଉଛନ୍ତି ରାଜ୍ୟ ସରକାର। ହେଲେ ଏଠାରେ ଅନେକ ଅବ୍ୟବସ୍ଥା ରହିଥିବା କଟକର ସ୍ୱେଚ୍ଛାସେବୀ ସଙ୍ଗଠନ 'ସେବା ମନ୍ଦିର' ପକ୍ଷରୁ ଅଭିଯୋଗ ହୋଇଛି। ଏ ନେଇ ସଙ୍ଗଠନ ପକ୍ଷରୁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ସଚିବ, ୫-ଟି ସଚିବ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଓ କଟକ ଜିଲାପାଳଙ୍କୁ ଚିଠି ଲେଖାଯାଇଛି। ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି, ବିଭିନ୍ନ ବିଭାଗର ବାରଣ୍ଡାରେ କିଛି କର୍ମଚାରୀ ବାଇକ୍, ସ୍କୁଟି, ସାଇକେଲ ରଖୁଛନ୍ତି। ଏଥିଯୋଗୁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ଯାତାୟାତରେ ବାଧା ସୃଷ୍ଟି ହେଉଛି। ଏପରି କି ବାରଣ୍ଡାରେ ରୋଗୀ ପଡ଼ିଥିବାବେଳେ ସେମାନଙ୍କ ମୁଣ୍ଡ ପାଖରେ ରହୁଛି ଗାଡ଼ି ଓ ସାଇକେଲ। ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ ମେଡିକାଲ କର୍ତ୍ତୃପକ୍ଷ ଏଥିପ୍ରତି ଆଦୌ ଦୃଷ୍ଟି ଦେଉନାହାନ୍ତି ବୋଲି ସଙ୍ଗଠନର ସଦସ୍ୟ ଅଚ୍ୟୁତ କୁମାର ସାହୁ କହିଛନ୍ତି। ଏ ନେଇ ଏସ୍‌ସିବି ମେଡିକାଲର ଜରୁରିକାଳୀନ ଅଧିକାରୀ ଡା. ଭୁବନାନନ୍ଦ ମହାରଣା କୁହନ୍ତି, ଏ ସମ୍ପର୍କରେ ମୋ ପାଖରେ ଖବର ନାହିଁ। ତଥାପି ଏହା ଉପରେ ତଦନ୍ତ କରାଯିବ।

# ୪୭୧ ଅଭିଯୋଗ ଶୁଣିଲେ ଜିଲାପାଳ

**କଣ୍ଟାପଡ଼ା,୨୪।୨(ଡି.ଏନ୍.ଏ.)**

କଣ୍ଟାପଡା ବ୍ଲକରେ ସୋମବାର କଟକ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୪୭୧ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ଜିଲାପାଳ ଭବାନୀ ଶଙ୍କର ଚୟନୀ ସମସ୍ତ ଅଭିଯୋଗର ଶୁଣାଣି କରିଥିଲେ। ଏହି ଶିବିରରେ ନିଆଳି ବିଧାୟକ ଡା. ପ୍ରମୋଦ କୁମାର ମଲ୍ଲିକ ଅଭିଯୋଗକାରୀ ଭାବେ ଉପସ୍ଥିତ ହୋଇ ଫନୀ ବାତ୍ୟା ପରବର୍ତ୍ତି ସମୟରେ ଘରଭଙ୍ଗା ସହାୟତା ପ୍ରଦାନରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ କରିଥିଲେ। ଜିଲାପାଳ ଚୟନୀ ଦିବ୍ୟାଙ୍ଗଙ୍କୁ ଉପକରଣ ଓ ରେଡକ୍ରସ ପକ୍ଷରୁ ସମହାୟତା ପ୍ରଦାନ କରିଥିଲେ। କଣ୍ଟାପଡା ବ୍ଲକ ଅଧକ୍ଷା ସ୍ମିତାରାଣୀ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ୪୫୫ଟି ବ୍ୟକ୍ତିଗତ ଅଭିଯୋଗ ହୋଇଥିବା ବେଳେ ୧୬ଟି ସାମୂହିକ ଅଭିଯୋଗ ହୋଇଥିଲା। ଜିଲାପାଳ ଏହି ଅଭିଯୋଗର ଶୁଣାଣି କରି ତୁରନ୍ତ ପଦକ୍ଷେପ ନେବାକୁ ଉପସ୍ଥିତ ଅଧିକାରୀଙ୍କୁ ନର୍ଦ୍ଦେଶ ଦେଇଥିଲେ। ଏହା ସହିତ ଜିଲାପାଳ ନିରତାରରେ ନ୍ୟୁରୋ ଫାଇବ୍ରୋ ମେଟାସିସ୍ ରୋଗରେ ପୀଡିତ କହ୍ନେଇଙ୍କ ମା' ମମତା ପ୍ରଧାନଙ୍କୁ ତୁରନ୍ତ ବିଧବା ଭତ୍ତା ପ୍ରଦାନ ମଞ୍ଜୁର କରିଥିଲେ। ପରେ ବିଧାୟକ ଡା. ମଲ୍ଲିକ, ବ୍ଲକ ଅଧକ୍ଷା ସ୍ୱାଇଁ ଓ ବିଡିଓ କେ.ଅଶୋକ କୁମାର ନିରତାରରେ ପହଞ୍ଚି ଏହି ଭତ୍ତା ପ୍ରଦାନ କରିଥିଲେ।




ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭାରତ ଗସ୍ତକୁ ବିରୋଧ କରି ଓଏମ୍‌ପିଠାରେ ବିକ୍ଷୋଭ ପ୍ରଦର୍ଶନ।

### ନୂତନ ସାଇକେଲ ଷ୍ଟାଣ୍ଡ ଉଦ୍‌ଘାଟିତ

**ଚୌଦ୍ୱାର,୨୪।୨(ଡି.ଏନ୍.ଏ.)**

ଇମ୍ଫା ଶିଳ୍ପ ଗୋଷ୍ଠୀର ସାମାଜିକ ଓ ଦାୟିତ୍ୱବୋଧ ଶାଖା ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେଶନ ପକ୍ଷରୁ ନିର୍ମିତ ଏକ ସାଇକେଲ ଷ୍ଟାଣ୍ଡ ଗୃହ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଆଗ୍ରାହାଟସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ପ୍ରାୟ ୪ଲକ୍ଷ ଟଙ୍କାରୁ ଉର୍ଦ୍ଧ ବ୍ୟୟରେ ନିର୍ମିତ ଏହି ଷ୍ଟାଣ୍ଡରେ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ସାଇକେଲ ରଖାଯାଇପାରିବ। କମ୍ପାନୀର ସାଧାରଣ ପ୍ରଶାସକ ଦୀପକ ପୃଷ୍ଟି ଓ ଫେରୋଆଲଏଜ୍‌ର ଉତ୍ପାଦନ ମୁଖ୍ୟ ଧିରେନ କୁମାର ନାଥ ଏହାକୁ ଉଦ୍‌ଘାଟନ କରିଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ରବୀନ୍ଦ୍ର ନାଥ ନାୟକ, ଉମେଶ ଚନ୍ଦ୍ର ମହାରଣା, ପ୍ରଶାନ୍ତ ପଣ୍ଡା, ରାମଚନ୍ଦ୍ର ବେହେରା, ବୀରବର ବରାଳଙ୍କ ସମେତ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଗୁରୁମା ଗୁରୁଜୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଇମ୍ଫାର ବିନୟ ଅଗ୍ରୱାଲ, ଲଲାଟ କେଶରୀ ମହାପାତ୍ର, ରମେଶ ଚନ୍ଦ୍ର ବେହେରା, ସାରଦା ପ୍ରସାଦ ରାଓ, ମାନସ ରଞ୍ଜନ ପ୍ରଧାନ ଓ ଲୋକସମ୍ପର୍କ ଅଧିକାରୀ ଧ୍ରୁବ ଚରଣ ରାଉତ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଛାତ୍ରଙ୍କୁ ଅପହରଣ ଅଭିଯୋଗ

**ନିଆଳି,୨୪।୨(ଡି.ଏନ୍.ଏ.)**

ନିଆଳି ଅଞ୍ଚଳର ଜଣେ ଷଷ୍ଠ ଶ୍ରେଣୀରେ ଛାତ୍ରଙ୍କୁ ଅପହରଣ କରୁଥିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ସୂଚନା ଅନୁଯାୟୀ, ସୋମବାର ସନ୍ଧ୍ୟାରେ ନିଆଳି ଥାନା ନିକଟ ଭେଟନାରୀ ଛକରେ ଜଣେ ଷଷ୍ଠ ଶ୍ରେଣୀ ଛାତ୍ର ଟ୍ୟୁଶନ୍‌ରୁ ଫେରୁଥିବା ବେଳେ ଜଣେ ଯୁବକ ତାଙ୍କୁ ଜୋରଜବରଦସ୍ତ ଏକ ବାଇକରେ ବସାଇ ନେଇଯାଉଥିଲେ। ଏହି ସମୟରେ ଛାତ୍ର ଜଣଙ୍କ ପାଟି କରିବାରୁ ପାଖରେ ଥିବା ଲୋକେ ଉକ୍ତ ଯୁବକଙ୍କୁ କାବୁ କରି ନେଇଥିଲେ। ଏହାପରେ ଉକ୍ତ ଯୁବକଙ୍କୁ ମାଡ଼ ମାରିବା ସହ ନିଆଳି ଥାନା ପୋଲିସ ଜିମା ଦେଇଥିଲେ। ଉକ୍ତ ଯୁବକକୁ ଅଟକ ରଖି ପଚରା ଉଚରା ଜାରି ରଖିଥିବା ଥାନା ଏସ୍‌ଆଇ ବନବିହାରୀ ପଣ୍ଡା କହିଛନ୍ତି। ଏ ସମ୍ପର୍କରେ ଛାତ୍ରଙ୍କ ମା' ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଖବରଲେଖା ହେବା ବେଳେକୁ ଏ ନେଇ ଥାନାରେ ମାମଲା ରୁଜୁ ହୋଇ ନ ଥିବା ଜଣାପଡିଛି।

# ଟ୍ରମ୍ପଙ୍କ ଭାରତ ଗସ୍ତକୁ ବିରୋଧ କରି ବିକ୍ଷୋଭ

**କଟକ ଅଫିସ,୨୪।୨**

**ଓଏମ୍‌ପିଠାରେ ମାନବଶୃଙ୍ଖଳ, କୁଶପୁତ୍ତଳିକା ଦାହ**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭାରତଗସ୍ତକୁ ସିପିଆଇ ଓ ସିପିଆଇ(ଏମ୍) ପକ୍ଷରୁ ବିରୋଧ କରାଯାଇଛି। ସୋମବାର କଟକ ଓଏମ୍‌ପିଠାରେ ମାନବଶୃଙ୍ଖଳ କରାଯିବା ସହ କର୍ମୀମାନେ ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିସହ ଟ୍ରମ୍ପଙ୍କ କୁଶପୁତଳିକା ଦାହ କରାଯାଇଥିଲା। ସିପିଆଇ ଜିଲା ସମ୍ପାଦକ ବଦ୍ରିନରାୟଣ ଦାଶ କହିଛନ୍ତି, ଦେଶରେ ଆର୍ଥିକ ସଙ୍କଟ, ବେକାରି ଓ ଚାଷୀ ଆତ୍ମହତ୍ୟା ଭଳି ଅନେକ ସମସ୍ୟା ଥିବାବେଳେ କେନ୍ଦ୍ର ସରକାର ଟ୍ରମ୍ପଙ୍କ ଭାରତଗସ୍ତ ପାଇଁ ଏଭଳି ଭବ୍ୟ କାର୍ଯ୍ୟକ୍ରମ ଆୟୋଜନ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏହି କାର୍ଯ୍ୟକ୍ରମରେ ଅମରେନ୍ଦୁ ମହାନ୍ତି, କିଶୋର ଜେନା, ରବିନାରାୟଣ ମଲ୍ଲିକ, ନଗର ସମ୍ପାଦକ ପ୍ରତାପ ମହାପାତ୍ର, ବିନୋଦ ବେହେରା, ବିଷ୍ଣୁ ବେହେରା ପ୍ରମୁଖ ସାମିଲ ହୋଇଥିଲେ।

# ଶେଷଦିନରେ ୪ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ

**କଟକ ସଦର,୨୪।୨ (ଡି.ଏନ.ଏ.)**

**୭ନଂ. ଜିଲା ପରିଷଦ ଜୋନ ଉପନିର୍ବାଚନ**

କଟକ ଜିଲା ପରିଷଦ ୭ନଂ. ଜୋନ୍‌ର ଉପନିର୍ବାଚନ ପାଇଁ ସୋମବାର ପ୍ରାର୍ଥିପତ୍ର ଦାଖଲର ଶେଷ ତାରିଖ ଥିଲା। ଶେଷଦିନରେ ୪ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି ବୋଲି କଟକ ସଦର ଉପଜିଲାପାଳ ତଥା ରିଟର୍ଣ୍ଣିଂ ଅଫିସର ଶୁଭ୍ରାଂଶୁ ଶେଖର ମିଶ୍ର ସୂଚନା ଦେଇଛନ୍ତି। ବିଜେଡିର ବିଳାସ ଚନ୍ଦ୍ର ମଲ୍ଲିକ ଶୋଭାଯାତ୍ରାରେ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା, ପ୍ରମୋଦ ମହାପାତ୍ର, ବିଭୂତି ଭୂଷଣ ପରିଡା, ବୁଦ୍ଧିଆ ପ୍ରଧାନ, ସୁରେଶ ଚନ୍ଦ୍ର ବିଶୋୟୀ, ଚୁଲ ସାହୁ ଓ ଇଲାବତୀ ବିଶୋୟୀଙ୍କ ସହ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ନାମାଙ୍କନ ପତ୍ର ଦାଖଲ କରିଥିଲେ। ସେହିପରି ଭାଜପାର ନାରାୟଣ ଚନ୍ଦ୍ର ମଲ୍ଲିକ, କଂଗ୍ରେସର ନାରାୟଣ ଚନ୍ଦ୍ର ମଲ୍ଲିକ ଓ ସ୍ୱାଧୀନ ପ୍ରାର୍ଥୀ ଭାଗିରଥୀ ଭୋଇ ମଧ ନିର୍ଦ୍ଧାରିତ ସମୟରେ ନାମାଙ୍କନପତ୍ର ଦାଖଲ କରିଥିଲେ। ମଙ୍ଗଳବାର ପ୍ରାର୍ଥୀପତ୍ର ଯାଞ୍ଚ କରାଯିବ। ସୂଚନାଯୋଗ୍ୟ, ତଫସିଲଭୁକ୍ତ ଜାତି ପାଇଁ ଉଦ୍ଦିଷ୍ଟ ଆସନଟି ଗୋବିନ୍ଦ ଚନ୍ଦ୍ର ସାମଲଙ୍କ ବିୟୋଗ ପରେ ଖାଲି ପଡିଥିଲା।

### ବିଜୁ ପାର୍କ ପୁନରୁଦ୍ଧାର ଦାବି

**ଚୌଦ୍ୱାର,୨୪।୨(ଡି.ଏନ୍.ଏ.)**

ଚୌଦ୍ୱାର ସହରାଞ୍ଚଳର ପ୍ରବେଶ ପଥରେ ନିର୍ମାଣ ହୋଇଥିବା ବିଜୁ ପାର୍କ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି। କୌଣସି କାର୍ଯ୍ୟକ୍ରମ ଥିବା ବେଳେ ପୌରପାଳିକା ପକ୍ଷରୁବିଜୁବାବୁଙ୍କପ୍ରତିମୂର୍ତ୍ତିନିକଟକୁସଫେଇ କରାଯାଉଥିବା ବେଳେ ଅନ୍ୟ ଦିବସରେ ଏହାର ରକ୍ଷଣାବେକ୍ଷଣ କରାଯାଉ ନ ଥିବା ପୌରନିର୍ବାହୀ ଅଧିକାରୀ ପ୍ରଦୀପ୍ତ କୁମାର ବେହେରାଙ୍କ ନିକଟରେ ସ୍ଥାନୀୟ ଲଭେବୁଲ ସେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନେ ସୋମବାର ଅଭିଯୋଗ କରିଛନ୍ତି। ପାର୍କରେ ଲାଗିଥିବା ଲାଇଟଗୁଡିକ ଦୀର୍ଘଦିନ ଧରି ଅଚଳ ହୋଇ ପଡିରହିଛି । ଫଳରେ ସନ୍ଧ୍ୟା ହେଲେ ଅସାମାଜିକ ଯୁବକଙ୍କ ଆଡ୍ଡା ଜମାଉଛନ୍ତି। ଏହାର ତୁରନ୍ତ ପୁନରୁଦ୍ଧାର କରାଯାଉ ବୋଲି ଅନୁଷ୍ଠାନର କର୍ମକର୍ତ୍ତାମାନେ ଦାବି କରିଛନ୍ତି।

# ତହସିଲ କାର୍ଯ୍ୟାଳୟରେ ଅଗ୍ନିକାଣ୍ଡ

**ନିଆଳି,୨୪।୨(ଡି.ଏନ୍.ଏ.)**

**କମ୍ପ୍ୟୁଟର, ଏସି ଓ ଅନ୍ୟାନ୍ୟ କାଗଜପତ୍ର ଜଳିଗଲା**



ନିଆଳି ତହସିଲ କାର୍ଯ୍ୟାଳୟରେ ସୋମବାର ଭୋରରୁ ଅଗ୍ନିକାଣ୍ଡ ଘଟି କମ୍ପ୍ୟୁଟର, ଏସି ଓ ଅନ୍ୟାନ୍ୟ ଇଲୋକ୍ଟ୍ରୋନିକ୍ସ ସାମଗ୍ରୀ ସହ ବିଭିନ୍ନ କାଗଜପତ୍ର ପୋଡ଼ିଯାଇଛି। ଭୋରରୁ ତହସିଲ କାର୍ଯ୍ୟାଳୟର ପୁରୁଣା କମ୍ପ୍ୟୁଟର ରୁମ୍‌ରୁ ଧୂଆଁ ବାହାରୁଥିବା ୱାଚମ୍ୟାନ୍ ତହସିଲଦାର ଓ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଖବରପାଇ ନିଆଳି ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ପ୍ରାୟ ୧ ଘଣ୍ଟା ପରେ ନିଆଁକୁ ଆୟତ୍ତ କରିଥିଲେ। ଏହି ଖବର ନିଆଳି ଅଞ୍ଚଳରେ ପ୍ରଚାରିତ ହେବା ପରେ ଜନସାଧାରଣଙ୍କ ଜମିବାଡିର କାଗଜପତ୍ର, ସାର୍ଟିଫିକେଟ୍, ଘରଭଙ୍ଗା ସହାୟତାକୁ ଅପେକ୍ଷା କରିଥିବା ହିତାଧିକାରୀମାନେ ଆଶଙ୍କାରେ ରହିଛନ୍ତି। ଏ ସମ୍ପର୍କରେ ତହଦିଲଦାରଙ୍କ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ରଶ୍ମିରେଖା ଆମନ୍ତ କୁହନ୍ତି, ଜନସାଧାରଣ ଭୟଭୀତ ହେବାରେ କୌଣସି କାରଣ ନାହିଁ। ଜନସାଧାରଣଙ୍କ କୌଣସି କାଗଜପତ୍ର କିମ୍ବା ଘରଭଙ୍ଗା ସହାୟତାର କୌଣସି କାଗଜପତ୍ର ନଷ୍ଟ ହୋଇ ନାହିଁ। ଦୁଇଟି କମ୍ପ୍ୟୁଟର,ଏସି, ଇଲେକ୍ଟ୍ରି ସେକ୍‌ସନ୍ ପୋଡିଯାଇଛି। ପ୍ରାୟ ୧୫ଦିନ ମଧରେ ଏ ସମସ୍ତ କାର୍ଯ୍ୟ ଠିକ୍ ହୋଇ ଜନସାଧାରଣଙ୍କୁ ତହସିଲ ପକ୍ଷରୁ ସେବା ଯୋଗାଇ ଦିଆଯିବ ବୋଲି କହିଛନ୍ତି।



ଆସୁଛି ହୋଲି: କଟକ ଚୌଧୁରୀ ବଜାର ଅଞ୍ଚଳରେ ଖୋଲିଥିବା ଏକ ପାଇକାରୀ ଦୋକାନରୁ ଜଣେ ଖୁଚୁରା ବ୍ୟବସାୟୀ ପିଚକାରୀ କିଣୁଛନ୍ତି।




ବିଭିନ୍ନ ଦାବି ନେଇ କଟକ ଲିଙ୍କ୍‌ରୋଡସ୍ଥିତ ବିଏସ୍‌ଏନ୍‌ଏଲ୍ କାର୍ଯ୍ୟାଳୟ ପରିସରରେ ସୋମବାର କର୍ମଚାରୀମାନେ ଆମରଣ ଅନଶନରେ ବସିଛନ୍ତି।




ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭାରତ ଗସ୍ତକୁ ବିରୋଧ କରି ଏସ୍‌ୟୁସିଆଇ(ସି) ପକ୍ଷରୁ ସୋମବାର କଟକ କଲେଜ ଛକଠାରେ ଅନୁଷ୍ଠିତ ପ୍ରତିବାଦ ସଭା।

## ନିଲମ୍ବନ ଆଦେଶ ପ୍ରତ୍ୟାହୃତ

**କଟକ ସଦର,୨୪।୨ (ଡି.ଏନ.ଏ.):** ଜିଲା ପରିଷଦ ଉପନିର୍ବାଚନ ପରିପ୍ରେକ୍ଷୀରେ କଟକ ସଦର ନିର୍ବାଚନ ମଣ୍ଡଳୀ ଅଧୀନ କିଶୋର ନଗର ପଞ୍ଚାୟତ ବିଜେଡି ସଭାପତି ସୁରେଶ ଚନ୍ଦ୍ର ବିଶୋୟୀଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହୃତ ହୋଇଛି। କାରଣ ଦର୍ଶାଅ ନୋଟିସ୍‌ର ଉତ୍ତର ମିଳିବା ପରେ କଟକ ସଦର ବିଧାୟକଙ୍କ ପରାମର୍ଶକ୍ରମେ ନିଲମ୍ବନ ଆଦେଶ ପ୍ରାତ୍ୟାହାର କରାଗଲା ବୋଲି ବ୍ଲକ ବିଜେଡି ସଭାପତି ପ୍ରମୋଦ ମହାପାତ୍ର ଜଣାଇଛନ୍ତି।

## ସଂକ୍ଷେପରେ

### ଏବେ ଖାଇହେବ କୁକୁଡ଼ା ମାଂସ

**ଭୁବନେଶ୍ୱର, ୨୪।୨(ବ୍ୟୁରୋ):** ଓୟୁଏଟି କୁକୁଡ଼ା ଫାର୍ମରେ ବାର୍ଡ-ଫ୍ଲୁ ଲାଗିଥିବା ପରିପ୍ରେକ୍ଷୀରେ ଲୋକମାନେ ଆଶଙ୍କା ମଧ୍ୟରେ କୁକୁଡ଼ା ମାଂସ ଓ ଅଣ୍ଡା ଖାଉନାହାନ୍ତି। କିନ୍ତୁ ଏଥିପାଇଁ କୌଣସି ଆଶଙ୍କା ସୃଷ୍ଟି ହେବା ଉଚିତ ନୁହେଁ। କୁକୁଡ଼ା ମାଂସ ଓ ଅଣ୍ଡା ଖାଇବାରେ କୌଣସି ଭୟ ନାହିଁ ବୋଲି ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି। ସରକାରଙ୍କ ତରଫରୁ ଓୟୁଏଟି କୁକୁଡ଼ା ଫାର୍ମ ଓ ଏହାର ଏକ କିଲୋମିଟର ବ୍ୟାସାର୍ଦ୍ଧ ଅଞ୍ଚଳରେ ସମସ୍ତ କୁକୁଡ଼ା ଓ ବତକଙ୍କୁ ମାରି ପୋତି ଦିଆଯିବା ସହ ଉପଲବ୍ଧ ଅଣ୍ଡା ଓ କୁକୁଡ଼ା ଖାଦ୍ୟକୁ ମଧ ନଷ୍ଟ କରି ପୋତି ଦିଆଯାଇଛି। ଫାର୍ମର ଏକ କିଲୋମିଟର ବ୍ୟାସାର୍ଦ୍ଧ ଅଞ୍ଚଳରେ ବିଶୋଧକ ପ୍ରୟୋଗ କରାଯାଇଛି। ଓୟୁଏଟି କୁକୁଡ଼ା ଫାର୍ମକୁ ସିଲ୍ କରାଯାଇଥିବା ବେଳେ ଖୋର୍ଦ୍ଧା ଜିଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀଙ୍କ ତରଫରୁ ଗତ ୪ ତାରିଖରେ 'ଜୀବାଣୁମୁକ୍ତ ପ୍ରମାଣପତ୍ର' ପ୍ରଦାନ କରାଯାଇଛି। ତେଣୁ କୁକୁଡ଼ା ମାଂସ ଓ ଅଣ୍ଡା ଖାଇବାରେ କୌଣସି ପ୍ରତିବନ୍ଧକ ନାହିଁ ବୋଲି ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି। କୁକୁଡ଼ା ମାଂସ ଓ ଅଣ୍ଡାକୁ ଭଲ ଭାବେ ସିଝାଇ ଖାଇଲେ କୌଣସି ଭୟ ରହିବ ନାହିଁ। ୭୦ଡିଗ୍ରୀ ସେଲ୍‌ସିୟସ ତାପମାତ୍ରାରେ ୩୦ମିନିଟ୍ ପର୍ଯ୍ୟନ୍ତ ସିଝାଇଲେ ବାର୍ଡ-ଫ୍ଲୁ (ଏଚ୍୫ ଏନ୍୧) ଭୂତାଣୁ ନଷ୍ଟ ହୋଇଯାଏ। ଏହାବ୍ୟତୀତ ଜାନୁୟାରୀ ୨୮ରୁ ଏ ପର୍ଯ୍ୟନ୍ତ ଓୟୁଏଟି କୁକୁଡ଼ା ଫାର୍ମର ଏକରୁ ଦଶ କିଲୋମିଟର ବ୍ୟାସାର୍ଦ୍ଧ ଅଞ୍ଚଳରେ କୌଣସି କୁକୁଡ଼ା ବା କୁକ୍କୁଟଜାତୀୟ ପକ୍ଷୀଙ୍କ ଅସ୍ୱାଭାବିକ ମୃତ୍ୟୁ ହୋଇନାହିଁ। ତେଣୁ ଲୋକେ ଆଶଙ୍କାଗ୍ରସ୍ତ ନ ହୋଇ କୁକୁଡ଼ା ମାଂସ ଓ ଅଣ୍ଡା ଖାଇପାରିବେ ବୋଲି ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି।

ପ୍ରଦୀପ ପ୍ରଦୋଷ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

### ଫାଇନାଲରେ ମଞ୍ଚେଶ୍ୱର କ୍ରିକେଟ୍ କ୍ଲବ

**ଆଠଗଡ,୨୪।୨(ସ୍ୱ.ପ୍ର.):** ଆଠଗଡ ଷ୍ଟାଡିୟମଠାରେ ଚାଲିଥିବା ୧୬ତମ ପ୍ରଦୀପ ପ୍ରଦୋଷ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ୨ୟ ସେମିଫାଇନାଲ ମ୍ୟାଚ ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମଞ୍ଚେଶ୍ୱର କ୍ରିକେଟ୍ କ୍ଲବ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଢେଙ୍କାନାଳର ସୁରପ୍ରତାପ କ୍ରିକେଟ୍ କ୍ଲବ ଓ ଭୁବନେଶ୍ୱରର ମଞ୍ଚେଶ୍ୱର କ୍ଲବ ମଧ୍ୟରେ ଏହି ମ୍ୟାଚ ଖେଳାଯାଇଥିଲା। ଢେଙ୍କାନାଳ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ୍ ହରାଇ ୧୯୫ ସଂଗ୍ରହ କରିଥିଲା। ଜବାବ୍‌ରେ ମଞ୍ଚେଶ୍ୱର ଦଳ ୧୭.୫ ଓଭରରେ ୪ ଉଇକେଟ୍ ହରାଇ ୧୯୬ ରନ୍ କରି ବିଜୟୀ ହୋଇଥିଲା । ମଞ୍ଚେଶ୍ୱର ଦଳର ସାଗର ବେହେରାଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ଦିଆଯାଇଥିଲା । ମନୋରଞ୍ଜନ ମହାନ୍ତି ଓ ଅସଫାକ୍ ହୁସେନ ମ୍ୟାଚ୍ ପରିଚାଳନା କରିଥିଲେ ।

# ତହସିଲ ଅଫିସ ଆଗରେ ଗ୍ରାମବାସୀଙ୍କ ଧାରଣା

**ନରସିଂହପୁର,୨୪।୨(ଡି.ଏନ୍.ଏ.)**

ବେଆଇନ ଖେଳପଡ଼ିଆ ଉଚ୍ଛେଦ ଦାବିରେ ନରସିଂହପୁର ଥାନା ଅନ୍ତର୍ଗତ ପୁରୁଣା କାଠଖୁଣ୍ଟ ଗ୍ରାମର ଲୋକେ ସୋମବାର ନରସିଂହପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ସୁବଳୟା ଗ୍ରାମକୁ ଯାଇଥିବା ରାସ୍ତା ପାର୍ଶ୍ୱର କିଛି ସରକାରୀ ଜମିରେ ଗ୍ରାମବାସୀ ଦୀର୍ଘଦିନରୁ ଗଛ ଲଗାଇ ରକ୍ଷଣାବେକ୍ଷଣ କରିଆସୁଥିଲେ। ମାତ୍ର ନୂଆସାହିର କେତେଜଣ ବ୍ୟକ୍ତି ଉକ୍ତ ସ୍ଥାନରେ ଲାଗିଥିବା ଗଛଗୁଡ଼ିକୁ କାଟି ଜେସିବି ସାହାଯ୍ୟରେ ସଫା କରି ଖେଳପଡିଆ ପାଇଁ ସିମେଣ୍ଟ କଂକ୍ରିଟ୍ ପିଚ୍ ତିଆରି କରିଥିଲେ। ଏନେଇ ପୁରୁଣା କାଠଖୁଣ୍ଟ ଗ୍ରାମବାସୀ ନରସିଂହପୁର ଥାନାରେ ଲିଖିତ ଅଭିଯୋଗ କରିବା ସହ ତହସିଲରେ ଜଣାଇଥିଲେ। ମାତ୍ର ନୂଆସାହିର ସମ୍ପୃକ୍ତ ବ୍ୟକ୍ତିମାନେ ନିର୍ମାଣ କାର୍ଯ୍ୟ ଜାରି ରଖିବାରୁ ଉଭୟ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଥିଲା।



ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀ ଧାରଣା ଦେଇଛନ୍ତି।

ଘଟଣାସ୍ଥଳରେ ପ୍ରଶାସନ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହ ଉତ୍ତେଜନା ନ କରିବା ପାଇଁ ଉଭୟ ପକ୍ଷକୁ ତାଗିଦ କରିଥିଲା। ଏହାସତ୍ତ୍ୱେ ରବିବାର ରାତିରେ ସେହି ପଡ଼ିଆରେ ସିମେଣ୍ଟ କଂକ୍ରିଟ କାମ ହୋଇଥିବା ଦେଖି ଏହି ଘଟଣାକୁ ନେଇ ପୁରୁଣା କାଠଖୁଣ୍ଟର ଲୋକେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅପରାହ୍ନରେ ତହସିଲଦାର ଆକାଶ ରଞ୍ଜନ ସାହୁ, ନରସିଂହପୁର ଥାନା ଏସ୍‌ଆଇ ବ୍ରଜବନ୍ଧୁ ସାମନ୍ତ ସିଂହାର ଆସି ବିକ୍ଷୋଭକାରୀଙ୍କୁ ବୁଝାଶୁଝା କରିଥିଲେ। ଏଥିସହ ବେଆଇନ ଖେଳପଡିଆରେ ୧୪୪ ଧାର ଲାଗୁ କରିଥିଲେ। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ସମସ୍ୟାର ସ୍ଥାୟୀ ସମାଧାନ କରିବା ପାଇଁ ଦୁଃଶାସନ ସାମଲ, ପୂର୍ଣ୍ଣଚନ୍ଦ୍ର ବାରିକ, ରବିନାରାୟଣ ରାଉତ ଓ କୈଳାସ ରାଉତ ପ୍ରମୁଖ ଦାବି କରିଛନ୍ତି।

■ବେଆଇନ ଖେଳପଡିଆ ନିର୍ମାଣ ଅଭିଯୋଗ

■ପ୍ରଶାସନ ପକ୍ଷରୁ ୧୪୪ ଧାରା ଲାଗୁ

# ଅଂଶୁପା ସୁରକ୍ଷା ଅଭିଯାନ

**ବାଙ୍କୀ, ୨୪।୨ (ସ୍ୱ.ପ୍ର.)**

ବାଙ୍କୀ ଉପଖଣ୍ଡସ୍ଥିତ ଅଂଶୁପାର ସୁରକ୍ଷା ଅଭିଯାନ ଓ ପାର୍କିଂସ୍ଥଳର ଉଦ୍‌ଘାଟନ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଏହାକୁ ଉଦ୍‌ଘାଟନ କରିଥିବା ବେଳେ ଚିଲିକା ଉନ୍ନୟନ ପରିଷଦର ଉପଦେଷ୍ଟା ଉତ୍କଳ ପରିଡା ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଯୋଗଦେଇ ଅଂଶୁପା ହ୍ରଦର ଉନ୍ନତି ସମ୍ପର୍କରେ ମତପୋଷଣ କରିଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇ ଅଂଶୁପା କୂଳରେ ଥିବା ଗ୍ରାମଗୁଡ଼ିକର ବିକାଶ କରିବା ସହ ନୂତନ ପିଣ୍ଡି ଓ ପାର୍କ ନିର୍ମାଣ କରି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରାଯିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଚିଲିକା ଉନ୍ନୟନ ପରିଷଦର ଉପମୁଖ୍ୟ ଅଧିକାରୀ ଡ.ସମ୍ରାଟ ଗଉଡ, ଜିଲା ପରିଷଦ ସଭ୍ୟ ମାନସ କୁମାର ମହାପାତ୍ର, ସିଡିଏର ଉପଦେଷ୍ଟା ଉତ୍କଳ ପରିଡା, ରାଜ୍ୟ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଗତିକୃଷ୍ଣ ସ୍ୱାଇଁ ଓ ତପନ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଚିଲିକା ଉନ୍ନୟନ ପରିଷଦର ଅଧିକାରୀ ଡ. ଫଣିନ୍ଦ୍ର ଭୂଷଣ ନନ୍ଦ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଅନ୍ୟତମ ଅଧିକାରୀ ବିନୋଦ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।




ଉଦ୍‌ଘାଟନୀ ଉତ୍ସବରେ ବିଧାୟକ ଦେବୀରଂଜନ ତ୍ରିପାଠୀ ଓ ଅନ୍ୟମାନେ।

# ନିର୍ଭୀକ ହେବା ମହିଳାଙ୍କ ଜନ୍ମଗତ ଅଧିକାର

**ବାଙ୍କୀ,୨୪।୨(ସ୍ୱ.ପ୍ର.)**

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଚର୍ଚ୍ଚିକା ଛାତ୍ରୀ ନିବାସର ବାର୍ଷିକ ଉତ୍ସବ ଛାତ୍ରୀନିବାସ ପରିସରରେ ଅନୁଷ୍ଠିତ ହୋଇଯାଇଛି। କଲେଜ ଉପାଧ୍ୟକ୍ଷ ଡ. ଅରୁଣ କୁମାର ବେହେରା ଏଥିରେ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥିଭାବେ ଖୋର୍ଦ୍ଧା ଜିଲା ଲୋକ ଅଦାଲତ ବିଚାରପତି ସୂର୍ଯ୍ୟମଣି ମହାପାତ୍ର ଯୋଗଦେଇ କହିଥିଲେ, ନିର୍ଭୀକ ହେବା ମହିଳାଙ୍କ ଜନ୍ମଗତ ଅଧିକାର। ମହିଳା ସୁରକ୍ଷିତ ହୋଇପାରିଲେ ଆମେ ସଫଳ ବୋଲି ନିଜକୁ କହିପାରିବା। ମହିଳାମାନେ ସ୍ୱାବଲମ୍ବୀ ହୋଇପାରିଲେ ସେମାନେ ଶୀର୍ଷସ୍ଥାନରେ ପହଞ୍ଚିପାରିବେ ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଓଡିଶା ହାଇକୋର୍ଟର ବରିଷ୍ଠ ଓକିଲ ଅଶୋକ କୁମାର ମହାପାତ୍ର ଓ ସମ୍ମାନିତ ଅତିଥିଭାବେ ବାଙ୍କୀ ତହସିଲଦାର ପଦ୍ମଚରଣ ସାହୁ ଏଥିରେ ଯୋଗଦେଇଥିଲେ। ଛାତ୍ରୀନିବାସର ତତ୍ତ୍ୱାବଧାରିକା ସୋନାଲିକା ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦିକା ଶୁଭଶ୍ରୀ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଜ୍ୟୋତିର୍ମୟୀ ପାତ୍ରୀ ଧନ୍ୟବାଦ ଦେଇଥିଲେ। ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# 'ବାଙ୍କୀ ଡବଲ ମର୍ଡର ଘଟଣାର ତଦନ୍ତ ସ୍ୱତନ୍ତ୍ର ଟିମ୍ କରୁ'

**ବାଙ୍କୀ, ୨୪।୨ (ସ୍ୱ.ପ୍ର.)**

## ପୂର୍ବତନ ବିଧାୟକ ଦେବାଶିଷଙ୍କ ଖବରଦାତା ସମ୍ମିଳନୀ

ବାଙ୍କୀ କଂଗ୍ରେସ କାର୍ଯ୍ୟାଳୟରେ ସୋମବାର ପୂର୍ବତନ ବିଧାୟକ ଡ.ଦେବାଶିଷ ପଟ୍ଟନାୟକ ଏକ ଖବରଦାତା ସମ୍ମିଳନୀ ଡାକି ଖଜୁରୀପଦା ଡବଲ୍ ମର୍ଡର ଘଟଣାରେ ଏକ ରାଜନୈତିକ ଦଳର ସମ୍ପୃକ୍ତି ଥିବା ଅଭିଯୋଗ କରିଥିଲେ। ଏହି ମାମଲାର ତଦନ୍ତ ଦାୟିତ୍ୱ ସ୍ୱତନ୍ତ୍ର ଟିମ୍‌କୁ ଦେବାକୁ ସେ ଦାବି କରିଛନ୍ତି। ପୋଲିସ ପକ୍ଷରୁ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରାଗଲେ କଂଗ୍ରେସ ପକ୍ଷରୁ ଦୃଢ଼ ପ୍ରତିବାଦ କରାଯିବ ବୋଲି ସେ ଚେତାଇ ଦେଇଥିଲେ। ଗତ ୧୫ ତାରିଖରେ କିଆପଲା ଜୋକଲାଞ୍ଜି ଜଳସେଚନ ପ୍ରକଳ୍ପ ନିକଟରେ ନୂଆଗାଁ ପଞ୍ଚାୟତ ସରପଞ୍ଚ ମମତା ମହାପାତ୍ରଙ୍କ ସ୍ୱାମୀ ଭଗବାନ ସ୍ୱାଇଁ ଏବଂ ଖଜୁରିପଦା ଗ୍ରାମର ଖବରଦାତା ଆଦିତ୍ୟ କୁମାର ରଣସିଂହଙ୍କୁ ଅତି ଅମାନବୀୟ ଭାବେ ହତ୍ୟା କରାଯାଇଥିଲା ବୋଲି ସେ କହିଥିଲେ। ଭଗବାନ ପଶ୍ଚିମ ବାଙ୍କୀ ଅଞ୍ଚଳରେ କଂଗ୍ରେସ ଦଳର ଜଣେ ଟାଣୁଆ ନେତା ଥିଲେ। ସେ ସବୁବେଳେ ଜନସାଧାରଣଙ୍କ ହିତ ପାଇଁ ନିଃସ୍ୱାର୍ଥପର ଭାବେ ସେବା କରୁଥିଲେ। ଅପରପକ୍ଷେ ତାଙ୍କୁ ଦୁର୍ନୀତିରେ ସାମିଲ ହେବା ପାଇଁ ବାରମ୍ବାର ଚାପ ପ୍ରୟୋଗ କରାଯାଉଥିଲା। ମାତ୍ର ଭଗବାନ ଏଥିରେ ରାଜିନ ହେବାରୁ ରାଜନୈତିକ ଆକ୍ରୋଶର ଶୀକାର ହୋଇଛନ୍ତି। ସେହିପରି ଖବରଦାତା ଆଦିତ୍ୟ ନିର୍ଭୀକତାର ସହ ସମସ୍ତ ଦୁର୍ନୀତିକୁ ପର୍ଦ୍ଦାଫାଶ୍ କରୁଥିବାରୁ ତାଙ୍କୁ ହତ୍ୟା କରାଯାଇଛି ବୋଲି ଦେବାଶିଷ ଅଭିଯୋଗ କରିଛନ୍ତି।

ଭଗବାନ ମୃତ୍ୟୁ ପୂର୍ବରୁ ଏକ ଭିଡିଓରେ ୮ରୁ ୯ ଜଣ ଅଭିଯୁକ୍ତଙ୍କ ନାମ ନେଇଥିବା ବେଳେ ପରବର୍ତ୍ତୀ ସମୟରେ କଟକ ଜିଲା ଗ୍ରାମାଞ୍ଚଳ ଆରକ୍ଷୀ ଅଧିକାରୀ ଏହି ଘଟଣାରେ ୧୫ରୁ ୨୦ଜଣ ସାମିଲ୍ ଥିବା କହିଥିଲେ। ତେବେ ଭଗବାନ ଯେଉଁ ଅଭିଯୁକ୍ତଙ୍କ ନାମ ନେଇଥିଲେ ସେମାନଙ୍କ ସହ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ପ୍ରତ୍ୟକ୍ଷ ଅବା ପରୋକ୍ଷରେ ସମ୍ପୃକ୍ତି ରହିଛି ବୋଲି ଦେବାଶିଷ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଥିଲେ। ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିବା ସହ ଆସନ୍ତା ୨୯ରେ କଂଗ୍ରେସ ପକ୍ଷରୁ ଶାନ୍ତିପୂର୍ଣ୍ଣ ଭାବେ ବାଙ୍କୀ ବନ୍ଦ କରାଯିବ ବୋଲି ସେ କହିଥିଲେ। ଏଥିରେ ବାଙ୍କୀବାସୀ ସହଯୋଗ କରିବା ପାଇଁ ଦେବାଶିଷ ଅନୁରୋଧ କରିଥିଲେ।

# କଳା, ସାହିତ୍ୟ, ସଂସ୍କୃତିକୁ ବାନ୍ଧି ରଖିଛି ମହୋତ୍ସବ

**ବାଙ୍କୀ,୨୪।୨(ସ୍ୱ.ପ୍ର.)**– ବାଙ୍କୀ ଶିମିଳିପୁର ଜାଗର ମହୋତ୍ସବର ୩ୟ ସନ୍ଧ୍ୟା ରବିବାର ଅନୁଷ୍ଠିତ ହୋଇଯାଇଛି। ତୈର୍ଯ୍ୟତ୍ରିକ କଳା ସଂସଦ ଆନୁକୂଲ୍ୟରେ ଆୟୋଜିତ ଏହି ମହୋତ୍ସବରେ ଅନୁଷ୍ଠାନର ସଭାପତି ଦେବୀଦତ୍ତ ବିଭୂତିରାୟ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଖୋର୍ଦ୍ଧା ଲୋକ ଅଦାଲତର ସ୍ଥାୟୀ ଅଧ୍ୟକ୍ଷ ଡ.ସୂର୍ଯ୍ୟମଣି ମହାପାତ୍ର ଯୋଗଦେଇ ମହାଶିବରାତ୍ରିର ମହିମା ସମ୍ପର୍କରେ କହିବା ସହ କଳା, ସାହିତ୍ୟ, ସଂସ୍କୃତିକୁ ମହୋତ୍ସବ ବାନ୍ଧି ରଖିଛି ବୋଲି କହିଥିଲେ। ମୁଖ୍ୟବକ୍ତାଭାବେ ଓଡ଼ିଶା ହାଇକୋର୍ଟର ବରିଷ୍ଠ ଓକିଲ ଅଶୋକ କୁମାର ମହାପାତ୍ର ଯୋଗଦେଇ ମହୋତ୍ସବର ଦୀର୍ଘାୟୁ କାମନା କରିଥିଲେ। ସମ୍ମାନିତ ଅତିଥିଭାବେ ବାଙ୍କୀ ତହସିଲଦାର ପଦ୍ମଚରଣ ସାହୁ, ସାମାଜିକ କର୍ମୀ ଲକ୍ଷ୍ମୀନାରାୟଣ ଭଞ୍ଜ ଓ ପୂର୍ବତନ ସରପଞ୍ଚ ଆର୍ତ୍ତତ୍ରାଣ ସ୍ୱାଇଁ ଯୋଗଦେଇଥିଲେ। ଅନୁଷ୍ଠାନର ଉପସଭାପତି ବିଭୁପ୍ରସାଦ ସାମଲ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ସୁବୋଧ କୁମାର ସାମଲ ଧନ୍ୟବାଦ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏଥିସହ ବିଦ୍ୟାଳୟସ୍ତରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।



ମହୋତ୍ସବରେ ମଞ୍ଚାସୀନ ଅତିଥିମାନେ।

## ଜାଗର ମହୋତ୍ସବର ୩ୟ ସନ୍ଧ୍ୟା

# ଜଙ୍ଗଲରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ଭୁବନେଶ୍ୱର,୨୪।୨(ବ୍ୟୁରେ)**–

ଖଣ୍ଡଗିରିସ୍ଥିତ ଘାଟିକିଆ ଜଙ୍ଗଲରୁ ଜଣେ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ପୋଲିସ ସୋମବାର ଉଦ୍ଧାର କରିଛି। ମୃତକ ହେଲେ ବରମୁଣ୍ଡା ଗୋଦାମସାହି ଅଞ୍ଚଳର ବୁଦ୍ଧିଆ ଗୌଡ। ପାରିବାରିକ କଳହରୁ ବୃଦ୍ଧ ଆତ୍ମହତ୍ୟା କରିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଏ ନେଇ ପୋଲିସ (ନଂ. ୫୩/୨୦) ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି। ଏନେଇ ତଦନ୍ତ ଜାରି ରହିଛି।

# ଗୋଷ୍ଠୀ ଶୌଚାଳୟ ଉଦ୍‌ଘାଟିତ

**ଚୌଦ୍ୱାର,୨୪।୨(ଡି.ଏନ୍.ଏ.)**

ଚୌଦ୍ୱାର ପୌରପାଳିକା ୯ନଂ. ୱାର୍ଡସ୍ଥିତ ଦଳିତ ବସ୍ତିରେ ସୋମବାର ଏକ ନୂତନ ଗୋଷ୍ଠୀ ଶୌଚାଳୟ ଉଦ୍‌ଘାଟିତ ହୋଇଯାଇଛି। ପୌରପାଳିକା ପକ୍ଷରୁ ୨ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ଶୌଚାଳୟକୁ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ କାଉନସିଲର କରୁଣାକର ସାହୁ, ପୌରନିର୍ବାହୀ ଅଧିକାରୀ ପ୍ରଦୀପ୍ତ କୁମାର ବେହେରା, ପୌରଯନ୍ତ୍ରୀ ମହେଶ ପ୍ରସାଦ ମିଶ୍ର, ପୂର୍ବତନ ନଗରପାଳ ପ୍ରେମଚାନ୍ଦ ନାୟକ, ଜିଲା ଯୋଜନା ବୋର୍ଡ ସଦସ୍ୟ ଶୁଭେନ୍ଦୁ ସାମଲ, ପୂର୍ବତନ ଉପନଗରପାଳ ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ବିଷ୍ଣୁଚରଣ ପରିଡାଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ଦଳିତ ବସ୍ତିର ବିଭିନ୍ନ ସମସ୍ୟା ଉପରେ ବିଧାୟକ ବିଶ୍ୱାଳ ଆଲୋଚନା କରିଥିଲେ।



ଶୌଚାଳୟ ଉଦ୍‌ଘାଟନ ଅବସରରେ ବିଧାୟକଙ୍କ ସହ ଅନ୍ୟମାନେ।

# 'ବରିଷ୍ଠ ନାଗରିକ ବୋଝ ନୁହନ୍ତି'

**ଆଠଗଡ,୨୪।୨(ସ୍ୱ.ପ୍ର.)**

ଆଠଗଡ ବୁଦ୍ଧିଜୀବୀ ସଂଘର ବିଂଶତମ ବାର୍ଷିକ ସାଧାରଣ ଅଧିବେଶନ ରବିବାର ସଂଘର ନିଜସ୍ୱ ଗୃହରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ଶିବପ୍ରସାଦ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଅଧିବେଶନରେ ମୁଖ୍ୟଅତିଥି ଭାବେ ଆଠଗଡ ଉପଜିଲାପାଳ ଅମିୟ କୁମାର ସାହୁ ଯୋଗଦେଇ ବରିଷ୍ଠ ନାଗରିକମାନେ ପରିବାର, ସମାଜ ଓ ଦେଶ ପାଇଁ ବୋଝ ନୁହନ୍ତି ବରଂ ସମ୍ପଦ ବୋଲି ମତବ୍ୟକ୍ତ କରିଥିଲେ । ସେମାନଙ୍କ ଦୀର୍ଘ ଅଭିଜ୍ଞତା ଓ ଜ୍ଞାନ ବିଭିନ୍ନ କ୍ଷେତ୍ରରେ ଦିଗ୍‌ଦର୍ଶନ ଦେବା ପାଇଁ ଆବଶ୍ୟକ ବୋଲି ସାହୁ କହିଥିଲେ। ମୁଖ୍ୟବକ୍ତାଭାବେ ଆଠଗଡ ଉପଖଣ୍ଡ ପୋଲିସ ଅଧିକାରୀ ଆଲୋକ ରଞ୍ଜନ ରାୟ ଏବଂ ସମ୍ମାନିତ ଅତିଥି ଆଠଗଡ ଥାନା ଆଇଆଇସି ଜ୍ଞାନରଞ୍ଜନ ମିଶ୍ର ଯୋଗଦେଇ ବରିଷ୍ଠ ନାଗରିକମାନଙ୍କୁ ସୁରକ୍ଷା ଏବଂ ସହାୟତା ଦେବା ପୋଲିସର ପ୍ରାଥମିକ ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି କହିଥିଲେ। ସଭାପତି ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସଂଘର ସମ୍ପାଦକ ମୁରଲୀଧର ବେହେରା ସମ୍ପାଦକୀୟ ବିବରଣୀ ଏବଂ ଉପସଭାପତି ଉଦୟନାଥ ଶତପଥୀ ଧନ୍ୟବାଦ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂଘର ସଭ୍ୟ ରଙ୍ଗାଧର ଦାସ, ପ୍ରମୋଦ କୁମାର ଜେନା, ମେଜର ଦୀନବନ୍ଧୁ ପରିଡା, ଅଜିତ ବୋଷ, ଡାକ୍ତର ଗୋକୁଳାନନ୍ଦ ପତ୍ରୀ, ଭୁବନାନନ୍ଦ ଦାସ ଓ ପୁଲିନ ମିଶ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଆଠଗଡ ବୁଦ୍ଧିଜୀବୀ ସଂଘରେ ନୂତନ ଭାବେ ଯୋଗଦେଇଥିବା ସେସୁର ପୂର୍ବତନ ଅଧିକାରୀ ବ୍ରଜବନ୍ଧୁ ବାରିକ ଓ ହେମନ୍ତ କୁମାର ମହାନ୍ତିଙ୍କୁ ପୁଷ୍ପଗୁଚ୍ଛ ଦିଆଯାଇ ସ୍ୱାଗତ କରାଯାଇଥିଲା । ଏହାକୁ ପରିଚାଳନାରେ ଶ୍ୟାମସୁନ୍ଦର ନନ୍ଦ, ମଥୁରୀ ସେଠୀ, ସନାତନ ରାୟ, ପୂର୍ଣ୍ଣଚନ୍ଦ୍ର ଶତପଥୀ ଓ ସୁବାସ ରାଉତ ପ୍ରମୁଖ ସହଯୋଗ କରିଥିଲେ ।




ବାର୍ଷିକ ଅଧିବେଶନରେ ଯୋଗଦେଇଥିବା ଅତିଥିମାନେ।

# ୭ ଦଫା ଦାବିରେ ନାଗରିକ ମଞ୍ଚର ଅନଶନ

**ନିଶ୍ଚିନ୍ତକୋଇଲି,୨୪।୨(ସ୍ୱ.ପ୍ର./ଡି.ଏନ୍.ଏ.)**

୭ ଦଫା ଦାବିରେ ନିଶ୍ଚିନ୍ତକୋଇଲି ସଚେତନ ନାଗରିକ ମଞ୍ଚ ପକ୍ଷରୁ ସୋମବାର ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆମରଣ ଅନଶନ ହୋଇଥିଲା। କିଛି ଦିନ ପୂର୍ବେ ନାଗରିକ ମଞ୍ଚ ପକ୍ଷରୁ ଏସବୁ ଦାବି ପୂରଣ ପାଇଁ ଏକ ଦାବିପତ୍ର ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ଦିଆଯାଇଥିଲା। ଏହି ଦାବିଗୁଡିକ ମଧ୍ୟରେ କୁକୁର କାମୁଡା ଇଞ୍ଜେକ୍ସନ ଉପଲବ୍ଧ କରିବା, ଚିକିତ୍ସାକେନ୍ଦ୍ରରେ ଖାଲି ପଡିଥିବା ପଦବୀ ପୂରଣ, ସ୍ୱାସ୍ଥ୍ୟକେନ୍ଦ୍ରରେ ବିଦ୍ୟୁତ୍ ବ୍ୟବସ୍ଥା, ନିରାମୟ କେନ୍ଦ୍ରରେ ଔଷଧ ଉପଲବ୍ଧ ଓ ରୋଗୀଙ୍କ ସମ୍ପର୍କୀୟଙ୍କ ପାଇଁ ଶୌଚାଳୟ ବ୍ୟବସ୍ଥା ଆଦି ଦାବି ଅନ୍ତର୍ଭୁକ୍ତ ଥିଲା। ମାତ୍ର କୌଣସି ସମସ୍ୟାର ସମାଧାନ ହୋଇ ନ ଥିବା ଅଭିଯୋଗ କରି ନାଗରିକ ମଞ୍ଚର ଆବାହକ ମନୋଜ ମଲ୍ଲିକଙ୍କ ନେତୃତ୍ୱରେ ସୁବାଶିଷ ବସନ୍ତରାୟ, ଷ୍ଟାଲିନ ରାଉତ, ବାପୁ ଦାସ ପ୍ରମୁଖ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଫାଟକ ନିକଟରେ ଆମରଣ ଅନଶନରେ ବସିଥିଲେ। ଅପରାହ୍ନରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଅମିତ ଜେନା ଆସି ଅନଶନକାରୀଙ୍କୁ ବୁଝାଶୁଝା କରିବା ସହ ଦାବିଗୁଡିକ ସମ୍ପର୍କରେ ସ୍ପଷ୍ଟୀକରଣ ଦେଇଥିଲେ। ଏଥିସହ ସମସ୍ୟାର ସମାଧାନ ପାଇଁ ଲିଖିତ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଜେନା ସ୍ପଷ୍ଟୀକରଣରେ ଦର୍ଶାଇଛନ୍ତି ଯେ, ସ୍ୱାସ୍ଥ୍ୟକେନ୍ଦ୍ରରେ ସାପ କାମୁଡା ଇଞ୍ଜେକ୍ସନ ଉପଲବ୍ଧ ଥିବା ବେଳେ କୁକୁର କାମୁଡା ଇଞ୍ଜେକ୍ସନ ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ସେହିପରି ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଡାକ୍ତରଖାନାରେ ଆବଶ୍ୟକ କର୍ମଚାରୀ ରହିଛନ୍ତି। ମାତ୍ର ବିଭାଗୀୟ ଡାକ୍ତର ପଦବୀ ପୂରଣ ପାଇଁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଜଣାଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପାଚେରି କାମ ପୂର୍ଣ୍ଣାଙ୍ଗ ହୋଇ ନ ଥିବାରୁ ମେଡିକାଲର ଆଭ୍ୟନ୍ତରୀଣ ଅଂଶ କଂକ୍ରିଟ ହୋଇପାରିନାହିଁ। ବିଭାଗୀୟ ଯନ୍ତ୍ରୀ ଏହି କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ଲିଖିତ ଭାବେ ଜଣାଇଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଦ୍ୟୁତ ବ୍ୟବସ୍ଥା କରାଯିବା ସହ ଇନ୍‌ଭର୍ଟର ଲଗାଯାଇଛି। ଡିଜି ସେଟ ପାଇଁ କେନ୍ଦ୍ରାପଡା ଏମ୍‌ପିଙ୍କୁ ଅବଗତ କରାଯାଇଛି। ଜିଲା ଚିକିତ୍ସା ଅଧିକାରୀଙ୍କ ଦ୍ୱାରା ଦିଆଯାଉଥିବା ଔଷଧକୁ ଆବଶ୍ୟକ ଅନୁସାରେ ନିରାମୟ କେନ୍ଦ୍ରକୁ ପ୍ରଦାନ କରାଯାଉଛି। ସରକାରଙ୍କ ନିୟମ ଅନୁଯାୟୀ ରୋଗୀଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା କରାଯାଇଛି। ରୋଗୀଙ୍କ ସମ୍ପର୍କୀୟଙ୍କ ପାଇଁ ଆବଶ୍ୟକ ଶୌଚାଳୟ ବ୍ୟବସ୍ଥା ୧୫ ଦିନ ମଧ୍ୟରେ କରିବାକୁ ଜେନା ପ୍ରତିଶ୍ରୁତି ଦେଇଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପତ୍ର (ନଂ.୧୪୪ / ୨୪-୨-୨୦୨୦) ଅନଶନକାରୀଙ୍କୁ ଦିଆଯିବା ପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା।



ସଚେତନ ନାଗରିକ ମଞ୍ଚ କର୍ମକର୍ତ୍ତା ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅନଶନ କରୁଛନ୍ତି।

## ଲିଖିତ ପ୍ରତିଶ୍ରୁତି ପରେ ପ୍ରତ୍ୟାହୃତ

ରାମ ନାମ ପାପୀମାନଙ୍କ ପାଇଁ ପରମ ଔଷଧ।
-ମହର୍ଷି ବାଲ୍ମୀକି



## ସଂକ୍ଷେପରେ

### ଖାଲରେ ପଡି ବାଇକ ଆରୋହୀ ଗୁରୁତର

ନିରାକାରପୁର,୨୪।୨(ଡି.ଏନ.ଏ)- ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ କମାଗୁରୁ ପଞ୍ଚାୟତରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଦୀର୍ଘଦିନ ହେଲା ଗାର୍ଡୱାଲ ପାଇଁ ଖୋଳା ହୋଇ ପଡିଥିବା ଖାଲରେ ପଡି ଜଣେ ବାଇକ ଆରୋହୀ ଗୁରୁତର ହୋଇଛନ୍ତି । ସେ ଜଙ୍କିଆ ଅଞ୍ଚଳର ବୋଲି କୁହାଯାଉଛି। କିଛି ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ ସୋମବାର ସମ୍ପୃକ୍ତ ବ୍ୟକ୍ତି ବାଇକ ଯୋଗେ ଯାଉଥିବା ବେଳେ କମାଗୁରୁ ଅରିସଲ ପାଟଣା ମୁଖ୍ୟ ରାସ୍ତାର ଖେଳ ପଡିଆ ପାଖରେ ଖୋଳାଯାଇଥିବା ବଡ ଖାଲରେ ବାଇକ ସହ ଖସି ପଡିଥିଲେ। ସେ ଗୁରୁତର ହୋଇଛନ୍ତି । ସମ୍ପୃକ୍ତ ବ୍ୟକ୍ତିଙ୍କୁ ମିଶାଇ ଉକ୍ତ ଖାଲରେ ୪ଜଣ ପଡି ଆହତ ହୋଇଛନ୍ତି ବୋଲି ଗ୍ରାମବାସୀ ସୂଚନା ଦେଇଛନ୍ତି । ଏନେଇ ବିଭାଗୀୟ ଯନ୍ତ୍ରୀଙ୍କୁ କିଛି ଗ୍ରାମବାସୀ ବାରମ୍ବାର ଅଭିଯୋଗ କଲେ ମଧ ସେ କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହେଉଛି । ଏନେଇ ନିରାକାରପୁର ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ମନୋଜ ସେଣ୍ଣଙ୍କୁ ପଚାରିବାରେ ଏହି ଗାର୍ଡୱାଲ କାର୍ଯ୍ୟ ପାଇଁ ୨୦୧୮ଅକ୍ଟୋବର କିମ୍ବା ଡିସେମ୍ବରରେ ୫ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ଏହା ୨୦୧୯ ମାର୍ଚ୍ଚ ମାସରେ ଶେଷ ହେବାର ଥିଲା । କିନ୍ତୁ ଯେଉଁ ଠିକାଦାର କାର୍ଯ୍ୟ କରୁଛନ୍ତି ସେ ଏହି କାର୍ଯ୍ୟ ଶେଷ କରୁ ନାହାନ୍ତି । ୨୦୨୦ ମାର୍ଚ୍ଚ ଭିତରେ ଯଦି ଶେଷ ନ କଲେ ତେବେ ଏହାର ବିକଳ୍ପ ଚିନ୍ତା କରିବୁ ବୋଲି ଯନ୍ତ୍ରୀ ସୂଚନା ଦେଇଛନ୍ତି।

### ପୂଜ୍ୟପୂଜା ସଂସଦ ପକ୍ଷରୁ ଆଲୋଚନାଚକ୍ର

ବୋଲଗଡ଼,୨୪।୨(ଡି.ଏନ.ଏ.): ବୋଲଗଡ଼ ପୂଜ୍ୟପୂଜା ସଂସଦ ପକ୍ଷରୁ ସୋମବାର ସ୍ଥାନୀୟ ନନ୍ଦିଘୋଷ ଭବନରେ ବୋଲଗଡ଼ ଇତିହାସ ଲେଖିଥିବା ଐତିହାସିକ ରବୀନ୍ଦ୍ର ପରିଡାଙ୍କ ୭୬ତମ ଜନ୍ମ ବାର୍ଷିକ ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଗୋପୀନାଥ ଖାଡେଙ୍ଗା ଏଥିରେ ସଭାପତିତ୍ୱ କରିଥିଲେ। ବହୁ ଶିକ୍ଷାବିତ୍, ସାମାଜିକ କର୍ମୀ, ଇତିହାସ ଗବେଷକ ଯୋଗଦେଇ ସ୍ଥାନୀୟ ଅଞ୍ଚଳର କେତେକ ପ୍ରମୁଖ ଘଟଣାବଳୀ ଇତିହାସ ଉପରେ ଆଲୋକପାତ କରିଥିଲେ। ଅତିଥି ଭାବେ ଐତିହାସିକ ତଥା ଶିକ୍ଷାବିତ୍ ପ୍ରୀତିସ ଆଚାର୍ଯ୍ୟ, ସର୍ବୋଦୟ ନେତା ବିନୋଦ ମହାନ୍ତି, ପାଞ୍ଚଗଡର ବରପୁତ୍ର ବରିଷ୍ଠ ଶିକ୍ଷାବିତ୍ କାଳିଚରଣ ଜୟସିଂହ, ଶିକ୍ଷକ ନେତା ସୁମନ୍ତ ଛୋଟରାୟ, ଅଧ୍ୟାପକ ରଙ୍ଗନିଧି ବଳିୟାରସିଂହ, କମ୍ୟୁନିଷ୍ଟ ନେତା ଆଇନଜୀବୀ ଅମିୟ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ପୂଜ୍ୟପୂଜା ସଂସଦ ପକ୍ଷରୁ ଶିକ୍ଷାବିତ୍ ବାଲ୍ମୀକ ବଳିୟାରସିଂହ ଧନ୍ୟବାଦ ଦେଇଥିଲେ।

### ମା'କାଳିକା ଭାଗବତ ପ୍ରତିଯୋଗିତା ପ୍ରସ୍ତୁତି ବୈଠକ

ବୋଲଗଡ଼,୨୪।୨(ଡି.ଏନ.ଏ.): ବୋଲଗଡ଼ ବ୍ଲକ ଅସରଳାଠାରେ ମା'କାଳିକା ଭାଗବତ ପ୍ରତିଯୋଗିତା ପାଇଁ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କେଦାର ନାଥ ପାଙ୍ଗଯୋଶୀ ଓ ବଚନ ସାମନ୍ତରାୟଙ୍କ ଆବାହକତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ଆଗାମୀ ୨୮ ତାରିଖଠାରୁ ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଆୟୋଜିତ ହେବା ପାଇଁ ସ୍ଥିର ହୋଇଛି। ଏଥିରେ ୪ଟି ଭାଗବତ ଦଳ ଅଂଶଗ୍ରହଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ପିଲାମାନଙ୍କୁ ନେଇ ଭାଗବତ ସମ୍ପର୍କିତ କୁଇଜ୍ ପରିଚାଳନା କରାଯିବାକୁ ସ୍ଥିର ହୋଇଥିବା ସୂଚନା ମିଳିଛି।

### ଶ୍ରୀରାମକୃଷ୍ଣ ସେବାଶ୍ରମ ପକ୍ଷରୁ ସେବା କାର୍ଯ୍ୟକ୍ରମ

ବୋଲଗଡ଼,୨୪।୨(ଡି.ଏନ.ଏ.): ବୋଲଗଡ଼ ବ୍ଲକ ବାୟାପଲ୍ଲୀ ଓ ନିକଟସ୍ଥ କୁଳାସର ଗ୍ରାମଠାରେ ଟିକାତାଳର ଶ୍ରୀ ରାମକୃଷ୍ଣ ସେବାଶ୍ରମ ପକ୍ଷରୁ ସେବା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୧୦୦ ଜଣ ଗରିବ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଭୁବନେଶ୍ୱର ରାମକୃଷ୍ଣ ମିଶନ ସହାୟତାରେ ଏବଂ ମିଶନର ସନ୍ୟାସୀ ସ୍ୱାମୀ ଅଦ୍ୱୟାନନ୍ଦଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ସ୍ୱାମୀ ଅଦ୍ୱୟାନନ୍ଦଜୀ ଉପସ୍ଥିତ ଲୋକମାନଙ୍କୁ ମାନବ ସେବା ଓ ଅଧ୍ୟାତ୍ମିକ ଚେତନା ସମ୍ପର୍କରେ ଉପଦେଶ ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସେବାଶ୍ରମର ସମ୍ପାଦକ ଗୋଲଖି ସାହୁ, କର୍ମକର୍ତ୍ତା ତଥା ଶିକ୍ଷାବିତ୍ ମନୋଜ ଗୁନାମସିଂହ, ଆଦର୍ଶ ଶିକ୍ଷକ ହୃଷୀକେଶ ଚମ୍ପତି ସହସମ୍ପାଦକ ସର୍ବେଶ୍ୱର ସାହୁ ସହଯୋଗ କରିଥିଲେ।

# ଆବାସ ଦାବିରେ ବ୍ଲକ କାର୍ଯ୍ୟାଳୟ ଘେରାଉ



ବେଗୁନିଆ ବ୍ଲକ କାର୍ଯ୍ୟାଳୟକୁ ଯୋଗ୍ୟ ହିତାଧିକାରୀମାନେ ଆବାସ ପାଇଁ ଘେରାଉ କରିଛନ୍ତି ।

**ଆବାସ ଦୁର୍ନୀତି ପ୍ରସଙ୍ଗ**
- କଡାକଡି ହେବ ତଦନ୍ତ
- ସାମିଲ ହେଲେ ପଞ୍ଚାୟତ ପ୍ରତିନିଧି

ଖୋର୍ଦ୍ଧା ଅଫିସ/ବେଗୁନିଆ, ୨୪।୨(ଡି.ଏନ.ଏ.)

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ପ୍ରଧାନମନ୍ତ୍ରୀ ଆବାସ ଦୁର୍ନୀତି ପ୍ରସଙ୍ଗ କମିବାର ନା ନେଉନି। ଏବେ ଏହା ବେଶ୍ ଚର୍ଚ୍ଚା ପରିସରକୁ ଆସିଛି। ଏହାକୁ ନେଇ ଜିଲା ଓ ବ୍ଲକ ପ୍ରଶାସନିକ ଅଧିକାରୀଙ୍କ ଚିନ୍ତା ବଢିଯାଇଛି। ଏହି ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦିଆଯାଇ ଅଯୋଗ୍ୟମାନଙ୍କୁ ତାଲିକା ଭୁକ୍ତ କରାଯାଇଥିଲା। ଏହାକୁ ନେଇ ଜନ ଅସନ୍ତୋଷ କୁହୁଳୁଛି। ଆରମ୍ଭରୁ ବାଦ୍ ପଡିଥିବା ହିତାଧିକାରୀମାନେ ବାସ ଖଣ୍ଡିଏ ପାଇବାକୁ ବାରମ୍ବାର ଦାବି କରି ଆସୁଥିଲେ। ପୁଣି ଏବେ ସ୍ଥାନୀୟ ପଞ୍ଚାୟତ ପ୍ରତିନିଧିମାନେ ଆନ୍ଦୋଳନରେ ସାମିଲ ହୋଇ ଚର୍ଚ୍ଚା ପରିସରକୁ ଆସିଛନ୍ତି। ଏହିକ୍ରମରେ ବିଭିନ୍ନ ଗ୍ରାମର ବାଦ୍ ପଡିଥିବା ଯୋଗ୍ୟ ହିତାଧିକାରୀମାନେ ସୋମବାର ବେଗୁନିଆ ବ୍ଲକ କାର୍ଯ୍ୟାଳୟ ଘେରାଉ କରିଥିଲେ। ସେମାନଙ୍କ ସହ ମଧ ବିଭିନ୍ନ ପଞ୍ଚାୟତର ଲୋକ ପ୍ରତିନିଧିମାନେ ସାମିଲ ହୋଇଥିଲେ। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସେମାନେ ଆନ୍ଦୋଳନ କରିଥିଲେ। ପରେ ବିଡିଓ ରଶ୍ମିରେଖା ଦାସ ଆନ୍ଦୋଳନକାରୀଙ୍କୁ ଆସି ବୁଝାଶୁଝା କରିଥିଲେ। ଆପଣମାନେ ଯଦି ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବାକୁ ସରକାରୀ ଭାବେ ଯୋଗ୍ୟତା ହାସଲ କରୁଛନ୍ତି, ତେବେ ନିଶ୍ଚୟ ବାସ ଖଣ୍ଡିଏ ପ୍ରଦାନ ପାଇଁ ଆମ ପକ୍ଷରୁ ନିରପେକ୍ଷ ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଆନ୍ଦୋଳନ ହଟିଥିଲା।

ବ୍ଲକର ଗଡମାଣତୀର, ପୋଡାଡିହ, ସିମୋର, ବୋତଲମା ଆଦି ପଞ୍ଚାୟତ ଅଞ୍ଚଳରେ ବହୁ ଗରିବ ଲୋକ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାଲିକାରୁ ବାଦ୍ ପଡିଥିଲେ। ସେହିପରି ସିକୋ, ହଜ, ହିରାପୁର, ଶଗଡଭଙ୍ଗା ଆଦି ପଞ୍ଚାୟତର କେତେଜଣ ହିତାଧିକାରୀଙ୍କର ଜିଓ ଟ୍ୟାଗରେ ନାମ ଥାଇ ମଧ ପରେ ସେମାନଙ୍କୁ ନୂତନ ତାଲିକାରୁ କାଟି ଦିଆଯାଇଛି। ଏଣେ ସରକାରୀ କର୍ମଚାରୀ, ଦଲାଲ ଏବଂ ରାଜନେତାମାନଙ୍କୁ ହାତଗୁଞ୍ଜା ଦେଇ ଏହି ଯୋଜନାରେ ଅଯୋଗ୍ୟ ହିତାଧିକାରୀ ଅନ୍ତର୍ଭୁକ୍ତ ହୋଇଥିଲେ। ଏପରି କି ୫ ରୁ ୧୦ ହଜାର ଟଙ୍କା ଲେଖାଏ ଲାଞ୍ଚ ଦେଇ ଏହି ଯୋଜନାକୁ ହାତେଇଥିଲେ। ଦୁଇ ମହଲା କୋଠା, ଘର ନ କରି ସମ୍ପୂର୍ଣ୍ଣ ବିଲ୍ ମୁଞ୍ଜର ସହ ଅନ୍ୟ ଲୋକଙ୍କ କୋଠା ଦେଖାଇ ମିଥ୍ୟା ବିଲ୍ ପାସ୍ କରାଇ ଦିଆଯାଇଥିଲା। ପରେ ଦୁର୍ନୀତିର ଛିଟା ଅସନ୍ତୋଷର ରୂପ ନେଇଥିଲା। ଏହାକୁ ନେଇ ଜିଲା ପ୍ରଶାସନର ଚେତା ପଶିଥିଲା। ଦୁର୍ନୀତିରେ ଜଡିତ ଥିବା ସରକାରୀ କର୍ମଚାରୀମାନଙ୍କୁ ଜିଲାପାଳ ଛଟେଇ କରିଥିଲେ। ଏଥିସହ ଜଣେ ଗାଁ ଦଲାଲଙ୍କୁ ଜେଲ ଯିବାକୁ ପଡିଥିଲା। ତଥାପି ସରକାରୀ ବାବୁମାନଙ୍କ ଚେତା ପଶୁନାହିଁ, ପୁନର୍ବାର ଦୁର୍ନୀତି ପାଇଁ ଗୋଡ ବଢାଉଛନ୍ତି।

**କିଏ ଭୁଲ୍ କରୁଛି, ଆମ ସରକାର ବଦନାମର ବୋଝ ମୁଣ୍ଡାଉଛି**

ଗ୍ରାମାଞ୍ଚଳର ଗରିବ ଲୋକମାନଙ୍କ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବହୁ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ସେଥିମଧ୍ୟରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନ୍ୟତମ। ହେଲେ ଏହି ଯୋଜନାକୁ ଗ୍ରାମାଞ୍ଚଳରେ ତାଳରୁ ତଳିପା ପର୍ଯ୍ୟନ୍ତ ଦୁର୍ନୀତି ଘୋଡାଇ ହୋଇ ରହିଛି। ବିଶେଷ କରି ସରକାରୀ ବାବୁମାନେ ଏହି କାରନାମାରେ ସମ୍ପୃକ୍ତ ଥିବାର ପ୍ରମାଣିତ ହୋଇସାରିଲାଣି। ଏହି ଘଟଣାରେ ମଧ କେତେଜଣ କର୍ମଚାରୀ ଦଣ୍ଡିତ ହୋଇ ସାରିଲେଣି। ଏଥିରେ ମଧ କେତେଜଣ ରାଜନେତାଙ୍କଠାରୁ ଆରମ୍ଭ କରି ଗାଁ ଦଲାଲ ପର୍ଯ୍ୟନ୍ତ ଦୁର୍ନୀତିର ସିରିପା ପିନ୍ଧିଛନ୍ତି। ମାତ୍ର ବ୍ଲକ କାର୍ଯ୍ୟାଳୟ ପରିସରରେ ହୋଇଥିବା ଏହି ଆନ୍ଦୋଳନସ୍ଥଳରେ ୭ ପଞ୍ଚାୟତର ଜନପ୍ରତିନିଧି ଯୋଗ ଦେଇଥିଲେ। ସେମାନେ ଯେଉଁଭଳି ଭାବେ ସରକାରୀବାବୁମାନଙ୍କୁ ଆକ୍ଷେପ କରୁଥିଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। କିଏ ଭୁଲ କରୁଛି, ଆମ ସରକାର ବଦନାମର ବୋଝ ମୁଣ୍ଡାଉଛନ୍ତି ବୋଲି ସେମାନେ କହିଥିଲେ। ତେବେ ଏଭଳି କଥାକୁ ଅଞ୍ଚଳର ବହୁ ବୁଦ୍ଧିଜୀବୀ ସହଜରେ ହଜମ କରି ପାରୁନାହାନ୍ତି।

### ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଖୋର୍ଦ୍ଧା ଅଫିସ, ୨୪।୨

ବସନ୍ତ ଯୁଜିମିଇ ସ୍କୁଲର ପ୍ରଧାନ ଶିକ୍ଷକ ତଥା ରାଜ୍ୟ ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ରବୀନ୍ଦ୍ର ନାଥ ଶତପଥୀ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ତାଙ୍କୁ ବିଦ୍ୟାଳୟ ପରିସରରେ ଶିକ୍ଷକ ସଂଘ, ଛାତ୍ରୀଛାତ୍ର ତଥା ଗ୍ରାମବାସୀଙ୍କ ପକ୍ଷରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ଜିଲାର ବିଭିନ୍ନ ବ୍ଲକର ଶିକ୍ଷକ ପ୍ରତିନିଧିଙ୍କ ସମେତ ରାଜ୍ୟ ସଂଘର କର୍ମକର୍ତ୍ତା ଯୋଗେ ଦେଇଥିଲେ। ଆମରି ସତ୍ୟର ପ୍ରତିଷ୍ଠାତା ଡ. ପ୍ରମୋଦ ଚନ୍ଦ୍ର ଦାଶ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ଭାବେ ଐତିହାସିକ ସତ୍ୟବାଦୀ ବଳିଆରସିଂହ, ଖୋର୍ଦ୍ଧା ବ୍ଲକ ଶିକ୍ଷାଧିକାରୀ ବୈଦ୍ୟନାଥ ସାହୁ, ଟାଙ୍ଗୀ ବ୍ଲକ୍ ଶିକ୍ଷାଧିକାରୀ ସୁରେନ୍ଦ୍ର କୁମାର ମଙ୍ଗରାଜ, ଶିକ୍ଷକ ସଂଘର ରାଜ୍ୟ ଉପସଭାପତି ବିଷ୍ଣୁ ପ୍ରସାଦ ହରିଚନ୍ଦନ, ଜିଲା ସମ୍ପାଦକ ହୃଷୀକେଶ ମିଶ୍ର, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସତ୍ୟବାନ ଶ୍ରୀଚନ୍ଦନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶତପଥୀ ବହୁ ଗୁଣର ଅଧିକାରୀ ଥିଲେ। ତାଙ୍କ ଉଦ୍ଦେଶ୍ୟରେ 'ଆମ ସାଥୀ ଆମ ଆଖି' ଶୀର୍ଷକ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଶିକ୍ଷକ ସଂଘ, ବିଦ୍ୟାଳୟ ଛାତ୍ରୀଛାତ୍ରୀ ତଥା ଗ୍ରାମବାସୀଙ୍କ ପକ୍ଷରୁ ତାଙ୍କୁ ଉପଢୌକନ, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ସଂଘ ସଭାପତି ରତ୍ନାକର ରଣସିଂହଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା। ଶିକ୍ଷକ ଅଶୋକ ଚନ୍ଦ୍ର ଦାଶ ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ।

## ୧୧ ମୃତ ବିଦେଶୀ ପକ୍ଷୀ ଜବତ:୩ ଗିରଫ

ଟାଙ୍ଗୀ (ଖୋର୍ଦ୍ଧା), ୨୪।୨ (ଡି.ଏନ.ଏ.)

ବନ୍ୟପ୍ରାଣୀ ବିଭାଗର କର୍ମଚାରୀମାନେ କାଲୁପଡା ନିକଟସ୍ଥ ବରୁଣପଡା ଫିସିଖମ୍ବ ନିକଟରୁ ୧୧ ବିଦେଶାଗତ ମୃତ ପକ୍ଷୀ ଜବତ କରିଛନ୍ତି। ଏଥିରେ ସମ୍ପୃକ୍ତ ୩ ଶିକାରୀଙ୍କୁ ଗିରଫ କରାଯାଇଛି।ଶିକାରୀମାନେ ହେଲେ ସୋରଣ ଗ୍ରାମର ବିଜୟ ବେହେରା (୨୨), ରାଧା ବେହେରା (୩୦), ବୁଲୁ ବେହେରା (୩୦)। ସେମାନଙ୍କଠାରୁ ବନ୍ୟପ୍ରାଣୀ କର୍ମଚାରୀମାନେ ଗୋଟିଏ ୪୦ ଫୁଟ ଶାଳକାଠ ନିର୍ମିତ ମେଶିନ ଚାଳିତ ଡଙ୍ଗା, ୯ ଏଚପି ଇଞ୍ଜିନ, ୨ଟି ଲାର୍ଜ ହୁଇସିଲେଂ ଡକ୍, ୫ଟି ନର୍ଦ୍ଦନ ପିଣ୍ଟେଲ, ୩ଟି ନର୍ଦ୍ଦନ ସୋଭଲର, ୩ଟିଏଗ୍ଅଫ ପରପୋଲ ମୋରହେନ ନାମକ ବିଦେଶୀ ପକ୍ଷୀ, ୩ଟି ଅଣ୍ଡା ଓ ଏକ ମୋବାଇଲ ହ୍ୟାଣ୍ଡସେଟ୍ ଜବତ କରିଥିବା ଜଣାପଡିଛି ।


ଜବତ ପକ୍ଷୀ ଓ ଗିରଫ ଅଭିଯୁକ୍ତମାନେ ।

### ଶାଶୁ ନିର୍ଯାତନା ଦେଉଥିବା ଅଭିଯୋଗ କଲେ ବୋହୂ

ବେଗୁନିଆ, ୨୪।୨(ଡି.ଏନ୍.ଏ.)

ବେଗୁନିଆ ବ୍ଲକ କୋଟପଲ୍ଲା ଗ୍ରାମର ଜଣେ ବୋହୂ ତାଙ୍କ ଶାଶୁଙ୍କ ନାମରେ ନିର୍ଯାତନା ଅଭିଯୋଗ ବାଘମାରୀ ଥାନାରେ କରିଛନ୍ତି। ଏ ନେଇ ଥାନାରେ ଦଫା ୨୯୪, ୩୨୪, ୫୦୬ରେ ନଂ. ୨୩/୨୦ରେ ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ପୋଲିସ ସୂଚନା ଅନୁସାରେ, ଉକ୍ତ ଗ୍ରାମର ରଶ୍ମି ରଞ୍ଜନ ବିଶ୍ୱାଳଙ୍କ ପତ୍ନୀ ନିଳିମା ତାଙ୍କ ପରିବାରରେ ସର୍ବଦା ନିର୍ଯାତିତ ହେଉଥିବାର ଅଭିଯୋଗ କରିଛନ୍ତି। ବିଶେଷକରି ତାଙ୍କ ଶାଶୁଙ୍କ ନାମରେ ସେ ନିର୍ଯାତନା ଅଭିଯୋଗ ଦେଇଛନ୍ତି।

### ଚକ୍ଷୁ ପରୀକ୍ଷା, ରକ୍ତଦାନ ଶିବିର

ଜଟଣୀ,୨୪।୨(ଡି.ଏନ.ଏ.): ଜଟଣୀ ଅଗ୍ରୱାଲା ଧର୍ମଶାଳାରେ ବଜରଙ୍ଗୀ ସେବାସଂଘ ପକ୍ଷରୁ ଚକ୍ଷୁ ପରୀକ୍ଷା ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮୪ ୟୁନିଟ୍ ରକ୍ତ ସଂଗ୍ରହ ସହ ୪୨ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ୧୨ ଜଣଙ୍କର ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ଚିହ୍ନଟ କରାଯାଇଛି। ଆୟୋଜକ ସେବା ସଂଘର ସଭାପତି ପ୍ରଶାନ୍ତ ସାହୁ, ଦିଲୀପ ସାହୁ, ବଳଦେବ ସାହୁ, ବ୍ୟାଙ୍କ ଓ ଲାୟନ୍ସ କ୍ଲବ ଡାକ୍ତରୀ ଦଳଙ୍କ ଦ୍ୱାରା ରକ୍ତ ସଂଗ୍ରହ, ଚକ୍ଷୁ ପରୀକ୍ଷା କରାଯାଇଥିଲା।

## ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକାରିଣୀ ବୈଠକ



ବୈଠକରେ ଯୋଗ ଦେଇଥିବା ଖୋର୍ଦ୍ଧାର ବରିଷ୍ଠ ନାଗରିକମାନେ ।

ଖୋର୍ଦ୍ଧା ଅଫିସ, ୨୪।୨

ବରିଷ୍ଠ ନାଗରିକ ମଞ୍ଚ ଖୋର୍ଦ୍ଧା ପକ୍ଷରୁ ସହରସ୍ଥିତ ମଙ୍ଗଳା ମନ୍ଦିର ପରିସରରେ ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଥିଲା। ଜ୍ଞାନ ରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପଦେଷ୍ଟା ଐତିହାସିକ ସତ୍ୟବାଦୀ ବଳିଆରସିଂହ ଯୋଗଦେଇ ଆଗାମୀଦିନରେ କିଭଳି ମଞ୍ଚର ସଙ୍ଗଠନକୁ ସଶକ୍ତ କରାଯାଇ ପାରିବ ସେନେଇ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈକୁଣ୍ଠନାଥ ରାଜଗୁରୁ, ସହସମ୍ପାଦକ ତ୍ରିନାଥ ପାଲଟାସିଂହ, କୋଷାଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ମହାରଣା, ସଦସ୍ୟ ସମରଜିତ୍ ପଟ୍ଟନାୟକ, ନାରାୟଣ ଦାସ ଏବଂ ବିରଞ୍ଚି ନାରାୟଣ ଚହଟ୍ଟରାୟ ଯୋଗ ଦେଇଥିଲେ। ଆୟୋଜିତ ସଭାରେ ବରିଷ୍ଠ ନାଗରିକମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ଉପରେ ଆଲୋକପାତ କରିଥିଲେ। ଖୋର୍ଦ୍ଧା ସହରରେ ଏକ ସାପ୍ତାହିକ ହାଟ ପାଇଁ ସ୍ଥାନ ନିରୂପଣ କରିବା ଦିଗରେ ଜିଲାପାଳଙ୍କୁ ନିବେଦନ କରିବେ। ଏଥିସହ ନାଗରିକମାନଙ୍କର ଚିକିତ୍ସା ସୁବିଧା ଦିଗରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯିବ। ସେହିପରି ବରିଷ୍ଠ ନାଗରିକମାନଙ୍କୁ ଚିହ୍ନଟ କରାଯାଇ ସରକାରଙ୍କ ପକ୍ଷରୁ ପରିଚୟ ପତ୍ର ପ୍ରଦାନ କରାଯାଉ ବୋଲି ଜିଲା ଆରକ୍ଷୀ ଅଧୀକ୍ଷକ ଓ ଥାନା ଭାରପ୍ରାପ୍ତ ଅଧିକାରୀଙ୍କୁ ମଞ୍ଚ ପକ୍ଷରୁ ନିବେଦନ କରାଯିବ ବୋଲି ପ୍ରସ୍ତାବ ଗୃହୀତ ହୋଇଥିଲା। ଏଥିସହ ଟାଙ୍ଗୀ, ବେଗୁନିଆ, ବୋଲଗଡ ବ୍ଲକର ବରିଷ୍ଠ ନାଗରିକମାନଙ୍କୁ ସଙ୍ଗଠିତ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ନିରାକାରପୁର ବରିଷ୍ଠ ନାଗରିକ ସଂଘ ଜିଲା ମଞ୍ଚ ସହ ମିଳିତ ଭାବେ କାର୍ଯ୍ୟ କରିବାର ନିଷ୍ପତ୍ତିକୁ ବୈଠକରେ ସ୍ୱାଗତ କରାଯାଇଥିଲା। ମଞ୍ଚର ସମ୍ପାଦକ ରାମ ଶଙ୍କର ଶେଷରେ ଧନ୍ୟବାଦ ଦେଇଥିଲେ।

## ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ବିଶ୍ୱ ଶାନ୍ତି ମହାଯଜ୍ଞ

ବୋଲଗଡ଼,୨୪।୨(ଡି.ଏନ.ଏ.)

ବୋଲଗଡ଼ ବ୍ଲକ ସାଲତରାସ୍ଥିତ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ଅନୁଷ୍ଠିତ ହେଉଥିବା ବିଶ୍ୱଶାନ୍ତି ମହାଯଜ୍ଞର ସୋମବାର ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଛି। ସ୍ଥାନୀୟ ଗ୍ରାମବାସୀଙ୍କ ପକ୍ଷରୁ ୪ଦିନ ଧରି ନାମଯଜ୍ଞ, ଘୃତଯଜ୍ଞ, ଜ୍ଞାନ ଯଜ୍ଞ, ଅନ୍ନ ଯଜ୍ଞ, ଗୋପୂଜା, ସୂର୍ଯ୍ୟପୂଜା ଆଦି କାର୍ଯ୍ୟକ୍ରମ ଚାଲୁରହିଥିଲା। ଶ୍ରଦ୍ଧାଳୁମାନେ ୧୦୮ କଳସରେ ଗ୍ରାମ ପୁଷ୍କରୀଣିରୁ ଜଳଭାର ଧରି ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା ପରେ ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଜାଗର ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ତଥା ବାହାର ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।


କଳସ ଯାତ୍ରାରେ ଶ୍ରଦ୍ଧାଳୁମାନେ।

## ମାର୍କେଟିଂ ଏଜେଣ୍ଟ ପରିଚୟ ଦେଇ ଚୋରି କରୁଥିବା ଗ୍ୟାଙ୍ଗ୍ ଠାବ

- ମହିଳା ସମେତ ୨ ଗିରଫ
- ଚୋରି ଲାପ୍‌ଟପ୍, ମୋବାଇଲ୍ ଫୋନ୍, ପର୍ସ ଜବତ

ଭୁବନେଶ୍ୱର,୨୪।୨(ବ୍ୟୁରୋ)- ରାଜଧାନୀର ବିଭିନ୍ନ ଥାନାଞ୍ଚଳରେ ନିଜକୁ ମାର୍କେଟିଂ ଏଜେଣ୍ଟ ପରିଚୟ ଦେଇ ଲୋକଙ୍କ ଘରକୁ ଯାଉଥିଲେ। ସୁଯୋଗ ଦେଖି ଘରେ ପଶି ଚୋରି କରି ଫେରାର୍ ହେଉଥିଲେ। ଏଭଳି ଏକ ଗ୍ୟାଙ୍ଗକୁ ଖଣ୍ଡଗିରି ଥାନା ପୋଲିସ ଠାବ କରିବା ସହ ସମ୍ପୃକ୍ତ ମହିଳାଙ୍କ ସମେତ ୨ଜଣଙ୍କୁ ଗିରଫ କରିଛି। ଏଥିସହ ସେମାନଙ୍କ ନିକଟରୁ ଚୋରି ସାମଗ୍ରୀ ଜବତ କରିଛି। ଅଭିଯୁକ୍ତମାନେ ହେଲେ ଜଟଣୀ ଥାନା ହିରିଭାଇନା ଛକର ପିଙ୍କି ଦାସ (୩୫) ଓ ସମୀର ଶବର (୨୦)। ପୋଲିସ ସୂଚନା ମୁତାବକ, ୨ ଅଭିଯୁକ୍ତ ଏକ ଗ୍ୟାଙ୍ଗ ଚଳାଉଛନ୍ତି। ସେମାନେ ବହୁ ଯୁବତୀଯୁବକଙ୍କ ଗ୍ୟାଙ୍ଗରେ ସାମିଲ୍ କରି ର୍‍ୟାକେଟ ଚଳାଉଛନ୍ତି। ବିଶେଷକରି ରାଜଧାନୀର ବିଭିନ୍ନ ଅପାର୍ଟମେଣ୍ଟ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ପହଞ୍ଚି ଲୋକଙ୍କ ସହ କଥାହେବା ଆଳରେ ଭିତରକୁ ଯାଇ ଚୋରି କରୁଥିଲେ। ପାତ୍ରପଡା କ୍ରିଷ୍ଣାବିହାରସ୍ଥିତ ଏକ ଆପାର୍ଟମେଣ୍ଟରେ ସସ୍ମିତ କୁମାର ମହାପାତ୍ର ରୁହନ୍ତି। ୨ ଅଭିଯୁକ୍ତ ମାର୍କେଟିଂ ଏଜେଣ୍ଟ ପରିଚୟ ଦେଇ ଗତ ୧୫ ତାରିଖରେ ଆପାର୍ଟମେଣ୍ଟ ଭିତରକୁ ପଶିବା ପରେ ସସ୍ମିତଙ୍କ ଘରକୁ ଯାଇଥିଲେ। ସସ୍ମିତଙ୍କ ଘର କବାଟ ଖୋଲାଥିବାବେଳେ ତାଙ୍କ ଲାପ୍‌ଟପ୍, ମୋବାଇଲ ଫୋନ୍, ପର୍ସ ଚୋରି କରି ଫେରାର ହୋଇଯାଇଥିଲେ। ଏ ନେଇ ସସ୍ମିତ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୧୧୭/୨୦ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ଆପାର୍ଟମେଣ୍ଟର ସିସିଟିଭି ଫୁଟେଜ ଓ ଚୋରି ମୋବାଇଲ୍ ଫୋନକୁ ଟ୍ରାକ୍ କରି ପୋଲିସ ଅଭିଯୁକ୍ତଙ୍କ ନିକଟରେ ପହଞ୍ଚିଥିଲା। ସେମାନଙ୍କୁ ପଚରାଉଚରା କରି ପୋଲିସ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଆରମ୍ଭ କରିଛି।

## ଟୋକନ ମିଳିବାରେ ବିଳମ୍ବ: ମଣ୍ଡି ଆଗରେ ଚାଷୀଙ୍କ ବିକ୍ଷୋଭ

ବୋଲଗଡ଼,୨୪।୨(ଡି.ଏନ.ଏ.):


ଚାଷୀମାନେ ସମିତି କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି

ଫେବୃୟାରୀ ଶେଷ ହେବାକୁ ଯାଉଥିବା ବେଳେ ମଣ୍ଡିରେ ଧାନ ବିକ୍ରୟ ପାଇଁ ଆଉ ମାତ୍ର ମାର୍ଚ୍ଚ ମାସଟି ରହିଛି। ବୋଲଗଡ଼ ବ୍ଲକର ଚାଷୀମାନେ ଦୀର୍ଘ ଦୁଇମାସ ଧରି ନିଜ ଅମଳ ଧାନକୁ ମଣ୍ଡିରେ ବିକ୍ରି କରିବା ପାଇଁ ଚାହିଁବସିଛନ୍ତି। ଏପରିସ୍ଥଳେ ପଞ୍ଜୀକୃତ ସମସ୍ତ ଚାଷୀଙ୍କ ପାଇଁ ଟୋକନ ମାଧ୍ୟମରେ ଟାର୍ଗେଟ ଆସିପାରି ନାହିଁ। ଫଳରେ ଚାଷୀମାନେ ସେମାନଙ୍କ କଷ୍ଟ ଉପାର୍ଜିତ ଧାନକୁ ମଣ୍ଡିରେ ବିକ୍ରୟ କରିପାରୁନାହାନ୍ତି। ସୋମବାର ବିକ୍ଷୋଭ ପ୍ରଦର୍ଶନ କରି ସେମାନେ ଏହାର ପ୍ରତିବାଦ କରିଥିଲେ। ଏହି ବ୍ଲକର ଗର୍ଭଣିପଡା ସେବା ସମବାୟ ସମିତିରେ ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା।

ସରକାର ଓ କୃଷି ବିଭାଗ ପଞ୍ଜୀକୃତ ସମସ୍ତ ଚାଷୀଙ୍କର ଉତ୍ପାଦିତ ଧାନ ଓ ଭାଗ ଚାଷୀଙ୍କ ଧାନ କିଣିବେ ବୋଲି ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ ବାସ୍ତବରେ ଏହାର ସଫଳ ରୂପାୟନ ହୋଇପାରୁ ନାହିଁ। ଚାଷୀମାନେ ସମିତିରୁ ଋଣ କରି ଧାନ ଚାଷ କରିଥିବା ବେଳେ ଉତ୍ପାଦିତ ଫସଲକୁ ବିକ୍ରିକରି ଟଙ୍କା ଶୁଝିବେ ବୋଲି ଅପେକ୍ଷା କରିଥିଲେ। ହେଲେ ମଣ୍ଡିକୁ ଟାର୍ଗେଟ ନ ଆସିବା ଓ ମିଲର ଧାନ କିଣିବାରେ ଆଗ୍ରହ ପ୍ରକାଶ ନ କରିବାକୁ ନେଇ ଚାଷୀମାନେ ସଙ୍କଟରେ ପଡିଛନ୍ତି। ଗର୍ଭଣିପଡା ସେବା ସମବାୟ ସମିତିରେ ଚଳିତବର୍ଷ ୪୬୦ଜଣ ଚାଷୀ ଧାନ ବିକ୍ରୟ ପାଇଁ ନାମ ପଞ୍ଜୀକୃତ କରିଛନ୍ତି। ଏଥିପାଇଁ ସମିତି ପକ୍ଷରୁ ୨୦ହଜାର କୁଇଣ୍ଟାଲ ଧାନ ବିକ୍ରୟ ପାଇଁ ଟାର୍ଗେଟ ଦିଆଯାଇଥିବା ଜଣାପଡିଛି। ଧାନ କ୍ରୟ ସମୟ ଦୁଇ ମାସ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ମାତ୍ର ୨୫୫ଜଣ ଚାଷୀଙ୍କର ପ୍ରାୟ ୧୦ହଜାର କୁଇଣ୍ଟାଲ ଧାନ କିଣା ହୋଇପାରିଛି। ନାମ ପଞ୍ଜୀକୃତ କରିଥିବା ଚାଷୀମାନଙ୍କ ମଧ୍ୟରୁ ୨୦୫ ଜଣଙ୍କୁ ଧାନ ବିକ୍ରୟ ପାଇଁ ଟୋକନ ମିଳିପାରି ନାହିଁ। ଫଳରେ ସେମାନେ କିପରି ତାଙ୍କର ଧାନ ବିକ୍ରୟ କରିବେ ସେହି ଚିନ୍ତାରେ ଅଛନ୍ତି। ସାମବାର ଗର୍ଭଣୀପଡା ସେବା ସମବାୟ ସମିତିଠାରେ ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରି ଟୋକନ ଯୋଗାଇଦେବାକୁ ଦାବି କରିଥିଲେ। ତୁରନ୍ତ ପଦକ୍ଷେପ ନିଆ ନ ଗଲେ ସେମାନେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ କରଜ ଶୁଝିବା ପାଇଁ ସେମାନେ ବାଧ୍ୟ ହୋଇ ବ୍ୟବସାୟୀଙ୍କୁ କମ୍ ମୂଲ୍ୟରେ ଧାନ ବିକ୍ରି କରୁଥିବା ଚାଷୀ ପ୍ରଦୀପ କୁମାର ପଟ୍ଟନାୟକ ଓ ପ୍ରାଣକୃଷ୍ଣ ପାତ୍ର ପ୍ରମୁଖ ପ୍ରକାଶ କରିଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।



ରାଜ ମୁକୁଟ ସୁନାରେ ତିଆରି ବୋଲି ଦେଖାଯାଉଥାଏ,
ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।
-ମିଲ୍‌ଟନ୍



## ସଂକ୍ଷେପରେ

### ଭଙ୍ଗାଗଲା ପ୍ରତିହାରୀ ଭବନ

ପୁରୀ ଅଫିସ,୨୪।୨: ଶ୍ରୀମନ୍ଦିର ସୁରକ୍ଷା ଜୋନରେ ଚାଲିଥିବା ଉଚ୍ଛେଦ ଅଭିଯାନ ଗତ ତିନିଦିନ ଧରି ବନ୍ଦ ଥିଲା। ଛୁଟି ଦିବସ ଥିବାରୁ ପ୍ରଶାସନ ଏହାକୁ ବନ୍ଦ ରଖିଥିଲା। ହେଲେ ସୋମବାରଠାରୁ ଉଚ୍ଛେଦ କାର୍ଯ୍ୟ ପୁଣି ତ୍ୱରାନ୍ୱିତ ହୋଇଛି। ଭଙ୍ଗାଯାଇଛି ଶ୍ରୀମନ୍ଦିର ପଶ୍ଚିମ ପାର୍ଶ୍ୱରେ ଥିବା ପ୍ରତିହାରୀ ଭବନ। ସକାଳୁ ଏହାକୁ ଉଚ୍ଛେଦ ଲାଗି ଦୁଇ ପ୍ଲାଟୁନ ପୋଲିସ ପହଞ୍ଚି ଥିଲେ। ସଂଲଗ୍ନ ଅଞ୍ଚଳକୁ ବ୍ୟାରିକେଡିଂ କରିଥିଲେ। ଏହାପରେ ଭଙ୍ଗା କାର୍ଯ୍ୟ ଆରମ୍ଭ ହୋଇଥିଲା। ଉପଜିଲାପାଳ ଭବତାରଣ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨ଜଣ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ମଧ ଉପସ୍ଥିତ ଥିଲେ। ଆଗକୁ ଶ୍ରୀମନ୍ଦିର ସୁରକ୍ଷା ଜୋନରେ ଉଚ୍ଛେଦ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରାଯିବ ବୋଲି ଉପଜିଲାପାଳ ସାହୁ କହିଛନ୍ତି।

### ଆକ୍ରମଣ, ୨ ଗିରଫ

ପୁରୀ ଅଫିସ,୨୪।୨ : ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣକ ଘରେ ପଶି ଆକ୍ରମଣ ଅଭିଯୋଗରେ କୁମ୍ଭାରପଡା ପୋଲିସ ସୋମବାର ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନରେନ୍ଦ୍ରକୋଣର ବିନାୟକ ନାୟକ ଓ ମହେଶ ନାୟକ। ଗୋପବନ୍ଧୁ ବସ୍ତିରେ ରହୁଥିବା ରଞ୍ଜିତ ନାୟକଙ୍କ ସହ ପୂର୍ବରୁ କୌଣସି କାରଣକୁ ନେଇ ବିନାୟକ ଓ ମହେଶଙ୍କ ଝଗଡ଼ା ହୋଇଥିଲା। ସୋମବାର ହଠାତ ରଞ୍ଜିତ ଘରେ ଥିବାବେଳେ ବିନାୟକ ଓ ମହେଶ ଘରେ ପଶି ଆକ୍ରମଣ କରିଥିଲେ ବୋଲି ରଞ୍ଜିତ ଥାନାରେ ଅଭିଯୋଗ କରିଛନ୍ତି।

### ପଟଚିତ୍ର ତାଲିମ ଶିବିର ଶୁଭାରମ୍ଭ

ପୁରୀ ଅଫିସ,୨୪।୨ : ପୁରୀ ଜିଲା ଶିଳ୍ପ ତାଲିମ କେନ୍ଦ୍ର ଆନୁକୂଲ୍ୟରେ ରାଜ୍ୟ ହସ୍ତ ଓ କୁଟୀର ଶିଳ୍ପ ମନ୍ତ୍ରଣାଳୟ, ଭୁବନେଶ୍ୱର ସହଯୋଗରେ ଗୁଡ଼ିଆ ସାହିଠାରେ ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଯୋଜନାରେ ଗୁରୁ ଶିଷ୍ୟ ପରମ୍ପରା ପଟଚିତ୍ର ତାଲିମ ଶିବିର ସୋମବାର ଶୁଭାରମ୍ଭ ହୋଇଯାଇଛି। ଗୁରୁ ସସ୍ମିତା ମହାରଣାଙ୍କ ସଂଯୋଜନାରେ ଆୟୋଜିତ ଏହି ଶିବିର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଶିଷ୍ଟ ପଟଚିତ୍ର କାରିଗର ନାରାୟଣ ମହାରଣା, ଜିଲା ଶିଳ୍ପ ତାଲିମ କେନ୍ଦ୍ର ସହ ପରିଚାଳକ ହେମନ୍ତ କୁମାର ନାୟକ, ଶିଳ୍ପ ବିକାଶ ଅଧିକାରୀ ସସ୍ମିତା ନାୟକ, ବରିଷ୍ଠ କାରିଗର ବାଳକୃଷ୍ଣ ମହାରଣା ଓ ହସ୍ତଶିଳ୍ପ ମନ୍ତ୍ରଣାଳୟର ଅଧିକାରୀମାନେ ଉପସ୍ଥିତ ରହି କିପରି ପଟଚିତ୍ର କାରିଗରି ଦ୍ୱାରା ସ୍ୱାବଲମ୍ବୀ ଏବଂ ଆତ୍ମନିର୍ଭରଶୀଳ ହୋଇପାରିବେ ସେନେଇ ପରାମର୍ଶ ଦେଇଥିଲେ। ପୁରୀ ଜିଲାର ୧୫ଜଣ କାରିଗର ଏହି ତାଲିମ ଶିବିରରେ ଯୋଗ ଦେଇଥିଲେ। ଏହା ୬ ମାସ ଧରି ଚାଲିବ। ଏହି ଅବସରରେ ୨୦୧୭-୧୮ରେ କୋର୍ସ ସାରିଥିବା ଅଂଶଗ୍ରହଣକାରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।

### ଏନ୍‌ଏସ୍‌ଏସ୍ ଶିବିର ଉଦ୍‌ଯାପିତ

ପୁରୀ ଅଫିସ,୨୪।୨ : ଶ୍ରୀଜଗନ୍ନାଥ ବେଦକର୍ମକାଣ୍ଡ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା(ଏନଏସଏସ) ପକ୍ଷରୁ ଚାଲିଥିବା ସ୍ୱତନ୍ତ୍ର ସେବା ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ସ୍ୱେଚ୍ଛାସେବୀମାନେ ଜାଗର ଯାତ୍ରା ପୂର୍ବ ଓ ପର ଦିନ ସେବା ଯୋଗାଇଥିଲେ। ମହାଶିବରାତ୍ରି ପରଦିନ ଲୋକନାଥ ମନ୍ଦିର ଚାରିପାଖରେ ପଡିଥିବା ଅଳିଆ ଆର୍ବଜନା ସଫା କରିଥିଲେ। ମହାବିଦ୍ୟାଳୟ ଅଧକ୍ଷ ଡ.ଜଗବନ୍ଧୁ ମିଶ୍ର, ଏନଏସଏସ ପ୍ରୋଗ୍ରାମ ଅଧିକାରୀ ଅଧାପିକା ହରପ୍ରିୟା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱର୍ଗଦ୍ୱାର ଜବରଦଖଲ ଉଚ୍ଛେଦ

ପୁରୀ ଅଫିସ,୨୪।୨:

ସ୍ୱର୍ଗଦ୍ୱାର ଜବରଦଖଲ ଉଚ୍ଛେଦ ଆରମ୍ଭ ହୋଇଛି। ସରକାର ସ୍ୱର୍ଗଦ୍ୱାରର ଆଧୁନିକୀକରଣ କାମ ଆରମ୍ଭ କରିବା ପରେ ଜବରଦଖଲକୁ ନେଇ ବେଶ୍ ଚର୍ଚ୍ଚା ହୋଇଥିଲା। ବହୁ ବଡ଼ବଡ଼ିଆ ସ୍ୱର୍ଗଦ୍ୱାର ଜମି ମାଡ଼ିବସିଥିବା ବେଳେ ଏହାକୁ ଉଚ୍ଛେଦ ନ କରି ସୀମିତ ଜାଗାରେ କିପରି ବିକାଶ ସମ୍ଭବ ସେନେଇ ବିଭିନ୍ନ ସଙ୍ଗଠନ ଅଭିଯୋଗ କରିଥିଲେ। ଶେଷରେ ସୋମବାର ସ୍ୱର୍ଗଦ୍ୱାର ଜମିରେ ଥିବା ଜବରଦଖଲ ଉଚ୍ଛେଦ କରାଯାଇଛି। ପ୍ରାଥମିକ ଭାବେ ୪ଟି ଦୋକାନ ଘର ଏବଂ ଗୋଟିଏ ଧର୍ମଶାଳାକୁ ଭଙ୍ଗାଯାଇଛି। ତେବେ ଆହୁରି ଅନେକ ଜମି ଜବରଦଖଲରେ ଥିବାବେଳେ ପ୍ରଶାସନ ପକ୍ଷରୁ ଏହାକୁ ଉଚ୍ଛେଦ କରାଯାଉଛି ନା ନାହିଁ ତାହା ଉପରେ ଏବେ ସମସ୍ତଙ୍କ ନଜର।

ପୁରୀ ସମୁଦ୍ର କୂଳକୁ ଲାଗି ବାଲିସାହି ମୌଜାରେ ରହିଛି ସ୍ୱର୍ଗଦ୍ୱାର ଶ୍ମଶାନ। ସାବକ ରେକର୍ଡରେ ୧୬ ଏକର ୪୦୦ ଡେସିମିଲ ଜମିରେ ସ୍ୱର୍ଗଦ୍ୱାର ଶ୍ମଶାନ ଥିବାବେଳେ ହାଲ୍ ରେକର୍ଡରେ ଏହା ୪୬୫ ଡେସିମିଲକୁ ହ୍ରାସ ପାଇଛି। ଅଧିକାଂଶ ଜମି ବେଆଇନ ଭାବେ ଅନ୍ୟମାନଙ୍କ ନାମରେ ରେକର୍ଡ ହୋଇଛି। ବର୍ତ୍ତମାନ ସ୍ୱର୍ଗଦ୍ୱାର ଶ୍ମଶାନ କହିଲେ ୧ ଏକରଠାରୁ କମ୍ ଜମିକୁ ହିଁ ବୁଝାଉଛି। ଗତ ୧୩ ତାରିଖରେ



ଡୋଜରରେ ଜବରଦଖଲ ଉଚ୍ଛେଦ କରାଯାଉଛି।

- ଭଙ୍ଗାଗଲା ୪ ଦୋକାନ, ଗୋଟିଏ ଧର୍ମଶାଳା
- ବଡ଼ ବ୍ୟବସାୟ ପ୍ରତିଷ୍ଠାନ ଉଚ୍ଛେଦ କେବେ

ସ୍ୱର୍ଗଦ୍ୱାର ଆଧୁନିକୀକରଣ କାମ ଆରମ୍ଭ ପାଇଁ ଭୂମି ପୂଜା କରାଯାଇଥିଲା। ମହାପ୍ରସ୍ଥାନ ଢାଞ୍ଚାରେ ଏହାର ବିକାଶ କରାଯିବ। ପ୍ରଥମ ପର୍ଯ୍ୟାୟରେ ୧୪ଟି ଶବଦାହ ପିଣ୍ଡି କରାଯିବ। ଦ୍ୱିତୀୟ ପର୍ଯ୍ୟାୟରେ ପ୍ରତୀକ୍ଷାଳୟ, ପ୍ରାୟ ୪୦୦ ଲୋକଙ୍କ ନିମନ୍ତେ ଖୋଲା ସ୍ଥାନ, କାର୍ଯ୍ୟାଳୟ, ଶୌଚାଳୟ, ପୂଜା ଓ ଶ୍ରାଦ୍ଧ ମଣ୍ଡପ, ସଂଲଗ୍ନ ରାସ୍ତାର ନିର୍ମାଣ, ଅସ୍ଥି ରଖିବା ପାଇଁ ଲକର, ପାର୍କିଂ, ଚେଞ୍ଜିଂରୁମ୍ ଆଦି ଅତ୍ୟାଧୁନିକ ସୁବିଧା ଉପଲବ୍ଧ ଲାଗି ଯୋଜନା କରାଯାଇଛି। ତେବେ ସୀମିତ ଜମି ମଧ୍ୟରେ ଏତେ ସୁବିଧା କିପରି ଉପଲବ୍ଧ ହେବ ଏବଂ ସ୍ୱର୍ଗଦ୍ୱାର ଜମି ଜବରଦଖଲକୁ କାହିଁକି ମୁକ୍ତ କରାଯାଉ ନାହିଁ ବୋଲି ଜନସାଧାରଣ, ବହୁ ବୁଦ୍ଧିଜୀବୀ ପ୍ରଶ୍ନ ଉଠାଇଥିଲେ। ଏହାପରେ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି । ପୌରସଂସ୍ଥା ପକ୍ଷରୁ ଗତ ଶନିବାର ୪ଟି ଦୋକାନ ଏବଂ ଏହା ପରିସର ଏକ ଧର୍ମଶାଳାକୁ ନୋଟିସ୍ ଦିଆଯାଇଥିଲା। ସୋମବାର ବେଳାଭୂମି ପାର୍ଶ୍ୱକୁ ଥିବା ଏହି ଦୋକାନ ଏବଂ ଧର୍ମଶାଳାକୁ ଭଙ୍ଗାଯାଇଛି। ତେବେ ଏହାକୁ ନେଇ ଅସନ୍ତୋଷ ଦେଖିବାକୁ ମିଳିଥିଲା। ଦୋକାନ ଉଚ୍ଛେଦ ନେଇ ଯଦିଓ ଏତେଟା ସମସ୍ୟା ନ ଥିଲା କିନ୍ତୁ ଧର୍ମଶାଳାକୁ ନେଇ ପ୍ରଶାସନକୁ ଅସହଯୋଗର ସମ୍ମୁଖୀନ ହେବାକୁ ପଡିଥିଲା। ଧର୍ମଶାଳାରେ ରହୁଥିବା ପରିବାର ଲୋକେ ସେମାନଙ୍କୁ ସମୟ ଦିଆଯାଇ ନ ଥିବା ଅଭିଯୋଗ କରି ଅସହଯୋଗ କରିଥିଲେ। ପରେ ପ୍ରଶାସନ ପକ୍ଷରୁ ସେମାନଙ୍କୁ ବୁଝାଯାଇ ଏହାକୁ ଉଚ୍ଛେଦ କରାଯାଇଛି। ଏ ସମ୍ପର୍କରେ ପୌରସଂସ୍ଥାର ଅତିରିକ୍ତ ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ କହିଛନ୍ତି, ଉଚ୍ଛେଦ ହୋଇଥିବା ଦୋକାନ ଘରଗୁଡ଼ିକ ଶ୍ରୀମନ୍ଦିର ପ୍ରଶାସନ ଜମିରେ ରହିଥିଲା। ଏହାକୁ ହଟାଇବା ଲାଗି ଶ୍ରୀମନ୍ଦିର ପ୍ରଶାସନ ଜିଲା ପ୍ରଶାସନକୁ ଅନୁରୋଧ କରିଥିଲା। ତେଣୁ ଜିଲା ପ୍ରଶାସନ ତରଫରୁ ପ୍ରଥମେ ସମସ୍ତଙ୍କୁ ନୋଟିସ ଦିଆଯାଇଥିଲା। ଏହାପରେ ସେମାନେ ନିଜ ଦୋକାନ ଘରଗୁଡ଼ିକ ଖାଲି କରିଦେଇଥିଲେ, ତାହାକୁ ଉଚ୍ଛେଦ କରାଯାଇଛି। ଏଥିସହ ଏହା ପରିସରରେ ଥିବା ଏକ ଧର୍ମଶାଳା ଅସୁରକ୍ଷିତ ହୋଇପଡିଥିଲା। ତେଣୁ ତାହାକୁ ମଧ ଭଙ୍ଗାଯାଇଛି ବୋଲି ସ୍ୱାଇଁ କହିଛନ୍ତି। ତେବେ ସ୍ୱର୍ଗଦ୍ୱାର ଜମିକୁ ବହୁ ବଡ଼ବଡ଼ିଆ ମାଡିବସି ବ୍ୟବସାୟ ଚଳାଇଛନ୍ତି। ପ୍ରଶାସନ ହାତଗଣତି କେତୋଟି ଦୋକାନ ଘର ଉଚ୍ଛେଦ କରିଥିବା ବେଳେ ବଡ଼ ବଡ଼ ବ୍ୟବସାୟ ପ୍ରତିଷ୍ଠାନକୁ କେବେ ଭାଙ୍ଗିବ ବୋଲି କହିଛନ୍ତି ସଚେତନ ନାଗରିକ ମଞ୍ଚ ସଭାପତି ଆଇନଜୀବୀ ପ୍ରଶନ୍ନ କୁମାର ଦାଶ।



ଚାନ୍ଦୁଆ ଶିଳ୍ପ ତାଲିମ ଶିବିର ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ଗହଣରେ ଶିବିରାର୍ଥୀମାନେ।

## ଚାନ୍ଦୁଆ ଶିଳ୍ପରେ ଦକ୍ଷତା ବିକାଶ ତାଲିମ ଶିବିର

ପୁରୀ ଅଫିସ,୨୪।୨:

କୁଣ୍ଡେଇବେଣ୍ଟ ସାହିସ୍ଥିତ ପୁରୀ କ୍ରିଏଟିଭ ହ୍ୟାଣ୍ଡିକ୍ରାଫ୍ଟ ପରିସରରେ ସୋମବାର ଚାନ୍ଦୁଆ ଶିଳ୍ପରେ ଦକ୍ଷତା ବିକାଶ ତାଲିମ ଶିବର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ଟି. ବଦ୍ରିନାରାୟଣ ଏହାକୁ ଉଦ୍‌ଘାଟନ କରି ପୁରୀର ଶିଳ୍ପୀମାନଙ୍କୁ ନିଷ୍ଠାର ସହ କାମ କରି ଚାନ୍ଦୁଆ ଶିଳ୍ପରେ ଉଚ୍ଚମାନର ଉତ୍ପାଦ ସୃଷ୍ଟି କରିବା ଲାଗି ପରାମର୍ଶ ଦେଇଥିଲେ। ଏହାଦ୍ୱାରା ଚାନ୍ଦୁଆ ଶିଳ୍ପର ଆହୁରି ବିକାଶ ସହିତ ଆର୍ଥିକ ଦୃଷ୍ଟିକୋଣରୁ ଶିଳ୍ପୀମାନେ ମଧ ସଶକ୍ତ ହୋଇପାରିବେ ବୋଲି ବଦ୍ରିନାରାୟଣ କହିଥିଲେ। ସମ୍ମାନିତ ଅତିଥି ସହକାରୀ ପରିଚାଳକ ହେମନ୍ତ କୁମାର ନାୟକ ଶିଳ୍ପୀମାନେ ନିୟମିତ ଉପସ୍ଥିତ ରହି ଗୁରୁଙ୍କଠାରୁ ଅଧିକ ଶିକ୍ଷା ଗ୍ରହଣ କରିବାକୁ ଉପଦେଶ ଦେଇଥିଲେ। ଶିଳ୍ପ ବିକାଶ ଅଧିକାରୀ ସସ୍ମିତା ନାୟକ ତାଲିମ ଶିବିରର ବିଭିନ୍ନ ନିୟମ ବିଷୟରେ ବୁଝାଇଥିଲେ। କ୍ରିଏଟିଭ ହ୍ୟାଣ୍ଡିକ୍ରାଫ୍ଟର ମୁଖ୍ୟ ଦେବୀପ୍ରସନ୍ନ ନନ୍ଦ ଶିବିରରେ ଦକ୍ଷ ଶିଳ୍ପୀ ଯୋଗଦେଇଥିବାରୁ ଏହାର ସଫଳତା କାମନା କରିବା ସହ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଗୁରୁ ଭାରତଭୂଷଣ ପରିଡ଼ା ଧନ୍ୟବାଦ ଦେଇଥିଲେ। ଶିବିରରେ ଭାଗ ନେଇଥିବା ଶିଳ୍ପୀଙ୍କୁ ଆବଶ୍ୟକ ବିଭିନ୍ନ ଉପକରଣ ବାକ୍ସ ପ୍ରଦାନ କରାଯାଇଥିଲା। ଏହି ଶିବିର ୪ ମାସ ଧରି ଚାଲିବ ବୋଲି ସୂଚନା ଦିଆଯାଇଛି।

## ଅଙ୍ଗନୱାଡ଼ି ଗୃହ ନିର୍ମାଣ ଜାଗାକୁ ନେଇ ଅଭିଯୋଗ

ପୁରୀ ଅଫିସ,୨୪।୨:

ବ୍ରହ୍ମଗିରି ବ୍ଲକ ବୁଧଙ୍ଗ ଗ୍ରାମର ଅଙ୍ଗନୱାଡି ଗୃହ ନିର୍ମାଣ ଲାଗି ଚିହ୍ନଟ ଜାଗାକୁ ନେଇ ଜିଲାପାଳଙ୍କ ନିକଟରେ ସୋମବାର ଅଭିଯୋଗ ହୋଇଛି। ଗ୍ରାମବାସୀଙ୍କ ପକ୍ଷରୁ ଦିଆଯାଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି ଯେ, ଗ୍ରାମ୍ୟ କମିଟି, ୱାର୍ଡମେମ୍ବର ଓ ଅଙ୍ଗନୱାଡି କମିଟିକୁ ନ ଜଣାଇ ଗାଁଠାରୁ ପ୍ରାୟ ୧କିମି ଦୂରରେ ଜାଗା ଚିହ୍ନଟ କରାଯାଇଛି । ଏହି ରାସ୍ତାର ଦୁଇପାର୍ଶ୍ୱରେ ୨ଟି ପୋଖରୀ ରହିଛି । କୁନି କୁନି ପିଲାମାନେ କିପରି ସେଠାକୁ ପଢିବାକୁ ଯିବେ ତାହାକୁ ନେଇ ଅଭିଭାବକମାନେ ଆଶଙ୍କା ପ୍ରକାଶ କରୁଛନ୍ତି। ତେଣୁ ଅଙ୍ଗନୱାଡି ଗୃହ ପାଇଁ ଜାଗା ଚୟନ ଏବଂ କାର୍ଯ୍ୟର ତଦାରଖ ଲାଗି ଗ୍ରାମ୍ୟ କମିଟିକୁ ଦାୟିତ୍ୱ ଦିଆଯାଉ। ସର୍ବସମ୍ମତିକ୍ରମେ ଉପଯୁକ୍ତ ଜାଗା ଚିହ୍ନଟ ହେବା ପର୍ଯ୍ୟନ୍ତ କାମ ବନ୍ଦ ରଖାଯାଉ ବୋଲି ଜିଲାପାଳଙ୍କୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।





ଲୋକନାଥ ରୋଡ୍‌ସ୍ଥିତ ଖଣ୍ଡାୟତ କ୍ଷେତ୍ରୀୟ ମହାସଭା କାର୍ଯ୍ୟାଳୟରେ ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦ ଓଡ଼ିଶା (ପୂର୍ବ) ପକ୍ଷରୁ ଏକ ମୁଠିଚାଉଳ ସଂଗ୍ରହ ଯୋଜନାର ଶୁଭାରମ୍ଭ କରାଯାଉଛି।

## ବ୍ଲକଗ୍ରାଣ୍ଟ ବିଦ୍ୟାଳୟ ମିଶ୍ରଣକୁ ଓଲଷ୍ଟାର ବିରୋଧ

ପୁରୀ ଅଫିସ,୨୪।୨:

ରାଜ୍ୟରେ ଖାଲି ପଡ଼ିଥିବା ଶିକ୍ଷକ ପଦବୀ ପୂରଣ କରିବାରେ ସରକାର ବିଫଳ ହୋଇଥିବାବେଳେ ଏବେ ବ୍ଲକଗ୍ରାଣ୍ଟ ଓ ନୂତନ ପୂର୍ଣ୍ଣ ଅନୁଦାନପ୍ରାପ୍ତ ଏବଂ ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ବନ୍ଦ ଅଥବା ମିଶ୍ରଣ ଲାଗି ବିଜ୍ଞପ୍ତି ପ୍ରକାଶ ପାଇଛି। ଏ ନେଇ ରାଜ୍ୟ ସରକାର ସମସ୍ତ ବ୍ଲକ ଶିକ୍ଷାଧିକାରୀଙ୍କୁ ତାଲିକା ମାଗିଛନ୍ତି। ସରକାରୀ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମିର ବିକାଶ ପ୍ରତି ଗୁରୁତ୍ୱ ଦିଆଯିବା ପରିବର୍ତ୍ତେ ଶିକ୍ଷା ବିଭାଗକୁ ସଙ୍କୋଚନ ଲାଗି ସରକାର ମସୁଧା ଚଳାଇଛନ୍ତି। ବେସରକାରୀ ଅନୁଷ୍ଠାନଗୁଡ଼ିକୁ ଗୁରୁତ୍ୱ ଦେବା ଲାଗି ସରକାର ପରୋକ୍ଷରେ ପ୍ରରୋଚନା କରୁଛନ୍ତି ବୋଲି ନିଖିଳ ଉତ୍କଳ ନିମ୍ନ ମାଧମିକ ଶିକ୍ଷକ ସଂଘ(ଓଲଷ୍ଟା) ରାଜ୍ୟ ଯୁଗ୍ମ ସମ୍ପାଦକ ସୁକାନ୍ତ ବେହେରା ସୋମବାର ଏକ ପ୍ରେସ ବିଜ୍ଞପ୍ତିରେ କହିଛନ୍ତି। ସେ ଦର୍ଶାଇଛନ୍ତି ଯେ, ସମଗ୍ର ଶିକ୍ଷା ଲାଗି ସରକାର ସଭିଏଁ ପଢନ୍ତୁ, ସଭିଏଁ ବଢନ୍ତୁ ନାରା ଦେଉଛନ୍ତି। ୬ରୁ ୧୪ବର୍ଷ ପର୍ଯ୍ୟନ୍ତ ଶିକ୍ଷାକୁ ସାର୍ବଜନୀନ କରିଛନ୍ତି। ତେବେ ଗ୍ରାମାଞ୍ଚଳରେ ଶିକ୍ଷା ପ୍ରତି ଗୁରୁତ୍ୱ ଦେବା ପରିବର୍ତ୍ତେ ବ୍ଲକଗ୍ରାଣ୍ଟ ଏବଂ ଅନ୍ୟ ବିଦ୍ୟାଳୟଗୁଡିକୁ ବନ୍ଦ ଲାଗି ଯୋଜନା କରୁଛନ୍ତି। ବିଦ୍ୟାଳୟଗୁଡିକରେ ଚାକିରି କରୁଥିବା ଶିକ୍ଷକଙ୍କ ଅନ୍ୟତ୍ର ନିଯୁକ୍ତି ଅଥବା ବଦଳି ସମ୍ପର୍କରେ ଏହି ବିଜ୍ଞପ୍ତିରେ ପ୍ରକାଶ କରାଯାଇ ନାହିଁ। ପ୍ରତ୍ୟେକ ବର୍ଷ ଛାତ୍ରୀଛାତ୍ରଙ୍କ ତୁଳନାରେ ରାଜ୍ୟରେ ଶତାଧିକ ବିଦ୍ୟାଳୟ ବନ୍ଦ ହେଉଛି। ସରକାର ନିଜ ନିଷ୍ପତ୍ତିର ତର୍ଜମା କରିବା ଆବଶ୍ୟକ ବୋଲି ସେ କହିଛନ୍ତି।

## ନିଯୁକ୍ତି ଦାବିରେ ଆମରଣ ଅନଶନ

ପୁରୀ ଅଫିସ,୨୪।୨:

ସମ୍ମିଳିତ ପୁରୀ, ନିମାପଡା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ ଅଧୀନରେ କାର୍ଯ୍ୟ କରିଥିବା ପୂର୍ବତନ କର୍ମଚାରୀଙ୍କ ଉତ୍ତରାଧିକାରୀ ଭାବେ ଅନୁକମ୍ପାମୂଳକ ନିଯୁକ୍ତି ପ୍ରଦାନ ସକାଶେ କେତେଜଣ ହିତାଧିକାରୀ ପୁରୀସ୍ଥିତ ବ୍ୟାଙ୍କ ସମ୍ମୁଖରେ ସୋମବାରଠାରୁ ଆମରଣ ଅନଶନ ଆରମ୍ଭ କରିଛନ୍ତି। ଏ ନେଇ ସୁଜିତ କୁମାର ରଥ, ପୀତବାସ ସେଠୀ, ସନ୍ତୋଷ କୁମାର ସାହୁ, ତୃପ୍ତିମୟୀ ସାହୁ, ଶୁଭଲକ୍ଷ୍ମୀ ନାୟକ ପ୍ରମୁଖ ଏହି ଅନଶନରେ ବସିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି କହିଛନ୍ତି। ସମବାୟ ନିବନ୍ଧକ ଓଡ଼ିଶାଙ୍କ ନିର୍ଦ୍ଦେଶସତ୍ତ୍ୱେ ବ୍ୟାଙ୍କ କର୍ତ୍ତୃପକ୍ଷ ନିଯୁକ୍ତି ପ୍ରଦାନରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି ବୋଲି ଗଣମାଧମ ଆଗରେ କହିଛନ୍ତି। ବ୍ୟାଙ୍କରେ ଗ୍ରେଡ ସି ପଦବୀ ଖାଲିଥିବା ସତ୍ତ୍ୱେ ମିଥ୍ୟା ତଥ୍ୟ ପ୍ରଦାନ କରି ନିଯୁକ୍ତି ପ୍ରଦାନରେ ଅବହେଳା କରୁଛନ୍ତି ବୋଲି କହିଛନ୍ତି। ଏ ନେଇ ବ୍ୟାଙ୍କ ସମ୍ପାଦକ ଅମୂଲ୍ୟ ମହାନ୍ତି କୁହନ୍ତି ନିଯୁକ୍ତି ପ୍ରକ୍ରିୟାରେ କୌଣସି ଚଞ୍ଚକତା କରାଯାଇ ନାହିଁ। କେନ୍ଦ୍ର ବୋର୍ଡ ନିଷ୍ପତ୍ତି ପ୍ରକାରେ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ଅନଶନକାରୀ କରିଥିବା ଅଭିଯୋଗକାରୀଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି।





ବ୍ୟାଙ୍କ ସମ୍ମୁଖରେ ଧାରଣା ଦିଆଯାଇଛି।

## ଏକ ମୁଠି ଚାଉଳ ସଂଗ୍ରହ ଯୋଜନାର ଶୁଭାରମ୍ଭ

ପୁରୀ ଅଫିସ,୨୪।୨ :

ଭାରତରେ ଆଜି ବି ଅନେକ ପରିବାର ଅଛନ୍ତି, ଯେଉଁମାନେ ଓଳିଏ ଖାଇଲେ, ଓଳିଏ ଉପବାସ ରହୁଛନ୍ତି। ଭିକ ମାଗି ପରିବାର ପୋଷଣ କରୁଛନ୍ତି। ଖାଦ୍ୟାଭାବରୁ କେହି ପ୍ରାଣୀ ଭୋକରେ ନ ରୁହନ୍ତି। ଲୋକଙ୍କ ମୁଖରେ ହସ ଫୁଟାଇବା ଏବଂ ଖାଦ୍ୟ ନିଶ୍ଚିତ କରିବା ଉଦ୍ଦେଶ୍ୟରେ ଆନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦ ଓଡ଼ିଶା(ପୂର୍ବ) ନିର୍ଦ୍ଦେଶକ୍ରମେ ପୁରୀରେ ଏକ ମୁଠି ଚାଉଳ ସଂଗ୍ରହ ଅଭିଯାନ ଲୋକନାଥ ରୋଡସ୍ଥିତ ଖଣ୍ଡାୟତ କ୍ଷତ୍ରିୟ ମହାସଭା କାର୍ଯ୍ୟାଳୟଠାରେ ଶୁଭାରମ୍ଭ ହୋଇଛି। ସୋମବାର ପରିଷଦର ଆନ୍ତଃରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଦେବେଶ ଉପାଧ୍ୟାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଯୋଜନାର ଶୁଭାରମ୍ଭ କରିଛନ୍ତି। ଅନ୍ନପୂର୍ଣ୍ଣା ଅନ୍ନଦାନ ଯୋଜନାରେ ପ୍ରତିଦିନ ପ୍ରତ୍ୟେକ ପରିବାର ନିଜେ ରୋଷେଇ କରିବା ସହ ଏକ ମୁଠି ଚାଉଳ ଗରିବଙ୍କ ଉଦ୍ଦେଶ୍ୟରେ ରଖନ୍ତୁ। ପରିଷଦ ପକ୍ଷରୁ ସଂଗୃହୀତ ଚାଉଳ ଗରିବ ପରିବାରକୁ ପ୍ରଦାନ କରାଯିବ ବୋଲି ଉପାଧ୍ୟାୟ କହିଛନ୍ତି। ଏ ନେଇ ପରିଷଦ ପକ୍ଷରୁ ଚାଉଳ ସଂଗ୍ରହ ଲାଗି ବ୍ୟାଗ ପ୍ରଦାନ କରାଯିବ। ଏଥିରେ ରାଜ୍ୟ ଉପସଭାପତି କୈଳାସ ଚନ୍ଦ୍ର ଭୋଳ, ରାଷ୍ଟ୍ରୀୟ ମଜଦୁର ପରିଷଦର ରାଜ୍ୟ ସମ୍ପାଦକ ଦୀପକ ମହାନ୍ତି, ହିନ୍ଦୁସ୍ଥାନ ନିର୍ମାଣ ଦଳ ରାଜ୍ୟ ସଭାପତି ପୂର୍ଣ୍ଣଚନ୍ଦ୍ର ଦାଶ, ଖଣ୍ଡାୟତ କ୍ଷତ୍ରିୟ ମହାସଭାର ପ୍ରତିନିଧି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

## ଓଥକା ଇଲେଭେନ୍ ଷ୍ଟାର ଚାମ୍ପିୟନ

କାକଟପୁର,୨୪।୨(ଡି.ଏନ୍.ଏ.):

କାକଟପୁର ସରକାରୀ ଉଚ୍ଚବିଦ୍ୟାଳୟ ପଚ୍ଛପଟ ପଡ଼ିଆରେ ଟାଉନ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଷଷ୍ଠବାର୍ଷିକ ବ୍ରହ୍ମାନନ୍ଦ ସ୍ମାରକୀ ବାବଜୀ ସାହୁ ଦିବାରାତ୍ର କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ସୋମବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଲାତାହରଣ ମା' ମଙ୍ଗଳା କ୍ରିକେଟ ଟିମକୁ ହରାଇ ଓଥକା ଇଲେଭେନ ଷ୍ଟାର ଚାମ୍ପିୟନ ହୋଇଛି। ଏହି ଟୁର୍ନାମେଣ୍ଟରେ ୧୬ଟି ଟମ୍ ଅଂଶଗ୍ରହଣ କରିଥିଲେ। ଏହି ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ, ସମ୍ମାନିତ ଅତିଥିଭାବେ କେଦାରନାଥ ଦୀକ୍ଷିତ, ଥାନା ଆଇଆଇସି ସୁଜିତ କୁମାର ଦାସ, ମହେନ୍ଦ୍ର ସ୍ୱାଇଁ, ତୁଷାର ରଞ୍ଜନ ଦୀକ୍ଷିତ, କମଳ ଲୋଚନ ଦୀକ୍ଷିତ, ପ୍ରଦିପ୍ତ ଦୀକ୍ଷିତ, ପ୍ରଦୀପ ପଣ୍ଡା, ପ୍ରେମାନନ୍ଦ ଗୋଛାୟତ, କ୍ଲବ ସଭାପତି ସରୋଜ ସାମଲ, ଉପସଭାପତି ଶକ୍ତି ସ୍ୱାଇଁ, ସମ୍ପାଦକ ସାଗର ରଞ୍ଜନ ଦୀକ୍ଷିତ, ସୌମ୍ୟରଞ୍ଜନ ସାହୁ, ଧିରେନ୍ଦ୍ର ଚାନ୍ଦ ଯୋଗଦେଇଥିଲେ। ଅଭିଷେକ ବିଶ୍ୱାଳ, ଆଖଣ୍ଡଳମଣି ତ୍ରିପାଠୀ, ଜ୍ୟୋତି ପ୍ରକାଶ ପଢିହାରି, ପ୍ରଦୀପ୍ତ ଦୀକ୍ଷିତ, ଟୁଲୁ ଗୋଛାୟତ ମ୍ୟାଚ ପରିଚାଳନା କରିଥିଲେ।



ଅତିଥିଙ୍କ ଗହଣରେ ଖେଳାଳିମାନେ।

## ଫାଇଲିନ୍ ବିପନ୍ନ ମତ୍ସ୍ୟଜୀବୀଙ୍କ ୧.୫ ଲକ୍ଷ ଆତ୍ମସାତ୍

ପୁରୀ ଅଫିସ,୨୪।୨:

ଫାଇଲିନ୍ ବିପନ୍ନ ଜଣେ ମତ୍ସ୍ୟଜୀବୀଙ୍କ ଅଜାଣତରେ ଚଞ୍ଚକତା ପୂର୍ବକ ଦେଢ଼ ଲକ୍ଷର ଋଣ ଟଙ୍କା ଆତ୍ମସାତ କରାଯାଇଥିବା ନେଇ ସୋମବାର ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। କୃଷ୍ଣପ୍ରସାଦ ବ୍ଲକ ମିର୍ଜାପୁରର ରବି ଜାଲି ଏଭଳି ଅଭିଯୋଗ ଆଣିଛନ୍ତି। ଏ ନେଇ ସେ ବ୍ରହ୍ମଗିରି ଥାନାରେ ମଧ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ବ୍ୟାଙ୍କର କେତେଜଣ କର୍ମଚାରୀ ଏବଂ ପୁରୀ ସାମୁଦ୍ରିକ ମତ୍ସ୍ୟ ବିଭାଗର କେତେଜଣ ଅସାଧୁ କର୍ମଚାରୀଙ୍କ ହାତ ରହିଥିବା ସେ ସନ୍ଦେହ କରିଛନ୍ତି। ଏହି ଘଟଣାରେ ନିରପେକ୍ଷ ତଦନ୍ତ ସହ ତାଙ୍କୁ ନ୍ୟାୟ ପ୍ରଦାନ ଲାଗି ଦାବି କରିଛନ୍ତି। ଏଭଳି ଘଟଣାର ତଦନ୍ତ ଲାଗି ଜିଲାପାଳ କୃଷ୍ଣପ୍ରସାଦ ବ୍ଲକ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଅଭିଯୋଗରେ ଦର୍ଶାଯାଇଛି ଯେ, ୨୦୧୩ରେ ଫାଇଲାନରେ

### ବିଡିଓଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଲେ ଜିଲାପାଳ

ଉପକୂଳ ଅଞ୍ଚଳ ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ଶତାଧିକ ମତ୍ସ୍ୟଜୀବୀ ବିଶେଷ କ୍ଷତିଗ୍ରସ୍ତ ହୋଇଥିଲେ। ସରକାରଙ୍କ ପକ୍ଷରୁ ସେମାନଙ୍କୁ ଆର୍ଥିକ ସହଯୋଗ ଲାଗି ଘୋଷଣା କରାଯାଇଥିଲା। ୨୦୧୪ରେ ସରକାରଙ୍କ ପକ୍ଷରୁ କ୍ଷତିଗ୍ରସ୍ତ ମତ୍ସ୍ୟଜୀବୀଙ୍କୁ ଜଣ ପିଛା ୧.୫ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ସେଥିରୁ ଏକ ଲକ୍ଷ ଟଙ୍କା ଋଣ ଛାଡ଼ ରହିଥିବାବେଳେ ୫୦ହଜାର ଟଙ୍କା ଋଣ ସୁଝିବା ବ୍ୟବସ୍ଥା ରହିଥିଲା। କ୍ଷତିଗ୍ରସ୍ତ ମତ୍ସ୍ୟଜୀବୀଙ୍କୁ ପୁରୀସ୍ଥିତ ଏକ ରାଷ୍ଟ୍ରୟତ୍ତ ବ୍ୟାଙ୍କ ଜରିଆରେ ନୂତନ ଭାବେ ଆକାଉଣ୍ଟ ଖୋଲାଯାଇ ଏହି ଋଣ ଟଙ୍କା ପ୍ରଦାନ କରାଯାଇଥିଲା। ତତ୍‌କାଳୀନ ସ୍ଥାନୀୟ ମତ୍ସ୍ୟ ଅଧିକାରୀଙ୍କ ଅନୁଧ୍ୟାନ ପରେ ୨୦୧୪ କ୍ଷତିଗ୍ରସ୍ତ ମତ୍ସ୍ୟଜୀବୀଙ୍କୁ ବ୍ୟାଙ୍କ ପକ୍ଷରୁ ଋଣ ଟଙ୍କା ପ୍ରଦାନ କରାଯାଇଥିଲା। ତେବେ ରବି ଏହି ଋଣ ଟଙ୍କା ପାଇବାରୁ ବଞ୍ଚିତ ହୋଇଥିଲେ। ଏ ନେଇ ସେ ସ୍ଥାନୀୟ ମତ୍ସ୍ୟ ଅଧିକାରୀଙ୍କ ସହ ଯୋଗାଯୋଗ କରିଥିଲେ ମଧ କୌଣସି ସୁଫଳ ପାଇ ନ ଥିଲେ। ୨୦୧୯ ଡିସେମ୍ବର ୧୮ରେ ସେ ଉକ୍ତ ବ୍ୟାଙ୍କ ପକ୍ଷରୁ ଏକ ନୋଟିସ ପାଇଥିଲେ। ସେଥିରେ ରବି ଜାଲିଙ୍କ ନାମରେ ଥିବା ବ୍ୟାଙ୍କ ଆକାଉଣ୍ଟ(ନଂ-୦୪୦୩୬୭୩୧୦୦୦୦୬୬୧୩)ରେ ନିଆଯାଇଥିବା ଋଣ ଟଙ୍କା ଫେରସ୍ତ ଲାଗି ନୋଟିସ ଜାରି କରାଯାଇଥିଲା। ପୁଣି ୨୦୨୦ ଜାନୁୟାରୀ ୧୦ରେ ବଳକା ରାଶି ଜମା କରିବା ଲାଗି ପୁଣି ଏକ ନୋଟିସ ପାଇଥିଲେ। ତେବେ ଉକ୍ତ ବ୍ୟାଙ୍କରେ ଏହି ନମ୍ବରରେ ତାଙ୍କ ନାମ ଓ ଠିକଣାରେ ଏକ ଆକାଉଣ୍ଟ ଥିବା ଜାଣି ନ ଥିବାବେଳେ କିପରି ତାଙ୍କ ନାମରେ ଋଣ ଟଙ୍କା ଉଠିଲା, ଏନେଇ ସେ ପୁରୀସ୍ଥିତ ସାମୁଦ୍ରିକ ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ହେବା ପରେ, ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିବା ଦର୍ଶାଇଛନ୍ତି।

ପ୍ରଶ୍ନ ଉଠିଛି ଯଦି ରବି ଏହି ୧.୫ ଲକ୍ଷ ଟଙ୍କା ଋଣ ବାବଦରେ ଅଗୋଚର ଅଛନ୍ତି ତେବେ କିଏ ଏହି ଟଙ୍କା ଉଠାଇଛି, ଏଥିରେ କେଉଁମାନଙ୍କ ହାତ ରହିଛି, ଏହାର ନିରପେକ୍ଷ ତଦନ୍ତ କରାଗଲେ ବହୁ ଗୁମର ତଥ୍ୟ ପଦାକୁ ଆସିବ ବୋଲି ଆଇନଜୀବୀ ପ୍ରସନ୍ନ ଦାଶ କହିଛନ୍ତି। ଫାଇଲିନ୍ କ୍ଷତିଗ୍ରସ୍ତ ମତ୍ସ୍ୟଜୀବୀଙ୍କଠାରୁ ଢଙ୍ଗା କ୍ଷତିପୂରଣ ବାବଦରେ ଲକ୍ଷାଧିକ ଟଙ୍କା ଏଭଳି ଆତ୍ମସାତ ହୋଇଥିବା ସେ କହିଛନ୍ତି। ସେହି ସମୟରେ କେତେଜଣଙ୍କୁ କ୍ଷତିପୂରଣ ଦିଆଯାଇଥିଲା, ତାହାର ନିରପେକ୍ଷ ତଦନ୍ତ କରାଗଲେ ବହୁ ଗୁମର ତଥ୍ୟ ପଦାକୁ ଆସିବ। ଏ ନେଇ ସେ ବ୍ୟାଙ୍କ ଲୋକପାଳ, ଦୁର୍ନୀତି ନିବାରଣ ଏବଂ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିବେ ବୋଲି ସେ କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ଫେବୃୟାରୀ ୨୫ /୨୦୨୦



ରାମ ନାମ ପାପମାନଙ୍କ ପାଇଁ ପରମ ଔଷଧ।
-ମହର୍ଷି ବାଲ୍ମୀକି



## ସଂକ୍ଷେପରେ

### ୧୧ ମୃତ ବିଦେଶୀ ପକ୍ଷୀ ଜବତ:୩ ଗିରଫ

ଟାଙ୍ଗୀ (ଖୋର୍ଦ୍ଧା), ୨୪।୨ (ଡି.ଏନ.ଏ.)- ବନ୍ୟପ୍ରାଣୀ ବିଭାଗର କର୍ମଚାରୀମାନେ କାଲୁପଡା ନିକଟସ୍ଥ ବରୁଣପଡା ଫିଙ୍ଗିଖିନ୍ଧ ନିକଟରୁ ୧୧ ବିଦେଶାଗତ ମୃତ ପକ୍ଷୀ ଜବତ କରିଛନ୍ତି। ଏଥିରେ ସମ୍ପୃକ୍ତ ୩ ଶିକାରୀଙ୍କୁ ଗିରଫ କରାଯାଇଛି। ଶିକାରୀମାନେ ହେଲେ ସୋରଣ ଗ୍ରାମର ବିଜୟ ବେହେରା (୨୨), ରାଧା ବେହେରା (୩୦), ବୁଲୁ ବେହେରା (୩୦)। ସେମାନଙ୍କଠାରୁ ବନ୍ୟପ୍ରାଣୀ କର୍ମଚାରୀମାନେ ଗୋଟିଏ ୪୦ ଫୁଟ ଶାଳକାଠ ନିର୍ମିତ ମେଶିନ ଚାଳିତ ଡଙ୍ଗା, ୯ ଏଚପି ଇଞ୍ଜିନ, ୨ଟି ଲାର୍ଜ ହୁଇସିଲେଂ ଡକ୍, ୫ଟି ନର୍ଦ୍ଦନ ପିଣ୍ଟେଲ, ୩ଟି ନର୍ଦ୍ଦନ ସୋଭଲର, ୩ଟି ଏଗ୍ ଅଫ ପରପୋଲ ମୋରହେନ ନାମକ ବିଦେଶୀ ପକ୍ଷୀ, ୩ଟି ଅଣ୍ଡା ଓ ଏକ ମୋବାଇଲ ହ୍ୟାଣ୍ଡସେଟ୍ ଜବତ କରିଥିବା ଜଣାପଡିଛି।

### ଖାଲରେ ପଡି ବାଇକ ଆରୋହୀ ଗୁରୁତର

ନିରାକାରପୁର,୨୪।୨(ଡି.ଏନ.ଏ)- ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ କମାଗୁରୁ ପଞ୍ଚାୟତରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଦୀର୍ଘଦିନ ହେଲା ଗାର୍ଡୱାଲ ପାଇଁ ଖୋଳା ହୋଇ ପଡିଥିବା ଖାଲରେ ପଡି ଜଣେ ବାଇକ ଆରୋହୀ ଗୁରୁତର ହୋଇଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଚକିତ୍ସା ପାଇଁ ଭର୍ତ୍ତି କରାଯାଇଛି।

### ଶିକ୍ଷାବିତ୍‌ଙ୍କ ପରଲୋକ

ନିମାପଡ଼ା,୨୪।୨(ଡି.ଏନ୍.ଏ.): ନିମାପଡ଼ା ଏନ୍ଏସି ଅନ୍ତର୍ଗତ ଦିପିରେଣ୍ଟା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ବଟକୃଷ୍ଣ ସ୍ୱାଇଁଙ୍କ ରବିବାର ରାତିରେ ପରଲୋକ ଘଟିଛି। ତାଙ୍କୁ ୭୯ବର୍ଷ ବୟସ ହୋଇଥିଲା। ଗତ କିଛି ଦିନ ହେବ ସେ ହୃଦଘାତରେ ପୀଡ଼ିତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ନିମାପଡ଼ା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ୱାଇଁଙ୍କ ମୃତଦେହ ସୋମବାର ସକାଳେ ତାଙ୍କ ଗ୍ରାମରେ ପହଞ୍ଚିବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ତାଙ୍କ ମୃତଦେହକୁ ସହର ପରିକ୍ରମା କରାଯାଇଥିଲା। ସ୍ୱର୍ଗତ ସ୍ୱାଇଁ ନିମାପଡ଼ା ଶିକ୍ଷା ଜିଲାରେ ଜଣେ ସରଳ, ମେଳାପି ଓ ପରୋପକାରୀ ଆଦର୍ଶ ଶିକ୍ଷକ ଭାବେ ପରିଚିତ ଥିଲେ। ସେ ରାଜ୍ୟ ଶିକ୍ଷକ ସଂଘର ଜେଣ ଦକ୍ଷନେତା, ସଙ୍ଗଠକ ଓ ରାଜ୍ୟ ଶିକ୍ଷକ ସଂଘର ଉପସଭାପତି ରହି ବହୁ ଶିକ୍ଷକ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

# ଡିଏଚ୍ଏଚ୍‌ରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

- ବର୍ନ, ସର୍ଜରିରେ କାମ କରୁନି ଏସି
- ଅଭିଯୋଗ ସତ୍ତ୍ୱେ ମୋ ସରକାରରେ ମିଳୁନି ସୁଫଳ
- ନାମକୁମାତ୍ର ପ୍ରତିଶ୍ରୁତି, କାର୍ଯ୍ୟକାରୀ ଶୂନ

**ପୁରୀ ଅଫିସ,୨୪।୨ :**

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍ଏଚ୍) ରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଛି। ଚିକିତ୍ସାଠାରୁ ଆରମ୍ଭ କରି ବିଭିନ୍ନ ବିଭାଗରେ ମେଶିନର ଅଭାବ, ପାଣି ଅସୁବିଧା, ରୋଗୀ ସେବା, ଡାକ୍ତର, କର୍ମଚାରୀ, ଆଟେଣ୍ଡାଣ୍ଟ ପଦବୀ ପର୍ଯ୍ୟନ୍ତ ବିଭିନ୍ନ ସମସ୍ୟାର ସମାଧାନ ହୋଇପାରୁ ନାହିଁ। ଫଳରେ ରୋଗୀମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ଏପରି କି ଦିନକୁ ଦିନ ଚିକିତ୍ସାରେ ଅବହେଳା ହେଉଥିବା ନେଇ ଅଭିଯୋଗ ବୃଦ୍ଧି ପାଇବାରେ ଲାଗିଛି। ଓପିଡିରେ ଆବଶ୍ୟକ ଡାକ୍ତର ନ ଥିବାରୁ ରୋଗୀ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରୁଛନ୍ତି। ମେଡିକାଲ ୱାର୍ଡ ଓ ଶୌଚାଳୟ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯାଉନାହିଁ। ଅନେକ ୱାର୍ଡ ଶୌଚାଳୟରେ ପାଣି ଆସୁ ନ ଥିବାବେଳେ ମଳ ଭାସି ଦୁର୍ଗନ୍ଧରେ ନାକ ଫାଟି ପଡୁଥିବା କେତେଜଣ ରୋଗୀ ଗଣମାଧ୍ୟମ ଆଗରେ କହିଛନ୍ତି। ୭ ମହଲା ବିଶିଷ୍ଟ ପ୍ରସୂତି ଓ ଶିଶୁ ଯତ୍ନ କେନ୍ଦ୍ର(ଏମସିଏଚ)ରେ ଶୌଚାଳୟ ଅପରିଷ୍କାର ହୋଇପଡ଼ିଛି। ରାଜ୍ୟ ସରକାରଙ୍କ ମୋ ସରକାର ଓ ୫ଟି ଡିଏଚଏଚ ଅନ୍ତର୍ଭୁକ୍ତ ସତ୍ତ୍ୱେ ଏଠାରେ ଉନ୍ନତମାନର ସେବା ମିଳୁ ନ ଥିବା ରୋଗୀମାନେ ଅଭିଯୋଗ କରିଛନ୍ତି।

ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଯୁଗ୍ମ ସଚିବ, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଅନେକଥର ଏଠାକୁ ପରିଦର୍ଶନରେ ଆସନ୍ତି। ତଥାପି ଡିଏଚଏଚରେ ସ୍ୱାସ୍ଥ୍ୟସେବାରେ କୌଣସି ପରିବର୍ତ୍ତନ ଆସିନି ବୋଲି ସାମାଜିକ କର୍ମୀ ବିଶ୍ୱଜିତ ମହାନ୍ତି କହିଛନ୍ତି। ସର୍ଜରି ୱାର୍ଡ ଓ ବର୍ନ ୟୁନିଟ୍‌ରେ ରହିଥିବା ଏସି ଗତ କିଛି ମାସ ହେଲା କାମ କରୁନି। ଫଳରେ ପୋଡି ହୋଇ ଆସିଥିବା ରୋଗୀ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବ୍ରହ୍ମଗିରିର କୃଷ୍ଣଚନ୍ଦ୍ର ଚିନ୍ନାରା କୁହନ୍ତି, ଗରମ କ୍ଷୀର ପଡ଼ି ମୋ ଝିଅ ଗୋଡ ଫୋଟକା ହୋଇଯିବାରୁ ଚିକିତ୍ସା ଲାଗି ବର୍ନ ୟୁନିଟରେ ଭର୍ତ୍ତି କରିଛି। ଏଠାରେ ଅନ୍ୟ ଦୁଇଜଣ ମହିଳା ମଧ୍ୟ ଚିକିତ୍ସିତ ହେଉଛନ୍ତି। କିନ୍ତୁ ଏଠାରେ ପଙ୍ଖା ବୁଲୁ ନ ଥିବାବେଳେ ଏସି ମଧ୍ୟ ଖରାପ ଥିବାରୁ ରୋଗୀ ଗରମରେ ଛଟପଟ ହେଉଛନ୍ତି। ଫଳରେ ବାଧ ହୋଇ ମୁଁ ଘରରୁ ପଙ୍ଖା ଆଣି ଲଗାଇଛି। ଅନ୍ୟପଟେ ଏଠାକୁ ଆସି ୬ଦିନ ହୋଇସାରିଲାଣି, କିନ୍ତୁ ଡାକ୍ତର ନିୟମିତ ଚିକିତ୍ସା ଲାଗି ଆସୁନାହାନ୍ତି। ଏ ସମ୍ପର୍କରେ ସିଡିଏମ୍‌ଓଙ୍କୁ କହିବାରୁ ସେ କହିଲେ, ଏଡିଏମ୍‌ଓଙ୍କ ନିକଟରେ ଅଭିଯୋଗ କର। ଏଡିଏମ୍‌ଓଙ୍କୁ ଜଣାଇବାରୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଚିକିତ୍ସାରେ କୌଣସି ଉନ୍ନତି ଆସୁନି। ଶେଷରେ ମୋ ସରକାରକୁ କଲ କରି ଅଭିଯୋଗ ଜଣାଇଲି। ସେ କହିଲେ, ଆମେ ଅଭିଯୋଗକୁ ଗ୍ରହଣ କରିଛୁ। କିନ୍ତୁ ତୁରନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ। ସେହିପରି କାକଟପୁରରୁ ଆସିଥିବା ଇତିଶ୍ରୀ ବାରିକ ଦେହ ପୋଡିଯାଇଥିବାରୁ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ତେବେ ତାଙ୍କୁ ଠିକ୍ ଭାବେ ଚିକିତ୍ସା ସୁବିଧା ମିଳୁ ନ ଥିବା ଗଣମାଧ୍ୟମକୁ କହିଛନ୍ତି। ଅସ୍ତରଙ୍ଗରୁ ଆସିଥିବା ଅସିତ ପ୍ରଧାନ କୁହନ୍ତି, ଏମ୍‌ସିଏଚ କୋଠାରୁ ସବୁବେଳେ ମଳ ପାଣି ଭାସି ତଳେ ପଡୁଛି। ରୋଗୀ ଏବଂ ରୋଗୀଙ୍କ ସମ୍ପର୍କୀୟ ତାହାରି ଉପରେ ଯିବାକୁ ବାଧ ହେଉଛନ୍ତି। ଲିଫ୍ଟ ଅଚଳ ଯୋଗୁ ରୋଗୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମେଡିସିନ ୱାର୍ଡରେ ରୋଗୀ ତଳେ ଶୋଇ ଚିକିତ୍ସିତ ହେଉଛନ୍ତି। ଡିଏଚଏଚରେ ସିଟି ସ୍କାନ, ଏମଆରଆଇ, ଏକ୍ସ-ରେ ଏବଂ ହାଇ ଆଣ୍ଡ ପାଥୋଲ୍ୟାବ ଥିବା ସତ୍ତ୍ୱେ ଏହା ରୋଗୀଙ୍କ କାମରେ ଲାଗୁ ନାହିଁ। ଅନେକ ସମୟରେ ରୋଗୀଙ୍କୁ ବାହାରେ ଚିକିତ୍ସା ଲାଗି କୁହାଯାଉଥିବା କେତେଜଣ ରୋଗୀ ଅଭିଯୋଗ କରିଛନ୍ତି। ନିକଟରେ ମେଡିକାଲରେ ବିଭିନ୍ନ ସମସ୍ୟା ନେଇ ସାମାଜିକ ଅନୁଷ୍ଠାନ ସାହିଭାଇ ଧାରଣାରେ ବସିଥିଲେ। ମେଡିକାଲରେ ସମସ୍ୟା ସମାଧାନ ଲାଗି ସିଡିଏମ୍‌ଓ ପର୍ଯ୍ୟାୟକ୍ରମେ ସମାଧାନ କରାଯିବାର ପ୍ରତିଶ୍ରୁତି ଦେଇଥିଲେ ସୁଦ୍ଧା ସେଭଳି କାର୍ଯ୍ୟକାରୀ ହେଉ ନାହିଁ ବୋଲି ଅନୁଷ୍ଠାନର ସନ୍ତୋଷ ମହାନ୍ତି କହିଛନ୍ତି। ସେହିପରି ମେଡିକାଲ ସମସ୍ୟା ନେଇ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଓଏଚ୍‌ଆର୍‌ସି ନିକଟରେ ମଧ୍ୟ ଅଭିଯୋଗ ହୋଇଥିଲା। ଏ ନେଇ ସିଡିଏମଓ ନୀଳକଣ୍ଠ ମିଶ୍ର କୁହନ୍ତି, ମେଡିକାଲର ସ୍ୱାସ୍ଥ୍ୟସେବା ଉନ୍ନତି ଆଣିବା ଲାଗି ପ୍ରୟାସ ଜାରି ରହିଛି। ବିଭିନ୍ନ ସମୟରେ ଆସୁଥିବା ଅଭିଯୋଗକୁ ଗୁରୁତ୍ୱ ସହ ନିଆଯାଉଛି। ଏହାସହ ପ୍ରାୟ କେତେକ ସମସ୍ୟାର ସମାଧାନ ଲାଗି ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରାଯାଇଛି।

## ତହସିଲ କାର୍ଯ୍ୟାଳୟରେ ଅଗ୍ନିକାଣ୍ଡ



ଅଗ୍ନିକାଣ୍ଡରେ ଜଳିଯାଇଥିବା ସାମଗ୍ରୀ।

**ନିଆଳି,୨୪।୨(ଡି.ଏନ୍.ଏ.)**

ନିଆଳିତହସିଲ କାର୍ଯ୍ୟାଳୟରେ ସୋମବାର ଭୋରରୁ ଅଗ୍ନିକାଣ୍ଡ ଘଟି କମ୍ପ୍ୟୁଟର, ଏସି ଓ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ସହ ବିଭିନ୍ନ କାଗଜପତ୍ର ପୋଡ଼ିଯାଇଛି। ଭୋରରୁ ତହସିଲ କାର୍ଯ୍ୟାଳୟର ପୁରୁଣା କମ୍ପ୍ୟୁଟର ରୁମ୍‌ରୁ ଧୂଆଁ ବାହାରୁଥିବା ୱାଚମ୍ୟାନ୍ ତହସିଲଦାର ଓ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଖବରପାଇ ନିଆଳି ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ପ୍ରାୟ ୧ ଘଣ୍ଟା ପରେ ନିଆଁକୁ ଆୟତ୍ତ କରିଥିଲେ। ଏହି ଖବର ନିଆଳି ଅଞ୍ଚଳରେ ପ୍ରଚାରିତ ହେବା ପରେ ଜନସାଧାରଣଙ୍କ ଜମିବାଡିର କାଗଜପତ୍ର, ସାର୍ଟିଫିକେଟ୍, ଘରଭଙ୍ଗା ସହାୟତାକୁ ଅପେକ୍ଷା କରିଥିବା ହିତାଧିକାରୀମାନେ ଆଶଙ୍କାରେ ରହିଛନ୍ତି। ଏ ସମ୍ପର୍କରେ ତହସିଲଦାରଙ୍କ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ରଶ୍ମିରେଖା ଆମନ୍ତ କୁହନ୍ତି, ଜନସାଧାରଣ ଭୟଭୀତ ହେବାରେ କୌଣସି କାରଣ ନାହିଁ। ଜନସାଧାରଣଙ୍କ କୌଣସି କାଗଜପତ୍ର କିମ୍ବା ଘରଭଙ୍ଗା ସହାୟତାର କୌଣସି କାଗଜପତ୍ର ନଷ୍ଟ ହୋଇ ନାହିଁ। ଦୁଇଟି କମ୍ପ୍ୟୁଟର,ଏସି, ଇଲେକ୍ଟ୍ରି ସେକ୍‌ସନ୍ ପୋଡିଯାଇଛି। ପ୍ରାୟ ୧୫ଦିନ ମଧ୍ୟରେ ଏ ସମସ୍ତ କାର୍ଯ୍ୟ ଠିକ୍ ହୋଇ ଜନସାଧାରଣଙ୍କୁ ତହସିଲ ପକ୍ଷରୁ ସେବା ଯୋଗାଇ ଦିଆଯିବ ବୋଲି କହିଛନ୍ତି।



ସୋମବାର ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ 'ମ୍ୟୁଜିକାଲ ଜର୍ନି: ଏଭରଗ୍ରୀନ୍ ବଲିଉଡ୍ ସଙ୍ଗ୍'ରେ କଣ୍ଠଶିଳ୍ପୀମାନେ ସଙ୍ଗୀତ ପରିବେଷଣ କରୁଛନ୍ତି।

## ମାଲୁଦରେ ଶିବ ଜୟନ୍ତୀ

**କୃଷ୍ଣପ୍ରସାଦ,୨୪।୨(ଡି.ଏନ.ଏ.):**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ମାଲୁଦସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ୮୪ତମ ତ୍ରିମୂର୍ତ୍ତି ଶିବ ଜୟନ୍ତୀ ପାଳିତ ହୋଇଯାଇଛି। ମାଲୁଦ ସରପଞ୍ଚ ରବୀନ୍ଦ୍ର ନାଥ ଦାସ ଯୋଗଦେଇ ଶିବ ଧ୍ୱଜା ଉତ୍ତୋଳନ କରିଥିଲେ। ସିଡିପିଓ ମନୋରମା ଦେବୀ ମୁଖ୍ୟଅତିଥି ଓ ବରିଷ୍ଠ ଶିକ୍ଷାବିତ୍ ପ୍ରଦୀପ କୁମାର ଦାସ, ଉପସେବା କେନ୍ଦ୍ରର ମୁଖ୍ୟ ପରିଚାଳିକା ବ୍ରହ୍ମାକୁମାରୀ ମିନତି, ବ୍ରହ୍ମାକୁମାରୀ ଶାନ୍ତି, ବ୍ରହ୍ମାକୁମାର ଦିନେଶ ପ୍ରମୁଖ ଯୋଗଦେଇ ଶିବ ଜୟନ୍ତୀ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ପରମପିତାଙ୍କ ପ୍ରତି କର୍ତ୍ତବ୍ୟ, ସମାଜପ୍ରତି ଦାୟିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ।

## ୬ ମାନସିକ ବିକୃତ ମହିଳାଙ୍କ ଚିକିତ୍ସା ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶ

**ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ ପରେ ଜିଲା ପ୍ରଶାସନର ତତ୍ପରତା**

**ଗୋପ,୨୪।୨(ଡି.ଏନ୍.ଏ.):**

ଗୋପ ବ୍ଲକ ଓ କୋଣାର୍କ ଅଞ୍ଚଳର ମାନସିକ ବିକୃତ ମହିଳାଙ୍କୁ ଜିଲା ପ୍ରଶାସନ ସୁରକ୍ଷା ଓ ଚିକିତ୍ସା ଦେବାରେ ବିଫଳ ହେବା ପରେ ସୋମବାର ଗୋପ ଅଞ୍ଚଳର ସାମାଜିକ କର୍ମୀ ରୋଜାଲିନ୍ ପ୍ରଧାନ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ ମାଧ୍ୟମରେ ଜଣାଇଥିଲେ। ଟୁଇଟ୍‌ର ୩ଘଣ୍ଟା ପରେ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଚିଠି ନଂ. ୪୫୩ ରେ ଜିଲାପାଳ ବଲୱନ୍ତ ସିଂ ଜିଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ଓ ପୋଲିସକୁ ଏହି ମାନସିକ ବିକୃତ ମହିଳାଙ୍କୁ ଚିକିତ୍ସା କରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, କିଛିଦିନ ପୂର୍ବେ କୋଣାର୍କ ଅଞ୍ଚଳରେ ଜଣେ ମାନସିକ ବିକୃତ ମହିଳାଙ୍କୁ ବଳାତ୍କାର ଓ ପରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ମାନସିକ ବିକୃତ ପୁରୁଷ ଓ ମହିଳାଙ୍କୁ ସୁରକ୍ଷା ଦେବା ସହ ସେମାନଙ୍କୁ କିପରି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଯିବା ଲାଗି ରାଜ୍ୟ ସରକାର ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି। ଗୋପ ବ୍ଲକ୍ ଅଧୀନ ବନ୍ତଳୀଗ୍ରାମ, ବଡ଼ତରା ଓ ଗୋପରେ ୩ଜଣ ମହିଳାଙ୍କ ସହ କୋଣାର୍କ ଅଞ୍ଚଳରେ ୩ଜଣ ମାନସିକ ବିକୃତ ମହିଳା ବୁଲୁଥିବା ନେଇ ସାମାଜିକ କର୍ମୀ ପ୍ରଧାନ ଟୁଇଟ୍ କରିଥିଲେ। ପରେ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଏହି ୬ ମହିଳାଙ୍କୁ ଉଦ୍ଧାର କରିବା ସହ ସେମାନଙ୍କୁ ସୁରକ୍ଷା ଓ ଚିକିତ୍ସା ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଏହି ମାନସିକ ବିକୃତ ମହିଳାଙ୍କୁ ସୁରକ୍ଷା ଓ ଚିକିତ୍ସା ଲାଗି ପୂର୍ବରୁ ସାମାଜିକ କର୍ମୀ ଏନ୍.ଏ.ଶାହା ଅନ୍‌ସାରୀ ମାନବ ଅଧିକାର କମିଶନଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଏ ସମ୍ପର୍କରେ ଜିଲା ସୁରକ୍ଷା ଅଧିକାରୀ ତ୍ରିନାଥ ପାଢ଼ୀ କୁହନ୍ତି, ଟୁଇଟ୍ ଅଭିଯୋଗ ଆସିବା ପରେ ଜିଲାପାଳଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ପୋଲିସ୍‌କୁ ସୁରକ୍ଷା ଓ ଚିକିତ୍ସା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଏହି ମାନସିକ ମହିଳାଙ୍କ ସୁରକ୍ଷା, ଚିକିତ୍ସା କରାଯିବ ବୋଲି ସେ କହିଛନ୍ତି।

## କାକୁଡ଼ିଆରେ ସଂଘବଦ୍ଧ ଆକ୍ରମଣ, ଜଣେ ଗୁରୁତର

**ପିପିଲି,୨୪।୨(ସ୍ୱ.ପ୍ର.):**

ପିପିଲି ଥାନା କଣ୍ଟି ପଞ୍ଚାୟତ କାକୁଡିଆ ଗ୍ରାମର ଅଜୟ ଦାସଙ୍କୁ ସୋମବାର ରାତିରେ ସଂଘବଦ୍ଧଭାବେ ମରଣାନ୍ତକ ଆକ୍ରମଣ ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, କାକୁଡିଆ ଗ୍ରାମର ଅଜୟଙ୍କୁ ପ୍ରାୟ ୧୦ଜଣ ବ୍ୟକ୍ତି ସଂଘବଦ୍ଧ ଭାବେ ଗ୍ରାମର ମନ୍ଦିର ନିକଟରେ ଗୋଡାଇ ଗୋଡାଇ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଖବରପାଇ ପରିବାରଲୋକେ ଘଟଣାସ୍ଥଳରେ ପହଞ୍ଚି ଅଜୟଙ୍କୁ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଆକ୍ରମଣର କାରଣ ଜଣାପଡି ନ ଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ଘଟଣା ଘଟିଛି ବୋଲି ଗ୍ରାମବାସୀ କହିଛନ୍ତି। ରିପୋର୍ଟ ଲେଖା ହେବା ବେଳକୁ ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ ଶରତ କୁମାର ସାହୁ କହିଛନ୍ତି।

## ଏବେ ଖାଇହେବ କୁକୁଡ଼ା ମାଂସ

**ଭୁବନେଶ୍ୱର, ୨୪।୨(ବ୍ୟୁରୋ)**

ଓୟୁଏଟି କୁକୁଡ଼ା ଫାର୍ମରେ ବାର୍ଡ-ଫ୍ଲୁ ଲାଗିଥିବା ପରିପ୍ରେକ୍ଷୀରେ ଲୋକମାନେ ଆଶଙ୍କା ମଧ୍ୟରେ କୁକୁଡ଼ା ମାଂସ ଓ ଅଣ୍ଡା ଖାଉନାହାନ୍ତି। କିନ୍ତୁ ଏଥିପାଇଁ କୌଣସି ଆଶଙ୍କା ସୃଷ୍ଟି ହେବା ଉଚିତ ନୁହେଁ। କୁକୁଡ଼ା ମାଂସ ଓ ଅଣ୍ଡା ଖାଇବାରେ କୌଣସି ଭୟ ନାହିଁ ବୋଲି ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି। ସରକାରଙ୍କ ତରଫରୁ ଓୟୁଏଟି କୁକୁଡ଼ା ଫାର୍ମ ଓ ଏହାର ଏକ କିଲୋମିଟର ବ୍ୟାସାର୍ଦ୍ଧ ଅଞ୍ଚଳରେ ସମସ୍ତ କୁକୁଡ଼ା ଓ ବତକଙ୍କୁ ମାରି ପୋତି ଦିଆଯିବା ସହ ଉପଲବ୍ଧ ଅଣ୍ଡା ଓ କୁକୁଡ଼ା ଖାଦ୍ୟକୁ ମଧ୍ୟ ନଷ୍ଟ କରି ପୋତି ଦିଆଯାଇଛି। ଫାର୍ମର ଏକ କିଲୋମିଟର ବ୍ୟାସାର୍ଦ୍ଧ ଅଞ୍ଚଳରେ ବିଶୋଧକ ପ୍ରୟୋଗ କରାଯାଇଛି। ଓୟୁଏଟି କୁକୁଡ଼ା ଫାର୍ମକୁ ସିଲ୍ କରାଯାଇଥିବା ବେଳେ ଖୋର୍ଦ୍ଧା ଜିଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀଙ୍କ ତରଫରୁ ଗତ ୪ ତାରିଖରେ 'ଜୀବାଣୁମୁକ୍ତ ପ୍ରମାଣପତ୍ର' ପ୍ରଦାନ କରାଯାଇଛି। ତେଣୁ କୁକୁଡ଼ା ମାଂସ ଓ ଅଣ୍ଡା ଖାଇବାରେ କୌଣସି ପ୍ରତିବନ୍ଧକ ନାହିଁ ବୋଲି ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି। କୁକୁଡ଼ା ମାଂସ ଓ ଅଣ୍ଡାକୁ ଭଲ ଭାବେ ସିଝାଇ ଖାଇଲେ କୌଣସି ଭୟ ରହିବ ନାହିଁ। ୭୦ଡିଗ୍ରୀ ସେଲ୍‌ସିୟସ ତାପମାତ୍ରାରେ ୩୦ମିନିଟ୍ ପର୍ଯ୍ୟନ୍ତ ସିଝାଇଲେ ବାର୍ଡ-ଫ୍ଲୁ (ଏଚ୍୫ ଏନ୍୧) ଭୂତାଣୁ ନଷ୍ଟ ହୋଇଯାଏ। ଏହାବ୍ୟତୀତ ଜାନୁୟାରୀ ୨୮ରୁ ଏ ପର୍ଯ୍ୟନ୍ତ ଓୟୁଏଟି କୁକୁଡ଼ା ଫାର୍ମର ଏକରୁ ଦଶ କିଲୋମିଟର ବ୍ୟାସାର୍ଦ୍ଧ ଅଞ୍ଚଳରେ କୌଣସି କୁକୁଡ଼ା ବା କୁକ୍କୁଟଜାତୀୟ ପକ୍ଷୀଙ୍କ ଅସ୍ୱାଭାବିକ ମୃତ୍ୟୁ ହୋଇନାହିଁ। ତେଣୁ ଲୋକେ ଆଶଙ୍କାଗ୍ରସ୍ତ ନ ହୋଇ କୁକୁଡ଼ା ମାଂସ ଓ ଅଣ୍ଡା ଖାଇପାରିବେ ବୋଲି ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି।

## ବର୍ଜ୍ୟବସ୍ତୁ ପ୍ଲାଣ୍ଟ ନିର୍ମାଣ କାର୍ଯ୍ୟକୁ ଗ୍ରାମବାସୀଙ୍କ ବିରୋଧ

**ନିମାପଡ଼ା,୨୪।୨(ଡି.ଏନ୍.ଏ.):**

ନିମାପଡ଼ା ଏନ୍ଏସି ପକ୍ଷରୁ ତଳଅଣ୍ଡିଆ ଛକରେ ନିର୍ମାଣ ହେଉଥିବା ବର୍ଜ୍ୟବସ୍ତୁ ପ୍ଲାଣ୍ଟକୁ ସୋମବାର ତଳଅଣ୍ଡିଆ ଗ୍ରାମବାସୀ ପୁଣି ବିରୋଧ କରିଛନ୍ତି। ଫଳରେ ନିର୍ମାଣ କାର୍ଯ୍ୟ କରି ନ ପାରି ଏନ୍ଏସି କର୍ମଚାରୀମାନେ ଫେରିଯାଇଥିବା ଦେଖିବାକୁ ମିଳିଥିଲା। ବିରୋଧ କରିବାକୁ ଆସିଥିବା କେତେଜଣ ମହିଳା ତାଙ୍କୁ ଗାଳିଗୁଲଜ କରିଥିବା କନିଷ୍ଠ ଯନ୍ତ୍ରୀ ବୁଲୁ ସେଠୀ କହିଛନ୍ତି। ସୂଚନାଥାଉ କି, ଏନ୍ଏସି ପକ୍ଷରୁ ୫୧ଲକ୍ଷ ଟଙ୍କା ବ୍ୟୟରେ ତଳଅଣ୍ଡିଆ ଛକରେ ମାଇକ୍ରୋ କମ୍ପୋଷ୍ଟିଙ୍ଗ ସେଣ୍ଟର(ଏମ୍‌ସିସି ) ଓ ୨୯ଲକ୍ଷ ଟଙ୍କା ବ୍ୟୟରେ ମ୍ୟାଟରିଆଲ ରକଭରି ଫାସିଲିଟିଜ(ଏମଆରଏଫ) ପ୍ଲାଣ୍ଟ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ମହିଳା ଓ ଗ୍ରାମବାସୀଙ୍କ ବିରୋଧ ଯୋଗୁ ନିର୍ମାଣ କାର୍ଯ୍ୟ ହୋଇପାରୁନାହିଁ। ଗତ ୧୫ ତାରିଖରେ ତହସିଲଦାର ଚନ୍ଦ୍ରକାନ୍ତ ମଲ୍ଲିକ, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ମୋହନ ଚରଣ ଜେନା, ଏସଡିପିଓ ପ୍ରଦୀପ କୁମାର ଦଳେଇ, ଆଇଆସି ଜନାର୍ଦ୍ଦନ ପାଢୀ ପ୍ରମୁଖ ନିର୍ମାଣାଧୀନ ବର୍ଜ୍ୟବସ୍ତୁ ପ୍ଲାଣ୍ଟ ନିକଟରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଏ ସମ୍ପର୍କରେ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଜେନା କୁହନ୍ତି, ସରକାରୀ ଜାଗାରେ ପ୍ଲାଣ୍ଟ ନିର୍ମାଣ କାର୍ଯ୍ୟ ହେଉଛି। ଉଦ୍ଦେଶ୍ୟମୂଳକ ଭାବେ ଗ୍ରାମବାସୀ ଏହାକୁ ବିରୋଧ କରୁଛନ୍ତି। ଏହି ବିରୋଧ ଅମୂଳକ ଓ ଭିତ୍ତିହୀନ। ଏ ନେଇ ଜିଲା ପ୍ରଶାସନ ଓ ନଗର ଉନ୍ନୟନ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିବା ସେ କହିଛନ୍ତି। ଜିଲା ପ୍ରଶାସନ ଏ ଦିଗରେ ବିହୀତ ପଦକ୍ଷେପ ନେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

# ବରମୁଣ୍ଡାରୁ ଅଧକୋଟିର ବ୍ରାଉନସୁଗାର ଜବତ

**ବାଲେଶ୍ୱରର ଦୁଇ ଡିଲର ଗିରଫ**

**ଭୁବନେଶ୍ୱର,୨୪।୨(ବ୍ୟୁରୋ)**





ଜବତ ବ୍ରାଉନସୁଗାର ଓ ଗିରଫ ଦୁଇ ଅଭିଯୁକ୍ତ।

ଓଡ଼ିଶା ପାଲଟିଛି ବ୍ରାଉନସୁଗାର କାରବାରର ଗନ୍ତାଘର। ଯେତେ ଜବତ ହେଉଛି, ସେତେ ବାହାରୁଛି। ବିଶେଷକରି ବାଂଲାଦେଶ ଓ କଲିକତାରୁ ଓଡ଼ିଶା ଆସୁଥିବା ଏହି ବ୍ରାଉନସୁଗାରର ବଡ଼ ବଜାର ପାଲଟିଛି ରାଜଧାନୀ ଭୁବନେଶ୍ୱର। ଇତିମଧ୍ୟରେ ବହୁ ହୋଲ୍‌ସେଲର, ଡିଲରଙ୍କଠାରୁ ଆରମ୍ଭ କରି ଏଜେଣ୍ଟ, ଦଲାଲ ଓ ଖୁଚୁରା ବେପାରୀ ଭୁବନେଶ୍ୱରକୁ ଆସି କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଏବଂ କମିଶନରେଟ ପୋଲିସ ହାତରେ ଧରାପଡିଥିଲେ ମଧ୍ୟ ଏହି ବେଆଇନ ବେପାର ବନ୍ଦ ହେବାର ନାଁ ଧରୁନି। ସୋମବାର ଏସ୍‌ଟିଏଫ୍ ବରମୁଣ୍ଡାରୁ ୬ ପ୍ୟାକେଟରେ ଥିବା ୪୦୫ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏହାର ବଜାର ମୂଲ୍ୟ ପ୍ରାୟ ଅଧକୋଟି ହେବ। ତେବେ ଏହାକୁ ଚୋରା ଚାଲାଣ କରୁଥିବା ବାଲେଶ୍ୱରର ଦୁଇଜଣ ବ୍ରାଉନସୁଗାର ଡିଲରଙ୍କୁ ମଧ୍ୟ ଏସ୍‌ଟିଏଫ୍ ଗିରଫ କରିଛି। ସେମାନେ ହେଲେ ବାଲେଶ୍ୱର ଜିଲା ସହଦେବଖୁଣ୍ଟା ଗଳାପୋଲ ଅଞ୍ଚଳର ସେକ୍ ସାରୁକ୍ ଓ ସୁନହଟ ଅଞ୍ଚଳର ସଞ୍ଜୀବ କୁମାର ଦେହୁରୀ। ଦଫା ୨୧(ସି)୨୯ ଏନ୍‌ଡିପିଏସ୍‌ରେ ମାମଲା (ନଂ.୧୪/୨୦) ରୁଜୁ କରାଯାଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏସ୍‌ଟିଏଫ୍ ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ ସୋମବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

### କିଭଳି ଥିଲା ଏସ୍‌ଟିଏଫ୍ ଅପରେଶନ

କିଛି ମାସ ହେବ ବ୍ରାଉନସୁଗାର କାରବାର ଉପରେ ପୂରା ନଜର ରଖିଛି କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍। ସୁରାକ ପାଇବାମାତ୍ରେ ଯୋଜନା କରି ଧରୁଛି। ଇତିମଧ୍ୟରେ ବହୁ ଅନ୍ତର୍ଜାତୀୟ ବ୍ରାଉନ୍‌ସୁଗାର ମାଫିଆ, ହୋଲ୍‌ସେଲରଙ୍କଠାରୁ ଛୋଟ ବେପାରୀ ଏସ୍‌ଟିଏଫ୍ ଜାଲରେ ଫସିଛନ୍ତି। ସେମାନଙ୍କୁ ପଚରାଉଚରା କରି ଅନ୍ୟମାନଙ୍କୁ ଖୋଜି ବାହାର କରୁଛି। ରବିବାର ଗିରଫ ସାରୁକ୍ ଓ ସଞ୍ଜୀବଙ୍କ ସମ୍ପର୍କରେ ଏସ୍‌ଟିଏଫ୍‌କୁ ପୂର୍ବରୁ ସୂଚନା ମିଳିଥିଲା। ସେମାନେ ହେଉଛନ୍ତି କୋଲକାତା, ଖଡ଼ଗପୁର, ମୁର୍ସିଦାବାଦ ଓ ଓଡ଼ିଶାର ଜଳେଶ୍ୱରରେ ଥିବା ହୋଲ୍‌ସେଲରଙ୍କଠାରୁ ବ୍ରାଉନସୁଗାର ଆଣି ଡିଲରଶିପ୍ କରନ୍ତି। ସେମାନଙ୍କ ପାଖରୁ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଥିବା ସବ୍‌ଡିଲର ଓ ଏଜେଣ୍ଟମାନେ ବ୍ରାଉନସୁଗାର ଆଣି ଖୁଚୁରା ବେପାରୀଙ୍କୁ ଦେଇଥାନ୍ତି। କିନ୍ତୁ କିଛିଦିନ ହେବ ଏସ୍‌ଟିଏଫ୍ ଓ ପୋଲିସର ଧରାପଗଡ଼ ଚାଲିଥିବାରୁ ବିଶେଷକରି ସବ୍‌ଡିଲର ଓ ଏଜେଣ୍ଟମାନେ ସେମାନଙ୍କ ନିକଟକୁ ଯିବାକୁ ଭୟ କରୁଛନ୍ତି। ତେଣୁ ସେମାନେ ନିଜେ ବସ୍, ବାଇକ୍ ଓ ଟ୍ରେନ୍‌ରେ ଆସି ବ୍ରାଉନସୁଗାର ପହଞ୍ଚାଉଛନ୍ତି। ସାରୁକ୍ ଓ ସଞ୍ଜୀବ କୋଲକାତାର ଜଣେ ହୋଲ୍‌ସେଲରଙ୍କଠାରୁ ବ୍ରାଉନସୁଗାର ଆଣି ବସ୍‌ରେ ଭୁବନେଶ୍ୱର ଆସୁଥିବା ନେଇ ସୂଚନା ପାଇବା ପରେ ଏସ୍‌ଟିଏଫ୍ ଟିମ୍ ବରମୁଣ୍ଡା ସମେତ ଆଉ କେତେକ ସ୍ଥାନରେ ଜଗି ରହିଥିଲା। ସେମାନେ ବସ୍‌ଷ୍ଟାଣ୍ଡରେ ପହଞ୍ଚି ବାହାରକୁ ଆସି ପେଟ୍ରୋଲପମ୍ପ୍ ନିକଟରେ ବେପାରୀଙ୍କୁ ଅପେକ୍ଷା କରିଥିବାବେଳେ ଏସ୍‌ଟିଏଫ୍ ଅଧିକାରୀମାନେ ଘେରିଯାଇ କାବୁ କରିନେଇଥିଲେ। ଯାଞ୍ଚ କରିବାରୁ ସେମାନଙ୍କ ପକେଟରୁ ୭ ବ୍ରାଉନସୁଗାର ପ୍ୟାକେଟ ମିଳିଥିଲା।

### କୁର୍‌କୁରି ପ୍ୟାକେଟ, ଶାଢ଼ି ଭିତରେ ଚାଲାଣ

ସବୁବେଳେ ଭିନ୍ନ ଭିନ୍ନ ତରିକାରେ ବ୍ରାଉନସୁଗାର ଚାଲାଣ ହେଉଥିବାରୁ ପୋଲିସ ଏହାକୁ ଧରିବା କଷ୍ଟକର ହୋଇପଡୁଛି। ବେପାରୀମାନେ କେତେବେଳେ ମାଛ ଭିତରେ ତ ଆଉ କେତେବେଳେ ବିଲାତି, ସୁଜି ପ୍ୟାକେଟ ଭିତରେ ବ୍ରାଉନସୁଗାର ଚାଲାଣ କରୁଛନ୍ତି। ତେବେ ଅଧିକାଂଶ ସମୟରେ କୁର୍‌କୁରି ପ୍ୟାକେଟ ଓ ଶାଢ଼ି ଭିତରେ ବ୍ରାଉନସୁଗାର ରଖି ଚାଲାଣ କରନ୍ତି ବୋଲି ଗିରଫ ସାରୁକ୍ ଓ ସଞ୍ଜୀବ ପୋଲିସକୁ କହିଛନ୍ତି। ସେମାନେ ପ୍ୟାକେଟରୁ କୁର୍‌କୁରି କାଢି ସେଥିରେ ବ୍ରାଉନସୁଗାର ଭର୍ତ୍ତି କରି ମେଶିନ ଦ୍ୱାରା ସିଲ୍ କରିଦିଅନ୍ତି। ସେହିପରି ନୂଆ ଶାଢ଼ି କିଣି ଭିତରେ ବ୍ରାଉନସୁଗାର ରଖି ଚାଲାଣ କରୁଥିବାରୁ ପୋଲିସ ସହଜରେ ଧରିପାରେ ନାହିଁ।

### ଚୋରା ବନ୍ଧୁକ କାରବାରରେ ସମ୍ପୃକ୍ତ

ଗିରଫ ଦୁଇ ଅଭିଯୁକ୍ତ ସେକ୍ ସାରୁକ୍ ଓ ସଞ୍ଜୀବ ବ୍ରାଉନସୁଗାର ବେପାର କରିବା ପୂର୍ବରୁ ଚୋରା ବନ୍ଧୁକ ବ୍ୟବସାୟ କରୁଥିବା ଜଣାପଡିଛି। ସେମାନଙ୍କ ନାମରେ ବାଲେଶ୍ୱର ଓ ସହଦେବଖୁଣ୍ଟା ଥାନାରେ ଏକାଧିକ ମାମଲା ରହିଛି। ସଞ୍ଜୀବଙ୍କ ନାମରେ ବାଲେଶ୍ୱର ଟାଉନ ଥାନାରେ କେସ୍ ନଂ.୨୫୦/୧୮, ବାଲେଶ୍ୱର ଥାନାରେ କେସ୍ ନଂ.୮୮/୧୯ ଓ ସହଦେବଖୁଣ୍ଟା ଥାନାରେ କେସ୍ ନଂ.୧୬୮/୧୭ରେ ବହୁ ସଙ୍ଗିନ ମାମଲା ରହିଛି। ସେହିଭଳି ସାରୁକ୍‌ଙ୍କ ନାମରେ ସହଦେବଖୁଣ୍ଟା ଥାନାରେ କେସ୍ ନଂ.୧୮/୧୯ ଓ କେସ୍ ନଂ.୨୧୧/୧୮ରେ ହତ୍ୟା ଉଦ୍ୟମ,ବନ୍ଧୁକ ବେପାର ଆଦି ଏକାଧିକ ମାମଲା ରହିଛି। ଏସ୍‌ଟିଏଫ୍ ଏହି କଳା କାରବାରର ଖୋଳତାଡ଼ କରିବ ବୋଲି ସୂଚନା ମିଳିଛି।

### ଦୁଇ ଜଣଙ୍କ ସମ୍ପତ୍ତି ଫ୍ରିଜ୍ ହେବ

ଧରା ପଡୁଥିବା ବ୍ରାଉନସୁଗାର ବେପାରୀଙ୍କ ଉପରେ ଏବେ ଏସ୍‌ଟିଏଫ୍ କଡା କାର୍ଯ୍ୟାନୁଷ୍ଠାନ ନେଉଛି। ସେମାନଙ୍କ ସମ୍ପତ୍ତି ଓ ଆର୍ଥିକ କାରବାରକୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯାଉଛି। ବ୍ରାଉନସୁଗାର ବେପାରରୁ ସମ୍ପତ୍ତି ଠୁଳ ହୋଇଥିବା ନେଇ ପ୍ରମାଣ ଯୋଗାଡ଼ କରୁଛି। ଏହିଭଳି ଦୁଇ ବ୍ରାଉନସୁଗାର ଡିଲରଙ୍କ ସମ୍ପତ୍ତିର ଖୋଳତାଡ଼ ଆରମ୍ଭ ହୋଇଛି। ବ୍ରାଉନସୁଗାର ବେପାର ଟଙ୍କାରେ ସେମାନେ ସମ୍ପତ୍ତି କିଣିଛନ୍ତି କି? ଏହାର ତଦନ୍ତ ଚାଲିଛି। ପ୍ରମାଣ ମିଳିବା ପରେ ଆବଶ୍ୟକ ପ୍ରକ୍ରିୟା ଅନୁଯାୟୀ ତାହାକୁ ଫ୍ରିଜ୍ କରାଯିବ ବୋଲି ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଫେବୃୟାରୀ ୨୫/୨୦୨୦ (୨୦ ପୃଷ୍ଠା) | Bhubaneswar, Tuesday, February 25/2020 | ★★★★★★

୪୬ଶ ଭାଗ ୯୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




## ଫିଟ୍‌ନେସ୍ ଫର୍ମରେ ଦିଶା

ଟାଇଗର ଶ୍ରଫ୍‌ଙ୍କ ସହ ରିଲେସନଶିପ୍‌କୁ ନେଇ ସବୁବେଳେ ଚର୍ଚ୍ଚା ସାଉଁଟୁଥିବା ବଲିଉଡ୍ ଅଭିନେତ୍ରୀ ଦିଶା ପଟ୍ଟାନୀ ଏବେ ଆକ୍ସନ ଫିଲ୍ମ ଆଡ଼କୁ ଢଳିଛନ୍ତି।

୦୨

୧୪

## ଶେଫାଳିଙ୍କ ପ୍ରଦର୍ଶନରେ ଭାରତ ବିଜୟୀ

ଶେଫାଳି ବର୍ମାଙ୍କ ଦ୍ରୁତ ୩୯ ରନ ସହାୟତାରେ ଭାରତ ଆଇସିସି ମହିଳା ଟି୨୦ ବିଶ୍ୱକପର ସୋମବାର ଅନୁଷ୍ଠିତ ମ୍ୟାଚରେ ବାଂଲାଦେଶକୁ ୧୮ ରନରେ ପରାସ୍ତ କରିଛି।



# ଭାରତ ପ୍ରତି ଆମେରିକା କୃତଜ୍ଞ: ଟ୍ରମ୍ପ୍

- ‘ନମସ୍ତେ ଟ୍ରମ୍ପ୍’ କାର୍ଯ୍ୟକ୍ରମରେ ଆମେରିକା ରାଷ୍ଟ୍ରପତିଙ୍କୁ ଭବ୍ୟ ସ୍ୱାଗତ
- ଆତଙ୍କବାଦ ବିରୋଧରେ ଲଢେଇ ପାଇଁ ଦୁଇଦେଶ ପ୍ରତିବଦ୍ଧ
- ସମ୍ପର୍କର ନୂଆ ଇତିହାସ ସୃଷ୍ଟି ହେବ: ମୋଦି

**ଅହମଦାବାଦ,୨୪।୨(ପି.ଟି.)**

ଇସ୍‌ଲାମିକ୍ ଆତଙ୍କବାଦରୁ ଦେଶବାସୀଙ୍କୁ ସୁରକ୍ଷା ଦେବା ଲାଗି ଭାରତ ଓ ଆମେରିକା ପ୍ରତିଶ୍ରୁତିବଦ୍ଧ। ଦୁଇଦେଶ ମିଳିତ ଭାବେ ଇସ୍‌ଲାମିକ୍ ଆତଙ୍କବାଦର ମୁକାବିଲା କରିବେ ବୋଲି ସୋମବାର ଅହମଦାବାଦର ମୋଟେରା ଷ୍ଟାଡିୟମରେ ଅନୁଷ୍ଠିତ ‘ନମସ୍ତେ ଟ୍ରମ୍ପ୍’ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି। ଏଥିସହିତ ଭାରତ-ଆମେରିକା ପ୍ରତିରକ୍ଷା ସମ୍ପର୍କକୁ ନୂଆ ସୋପାନକୁ ନେଇଯିବା ସହ ବାଣିଜ୍ୟ ସମ୍ପର୍କ ବୃଦ୍ଧି ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ କାର୍ଯ୍ୟ କରିବେ ବୋଲି ଟ୍ରମ୍ପ୍ କହିଥିଲେ। ଦୁଇଦେଶ ମଧ୍ୟରେ ପ୍ରତିରକ୍ଷା ସହଯୋଗ ବଢ଼ିବା ସହ ମିଳିତ ସମରାଭ୍ୟାସ କରାଯିବ। ଭାରତର ପ୍ରତିରକ୍ଷାକୁ ଅଧିକ ସୁଦୃଢ଼ କରିବା ପାଇଁ ସେନାବାହିନୀକୁ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଯୋଗାଇ ଦିଆଯିବ। ତାଙ୍କ ଦେଶ ଭାରତକୁ ଭଲପାଏ ଓ ଭାରତ ପ୍ରତି କୃତଜ୍ଞ ବୋଲି ବିଶ୍ୱର ସର୍ବବୃହତ୍ ଷ୍ଟାଡିୟମରେ ଲକ୍ଷାଧିକ ଜନତାଙ୍କୁ ସମ୍ବୋଧିତ କରି ଆମେରିକା ରାଷ୍ଟ୍ରପତି ଏହା କହିଛନ୍ତି।

ମଞ୍ଚରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଆମେରିକା ଫାଷ୍ଟ ଲେଡି ମେଲାନିଆ ଟ୍ରମ୍ପ୍ ଉପସ୍ଥିତ ଥିଲେ। ଏହି ଅବସରରେ ଟ୍ରମ୍ପ୍ ଭାରତ ଓ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ। ସେ ଭାରତର ମହାନ୍ ପରମ୍ପରା, ବ୍ୟକ୍ତି ସ୍ୱାଧୀନତା, ଆଇନର ଶାସନ, ମାନବିକ ମର୍ଯ୍ୟାଦା ଓ ସଦ୍‌ଭାବନାର ଭୂୟସୀ ପ୍ରଶଂସା କରିଥିଲେ। ସେ କହିଥିଲେ, ଭାରତ ପାଇଁ ଆମେରିକା ହୃଦୟରେ ସ୍ୱତନ୍ତ୍ର ସ୍ଥାନ ରହିଛି। ଭାରତର ଉନ୍ନତି ପାଇଁ ମୋଦି ଅହରହ କାର୍ଯ୍ୟ କରିଚାଲିଛନ୍ତି। ଜଣେ ଚା’ ବିକାଳିରୁ ଆଜି ସେ ଏତେ ବଡ଼ ହୋଇପାରିଛନ୍ତି। ଭାରତର ମୋଦିଙ୍କୁ ସମସ୍ତେ ପ୍ରଶଂସା କରୁଛନ୍ତି। ମୋଦିଙ୍କ ପାଇଁ ଭାରତରେ ପ୍ରତି ୧୨ ମିନିଟରେ ଜଣେ ଲୋକ ଦାରିଦ୍ର୍ୟ ମୁକ୍ତ ହେଉଛନ୍ତି ବୋଲି ଟ୍ରମ୍ପ୍ କହିଥିଲେ। ନିଜର ଅଭିଭାଷଣରେ ଟ୍ରମ୍ପ୍ ଭାରତୀୟ ଚଳଚ୍ଚିତ୍ର ବିଷୟରେ ଅବତାରଣା କରିବା ସହ ସଚିନ ତେନ୍ଦୁଲକରଙ୍କ ଭଳି କ୍ରିକେଟ କିମ୍ବଦନ୍ତୀ ଭାରତ ସୃଷ୍ଟି କରିପାରିଛି ବୋଲି କହିଥିଲେ।

ଦୁଇଦିନିଆ ଭାରତ ଗସ୍ତରେ ଆସିଥିବା ଟ୍ରମ୍ପ୍‌ଙ୍କୁ ବିମାନବନ୍ଦରରେ ପ୍ରଧାନମନ୍ତ୍ରୀ ସ୍ୱାଗତ କରିଥିଲେ। ସେଠାରେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଟ୍ରମ୍ପ୍‌ଙ୍କ ବିମାନ ପହଞ୍ଚିବାର ୧ ଘଣ୍ଟା ପୂର୍ବରୁ ମୋଦି ସେଠାରେ ପହଞ୍ଚିଥିଲେ। ଟ୍ରମ୍ପ୍‌ଙ୍କ ବିମାନ ପହଞ୍ଚିବା ପରେ ମୋଦି ପ୍ରୋଟୋକଲ ଭାଙ୍ଗି ତାଙ୍କୁ ସ୍ୱାଗତ କରିଥିଲେ। ବିମାନ ବନ୍ଦରରୁ ଉଭୟ ନେତା ସାବରମତି ଆଶ୍ରମ ଅଭିମୁଖେ ବାହାରିଥିଲେ। ସେଠାରେ ଟ୍ରମ୍ପ୍ ଦମ୍ପତି ମହାତ୍ମା ଗାନ୍ଧୀଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ପ୍ରଧାନମନ୍ତ୍ରୀ ସେମାନଙ୍କୁ ଗାନ୍ଧିଜୀ ଓ କସ୍ତୁରବା ରହୁଥିବା ପ୍ରକୋଷ୍ଠ ‘ହୃଦୟ କୁଞ୍ଜ’ ଦେଖାଇଥିଲେ। ଟ୍ରମ୍ପ୍ ଓ ମେଲାନିଆ ସେଠାରେ ଗାନ୍ଧିଜୀଙ୍କ ଚରଖା ଚଳାଇଥିଲେ ଓ ଆଶ୍ରମ ଛାଡିବା ପୂର୍ବରୁ ଭିଜିଟର ପୁସ୍ତିକାରେ ସ୍ୱାକ୍ଷର କରିଥିଲେ। ସେଠାରୁ ଦୀର୍ଘ ୨୨ କିଲୋମିଟର ରୋଡ୍ ଶୋ’ରେ ଆସି ମୋଟେରା ଷ୍ଟାଡିୟମରେ ପହଞ୍ଚିଥିଲେ ଆମେରିକା ରାଷ୍ଟ୍ରପତି। ଷ୍ଟାଡିୟମରେ ଆୟୋଜିତ ‘ନମସ୍ତେ ଟ୍ରମ୍ପ୍’ କାର୍ଯ୍ୟକ୍ରମରେ ୧ ଲକ୍ଷ ୧୦ ହଜାର ଜନସାଧାରଣ ଉପସ୍ଥିତ ରହି ଟ୍ରମ୍ପ୍‌ଙ୍କୁ ସ୍ୱାଗତ କରିଥିଲେ। ଷ୍ଟାଡିୟମରେ ଝିଅ ଇଭାଙ୍କା, ଜ୍ୱାଇଁ ଜାରେଡ କୁଶନେର, ତାଙ୍କ ପ୍ରଶାସନର ଉଚ୍ଚ ପଦାଧିକାରୀମାନେ ଉପସ୍ଥିତ ଥିଲେ।

ମଙ୍ଗଳବାର ଦୁଇଦେଶ ମଧ୍ୟରେ ୩ ବିଲିୟନ ଡଲାର ମୂଲ୍ୟର ପ୍ରତିରକ୍ଷା ଚୁକ୍ତିନାମା ସ୍ୱାକ୍ଷର ହେବା ସହ ଆମେରିକା ଭାରତ ମୁଖ୍ୟ ପ୍ରତିରକ୍ଷା ସହଯୋଗୀ ହେବାକୁ ଯାଉଛି ବୋଲି ଏହି ଅବସରରେ ଟ୍ରମ୍ପ୍ ଘୋଷଣା କରିଥିଲେ। ଭାରତ ଓ ଆମେରିକା ମଧ୍ୟରେ ସ୍ୱାଭାବିକ ଓ ସ୍ଥାୟୀ ବନ୍ଧୁତା ରହିଥିବା ସେ କହିଥିଲେ। ଭାରତର ସାଂସ୍କୃତିକ ବିବିଧତାଠାରୁ ଆରମ୍ଭ କରି ଚଳଚ୍ଚିତ୍ର ଓ କ୍ରୀଡ଼ା କ୍ଷେତ୍ରରେ ସଫଳତା ସମ୍ପର୍କରେ ଟ୍ରମ୍ପ୍ ଭାଷଣରେ ଉଲ୍ଲେଖ କରିଥିଲେ।

ଆମେରିକା ରାଷ୍ଟ୍ରପତିଙ୍କ ଏହି ଗସ୍ତ ଦୁଇଦେଶ ମଧ୍ୟରେ ସମ୍ପର୍କର ନୂଆ ଇତିହାସ ସୃଷ୍ଟି କରିବ ବୋଲି ମୋଦି କହିଥିଲେ। ଆତଙ୍କବାଦ ଦମନରେ ଟ୍ରମ୍ପ୍‌ଙ୍କ ନେତୃତ୍ୱକୁ ମୋଦି ପ୍ରଶଂସା କରିଥିଲେ। ଟ୍ରମ୍ପ୍‌ଙ୍କ ନେତୃତ୍ୱରେ ଭାରତ-ଆମେରିକା ସମ୍ପର୍କ ଯଥେଷ୍ଟ ବୃଦ୍ଧି ପାଇଛି। ସପରିବାର ଟ୍ରମ୍ପ୍ ଭାରତ ଆସିବା ଦୃଢ଼ ବନ୍ଧୁତାକୁ ସୂଚାଉଛି ବୋଲି ମୋଦି କହିଥିଲେ।




ଅହମ୍ମଦାବାଦସ୍ଥିତ ମୋଟେରା ଷ୍ଟାଡିୟମରେ ଅନୁଷ୍ଠିତ ‘ନମସ୍ତେ ଟ୍ରମ୍ପ୍’ କାର୍ଯ୍ୟକ୍ରମରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍, ତାଙ୍କ ପତ୍ନୀ ମେଲାନିଆ ଓ ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

## ମାଟ୍ରିକ ପରୀକ୍ଷା: କପି କରି ଧରାପଡ଼ିଲେ ୧୧୮ ପରୀକ୍ଷାର୍ଥୀ

**କଟକ ଅଫିସ,୨୪।୨**

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଚଳିତ ମାଟ୍ରିକ ପରୀକ୍ଷାରେ ସୋମବାର ୧୧୮ଜଣ ପରୀକ୍ଷାର୍ଥୀ କପି କରି ଧରା ପଡ଼ିବା ସହ ମାଲପ୍ରାକ୍ଟିସ(ଏମ୍‌ପି) ହୋଇଛନ୍ତି। ଏମାନଙ୍କ ମଧ୍ୟରେ ମାଟ୍ରିକ ପରୀକ୍ଷାର ୧୦୮ଜଣ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷାର ୧୦ଜଣ ପରୀକ୍ଷାର୍ଥୀ ଅଛନ୍ତି। ସୋମବାର ୩ୟ ଭାଷା ତଥା ହିନ୍ଦୀ, ସଂସ୍କୃତ, ଓଡ଼ିଆ, ପାର୍ସୀ ବିଷୟ ପରୀକ୍ଷା ରହିଥିଲା। ଅନ୍ୟପକ୍ଷରେ ବିଭିନ୍ନ ଜିଲାର ପରୀକ୍ଷାକେନ୍ଦ୍ରରେ ପରୀକ୍ଷା ଚାଲୁଥିବା ସମୟରେ ବିଦ୍ୟୁତ କାଟ୍ ହେଉଥିବା ବୋର୍ଡ କାର୍ଯ୍ୟାଳୟର ହେଲ୍ପଲାଇନ ନମ୍ବରରେ ଅଭିଯୋଗ ହୋଇଥିବା ଜଣାପଡିଛି।


୩ ଦିନ ବର୍ଷା: ଘଣ୍ଟାକୁ ୩୦ରୁ ୪୦ କି.ମି. ପବନ

ରାଜ୍ୟରେ କମୁଛି ଦଣ୍ଡବିଧାନ ହାର ........ ୩ ........

ଅନୁପଙ୍କ ଗିରଫଦାରିକୁ ବେଆଇନ କହିଲେ ଝିଅ ........ ୫ ........


### ଆଜିର ସମ୍ପାଦକୀୟ

ଭାରତ ଅଡୁଆରେ

### ଆଜିର ମନ୍ତବ୍ୟ

“ଆମେରିକା ଭାରତକୁ ଭଲପାଏ ଓ ସବୁବେଳେ ବିଶ୍ୱସ୍ତ ତଥା ଅନୁଗତ ବନ୍ଧୁ ହୋଇ ରହିବ।

–ଡୋନାଲ୍ଡ ଟ୍ରମ୍ପ୍, ଆମେରିକା ରାଷ୍ଟ୍ରପତି

### କିଛି ତଥ୍ୟ

୨୦୧୮-୧୯ ଆର୍ଥିକ ବର୍ଷରେ ରେଳପଥ ପକ୍ଷରୁ ୬୦୬ ନିୟୁତ ଟନ୍ କୋଇଲା ପରିବହନ କରାଯାଇଛି।

– ରେଳ ମନ୍ତ୍ରଣାଳୟ

# ବିଧାନସଭାରେ ଧାନ ଝଡ଼

- ୧୬ଥର ମୁଲତବୀ, ସାରାଦିନ ବରବାଦ
- ଫେଲ୍ ମାରିଲା ସର୍ବଦଳୀୟ ବୈଠକ
- ୫ ଜିଲାର ବିଧାୟକଙ୍କୁ ଡାକି ଆଲୋଚନା କଲେ ମନ୍ତ୍ରୀ
- ଜିଲାପାଳଙ୍କୁ କ୍ଷମତା ଦେବା ନେଇ ଅସନ୍ତୋଷ
- ମଙ୍ଗଳବାର ଯାଏ ଗୃହ ମୁଲତବୀ
- ଆଜି ଗୃହରେ ବିବୃତି ଦେଇପାରନ୍ତି ମନ୍ତ୍ରୀ

**ଭୁବନେଶ୍ୱର, ୨୪।୨(ବ୍ୟୁରୋ)**

ଆକାଶରେ ମେଘ ବାଦଲ। ଆଗାମୀ ତିନିଦିନ ଧରି ଉପକୂଳ ଓ ଆଭ୍ୟନ୍ତର ଓଡ଼ିଶାରେ ବର୍ଷା ଛେଚିବ। କେବଳ ମେଘ ନୁହେଁ, ୩୦ରୁ ୪୦ କିଲୋମିଟର ବେଗରେ ପବନ ମଧ୍ୟ ବହିବ ବୋଲି ପାଣିପାଗ ବିଭାଗ ସତର୍କ କରିଛି। ଏନେଇ ଜିଲାପାଳଙ୍କୁ ସତର୍କ ରହିବାକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏଭଳିସ୍ଥିତିରେ ମଣ୍ଡିରେ ଧାନ ଗଦା ହୋଇଛି। ଧାନ କିଣା ନ ଯିବା ଯୋଗୁ ଚାଷୀଙ୍କ ମୁଣ୍ଡରେ ଚଡ଼କ ପକାଇଛି। ମଣ୍ଡିରୁ ଧାନ ନ ଉଠିବା ଏବଂ ଟୋକନ ଅବ୍ୟବସ୍ଥାକୁ ନେଇ ବିରୋଧୀ ସରକାରଙ୍କୁ ସଣ୍ଡୁଆଶି ଆକ୍ରମଣ କରିଥିଲେ। ତିନିଦିନ ଗୃହ ବନ୍ଦ ରହିବା ପରେ ସୋମବାର ବିଧାନସଭାରେ ବିରୋଧୀ ଭାଜପା ଓ କଂଗ୍ରେସ ସରକାରଙ୍କୁ ହରଡ଼ଘଣାରେ ପକାଇଥିଲେ। ସରକାର ଚାଷୀଙ୍କ ପ୍ରତି ସମ୍ବେଦନଶୀଳ ନୁହନ୍ତି। ଚାଷୀମାନେ ଧାନ ଧରି ଦିନରାତି ମଣ୍ଡିରେ ବସିଛନ୍ତି। ଟୋକନ ମିଳୁନାହିଁ, ଯାହାଙ୍କୁ ମିଳିଛି ସେମାନେ ଧାନ ବିକ୍ରି କରିପାରୁ ନାହାନ୍ତି। ଟୋକନ ଆଳରେ ଧାନ କିଣାଯାଉନାହିଁ। ଏଭଳି ଅଭିଯୋଗ ଆଣି ବିରୋଧୀ ବିଧାନସଭାରେ ହଙ୍ଗାମା କରିଥିଲେ। ଥରେ କି ଦି’ଥର ନୁହେଁ, ଦିନତମାମ ୧୬ଥର ଗୃହକୁ ମୁଲତବୀ ଘୋଷଣା କରାଯାଇଥିଲା। ଅଚଳାବସ୍ଥାକୁ ଏଡ଼ାଇବାକୁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକି ଗୃହକୁ ସ୍ୱାଭାବିକ କରିବାକୁ ଆପ୍ରାଣ ଉଦ୍ୟମ କରିଥିଲେ ମଧ୍ୟ ସବୁକିଛି ଫସର ଫାଟିଛି। ବିରୋଧୀଙ୍କ ହଟ୍ଟଗୋଳ ପାଇଁ ଦିନତମାମ ଗୃହକାର୍ଯ୍ୟ ବାଏଁ ବାଏଁ ଉଡ଼ିଯାଇଛି। ପୂର୍ବରୁ ଗତ ୨୦ ତାରିଖରେ ଧାନକିଣାକୁ ନେଇ ☞ପୃଷ୍ଠା–୪

# ଉଗ୍ର ହେଉଛି ସିଏଏ ବିରୋଧୀ ହିଂସା

## କନ୍‌ଷ୍ଟେବଲଙ୍କ ସମେତ ୪ ମୃତ

- ଡିସିପି ଓ ୨୦ ଆହତ
- ବହୁ ଘର, ଗାଡ଼ି ଜାଳିଦେଲେ ବିକ୍ଷୋଭକାରୀ
- ଉତ୍ତରପୂର୍ବ ଦିଲ୍ଲୀର ୧୦ ସ୍ଥାନରେ ୧୪୪ ଧାରା ଜାରି

**ନୂଆଦିଲ୍ଲୀ, ୨୪।୨ (ଆଇଏଏନ୍ଏସ୍)**

ଦିଲ୍ଲୀରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧୀ ବିକ୍ଷୋଭ ସୋମବାର ପୁଣିଥରେ ହିଂସାର ରୂପ ନେଇଛି। ସିଏଏ ସପକ୍ଷ ଓ ବିପକ୍ଷ ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ବେଳେ ଦିଲ୍ଲୀ ପୋଲିସର ଜଣେ ହେଡ୍ କନ୍‌ଷ୍ଟେବଲଙ୍କ ସମେତ ୪ ଜଣଙ୍କ ମୃତ୍ୟୁ ଘଟିଛି । ସଦର ଡିସିପି ଅମିତ ଶର୍ମାଙ୍କ ସମେତ ୨୦ ଜଣ ଆକ୍ରମଣରେ ଆହତ ହୋଇଛନ୍ତି। ସେମାନଙ୍କୁ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଶାନ୍ତି ଓ ସଦ୍ଭାବନା ବଜାୟ ରଖିବା ଲାଗି ଉପରାଜ୍ୟପାଳ ଅନିଲ ବୈଜଲ ଏବଂ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ଆହ୍ୱାନ ସତ୍ତ୍ୱେ ସ୍ଥିତି ଅଣାୟତ୍ତ ରହିଛି। ଉଭୟ ପକ୍ଷର ବିକ୍ଷୋଭକାରୀ ଅନେକ ଗାଡ଼ି ଓ ଘର ଜାଳିବା ସହ ଭଜନପୁରା ଅଞ୍ଚଳରେ ଏକ ପେଟ୍ରୋଲ ପମ୍ପରେ ନିଆଁ ଲଗାଇଦେଇଛନ୍ତି। ସ୍ଥିତି ଅଣାୟତ୍ତ ହେବାରୁ ୧୪୪ ଧାରା ଜାରି ହୋଇଛି। ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ଲାଗି ଉପରାଜ୍ୟପାଳ ଦିଲ୍ଲୀ ପୋଲିସ କମିଶନର ଅମୂଲ୍ୟ ପଟ୍ଟନାୟକଙ୍କୁ ପରାମର୍ଶ ଦେଇଛନ୍ତି। ଉତ୍ତରପୂର୍ବ ଦିଲ୍ଲୀରେ ୨ କମ୍ପାନୀ ରାପିଡ ଆକ୍ସନ ଫୋର୍ସ, ଗୋଟିଏ କମ୍ପାନୀ ମହିଳା ସୁରକ୍ଷା କର୍ମୀଙ୍କ ସମେତ ୮ କମ୍ପାନୀ ସିଆର୍‌ପିଏଫ୍ ଯବାନଙ୍କୁ ପଠାଯାଇଛି।

ରବିବାର ଅପରାହ୍ନରେ ଉତ୍ତରପୂର୍ବ ଦିଲ୍ଲୀରେ ସିଏଏ ବିରୋଧୀ ଓ ସପକ୍ଷବାଦୀ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିଲା। ପୋଲିସ ପହଞ୍ଚି ଲୁହବୁହା ବାଷ୍ପ ପ୍ରୟୋଗ କରିବା ସହ ଲୋକଙ୍କୁ ଘଉଡାଇଦେଇଥିଲା। ସୋମବାର ମଧ୍ୟାହ୍ନରୁ ଦିଲ୍ଲୀର ଜାଫରାବାଦ, ମୌଜପୁର, ଗୋକୁଳପୁରୀରେ ପୁଣି ଉତ୍ତେଜନା ଆରମ୍ଭ ହୋଇଛି। ଉଭୟ ପକ୍ଷ ମଧ୍ୟରେ ଜୋରଦାର ଟେକାମାଡ଼ ହୋଇଥିଲା। ହିଂସା ରୋକିବା ପାଇଁ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ଉତ୍ତେଜନା ଥିବା ୧୦ଟି ସ୍ଥାନରେ ୧୪୪ ଧାରା ଜାରି ହୋଇଛି। ଗୋକୁଳପୁରୀ ଓ ଏହାର ଆଖପାଖ ଅଞ୍ଚଳରେ ଅନେକ ଦୋକାନ ଓ ଘର ଉପରେ ଆକ୍ରମଣ ହେବା ସହ ଗାଡ଼ିରେ ନିଆଁ ଲଗାଇଦିଆଯାଇଛି। ଆନ୍ଦୋଳନରେ ସାମିଲ ହୋଇଥିବା କିଛି ଲୋକ ଦେଶୀ ବନ୍ଧୁକ ବ୍ୟବହାର କରିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏପରିକି ଖବର ସଂଗ୍ରହ କରିବାକୁ ଯାଇଥିବା ଗଣମାଧ୍ୟମ ପ୍ରତିନିଧି ମଧ୍ୟ ଆକ୍ରମଣରୁ ବାଦ୍ ପଡ଼ି ନ ଥିଲେ। ସେମାନଙ୍କୁ ଆକ୍ରମଣ ବେଳର ଭିଡିଓ ଶୁଟିଂ ପାଇଁ ଅନୁମତି ଦେଇ ନ ଥିଲେ ବିକ୍ଷୋଭକାରୀ। ହେଡ୍ କନ୍‌ଷ୍ଟେବଲ୍ ରତନ ଲାଲ୍‌ଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀ କେଜ୍‌ରିୱାଲ ଦୁଃଖପ୍ରକାଶ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କ ସମେତ ଆମ୍ ଆଦ୍‌ମୀ ପାର୍ଟିର ବହୁ ନେତା ଶାନ୍ତି ବଜାୟ ରଖିବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ହିଂସାକାଣ୍ଡ ପାଇଁ ସିଏଏ ବିରୋଧୀ ବିକ୍ଷୋଭକାରୀଙ୍କୁ ସପକ୍ଷବାଦୀମାନେ ଦାୟୀ କରିଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ବିକ୍ଷୋଭକାରୀମାନେ ଦୁଇଦିନ ହେଲା ରାସ୍ତାରେ ବସିରହିବା ଫଳରେ ପିଲାମାନେ ସ୍କୁଲ ଯାଇପାରୁନାହାନ୍ତି। ମେଟ୍ରୋ ଷ୍ଟେଶନକୁ ବନ୍ଦ କରିଦିଆଯାଇଛି।



ଉତ୍ତରପୂର୍ବ ଦିଲ୍ଲୀର ଏକ ଅଞ୍ଚଳରେ ବିକ୍ଷୋଭକାରୀମାନେ ଟେକାପଥର ଫିଙ୍ଗୁଛନ୍ତି।

# ନରହନ୍ତା ଦନ୍ତା ଚନ୍ଦକା ମୁହାଁ

- ରାଜଧାନୀ ଉପକଣ୍ଠରେ ମହିଳାଙ୍କୁ ଆକ୍ରମଣ
- ରବିବାର ୪ ଜଣଙ୍କ ଜୀବନ ନେଇଥିଲା
- ୬ ଗୁରୁତର, ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି ୨ଜଣ

**ଭୁବନେଶ୍ୱର, ୨୪।୨(ବ୍ୟୁରୋ)**

ପିପିଲି, ନିମାପଡ଼ା, କଣାସ ଓ ଡେଲାଙ୍ଗ ବ୍ଲକ ଅଞ୍ଚଳରେ ତିନି ଦିନ ଧରି ଉପଦ୍ରବ କରିଥିବା ଦନ୍ତାହାତୀ ସୋମବାର ସନ୍ଧ୍ୟାରେ ଚନ୍ଦକା ଜଙ୍ଗଲମୁହାଁ ହୋଇଛି। ତା’ର ଆକ୍ରମଣରେ ରବିବାର ପିପିଲି ଓ ବଳଙ୍ଗା ଥାନା ଅଞ୍ଚଳର ୪ଜଣଙ୍କ ଜୀବନ ଯାଇଥିବାବେଳେ ୫ଜଣ ଗୁରୁତର ଆହତ ହୋଇଥିଲେ। ସୋମବାର ସକାଳେ ଉକ୍ତ ହାତୀ ଭୁବନେଶ୍ୱର ଉପକଣ୍ଠରେ ଜଣେ ମହିଳାଙ୍କୁ ଆକ୍ରମଣ କରିବାରୁ ସେ ଗୁରୁତର ଆହତ ହୋଇଛନ୍ତି। ମହିଳା ଜଣକ ହେଲେ ମୁଣ୍ଡା ସାହିର ଫୁଲେଶ୍ୱରୀ ବସ୍ତିରେ ରହୁଥିବା ଗାଙ୍ଗି ମୁଣ୍ଡା(୫୫)। ସକାଳ ପ୍ରାୟ ସାଢ଼େ ୫ଟାରେ ସେ ଫୁଲ ତୋଳୁଥିବାବେଳେ ଉକ୍ତ ଉଗ୍ର ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ତାଙ୍କ କାନ୍ଧ ହାଡ଼ ଭାଙ୍ଗିଯିବା ସହିତ କାଖରେ କ୍ଷତ ଚିହ୍ନ ରହିଛି। ତାଙ୍କୁ ଭୁବନେଶ୍ୱର ଏମ୍‌ସରେ ଭର୍ତ୍ତି କରାଯାଇଛି। ମୋଟ ୬ ଗୁରୁତରଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ସେମାନେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଦନ୍ତା ରବିବାରଠାରୁ ଅଣାୟତ୍ତ ହୋଇ ଆକ୍ରମଣ କରି ଚାଲିଥିବାବେଳେ ବନବିଭାଗ କର୍ମଚାରୀଙ୍କ ଅକ୍ଲାନ୍ତ ପରିଶ୍ରମରେ ସୋମବାର ସନ୍ଧ୍ୟା ୬ଟା ବେଳକୁ ଚନ୍ଦକା ଜଙ୍ଗଲମୁହାଁ ହୋଇଛି। ତେବେ ଦନ୍ତା ପୁଣି ଫେରି ଆକ୍ରମଣ କରିପାରେ ବୋଲି ଲୋକେ ଆଶଙ୍କା କରି ଆତଙ୍କିତ ହୋଇପଡ଼ିଛନ୍ତି। ଫଳରେ ସୋମବାର ଦିନତମାମ ପୁରୀ ଜିଲାର ଉପରୋକ୍ତ ବ୍ଲକ ସମେତ ଜଟଣୀ, ଖୋର୍ଦ୍ଧା ବ୍ଲକ ଏବଂ ରାଜଧାନୀ ଉପକଣ୍ଠର ବହୁ ଗ୍ରାମ ଏକପ୍ରକାର ଜନଶୂନ୍ୟ ହୋଇପଡ଼ିଥିଲା। ଲୋକେ ତାଟିକବାଟ କିଳି ଘରେ ରହିବାକୁ ସୁରକ୍ଷିତ ମଣିଥିଲେ। ବନବିଭାଗ ପକ୍ଷରୁ ମଧ୍ୟ ସତର୍କ ରହିବାକୁ ଡାକବାଜି ଯନ୍ତ୍ର ଜରିଆରେ କୁହାଯାଇଥିଲା।

ସୂଚନାଥାଉ କି, ରବିବାର ସକାଳ ପ୍ରାୟ ୬ଟାରୁ ପୂର୍ବାହ୍ନ ୧୧ଟା ମଧ୍ୟରେ ଦନ୍ତାହାତୀଟି ଗୋଟିଏ ପରେ ଗୋଟିଏ ଗାଁରେ ପଶି ଲୋକଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲା। କାହାକୁ ଗୋଡ଼ରେ ଦଳିଥିଲା ତ କାହାକୁ ଶୁଣ୍ଢରେ ଟେକି ଛେଚିଥିଲା। ଆଉ କେତେଜଣ ଜୀବନ ବିକଳରେ ଦୌଡ଼ିବାବେଳେ ତଳେ ପଡ଼ି ଆହତ ହୋଇଥିଲେ। ପୁରୀ ଜିଲାର ବଳଙ୍ଗା ଥାନା ଅଧୀନ ଗୋପୀନାଥପୁର ଗ୍ରାମର ଯୁଗଳ କିଶୋର ଭଞ୍ଜ(୬୨)ଙ୍କ ମୃତ୍ୟୁ ଘଟିଥିବାବେଳେ ବାବନ ପୃଷ୍ଟି (୬୦), ହାଡ଼ିବନ୍ଧୁ ସାହୁ (୪୦) ଗୁରୁତର ଆହତ ହୋଇଛନ୍ତି। ☞ପୃଷ୍ଠା–୪



ଭୁବନେଶ୍ୱର ଉପକଣ୍ଠରେ ଦନ୍ତା ପ୍ରବେଶ କରିଛି।


6 Layer PLASTO® GOLD

ପାନୀୟ ଜଳ ପାଇଁ ସୁରକ୍ଷିତ

9337225857, 9130011507 9130076921

ଗାଡିରୁ ଘର-ଖଟିରୁ ବଜାର

ସବୁଠି 91.9 ସାର୍ଥକ FM ର ସ୍ୱର

91.9 ସାର୍ଥକ FM

ଏଥର ଜମିଲା...

୨୪ଘଣ୍ଟା Super Hit ଓଡିଆ ଗୀତ

Vencobb FRESH CHICKEN

24.02.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 36 | 75 | 85 |
| CTC | 38 | 77 | 87 |
| DKL | 38 | 77 | 87 |
| BDK | 40 | 80 | 90 |
| BLS | 42 | 83 | 93 |
| ANG | 39 | 79 | 89 |
| BMP | 36 | 75 | 85 |

*Conditions Apply

Issued in the Interest of Consumers

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଫେବୃୟାରୀ ୨୫/୨୦୨୦ (୨୦ ପୃଷ୍ଠା) Bhubaneswar, Tuesday, February 25/2020 ★★★★★★

୪୬ଶ ଭାଗ ୯୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-









## ଫିଟ୍‌ନେସ୍ ଫର୍ମରେ ଦିଶା

ଟାଇଗର ଶ୍ରଫ୍‌ଙ୍କ ସହ ରିଲେସନଶିପ୍‌କୁ ନେଇ ସବୁବେଳେ ଚର୍ଚ୍ଚା ସାଉଁଟୁଥିବା ବଲିଉଡ୍ ଅଭିନେତ୍ରୀ ଦିଶା ପଟ୍ଟାନୀ ଏବେ ଆକ୍ସନ ଫିଲ୍ମ ଆଡ଼କୁ ଢଳିଛନ୍ତି।

୦୨

୧୪

## ଶେଫାଳିଙ୍କ ପ୍ରଦର୍ଶନରେ ଭାରତ ବିଜୟୀ

ଶେଫାଳି ବର୍ମାଙ୍କ ଦ୍ରୁତ ୩୯ ରନ ସହାୟତାରେ ଭାରତ ଆଇସିସି ମହିଳା ଟି୨୦ ବିଶ୍ୱକପର ସୋମବାର ଅନୁଷ୍ଠିତ ମ୍ୟାଚରେ ବାଂଲାଦେଶକୁ ୧୮ ରନରେ ପରାସ୍ତ କରିଛି।

# ଭାରତ ପ୍ରତି ଆମେରିକା କୃତଜ୍ଞ: ଟ୍ରମ୍ପ୍

- ‘ନମସ୍ତେ ଟ୍ରମ୍ପ୍’ କାର୍ଯ୍ୟକ୍ରମରେ ଆମେରିକା ରାଷ୍ଟ୍ରପତିଙ୍କୁ ଭବ୍ୟ ସ୍ୱାଗତ
- ଆତଙ୍କବାଦ ବିରୋଧରେ ଲଢେଇ ପାଇଁ ଦୁଇଦେଶ ପ୍ରତିବଦ୍ଧ
- ସମ୍ପର୍କର ନୂଆ ଇତିହାସ ସୃଷ୍ଟି ହେବ: ମୋଦି

**ଅହମଦାବାଦ,୨୪ା୨(ପି.ଟି.)**

ଇସ୍‌ଲାମିକ୍ ଆତଙ୍କବାଦରୁ ଦେଶବାସୀଙ୍କୁ ସୁରକ୍ଷା ଦେବା ଲାଗି ଭାରତ ଓ ଆମେରିକା ପ୍ରତିଶ୍ରୁତିବଦ୍ଧ। ଦୁଇଦେଶ ମିଳିତ ଭାବେ ଇସ୍‌ଲାମିକ୍ ଆତଙ୍କବାଦର ମୁକାବିଲା କରିବେ ବୋଲି ସୋମବାର ଅହମଦାବାଦର ମୋଟେରା ଷ୍ଟାଡିୟମରେ ଅନୁଷ୍ଠିତ ‘ନମସ୍ତେ ଟ୍ରମ୍ପ୍’ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି। ଏଥିସହିତ ଭାରତ-ଆମେରିକା ପ୍ରତିରକ୍ଷା ସମ୍ପର୍କକୁ ନୂଆ ସୋପାନକୁ ନେଇଯିବା ସହ ବାଣିଜ୍ୟ ସମ୍ପର୍କ ବୃଦ୍ଧି ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ କାର୍ଯ୍ୟ କରିବେ ବୋଲି ଟ୍ରମ୍ପ୍ କହିଥିଲେ। ଦୁଇଦେଶ ମଧ୍ୟରେ ପ୍ରତିରକ୍ଷା ସହଯୋଗ ବଢ଼ିବା ସହ ମିଳିତ ସମରାଭ୍ୟାସ କରାଯିବ। ଭାରତର ପ୍ରତିରକ୍ଷାକୁ ଅଧିକ ସୁଦୃଢ଼ କରିବା ପାଇଁ ସେନାବାହିନୀକୁ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଯୋଗାଇ ଦିଆଯିବ। ତାଙ୍କ ଦେଶ ଭାରତକୁ ଭଲପାଏ ଓ ଭାରତ ପ୍ରତି କୃତଜ୍ଞ ବୋଲି ବିଶ୍ୱର ସର୍ବବୃହତ୍ ଷ୍ଟାଡିୟମରେ ଲକ୍ଷାଧିକ ଜନତାଙ୍କୁ ସମ୍ବୋଧିତ କରି ଆମେରିକା ରାଷ୍ଟ୍ରପତି ଏହା କହିଛନ୍ତି।

ମଞ୍ଚରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଆମେରିକା ଫାଷ୍ଟ ଲେଡି ମେଲାନିଆ ଟ୍ରମ୍ପ୍ ଉପସ୍ଥିତ ଥିଲେ। ଏହି ଅବସରରେ ଟ୍ରମ୍ପ୍ ଭାରତ ଓ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ। ସେ ଭାରତର ମହାନ୍ ପରମ୍ପରା, ବ୍ୟକ୍ତି ସ୍ୱାଧୀନତା, ଆଇନର ଶାସନ, ମାନବିକ ମର୍ଯ୍ୟାଦା ଓ ସଦ୍‌ଭାବନାର ଭୂୟସୀ ପ୍ରଶଂସା କରିଥିଲେ। ସେ କହିଥିଲେ, ଭାରତ ପାଇଁ ଆମେରିକା ହୃଦୟରେ ସ୍ୱତନ୍ତ୍ର ସ୍ଥାନ ରହିଛି। ଭାରତର ଉନ୍ନତି ପାଇଁ ମୋଦି ଅହରହ କାର୍ଯ୍ୟ କରିଚାଲିଛନ୍ତି। ଜଣେ ଚା’ ବିକାଳିରୁ ଆଜି ସେ ଏତେ ବଡ଼ ହୋଇପାରିଛନ୍ତି। ଭାରତର ମୋଦିଙ୍କୁ ସମସ୍ତେ ପ୍ରଶଂସା କରୁଛନ୍ତି। ମୋଦିଙ୍କ ପାଇଁ ଭାରତରେ ପ୍ରତି ୧୨ ମିନିଟରେ ଜଣେ ଲୋକ ଦାରିଦ୍ର୍ୟ ମୁକ୍ତ ହେଉଛନ୍ତି ବୋଲି ଟ୍ରମ୍ପ୍ କହିଥିଲେ। ନିଜର ଅଭିଭାଷଣରେ ଟ୍ରମ୍ପ୍ ଭାରତୀୟ ଚଳଚ୍ଚିତ୍ର ବିଷୟରେ ଅବତାରଣା କରିବା ସହ ସଚିନ ତେନ୍ଦୁଲକରଙ୍କ ଭଳି କ୍ରିକେଟ କିମ୍ବଦନ୍ତୀ ଭାରତ ସୃଷ୍ଟି କରିପାରିଛି ବୋଲି କହିଥିଲେ।

ଦୁଇଦିନିଆ ଭାରତ ଗସ୍ତରେ ଆସିଥିବା ଟ୍ରମ୍ପ୍‌ଙ୍କୁ ବିମାନବନ୍ଦରରେ ପ୍ରଧାନମନ୍ତ୍ରୀ ସ୍ୱାଗତ କରିଥିଲେ। ସେଠାରେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଟ୍ରମ୍ପ୍‌ଙ୍କ ବିମାନ ପହଞ୍ଚିବାର ୧ ଘଣ୍ଟା ପୂର୍ବରୁ ମୋଦି ସେଠାରେ ପହଞ୍ଚିଥିଲେ। ଟ୍ରମ୍ପ୍‌ଙ୍କ ବିମାନ ପହଞ୍ଚିବା ପରେ ମୋଦି ପ୍ରୋଟୋକଲ ଭାଙ୍ଗି ତାଙ୍କୁ ସ୍ୱାଗତ କରିଥିଲେ। ବିମାନ ବନ୍ଦରରୁ ଉଭୟ ନେତା ସାବରମତି ଆଶ୍ରମ ଅଭିମୁଖେ ବାହାରିଥିଲେ। ସେଠାରେ ଟ୍ରମ୍ପ୍ ଦମ୍ପତି ମହାତ୍ମା ଗାନ୍ଧୀଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ପ୍ରଧାନମନ୍ତ୍ରୀ ସେମାନଙ୍କୁ ଗାନ୍ଧିଜୀ ଓ କସ୍ତୁରବା ରହୁଥିବା ପ୍ରକୋଷ୍ଠ ‘ହୃଦୟ କୁଞ୍ଜ’ ଦେଖାଇଥିଲେ। ଟ୍ରମ୍ପ୍ ଓ ମେଲାନିଆ ସେଠାରେ ଗାନ୍ଧିଜୀଙ୍କ ଚରଖା ଚଳାଇଥିଲେ ଓ ଆଶ୍ରମ ଛାଡିବା ପୂର୍ବରୁ ଭିଜିଟର ପୁସ୍ତିକାରେ ସ୍ୱାକ୍ଷର କରିଥିଲେ। ସେଠାରୁ ଦୀର୍ଘ ୨୨ କିଲୋମିଟର ରୋଡ୍ ଶୋ’ରେ ଆସି ମୋଟେରା ଷ୍ଟାଡିୟମରେ ପହଞ୍ଚିଥିଲେ ଆମେରିକା ରାଷ୍ଟ୍ରପତି। ଷ୍ଟାଡିୟମରେ ଆୟୋଜିତ ‘ନମସ୍ତେ ଟ୍ରମ୍ପ୍’ କାର୍ଯ୍ୟକ୍ରମରେ ୧ ଲକ୍ଷ ୧୦ ହଜାର ଜନସାଧାରଣ ଉପସ୍ଥିତ ରହି ଟ୍ରମ୍ପ୍‌ଙ୍କୁ ସ୍ୱାଗତ କରିଥିଲେ। ଷ୍ଟାଡିୟମରେ ଝିଅ ଇଭାଙ୍କା, ଜ୍ୱାଇଁ ଜାରେଡ କୁଶନେର, ତାଙ୍କ ପ୍ରଶାସନର ଉଚ୍ଚ ପଦାଧିକାରୀମାନେ ଉପସ୍ଥିତ ଥିଲେ।

ମଙ୍ଗଳବାର ଦୁଇଦେଶ ମଧ୍ୟରେ ୩ ବିଲିୟନ ଡଲାର ମୂଲ୍ୟର ପ୍ରତିରକ୍ଷା ଚୁକ୍ତିନାମା ସ୍ୱାକ୍ଷର ହେବା ସହ ଆମେରିକା ଭାରତ ମୁଖ୍ୟ ପ୍ରତିରକ୍ଷା ସହଯୋଗୀ ହେବାକୁ ଯାଉଛି ବୋଲି ଏହି ଅବସରରେ ଟ୍ରମ୍ପ୍ ଘୋଷଣା କରିଥିଲେ। ଭାରତ ଓ ଆମେରିକା ମଧ୍ୟରେ ସ୍ୱାଭାବିକ ଓ ସ୍ଥାୟୀ ବନ୍ଧୁତା ରହିଥିବା ସେ କହିଥିଲେ। ଭାରତର ସାଂସ୍କୃତିକ ବିବିଧତାଠାରୁ ଆରମ୍ଭ କରି ଚଳଚ୍ଚିତ୍ର ଓ କ୍ରୀଡ଼ା କ୍ଷେତ୍ରରେ ସଫଳତା ସମ୍ପର୍କରେ ଟ୍ରମ୍ପ୍ ଭାଷଣରେ ଉଲ୍ଲେଖ କରିଥିଲେ।

ଆମେରିକା ରାଷ୍ଟ୍ରପତିଙ୍କ ଏହି ଗସ୍ତ ଦୁଇଦେଶ ମଧ୍ୟରେ ସମ୍ପର୍କର ନୂଆ ଇତିହାସ ସୃଷ୍ଟି କରିବ ବୋଲି ମୋଦି କହିଥିଲେ। ଆତଙ୍କବାଦ ଦମନରେ ଟ୍ରମ୍ପ୍‌ଙ୍କ ନେତୃତ୍ୱକୁ ମୋଦି ପ୍ରଶଂସା କରିଥିଲେ। ଟ୍ରମ୍ପ୍‌ଙ୍କ ନେତୃତ୍ୱରେ ଭାରତ-ଆମେରିକା ସମ୍ପର୍କ ଯଥେଷ୍ଟ ବୃଦ୍ଧି ପାଇଛି। ସପରିବାର ଟ୍ରମ୍ପ୍ ଭାରତ ଆସିବା ଦୃଢ଼ ବନ୍ଧୁତାକୁ ସୂଚାଉଛି ବୋଲି ମୋଦି କହିଥିଲେ।



ଅହମ୍ମଦାବାଦସ୍ଥିତ ମୋଟେରା ଷ୍ଟାଡିୟମରେ ଅନୁଷ୍ଠିତ ‘ନମସ୍ତେ ଟ୍ରମ୍ପ୍’ କାର୍ଯ୍ୟକ୍ରମରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍, ତାଙ୍କ ପତ୍ନୀ ମେଲାନିଆ ଓ ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

## ମାଟ୍ରିକ ପରୀକ୍ଷା: କପି କରି ଧରାପଡ଼ିଲେ ୧୧୮ ପରୀକ୍ଷାର୍ଥୀ

**କଟକ ଅଫିସ,୨୪ା୨**

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଚଳିତ ମାଟ୍ରିକ ପରୀକ୍ଷାରେ ସୋମବାର ୧୧୮ଜଣ ପରୀକ୍ଷାର୍ଥୀ କପି କରି ଧରା ପଡ଼ିବା ସହ ମାଲପ୍ରାକ୍ଟିସ(ଏମ୍‌ପି) ହୋଇଛନ୍ତି। ଏମାନଙ୍କ ମଧ୍ୟରେ ମାଟ୍ରିକ ପରୀକ୍ଷାର ୧୦୮ଜଣ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷାର ୧୦ଜଣ ପରୀକ୍ଷାର୍ଥୀ ଅଛନ୍ତି। ସୋମବାର ୩ୟ ଭାଷା ତଥା ହିନ୍ଦୀ, ସଂସ୍କୃତ, ଓଡ଼ିଆ, ପାର୍ସୀ ବିଷୟ ପରୀକ୍ଷା ରହିଥିଲା। ଅନ୍ୟପକ୍ଷରେ ବିଭିନ୍ନ ଜିଲାର ପରୀକ୍ଷାକେନ୍ଦ୍ରରେ ପରୀକ୍ଷା ଚାଲୁଥିବା ସମୟରେ ବିଦ୍ୟୁତ କାଟ୍ ହେଉଥିବା ବୋର୍ଡ କାର୍ଯ୍ୟାଳୟର ହେଲ୍ପଲାଇନ ନମ୍ବରରେ ଅଭିଯୋଗ ହୋଇଥିବା ଜଣାପଡିଛି।


୩ ଦିନ ବର୍ଷା: ଘଣ୍ଟାକୁ ୩୦ରୁ ୪୦ କି.ମି. ପବନ

ରାଜ୍ୟରେ କମୁଛି ଦଣ୍ଡବିଧାନ ହାର ........ ୩ ........

ଅନୁପଙ୍କ ଗିରଫଦାରିକୁ ବେଆଇନ କହିଲେ ଝିଅ ........ ୫ ........


### ଆଜିର ସମ୍ପାଦକୀୟ

ଭାରତ ଅଡୁଆରେ

### ଆଜିର ମନ୍ତବ୍ୟ

“ଆମେରିକା ଭାରତକୁ ଭଲପାଏ ଓ ସବୁବେଳେ ବିଶ୍ୱସ୍ତ ତଥା ଅନୁଗତ ବନ୍ଧୁ ହୋଇ ରହିବ।

–ଡୋନାଲ୍ଡ ଟ୍ରମ୍ପ୍, ଆମେରିକା ରାଷ୍ଟ୍ରପତି

### କିଛି ତଥ୍ୟ

୨୦୧୮-୧୯ ଆର୍ଥିକ ବର୍ଷରେ ରେଳପଥ ପକ୍ଷରୁ ୬୦୬ ନିୟୁତ ଟନ୍ କୋଇଲା ପରିବହନ କରାଯାଇଛି।

– ରେଳ ମନ୍ତ୍ରଣାଳୟ





ଗାଡିରୁ ଘର-ଖଟିରୁ ବଜାର
ସବୁଠି 91.9 ସାର୍ଥକ FM ର ସ୍ୱର
91.9 ସାର୍ଥକ FM
ଏଥର ଜମିଲା...
୨୪ଘଣ୍ଟା Super Hit ଓଡିଆ ଗୀତ

Vencobb CHICKEN

24.02.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 36 | 75 | 85 |
| CTC | 38 | 77 | 87 |
| DKL | 38 | 77 | 87 |
| BDK | 40 | 80 | 90 |
| BLS | 42 | 83 | 93 |
| ANG | 39 | 79 | 89 |
| BMP | 36 | 75 | 85 |

*Conditions Apply

Issued in the Interest of Consumers


# ବିଧାନସଭାରେ ଧାନ ଝଡ଼

- ୧୬ଥର ମୁଲତବୀ, ସାରାଦିନ ବରବାଦ
- ଫେଲ୍ ମାରିଲା ସର୍ବଦଳୀୟ ବୈଠକ
- ୫ ଜିଲାର ବିଧାୟକଙ୍କୁ ଡାକି ଆଲୋଚନା କଲେ ମନ୍ତ୍ରୀ
- ଜିଲାପାଳଙ୍କୁ କ୍ଷମତା ଦେବା ନେଇ ଅସନ୍ତୋଷ
- ମଙ୍ଗଳବାର ଯାଏ ଗୃହ ମୁଲତବୀ
- ଆଜି ଗୃହରେ ବିବୃତି ଦେଇପାରନ୍ତି ମନ୍ତ୍ରୀ

**ଭୁବନେଶ୍ୱର, ୨୪ା୨(ବ୍ୟୁରୋ)**

ଆକାଶରେ ମେଘ ବାଦଲ। ଆଗାମୀ ତିନିଦିନ ଧରି ଉପକୂଳ ଓ ଆଭ୍ୟନ୍ତର ଓଡ଼ିଶାରେ ବର୍ଷା ଛେଚିବ। କେବଳ ମେଘ ନୁହେଁ, ୩୦ରୁ ୪୦ କିଲୋମିଟର ବେଗରେ ପବନ ମଧ୍ୟ ବହିବ ବୋଲି ପାଣିପାଗ ବିଭାଗ ସତର୍କ କରିଛି। ଏନେଇ ଜିଲାପାଳଙ୍କୁ ସତର୍କ ରହିବାକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏଭଳିସ୍ଥିତିରେ ମଣ୍ଡିରେ ଧାନ ଗଦା ହୋଇଛି। ଧାନ କିଣା ନ ଯିବା ଯୋଗୁ ଚାଷୀଙ୍କ ମୁଣ୍ଡରେ ଚଡ଼କ ପକାଇଛି। ମଣ୍ଡିରୁ ଧାନ ନ ଉଠିବା ଏବଂ ଟୋକନ ଅବ୍ୟବସ୍ଥାକୁ ନେଇ ବିରୋଧୀ ସରକାରଙ୍କୁ ସଣ୍ଡୁଆଶି ଆକ୍ରମଣ କରିଥିଲେ। ତିନିଦିନ ଗୃହ ବନ୍ଦ ରହିବା ପରେ ସୋମବାର ବିଧାନସଭାରେ ବିରୋଧୀ ଭାଜପା ଓ କଂଗ୍ରେସ ସରକାରଙ୍କୁ ହରଡ଼ଘଣାରେ ପକାଇଥିଲେ। ସରକାର ଚାଷୀଙ୍କ ପ୍ରତି ସମ୍ବେଦନଶୀଳ ନୁହନ୍ତି। ଚାଷୀମାନେ ଧାନ ଧରି ଦିନରାତି ମଣ୍ଡିରେ ବସିଛନ୍ତି। ଟୋକନ ମିଳୁନାହିଁ, ଯାହାଙ୍କୁ ମିଳିଛି ସେମାନେ ଧାନ ବିକ୍ରି କରିପାରୁ ନାହାନ୍ତି। ଟୋକନ ଆଳରେ ଧାନ କିଣାଯାଉନାହିଁ। ଏଭଳି ଅଭିଯୋଗ ଆଣି ବିରୋଧୀ ବିଧାନସଭାରେ ହଙ୍ଗାମା କରିଥିଲେ। ଥରେ କି ଦି’ଥର ନୁହେଁ, ଦିନତମାମ ୧୬ଥର ଗୃହକୁ ମୁଲତବୀ ଘୋଷଣା କରାଯାଇଥିଲା। ଅଚଳାବସ୍ଥାକୁ ଏଡ଼ାଇବାକୁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକି ଗୃହକୁ ସ୍ୱାଭାବିକ କରିବାକୁ ଆପ୍ରାଣ ଉଦ୍ୟମ କରିଥିଲେ ମଧ୍ୟ ସବୁକିଛି ଫସର ଫାଟିଛି। ବିରୋଧୀଙ୍କ ହଟ୍ଟଗୋଳ ପାଇଁ ଦିନତମାମ ଗୃହକାର୍ଯ୍ୟ ବାଏଁ ବାଏଁ ଉଡ଼ିଯାଇଛି। ପୂର୍ବରୁ ଗତ ୨୦ ତାରିଖରେ ଧାନକିଣାକୁ ନେଇ ☞ପୃଷ୍ଠା-୪

# ଉଗ୍ର ହେଉଛି ସିଏଏ ବିରୋଧୀ ହିଂସା

## କନ୍‌ଷ୍ଟେବଲଙ୍କ ସମେତ ୩ ମୃତ

- ଡିସିପି ଓ ୨୦ ଆହତ
- ବହୁ ଘର, ଗାଡ଼ି ଜାଳିଦେଲେ ବିକ୍ଷୋଭକାରୀ
- ଉତ୍ତରପୂର୍ବ ଦିଲ୍ଲୀର ୧୦ ସ୍ଥାନରେ ୧୪୪ ଧାରା ଜାରି

**ନୂଆଦିଲ୍ଲୀ, ୨୪ା୨ (ଆଇଏଏନ୍ଏସ୍)**

ଦିଲ୍ଲୀରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧୀ ବିକ୍ଷୋଭ ସୋମବାର ପୁଣିଥରେ ହିଂସାର ରୂପ ନେଇଛି। ସିଏଏ ସପକ୍ଷ ଓ ବିପକ୍ଷ ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ବେଳେ ଦିଲ୍ଲୀ ପୋଲିସର ଜଣେ ହେଡ୍ କନ୍‌ଷ୍ଟେବଲଙ୍କ ସମେତ ୩ ଜଣଙ୍କ ମୃତ୍ୟୁ ଘଟିଛି । ସଦର ଡିସିପି ଅମିତ ଶର୍ମାଙ୍କ ସମେତ ୨୦ ଜଣ ଆକ୍ରମଣରେ ଆହତ ହୋଇଛନ୍ତି। ସେମାନଙ୍କୁ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଜିଟିବି ହସ୍ପିଟାଲରେ ଜଣେ ଆହତ ଆଖିବୁଜିବା ପରେ ମୃତ୍ୟୁସଂଖ୍ୟା ୩ରେ ପହଞ୍ଚିଛି। ଶାନ୍ତି ଓ ସଦ୍ଭାବନା ବଜାୟ ରଖିବା ଲାଗି ଉପରାଜ୍ୟପାଳ ଅନିଲ ବୈଜଲ ଏବଂ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ଆହ୍ୱାନ ସତ୍ତ୍ୱେ ସ୍ଥିତି ଅଣାୟତ୍ତ ରହିଛି। ଉଭୟ ପକ୍ଷର ବିକ୍ଷୋଭକାରୀ ଅନେକ ଗାଡ଼ି ଓ ଘର ଜାଳିବା ସହ ଭଜନପୁରା ଅଞ୍ଚଳରେ ଏକ ପେଟ୍ରୋଲ ପମ୍ପରେ ନିଆଁ ଲଗାଇଦେଇଛନ୍ତି। ସ୍ଥିତି ଅଣାୟତ୍ତ ହେବାରୁ ୧୪୪ ଧାରା ଜାରି ହୋଇଛି। ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ଲାଗି ଉପରାଜ୍ୟପାଳ ଦିଲ୍ଲୀ ପୋଲିସ କମିଶନର ଅମୂଲ୍ୟ ପଟ୍ଟନାୟକଙ୍କୁ ପରାମର୍ଶ ଦେଇଛନ୍ତି। ଉତ୍ତରପୂର୍ବ ଦିଲ୍ଲୀରେ ୨ କମ୍ପାନୀ ରାପିଡ ଆକ୍ସନ ଫୋର୍ସ, ଗୋଟିଏ କମ୍ପାନୀ ମହିଳା ସୁରକ୍ଷା କର୍ମୀଙ୍କ ସମେତ ୮ କମ୍ପାନୀ ସିଆର୍‌ପିଏଫ୍ ଯବାନଙ୍କୁ ପଠାଯାଇଛି।

ରବିବାର ଅପରାହ୍ନରେ ଉତ୍ତରପୂର୍ବ ଦିଲ୍ଲୀରେ ସିଏଏ ବିରୋଧୀ ଓ ସପକ୍ଷବାଦୀ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିଲା। ପୋଲିସ ପହଞ୍ଚି ଲୁହବୁହା ବାଷ୍ପ ପ୍ରୟୋଗ କରିବା ସହ ଲୋକଙ୍କୁ ଘଉଡାଇଦେଇଥିଲା। ସୋମବାର ମଧ୍ୟାହ୍ନରୁ ଦିଲ୍ଲୀର ଜାଫରାବାଦ, ମୌଜପୁର, ଗୋକୁଳପୁରୀରେ ପୁଣି ଉତ୍ତେଜନା ଆରମ୍ଭ ହୋଇଛି। ଉଭୟ ପକ୍ଷ ମଧ୍ୟରେ ଜୋରଦାର ଟେକାମାଡ଼ ହୋଇଥିଲା। ହିଂସା ରୋକିବା ପାଇଁ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ଉତ୍ତେଜନା ଥିବା ୧୦ଟି ସ୍ଥାନରେ ୧୪୪ ଧାରା ଜାରି ହୋଇଛି। ଗୋକୁଳପୁରୀ ଓ ଏହାର ଆଖପାଖ ଅଞ୍ଚଳରେ ଅନେକ ଦୋକାନ ଓ ଘର ଉପରେ ଆକ୍ରମଣ ହେବା ସହ ଗାଡ଼ିରେ ନିଆଁ ଲଗାଇଦିଆଯାଇଛି। ଆନ୍ଦୋଳନରେ ସାମିଲ ହୋଇଥିବା କିଛି ଲୋକ ଦେଶୀ ବନ୍ଧୁକ ବ୍ୟବହାର କରିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏପରିକି ଖବର ସଂଗ୍ରହ କରିବାକୁ ଯାଇଥିବା ଗଣମାଧ୍ୟମ ପ୍ରତିନିଧି ମଧ୍ୟ ଆକ୍ରମଣରୁ ବାଦ୍ ପଡ଼ି ନ ଥିଲେ। ସେମାନଙ୍କୁ ଆକ୍ରମଣ ବେଳର ଭିଡିଓ ଶୁଟିଂ ପାଇଁ ଅନୁମତି ଦେଇ ନ ଥିଲେ ବିକ୍ଷୋଭକାରୀ। ହେଡ୍ କନ୍‌ଷ୍ଟେବଲ୍ ରତନ ଲାଲ୍‌ଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀ କେଜ୍‌ରିୱାଲ ଦୁଃଖପ୍ରକାଶ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କ ସମେତ ଆମ୍ ଆଦ୍‌ମୀ ପାର୍ଟିର ବହୁ ନେତା ଶାନ୍ତି ବଜାୟ ରଖିବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ହିଂସାକାଣ୍ଡ ପାଇଁ ସିଏଏ ବିରୋଧୀ ବିକ୍ଷୋଭକାରୀଙ୍କୁ ସପକ୍ଷବାଦୀମାନେ ଦାୟୀ କରିଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ବିକ୍ଷୋଭକାରୀମାନେ ଦୁଇଦିନ ହେଲା ରାସ୍ତାରେ ବସିରହିବା ଫଳରେ ପିଲାମାନେ ସ୍କୁଲ ଯାଇପାରୁନାହାନ୍ତି। ମେଟ୍ରୋ ଷ୍ଟେଶନକୁ ବନ୍ଦ କରିଦିଆଯାଇଛି।


ଉତ୍ତରପୂର୍ବ ଦିଲ୍ଲୀର ଏକ ଅଞ୍ଚଳରେ ବିକ୍ଷୋଭକାରୀମାନେ ଟେକାପଥର ଫିଙ୍ଗୁଛନ୍ତି।

# ନରହନ୍ତା ଦନ୍ତା ଚନ୍ଦକା ମୁହାଁ

- ରାଜଧାନୀ ଉପକଣ୍ଠରେ ମହିଳାଙ୍କୁ ଆକ୍ରମଣ
- ରବିବାର ୪ ଜଣଙ୍କ ଜୀବନ ନେଇଥିଲା
- ୬ ଗୁରୁତର, ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି ୨ଜଣ

**ଭୁବନେଶ୍ୱର, ୨୪ା୨(ବ୍ୟୁରୋ)**

ପିପିଲି, ନିମାପଡ଼ା, କଣାସ ଓ ଡେଲାଙ୍ଗ ବ୍ଲକ ଅଞ୍ଚଳରେ ତିନି ଦିନ ଧରି ଉପଦ୍ରବ କରିଥିବା ଦନ୍ତାହାତୀ ସୋମବାର ସନ୍ଧ୍ୟାରେ ଚନ୍ଦକା ଜଙ୍ଗଲମୁହାଁ ହୋଇଛି। ତା’ର ଆକ୍ରମଣରେ ରବିବାର ପିପିଲି ଓ ବଳଙ୍ଗା ଥାନା ଅଞ୍ଚଳର ୪ଜଣଙ୍କ ଜୀବନ ଯାଇଥିବାବେଳେ ୫ଜଣ ଗୁରୁତର ଆହତ ହୋଇଥିଲେ। ସୋମବାର ସକାଳେ ଉକ୍ତ ହାତୀ ଭୁବନେଶ୍ୱର ଉପକଣ୍ଠରେ ଜଣେ ମହିଳାଙ୍କୁ ଆକ୍ରମଣ କରିବାରୁ ସେ ଗୁରୁତର ଆହତ ହୋଇଛନ୍ତି। ମହିଳା ଜଣକ ହେଲେ ମୁଣ୍ଡା ସାହିର ଫୁଲେଶ୍ୱରୀ ବସ୍ତିରେ ରହୁଥିବା ଗାଙ୍ଗି ମୁଣ୍ଡା(୫୫)। ସକାଳ ପ୍ରାୟ ସାଢ଼େ ୫ଟାରେ ସେ ଫୁଲ ତୋଳୁଥିବାବେଳେ ଉକ୍ତ ଉଗ୍ର ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ତାଙ୍କ କାନ୍ଧ ହାଡ଼ ଭାଙ୍ଗିଯିବା ସହିତ କାଖରେ କ୍ଷତ ଚିହ୍ନ ରହିଛି। ତାଙ୍କୁ ଭୁବନେଶ୍ୱର ଏମ୍‌ସରେ ଭର୍ତ୍ତି କରାଯାଇଛି। ମୋଟ ୬ ଗୁରୁତରଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ସେମାନେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଦନ୍ତା ରବିବାରଠାରୁ ଅଣାୟତ୍ତ ହୋଇ ଆକ୍ରମଣ କରି ଚାଲିଥିବାବେଳେ ବନବିଭାଗ କର୍ମଚାରୀଙ୍କ ଅକ୍ଳାନ୍ତ ପରିଶ୍ରମରେ ସୋମବାର ସନ୍ଧ୍ୟା ୬ଟା ବେଳକୁ ଚନ୍ଦକା ଜଙ୍ଗଲମୁହାଁ ହୋଇଛି। ତେବେ ଦନ୍ତା ପୁଣି ଫେରି ଆକ୍ରମଣ କରିପାରେ ବୋଲି ଲୋକେ ଆଶଙ୍କା କରି ଆତଙ୍କିତ ହୋଇପଡ଼ିଛନ୍ତି। ଫଳରେ ସୋମବାର ଦିନତମାମ ପୁରୀ ଜିଲାର ଉପରୋକ୍ତ ବ୍ଲକ ସମେତ ଜଟଣୀ, ଖୋର୍ଦ୍ଧା ବ୍ଲକ ଏବଂ ରାଜଧାନୀ ଉପକଣ୍ଠର ବହୁ ଗ୍ରାମ ଏକପ୍ରକାର ଜନଶୂନ୍ୟ ହୋଇପଡ଼ିଥିଲା। ଲୋକେ ତାଟିକବାଟ କିଳି ଘରେ ରହିବାକୁ ସୁରକ୍ଷିତ ମଣିଥିଲେ। ବନବିଭାଗ ପକ୍ଷରୁ ମଧ୍ୟ ସତର୍କ ରହିବାକୁ ଡାକବାଜି ଯନ୍ତ୍ର ଜରିଆରେ କୁହାଯାଇଥିଲା।

ସୂଚନାଥାଉ କି, ରବିବାର ସକାଳ ପ୍ରାୟ ୬ଟାରୁ ପୂର୍ବାହ୍ନ ୧୧ଟା ମଧ୍ୟରେ ଦନ୍ତାହାତୀଟି ଗୋଟିଏ ପରେ ଗୋଟିଏ ଗାଁରେ ପଶି ଲୋକଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲା। କାହାକୁ ଗୋଡ଼ରେ ଦଳିଥିଲା ତ କାହାକୁ ଶୁଣ୍ଢରେ ଟେକି ଛେଚିଥିଲା। ଆଉ କେତେଜଣ ଜୀବନ ବିକଳରେ ଦୌଡ଼ିବାବେଳେ ତଳେ ପଡ଼ି ଆହତ ହୋଇଥିଲେ। ପୁରୀ ଜିଲାର ବଳଙ୍ଗା ଥାନା ଅଧୀନ ଗୋପୀନାଥପୁର ଗ୍ରାମର ଯୁଗଳ କିଶୋର ଭଞ୍ଜ(୬୨)ଙ୍କ ମୃତ୍ୟୁ ଘଟିଥିବାବେଳେ ବାବନ ପୃଷ୍ଟି (୬୦), ହାଡ଼ିବନ୍ଧୁ ସାହୁ (୪୦) ଗୁରୁତର ଆହତ ହୋଇଛନ୍ତି। ☞ପୃଷ୍ଠା-୪


ଭୁବନେଶ୍ୱର ଉପକଣ୍ଠରେ ଦନ୍ତା ପ୍ରବେଶ କରିଛି।




କିଛି ନୂଆ କରି ଦେଖାଇବା ପାଇଁ କେତେକଙ୍କ ମଧ୍ୟରେ ଆଗ୍ରହ ରହିଥାଏ। ଏହାର ସଦ୍ୟତମ ଉଦାହରଣ ପାଲଟିଛନ୍ତି ଜଣେ ଯୁବକ। ଫ୍ରାନ୍ସର ୨୬ ବର୍ଷୀୟ ରେମି ଓଭରାର୍ଡ ଏକ ହଟ୍ ଏୟାର ବେଲୁନରେ ଠିଆ ହୋଇ ଭୂପୃଷ୍ଠରୁ ୩୨୮୦ ଫୁଟ ଉପରେ ନାଚି ରେକର୍ଡ କରିଛନ୍ତି। ପଶ୍ଚିମ ଫ୍ରାନ୍ସରେ ବାସ କରୁଥିବା ରେମିଙ୍କ ପିତା ଚେଟେଲେଲାର୍ଟ ଏହି ବେଲୁନକୁ ଉଡ଼ାଉଥିଲେ। ଏୟାର ବେଲୁନ ଉପରେ ଠିଆ ହୋଇ ଭାରସାମ୍ୟ ରଖିବା କଷ୍ଟକର ହୋଇଥିଲେ ବି ରେମି ଏଭଳି କରିଛନ୍ତି। ଏହାର ୧୬ ସେକେଣ୍ଡର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ବହୁ ୟୁଜର୍ସ ରେମିଙ୍କ ଏଭଳି ଦୁଃସାହସିକ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି।

# ବୁଡ଼ି ଅଞ୍ଚଳରେ ଶିକ୍ଷାର ଆଲୋକବର୍ତ୍ତିକା



## ବୋଟ୍ ବିଦ୍ୟାଳୟ

**ଢାକା:** ଶିକ୍ଷା ହେଉଛି ଭବିଷ୍ୟତର ପାସ୍‌ପୋର୍ଟ। ଏହି ଉକ୍ତିକୁ ମର୍ମେମର୍ମେ ଅନୁଭବ କରିଛନ୍ତି ଉତ୍ତର-ପୂର୍ବ ବାଂଲାଦେଶର ହାଉର ଅଞ୍ଚଳବାସୀ। ବର୍ଷର ୮ମାସ ବନ୍ୟାରେ କଲବଲ ହେଉଥିବା ଏଠାକାର ଲୋକଙ୍କ ଭିତରେ ପାଠପଢ଼ିବାକୁ ନେଇ ରହିଛି ଖାସ୍ ଝୁଙ୍କ୍। ଆଉ ଏହା ପଛରେ ରହିଛି 'ବୋଟ୍‌ବିଦ୍ୟାଳୟ'।

ହାଉର ହେଉଛି ଏକ ସିଲହଟି ଶବ୍ଦ। ଏହା ସଂସ୍କୃତ ଶବ୍ଦ ସାଗର ଅବା ସମୁଦ୍ରରୁ ଆସିଛି। ଏଥିରୁ ସହଜରେ ଅନୁମାନ କରାଯାଇପାରେ ଅଞ୍ଚଳବାସୀ ସମସ୍ୟା। ବନ୍ୟା ପାଇଁ ପାଖାପାଖି ୮ମାସ ଜଳବନ୍ଦୀ ଜୀବନ କାଟିଆନ୍ତି ହାଉର ଅଞ୍ଚଳର ଲକ୍ଷାଧିକ ପରିବାର। ଏହି ସମୟରେ ସମସ୍ତ ଜରୁରୀ କାର୍ଯ୍ୟ ଠପ୍ ହୋଇଯାଏ। ଯଦିଓ ଏହା ଲୋକମାନଙ୍କ ଅଭ୍ୟାସଗତ। ସେମାନେ ବନ୍ୟା ପୂର୍ବରୁ ଘରେ ନିଜର ଆବଶ୍ୟକ ସାମଗ୍ରୀ ମହଜୁଦ୍ କରି ରଖିଦିଅନ୍ତି। ହେଲେ ଏଥିରେ ସବୁଠାରୁ ବେଶି ପ୍ରଭାବିତ ହେଉଥିଲେ ପାଠପଢୁଆ ପିଲାଏ। ଦୀର୍ଘଦିନ ଧରି ଲାଗି ରହିଥିବା ଏହି ସମସ୍ୟାର ସମାଧାନ ଖୋଜି ବାହାର କରିଛନ୍ତି ସ୍ଥାନୀୟ ପ୍ରଶାସନ ଏବଂ ସାମାଜିକ ସଙ୍ଗଠନ। କୋମିଲା, ପବନା, ଫରିଦପୁର, ସୁନାମଗଞ୍ଜ, ହାବିଗଞ୍ଜ, ଢାକା ଏବଂ ସିଲହଟ ଜିଲାର ବନ୍ୟା ପ୍ରଭାବିତ ଅଞ୍ଚଳର ୯୭% ପିଲାଙ୍କ ପାଖରେ ଏବେ ପହଞ୍ଚିଛି 'ବୋଟ୍ ସ୍କୁଲ'। ପ୍ରାଥମିକ ଶିକ୍ଷାର ସମସ୍ତ ଆବଶ୍ୟକତା ପୂରଣ କରୁଥିବା ଏହି ବିଦ୍ୟାଳୟ ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳବାସୀଙ୍କ ପାଇଁ ପାଲଟିଛି ଶିକ୍ଷାର ଆଲୋକବର୍ତ୍ତିକା।

ପିଲାଙ୍କ ପାଖରେ ଶିକ୍ଷା ପହଞ୍ଚାଇବାକୁ ୨୦୧୨ରେ ଆରମ୍ଭ ହୋଇଥିଲା ବୋଟ୍ ସ୍କୁଲ। ଏହି ସଂଖ୍ୟା ୫୦୦ରେ ପହଞ୍ଚିଛି। ଏବେ ଏଠାରେ ୧୪,୦୦୦ରୁ ଊର୍ଦ୍ଧ୍ୱ ପିଲା ପାଠ ପଢୁଛନ୍ତି। ସବୁଠାରୁ ବଡ଼କଥା ହେଉଛି, ଗତ ୮ବର୍ଷରେ ୮୦ ହଜାର ପିଲାଙ୍କୁ ଶିକ୍ଷିତ କରିଛି ବୋଟ୍ ସ୍କୁଲ। ଏଠାରେ ଦିନରାତି ପାଠପଢ଼ିବାର ସୁବିଧା ରହିଛି। ଯେଉଁ ପିଲାମାନେ ଦିନରେ ସ୍କୁଲକୁ ଆସିପାରନ୍ତି ନାହିଁ, ସେମାନଙ୍କ ଲାଗି ରାତିରେ ପାଠପଢ଼ିବା ସୁବିଧା କରାଯାଇଛି। ଏହାକୁ ବାଦ୍‌ଦେଲେ ମହିଳାଙ୍କୁ ଆତ୍ମନିର୍ଭରଶୀଳ କରାଇବା, ବିଭିନ୍ନ ସାମଗ୍ରୀ ନିର୍ମାଣ କରିବା ନେଇ ଏଠାରେ ପ୍ରଶିକ୍ଷଣ ଦିଆଯାଉଛି। ସୌରଶକ୍ତି ସମ୍ପନ୍ନ ବୋଟ୍‌ଗୁଡ଼ିକ ଅତି ବ୍ୟବସ୍ଥିତ। ଏଠାରେ ପାଠପଢ଼ିବା ଲାଗି ସମସ୍ତ ସୁବିଧା ଉପଲବ୍ଧ। ଜଣେ ଚାହିଁଲେ ସେଠାରେ ରାତିରେ ମଧ୍ୟ ପାଠ ପଢ଼ିପାରିବ। ସବୁଠାରୁ ବଡ଼ କଥା ହେଉଛି, ପାଠ ପଢ଼ାଇବାକୁ ନିୟୋଜିତ ସମସ୍ତେ ମହିଳା। ମହିଳାଙ୍କୁ ଶିକ୍ଷାର ରୋଲ ମଡେଲ କରିବାକୁ ଏପରି ପ୍ରୟାସ କରାଯାଇଛି। ଏହି କାରଣରୁ ୮ବର୍ଷ ମଧ୍ୟରେ ସ୍କୁଲର ଉପସ୍ଥାନ ୯୭%କୁ ବୃଦ୍ଧି ପାଇଛି। ୧୦ ହଜାରରୁ ଊର୍ଦ୍ଧ୍ୱ ଛାତ୍ର ଏହି ସ୍କୁଲରୁ ପାସ୍ କରି ରାଷ୍ଟ୍ରୀୟସ୍ତରରେ ସୁନାମ ଅର୍ଜନ କଲେଣି। ସେମାନେ ଏବେ ନିଜର ଅଭିଭାବକଙ୍କୁ ସାକ୍ଷର କରିବାକୁ ଅଣ୍ଟା ଭିଡ଼ିଛନ୍ତି। କେବଳ ଏତିକି ନୁହେଁ, ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିବା, ବିଭିନ୍ନ ସାମଗ୍ରୀ ନିର୍ମାଣ କରିବା ଆଦି ବିଷୟରେ ମଧ୍ୟ ପ୍ରଶିକ୍ଷଣ ଦିଆଯାଉଛି।

ହାଉର ଅଞ୍ଚଳର ମୋଟ ଜନସଂଖ୍ୟା ୧୯ ଲକ୍ଷ। ସେଥିରୁ ୨୫% ହେଉଛନ୍ତି ୧୫ବର୍ଷ ବୟସର। ୨୫ ହଜାର ବର୍ଗ କିମିରେ ଅଞ୍ଚଳ ପରିବ୍ୟାପ୍ତ ଏହି ଅଞ୍ଚଳର ୧%ରୁ କମ୍ ଜନସଂଖ୍ୟା ବିଶିଷ୍ଟ ଛୋଟ ଗାଁ ବି ପୂର୍ଣ୍ଣ ସାକ୍ଷର, ଯାହା ଏକ ବିରାଟ ଉପଲବ୍ଧି।




# ଆକ୍ସନ୍ ଫର୍ମରେ ଦିଶା

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଦିଶା ପଟାନୀ ଆଜିକାଲି ଖୁବ୍ ଚର୍ଚ୍ଚାରେ। ଦିନେ ଟାଇଗର୍ ଶ୍ରଫ୍‌ଙ୍କ ସହ ତାଙ୍କ ରିଲେସନଶିପ୍‌କୁ ନେଇ ଚର୍ଚ୍ଚାରେ ରହୁଥିବା ଦିଶା ଏବେ ନିଜ ଫିଲ୍ମ ଆଉ ଫିଟ୍‌ନେସ୍ ପାଇଁ ଚର୍ଚ୍ଚାରେ ରହୁଛନ୍ତି। ସେ ଜଣେ ଫିଟ୍‌ନେସ୍ ଫ୍ରିକ୍ ହୋଇଥିବାବେଳେ ଆକ୍ସନ ଫିଲ୍ମ ଆଡ଼େ ଅଧିକ ମନ ବଳାଉଛନ୍ତି।

ନିକଟରେ ରିଲିଜ୍ ହୋଇଥିବା ଫିଲ୍ମ 'ମଲଙ୍ଗ'ର ସଫଳତା ପରେ ଦିଶା ଖୁବ୍ ଖୁସି ଅଛନ୍ତି। ସେ ନିଜ କ୍ୟାରିୟରର ଏହି ସଫଳତାକୁ ସେଲିବ୍ରେଟ୍ କରୁଛନ୍ତି। ଫିଲ୍ମଟି ବକ୍ସ ଅଫିସରେ ଭଲ ବ୍ୟବସାୟ କରିପାରିଛି। ଯଦି ଆପଣ ଦିଶାଙ୍କ ଫ୍ୟାନ୍ ତେବେ ଖୁସି ହୋଇଯାଆନ୍ତୁ। ସେ ପୁଣି ଥରେ ଆକ୍ସନ ଫର୍ମରେ ଦର୍ଶକଙ୍କ ସାମ୍ନାକୁ ଫେରୁଛନ୍ତି ବୋଲି ଜଣାପଡ଼ିଛି।

ପ୍ରକୃତରେ ଦିଶା ଏବେ ନିଜ ଅପ୍‌କମିଂ ଫିଲ୍ମ 'ରାଧେ: ୟୋର୍ ମୋଷ୍ଟ ୱାଣ୍ଟେଡ୍ ଭାଇ'ର ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି। ଏଥିରେ ସେ ବଲିଉଡ୍ ଭାଇଜାନ ସଲମାନ୍ ଖାନ୍‌ଙ୍କ ଅପୋଜିଟ୍‌ରେ ନଜରକୁ ଆସିବେ। ଆଉ ଏଥିଲାଗି ସେ କଠିନ ପରିଶ୍ରମ କରୁଥିବା ଜଣାପଡ଼ିଛି। ଏହାରି ଭିତରେ ଦିଶାଙ୍କ ଆକ୍ସନ ଫର୍ମର ଏକ ଝଲକ ସେ ସୋସିଆଲ ମିଡିଆରେ ଭାଇରାଲ୍ ହେଉଛି।

ଦିଶା ନିଜ ଅଫିସିଆଲ୍ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲ୍‌ରେ ଏକ ଭିଡିଓ ଶେୟାର କରିଛନ୍ତି। ଏଥିରେ ସେ ବ୍ୟାକ୍‌ଫ୍ଲିପ୍‌ସ କରୁଥିବା ଦେଖିବାକୁ ମିଳିଛି। ସେ ତାଙ୍କ ଟ୍ରେନରଙ୍କ ସାହାଯ୍ୟ ନେଇ ବ୍ୟାକ୍‌ଫ୍ଲିପ୍‌ସ କରୁଛନ୍ତି। ଭିଡିଓଟି ଶେୟାର କରି ଦିଶା ଲେଖିଛନ୍ତି, ଏବେ ସେ ଏହି ଚେଷ୍ଟାରେ ଏତେଟା ସଫଳ ହେଇନାହାନ୍ତି। କିନ୍ତୁ ଜଲଦି ନିପୁଣା ହୋଇଯିବେ ବୋଲି ଦିଶା ଲେଖିଛନ୍ତି।

ଭିଡିଓଟି ଶେୟାର କରିବା ପରେ ଏହା ସୋସିଆଲ ମିଡିଆରେ ଚର୍ଚ୍ଚା ସାଉଁଟୁଛି। ଫ୍ୟାନ୍‌ମାନଙ୍କ ଯଥେଷ୍ଟ ଭଲପାଇବା ଓ ଲାଇକ୍, କମେଣ୍ଟ ତାଙ୍କୁ ମିଳୁଛି। ଏହାସହ କୁହାଯାଉଛି ଅପ୍‌କମିଂ ଫିଲ୍ମ 'ରାଧେ: ୟୋର୍ ମୋଷ୍ଟ ୱାଣ୍ଟେଡ୍ ଭାଇ' ପାଇଁ ଦିଶା ମାର୍ଶଲ ଆର୍ଟ ଅଭ୍ୟାସ ଚଳାଇଛନ୍ତି। ଫିଲ୍ମର ନିର୍ଦ୍ଦେଶନା ପ୍ରଭୁଦେବା ଦେଉଥିବାବେଳେ ଟାଲେଣ୍ଟେଡ୍ ଆକ୍ଟର ରଣଦୀପ୍ ହୁଡ୍‌ଡାଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିବ। ଫିଲ୍ମକୁ ମେ'ରେ ରିଲିଜ୍ କରିବାକୁ ଯୋଜନା କରାଯାଇଛି।

# ଟ୍ରମ୍ପଙ୍କ ସ୍ୱାଗତ ପାଇଁ ୧୦୭ କେଜିର ଇଡ୍‌ଲି



**ଚେନ୍ନାଇ:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଗସ୍ତରେ ଆସିଥିବା ବେଳେ ତାଙ୍କୁ ସ୍ୱାଗତ କରିବାକୁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏହି ଅବସରରେ ଚେନ୍ନାଇର ଇନିଆଭାନ ନାମକ ଜଣେ ଫୁଡ୍ ଆର୍ଟିଷ୍ଟ ଟ୍ରମ୍ପଙ୍କୁ ସ୍ୱାଗତ କରିବା ପାଇଁ ୩ଟି ଇଡ୍‌ଲି (ରାଇସ୍ କେକ୍) ପ୍ରସ୍ତୁତ କରିଛନ୍ତି। ଏହାର ଓଜନ ପାଖାପାଖି ୧୦୭ କିଲୋଗ୍ରାମ ବୋଲି ଜଣାପଡିଛି। ଏଥିମଧ୍ୟରୁ ଗୋଟିଏ ଇଡଲିରେ ଟ୍ରମ୍ପଙ୍କ ମୁହଁ, ଆଉ ଗୋଟିଏରେ ମୋଦିଙ୍କ ମୁହଁ ଓ ଅନ୍ୟଟିରେ ଭାରତ-ଆମେରିକାର ପତାକା ଡିଜାଇନ୍ କରାଯାଇଛି। ୬ ଜଣ ସହଯୋଗୀଙ୍କୁ ନେଇ ୩୬ ଘଣ୍ଟାରେ ଇନିଆଭାନ ଉକ୍ତ ଇଡ୍‌ଲି ପ୍ରସ୍ତୁତ କରିଥିବା କହିଛନ୍ତି। ସୂଚନାଯୋଗ୍ୟ, ଦୁଇ ଦିନିଆ ଭାରତଗସ୍ତ କାର୍ଯ୍ୟକ୍ରମରେ ଡୋନାଲ୍ଡ ଟ୍ରମ୍ପ, ସହଧର୍ମିଣୀ ମେଲାନିଆ ଟ୍ରମ୍ପ ଝିଅ ଇଭାଙ୍କା ସହ ସୋମବାର ପ୍ରାୟ ଦିନ ୧୨ଟାରେ ଗୁଜରାଟ ଅହମଦାବାଦର ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଇଣ୍ଟରନ୍ୟାଶନାଲ ଏୟାର ପୋର୍ଟରେ ପହଞ୍ଚିଛନ୍ତି।




# କଲାମ୍‌ଙ୍କ ସ୍ମୃତିରେ ୨୦୨୦ କେଜିର କେକ୍

**ଚେନ୍ନାଇ:** ତାମିଲନାଡୁରେ ପୂର୍ବତନ ରାଷ୍ଟ୍ରପତି ଏ.ପି.ଜେ. ଅବ୍ଦୁଲ କଲାମ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ୨୦୨୦ କିଗ୍ରାର ଏକ ବୃହତ କେକ୍ ପ୍ରସ୍ତୁତ କରାଯାଇଛି। ସ୍ଥାନୀୟ କଞ୍ଚୁପକ୍କମଠାରେ ୩୦ ଜଣ ବେକେରି ବିଶେଷଜ୍ଞ ମିଳିତ ଭାବେ ୨୫ ଫୁଟ ଲମ୍ବ ଏବଂ ୩୧ ଫୁଟ ଚୌଡ଼ାର କେକ୍ ପ୍ରସ୍ତୁତ କରି ଏହାକୁ ଏସିଆ ବୁକ୍ ଅଫ୍ ରେକର୍ଡରେ ସାମିଲ୍ କରିଛନ୍ତି। ଏଥିରେ କଲାମ୍‌ଙ୍କ ଫଟୋ ମଧ୍ୟ ଲଗାଯାଇଥିଲା। ଏଥିରେ ୫୦୦ କିଗ୍ରା ମଇଦା, ୬୫୦ କିଗ୍ରା ଚିନି, ୧୬,୦୦୦ ଅଣ୍ଡା ବ୍ୟବହାର କରାଯାଇଥିଲା। କଲାମ୍‌ଙ୍କ ପୁତୁରା ଏ.ପି.ଜେ. ଶେଖ୍ ସଲିମ୍ ଏବଂ କେତେକ ବରିଷ୍ଠ ବ୍ୟକ୍ତିଙ୍କ ଉପସ୍ଥିତିରେ ଏହି କେକ୍ ପ୍ରସ୍ତୁତ କରାଯାଇଥିଲା। ୨୦୨୦ ସୁଦ୍ଧା କଲାମ୍ ଭାରତକୁ ସୁପର ପାୱାର ଭାବେ ପ୍ରତିଷ୍ଠା କରିବାର ସ୍ୱପ୍ନ ଦେଖିଥିଲେ। ତେଣୁ ଏଭଳି କେକ୍ ତିଆରି କରାଯାଇଥିବା ବେକେରି ଦଳ ପକ୍ଷରୁ ଲରେନ୍ସ ସୂଚନା ଦେଇଛନ୍ତି।

# ଷ୍ଟ୍ରୋକ୍ ଆଶଙ୍କା କମାଏ ଦହି, ଫଳ

**ଲଣ୍ଡନ:** ବିଭିନ୍ନ ଷ୍ଟ୍ରୋକ୍‌ର ବିଭିନ୍ନ ପ୍ରକାର ଖାଦ୍ୟ ସହ ସମ୍ପର୍କ ରହିଛି ବୋଲି ଇଂଲଣ୍ଡର ଅକ୍ସଫୋର୍ଡ ୟୁନିଭର୍ସିଟି ଦ୍ୱାରା କରାଯାଇଥିବା ଏକ ଗବେଷଣାରୁ ଜଣାପଡିଛି।। ବିଶେଷ କରି ଅଧିକ ଫଳ, ପରିବା ଏବଂ ଦୁଗ୍ଧଜାତୀୟ ଖାଦ୍ୟ ଖାଇବା ଦ୍ୱାରା ଇସ୍କେମିକ ଷ୍ଟ୍ରୋକ୍ ହେବାର ଆଶଙ୍କା କମ୍ ରହିଥିବା ସ୍ପଷ୍ଟ ହୋଇଛି। ଏହି ଷ୍ଟ୍ରୋକ୍ ରକ୍ତ ଧମନୀରେ ରକ୍ତ ଜମାଟ ବାନ୍ଧିବା ଦ୍ୱାରା ମସ୍ତିଷ୍କକୁ ରକ୍ତ ପ୍ରବାହରେ ବାଧା ସୃଷ୍ଟି ହୋଇଥାଏ। ଗବେଷକମାନେ ୯ଟି ୟୁରୋପିଆନ ଦେଶରେ ୪ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ଏହି ଗବେଷଣାରେ ସାମିଲ କରିଥିଲେ। ସେମାନେ ଇସ୍କେମିକ ଷ୍ଟ୍ରୋକ୍ ଓ ହାମ୍‌ରେଜ ଷ୍ଟ୍ରୋକ୍ (ମସ୍ତିଷ୍କରେ ରକ୍ତସ୍ରାବ ଯୋଗୁ ହୋଇଥାଏ) ଉପରେ ଅଲଗା ଅଲଗା ଅନୁଧ୍ୟାନ କରିଥିଲେ। ଦୈନିକ ପରିବା,ତନ୍ତୁଜାତୀୟ ଖାଦ୍ୟ (ବିଭିନ୍ନ କୋଳି, ମଞ୍ଜି, ଫଳ, ଡାଲି ଓ ଶସ୍ୟ ଜାତୀୟ ଖାଦ୍ୟ ଖାଇବା ଦ୍ୱାରା ଇସ୍କେମିକ ଷ୍ଟ୍ରୋକ୍ ହେବାର ଆଶଙ୍କା ସବୁଠୁ କମ୍ ରହିଥିବା ଏହି ଅନୁଧ୍ୟାନରୁ ଜଣାପଡିଛି। ଅନ୍ୟପକ୍ଷରେ ହାମ୍‌ରେଜ ଷ୍ଟ୍ରୋକ୍ ସହ ଏହି ଖାଦ୍ୟର କୌଣସି ସମ୍ପର୍କ ରହି ନ ଥିବା ଲକ୍ଷ୍ୟ କରାଯାଇଛି। କିନ୍ତୁ ଏହି ଦୁଇ ପ୍ରକାର ଷ୍ଟ୍ରୋକ୍ ଉପରେ କୋଲେଷ୍ଟେରଲ ସ୍ତର ଓ ମେଦବହୁଳତାର ପ୍ରଭାବ ରହିଥିବା କହିଛନ୍ତି ଗବେଷଣା ଟିମ୍‌ର ମୁଖ୍ୟ ଟାମି ଟଙ୍ଗ। ଦୈନିକ ୧୦ ଗ୍ରାମ ତନ୍ତୁଜାତୀୟ ଖାଦ୍ୟ ଓ ୨୦୦ ଗ୍ରାମ ପରିବା ଖାଇବା ଦ୍ୱାରା ଇସ୍କେମିକ ଷ୍ଟ୍ରୋକ୍ ଯଥାକ୍ରମେ ୨୩ ଓ ୧୩ ପ୍ରତିଶତ କମ୍ ରହେ ବୋଲି କୁହାଯାଇଛି। କିନ୍ତୁ ଅଧିକ ଅଣ୍ଡା ଖାଇବା ଦ୍ୱାରା ହାମ୍‌ରେଜ ଷ୍ଟ୍ରୋକ୍ ହେବାର ଅଧିକ ସମ୍ଭାବନା ରହିଥିବାବେଳେ ଇସ୍କେମିକ ଷ୍ଟ୍ରୋକ୍ ସହ ଏହାର କୌଣସି ସମ୍ବନ୍ଧ ନାହିଁ ବୋଲି ଗବେଷକମାନେ କହିଛନ୍ତି। ଦିନକୁ ୨୦ ଗ୍ରାମ ଅଧିକ ଅଣ୍ଡା ଖାଇବା ଫଳରେ ହାମ୍‌ରେଜ ଷ୍ଟ୍ରୋକ ହେବାର ୨୫ ପ୍ରତିଶତ ଅଧିକ ବିପଦ ରହିଥିବା ଜଣାପଡିଛି। ଷ୍ଟ୍ରୋକର ଶିକାର ହେଉଥିବା ମୋଟ ସଂଖ୍ୟାର ୮୫ ପ୍ରତିଶତ ଇସ୍କେମିକ ଓ ୧୫ ପ୍ରତିଶତ ହାମ୍‌ରେଜ ଷ୍ଟ୍ରୋକ। ଏଣୁ ଇସ୍କେମିକ ଷ୍ଟ୍ରୋକ ରୋକିବା ଲାଗି ଏହି ସବୁ ଖାଦ୍ୟ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି କୁହାଯାଇଛି। ଗବେଷଣା ସମ୍ପର୍କିତ ସମସ୍ତ ତଥ୍ୟ ୟୁରୋପିଆନ ହାର୍ଟ ଜର୍ନାଲରେ ପ୍ରକାଶ ପାଇଛି।





# ବିବାହ ପୋଷାକରେ ୨୩ ଦେଶ ବୁଲିଲେ ନବଦମ୍ପତି

**ୱାଶିଂଟନ୍:** ଆମେରିକାର ନ୍ୟୁଜର୍ସିରେ ରହୁଥିବା କପଲ ନିକ୍ ଅଷ୍ଟ ଏବଂ ଜୋନ ନେ ଦୁହେଁ ଦୁହିଁଙ୍କୁ ଡେଟ୍ ସମୟରେ ବିବାହକୁ ଖାସ୍ କରିବା ନେଇ ଶପଥ କରିଥିଲେ। ଯେଉଁଥି ପାଇଁ ବିବାହ ପୋଷାକରେ ସେମାନେ ୨୩ ଦେଶ ବୁଲି ଆସିଛନ୍ତି। ୨୦୧୬ରେ ଏହି ଯୋଡ଼ିଙ୍କର ନିର୍ବନ୍ଧ ହୋଇଥିବା ବେଳେ ୨୦୧୭ ଡିସେମ୍ବରରେ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ଏହା ପରେ ୨୦୧୮ ଜାନୁୟାରୀରେ ହନିମୁନ୍ ପାଇଁ ସମସ୍ତ ପ୍ରସ୍ତୁତି ଆରମ୍ଭ କରିଥିଲେ। ବିବାହକୁ ଖାସ୍ କରିବା ପାଇଁ ସେହି ପୋଷାକରେ ୨୩ଟି ଦେଶ ବୁଲିବା ପାଇଁ ବାହାରିଥିଲେ। ତାଙ୍କର ଏହି ଯାତ୍ରା ପ୍ରଥମେ ଥାଇଲାଣ୍ଡରୁ ଆରମ୍ଭ ହୋଇଥିଲା। ୧୦ ମାସ ମଧ୍ୟରେ ଦମ୍ପତି ମାଉଣ୍ଟ ଏଭରେଷ୍ଟ, ଚାଇନା, ଦୁବାଇ, ଇଟାଲି, ଫ୍ରାନ୍ସ, ତୁର୍କୀ, ଇଣ୍ଡୋନେସିଆ, ଗ୍ରୀସ୍, ନ୍ୟୁଜିଲାଣ୍ଡ, ଅଷ୍ଟ୍ରେଲିଆ, ଅଷ୍ଟ୍ରିୟା, ସର୍ବିୟା, ଦକ୍ଷିଣଆଫ୍ରିକା, ଇସ୍ରାଇଲ, ସିଙ୍ଗାପୁର, ମିଶର, ଶ୍ରୀଲଙ୍କା, ସୁଇଜରଲାଣ୍ଡ, ଭାରତ ଆଦି ଦେଶ ବୁଲିଥିଲେ। ଏହି ନବଦମ୍ପତି ଭାରତ ଆସିଥିବା ସମୟରେ ଭାରତର ସଂସ୍କୃତି, ପରମ୍ପରାକୁ ଅନୁକରଣ କରିଥିଲେ। କନ୍ୟା ଜୋ ନେ ଗାଉନ୍ ପିନ୍ଧିବା ସହିତ ମୁଣ୍ଡରେ ଓଢ଼ଣା ପକାଇଥିଲେ। ମଥାରେ ଟିକିଲି ମଧ୍ୟ ଲଗାଇଥିଲେ। ନବଦମ୍ପତିଙ୍କ କହିବା ଅନୁସାରେ, ବିବାହ ପୋଷାକ ଥରେ ପିନ୍ଧିବାକୁ ପଡ଼େ। ତେଣୁ ଏମିତି କିଛି କରିବାକୁ ଚାହୁଁଥିଲେ ଯାହା ସ୍ମରଣୀୟ ହୋଇରହିବ। ଦୁନିଆ ବହୁତ ବଡ଼। ଏଥିଲାଗି ବିବାହ ପୋଷାକରେ ସାରା ଦେଶ ବୁଲିବାକୁ ଇଚ୍ଛା ରଖିଥିଲେ। ନବଦମ୍ପତିଙ୍କ ଇଚ୍ଛା ପୂରଣ ହୋଇଥିବାରୁ ଖୁସି ବ୍ୟକ୍ତ କରିଛନ୍ତି।

# ଜାପାନ ତିଆରି କଲା ଏଆଇ ସୁଟକେସ୍

**ଟୋକିଓ:** ଜାପାନର ଗବେଷକମାନେ ଏକ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ସୁଟକେସ ବିକଶିତ କରିଛନ୍ତି। ଏହା ଦୃଷ୍ଟିବାଧିତ ବୟସ୍କ ବ୍ୟକ୍ତିଙ୍କୁ ସହାୟତା ଦେବ ବୋଲି କୁହାଯାଉଛି। ବୟସ ବଢ଼ିଲେ କେତେକଙ୍କଠାରେ ମୋତିଆବିନ୍ଦୁ ହୋଇଥାଏ। ଏଭଳି ବ୍ୟକ୍ତିଙ୍କୁ ଏହି ସୁଟକେସ୍ ଯିବାଆସିବା ସମୟରେ ସାହାଯ୍ୟ କରିବ ବୋଲି ଏହାକୁ ବିକଶିତ କରିଥିବା କମ୍ପାନୀ ଶିମିଜୁ କର୍ପୋରେଶନ ପକ୍ଷରୁ କୁହାଯାଇଛି। ଏଥିରେ କ୍ୟାମେରା, ସେନ୍‌ସର, ବ୍ୟାଟେରି ଏବଂ ମୋଟର ରହିଛି। ଏହା ସ୍ଥାନ ଚିହ୍ନଟ କରିବା ସହିତ ସୁଟ୍‌କେସ୍ ଧରିଥିବା ବ୍ୟକ୍ତିଙ୍କୁ ବିଭିନ୍ନ ସୂଚନା ଦେବାକୁ ସକ୍ଷମ ହୋଇପାରିବ।






# ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଲେ ଡିଜିପି

## ବିଜେଡି ନେତ୍ରୀଙ୍କ ଆତ୍ମାହୁତି ଘଟଣା

କଟକ ଅଫିସ,୨୪।୨

ବିଜେଡି ନେତ୍ରୀ ମୀନାକ୍ଷୀ ମିଶ୍ରଙ୍କ ଆତ୍ମାହୁତି ଘଟଣା ସୋମବାର ନୂଆ ମୋଡ଼ ନେଇଛି। ବ୍ରହ୍ମପୁର ଏସ୍‌ପିଙ୍କ କାର୍ଯ୍ୟାଳୟ ପରିସରରେ ମୀନାକ୍ଷୀ ଆତ୍ମାହୁତି ଦେଇଥିବା ଯୋଗୁ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ଡିଜିପି ଅଭୟ। ଏହି ମାମଲାର ତଦନ୍ତ ଦାୟିତ୍ୱ ସୋମବାର ଆଇଜିପି(ଆଧୁନିକୀକରଣ) ରେଖା ଲୋହାନୀଙ୍କୁ ପ୍ରଦାନ କରାଯାଇଥିବା ଏକ ପ୍ରେସ୍ ବିବୃତିରେ କୁହାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଏକ ଆପରାଧିକ ମାମଲାରେ ମୀନାକ୍ଷୀଙ୍କ ପୁଅ ରାଜାଙ୍କୁ ବ୍ରହ୍ମପୁରର ବୈଦ୍ୟନାଥପୁର ଥାନା ପୋଲିସ ଜାନୁୟାରୀ ୨୮ ତାରିଖରେ ଗିରଫ କରିଥିଲା। ତେବେ ରାଜା ନିର୍ଦ୍ଦୋଷ ଏବଂ ତାଙ୍କୁ ଫସାଇ ଦିଆଯାଇଥିବା ମୀନାକ୍ଷୀ କହି ଆସୁଥିଲେ। ଯଦି ତାଙ୍କ ପୁଅଙ୍କୁ ତୁରନ୍ତ ଖଲାସ କରା ନ ଯାଏ, ତେବେ ସେ ଆତ୍ମହତ୍ୟା କରିବେ ବୋଲି ଗତ ୧୦ତାରିଖରେ ବ୍ରହ୍ମପୁରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଚେତାବନୀ ଦେଇଥିଲେ। ତଥାପି ପୋଲିସ ଘଟଣାକୁ ଅତ୍ୟନ୍ତ ହାଲୁକା ଭାବେ ନେଇଥିଲା। ଫେବୃୟାରୀ ୧୨ତାରିଖ ପୂର୍ବାହ୍ନରେ ମୀନାକ୍ଷୀ ବ୍ରହ୍ମପୁର ଏସ୍‌ପିଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏସ୍‌ପି ବ୍ୟସ୍ତ ଥିବା ଯୋଗୁ ଜଣେ ଏଏସ୍‌ପିଙ୍କୁ ସାକ୍ଷାତ୍ କରିବାକୁ କହିଥିଲେ। ମୀନାକ୍ଷୀ ଏଏସ୍‌ପିଙ୍କ ଚାମ୍ବରରୁ ବାହାରି ଏସ୍‌ପିଙ୍କ କାର୍ଯ୍ୟାଳୟ ପରିସରରେ ହିଁ ନିଜ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ବ୍ରହ୍ମପୁରର ଏମ୍‌କେସିଜି ଏବଂ ପରେ କଟକ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏହାପରେ ସେଠାରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗତ ୨୦ତାରିଖ ସକାଳେ ମୀନାକ୍ଷୀଙ୍କ ମୃତ୍ୟୁ ଘଟିଥିଲା। ତେବେ ଶାସକ ଦଳର ଜଣେ ନେତ୍ରୀ ନ୍ୟାୟ ନ ପାଇ ଆତ୍ମାହୁତି ଦେଇଥିବା ଯୋଗୁ ବିରୋଧୀ ଦଳଗୁଡ଼ିକ କଡ଼ା ସମାଲୋଚନା କରିଥିଲେ।

ତେବେ ଡିଜିପି ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେବା ପରେ ନାନା କଳ୍ପନାଜଳ୍ପନା ଦେଖାଦେଇଛି। ଏଏସ୍‌ପିଙ୍କ ଚାମ୍ବରରୁ ବାହାରି ମୀନାକ୍ଷୀ ହଠାତ୍ ଆତ୍ମାହୁତି ଦେଇଥିଲେ। ଏଣୁ ଏଏସ୍‌ପିଙ୍କ ସହ ସେ କ'ଣ ଆଲୋଚନା କରିଥିଲେ, ଖବରଦାତା ସମ୍ମିଳନୀରେ ମୀନାକ୍ଷୀ ଆତ୍ମାହୁତି ଚେତାବନୀ ଦେବା ସତ୍ତ୍ୱେ ପୋଲିସ ତାହାକୁ କାହିଁକି ଗୁରୁତର ସହ ନେଇ ନ ଥିଲା, ଏଭଳି ଅନେକ ଦିଗକୁ ନେଇ ଏହି ତଦନ୍ତ ଚାଲିବ ବୋଲି କୁହାଯାଉଛି।

# ୩ ଦିନ ବର୍ଷା: ଘଣ୍ଟାକୁ ୩୦ରୁ ୪୦ କି.ମି. ପବନ

ଭୁବନେଶ୍ୱର,୨୪।୨(ବ୍ୟୁରୋ)

- ୨୮ ଯାଏ କୁହୁଡ଼ି
- ସତର୍କ କଲା ପାଣିପାଗ ବିଭାଗ
- ଜିଲାପାଳଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ

ଛତିଶଗଡ଼ ଓ ଏହାର ଆଖପାଖ ଅଞ୍ଚଳର ଭୂପୃଷ୍ଠରୁ ୯କି.ମି. ଉଚ୍ଚତାରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୨୬ ତାରିଖ ଯାଏ ରାଜ୍ୟର ବିଭିନ୍ନ ଭାଗରେ ବର୍ଷା ହେବାର ସମ୍ଭାବନା ରହିଛି। ମଙ୍ଗଳବାର ଉତ୍ତର ଆଭ୍ୟନ୍ତରୀଣ ଜିଲା ସମେତ ଯାଜପୁର, ଭଦ୍ରକ, ବାଲେଶ୍ୱର, କଟକ, ଖୋର୍ଦ୍ଧା, ନୟାଗଡ଼, ବୌଦ୍ଧ, ସୋନପୁର, ବଲାଙ୍ଗୀର ଜିଲାର କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଏପରି କି ଏହି ସମୟରେ ସମ୍ବଲପୁର, ଦେବଗଡ଼ ଏବଂ ସୁନ୍ଦରଗଡ଼ର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୨୫ ତାରିଖ ରାତିରୁ ୨୬ ତାରିଖ ସକାଳ ଯାଏ କଟକ, ଯାଜପୁର, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଏବଂ ପୁରୀ ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ। ଏ ସବୁ ଜିଲାରେ ଘଣ୍ଟାକୁ ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଏ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ବର୍ଷା ପରେ ପରେ ୨୭ ଓ ୨୮ ତାରିଖରେ କୁହୁଡ଼ି ଅସ୍ତବ୍ୟସ୍ତ କରିବ। ନୟାଗଡ଼, ଖୋର୍ଦ୍ଧା, ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼ ଏବଂ ଅନୁଗୋଳ ଜିଲାର କେତେକ ସ୍ଥାନରେ ପ୍ରବଳ କୁହୁଡ଼ି ହେବ। ସେହିପରି ଉପକୂଳ ଓଡ଼ିଶା, ଭଦ୍ରକ, ଯାଜପୁର, କଟକ, ଜଗତ୍‌ସିଂହପୁର, ଖୋର୍ଦ୍ଧା ପୁରୀ, ନୟାଗଡ଼, ଅନୁଗୋଳ, କନ୍ଧମାଳ ଏବଂ ରାୟଗଡ଼ା ଜିଲାର କେତେକ ଅଞ୍ଚଳରେ କୁହୁଡ଼ି ଜନଜୀବନକୁ ଅସ୍ତବ୍ୟସ୍ତ କରିବ।

ବର୍ଷା, ପବନ ଏବଂ କୁହୁଡ଼ିକୁ ଦେଖି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଜିଲାପାଳମାନଙ୍କୁ ସତର୍କ କରାଯାଇଛି। ପରିସ୍ଥିତି ଉପରେ ନଜର ରଖିବା ସହ ଆବଶ୍ୟକ ପଦକ୍ଷେପ ନେବା ଲାଗି ପରାମର୍ଶ ଦିଆଯାଇଛି। କୁହୁଡ଼ି ପ୍ରବଳ ହେଉଥିବାରୁ ଯାନବାହନ ଚଳାଚଳ ନିୟନ୍ତ୍ରଣ ନେଇ ପୋଲିସ ଓ ପରିବହନ ବିଭାଗ ସହ ଯୋଗାଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କ୍ଷୟକ୍ଷତି ନେଇ ରାଜ୍ୟ ଆପାତ୍‌କାଳୀନ ସେଣ୍ଟରକୁ ଜଣାଇବାକୁ କୁହାଯାଇଛି। ପାଗ ମେଘୁଆ ଥିବା ଯୋଗୁ ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ମଧ୍ୟ ହ୍ରାସ ପାଇବାର ସମ୍ଭାବନା ରହିଛି। ସୋମବାର ରାଜ୍ୟର ସର୍ବନିମ୍ନ ତାପମାତ୍ରା ବଲାଙ୍ଗୀରଠାରେ ୧୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ସର୍ବୋଚ୍ଚ ତାପମାତ୍ରା ମାଲକାନଗିରିଠାରେ ୩୫.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

# ୪ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର

## ସୁଧାରଗୃହ ଗଲେ ନାବାଳକ

ରେଙ୍ଗାଲି,୨୪।୨ (ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଅଞ୍ଚଳରେ ଜଣେ ୪ବର୍ଷ ଶିଶୁ କନ୍ୟାକୁ ପଡୋଶୀ ଘରର ୧୨ ବର୍ଷର ନାବାଳକ ବଳାତ୍କାର କରିଥିବାର ଅଭିଯୋଗ ହୋଇଛି। ସୋମବାର ସକାଳ ୯ଟାରେ ଶିଶୁକନ୍ୟାଟି ଏକୁଟିଆ ଘରେ ଥିଲା। ଏହି ସମୟରେ ତାଙ୍କ ପଡୋଶୀ ଘରର ନାବାଳକ ସେଠାକୁ ଆସି ଶିଶୁ କନ୍ୟାକୁ ବଳାତ୍କାର କରିଥିଲେ। ଶିଶୁକନ୍ୟାଙ୍କ ମା' ପହଞ୍ଚିଯିବାରୁ ନାବାଳକ ସେଠାରୁ ଚାଲି ଯାଇଥିଲେ। ଏ ନେଇ ଶିଶୁକନ୍ୟାର ମା' ରେଙ୍ଗାଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ନାବାଳକଙ୍କୁ ପୋଲିସ ଡାକ୍ତରୀମାଇନା କରାଇବା ପରେ ରାଉରକେଲା ସୁଧାରଗୃହକୁ ପଠାଇଛି। ଶିଶୁକନ୍ୟାର ଡାକ୍ତରୀ ମାଇନା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ରାଜ୍ୟରେ କମୁଛି ଦଣ୍ଡବିଧାନ ହାର

ଭୁବନେଶ୍ୱର,୨୪।୨(ବ୍ୟୁରେ)

- ୨୦୧୬ରେ ଥିଲା ୧୬.୪, ୨୦୧୮ରେ ରହିଛି ୫.୭
- ବଳାତ୍କାର ମାମଲାରେ ଦଣ୍ଡ ହାର ମଧ୍ୟ ଉଦ୍‌ବେଗଜନକ ରହିଛି
- ପୋଲିସର ଦୁର୍ବଳ ତଦନ୍ତରେ ଖସିଯାଉଛନ୍ତି କି ଅପରାଧୀ

ପୋଲିସର ଦୁର୍ବଳ ତଦନ୍ତ ହେଉ ବା ଆବଶ୍ୟକ ସାକ୍ଷ୍ୟ ପ୍ରମାଣ ଅଭାବରୁ ଅବା ଆଇନର ଗଳାବାଟ ଯୋଗୁ ଅନେକ ଦୋଷୀ ଦଣ୍ଡ ନ ପାଇ ଖସି ଯାଉଛନ୍ତି। ଫଳରେ ରାଜ୍ୟରେ ଦଣ୍ଡବିଧାନ ହାର କମି କମି ଯାଉଛି। ବିଧାନସଭାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ରଖିଥିବା ତଥ୍ୟରୁ ଏହା ଜଣାପଡ଼ିଛି। ଉକ୍ତ ତଥ୍ୟ ଅନୁସାରେ, ୨୦୦୯ରେ ଦଣ୍ଡ ହାର ୧୩.୨ପ୍ରତିଶତ ରହିଥିବାବେଳେ ୨୦୧୦ରେ ୯.୯, ୨୦୧୧ରେ ୧୦.୩, ୨୦୧୨ରେ ୧୧.୦, ୨୦୧୩ରେ ୧୦.୩ ରହିଥିଲା। ତେବେ ୨୦୧୪ରେ ଏହି ହାର ସର୍ବାଧିକ ୧୬.୪ ପ୍ରତିଶତ ରହିଥିଲାବେଳେ ୨୦୧୫ରେ ଏହା ହ୍ରାସ ପାଇ ୯.୫ରେ ପହଞ୍ଚିଥିଲା। ଏହାପରେ ୨୦୧୬ରେ ୧୦.୪, ୨୦୧୭ରେ ୯.୩ ଓ ୨୦୧୮ରେ ସବୁଠୁ କମ୍ ଦଣ୍ଡ ହାର ୫.୭କୁ ଖସି ଆସିଥିଲା।

ସବୁଠୁ ବଡ଼ କଥା ହେଲା ବଳାତ୍କାର ମାମଲାରେ ମଧ୍ୟ ଦଣ୍ଡ ହାର ସ୍ଥିତି ଉଦ୍‌ବେଗଜନକ ରହିଛି। ୨୦୧୫ରେ ୮୩୩ ବଳାତ୍କାର ମାମଲା ରୁଜୁ ହୋଇଥିବା ବେଳେ ୧୫୨ଜଣ ଦଣ୍ଡ ପାଇଥିବାବେଳେ ୬୮୧ଜଣ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ଏହାର ଦଣ୍ଡ ହାର ୧୮.୨୪ ପ୍ରତିଶତ ରହିଛି। ୨୦୧୬ରେ ୮୧୮ ମାମଲାରେ ୧୫୦ଜଣ ଦୋଷୀ ସାବ୍ୟସ୍ତ ହୋଇଥିବାବେଳେ ୬୮୧ ଜଣ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ଏହାର ଦଣ୍ଡ ହାର ୧୮.୩୩ ପ୍ରତିଶତ ରହିଛି। ୨୦୧୭ରେ ୧୦୯୯ ବଳାତ୍କାର ମାମଲାରେ ୧୮୬ ଜଣ ଦୋଷୀ ସାବ୍ୟସ୍ତ ଓ ୯୧୩ଜଣ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ଅର୍ଥାତ୍ ଏହାର ଦଣ୍ଡ ହାର ୧୬.୯୨ ପ୍ରତିଶତ ରହିଛି। ୨୦୧୮ରେ ଦଣ୍ଡ ହାର ୧୮.୩୫ ରହିଥିବାବେଳେ ୧୦୭୩ ମାମଲାରେ ୧୯୭ ଦୋଷୀ ସାବ୍ୟସ୍ତ ଓ ୮୭୬ ଜଣ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ୨୦୧୯ରେ ଦଣ୍ଡ ହାର ୧୭.୯୦ ପ୍ରତିଶତ ରହିଥିବାବେଳେ ୯୪୪ ବଳାତ୍କାର ମାମଲାରେ ୧୬୯ଜଣ ଦୋଷୀ ସାବ୍ୟସ୍ତ ହୋଇଛନ୍ତି।

ସେହିପରି ହତ୍ୟା ମାମଲାରେ ମଧ୍ୟ ଦଣ୍ଡ ହାରରେ ବୃଦ୍ଧି ଘଟୁନି। ୨୦୧୫ରେ ହତ୍ୟାରେ ଦଣ୍ଡ ହାର ୨୯.୨୬ ପ୍ରତିଶତ ରହିଥିବାବେଳେ ୭୨୧ ମାମଲାରେ ୨୧୧ ଦୋଷୀ ସାବ୍ୟସ୍ତ ହେବାସହ ୫୧୦ଜଣ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ୨୦୧୬ରେ ହତ୍ୟା ମାମଲାରେ ଦଣ୍ଡ ହାର ୩୧.୫୫ ପ୍ରତିଶତ ୨୦୧୭ରେ ୩୬.୩୦, ୨୦୧୮ରେ ୩୧.୩୯ ଓ ୨୦୧୯ରେ ୨୯.୯୩ ପ୍ରତିଶତ ରହିଛି।

# ପୋଲିସ ବିଭାଗରେ ୧୦,୦୫୪ ପଦବୀ ଖାଲି

ଭୁବନେଶ୍ୱର,୨୪।୨(ବ୍ୟୁରୋ)

- ବିଧାନସଭାରେ ଉତ୍ତର ରଖିଲେ ଗୃହ(ରାଷ୍ଟ୍ର) ମନ୍ତ୍ରୀ
- ୭୮ ଆଇପିଏସ୍ ପଦବୀ ଖାଲି
- ୧୨ ବର୍ଷ ହେବ ରାଜ୍ୟ ବାହାରେ ୩ ଅଧିକାରୀ

ଦେଶ ତଥା ରାଜ୍ୟରେ ନାଗରିକଙ୍କୁ ସୁରକ୍ଷା ଦେବା ପାଇଁ ପୋଲିସ ପ୍ରଶାସନ କାର୍ଯ୍ୟ କରିଥାଏ। ସେହିଭଳି ଜାତୀୟ ସମ୍ପତ୍ତି ସୁରକ୍ଷା, ଟ୍ରାଫିକ ନିୟନ୍ତ୍ରଣ, ଆପରାଧିକ ଅନୁସନ୍ଧାନ, ସମସ୍ତ ପ୍ରକାର ନିର୍ବାଚନ ପରିଚାଳନା ମଧ୍ୟ ପୋଲିସ ପ୍ରଶାସନ ଦ୍ୱାରା କରାଯାଇଥାଏ। ଜନସଂଖ୍ୟା ଏବଂ କ୍ଷେତ୍ରଫଳକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନକୁ ନିୟୋଜିତ କରାଯାଇଥାଏ। ହେଲେ ସମସ୍ତ କାର୍ଯ୍ୟରେ ନିଜକୁ ନିୟୋଜିତ ରଖିଥିବା ପୋଲିସ ପ୍ରଶାସନରେ ସଂଖ୍ୟାଧିକ ପଦବୀ ଖାଲିପଡ଼ିଛି। ଓଡ଼ିଶା ବିଧାନସଭାରେ ଗୃହ ବିଭାଗ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ପ୍ରଦାନ କରାଯାଇଥିବା ଉତ୍ତରରୁ ଏହା ସ୍ପଷ୍ଟ ହୋଇଛି।

ରାଜ୍ୟ ପୋଲିସ ପ୍ରଶାସନରେ ୧୦,୦୫୪ ପଦବୀ ଖାଲିପଡ଼ିଛି। ପୋଲିସ ବିଭାଗର ବର୍ଗ 'କ', 'ଖ', 'ଗ' ଏବଂ 'ଘ'ରେ ଏହି ଖାଲି ପଦବୀ ରହିଛି। 'କ' ବର୍ଗରେ ୧୧୪୦ ଅନୁମୋଦିତ ପଦବୀରୁ ୫୦୧ ପଦବୀ ଖାଲି, 'ଖ'ରେ ୬୫୯୪ରୁ ୧୮୨୩, 'ଗ'ରେ ୬୪୮୭ ଏବଂ 'ଘ' ବର୍ଗରେ ୧୨୪୩ଟି ପଦବୀ ଖାଲିପଡ଼ିଛି। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କ ଅଣତାରକା ପ୍ରଶ୍ନ ନଂ. ୯୬୦ର ଉତ୍ତର ଦେଇ ଗୃହ(ରାଷ୍ଟ୍ର) ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ସୋମବାର ଏହି ସୂଚନା ପ୍ରଦାନ କରିଛନ୍ତି। ପୋଲିସ ବିଭାଗରେ ମଞ୍ଜୁରୀ ପ୍ରାପ୍ତ ପଦବୀ(୭୨,୧୧୯)ର ୧୪ ପ୍ରତିଶତ ପଦବୀ ଖାଲିପଡ଼ିଛି। ଗତ ବର୍ଷ ଡିସେମ୍ବର ଶେଷ ସୁଦ୍ଧା ବିଭାଗୀୟ ତଥ୍ୟ ଆଧାରରେ ଏହି ସୂଚନା ଦିଆଯାଇଥିବା ଜଣାପଡ଼ିଛି। ସେହିପରି ବର୍ଗୱାରି ଖାଲିଥିବା ଏହି ପଦବୀ କେବେ ପୂରଣ ହେବ ବୋଲି ମଧ୍ୟ ନରସିଂହଙ୍କ ଦ୍ୱାରା ପଚରାଯାଇଛି। ହେଲେ ଏହାର କୌଣସି ନିର୍ଦ୍ଦିଷ୍ଟ ଉତ୍ତର ଦିଆଯାଇନାହିଁ। ଖାଲିଥିବା ପଦବୀ ପୂରଣ କରିବା ପାଇଁ ଆବଶ୍ୟକ ପଦକ୍ଷେପ(ପଦୋନ୍ନତି ଏବଂ ନିଯୁକ୍ତି) କରାଯିବ ବୋଲି ଗୃହ ରାଷ୍ଟ୍ରମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ପୋଲିସ ପ୍ରଶାସନରେ କେବଳ ତୃଣମୂଳସ୍ତରରେ ପଦବୀ ଖାଲିନାହିଁ। ରାଜ୍ୟ ପୋଲିସ ପ୍ରଶାସନର ଶୀର୍ଷସ୍ତରୀୟ ଅଧିକାରୀ(ଆଇପିଏସ୍) ପଦବୀ ମଧ୍ୟ ଖାଲିପଡ଼ିଛି। କଂଗ୍ରେସ ବିଧାୟକ ଦଳ ସଚେତକ ତାରାପ୍ରସାଦ ବାହିନୀପତି ଏ ସଂକ୍ରାନ୍ତରେ ପଚାରିଥିବା ଏ ପ୍ରଶ୍ନରେ ଦିଆଯାଇଥିବା ଉତ୍ତରରୁ ଏହା ସ୍ପଷ୍ଟ ହୋଇଛି। ମୋଟ ମଞ୍ଜୁରୀ ପ୍ରାପ୍ତ ୧୯୫ ପଦବୀ ମଧ୍ୟରୁ ୭୮ଟି ପଦବୀ ଖାଲିପଡ଼ିଛି। ଗତ ଡିସେମ୍ବର ୧୯ରେ ରାଜ୍ୟ ଆଇପିଏସ୍ କ୍ୟାଡରରେ ଅଫିସର ସଂଖ୍ୟା ୧୮୮ରୁ ୧୯୫କୁ ବୃଦ୍ଧି ପାଇଥିବା ଜଣାପଡ଼ିଛି। ସେହିପରି ୨୯ ଜଣ ଅଧିକାରୀ କେନ୍ଦ୍ରୀୟ ଡେପୁଟେଶନରେ ଅଛନ୍ତି, ତନ୍ମଧ୍ୟରୁ ୩ ଅଧିକାରୀ ଦୀର୍ଘ ୧୨ ବର୍ଷ କାଳ ରାଜ୍ୟ ବାହାରେ କାର୍ଯ୍ୟ କରୁଥିବା ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କହିଛନ୍ତି।

# ହାତୀ ଆକ୍ରମଣ ନେଇ ଓଏଚ୍‌ଆର୍‌ସିରେ ପିଟିଶନ

ଭୁବନେଶ୍ୱର,୨୪।୨(ବ୍ୟୁରୋ)

- ମୃତକଙ୍କ ପରିବାରକୁ ୧୦ ଲକ୍ଷ ଓ ଆହତଙ୍କୁ ସମସ୍ତ ଖର୍ଚ୍ଚ ଦିଆଯାଉ
- ଅବହେଳା ପ୍ରଦର୍ଶନ କରିଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି

ପୁରୀ ଜିଲା ପିପିଲି ଓ ବଳଙ୍ଗାରେ ଏକ ଦନ୍ତାହାତୀ ଆକ୍ରମଣରେ ରବିବାର ୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୫ଜଣ ଆହତ ହୋଇଥିଲେ। ସେହିଭଳି ସୋମବାର ମଧ୍ୟ ରାଜଧାନୀରେ ଜଣେ ମହିଳା ହାତୀ ଆକ୍ରମଣର ଶିକାର ହୋଇଥିଲେ। ଏହି ସ୍ପର୍ଶକାତର ଘଟଣାକୁ ନେଇ ରାଜ୍ୟ ମାନବିକ ଅଧିକାର କମିଶନ (ଓଏଚ୍‌ଆର୍‌ସି)ରେ ମାମଲା ହୋଇଛି। ରାଜ୍ୟ ସରକାର ମୃତକଙ୍କ ପରିବାରକୁ ୧୦ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦେବା ସହ ଆହତଙ୍କ ସମସ୍ତ ଖର୍ଚ୍ଚ ବହନ କରିବାକୁ ମାନବାଧିକାର କର୍ମୀ ପ୍ରଦୀପ୍ତ ନାୟକ ତାଙ୍କ ପିଟିଶନରେ ଦାବି କରିଛନ୍ତି। ସେହିଭଳି ଯେଉଁ ଅଧିକାରୀଙ୍କ ଅବହେଳା ପାଇଁ ଏଭଳି ବହୁ ନିରୀହ ଲୋକଙ୍କ ଜୀବନ ଅକାଳରେ ଚାଲିଗଲା, ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେବାକୁ ସେ କମିଶନଙ୍କୁ ନିବେଦନ କରିଛନ୍ତି।

ପ୍ରଦୀପ୍ତ ତାଙ୍କ ପିଟିଶନରେ ଉଲ୍ଲେଖ କରିଛନ୍ତି, ଗୋଟିଏ ବଣୁଆ ଦନ୍ତାହାତୀ ଚନ୍ଦକା ଅଭୟାରଣ୍ୟ ଭିତରୁ ବାହାରି ଆସିଲା, ତାହା କିପରି ବନ ବିଭାଗ ଅଧିକାରୀମାନେ ଜାଣିପାରିଲେ ନାହିଁ। ଜଙ୍ଗଲ ନ ଥିବା ଅଞ୍ଚଳରେ ଦିନ ତମାମ ବୁଲି ତାଣ୍ଡବ ରଚିଥିଲେ ମଧ୍ୟ ହାତୀକୁ କାବୁ କରିବାକୁ ପ୍ରକୃତ ତତ୍ପରତା ପ୍ରକାଶ କଲେନାହିଁ। ଯେତେବେଳେ କଣାସ ଅଞ୍ଚଳରେ ରହିଥିବା ଉକ୍ତ ହାତୀର ଫଟୋ ସ୍ଥାନୀୟ ଲୋକେ ଉଠାଇ ବନ ବିଭାଗ ଅଧିକାରୀଙ୍କୁ ପଠାଇଲେ, ସେତେବେଳେ କୌଣସି ପଦକ୍ଷେପ ନିଆଗଲା ନାହିଁ। ଫଳରେ ହାତୀଟି ଚାରିଆଡ଼େ ଘୂରିବୁଲି ପିପିଲି ଓ ଡେଲାଙ୍ଗ ଅଞ୍ଚଳରେ ଆତଙ୍କ ଖେଳାଇ ଜଣକ ପରେ ଆଉଜଣକୁ ଆକ୍ରମଣ କଲା। ବନ ବିଭାଗ ଓ ସରକାର ତତ୍ପରତା ପ୍ରକାଶ କରିବାବେଳକୁ ଉନ୍ମତ୍ତ ହାତୀ ୪ ଜୀବନ ନେବା ସହ ବହୁ ଲୋକଙ୍କୁ ଆହତ କରିସାରିଥିଲା। ଘଟଣା ପରେ ସରକାର ମୃତକଙ୍କ ପରିବାରକୁ ୪ଲକ୍ଷ ଓ ଆହତଙ୍କ ଚିକିତ୍ସା ପାଇଁ ୫ହଜାର ଟଙ୍କା ଲେଖାଏ ଘୋଷଣା କରିଛନ୍ତି। ଚିକିତ୍ସା ପାଇଁ ବିପୁଳ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଏହି ସରକାରୀ ସହାୟତା ନାମକୁ ମାତ୍ର। ସେହିଭଳି ଏହି ଘଟଣାରେ ବନ ବିଭାଗ ଅଧିକାରୀଙ୍କ ଖାମଖିଆଲ କାର୍ଯ୍ୟଧାରା ପଦାରେ ପଡ଼ିଥିବା ପ୍ରଦୀପ୍ତ ଦର୍ଶାଇଛନ୍ତି। ଅଧିକାରୀମାନେ ହାତୀର ଗତିବିଧି ସମ୍ପର୍କରେ ଯଦି ଟିକିନିକି ନଜର ରଖିଥାନ୍ତେ ଓ ଖବର ପାଇବା ପରେ ତୁରନ୍ତ ଟ୍ରାଙ୍କୁଲାଇଜ୍ କରି ଉକ୍ତ ଦନ୍ତାହାତୀକୁ କାବୁ କରିପାରିଥାନ୍ତେ, ନିଶ୍ଚିତ ଏପରି ହୃଦୟବିଦାରକ ଘଟଣା ଘଟି ନ ଥାନ୍ତା। ମାତ୍ର ସେପରି କୌଣସି ପଦକ୍ଷେପ ନେବାରେ ବନ ବିଭାଗ ବିଫଳ ହେବାରୁ ଅକାଳରେ ଅନେକ ନିରୀହ ଜୀବନ ଚାଲିଗଲା। ତେଣୁ ଏକ୍ଷେତ୍ରରେ ଅବହେଳା ପ୍ରଦର୍ଶନ କରିଥିବା ବନ ବିଭାଗ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ରାଜ୍ୟ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ, ଜଙ୍ଗଲ ଓ ପରିବେଶ ବିଭାଗ ସଚିବଙ୍କ ସମେତ ପୁରୀ ଓ ଖୋର୍ଦ୍ଧାର ଜିଲାପାଳ ଏ ନେଇ ୨ ସପ୍ତାହ ମଧ୍ୟରେ ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦେବାକୁ କମିଶନଙ୍କୁ ପ୍ରଦୀପ୍ତ ନିବେଦନ କରିଛନ୍ତି।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଅଯୋଧ୍ୟାରେ ୫ଏକର ଜମି ଗ୍ରହଣ କଲା ସୁନ୍ନି ୱାକଫ୍ ବୋର୍ଡ

ଲକ୍ଷ୍ନୌ,୨୪।୨(ଏଏନ୍ଆଇ)

ଅଯୋଧ୍ୟାରେ ମସ୍‌ଜିଦ୍ ନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଦିଆଯାଇଥିବା ୫ଏକର ଜମିକୁ ଉତ୍ତରପ୍ରଦେଶ ସୁନ୍ନି ୱାକଫ୍ ବୋର୍ଡ ସୋମବାର ଗ୍ରହଣ କରିଛି। ଏଥିସହ ମସ୍‌ଜିଦ୍ ନିର୍ମାଣକୁ ତଦାରଖ କରିବା ପାଇଁ ଏକ ଟ୍ରଷ୍ଟ ଗଠନ କରିବାକୁ ବୋର୍ଡ ଅଧ୍ୟକ୍ଷ ଜୁଫର ଫାରୁକିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହା ବ୍ୟତିତ ଏହି ଟ୍ରଷ୍ଟ ଚାରିଟେବଲ ହସ୍ପିଟାଲ, ସର୍ବସାଧାରଣଙ୍କ ପାଇଁ ଗ୍ରନ୍ଥାଗାର ଏବଂ ଇଣ୍ଡୋ-ଇସ୍‌ଲାମିକ ସଭ୍ୟତାର ଐତିହ୍ୟ ସମ୍ପର୍କରେ ଗବେଷଣା ଏବଂ ଅଧ୍ୟୟନ କେନ୍ଦ୍ର ନିର୍ମାଣ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଟ୍ରଷ୍ଟରେ କେଉଁମାନଙ୍କୁ ସଦସ୍ୟ ଭାବେ ନିଯୁକ୍ତି କରାଯିବ ତାହା ଟ୍ରଷ୍ଟ ଗଠନ ହେବା ପରେ ସୂଚନା ଦିଆଯିବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି।

ପ୍ରକାଶ ଯେ, ଗତ ନଭେମ୍ବର ୯ରେ ସୁପ୍ରିମ କୋର୍ଟ କେନ୍ଦ୍ର ସରକାରଙ୍କୁ ଅଯୋଧ୍ୟାର ବିବାଦୀୟ ଜମିକୁ ରାମମନ୍ଦିର ନିର୍ମାଣ ନିମନ୍ତେ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ଏହାର ବିକଳ୍ପ ଭାବେ ମସ୍‌ଜିଦ୍ ନିର୍ମାଣ ପାଇଁ ଅଯୋଧ୍ୟାର ଏକ ପ୍ରମୁଖ ସ୍ଥଳରେ ସୁନ୍ନି ୱାକଫ ବୋର୍ଡକୁ ୫ଏକର ଜମି ପ୍ରଦାନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ।

# ‘ପାଟଣାଗଡ଼’ ରିଲିଜ୍ ଉପରେ ରୋକ

ଭୁବନେଶ୍ୱର,୨୪।୨(ବ୍ୟୁରୋ)




ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଉପରେ ନିର୍ମିତ ଫିଲ୍ମ ‘ପାଟଣାଗଡ଼’କୁ ନେଇ ପୁଣିଥରେ ବିବାଦ ଦେଖାଦେଇଛି। ଫିଲ୍ମ ରିଲିଜ୍ ପୂର୍ବରୁ ଏହା ଉପରେ ସୋମବାର ଅଙ୍କୁଶ ଲଗାଇଛନ୍ତି ବମ୍ବେ ହାଇକୋର୍ଟ। ପୁଞ୍ଜିଲାଲଙ୍କ ପତ୍ନୀ ଦାଏର କରିଥିବା ମାମଲା ଉପରେ ଶୁଣାଣି କରି ବମ୍ବେ ହାଇକୋର୍ଟ ଏହି ରାୟ ଶୁଣାଇଛନ୍ତି। ଏନେଇ ଫିଲ୍ମର ପ୍ରଯୋଜକ, ନିର୍ଦ୍ଦେଶକ ଓ ଅନ୍ୟମାନଙ୍କୁ ନୋଟିସ ଜାରି କରାଯାଇଥିବା ବେଳେ ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ଜବାବ ଦାଖଲ ପାଇଁ କୁହାଯାଇଛି। ଅନ୍ୟପକ୍ଷରେ ପାଟଣାଗଡ଼ ଫିଲ୍ମକୁ ସେଣ୍ଟ୍ରାଲ୍ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେଶନ(ସିବିଏଫ୍‌ସି) ପକ୍ଷରୁ ଏଯାବତ ସାର୍ଟିଫିକେଶନ ଦିଆଯାଇନାହିଁ। ତେଣୁ ରିଲିଜ୍ ତାରିଖ ବର୍ତ୍ତମାନ ସୁଦ୍ଧା ସ୍ଥିର ହୋଇ ନ ଥିବାବେଳେ ଏହା ଉପରେ ରୋକ ଲଗାଇବା ଦୁର୍ଭାଗ୍ୟଜନକ ବୋଲି ଫିଲ୍ମର ୨୦୧୮ ଫେବୃୟାରୀ ୨୩ରେ ପାଟଣାଗଡ଼ରେ ହୋଇଥିବା ପାର୍ସଲ ବୋମା ବିସ୍ଫୋରଣ ଗୋଟିଏ ପରିବାରକୁ ଛାରକାର କରିଦେଇଥିଲା। ଘରେ ବିବାହ ଉତ୍ସବ ପରିବେଶରେ ଉପହାରରେ ମିଳିଥିବା ପାର୍ସଲ ବୋମା ନେଇଯାଇଥିଲା ଦୁଇଜଣଙ୍କ ଜୀବନ। ଆଉ ନବବିବାହିତା ରୀମାରାଣୀ ଏଥିରେ ଗୁରୁତର ଆହତ ହୋଇ ବଞ୍ଚିଯାଇଥିବାବେଳେ ତାଙ୍କ ହାତରୁ ମେହେନ୍ଦୀ ନ ଛାଡ଼ି ମଥାରୁ ସିନ୍ଦୂର ଲିଭିଯାଇଥିଲା। ତେବେ ତଦନ୍ତ ପରେ ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲ ମେହେର ଉପହାରରେ ବୋମା ପଠାଇଥିବା ଜଣାପଡ଼ିବା ପରେ ଘଟଣାକୁ ନେଇ ସାରା ଦେଶରେ ଚାଞ୍ଚଲ୍ୟ ଖେଳିଯାଇଥିଲା। ତେବେ ପ୍ରଯୋଜକ ଶ୍ରୀଧର ମାର୍ଥା ଏହି କାହାଣୀକୁ ନେଇ ତେଲୁଗୁ ଏବଂ ଓଡ଼ିଆ ଭାଷାରେ ‘ପାଟଣାଗଡ଼’ ଫିଲ୍ମ ନିର୍ମାଣ କରିଛନ୍ତି। ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲ୍‌ଙ୍କ ଭୂମିକାରେ ଲୋକପ୍ରିୟ ଅଭିନେତା ମନୋଜ ମିଶ୍ର ଫିଲ୍ମରେ ଅଭିନୟ କରିଛନ୍ତି। ସେହିପରି ଘଟଣାର ତଦନ୍ତ କରିଥିବା କ୍ରାଇମବ୍ରାଞ୍ଚ ଆଇଜି ଅରୁଣ ବୋଥ୍ରାଙ୍କ ଭୂମିକାରେ ବଲିଉଡ୍ ଅଭିନେତା ଅତୁଲ କୁଲ୍‌କର୍ଣ୍ଣୀ ଅଭିନୟ କରିଛନ୍ତି। ତେବେ ଫିଲ୍ମ ରିଲିଜ୍‌କୁ ନେଇ ପୁଞ୍ଜିଲାଲ ମେହେରଙ୍କ ପତ୍ନୀ ସୌଦାମିନୀ ମେହେର ବମ୍ବେ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସୋମବାର ଏନେଇ ଶୁଣାଣି ହୋଇଥିବାବେଳେ ଫିଲ୍ମ ରିଲିଜ୍ ଉପରେ ରୋକ ଲଗାଯାଇଛି। ସମ୍ପୃକ୍ତ ଅଭିଯୁକ୍ତଙ୍କ ଟ୍ରାଏଲ ନ ସରିବା ପର୍ଯ୍ୟନ୍ତ ଫିଲ୍ମଟି ରିଲିଜ୍ ହୋଇପାରିବ ନାହିଁ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାମଲାରେ ପ୍ରଯୋଜକ ଶ୍ରୀଦ୍ଧର ମାର୍ଥା, ଅଭିନେତା ଅତୁଲ କୁଲକର୍ଣ୍ଣୀ, ମନୋଜ ମିଶ୍ର, ସୁନିତା କ୍ରିଷ୍ଣନ୍ ଏବଂ ଆଇପିଏସ ଅରୁଣ ବୋଥ୍ରାଙ୍କୁ ବମ୍ବେ ହାଇକୋର୍ଟ ନୋଟିସ୍ ଜାରି କରିଥିବା ଜଣାପଡ଼ିଛି। ପୂର୍ବରୁ ଏନେଇ ଓଡ଼ିଶା ହାଇକୋର୍ଟ ଏବଂ ସୁପ୍ରିମକୋର୍ଟରେ ମାମଲା ହୋଇଥିବାବେଳେ ଫିଲ୍ମ ରିଲିଜ୍‌କୁ ସବୁଜ ସଙ୍କେତ ମିଳିଥିଲା।

# ୨୮ରେ ଜନତା ମଇଦାନରେ ହେବ ଭାଜପାର ଜନସଭା

ଭୁବନେଶ୍ୱର,୨୪।୨(ବ୍ୟୁରୋ)

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆସନ୍ତା ୨୮ରେ ପୂର୍ବାଞ୍ଚଳ ରାଜ୍ୟ ମିଟ୍‌ରେ ଯୋଗଦେବା ଲାଗି ଦୁଇ ଦିନିଆ ରାଜ୍ୟ ଗସ୍ତରେ ଆସୁଛନ୍ତି। ଏହି ଅବସରରେ ଶାହା ଲୋକସେବା ଭବନଠାରେ ଆୟୋଜିତ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେବା ସହିତ ଦଳୀୟ କାର୍ଯ୍ୟକ୍ରମରେ ମଧ୍ୟ ଯୋଗଦେବେ। ଏହି ଅବସରରେ ରାଜ୍ୟ ଭାଜପା ପକ୍ଷରୁ ନାଗରିକତା ସଂଶୋଧନ ଆଇନ(ସିଏଏ) ସପକ୍ଷରେ ଆୟୋଜିତ ଜନସଭାକୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି। ଏହି ସଭା ପୂର୍ବରୁ ବରମୁଣ୍ଡା ପଡିଆଠାରେ ହେବାକୁ ଥିବାବେଳେ ଏଥିଲାଗି ଦଳର ରାଜ୍ୟ ନେତୃବୃନ୍ଦ ସରକାରଙ୍କ ପାଖରୁ ରସିଦ ମଧ୍ୟ କାଟି ଦେଇଥିଲେ। ମାତ୍ର ଶେଷ ସମୟରେ ଏଥିରେ ପରିବର୍ତ୍ତନ ହୋଇଛି। ଶାହା ଯୋଗଦେବାକୁ ଥିବା ଜନସଭା ବରମୁଣ୍ଡା ପଡିଆ ବଦଳରେ ଜନତା ମଇଦାନରେ ହେବା ଲାଗି ସ୍ଥିର ହୋଇଛି।

## ବିଧାୟକଙ୍କ ଝିଅ ବାହାଘର ଲାଗି ଶାହାଙ୍କ ସଭାକୁ ମିଳିଲାନି ସ୍ଥାନ

ବିଜେଡି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରଦୀପ ମହାରଥୀଙ୍କ ଝିଅଙ୍କ ବିବାହ ଉତ୍ସବ ବରମୁଣ୍ଡା ପଡିଆଠାରେ ହେବାକୁ ଥିବାରୁ ଭାଜପା କାର୍ଯ୍ୟକ୍ରମ ଲାଗି ସ୍ଥାନ ମିଳି ନ ଥିବା ଭାଜପାର ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି। ଅନ୍ୟପଟେ ଶାହାଙ୍କ କାର୍ଯ୍ୟକ୍ରମ ସଫଳ କରିବା ଲାଗି ଭାଜପା ପକ୍ଷରୁ ଜିଲାସ୍ତରୀୟ ନେତାଙ୍କୁ ସୂଚନା ଦିଆଯିବା ସହିତ ସବୁଠାରେ ଖବରଦାତା ସମ୍ମିଳନୀ ସରିଛି। ବର୍ତ୍ତମାନ ମଣ୍ଡଳସ୍ତରରେ ସମସ୍ତଙ୍କୁ ଏନେଇ ଜଣାଯାଉଛି। ପ୍ରାୟ ୧ ଲକ୍ଷରୁ ଅଧିକ କାର୍ଯ୍ୟକର୍ତ୍ତାଙ୍କୁ ଏଥିରେ ଯୋଡିବାକୁ ନିଷ୍ପତ୍ତି ନିଆଯାଇଛି। ତେଣୁ ବିଧାୟକଙ୍କ ଠାରୁ ଆରମ୍ଭ କରି ଜିଲା ସଭାପତିଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ କର୍ମୀଙ୍କୁ ଆଣି ଆସିବାକୁ କହିଦିଆସରିଲାଣି। ବିଧାୟକସ୍ତରୀୟ ବୈଠକ ମଧ୍ୟ କରାଯାଇ ଜନସଭାକୁ ସଫଳ କରିବା ଉପରେ ରଣନୀତି ପ୍ରସ୍ତୁତ ହୋଇଛି।

## ବିଧାନସଭାରେ...

ବିଧାନସଭାରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏ ସମସ୍ୟାର ସମାଧାନ ପାଇଁ ବିଧାୟକମାନଙ୍କୁ ଡାକି ଆଲୋଚନା କରିବା ସହ ଗୃହକୁ ରିପୋର୍ଟ ଦେବାକୁ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ସମବାୟ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ପୂର୍ବାହ୍ନ ୧୦ଟା ୩୦ ମିନିଟ୍‌ରେ ବାଚସ୍ପତି ସଭାକାର୍ଯ୍ୟ ଚଳାଇବାକୁ ଗୃହକୁ ପ୍ରବେଶ କରିଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିବା ମାତ୍ରେ କଂଗ୍ରେସ ଦଳ ମୁଖ୍ୟ ସଚେତକ ତାରା ପ୍ରସାଦ ବାହିନୀପତି ଗୃହର ମଧ୍ୟଭାଗକୁ ଆସି ସରକାରଙ୍କ ଚାଷୀ ବିରୋଧୀ ନୀତିକୁ ସମାଲୋଚନା କରିଥିଲେ। ତାଙ୍କ ସହ କଂଗ୍ରେସ ସଦସ୍ୟ ମହମ୍ମଦ ମୋକିମ, ରମେଶ ଜେନା, ସୁରେଶ କୁମାର ରାଉତରାୟ, ଦଳର ଅନ୍ୟ ସଦସ୍ୟମାନେ ଏବଂ ଭାଜପା ସଦସ୍ୟ ମୁକେଶ ମହାଲିଙ୍ଗ, କୁସୁମ ଟେଟେ ଏବଂ ଦଳର ଅନ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହଙ୍ଗାମା କରିଥିଲେ। ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିବା ପରିବର୍ତ୍ତେ ମାତ୍ର ଅଧମିନିଟ୍‌ରେ ଗୃହକୁ ପୂର୍ବାହ୍ନ ୧୧ଟା ୩୦ ଯାଏ ମୁଲତବୀ ଘୋଷଣା କରିଦେଇଥିଲେ। ୧୧ଟା ୩୦ ମିନିଟ୍‌ରେ ମଧ୍ୟ ବିରୋଧୀ ଦଳ ଧାନ ପ୍ରସଙ୍ଗକୁ ନେଇ ପୁଣି ଗୃହରେ ହୋହାଲ୍ଲା କଲେ। ସରକାରଙ୍କ ଚାଷୀମାରଣ ନୀତି ଚଳିବ ନାହିଁ, ଚଳିବ ନାହିଁ..., ଯଦି ଚଳିବ ନିଆଁ ଜଳିବ ସ୍ଲୋଗାନ ଦେଇ ସରକାରଙ୍କୁ ଜୋର୍‌ଦାର ଆକ୍ରମଣ କରିଥିଲେ। ବାଚସ୍ପତି ଗୃହକାର୍ଯ୍ୟରେ ସହଯୋଗ କରିବାକୁ ଯେତେ ଅନୁରୋଧ କରିଥିଲେ ମଧ୍ୟ ବିରୋଧୀଙ୍କ ଉପରେ କୌଣସି ପ୍ରଭାବ ପଡ଼ି ନ ଥିଲା। ଶେଷରେ ବାଚସ୍ପତି ସର୍ବଦଳୀୟ ବୈଠକ ଡାକି ଗୃହକୁ ସ୍ୱାଭାବିକ କରିବାକୁ ଉଦ୍ୟମ କରିଥିଲେ। ସର୍ବଦଳୀୟ ବୈଠକରେ ଯୋଗଦେବାକୁ ସେ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବିଧାୟକ ଦେବୀ ପ୍ରସାଦ ମିଶ୍ର, ପ୍ରଣବ ପ୍ରକାଶ ଦାଶ, ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି ଏବଂ ସିପିଆଇ(ଏମ୍) ନେତା ଲକ୍ଷ୍ମଣ ମୁଣ୍ଡାଙ୍କୁ ଅନୁରୋଧ କରିଥିଲେ। ଗୃହକୁ ୧୧ଟା ୩୨ରେ ୧୫ ମିନିଟ୍ ପାଇଁ ମୁଲତବୀ ଘୋଷଣା କରିଥିଲେ। ମାତ୍ର ବୈଠକରେ କୌଣସି ନିର୍ଯାସ ନ ବାହାରିବାରୁ ପର୍ଯ୍ୟାୟକ୍ରମେ ୭ଥର ଅପରାହ୍ନ ୩ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ଅପରାହ୍ନ

ପ୍ରଥମ ପୃଷ୍ଠାରୁ...

୩ଟାରେ ମଧ୍ୟ ଗୃହକାର୍ଯ୍ୟ ସ୍ୱାଭାବିକ ହୋଇପାରି ନ ଥିଲା। ବାଚସ୍ପତି ବିଭିନ୍ନ ପର୍ଯ୍ୟାୟରେ ଗୃହକୁ ଅପରାହ୍ନ ୫ଟା ୩୦ ମିନିଟ୍ ଯାଏ ମୁଲତବୀ ଘୋଷଣା କରିଥିଲେ। ପରିସ୍ଥିତିରେ କୌଣସି ସୁଧାର ନ ଆସିବାରୁ ବାଚସ୍ପତି ଗୃହକୁ ସନ୍ଧ୍ୟା ୬ଟା ୩୦ରେ ମଙ୍ଗଳବାର ପୂର୍ବାହ୍ନ ୧୦ଟା ୩୦ ଯାଏ ମୁଲତବୀ ଘୋଷଣା କରିଥିଲେ। ଗୃହ ଅଚଳ ହେବା ପରେ ସୋମବାର ଅପରାହ୍ନରେ ଧାନ ସଂଗ୍ରହ ହେଉଥିବା ୫ଟି ଜିଲା କଳାହାଣ୍ଡି, ବାଲେଶ୍ୱର, ନୂଆପଡ଼ା, ସୋନପୁର ଏବଂ ବଲାଙ୍ଗୀରର ବିଧାୟକମାନଙ୍କୁ ଡାକି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ଆଲୋଚନା କରିଛନ୍ତି। ଯେଉଁ ଜିଲାରେ ଧାନ ବିକ୍ରି ସମସ୍ୟା ରହିଛି ସେଠାକାର ଜିଲାପାଳମାନଙ୍କୁ ତାଲିକା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଏହାକୁ ନେଇ ବିଧାୟକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସମସ୍ୟା ସମାଧାନ ହୋଇ ନ ଥିବାରୁ ମଙ୍ଗଳବାର ପୁଣି ବିଧାନସଭାରେ ବିରୋଧୀ ସରକାରଙ୍କୁ ଘେରିବା ନେଇ ସୂଚନା ମିଳିଛି।

## ନରହନ୍ତା...

ସେହିପରି ବଲଙ୍ଗା ଥାନା ଅଧୀନ ତେରହଳ ଗ୍ରାମର ଛବି ଦେଇ(୪୭) ଗୁରୁତର ଆହତ ହୋଇ ଭୁବନେଶ୍ୱରରେ ଚିକିତ୍ସିତ ହେଉଥିବାବେଳେ ଚନ୍ଦ୍ରାଦେଇପୁର ଗ୍ରାମର ମକର ପଲେଇ (୭୨)ଙ୍କ ମୃତ୍ୟୁ ଘଟିଛି ଏବଂ ବଳିଆ ବେହେରା (୪୫) ଗୁରୁତର ଆହତ ହୋଇଛନ୍ତି। ପିପିଲି ଥାନା ଅନ୍ତର୍ଗତ ରାଜତେଇ ଗ୍ରାମରେ ଚୈତନ୍ୟ ସାହୁ(୫୦) ଓ ଅଜୟ କୁମାର ନାୟକ(୪୫)ଙ୍କ ମୃତ୍ୟୁ ଘଟିଥିବାବେଳେ ସେକ୍ ସମୀର(୨୫) ନାମକ ଜଣେ ଯୁବକ ଗୁରୁତର ଆହତ ହୋଇ ଭୁବନେଶ୍ୱରରେ ଚିକିତ୍ସିତ ହେଉଛନ୍ତି। ତାଙ୍କୁ ରବିବାର ରାତିରେ ପିପିଲି ବଜାରର ଦେବୀଗଳି ନିକଟରେ ଦନ୍ତାହାତୀ ଦଳି ଦେଇଥିଲା। ଏହାପରେ ହାତୀଟି ଭାରତୀପୁର, ଓରକଳ ଅଞ୍ଚଳ ଦେଇ ସୋମବାର ଭୋର ସମୟରେ ଭୁବନେଶ୍ୱର କଳିଙ୍ଗବିହାରରେ ଥିବା ଏମ୍‌ସିଏଲ୍ ଗାର୍ଡେନ୍ ଭିତରେ ପଶିଥିଲା। ସେହି ସମୟରେ ଫୁଲ ତୋଳିବାକୁ ଗାର୍ଡେନକୁ ଆସିଥିବା ଗାର୍ଡଙ୍କୁ ହାତୀ ଆକ୍ରମଣ କରିଥିଲା। ହାତୀର ଗତିବିଧି ନିରୀକ୍ଷଣ କରି ଆସୁଥିବା ବନବିଭାଗ ଅଧିକାରୀ ଓ କର୍ମଚାରୀମାନେ ଗାର୍ଡେନକୁ ଘେରିଯାଇ ତାକୁ ଚନ୍ଦକା ଜଙ୍ଗଲ ଅଭିମୁଖେ ଘଉଡ଼ାଇବାକୁ ଉଦ୍ୟମ କରିଥିଲେ। ନଗର ବନଖଣ୍ଡ ଅଧିକାରୀ ଅଶୋକ ମିଶ୍ର, ଚନ୍ଦକା ବନଖଣ୍ଡ ଅଧିକାରୀ କେଦାର ସ୍ୱାଇଁ, ଭୁବନେଶ୍ୱର ବନାଞ୍ଚଳ ଅଧିକାରୀ ଆଦିତ୍ୟ ମିଶ୍ର, ଭୁବନେଶ୍ୱର ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ଅସିତ୍ ମିଶ୍ର, ଚନ୍ଦକା ବନାଞ୍ଚଳ ଅଧିକାରୀ ମାନସ ମହାନ୍ତି, କଟକ ବନାଞ୍ଚଳ ଅଧିକାରୀ ଦୁର୍ଗାଚରଣ ପଣ୍ଡାଙ୍କ ସମେତ ପ୍ରାୟ ୭୦ଜଣ ବନ ବିଭାଗ କର୍ମଚାରୀ ଓ ଖଣ୍ଡଗିରି ପୋଲିସ ଏଥିରେ ସାମିଲ ଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** କିଛିଦିନ ହେଲା ହାତକୁ ନେଇଥିବା କାମକୁ ପୂର୍ଣ୍ଣାଙ୍ଗ କରିବା ପାଇଁ ଅତି ନିକଟରେ ରହୁଥିବା ବନ୍ଧୁଙ୍କ ସାହାଯ୍ୟ ଆଶା କରିବେ। ଆନୁଷ୍ଠାନିକ କ୍ଷେତ୍ରରେ ସ୍ୱାଧୀନ ଭାବରେ କାର୍ଯ୍ୟ କରିବାରେ ସୁଯୋଗ ମିଳିବ। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେଇପାରେ। ଶତ୍ରୁମାନେ ସୁଯୋଗ ଅପେକ୍ଷାରେ ରହିଲେ ମଧ୍ୟ କୌଣସି ଅସୁବିଧା ହେବନାହିଁ।

**ବୃଷ** ସଙ୍କଟଜନକ ପରିସ୍ଥିତିରେ ମନର ଦୁଃଖ ସମସ୍ତଙ୍କୁ ଜଣାଇଲେ ମଧ୍ୟ କିଏ ବୁଝିବେ ନାହିଁ। କର୍ମକ୍ଷେତ୍ରରେ କାମର ବାହାନା ଦେଖାଇ ସାଧାରଣ କଥାରେ ସହକର୍ମୀ ମୁହଁ ଫେରାଇ ନେଇପାରନ୍ତି। ସାହିତ୍ୟ, ଗବେଷଣା, ଲେଖାପଢ଼ା, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ସ୍ୱାସ୍ଥ୍ୟ ସମସ୍ୟା ନେଇ ଚିନ୍ତିତ ରହିପାରନ୍ତି।

**ମିଥୁନ** ଆଜି ପାରିବାରିକ ଅଶାନ୍ତି ସୃଷ୍ଟିହେବା ସାଙ୍ଗକୁ କର୍ମକ୍ଷେତ୍ର ମଧ୍ୟ ସମସ୍ୟାଯୁକ୍ତ ରହିବ। ମାନସିକ ଅସ୍ଥିରତା କାରଣରୁ କଥାରେ ସଂଯମତା ହରାଇବେ ଓ ଶତ୍ରୁତା ସୃଷ୍ଟି କରିବେ। ଅନ୍ୟ ଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ବନ୍ଧୁଙ୍କ ସାହାଯ୍ୟରେ ଅର୍ଥ ପାଇବେ ଓ କାମଟି ବିଳମ୍ବରେ ସମ୍ପନ୍ନ ହୋଇପାରିବ।

**କର୍କଟ** ଦିନଟିରେ ବିଶେଷ ଅସୁବିଧା ନ ହେଲେ ମଧ୍ୟ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। ମତଭେଦ କାରଣରୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟିହୋଇପାରେ। କରଜଦାତାଙ୍କ ଚାପ ବୃଦ୍ଧି ପାଇବା ହେତୁ ଦୁଶ୍ଚିନ୍ତା ବଢ଼ିଯିବା ସୂଚନା ରହିଛ। କୋର୍ଟ କଚେରି ମାମଲାର ରାୟ ନିଜ ସପକ୍ଷରେ ଯାଇପାରେ।

**ସିଂହ** ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ଭଲ, ଯାହା କରୁଛନ୍ତି ତାହା ସହଜ ଓ ସୁବିଧାରେ ସମ୍ପନ୍ନ କରିପାରିବେ। ମଘା ନକ୍ଷତ୍ର ସକାଶେ ନିଜ ପରିସରରେ ଅନ୍ୟମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବ। ଅବଶ୍ୟ ସାମାଜିକ ସ୍ତରରେ ଗଠନମୂଳକ ପ୍ରସ୍ତାବ ଦେଇ ପ୍ରଶଂସିତ ହେବେ। ସନ୍ଧ୍ୟାରେ ପୁରାତନ ରୋଗ ପୀଡ଼ାରୁ କଷ୍ଟ ଅନୁଭବ କରିପାରନ୍ତି।

**କନ୍ୟା** ବିଶିଷ୍ଟବ୍ୟକ୍ତିଙ୍କ ଆଶ୍ରୟରେ ରହି ପ୍ରତ୍ୟେକ କାମରେ ଅଗ୍ରଣୀ ହେବେ ଓ ପ୍ରଶଂସା ପ୍ରୋତ୍ସାହନ ମଧ୍ୟ ପାଇବେ। ପରିବାରରେ ଛୋଟ ଘଟଣା ପ୍ରତି ଗୁରୁତ୍ୱଦେଲେ ସମସ୍ୟା ଭିତରକୁ ଠେଲି ହୋଇପାରନ୍ତି। ଶିଳ୍ପ, ବ୍ୟବସାୟ କ୍ଷେତ୍ରରେ କ୍ଷତିରେ ପଡ଼ିବେ ନାହିଁ। ସଭାସମିତିରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ।

**ତୁଳା** ବିଭିନ୍ନ କ୍ଷେତ୍ରରେ ସମସ୍ୟା ଆସିବ, କିନ୍ତୁ କୌଣସି ପ୍ରକାର ପ୍ରତିକୂଳ ପରିସ୍ଥିତି ସୃଷ୍ଟି ହେବ ନାହିଁ। ଅଭାବ ରହିଥିଲେ ମଧ୍ୟ କାମ ସମୟକୁ କିଏ ନା କିଏ ସାହାଯ୍ୟ କରିବେ। ଆପଣଙ୍କ ଅଧିକାଂଶ ସମୟର ନୀରବତାକୁ ଅନ୍ୟମାନେ ଭୁଲ୍ ବୁଝିପାରନ୍ତି। ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହେବାକୁ ପଡ଼ିପାରେ।

**ବିଛା** କୌଣସି କ୍ଷେତ୍ରରେ ଚଟାପଟ୍ ନିର୍ଣ୍ଣୟାତ୍ମକ ସିଦ୍ଧାନ୍ତ ଗ୍ରହଣ କରିବା ଠିକ୍ ହେବନି। ସାମାନ୍ୟ ବ୍ୟତିକ୍ରମକୁ ବାଦ୍ ଦେଲେ ଦୀର୍ଘଦିନର ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବେ। ଅନ୍ୟାୟ ବିରୋଧରେ ସଂଗ୍ରାମ ଜାରି ରଖିଲେ ପରୋକ୍ଷ ଶତ୍ରୁତା କାରଣରୁ ସହଯୋଗ ପାଇବେ ନାହିଁ। ଅନିୟମିତ ଆହାର ଯୋଗୁ ସ୍ୱାସ୍ଥ୍ୟରେ ସମସ୍ୟା ଦେଖାଦେଇପାରେ।

**ଧନୁ** ମାନସିକ ଅସ୍ଥିରତା କାରଣରୁ କୌଣସି କାର୍ଯ୍ୟ ଶୃଙ୍ଖଳିତ ହୋଇପାରିବ ନାହିଁ। ଅବଶ୍ୟ ଚେଷ୍ଟାକଲେ ସମସ୍ୟା ସମାଧାନର ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ପ୍ରତୀକ୍ଷା ଅଶାନ୍ତି ଉଦ୍ରେକ କରିବ।

**ମକର** ପାରିବାରିକ ପରିସ୍ଥିତି ପୂର୍ବପରି ରହିବ, କିନ୍ତୁ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା ବଢ଼ିଯିବ। ପଡ଼ୋଶୀମାନେ ମନ ବୁଝିଲା ଭଳି ଲୋଭନୀୟ ପ୍ରତିଶ୍ରୁତି ଦେଇ କାର୍ଯ୍ୟ ହାସଲ କରିବେ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂରହେବ କିନ୍ତୁ ସମସ୍ୟା ପଛେ ପଛେ ଲାଗି ରହିବ। ବୁଝାମଣା ଅଭାବରୁ ଆତ୍ମୀୟମାନଙ୍କ କଥାରେ ସହମତି ହୋଇପାରିବେ ନାହିଁ।

**କୁମ୍ଭ** ସାହାଯ୍ୟ ପାଇଲେ ମଧ୍ୟ ବନ୍ଧୁଙ୍କ ସହାୟତା ସମୁଦ୍ରକୁ ଶଙ୍ଖେ ଭଳି ଅନୁଭବ କରିବେ। ପ୍ରତ୍ୟେକ କ୍ଷେତ୍ରରେ ବିଶେଷ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ଯାତ୍ରାରେ ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ଉପରିସ୍ଥଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ରହିଲେ ମଧ୍ୟ ମୁହଁ ଖୋଲି କିଛି କହିପାରିବେ ନାହିଁ।

**ମୀନ** ଅତୀତ ଘଟଣାର ବାରମ୍ବାର ପର୍ଯ୍ୟାଲୋଚନା ମାନସିକ ସ୍ଥିତିକୁ କଳୁଷିତ କରିବ। ସାମୟିକ ସ୍ୱାସ୍ଥ୍ୟହାନି କିମ୍ବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ। ଇଚ୍ଛା ନ ଥିଲେ ମଧ୍ୟ ବାଧ୍ୟବାଧକତାରେ କେତେକ କାମ କରିବାକୁ ପଡ଼ିବ। ଆଲୋଚନା, କଳା, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ବେଶ୍ ଆଦୃତ ହୋଇପାରନ୍ତି।

ଆଜି ଫାଲ୍‌ଗୁନ ଶୁକ୍ଳ ଦ୍ୱିତୀୟା ମଙ୍ଗଳବାର, ଫେବୃୟାରୀ ୨୫ ତାରିଖ, ଶ୍ରୀରାମକୃଷ୍ଣ ପରମହଂସଙ୍କ ଜନ୍ମତିଥି, ରାଶି ନକ୍ଷତ୍ର-ପୂର୍ବଭାଦ୍ରପଦ/କୁମ୍ଭ। ଦିବା ଘ୦୧।୦୬ମି. ଗତେ ମୀନଚନ୍ଦ୍ର, ଧନୁ ରାଶିର ଘାତଚନ୍ଦ୍ର, ମକର ରାଶିର ଘାତବାର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ। ଦିବା ଘ୮।୩୨ମି. ଗତେ ଘ୧୦।୫୧ମି. ମଧ୍ୟେ ଅମୃତବେଳା। ଦିବା ଘ୧୦।୩୨ମି. ଗତେ ଘ୧୧।୫୮ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୨।୫୩ମି. ଗତେ ଘ୪।୧୯ମି. ମଧ୍ୟେ ରାହୁକାଳ।

classifieds Everyday
0674-2580101, 2549302

real estate

SALE

ଭୁବନେଶ୍ୱର Amri Hospital ଠାରେ 30’ ରାସ୍ତାଥାଇ BDA yellowzone plot 7894216209. D-68494

ବାଲିଅନ୍ତା ପାଖରେ ସଙ୍ଗେ ସଙ୍ଗେ ଘରକଲା ଭଳି ଘରବାରି ବାଉଣ୍ଡରି, ଇଲେକ୍‌ଟ୍ରି ସୁବିଧା ଥାଇ ପ୍ଲଟ୍ ମିଳୁଅଛି। 9437166686, 7609956035. D-68487

ଭୁବନେଶ୍ୱର କଟଣୀଗେଟ୍‌ଠାରେ sqft-185/-, SC plot sqft-120/-, ନଖରା SC plot sqft-390/- IIT ଅରଗୁଳ sqft-120/-, immediate possession/registration, 8144706560, 7750909843. D-68488

ଭୁବନେଶ୍ୱର ବାଳକାଟି ବଜାରରୁ 2km sqft.-550/-, (ଘରବାରି) କଟଣୀଗେଟ୍‌ଠାରେ sqft.-200/-, କଟକ ତ୍ରିଶୁଳିଆରୁ 4km sqft.-300/- ପ୍ଲଟ୍ ମିଳୁଅଛି। 7978939440, 9178004547. D-68489

Well Developed 30’ Road with Boundarywall plot at Bilipada Near Gudiapokhari, Bhubaneswar Call: 9937518482, 8908805482. D-68669

2400sqft. corner plot with boundary wall, electricity near Infocity-2 7008818121, 9938770157. D-68493

ସୁନ୍ଦରପଦା Hitech Plaza ପାଖରେ 30’ରାସ୍ତା, ଘରବାରି, boundary, ଇଲେକ୍‌ଟ୍ରିସିଟି ଥାଇ ପ୍ଲଟ୍ ବିକ୍ରି ହେଉଛି। 6370292040. D-68495

Self plot at Brahmanjharilo, Cuttack, BBSR-13k.m, Cuttack-20k.m, 30’ road, Gharabari, compound wall, electricity, near CBSE English Medium School at a reasonable price. 7809525452. D-68791

to-let

2BHK flat with parking at Lingipur rent family. Contact: 7894381416. D-59945

ଅଫିସ ଓ ଗୋଦାମ ଘର ଭଡ଼ା ଦିଆଯିବ। ଚାରିନଳା, ଜଗନ୍ନାଥ ବିହାର, ପୁରୀ। ମୋବାଇଲ: ୭୭୩୫୬୮୫୬୪୮ ଧ-୧୬୬୭୪

1/2BHK for family, New forest park, lane-6, Bhubaneswar. Contact: 9437283842. D-68681

healthcare

Full body herbal massage with refreshment expert therapist. 7381239385, 06742540855. D-69213

Ayurvedic full body massage by ladies, gents therapist. 7008773793 D-60873

Experience full body massage with us (expert). Call: 7377048581, 06742597822. D-69214

Herbal full body massage by smart / expert therapist. Contact: 8338067247. D-69215

Sai herbal spa refresh your body with smart, expert therapist. 7608062524. D-69222

Experience winter therapeutic Abhyanga massage feeling refreshing energetic: Appointment-9668374480. D-69216

Newly open full body massage by ladies, gents therapist. 8018656899 D-60872

Body massage @ 1099 at mystic Unisex Salon and Spa. 9556978408. D-69218

Rejuvenate and Ayurvedic full body massage by smart therapist. 9114402304. D-69217

Monalisa Massage Club: All types body massage with hiprofile smart lady rooms service available-9708545108. D-16879

Newly opening fullbody massage leadies and gents unisex- Mob: 8018855456. D-38568

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## କୃତିତ୍ୱ



ଶିବାଶିଷ



ପ୍ରାଚୁର୍ଯ୍ୟା

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମଧୁବନ, ପୁରୀର ୯ମ ଶ୍ରେଣୀର ଦୁଇଜଣ ଶିଶୁ ଶ୍ରୀମାନ ଶିବାଶିଷ ପ୍ରସାଦ ଦାସ ଏବଂ ସୁଶ୍ରୀ ପ୍ରାଚୁର୍ଯ୍ୟା ପ୍ରିୟଦର୍ଶନୀ ପ୍ରଧାନ ଶିକ୍ଷାବର୍ଷ ୨୦୧୯-୨୦ ପାଇଁ ଉଦ୍ଦିଷ୍ଟ ଓଡ଼ିଶା ସରକାରଙ୍କ ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି (NRTS) ପରୀକ୍ଷାରେ ପୁରୀ ମ୍ୟୁନିସିପାଲିଟିରେ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ତଥା ପୁରୀ ସଦର ବ୍ଲକରେ ୫ମ ଓ ୬ଷ୍ଠ ସ୍ଥାନ ଅଧିକାର କରି ବୃତ୍ତିପାଇବାକୁ ଯୋଗ୍ୟ ବିବେଚିତ ହୋଇ ବିଦ୍ୟାଳୟର ଗୌରବ ବଢାଇବାରେ ସହାୟକ ହୋଇଛନ୍ତି। ବିଦ୍ୟାଳୟ ତରଫରୁ ଶିଶୁ ଦୁଇଜଣଙ୍କର ଉତ୍ତୋରତ୍ତର ଉନ୍ନତି କାମନା କରାଯାଇଛି।

ଧ-୬୮୮୨୦

# ଅନୁପଙ୍କ ଗିରଫଦାରିକୁ ବେଆଇନ କହିଲେ ଝିଅ

ଭୁବନେଶ୍ୱର,୨୪।୨(ବ୍ୟୁରୋ)

ବହୁ ଚର୍ଚ୍ଚିତ କଳ୍ପନା ଦାଶ ଓ ଝିଅ ବବ୍‌ଲି ହତ୍ୟା ମାମଲାରେ ପୂର୍ବତନ ବିଧାୟକ ଅନୁପ ସାଏ ଓ ତାଙ୍କ ଡ୍ରାଇଭର ବର୍ଦ୍ଧନ ଟପ୍ପୋ ଗିରଫ ହୋଇଛନ୍ତି। ଛତିଶଗଡ଼ର ରାୟଗଡ଼ ଜିଲା ଚକ୍ରଧରନଗର ଥାନା ଅନ୍ତର୍ଗତ ହମିରପୁର ଜଙ୍ଗଲରେ ଘଟିଥିବା ଏହି ବୀଭତ୍ସ ହତ୍ୟା ମାମଲାରେ ଉଭୟ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ପାଇଁ ଛତିଶଗଡ଼ ପୋଲିସ ପ୍ରମାଣ ଯୋଗାଡ଼ରେ ଲାଗିପଡିଛି। ଅନୁପ ପୋଲିସକୁ ସହଯୋଗ କରୁ ନ ଥିବାରୁ ତାଙ୍କୁ ବାରମ୍ବାର ରିମାଣ୍ଡରେ ନେଇ ପଚରାଉଚରା କରୁଛି ପୋଲିସ। ଏପରି କି ଅନୁପଙ୍କ ପରିବାର ସଦସ୍ୟଙ୍କୁ ମଧ୍ୟ ଛତିଶଗଡ଼ ପୋଲିସ ହାଜର ହେବା ପାଇଁ ନୋଟିସ କରିଛି। ଏହି ନୋଟିସ ପାଇବା ପରେ ଅନୁପଙ୍କ ପରିବାର ମୁହଁ ଖୋଲିବା ସହ ରାଜ୍ୟ ମାନବିକ ଅଧିକାର କମିଶନ (ଓଏଚ୍‌ଆର୍‌ସି)ଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପୂର୍ବରୁ ଛତିଶଗଡ଼ ପୋଲିସ ଜାଣିଶୁଣି ଏହି ହତ୍ୟା ମାମଲାରେ ଅନୁପଙ୍କୁ ଫସାଇଥିବା ପରିବାର ଲୋକେ ଅଭିଯୋଗ କରି ଜିଲାପାଳ ଅଫିସ ସମ୍ମୁଖରେ ଧାରଣାରେ ବସିଥିଲେ। ସୋମବାର ଅନୁପଙ୍କ ଝିଅ ଶୁଭସ୍ମିତା ବାପାଙ୍କ ଗିରଫଦାରିର ପ୍ରତିବାଦ କରିବା ସହ ଛତିଶଗଡ଼ ପୋଲିସ ବିରୋଧରେ ଓଏଚ୍‌ଆର୍‌ସିଙ୍କୁ ଅଭିଯୋଗ କରିଛନ୍ତି। ସେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ତାଙ୍କ ବାପାଙ୍କୁ ଛତିଶଗଡ଼ ପୋଲିସ ବେଆଇନଭାବେ ଗିରଫ କରିଥିବାରୁ ପରିବାରର ସମ୍ମାନ ହାନି ଘଟୁଛି। ସେ ଜନ୍ମରୁ ମୂକ ଓ ବଧିର ଥିବାରୁ ତାଙ୍କୁ ବିଭିନ୍ନ ସ୍ଥାନରୁ ଅପବାଦ ଶୁଣିବାକୁ ପଡୁଛି। ତାଙ୍କ ଭବିଷ୍ୟତ ପ୍ରଭାବିତ ହୋଇଛି। ପୂରା ପରିବାର ଭୟଭୀତ ଅବସ୍ଥାରେ ଅଛନ୍ତି। ତେଣୁ ଛତିଶଗଡ଼ ପୋଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ପରିବାର ଲୋକଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ଶୁଭସ୍ମିତା ନିବେଦନ କରିଛନ୍ତି। ସେହିଭଳି ଛତିଶଗଡ଼ ପୋଲିସର ନୋଟିସ ବିରୋଧରେ ଅନୁପଙ୍କ ପୁଅ ଶୁଭମ୍ ସାଏ ରାୟଗଡ଼ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଛିତଶଗଡ଼ ପୋଲିସ ଉପରେ ଭରସା ନ ଥିବାରୁ ସୁରକ୍ଷା ଦୃଷ୍ଟିରୁ ଛତିଶଗଡ଼ ଯିବେ ନାହିଁ। ଯଦି ଛତିଶଗଡ଼ ପୋଲିସ ପଚରାଉଚରା କରିବାକୁ ଚାହୁଁଛି ଓଡ଼ିଶାକୁ ଆସୁ ବୋଲି ପୁଅ କୋର୍ଟରେ ଅପିଲ କରିଛନ୍ତି।

ଅନ୍ୟପକ୍ଷରେ ଛିତିଶଗଡ଼ ପୋଲିସ ରବିବାର କଳ୍ପନାଙ୍କ ଭାଇ ବରୁଣ ଦାଶ ଓ ଭଉଣୀ ରୀନା ଦାଶଙ୍କୁ ଡାକି ପଚରାଉଚରା କରିଛି। ଉଭୟଙ୍କୁ ପ୍ରାୟ ଏକ ଘଣ୍ଟାଧରି ବିଭିନ୍ନ ବିଷୟରେ ପଚରାଉଚରା କରିଛି। ବିଶେଷକରି ଅନୁପ ଓ କଳ୍ପନା କେବେଠାରୁ ଏକାଠି ରହୁଥିଲେ ? କଳ୍ପନା ନିଖୋଜ ହେବା ପରେ କାହିଁକି ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇ ନ ଥିଲା ବୋଲି ପୋଲିସ ଜାଣିବାକୁ ଚାହିଁଥିବା ବରୁଣ କହିଛନ୍ତି।

ଏ ସଂକ୍ରାନ୍ତରେ ରାୟଗଡ଼ ଏସ୍‌ପି ସନ୍ତୋଷ ସିଂ କହିଛନ୍ତି, ଆମ ପାଖରେ ଅନୁପଙ୍କ ବିରୋଧରେ ବଳିଷ୍ଠ ପ୍ରମାଣ ରହିଛି। ଅନୁପ ପୋଲିସକୁ ସହଯୋଗ କରୁ ନ ଥିବାରୁ ଆମ ପାଇଁ ସମସ୍ୟା ହେଉଛି। ତାଙ୍କୁ ପୁଣି ରିମାଣ୍ଡ ସହ ନାର୍କୋ ଟେଷ୍ଟ ପାଇଁ ଆବେଦନ କରାଯାଇଛି। ତାଙ୍କ ପରିବାର ଲୋକେ ପୋଲିସ ବିରୋଧରେ ଯେଉଁ ଅଭିଯୋଗ ଆଣୁଛନ୍ତି ତାହା ସମ୍ପୂର୍ଣ୍ଣ ମିଛ। ଅନୁପଙ୍କ ଅପରାଧକୁ ଘୋଡ଼ାଇବା ପାଇଁ ସେମାନେ ନାଟକ କରୁଛନ୍ତି। ପଚରାଉଚରା ପାଇଁ ଅନୁପଙ୍କ ପରିବାର ଲୋକଙ୍କୁ ନୋଟିସ କରାଯାଇଛି। ସେମାନଙ୍କୁ କୌଣସି ଧମକଚମକ ଦିଆଯାଉନାହିଁ ବୋଲି ସେ କହିଛନ୍ତି।

## କଳ୍ପନା ଦାଶ, ଝିଅ ବବ୍‌ଲି ହତ୍ୟା ମାମଲା

- ଛତିଶଗଡ଼ ପୋଲିସ ବିରୋଧରେ ଓଏଚ୍‌ଆର୍‌ସିଙ୍କ ଦ୍ୱାରସ୍ଥ
- ରାୟଗଡ଼ କୋର୍ଟରେ ଅପିଲ କଲେ ପୁଅ
- କଳ୍ପନାଙ୍କ ଭାଇ, ଭଉଣୀଙ୍କୁ ପଚରାଉଚରା



# ସରକାରୀ ମେଡିକାଲ କଲେଜରେ ଖାଲିପଡ଼ିଛି ୨୪୪ ପଦବୀ

ଭୁବନେଶ୍ୱର, ୨୪।୨(ବ୍ୟୁରୋ): ରାଜ୍ୟରେ ୭ ମେଡିକାଲ କଲେଜ ରହିଛି। ଏସବୁ କଲେଜରେ ମୋଟ ୧୨୬୭ ମଞ୍ଜୁରପ୍ରାପ୍ତ ପ୍ରଫେସର, ଆସୋସିଏଟ୍ ପ୍ରଫେସର ଓ ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ରହିଛି। ତେବେ ସେଥିମଧ୍ୟରୁ ୨୪୪ ପଦବୀ ଖାଲି ରହିଛି ବୋଲି ବିଧାନସଭାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ତଥ୍ୟ ପ୍ରଦାନ କରିଛନ୍ତି। ସୋମବାର ବିଧାନସଭାରେ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ମନ୍ତ୍ରୀଙ୍କୁ ସରକାରୀ ମେଡିକାଲ କଲେଜ ସ୍ଥାପନ ସମ୍ପର୍କରେ ପ୍ରଶ୍ନ କରିଥିଲେ। ରାଜ୍ୟର ୧୦ ଆକାଂକ୍ଷୀ ଜିଲା ମଧ୍ୟରୁ ୬ ଜିଲାରେ କେନ୍ଦ୍ର ସହଯୋଗରେ ମେଡିକାଲ କଲେଜ ଖୋଲିବା ପ୍ରସ୍ତାବ ଚୂଡ଼ାନ୍ତ ହୋଇଛି କି, ରାଜ୍ୟରେ ମୋଟ କେତୋଟି ସରକାରୀ ମେଡିକାଲ କଲେଜରେ ଆଗାମୀ ଶିକ୍ଷାବର୍ଷରୁ ନାମଲେଖା ହେବ, ସରକାରୀ ମେଡିକାଲ କଲେଜଗୁଡ଼ିକରେ ସବୁ ବର୍ଗର ମଞ୍ଜୁରପ୍ରାପ୍ତ ଶିକ୍ଷକଙ୍କ ସଂଖ୍ୟା କେତେ ଓ ସେଥିରୁ କେତେ ପଦବୀ ଖାଲିପଡ଼ିଛି ବୋଲି ବିଧାୟକଙ୍କ ମନ୍ତ୍ରୀଙ୍କୁ ପ୍ରଶ୍ନ ଥିଲା। ଏହାର ଉତ୍ତର ଦେଇ ସ୍ୱାସ୍ଥ୍ୟମନ୍ତ୍ରୀ ରାଜ୍ୟରେ ୭ ନୂତନ ମେଡିକାଲ କଲେଜ ପାଇପ୍ ଲାଇନ୍‌ରେ ଅଛି ବୋଲି କହିଥିଲେ।

# ୮ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୨୪।୨(ବ୍ୟୁରୋ)

- ୨ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର
- ୬ ଅଧିକାରୀଙ୍କ ସ୍ଥାୟୀଭାବେ ପେନ୍‌ସନ ବନ୍ଦ

ଦୁର୍ନୀତି ବିରୋଧରେ ରାଜ୍ୟ ସରକାର କଡ଼ା ଆଭିମୁଖ୍ୟ ଜାରି ରଖିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୁର୍ନୀତି କ୍ଷେତ୍ରରେ ଶୂନ୍ୟ ସହିଷ୍ଣୁତା ନୀତି ଉପରେ ସବୁବେଳେ ଗୁରୁତ୍ୱ ଦେଇଆସିଛନ୍ତି। ଏହାର ଝଲକ ଗତ କିଛିଦିନ ହେବ ଦେଖିବାକୁ ମିଳୁଛି। ଗତ ଅଗଷ୍ଟରୁ ଏଯାବତ୍ ୭୪ଜଣ ଅଧିକାରୀଙ୍କୁ ଚାକିରିରୁ ବରଖାସ୍ତ କରାଯିବା ସହ ୧୫ ଜଣଙ୍କୁ ମୁଖ୍ୟମନ୍ତ୍ରୀ ବାଧ୍ୟତାମୂଳକ ଅବସର ଦେଇଛନ୍ତି। ଦୁର୍ନୀତି ବିରୋଧରେ ତାଙ୍କ କଡ଼ା କାର୍ଯ୍ୟାନୁଷ୍ଠାନ ସ୍ୱରୂପ ମୁଖ୍ୟମନ୍ତ୍ରୀ ସୋମବାର ୬ ଅଧିକାରୀଙ୍କ ପେନ୍‌ସନ ସୁବିଧାକୁ ସ୍ଥାୟୀଭାବେ ବନ୍ଦ କରିଥିବାବେଳେ ୨ଜଣ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି।

ଦୁର୍ନୀତି ବିକାଶର ସବୁଠାରୁ ବଡ଼ ପ୍ରତିବନ୍ଧକ। ତେଣୁ ଲାଞ୍ଚୁଆ ଅଧିକାରୀ ଓବିସିସିର ପୂର୍ବତନ ଯନ୍ତ୍ରୀ, ମୁଖ୍ୟ ତଥା ପରିଚାଳନା ନିର୍ଦ୍ଦେଶକ ସୁଧୀର କୁମାର ବଜେନ୍ଦ୍ର ନାରାୟଣଙ୍କ ପେନ୍‌ସନକୁ ସ୍ଥାୟୀଭାବେ ବନ୍ଦ କରାଯାଇଛି। ସେହିପରି ଅବସରପ୍ରାପ୍ତ ନିର୍ବାହୀ ଯନ୍ତ୍ରୀ ତଥା ଓବିସିସିର ବରିଷ୍ଠ ପ୍ରୋଜେକ୍ଟ ମ୍ୟାନେଜର ଅରୁଣ ଚରଣ ପରିଡ଼ା, ଅବସରପ୍ରାପ୍ତ ସହକାରୀ ଯନ୍ତ୍ରୀ ଗ୍ରାମ୍ୟ ଉନ୍ନୟନ ସବ୍‌ଡିଭିଜନ କାମାକ୍ଷାନଗରର ପ୍ରମୋଦ କୁମାର ବେହେରା, ପୁରୀ ଗ୍ରାମ୍ୟ ଉନ୍ନୟନ ବିଭାଗର ଅବସରପ୍ରାପ୍ତ ନିର୍ବାହୀ ଯନ୍ତ୍ରୀ ବ୍ରଜସୁନ୍ଦର ପଟ୍ଟନାୟକ, କଟକ ମହାନଗର ନିଗମର ଅବସରପ୍ରାପ୍ତ ନିର୍ବାହୀ ଯନ୍ତ୍ରୀ ଖଗେଶ୍ୱର ସ୍ୱାଇଁ ଏବଂ ସମ୍ବଲପୁର ରାସ୍ତା ଓ କୋଠାବାଡ଼ି ଡିଭିଜନର ଅବସରପ୍ରାପ୍ତ ଅଧୀକ୍ଷଣ ଯନ୍ତ୍ରୀ ବିବେକାନନ୍ଦ ମହାନ୍ତିଙ୍କ ପେନ୍‌ସନକୁ ମଧ୍ୟ ସ୍ଥାୟୀଭାବେ ବନ୍ଦ କରିଦିଆଯାଇଛି।

ସେହିପରି ଦୁର୍ନୀତି ଅଭିଯୋଗରେ କଳାହାଣ୍ଡି ଜିଲା କୋକସରା ତହସିଲ୍‌ର ରେଭିନ୍ୟୁ ଇନ୍‌ସପେକ୍ଟର ଈଶ୍ୱର ପ୍ରସାଦ ପୁରୋହିତ ଏବଂ ସୋନପୁର ଜିଲା ବୀରମହାରାଜପୁର ତହସିଲ୍‌ର ରେଭିନ୍ୟୁ ଇନ୍‌ସପେକ୍ଟର ଅରୁଣ କୁମାର ପୁରୋହିତଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ପୂର୍ବରୁ ଏହି ଦୁଇ ଅଧିକାରୀ ଭିଜିଲାନ୍ସ ହାତରେ ଧରାପଡ଼ି ଜେଲ ଯାଇଛନ୍ତି। ଏହି ସବୁ ଅଧିକାରୀମାନେ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଦୁର୍ନୀତି ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି।

# ସେବାଶ୍ରମ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ନୂଆପଡ଼ା ଅଫିସ/କୋମନା, ୨୪।୨(ଡି.ଏନ.ଏ.)

- ହତ୍ୟା କି ଆତ୍ମହତ୍ୟା ସନ୍ଦେହ ଘେରରେ
- ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା
- ୧୨ଘଣ୍ଟା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଗଲା
- ପ୍ରଧାନ ଓ ସହକାରୀ ଶିକ୍ଷକ ନିଲମ୍ବିତ



ଅଧିକାରୀମାନେ ତଦନ୍ତ କରୁଛନ୍ତି ।

ନୂଆପଡା ଜିଲା କୋମନା ଥାନା ଅନ୍ତର୍ଗତ ଦର୍ଲପଡା ସେବାଶ୍ରମ ହାଇସ୍କୁଲ ଆବାସିକରେ ପାଠ ପଢୁଥିବା ସୁମନ୍ତ ଶବର (୧୪) ନାମକ ଜଣେ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ସେବାଶ୍ରମଠାରୁ ଅଧ କି.ମି. ଦୂରରେ ଏକ ଗଛରୁ ତାଙ୍କ ମୃତଦେହ ମିଳିଛି। ସେ ଆତ୍ମହତ୍ୟା କରିଛନ୍ତି କି ତାଙ୍କୁ କିଏ ହତ୍ୟା କରି ଗଛରେ ଝୁଲାଇ ଦେଇଛି ସେ ନେଇ ନାନା କଳ୍ପନା ଜଳ୍ପନା ଚାଲିଛି। ତେବେ ଏପରି ଦୁଃଖଦ ଘଟଣା ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଘଟିଛି ବୋଲି ମୃତକଙ୍କ ପରିବାର ସଦସ୍ୟଙ୍କ ସମେତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହିତ ମୃତକଙ୍କ ପରିବାରକୁ କ୍ଷତିପୂରଣ ପାଇଁ ଗ୍ରାମବାସୀ ଦାବି କରିଥିଲେ। ଦାବି ପୂରଣ ପାଇଁ ପ୍ରତିଶ୍ରୁତି ମିଳିବା ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଅତିରିକ୍ତ ଜିଲାପାଳ ସୀତାରାମ ପଟେଲ, ଜିଲା ମଙ୍ଗଳ ଅଧିକାରୀ ସନ୍ଧ୍ୟା ମାଝି ଏ ନେଇ ପ୍ରାଥମିକ ତଦନ୍ତ କରିବା ସହ ପ୍ରଧାନଶିକ୍ଷକ ରଘୁମଣୀ ଶବର ଏବଂ ହଷ୍ଟେଲ ଦାୟିତ୍ୱରେ ଥିବା ସହକାରୀ ଶିକ୍ଷକ ଶ୍ୟାମଲାଲ ସତନାମୀଙ୍କୁ ନିଲମ୍ବନ କରିଛନ୍ତି।

ସୂଚନା ଅନୁଯାୟୀ ନୂଆପଡା ବ୍ଲକ ଚିପାଝର ଗାଁର ପରମାନନ୍ଦ ଶବରଙ୍କ ପୁଅ ସୁମନ୍ତ ଦର୍ଲପଡା ସେବାଶ୍ରମରେ ନବମ ଶ୍ରେଣୀରେ ପାଠ ପଢୁଥିଲେ। ରବିବାର ସନ୍ଧ୍ୟାରେ ହଠାତ ସେ ଆଶ୍ରମ ଛାଡି ଦୌଡି ପଳାଇଥିଲେ। ତାଙ୍କୁ ସାଙ୍ଗମାନେ ପିଛା କରିଥିଲେ ମଧ୍ୟ ଅନ୍ଧାରରେ ପାଇ ନ ଥିଲେ। ସୋମବାର ସକାଳେ ଆଶ୍ରମଠାରୁ ଅଧ କି.ମି. ଦୂର ଡ୍ୟାମ ପାଣି ନିକଟ ଏକ ଗଛରେ ସୁମନ୍ତଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା। ଖବର ପାଇ ସ୍ଥାନୀୟ ଲୋକେ ସେଠାରେ ଭିଡ ଜମାଇଥିଲେ। ପରିବାର ଲୋକ ମଧ୍ୟାହ୍ନ ୧୨ଟାବେଳେ ଆସି ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହା ଆତ୍ମହତ୍ୟା ନୁହେଁ, ସୁମନ୍ତଙ୍କୁ କିଏ ହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଆଶ୍ରମ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଏପରି ଘଟିଛି ବୋଲି ସେମାନେ କହିଥିଲେ। ଆଶ୍ରମରେ ପ୍ରଧାନଶିକ୍ଷକ, ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ରହୁ ନ ଥିବାରୁ ଏଭଳି ଦୁଃଖଦ ଘଟଣା ଘଟିଛି। ଏହାର ବିଧିବଦ୍ଧ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ମୃତଦେହ ବ୍ୟବଚ୍ଛେଦ ପାଇଁ ଛଡ଼ାଯିବ ନାହିଁ ବୋଲି ଗ୍ରାମବାସୀ କହିଥିଲେ। ଖବର ପାଇ ଅତିରିକ୍ତ ଜିଲାପାଳ, ଓ ଜିଲା ମଙ୍ଗଳ ଅଧିକାରୀ ଆଶ୍ରମରେ ପହଞ୍ଚିଥିଲେ। ଲୋକେ ମୃତଦେହ ଆଣି ଆଶ୍ରମ ପରିସରରେ ରଖି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ପ୍ରଶାସନ ପକ୍ଷରୁ ମୃତକଙ୍କ ପରିବାରକୁ ତୁରନ୍ତ ୨୦ ହଜାର ଟଙ୍କା ପ୍ରଦାନ କରାଯିବା ସହ ବାକି ଦାବିଗୁଡ଼ିକୁ ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ପୋଲିସ ସନ୍ଧାନୀ କୁକୁର ସହ ଛାନ୍‌ଭିନ ଆରମ୍ଭ କରିଛି। ଏ ନେଇ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି।

# ଓଡ଼ିଶା ପୋଲିସର ପାଇପ୍ ବ୍ୟାଣ୍ଡ ଦଳ ତୃତୀୟ



କଟକ ଅଫିସ, ୨୪।୨

## ସର୍ବଭାରତୀୟ ପୋଲିସ ବ୍ୟାଣ୍ଡ ପ୍ରତିଯୋଗିତା

ରେଳ ସୁରକ୍ଷା ବଳ(ଆରପିଏଫ୍) ଆନୁକୂଲ୍ୟରେ ତେଲଙ୍ଗାନାର ସିକନ୍ଦରାବାଦସ୍ଥିତ ଆରପିଏଫ୍ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଗତ ୧୯ରୁ ୨୩ ତାରିଖ ପର୍ଯ୍ୟନ୍ତ ୨୦ତମ ସର୍ବଭାରତୀୟ ପୋଲିସ ବ୍ୟାଣ୍ଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଗନେଇଥିବା ଓଡ଼ିଶା ପୋଲିସର ପାଇପ୍ ବ୍ୟାଣ୍ଡ ଦଳ ତୃତୀୟ ସ୍ଥାନ ହାସଲ କରିଛି। ଓଡ଼ିଶା ପୋଲିସ ଇତିହାସରେ ପ୍ରଥମଥର ପାଇଁ ଏହି ଦଳ ଉକ୍ତ ପ୍ରତିଯୋଗିତାରେ ସଫଳତା ହାସଲ କରିଛି। ଏଥିପାଇଁ ଡିଜିପି ଅଭୟ ଉକ୍ତ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ, ଓଏସ୍‌ଏପି ଷଷ୍ଠ ବାଟାଲିୟନ ଅନ୍ତର୍ଗତ ଓସାଫର ସହକାରୀ ଦୁର୍ଗପତି ସୁଶାନ୍ତ କୁମାର ସାଠୁଆଙ୍କ ନେତୃତ୍ୱରେ ସିକନ୍ଦରାବାଦ ଗସ୍ତ କରିଥିବା ଏହି ଦଳରେ ୨୪ ଜଣ ପାଇପର, ୩୮ ଜଣ ବ୍ରାସବ୍ୟାଣ୍ଡ ପ୍ରତିଯୋଗୀ ଓ ୮ ଜଣ ବିଗୁଲର ଅଂଶଗ୍ରହଣ କରିଥିଲେ। ଅବସରପ୍ରାପ୍ତ ୱିଙ୍ଗ୍ କମାଣ୍ଡର ପ୍ରମୋଦ କୁମାର ଜେନା ଏହି ଦଳର ପ୍ରଶିକ୍ଷକ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଓଡ଼ିଶା ପୋଲିସ ପାଇପ୍ ବ୍ୟାଣ୍ଡ ଦଳ ଗତବର୍ଷ ଜମ୍ମୁଠାରେ ଅନୁଷ୍ଠିତ ସର୍ବଭାରତୀୟ ପୋଲିସ ବ୍ୟାଣ୍ଡ ପ୍ରତିଯୋଗିତାରେ ଚତୁର୍ଥ ସ୍ଥାନ ହାସଲ କରିଥିଲା।

## ଜିଲା ଟିଠି



### କେନ୍ଦୁଝର

# ଏୟାରଷ୍ଟ୍ରିପର ବିକାଶ

ସରକାର ଉଡ଼ାନ ଯୋଜନାରେ ବିଭିନ୍ନ ଏୟାରଷ୍ଟ୍ରିପର ବିକାଶ ଓ ସଂପ୍ରସାରଣ କରୁଛନ୍ତି। ହେଲେ ଖଣିଖାଦାନ ଦ୍ୱାରା ସମୃଦ୍ଧ କେନ୍ଦୁଝର ଜିଲାରେ ଥିବା ଦୁଇଟି ବହୁ ପୁରାତନ ଏୟାରଷ୍ଟ୍ରିପର ବିକାଶ ଓ ସଂପ୍ରସାରଣ ପଛରେ ପଡ଼ିଛି। ରାଜାରାଜୁଡ଼ା ଅମଳରୁ ସଦର ବ୍ଲକ ଅନ୍ତର୍ଗତ ରାଇସୁଆଁଠାରେ ଏନ୍‌ଏଚ୍ ୨୦ ପାର୍ଶ୍ୱରେ ଏକ ଏୟାରଷ୍ଟ୍ରିପ ରହିଥିବା ବେଳେ ଯୋଡ଼ା ବ୍ଲକର ଟଣ୍ଟୋ ଏନ୍‌ଏଚ୍-୭୨୦ ପାର୍ଶ୍ୱରେ ଆଉ ଗୋଟିଏ ରହିଛି। ବେସାମରିକ ବିମାନ ଚଳାଚଳ ବିଭାଗ ଅଧୀନରେ ଥିବା ରାଇସୁଆଁ ଏୟାରଷ୍ଟ୍ରିପ ପ୍ରାୟ ୩୮ ଏକର ଜମିରେ ନିର୍ମାଣ କରାଯାଇଛି। ସେଠାରେ ପ୍ରାୟ ୯୨୦ ମିଟର ଲମ୍ବ ଓ ୩୦ ମିଟର ଓସାରର ରନ୍‌ୱେ ରହିଛି। ଏହାର ରକ୍ଷଣାବେକ୍ଷଣ ପୂର୍ତ୍ତ ବିଭାଗ କରୁଛି। ସେହିପରି ଟଣ୍ଟୋ ଏୟାରଷ୍ଟ୍ରିପର ଲମ୍ବ ୧୧୧୨ ମିଟର, ପ୍ରସ୍ଥ ୮୦ ମିଟର। ରନ୍‌ୱେର ଲମ୍ବ ୧୦୬୩ ମିଟର ରହିଛି। କେନ୍ଦୁଝର ଜିଲାର ଖଣିଖାଦାନ ରାଜ୍ୟ ତଥା ଦେଶକୁ ବିଶ୍ୱରେ ପରିଚିତ କରାଇଛି। ଉଚ୍ଚମାନର ଲୁହାପଥର, ଅନ୍ୟାନ୍ୟ ଖଣିଜ କେନ୍ଦୁଝରରେ ଭରି ରହିଥିବାରୁ ଦେଶ ଓ ବିଦେଶର ବହୁ ଅଧିକାରୀ ଏବଂ କମ୍ପାନୀ ପ୍ରତିନିଧି ହେଲିକପ୍ଟର ବା ଏୟାରକ୍ରାଫ୍ଟରେ ଯିବାଆସିବା କରିଥା'ନ୍ତି। ଏହି ପରିପ୍ରେକ୍ଷୀରେ ଏୟାରଷ୍ଟ୍ରିପର ବିକାଶ ଓ ସମ୍ପ୍ରସାରଣ ଜରୁରୀ ହୋଇପଡ଼ିଛି। ଅନ୍ୟପକ୍ଷେ ଜିଲାର ଏକାଧିକ ରାସ୍ତାରେ ଲୁହାପଥର ବୋଝେଇ ଟ୍ରକ ଚଳାଚଳ ଯୋଗୁ ଅସୁରକ୍ଷିତ ହୋଇପଡ଼ିଛି। ଏପରି ପରିସ୍ଥିତିରେ ଏୟାରଷ୍ଟ୍ରିପ ଅନେକଙ୍କ ପାଇଁ ଆପାତକାଳୀନ ସମୟରେ ଜରୁରୀ ହୋଇପଡ଼ିଛି। ହେଲେ ଦୀର୍ଘଦିନ ହେଲା ଉପରୋକ୍ତ ୨ ଏୟାରଷ୍ଟ୍ରିପ ଅଲୋଡ଼ା ହୋଇ ରହିଛି। ଖଣିଖାଦାନର ଚାହିଦା ବିଶ୍ୱ ବଜାରରେ ବୃଦ୍ଧି ପାଇବା ପରେ ଗତ ପ୍ରାୟ ୧୫ ବର୍ଷ ହେଲା ଉକ୍ତ ଏୟାରଷ୍ଟ୍ରିପର ଗୁରୁତ୍ୱ ବଢ଼ିଯାଇଛି। ହେଲେ ଝାରସୁଗୁଡ଼ା ବିମାନବନ୍ଦରକୁ ପୂର୍ଣ୍ଣକାର୍ଯ୍ୟକ୍ଷମ କରାଯାଇଥିବା ବେଳେ ଏହି ଏୟାରଷ୍ଟ୍ରିପ ଦ୍ୱୟକୁ ଅଣଦେଖା କରିବା ଜିଲାବାସୀଙ୍କୁ ବ୍ୟଥିତ କରିଛି। ଅନ୍ୟପକ୍ଷେ ଖଣି ଅଞ୍ଚଳରୁ ଭୁବନେଶ୍ୱରର ଦୂରତ୍ୱ ପ୍ରାୟ ୩୦୦ କିମି ଓ କେନ୍ଦୁଝରରୁ ଭୁବନେଶ୍ୱର ଦୂରତ୍ୱ ୨୩୦ କିମି। ଏଣୁ ଏୟାରଷ୍ଟ୍ରିପରେ ରୋଗୀ ଓ ଯାତ୍ରୀ ଯାତାୟାତ ସ୍ଥାନୀୟ ଲୋକଙ୍କ ପାଇଁ ବେଶ୍ ଉପଯୋଗୀ। ଏଣୁ ଉପରୋକ୍ତ ୨ ଏୟାରଷ୍ଟ୍ରିପର ସଂପ୍ରସାରଣ ଓ ବିକାଶ ହେଲେ ବହୁ ବିମାନ ଯାତାୟାତ କରିପାରିବ ଏବଂ ସରକାର ବହୁ ରାଜସ୍ୱ ପାଇପାରିବେ ବୋଲି ମତ ପ୍ରକାଶ ପାଉଛି।

– ନରେଶ ଚନ୍ଦ୍ର ପଟ୍ଟନାୟକ

# ଲାଞ୍ଚ ନେଇ ଧରା ପଡ଼ିଲେ କିରାଣି

ମହାକାଳପଡା(ଡି.ଏନ.ଏ.)/ କେନ୍ଦ୍ରାପଡ଼ା ଅଫିସ, ୨୪।୨

କେନ୍ଦ୍ରାପଡା ଜିଲା ମହାକାଳପଡା ତହସିଲର ବରିଷ୍ଠ କିରାଣି ଚନ୍ଦ୍ରକାନ୍ତ ହାଁସଦା ସୋମବାର ଜଣେ ବ୍ୟକ୍ତିଙ୍କ ଠାରୁ ଲାଞ୍ଚ ନେଉଥିବା ସମୟରେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ତାଙ୍କ ଠାରୁ ଭିଜିଲାନ୍ସ ବିଭାଗ ଡିଏସପି ସୁରେନ୍ଦ୍ର ନାଥ ରାୟଗୁରୁ ୧୦୦୦ ଟଙ୍କା ଜବତ କରିଛନ୍ତି। ପ୍ରକାଶ ଯେ, ମହାକାଳପଡା ବ୍ଲକ ଅଧୀନ ଅଳାଇଲ ପଞ୍ଚାୟତ ଓଳିଆ ନୀଳକଣ୍ଠପୁର ଗ୍ରାମର ଦିଲୀପ ପଟ୍ଟନାୟକଙ୍କର ବ୍ରେନ ହାମରେଜ ହୋଇଥିଲା। ଏହାର ଚିକିତ୍ସା ପାଇଁ ଆବେଦନ କରିବା ପରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୩୫ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ଏହି ଅର୍ଥ ପାଇବା ପାଇଁ ଦିଲୀପ ତହସିଲକୁ ଯାଇଥିବା ବେଳେ କିରାଣି ହାଁସଦା ଏଥିପାଇଁ ୧୦୦୦ ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ଦିଲୀପ ଭିଜିଲାନ୍ସ ବିଭାଗକୁ ଜଣାଇବା ପରେ ଚଢାଉ କରାଯାଇଥିଲା। ଏ ସମ୍ପର୍କରେ ଡିଏସପି ରାୟଗୁରୁ କହିଛନ୍ତି ଯେ, ହାଁସଦାଙ୍କ ନିକଟରୁ ଲାଞ୍ଚ ଅର୍ଥ ଜବତ ହୋଇଛି। ଏଥିସହ କାର୍ଯ୍ୟାଳୟରେ ଥିବା ୧୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ କରାଯାଇଛି। ଏହି ଟଙ୍କାରୁ ପ୍ରାୟ ୧୧ ଲକ୍ଷ ଟଙ୍କାର ସରକାରୀ ହିସାବ ମିଳୁଥିବା ବେଳେ ଅବଶିଷ୍ଟ ଟଙ୍କା ସମ୍ପର୍କରେ କୌଣସି ତଥ୍ୟ ମିଳିନାହିଁ। ଏହି ଘଟଣାରେ ହାଁସଦାଙ୍କ ବାସଭବନ ଓ ଅନ୍ୟ ସମ୍ପର୍କୀୟଙ୍କ ଘର ଚଢାଉ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ଚଢ଼ାଉ ସମୟରେ ତହସିଲଦାର ସୁବ୍ରତ ବେହେରା ଓ ଭିଜିଲାନ୍ସ ବିଭାଗ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ନିଲାମ ଖଣିର ଜଙ୍ଗଲ ଅନୁମତି ନେଇ ହୋଇନାହିଁ ଆବେଦନ

ଭୁବନେଶ୍ୱର,୨୪।୨(ବ୍ୟୁରୋ)

ନିକଟରେ ନିଲାମ ହୋଇଥିବା କୌଣସି ଖଣିର ଜଙ୍ଗଲ ଅନୁମତି ସକାଶେ ରାଜ୍ୟ ସରକାର ଆବେଦନ କରିନାହାନ୍ତି। ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ସୋମବାର ବିଧାନସଭାରେ ଏନେଇ ଲିଖିତ ଉତ୍ତର ପ୍ରଦାନ କରିଛନ୍ତି। ବିଜେଡି ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଅଣତାରକା ପ୍ରଶ୍ନ ନଂ.୧୦୨୮ର ଉତ୍ତର ଦେଇ ମନ୍ତ୍ରୀ ଏହା କହିଛନ୍ତି। ଇତିମଧ୍ୟରେ ରାଜ୍ୟ ସରକାର ନିଲାମ ଜରିଆରେ ୧୯ ଖଣିର ନିଲାମୀ କରିସାରିଛନ୍ତି। ଏହାକୁ ବାଦ୍ ଦେଇ ରାଜ୍ୟ ସରକାର ୭ଟି ନୂଆ ଖଣି ମଧ୍ୟ ନିଲାମ କରିଛନ୍ତି। ଏହି ଖଣିଗୁଡ଼ିକ ହେଉଛି– ସୁନ୍ଦରଗଡ଼ ଜିଲାର ଗୋରବୁରହାନୀ ସଗସାହ, ନେତ୍ରବନ୍ଧ ପାହାଡ଼ ଲୁହାପଥର ଖଣି, ଖାଟକୁର ବାହାଲର ଲାଇମ୍‌ଷ୍ଟୋନ୍ ଏବଂ କଳାମାଙ୍ଗ ପଶ୍ଚିମ(ଉତ୍ତରଭାଗ)ସ୍ଥିତ ଲୁହାପଥର ଖଣି ମାଲକାନଗିରିର କୋଟାମେଟ୍ଟା ଲାଇମ୍‌ଷ୍ଟୋନ୍ ଖଣି, କେନ୍ଦୁଝରର ଲର୍ସଦା ପାଚେରିମାଙ୍ଗାନିଜ୍ ବ୍ଲକ ଏବଂ ରାୟଗଡା ଜଗଦଲପୁର ଗ୍ରାଫାଇଟ୍ ବ୍ଲକ।

# ଅଜୟ ପାଇବେ କେନ୍ଦ୍ର ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାର

ଭୁବନେଶ୍ୱର,୨୪।୨(ବ୍ୟୁରୋ)



ପ୍ରଫେସର ଅଜୟ କୁମାର ପଟ୍ଟନାୟକ




ଅବସରପ୍ରାପ୍ତ ହିନ୍ଦୀ ପ୍ରଫେସର ଅଜୟ କୁମାର ପଟ୍ଟନାୟକ ୨୦୧୯ ବର୍ଷ ପାଇଁ ଓଡ଼ିଶାରୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ତାଙ୍କ ଦ୍ୱାରା ଅନୂଦିତ ଓଡ଼ିଆ ପୁସ୍ତକ 'ଶ୍ରେଷ୍ଠ ହିନ୍ଦୀ ଗଳ୍ପ' ପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରତିବର୍ଷ ପ୍ରଦାନ କରାଯାଉଥିବା ଅନୁବାଦ ପୁରସ୍କାର ପାଇବେ। ସୋମବାର ନୂଆଦିଲ୍ଲୀଠାରେ ଏକାଡେମୀ ସଭାପତି ଡ. ଚନ୍ଦ୍ରଶେଖର କମ୍ବରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକାରୀ ପରିଷଦ ବୈଠକରେ ଏନେଇ ବିଧିବଦ୍ଧ ଘୋଷଣା କରାଯାଇଛି। ମୋଟ ୨୩ ଭାଷାରେ ଏହି ପୁରସ୍କାର ଘୋଷଣା କରାଯାଇଥିବା ବେଳେ ଅଜୟଙ୍କ ପୁସ୍ତକ 'ଶ୍ରେଷ୍ଠ ହିନ୍ଦୀ ଗଳ୍ପ' ରେ ବଛା ବଛା ଶ୍ରେଷ୍ଠ ୨୫ଟି ହିନ୍ଦୀରୁ ଓଡ଼ିଆ ଅନୂଦିତ ଗଳ୍ପ ରହିଛି।

ଗଞ୍ଜାମ ଜିଲା ଭଞ୍ଜନଗର ଅନ୍ତର୍ଗତ ଗାମୁଣ୍ଡି ଗ୍ରାମରେ ୧୯୪୯ ଜୁନ୍ ୫ରେ ଜନ୍ମଗ୍ରହଣ କରିଥିଲେ ଅଜୟ। ସେ ଆଲ୍ଲାହାବାଦ ବିଶ୍ୱବିଦ୍ୟାଳୟରୁ ହିନ୍ଦୀରେ ସ୍ନାତକୋତ୍ତର ଏବଂ ଡି.ଫିଲ୍ କରିବା ପରେ ୧୯୭୪ରୁ ୨୦୦୭ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସରକାରୀ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା କରି ଅବସର ଗ୍ରହଣ କରିଛନ୍ତି। ଏହାମଧ୍ୟରେ ସେ ୪୦ରୁ ଊର୍ଦ୍ଧ୍ୱ ପୁସ୍ତକ ଲେଖିଥିବାବେଳେ ଓଡ଼ିଆରୁ ହିନ୍ଦୀ ଏବଂ ହିନ୍ଦୀରୁ ଓଡ଼ିଆକୁ ଅନେକ ପୁସ୍ତକ ଅନୁବାଦ କରିଛନ୍ତି। କେବଳ ଏତିକି ନୁହେଁ, ମରାଠୀ ପୁସ୍ତକ 'ବନଗରବାଡୀ' ସମେତ ରମାନାଥ ତ୍ରିପାଠୀଙ୍କ 'ଶଙ୍ଖା–ସିନ୍ଦୂର', ନରେନ୍ଦ୍ର କୋହଲିଙ୍କ 'ଦୀକ୍ଷା', ମାଲିକ ମହମ୍ମଦ ଜୟସୀଙ୍କ ଆତ୍ମଜୀବନୀ 'ଜାୟସୀ', ନିରାଲାଙ୍କ ଉପନ୍ୟାସ 'ବିଲ୍ଲେସୁର୍ ଛେଲିଆ' ଭଳି ବହୁ ପୁସ୍ତକକୁ ହିନ୍ଦୀରୁ ଓଡ଼ିଆକୁ ଅନୁବାଦ କରିଛନ୍ତି। ସେହିଭଳି 'ମନୋଜ ଦାସକୃତ କହାନୀ ସଂଗ୍ରହ' ଓ 'ପ୍ରଭଞ୍ଜନ', ରବି ରାୟଙ୍କ ଆତ୍ମଜୀବନୀ 'ଅନ୍ୱେଷା କା ଆକାଶ', ନୃସିଂହ ପ୍ରସାଦ ତ୍ରିପାଠୀଙ୍କ 'ମୁରଲୀ ସାହୁ କା ଦିନ', ପ୍ରତିଭା ରାୟଙ୍କ 'ପୁଣ୍ୟତୋୟା', ସାତକଡ଼ି ହୋତାଙ୍କ 'ନୀଲାଚଲ କୋ ରାସ୍ତା', ସୁସ୍ମିତା ବାଗ୍‌ଚୀଙ୍କ 'ଦେବଶିଶୁ' ଓ ମନୋରମା ମହାପାତ୍ରଙ୍କ 'ବନ୍ଦ ଘର୍ କା କିବାଡ଼' ଆଦି ତାଙ୍କର କେତୋଟି ହିନ୍ଦୀ ଅନୂଦିତ ପୁସ୍ତକ। ଏହାବ୍ୟତୀତ ହିନ୍ଦୀରେ ସେ ଅନେକ ଆଲୋଚନା ପୁସ୍ତକ ଓ ହିନ୍ଦୀ ସାହିତ୍ୟର ଇତିହାସ ମଧ୍ୟ ଲେଖିଛନ୍ତି। ତେବେ 'ଶ୍ରେଷ୍ଠ ହିନ୍ଦୀ ଗଳ୍ପ'ରେ ମୋଟ ୨୫ ଗଳ୍ପ ରହିଥିବାବେଳେ ଚନ୍ଦ୍ରଶର୍ମା ଗୁଲେରୀଙ୍କ ଲୋକପ୍ରିୟ ଗଳ୍ପ 'ଉସନେ କହାଥା'ର ଅନୁବାଦ 'ସେ କହିଥିଲା', ରାଜା ରାଧିକା ରମଣ ସିଂହ, ଜୟଙ୍କର ପ୍ରସାଦ, ପ୍ରେମଚାନ୍ଦ, ବିଶ୍ୱମ୍ଭର ଶର୍ମା, ରାଧାକୃଷ୍ଣ, ଭଗବତୀ ପ୍ରସାଦ ବାଜପେୟୀ, ପାଣ୍ଡେୟ ବଚନ ଶର୍ମା, ଚତୁରସେନ ଶାସ୍ତ୍ରୀ, ୟଶ ପାଲ, ବୃନ୍ଦାବନଲାଲ ବର୍ମା, ଜୈନେନ୍ଦ୍ର କୁମାର, ଭଗବତୀ ଚରଣ ବର୍ମା, ଆଚାର୍ଯ୍ୟ ସୁଦର୍ଶନ, ରାଙ୍ଗେୟ ରାଘବ ଆଦିଙ୍କ ଗଳ୍ପ ରହିଛି। ହିନ୍ଦୀ ଏବଂ ଓଡ଼ିଆ ସାହିତ୍ୟକୁ ବିଶେଷ ଅବଦାନ ଲାଗି ସେ ୧୫ରୁ ଊର୍ଦ୍ଧ୍ୱ ପୁରସ୍କାର ପାଇଥିବାବେଳେ ଏହା ମଧ୍ୟରେ ହିନ୍ଦୀସେବୀ ସମ୍ମାନ, ରାଜଭାଷା ସମ୍ମାନ, ସୌହାର୍ଦ୍ଦ୍ୟ ସମ୍ମାନ, ଗଙ୍ଗାଶରଣ ସିଂହ ପୁରସ୍କାର, ବିଶ୍ୱ ହିନ୍ଦୀ ସମ୍ମାନ, ପ୍ରଫୁଲ୍ଲ ଦାସ ଅନୁବାଦ ସାହିତ୍ୟ ପୁରସ୍କାର ଆଦି ରହିଛି।

କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପକ୍ଷରୁ ଏକ ସ୍ୱତନ୍ତ୍ର ଉତ୍ସବର ଆୟୋଜନ କରାଯାଇ ମନୋନୀତ ୨୩ ଅନୁବାଦକଙ୍କୁ ପୁରସ୍କୃତ କରାଯିବ। ପ୍ରତ୍ୟେକଙ୍କୁ ୫୦ ହଜାର ଟଙ୍କାର ଅର୍ଥରାଶି ସହ ମାନପତ୍ର ଏବଂ ଉପଢୌକନ ଦିଆଯିବ। ୨୦୧୯ ଅନୁବାଦ ପୁରସ୍କାର ବିଚାରକ ମଣ୍ଡଳୀରେ ଓଡ଼ିଆ ବିଭାଗରେ ବରିଷ୍ଠ ସାହିତ୍ୟିକ ରବୀନ୍ଦ୍ର କୁମାର ପ୍ରହରାଜ, ଅମୀୟବାଳା ପଟ୍ଟନାୟକ ଏବଂ ଡ. ସୂର୍ଯ୍ୟମଣି ଖୁଣ୍ଟିଆ ସଦସ୍ୟ ରହିଥିଲେ।

ମାନବୀୟ ପ୍ରଗତିର ପୂର୍ଣ୍ଣାଙ୍ଗ ପରିଣତି ପାଇଁ ମନୁଷ୍ୟ ପକ୍ଷରେ ୟୁରୋପୀୟ ସଭ୍ୟତାର ମାନସିକ, ପ୍ରାଣିକ ଓ ଶାରୀରିକ ଉତ୍କର୍ଷର ଗୁରୁତ୍ୱ ଏବଂ ଭାରତୀୟ ସଭ୍ୟତାର ଆଧ୍ୟାତ୍ମିକ ଓ ଚୈତ୍ତିକ ବିକାଶର ପ୍ରେରଣା- ଉଭୟବିଧ ପ୍ରବୃତ୍ତିର ସମ୍ୟକ ଆବଶ୍ୟକତା ରହିଅଛି।
-ଶ୍ରୀଅରବିନ୍ଦ

# ଭାରତ ଅଡୁଆରେ

ଗୁଜରାଟର ମୋଟେରା ଷ୍ଟାଡିୟମ୍‌ରେ 'ନମସ୍ତେ ଟ୍ରମ୍ପ୍' କାର୍ଯ୍ୟକ୍ରମରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତକୁ ପ୍ରଥମେ ଏକ ସମୃଦ୍ଧ ରାଷ୍ଟ୍ର କହି ଉଦ୍‌ବୋଧନ ଦେଇଥିଲେ। ପରବର୍ତ୍ତୀ ସମୟରେ ଏଠାରେ ଉତ୍କଟ ଦାରିଦ୍ର୍ୟ ଥିବା ବିଷୟ ଉଲ୍ଲେଖ କରିଥିଲେ। ଆସନ୍ତା ୧୦ ବର୍ଷ ମଧ୍ୟରେ ଏହା ଦୂରୀକରଣ ହୋଇପାରିବ ବୋଲି ଟ୍ରମ୍ପ୍ କହିବା ପରେ ତାଙ୍କ କଥା ଓଲଟପାଲଟ ହେଉଥିବା ଜଣାପଡୁଛି। କାରଣ ଗତ ସପ୍ତାହରେ ଟ୍ରମ୍ପ୍ ପ୍ରଶାସନ ଅଧୀନ ଆମେରିକା ବାଣିଜ୍ୟ ପ୍ରତିନିଧି କାର୍ଯ୍ୟାଳୟ ପକ୍ଷରୁ ଏକ ବିଜ୍ଞପ୍ତି ଜରିଆରେ ଜଣାଇ ଦିଆଯାଇଥିଲା ଯେ, ଭାରତ ଦ୍ରୁତଗତିରେ ଅଭିବୃଦ୍ଧି କରୁଥିବାରୁ ଏହା ବିକାଶଶୀଳ ରାଷ୍ଟ୍ର ତାଲିକାରୁ ବାଦ୍‌ପଡ଼ିଲା। ଅର୍ଥାତ୍ ଏଣିକି ଭାରତ ଏକ ବିକଶିତ ରାଷ୍ଟ୍ର ଭାବେ ଆମେରିକା ସହ ବାଣିଜ୍ୟିକ କାରବାର କରିବ। ଏହି ଦୁଇଟି କଥାକୁ ତର୍ଜମା କଲେ ଭାରତ ପ୍ରତି ଟ୍ରମ୍ପ୍‌ଙ୍କ କିଭଳି ମନୋଭାବ ରହିଛି ବୁଝାପଡ଼ିଯାଉଛି। ଗୋଟିଏ ପଟେ ସେ ଭାରତର ଦାରିଦ୍ର୍ୟକୁ ବ୍ୟକ୍ତିଗତ ଭାବେ ଦର୍ଶାଉଥିବା ବେଳେ ତାଙ୍କ ଅଧୀନରେ ଚାଲିଥିବା ଆମେରିକା ସରକାରର ନୀତି ମାଧ୍ୟମରେ ଭାରତକୁ ଭିନ୍ନ ଦୃଷ୍ଟିରେ ଦେଖୁଛନ୍ତି। ବିକାଶଶୀଳ ଦେଶରୁ ଭାରତକୁ ବିକଶିତ ରାଷ୍ଟ୍ର ମାନ୍ୟତା ଦିଆଯିବା ପଛରେ ଆମେରିକା ଯେଉଁ ଆର୍ଥିକ ସହାୟତା ଓ ବାଣିଜ୍ୟିକ ରିହାତି ଦେଇ ଆସୁଥିଲା ତାହା ବସ୍ତୁତଃ ବନ୍ଦ ହେବା ନିଶ୍ଚିତ ହୋଇଯାଇଛି।

'ନମସ୍ତେ ଟ୍ରମ୍ପ୍' କାର୍ଯ୍ୟକ୍ରମରେ ଟ୍ରମ୍ପ୍ ପାକିସ୍ତାନ ସପକ୍ଷରେ ଯେଉଁ ମନ୍ତବ୍ୟ ରଖିଛନ୍ତି, ସେଥିରୁ ତାଙ୍କର କୂଟନୈତିକ ଆଭିମୁଖ୍ୟ ବୁଝାପଡୁଛି। ଟ୍ରମ୍ପ୍ ଭାରତ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଶଂସା କଲେ। ତତ୍‌ସହିତ ପାକିସ୍ତାନକୁ ମଧ୍ୟ ପ୍ରଶଂସା କରି କହିଲେ ଇସ୍‌ଲାମାବାଦ ସହ ଆମେରିକାର ସମ୍ପର୍କ ଉତ୍ତମ। ଟ୍ରମ୍ପ୍‌ଙ୍କ ଏଭଳି ମନ୍ତବ୍ୟ ଭାରତୀୟ ଆଭ୍ୟନ୍ତରୀଣ ରାଜନୀତିକୁ ମଧ୍ୟ ପ୍ରଭାବିତ କରିବ। ଭାରତ ସରକାରଙ୍କ ବିଭିନ୍ନ ମନ୍ତବ୍ୟରେ ପାକିସ୍ତାନକୁ ଯେଉଁଭଳି ଆକ୍ରମଣ କରାଯାଉଛି, ତାହା ଏବେ ଟ୍ରମ୍ପ୍‌ଙ୍କ ମନ୍ତବ୍ୟ ପରେ ଭିନ୍ନ ରୂପ ନେଇପାରେ। କହିବାକୁ ଗଲେ ଭାରତ ମାଟିରେ ଏବଂ ବିଶେଷକରି ମୋଦିଙ୍କ ଗୁଜରାଟରେ ଅତିଥି ଭାବେ ଟ୍ରମ୍ପ୍‌ଙ୍କ ପାକିସ୍ତାନ ସପକ୍ଷବାଦୀ ମନ୍ତବ୍ୟ ଭାରତ ପାଇଁ ଚେତାବନୀ ହୋଇପାରେ। ଯେଉଁ ଆମେରିକୀୟ ଡଲାର ପାଇଁ ଭାରତ ସରକାର ନସରପସର ହେଉଛନ୍ତି, ସେହି ଡଲାର ଧରି ଆମେରିକା ଏବେ ପାକିସ୍ତାନକୁ ପ୍ରଶଂସା କରୁଛି। ଆମେରିକାର ପାକିସ୍ତାନ ସପକ୍ଷବାଦୀ ନୀତି ନୂଆ ନୁହେଁ । କିନ୍ତୁ ଗୋଟିଏ ପଟେ ଭାରତରେ କ୍ଷମତାସୀନ ଭାଜପା ନେତାମାନେ ଯେତେବେଳେ ଖୋଲାଖୋଲି ବିରୋଧୀଙ୍କୁ ପାକିସ୍ତାନ ଯାଅ ବୋଲି କହୁଛନ୍ତି, ସେତେବେଳେ ଟ୍ରମ୍ପ୍‌ଙ୍କ ଏହି ମନ୍ତବ୍ୟ ଆମ ଦେଶର ନୀତିକୁ ବଦଳାଇପାରେ। ଆଭ୍ୟନ୍ତରୀଣ ବିଷୟରେ କୌଣସି ବିଦେଶୀ ନେତା ସାଧାରଣରେ ମତ ଦିଅନ୍ତି ନାହିଁ। କିନ୍ତୁ ଭାରତରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧୀ ଆନ୍ଦୋଳନ ତେଜୁଥିବା ବେଳେ ଏଭଳି ମନ୍ତବ୍ୟ ଗୁରୁତ୍ୱ ଧାରଣ କରୁଛି। ଏହି ସମୟରେ ଟ୍ରମ୍ପ୍‌ଙ୍କୁ ଭାରତକୁ ନିମନ୍ତ୍ରଣ କରିବା ପଛରେ ମୋଦିଙ୍କ ସକ୍ରିୟ ଭୂମିକା ରହିଛି। ସମ୍ଭବତଃ ମୋଦି ଭାବିଥିଲେ ଆମେରିକା ରାଷ୍ଟ୍ରପତି ତାଙ୍କ ନିର୍ବାଚନ ପୂର୍ବରୁ ଏଭଳି ସୁଯୋଗ ପାଇଲେ ଟ୍ରମ୍ପ୍ ତାହାର ଲାଭ ଉଠାଇ ଭାରତ ସପକ୍ଷରେ ମତ ଦେବେ। ଭାରତୀୟ ରାଜନୈତିକ ହିସାବରେ ଏଭଳି ପରିସ୍ଥିତି ମିଳିଲେ ନେତାମାନେ ଅନେକ ପ୍ରତିଶ୍ରୁତି ଦେଇଥାଆନ୍ତି। ସେଥିପାଇଁ ହୁଏତ ଆମେରିକାରେ ବସବାସ କରୁଥିବା ଅନେକ ଲକ୍ଷ ଭାରତୀୟ ସେଠାରେ ଟ୍ରମ୍ପ୍‌ଙ୍କୁ ଭୋଟ ଦେଇଥାଆନ୍ତେ। କିନ୍ତୁ ଦୁଃଖର ବିଷୟ, ଆମେରିକାରେ ସେହି ଧରଣର ରାଜନୀତି କରାଯାଏ ନାହିଁ। ବିଶେଷକରି ଟ୍ରମ୍ପ୍‌ଙ୍କ ଭଳି ରାଷ୍ଟ୍ରପତି ମିଛ ପ୍ରତିଶ୍ରୁତି ଦେଇଥିବାର ନଜିର ନାହିଁ। ଏହା ସତ୍ୟ ଯେ, ଆମେରିକାରେ ଟ୍ରମ୍ପ୍ ବିରୋଧୀ ଗୋଷ୍ଠୀ ଯଥେଷ୍ଟ ଶକ୍ତିଶାଳୀ ହେଲେଣି। ସେମାନେ ତାଙ୍କର ମେକ୍ସିକୋ ପାଚେରି ଭଳି ଅନେକ କାର୍ଯ୍ୟକୁ ବିରୋଧ କରନ୍ତି। ନିର୍ବାଚନ ପୂର୍ବରୁ ମେକ୍ସିକୋ ପାଚେରି ତିଆରି କରିବେ ବୋଲି ଦେଇଥିବା ପ୍ରତିଶ୍ରୁତିକୁ ଟ୍ରମ୍ପ୍ ପାଳନ କଲା ବେଳକୁ ସିନେଟ୍‌ରେ ତାହାର ବିରୋଧ ହୋଇଥିଲା। ସେଥିପାଇଁ ଅନେକ ଦିନ ପର୍ଯ୍ୟନ୍ତ ଟ୍ରମ୍ପ୍‌ଙ୍କ ଦ୍ୱାରା ସରକାର ଅଚଳ କରିଦିଆଯାଇଥିଲା। ସେହିଭଳି ଚାଇନାର ଅର୍ଥନୈତିକ ଶକ୍ତିକୁ ହ୍ରାସ କରିବେ ବୋଲି ଟ୍ରମ୍ପ୍ କହିଥିବା କଥାର କାର୍ଯ୍ୟକାରିତା ସମଗ୍ର ପୃଥିବୀ ଦେଖିଲା।

ବିଶ୍ୱବାସୀ ଜାଣିଛନ୍ତି ଟ୍ରମ୍ପ୍ ଜଣେ ଏକଜିଦିଆ ବ୍ୟକ୍ତି। ଯାହା ମନକୁ ଆସେ ତତ୍‌କ୍ଷଣାତ୍ ନିଷ୍ପତ୍ତି ନେଇଥାଆନ୍ତି। ସମସ୍ତଙ୍କ ମନେଥିବ ଟ୍ରମ୍ପ୍ କ୍ଷମତାକୁ ଆସିବା ପରଠାରୁ ଭାରତ ଓ ପାକିସ୍ତାନ ମଧ୍ୟରେ ମଧ୍ୟସ୍ଥତା କରିବାକୁ ବାରମ୍ବାର ପ୍ରସ୍ତାବ ଦେଇଛନ୍ତି। କଶ୍ମୀର ସମସ୍ୟା ଉପରେ ତାଙ୍କ ପ୍ରଶାସନର ନଜର ରହିଛି ବୋଲି କହିଛନ୍ତି। ଭାରତରେ ଦେଖାଦେଇଥିବା ଧର୍ମୀୟ ଅସହିଷ୍ଣୁତା ବିଷୟରେ ମଧ୍ୟ ଆମେରିକାର କେତେକ ସଙ୍ଗଠନ ଅତୀତରେ ଟିପ୍ପଣୀ ଦେଇଥିଲେ। ଏହି ପ୍ରଚ୍ଛଦପଟରେ ମୋଦିଙ୍କ ଉପସ୍ଥିତିରେ ଗୁଜରାଟରେ ଛିଡ଼ା ହୋଇ ଟ୍ରମ୍ପ୍ ଦେଇଥିବା ପାକିସ୍ତାନ ସପକ୍ଷ ମତ ଭାରତକୁ ଅଡୁଆରେ ପକାଇଛି।

## ଚିରନ୍ତନୀ

ବିଶ୍ୱର ତରଙ୍ଗେ ଭାସି
ଅଭାବର ରାଶି ରାଶି
ଜମିଅଛି କେତେ ଶତ ମୋର ଏ ଅନ୍ତରେ,
ନିବିଡ଼ ସେ ଆଲିଙ୍ଗନେ
ଉଠିବ ପୂରି ସଘନେ
ନୀରବ ନିଭୃତ ଏହି ନିଶୀଥ ରାତ୍ରରେ।
(ଆଶ୍ଳେଷ ସ୍ୱର୍ଗ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | | | | 9 | | 0 | | 1 | D | | | C | | |
| | 7 | 9 | D | | 1 | | A | | | | 4 | | | 5 |
| | | 8 | | 5 | 0 | | 6 | | | | 3 | 9 | | E |
| D | | C | | | | | 8 | | E | | | 6 | | A |
| | | | | | | 7 | | D | | C | | | | |
| | | 4 | | | | C | | | 8 | | | 1 | 3 | |
| | | 1 | 9 | | E | | 0 | 7 | | | | 4 | | |
| 7 | | | | | | 8 | | | | | | | | C |
| C | 5 | | 0 | | | | | | | 3 | A | | 8 | 2 |
| | 6 | | 5 | | | 4 | 9 | | | 2 | 7 | E | | |
| | A | 2 | 6 | | | | | 0 | C | | | 8 | | |
| | | | | | | | C | 6 | | E | B | 5 | | 3 |
| | | | | | | | 7 | | | | | | 9 | 4 |
| | D | | | B | | | | | | 9 | 1 | 0 | | |
| 0 | 1 | | E | 8 | 2 | | | | | 5 | | A | | B |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | A | 9 | 6 | 4 | 2 | D | B | 8 | E | 0 | C | 1 | 3 | 5 |
| 0 | D | 2 | 7 | 5 | C | A | 3 | 1 | 8 | B | 9 | 4 | E | 6 |
| C | 4 | 5 | 0 | A | 1 | E | 6 | 2 | 7 | 3 | D | 9 | 8 | B |
| 8 | 6 | 3 | E | B | 9 | 4 | 5 | C | A | 1 | 2 | 7 | D | 0 |
| E | 1 | B | D | 8 | 3 | 9 | 7 | 0 | 5 | 6 | 4 | A | C | 2 |
| 9 | C | 4 | 1 | 2 | B | 7 | E | 6 | 0 | 5 | 8 | 3 | A | D |
| A | 2 | 1 | 4 | 9 | E | 5 | 0 | B | D | C | 3 | 6 | 7 | 8 |
| 3 | 0 | 8 | 5 | 7 | 6 | 2 | C | D | 4 | A | E | B | 1 | 9 |
| D | B | 7 | 8 | C | A | 1 | 4 | 3 | 2 | 9 | 6 | 0 | 5 | E |
| 6 | 5 | E | 3 | D | 0 | 8 | A | 9 | B | 7 | 1 | 2 | 4 | C |
| 2 | 9 | D | B | 0 | 8 | 3 | 1 | 5 | C | 4 | 7 | E | 6 | A |
| 4 | 8 | 0 | A | 3 | 7 | B | D | E | 6 | 2 | 5 | C | 9 | 1 |
| B | 7 | A | C | 1 | 5 | 6 | 8 | 4 | 9 | E | 0 | D | 2 | 3 |
| 1 | E | C | 2 | 6 | D | 0 | 9 | 7 | 3 | 8 | A | 5 | B | 4 |
| 5 | 3 | 6 | 9 | E | 4 | C | 2 | A | 1 | D | B | 8 | 0 | 7 |

ଗତକାଲିର ଉତ୍ତର

# ଜୀବନର ମୂଲ୍ୟ କ'ଣ ଦୁଇଲକ୍ଷ ଟଙ୍କା



ସହଦେବ ସାହୁ

ସାଧାରଣ ଓଡିଆଟିଏ ମରିଗଲେ ସରକାରଙ୍କର କିଛି ଦୁଃଖ ନାହିଁ। ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠି ତ ଅଛି! ଓଡିଆର ଜୀବନ ବଡ଼ ଶସ୍ତା। ମାତ୍ର ଦୁଇ ଲକ୍ଷ ଟଙ୍କା। ଫେବୃୟାରୀ ୯ ତାରିଖ ଦିନ ଗଞ୍ଜାମ ଜିଲାରେ ୧୧ କେ.ଭି. ବିଜୁଳି ତାର ସଂସ୍ପର୍ଶରେ ଆସି ବରଯାତ୍ରୀମାନେ ଯାଉଥିବା ବସ୍‌ରେ ୧୦ ଜଣଙ୍କ ମୃତ୍ୟୁ ଘଟିଛି, ଓଡିଶା ସରକାର ଜଣପିଛା ୨ ଲକ୍ଷ ଲେଖାଏ ଟଙ୍କା ଦେବେ ଘୋଷଣା କରିଦେଲେ। ନିକଟତମ ସମ୍ପର୍କୀୟମାନେ ଏ ପଇସା ପାଇବେ ଶୁଣି ସେମାନେ ତ ଖୋଲାଜାଗାରେ କାନ୍ଦିବା ବନ୍ଦ କରିଦେଲେ। ପରିବାର ବାହାରର ଲୋକେ ଭାବିଲେ ସରକାର ଲୋକଙ୍କ ଦୁଃଖ ବୁଝୁଛନ୍ତି। ୫ 'ଟି'ର ସରକାରଙ୍କ ପାଖରେ ଦୁଇଟି 'ଟି' ହେଉଛି ଟ୍ରାନ୍ସଫର୍ମେସନ୍ ଓ ଟାଇମ୍। ବ୍ୟବସ୍ଥା ବଦଳିବ, ଆଉ ଯଥା ସମୟରେ ପାଉଣା ମିଳିଯିବ। ଘୋଷଣା ଓ ପାଇବା ଭିତରେ ଥିବା ଟି, ଅର୍ଥାତ୍ ମୃତକର ସମ୍ପର୍କୀୟ କେବେ ପାଇବ ଓ ତା' ପାଇଁ କେତେ ହାତଗୁଞ୍ଜା ବା ମଧ୍ୟସ୍ଥ ବଟି ଦେବ ସିଏ ଜାଣେ। ବହୁତ ଝଞ୍ଝଟ ଓ ବିଭାଗୀୟ କଳିତକରାଳ ଭିତରେ ଆଉ ଗୋଟିଏ 'ଟି' ଟ୍ରାନ୍ସପରେନ୍ସି ବା ସ୍ୱଚ୍ଛତା ବି ମାଡ ଖାଇବ।

ବ୍ୟବସ୍ଥା ବଦଳିବା ବା ଟ୍ରାନ୍ସଫର୍ମେସନ୍ କାହିଁ? ପରସ୍ପରକୁ ଦୋଷଦେବା ଯାହାକୁ ଇଂଲିଶରେ କହନ୍ତି ପାସିଂ ଦି ବକ୍, ତା' ସରିଲେ ତ! ନିର୍ବନ୍ଧକୁ ଯାଉଥିବା ଯାତ୍ରୀମାନେ ଯେଉଁ ବସ୍‌ରେ ଥିଲେ ସେ ବସ୍ ଯାଉଥିବା ରାସ୍ତା ଉପରେ ଗୋଟିଏ ଜୀବନ୍ତ ତାର ତଳକୁ ନଇଁ ଆସିଥିଲା। ନଇଁ ଆସିବାର କାରଣ ଖୋଜାଗଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ଦାୟୀ କାରଣ ଗାଁ ରାସ୍ତା ତାଙ୍କର। ପରିବହନ ବିଭାଗ ଦାୟୀ କାରଣ ବସ୍ ଚାଲିବା ସେ ଦେଖନ୍ତି ଓ ଚାଳକର ଲାଇସେନ୍ସ ଦେଖନ୍ତି। ବିଜୁଳି ବିଭାଗ ଦାୟୀ କାରଣ ସେ ବିଜୁଳି ଯୋଗାଣର ଭିତ୍ତିଭୂମି ଦେଖନ୍ତି। ବିଜୁଳି ବିତରଣ କମ୍ପାନୀ ବା ସାଉଥ୍‌କୋ ଦାୟୀ କାରଣ ସେ ତାର ଟଣା ଦେଖନ୍ତି। କଣ୍ଟ୍ରାକ୍ଟର ଦାୟୀ କାରଣ ସେ ତାର ଟଣା କାମ ନେଇଥିଲା। ଯେଉଁ ଜୁନିୟର ବା ସେକ୍ସନ ଅଫିସର୍ କଣ୍ଟ୍ରାକ୍ଟରର ବିଲ୍ ପାସ୍ କରିବା ପାଇଁ ସୁପାରିସ୍ କରିଥିଲା ତା'ର ତନଖି କରିବାରେ ଅବହେଳା ପାଇଁ ସେ ଦାୟୀ। କାହାର ଅଣଦେଖାରୁ ତାର ନଇଁ ଆସି ଚଳନ୍ତା ବସ୍‌ରେ ଲାଗିଲା ସେ ବିଷୟରେ ତର୍କ ଚାଲିଲା। କେଉଁ ଠିକାଦାର ଏବଂ ତାକୁ ତନଖି କରୁଥିବା କେଉଁ ଅଧିକାରୀ ତାରର ଉଚ୍ଚତା ଦେଖି ନ ଥିଲେ ଏବଂ ୧୧ କେ.ଭି. ଉଚ୍ଚ କ୍ଷମତାସମ୍ପନ୍ନ ତାର ତଳେ କାହିଁକି ସୁରକ୍ଷା-ଜାଲି ନ ଦେଲେ, ସେଗୁଡିକ ତ ଆମେ ଭୁଲିଗଲେ। ଲୋକଙ୍କୁ ସାମୟିକ ଭାବେ ଆନ୍ଦୋଳନରୁ ନିବୃତ୍ତ କରିବା ଲାଗି ଗୋଟିଏ କାମ କରାଗଲା- ଘୋଷଣା।

ଗୋଟିଏ ଘୋଷଣା ହେଲା ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ମୃତକଙ୍କ ପିଛା ଦୁଇ ଲକ୍ଷ ଟଙ୍କା ଏକ୍ସଗ୍ରାସିଆ (ଦୟାପ୍ରଦର୍ଶନକାରୀ) ଟଙ୍କା ଦିଆଯିବାର (ଦିଆଗଲା ନୁହେଁ, ଅର୍ଥାତ୍ ଡାଇରେକ୍ଟ ଡେବିଟ୍ ନୁହେଁ) ଏବଂ ଆଉ ଗୋଟିଏ ଘୋଷଣା ହେଲା ଶକ୍ତିମନ୍ତ୍ରୀ ୪ଜଣ ଇଞ୍ଜିନିୟରଙ୍କୁ ନିଲମ୍ବନ କରିଦେଲେ। ଇନ୍‌କ୍ୱାରି ହେବ ବୋଲି କହି ନିଲମ୍ବନ କରାଗଲେ ସେ ନିଲମ୍ବନ ଶାସ୍ତି ନୁହେଁ। ଗାଁ ଭିତରେ ହେଉ ବା ରାସ୍ତା ଉପରେ ତାର ଓହଳି ପଡି ରହିବା ଏକ ଗର୍ହିତ କାର୍ଯ୍ୟ, ତେଣୁ ଅବହେଳା କରିଥିବା ଅଧିକାରୀ ଉପରେ ତତ୍‌କ୍ଷଣାତ୍ ଦଣ୍ଡ ନ ହେଲେ ଏଭଳି ଗର୍ହିତତା ବନ୍ଦ ହେବ ନାହିଁ, ଆଇପିସି (ଭାରତୀୟ ପିଙ୍ଗଳ ସଂହିତା) ଅନୁଯାୟୀ ସେ ତ ମୃତ୍ୟୁରେ ସହଯୋଗ (ଆବେଟ୍) କରିଛି। ସେମିତି ଆଇପିସି ଧାରା ଲଗାଇ ମାମଲା ରୁଜୁ କଲେ କର୍ମଚାରୀମାନେ ତାଙ୍କ କାମରେ ଢିଲା ହୁଅନ୍ତେ ନାହିଁ। ଗଣତନ୍ତ୍ରରେ ବିଶ୍ୱାସ କରୁଥିବା ମନ୍ତ୍ରୀ ବି ତାଙ୍କ ପଦରୁ ଇସ୍ତଫା ଦେଲେ ନାହିଁ। ଆମ ଧର୍ମର ଏକ ରୀତି- ଯାହାକୁ ପ୍ରାୟଶ୍ଚିତ୍ତ କର୍ମ କୁହାଯାଏ- ତା' ହେଉଛି ଠାକୁରଙ୍କୁ ଉପଯୁକ୍ତ ଭୋଗରାଗ ଦେଇ ପାପମୋଚନ କରାଇବା। ପୁରୋହିତମାନେ ଏଥିଲାଗି ଯଥେଷ୍ଟ ରୀତିନୀତି ମନ୍ଦିର ସାମନା ପ୍ରାଙ୍ଗଣରେ ପଟା ମାରି ଲେଖିଦେଇଥାନ୍ତି। ସରକାର ଲୋକଙ୍କ ଆଗରେ ସେମିତି ପଟା ନ ମାରିଥିଲେ ବି ଜନରବ କରିଦେଇଛନ୍ତି ଯେ ମୃତକର ପରିବାରକୁ ଏକ୍ସଗ୍ରାସିଆ (ଅନୁଗ୍ରହମୂଳକ) ରାଶି ଦେଲେ ଓ ଆହତମାନଙ୍କୁ ସରକାରୀ ଡାକ୍ତରଖାନାରେ ମାଗଣା ଚିକିତ୍ସା କରାଇଦେଲେ ଲୋକେ ଶାନ୍ତ ହୋଇଯିବେ, ଅର୍ଥାତ୍ ପ୍ରାୟଶ୍ଚିତ୍ତ ହୋଇଯିବ, ବା ସରକାର ଦୋଷମୁକ୍ତ ହୋଇଯିବେ। ଏ ପ୍ରକାର ଅପମୃତ୍ୟୁର କାରଣ ଯେ ଠିକାଦାର ଓ କର୍ମଚାରୀଙ୍କ ଅବହେଳା ଏବଂ ତାହା ଯେପରି ଆଉ ନ ଘଟେ ତାହାର ବ୍ୟବସ୍ଥା କରୁନାହାନ୍ତି।

ମୂଳ କାରଣ ବିଷୟରେ ଚିନ୍ତା ନ କରି ଅନୁଗ୍ରହମୂଳକ ଟଙ୍କା କିଛି ଦେଇଦେଲେ ବା ମାଗଣା ଚିକିତ୍ସାର ବନ୍ଦୋବସ୍ତ କରିଦେଲେ ସମସ୍ୟାର ସମାଧାନ ହୁଏ ନାହିଁ। ସରକାର ଉତ୍ତରଦାୟୀ, ତେଣୁ ଜଣେ ଦି'ଜଣ ଶହୀଦ ହେବା ଯାଏ ସରକାର ଶୋଇ ରହୁଛନ୍ତି କାହିଁକି? ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସଂହିତା (ଓଡିଶା ରିଲିଫ୍ କୋଡ୍)ରେ 'କର୍ମଚାରୀଙ୍କ ଅବହେଳା ଯୋଗୁ ମୃତ୍ୟୁ' ପାଇଁ ରିଲିଫ୍ ଦୁଇ ଲକ୍ଷ ଟଙ୍କା ଲେଖିଦେଲେ ବାରମ୍ବାର ଦୁର୍ଘଟଣାରେ ମୃତ୍ୟୁ ପାଇଁ ମୃତକଙ୍କ ପରିବାରକୁ ସହାୟତା ଘୋଷଣା କରିବା ଦରକାର ପଡନ୍ତା ନାହିଁ।

ଗଞ୍ଜାମର ଦୁର୍ଘଟଣା କଥାରୁ ଆମେ ଦେଖିବା କିପରି କେହି କୌଣସି ସ୍ତରରେ ଦାୟିତ୍ୱ ମୁଣ୍ଡାଉ ନାହାନ୍ତି। ଏ ସବୁର କାରଣ ଟଙ୍କା, ଯାହା ଦେଇ ଗର୍ହିତ କାମ କରିଥିବା ବ୍ୟକ୍ତି ସେ ଠିକାଦାର ହେଉ ବା ସରକାରୀ କର୍ମଚାରୀ, ସହଜରେ ଶାସକଦଳର ଅନୁକମ୍ପା ହାସଲ କରିପାରୁଛି। ଗଣତନ୍ତ୍ରରେ କୌଣସି ଗୁରୁତର ଅବହେଳା ପାଇଁ ମନ୍ତ୍ରୀ ଦାୟିତ୍ୱ ମୁଣ୍ଡାନ୍ତି। ନିଜର ଇସ୍ତଫାକୁ ନିଜର ପ୍ରାୟଶ୍ଚିତ୍ତ ଭଳି ଦେଖାନ୍ତି। ଏହାଦ୍ୱାରା ମନ୍ତ୍ରୀଙ୍କ ବିଭାଗ କର୍ମଶୀଳ ଓ ଯତ୍ନବାନ୍ ହୋଇଯାଏ।

ଏ ସବୁ ମୂଳରେ ସରକାରୀ ଦଳର (ସରକାରର ନୁହେଁ) ଭ୍ରଷ୍ଟାଚାରପ୍ରୀତି। ଭ୍ରଷ୍ଟାଚାରର ବଡ଼ ମାଧ୍ୟମ ଠିକାଦାର। ବସ୍ ଛପରରେ ଉଚ୍ଚଶକ୍ତି ସମ୍ପନ୍ନ ତାର ଲାଗିବା, ଗାଁ ଗହଳରେ ଜିଅନ୍ତା ତାର ବାଟରେ ଛିଡିପଡିବା, ବିଲବାଡିରେ କାମ କରୁଥବା ଶ୍ରମିକ ଉପରେ ବାଉଁଶରେ ଝୁଲୁଥିବା ତାର ଛିଡି ପଡିବା ଘଟଣା ନିତିଦିନିଆ ହୋଇଯାଇଛି। କେବଳ ବିଜୁଳି ଆଘାତରେ ମରିବା କଥା ନୁହେଁ, ଅନ୍ୟ କୌଣସି କାରଣରୁ ଦୁର୍ଘଟଣାଜନିତ ମୃତ୍ୟୁ ହେଲେ ସରକାର ପଥର ଭଳି ନିଦା ରହୁଛନ୍ତି। ସଡକ ଦୁର୍ଘଟଣାରେ ୨୦୧୯ରେ ୫୩୦୦ରୁ ବେଶି ଲୋକ ଜୀବନ ହରାଇଛନ୍ତି। ଗତ ଜାନୁୟାରୀ ୧୯ରେ ଗଞ୍ଜାମ ଜିଲାରେ ଗୋଟିଏ ପୋଲରୁ ବସ୍ ଖସିପଡି ୯ ଲୋକ ମଲେ। ସପ୍ତାହେ ଯାଇନାହିଁ ସୁନ୍ଦରଗଡ଼ରେ ଗୋଟିଏ ଦ୍ରୁତଗାମୀ କାର୍ ୫ଜଣ ମହିଳା ଶ୍ରମିକଙ୍କ ଉପରେ ଚଢିଯାଇ ସେମାନଙ୍କ ମୃତ୍ୟୁର କାରଣ ହେଲା। ଏ ସବୁ ଘଟଣାରେ ଲୋକେ ଉତ୍ତ୍ୟକ୍ତ ହେବା ପୂର୍ବରୁ ମୁଖ୍ୟମନ୍ତ୍ରୀ ମୃତକଙ୍କ ପରିବାରକୁ ୨ଲକ୍ଷ ଓ ଆହତଙ୍କୁ ମାଗଣା ଚିକିତ୍ସା ଘୋଷଣା କରିଦେଉଛନ୍ତି। କିନ୍ତୁ ବସ୍ ପୋଲ ଉପରୁ ଖସିବା ବା କାର ବେପରୁଆ ଚଳାଇବା ପଛରେ ଚାଳକର ମଦ ପିଇବାକୁ ସରକାର ଯେ ପ୍ରୋତ୍ସାହନ ଦେଉଛନ୍ତି ତାହା ଭୁଲିଯାଉଛନ୍ତି। ଶାସକ ଦଳ ତାଙ୍କର ଠିକାଦାରପ୍ରୀତି ଛାଡ଼ିଲେ, ଅଭିଯୁକ୍ତମାନଙ୍କୁ ଛତ୍ରଚ୍ଛାୟା ଦେଇ ପୋଲିସକୁ ବା ଆଇନ ରକ୍ଷାକାରୀ ଯନ୍ତ୍ରକୁ ଅକାମୀ ନ କଲେ ଏବଂ ଆଇନ ତିଆରି କରୁଥିବା ଲୋକପ୍ରତିନିଧିମାନେ ଆଇନରୁ ଊର୍ଦ୍ଧ୍ୱରେ ଅଛନ୍ତି ବୋଲି ନ ଭାବିଲେ ରାଜ୍ୟରେ ଏ ପ୍ରକାର ମୃତ୍ୟୁହାର କମିଯାଆନ୍ତା।

ଇମେଲ୍: SAHADEVAS@YAHOO.COM

# ସୌନ୍ଦର୍ଯ୍ୟ ନାରୀର ଭୂଷଣ



ଡା. ବାସୁଦେବ ପ୍ରଧାନ

କଥାରେ ଅଛି ନଈ ସେପାରି କନକଗୋରୀ, ତନୁପାତଳୀ ଭାରି ସୁନ୍ଦରୀ। ସୁନ୍ଦରୀ ଝିଅଟିଏ ଦେଖିଲେ ଆଖି ଅଟକି ରହେ। ମା' ବାପା ଭାବନ୍ତି ଘରକୁ ବୋହୂ କରି ନିଅନ୍ତେ କି! ପୁଅ ଭାବେ ବାହାହୋଇ ସଂସାର କରନ୍ତା କି! ଯଦି ଭାଗ୍ୟକୁ ବାହାଘର ହୋଇଯାଏ ଯିଏ ଦେଖେ ସିଏ କହେ ଯୋଡ଼ି ଭାରି ସୁନ୍ଦର। ସତେକି ଲକ୍ଷ୍ମୀନାରାୟଣ! କିଏ କହେ ରତିକାମଦେବଙ୍କ ଯୋଡ଼ି। ସତରେ ସୁନ୍ଦରକୁ ସମସ୍ତେ ମନ ବଳାନ୍ତି।

ଆଗକାଳରେ ପୁଅଝିଅଙ୍କ ବାହାଘର ମା'ବାପା, ବନ୍ଧୁବାନ୍ଧବ, ସାଇପଡ଼ିଶା ଠିକ୍ କରନ୍ତି। କନିଆ ଖୋଜାଚାଲେ ଏ ଗାଁରୁ ସେ ଗାଁ। କନିଆ ପସନ୍ଦ ହେଲେ ଜାତି, ଗୋତ୍ର, କୁଳ ସବୁ ଖୋଜା ହେଉଥିଲା। ତା' ପରେ ଦବାନବା, ଯାନିଯୌତୁକ ତୁଟୁଥିଲା। ଜାତକ ମେଳକ ହେଲେ ବାହାଘର ସ୍ଥିର ହେଉଥିଲା। ଏବେ ସେଥିରେ ଅନେକ ପରିବର୍ତ୍ତନ ଆସିଛି। ପୁଅଝିଅ ନିଜେ ନିଜେ ବାହାଘର ସ୍ଥିର କରିଦେଉଛନ୍ତି। ପରେ ଘରେ ଜଣାଉଛନ୍ତି। ମା'ବାପା ଖୁସି ହେଲେ ନ ହେଲେ ଯାଏ ଆସେ ନାହିଁ। ଯଦି ଘରେ ଅମଙ୍ଗ ହୁଅନ୍ତି ସେମାନେ ମନ୍ଦିରରେ ନ ହେଲେ ରେଜିଷ୍ଟ୍ରି ମ୍ୟାରେଜ କରିଦେଉଛନ୍ତି। ଖାଲି ଝିଅର ବୟସ ୧୮ ଏବଂ ପୁଅର ୨୧ ହେଲେ ହେଲା। ଆଜିକାଲି ମଧ୍ୟ ରୋଜଗାରିଆ ଝିଅଙ୍କର ଅଧିକ ଚାହିଦା। ଝିଅ କ'ଣ ପଢ଼ିଛି, କି ଚାକିରି କରିଛି, ମାସକୁ କେତେ ଦରମା ପାଉଛି ଏସବୁ ଖୋଜା ହେଉଛି। ଆଜିକାଲିର ସହରୀ ଜୀବନରେ ଉଭୟଙ୍କ ରୋଜଗାରର ଯଥେଷ୍ଟ ଆବଶ୍ୟକତା ରହିଛି। ହେଲେ ଚାକିରି ଖୋଜୁ ଖୋଜୁ ବିବାହ ବୟସ ଗଡ଼ିଯାଉଛି। ଅଳ୍ପ ରୋଜଗାରରେ କେହି ସନ୍ତୁଷ୍ଟ ନୁହନ୍ତି। ଆଜିକାଲି ପାଠରେ, ଚାକିରିରେ ଆଉ ରୋଜଗାରରେ ମଧ୍ୟ ପ୍ରତିଯୋଗିତା। ତେବେ ରୋଜଗାର ପାଇଁ ଚାକିରି ଏକମାତ୍ର ମାଧ୍ୟମ ନୁହେଁ। ବଣିଜବେପାର, କୃଷିକୁ ପାଥେୟକରି ମଧ୍ୟ ଭଲରେ ବଞ୍ଚିହେବ। ଆଜିର ଦିନରେ ସୁନାନାକୀ ଝିଅଟିଏ ପାଇବା ଏତେ ସହଜ ନୁହେଁ। କାରଣ ବୟସ ବଢ଼ିବା ସାଙ୍ଗକୁ ଶରୀରରେ ପରିବର୍ତ୍ତନ ଆସେ ଏବଂ ସୌନ୍ଦର୍ଯ୍ୟ ଫିକା ପଡ଼େ। କଥାରେ ଅଛି, ଯୌବନେ ମର୍କଟୀ ଧନ୍ୟା। ଯେଉଁମାନେ ସ୍ୱାସ୍ଥ୍ୟ ସଚେତନ ଓ ଖାଦ୍ୟ ପାନୀୟ, ବେଶପୋଷାକ ଉପରେ ସତର୍କ ଦୃଷ୍ଟି ରଖନ୍ତି ସେମାନଙ୍କର ପ୍ରକୃତ ବୟସ ଜାଣିହୁଏ ନାହିଁ। ସେମାନଙ୍କ ସୌନ୍ଦର୍ଯ୍ୟ ବହୁତ ଦିନ ପାଇଁ ବଜାୟ ରହିଥାଏ। ଝିଅ ଯେତେ ରୋଜଗାରିଆ ହେଲେ ମଧ୍ୟ ତା'ର ବାହ୍ୟ ସୌନ୍ଦର୍ଯ୍ୟ ଉପରେ ଗୁରୁତ୍ୱ ଦିଆଯାଇଥାଏ। କେମିତି ଦେଖାଯାଉଛି- ଡେଙ୍ଗା, ଗେଡ଼ା, ମୋଟୀ, ପାତଳୀ, କାଳୀ, ଗୋରୀ ଏମିତି କେତେ କ'ଣ।

ତେବେ ଆମେ ଟିକିଏ ସ୍ୱାସ୍ଥ୍ୟ ସଚେତନ ହେଲେ ଝିଅଟିଏ ବହୁ ଦିନ ପର୍ଯ୍ୟନ୍ତ ସୁନ୍ଦରୀ ହୋଇ ରହିପାରିବ। ସେହିପରି ବାହାଘର ପରେ ମଧ୍ୟ ସ୍ତ୍ରୀଲୋକଟି ନିଜର ସୌନ୍ଦର୍ଯ୍ୟ ଅତୁଟ ରଖିପାରିବ। କେତେକ ସ୍ୱାସ୍ଥ୍ୟ ନୀତି ପାଳନ କଲେ ଏସବୁ ସମ୍ଭବ ହୋଇପାରିବ। ସେଗୁଡ଼ିକ ହେଲା ନିଜ ବୟସ, ଉଚ୍ଚତା ଅନୁସାରେ ଓଜନ। ଯଦି ଓଜନ ଅଧିକ ଥାଏ, ତେବେ ସୁନ୍ଦରୀ ସୁନାନାକୀ ଝିଅଟି ମଧ୍ୟ ଅସୁନ୍ଦର ଦେଖାଯାଏ। ସେମିତି ଉଚ୍ଚତା ଅନୁସାରେ ମୋଟାପଣ ଠିକ୍ ଥିଲେ ମଧ୍ୟ ଯଦି ମୁଣ୍ଡରେ ଚୁଟି ନ ଥାଏ ତେବେ ସେ ଅସୁନ୍ଦର ଦେଖାଯାଏ। କେଶ ହେଉଛି ନାରୀତ୍ୱର ଲକ୍ଷଣ ଓ ଭୂଷଣ। ଶାସ୍ତ୍ରରେ ଅଛି: ''ସ୍ତନକେଶବତୀ ନାରୀ ପୁରୁଷଃ ଲୋମଶଃ ସ୍ମୃତଃ। ଉଭୟୋରନ୍ତରୋ ଯତ୍ର ନପୁଂସକସ୍ୟ ଲକ୍ଷଣମ୍।'' ଆଜି ଯୁବାବସ୍ଥାରେ ଓଜନ ବୃଦ୍ଧି, ପତଳା ଚୁଟି ବା ଚନ୍ଦାପଣ ଦେଖିବାକୁ ମିଳୁଛି। ସେହିପରି କମ୍ ବୟସରୁ ଚୁଟି ପାଚିଯିବାରୁ ଅନେକେ ମାନସିକ ଚାପର ଶିକାର ହେଉଛନ୍ତି।

ଗାଁ ଅପେକ୍ଷା ସହରରେ ରହୁଥିବା ଲୋକମାନେ ଅଧିକ ମେଦ ବୃଦ୍ଧିର ଅଧିକ ଶିକାର ହେଉଛନ୍ତି। ଏହାର ମୁଖ୍ୟ କାରଣ ହେଲା ଆଧୁନିକ ଜୀବନଶୈଳୀ। ଗାଁରେ ଶାରୀରିକ ଶ୍ରମ ଅଧିକ, ମାନସିକ ଚାପ କମ୍। ସହରରେ ଏହାର ବିପରୀତ। ବିଳମ୍ବରେ ଶୋଇବା, ବିଳମ୍ବରେ ଉଠିବା କାରଣରୁ ବହୁତ ସମସ୍ୟା ଦେଖାଯାଏ। ସେହିପରି ପାରମ୍ପରିକ ଖାଦ୍ୟ ନ ଖାଇ ଜଙ୍କ୍ ଫୁଡ୍ ଖାଇବା, ମଦ୍ୟପାନ, ଧୂମପାନ ଏଥିପାଇଁ ଘାତକ ହୋଇଥାଏ। ତେବେ ମୋଟାପଣ କମାଇବା ପାଇଁ କେତେକ ସ୍ୱାସ୍ଥ୍ୟନୀତି ଆପଣେଇଲେ ଏ ସବୁର ସହଜ ସମାଧାନ ହୋଇପାରିବ। ସେଗୁଡ଼ିକ ହେଲା ରାତିରେ କମ୍ ଖାଆନ୍ତୁ, କମ୍ ପାଣି ପିଅନ୍ତୁ। ଶୋଇବା ପୂର୍ବରୁ ନିଜ ମୋବାଇଲକୁ ସାଇଲେଣ୍ଟ ମୋଡ୍‌ରେ ରଖନ୍ତୁ। ସକାଳେ ସୂର୍ଯ୍ୟ ଉଦୟ ପୂର୍ବରୁ ବିଛଣା ଛାଡ଼ନ୍ତୁ। ଦୁଇ ଗ୍ଲାସ୍ ଉଷୁମ ପାଣି ପିଅନ୍ତୁ। ଅତି କମ୍‌ରେ ଦୁଇ କିଲୋମିଟର ଚାଲନ୍ତୁ। ଅଧିକ କ୍ୟାଲୋରିଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ। ସକାଳ, ମଧ୍ୟାହ୍ନ ଏବଂ ରାତ୍ରି ଭୋଜନ ମଧ୍ୟରେ ଦୂରତା ରଖନ୍ତୁ। ସକାଳ ଜଳଖିଆ ନିଶ୍ଚିତ ଖାଆନ୍ତୁ। ମଧ୍ୟାହ୍ନ ଭୋଜନରେ ସାଲାଡ ରଖନ୍ତୁ। ଗହମ, ବାଜରାରୁ ତିଆରି ଖାଦ୍ୟ ଖାଆନ୍ତୁ। ଭାତ ଖାଇବା କମାଇ ଦିଅନ୍ତୁ। ମାଛ, ମାଂସ ଛାଡ଼ି ଶାକାହାରୀ ହେବା ଭଲ। ଗଜା ମୁଗ, ବୁଟ ଖାଆନ୍ତୁ। ଆବଶ୍ୟକ ସ୍ଥଳେ ସକାଳେ ତାଳମିଶ୍ରି ପାଣି ପିଅନ୍ତୁ। ଚିନି ବଦଳରେ ଗୁଡ଼ ଖାଆନ୍ତୁ। ସବୁଦିନ ଦହି ବା ଚହ୍ଲା ଖାଇଲେ ସ୍ୱାସ୍ଥ୍ୟ ଭଲ ରହେ। ଏଥିରେ ଲାକ୍ଟୋବାସିଲସ୍ ଅଛି ଯାହା ପ୍ରୋବାୟୋଟିକ୍ସର କାମ କରେ। ଋତୁ ଅନୁସାରେ ସବୁଜ ପନିପରିବା ଓ ଫଳ ଖାଆନ୍ତୁ। ତନ୍ତୁଜାତୀୟ ଖାଦ୍ୟ ଖାଆନ୍ତୁ। ମଧ୍ୟାହ୍ନ ଭୋଜନର ଏକ ଘଣ୍ଟା ପୂର୍ବରୁ ପାଣି ପିଅନ୍ତୁ। ଖାଦ୍ୟ ଖାଇବା ପରେ ବଜ୍ରାସନରେ ୧୦ମିନିଟ୍ ବସନ୍ତୁ ଏବଂ ୩୦ ମିନିଟ୍ ପରେ ପାଣି ପିଅନ୍ତୁ। ମିଠା ଖାଇବା କମାନ୍ତୁ। ଝିଅମାନେ ପୁଚି, ଦଉଡିଡିଆଁ ଖେଳନ୍ତୁ। ଫଳରେ ସେମାନଙ୍କର ଶାରୀରିକ ଗଠନ ଠିକ୍ ରହିବ। ବୈବାହିକ ଜୀବନ ମଧ୍ୟ ସ୍ୱାସ୍ଥ୍ୟପ୍ରଦ ହେବ। ଚା, କଫି କମ୍ ପିଅନ୍ତୁ। ଯଦି ଅଭ୍ୟାସ ଅଛି ବିନା କ୍ଷୀରର ହର୍ବାଲ ଚା ପିଅନ୍ତୁ। ଚାରେ ଚିନି ବଦଳରେ ଗୁଡ଼ ବା ମହୁ ବ୍ୟବହାର କରନ୍ତୁ। ଅପରାହ୍ନରେ ଗୋଟିଏ ପାଚିଲା କଦଳୀ ନିୟମିତ ଖାଆନ୍ତୁ। ଏହା ଅମ୍ଳତା ଦୂର କରେ ଏବଂ ରକ୍ତ ବଢ଼ାଏ। ସୁନିଦ୍ରା ମଧ୍ୟ ଆଣିଥାଏ।

ଜିମ୍ ଯାଆନ୍ତୁ ମନା ନାହିଁ, ତେବେ ଯୋଗ କେନ୍ଦ୍ରକୁ ଯାଆନ୍ତୁ। ଯୋଗାଭ୍ୟାସ କରନ୍ତୁ। ଡାକ୍ତରଙ୍କ ପରାମର୍ଶ ଅନୁସାରେ ବଟା ହଳଦୀ ଖାଆନ୍ତୁ। ଦେହରେ ହଳଦୀ ଲଗାନ୍ତୁ। ଖାଲିପେଟରେ ଘିକୁଆଁରୀ ରସରେ ଗୁଡ଼ ମିଶାଇ ପିଅନ୍ତୁ। ଜଳଖିଆ ପରେ ଅଭ୍ୟାସ କରି ୨ଟି ଅଁଳା ଖାଆନ୍ତୁ। ଓଜନ ହ୍ରାସ ପାଇଁ ଡକ୍ତରଙ୍କ ପରାମର୍ଶ ଅନୁସାରେ ନବାକ ଗୁଗୁଳ, ହରିତକୀ ଚୂର୍ଣ୍ଣ ଖାଆନ୍ତୁ। ଦେହରେ ତେଲ ମାଲିସ କରନ୍ତୁ। ଯଦି ସମ୍ଭବ ମାସରେ ଦୁଇଦିନ (ସଂକ୍ରାନ୍ତି, ଅମାବାସ୍ୟା, ପୂର୍ଣ୍ଣିମା, ଏକାଦଶୀ ପରି ତିଥିରେ) ଉପବାସ କରନ୍ତୁ ବା ହାଲୁକା ଖାଦ୍ୟ ସାଙ୍ଗକୁ ଫଳରସ ପିଅନ୍ତୁ। ରୂପଚର୍ଯ୍ୟାର ଗନ୍ତାଘର ରହିଛି ଆୟୁର୍ବେଦରେ। ପରାମର୍ଶ ନିଅନ୍ତୁ। ଆଜିର ଝିଅ କାଲିର ବୋହୂ, କାଲିର ମା'। ତେଣୁ କନ୍ୟାରତ୍ନର ଯତ୍ନ ନେବା ଆବଶ୍ୟକ।

ସରକାରୀ ଆୟୁର୍ବେଦ ହସ୍ପିଟାଲ, ମାଉସୀମା ଛକ, ଭୁବନେଶ୍ୱର, ମୋ-୯୪୩୭୩୦୫୦୪୫

## ଏଇ ଭାରତରେ

କେରଳର ଏମ୍.ଜେ. ପଲ୍ ନାମକ ଜଣେ ବ୍ୟକ୍ତି ମଦ୍ୟପାନ ଭଳି କୁଅଭ୍ୟାସ ଛାଡି ରକ୍ତଦାନ କରି ରୋଗୀଙ୍କ ଜୀବନ ବଞ୍ଚାଇବାରେ ଲାଗିଛନ୍ତି। ପଲ୍‌ଙ୍କ ବ୍ଲଡ଼ଗ୍ରୁପ 'ଓ' ନେଗେଟିଭ୍ ହୋଇଥିବାରୁ ବହୁ ସମୟରେ ତାଙ୍କୁ ଖୋଜାପଡେ ଓ ସେ ମଧ୍ୟ ରକ୍ତଦାନ କରିବାକୁ ଆଗେଇ ଆସନ୍ତି। ରୋଗୀଙ୍କୁ ରକ୍ତଦାନ କରି ଏବେ ସୁଦ୍ଧା ପଲ୍ ୮୦ ଜଣଙ୍କ ଜୀବନ ବଞ୍ଚାଇପାରିଛନ୍ତି। ସେ ବଞ୍ଚାଇଥିବା ପିଲାଟି କେତେବେଳେ ତା' ଜନ୍ମଦିନରେ ତାଙ୍କୁ ଡାକୁଛି ତ ଅନ୍ୟମାନେ ବିଭିନ୍ନ ଉତ୍ସବରେ ତାଙ୍କୁ ଖୋଜୁଛନ୍ତି। କେବଳ ଏତିକି ନୁହେଁ ସେ ପ୍ରତି ତିନିମାସରେ ଥରେ ରକ୍ତଦାନ କରୁଛନ୍ତି। ୨୫ ବର୍ଷ ହେବ ପଲ୍ ଏହି ମହତ୍ କାର୍ଯ୍ୟ କରୁଥିବାରୁ ରାଜ୍ୟ ସରକାର ତାଙ୍କ ରକ୍ତଦାନର ସିଲ୍‌ଭର ଜୁବିଲି ପାଳନ ମଧ୍ୟ କରିଛନ୍ତି। ୩୦ ବର୍ଷ ତଳେ ପଲ ଅତ୍ୟଧିକ ମଦ୍ୟପାନ କରୁଥିଲେ। ସେ ଆଲାପୁଝାରେ ଗାଡି ଚଳାଇ ଗୁଜରାଣ ମେଣ୍ଟାଉଥିଲେ। ପରିସ୍ଥିତି ଏମିତି ହୋଇଥିଲା ଯେ, ତାଙ୍କ ସ୍ତ୍ରୀ ଓ ଝିଅ ତାଙ୍କୁ ଛାଡ଼ି ଚାଲିଯାଇଥିଲେ। ଚାକିରି ବି ଚାଲି ଯାଇଥିଲା। କିନ୍ତୁ ମଦ୍ୟପାନ ଛାଡିଦେବା ପରେ ତାଙ୍କ ଜୀବନରେ ପରିବର୍ତ୍ତନ ଆସଲା। ପରେ ତାଙ୍କଠାରୁ ଦୂରେଇଯାଇଥିବା ତାଙ୍କ ସ୍ତ୍ରୀ ଓ ଝିଅ ପୁଣି ଫେରିଆସିଲେ ଏବଂ ତାଙ୍କୁ ସରକାରୀ ସଂସ୍ଥାରେ ଡ୍ରାଇଭର ଭାବେ ନିଯୁକ୍ତି ବି ମିଳିଲା ବୋଲି କୁହନ୍ତି ପଲ୍। ରକ୍ତଦାନ ଲାଗି ରାଜ୍ୟ ସରକାର ମଧ୍ୟ ତାଙ୍କୁ ପୁରସ୍କୃତ କରିଛନ୍ତି। 'ନେଗେଟିଭ୍' ନାମରେ ଏକ ହ୍ୱାଟ୍ସଆପ ଗ୍ରୁପ୍ ଖୋଲି ଏହା ମାଧ୍ୟମରେ ରକ୍ତଦାନ ଲାଗି ଲୋକମାନଙ୍କୁ ବୁଝାଉଛନ୍ତି। ଏହା ଏବେ ରାଜ୍ୟରେ ସବୁଠୁ ବଡ ବ୍ଲଡ୍ ଡୋନର୍ ଗ୍ରୁପ୍। ପଲ୍‌ଙ୍କୁ ଏବେ ବୟସ ୬୦। ଚାକିରିରୁ ଅବସର ନେଇ ସେ ଏବେ ପୂରା ସମୟ ରକ୍ତଦାନ ପ୍ରତି ସମର୍ପିତ ହୋଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

### ୨୫ ଫେବୃୟାରୀ ୧୯୯୫

- ଶକ୍ତି କ୍ଷେତ୍ରରେ ବିଭିନ୍ନ ପ୍ରକଳ୍ପ ସ୍ଥାପନ ପାଇଁ ଚାଇନା ଓ ଆମେରିକା ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ ହୋଇଛି।
- ପାକିସ୍ତାନ କ୍ରିକେଟ ଦଳର ଉପଅଧିନାୟକ ରସିଦ ଲତିଫ ଏବଂ ମିଡିଲ ଅର୍ଡର ବ୍ୟାଟ୍ସମ୍ୟାନ ବସିତ ଅଲ୍ଲୀ ଅନ୍ତର୍ଜାତୀୟ କ୍ରିକେଟରୁ ସନ୍ୟାସ ଘୋଷଣା କରିଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ଭାରତରେ ବନ୍ଦ ମାନସିକତା

ମହାଶୟ,

କୌଣସି କାରଣରୁ କିଛି ଲୋକଙ୍କ ଦ୍ୱାରା ଓଡ଼ିଶା ବନ୍ଦ, ଭାରତ ବନ୍ଦ ଡାକରା ଦେଇ ସାଧାରଣ ଲୋକଙ୍କୁ ହଇରାଣ କରାଯାଉଛି। ଦେଶ ପକ୍ଷେ ଏହା ଆଦୌ ଶୁଭଙ୍କର ନୁହେଁ। ବ୍ୟକ୍ତି ସ୍ୱାଧୀନତା ନାମରେ ସାଧାରଣ ନାଗରିକଙ୍କ ଉପରେ ଅତ୍ୟାଚାର କରାଯାଉଛି। ଏଣୁ ଆଇନ ଦ୍ୱାରା ଏପରି କାର୍ଯ୍ୟକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଉ। ସଭାସମିତି କରାଯାଉ, ଟିଭିରେ ବ୍ରଡ଼କାଷ୍ଟ କରାଯାଉ କିନ୍ତୁ ଏହିପରି ଭାବରେ ବନ୍ଦ କରିବା ଉଚିତ ନୁହେଁ। ଏହି 'ବନ୍ଦ' ମାନସିକତା ପାଇଁ ସରକାର ମଧ୍ୟ ଅନେକ ପରିମାଣରେ ଦାୟୀ। ଯେଉଁ ସମସ୍ୟାର ସମାଧାନ ଅବିଳମ୍ବେ କରିବା ଉଚିତ, ତାହା ସରକାର କରୁନାହାନ୍ତି। ସରକାରଙ୍କ କାଳକ୍ଷେପଣ ନୀତି ଓ ଉଦାସୀନତା ଜନସାଧାରଣଙ୍କୁ ହତାଶ ଏବଂ କ୍ରୋଧାନ୍ୱିତ କରୁଛି। ଏହାର ଗୋଟିଏ ଉଦାହରଣ ପଶ୍ଚିମ ଓଡ଼ିଶାରେ ସ୍ଥାୟୀ ହାଇକୋର୍ଟ ବେଞ୍ଚ ସ୍ଥାପନ। ଏହାର ସ୍ଥାପନ ଦ୍ୱାରା ଗୋଟିଏ ବିରାଟ ଅଞ୍ଚଳର ଲୋକେ ଉପକୃତ ହେବେ। କିନ୍ତୁ ସରକାର ଦାରୁଭୂତ ମୁରାରି।

ନବ ପଟ୍ଟନାୟକ, ଅଇଁଠାପାଲି, ସମ୍ବଲପୁର

### ଜବରଦଖଲରେ ସରକାରୀ ଜମି

ଜଟଣୀରେ ଶହ ଶହ ଏକର ସରକାରୀ ଜମି ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ଜିଲା ପ୍ରଶାସନ ଆଖିରେ ଅନ୍ଧପୁଟୁଳି ବାନ୍ଧି ବସିରହିଛି। ଫଳରେ ସହରରେ ଦିନକୁ ଦିନ ସରକାରୀ ଜମି ଜବରଦଖଲଜନିତ ସମସ୍ୟା ସଙ୍ଗିନ ସ୍ଥିତି ଆଡକୁ ଗତି କରୁଛି। ଜଟଣୀ ତହସିଲ ଅଧୀନରେ ପାଇକରାପୁର, ବିକାଶନଗର, ମଧୁସୂଦନନଗର ମୁଣ୍ଡିଆ ସାହି, ଷଣ୍ଢପୁର ପୌରାଞ୍ଚଳରେ ରହିଛି ଗୋଚର ଓ ଶ୍ମଶାନ ଜମି। ମୂଲ୍ୟବାନ ରାସ୍ତା କଡର ସରକାରୀ ଜମି ଜବରଦଖଲ ହୋଇଯାଇଛି। ପ୍ରଭାବଶାଳୀ ବ୍ୟକ୍ତି ତଥା ଜମି ମାଫିଆ ସରକାରୀ ଜମିକୁ ନିଜ ଅକ୍ତିଆରକୁ ଆଣି ୪ ଡିସିମିଲକୁ ୪ ଲକ୍ଷ ଟଙ୍କାରେ ବିକ୍ରି କରୁଛନ୍ତି। ସରକାରୀ ଜମିକୁ ଚିହ୍ନଟ କରି ତାରବାଡ ଓ ପାଚେରି ନିର୍ମାଣ କରି ସୁରକ୍ଷା ଦେବାଲାଗି ଜିଲାପାଳ ଦୃଷ୍ଟି ଦେବା ଉଚିତ।

ସୁରେଶ ସାହୁ, ଜଟଣୀ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ରାମବୀର ବିଧୁରୀ ଦିଲ୍ଲୀ ବିଧାନସଭାରେ ବିରୋଧୀ ଦଳ ନେତା

**ନୂଆଦିଲ୍ଲୀ, ୨୪।୨(ପି.ଟି.):** ଭାଜପାର ବଦରପୁର ବିଧାୟକ ରାମବୀର ବିଧୁରୀଙ୍କୁ ସୋମବାର ସର୍ବସମ୍ମତିକ୍ରମେ ଦିଲ୍ଲୀ ବିଧାନସଭାର ବିରୋଧୀ ଦଳ ନେତା ନିଯୁକ୍ତ କରାଯାଇଛି। ଭାଜପା କାର୍ଯ୍ୟାଳୟରେ ଦିଲ୍ଲୀ ସଭାପତି ମନୋଜ ତିୱାରୀଙ୍କ ଉପସ୍ଥିତିରେ ଦଳର ସାଧାରଣ ସମ୍ପାଦକ ସରୋଜ ପାଣ୍ଡେ ବିରୋଧୀ ଦଳ ନେତା ଭାବେ ବିଧୁରୀଙ୍କ ନାଁ ଘୋଷଣା କରିଥିଲେ। ରୋହିଣୀ ବିଧାୟକ ବିଜେନ୍ଦ୍ର ଗୁପ୍ତା ତାଙ୍କ ନାମ ପ୍ରସ୍ତାବ ଦେଇଥିଲେ। ପୂର୍ବ ବିଧାନସଭାରେ ଗୁପ୍ତା ବିରୋଧୀ ଦଳ ନେତା ଥିଲେ। ସୋମବାର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ, ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କ ସମେତ ନବନିର୍ବାଚିତ ବିଧାୟକମାନେ ଶପଥ ନେଇଥିଲେ।

### ଲାଞ୍ଚ ନେଇ ଏସ୍‌ଏମ୍‌ସି ଅମିନ ଗିରଫ

**ସମ୍ବଲପୁର, ୨୪।୨ (ବ୍ୟୁରୋ):** ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟର ପ୍ଲାନିଂ ବିଭାଗରେ କାର୍ଯ୍ୟରତ ଅମିନ ପ୍ରସନ୍ନ କୁମାର ପରିଡା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ସମ୍ବଲପୁର ଗୋପାଳମାଳର ତୃପ୍ତିମୟୀ ପଣ୍ଡାଙ୍କ ଘର ପ୍ଲାନିଂ ଅନୁମୋଦନ କରିବା ଲାଗି ସୋମବାର ଅପରାହ୍ନ ସାଢ଼େ ୧ଟାରେ ସେ ୧୫ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ। ଏ ନେଇ କେସ ନଂ. ୬/୨୦ରେ ଏକ ମାମଲା ରୁଜୁକରି ଅଭିଯୁକ୍ତ ପରିଡାଙ୍କୁ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଯାଇଛି। ବଂଶୀଧରନଗରରେ ଏକ ଘର ନିର୍ମାଣ ପାଇଁ ତୃପ୍ତିମୟୀ ମହାନଗର ନିଗମ ଅଫିସରେ ପ୍ଲାନିଂ ଅନୁମୋଦନ ଲାଗି ଆବେଦନ କରିଥିଲେ। ଘରର ନକ୍ସା ଓ ସମସ୍ତ ଆବଶ୍ୟକ କାଗଜପତ୍ର ମଧ ଦାଖଲ କରିଥିଲେ। ହେଲେ ବାରମ୍ବାର ଅଫିସକୁ ଗଲା ପରେ ମଧ ପ୍ଲାନିଂ ବିଭାଗରେ ଅନୁମୋଦନ କରାଯାଉ ନ ଥିଲା। ଶେଷରେ ଅମିନ ପରିଡା ୩୦ ହଜାର ଟଙ୍କା ଦେଲା ପରେ ପ୍ଲାନିଂ ଅନୁମୋଦନ କରାଯିବ ବୋଲି ତୃପ୍ତିମୟୀଙ୍କୁ କହିଥିଲେ। ହେଲେ ଏତେ ଟଙ୍କା ଦେଇପାରିବେ ନାହିଁ ବୋଲି ତୃପ୍ତିମୟୀ ଅନୁରୋଧ କରିଥିଲେ। କିନ୍ତୁ ଅମିନ ପରିଡା ତାଙ୍କ କଥା ଶୁଣି ନ ଥିଲେ। ଶେଷରେ ମୂଲଚାଲ ହୋଇଥିଲା। ୧୫ ହଜାର ଟଙ୍କାରେ ଅମିନ ପରିଡା ରାଜି ହୋଇଥିଲେ। ତୃପ୍ତିମୟୀ ଏ ନେଇ ଫେବୃୟାରୀ ୨୦ ତାରିଖ ସମ୍ବଲପୁର ଭିଜିଲାନ୍ସ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ପାଇବା ଭିଜିଲାନ୍ସ ବିଭାଗ ଅମିନ ପରିଡାଙ୍କୁ ଧରିବାକୁ ଯୋଜନା ପ୍ରସ୍ତୁତ କରିଥିଲା। ସୋମବାର ତୃପ୍ତିମୟୀ ଅଫିସ ଭିତରେ ଅମିନ ପରିଡାଙ୍କୁ ଟଙ୍କା ଦେବାବେଳେ ସେଠାରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରି ନେଇଥିଲେ।

# ଗ୍ରୀନ ଏନର୍ଜି କରିଡରକୁ ଅନୁମୋଦନ କରୁନି କେନ୍ଦ୍ର

## ସୌର ଶକ୍ତି କ୍ଷେତ୍ରକୁ ଝଟକା

**ଭୁବନେଶ୍ୱର,୨୪।୨(ବ୍ୟୁରୋ)**

ପାରମ୍ପରିକ ଶକ୍ତି ଉତ୍ସର ଭବିଷ୍ୟତ ବେଳକୁ ବେଳ ଅନିଶ୍ଚିତତା ଆଡକୁ ଗତି କରୁଥିବା ବେଳେ ରାଜ୍ୟ ସରକାର ଅଣପାରମ୍ପରିକ ଶକ୍ତି ଉତ୍ସଗୁଡିକର ବିନିଯୋଗ ଦିଗରେ ପଦକ୍ଷେପ ଆରମ୍ଭ କରିଛନ୍ତି। ରାଜ୍ୟ ସରକାର ୨୦୨୨ ବେଳକୁ ରାଜ୍ୟରେ ୨୨୦୦ ମେଗାୱାଟ ସୌରଶକ୍ତି ପ୍ରକଳ୍ପ ସ୍ଥାପନ କରିବାକୁ ଯୋଜନା କରିଛନ୍ତି। ଏଥିପାଇଁ ହେବାକୁ ଥିବା ସବୁଜ ଶକ୍ତି କରିଡର(ଜିଇସି)କୁ କେନ୍ଦ୍ର ସରକାର ଅନୁମତି ଦେଉ ନାହାନ୍ତି। ଫଳରେ ଏହି ଶକ୍ତି ପ୍ରକଳ୍ପର ଭବିଷ୍ୟତ ଅନ୍ଧକାର ଭିତରକୁ ଚାଲିଯାଇଛି । ଓଡିଶା ପାୱାର ଟ୍ରାନ୍ସମିଶନ କର୍ପୋରେଶନ ଲିମିଟେଡ(ଓପିଟିସିଏଲ) ସୌରଶକ୍ତିରୁ ୨୮୦ ମେଗାୱାଟ ଶକ୍ତି ନେବାକୁ ଯୋଜନା ପ୍ରସ୍ତୁତ କରିଛି। ଅନ୍ୟପକ୍ଷରେ ଅଲଟ୍ରା ମେଗା ସୋଲାର ପାୱାର ପାର୍କ ଯୋଜନାରେ ୧୦୦୦ ମେଗାୱାଟ ସୋଲାର ପାର୍କକୁ ନୂତନ ଓ ଅଣପାରମ୍ପରିକ ଶକ୍ତି ମନ୍ତ୍ରଣାଳୟ ଅନୁମତି ଦେଇଥିଲା। ଏହି ପାର୍କ ଓଡିଶା ସବୁଜ ଶକ୍ତି ବିକାଶ କର୍ପୋରେଶନ ଲିମିଟେଡ(ଜେଡକଲ) ଜରିଆରେ କାର୍ଯ୍ୟକାରୀ କରାଯାଇ ଥାଆନ୍ତା। ଏହି ପ୍ରକଳ୍ପ ପାଇଁ ରାଜ୍ୟ ସରକାର ୩୧୩.୮୦ କୋଟି ଟଙ୍କାର ଏକ ସମ୍ପୂର୍ଣ୍ଣ ପ୍ରକଳ୍ପ ରିପୋର୍ଟ(ଡିପିଆର) ପ୍ରସ୍ତୁତ କରିଥିଲେ। ନିଲଡୁଙ୍ଗୁରିଠାରେ ୨୨୫ ଏବଂ ମନମୁଣ୍ଡାଠାରେ ୫୫ ମେଗାୱାଟ ସୌରଶକ୍ତି ପ୍ରକଳ୍ପ କରାଯାଇ ଥାଆନ୍ତା। ଏହି ଡିପିଆରକୁ ସେଣ୍ଟ୍ରାଲ ଇଲେକ୍ଟ୍ରିସିଟି ଅଥରିଟି(ସିଇଏ)ର ଅନୁମୋଦନ ପାଇଁ ପଠାଯାଇଥିଲା। ଡିପିଆରକୁ ସିଇଏ ପରୀକ୍ଷାନିରୀକ୍ଷା କରିବା ପରେ ଅନୁମୋଦନ କରିଥିଲା। ଓପିଟିସିଏଲ ପକ୍ଷରୁ ଏ ନେଇ ଟେଣ୍ଡର ପ୍ରକ୍ରିୟା ମଧ ଆରମ୍ଭ କରାଯାଇଛି। ଏହି ପ୍ରକଳ୍ପ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଓପିଟିସିଏଲ ଏଥିପାଇଁ ୫୦ ପ୍ରତିଶତ ଅର୍ଥ ନ୍ୟାଶନାଲ କ୍ଲିନ ଏନର୍ଜୀ ଫଣ୍ଡ(ଏନସିଇଏଫ)ରୁ ଦେବାକୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲା। ରାଜ୍ୟ ସରକାରଙ୍କ ପ୍ରସ୍ତାବକୁ ଅନୁମୋଦନ ନ କରି ଗ୍ରୀନ ଏନର୍ଜୀ କରିଡର-୨ ସ୍କିମ କେନ୍ଦ୍ର ସରକାରଙ୍କ ଦ୍ୱାରା ଅନୁମୋଦନ ହୋଇ ନ ଥିବା ଜଣାଇ ଦିଆଯାଇଛି। ତେବେ ନିଲଡୁଙ୍ଗୁରୀ ଏବଂ ମନମୁଣ୍ଡାଠାରେ ହେବାକୁ ଥିବା ପ୍ରସ୍ତାବିତ ପ୍ରକଳ୍ପ ପାଇଁ ୪୦ ପ୍ରତିଶତ ଅର୍ଥ କେନ୍ଦ୍ର ନ ଦେଲେ ତାହା କାର୍ଯ୍ୟକାରୀ ହେବା ସମ୍ଭବ ନୁହେଁ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

# ନେସ୍କୋ ଆଦାୟ କଲା ୮.୮୪ କୋଟି ବକେୟା

**ବାଲେଶ୍ୱର ଅଫିସ, ୨୪।୨**

ବାଲେଶ୍ୱର ନେସ୍କୋ ୟୁଟିଲିଟି ପକ୍ଷରୁ ଗତ ୧୬ ତାରିଖଠାରୁ ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ, କେନ୍ଦୁଝର ଜିଲାର ୧୨୦ଟି ସ୍ୱତନ୍ତ୍ର ସ୍କ୍ୱାଡ୍ ଦ୍ୱାରା ବକେୟା ବିଦ୍ୟୁତ୍ ବିଲ ଆଦାୟ ଓ ସଂଯୋଗ ବିଚ୍ଛିନ୍ନ ଅଭିଯାନ ଆରମ୍ଭ କରାଯାଇଛି। ରବିବାର ସୁଦ୍ଧା ୮ ଦିନରେ ୨୯, ୧୨୨ ବିଦ୍ୟୁତ୍ ଉପଭୋକ୍ତାଙ୍କଠାରୁ ୮କୋଟି ୮୪ଲକ୍ଷ ୩୮ହଜାର ଟଙ୍କା ଆଦାୟ ହୋଇଛି। ୬୩୫୪ଜଣ ଉପଭୋକ୍ତାଙ୍କର ୧୦କୋଟି ୧୫ଲକ୍ଷ ୮ହଜାର ଟଙ୍କା ବାକି ପଡ଼ିଥିବାରୁ ସେମାନଙ୍କୁ ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଇଛି। ସେହିପରି ୮୦୯ଜଣ ଉପଭୋକ୍ତାଙ୍କ ଠାରୁ ୪୪ଲକ୍ଷ ୯୨ହଜାର ଟଙ୍କା ଆଦାୟ କରାଯାଇ ପୁନଃ ବିଦ୍ୟୁତ୍ ସଂଯୋଗ ଦିଆଯାଇଥିବା ବିଭାଗ ପକ୍ଷରୁ ସୋମବାର ଏକ ପ୍ରେସ୍ ବିବୃତିରେ ଜଣାଇ ଦିଆଯାଇଛି।



ବିଦ୍ୟୁତ୍ କର୍ମଚାରୀ ଜଣେ ଉପଭୋକ୍ତାଙ୍କ ବିଦ୍ୟୁତ୍ ବିଚ୍ଛିନ୍ନ କରୁଛନ୍ତି।

ବାଲେଶ୍ୱର ଜିଲାର ୩୪ ସ୍କ୍ୱାଡ୍‌ମାଧ୍ୟମରେ ୬୧୫୩ ବିଦ୍ୟୁତ୍ ଉପଭୋକ୍ତାଙ୍କଠାରୁ ୧କୋଟି ୭୧ଲକ୍ଷ ଟଙ୍କା ଆଦାୟ ହୋଇଛି। ୨୦୨୧ ଉପଭୋକ୍ତାଙ୍କର ୨କୋଟି ୨୮ଲକ୍ଷ ୧୯ହଜାର ଟଙ୍କା ବାକି ପଡ଼ିଥିବାରୁ ସେମାନଙ୍କ ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଇଛି। ସେହିପରି ଭଦ୍ରକରେ ୧୯ଟି ସ୍କ୍ୱାଡ୍ ମାଧ୍ୟମରେ ୨୮୫୨ ବିଦ୍ୟୁତ୍ ଉପଭୋକ୍ତାଙ୍କଠାରୁ ୧କୋଟି ୨୩ଲକ୍ଷ ୩୭ହଜାର ଟଙ୍କା ଆଦାୟ ହୋଇଛି। ୧୧୦୭ ଉପଭୋକ୍ତାଙ୍କର ୨କୋଟି ୨୧ଲକ୍ଷ ୧୫ହଜାର ଟଙ୍କା ବାକି ପଡ଼ିଥିବାରୁ ସେମାନଙ୍କ ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଇଛି। ଯାଜପୁରରେ ୨୦ଟି ସ୍କ୍ୱାଡ଼ ମାଧ୍ୟମରେ ୨୪୯୫ ବିଦ୍ୟୁତ୍ ଉପଭୋକ୍ତାଙ୍କଠାରୁ ୧ କୋଟି ୫୮ଲକ୍ଷ ୮୯ହଜାର ଟଙ୍କା ଆଦାୟ ହୋଇଛି। ୪୫୦ ଉପଭୋକ୍ତାଙ୍କର ୧କୋଟି ୬ଲକ୍ଷ ୪୩ହଜାର ଟଙ୍କା ବାକି ପଡ଼ିଥିବାରୁ ସେମାନଙ୍କ ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଇଛି। ମୟୂରଭଞ୍ଜରେ ୨୭ଟି ସ୍କ୍ୱାଡ୍ ମାଧ୍ୟମରେ ୧୨୭୪୨ ବିଦ୍ୟୁତ୍ ଉପଭୋକ୍ତାଙ୍କଠାରୁ ୨କୋଟି ୯୩ଲକ୍ଷ ୧୮ହଜାର ଟଙ୍କା ଆଦାୟ ହୋଇଛି। ୧୦୭୪ ଉପଭୋକ୍ତାଙ୍କର ୨କୋଟି ୮ଲକ୍ଷ ୬୮ହଜାର ଟଙ୍କା ବାକି ପଡ଼ିଥିବାରୁ ସେମାନଙ୍କ ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଇଛି। କେନ୍ଦୁଝରରେ ୨୦ଟି ସ୍କ୍ୱାଡ଼ ମାଧ୍ୟମରେ ୪୮୭୭ ବିଦ୍ୟୁତ୍ ଉପଭୋକ୍ତାଙ୍କଠାରୁ ୧କୋଟି ୩୭ଲକ୍ଷ ୯୪ହଜାର ଟଙ୍କା ଆଦାୟ ହୋଇଛି। ୧୭୦୨ ଉପଭୋକ୍ତାଙ୍କର ୨କୋଟି ୫୧ଲକ୍ଷ ୩୫ହଜାର ଟଙ୍କା ବାକି ପଡ଼ିଥିବାରୁ ସେମାନଙ୍କ ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଇଥିବା ବିଭାଗୀୟ ଲୋକସମ୍ପର୍କ ଅଧିକାରୀ ଚିତ୍ତରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

# ମାଟ୍ରିକ ପ୍ରଶ୍ନପତ୍ର ଭାଇରାଲ ଅଭିଯୋଗ

**ପାଟଣାଗଡ଼, ୨୪।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲାର ଏକ ହାଇସ୍କୁଲରେ ସୋମବାର ମାଟ୍ରିକ ପ୍ରଶ୍ନପତ୍ର ଲିକ୍ ହୋଇଥିବା ଅଭିଯୋଗ ହୋଇଛି। ହାଇସ୍କୁଲର ଜଣେ ପିଅନ ନିଜେ ପ୍ରଶ୍ନପତ୍ର ଏବଂ ଉତ୍ତର ସ୍କୁଲରୁ ଆଣି ପରୀକ୍ଷା ଆରମ୍ଭ ହେବା ଅଧ ଘଣ୍ଟା ପରେ ଅନ୍ୟ ଏକ ହାଇସ୍କୁଲକୁ କପି ଦେବାପାଇଁ ଆସିଥିଲେ। ପରେ ମୋବାଇଲ ମାଧ୍ୟମରେ ସେହି ପ୍ରଶ୍ନପତ୍ର ଏବଂ ଉତ୍ତରକୁ ଭାଇରାଲ କରିଥିଲେ। ସେଠାରେ ଉପସ୍ଥିତ ଥିବା ପାଟଣାଗଡ ପୋଲିସର ମୋବାଇଲ ଟିମ କପି କୁଆଡେ ଗଲା ବୋଲି ତାଙ୍କୁ ପଚାରଥିଲେ। ଏହାପରେ ସେ ଘଟଣାସ୍ଥଳରୁ ଜଙ୍ଗଲ ଭିତରକୁ ଦୌଡି ପଳାଇଥିଲେ। ସେଠାରେ ଉପସ୍ଥିତ ଥିବା ଅନ୍ୟ ଅଭିଭାବକମାନଙ୍କ ମୋବାଇଲ ଯାଞ୍ଚ କରିବାରୁ ସେମାନଙ୍କ ମୋବାଇଲରୁ ପ୍ରଶ୍ନପତ୍ର ଏବଂ ଉତ୍ତର ମିଳିଥିଲା। ଏହାକୁ ପାଟଣାଗଡ ପୋଲିସର ମୋବାଇଲ ସ୍କ୍ୱାଡ ଜବତ କରିଥିଲା। ସେଠାରୁ ସମ୍ପୃକ୍ତ ପିଅନଙ୍କ ଗାଡିକୁ ମଧ ପୋଲିସ ଜବତ କରିଛି। ଏ ବିଷୟରେ ସମ୍ପୃକ୍ତ ସ୍କୁଲର ସୁପରିଣ୍ଟେଣ୍ଡେଣ୍ଟ ବିଷ୍ଣୁପ୍ରସାଦ ଘଡେଇଙ୍କୁ ପଚାରିବାରୁ ସ୍କୁଲ ପିଅନ ପିଲା ମାନଙ୍କୁ ପରୀକ୍ଷା ଦେବା ପାଇଁ ନେଇଥିଲେ। ସେଠାରେ କ'ଣ ହୋଇଛି ମୁଁ ଜାଣି ନାହିଁ ବୋଲି କହିଥିଲେ। ପାଟଣାଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ଷଷ୍ଠୀ ଝାଙ୍କର ଏନେଇ ତଦନ୍ତ କରାଯିବ ଏବଂ ଯିଏ ବି ଦୋଷୀ ସାବ୍ୟସ୍ତ ହେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଆଇଏଏସ୍ ଅଧିକାରୀସ୍ତରରେ ଅଦଳବଦଳ

**ଭୁବନେଶ୍ୱର,୨୪।୨(ବ୍ୟୁରୋ)**

ଓଡ଼ିଶା ପ୍ରଶାସନରେ କାର୍ଯ୍ୟରତ କେତେକ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀସ୍ତରରେ ଛୋଟ ଧରଣର ଅଦଳବଦଳ କରାଯାଇଛି। ଏନେଇ ସୋମବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଜମିଜମା ରେକର୍ଡ, ସର୍ଭେ ଏବଂ ଚକବନ୍ଦୀ ନିର୍ଦ୍ଦେଶକ ବି.ପରମେଶ୍ୱରନ୍(୨୦୦୮)ଙ୍କୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ନିର୍ଦ୍ଦେଶକ ତଥା ଯୁଗ୍ମ ସଚିବଭାବେ ନିଯୁକ୍ତି ମିଳିଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଯୁଗ୍ମ ସଚିବ ଗୁହା ପୁନମ୍ ତାପସ କୁମାର(୨୦୦୮) ଏସ୍‌ଟି, ଏସ୍‌ସି, ସଂଖ୍ୟାଲଘୁ ସମ୍ପ୍ରଦାୟ ଏବଂ ଓବିସି କଲ୍ୟାଣ ବିଭାଗ ନିର୍ଦ୍ଦେଶିକା ଦାୟିତ୍ୱ ତୁଲାଇବେ। ହସ୍ତତନ୍ତ, ବୟନଶିଳ୍ପ ଏବଂ ହସ୍ତଶିଳ୍ପ ଅତିରିକ୍ତ ସଚିବ ବୃନ୍ଦାବନ ବେହେରା(୨୦୦୮) ଜମିଜମା ରେକର୍ଡ, ସର୍ଭେ, ଚକବନ୍ଦୀ ନିର୍ଦ୍ଦେଶକଭାବେ ନିଯୁକ୍ତି ପାଇଛନ୍ତି। ସେହିପରି ସ୍ମୃତି ରଞ୍ଜନ ପ୍ରଧାନ(ଏନ୍‌ଏସ୍‌ସିଏସ-୨୦୧୨)ଙ୍କୁ କଟକସ୍ଥିତ ମତ୍ସ୍ୟ ସମ୍ପଦ ନିର୍ଦ୍ଦେଶକ ଏବଂ ଉମାକାନ୍ତ ତ୍ରିପାଠୀ(ଏସ୍‌ସିଏସ୍)ଙ୍କୁ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ନିର୍ଦ୍ଦେଶକ ଦାୟିତ୍ୱ ମିଳିଛି।

## ବିଏସ୍‌କେୱାଇ ସହ ଆୟୁଷ୍ମାନର ମିଶ୍ରଣ ନିଷ୍ପତ୍ତି ବିଚାରାଧୀନ: ମନ୍ତ୍ରୀ

**ଭୁବନେଶ୍ୱର,୨୪।୨(ବ୍ୟୁରୋ)**

ଓଡ଼ିଶା ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ) ସହ ଆୟୁଷ୍ମାନ ଯୋଜନାର ମିଶ୍ରଣ ପ୍ରସଙ୍ଗ ଏବେ ବି ବିଚାରାଧୀନ ରହିଛି। ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ସୋମବାର ବିଧାନସଭାରେ ଅଣତାରକା ପ୍ରଶ୍ନ ନଂ-୯୭୫ର ଉତ୍ତର ଦେଇ ଏହା କହିଛନ୍ତି। ବିଏସ୍‌କେୱାଇର ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ସମସ୍ତ ଜନସାଧାରଣ ସବୁ ସରକାରୀ ଚିକିତ୍ସାଳୟରେ ଦେୟମୁକ୍ତ ସେବା ପାଇପାରିବେ। ଏହି ଯୋଜନାର ଦ୍ୱିତୀୟ ପର୍ଯ୍ୟାୟରେ ରାଜ୍ୟରେ ୭୦ ଲକ୍ଷରୁ ଅଧିକ ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ପରିବାର ସରକାରୀ ଦେୟମୁକ୍ତ ସେବା ବ୍ୟତୀତ ପରିବାର ପିଛା ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦିଆଯାଉଛି। ମହିଳାଙ୍କ କ୍ଷେତ୍ରରେ ଅତିରିକ୍ତ ୫ ଲକ୍ଷ ଟଙ୍କା ସହ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସେବା ବେସରକାରୀ ଚିକିତ୍ସାଳୟରେ ପ୍ରଦାନ କରାଯାଇପାରିବ ବୋଲି ମନ୍ତ୍ରୀ ଉତ୍ତର ଲେଖିଛନ୍ତି।

## ଶିଶୁକନ୍ୟାଙ୍କୁ ବଳାତ୍କାର ଘଟଣା: ଜେଲ ଗଲେ ଅଭିଯୁକ୍ତ

**ବାସୁଦେବପୁର,୨୪।୨(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କିସ୍ମତକୃଷ୍ଣପୁର ଅଞ୍ଚଳର ଜଣେ ୪ ବର୍ଷୀୟା ଶିଶୁକନ୍ୟାଙ୍କୁ ବଳାତ୍କାର ଘଟଣାରେ ଅଭିଯୁକ୍ତ ଜଗନ୍ନାଥ ଦାସଙ୍କୁ ସୋମବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଭଦ୍ରକ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଉଲ୍ଲେଖନୀୟ ଯେ, ଲୁଣିସାହି ଗ୍ରାମର ଅଭିଯୁକ୍ତ ଜଗନ୍ନାଥ ରବିବାର ସକାଳେ ଚକୋଲେଟ୍ ଦେବାକୁ କହି ଶିଶୁକନ୍ୟାଙ୍କୁ ନିଜ ଘରକୁ ନେଇ ବଳାତ୍କାର କରିଥିଲେ। ପୀଡ଼ିତାଙ୍କ ମା'ଙ୍କ ଅଭିଯୋଗକ୍ରମେ ନାୟକାଣିଡିହୀ ଥାନା ପୋଲିସ ଏକ ମାମଲା(ନଂ.୨୩/୨୦) ରୁଜୁକରି ଅଭିଯୁକ୍ତ ଜଗନ୍ନାଥଙ୍କୁ ଗିରଫ କରିଥିଲା। ତାଙ୍କର ଡାକ୍ତରୀ ମାଇନା କରାଯାଇ କୋର୍ଟ ଚାଲାଣ କରାଯାଇଥିଲା।

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ. eT-M-UGM-PUI-R-95-2020
**କାର୍ଯ୍ୟର ନାମ :** ତିନି ବର୍ଷ ଅବଧି ନିମନ୍ତେ ପ୍ରାଥମିକ ରକ୍ଷଣାବେକ୍ଷଣ ଅବସରରେ ପୁରୀ କୋଚିଂ ଡିପୋ ଠାରେ BG ରେଳ କୋଚ୍‌ଗୁଡ଼ିକରେ ଦିନରାତି (Round the clock) ସାଧାରଣ ସାଜସଜ୍ଜା (General Furnishing), ବଢ଼େଇ କାମ (Carpentry), ପାଇପ୍ ଲାଇନ୍ (Plumbing) ଓ ଯାତ୍ରୀ ସୁବିଧା ଦେଖାଶୁଣା କାର୍ଯ୍ୟ ।
**ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) :** 7,45,63,656.02, EMD (ଟଙ୍କାରେ) : 5,22,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 11,800/-, ଶେଷ ହେବା ଅବଧି : 36 ମାସ ।
ବିଡ୍ ଆରମ୍ଭ ହେବା ତାରିଖ : ତା.26.02.2020ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.11.03.2020ରିଖ 1530 ଘଟିକାରେ ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫର ଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଉପରୋକ୍ତ ଇ-ଟେଣ୍ଡର ର ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ସିନିୟର ଡିଭିଜନାଲ ମେକାନିକାଲ ଇଂଜିନିୟର/ ଖୋର୍ଦ୍ଧା ରୋଡ୍
PR-727/K/19-20

## ମାଲେସିଆ ପ୍ରଧାନମନ୍ତ୍ରୀ ମହାଥିର୍‌ଙ୍କ ଇସ୍ତଫା

**କୁଆଲାଲମ୍ପୁର, ୨୪।୨**



ମାଲେସିଆ ପ୍ରଧାନମନ୍ତ୍ରୀ ପଦରୁ ମହାଥିର୍ ମହମ୍ମଦ ଇସ୍ତଫା ଦେଇଛନ୍ତି। ସେ ତାଙ୍କର ଇସ୍ତଫାପତ୍ର ରାଜାଙ୍କ ନିକଟକୁ ପଠାଇଥିବା ବେଳେ ଦେଶରେ ନୂଆ ମେଣ୍ଟ ସରକାର ଗଠନ ନେଇ କଥାବାର୍ତ୍ତା ଚାଲିଛି। ନୂଆ ସରକାର ଦାୟିତ୍ୱ ନେବା ପର୍ଯ୍ୟନ୍ତ ଅନ୍ତରୀଣ ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରିବାକୁ ମହାଥିର୍‌ଙ୍କୁ ରାଜା ପରାମର୍ଶ ଦେଇଥିବା ଜଣାପଡିଛି। ମହାଥିର୍ ୨୦୧୮ ମେ ମାସରେ ଦ୍ୱିତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ମହାଥିର୍ ନିଜ ଦଳରୁ ମଧ ଇସ୍ତଫା ଦେଇଛନ୍ତି। ଶାସକ ମେଣ୍ଟରୁ ମହାଥିର୍‌ଙ୍କ ଦଳ ବାହାରିଯାଇଥିବା ଘୋଷଣା କରିଛି। ଅନୱର ଇବ୍ରାହିମ୍ ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହେବା ନେଇ ଚର୍ଚ୍ଚା ହେଉଛି।

## ସାନ ଭାଇଙ୍କୁ ହାଣିବା ପରେ ବଡ଼ଭାଇଙ୍କ ଆତ୍ମହତ୍ୟା

**ସମ୍ବଲପୁର,୨୪।୨(ବ୍ୟୁରୋ)**

ସମ୍ବଲପୁର ଜିଲା ଶାସନ ଥାନା ଝରଘାଟି ଗ୍ରାମରେ ସୋମବାର ଅପରାହ୍ନରେ ଏକ ଅଭାବନୀୟ ଘଟଣା ଘଟିଛି। ସାନ ଭାଇଙ୍କୁ ହାଣିବା ପରେ ବଡ ଭାଇ ଆତ୍ମହତ୍ୟା କରିଛନ୍ତି। ମୃତ ବଡ଼ଭାଇ ହେଲେ ନିର୍ମଳ ଖଡିଆ(୨୫)। ତାଙ୍କ ଟାଙ୍ଗିଆ ଚୋଟରେ ଗୁରୁତର ସାନ ଭାଇ ନରେଶ ଖଡିଆ (୨୩)ଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଶାସନ ଥାନା ପୋଲିସ ଗ୍ରାମବାସୀଙ୍କ ଉପସ୍ଥିତିରେ ଘର କବାଟ ଭାଙ୍ଗି ଝୁଲନ୍ତା ଅବସ୍ଥାରେ ନିର୍ମଳଙ୍କ ମୃତଦେହ ଉଦ୍ଧାର କରିଛି। ଘଟଣା ସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଛି। ବୁର୍ଲା ଭିମ୍‌ସାରକୁ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଏ ନେଇ ଥାନାରେ ଏକ ମାମଲା( ନଂ. ୩୮/୨୦) ରୁଜୁ କରି ପୋଲିସ ତଦନ୍ତ କରୁଛି। ଆହତ ନରେଶଙ୍କ କହିବା ଅନୁଯାୟୀ, ପ୍ରତିଦିନ ବଡ ଭାଇ ନିଶାଶକ୍ତ ଅବସ୍ଥାରେ ଆସି ଘରେ ମା'ବାପା ଓ ତାଙ୍କୁ ମାରପିଟ କରନ୍ତି। ସୋମବାର ଅପରାହ୍ନ ପ୍ରାୟ ଗୋଟାଏ ସମୟରେ ନିର୍ମଳ ମା' ବାପାଙ୍କୁ ଟଙ୍କା ମାଗିଥିଲେ। ଏହାକୁ ନେଇ ମା'ବାପାଙ୍କ ସହିତ ତାଙ୍କର ଝଗଡା ହୋଇଥିଲା। ଏହାକୁ ନରେଶ ବିରୋଧ କରିଥିଲେ। ଏଥିରେ ଉତ୍ତେଜିତ ହୋଇ ନିର୍ମଳ ନରେଶଙ୍କ ତଣ୍ଟିଚିପି ହତ୍ୟା ଉଦ୍ୟମ କରିଥିଲେ। ଏହାପରେ ନରେଶ ତାଙ୍କୁ ଭୟଭୀତ କରିବା ପାଇଁ ଘରେ ଥିବା ଏକ ଟାଙ୍ଗିଆ ନେଇ ଆସିଥିଲେ। ହେଲେ ନିର୍ମଳ ସେହି ଟାଙ୍ଗିଆକୁ ଛଡାଇ ନରେଶଙ୍କୁ ଆକ୍ରମଣ କରିଥିଲେ। ଫଳରେ ସେ ଅଚେତହୋଇ ତଳେ ପଡିଯାଇଥିଲେ।

**ସର୍ବସାଧାରଣ ଘୋଷଣା**
**(ଇନ୍‌ସଲ୍‌ଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି ବୋର୍ଡ ଅଫ୍ ଇଣ୍ଡିଆ (ପରିସମାପନ ପ୍ରକ୍ରିୟା) ରେଗୁଲେସନ୍ସ, ୨୦୧୬ର ରେଗୁଲେଶନ୍ ୩୨ ଓ ୩୩ ଅଧୀନରେ)**

| ସମ୍ପର୍କିତ ବିବରଣୀ | | |
|---|---|---|
| ୧. | କର୍ପୋରେଟ୍ ଋଣୀଙ୍କ ନାମ | ମା'ଦୁର୍ଗା ଥର୍ମାଲ ପାୱାର କମ୍ପାନୀ ଲିମିଟେଡ୍ |
| ୨. | କର୍ପୋରେଟ୍ ଋଣୀଙ୍କ ନିଗମୀକରଣ ତାରିଖ | ଡିସେମ୍ବର ୧୫, ୨୦୦୮ |
| ୩. | କର୍ତ୍ତୃପକ୍ଷ ଯାହାଙ୍କ ଅଧୀନରେ କର୍ପୋରେଟ୍ ଋଣୀ ନିଗମୀକୃତ/ପଞ୍ଜୀକୃତ ହୋଇଥିଲେ | କମ୍ପାନୀ ନିବନ୍ଧକ – କଟକ |
| ୪. | କର୍ପୋରେଟ୍ ଋଣୀଙ୍କ କର୍ପୋରେଟ୍ ପରିଚୟ ସଂଖ୍ୟା/ସୀମିତ ଉତ୍ତରଦାୟିତା ପରିଚୟ ସଂଖ୍ୟା | ୟୁ୪୦୧୦୨ଓଆର୍‌୨୦୦୮ପିଏଲ୍‌ସି୦୧୦୫୦୧ |
| ୫. | କର୍ପୋରେଟ୍ ଋଣୀଙ୍କ ପଞ୍ଜୀକୃତ କାର୍ଯ୍ୟାଳୟ ଠିକଣା ଏବଂ ପ୍ରଧାନ କାର୍ଯ୍ୟାଳୟ (ଯଦି ଥାଏ) | **ପଞ୍ଜୀକୃତ କାର୍ଯ୍ୟାଳୟ:** ସିଏଡିଡି ସେଣ୍ଟର ବିଲ୍‌ଡିଂ, ୨ୟ ମହଲା, ପ୍ରେସ୍ ଛକ, ମଧୁପାଟଣା, କଟକ, ଓଡ଼ିଶା – ୭୫୩୦୧୦ **କାରଖାନା ଅବସ୍ଥିତି:** ବଇଁଚୁଆ, ଟାଙ୍ଗୀ, କଟକ– ୭୫୪୦୨୨, ଓଡ଼ିଶା |
| ୬. | କର୍ପୋରେଟ୍ ଋଣୀଙ୍କ ପରିସମାପନ ଆରମ୍ଭ ତାରିଖ | ଜୁନ୍ ୨୫, ୨୦୧୯ |
| ୭. | ପରିସମାପକଙ୍କ ନାମ, ଠିକଣା, ଇମେଲ୍ ଠିକଣା, ଟେଲିଫୋନ ନମ୍ବର ଏବଂ ପଞ୍ଜୀକରଣ ନମ୍ବର | ନାମ: ପଙ୍କଜ ଧାନୁକା<br>ଆଇବିବିଆଇ ସହିତ ପଞ୍ଜୀକୃତ ଠିକଣା: ଏଫ୍‌ଇ ୩୨୮, ସେକ୍ଟର ୩, ସଲ୍ଟ ଲେକ୍ ସିଟି, କୋଲକାତା, ପଶ୍ଚିମବଙ୍ଗ, ୭୦୦୧୦୬<br>ପଞ୍ଜୀକୃତ ଇମେଲ୍ ଠିକଣା: pankajdhanuka@gmail.com<br>ଟେଲିଫୋନ୍: +୯୧ ୯୮୩୦୦ ୧୮୧୨୮<br>ପଞ୍ଜୀକରଣ ନଂ.: ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୧୨୦୫/୨୦୧୮-୨୦୧୯/୧୧୯୧୧<br>**ଯୋଗାଯୋଗ ଠିକଣା:** ଡିଲୋଏଟେ ଟଚେ ତୋହମାତ୍ସୁ ଇଣ୍ଡିଆ ଏଲ୍‌ଏଲ୍‌ପି, ୧୩ ମହଲା, ବିଲ୍‌ଡିଂ – ଓମେଗା, ବେଙ୍ଗଲ ଇଣ୍ଟେଲିଜେଣ୍ଟ ପାର୍କ, ବ୍ଲକ୍ – ଇପି ଏବଂ ଜିପି, ସେକ୍ଟର – ଭି, ସଲ୍ଟ ଲେକ୍ ସିଟି, ପଶ୍ଚିମବଙ୍ଗ ୭୦୦୦୯୧<br>**ଯୋଗାଯୋଗ ଇମେଲ୍ ଠିକଣା:** inmtpclip@deloitte.com |
| ୮. | ଇ-ନିଲାମର ତାରିଖ | ନିଲାମ ଆରମ୍ଭ ତାରିଖ ଓ ସମୟ: ମାର୍ଚ୍ଚ ୨୬, ୨୦୨୦ @ ପୂ. ୧୧.୦୦ ଘ.<br>ନିଲାମ ସମାପ୍ତିର ତାରିଖ ଓ ସମୟ: ମାର୍ଚ୍ଚ ୨୬,୨୦୨୦ @ ଅ. ୦୫.୩୦ ଘ. |
| ୯. | ପ୍ରକ୍ରିୟା ଦସ୍ତାବିଜ ହାସଲର ପଦ୍ଧତି | ନିଲାମ ପ୍ରକ୍ରିୟାର ସବିଶେଷ ନିୟମ ଓ ସର୍ତ୍ତାବଳୀ ପ୍ରକ୍ରିୟା ଦସ୍ତାବିଜରେ ନିର୍ଦ୍ଧାରିତ ଅଟେ, ଯାହାକୁ ବିଡର୍‌ମାନେ inmtpclip@deloitte.com କୁ ଇମେଲ୍ ଅନୁରୋଧ ପଠାଇ ହାସଲ କରିପାରିବେ। |
| ୧୦. | ପ୍ରକ୍ରିୟା ଦସ୍ତାବିଜ ହାସଲର ଶେଷ ତାରିଖ | ମାର୍ଚ୍ଚ ୨୦,୨୦୨୦ |
| ୧୧. | ନିଲାମ ପ୍ରକ୍ରିୟାର ବିଷୟବସ୍ତୁ | କର୍ପୋରେଟ୍ ଋଣୀଙ୍କୁ ଚାଲୁ ବ୍ୟବସାୟ ଭାବେ ଅଧିଗ୍ରହଣ କରିବା |
| ୧୨. | ବିଡ୍ ଦାଖଲର ପଦ୍ଧତି | ପ୍ରକ୍ରିୟା ଦସ୍ତାବିଜରେ ନିର୍ଦ୍ଧାରିତ ହୋଇଥିବା ଅନୁଯାୟୀ, ଯାହା କର୍ପୋରେଟ୍ ଋଣୀଙ୍କ ପରିସମାପକଙ୍କ ଦ୍ୱାରା ଜାରି ହେବ। |
| ୧୩. | ବିକ୍ରୟ ମାଧ୍ୟମ | ବିକ୍ରୟ ମାଧ୍ୟମ ହେଉଛି ଖୋଲା ଇ-ନିଲାମ, ଯେଉଁଠାରେ ବିଡର୍‌ମାନେ ଖୋଲା ସମୟ ଅବଧି ସମୟରେ ଅନ୍ୟାନ୍ୟ ବିଡର୍‌ମାନଙ୍କର ପ୍ରତିଯୋଗିତାମୂଳକ ବିଡ୍ ଦେଖିପାରିବେ ।<br>କର୍ପୋରେଟ୍ ଋଣୀଙ୍କୁ ଏକ ଚାଲୁ ବ୍ୟବସାୟ ଭାବେ ଅଧିଗ୍ରହଣ କରିବା 'ଯେପରି ଅଛି ଯେଉଁଠାରେ ଅଛି' ଭିତ୍ତିରେ କରାଯିବ ଏବଂ କର୍ପୋରେଟ୍ ଋଣୀଙ୍କ ଅଥବା ପରିସମାପକଙ୍କ ଦ୍ୱାରା କୌଣସି ପ୍ରତିନିଧିତ୍ୱ, ୱାରେଣ୍ଟି ଅଥବା କ୍ଷତିପୂର୍ତ୍ତି ଦିଆଯିବ ନାହିଁ । |

ଦ୍ରଷ୍ଟବ୍ୟ: ଏଠାରେ ସମ୍ବଳିତ କୌଣସି ଲେଖା କର୍ପୋରେଟ୍ ଋଣୀଙ୍କୁ ଏକ ଚାଲୁ ବ୍ୟବସାୟ ଭାବେ କିମ୍ବା ଏହାର ପରିସମ୍ପତ୍ତିକୁ ବିକ୍ରି କରିବାର ଏକ ବାଧ୍ୟତାମୂଳକ ଯାଚନା କିମ୍ବା ପ୍ରତିବଦ୍ଧତା ନୁହେଁ ।
ବିଡର୍‌ମାନେ ଏହା ଧ୍ୟାନରେ ରଖିବା ଜରୁରୀ ଯେ ଉପରଦର୍ଶିତ ନିଲାମ ପ୍ରକ୍ରିୟା ଇନସଲଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି ସଂହିତା, ୨୦୧୬ (''ସଂହିତା'') ଅନୁଯାୟୀ ସଞ୍ଚାଳିତ ହେଉଛି । ସଂହିତାର ଧାରା ୫୨ ସହିତ ପଠନପୂର୍ବକ ପ୍ରଯୁଜ୍ୟ ନିୟମାବଳୀର ନିୟମ ଅନୁଯାୟୀ ବିଦ୍ୟମାନ ପ୍ରଭାରୀଙ୍କ ଦ୍ୱାରା କର୍ପୋରେଟ ଋଣୀଙ୍କ କୌଣସି ପରିସମ୍ପତ୍ତି ଆଦାୟକରଣ କ୍ଷେତ୍ରରେ, ସମ୍ପୃକ୍ତ ପ୍ରଭାରୀଙ୍କ ଦ୍ୱାରା ଏପରି ବିକଳ୍ପର ପ୍ରୟୋଗ ଯେପରି ଓ ଯେବେ କରାଯିବ, ସେହି ପରିସମ୍ପତ୍ତିଟି ପରିସମାପକଙ୍କ ଦ୍ୱାରା ସଞ୍ଚାଳନ କରାଯାଉଥିବା ନିଲାମ ପ୍ରକ୍ରିୟାର ପରିସରରୁ ବହିର୍ଭୁକ୍ତ ହୋଇଯିବ।
ଏହି ଆମନ୍ତ୍ରଣ ସମେତ ସମୟରେଖା କିମ୍ବା ସେଥିରେ ଅନ୍ତର୍ଭୁକ୍ତ ପ୍ରକ୍ରିୟାଗୁଡ଼ିକୁ ବିନା କୌଣସି କାରଣ ଦର୍ଶାଇ, ଯେକୌଣସି ସମୟରେ ଓ ଯେକୌଣସି ଉପାୟରେ ସଂଶୋଧନ ଏବଂ/କିମ୍ବା ରଦ୍ଦ କରିବାର ଅଧିକାର ପରିସମାପକଙ୍କ ନିକଟରେ ସଂରକ୍ଷିତ। ଆମନ୍ତ୍ରଣ ସମେତ ଉପରଦର୍ଶିତ ସମୟରେଖାରେ ଏପରି କୌଣସି ସଂଶୋଧନ କର୍ପୋରେଟ୍ ଋଣୀଙ୍କ ୱେବ୍‌ସାଇଟ୍ www.inmtpcl.inରେ ଅଧିସୂଚିତ ହେବ।
**ମା'ଦୁର୍ଗା ଥର୍ମାଲ ପାୱାର କମ୍ପାନୀ ଲିମିଟେଡ ପାଇଁ**
**ସ୍ୱା./- ପଙ୍କଜ ଧାନୁକା**
ମୀମାଂସା ବୃତ୍ତିଧାରୀ – ପଞ୍ଜୀକରଣ ନଂ. ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୧୨୦୫/୨୦୧୮-୨୦୧୯/୧୧୯୧୧
ପଞ୍ଜୀକୃତ ଠିକଣା: ଏଫ୍‌ଇ ୩୨୮, ସେକ୍ଟର ୩, ସଲ୍ଟ ଲେକ୍ ସିଟି, କୋଲକାତା, ପଶ୍ଚିମବଙ୍ଗ, ୭୦୦୧୦୬
ପଞ୍ଜୀକୃତ ଇମେଲ୍: pankajdhanuka@gmail.com
**ଯୋଗାଯୋଗ ଠିକଣା:** ଡିଲୋଏଟେ ଟଚେ ତୋହମାତ୍ସୁ ଇଣ୍ଡିଆ ଏଲ୍‌ଏଲ୍‌ପି, ୧୩ ମହଲା, ବିଲ୍‌ଡିଂ – ଓମେଗା, ବେଙ୍ଗଲ ଇଣ୍ଟେଲିଜେଣ୍ଟ ପାର୍କ, ବ୍ଲକ୍ – ଇପି ଏବଂ ଜିପି, ସେକ୍ଟର – ଭି, ସଲ୍ଟ ଲେକ୍ ସିଟି, ପଶ୍ଚିମବଙ୍ଗ ୭୦୦୦୯୧
**ଯୋଗାଯୋଗ ଇମେଲ୍:** inmtpclip@deloitte.com
**ତାରିଖ: ଫେବୃୟାରୀ ୨୫, ୨୦୨୦**
କୋଲକାତା

# ଆଜୀବନ କଏଦୀ ପଦିଆଙ୍କ ମୃତ୍ୟୁ

## ବହୁଚର୍ଚ୍ଚିତ ୧୯୯୯ ବାରଙ୍ଗ ଗଣବଳାତ୍କାର ମାମଲା

**ଭୁବନେଶ୍ୱର,୨୪।୨(ବ୍ୟୁରେ)**

ବହୁଚର୍ଚ୍ଚିତ ୧୯୯୯ ବାରଙ୍ଗ ଗଣବଳାତ୍କାର ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଝାରପଡ଼ା ଜେଲ୍‌ରେ ଆଜୀବନ ସଜା କାଟୁଥିବା ଅନ୍ୟତମ ଅଭିଯୁକ୍ତ କଟକ ନୂଆବଜାରର ପ୍ରଦୀପ କୁମାର ସାହୁ (୫୫)ଙ୍କ ସୋମବାର ଅପରାହ୍ନରେ ମୃତ୍ୟୁ ଘଟିଛି। ପ୍ରଦୀପ ଗୁରୁତର ଅସୁସ୍ଥ ହୋଇପଡିବାରୁ ଜେଲ୍ କର୍ତ୍ତୃପକ୍ଷ ତାଙ୍କୁ ଗତ ୧୯ ତାରିଖରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ତାଙ୍କୁ ଆଇସିୟୁରେ ରଖାଯାଇ ଚିକିତ୍ସା ଚାଲିଥିଲା। ତେବେ ତାଙ୍କର ମୃତ୍ୟୁ ଘଟିବା ପରେ ଜେଲ୍ କର୍ତ୍ତୃପକ୍ଷ ଏନେଇ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିବା ସହ ପରିବାର ଲୋକଙ୍କୁ ଖବର ଦେଇଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ହସ୍ପିଟାଲର ଶବ ସଂରକ୍ଷଣ ଗୃହରେ ରଖିଛି। ମଙ୍ଗଳବାର ପରିବାର ଲୋକେ ଆସିଲେ ବ୍ୟବଚ୍ଛେଦ କରାଯାଇ ମୃତଦେହ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି। ପ୍ରଦୀପ ବହୁଦିନ ହେବ ଛାତିରେ ଯନ୍ତ୍ରଣା ଅନୁଭବ କରୁଥିଲେ। ତାଙ୍କୁ ମଝିରେ ମଝିରେ ଜେଲ୍ ହସ୍ପିଟାଲରେ ଚିକିତ୍ସା କରାଯାଉଥିଲା। ସ୍ୱାସ୍ଥ୍ୟାବସ୍ଥା ଅଧିକ ଜଟିଳ ହେଲେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଉଥିଲା। ଗତ ୧୯ ତାରିଖରେ ପ୍ରଦୀପ ଅସହ୍ୟ ଯନ୍ତ୍ରଣା ଅନୁଭବ କରିବା ପରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

ସୂଚନା ଅନୁଯାୟୀ, ୧୯୯୯ ଜାନୁୟାରୀ ୯ ରାତିରେ ଜଣେ ମହିଳାଙ୍କ ସହ ଜଣେ ଖବରଦାତା ଏକ କାରରେ ଭୁବନେଶ୍ୱର ଉପକଣ୍ଠ ବାରଙ୍ଗରୁ କଟକ ଅଭିମୁଖେ ଯାଉଥିଲେ। ଏହି ସମୟରେ ୩ଜଣ ଅଭିଯୁକ୍ତ ତାଙ୍କ କାରକୁ ଅଟକାଇ ଖବରଦାତାଙ୍କୁ ମାଡ଼ ମାରିବା ସହ ମହିଳାଙ୍କୁ ଟେକିନେଇ ଏକ ଧାନବିଲରେ ଗଣବଳାତ୍କାର କରିଥିଲେ। ଜାନୁୟାରୀ ୨୬ରେ ପୋଲିସ ୨ଜଣଙ୍କୁ ଗିରଫ କରି ରିମାଣ୍ଡରେ ନେଇ ପଚରାଉଚରା କରିଥିଲା। ଓଡିଶା ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏହି ମାମଲାର ତଦନ୍ତ ଦାୟିତ୍ୱ ସିବିଆଇ ନେଇଥିଲା। ମେ ୫ରେ ସିବିଆଇ ପକ୍ଷରୁ କୋର୍ଟରେ ଚାର୍ଜଶିଟ୍ ଦାଖଲ ହୋଇଥିଲା। ୨୦୦୨ ଏପ୍ରିଲ ୨୯ରେ ଖୋର୍ଦ୍ଧା ଜିଲା ଦୌରାଜଜ ମାମଲାର ଶୁଣାଣି କରି ୨ ଅଭିଯୁକ୍ତ ପ୍ରଦୀପ ସାହୁ ଓ ଧୀରେନ୍ଦ୍ର ମହାନ୍ତିଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଥିଲେ। ଏହି ମାମଲାରେ ଧୀରେନ୍ଦ୍ର ଝାରପଡ଼ା ଜେଲ୍‌ରେ ସଜା କାଟୁଥିବାବେଳେ ଅନ୍ୟ ଜଣେ ଅଭିଯୁକ୍ତ ବିବନ ବିଶ୍ୱାଳ ଏବେ ବି ଫେରାର ଅଛନ୍ତି।

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
କ୍ଷେତ୍ରୀୟ ବ୍ୟବସାୟିକ କାର୍ଯ୍ୟାଳୟ, କ୍ଷେତ୍ର-୨, ମଧୁପାଟଣା, ଲିଙ୍କ୍ ରୋଡ୍, କଟକ-୭୫୩୦୧୦
**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍ ୮(୧)]
**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**
ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୯ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟଗୁଡିକୁ ନିମ୍ନଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଋଣ ରାଶି କଥିତ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।
ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ଆକ୍ଟର ରୁଲ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତିଗୁଡିକ ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ବଡ଼ମ୍ବା ଶାଖା / ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ଜାମିନ୍‌ଦାରଙ୍କ ନାମ ଓ ଠିକଣା / ସମ୍ପତ୍ତିର ମାଲିକ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|---|
| **ଋଣଗ୍ରହୀତା: ଶ୍ରୀ ରବିନ୍ଦ୍ର ପ୍ରଧାନ,** ପିତା: ଲୋଚନ ପ୍ରଧାନ, ଗ୍ରାମ: ହରିପୁର, ପୋ: ଖୁଣ୍ଟକଟା, ଥାନା: ବଡ଼ମ୍ବା, ଜିଲ୍ଲା: କଟକ | **ଜାମିନ୍‌ଦାର: ଶ୍ରୀ ସତ୍ୟବାଦୀ ପ୍ରଧାନ,** ପିତା: ଲୋଚନ ପ୍ରଧାନ, ବଡ଼ମ୍ବା, ଜିଲ୍ଲା: କଟକ / **ସମ୍ପତ୍ତିର ମାଲିକ: ଶ୍ରୀ ସତ୍ୟବାଦୀ ପ୍ରଧାନ ଏବଂ ଶ୍ରୀ ରବିନ୍ଦ୍ର ପ୍ରଧାନ** | **ଶ୍ରୀ ସତ୍ୟବାଦୀ ପ୍ରଧାନ ଏବଂ ଶ୍ରୀ ରବିନ୍ଦ୍ର ପ୍ରଧାନଙ୍କ** ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ହରିପୁର, ଥାନା/ତହସିଲ: ବଡ଼ମ୍ବା, ଖାତା ନଂ.: ୨୮୦/୭୭, ପ୍ଲଟ୍ ନଂ.: ୫୩ ଏବଂ ୫୪, କ୍ଷେତ୍ର: ଏକର୦.୧୯ଡିସିମିଲି, କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଚନ୍ଦ୍ର ଶେଖର ରାଉତ, ଦକ୍ଷିଣ: ପିତବାସ ପ୍ରଧାନ, ପୂର୍ବ: ପିତବାସ ପ୍ରଧାନ, ପଶ୍ଚିମ: ଗ୍ରାମ୍ୟ ରାସ୍ତା | ୨୬.୧୧.୨୦୧୯ | ୧୯.୦୨.୨୦୨୦ | ୧୫.୧୧.୨୦୧୯ ସୁଦ୍ଧା ଟ.୬,୨୭,୦୦୦/- + ସୁଧ ଏବଂ ସେବାବଦ ଖର୍ଚ୍ଚ |
| **ଋଣଗ୍ରହୀତା: ମେସର୍ସ ପଣ୍ଡା ଟାଏ ହାଏ, ସ୍ୱତ୍ୱାଧିକାରୀ: ଭିକାରୀ ଚରଣ ପଣ୍ଡା,** ପିତା: ୰ କୃଷ୍ଣ ଚନ୍ଦ୍ର ପଣ୍ଡା, ସା: ମୁକ୍ତାନଗର, ଅଭିମାନପୁର, ଥାନା: ବଡ଼ମ୍ବା, ଜିଲ୍ଲା: କଟକ | **ଜାମିନ୍‌ଦାର: ୰ କୃଷ୍ଣ ଚନ୍ଦ୍ର ପଣ୍ଡା,** ପିତା: ଗୋପି ପଣ୍ଡା, ସା/ପୋ: ଅଭିମାନପୁର, ଥାନା: ବଡ଼ମ୍ବା, ଜିଲ୍ଲା: କଟକ / **ସମ୍ପତ୍ତିର ମାଲିକ: ୰ କୃଷ୍ଣ ଚନ୍ଦ୍ର ପଣ୍ଡା** | **୰ କୃଷ୍ଣ ଚନ୍ଦ୍ର ପଣ୍ଡାଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଅଭିମାନପୁର, ତହସିଲ/ଥାନା: ବଡ଼ମ୍ବା, ଖାତା ନଂ.: ୫୪୪/୩୧୪, ପ୍ଲଟ୍ ନଂ.: ୩୬୨, କ୍ଷେତ୍ର: ଏକର୦.୩୨୦ଡିସିମିଲି, କିସମ: ଘରବାରି ଏବଂ ଖାତା ନଂ.: ୯୩, ପ୍ଲଟ୍ ନଂ.: ୧୩୯, କ୍ଷେତ୍ର: ଏକର୦.୧୬ଡିସିମିଲି, ପ୍ଲଟ୍ ନଂ.: ୧୪୩, କ୍ଷେତ୍ର: ଏକର୦.୧୩ଡିସିମିଲି, ପ୍ଲଟ୍ ନଂ.: ୫୧୮, କ୍ଷେତ୍ର: ଏକର୦.୧୬ଡିସିମିଲି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଏସ୍‌ଏଚ୍-୬୫, ଦକ୍ଷିଣ: ଲକ୍ଷ୍ମଣ କୁମାର ପଣ୍ଡା, ପୂର୍ବ: ରାଜକିଶୋର ପଣ୍ଡା, ପଶ୍ଚିମ: ଗ୍ରାମ୍ୟ ରାସ୍ତା | ୧୫.୧୧.୨୦୧୯ | ୧୯.୦୨.୨୦୨୦ | ୩୧.୧୦.୨୦୧୯ ସୁଦ୍ଧା ଟ.୮,୩୫,୩୫୦/- + ସୁଧ ଏବଂ ସେବାବଦ ଖର୍ଚ୍ଚ |

**ତାରିଖ: ୨୪.୦୨.୨୦୨୦**
**ସ୍ଥାନ: କଟକ**
**ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**



ରାଗ, ଦ୍ୱେଷ, ଈର୍ଷା, ମନ ଭିତରେ ଥିଲେ ପୂଜାପାଠ, ଭଜନ କୀର୍ତ୍ତନ ନିରର୍ଥକ।

- ସନ୍ଥ ଏକନାଥ



## ସଂକ୍ଷେପରେ

### ଷ୍ଟେଶନରୁ ଗଞ୍ଜେଇ ଜବତ, ଜଣେ ଗିରଫ

**ଜଟଣୀ,୨୪।୨(ଡି.ଏନ.ଏ.):** ଖୋର୍ଦ୍ଧାରୋଡ଼ ରେଳ ଷ୍ଟେଶନରୁ ୧୦ କିଗ୍ରା ଗଞ୍ଜେଇ ଜବତ ହୋଇଛି। ଏହାକୁ ଚାଲାଣ କରୁଥିବା ଜିତୁ ନାୟକ(୨୫)ଙ୍କୁ ରେଲୱେ ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ବାଲୁଗାଁ ଥାନା ଅଞ୍ଚଳରେ ଗିରଫ ଅଭିଯୁକ୍ତଙ୍କ ଘର। ବିଶେଷସୂତ୍ରରୁ ଖବରପାଇ ଆର୍‌ପିଏଫ୍ ଇନ୍ସପେକ୍ଟର ବିଦ୍ୟାଧର ବାରିକ ଓ ରେଲୱେ ପୋଲିସ ମିଳିତ ଭାବେ ଚଢ଼ାଉ କରି ଗଞ୍ଜେଇ ଭର୍ତ୍ତି ଥିବା ବ୍ୟାଗ ସହ ଜିତୁଙ୍କୁ ଧରିଥିଲେ। ୩ ନଂ. ପ୍ଲାଟଫର୍ମରେ ଅଭିଯୁକ୍ତ ଟ୍ରେନ୍‌କୁ ଅପେକ୍ଷା କରିଥିବା ବେଳେ ଏହି ଚଢ଼ାଉ କରାଯାଇଥିଲା। ଖଲ୍ଲିକୋଟ ଓ ବାଲୁଗାଁ ଅଞ୍ଚଳରୁ ଗଞ୍ଜେଇ ସଂଗ୍ରହ କରି ଚେନ୍ନାଇ-ହାୱଡା ମେଲ୍‌ରେ ଖୋର୍ଦ୍ଧାରୋଡ଼ ଷ୍ଟେଶନ ପର୍ଯ୍ୟନ୍ତ ଜିତୁ ଆସିଥିଲେ। ଏଠାରୁ ଗଞ୍ଜେଇ ଦିଲ୍ଲୀ ଚାଲାଣ ପାଇଁ କଳିଙ୍ଗ ଉତ୍କଳ ଏକ୍ସପ୍ରେସ୍ ଟ୍ରେନକୁ ଅପେକ୍ଷା କରିଥିବା ସମୟରେ ଧରା ପଡିଥିବା ଆର୍‌ପିଏଫ୍ ଇନ୍ସପେକ୍ଟର ବାରିକ କହିଛନ୍ତି। ଏ ନେଇ ନଂ. ୩୨/୨୦ରେ ମାମଲା ରୁଜୁ ହୋଇଛି।

### ସ୍ମାର୍ଟ ସିଟି ପରାମର୍ଶଦାତା ଫୋରମର ବୈଠକ

**ଭୁବନେଶ୍ୱର,୨୪।୨(ବ୍ୟୁରେ):** ଭୁବନେଶ୍ୱର ସ୍ମାର୍ଟ ସିଟିକୁ ଅଧିକ ବିକଶିତ କରିବାକୁ ବିଏମ୍‌ସି, ବିଡିଏ ଏବଂ ବିଏସ୍‌ସିଏଲ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ସ୍ମାର୍ଟ ସିଟିକୁ ଅଧିକ ସ୍ମାର୍ଟ କରିବା ପାଇଁ ସୋମାବାର ବିଡିଏ କନଫେରେନ୍ସ ହଲରେ ସ୍ମାର୍ଟ ସିଟି ପରାମର୍ଶଦାତା ଫୋରମର ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଭିନ୍ନକ୍ଷମ, ସାମାଜିକ ସୁରକ୍ଷା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସରକାରୀ ଏବଂ ବେସକରକାରୀ ସଂସ୍ଥାଗୁଡିକର କର୍ମକର୍ତ୍ତା, ବସ୍ତିବାସିନ୍ଦା, ଯୁବପିଢି ଆଦି ବିଭିନ୍ନ ବର୍ଗର ଲୋକ ଯୋଗ ଦେଇଥିଲେ। ଏଥିରେ ଭୁବନେଶ୍ୱରକୁ ଅଧିକ ବିକଶିତ କରିବା ସହ ବର୍ତ୍ତମାନ ଲୋକେ ସମ୍ମୁଖୀନ ହେଉଥିବା ଅସୁବିଧାଗୁଡିକର ସମାଧାନ କରିବା ଉପରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଯୋଗଦେଇ ବିଏସ୍‌ସିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଥିଲେ, ଆମେ ବିଭିନ୍ନ ବର୍ଗର ଲୋକମାନଙ୍କ ସହ ଆଲୋଚନା କରିଛୁ। ସେମାନଙ୍କ ବିଭିନ୍ନ ଅସୁବିଧା ଏବଂ ପରାମର୍ଶକୁ ଆମେ ଠିକ୍ ମାର୍ଗରେ କାର୍ଯ୍ୟକ୍ଷମ କରିବାକୁ ପ୍ରୟାସ କରିବୁ ବୋଲି ସେ କହିଛନ୍ତି।

### ଶହୀଦନଗର ଆକ୍ରମଣ ଘଟଣା: ଧରାପଡ଼ିଲେ ଆଉ ଜଣେ ନାବାଳକ

**ଭୁବନେଶ୍ୱର,୨୪।୨(ବ୍ୟୁରେ):** ଶହୀଦନଗର ଥାନା ୟୁନିଟ-୯ ଗ୍ରୀଡ୍‌କୋ କଲୋନୀରେ ପି. ଆକାଶ ଦୋରାଙ୍କୁ ମରଣାନ୍ତକ ଆକ୍ରମଣ କରିବା ଘଟଣାରେ ସମ୍ପୃକ୍ତ ଆଉ ଜଣେ ନାବାଳକଙ୍କୁ ପୋଲିସ ଧରିଛି। ଗତ ୧୭ ତାରିଖରେ ଏହି ଘଟଣାରେ ସମ୍ପୃକ୍ତି ନେଇ ପୋଲିସ ଜଣେ ନାବାଳକଙ୍କୁ ଧରି ବାଳ ସୁଧାର ଗୃହକୁ ପଠାଇଥିଲେ। ସୋମବାର ଧରା ହୋଇଥିବା ଅନ୍ୟ ଜଣେ ନାବାଳକଙ୍କୁ ବାଳସୁଧାର ଗୃହକୁ ପୁଣି ପଠାଇ ଦିଆଯାଇଛି। ଏହି ଘଟଣାରେ ପୋଲିସ ଆଉ ୨ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ପୂର୍ବରୁ ମରଣାନ୍ତକ ଆକ୍ରମଣ ଘଟଣାରେ ସମ୍ପୃକ୍ତ ୬ ଅଭିଯୁକ୍ତ ମଞ୍ଚେଶ୍ୱର ଥାନା ଅଞ୍ଚଳର ଶୁଭମ ଦାସ, ସୌମ୍ୟରଞ୍ଜନ ମହାରଣା, ପିଣ୍ଟୁ ଗୋସ୍ୱାମୀ, ବିବେକାନନ୍ଦ ଦତ୍ତ, ଆକାଶ ପାତ୍ର ଓ ଜୟଦେବ ବିହାର ଅଞ୍ଚଳର ଏସ.କେ. ଫରାନଙ୍କୁ ଗିରଫ କରିଥିଲା। ଏହି ଘଟଣାକୁ ନେଇ ପୋଲିସ ନଂ. ୮୭/୨୦ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିଲା। ସୂଚନା ମୁତାବକ ପି. ଆକାଶ ଦୋରା ଶହୀଦନଗର ଦୁର୍ଗାମଣ୍ଡପ ନିକଟରେ ସାଙ୍ଗମାନଙ୍କ ସହ ବସିଥିଲେ। ଏହି ସମୟରେ କେତେଜଣ ଯୁବକ ବାଇକ୍ ଏକ୍ସିଲିଟରକୁ ଜୋରରେ ମୋଡି ବିକଟାଳ ଶବ୍ଦ କରିଥିଲେ। ଦୋରା ଏବଂ ତାଙ୍କ ସାଙ୍ଗମାନେ ଏହାକୁ ବିରୋଧ କରିବାରୁ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଅପରପକ୍ଷର ଯୁବକମାନେ ଦୋରାଙ୍କୁ ଏକୁଟିଆ ବେଳେ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ନେଇ ପୋଲିସ ଚଢ଼ାଉ ଜାରି ରଖିଛି।

# ବରମୁଣ୍ଡାରୁ ଅଧକୋଟିର ବ୍ରାଉନସୁଗାର ଜବତ

## ବାଲେଶ୍ୱରର ଦୁଇ ଡିଲର ଗିରଫ

**ଭୁବନେଶ୍ୱର,୨୪।୨(ବ୍ୟୁରେ)**






ଜବତ ବ୍ରାଉନସୁଗାର ଓ ଗିରଫ ଦୁଇ ଅଭିଯୁକ୍ତ।

ଓଡ଼ିଶା ପାଲଟିଛି ବ୍ରାଉନସୁଗାର କାରବାରର ଗନ୍ତାଘର। ଯେତେ ଜବତ ହେଉଛି, ସେତେ ବାହାରୁଛି। ବିଶେଷକରି ବାଂଲାଦେଶ ଓ କଲିକତାରୁ ଓଡ଼ିଶା ଆସୁଥିବା ଏହି ବ୍ରାଉନସୁଗାରର ବଡ଼ ବଜାର ପାଲଟିଛି ରାଜଧାନୀ ଭୁବନେଶ୍ୱର। ଇତିମଧ୍ୟରେ ବହୁ ହୋଲ୍‌ସେଲର, ଡିଲରଙ୍କଠାରୁ ଆରମ୍ଭ କରି ଏଜେଣ୍ଟ, ଦଲାଲ ଓ ଖୁଚୁରା ବେପାରୀ ଭୁବନେଶ୍ୱରକୁ ଆସି କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଏବଂ କମିଶନରେଟ ପୋଲିସ ହାତରେ ଧରାପଡିଥିଲେ ମଧ୍ୟ ଏହି ବେଆଇନ ବେପାର ବନ୍ଦ ହେବାର ନାଁ ଧରୁନି। ସୋମବାର ଏସ୍‌ଟିଏଫ୍ ବରମୁଣ୍ଡାରୁ ୬ ପ୍ୟାକେଟରେ ଥିବା ୪୦୫ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏହାର ବଜାର ମୂଲ୍ୟ ପ୍ରାୟ ଅଧକୋଟି ହେବ। ତେବେ ଏହାକୁ ଚୋରା ଚାଲାଣ କରୁଥିବା ବାଲେଶ୍ୱରର ଦୁଇଜଣ ବ୍ରାଉନସୁଗାର ଡିଲରଙ୍କୁ ମଧ୍ୟ ଏସ୍‌ଟିଏଫ୍ ଗିରଫ କରିଛି। ସେମାନେ ହେଲେ ବାଲେଶ୍ୱର ଜିଲା ସହଦେବଖୁଣ୍ଟା ଗଳାପୋଲ ଅଞ୍ଚଳର ସେକ୍ ସାରୁକ୍ ଓ ସୁନହଟ ଅଞ୍ଚଳର ସଞ୍ଜୀବ କୁମାର ଦେହୁରୀ। ଦଫା ୨୧(ସି)୨୯ ଏନ୍‌ଡିପିଏସ୍‌ରେ ମାମଲା (ନଂ.୧୪/୨୦) ରୁଜୁ କରାଯାଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏସ୍‌ଟିଏଫ୍ ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ ସୋମବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

### ଚୋରା ବନ୍ଧୁକ କାରବାରରେ ସମ୍ପୃକ୍ତ

ଗିରଫ ଦୁଇ ଅଭିଯୁକ୍ତ ସେକ୍ ସାରୁକ୍ ଓ ସଞ୍ଜୀବ ବ୍ରାଉନସୁଗାର ବେପାର କରିବା ପୂର୍ବରୁ ଚୋରା ବନ୍ଧୁକ ବ୍ୟବସାୟ କରୁଥିବା ଜଣାପଡିଛି। ସେମାନଙ୍କ ନାମରେ ବାଲେଶ୍ୱର ଓ ସହଦେବଖୁଣ୍ଟା ଥାନାରେ ଏକାଧିକ ମାମଲା ରହିଛି। ସଞ୍ଜୀବଙ୍କ ନାମରେ ବାଲେଶ୍ୱର ଟାଉନ ଥାନାରେ କେସ୍ ନଂ.୨୫୦/୧୮, ବାଲେଶ୍ୱର ଥାନାରେ କେସ୍ ନଂ.୮୮/୧୯ ଓ ସହଦେବଖୁଣ୍ଟା ଥାନାରେ କେସ୍ ନଂ.୧୬୮/୧୭ରେ ବହୁ ସଙ୍ଗିନ ମାମଲା ରହିଛି। ସେହିଭଳି ସାରୁକ୍‌ଙ୍କ ନାମରେ ସହଦେବଖୁଣ୍ଟା ଥାନାରେ କେସ୍ ନଂ.୧୮/୧୯ ଓ କେସ୍ ନଂ.୨୧୧/୧୮ରେ ହତ୍ୟା ଉଦ୍ୟମ,ବନ୍ଧୁକ ବେପାର ଆଦି ଏକାଧିକ ମାମଲା ରହିଛି। ଏସ୍‌ଟିଏଫ୍ ଏହି କଳା କାରବାରର ଖୋଳତାଡ଼ କରିବ ବୋଲି ସୂଚନା ମିଳିଛି।

### କିଭଳି ଥିଲା ଏସ୍‌ଟିଏଫ୍ ଅପରେଶନ

କିଛି ମାସ ହେବ ବ୍ରାଉନସୁଗାର କାରବାର ଉପରେ ପୂରା ନଜର ରଖିଛି କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍। ସୁରାକ ପାଇବାମାତ୍ରେ ଯୋଜନା କରି ଧରୁଛି। ଇତିମଧ୍ୟରେ ବହୁ ଅନ୍ତର୍ଜାତୀୟ ବ୍ରାଉନ୍‌ସୁଗାର ମାଫିଆ, ହୋଲ୍‌ସେଲରଙ୍କଠାରୁ ଛୋଟ ବେପାରୀ ଏସ୍‌ଟିଏଫ୍ ଜାଲରେ ଫସିଛନ୍ତି। ସେମାନଙ୍କୁ ପଚରାଉଚରା କରି ଅନ୍ୟମାନଙ୍କୁ ଖୋଜି ବାହାର କରୁଛି। ରବିବାର ଗିରଫ ସାରୁକ୍ ଓ ସଞ୍ଜୀବଙ୍କ ସମ୍ପର୍କରେ ଏସ୍‌ଟିଏଫ୍‌କୁ ପୂର୍ବରୁ ସୂଚନା ମିଳିଥିଲା। ସେମାନେ ହେଉଛନ୍ତି କୋଲକାତା, ଖଡ଼ଗପୁର, ମୁର୍ସିଦାବାଦ ଓ ଓଡ଼ିଶାର ଜଳେଶ୍ୱରରେ ଥିବା ହୋଲ୍‌ସେଲରଙ୍କଠାରୁ ବ୍ରାଉନସୁଗାର ଆଣି ଡିଲରଶିପ୍ କରନ୍ତି। ସେମାନଙ୍କ ପାଖରୁ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଥିବା ସବ୍‌ଡିଲର ଓ ଏଜେଣ୍ଟମାନେ ବ୍ରାଉନସୁଗାର ଆଣି ଖୁଚୁରା ବେପାରୀଙ୍କୁ ଦେଇଥାନ୍ତି। କିନ୍ତୁ କିଛିଦିନ ହେବ ଏସ୍‌ଟିଏଫ୍ ଓ ପୋଲିସର ଧରାପଗଡ଼ ଚାଲିଥିବାରୁ ବିଶେଷକରି ସବ୍‌ଡିଲର ଓ ଏଜେଣ୍ଟମାନେ ସେମାନଙ୍କ ନିକଟକୁ ଯିବାକୁ ଭୟ କରୁଛନ୍ତି। ତେଣୁ ସେମାନେ ନିଜେ ବସ୍, ବାଇକ୍ ଓ ଟ୍ରେନ୍‌ରେ ଆସି ବ୍ରାଉନସୁଗାର ପହଞ୍ଚାଉଛନ୍ତି। ସାରୁକ୍ ଓ ସଞ୍ଜୀବ କୋଲକାତାର ଜଣେ ହୋଲ୍‌ସେଲରଙ୍କଠାରୁ ବ୍ରାଉନସୁଗାର ଆଣି ବସ୍‌ରେ ଭୁବନେଶ୍ୱର ଆସୁଥିବା ନେଇ ସୂଚନା ପାଇବା ପରେ ଏସ୍‌ଟିଏଫ୍ ଟିମ୍ ବରମୁଣ୍ଡା ସମେତ ଆଉ କେତେକ ସ୍ଥାନରେ ଜଗି ରହିଥିଲା। ସେମାନେ ବସ୍‌ଷ୍ଟାଣ୍ଡରେ ପହଞ୍ଚି ବାହାରକୁ ଆସି ପେଟ୍ରୋଲପମ୍ପ୍ ନିକଟରେ ବେପାରୀଙ୍କୁ ଅପେକ୍ଷା କରିଥିବାବେଳେ ଏସ୍‌ଟିଏଫ୍ ଅଧିକାରୀମାନେ ଘେରିଯାଇ କାବୁ କରିନେଇଥିଲେ। ଯାଞ୍ଚ କରିବାରୁ ସେମାନଙ୍କ ପକେଟରୁ ୭ ବ୍ରାଉନସୁଗାର ପ୍ୟାକେଟ ମିଳିଥିଲା।

### କୁର୍‌କୁରି ପ୍ୟାକେଟ, ଶାଢ଼ି ଭିତରେ ଚାଲାଣ

ସବୁବେଳେ ଭିନ୍ନ ଭିନ୍ନ ତରିକାରେ ବ୍ରାଉନସୁଗାର ଚାଲାଣ ହେଉଥିବାରୁ ପୋଲିସ ଏହାକୁ ଧରିବା କଷ୍ଟକର ହୋଇପଡୁଛି। ବେପାରୀମାନେ କେତେବେଳେ ମାଛ ଭିତରେ ତ ଆଉ କେତେବେଳେ ବିଲାତି, ସୁଜି ପ୍ୟାକେଟ ଭିତରେ ବ୍ରାଉନସୁଗାର ଚାଲାଣ କରୁଛନ୍ତି। ତେବେ ଅଧିକାଂଶ ସମୟରେ କୁର୍‌କୁରି ପ୍ୟାକେଟ ଓ ଶାଢି ଭିତରେ ବ୍ରାଉନସୁଗାର ରଖି ଚାଲାଣ କରନ୍ତି ବୋଲି ଗିରଫ ସାରୁକ୍ ଓ ସଞ୍ଜୀବ ପୋଲିସକୁ କହିଛନ୍ତି। ସେମାନେ ପ୍ୟାକେଟରୁ କୁର୍‌କୁରି କାଢି ସେଥିରେ ବ୍ରାଉନସୁଗାର ଭର୍ତ୍ତି କରି ମେଶିନ ଦ୍ୱାରା ସିଲ୍ କରିଦିଅନ୍ତି। ସେହିପରି ନୂଆ ଶାଢ଼ି କିଣି ଭିତରେ ବ୍ରାଉନସୁଗାର ରଖି ଚାଲାଣ କରୁଥିବାରୁ ପୋଲିସ ସହଜରେ ଧରିପାରେ ନାହିଁ।

### ଦୁଇ ଜଣଙ୍କ ସମ୍ପତ୍ତି ଫ୍ରିଜ୍ ହେବ

ଧରା ପଡୁଥିବା ବ୍ରାଉନସୁଗାର ବେପାରୀଙ୍କ ଉପରେ ଏବେ ଏସ୍‌ଟିଏଫ୍ କଡା କାର୍ଯ୍ୟାନୁଷ୍ଠାନ ନେଉଛି। ସେମାନଙ୍କ ସମ୍ପତ୍ତି ଓ ଆର୍ଥିକ କାରବାରକୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯାଉଛି। ବ୍ରାଉନସୁଗାର ବେପାରରୁ ସମ୍ପତ୍ତି ଠୁଳ ହୋଇଥିବା ନେଇ ପ୍ରମାଣ ଯୋଗାଡ଼ କରୁଛି। ଏହିଭଳି ଦୁଇ ବ୍ରାଉନସୁଗାର ଡିଲରଙ୍କ ସମ୍ପତ୍ତିର ଖୋଳତାଡ଼ ଆରମ୍ଭ ହୋଇଛି। ବ୍ରାଉନସୁଗାର ବେପାର ଟଙ୍କାରେ ସେମାନେ ସମ୍ପତ୍ତି କିଣିଛନ୍ତି କି? ଏହାର ତଦନ୍ତ ଚାଲିଛି। ପ୍ରମାଣ ମିଳିବା ପରେ ଆବଶ୍ୟକ ପ୍ରକ୍ରିୟା ଅନୁଯାୟୀ ତାହାକୁ ଫ୍ରିଜ୍ କରାଯିବ ବୋଲି ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି।

## ତହସିଲ କାର୍ଯ୍ୟାଳୟରେ ଅଗ୍ନିକାଣ୍ଡ



**ନିଆଳି,୨୪।୨(ଡି.ଏନ୍.ଏ.)**

ନିଆଳି ତହସିଲ କାର୍ଯ୍ୟାଳୟରେ ସୋମବାର ଭୋରରୁ ଅଗ୍ନିକାଣ୍ଡ ଘଟି କମ୍ପ୍ୟୁଟର, ଏସି ଓ ଅନ୍ୟାନ୍ୟ ଇଲୋକ୍ଟ୍ରୋନିକ୍ସ ସାମଗ୍ରୀ ସହ ବିଭିନ୍ନ କାଗଜପତ୍ର ପୋଡ଼ିଯାଇଛି। ଭୋରରୁ ତହସିଲ କାର୍ଯ୍ୟାଳୟର ପୁରୁଣା କମ୍ପ୍ୟୁଟର ରୁମ୍‌ରୁ ଧୂଆଁ ବାହାରୁଥିବା ୱାଚମ୍ୟାନ୍ ତହସିଲଦାର ଓ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଖବରପାଇ ନିଆଳି ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ପ୍ରାୟ ୧ ଘଣ୍ଟା ପରେ ନିଆଁକୁ ଆୟତ୍ତ କରିଥିଲେ। ଏହି ଖବର ନିଆଳି ଅଞ୍ଚଳରେ ପ୍ରଚାରିତ ହେବା ପରେ ଜନସାଧାରଣଙ୍କ ଜମିବାଡିର କାଗଜପତ୍ର, ସାର୍ଟିଫିକେଟ୍, ଘରଭଙ୍ଗା ସହାୟତାକୁ ଅପେକ୍ଷା କରିଥିବା ହିତାଧିକାରୀମାନେ ଆଶଙ୍କାରେ ରହିଛନ୍ତି। ଏ ସମ୍ପର୍କରେ ତହଦିଲଦାରଙ୍କ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ରଶ୍ମିରେଖା ଆମନ୍ତ କୁହନ୍ତି, ଜନସାଧାରଣ ଭୟଭୀତ ହେବାରେ କୌଣସି କାରଣ ନାହିଁ। ଜନସାଧାରଣଙ୍କ କୌଣସି କାଗଜପତ୍ର କିମ୍ବା ଘରଭଙ୍ଗା ସହାୟତାର କୌଣସି କାଗଜପତ୍ର ନଷ୍ଟ ହୋଇ ନାହିଁ। ଦୁଇଟି କମ୍ପ୍ୟୁଟର,ଏସି, ଇଲେକ୍ଟ୍ରି ସେକ୍‌ସନ୍ ପୋଡିଯାଇଛି। ପ୍ରାୟ ୧୫ଦିନ ମଧ୍ୟରେ ଏ ସମସ୍ତ କାର୍ଯ୍ୟ ଠିକ୍ ହୋଇ ଜନସାଧାରଣଙ୍କୁ ତହସିଲ ପକ୍ଷରୁ ସେବା ଯୋଗାଇ ଦିଆଯିବ ବୋଲି କହିଛନ୍ତି।

## ଏବେ ଖାଇହେବ କୁକୁଡ଼ା ମାଂସ

**ଭୁବନେଶ୍ୱର, ୨୪।୨(ବ୍ୟୁରୋ)**

ଓୟୁଏଟି କୁକୁଡ଼ା ଫାର୍ମରେ ବାର୍ଡ-ଫ୍ଲୁ ଲାଗିଥିବା ପରିପ୍ରେକ୍ଷୀରେ ଲୋକମାନେ ଆଶଙ୍କା ମଧ୍ୟରେ କୁକୁଡ଼ା ମାଂସ ଓ ଅଣ୍ଡା ଖାଉନାହାନ୍ତି। କିନ୍ତୁ ଏଥିପାଇଁ କୌଣସି ଆଶଙ୍କା ସୃଷ୍ଟି ହେବା ଉଚିତ ନୁହେଁ। କୁକୁଡ଼ା ମାଂସ ଓ ଅଣ୍ଡା ଖାଇବାରେ କୌଣସି ଭୟ ନାହିଁ ବୋଲି ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି। ସରକାରଙ୍କ ତରଫରୁ ଓୟୁଏଟି କୁକୁଡ଼ା ଫାର୍ମ ଓ ଏହାର ଏକ କିଲୋମିଟର ବ୍ୟାସାର୍ଦ୍ଧ ଅଞ୍ଚଳରେ ସମସ୍ତ କୁକୁଡ଼ା ଓ ବତକଙ୍କୁ ମାରି ପୋତି ଦିଆଯିବା ସହ ଉପଲବ୍ଧ ଅଣ୍ଡା ଓ କୁକୁଡ଼ା ଖାଦ୍ୟକୁ ମଧ୍ୟ ନଷ୍ଟ କରି ପୋତି ଦିଆଯାଇଛି। ଫାର୍ମର ଏକ କିଲୋମିଟର ବ୍ୟାସାର୍ଦ୍ଧ ଅଞ୍ଚଳରେ ବିଶୋଧକ ପ୍ରୟୋଗ କରାଯାଇଛି। ଓୟୁଏଟି କୁକୁଡ଼ା ଫାର୍ମକୁ ସିଲ୍ କରାଯାଇଥିବା ବେଳେ ଖୋର୍ଦ୍ଧା ଜିଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀଙ୍କ ତରଫରୁ ଗତ ୪ ତାରିଖରେ 'ଜୀବାଣୁମୁକ୍ତ ପ୍ରମାଣପତ୍ର' ପ୍ରଦାନ କରାଯାଇଛି। ତେଣୁ କୁକୁଡ଼ା ମାଂସ ଓ ଅଣ୍ଡା ଖାଇବାରେ କୌଣସି ପ୍ରତିବନ୍ଧକ ନାହିଁ ବୋଲି ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି। କୁକୁଡ଼ା ମାଂସ ଓ ଅଣ୍ଡାକୁ ଭଲ ଭାବେ ସିଝାଇ ଖାଇଲେ କୌଣସି ଭୟ ରହିବ ନାହିଁ। ୭୦ଡିଗ୍ରୀ ସେଲ୍‌ସିୟସ ତାପମାତ୍ରାରେ ୩୦ମିନିଟ୍ ପର୍ଯ୍ୟନ୍ତ ସିଝାଇଲେ ବାର୍ଡ-ଫ୍ଲୁ (ଏଚ୍୫ ଏନ୍୧) ଭୂତାଣୁ ନଷ୍ଟ ହୋଇଯାଏ। ଏହାବ୍ୟତୀତ ଜାନୁୟାରୀ ୨୮ରୁ ଏ ପର୍ଯ୍ୟନ୍ତ ଓୟୁଏଟି କୁକୁଡ଼ା ଫାର୍ମର ଏକରୁ ଦଶ କିଲୋମିଟର ବ୍ୟାସାର୍ଦ୍ଧ ଅଞ୍ଚଳରେ କୌଣସି କୁକୁଡ଼ା ବା କୁକ୍କୁଟଜାତୀୟ ପକ୍ଷୀଙ୍କ ଅସ୍ୱାଭାବିକ ମୃତ୍ୟୁ ହୋଇନାହିଁ। ତେଣୁ ଲୋକେ ଆଶଙ୍କାଗ୍ରସ୍ତ ନ ହୋଇ କୁକୁଡ଼ା ମାଂସ ଓ ଅଣ୍ଡା ଖାଇପାରିବେ ବୋଲି ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି।

## ଛାତ୍ରଙ୍କୁ ଅପହରଣ ଅଭିଯୋଗ

**ନିଆଳି,୨୪।୨(ଡି.ଏନ୍.ଏ.):** ନିଆଳି ଅଞ୍ଚଳର ଜଣେ ଷଷ୍ଠ ଶ୍ରେଣୀରେ ଛାତ୍ରଙ୍କୁ ଅପହରଣ ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ସୋମବାର ସନ୍ଧ୍ୟାରେ ନିଆଳି ଥାନା ନିକଟ ଭେଟନାରୀ ଛକରେ ଜଣେ ଷଷ୍ଠ ଶ୍ରେଣୀ ଛାତ୍ର ଟ୍ୟୁଶନ୍‌ରୁ ଫେରୁଥିବା ବେଳେ ଜଣେ ଯୁବକ ତାଙ୍କୁ ଜୋରଜବରଦସ୍ତ ଏକ ବାଇକରେ ବସାଇ ନେଇଯାଉଥିଲେ। ଏହି ସମୟରେ ଛାତ୍ର ଜଣଙ୍କ ପାଟି କରିବାରୁ ପାଖରେ ଥିବା ଲୋକେ ଉକ୍ତ ଯୁବକଙ୍କୁ କାବୁ କରି ନେଇଥିଲେ। ଏହାପରେ ଉକ୍ତ ଯୁବକଙ୍କୁ ମାଡ଼ ମାରିବା ସହ ନିଆଳି ଥାନା ପୋଲିସ ଜିମା ଦେଇଥିଲେ। ଉକ୍ତ ଯୁବକକୁ ଅଟକ ରଖି ପଚରା ଉଚରା ଜାରି ରଖିଥିବା ଥାନା ଏସ୍‌ଆଇ ବନବିହାରୀ ପଣ୍ଡା କହିଛନ୍ତି। ଏ ସମ୍ପର୍କରେ ଛାତ୍ରଙ୍କ ମା' ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।



ସୋମବାର ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ 'ମ୍ୟୁଜିକାଲ ଜର୍ନି: ଏଭରଗ୍ରୀନ୍ ବଲିଉଡ୍ ସଙ୍ଗ୍'ରେ କଣ୍ଠଶିଳ୍ପୀମାନେ ସଙ୍ଗୀତ ପରିବେଷଣ କରୁଛନ୍ତି।

## ନବୀନ-ପ୍ରବୀଣ ଶିଳ୍ପୀଙ୍କ ଯୁଗଳବନ୍ଦୀ

**ଭୁବନେଶ୍ୱର,୨୪।୨(ବ୍ୟୁରୋ)**




ମ୍ୟୁଜିକ୍ ସିଜଲର୍ସ ପକ୍ଷରୁ ସୋମବାର ସ୍ଥାନୀୟ ରବୀନ୍ଦ୍ର ମଣ୍ଡପରେ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ 'ମ୍ୟୁଜିକାଲ ଜର୍ନି: ଏଭରଗ୍ରୀନ୍ ବଲିଉଡ୍ ସଙ୍ଗ୍' ଅନୁଷ୍ଠିତ ହୋଇଯାଇଛି। କୁମାର ଗୌରବଙ୍କ ପ୍ରଯୋଜନା ଓ ଶାରଦା ପ୍ରସନ୍ନ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଭୟ ନବୀନ ଏବଂ ପ୍ରବୀଣ କଣ୍ଠଶିଳ୍ପୀମାନେ ସଙ୍ଗୀତ ପରିବେଷଣ କରିଥିଲେ। କଣ୍ଠଶିଳ୍ପୀ ଦେବଦାସ, ଶ୍ୱେତା, ସୀମା, ରଶ୍ମିରଞ୍ଜନ, ପୁଷ୍ପାଞ୍ଜଳି, ପଲ୍ଲବୀ, ବବି, ତନ୍ମୟ, ବିବେକ, ରାକ୍ଷୀ, ତନୁଶ୍ରୀ, ଅନନ୍ୟା ପ୍ରମୁଖ ୩୦ରୁ ଊର୍ଦ୍ଧ୍ୱ ମନଛୁଆଁ ଗୀତ ଗାଇଥିଲେ। ମହମ୍ମଦ ନାସିରଙ୍କ ସଙ୍ଗୀତ ପରିବେଷଣ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ସାଜିଥିଲା। ଗୁଲସନ୍ ନଦୀମଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଙ୍ଗୀତ ସନ୍ଧ୍ୟାରେ ଅତିଥିଭାବେ ବିଧାୟକ ଅନନ୍ତ ନାରାୟଣ ଜେନା, ଚଳଚ୍ଚିତ୍ର ଅଭିନେତା ସବ୍ୟସାଚୀ ମିଶ୍ର, ସିନେ ସମୀକ୍ଷକ ଦିଲୀପ ହାଲି, ଇଂ. କମଳାକାନ୍ତ ମହାନ୍ତି, ବିଭୂତିଭୂଷଣ ଦାଶ, ମୁକେଶ ଅଗ୍ରୱାଲ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ମ୍ୟୁଜିକ ସିଜଲର୍ସ ପକ୍ଷରୁ ପ୍ରସନ୍ନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଘାଟିକିଆ ଜଙ୍ଗଲରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ଭୁବନେଶ୍ୱର,୨୪।୨(ବ୍ୟୁରେ)**

ଖଣ୍ଡଗିରିସ୍ଥିତ ଘାଟିକିଆ ଜଙ୍ଗଲରୁ ଜଣେ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ପୋଲିସ ସୋମବାର ଉଦ୍ଧାର କରିଛି। ମୃତକ ହେଲେ ବରମୁଣ୍ଡା ଗୋଦାମସାହି ଅଞ୍ଚଳରେ ରହୁଥିବା ବୁଦ୍ଧିଆ ଗୌଡ(୬୫)। ପାରିବାରିକ କଳହରୁ ବୃଦ୍ଧ ବ୍ୟକ୍ତି ଜଣଙ୍କ ଆତ୍ମହତ୍ୟା କରିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଏ ନେଇ ପୋଲିସ (ନଂ. ୫୩/୨୦) ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ପୋଲିସ ସୂଚନା ମୁତାବକ, ସୋମବାର ସକାଳ ପ୍ରାୟ ୮ଟା ବେଳକୁ ଘାଟିକିଆ ନିକଟରେ ଥିବା ଜଙ୍ଗଲରେ ମୃତଦେହ ଝୁଲୁଥିବା ନେଇ ସ୍ଥାନୀୟ ଲୋକ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ଏଥିସହ ସ୍ଥାନୀୟ ଲୋକଙ୍କଠାରୁ ମୃତକଙ୍କ ପରିବାର ଲୋକଙ୍କ ସମ୍ପର୍କରେ ସୂଚନା ନେଇଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ପ୍ରାଥମିକ ତଦନ୍ତ ସୂଚନା ଅନୁଯାୟୀ, ପରିବାର ଲୋକଙ୍କ ସହ ବୁଦ୍ଧିଆଙ୍କର ରବିବାର ରାତିରେ କୌଣସି କାରଣକୁ ନେଇ ଝଗଡା ହୋଇଥିଲା। ଏହାକୁ କେନ୍ଦ୍ରକରି ପରିବାର ଲୋକଙ୍କ ଉପରେ ରାଗି ଘରୁ ବାହାରି ଆସିଥିଲେ। ତେବେ କେଉଁ ପରିସ୍ଥିତିରେ ସେ ଆତ୍ମହତ୍ୟାର ପନ୍ଥା ବାଛିଲେ ସେ ନେଇ ତଦନ୍ତ ଜାରି ରହିଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି ବୋଲି ପୋଲିସ ସୂଚନା ଦେଇଛି।




୪ ଦଫା ଦାବି ନେଇ ବିଏସ୍‌ଏନ୍‌ଏଲ୍ କାଜୁଆଲ କର୍ମଚାରୀ ସଂଘ ପକ୍ଷରୁ ଭୁବନେଶ୍ୱରସ୍ଥିତ ବିଏସ୍‌ଏନ୍‌ଏଲ୍ ଅଫିସ୍ ସମ୍ମୁଖରେ ସୋମବାର ଦିଆଯାଇଥିବା ଧାରଣା।

## ଏସ୍‌ସିବି ମେଡିକାଲରେ ଅବ୍ୟବସ୍ଥା: ସ୍ୱାସ୍ଥ୍ୟ ସଚିବଙ୍କୁ ଚିଠି

**କଟକ ଅଫିସ,୨୪।୨**

### ଅପରେଶନ ଥିଏଟର ସାମ୍ନାରେ ପାର୍କିଂ

ଏସ୍‌ସିବି ମେଡ଼ିକାଲକୁ ବିଶ୍ୱସ୍ତରୀୟ କରିବା ପାଇଁ ରାଜ୍ୟ ସରକାର ଯୋଜନା କରୁଛନ୍ତି। ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରିବାକୁ ପ୍ରସ୍ତୁତ ହେଉଛନ୍ତି ରାଜ୍ୟ ସରକାର। ହେଲେ ଏଠାରେ ଅନେକ ଅବ୍ୟବସ୍ଥା ରହିଥିବା କଟକର ସ୍ୱେଚ୍ଛାସେବୀ ସଙ୍ଗଠନ 'ସେବା ମନ୍ଦିର' ପକ୍ଷରୁ ଅଭିଯୋଗ ହୋଇଛି। ଏ ନେଇ ସଙ୍ଗଠନ ପକ୍ଷରୁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ସଚିବ, ୫-ଟି ସଚିବ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଓ କଟକ ଜିଲାପାଳଙ୍କୁ ଚିଠି ଲେଖାଯାଇଛି। ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି, ବିଭିନ୍ନ ବିଭାଗର ବାରଣ୍ଡାରେ କିଛି କର୍ମଚାରୀ ବାଇକ୍, ସ୍କୁଟି, ସାଇକେଲ ରଖୁଛନ୍ତି। ଏଥିଯୋଗୁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ଯାତାୟତରେ ବାଧା ସୃଷ୍ଟି ହେଉଛି। ଏପରି କି ବାରଣ୍ଡାରେ ରୋଗୀ ପଡ଼ିଥିବାବେଳେ ସେମାନଙ୍କ ମୁଣ୍ଡ ପାଖରେ ରହୁଛି ଗାଡ଼ି ଓ ସାଇକେଲ। ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ୍ୟ ମେଡିକାଲ କର୍ତ୍ତୃପକ୍ଷ ଏଥିପ୍ରତି ଆଦୌ ଦୃଷ୍ଟି ଦେଉନାହାନ୍ତି ବୋଲି ସଙ୍ଗଠନର ସଦସ୍ୟ ଅଚ୍ୟୁତ କୁମାର ସାହୁ କହିଛନ୍ତି। ଏ ନେଇ ଏସ୍‌ସିବି ମେଡିକାଲର ଜରୁରୀକାଳିନ ଅଧିକାରୀ ଡା. ଭୁବନାନନ୍ଦ ମହାରଣା କୁହନ୍ତି, ଏ ସମ୍ପର୍କରେ ମୋ ପାଖରେ ଖବର ନାହିଁ। ତଥାପି ଏହା ଉପରେ ତଦନ୍ତ କରାଯିବ।



ରାଜ ମୁକୁଟ ସୁନାରେ ତିଆରି ବୋଲି ଦେଖାଯାଉଥାଏ,
ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।
- ମିଲ୍‌ଟନ୍



# ହାତୀ ଗଲା, ଭୟ ରହିଲା

ଭୁବନେଶ୍ୱର(ବ୍ୟୁରୋ)/ପିପିଲି(ସ୍ୱ.ପ୍ର.)/ ବଳଙ୍ଗା, ୨୪।୨(ଡି.ଏନ୍.ଏ.)

ଗତ ତିନିଦିନ ହେଲା ପୁରୀ ଜିଲାର ପିପିଲି, ନିମାପଡ଼ା, କଣାସ, ଡେଲାଙ୍ଗ ଏବଂ ଖୋର୍ଦ୍ଧା ଜିଲାର ଜଟଣୀ ବ୍ଲକ ଅଞ୍ଚଳରେ ଆତଙ୍କ ଖେଳାଇଥିବା ଦନ୍ତାହାତୀ ସୋମବାର ଭୁବନେଶ୍ୱର ଉପକଣ୍ଠ ହୋଇ ଚନ୍ଦକା ଜଙ୍ଗଲ ଅଭିମୁଖେ ଯାଇଛି। କିନ୍ତୁ ଉପରୋକ୍ତ ଅଞ୍ଚଳର ଏକର ଏକର ଜମିରେ ଫସଲ ନଷ୍ଟ କରିବା ସହ ରବିବାର ୪ଜଣଙ୍କ ଜୀବନ ନେଇଥିଲା। ଗାଁକୁ ଗାଁ ଘୂରିବୁଲି କାହାକୁ କଚାଡ଼ିଲା ତ କାହାକୁ ଦଳିଥିଲା। ଏଥିରେ ୬ଜଣ ଗୁରୁତର ହୋଇଥିବାବେଳେ ଅନେକ ଆହତ ହୋଇଛନ୍ତି। ହାତୀକୁ ଖୋର୍ଦ୍ଧା ବରୁଣେଇ ପାହାଡ଼ ନିକଟ କୁମୁକା ଜଙ୍ଗଲରେ ଛାଡ଼ିବାକୁ ବନବିଭାଗ ଅଧିକାରୀ ଓ କର୍ମଚାରୀ ଉଦ୍ୟମ କରିଥିଲେ। କିନ୍ତୁ ହାତୀ ଚନ୍ଦକା ଜଙ୍ଗଲ ପଟକୁ ଯାଇଥିଲା। ସୋମବାର ରାତି ପ୍ରାୟ ୧୦ଟାରେ ହାତୀ ଚନ୍ଦକା ନିକଟ ଦାସପୁରମୁଣ୍ଡିଆରେ ରହିଥିବା ବନବିଭାଗ ସୂତ୍ରରୁ ଜଣାପଡ଼ିଛି। ହେଲେ ହାତୀ ଯେଭଳି ଉଗ୍ର ଓ ଅଣାୟତ୍ତ ହୋଇ ତାଣ୍ଡବ ରଚିଛି, ତାହା ଅଙ୍ଗେ ନିଭାଇଥିବା ଉପରୋକ୍ତ ଅଞ୍ଚଳବାସୀଙ୍କ ନିଦ ହଜାଇ ଦେଇଛି। ହାତୀ ଗଲାପରେ ମଧ୍ୟ ବହୁ ଗାଁରେ ରହିଯାଇଛି ଭୟ। ଅନେକେ ଆଖିଆଗରେ ହାତୀ ଦଳିକଚାଡ଼ି ଦେବାର ଦୃଶ୍ୟ ଦେଖିଥିବାରୁ ସେମାନଙ୍କ ମନରୁ ଭୟ ହଟିପାରିନାହିଁ। ତେଣୁ ଗାଁଗୁଡ଼ିକରେ ଲୋକେ ସୋମବାର ସକାଳୁ ରାତିଯାଏ ଘରୁ ବାହାରି ନ ଥିଲେ।







ଭୁବନେଶ୍ୱର ଉପକଣ୍ଠରେ ହାତୀର ଗତିବିଧିକୁ ନିରୀକ୍ଷଣ କରୁଛନ୍ତି ବନ କର୍ମଚାରୀ।

## ଚିକିତ୍ସା ପାଇଁ ଅର୍ଥ ବାଧକ, ସରକାରୀ ସହାୟତା ଦାବି

ହାତୀ ଆକ୍ରମଣରେ ଗୁରୁତର ଆହତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ପିପିଲି ପୌରାଞ୍ଚଳ ଅନ୍ତର୍ଗତ ହସନପୁରର ସେକ୍ ସମୀର(୨୫) ଓ ବଳଙ୍ଗା ଥାନା ଅଧୀନ ତେରହଳ ଗ୍ରାମର ଛବି ଦେଇ(୪୭)। ସମୀର ରବିବାର ରାତିରେ ପିପିଲି ବଜାରର ଦେବୀଗଳି ନିକଟରେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ତାଙ୍କୁ ହାତୀ ଧକ୍କା ଦେବାରୁ ସେ ତଳେ ପଡ଼ିଯାଇଥିଲେ। ଏହାପରେ ହାତୀ ତାଙ୍କୁ ଦଳି ଦେବାରୁ ପେଟ ଫାଟି ଅନ୍ତବୁଜୁଳି ବାହାରି ପଡ଼ିଥିଲା। ତାଙ୍କୁ ପିପିଲି ଡାକ୍ତରଖାନା, ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଓ ପରେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ରାତିରେ ୪ ଘଣ୍ଟା ଧରି ଅସ୍ତ୍ରୋପଚାର ପରେ ତାଙ୍କୁ ଆଇସିୟୁରେ ରଖାଯାଇଛି। ସୋମବାର ଅପରାହ୍ଣରେ ସେ ପରିବାର ଲୋକଙ୍କ ସହ କଥା ହୋଇଥିଲେ। ପରିବାର ଲୋକେ ଏ ପର୍ଯ୍ୟନ୍ତ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିଥିବାବେଳେ ଆହୁରି ୨ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ହସ୍ପିଟାଲ ପକ୍ଷରୁ କୁହାଯାଇଛି। ତେଣୁ ସରକାରଙ୍କ ତରଫରୁ ସମୀରଙ୍କ ଖର୍ଚ୍ଚ ବହନ କରିବାକୁ ତାଙ୍କ ସାନଭାଇ ରିକି ଓ ପରିବାର ଲୋକ ଗଣମାଧ୍ୟମ ଆଗରେ ନିବେଦନ କରିଛନ୍ତି। ସେହିପରି ସମୀରଙ୍କ ଗ୍ରାମବାସୀ ଓ ଆତ୍ମୀୟ ସ୍ୱଜନ ସମ୍ପୂର୍ଣ୍ଣ ଚିକିତ୍ସା ଖର୍ଚ୍ଚ ବହନ କରିବା ପାଇଁ ଅତିରିକ୍ତ ତହସିଲଦାର ନୀଳକଣ୍ଠ ବେହେରାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଅତିରିକ୍ତ ତହସିଲଦାର ବେହେରା ସମୀରଙ୍କ ପରିବାର ଲୋକଙ୍କୁ ୨୦ ହଜାର ଟଙ୍କା ସହାୟତା କରିଥିଲେ। ଅନ୍ୟପକ୍ଷରେ ଅସ୍ତ୍ରୋପଚାର ବେଳେ ଆବଶ୍ୟକ ରକ୍ତ ଦେବାକୁ କ୍ୟାପିଟାଲ ହସ୍ପିଟାଲ ପକ୍ଷରୁ ମନା କରିଦିଆଯାଇଥିଲା। ଏନେଇ ଖବରଦାତାମାନେ କ୍ୟାପିଟାଲ ଥାନା ଅଧିକାରୀଙ୍କୁ ଜଣାଇବା ପରେ ଗୋଟିଏ ପକେଟ୍ ରକ୍ତ ମିଳିଥିଲା। ତେଣୁ ଗଣମାଧ୍ୟମ ଜରିଆରେ ସରକାରଙ୍କୁ ନିବେଦନ କରୁଛି ଯେ, ଭାଇ ସୁସ୍ଥ ହେବା ପର୍ଯ୍ୟନ୍ତ ସମସ୍ତ ଚିକିତ୍ସା ସୁବିଧା ଓ ଆର୍ଥିକ ଖର୍ଚ୍ଚ ବହନ କରନ୍ତୁ ବୋଲି ରିକି କହିଛନ୍ତି।



ଚିକିତ୍ସାଧୀନ ସମୀର

ଉକ୍ତ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଛବି ଦେଇଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ସାମାନ୍ୟ ଉନ୍ନତି ଆସିଛି। ହାତୀ ଦାନ୍ତରେ ଭୁସିଦେବାରୁ ତାଙ୍କ ଜଙ୍ଘରେ ଗଭୀର ଆଘାତ ଲାଗିବା ସହ ପିଞ୍ଜରା ହାଡ଼ ଭାଙ୍ଗିଯାଇଥିଲା। ପରିବାରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନୁହେଁ। ସରକାରଙ୍କ ପକ୍ଷରୁ ପାଞ୍ଚ ହଜାର ଟଙ୍କା ଚିକିତ୍ସା ସହାୟତା ପାଇଥିଲେ। କିନ୍ତୁ ଅଧିକ ଅର୍ଥ ଆବଶ୍ୟକ ଥିବାରୁ ଚିକିତ୍ସାରେ ବାଧା ସୃଷ୍ଟି ହେଉଛି। ସରକାରଙ୍କ ଆର୍ଥିକ ସହାୟତା ହିଁ ଏକମାତ୍ର ଭରସା ବୋଲି ପରିବାର ଲୋକ କହିଛନ୍ତି। ଏ ନେଇ ସେମାନେ ପିପିଲି ତହସିଲଦାରଙ୍କୁ ଭେଟି ନିବେଦନ କରିଥିବା ଗଣମାଧ୍ୟମକୁ ଜଣାଇଛନ୍ତି। ତେବେ ସରକାରୀ ନିୟମାନୁଯାୟୀ ସହାୟତା ରାଶି ପ୍ରଦାନ କରାଯିବ ବୋଲି ଗୋପ ବନାଞ୍ଚଳ ଅଧିକାରୀ ବେଣୁଧର ବେହେରା ପ୍ରକାଶ କରିଛନ୍ତି।

## ମୃତ୍ୟୁକୁ ଅତିନିକଟରୁ ଦେଖିଥିଲେ କାଳନ୍ଦୀ, ବଳଭଦ୍ର



କାଳନ୍ଦୀ ବେହେରା

ବଳଙ୍ଗା ଥାନା ଚନ୍ଦ୍ରାଦେଈପୁରର କାଳନ୍ଦୀ ବେହେରା (୩୮) ରବିବାର ଭୋର୍‌ରୁ ନିଜ ବାଡ଼ି ଫସଲରେ ଔଷଧ ପକାଇବା ପାଇଁ ଯାଇଥିବା ବେଳେ ହାତୀ ହାବୁଡରେ ପଡ଼ିଯାଇଥିଲେ। ସେ ଭୟଭୀତ ହୋଇ ଦୌଡ଼ିଥିଲେ। ଔଷଧ ମେଶିନ କାନ୍ଧରେ ଥିଲା। ତାହାକୁ କାଢ଼ିବାକୁ ମଧ୍ୟ ସେ ସମୟ ପାଇ ନ ଥିଲେ। ଫଳରେ ଜୋର୍‌ରେ ଦୌଡ଼ିପାରି ନ ଥିଲେ। ତେଣୁ ତାଙ୍କର ମୃତ୍ୟୁ ନିଶ୍ଚିତ ବୋଲି ଭାବି ନେଇଥିଲେ। ଏହି ସମୟରେ ହାତୀ ତାଙ୍କୁ ଦାନ୍ତରେ ଭୁସିବାକୁ ଉଦ୍ୟମ କଲାବେଳେ ତାହା ତାଙ୍କ କାନମୁଣ୍ଡାରେ ବାଜିଥିଲା। ଫଳରେ ସେ ଅଚେତ ହୋଇ ପଡ଼ିଯାଇଥିଲେ। ସୌଭାଗ୍ୟକୁ ହାତୀ ତାଙ୍କୁ ନ ଚକଟି ପଳାଇ ଯାଇଥିଲା। ପ୍ରଥମେ ତାଙ୍କୁ ମଙ୍ଗଳପୁର ଡାକ୍ତରଖାନାକୁ ନିଆଯାଇଥିଲା। ପରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସୋମବାର ଚିକିତ୍ସିତ ହୋଇ ସେ ଘରକୁ ଫେରିଛନ୍ତି। ଏପର୍ଯ୍ୟନ୍ତ ତାଙ୍କ ଚିକିତ୍ସା ପାଇଁ ୧୫ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ସରକାରଙ୍କ ତରଫରୁ ମାତ୍ର ୫ହଜାର ଟଙ୍କା ମିଳିଛି। ସରକାର କାଳନ୍ଦୀଙ୍କୁ ସମ୍ପୂର୍ଣ୍ଣ ଚିକିତ୍ସା ସୁବିଧା ଯୋଗାଇଦେବା ଏବଂ ସେ ବାବଦ ଖର୍ଚ୍ଚ ବହନ କରିବାକୁ ପରିବାର ଲୋକେ ନିବେଦନ କରିଛନ୍ତି। ମୃତ୍ୟୁକୁ ଅତିନିକଟରୁ ଦେଖିଥିଲି, ଭଗବାନଙ୍କ କୃପାରୁ ବଞ୍ଚିଗଲି ବୋଲି କାଳନ୍ଦୀ କହିଛନ୍ତି।

ସେହିଭଳି ପିପିଲି ଥାନା ରାଜତେଇ ଗ୍ରାମର ବଳଭଦ୍ର ବେହେରା(୫୮) ମଧ୍ୟ ଅଳ୍ପକେ ମୃତ୍ୟୁମୁଖରୁ ଫେରିଆସିଛନ୍ତି। ତାଙ୍କ ପୁଅ ଅନିରୁଦ୍ଧ ବେହେରାଙ୍କ କହିବା ଅନୁଯାୟୀ, ବଳଭଦ୍ର ସକାଳ ୮ଟାରେ ବାହାରକୁ ଯାଇଥିବା ବେଳେ ସେ ହାତୀ ହାବୁଡରେ ପଡିଥିଲେ। ପ୍ରାଣ ବିକଳରେ ସେ ଦୌଡୁଥିବାବେଳେ ହାତୀ ତାଙ୍କୁ ଶୁଣ୍ଢରେ ଉଠାଇ ଫୋପାଡି ଦେଇଥିଲା। ଫଳରେ ସେ ନିକଟସ୍ଥ ଏକ ପୋଖରୀରେ ପଡ଼ିଯାଇଥିଲେ। ହାତୀର ଦାନ୍ତ ଆଘାତରେ ସେ ଗୁରୁତର ଆହତ ହୋଇଥିବାରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ପିପିଲି ତହସିଲଦାର ୫ହଜାର ଟଙ୍କା ସହାୟତା ପ୍ରଦାନ କରିଥିବା ବେଳେ ପୂର୍ଣ୍ଣ ସହାୟତା ପାଇଁ ପରିବାର ତରଫରୁ ସରକାରଙ୍କୁ ନିବେଦନ କରାଯାଇଛି।



ବଳଭଦ୍ର ବେହେରା

## ସିଏଏ ସପକ୍ଷରେ ଝାରସୁଗୁଡ଼ାରୁ ପୁରୀ ପଦଯାତ୍ରା

ଭୁବନେଶ୍ୱର,୨୪।୨(ବ୍ୟୁରୋ)

ସିଏଏକୁ ସମର୍ଥନ କରି ଝାରସୁଗୁଡ଼ାରୁ ପୁରୀକୁ ପଦଯାତ୍ରା କରୁଥିବା ବ୍ରଜରାଜନଗର ବାସିନ୍ଦା ରବି କୁମାର ସୋନି ସୋମବାର ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଫେବୃୟାରୀ ୧ରୁ ତ୍ରିରଙ୍ଗା ପଦଯାତ୍ରାରେ ବାହାରିଥିବା ରବି କୁମାର ଦୀର୍ଘ ୨୪ ଦିନ ପାଦରେ ଚାଲି ଚାଲି ରାଜଧାନୀରେ ପହଞ୍ଚିଛନ୍ତି। ଏହି ଅବସରରେ ସେ ୬ ଜିଲା ମଧ୍ୟଦେଇ ୪୫୦କିମି ପଦଯାତ୍ରା କରିଛନ୍ତି। କେନ୍ଦ୍ର ସରକାରଙ୍କ ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ)କୁ ସମର୍ଥନ କରିବା ସହ ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କୁ ଭେଟି ଏକ ଦସ୍ତଖତ ସମ୍ବଳିତ ପତ୍ର ପ୍ରଦାନ କରିବେ ବୋଲି ସେ କହିଛନ୍ତି। ଏହାସହ ମଙ୍ଗଳବାର ଭାଜପା ରାଜ୍ୟ କାର୍ଯ୍ୟାଳୟକୁ ଯାଇ ସେଠାରେ ଭାଜପା ରାଜ୍ୟ ସଭାପତିଙ୍କୁ ଭେଟିବା ସହ ସିଏଏ ସମର୍ଥନରେ ଜନସାଧାରଣଙ୍କ ଦସ୍ତଖତ ଥିବା ପତ୍ରର ଏକ ନକଲ ହସ୍ତାନ୍ତର କରିବେ। ଓଡ଼ିଶା ୟୁଥ୍ ଏଗେନ୍‌ଷ୍ଟ କରପ୍‌ଶନ୍‌ର ସଂଯୋଜକ ଥିବା ରବି କୁମାର ଏହାପରେ ଜଗନ୍ନାଥ ଧାମ ପୁରୀକୁ ଯାତ୍ରାକରି ସେଠାରୁ ନିଜ ଘର ଅଭିମୁଖେ ବାହାରିବେ। ଓଡ଼ିଶାର ଜନସାଧାରଣ ସିଏଏକୁ ସମର୍ଥନ କରୁଥିବାବେଳେ ସରକାରୀ ଦୁର୍ନୀତି ବିରୋଧରେ ସଂଗ୍ରାମ କରିବାକୁ ସେମାନେ ପ୍ରସ୍ତୁତ ଅଛନ୍ତି। ଆଗାମୀ ଭବିଷ୍ୟତରେ ଯୁବପିଢ଼ିମାନେ କିଭଳି ଏହି ସଂଗ୍ରାମର ନେତୃତ୍ୱ ନେଇପାରିବେ, ସେନେଇ ସଚେତନ କରିବାକୁ ପଦଯାତ୍ରା କରୁଛି ବୋଲି ରବି କୁମାର କହିଛନ୍ତି। ଏହାସହ ସରକାରୀ ଚାକିରି ଏବଂ ଆସନ୍ତା ପୌର ଓ ପଞ୍ଚାୟତ ନିର୍ବାଚନରେ ତୃତୀୟ ଲିଙ୍ଗ ଏବଂ ଦିବ୍ୟାଙ୍ଗଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା କରିବାକୁ ସେ ଦାବି କରିଛନ୍ତି।



**ଓଡ଼ିଶା ହେଉଛି ଗୌରବପୂର୍ଣ୍ଣ ସଂସ୍କୃତି, ସାହିତ୍ୟ, କଳା, ପରମ୍ପରା ଓ ଐତିହ୍ୟର ଭୂମି। ନୃତ୍ୟ ସଙ୍ଗୀତଠୁ ପଟଚିତ୍ର ପର୍ଯ୍ୟନ୍ତ ପୁଣି ସଂସ୍କୃତ ସାହିତ୍ୟରୁ ଓଡ଼ିଆ ସାହିତ୍ୟ ପର୍ଯ୍ୟନ୍ତ ସବୁଥିରେ ଓଡ଼ିଶାର ଐତିହ୍ୟପୂର୍ଣ୍ଣ ବିଭବ ଭରିରହିଛି। ଓଡ଼ିଶାର ଯେଉଁ ଯୋଗଜନ୍ମା କୃତୀ ବ୍ୟକ୍ତିତ୍ୱମାନେ ଜୀବନସାରା ତ୍ୟାଗ ସ୍ୱୀକାର କରି ଏସବୁକୁ ଋଦ୍ଧିମନ୍ତ କରିଛନ୍ତି, ସେମାନଙ୍କ ମଧ୍ୟରୁ ଅନେକେ ଆଲୋଚନାସ୍ତରକୁ ଆସିଥିବା ବେଳେ କେତେଜଣ ଅନାଲୋଚିତ ହୋଇ ରହିଯାଉଛନ୍ତି। ଆମେ ଆନମନା ହୋଇ ସେମାନଙ୍କ କୃତି ଓ ତ୍ୟାଗକୁ ଖୋଜାଲୋଡ଼ା ନ କରିବାରୁ ସେମାନେ ଅଲୋଡ଼ା ହୋଇ କାଳପ୍ରବାହରେ ହଜିଯାଉଛନ୍ତି। ଓଡ଼ିଶାର କୋଣ ଅନୁକୋଣରୁ ସେଭଳି ପ୍ରତିଭାବାନ ବ୍ୟକ୍ତିତ୍ୱମାନଙ୍କୁ ଖୋଜି ବାହାର କରିବା ଏବଂ ସେମାନଙ୍କୁ ଆଲୋଚନାସ୍ତରରେ ମର୍ଯ୍ୟାଦା ଦେବା ପାଇଁ ଏକ ପ୍ରୟାସ ଆରମ୍ଭ କରାଯାଇଛି।**

## ୯୦ ବର୍ଷରେ ବି ଚଳଚଞ୍ଚଳ

**ଅଣଦେଖା ପ୍ରତିଭା**

ପୁରୀ ଅଫିସ,୨୪।୨

ଓଡ଼ିଆ ଭାଷା ଶିକ୍ଷା ପାଇଁ ସାର୍ବଜନୀନ ମାର୍ଗଦର୍ଶିକା ବର୍ଣ୍ଣବୋଧର ରଚୟିତା ଓଡ଼ିଶାର ପ୍ରାତ ସ୍ମରଣୀୟ ଭକ୍ତକବି ମଧୁସୂଦନ ରାଓଙ୍କ ଅଣନାତି ହେଉଛନ୍ତି ଏମାର୍‌କେଆର୍। ସମ୍ପୂର୍ଣ୍ଣ ନାଁ ମୋହନଦାସ ରତିକାନ୍ତ ରାଓ। ପୁରୀ କୁଣ୍ଡେଇବେଣ୍ଟ ସାହି ଜେନାମଠ ଲେନ୍‌ରେ ରହୁଛନ୍ତି ଓଡ଼ିଶାର ଏହି ପ୍ରଥିତଯଶା ବ୍ୟଙ୍ଗ ସାହିତ୍ୟିକ।

୯୦ ବର୍ଷରେ ପଦାର୍ପଣ କରି ମଧ୍ୟ ବିନା ଚଷମାରେ ପଢାପଢିରେ ଏବେ ସେ ବେଶ୍ ଚଳଚଞ୍ଚଳ। ଯୁବକସୁଲଭ ଚିନ୍ତା ଚେତନାରେ ଓଡ଼ିଆ ସାହିତ୍ୟକୁ ନେଇ ଏବେ ବି ଅନେକ ସ୍ୱପ୍ନ ଦେଖୁଛନ୍ତି ଏମାର୍‌କେଆର୍। ଫତୁରାନନ୍ଦଙ୍କୁ ଦ୍ରୋଣଗୁରୁ ଭାବେ ଗ୍ରହଣ କରି ତାଙ୍କ ଦ୍ୱାରା ପ୍ରଭାବିତ ହୋଇ ଓଡ଼ିଆ ସାହିତ୍ୟରେ ହାସ୍ୟରସକୁ କବିତା, ଗଳ୍ପ ଓ ଆଲୋଚନା ମାଧ୍ୟମରେ ଭେଟିଦେବାକୁ ଦିନେ ସଂକଳ୍ପ ନେଇଥିଲେ ଏହି ଲେଖକ। ସରକାରୀ ଚାକିରି କରିଥିଲେ ମଧ୍ୟ ଭକ୍ତକବିଙ୍କର ଦାୟାଦ ଭାବେ ଲେଖାଲେଖି ପ୍ରତି ତାଙ୍କର ଦୁର୍ବଳତା ରହିଥିଲା। ଫଳସ୍ୱରୂପ ତାଙ୍କ କଲମ ମୁନରୁ ଝରିପଡ଼ିଥିଲା ଅଜସ୍ର ହାସ୍ୟରସ ସମ୍ବଳିତ କବିତା, ଗଳ୍ପ ଓ ଆଲୋଚନା। କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ କଣାମାମୁଁ ଉପନ୍ୟାସର ଉତ୍ତରାର୍ଦ୍ଧ ସେ ସମ୍ପୂର୍ଣ୍ଣ କରିଥିଲେ। ଆଉ ତା ନାଁ ବି ରଖିଛନ୍ତି କଣାମାମୁଁ। ବାସଭବନରେ ଏମାର୍‌କେଆର୍‌ଙ୍କ ସହିତ ଭାବ ବିନିମୟ ଅବସରରେ ଫତୁରାନନ୍ଦଙ୍କ ସ୍ମୃତିରେ ସେ ଯେପରି ଭାବପ୍ରବଣ ହୋଇପଡୁଥିଲେ ଠିକ୍ ସେହିପରି ଓଡ଼ିଆ ସାହିତ୍ୟରେ ହାସ୍ୟରସକୁ ଉଚିତ ମର୍ଯ୍ୟାଦା ଦିଆଯାଇ ନ ଥିବା ଦୁଃଖରେ ମ୍ରିୟମାଣ ହୋଇପଡୁଥିଲେ। ତାଙ୍କ ଭାଷାରେ ଗଳ୍ପ ହେଉ କି କବିତା, ଉପନ୍ୟାସ ହେଉ କି ନାଟକ, କାବ୍ୟ ହେଉ କି ଚମ୍ପୂ, ବିନା ହାସ୍ୟରସରେ ତାହା ରସାଳ ହୁଏନାହିଁ। ପାଠକଙ୍କୁ ବାନ୍ଧି ରଖିଥାଏ ହାସ୍ୟରସ। ଯେଉଁ ସାହିତ୍ୟରେ ହାସ୍ୟରସର କବି ଭାବେ ଯଦୁମଣିଙ୍କୁ ସର୍ବାଗ୍ରେ ଗ୍ରହଣ କରାଯାଉଥିଲା ସେହି ଭାଷାରେ ବ୍ୟଙ୍ଗ କବିମାନେ ଏବେ ଅଲୋଡ଼ା। 'ଢୋଲ' ଏବଂ 'ଏକଦମ୍ ଘରୁଆ' ନାମରେ ଦୁଇଟି ଗପ ବହି ଲେଖିବା ପରେ ୨୦୦୩ରେ ପ୍ରକାଶ ପାଇଥିଲା ତାଙ୍କ ବହି 'ମନ୍ମୟ'। ମନକୁ ଛୁଇଁଗଲା ଭଳି ଭାବନାକୁ ସେ ରୂପ ଦେଇଥିଲେ ଏହି ବହିରେ। ବ୍ୟଙ୍ଗ କବିତା ରସାଳରେ ହାସ୍ୟରସର ସେ ଯେଉଁ ସାମାଜିକ ବାର୍ତ୍ତା ଦେଇଛନ୍ତି ତାହା ସର୍ବଦା ସ୍ମରଣୀୟ। ମହାନଦୀର ଉତ୍ପତ୍ତିସ୍ଥଳ ମଧ୍ୟପ୍ରଦେଶର ବସ୍ତରଠାରୁ ଓଡ଼ିଶାର ପାରାଦୀପ ମୁହାଣ ପର୍ଯ୍ୟନ୍ତ ନଦୀ ଉପତ୍ୟକାର ଐତିହ୍ୟପୂର୍ଣ୍ଣ ବିବରଣୀ ସ୍ଥାନ ପାଇଛି ତାଙ୍କ 'ମହାନଦୀ' କବିତାରେ। ଶେଷ ପୁସ୍ତକ 'ଆଠମଲ୍ଲିକ ଡାଏରୀ'ରେ ନିଜ ଜୀବନ ପ୍ରବାହର ପ୍ରତିଟି ଧାରାକୁ ବଖାଣିଛନ୍ତି ଏମାର୍‌କେଆର୍। ପିଲାଦିନ, ଚାକିରି ଜୀବନ ଏବଂ ମା'ବାପାଙ୍କର ପ୍ରେରଣାଦାୟୀ ଲେଖାକୁ ଏଥିରେ ସେ ସ୍ଥାନିତ କରିଛନ୍ତି। ଆଠମଲ୍ଲିକ ଥିଲା ତାଙ୍କ ପ୍ରେରଣାର ଉତ୍ସ। ବର୍ତ୍ତମାନର ଓଡ଼ିଆ ସାହିତ୍ୟକୁ ଟିକିନିଖି ପଢ଼ିବା ପରେ ମନରେ କ୍ଷୋଭ ଆସୁଛି ବୋଲି କହିଥିଲେ ଏମାର୍‌କେଆର୍। ଓଡ଼ିଆ ସାହିତ୍ୟକୁ ଅନୁଧ୍ୟାନ କରି ସେ ଯେଉଁ ମତ ଦେଇଛନ୍ତି, ତାହା ବି ପ୍ରଣିଧାନଯୋଗ୍ୟ। ତାଙ୍କ ମତରେ ବର୍ତ୍ତମାନର ଲେଖକଙ୍କ ମଧ୍ୟରେ ପ୍ରଚୁର ଅଧ୍ୟୟନର ଅଭାବ ଅନୁଭବ ହେଉଛି। ଫଳରେ ଓଡ଼ିଆ ସାହିତ୍ୟ ଏବେ ବାଟବଣା ହୋଇଯାଇଛି। ଓଡ଼ିଆ ସାହିତ୍ୟର ୨୪ଟି ବିଭାଗକୁ ସଂକୁଚିତ କରାଯାଇ ଏବେ ଦୁଇ ଚାରିଟି ବିଭାଗରେ କଲମଚାଳନା ହେଉଛି, ଯାହା ସବୁବର୍ଗର ପାଠକଙ୍କୁ ଛୁଇଁପାରୁନାହିଁ। କେବଳ ଗଳ୍ପ, କବିତା, ଉପନ୍ୟାସ ଭିତରେ ସୀମିତ ନ ରହି ସାଧାରଣ ପାଠକଙ୍କୁ ଛୁଇଁପାରିବା ଭଳି ଲେଖା ଲେଖାଯିବା ଦରକାର। ଓଡ଼ିଶା ସାହିତ୍ୟ ଏକାଡେମୀ ବ୍ୟଙ୍ଗ ସାହିତ୍ୟକୁ ଏଯାଏ ସମ୍ମାନ ଏବଂ ସ୍ୱୀକୃତି ଦେଇ ନ ଥିବାରୁ କ୍ଷୋଭପ୍ରକାଶ କରିଥିଲେ ଏହି ବର୍ଷୀୟାନ୍ ଲେଖକ।

– ରିପୋର୍ଟ: ହେମନ୍ତ ନାୟକ



ଏମାର୍‌କେଆର୍




ଭାରତ ଗସ୍ତରେ ଆସିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଓ ତାଙ୍କ ସ୍ତ୍ରୀ ମାଲେନିଆଙ୍କୁ ସ୍ୱାଗତ ଜଣାଇ ପୁରୀ ବେଳାଭୂମିରେ ଶିଳ୍ପୀ ମାନସ ସାହୁ ସୋମବାର ତିଆରି କରିଥିବା ସ୍ୟାଣ୍ଡ ଆନିମେଶନ।




ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭାରତ ଗସ୍ତକୁ ବିରୋଧ କରି ଏସ୍‌ୟୁସିଆଇ ପକ୍ଷରୁ ସୋମବାର ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ପ୍ରତିବାଦ ସହ ତାଙ୍କ କୁଶପୁତ୍ତଳିକାକୁ ଦାହ କରାଯାଉଛି।

## ଆଜି ପୁରୀ ଆସିବେ ମମତା

ପୁରୀ ଅଫିସ,୨୪।୨

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଙ୍ଗଳବାର ପୁରୀ ଗସ୍ତରେ ଆସିବେ। ସ୍ଥାନୀୟ ଏକ ହୋଟେଲରେ ତାଙ୍କ ରହିବା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଛି। ପୋଲିସ ପକ୍ଷରୁ ସମ୍ପୃକ୍ତ ହୋଟେଲରେ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରାଯାଇଛି। ମଙ୍ଗଳବାର ସନ୍ଧ୍ୟାରେ ମମତା ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ସେଠାରୁ ଏକ ସ୍ୱତନ୍ତ୍ର କାର୍‌ରେ ଆସି ରାତିରେ ପୁରୀରେ ପହଞ୍ଚିବେ ବୋଲି ଜଣାପଡ଼ିଛି। ତେବେ ଏଠାରେ ସେ କେତେଦିନ ରହିବେ ତାହା ସ୍ପଷ୍ଟ ଜଣାପଡି ନ ଥିବାବେଳେ ଦୁଇଦିନ ସେ ପୁରୀରେ ରହିବେ ବୋଲି ଶୁଣିବାକୁ ମିଳୁଛି। ମାତ୍ର ମମତାଙ୍କ ଗସ୍ତସୂଚୀ ନେଇ ପ୍ରଶାସନ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ଅପରପକ୍ଷେ ଆସନ୍ତା ୨୮ତାରିଖରେ ଲୋକସେବା ଭବନଠାରେ ପୂର୍ବାଞ୍ଚଳ ରାଜ୍ୟ ମିଟ ଅନୁଷ୍ଠିତ ହେବ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ଏହି ବୈଠକରେ ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ଏବଂ ସରକାରୀ ଅଧିକାରୀମାନେ ଯୋଗଦେବେ। ତେବେ ଏଥିରେ ମମତା ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ଥିବାବେଳେ ଏହାର ଦୁଇଦିନ ପୂର୍ବରୁ ତାଙ୍କର ଗସ୍ତ ନେଇ ଭିନ୍ନଧରଣ ଚର୍ଚ୍ଚା ହୋଇଛି।



“ଆତଙ୍କବାଦକୁ ନେଇ ଭାରତ ଓ ଆମେରିକା ଆଭିମୁଖ୍ୟ ସମାନ। ବିଶ୍ୱରୁ ଉଗ୍ର ଇସ୍‌ଲାମିକ ଆତଙ୍କବାଦ ଦୂର କରିବା ଲାଗି ଦୁଇ ରାଷ୍ଟ୍ର ଅଙ୍ଗୀକାରବଦ୍ଧ।
- ଡୋନାଲ୍ଡ ଟ୍ରମ୍ପ୍, ଆମେରିକା ରାଷ୍ଟ୍ରପତି



# ‘ନମସ୍ତେ ଟ୍ରମ୍ପ୍’



## ପ୍ରୋଟୋକଲ ଭାଙ୍ଗି ସ୍ୱାଗତ କଲେ ମୋଦି

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଓ ଆମେରିକାର ଫାଷ୍ଟ ଲେଡି ମେଲାନିଆ ଟ୍ରମ୍ପ୍ ଭାରତରେ ପହଞ୍ଚିବା ପରେ ପ୍ରୋଟୋକଲ ଭାଙ୍ଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟ୍ରମ୍ପ୍ ଦମ୍ପତିଙ୍କୁ ସ୍ୱାଗତ କରିଥିଲେ। ବିମାନ ବନ୍ଦରରୁ ଟ୍ରମ୍ପ୍ ଓ ମୋଦି ଗୁଜରାଟରରେ ଥିବା ବିଶ୍ୱର ସର୍ବବୃହତ୍ କ୍ରିକେଟ ଷ୍ଟାଡିୟମ ଅଭିମୁଖେ ଦୀର୍ଘ ୨୨ କିଲୋମିଟର ରୋଡ ଶୋ’ କରିଥିଲେ। ମୋଟେରା ଷ୍ଟାଡିୟମରେ ଅନୁଷ୍ଠିତ ‘ନମସ୍ତେ ଟ୍ରମ୍ପ୍’ କାର୍ଯ୍ୟକ୍ରମକୁ ଉଭୟ ନେତା ସମ୍ବୋଧନ କରିଥିଲେ।

## ଟ୍ରମ୍ପ୍‌ଙ୍କ ଉଚ୍ଚାରଣକୁ ନେଇ ଚର୍ଚ୍ଚା

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ମୋଟେରା ଷ୍ଟାଡିୟମରେ ଉଦ୍‌ବୋଧନ ଦେବାବେଳେ କେତେକ ଶବ୍ଦର ଭୁଲ୍ ଉଚ୍ଚାରଣ କରିଥିଲେ, ଯାହାକୁ ନେଇ ସୋସିଆଲ ମିଡିଆରେ ଜୋର୍ ଚର୍ଚ୍ଚା ହୋଇଛି। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚାଇୱାଲାଙ୍କ ପୁତ୍ର କହିବା ବଦଳରେ ଚିୱାଲା କହିଥିଲେ। ସେହିପରି ବେଦ ପରିବର୍ତ୍ତେ ଭେଷ୍ଟାସ୍ ଏବଂ ସ୍ୱାମୀ ବିବେକାନନ୍ଦ ପରିବର୍ତ୍ତେ ବିବେକମନନ ଉଚ୍ଚାରଣ କରିଥିଲେ। ଏହା ସତ୍ତ୍ୱେ ବଲିଉଡ୍ ଏବଂ ଭାରତର ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଟ୍ରମ୍ପ୍ ତାଙ୍କ ଭାଷଣରେ ସ୍ଥାନ ଦେଇଥିବାରୁ ଜନସାଧାରଣ ଏହାର ପ୍ରଶଂସା କରିଥିଲେ।

**ଗତବର୍ଷ ସେପ୍ଟେମ୍ବରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକା ଗସ୍ତରେ ଯାଇଥିବାବେଳେ ତାଙ୍କୁ ସ୍ୱାଗତ କରିବା ପାଇଁ ସେଠାରେ ‘ହାଓଡି ମୋଦି’ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନିର୍ବାଚନ ବର୍ଷରେ ଭାରତୀୟ ଆମେରିକୀୟଙ୍କ ସମର୍ଥନ ସାଉଁଟିବାକୁ ଭାରତ ସହ ସମ୍ପର୍କ ବଢ଼ାଇବା ଲାଗି ଉଦ୍ୟମ କରିଛନ୍ତି। ଭାରତ ଗସ୍ତରେ ଆସିଥିବା ଟ୍ରମ୍ପ୍‌ଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦେବା ଲାଗି ‘ନମସ୍ତେ ଟ୍ରମ୍ପ୍’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଟ୍ରମ୍ପ୍‌ଙ୍କ ଏହି ଗସ୍ତ ଭାରତ ପାଇଁ କେତେ ଲାଭଦାୟକ ହେବ ତାହା ସମୟ କହିବ। ତେବେ ତାଙ୍କର ଏହି ବ୍ୟୟବହୁଳ ଗସ୍ତ ଦେଶବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଥିବାବେଳେ ସାରା ବିଶ୍ୱ ଏହା ଉପରେ ନଜର ରଖିଛି।**




## ଅଷ୍ଟମଥର ଟ୍ରମ୍ପ୍‌ଙ୍କୁ ଭେଟିଲେ ମୋଦି

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଏହା ପ୍ରଥମ ଭାରତ ଗସ୍ତ। ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହା ପୂର୍ବରୁ ୭ ଥର ଟ୍ରମ୍ପ୍‌ଙ୍କୁ ଭେଟିଛନ୍ତି। ଏବେ ଅଷ୍ଟମ ଥର ପାଇଁ ‘ନମସ୍ତେ ଟ୍ରମ୍ପ୍’ କାର୍ଯ୍ୟକ୍ରମରେ ମୋଦି ତାଙ୍କୁ ଭେଟିଛନ୍ତି। ଭାରତର ସାଧାରଣ ନିର୍ବାଚନ ପରେ ମୋଦି ଆମେରିକାରେ ‘ହାଓ୍ୱଡ଼ି ମୋଦି’ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏବେ ଟ୍ରମ୍ପ୍ ଆମେରିକା ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ଭାରତ ଗସ୍ତରେ ଆସିଛନ୍ତି।

## ସ୍ୱାଗତ ପାଇଁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ

ଏୟାରଫୋର୍ସ ୱାନ୍ ବିମାନରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍, ତାଙ୍କ ଧର୍ମପତ୍ନୀ ମେଲାନିଆ, ଝିଅ ଇଭାଙ୍କା, ଜ୍ୱାଇଁ ଜାରେଡ୍ କୁଶନରଙ୍କ ସମେତ ୧୨ ଜଣ ପ୍ରତିନିଧିଙ୍କ ସହ ପୂର୍ବାହ୍ନ ୧୧ଟା ୩୭ରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପହଞ୍ଚିଥିଲେ। ଟ୍ରମ୍ପ୍‌ଙ୍କୁ ସ୍ୱାଗତ କରିବା ପାଇଁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ମୋଟେରା ଷ୍ଟାଡିୟମ ଲୋକାରଣ୍ୟ ହେବା ସହ ରାସ୍ତାର ଉଭୟ ପାର୍ଶ୍ୱରେ ହଜାର ହଜାର ଲୋକ ଉପସ୍ଥିତ ରହି ଟ୍ରମ୍ପ୍ ଓ ମୋଦିଙ୍କୁ ସ୍ୱାଗତ କରିଥିଲେ। ବିଭିନ୍ନ ପ୍ରଜ୍ଞାପନ ମେଢ଼ ସାଙ୍ଗକୁ ଲୋକନୃତ୍ୟ ଓ ସଙ୍ଗୀତ ପରିବେଷଣ ହୋଇଥିଲା। ଷ୍ଟାଡିୟମ୍‌ରେ ଲକ୍ଷାଧିକ ଲୋକ ସକାଳଠାରୁ ଟ୍ରମ୍ପ୍‌ଙ୍କ ଆଗମନକୁ ଅପେକ୍ଷା କରି ରହିଥିଲେ।

## ଭାରତ-ଆମେରିକା ସମ୍ପର୍କରେ ନୂଆ ଅଧ୍ୟାୟ: ମୋଦି




ଆମେରିକା ରାଷ୍ଟ୍ରପତିଙ୍କ ଭାରତ ଗସ୍ତକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଚ୍ଚ ପ୍ରଶଂସା କରିବା ସହ ଦୁଇଦେଶ ମଧ୍ୟରେ ସମ୍ପର୍କର ନୂଆ ଅଧ୍ୟାୟ ସୃଷ୍ଟି ହେବାକୁ ଯାଉଛି ବୋଲି କହିଥିଲେ। ମୋଟେରା ଷ୍ଟାଡିୟମରେ ଟ୍ରମ୍ପ୍‌ଙ୍କୁ ସ୍ୱାଗତ କରି ମୋଦି କହିଥିଲେ, ଏକ ନୂଆ ଇତିହାସ ସୃଷ୍ଟି ହୋଇଛି। ଦୁଇଦେଶର ସମ୍ପର୍କ ଓ ସହଯୋଗ ଏକବିଂଶ ଶତାବ୍ଦୀରେ ବିଶ୍ୱକୁ ନୂଆ ମାର୍ଗରେ ଆଗେଇ ନେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ମୋଦି କହିଥିଲେ। ଆମେରିକା ଏବେ ଭାରତର ସର୍ବବୃହତ ବାଣିଜ୍ୟ ସହଯୋଗୀ ଏବଂ ଭାରତୀୟ ସେନା ଆମେରିକା ସହ ସବୁଠୁ ବଡ଼ ସମରାଭ୍ୟାସରେ ସାମିଲ ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ନୂଆ ଦଶକରେ ଟ୍ରମ୍ପ୍‌ଙ୍କ ଗସ୍ତ ଭାରତ ପାଇଁ ବଡ଼ ସୁଯୋଗ ସୃଷ୍ଟି କରିଛି। ଦୁଇ ଦେଶର ସମ୍ପର୍କ ଏବେ ଶିଖରରେ ପହଞ୍ଚିଛି ବୋଲି ମୋଦି କହିଥିଲେ।

## ଧଳା ଜମ୍ପସୁଟ୍‌ରେ ମେଲାନିଆ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସପରିବାରେ ଭାରତ ଗସ୍ତରେ ଆସିଥିବା ବେଳେ ଆମେରିକାର ଫାଷ୍ଟ ଲେଡି ମେଲାନିଆ ଟ୍ରମ୍ପ୍ ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛନ୍ତି। ଦିନ ପ୍ରାୟ ୧୨ଟାରେ ଟ୍ରମ୍ପ୍ ଦମ୍ପତି ଝିଅ-ଜ୍ୱାଇଁଙ୍କ ସହ ମିଶି ଗୁଜରାଟର ଅହମଦାବାଦସ୍ଥିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଇଣ୍ଟର୍‌ନ୍ୟାଶନାଲ ଏୟାର ପୋର୍ଟରେ ପହଞ୍ଚିବା ପରେ ତାଙ୍କୁ ଭାରତୀୟ ରୀତିନୀତି ଅନୁଯାୟୀ ସ୍ୱାଗତ କରାଯାଇଥିଲା। ଶଙ୍ଖ ଧ୍ୱନିସହ ଢୋଲ ମାଡ଼ ଶବ୍ଦ ଏକ ଭିନ୍ନ ପରିବେଶ ସୃଷ୍ଟି କରିଥିଲା। ଟ୍ରମ୍ପ୍ ଡାର୍କ ବ୍ଲୁ କଲର ଡ୍ରେସ୍ ସହ ହଳଦିଆ ଟାଇ ପିନ୍ଧିଥିବା ବେଳେ ଆମେରିକାର ଫାଷ୍ଟ ଲେଡି ହ୍ୱାଇଟ୍ କଲର ଜମ୍ପସୁଟ୍‌ରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## ଭିଜିଟର୍ସ ବୁକ୍‌ରେ ମୋଦିଙ୍କୁ ଟ୍ରମ୍ପ୍‌ଙ୍କ ପ୍ରଶଂସା



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗୁଜରାଟର ଅହମଦାବାଦ ବିମାନ ବନ୍ଦରରେ ଅବତରଣ କରିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ସ୍ୱାଗତ ଜଣାଇଥିଲେ। ଏହାପରେ ମୋଦିଙ୍କ ସହ ମିଶି ଟ୍ରମ୍ପ ସାବରମତୀ ଆଶ୍ରମ ଗସ୍ତ କରିଥିଲେ। ସେଠାରେ ପହଞ୍ଚିବା ପରେ ଟ୍ରମ୍ପ୍ ଭିଜିଟର୍ସ ବୁକରେ ଦସ୍ତଖତ କରିଥିଲେ। ଏହି ସମୟରେ ସେ ମୋଦିଙ୍କ ପ୍ରଶଂସା କରି କହିଥିଲେ, ମୋଦି ହେଉଛନ୍ତି ତାଙ୍କର ଜଣେ ଭଲ ବନ୍ଧୁ, ଭାରତ ଗସ୍ତ ତାଙ୍କ ପାଇଁ ଅତି ଉତ୍କୃଷ୍ଟ ଯାତ୍ରା, ଧନ୍ୟବାଦ ମୋଦି। ସୂଚନାଯୋଗ୍ୟ, ଟ୍ରମ୍ପ୍ ତାଙ୍କ ସହଧର୍ମିଣୀ ମେଲାନିଆ ଟ୍ରମ୍ପ୍, ଝିଅ, ଜ୍ୱାଇଁ ଓ କେତେଜଣ ବରିଷ୍ଠ ଅଧିକାରୀଙ୍କ ସହ ଭାରତ ଗସ୍ତରେ ଆସିଛନ୍ତି।

## ମୋଟେରା ଷ୍ଟାଡିୟମ୍ ଲୋକାରଣ୍ୟ

ବିଶ୍ୱର ସର୍ବବୃହତ୍ ଷ୍ଟାଡିୟମ୍ ଭାବେ ପରିଚିତ ଗୁଜରାଟର ନବନିର୍ମିତ ମୋଟେରା ଷ୍ଟାଡିୟମ୍ ଟ୍ରମ୍ପ୍ ପରିବାର ଲାଗି ସୋମବାର ଲୋକାରଣ୍ୟ ହୋଇପଡ଼ିଥିଲା। ଲକ୍ଷାଧିକ ଲୋକ ପ୍ରଧାନମନ୍ତ୍ରୀ ମୋଦି ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଲାଗି ସେଠାରେ ଏକାଠି ହୋଇଥିଲେ। ଅନେକ ବ୍ୟକ୍ତିଙ୍କୁ ଭିତରକୁ ଯିବା ଲାଗି ପାସ୍ ମିଳି ନ ଥିବାବେଳେ ଟ୍ରାଫିକ ସମସ୍ୟା ମଧ୍ୟ ଦେଖାଦେଇଥିଲା। ସକାଳ ୮ରୁ ଏଠାରେ ଲୋକମାନଙ୍କ ପ୍ରବେଶ ଆରମ୍ଭ ହୋଇଥିଲା। ମୋଦି ଓ ଟ୍ରମ୍ପ୍ ମାସ୍କ ପିନ୍ଧି ଲୋକମାନେ ଦୁଇ ବିଶ୍ୱ ନେତାଙ୍କୁ ସ୍ୱାଗତ କରିଥିଲେ। ବଲିଉଡ୍ ଗୀତିକାର କୈଳାସ ଖେର୍ ଓ ସ୍ଥାନୀୟ ଗୁଜରାଟୀ ଗୀତିକାର ଗୀତା ରାବରୀ, କୀର୍ତ୍ତିଦାନ ଗଢ଼ଭି, କିନ୍‌ଜାଲ ଡାଭେ ପ୍ରମୁଖ ଦର୍ଶକଙ୍କୁ ଉତ୍ସାହିତ କରି ମନୋରଞ୍ଜନର ଖୋରାକ୍ ଯୋଗାଇଥିଲେ। ଷ୍ଟାଡିୟମ୍ ଭିତରକୁ ବ୍ୟାନର କିମ୍ବା ଫ୍ଲାଗ୍ ନେବା ଲାଗି ଅନୁମତି ଦିଆଯାଇ ନ ଥିଲା। ମୋଦି ଓ ଟ୍ରମ୍ପ୍‌ଙ୍କ ଅଭିଭାଷଣରେ ଦର୍ଶକ ବେଶ୍ ଉତ୍ସାହିତ ହୋଇ କରତାଳି ମାରିଥିଲେ। ବିପୁଳ ଜନସମାବେଶକୁ ଦେଖି ପୂର୍ବରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।



## ଟ୍ରମ୍ପ୍‌ଙ୍କ ଭାଷଣରେ ‘ସୋଲେ’, ‘ଡିଡିଏଲ୍‌ଜେ’

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ମୋଟେରା ଷ୍ଟାଡିୟମରେ ଆୟୋଜିତ ‘ନମସ୍ତେ ଟ୍ରମ୍ପ୍’କାର୍ଯ୍ୟକ୍ରମରେ ସେ ଯୋଗଦେଇଛନ୍ତି। ଏହି ସମୟରେ ସେ ସାଧାରଣ ଜନତାଙ୍କୁ ଉଦ୍‌ବୋଧନ ଦେବା ବେଳେ ବଲିଉଡ୍‌ର ଖୁବ୍ ପ୍ରଶଂସା କରିଛନ୍ତି। ଅମିତାଭ ବଚ୍ଚନଙ୍କ ଅଭିନୀତ ‘ସୋଲେ’ ଓ ଶାହାରୁଖ-କାଜଲଙ୍କ ଅଭିନୀତ ଫିଲ୍ମ ‘ଦିଲୱାଲେ ଦୁଲହନିୟା ଲେ ଯାଏଙ୍ଗେ’ର କଥା କହିଛନ୍ତି। ସେ କହିଛନ୍ତି ଭାରତୀୟ ସିନେମାର ଆକାର ବହୁତ ବଡ। ଏଠାରେ ପ୍ରତିବର୍ଷ ପାଖାପାଖି ୨ ହଜାର ଫିଲ୍ମ ନିର୍ମାଣ କରାଯାଇଥାଏ। ଏଠାକାର ଫିଲ୍ମରେ ଭାଙ୍ଗଡା ଡ୍ୟାନ୍ସ ଓ ମ୍ୟୁଜିକ ଖୁବ୍ ସୁନ୍ଦର ବୋଲି ସେ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଭାରତ ସଚ୍ଚିନ ତେନ୍ଦୁଲକର ଓ ବିରାଟ କୋହଲିଙ୍କ ଭଳି ଖେଳାଳିଙ୍କୁ ମଧ୍ୟ ବିଶ୍ୱକୁ ଭେଟି ଦେଇଛନ୍ତି।

## ସାବରମତୀରେ ଗାନ୍ଧୀଙ୍କ ଚରଖା ଚଲାଇଲେ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଅହମଦାବାଦ୍ ବିମାନ ବନ୍ଦରରୁ ସିଧାସଳଖ ପ୍ରାୟ ୭ କି.ମି. ଦୂରରେ ଥିବା ସାବରମତୀ ଆଶ୍ରମରେ ପହଞ୍ଚି ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ବ୍ୟବହୃତ ହେଉଥିବା ଚରଖା ଦେଖି ଏହାକୁ କିଛି ସମୟ ଚଲାଇଥିଲେ। ପାଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଉପସ୍ଥିତ ଥିଲେ।



## ତାଜମହଲ ଦେଖିଲେ ଟ୍ରମ୍ପ୍ ଦମ୍ପତି

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଓ ଫାଷ୍ଟ ଲେଡି ମେଲାନିଆ ସୋମବାର ସନ୍ଧ୍ୟାରେ ଆଗ୍ରା ଯାଇ ବିଶ୍ୱପ୍ରସିଦ୍ଧ ତାଜମହଲ ଦର୍ଶନ କରିଛନ୍ତି। ସେମାନଙ୍କ ଝିଅ ଇଭାଙ୍କା ଓ ଜ୍ୱାଇଁ ଜାରେଡ୍ ମଧ୍ୟ ତାଜମହଲ ବୁଲି ଦେଖିଥିଲେ। ସପ୍ତଦଶ ଶତାବ୍ଦୀରେ ପ୍ରେମର ପ୍ରତୀକ ସ୍ୱରୂପ ମୋଗଲ ସମ୍ରାଟ୍ ଶାହାଜାହାନ ନିର୍ମାଣ କରିଥିବା ଏହି କୀର୍ତ୍ତିରାଜି ଦେଖି ଟ୍ରମ୍ପ୍ ଦମ୍ପତି ବିମୋହିତ ହେବା ସହ ଏହାର ଭୂୟସୀ ପ୍ରଶଂସା କରିଥିଲେ। ସେଠାରେ ଆମେରିକା ରାଷ୍ଟ୍ରପତି ଭିଜିଟର ପୁସ୍ତିକାରେ ସ୍ୱାକ୍ଷର କରିଥିଲେ। ତାଜମହଲର ଇତିହାସ ଓ ଏହାର ଗୁରୁତ୍ୱ ସମ୍ପର୍କରେ ଟ୍ରମ୍ପ୍ ଦମ୍ପତିଙ୍କୁ ଅବଗତ କରାଯାଇଥିଲା। ଆଗ୍ରା ବିମାନବନ୍ଦରରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଟ୍ରମ୍ପ୍‌ଙ୍କୁ ସ୍ୱାଗତ କରିଥିଲେ। ସେଠାରେ ୨୫୦ରୁ ଊର୍ଦ୍ଧ୍ୱ କଳାକାର ମୟୂର ନୃତ୍ୟ, ରାଇ ଲୋକନୃତ୍ୟ ଆଦି ପ୍ରଦର୍ଶନ କରିଥିଲେ। ୧୫,୦୦୦ ସ୍କୁଲ ପିଲା ରାସ୍ତାର ଉଭୟ ପାର୍ଶ୍ୱରେ ଭାରତ ଓ ଆମେରିକା ପତାକା ଧରି ଟ୍ରମ୍ପ୍‌ଙ୍କୁ ସ୍ୱାଗତ କରିଥିଲେ। ଟ୍ରମ୍ପ୍‌ଙ୍କ ଗସ୍ତ ପାଇଁ ଆଗ୍ରାରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।



ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜୀବନଶୈଳୀ ଭାରତୀୟଙ୍କୁ ପ୍ରେରଣା ଦେଉଛି। ତାଙ୍କ ନେତୃତ୍ୱରେ ଭାରତର ବିଶେଷ ପ୍ରଗତି ହୋଇପାରିବ।
- ଡୋନାଲ୍ଡ ଟ୍ରମ୍ପ୍, ଆମେରିକା ରାଷ୍ଟ୍ରପତି

# ‘ଶାନ୍ତି ସ୍ଥାପନର ନେତୃତ୍ୱ ନେଉ ଭାରତ’



## ପାକିସ୍ତାନକୁ ପ୍ରଶଂସା କଲେ ଟ୍ରମ୍ପ୍

## ବାଣିଜ୍ୟ କ୍ଷେତ୍ରରେ ପ୍ରତିବନ୍ଧକ ହଟାଇବାକୁ ମୋଦିଙ୍କୁ କହିଲେ

**ଅହମଦାବାଦ:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଉଚ୍ଚ ପ୍ରଶଂସା କରିବା ସହ ଦକ୍ଷିଣ ଏସିଆରେ ଶାନ୍ତି ପ୍ରସାରରେ ନୂଆଦିଲ୍ଲୀ ନେତୃତ୍ୱ ନେବାକୁ ପରାମର୍ଶ ଦେଇଛନ୍ତି। ପାକିସ୍ତାନ ସମେତ ପଡୋଶୀ ଦେଶଗୁଡ଼ିକ ସହ ଆଲୋଚନା ମାଧ୍ୟମରେ ଭାରତ ଏହି ଅଞ୍ଚଳରେ ଶାନ୍ତି ସ୍ଥାପନ କରିପାରିବ ବୋଲି ଟ୍ରମ୍ପ୍ ଆଶାବ୍ୟକ୍ତ କରିଛନ୍ତି। ଆତଙ୍କବାଦ ଦମନରେ ପାକିସ୍ତାନର ପଦକ୍ଷେପକୁ ମଧ୍ୟ ଟ୍ରମ୍ପ୍ ପ୍ରଶଂସା କରିଛନ୍ତି। ଆତଙ୍କବାଦ ଦମନ ହୋଇପାରିଲେ ଦକ୍ଷିଣ ଏସିଆରେ ଶାନ୍ତି ଫେରିପାରିବ ବୋଲି ଆମେରିକା ରାଷ୍ଟ୍ରପତି କହିଛନ୍ତି।

ଦୁଇ ବୃହତ ଗଣତନ୍ତ୍ର ଭାରତ ଓ ଆମେରିକା ମଧ୍ୟରେ ଅନେକ ବାଣିଜ୍ୟିକ ଚୁକ୍ତି ଅଟକି ରହିଛି। ବୃହତ ବଜାରରେ ପ୍ରବେଶ ଏବଂ ଆମେରିକାର କୃଷି ଓ ଡାଏରୀ ଉତ୍ପାଦଗୁଡ଼ିକର ରପ୍ତାନି ଭଳି କେତେକ ପ୍ରସଙ୍ଗରେ ସହମତି ହୋଇପାରି ନାହିଁ। ଆମେରିକାର ବର୍ଦ୍ଧିତ ଆମଦାନି ଶୁଳ୍କ ଭାରତୀୟ ରପ୍ତାନିକୁ ପ୍ରଭାବିତ କରିଛି। ଏହା ସତ୍ତ୍ୱେ ଟ୍ରମ୍ପ୍ ତାଙ୍କ ଅଭିଭାଷଣରେ ଦୁଇଦେଶର ସମ୍ପର୍କ ବୃଦ୍ଧି ଉପରେ ଗୁରୁତ୍ୱ ଦେଇଛନ୍ତି। ଦୁଇଦେଶର ଅର୍ଥନୈତିକ ସମ୍ପର୍କକୁ ଆଗେଇ ନେବା ଲାଗି ଟ୍ରମ୍ପ୍ ପ୍ରତିଶ୍ରୁତି ଦେଇଛନ୍ତି। ନିବେଶ କ୍ଷେତ୍ରରେ ରହିଥିବା ପ୍ରତିବନ୍ଧକ ହ୍ରାସ ଲାଗି ଅବିଶ୍ୱସନୀୟ ବାଣିଜ୍ୟ ରାଜିନାମା ପାଇଁ ଆଲୋଚନା ପ୍ରାରମ୍ଭିକ ପର୍ଯ୍ୟାୟରେ ରହିଥିବା ଟ୍ରମ୍ପ୍ କହିଥିଲେ। ୨୦୧୭ ଜାନୁୟାରୀରେ ଟ୍ରମ୍ପ୍ ରାଷ୍ଟ୍ରପତି ହେବାଠାରୁ ଭାରତ ସହ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ୪୦ ପ୍ରତିଶତରୁ ଊର୍ଦ୍ଧ୍ୱ ବଢ଼ିଥିବା ଦାବି କରିଛନ୍ତି। ଉଭୟ ଦେଶ ପରସ୍ପର ରପ୍ତାନି ସାମଗ୍ରୀର ବଡ଼ ବଜାର ବୋଲି ସେ କହିଛନ୍ତି। ନିଯୁକ୍ତି ସୃଷ୍ଟି ଓ ସୁଯୋଗ ବଢ଼ାଇବାର ପ୍ରକୃଷ୍ଟ ଉପାୟ ହେଲା ବ୍ୟବସାୟ କ୍ଷେତ୍ରରେ ଥିବା ପ୍ରତିବନ୍ଧକ ଦୂର କରିବା। ଏଥିପାଇଁ ଅନାବଶ୍ୟକ ପ୍ରଶାସନିକ ପ୍ରତିବନ୍ଧକ, ନାଲିଫିତା କଟକଣା, ନିୟମାବଳୀ ଓ ଟିକସ ବ୍ୟବସ୍ଥା ହଟାଇବାକୁ ହେବ ବୋଲି ଟ୍ରମ୍ପ୍ କହିଛନ୍ତି।

ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ବନ୍ଦ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନେଇ ନ ଥିବା ପାକିସ୍ତାନକୁ ଫାଇନାନ୍ସିଆଲ ଆକ୍ସନ ଟାସ୍କଫୋର୍ସ (ଏଫ୍ଏଟିଏଫ୍) ଏହାକୁ ଧୂସର ତାଲିକାରେ ରଖିବା ସହ ଚେତାବନୀ ଦେଇଥିବାବେଳେ ଟ୍ରମ୍ପ୍ ଇସ୍‌ଲାମାବାଦକୁ ପ୍ରଶଂସା କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ପାକିସ୍ତାନ ସହ ଆମେରିକାର ଉତ୍ତମ ସମ୍ପର୍କ ରହିଥିବା ସେ କହିଛନ୍ତି। ଦକ୍ଷିଣ ଏସୀୟ ରାଷ୍ଟ୍ରଗୁଡ଼ିକରେ ଉତ୍ତେଜନା ହ୍ରାସ ପାଇବା ସହ ସ୍ଥିରତା ଓ ସମ୍ଭାବନା ବଢ଼ିବା ନେଇ ସେ ଆଶାବାଦୀ ଥିବା କହିଛନ୍ତି। ତେବେ ସୀମାପାର ଆତଙ୍କବାଦ ବନ୍ଦ ନ ହେବା ପର୍ଯ୍ୟନ୍ତ ଇସ୍‌ଲାମାବାଦ ସହ ଆଲୋଚନା ସମ୍ଭବ ନୁହେଁ ନିଷ୍ପତ୍ତିରେ ନୂଆଦିଲ୍ଲୀ ଅଟଳ ରହିଛି। ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ହ୍ରାସ ପାଇଁ ଟ୍ରମ୍ପ୍ ପ୍ରଥମ ଥର ଉଦ୍ୟମ କରିନାହାନ୍ତି, କଶ୍ମୀର ପ୍ରସଙ୍ଗରେ ମଧ୍ୟସ୍ଥତା ପାଇଁ ସେ ଏକାଧିକ ଥର ପ୍ରସ୍ତାବ ଦେଲେଣି। ତେବେ କଶ୍ମୀର ଭାରତ ଓ ପାକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ ପ୍ରସଙ୍ଗ ହୋଇଥିବାରୁ ଏଥିରେ ତୃତୀୟ ପକ୍ଷର ହସ୍ତକ୍ଷେପକୁ ନୂଆଦିଲ୍ଲୀ ପ୍ରତ୍ୟାଖ୍ୟାନ କରିଆସିଛି।

## ଭାରତ ସହ ହେବ ୩୦୦ କୋଟି ଡଲାରର ସାମରିକ ଚୁକ୍ତି: ଟ୍ରମ୍ପ୍

ଭାରତ ସହିତ ଆମେରିକା ୩୦୦ କୋଟି ଡଲାରର ସାମରିକ ଚୁକ୍ତି କରିବ ବୋଲି ନମସ୍ତେ ଟ୍ରମ୍ପ୍ କାର୍ଯ୍ୟକ୍ରମରେ ଯୋଗଦେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସୋମବାର ଘୋଷଣା କରିଛନ୍ତି। ଏହି ଚୁକ୍ତି ଅନୁସାରେ ଆମେରିକା ଭାରତକୁ ମିଲିଟାରୀ ହେଲିକପ୍ଟର ଏବଂ ଭାରତୀୟ ସେନା ପାଇଁ ଆବଶ୍ୟକ ଅନ୍ୟ ସାମରିକ ଯନ୍ତ୍ରାଂଶ ଯୋଗାଇ ଦେବ ବୋଲି ଟ୍ରମ୍ପ୍ କହିଛନ୍ତି। ସୂଚନାଯୋଗ୍ୟ, ଏହା ଦ୍ୱାରା ଭାରତର ପ୍ରତିରକ୍ଷା ଶକ୍ତି ଯଥେଷ୍ଟ ବୃଦ୍ଧି ପାଇବ ବୋଲି କୁହାଯାଉଛି।


ଇଲ୍‌ତିଜା ମୁଫ୍‌ତି

## ଦିଲ୍ଲୀ ଜଳୁଥିବା ବେଳେ ‘ନମସ୍ତେ ଟ୍ରମ୍ପ୍’

**ଶ୍ରୀନଗର:** ସିଏଏ ବିରୋଧୀ ହିଂସାକାଣ୍ଡରେ ଦିଲ୍ଲୀ ଜଳୁଛି, ୮୦ ଲକ୍ଷ କଶ୍ମୀରୀ ସେମାନଙ୍କର ମୌଳିକ ଅଧିକାରରୁ ଦୀର୍ଘଦିନ ଧରି ବଞ୍ଚିତ ହୋଇଆସୁଛନ୍ତି। ଏତିକିବେଳେ ‘ନମସ୍ତେ ଟ୍ରମ୍ପ୍’ କାର୍ଯ୍ୟକ୍ରମକୁ ନେଇ ଉତ୍ସବ ପାଳନ କରାଯାଉଛି। ଏଭଳି ମତ ରଖିଛନ୍ତି ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିଡିପି ନେତ୍ରୀ ମେହବୁବା ମୁଫ୍‌ତିଙ୍କ ଝିଅ ଇଲ୍‌ତିଜା ମୁଫ୍‌ତି। ମା’ଙ୍କ ଟୁଇଟର ଆକାଉଣ୍ଟ ହ୍ୟାଣ୍ଡେଲ କରୁଥିବା ଇଲ୍‌ତିଜା କେନ୍ଦ୍ର ସରକାରଙ୍କ ପଦକ୍ଷେପକୁ ସମାଲୋଚନା କରି ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ସେମାନେ ଭୁଲିଗଲେଣି ବୋଲି କହିଛନ୍ତି। ୩୭୦ ଧାରା ଉଚ୍ଛେଦ ସହ ମା’ ମେହବୁବା ଏବଂ ଅନ୍ୟ ପ୍ରମୁଖ କଶ୍ମୀରୀ ନେତାଙ୍କୁ ଅଟକ ରଖାଯିବାକୁ ସେ ତୀବ୍ର ସମାଲୋଚନା କରିଛନ୍ତି। କଶ୍ମୀରରେ ସୋସିଆଲ ମିଡିଆ ବ୍ୟାନ୍ କରାଯିବା ଓ ଏଠାକାର ସ୍ଥିତି ଜଟିଳ ହେବା ପଛରେ କେନ୍ଦ୍ରର ହାତ ରହିଥିବା ସେ ଅଭିଯୋଗ କରିଛନ୍ତି।




## ଚର୍ଚ୍ଚାରେ ଟ୍ରମ୍ପ୍‌ଙ୍କ କାର୍

ବିଶ୍ୱର ସବୁଠୁ କ୍ଷମତାଶାଳୀ ନେତା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଅହମଦାବାଦରେ ପହଞ୍ଚିବା ପରେ ତାଙ୍କ କାର୍ ‘ଦି ବିଷ୍ଟ’କୁ ନେଇ ବେଶ୍ ଚର୍ଚ୍ଚା ହୋଇଥିଲା। ଅଧିକାଂଶଙ୍କ ନଜର ବିଶ୍ୱର ଏହି ସବୁଠୁ ନିରାପଦ କାର୍ ଉପରେ ରହିଥିଲା। ଏଆରଫୋର୍ସ ୱାନ୍‌ରେ ଟ୍ରମ୍ପ୍ ଆସି ଅହମଦାବାଦରେ ପହଞ୍ଚିବା ପୂର୍ବରୁ ଏହି କାର୍ ସେଠାରେ ପହଞ୍ଚିଥିଲା। କାଡିଲାକ୍ କମ୍ପାନୀ ଦ୍ୱାରା ନିର୍ମିତ ଏହି କାର୍‌ରେ ଅନେକ ସୁରକ୍ଷା ଫିଚର ରହିଛି। ୧.୫ ନିୟୁତ ଡଲାର ମୂଲ୍ୟର ୯୦୦୦ କିଲୋଗ୍ରାମ ଲିମୋସିନରେ ନିର୍ମିତ ବିଷ୍ଟ୍ ବୁଲେଟ ଓ ବିସ୍ଫୋରକ ପ୍ରତିରୋଧୀ। ଏଥିରେ ୫ ଇଞ୍ଚ ମୋଟେଇର ମିଲିଟାରୀ ଗ୍ରେଡ୍ ଆର୍ମର ରହିଛି। ଏହାର ଡୋର୍ ଆର୍ମର ୮ ଇଞ୍ଚ ମୋଟେଇର ଆର୍ମର ପ୍ଲେଟ୍‌ରେ ନିର୍ମିତ, ଯାହା ରାସାୟନିକ ଆକ୍ରମଣରୁ ରକ୍ଷା କରିପାରିବ। କାର୍‌ର ଝରକା କାଚ ୫ ସ୍ତରୀୟ କାଚ ଓ ପଲିକାର୍ବୋନେଟରେ ତିଆରି ଯାହା ବୁଲେଟ ପ୍ରତିରୋଧ କରିବାକୁ ସକ୍ଷମ। ଏହାର ଟାୟାର ପଙ୍କଚରନିରୋଧୀ। ଆର୍ମର ପ୍ଲେଟରେ ନିର୍ମିତ ଏହାର ଇନ୍ଧନ ଟାଙ୍କି ଫୋମ୍ ଆବୃତ୍ତ ହୋଇଥିବାରୁ ବିସ୍ଫୋରଣ ନିରୋଧୀ। କାର ଭିତର ପମ୍ପ୍ ଆକ୍ସନ ସଟ୍‌ଗନ୍, ଟିଅର ଗ୍ୟାସ୍ କାନନ୍, ଫାୟାର ଫାଇଟିଂ ସିଷ୍ଟମ ସହିତ ଟିଅର ଓ ସ୍ମୋକ୍ ସ୍କ୍ରିନ୍ ଡିସ୍‌ପେନ୍‌ସର ରହିଛି। ଏଥିରେ ସାଟେଲାଇଟ ଫୋନ୍ ରହିଛି ଯାହାଦ୍ୱାରା ପେଣ୍ଟାଗନ ସହ ସିଧାସଳଖ ଯୋଗାଯୋଗ କରାଯାଇପାରିବ। ଏଥିରେ ପାନିକ୍ ବଟନ, ଅକ୍ସିଜେନ୍ ଯୋଗାଣ ବ୍ୟବସ୍ଥା ରହିଛି। ଆମେରିକା ସିକ୍ରେଟ ସର୍ଭିସ ଦ୍ୱାରା ପରିଚାଳିତ ଏହି କାର ସମ୍ଭାବ୍ୟ ବିପଦ ଏଡାଇବା ପାଇଁ ୧୮୦ ଡିଗ୍ରୀ ଟର୍ନ କରିପାରିବ।

## ଇଭାଙ୍କାଙ୍କ ସହ ସେଲ୍‌ଫି ନେଲେ ପ୍ରଶଂସକ



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତାଙ୍କ ସହଧର୍ମିଣୀ ମେଲାନିଆ ଟ୍ରମ୍ପ୍, ଝିଅ ଇଭାଙ୍କା ଟ୍ରମ୍ପ୍ ଓ ଜ୍ୱାଇଁ ଜେରେଡ ଗୁଜରାଟରେ ପହଞ୍ଚିବା ପରେ ସେଠାରୁ ‘ନମସ୍ତେ ଟ୍ରମ୍ପ୍’ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଅହମଦାବାଦର ମୋଟେରା ଷ୍ଟାଡିୟମରେ ପହଞ୍ଚିଥିଲେ। ଏହି ସମୟରେ ଟ୍ରମ୍ପଙ୍କ ଅପେକ୍ଷା ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲେ ଇଭାଙ୍କା। ଏମିତିରେ ତାଙ୍କ ରୂପକୁ ନେଇ ଅନେକ ଥର ଚର୍ଚ୍ଚା ହେଉଥିବା ବେଳେ ତାଙ୍କୁ ପାଖରେ ପାଇଥିବା ଲୋକେ ସହଜରେ ଏହାକୁ ହାତଛଡା କରିବାକୁ ଚାହିଁ ନ ଥିଲେ। ଭିଡ଼ ମଧ୍ୟରେ ତାଙ୍କର କେତେଜଣ ପ୍ରଶଂସକ ଇଭାଙ୍କାଙ୍କ ସହ ସେଲ୍‌ଫି ନେଉଥିବା ଦେଖାଯାଇଥିଲା।

## ମୋଦିଙ୍କୁ ପ୍ରଶଂସାରେ ପୋତିଲେ

ଡୋନାଲ୍ଡ ଟ୍ରମ୍ପ୍ ତାଙ୍କ ଭାଷଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରକୃତ ବନ୍ଧୁ ବୋଲି କହିବା ସହ ତାଙ୍କୁ ପ୍ରଶଂସାରେ ପୋତି ପକାଇଥିଲେ। ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ଦ୍ରୁତ ବିକାଶ ପଥରେ ଅଗ୍ରସର ହେଉଥିବା ଟ୍ରମ୍ପ୍ କହିଥିଲେ। ମୋଦି କେବଳ ଗୁଜରାଟର ଗର୍ବ ନୁହନ୍ତି, ସେ ଭାରତର ଗର୍ବ। କଠିନ ପରିଶ୍ରମ ବଳରେ ଭାରତୀୟମାନେ ସବୁକିଛି ହାସଲ କରିପାରିବେ, ମୋଦି ତାହାର ଜୀବନ୍ତ ଉଦାହରଣ ବୋଲି ଟ୍ରମ୍ପ୍ କହିଥିଲେ। ମୋଦି ସରକାରଙ୍କ ପାଇଁ ଭାରତରେ ଦାରିଦ୍ର୍ୟ ଯଥେଷ୍ଟ ହ୍ରାସ ପାଇଛି। ପ୍ରତି ପରିବାରକୁ ବିଦ୍ୟୁତ ସଂଯୋଗ ହୋଇପାରିଛି। ୩୦ କୋଟିରୁ ଊର୍ଦ୍ଧ୍ୱ ଲୋକ ଇଣ୍ଟରନେଟ ସଂଯୋଗ ପାଇଛନ୍ତି। ୭ କୋଟିରୁ ଊର୍ଦ୍ଧ୍ୱ ପରିବାରକୁ ଏଲ୍‌ପିଜି ସଂଯୋଗ ମିଳିଛି। ଭାରତ ଖୁବ୍‌ଶୀଘ୍ର ବିଶ୍ୱର ସର୍ବବୃହତ ମଧ୍ୟବିତ୍ତ ଶ୍ରେଣୀ ଲୋକଙ୍କ ଦେଶ ହେବାକୁ ଯାଉଛି ବୋଲି ଟ୍ରମ୍ପ୍ କହିଥିଲେ। ମୋଦି ଜଣେ ଶ୍ରେଷ୍ଠ ବୁଝାମଣାକାରୀ। ଦୁଇଦେଶ ମଧ୍ୟରେ ସର୍ବବୃହତ ବାଣିଜ୍ୟ ରାଜିନାମା ହେବାକୁ ଯାଉଛି ବୋଲି ଆମେରିକା ରାଷ୍ଟ୍ରପତି କହିଥିଲେ।

## ଟ୍ରମ୍ପ୍‌ଙ୍କୁ ଭେଟିଲେ ଅମିତ୍ ଶାହା



ବିଶ୍ୱର ସର୍ବବୃହତ୍ କ୍ରିକେଟ ଷ୍ଟାଡିୟମରେ ସୋମବାର ଆମେରିକାର ପ୍ରଥମ ନାଗରିକ ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ସ୍ୱାଗତ କରାଯାଇଛି। ଏହି ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଟ୍ରମ୍ପ୍ ଓ ତାଙ୍କ ସହଧର୍ମିଣୀ ମେଲାନିଆ ଟ୍ରମ୍ପ୍ ମଧ୍ୟ ଗୁଜରାଟ ଅହମଦାବାଦର ମୋଟେରା ଷ୍ଟାଡିୟମରେ ପହଞ୍ଚିଥିଲେ। ଟ୍ରମ୍ପ୍ ସେଠାରେ ଆୟୋଜିତ ‘ନମସ୍ତେ ଟ୍ରମ୍ପ୍’ କାର୍ଯ୍ୟକ୍ରମରେ ଯୋଗ ଦେବା ପୂର୍ବରୁ ମୋଦି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଟ୍ରମ୍ପ୍‌ଙ୍କ ସହ ପରିଚିତ କରାଇଥିଲେ। ଏହାପରେ ସମସ୍ତେ ମିଶି ଗ୍ରୁପ ଫଟୋ ଉଠାଇଥିବା ଦେଖାଯାଇଥିଲା। ଏହା ପରେ ‘ନମସ୍ତେ ଟ୍ରମ୍ପ୍’ କାର୍ଯ୍ୟକ୍ରମ ସ୍ଥାନକୁ ଟ୍ରମ୍ପ୍ ଚାଲିଯାଇଥିଲେ।

## ସ୍ୱତନ୍ତ୍ର ଡାଏଟ୍ ପ୍ଲାନ୍

**ନୂଆଦିଲ୍ଲୀ:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଆମେରିକାର ଫାଷ୍ଟ ଲେଡି ମେଲାନିଆ, ଝିଅ ଇଭାଙ୍କା ଓ ଜ୍ୱାଇଁ ଜାରେଡ୍ କୁଶନର ସୋମବାର ଭାରତ ପରିଭ୍ରମଣରେ ଆସିଛନ୍ତି। ପୂର୍ବରୁ ଇଭାଙ୍କା ଭାରତ ଗସ୍ତରେ ଆସିଥିଲେ। ଏହା ସତ୍ତ୍ୱେ ଟ୍ରମ୍ପ ଓ ତାଙ୍କ ପରିବାର ସଦସ୍ୟଙ୍କ ଭାରତ ଗସ୍ତ ସମଗ୍ର ଦେଶବାସୀଙ୍କ ମନରେ ଉତ୍ସୁକତା ଭରିଦେଇଛି। ଇଭାଙ୍କାଙ୍କ ଡାଏଟ୍ ପ୍ଲାନ୍ ଓ ଟ୍ରମ୍ପଙ୍କ ପରିବାରର ଅନ୍ୟ ସଦସ୍ୟଙ୍କ ଖାଦ୍ୟ ଶୈଳୀକୁ ନେଇ ଅନେକ ପ୍ରଶ୍ନ ରହିଛି। ଇଭାଙ୍କା କୋଶର ଡାଏଟ୍ ଫଲୋ କରନ୍ତି। ସେ ଜାରେଡ୍ କୁଶନରଙ୍କୁ ବିବାହ ପୂର୍ବରୁ ହିଁ ଏହି ଡାଏଟ୍ ଫଲୋ କରୁଥିଲେ। କିଟୋ ବା ଜିଏମ୍ ଡାଏଟ୍ ଭଳି ଏହି ଡାଏଟ୍ ଓଜନ ଘଟାଇବା ପାଇଁ ନୁହେଁ। ଏହା ଏକ ପାରମ୍ପରିକ ଡାଏଟ୍, ଯେଉଁଥିରେ ଇହୁଦୀ ନିୟମ ଆଧାରରେ କିଛି ନିର୍ଦ୍ଦିଷ୍ଟ ଖାଦ୍ୟକୁ ସାମିଲ କରାଯାଇଥାଏ। କୋଶର ହେବ୍ରୁ ଶବ୍ଦ କ୍ୟାଶରରୁ ଆସିଛି, ଯାହାର ଅର୍ଥ ଶୁଦ୍ଧ ବା ଖାଇବାଯୋଗ୍ୟ। କୋଶର ଡାଏଟ୍‌ରେ କିଛି ବିଶେଷ ନିୟମ ରହିଥାଏ, ଯେପରି କି କେଉଁ କେଉଁ ଖାଦ୍ୟ ଖାଇପାରିବେ, କେଉଁ ଖାଦ୍ୟ କାହା ସହିତ ଖାଇପାରିବେ ଓ କେଉଁ ଖାଦ୍ୟକୁ ଆଦୌ ଖାଇପାରିବେ ନାହିଁ। ଏଥିସହ ଖାଇବା ପୂର୍ବରୁ ସେହି ଖାଦ୍ୟ କେଉଁଠୁ ଆସିଛି ଓ କିପରି ପ୍ରସ୍ତୁତ କରାଯାଇଛି ସେ ସମ୍ପର୍କରେ ଜାଣିବା ଆବଶ୍ୟକ। ଇଭାଙ୍କା ଇହୁଦୀ ଧର୍ମ ପାଳନ କରୁଥିବା ବେଳେ ଷ୍ଟ୍ରିକ୍ଟ କୋଶର ଡାଏଟ୍ ଫଲୋ କରନ୍ତି।

## ହୃଦୟ ଜିତିବାକୁ ଟ୍ରମ୍ପ୍‌ଙ୍କ ପ୍ରୟାସ

ଭାରତ ଗସ୍ତରେ ଆସିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଲୋକଙ୍କ ହୃଦୟ ଜିତିବା ଲାଗି ସମସ୍ତ ପ୍ରକାର ପ୍ରୟାସ କରିଛନ୍ତି। ସମ୍ବୋଧନରେ ହିନ୍ଦୀ ଭାଷାକୁ ବ୍ୟବହାର କରିବା, ବଲିଉଡ୍‌ଠାରୁ ଆରମ୍ଭ କରି କ୍ରିକେଟ୍ ପର୍ଯ୍ୟନ୍ତ ଯୋଡ଼ିବା, ସ୍ୱାମୀ ବିବେକାନନ୍ଦଙ୍କ ସମ୍ପର୍କରେ ଉଲ୍ଲେଖ କରିବା ଏସବୁର ସୂଚନା ଦିଏ। ‘ଶୋଲେ’, ଦିଲ୍‌ୱାଲେ ଦୁଲ୍‌ହନିଆଁ ଲେ ଯାଏଙ୍ଗେ’ ଭଳି କାଳଜୟୀ ଫିଲ୍ମ ସମ୍ପର୍କରେ ମଧ୍ୟ ସେ ଉଲ୍ଲେଖ କରିଛନ୍ତି। ଭାରତୀୟ କ୍ରିକେଟ କିମ୍ବଦନ୍ତୀ ସଚିନ ତେନ୍ଦୁଲକର ଓ ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲିଙ୍କ ସମ୍ପର୍କରେ ମଧ୍ୟ ସେ ଅଭିଭାଷଣରେ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରିୟ ବନ୍ଧୁ ଭାବେ ଅଭିହିତ କରି ଦେଶ ବିକାଶରେ ତାଙ୍କର ଅବଦାନ ଉଲ୍ଲେଖନୀୟ ବୋଲି କହିଥିଲେ। ଭାରତ ସହ ଦୀର୍ଘମିଆଦି ବନ୍ଧୁତ୍ୱ ଯୋଡ଼ିବାକୁ ଟ୍ରମ୍ପ୍ ମନ ବଳାଇଥିବା କହିଛନ୍ତି। ଆତଙ୍କବାଦ ନେଇ ଭାରତ-ଆମେରିକା ଏକାଠି ଲଢ଼ିବା, ପ୍ରତିରକ୍ଷା କ୍ଷେତ୍ରରେ ସମସ୍ତ ସହଯୋଗ କରିବା, ଭାରତକୁ ଏକ ଶାନ୍ତି ଓ ପ୍ରଗତିଶୀଳ ଦେଶ ଭାବେ କହିବା, ଭାରତର ଐତିହ୍ୟ, ଗାନ୍ଧୀ ବାଣୀକୁ ପ୍ରଶଂସା କରିବା ଇତ୍ୟାଦି ଭାରତୀୟଙ୍କ ହୃଦୟ ଜିଣିପାରିଛି। ଅହମଦାବାଦ, ଆଗ୍ରା ଓ ଦିଲ୍ଲୀରେ ଟ୍ରମ୍ପ୍ ପରିବାରକୁ ଏଥିଲାଗି ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଟ୍ରମ୍ପ୍ ‘ନମସ୍ତ’ରୁ ଅଭିଭାଷଣ ଆରମ୍ଭ କରି ‘ୱି ଲଭ୍ ଇଣ୍ଡିଆ’ରେ ଶେଷ କରିଥିଲେ।

## ଟ୍ରମ୍ପ୍‌ଙ୍କ ଲାଗି ମେନୁରେ ଶାକାହାରୀ ଖାଦ୍ୟ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତାଙ୍କ ସହଧର୍ମିଣୀ, ମେଲାନିଆ ଟ୍ରମ୍ପ୍, ଝିଅ ଇଭାଙ୍କା, ଜ୍ୱାଇଁ ଜେରେଡ ଓ କେତେଜଣ ଉଚ୍ଚସ୍ତରୀୟ ପ୍ରତିନିଧି ଭାରତ ଗସ୍ତରେ ଆସିଛନ୍ତି। ଟ୍ରମ୍ପ୍ ଟମାଟୋ ସସ୍ ସହ ବିଫ୍ ଖାଇବାକୁ ବହୁତ ପସନ୍ଦ କରନ୍ତି। ହେଲେ ଭାରତ ଭିତରେ ମେନୁରୁ ବିଫ୍‌କୁ ବାଦ୍ ଦିଆଯାଇଛି। ତାଙ୍କ ଖାଦ୍ୟରେ ଅଧିକ ମାତ୍ରାରେ ଶାହାକାରୀ ଖାଦ୍ୟ ଗୁଜରାଟୀ ଷ୍ଟାଇଲରେ ତିଆରି କରାଯାଇଛି। ଫର୍ଚ୍ୟୁନ ଲ୍ୟାଣ୍ଡମାର୍କ ହୋଟେଲର ଶେଫ୍ ସୁରେଶ ଖାନ୍ନାଙ୍କୁ ଟ୍ରମ୍ପ୍‌ଙ୍କ ଖାଦ୍ୟ ପ୍ରସ୍ତୁତିର ଦାୟିତ୍ୱ ଦିଆଯାଇଛି। ଏଥିପାଇଁ ସେ ସିଗନେଚର କୁକିଜ୍, ଗୁଜରାଟର ସ୍ପେଶାଲ ଖମଣ ଢୋକ୍‌ଲା, ବ୍ରୋକ୍‌ଲି-କର୍ଣ୍ଣ ସମୋସା ତିଆରି କରିଛନ୍ତି। ଟ୍ରମ୍ପ୍‌ଙ୍କୁ ଖମଣ ଢୋକ୍‌ଲା ଓ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସ୍ପେଶାଲ ଅଦା ଓ ମସଲା ଚା’ ପସନ୍ଦ ଥିବାରୁ ଏହାର ବ୍ୟବସ୍ଥା ମଧ୍ୟ କରାଯାଇଛି। ଏହା ବ୍ୟତୀତ ଆଇସ୍ ଟି ଓ ଗ୍ରୀନ ଟି’ର ବ୍ୟବସ୍ଥା ମଧ୍ୟ କରାଯାଇଛି।


‘ନମସ୍ତେ ଟ୍ରମ୍ପ୍’ କାର୍ଯ୍ୟକ୍ରମ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ମୁଖା ପିନ୍ଧିଥିବା ଦର୍ଶକବୃନ୍ଦ।



ଟ୍ରମ୍ପ୍‌ଙ୍କ ଆଗମନ ଅବ୍ୟବହିତ ପୂର୍ବରୁ ଅହମଦାବାଦରେ ପୋଲିସ କମାଣ୍ଡୋମାନେ ବିଭିନ୍ନ ସ୍ଥାନଗୁଡ଼ିକ ଛାନ୍‌ଭିନ୍ କରୁଛନ୍ତି।


ଅହମଦାବାଦର ମୋଟେରା ଷ୍ଟାଡିୟମ ନିକଟରେ ସନ୍ଧାନୀ କୁକୁର ସହ ବୋମା ନିଷ୍କ୍ରିୟକାରୀ ଦଳ।

ଧରିତ୍ରୀ DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୫ ଫେବୃୟାରୀ, ୨୦୨୦



ରାଗିବା ପୂର୍ବରୁ ହଠାତ୍ ସ୍ଥିର ହୋଇଯାଅ। ଆଉ କ୍ରୋଧର ସର୍ବଶେଷ ପରିଣାମ କଥା ଚିନ୍ତାକର।
- କନ୍‌ଫୁସିୟସ୍



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ବିଜେବି କଲେଜର ଆଇଏମ୍‌ବିଏ ବିଭାଗ ପକ୍ଷରୁ ଦିନିକିଆ ଜାତୀୟ ସେମିନାର, ହଲ ନଂ ୧୦୮, ନ୍ୟୁ ଆର୍ଟସ୍ ବ୍ଲକ ବିଲ୍ଡିଂ, ପୂର୍ବାହ୍ନ ୧୦ଟା।
- ଇନଷ୍ଟିଚ୍ୟୁଟ ଅଫ୍ ଲାଇଫ୍ ସାଇନ୍ସ ପକ୍ଷରୁ ନ୍ୟାଶନାଲ କନକ୍ଲେଭ, ଆଇଏଲ୍‌ଏସ୍ ଅଡିଟୋରିୟମ, ନାଲ୍‌କୋ ଛକ, ପୂର୍ବାହ୍ନ ୧୦ଟା।
- ବ୍ଲଡ ଷ୍ଟିମ ସେଲ ଡୋନର ରେଜିଷ୍ଟ୍ରେଶନ କ୍ୟାମ୍ପ, ମହର୍ଷି କଲେଜ, ଶହୀଦ ନଗର, ପୂର୍ବାହ୍ନ ୧୦ଟା।

**କଟକ**

- ବାଦିପାଲା ପରିବେଷଣ, ଶାଳେଶ୍ୱର, ରାତି ୭ଟା।

## ଶ୍ରୀଲିଙ୍ଗରାଜଙ୍କ ହାଣ୍ଡିଭଙ୍ଗା ଯାତ୍ରା କରିବାକୁ ଚିଠି

**ପୁରୁଣା ଭୁବନେଶ୍ୱର, ୨୪।୨ (ଡି.ଏନ୍.ଏ.):** ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପରମ୍ପରା ମୁତାବକ ମହାଶିବରାତ୍ରି ଯିବାର ପ୍ରଥମ ଶନିବାର ହାଣ୍ଡିଭଙ୍ଗା ଯାତ୍ରା ପାଳିତ ହୋଇଥାଏ। ହେଲେ ୨୦୧୫ ମସିହାଠାରୁ ଶ୍ରୀକପିଳେଶ୍ୱର ମନ୍ଦିରରେ ଦ୍ୱନ୍ଦ୍ୱ ପାଇଁ ହାଣ୍ଡିଭଙ୍ଗା ଯାତ୍ରା ବନ୍ଦ ରହିଛି। ଚଳିତବର୍ଷ ଶ୍ରୀକପିଳେଶ୍ୱର ମନ୍ଦିରରେ ସେବା ପୂଜା ସମାଧାନ ପୂର୍ବକ ଠାକୁରଙ୍କ ଏହି ପରମ୍ପରା ରକ୍ଷା କରାଯାଉ। ହାଣ୍ଡିଭଙ୍ଗା ଯାତ୍ରାକୁ ସମ୍ପାଦନ ପାଇଁ ସୋମବାର ପୂଜାପଣ୍ଡା ଏବଂ ବ୍ରାହ୍ମଣ ନିଯୋଗ ପକ୍ଷରୁ ଲିଖିତ ଭାବେ ପତ୍ର ଦେବୋତ୍ତର କମିଶନରଙ୍କୁ ପ୍ରଦାନ କରାଯାଇଛି। ଯଦି ଏହି ପରମ୍ପରା ପୁଣି ଆସନ୍ତା ୨୮ ତାରିଖ ମଧ୍ୟରେ ପ୍ରଶାସନ ରକ୍ଷା ନ କରେ ଓ କୌଣସି ଉତ୍ତର ନ ଦିଏ, ତେବେ ଆସନ୍ତା ୨୯ ତାରିଖରେ ଠାକୁରଙ୍କ ମଙ୍ଗଳଆଳତିଠାରୁ ନୀତିରେ ବିଶୃଙ୍ଖଳା ସୃଷ୍ଟି ହେବ। ଏଥିପାଇଁ ସମିତି ଦ୍ୱାୟ ଦାୟୀ ରହିବେ ନାହିଁ ବୋଲି ସୂଚନା ଦିଆଯାଇଛି। ପୂଜାପଣ୍ଡା ନିଯୋଗ ସମ୍ପାଦକ ସଚ୍ଚିକାନ୍ତ ପୂଜାପଣ୍ଡା ଏବଂ ବ୍ରାହ୍ମଣ ନିଯୋଗ ସମ୍ପାଦକ ବିରଞ୍ଚି ନାରାୟଣ ପତି ଚିଠି ମାଧ୍ୟମରେ ଏହା ଜଣାଇଛନ୍ତି।

## ମୁଖ୍ୟ ପ୍ରଶାସକଙ୍କୁ ଜଣାଇଲା ସୁଆର ମହାସୁଆର ନିଯୋଗ

### ବିଳମ୍ବ ହେଉଛି ଭୋଗ ମଣ୍ଡପ

**ପୁରୀ ଅଫିସ,୨୪।୨:** ଶ୍ରୀମନ୍ଦିରରେ ଭୋଗ ମଣ୍ଡପ ବଢ଼ିବାରେ ବିଳମ୍ବ ହେଉଥିବା ଅଭିଯୋଗ କରି ସୁଆର ମହାସୁଆର ନିଯୋଗ ପକ୍ଷରୁ ସୋମବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ଶ୍ରୀମନ୍ଦିରରେ ବ୍ୟବସ୍ଥାବଳୀ ଲାଗୁ ହେବାଠାରୁ ଭୋଗମଣ୍ଡପ ଧାର୍ଯ୍ୟ ସମୟରେ ସରୁଥିବାରୁ ଭକ୍ତ ଓ ଜନସାଧାରଣ ବିକ୍ରି ଭୋଗ ଓ ବରାଦି ଭୋଗ ଠିକ୍ ସମୟରେ ପାଇ ଆନନ୍ଦିତ ହେଉଥିଲେ। ପ୍ରାୟ ୨ ମାସ ହେବ ଶ୍ରୀମନ୍ଦିର ନୀତି ଧାର୍ଯ୍ୟ ସମୟଠାରୁ ବିଳମ୍ବରେ ସରୁଛି। ନୀତିକାନ୍ତି ଠିକ୍ ଭାବେ ତଦାରଖ କରାଯାଉ ନ ଥିବାରୁ ଭକ୍ତମାନେ ଦର୍ଶନ କରି ମହାପ୍ରସାଦ ନ ପାଇ ମନଦୁଃଖରେ ଫେରୁଛନ୍ତି। ସୂପକାର ସଭ୍ୟମାନେ ଧାର୍ଯ୍ୟ ସମୟ ମଧ୍ୟରେ ଭୋଗ ରନ୍ଧନ କରୁଛନ୍ତି। କିନ୍ତୁ ଭୋଗ ନିର୍ଘଣ୍ଟ ସମୟରେ ସରୁ ନ ଥିବାରୁ ମହାପ୍ରସାଦ ଯୋଗାଇ ନ ପାରି ଅଯଥାରେ ନିନ୍ଦିତ ହେଉଛନ୍ତି। ମହାପ୍ରଭୁଙ୍କ ନୀତିରେ କାହିଁକି ବିଳମ୍ବ ହେଉଛି ଏହା ଉପରେ ଅନୁସନ୍ଧାନ କରି ବିହିତ ପଦକ୍ଷେପ ଗ୍ରହଣ କରିବାକୁ ନିଯୋଗ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରତିହାରୀ ଅନୁରୋଧ କରିଛନ୍ତି।

# ସୁସ୍ଥହୋଇ ଘରକୁ ଫେରିଲେ ଫିରୋଜ

### ରାଜ୍ୟର ପ୍ରଥମ କାଡାଭେରିକ ଟ୍ରାନ୍ସପ୍ଲାଣ୍ଟ ସଫଳ

- ପ୍ରିୟଙ୍କା ପରିବାର, ଡାକ୍ତର, ସରକାରଙ୍କୁ ଧନ୍ୟବାଦ ଜଣାଇଲେ
- ସଂକ୍ରମଣରୁ ଦୂରରେ ରହିବାକୁ ପରାମର୍ଶ

**କଟକ ଅଫିସ,୨୪।୨**

ରାଜ୍ୟର ପ୍ରଥମ କାଡାଭେରିକ୍ ଟ୍ରାନ୍ସପ୍ଲାଣ୍ଟ ବା ଜଣେ ମସ୍ତିଷ୍କ ମୃତ(ବ୍ରେନ୍ ଡେଡ୍) ବ୍ୟକ୍ତିଙ୍କ ଶରୀରରୁ କିଡ୍‌ନୀକୁ ନେଇ ଜଣେ ଜୀବିତଙ୍କ ଶରୀରରେ ପ୍ରତିରୋପଣ ଅସ୍ତ୍ରୋପଚାର ସଫଳ ହୋଇଛି। କଟକ ଏସ୍‌ସିବି ମେଡିକାଲରେ କିଡ୍‌ନୀ ପ୍ରତିରୋପଣ ସହ ତିନି ସପ୍ତାହ ପର୍ଯ୍ୟନ୍ତ ଅଭିଜ୍ଞ ଡାକ୍ତରଙ୍କ ତତ୍ତ୍ୱାବଧାନରେ ରହିବା ପରେ ସୁସ୍ଥ ହୋଇ ସୋମବାର ଘରକୁ ଫେରିଛନ୍ତି ବରଗଡ଼ର ଫିରୋଜ ସାହୁ। ତେବେ ପ୍ରତିରୋପଣ ପରବର୍ତ୍ତୀ ସମୟ(ପୋଷ୍ଟ ଟ୍ରାନ୍ସପ୍ଲାଣ୍ଟ ପିରିୟଡ) ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ସମ୍ବେଦନଶୀଳ ଥିବା ଯୋଗୁ ତାଙ୍କୁ ସତର୍କ ରହିବାକୁ ଡାକ୍ତରମାନେ ପରାମର୍ଶ ଦେଇଛନ୍ତି। ଘରକୁ ଫେରିବାବେଳେ କେବଳ ଫିରୋଜ ନୁହନ୍ତି, ତାଙ୍କ ମାଆ ମିଥାଳି ଏବଂ ବାପା ଲୋକେଶ୍ୱରଙ୍କ ଆଖି ଛଳଛଳ ହୋଇଯାଇଥିଲା। ଫିରୋଜଙ୍କୁ ନୂଆ ଜୀବନ ମିଳିଥିବା ଯୋଗୁ ସମସ୍ତେ ଯେମିତି ଖୁସିରେ କାନ୍ଦି ପକାଇଥିଲେ। ଅନ୍ୟପଟେ ପ୍ରଥମ ଥର ପାଇଁ ରାଜ୍ୟରେ ଏଭଳି ଏକ ବିରଳ ଅସ୍ତ୍ରୋପଚାର କରିଥିବା ଡାକ୍ତରମାନେ ମଧ୍ୟ ଭାବବିହ୍ୱଳ ହୋଇପଡ଼ିଥିଲେ।

ଗଞ୍ଜାମ ଜିଲା ଦିଗପହଣ୍ଡି ସହର ରାଣୀସାହିର ପ୍ରିୟଙ୍କାରାଣୀ ରାଜୁ(୨୬) ଜାନୁୟାରୀ ୨୬ତାରିଖରେ ତପ୍ତପାଣି ପାଖରେ ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇଥିଲେ। ଚିକିତ୍ସା ଲାଗି ତାଙ୍କୁ ଭୁବନେଶ୍ୱରସ୍ଥିତ ଆପୋଲୋ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗତ ୩ ତାରିଖ ରାତିରେ ଡାକ୍ତର ତାଙ୍କୁ ମସ୍ତିଷ୍କ ମୃତ(ବ୍ରେନ୍ ଡେଡ୍) ଘୋଷଣା କରିଥିଲେ। ଏହି ଖବର ପାଇବା ପରେ ପ୍ରିୟଙ୍କାଙ୍କ ସ୍ୱାମୀ ଭି. ସମୀର ରାଜୁ ଓ ଶ୍ୱଶୁର ଭି. ଧର୍ମାରାଜୁ ଧୈର୍ଯ୍ୟ ନ ହରାଇ ପ୍ରିୟଙ୍କାଙ୍କ ଅଙ୍ଗଦାନ କରିବାକୁ ନିଷ୍ପତ୍ତି ନେଇଥିଲେ। ଏ ନେଇ ସେମାନେ ଆପୋଲୋ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ପରେ ହସ୍ପିଟାଲ ପକ୍ଷରୁ ଏ ସମ୍ପର୍କରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗକୁ ସୂଚନା ଦିଆଯାଇଥିଲା। ବିଭାଗ ପକ୍ଷରୁ ଏସ୍‌ସିବିର ବିଭାଗୀୟ ଡାକ୍ତରମାନଙ୍କୁ ତୁରନ୍ତ କାଡାଭେରିକ୍ ଟ୍ରାନ୍ସପ୍ଲାଣ୍ଟ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଡାକ୍ତରମାନେ ବିଳମ୍ବିତ ରାତିରେ ଆପୋଲୋ ହସ୍ପିଟାଲରେ ପହଞ୍ଚି ପ୍ରିୟଙ୍କାଙ୍କ ଶରୀରରୁ କିଡ୍‌ନୀ ବାହାର କରି ଏସ୍‌ସିବି ମେଡିକାଲକୁ ଆଣିଥିଲେ। ପରେ ୟୁରୋଲୋଜି ବିଭାଗ ମୁଖ୍ୟ ଡା. ଦଣ୍ଡେଶ୍ୱର ହୋତାଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଟିମ୍ ଅସ୍ତ୍ରୋପଚାର କରି ଫିରୋଜଙ୍କ ଶରୀରରେ କିଡ୍‌ନୀ ପ୍ରତିରୋପଣ କରିଥିଲେ। ଏହା ପରଠାରୁ ଫିରୋଜଙ୍କୁ ସ୍ୱତନ୍ତ୍ର କ୍ୟାବିନ୍‌ରେ ରଖାଯାଇ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଥିଲା। ଫଳରେ ଧୀରେ ଧୀରେ ସେ ସୁସ୍ଥ ହେବାରେ ଲାଗିଲେ। ପ୍ରତିରୋପଣର ତିନିରୁ ଚାରି ସପ୍ତାହ ପର୍ଯ୍ୟନ୍ତ ଡାକ୍ତରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଆବଶ୍ୟକ ପଡୁଥିବା ଯୋଗୁ ଫିରୋଜଙ୍କୁ ଏସ୍‌ସିବି ମେଡିକାଲରେ ରଖାଯାଇଥିଲା। ବିଭାଗୀୟ ଡାକ୍ତରମାନଙ୍କ କହିବାନୁଯାୟୀ, ପ୍ରତିରୋପଣ ପରଠୁ ଫିରୋଜଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଦେଖିବାକୁ ମିଳିଥିଲା। ବର୍ତ୍ତମାନ ସେ ସୁସ୍ଥ ଅଛନ୍ତି। ତେବେ ସଂକ୍ରମଣର ଆଶଙ୍କା ଥିବା ଯୋଗୁ ଆସନ୍ତା କିଛି ମାସ ଯତ୍ନ ନେବାକୁ ପରାମର୍ଶ ଦିଆଯାଇଛି। ବିଶେଷକରି ସ୍ୱଚ୍ଛ ଓ ପରିଚ୍ଛନ୍ନ ରହିବାକୁ କୁହାଯାଇଛି। ସଂକ୍ରମଣର ସମ୍ଭାବନା ଥିବା ସମସ୍ତ କାର୍ଯ୍ୟରୁ ନିଜକୁ ଦୂରରେ ରଖିବାକୁ ପରାମର୍ଶ ଦିଆଯାଇଛି। ସେହିଭଳି ଖାଦ୍ୟ, ପାନୀୟ, ଔଷଧ ସେବନ ଆଦି ସମ୍ପର୍କରେ ଆବଶ୍ୟକ ପରାମର୍ଶ ଦିଆଯାଇଥିବା ଡାକ୍ତରଙ୍କ ପକ୍ଷରୁ କୁହାଯାଇଛି।



ଏସ୍‌ସିବି ମେଡିକାଲରୁ ଡିସ୍‌ଚାର୍ଜ ହୋଇ ଫେରୁଛନ୍ତି ଫିରୋଜ।

### 'ପ୍ରିୟଙ୍କାଙ୍କ ଋଣ ଶୁଝିପାରିବି ନାହିଁ'

ପ୍ରିୟଙ୍କା ମୃତ୍ୟୁବରଣ କରି ମଧ୍ୟ ଅମର ହୋଇଗଲେ। ପ୍ରଥମେ ଯେବେ କିଡ୍‌ନୀ ରୋଗ ଜଣାପଡ଼ିଥିଲା, ମୁଁ ସବୁ ଆଶା ଛାଡ଼ିଦେଇଥିଲି। ମାଆ କିଡ୍‌ନୀ ଦେବାକୁ ପ୍ରସ୍ତୁତ ଥିଲେ ମଧ୍ୟ ଆମର ବ୍ଲଡ୍ ଗ୍ରୁପ ଅଲଗା ଥିଲା। ଫଳରେ କିଡ୍‌ନୀ ପ୍ରତିରୋପଣ ପାଇଁ ଆଶଙ୍କା ସୃଷ୍ଟି ହୋଇଥିଲା। ଏଭଳି ସମୟରେ ମୋ' ପାଇଁ ଭଗବାନଙ୍କ ରୂପରେ ପ୍ରିୟଙ୍କା ଆସିଲେ। ତାଙ୍କ କିଡ୍‌ନୀ ମୋ ଶରୀରରେ ଲାଗିଲା ପରେ ବର୍ତ୍ତମାନ ମୁଁ ସୁସ୍ଥ ଅନୁଭବ କରୁଛି। ପ୍ରିୟଙ୍କା ଓ ତାଙ୍କ ପରିବାରବର୍ଗଙ୍କ ଋଣ ଏ ଜୀବନରେ ଶୁଝିପାରିବି ନାହିଁ। ସମସ୍ତ ଖର୍ଚ୍ଚ ବହନ କରିଥିବା ରାଜ୍ୟ ସରକାର ଏବଂ କଠିନ ପରିଶ୍ରମ କରିଥିବା ଡାକ୍ତରମାନଙ୍କୁ ଧନ୍ୟବାଦ।

# ମହାପ୍ରଭୁଙ୍କ ବେଣ୍ଟ ନୀତି ସମ୍ପନ୍ନ



**ପୁରୀ ଅଫିସ,୨୪।୨**

ଫାଲ୍‌ଗୁନ ଶୁକ୍ଳ ପ୍ରତିପଦାରେ ସୋମବାର ମହାପ୍ରଭୁଙ୍କ ବେଣ୍ଟ ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ମଙ୍ଗଳ ଆଳତି ସରିବା ପରେ ପ୍ରଭୁ ଶ୍ରୀରାମଚନ୍ଦ୍ର ଆଜ୍ଞାମାଳ ପାଇ ବେଣ୍ଟ (ଶିକାର) ନୀତି ନିମନ୍ତେ ବିମାନରେ ବିଜେ ହୋଇଥିଲେ। ବିମାନବଡୁ ସେବକମାନେ ବିମାନ ଶ୍ରୀଜଗନ୍ନାଥ ବଲ୍ଲଭ ମଠକୁ ବିଜେ କରାଇଥିଲେ। ସେଠାରେ ମହାଜନ ସେବକ ଠାକୁରଙ୍କୁ ଖଟ ଉପରେ ବିଜେ କରାଇଥିଲେ। ମୁଦିରସ୍ତଙ୍କ ଦ୍ୱାରା ରାଜ ବନ୍ଦାପନା ପରେ ପ୍ରଭୁ ଶ୍ରୀରାମଚନ୍ଦ୍ର ମହାଜନଙ୍କ ହସ୍ତରେ ବେଣ୍ଟ ନିମନ୍ତେ ବେଣ୍ଟ ପୋଖରୀକୁ ବିଜେ ହୋଇଥିଲେ। ଭିତରଚ୍ଛୁ ତୀର କମାଣ ଶ୍ରୀଅଙ୍ଗରେ ଲାଗି ଦେବା ପରେ ବେଣ୍ଟ ବିନ୍ଧା ପାଇକ ସେବକ ପଇଡରେ ବେଣ୍ଟ ବିନ୍ଧିଥିଲେ। ସେଠାରେ ରଖାଯାଇଥିବା ୬ଟି ପଇଡ ମଧ୍ୟରୁ ଲେଙ୍କା ୫ଟିରେ ତୀର ମାରିଥିଲେ। ଗୋଟିଏ ଅକ୍ଷତ ଅବସ୍ଥାରେ ସାଙ୍ଗରେ ନେଇ ଆସିଥିଲେ। ଏହାପରେ ଶୀତଳ ଭୋଗ, କର୍ପୂର ଆଳତି, ବନ୍ଦାପନା ଆଦି ନୀତି କରାଯାଇଥିଲା। ପରେ ଠାକୁର ବିମାନରେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।

## ଏକ ମୁଠି ଚାଉଳ ସଂଗ୍ରହ ଯୋଜନାର ଶୁଭାରମ୍ଭ

**ପୁରୀ ଅଫିସ,୨୪।୨**

ଭାରତରେ ଆଜି ବି ଅନେକ ପରିବାର ଅଛନ୍ତି, ଯେଉଁମାନେ ଓଳିଏ ଖାଇଲେ, ଓଳିଏ ଉପବାସ ରହୁଛନ୍ତି। ଭିକ ମାଗି ପରିବାର ପୋଷଣ କରୁଛନ୍ତି। ଖାଦ୍ୟାଭାବରୁ କେହି ପ୍ରାଣୀ ଭୋକରେ ନ ରୁହନ୍ତି। ଲୋକଙ୍କ ମୁଖରେ ହସ ଫୁଟାଇବା ଏବଂ ଖାଦ୍ୟ ନିଶ୍ଚିତ କରିବା ଉଦ୍ଦେଶ୍ୟରେ ଆନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦ ଓଡ଼ିଶା(ପୂର୍ବ) ନିର୍ଦ୍ଦେଶକ୍ରମେ ପୁରୀରେ ଏକ ମୁଠି ଚାଉଳ ସଂଗ୍ରହ ଅଭିଯାନ ଲୋକନାଥ ରୋଡସ୍ଥିତ ଖଣ୍ଡାୟତ କ୍ଷତ୍ରିୟ ମହାସଭା କାର୍ଯ୍ୟାଳୟଠାରେ ଶୁଭାରମ୍ଭ ହୋଇଛି। ସୋମବାର ପରିଷଦର ଆନ୍ତଃରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଦେବେଶ ଉପାଧ୍ୟାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଯୋଜନାର ଶୁଭାରମ୍ଭ କରିଛନ୍ତି। ଅନ୍ନପୂର୍ଣ୍ଣା ଅନ୍ନଦାନ ଯୋଜନାରେ ପ୍ରତିଦିନ ପ୍ରତ୍ୟେକ ପରିବାର ନିଜେ ରୋଷେଇ କରିବା ସହ ଏକ ମୁଠି ଚାଉଳ ଗରିବଙ୍କ ଉଦ୍ଦେଶ୍ୟରେ ରଖନ୍ତୁ। ପରିଷଦ ପକ୍ଷରୁ ସଂଗୃହୀତ ଚାଉଳ ଗରିବ ପରିବାରକୁ ପ୍ରଦାନ କରାଯିବ ବୋଲି ଉପାଧ୍ୟାୟ କହିଛନ୍ତି। ଏ ନେଇ ପରିଷଦ ପକ୍ଷରୁ ଚାଉଳ ସଂଗ୍ରହ ଲାଗି ବ୍ୟାଗ ପ୍ରଦାନ କରାଯିବ। ଏଥିରେ ରାଜ୍ୟ ଉପସଭାପତି କୈଳାସ ଚନ୍ଦ୍ର ଭୋଳ, ରାଷ୍ଟ୍ରୀୟ ମଜଦୁର ପରିଷଦର ରାଜ୍ୟ ସମ୍ପାଦକ ଦୀପକ ମହାନ୍ତି, ହିନ୍ଦୁସ୍ଥାନ ନିର୍ମାଣ ଦଳ ରାଜ୍ୟ ସଭାପତି ପୂର୍ଣ୍ଣଚନ୍ଦ୍ର ଦାଶ, ଖଣ୍ଡାୟତ କ୍ଷତ୍ରିୟ ମହାସଭାର ପ୍ରତିନିଧି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



ବୀରବର



ସୁଶୀଲ



ମିର୍ ଅହମ୍ମଦ ଅଲି



ପ୍ରଦୋଶ



ହିତେଶ



ଦୀପକ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

# ଚାରୁକଳା ଶିକ୍ଷାର ପ୍ରସାର ପାଇଁ ପରାମର୍ଶ

**ଭୁବନେଶ୍ୱର, ୨୪।୨(ବ୍ୟୁରୋ)**

କଳିଙ୍ଗ ଚାରୁକଳା ମହାବିଦ୍ୟାଳୟର ପ୍ରଥମ ପ୍ରତିଷ୍ଠା ଦିବସ ସୋମବାର ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରି ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ଉତ୍ସବକୁ ଉଦ୍‌ଘାଟନ କରି ଚାରୁକଳା ଶିକ୍ଷାର ଆବଶ୍ୟକତା ଓ ଉପାଦେୟତା ଉପରେ ଆଲୋକପାତ କରିଥିଲେ। ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦ ଅଧ୍ୟକ୍ଷ ଅମରେନ୍ଦ୍ର ପଟ୍ଟନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଚାରୁକଳା ଶିକ୍ଷାର ଉନ୍ନତି ନିମନ୍ତେ ଗଠନମୂଳକ ପରାମର୍ଶ ଦେଇଥିଲେ। ରାଜ୍ୟ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଯୁଗ୍ମ ସଚିବ ମନସ୍ୱିନୀ ସାହୁ ଅତିଥିଭାବେ ଯୋଗଦେଇ ଚାରୁକଳା ଶିକ୍ଷାର ପ୍ରଚାର ଓ ପ୍ରସାର ପାଇଁ ସରକାରୀ ସ୍ତରରେ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ବି.କେ. ଚାରୁ ଓ କାରୁକଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ମହାପାତ୍ର ଯୋଗଦେଇ ଚିତ୍ରକଳା ଶିକ୍ଷା କ୍ଷେତ୍ରରେ ତାଙ୍କ ନିଜସ୍ୱ ଅନୁଭୂତି ସମ୍ପର୍କରେ କହିଥିଲେ। ଶିକ୍ଷାବିତ୍ ଡ. ମଙ୍ଗଳା ପ୍ରସାଦ ମହାନ୍ତି ଅନ୍ୟତମ ଅତିଥିଭାବେ ଯୋଗଦେଇ ସାମ୍ପ୍ରତିକ ଶିକ୍ଷାର ଛାତ୍ରୀଛାତ୍ରମାନେ ପ୍ରତିଯୋଗିତା ମନୋଭାବ ଦ୍ୱାରା ସଫଳତାର ନିକଟତର ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ପ୍ରତିଷ୍ଠା ଦିବସ ଅବସରରେ ମହାବିଦ୍ୟାଳୟର ଭାସ୍କର୍ଯ୍ୟ ବିଭାଗ ଅଧ୍ୟାପକ ସୁଦୀପ ବାରିକ ଓ ନରୋତ୍ତମ ଦାସଙ୍କ ତତ୍ତ୍ୱାବଧାନରେ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପଲିଥିନ୍ ବ୍ୟବହାର ଓ ବୁଢ଼ିଆଣୀ ଜାଲ ଭଳି ସହରସାରା ଝୁଲୁଥିବା କେବୁଲ ତାରର ନିଷେଧକୁ ଏକନ୍‌ଷ୍ଟଲେଶନ ମାଧ୍ୟମରେ ସମାଜକୁ ବାର୍ତ୍ତା ଦେଇଥିଲେ। ଉତ୍ସବରେ ମହାବିଦ୍ୟାଳୟ ଅଧ୍ୟକ୍ଷ ତାରାକାନ୍ତ ପରିଡ଼ା ସ୍ୱାଗତ ଭାଷଣ ଦେଇଥିବାବେଳେ ଡ. ଆଶିଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।



# 'ମିଶନ ଗଙ୍ଗେ'ରେ ପ୍ରଦୂଷଣମୁକ୍ତ ଗଙ୍ଗାର ବାର୍ତ୍ତା

### ବାଏଅଫ୍‌ର ଚତୁର୍ଥ ସନ୍ଧ୍ୟା




**ପୁରୀ ଅଫିସ,୨୪।୨**

ଦିନ ଥିଲା ଗଙ୍ଗା ନଦୀ ସବୁଠୁ ପବିତ୍ର ବୋଲି ବିବେଚନା କରାଯାଉଥିଲା। ହେଲେ କାଳକ୍ରମେ ଏହା ଅଧିକ ପ୍ରଦୂଷିତ ନଦୀର ଅଲୋଡ଼ା ପରିଚୟ ପାଇବାକୁ ଲାଗିଲାଣି। ତେଣୁ ଏହାକୁ ପ୍ରଦୂଷଣମୁକ୍ତ କରିବା ଲାଗି ବିଭିନ୍ନ ସ୍ତରରେ ଉଦ୍ୟମ ଆରମ୍ଭ ହୋଇଛି। ସରକାର ବି ଏଥିପାଇଁ ବ୍ୟସ୍ତ। ଗଙ୍ଗା ସଫେଇ ଅଭିଯାନରେ ନିଜର ସହଭାଗିତା ରଖିବା ଲାଗି ବିଭିନ୍ନ ବ୍ୟକ୍ତିବିଶେଷ ମଧ୍ୟ ଏଥିରେ ସାମିଲ ହେଉଛନ୍ତି। ବିଭିନ୍ନ ସଙ୍ଗଠନ ମଧ୍ୟ ଗଙ୍ଗା ନଦୀକୁ ସଫା କରୁଛନ୍ତି। ଗଙ୍ଗା ନଦୀର ଏଭଳି ସ୍ଥିତି ଉପରେ ପର୍ଯ୍ୟବସିତ ପ୍ରାମାଣିକ ଚଳଚ୍ଚିତ୍ର 'ମିଶନ ଗଙ୍ଗେ' ପ୍ରଦର୍ଶିତ ହୋଇଛି ବାଏଅଫ୍‌ର ଚତୁର୍ଥ ସନ୍ଧ୍ୟାରେ। ଯୁବ ନିର୍ଦ୍ଦେଶକ ଅମୃତେନ୍ଦୁ ବରାଳଙ୍କ ଏହି ଚଳଚ୍ଚିତ୍ରର ଅବଧି ରହିଛି ୪୧ ମିନିଟ। ଉଭୟ ହିନ୍ଦୀ ଓ ଇଂଲିଶ ଭାଷାରେ ଏହି ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଛି। ଗଙ୍ଗା ନଦୀକୁ ପ୍ରଦୂଷଣମୁକ୍ତ କରିବାର ବାର୍ତ୍ତା ଦେଇଛି ଚଳଚ୍ଚିତ୍ର ମିଶନ ଗଙ୍ଗେ। ବଚ୍ଛେନ୍ଦ୍ରୀ ପାଲଙ୍କ ନେତୃତ୍ୱରେ ୪୦ଜଣ ଯୁବତୀ ଯୁବକ ଗଙ୍ଗା ନଦୀରେ ହରିଦ୍ୱାରରୁ ପାଟନା ପର୍ଯ୍ୟନ୍ତ ଭେଳାରେ ଯାତ୍ରା କରିଛନ୍ତି। ଉଦ୍ଦେଶ୍ୟ ହେଉଛି ଗଙ୍ଗାନଦୀ କିପରି ପ୍ରଦୂଷଣ ମୁକ୍ତ ହେବ। ଏହି ଅଭିଯାନରେ ସାମିଲ ଅଭିଯାତ୍ରୀ ବାଟରେ ପଡୁଥିବା କାନପୁର, ବନାରସ, ଆଲ୍ଲାହାବାଦ ପ୍ରଭୃତି ବଡ଼ ବଡ଼ ସହରରେ ପର୍ଯ୍ୟଟକ ଏବଂ ସ୍ଥାନୀୟ ଲୋକଙ୍କୁ ଗଙ୍ଗା ସଫେଇ ଲାଗି ସଚେତନ କରିଥିଲେ। ଗଙ୍ଗା ନଦୀ ପ୍ରଦୂଷଣ କାହିଁକି ହେଉଛି, ଏହାର ପ୍ରଭାବ କିପରି ଲୋକମାନଙ୍କ ଉପରେ ପଡୁଛି ଏବଂ ଏହାକୁ କିପରି ପ୍ରଦୂଷଣମୁକ୍ତ କରାଯାଇପାରିବ ସେ ବିଷୟରେ ବୁଝାଇଥିଲେ। ଏଥିସହ ବିଭିନ୍ନ ସ୍କୁଲ, କଲେଜକୁ ଯାଇ ଛାତ୍ରୀଛାତ୍ରଙ୍କୁ ମଧ୍ୟ ସଚେତନ କରିଥିଲେ। ମାସେ ପର୍ଯ୍ୟନ୍ତ ଚାଲିଥିବା ଏହି ଅଭିଯାନରେ ପ୍ରାୟ ୬୦ ହଜାର ଟନ୍ ଆବର୍ଜନା ଗଙ୍ଗା ନଦୀରୁ ବାହାର କରିଥିଲେ। ଏମିତି ଏକ ସଚେତନତାଧର୍ମୀ ଚଳଚ୍ଚିତ୍ର ମିଶନ ଗଙ୍ଗେ ସୋମବାର ବାଏଅଫ୍‌ରେ ସ୍କ୍ରିନିଂ କରାଯାଇଥିଲା। ଏହାବ୍ୟତୀତ ବଲାଇ ବିଶ୍ୱାସଙ୍କ ପ୍ରତିବିମ୍ବ ପ୍ରମୁଖ ଚଳଚ୍ଚିତ୍ର ମଧ୍ୟ ପ୍ରଦର୍ଶିତ ହୋଇଥିଲା।



ରାମ ନାମ ପାପୀମାନଙ୍କ ପାଇଁ ପରମ ଔଷଧ।
- ମହର୍ଷି ବାଲ୍ମୀକି



# 'ଶିଶୁପାଳଗଡ଼ ଗଡ଼ଖାଇର ହେବ ପୁନରୁଦ୍ଧାର'

**ପୁରୁଣା ଭୁବନେଶ୍ୱର, ୨୪। ୨ (ଡି.ଏନ.ଏ.)**

ଐତିହ୍ୟ ସଂରକ୍ଷିତ ରଖିବା ନେଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଯେତେ ଘୋଷଣା, ଯୋଜନା ପ୍ରସ୍ତୁତ କଲେ ମଧ୍ୟ ଜବରଦଖଲ ଯୋଗୁ ଏସବୁ କାର୍ଯ୍ୟ ଆଗେଇ ପାରୁନାହିଁ। ଜବରଦଖଲ ଯୋଗୁ ବର୍ଷ ବର୍ଷ ହେବ ପରସ୍ପରକୁ ଦୋଷାରୋପ ଭିତରେ ଶିଶୁପାଳଗଡ଼ ଗଡ଼ଖାଇ ନିଶ୍ଚିହ୍ନ ହେବାକୁ ବସିଲାଣି। ୨୦୦୦ବର୍ଷ ତଳର ଐତିହ୍ୟ ସୁରକ୍ଷା ନେଇ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ପ୍ରସ୍ତୁତି ଆରମ୍ଭ କରିଛି। ଏହାର ପୁନରୁଦ୍ଧାର କରାଯିବ ବୋଲି ଏଏସ୍ଆଇ ପକ୍ଷରୁ କୁହାଯାଇଛି। ଶିଶୁପାଳଗଡ଼ର ଚତୁଃପାର୍ଶ୍ୱରୁ ଶତ୍ରୁ ଭିତରକୁ ପଶି ନ ପାରିବା ଲାଗି ଗଡ଼ଖାଇ ଖୋଳା ଯାଇଥିଲା। ଶିଶୁପାଳଗଡ଼ର ଚତୁଃପାର୍ଶ୍ୱରେ ଗନ୍ଧବତୀ ନଦୀ ବର୍ତ୍ତମାନର ଗଙ୍ଗୁଆ ନାଳ ରହିଛି। କେତେକ ଦିଗରେ ବଡ଼ ବଡ଼ ଜଳାଶୟ ଓ ନାଳ ସୁରକ୍ଷା ନେଇ ଖୋଳା ଯାଇଥିଲା। କାଲିଫର୍ନିଆ ଓ ଜର୍ମାନୀର ବହୁ ଗବେଷକଙ୍କ ସହ ଦେଶର ବିଭିନ୍ନ ପ୍ରାନ୍ତରୁ ଐତିହାସିକଙ୍କୁ ଗଡଖାଇ ଆକୃଷ୍ଟ କରିଥିଲା। ମୁଖ୍ୟଗଡ଼ର ମୋଟ ୧୧୯୦ ମିଟର ଲମ୍ବ ଓ ୧୧୫୦ ମିଟର ପ୍ରସ୍ତ ରାମପାର୍ଟ ଓ ଗଡ଼ଖାଇର ବିଭିନ୍ନ ଅଂଶ ଅବାଧ ଭାବେ କାଟି ଓ ପୋତି ଜବରଦଖଲ କରାଯାଇଛି। ଏବେ ଏଠାକାର ଜମିକୁ ବିକ୍ରି କରାଯିବା ପରେ ଗୃହ ନିର୍ମାଣ କରାଯାଉଛି। ଏଥିସହ ଶିଶୁପାଳଗଡ଼ର ଶିଳାକୁ ନେଇ ଏକ ଶିବ ଲିଙ୍ଗ ସଦୃଶ କରାଯାଇଥିବା ଦେଖିବାକୁ ମିଳିଛି।



ଐତିହ୍ୟ ଶିଳାକୁ ନେଇ ଶିବଲିଙ୍ଗ ଆକୃତି କରାଯାଇଛି।

## ପୁନରୁଦ୍ଧାର ପାଇଁ ଜବରଦଖଲ ହେବ ଉଚ୍ଛେଦ

ରାଜ୍ୟ ସରକାରଙ୍କୁ ଦୋଷାରୋପ କରି ଆସୁଥିବା ଏଏସ୍ଆଇ ବିଳମ୍ବରେ ହେଲେ ମଧ୍ୟ ଶିଶୁପାଳଗଡ଼ ପୁନରୁଦ୍ଧାର କରିବାକୁ ସକ୍ରିୟ ହୋଇଉଠିଛି। ଏ ନେଇ ଏଏସ୍ଆଇ ବରିଷ୍ଠ ଅଧିକାରୀ ନିର୍ମଳ ମହାପାତ୍ର କହିଛନ୍ତି, ଭୁବନେଶ୍ୱର ସର୍କଲ ମୁଖ୍ୟ ପୁରାତତ୍ତ୍ୱ ଅଧୀକ୍ଷଣ ଅଧିକାରୀ ପ୍ରତ୍ୟକ୍ଷ ଭାବେ ଗଡ଼ ଅଞ୍ଚଳ ବୁଲି ଦେଖିଥିଲେ। ଏଥିସହ ଶିଶୁପାଳଗଡ଼ ଓ ଗଡ଼ଖାଇର ସୁରକ୍ଷାକୁ ଦୃଷ୍ଟିରେ ରଖି ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିବାକୁ ବୈଠକରେ ସ୍ଥିର ହୋଇଛି। ମୌଳିକ ସୁବିଧା ଆଳରେ ରାଜ୍ୟ ସରକାର ଅବଗତ ଥାଇ ମଧ୍ୟ ବିଭିନ୍ନ ବିଭାଗ ପକ୍ଷରୁ ବିଦ୍ୟୁତ୍, ପାଣି ଓ ରାସ୍ତା ପରି ସେବା ଯୋଗାଇ ଦେଇଛନ୍ତି। ଏଥିଯୋଗୁ କିଛିଟା ଅସୁବିଧା ଦେଖାଦେଇଛି। ଆମ ବିଭାଗ ପକ୍ଷରୁ ପୁନର୍ବାର ଏ ନେଇ ରାଜ୍ୟ ସରକାରଙ୍କୁ ଚିଠି ମାଧ୍ୟମରେ ଜଣାଇବା ପରେ ଖନନ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସେ ଜଣାଇଛନ୍ତି। ତାଙ୍କ ମତରେ କେବଳ ଏଏସ୍ଆଇ ନୁହେଁ, ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗର ପୁରାତତ୍ତ୍ୱ ଅଧିକାରୀ ଡ. ବି.କେ. ରଥ ବିଭିନ୍ନ ସମୟରେ ସ୍ଥାନୀୟ ପୋଲିସ ଓ ପ୍ରଶାସନର ଆନ୍ତରିକତା ଅଭାବ ଯୋଗୁ ଏଭଳି ସଙ୍କଟ ଦେଖାଯାଇଥିବା କହିଛନ୍ତି।

## ରାମପାର୍ଟ ପରେ ଗଡ଼ଖାଇକୁ ପୋତିବା ଆରମ୍ଭ

ଶିଶୁପାଳଗଡ଼ର ମୁଖ୍ୟ ଗଡ଼କୁଦ ଅବା ରାମପାର୍ଟ ଓ କୀର୍ତ୍ତିରାଜି ସ୍ଥଳଗୁଡ଼ିକୁ ଐତିହ୍ୟ ନାମରେ ରେକର୍ଡ ନ କରାଇ ରାଜସ୍ୱ ଦସ୍ତାବିଜରେ ରକ୍ଷିତ, ଅନାବାଦୀ ଓ ଗ୍ରାମ୍ୟ ଜଙ୍ଗଲ ପରି କରାଯାଇଛି। ଫଳରେ ମୌଳିକ ସୁବିଧା ମିଳିବାରେ ଜବରଦଖଲକାରୀଙ୍କୁ ଏହା ସୁହାଉଛି। ଫଳରେ ଜବରଦଖଲ ସମସ୍ୟା ବଢ଼ି ଚାଲିଛି। କେତେକ କ୍ଷେତ୍ରରେ ରାଜସ୍ୱ ଅଧିକାରୀ ଚଞ୍ଚକତା କରି ଜମିର କିସମ ବଦଳାଇ ଘରବାରି କରିଛନ୍ତି। ଶିଶୁପାଳ, ଲିଙ୍ଗିପୁର, ମହାଭୋଇ ଶାସନ, ବଡ଼ଧାନପୁର ଆଦି ମୌଜାର ବିଭିନ୍ନ ସ୍ଥଳ ଭାଗ ଜବରଦଖଲକାରୀ ପୋତି ଦେଇଛନ୍ତି। ଏବେ ଗଡ଼ଖାଇ ଓ ଜଳାଶୟ ରହିଥିବା ଅଞ୍ଚଳ ପୋତି ଜବରଦଖଲ କରିବାକୁ ମଡ଼ାଣ ଦେଇ ବିକ୍ରି ଆରମ୍ଭ କରିଛନ୍ତି। ବଡ଼ଧାନପୁର ମୌଜାର ଖାତା ନଂ. ୨୫୨, ପ୍ଲଟ ନଂ. ୩୭, ମୋଟ ୩୮୫ ଜଳାଶୟ ରହିଥିବାବେଳେ ଏହାକୁ ଲାଗି କରି ପ୍ଲଟ ନଂ. ୩୮ ରାମପାର୍ଟ ରହିଛି। ମାତ୍ର ଏହି ଜଳାଶୟକୁ ପୋତି ରାମପାର୍ଟ କାଟି ଏଠାରେ ରାସ୍ତା ନିର୍ମାଣ କରାଯାଉଛି।

## ୭ ବର୍ଷ ହେବ ରାଜ୍ୟ ସରକାରଙ୍କ ସର୍ଭେ ସରିନି

ଶିଶୁପାଳଗଡ଼ ସୁରକ୍ଷା ବିପନ୍ନ ହେବା ଯୋଗୁ ରାଜ୍ୟ ସରକାର ବିଶ୍ୱ ସ୍ତରରେ ଢେର ଅପନିନ୍ଦା ମୁଣ୍ଡାଇଛନ୍ତି। ୨୦୧୩ରେ ରାଜ୍ୟ ସରକାରଙ୍କ ପକ୍ଷରୁ ଖୋର୍ଦ୍ଧା ଜିଲା ପ୍ରଶାସନକୁ ଶିଶୁପାଳଗଡ଼ ଓ ଚତୁଃପାର୍ଶ୍ୱ ସ୍ଥିତି ପରଖି ଏକ ରିପୋର୍ଟ ପ୍ରସ୍ତୁତ କରିବାକୁ ଜଣାଇଥିଲେ। ତତ୍କାଳୀନ ଖୋର୍ଦ୍ଧା ଜିଲାପାଳ ମାତ୍ର ୧ ମାସ ମଧ୍ୟରେ ରିପୋର୍ଟ ପ୍ରସ୍ତୁତ କରି ଶିଶୁପାଳଗଡ଼ ଅଞ୍ଚଳରେ ଜବରଦଖଲକାରୀଙ୍କ ନିର୍ମାଣ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଜଣାଇଥିଲେ। ସେତେବେଳର ଆରଡିସି ମଧ୍ୟ ସର୍ଭେ ରିପୋର୍ଟ ଜିଲା ପ୍ରଶାସନକୁ ଦେଇଥିଲେ। ପରେ ଏହି ଐତିହ୍ୟ ସୁରକ୍ଷା ନେଇ ସ୍ଥାୟୀ ପ୍ରତିକାର କରାଯିବ ବୋଲି ଜଣାଇଥିଲେ। ଆଇଆଇଟି ପ୍ରଫେସର ସଂଘମିତ୍ରା ସାହୁ ବିଡିଏର ନକ୍ସା ପ୍ରସ୍ତୁତିରେ ମୁଖ୍ୟ ଭୂମିକା ନେଇଥିଲେ। ଶିଶୁପାଳଗଡ଼ ଅଞ୍ଚଳରେ ଜବରଦଖଲ ପରେ ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ନେଇ ରାଜ୍ୟ ସରକାର ଓ ବିଡିଏ କର୍ତ୍ତୃପକ୍ଷଙ୍କୁ ଜଣାଇଥିବା ମଧ୍ୟ ଉଲ୍ଲେଖ ରହିଛି। ମାତ୍ର ଦୀର୍ଘ ୭ ବର୍ଷ ହେବ ରାଜ୍ୟ ସରକାରଙ୍କ ସର୍ଭେ ରିପୋର୍ଟ ପ୍ରସ୍ତୁତ ହୋଇପାରି ନ ଥିବାରୁ ସମସ୍ତ ଅଧିକାରୀଙ୍କ ପାରିବା ପଣିଆ ଓ ଆନ୍ତରିକତା ପଦାରେ ପଡ଼ିଛି।

## ସଂକ୍ଷେପରେ

### ସଂଘବଦ୍ଧ ଆକ୍ରମଣ, ଜଣେ ଗୁରୁତର

**ପିପିଲି, ୨୪।୨ (ସ୍ୱ.ପ୍ର.):** ପିପିଲି ଥାନା କଣ୍ଟି ପଞ୍ଚାୟତ କାକୁଡିଆ ଗ୍ରାମର ଅଜୟ ଦାସଙ୍କୁ ସୋମବାର ରାତିରେ ସଂଘବଦ୍ଧଭାବେ ମରଣାନ୍ତକ ଆକ୍ରମଣ ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, କାକୁଡିଆ ଗ୍ରାମର ଅଜୟଙ୍କୁ ପ୍ରାୟ ୧୦ଜଣ ବ୍ୟକ୍ତି ସଂଘବଦ୍ଧ ଭାବେ ଗ୍ରାମର ମନ୍ଦିର ନିକଟରେ ଗୋଡାଇ ଗୋଡାଇ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଖବରପାଇ ପରିବାରଲୋକେ ଘଟଣାସ୍ଥଳରେ ପହଞ୍ଚି ଅଜୟଙ୍କୁ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଆକ୍ରମଣର କାରଣ ଜଣାପଡି ନ ଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ଘଟଣା ଘଟିଛି ବୋଲି ଗ୍ରାମବାସୀ କହିଛନ୍ତି। ରିପୋର୍ଟ ଲେଖା ହେବା ବେଳକୁ ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ ଶରତ କୁମାର ସାହୁ କହିଛନ୍ତି।

### କାନ୍ତକବିଙ୍କ ଶ୍ରାଦ୍ଧବାର୍ଷିକୀ

**କଟକ ଅଫିସ, ୨୪।୨:** ସମୀଚୀନ ଆନୁକୂଲ୍ୟରେ ମର୍କତନଗରଠାରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଶ୍ରାଦ୍ଧବାର୍ଷିକୀ ସୋମବାର ପାଳିତ ହୋଇଯାଇଛି। ସାମାଜିକ କର୍ମୀ ଗୋବିନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଟକ ମହାନଗର ନାଗରିକ ମହାସଭାର ସଭାପତି ଡା. ରବିରଞ୍ଜନ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସେ କହିଥିଲେ ତାଙ୍କ ଦ୍ୱାରା ରଚିତ 'ବନ୍ଦେ ଉତ୍କଳ ଜନନୀ' ଜାତୀୟ ସଙ୍ଗୀତର ମାନ୍ୟତା ଲାଭ କରିଛି। ଯାହା ଓଡ଼ିଆମାନଙ୍କ ମନରେ ତାଙ୍କୁ ଚିରସ୍ମରଣୀୟ କରି ରଖିବ। ଅନ୍ୟତମ ଅତିଥି ଡା. ପରିଣୀତା ଦାସ କହିଥିଲେ, କାନ୍ତକବିଙ୍କ ନାଟକ, ଏକାଙ୍କିକା ଓ ଶିଶୁ ସାହିତ୍ୟ ସମାଜକୁ ବାର୍ତ୍ତା ପ୍ରଦାନ କରିଥାଏ। ଡା. ରେଣୁକା ପରିଜା, ଡା. ପବିତ୍ର ମହାନ୍ତି, ଲୋପାମୁଦ୍ରା ଜେନା ପ୍ରମୁଖ ଅଂଶଗ୍ରହଣ କରିଥିଲେ। କବିତା ମହାରଣା ଧନ୍ୟବାଦ ଦେଇଥିଲେ।

### ଶାଶୁ ନିର୍ଯାତନା ଦେଉଥିବା ଅଭିଯୋଗ କଲେ ବୋହୂ

**ବେଗୁନିଆ, ୨୪।୨ (ଡି.ଏନ୍.ଏ.):** ବେଗୁନିଆ ବ୍ଲକ କୋଟପଲ୍ଲା ଗ୍ରାମର ଜଣେ ବୋହୂ ତାଙ୍କ ଶାଶୁଙ୍କ ନାମରେ ନିର୍ଯାତନା ଅଭିଯୋଗ ବାଘମାରୀ ଥାନାରେ କରିଛନ୍ତି। ଏ ନେଇ ଥାନାରେ ଦଫା ୨୯୪, ୩୨୪, ୫୦୬ରେ ନଂ. ୨୩/୨୦ରେ ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ପୋଲିସ ସୂଚନା ଅନୁସାରେ, ଉକ୍ତ ଗ୍ରାମର ରଶ୍ମି ରଞ୍ଜନ ବିଶ୍ୱାଳଙ୍କ ପତ୍ନୀ ନିଳିମା ତାଙ୍କ ପରିବାରରେ ସର୍ବଦା ନିର୍ଯାତିତ ହେଉଥିବାର ଅଭିଯୋଗ କରିଛନ୍ତି। ବିଶେଷକରି ତାଙ୍କ ଶାଶୁଙ୍କ ନାମରେ ସେ ନିର୍ଯାତନା ଅଭିଯୋଗ ଦେଇଛନ୍ତି।

### ଟ୍ରମ୍ପ୍‌ଙ୍କ ଭାରତଗସ୍ତକୁ ବିରୋଧ କରି ବିକ୍ଷୋଭ

**କଟକ ଅଫିସ, ୨୪।୨:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଭାରତଗସ୍ତକୁ ସିପିଆଇ ଓ ସିପିଆଇ(ଏମ୍) ପକ୍ଷରୁ ବିରୋଧ କରାଯାଇଛି। ସୋମବାର କଟକ ଓଏମ୍‌ପିଠାରେ ମାନବଶୃଙ୍ଖଳ କରାଯିବା ସହ କର୍ମୀମାନେ ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିସହ ଟ୍ରମ୍ପ୍‌ଙ୍କ କୁଶପୁତଳିକା ଦାହ କରାଯାଇଥିଲା। ସିପିଆଇ ଜିଲା ସମ୍ପାଦକ ବଦ୍ରିନାରାୟଣ ଦାଶ କହିଛନ୍ତି, ଦେଶରେ ଆର୍ଥିକ ସଙ୍କଟ, ବେକାରୀ ଓ ଚାଷୀ ଆତ୍ମହତ୍ୟା ଭଳି ଅନେକ ସମସ୍ୟା ଥିବାବେଳେ କେନ୍ଦ୍ର ସରକାର ଟ୍ରମ୍ପ୍‌ଙ୍କ ଭାରତଗସ୍ତ ପାଇଁ ଏଭଳି ଭବ୍ୟ କାର୍ଯ୍ୟକ୍ରମ ଆୟୋଜନ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏହି କାର୍ଯ୍ୟକ୍ରମରେ ଅମରେନ୍ଦ୍ର ମହାନ୍ତି, କିଶୋର ଜେନା, ରବିନାରାୟଣ ମଲ୍ଲିକ, ନଗର ସମ୍ପାଦକ ପ୍ରତାପ ମହାପାତ୍ର, ବିନୋଦ ବେହେରା, ବିଷ୍ଣୁ ବେହେରା ପ୍ରମୁଖ ସାମିଲ ହୋଇଥିଲେ।

### ନିଲମ୍ବନ ଆଦେଶ ପ୍ରତ୍ୟାହୃତ

**କଟକ ସଦର, ୨୪।୨ (ଡି.ଏନ.ଏ.):** ଜିଲା ପରିଷଦ ଉପନିର୍ବାଚନ ପରିପ୍ରେକ୍ଷୀରେ କଟକ ସଦର ନିର୍ବାଚନ ମଣ୍ଡଳୀ ଅଧୀନ କିଶୋର ନଗର ପଞ୍ଚାୟତ ବିଜେଡି ସଭାପତି ସୁରେଶ ଚନ୍ଦ୍ର ବିଶୋୟୀଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହୃତ ହୋଇଛି। କାରଣ ଦର୍ଶାଅ ନୋଟିସ୍‌ର ଉତ୍ତର ମିଳିବା ପରେ କଟକ ସଦର ବିଧାୟକଙ୍କ ପରାମର୍ଶକ୍ରମେ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଗଲା ବୋଲି ବ୍ଲକ ବିଜେଡି ସଭାପତି ପ୍ରମୋଦ ମହାପାତ୍ର ଜଣାଇଛନ୍ତି।

# ରାଜଧାନୀରୁ ଠାବ ହେଲା ନିଷିଦ୍ଧ ପ୍ଲାଷ୍ଟିକ୍ ଗୋଦାମ

**ଭୁବନେଶ୍ୱର, ୨୪।୨ (ବ୍ୟୁରୋ)**

ଡ଼ମଣା ଛକସ୍ଥିତ ଦୈନିକ ହାଟର ପଛପଟେ ଲୁଚାଛପାରେ ଏକ ପ୍ଲାଷ୍ଟିକ ଗୋଦାମରେ ବ୍ୟବସାୟ ଚାଲିଥିଲା। ଏହି ଗୋଦାମକୁ ବିଏମ୍‌ସି ପ୍ଲାଷ୍ଟିକ୍ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାର୍ଡ ସୋମବାର ଠାବ କରିଛି। ଉକ୍ତ ଅଞ୍ଚଳକୁ ପ୍ଲାଷ୍ଟିକ୍ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡର ଗସ୍ତ ସମୟରେ କେତେଜଣ ଲୋକଙ୍କ ସନ୍ଦେହଜନକ ଆଚରଣକୁ ଆଧାର କରି ଉକ୍ତ ଟିମ୍ କୌଶଳକ୍ରମେ ନିଷିଦ୍ଧ ପ୍ଲାଷ୍ଟିକ ଓ ପଲିଥିନ୍ ରଖାଯାଇଥିବା ଗୋଦାମରେ ପହଞ୍ଚି ଥିଲେ। ଏହି ଗୋଦାମରେ ରହିଥିବା ସାମଗ୍ରୀଗୁଡ଼ିକର ମାଲିକ ଟୁକୁନା ସାହୁ ବୋଲି ଜଣାପଡ଼ିଥିଲା। ପରେ ଜୋନାଲ୍ ଡେପୁଟି କମିଶନର ପ୍ରମୋଦ କୁମାର ପୃଷ୍ଟିଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ସ୍କ୍ୱାଡର ରଣନୀତି ସ୍ଥିର କରାଯାଇଛି। ଘରଗୁଡ଼ିକୁ ଯାଞ୍ଚ କରାଯାଇଥିଲା। କ୍ରମେ ସ୍କ୍ୱାର୍ଡ ସଦସ୍ୟମାନେ ଘର ଭିତରକୁ ପଶିଲା ପରେ ସେଠାରେ ଏକାଧିକ ଟ୍ରକ ପରିମାଣର ନିଷିଦ୍ଧ ପ୍ଲାଷ୍ଟିକ୍ ଦ୍ରବ୍ୟ ମହଜୁଦ ରହିଥିବା ଚିତ୍ର ସାମ୍ନାକୁ ଆସିଥିଲା। ଗୋଟି ଗୋଟି କରି କାର୍ଟୁନ୍ ଓ ବ୍ୟାଗ୍‌କୁ ଦେଖିବା ପରେ ଅଧିକାଂଶ ଠୁଳ ହୋଇଥିବା ଦ୍ରବ୍ୟ ନିଷିଦ୍ଧ ପ୍ଲାଷ୍ଟିକ୍ ବୋଲି ଜାଣି ପାରିଥିଲେ। ସମ୍ପୃକ୍ତ ସ୍କ୍ୱାଡ଼ ସଦସ୍ୟ। ଏହାପରେ ଡେ଼ପୁଟି କମିଶନର ସାନିଟେସନ୍ ଶୁଭେନ୍ଦୁ ସାହୁଙ୍କ ପରାମର୍ଶ କ୍ରମେ ବିଏମ୍‌ସିର କିର୍ତ୍ତିମାନ୍ ଷଡ଼ଙ୍ଗୀ ଏବଂ ଏସ୍ ବି ଏ ସେଲ୍‌ର ସୁନୀଲ କୁମାର ସାମଲ ସମ୍ପୃକ୍ତ ସ୍ଥାନକୁ ଯାଇ ପ୍ୟାକ୍ ହୋଇ ରହିଥିବା ଦ୍ରବ୍ୟ ଗୁଡ଼ିକୁ ଦେଖି ଏଗୁଡ଼ିକ ନିଷିଦ୍ଧ ପ୍ଲାଷ୍ଟିକ୍ ଦ୍ରବ୍ୟ ବୋଲି ସାବ୍ୟସ୍ତ କରିଥିଲେ। ଗୋଦାମ ଭଳି ଠୁଳ କରି ରଖାଯାଇଥିବା ଉକ୍ତ ପ୍ଲାଷ୍ଟିକ୍ ଦ୍ରବ୍ୟ ମଧ୍ୟରେ ଥର୍ମୋକୁଲ୍ କପ୍, ଥର୍ମୋକୁଲ୍ ଓ ପ୍ଲାଷ୍ଟିକ୍ ଗ୍ଲାସ୍, ପଲିଥିନ୍, କ୍ୟାରିବ୍ୟାଗ୍ ଇତ୍ୟାଦି ରହିଥିବାର ଜଣାପଡ଼ିଥିଲା। ଜବତ ହୋଇଥିବା ଏହି ସମସ୍ତ ସାମଗ୍ରୀ ନିଷିଦ୍ଧ ପ୍ଲାଷ୍ଟିକ୍ ମଧ୍ୟରେ ପ୍ରାୟ ୨.୫ ଟନ୍‌ର ନିଷିଦ୍ଧ ପଲିଥିନ୍ କ୍ୟାରିବ୍ୟାଗ୍ ଥିବାର ଜଣାପଡ଼ିଥିଲା। ଡ଼ମଣା ହାଟରେ ତେଜରାତି ଦୋକାନ ଦେଇଥିବା ଟୁକୁନା ସାହୁ ଏହି ଗୋଦାମକୁ ଭଡ଼ା ନେଇ ଏଠାରେ ଟ୍ରକ୍ ଟ୍ରକ୍ ପଲିଥିନ୍ ବେପାର ଚଳାଉ ଥିଲେ। ତେବେ ଜବତ ହୋଇଥିବା ପ୍ରାୟ ୫ ଟ୍ରକ୍ ନିଷିଦ୍ଧ ପ୍ଲାଷ୍ଟିକ୍ ସାମାକୁ ବିଏମ୍‌ସି ଯାତ୍ରୀ ନିବାସକୁ ଅଣାଯାଇଛି। ସମ୍ପୃକ୍ତ ବ୍ୟବସାୟୀଙ୍କୁ ୫୦ ହଜାର ଟଙ୍କାର ଆର୍ଥିକ ଜରିମାନା କରାଯାଇଛି।

ପୋଲିସ ସୂଚନା ମୁତାବକ, ଡ଼ମଣା ହାଟ ପଛପଟେ ଏକ କଣ୍ଟା ଝଟା ସ୍ଥାନରେ ସରକାରୀ ଭୂମିରେ ପ୍ରାୟ ୬୦୦ ବର୍ଗଫୁଟ ଅଞ୍ଚଳରେ ମାଙ୍କଡ଼ା ପଥରର ଦୁଇଟି ଘରେ ଏହି ଗୋଦାମ କରାଯାଇଛି। କର୍ତ୍ତୃପକ୍ଷଙ୍କ ଦୃଷ୍ଟିଗୋଚର ହେଲା ପରେ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଅମିନ ଡ଼କାଯାଇ ଏହି ସ୍ଥାନର ମାପଚୁପ କରାଯାଇଛି। ଏହାର ବିବରଣୀ ପ୍ରସ୍ତୁତ ହେଲାପରେ ବେଆଇନ୍ ଘରକୁ ଭାଙ୍ଗିବାକୁ ନିୟମିତ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ଅତିରିକ୍ତ କମିଶନର ଅବନିକାନ୍ତ ପଟ୍ଟନାୟକ।



କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଶ୍ରାଦ୍ଧ ଦିବସ ପାଳନ ଅବସରରେ ସୋମବାର ଉତ୍କଳ ସମ୍ମିଳନୀ ଓ ପୂଜ୍ୟପୂଜା ସଂସ୍କୃତି ଅଭିଯାନ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।



ଭୁବନେଶ୍ୱରସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସଠାରେ ସୋମବାର ଉଦ୍‌ଘାଟିତ ଜାତୀୟସ୍ତରୀୟ ସମ୍ମିଳନୀରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ଜନଜାତିଙ୍କ ବିକାଶ ଦିଗରେ ଆଲୋଚନା

**ଭୁବନେଶ୍ୱର, ୨୪।୨ (ବ୍ୟୁରୋ)**

ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସ(ଆଇଏଲ୍ଏସ୍) ଓ ପ୍ରୟାଗରାଜସ୍ଥିତ ନ୍ୟାଶନାଲ ଏକାଡେମୀ ଅଫ୍ ସାଇନ୍ସେସ୍‌ର ମିଳିତ ଆନୁକୂଲ୍ୟରେ ସୋମବାର ଏକ ଜାତୀୟସ୍ତରୀୟ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି। ଆଇଏଲ୍ଏସ୍‌ଠାରେ ଆୟୋଜିତ ସମ୍ମିଳନୀରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସେ କହିଥିଲେ, କୃଷି, ସ୍ୱାସ୍ଥ୍ୟ ଓ ପୋଷଣ ସୁରକ୍ଷା କ୍ଷେତ୍ରରେ ବିଜ୍ଞାନ ଓ ପ୍ରଯୁକ୍ତି ପ୍ରୟୋଗର ଗୁରୁତ୍ୱ ରହିଛି। ଜନଜାତି ସମ୍ପ୍ରଦାୟଙ୍କ ସୁରକ୍ଷା ଓ ସଂରକ୍ଷଣ ଦିଗରେ ମଧ୍ୟ ଏହା ଗୁରୁତ୍ୱ ବହନ କରେ ବୋଲି ମନ୍ତ୍ରୀ କହିଥିଲେ। ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ମନ୍ତ୍ରୀ ଜଗନ୍ନାଥ ସାରକା ଅତିଥିଭାବେ ଯୋଗଦେଇ ଜନଜାତି ସମ୍ପ୍ରଦାୟଙ୍କ ପାଇଁ ରାଜ୍ୟ ଗ୍ରହଣ କରୁଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ନ୍ୟାଶନାଲ ଏକାଡେମୀ ଅଫ୍ ସାଇନ୍ସେସ୍‌ର ସଭାପତି ପ୍ରଫେସର ଜି. ପଦ୍ମନାଭନ, ଡ. ମଞ୍ଜୁ ଶର୍ମା, ଡ. ପରମଜିତ୍ ଖୁରାନା, ଡ. ସତ୍ୟ ଦେଓ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସମ୍ମିଳନୀରେ ୧୫ ରାଜ୍ୟରୁ ୧୮ ଗବେଷଣା ଅନୁଷ୍ଠାନ ସମେତ ୩୫୦ଜଣ ଯୋଗ ଦେଇଛନ୍ତି ବୋଲି ଆଇଏଲ୍ଏସ୍ ନିର୍ଦ୍ଦେଶକ ଡ. ଅଜୟ ପରିଡ଼ା ସୂଚନା ଦେଇଛନ୍ତି। ସମ୍ମିଳନୀରୁ ଯେଉଁ ନିର୍ଯାସ ବାହାରିବ, ତାହା ଜନଜାତି ସମ୍ପ୍ରଦାୟର ବିକାଶ କ୍ଷେତ୍ରରେ ଲାଭପ୍ରଦ ହେବ ବୋଲି ନିର୍ଦ୍ଦେଶକ ଆଶାପ୍ରକଟ କରିଛନ୍ତି। ଆଇଏଲ୍ଏସ୍ ପରିସରରେ ବିଭିନ୍ନ ରାଜ୍ୟର ଜନଜାତି ସାମଗ୍ରୀ ଓ ଖାଦ୍ୟ ଥିବା ୨୦ ଷ୍ଟଲ୍ ପଡ଼ିଛି। ସନ୍ଧ୍ୟାରେ ବିଭିନ୍ନ ଜନଜାତି ଗ୍ରୁପ୍ ପକ୍ଷରୁ ଫୋକ୍ ନୃତ୍ୟ ପରିବେଷଣ ହୋଇଥିଲା। ସୂଚନାଯୋଗ୍ୟ, ଦୁଇଦିନିଆ ଏହି ସମ୍ମିଳନୀରେ କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ସହାୟତାରେ ନ୍ୟାଶନାଲ ଏକାଡେମୀ ଅଫ୍ ସାଇନ୍ସେସ ପକ୍ଷରୁ ସାରା ଦେଶରେ ଜନଜାତିଙ୍କ ବିକାଶ ଦିଗରେ କାର୍ଯ୍ୟ କରାଯାଉଥିବା ବିଭିନ୍ନ ପ୍ରକଳ୍ପ ଉପରେ ଆଲୋଚନା ହେବ।

# ସ୍ୱର୍ଗଦ୍ୱାର ଜବରଦଖଲ ଉଚ୍ଛେଦ

**ପୁରୀ ଅଫିସ, ୨୪।୨**

- ଭଙ୍ଗାଗଲା ୪ ଦୋକାନ, ଗୋଟିଏ ଧର୍ମଶାଳା
- ବଡ଼ ବ୍ୟବସାୟ ପ୍ରତିଷ୍ଠାନ ଉଚ୍ଛେଦ କେବେ



ସ୍ୱର୍ଗଦ୍ୱାର ନିକଟରେ ଜବରଦଖଲରେ ଥିବା ଘରକୁ ଉଚ୍ଛେଦ କରାଯାଉଛି।

ସ୍ୱର୍ଗଦ୍ୱାର ଜବରଦଖଲ ଉଚ୍ଛେଦ ଆରମ୍ଭ ହୋଇଛି। ସରକାର ସ୍ୱର୍ଗଦ୍ୱାରର ଆଧୁନିକୀକରଣ କାମ ଆରମ୍ଭ କରିବା ପରେ ଜବରଦଖଲକୁ ନେଇ ବେଶ୍ ଚର୍ଚ୍ଚା ହୋଇଥିଲା। ବହୁ ବଡ଼ବଡ଼ିଆ ସ୍ୱର୍ଗଦ୍ୱାର ଜମି ମାଡ଼ିବସିଥିବା ବେଳେ ଏହାକୁ ଉଚ୍ଛେଦ ନ କରି ସୀମିତ ଜାଗାରେ କିପରି ବିକାଶ ସମ୍ଭବ ସେନେଇ ବିଭିନ୍ନ ସଙ୍ଗଠନ ଅଭିଯୋଗ କରିଥିଲେ। ଶେଷରେ ସୋମବାର ସ୍ୱର୍ଗଦ୍ୱାର ଜମିରେ ଥିବା ଜବରଦଖଲ ଉଚ୍ଛେଦ କରାଯାଇଛି। ପ୍ରାଥମିକ ଭାବେ ୪ଟି ଦୋକାନ ଘର ଏବଂ ଗୋଟିଏ ଧର୍ମଶାଳାକୁ ଭଙ୍ଗାଯାଇଛି। ତେବେ ଆହୁରି ଅନେକ ଜମି ଜବରଦଖଲରେ ଥିବାବେଳେ ପ୍ରଶାସନ ପକ୍ଷରୁ ଏହାକୁ ଉଚ୍ଛେଦ କରାଯାଉଛି ନା ନାହିଁ ତାହା ଉପରେ ଏବେ ସମସ୍ତଙ୍କ ନଜର।

ପୁରୀ ସମୁଦ୍ର କୂଳକୁ ଲାଗି ବାଲିସାହି ମୌଜାରେ ରହିଛି ସ୍ୱର୍ଗଦ୍ୱାର ଶ୍ମଶାନ। ସାବକ ରେକର୍ଡରେ ୧୬ ଏକର ୪୦୦ ଡେସିମିଲ ଜମିରେ ସ୍ୱର୍ଗଦ୍ୱାର ଶ୍ମଶାନ ଥିବାବେଳେ ହାଲ୍ ରେକର୍ଡରେ ଏହା ୪୬୫ ଡେସିମିଲକୁ ହ୍ରାସ ପାଇଛି। ଅଧିକାଂଶ ଜମି ବେଆଇନ ଭାବେ ଅନ୍ୟମାନଙ୍କ ନାମରେ ରେକର୍ଡ ହୋଇଛି। ବର୍ତ୍ତମାନ ସ୍ୱର୍ଗଦ୍ୱାର ଶ୍ମଶାନ କହିଲେ ୧ ଏକରଠାରୁ କମ୍ ଜମିକୁ ହିଁ ବୁଝାଉଛି। ଗତ ୧୩ ତାରିଖରେ ସ୍ୱର୍ଗଦ୍ୱାର ଆଧୁନିକୀକରଣ କାମ ଆରମ୍ଭ ପାଇଁ ଭୂମି ପୂଜା କରାଯାଇଥିଲା। ମହାପ୍ରସ୍ଥାନ ଢାଞ୍ଚାରେ ଏହାର ବିକାଶ କରାଯିବ। ପ୍ରଥମ ପର୍ଯ୍ୟାୟରେ ୧୪ଟି ଶବଦାହ ପିଣ୍ଡି କରାଯିବ। ଦ୍ୱିତୀୟ ପର୍ଯ୍ୟାୟରେ ପ୍ରତୀକ୍ଷାଳୟ, ପ୍ରାୟ ୪୦୦ ଲୋକଙ୍କ ନିମନ୍ତେ ଖୋଲା ସ୍ଥାନ, କାର୍ଯ୍ୟାଳୟ, ଶୌଚାଳୟ, ପୂଜା ଓ ଶ୍ରାଦ୍ଧ ମଣ୍ଡପ, ସଂଲଗ୍ନ ରାସ୍ତାର ନିର୍ମାଣ, ଅସ୍ଥି ରଖିବା ପାଇଁ ଲକର, ପାର୍କିଂ, ଚେଞ୍ଜିଂରୁମ୍ ଆଦି ଅତ୍ୟାଧୁନିକ ସୁବିଧା ଉପଲବ୍ଧ ଲାଗି ଯୋଜନା କରାଯାଇଛି। ତେବେ ସୀମିତ ଜମି ମଧ୍ୟରେ ଏତେ ସୁବିଧା କିପରି ଉପଲବ୍ଧ ହେବ ଏବଂ ସ୍ୱର୍ଗଦ୍ୱାର ଜମି ଜବରଦଖଲକୁ କାହିଁକି ମୁକ୍ତ କରାଯାଉ ନାହିଁ ବୋଲି ଜନସାଧାରଣ, ବହୁ ବୁଦ୍ଧିଜୀବୀ ପ୍ରଶ୍ନ ଉଠାଇଥିଲେ। ଏହାପରେ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି।

ପୌରସଂସ୍ଥା ପକ୍ଷରୁ ଗତ ଶନିବାର ୪ଟି ଦୋକାନ ଏବଂ ଏହା ପରିସର ଏକ ଧର୍ମଶାଳାକୁ ନୋଟିସ୍ ଦିଆଯାଇଥିଲା। ସୋମବାର ବେଳାଭୂମି ପାର୍ଶ୍ୱକୁ ଥିବା ଏହି ଦୋକାନ ଏବଂ ଧର୍ମଶାଳାକୁ ଭଙ୍ଗାଯାଇଛି। ତେବେ ଏହାକୁ ନେଇ ଅସନ୍ତୋଷ ଦେଖିବାକୁ ମିଳିଥିଲା। ଦୋକାନ ଉଚ୍ଛେଦ ନେଇ ଯଦିଓ ଏତେଟା ସମସ୍ୟା ନ ଥିଲା କିନ୍ତୁ ଧର୍ମଶାଳାକୁ ନେଇ ପ୍ରଶାସନକୁ ଅସହଯୋଗର ସମ୍ମୁଖୀନ ହେବାକୁ ପଡିଥିଲା। ଧର୍ମଶାଳାରେ ରହୁଥିବା ପରିବାର ଲୋକେ ସେମାନଙ୍କୁ ସମୟ ଦିଆଯାଇ ନ ଥିବା ଅଭିଯୋଗ କରି ଅସହଯୋଗ କରିଥିଲେ। ପରେ ପ୍ରଶାସନ ପକ୍ଷରୁ ସେମାନଙ୍କୁ ବୁଝାଯାଇ ଏହାକୁ ଉଚ୍ଛେଦ କରାଯାଇଛି।

ଏ ସମ୍ପର୍କରେ ପୌରସଂସ୍ଥାର ଅତିରିକ୍ତ ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ କହିଛନ୍ତି, ଉଚ୍ଛେଦ ହୋଇଥିବା ଦୋକାନ ଘରଗୁଡ଼ିକ ଶ୍ରୀମନ୍ଦିର ପ୍ରଶାସନ ଜମିରେ ରହିଥିଲା। ଏହାକୁ ହଟାଇବା ଲାଗି ଶ୍ରୀମନ୍ଦିର ପ୍ରଶାସନ ଜିଲା ପ୍ରଶାସନକୁ ଅନୁରୋଧ କରିଥିଲା। ତେଣୁ ଜିଲା ପ୍ରଶାସନ ତରଫରୁ ପ୍ରଥମେ ସମସ୍ତଙ୍କୁ ନୋଟିସ ଦିଆଯାଇଥିଲା। ଏହାପରେ ସେମାନେ ନିଜ ଦୋକାନ ଘରଗୁଡ଼ିକ ଖାଲି କରିଦେଇଥିଲେ, ତାହାକୁ ଉଚ୍ଛେଦ କରାଯାଇଛି। ଏଥିସହ ଏହା ପରିସରରେ ଥିବା ଏକ ଧର୍ମଶାଳା ଅସୁରକ୍ଷିତ ହୋଇପଡିଥିଲା। ତେଣୁ ତାହାକୁ ମଧ୍ୟ ଭଙ୍ଗାଯାଇଛି ବୋଲି ସ୍ୱାଇଁ କହିଛନ୍ତି। ତେବେ ସ୍ୱର୍ଗଦ୍ୱାର ଜମିକୁ ବହୁ ବଡ଼ବଡ଼ିଆ ମାଡିବସି ବ୍ୟବସାୟ ଚଳାଇଛନ୍ତି। ପ୍ରଶାସନ ହାତଗଣତି କେତୋଟି ଦୋକାନ ଘର ଉଚ୍ଛେଦ କରିଥିବା ବେଳେ ବଡ଼ ବଡ଼ ବ୍ୟବସାୟ ପ୍ରତିଷ୍ଠାନକୁ କେବେ ଭାଙ୍ଗିବ ବୋଲି କହିଛନ୍ତି ସଚେତନ ନାଗରିକ ମଞ୍ଚ ସଭାପତି ଆଇନଜୀବୀ ପ୍ରଶନ୍ନ କୁମାର ଦାଶ।

# ଭାରତର କ୍ରମାଗତ ଦ୍ୱିତୀୟ ବିଜୟ

**ପର୍ଥ, ୨୪।୨**

ଆଇସିସି ମହିଳା ଟି୨୦ ବିଶ୍ୱକପରେ ଭାରତ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ପ୍ରଥମ ମ୍ୟାଚରେ ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ହରାଇଥିବା ଭାରତ ସୋମବାର ଦ୍ୱିତୀୟ ମ୍ୟାଚରେ ବାଂଲାଦେଶକୁ ୧୮ ରନରେ ପରାସ୍ତ କରିଛି। ଦ୍ରୁତ ହାରରେ ରନ ସଂଗ୍ରହ କରି ୧୭ ବଲ୍‌ରୁ ୩୯ ରନ କରିଥିବା ଶେଫାଳି ବର୍ମା ପ୍ଲେୟର ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୧୪୨/୬(ଶେଫାଳି-୩୯, ରୋଡ୍ରିଗ୍ୱେଜ-୩୪, କ୍ରିଷ୍ଣମୂର୍ତ୍ତି-୨୦*, ସଲ୍‌ମା-୨/୨୫, ପାନ୍ନା-୨/୨୫)।
ବାଂଲାଦେଶ ୨୦ ଓଭରରେ ୧୨୪/୮(ସୁଲତାନା-୩୫, ମୁର୍ଶିଦା-୩୦, ପୁନମ-୩/୧୮, ଅରୁନ୍ଧତୀ-୨/୩୩, ଶିଖା-୨/୧୪, ରାଜେଶ୍ୱରୀ-୧/୨୫)।




**ଆଇସିସି ମହିଳା ଟି୨୦ ବିଶ୍ୱକପ**

ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ୨୦ ଓଭରରେ ୬ ଉଇକେଟ ହରାଇ ୧୪୨ ରନ କରିଥିଲା। ଶେଫାଳିଙ୍କ ବ୍ୟତୀତ ଜେମିମା ରୋଡ୍ରିଗ୍ୱେଜ ୩୪ ଓ ବେଦ କ୍ରିଷ୍ଣମୂର୍ତ୍ତି ୧୧ ବଲ୍‌ରୁ ୨୦* ରନର ମୂଲ୍ୟବାନ ଇନିଂସ ଖେଳିଥିଲେ। ବାଂଲାଦେଶ ଅଧିନାୟିକା ସଲ୍‌ମା ଖାତୁନ ଓ ପାନ୍ନା ଘୋଷ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ବାଂଲାଦେଶ ୨୦ ଓଭରରେ ୮ ଉଇକେଟ ହରାଇ ୧୨୪ ରନ କରିବାକୁ ସକ୍ଷମ ହୋଇଥିଲା। ମୁର୍ଶିଦା ଖାତୁନ ୩୦ ଓ ନିଗାର ସୁଲତାନା ଦ୍ରୁତ ୩୫ ରନର ଇନିଂସ ଖେଳିଥିଲେ ହେଁ ତାହା ଦଳର ବିଜୟ ପାଇଁ ପର୍ଯ୍ୟାପ୍ତ ହୋଇ ନ ଥିଲା। ପୁନମ ଯାଦବ ୩ଟି, ଅରୁନ୍ଧତୀ ରେଡ୍ଡୀ ଓ ଶିଖା ପାଣ୍ଡେ ୨ଟି ଲେଖାଏ ଏବଂ ରାଜେଶ୍ୱରୀ ଗାଏକ୍ୱାଡ ଗୋଟିଏ ଉଇକେଟ ନେଇ ଭାରତକୁ ବିଜୟୀ କରାଇଥିଲେ।

# ପ୍ରମୋଦଙ୍କୁ ଡବଲ ସ୍ୱର୍ଣ୍ଣ

**ଭୁବନେଶ୍ୱର,୨୪।୨**



ପାରା ଓଡ଼ିଆ ବ୍ୟାଡ୍‌ମିଣ୍ଟନ ଖେଳାଳି ପ୍ରମୋଦ ଭଗତ ପୁଣି ଥରେ ରାଜ୍ୟ ପାଇଁ ଆଣିଛନ୍ତି ସଫଳତା। ପେରୁ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ସେ ଜିତିଛନ୍ତି ଡବଲ ସ୍ୱର୍ଣ୍ଣପଦକ। ପୁରୁଷ ସିଙ୍ଗଲ୍ସ ବର୍ଗର ଫାଇନାଲରେ ଅନ୍ୟ ଭାରତୀୟ ଶଟଲର ନୀତୀଶ କୁମାରଙ୍କୁ ୨୧-୧୮, ୨୧-୧୫, ୨୧-୧୪ ଗେମ୍‌ରେ ହରାଇ ଦେଇଛନ୍ତି। ସେହିଭଳି ଡବଲ୍ସ ବର୍ଗରେ ମନୋଜ ସରକାରଙ୍କୁ ସାଥୀକରି ପ୍ରମୋଦ ଫାଇନାଲରେ ୨୧-୧୯, ୨୧-୯ ବ୍ୟବଧାନରେ ଫ୍ରାନ୍ସର ମାଥି ଥୋମାସ ଓ ଗୁଇଲାମେ ଗଲିଙ୍କୁ ହରାଇ ପୋଡିୟମର ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ଏହି ଇଭେଣ୍ଟ ପୂର୍ବରୁ ପ୍ରମୋଦ ବ୍ରାଜିଲ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପରେ ଡବଲ ସ୍ୱର୍ଣ୍ଣ ଜିତିଥିଲେ।

# ଏସ୍‌ଡିସି କପ୍ ୨୦୨୦ ଉଦ୍‌ଘାଟିତ

**କଟକ ଅଫିସ,୨୪।୨**

ରାଜ୍ୟ ସରକାରଙ୍କ ସ୍ପେଶାଲ ଡେଭଲପମେଣ୍ଟ କାଉନସିଲ (ଏସ୍‌ଡିସି) ଓ ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା (ଫାଓ)ର ମିଳିତ ଆନୁକୂଲ୍ୟରେ ସୋମବାର ଠାରୁ ଏସ୍‌ଡିସି କପ୍-୨୦୨୦ ଆରମ୍ଭ ହୋଇଛି। କନ୍ଧମାଳ ଜୋନ୍ ଓ ବାରିପଦା ଜୋନ୍‌ରେ ଉଭୟ ପୁରୁଷ ଓ ମହିଳା ବର୍ଗର ମ୍ୟାଚ୍ ଖେଳାଯାଇଛି। କନ୍ଧମାଳ ଜୋନ ଅନ୍ତର୍ଗତ ମହିଳା ବର୍ଗର କନ୍ଧମାଳ ଓ କେନ୍ଦୁଝରର ବିପକ୍ଷ ମ୍ୟାଚ୍‌ରେ କେନ୍ଦୁଝର ୯-୦ ଗୋଲରେ ବିଜୟୀ ହୋଇଥିଲା। ଅନ୍ୟଏକ ମ୍ୟାଚ୍‌ରେ ରାଇରଙ୍ଗପୁର ୨୧-୦ ଗୋଲରେ ମାଲକାନଗିରିକୁ ହରାଇଛି। ଏହି ଜୋନର ପୁରୁଷ ବର୍ଗର ମ୍ୟାଚ୍‌ରେ କନ୍ଧମାଳ ୨-୧ ଗୋଲରେ କେନ୍ଦୁଝରକୁ, ରାଇରଙ୍ଗପୁର ୧୫-୦ ଗୋଲରେ ମାଲକାନଗିରିକୁ ପରାସ୍ତ କରିଛି। ଏହି ଜୋନର ଉଦଘାଟନୀ ଉତ୍ସବରେ ରାଜ୍ୟ ସରକାରଙ୍କ ଆଇଟି ସେଲ ପରାମର୍ଶଦାତା ଅନୁଭବ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବାରିପଦା ଜୋନରେ ଖେଳାଯାଇଥିବା ମହିଳା ବର୍ଗର ଏକ ମ୍ୟାଚ୍‌ରେ ସୁନ୍ଦରଗଡ଼ ୧୪-୦ ଗୋଲରେ ନବରଙ୍ଗପୁରକୁ ଓ ପୁରୁଷ ବର୍ଗ ମ୍ୟାଚ୍‌ରେ ବାରିପଦା ୧୦-୦ ଗୋଲରେ ରାୟଗଡ଼ାକୁ ଓ ଗଜପତି ୭-୦ ଗୋଲରେ ନବରଙ୍ଗପୁରକୁ ହରାଇଥିଲା। ମୟୂରଭଞ୍ଜ ଜିଲାପାଳ ତଥା ଜିଲା କ୍ରୀଡ଼ା ସଂସଦର ସଭାପତି ଦିଲ୍ଲୀପ ଭରଦ୍ୱାଜ ଏହି ଜୋନର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ।

# ମୁସଫିକରଙ୍କ ଦ୍ୱିଶତକ


ଦ୍ୱିଶତକ ହାସଲରେ ଉଲ୍ଲସିତ ମୁସ୍‌ଫିକର ରହିମ୍।

**ସଂକ୍ଷିପ୍ତ ସ୍କୋର**

- ଜିମ୍ବାୱ୍ୱେ ପ୍ରଥମ ଇନିଂସ: ୨୬୫
- ବାଂଲାଦେଶ ପ୍ରଥମ ଇନିଂସ: ୫୬୦/୬, ଘୋଷଣା (ମୁସ୍‌ଫିକର ରହିମ୍-୨୦୩*, ମୋମିନୁଲ ହକ୍-୧୩୨, ନାଜମୁଲ ହୋସେନ-୭୧, ଲିଟନ ଦାସ-୫୩; ଏନ୍‌ସ୍ଲେ ଏନଡ୍ଲୋଭୁ-୨/୧୭୦)।
- ଜିମ୍ବାୱ୍ୱେ ଦ୍ୱିତୀୟ ଇନିଂସ: ୯/୨ (ନଇମ ହସନ-୨/୪)।

**ଢାକା, ୨୪।୨ (ଏଏଫ୍‌ପି):** ସ୍ଥାନୀୟ ଶେର-ଇ-ବାଂଲା ନ୍ୟାଶନାଲ ଷ୍ଟାଡିୟମରେ ଚାଲିଥିବା ଏକ ମାତ୍ର କ୍ରିକେଟ ଟେଷ୍ଟ ମ୍ୟାଚରେ ମୁସ୍‌ଫିକର ରହିମ୍ ତାଙ୍କ ତୃତୀୟ ଟେଷ୍ଟ ଦ୍ୱିଶତକ ହାସଲ କରିଛନ୍ତି। ବାଂଲାଦେଶ ଏହାର ପ୍ରଥମ ଇନିଂସ ୫୬୦/୬ରେ ଘୋଷଣା କରିବା ସହ ୨୯୫ରନ ପ୍ରଥମ ଇନିଂସ ଅଗ୍ରଣୀ ଲାଭ କରିଛି। ଜବାବରେ ଜିମ୍ବାୱ୍ୱେ ତୃତୀୟ ଦିବସ ଖେଳ ଷ୍ଟମ୍ପ ଅପସାରଣ ବେଳକୁ ୨ ଉଇକେଟ ବିନିମୟରେ ମାତ୍ର ୯ ରନ କରିଛି। ଭ୍ରମଣାକାରୀ ଦଳ ପ୍ରଥମ ଇନିଂସରେ ୨୬୫ରନ କରିଥିଲା। ମୁସ୍‌ଫିକର ଟେଷ୍ଟରେ ବାଂଲାଦେଶର ସବୁଠାରୁ ଅଧିକ ରନ ସଂଗ୍ରହକାରୀ ବ୍ୟାଟ୍ସମ୍ୟାନ ବିବେଚିତ ହୋଇଛନ୍ତି। ସେ ୨୦୩ ରନ କରି ଅପରାଜିତ ରହିଥିବା ବେଳେ ଅଧିନାୟକ ମୋମିନୁଲ ହକ୍ ୧୩୨ ରନ କରିଥିଲେ। ସୋମବାର ସକାଳେ ଘରୋଇ ଦଳ ୨୪୦/୩ରୁ ଖେଳ ଆରମ୍ଭ କରିଥିଲା। ମିସ୍‌ଫିକର ଓ ମୋମିନୁଲ ଚତୁର୍ଥ ଉଇକେଟରେ ୨୨୨ରନ ଯୋଗ କରିଥିବା ବେଳେ ଉଇକେଟକିପର ବ୍ୟାଟ୍ସମ୍ୟାନ ଲିଟନ ଦାସ ୫୩ ରନ କରିଥିଲେ। ଫଳରେ ଜିମ୍ବାୱ୍ୱେ ବିପକ୍ଷରେ ବାଂଲାଦେଶ ସର୍ବାଧିକ ରନ ସଂଗ୍ରହ କରିବାରେ ସମର୍ଥ ହୋଇଛି। ମୁସ୍‌ଫିକର ଦ୍ୱିଶତକ ହାସଲ କରିବା ପରେ ମୋମିନୁଲ ଇନିଂସ ଘୋଷଣା କରିଥିଲେ।

# ୭ ବର୍ଷ ବାସନ୍ଦ ଓମାନ ଖେଳାଳି

**ଦୁବାଇ, ୨୪।୨:** ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଓମାନ କ୍ରିକେଟର ୟୁସୁଫ ଅବଦୁଲ ରହିମ ଅଲ ବାଲୁଶିଙ୍କୁ ୭ ବର୍ଷ ପାଇଁ ବାସନ୍ଦ କରିଛି। ଅଲବାଲୁଶି ୪ଟି ନିୟମ ଭଙ୍ଗ କରିଥିଲେ। ତାଙ୍କୁ ସାମୟିକ ଭାବେ ଜାନୁୟାରୀ ୨୩ ତାରିଖରୁ ବାସନ୍ଦ କରାଯାଇଥିଲା। ମ୍ୟାଚ୍‌ର ଫଳାଫଳ ଓ ପରିଚାଳନାକୁ ପ୍ରଭାବିତ କରିବା ପାଇଁ ସେ ଉଦ୍ୟମ କରିଥିଲେ। ଅନ୍ୟ ଖେଳାଳିଙ୍କୁ ନିୟମ ଭଙ୍ଗ କରିବା ପାଇଁ ଲୋଭ ଦେଖାଇ ଉତ୍ସାହିତ କରିଥିଲେ। ୩ ଭିନ୍ନ ବ୍ୟକ୍ତି ଆଇସିସି ବିଶ୍ୱ ଟି୨୦ କ୍ୱାଲିଫାୟାର୍ସ ଇଭେଣ୍ଟର ମ୍ୟାଚ୍ ଫିକ୍ସିଂ କରିବାକୁ ପ୍ରସ୍ତାବ ଦେଇଥିଲେ ମଧ୍ୟ ସେ ଆଇସିସି ନିକଟରେ ରିପୋର୍ଟ କରି ନ ଥିଲେ। ଏହାପରେ ତଦନ୍ତରେ ବାଧା ସୃଷ୍ଟି କରିଥିଲେ। ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରି ନ ଥିଲେ। ପ୍ରମାଣ ନଷ୍ଟ କରିବାକୁ ବହୁ ଉଦ୍ୟମ କରିଥିବା ତଦନ୍ତରୁ ଜଣାପଡ଼ିଥିଲା। ଅଲ ବାଲୁଶି ଅନ୍ୟ ଜଣେ ଓମାନ କ୍ରିକେଟରଙ୍କୁ ୩ ମ୍ୟାଚ୍ ଫିକ୍ସିଂ କରିବା ଲାଗି ୩ରୁ ୪ ହଜାର ଓମାନି ରିୟାଲର ପ୍ରଲୋଭନ ଦେଖାଇଥିଲେ। ଉକ୍ତ ଖେଳାଳି ଏହାକୁ ଅସ୍ୱୀକାର କରିବା ସହ ଆଇସିସିକୁ ରିପୋର୍ଟ କରିଥିଲେ। ଏସିୟୁ ସାକ୍ଷାତ୍‌କାର ପୂର୍ବରୁ ଅଲ ବାଲୁଶି ବୁକିଂଙ୍କ ସହ ହୋଇଥିବା ସମସ୍ତ ମେସେଜକୁ ଡିଲିଟ୍ କରି ଦେଇଥିଲେ। ମାତ୍ର ପଚରାଉଚରାବେଳେ ନିଜ ଦୋଷ ସ୍ୱୀକାର କରିଥିଲେ।

**OFFICE OF THE EXECUTIVE ENGINEER, P.H. DIVISION, ANGUL**
Ph. (06764) 230431, Email-eephangul@yahoo.in
**GOVERNMENT OF ODISHA**
No.C-526 :- **e-Procurement Notice for PH Works.**
***Bid Identification No.EE PH Division Angul- 22/ 2019-20 dt. 19.02.2020***

| | | | |
|---|---|---|---|
| 1. | Name of the work | : | P.H Works. |
| 2. | Nos of work | | 1 (one) no two bid system |
| 3. | Estimated Cost | : | **Rs. 224.84 lakhs** |
| 4. | Period of completion | : | 45 (forty five) days |
| 5. | Date & time of availability of bid document | : | From 11.00AM of 27.02.2020 to 5.00 PM of 11.03.2020 |
| 6. | Last date / time of receipt of bids in the portal | : | 5.00 PM of 11.03.2020 |
| 7. | Date & time of opening of bid | : | 11.00 AM of 12.03.2020 |
| 8. | Name & address of the Officer Inviting Bid. | : | **Executive Engineer, P.H. Division, Angul** |
| 9. | The bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/cancellation of tender can also be seen in the said website. | | |

(Er. Mrutyunjaya Pany)
**Executive Engineer, P.H. Division, Angul.**
**OIPR-13056/11/0008/1920**

# ପଞ୍ଜାବ, ଆନ୍ଧ୍ରର ଡବଲ ବିଜୟ

**କଟକ ଅଫିସ,୨୪।୨:** ସ୍ଥାନୀୟ ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ବ୍ୟାଡମିଣ୍ଟନ ଇଭେଣ୍ଟର ଦ୍ୱିତୀୟ ଦିବସ ଖେଳ ଶେଷ ହୋଇଛି। ସୋମବାର ଦଳଗତ ପର୍ଯ୍ୟାୟ ପୁରୁଷ ବର୍ଗରେ ପଞ୍ଜାବ ବିଶ୍ୱବିଦ୍ୟାଳୟ ଓ ମହିଳା ବର୍ଗରେ ଆନ୍ଧ୍ର ବିଶ୍ୱବିଦ୍ୟାଳୟ ଡବଲ ବିଜୟ ହାସଲ କରିଛନ୍ତି। ପଞ୍ଜାବ ବିଶ୍ୱବିଦ୍ୟାଳୟ ପ୍ରଥମ ରାଉଣ୍ଡରେ ୩-୦ ସେଟରେ କାଲିକଟ୍ ବିଶ୍ୱବିଦ୍ୟାଳୟକୁ ଓ ପରବର୍ତ୍ତୀ ରାଉଣ୍ଡରେ ଲଳିତ ନାରାୟଣ ମିଥିଳା ବିଶ୍ୱବିଦ୍ୟାଳୟକୁ ହରାଇଥିଲା। ସେହିପରି ମହିଳା ବର୍ଗରେ ଆନ୍ଧ୍ର ବିଶ୍ୱବିଦ୍ୟାଳୟ ୨-୧ ଓ ୨-୦ ସେଟରେ ଯଥାକ୍ରମେ ମଣିପୁର ଓ ଦେବୀ ଆହିଲ୍ୟ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ଏଠାରେ ଖେଳାଯାଇଥିବା ପୁରୁଷ ବର୍ଗର ଅନ୍ୟ ମ୍ୟାଚ୍ ଗୁଡ଼ିକରେ କାଲିକଟ ବିଶ୍ୱବିଦ୍ୟାଳୟ, ଜୈନ ବିଶ୍ୱବିଦ୍ୟାଳୟ, ସାବିତ୍ରୀ ବାଇ ଫୁଲେ ବିଶ୍ୱବିଦ୍ୟାଳୟ ବିଜୟୀ ହୋଇଛନ୍ତି। ମହିଳା ବର୍ଗରେ ଏସ୍‌ଆର୍‌ଏମ୍ ବିଶ୍ୱବିଦ୍ୟାଳୟ, ଲଭଲି ପ୍ରଫେସନାଲ ବିଶ୍ୱବିଦ୍ୟାଳୟ, ଦିଲ୍ଲୀ ବିଶ୍ୱବିଦ୍ୟାଳୟ, ମଣିପୁର ବିଶ୍ୱବିଦ୍ୟାଳୟ ବିଜୟ ଲାଭ କରିଥିଲେ।

# ପାରାମାଉଣ୍ଟ, ସୋଲାର ସେମିରେ

**ନବ ଦାଶ ମେମୋରିଆଲ କ୍ରିକେଟ**

**ଭୁବନେଶ୍ୱର, ୨୪।୨(କ୍ରୀଡ଼ା ପ୍ରତିନିଧି):** ନବ ଦାଶ ମେମୋରିଆଲ ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ସଂସ୍କରଣ ସ୍ଥାନୀୟ ବିଜେବି କଲେଜ ପଡ଼ିଆରେ ସୋମବାର ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଅନୁଷ୍ଠିତ ୨ଟି କ୍ୱାର୍ଟର ଫାଇନାଲ ମ୍ୟାଚରେ ପାରାମାଉଣ୍ଟ ସ୍ପୋର୍ଟିଂ ଓ ସୋଲାର କ୍ରିକେଟ କ୍ଲବ ବିଜୟୀ ହୋଇ ସେମି ଫାଇନାଲ୍‌ରେ ପ୍ରବେଶ କରିଛି। ପାରାମାଉଣ୍ଟ ୮ ଉଇକେଟରେ ଜ୍ୟୋତି ମୋଟର୍ସକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଜ୍ୟୋତି ମୋଟର୍ସ ୧୯.୧ ଓଭରରେ ୧୦୫ ରନକରି ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ସୌମ୍ୟ ବେହେରା ସର୍ବାଧିକ ୨୫ ଓ ରାଜେଶ ପାଇକରାୟ ୨୪ ରନ କରିଥିଲେ। ପ୍ରତିପକ୍ଷ ଦଳର ସୌମ୍ୟରଞ୍ଜନ ସ୍ୱାଇଁ ଓ ରିତେଶ ପ୍ରିୟରଞ୍ଜନ ୩ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ପାରାମାଉଣ୍ଟ ୧୩.୨ ଓଭରରେ ୨ ଉଇକେଟ ହରାଇ ୧୧୧ ରନ ସଂଗ୍ରହ କରି ନେଇଥିଲା। ରୋହିତ ସାଗର ୪୦ ବଲ୍‌ରୁ ୫୩ ରନରେ ଅପରାଜିତ ରହି ଦଳକୁ ସହଜ ବିଜୟ ପ୍ରଦାନ କରିଥିଲେ। ଅଭୟ ମଲିକ ୨୪ ରନ କରିଥିଲେ। ରୋହିତ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପାଇଥିଲେ। ଦ୍ୱିତୀୟ ମ୍ୟାଚରେ ପ୍ରଗତି ସ୍ପୋର୍ଟିଂକୁ



ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ରୋହିତ ସାଗର।

ହରାଇଛି ସୋଲାର। ସୋଲାର ୨୦ ଓଭରରେ ୯ ଉଇକେଟ ହରାଇ ୧୪୫ ରନ କରିଥିଲା। ଦଳ ପକ୍ଷରୁ ଓମ୍ ପ୍ରକାଶ ସ୍ୱାଇଁ ୩୮ ଓ ପ୍ରଦୀପ ଦାସ ୨୭ ଓ ରୂପେଶ ଦାସ ୨୫ ରନ କରିଥିଲେ। ବିପକ୍ଷ ଦଳର ମନୋଜ ମହାପାତ୍ର ୩ଟି ଓ ନିରଞ୍ଜନ ବେହେରା ୨ଟି ଉଇକେଟ ନେଇଥିଲେ। ପ୍ରଗତି ୨୦ ଓଭରରେ ୯ ଉଇକେଟ ହରାଇ ୧୦୭ ରନ କରିବାକୁ ସକ୍ଷମ ହୋଇଥିଲା। ସୌମ୍ୟ ସୌରଭ କୁମାର ସର୍ବାଧିକ ୨୫ ରନ କରିଥିବାବେଳେ ସୋଲାର ବୋଲର ଅଭିଜିତ ପ୍ରସାଦ ୩ଟି ଓ ପ୍ରଦୀପ ଦାସ ୨ଟି ଉଇକେଟ ନେଇଥିଲେ। ପ୍ରଦୀପ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।

**FORM No. 13**
**BEFORE THE DEBTS RECOVERY TRIBUNAL, CUTTACK,ORISSA**
**C-71, SECTOR-7, CDA, CUTTACK, ODISHA**
**O.A. No. 359 / 19**
**Allahabad Bank, Bhubaneswar Main Branch** .......Applicant
Versus
**Bhakta Batshal Harichandan** ....Defendant(s)
To,
**Bhakta Batshal Harichandan,** S/o: Sanatan Harichandan, Plot No.-93, Bhagabanpur, P.O- Patrapada, P.S- Khandagiri, Bhubaneswar, PIN- 751019 .

**SUMMONS BY PAPER PUBLICATION**
**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 359/ 19** in the court of the Debts Recovery Tribunal, Cuttack for recovery of **Rs.30,40,576/-** only together with current and future interest, costs and other reliefs. The above mentioned defendants are therefore, directed to appear before this Tribunal in person or through an Advocate or duly authorised agent in support of their defence to show cause within 30 days from the publication or on **14.04.2020 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this 17th day of February, 2020 .

Sd/-
**(M.K. Patnaik)**
**REGISTRAR**

**NOTICE**

**No.O-1128:-** Smt. Harjeet Kaur, Contractor, who is registered as "C" Class Contractor under S.E., R.W.S.&S., Circle, Koraput and her Registration Certificate is hereby cancelled as per her written request and her onetime deposit in shape of N.S.C. will be refunded to her.

| Sl. No. | Name and Address | Regn. No. & Class | This office order No. & Date |
|---|---|---|---|
| 1) | Smt. Harjeet Kaur, W/o Sri Ekabal Singh At- Bahadurbagichapada, PO- Bhawanipatna Dist- Kalahandi (Odisha) | Regd. No. 608/ / 2013-14 **'C' Class** | No. 608 Dtd. 13.03.2014 |

This notice is required to be published for information of all Govt. Departments/ Offices she has executed the work. If any Govt. dues/materials are outstanding against the above contractor which are due to be recovered, may please be reported to the undersigned within 30 (thirty) days from the date of publication of this notice for recovery/ adjustment to Govt. accounts.

In case no report from any office / Deptt. are received within the stipulated period i.e. 30 days from the date of publication of this notice, the onetime deposit made by the contractor will be released / refunded to her without any further notice.

If any Govt. dues/ materials detected by any office beyond the stipulated time, it will be their responsibility for the lapses whatsoever.

**Sd./-**
**Superintending Engineer,**
**R.W.S.&S. Circle, Koraput**
**OIPR- 25115/11/0001/1920**

**GOVERNMENT OF ODISHA**
**FINANCE DEPARTMENT** No. S-36
**OFFICE ORDER**

No. 6281/F, Bhubaneswar, Dated the 20/02/2020
FIN-OFS-I-CASE-17-2018

Whereas, a Departmental disciplinary proceeding was drawn up against Sri Sanjay Kumar Ganda, OFS-II, Ex-Additional Commercial Tax Officer, Assessment Unit, Titlagargh under-rule-15 of Odisha Civil Services (Classification, Control & Appeal) Rules, 1962 vide Finance Department Memorandum No. FIN-OFS-I-CASE-0017-2018-23800/F., dtd. 19.05.2010 for unauthorized absence from .Government duty in violation of rule 3 of Odisha Government Servants' Conduct Rules, 1959;

And whereas, the aforesaid memorandum with draft charges was communicated to the, Commissioner of Commercial Taxes', Odisha, Cuttack vide this Department Memo-No.23801/F, dt. 19.05.2010 with a request to serve the memorandum on the delinquent officer Sri Ganda.

And whereas, as per the report of Joint Commissioner of Commercial Taxes, Bolangir Range, Bolangir vide letter No.591/CT, dt.19.03.2013, the aforesaid memorandum could not be served on Sri Ganda in his available address. So, a notice to Sri Ganda was published in Odia News Paper the 'Sambad' .dt. 19.01.2014 in order to report in the office of the Joint Commissioner of Commercial Taxes, Bolangir Range, Bolangir to receive the draft charges framed, against him. But, Sri Ganda neither turned up nor did he furnish any reason in this regard;

And whereas, it was considered necessary to appoint an inquiring Officer to .enquire into the charges framed against the delinquent officer Sri Ganda. Sri Pramod Kumar Satapathy, OFS(SG), Joint Commissioner of Commercial Taxes, Bolangir Range, Bolangir was appointed as Inquiring Officer to enquire into the matter and the Assistant Commissioner of Commercial Taxes, Kantabanjhi Circle, Kantabanjhi was nominated as Marshalling. Officer under sub-rule 4 & 5 of rule 15 of O.CS (CC & A) Rules, 1962 respectively vide Finance Department Office Order No. 52/F, dt.01.01.2016. And whereas, after through enquiry the Inquiring Officer submitted the enquiry report to the Disciplinary Authority vide letter No.685/CT-18, dated 13.07:2018 of Office of the Additional Commissioner of CT & GST(Appeal), South Zone, Berhampur;

"And whereas, the delinquent Officer, Sri Sanjay Kumar Ganda, OFS-II, Additional Commercial Tax Officer, Assessment Unit, Titlagargh was informed in Finance Department Notice No.38408/F, dated 07.12.2018 through paper publication in Odisha News Paper the Sambad dt. 11.12.2018 to receive copy of the enquiry report of the Inquiring Officer from Finance Department within 15 days from the date of publication of the notice as per provision of rule 15 (10) (i) (a) of OCS (CC&A) Rules, 1962 so as to enable him to submit his explanation/ representation on the findings of the Inquiring Officer and the delinquent officer Sri Ganda did not submit his representation/ explanation on the findings of the Inquiring officer;

And whereas, Disciplinary Authority, after careful consideration of the charges framed against the delinquent officer, findings of the Inquiring Officer, relevant information available on record, has proposed for imposition of the following punishment on the delinquent officer Sri Ganda under rule 13(viii) r/w rule 15 of OCS (CC&A)Rules,1962:-

1. Removed from service which shall not be disqualification for future employment

And whereas, in pursuance of the provision of rule 15((10)(i)(b) of OCS(CC&A) Rules,1962, the delinquent officer Sri Ganda was called-upon vide
Finance Department Office Order No.22635/F,: dt.01.07.2019, through the publication in odia news papers the Sambad dt.03.07.2019 and the Samaj dt.03.07.2019 to submit the representation/ explanation within 15 days from the date of publication of this order as to why the proposed punishment shall not be inflicted on him, failing which it will be construed that he has nothing to say in the matter and the disciplinary proceeding will be disposed of as per provision of the 'rules. But Sri Ganda did not submit his representation / explanation before the Disciplinary Authority.

And whereas, advice of Odisha Public Service Commission, Cuttack was solicited on the proposed penalty of the Disciplinary Authority to be imposed on the delinquent officer Sri Ganda vide Finance Department letter No.33351/F.,/dt.30.09.2019. The Odisha Public Service Commission, Cuttack have been pleased .to concur in the recommendation of the Government for imposition of the proposed penalty on the delinquent officer; Sri Ganda, vide their letter No.94/ PSC dt.08.01.2020. .Now therefore, after careful-consideration of the charges framed against Sri Ganda along with the findings of the Inquiring Officer, relevant records and taking into account concurrence of Odisha Public Service Commission, Cuttack, the State Government have been pleased to impose the following punishment on the delinquent officer Sri Ganda under rule 13(viii) r/w rule 15 of OCS(CC & A) Rules,-1962:-

1. Removal from Government service.

**By the Order of the Governor**
**Sd./- Principal Secretary to Government**
OIPR-05001/11/0018/1920

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୫ ଫେବୃଆରୀ, ୨୦୨୦





ସୌନ୍ଦର୍ଯ୍ୟ

# ବେସନ ଆଣେ ତ୍ୱଚାର ଚମକ

ତ୍ୱଚାର ସୌନ୍ଦର୍ଯ୍ୟ ବୃଦ୍ଧି ଲାଗି ବର୍ତ୍ତମାନ ଅଧିକାଂଶ ବିଭିନ୍ନ ପ୍ରକାର କସ୍‌ମେଟିକ୍ସ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି । କେବଳ ଏତିକି ନୁହେଁ, ଅନେକେ ବ୍ୟୁଟି ପାର୍ଲର ଯିବାକୁ ମଧ୍ୟ ପଛାଉନାହାନ୍ତି। ହେଲେ ତ୍ୱଚାରେ ଗ୍ଲୋ ଆଣିବା ଲାଗି ଆପଣ ଚାହିଁଲେ ବେସନ ବ୍ୟବହାର କରିପାରିବେ । ଜାଣିରଖନ୍ତୁ ଏହାକୁ ବ୍ୟବହାର କରିବାର ଉପାୟ...

▶ବ୍ରଣ ହେବାର ଆଶଙ୍କା ଅଧିକ ହୋଇଥିବାରୁ ଅନେକଙ୍କର ଅଏଲି ସ୍କିନ୍‌କୁ ନେଇ ଟେନ୍‌ସନ ଥାଏ। ହେଲେ ଆପଣ ଜାଣନ୍ତି କି ଏପରି ସ୍କିନ୍ ଲାଗି ବେସନ ବରଦାନ ସଦୃଶ। ଯଦି ଆପଣଙ୍କର ଏଭଳି ସ୍କିନ୍ ତେବେ ବେସନରେ ଦହି ମିଶାଇ ପ୍ୟାକ୍ ପ୍ରସ୍ତୁତ କରି ମୁହଁରେ ଲଗାନ୍ତୁ । ୧୫ ମିନିଟ୍ ରଖିବା ପରେ ପାଣିରେ ଧୋଇ ଦିଅନ୍ତୁ। କିଛିଦିନ ଏପରି କରିବା ଦ୍ୱାରା ତ୍ୱଚାରୁ ତେଲ ଦୂରହେବା ସହ ଗ୍ଲୋ ମଧ୍ୟ ବଢ଼ିବ।

▶ଧୀରେ ଧୀରେ ଖରା ବଢୁଥିବାରୁ ଅନେକଙ୍କ ଠାରେ ସନ୍ ବର୍ନ ବା ସନ୍ ଟ୍ୟାନ୍ ସମସ୍ୟା ଆରମ୍ଭ ହୋଇଗଲାଣି । ଏହାକୁ କମ୍ କରିବା ଲାଗି ଏକ ଚାମଚ ବେସନରେ ଅଳ୍ପ ହଳଦୀ ଗୁଣ୍ଡ, ଫାଳେ ଲେମ୍ବୁରସ, ଅଳ୍ପ ଗୋଲାପ ଜଳ କିମ୍ବା ପାଣି ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହି ପ୍ୟାକ୍‌କୁ ଟ୍ୟାନ୍ ହୋଇଥିବା ସ୍ଥାନରେ ଲଗାଇ ୧୦ ମିନିଟ୍ ରଖିବା ପରେ ଧୋଇ ଦିଅନ୍ତୁ। ସପ୍ତାହକୁ ୨-୩ ଥର ଏହି ପ୍ୟାକ୍ ବ୍ୟବହାର କଲେ ଟ୍ୟାନିଂ ସମସ୍ୟା ସମ୍ପୂର୍ଣ୍ଣ ଦୂର ହୋଇଯିବ।

▶ ବେସନ ଯେ କେବଳ ଅଏଲି ସ୍କିନ୍ ପାଇଁ ଲାଭଦାୟକ ତା' ନୁହେଁ ବରଂ ଏହା ଡ୍ରାଏ ସ୍କିନ୍ ପାଇଁ ମଧ୍ୟ ବେଶ୍ ଉପକାରୀ। ଏଥିପାଇଁ ବେସନରେ ସର କିମ୍ବା କ୍ଷୀର, ମହୁ, ଅଳ୍ପ ହଳଦୀ ଗୁଣ୍ଡ ମିଶାଇ ପ୍ୟାକ୍ ପ୍ରସ୍ତୁତ କରି ଲଗାନ୍ତୁ। ୧୫ ମିନିଟ୍ ରଖିବା ପରେ ଧୋଇ ଦିଅନ୍ତୁ। ଏହା ଦ୍ୱାରା ତ୍ୱଚାର ରୁକ୍ଷପଣ ଦୂର ହୋଇଥାଏ।

▶ ମୁହଁରେ ଥିବା ଅନାବଶ୍ୟକ ଲୋମ ହଟାଇବା ଲାଗି ଅନେକେ ୱାକ୍ସିଂ କିମ୍ବା ଥ୍ରେଡିଂ କରାଇଥାନ୍ତି, ଯାହାକି କଷ୍ଟଦାୟକ ମଧ୍ୟ। ହେଲେ ଆପଣ ଚାହିଁଲେ ଘରୋଇ ଉପାୟରେ ବେସନ ବ୍ୟବହାରକରି ତ୍ୱଚାରୁ ଏହି ଲୋମ ଦୂରକରିପାରିବେ। ଏଥିପାଇଁ ୨ ଚାମଚ ବେସନରେ ୨ ଚାମଚ ସୋରିଷ ତେଲ ମିଶାଇ ମୁହଁରେ ଲଗାନ୍ତୁ। ଧୀରେ ଧୀରେ ଏହାକୁ ମସାଜ କରନ୍ତୁ। ୨-୩ ଥର ଏପରି କରିବା ପରେ ଦେଖିବେ ଲୋମ ଉପୁଡ଼ି ମୁହଁ ସୁନ୍ଦର ଲାଗିବ।



# ପିଲା ଓ ଇ-ଗ୍ୟାଜେଟ୍

ଇଲେକ୍ଟ୍ରୋନିକ ଗ୍ୟାଜେଟ୍ ବର୍ତ୍ତମାନ ଅଧିକାଂଶ ପିଲାଙ୍କ ଦୈନନ୍ଦିନ ଜୀବନର ଏକ ଅଭିନ୍ନ ଅଙ୍ଗ ପାଲଟିଯାଇଛି। ଅଭିଭାବକମାନେ ମଧ୍ୟ ପିଲାଙ୍କୁ ଦୁନିଆ ସହ ଅପ୍‌ଡେଟ୍ ରଖିବା ଆଳରେ ବେଶ୍ ଦାମୀ ଇଲେକ୍ଟ୍ରୋନିକ୍ ଗ୍ୟାଜେଟ୍ ଯୋଗାଇଦେବାକୁ ପଛାଉନାହାନ୍ତି। ହେଲେ ଏସବୁ ଯେ, ଅପରପକ୍ଷେ ସେମାନଙ୍କଠାରେ ଶାରୀରିକ ତଥା ମାନସିକ ସ୍ତରରେ ନକାରାତ୍ମକ ପ୍ରଭାବ ପକାଉଛି , ସେନେଇ ପ୍ରଥମେ ଅଭିଭାବକମାନେ ସଚେତନ ରହିବା ଆବଶ୍ୟକ...





ବର୍ତ୍ତମାନ ପିଲାଙ୍କଠାରେ ଇ-ଗ୍ୟାଜେଟ୍‌ର ବ୍ୟବହାର ବଢ଼ିବାରେ ଲାଗିଛି, ଯାହାକି ସେମାନଙ୍କଠାରେ ବିଭିନ୍ନ ସମସ୍ୟାର କାରଣ ସାଜୁଛି। ତେଣୁ ସେମାନଙ୍କ ସୁରକ୍ଷା ଲାଗି ଅଭିଭାବକମାନେ କେତେକ ଦିଗ ପ୍ରତି ସଜାଗ ରହିବା ଆବଶ୍ୟକ...

▶ ପିଲାଙ୍କୁ ଥରେ ଇ-ଗ୍ୟାଜେଟ୍‌ର ନିଶା ଲାଗିଲେ ସେମାନେ ବାହାରେ ଖେଳିବା ଭୁଲିଯାଇ ଦୀର୍ଘ ସମୟ ବସି ରହି ଏଥିରେ ସମୟ ବିତାଉଛନ୍ତି। ବିଶେଷକରି ସୋସିଆଲ ସାଇଟ୍, ୟୁଟ୍ୟୁବ୍ ଏବଂ ଗେମ୍ ଲାଗି ଘଣ୍ଟା ଘଣ୍ଟା ଇଣ୍ଟରନେଟ୍ ବ୍ୟବହାର କରୁଛନ୍ତି। ଅଧିକ ସମୟ ବସିବା ଯୋଗୁ କାନ୍ଧ, ଆଣ୍ଠୁ, ଅଣ୍ଟା ଓ ପିଠି ଜାକିହୋଇ ରହୁଛି ଆଉ ଏହି ବଦଭ୍ୟାସ ପିଲାବେଳୁ ହିଁ ଅନେକଙ୍କଠାରେ ଗଣ୍ଠିଯନ୍ତ୍ରଣାର କାରଣ ସାଜୁଛି। ଶାରୀରିକ ପରିଶ୍ରମ ଅଭାବ ସାଙ୍ଗକୁ ପିଲାମାନେ ଅଳସୁଆ ହୋଇଯାଉଛନ୍ତି ଏବଂ ଗୋଟିଏ ସ୍ଥାନରେ ବସି ରହି ଖାଇବା ଦ୍ୱାରା ମେଦବହୁଳତାର ଶିକାର ହେଉଛନ୍ତି। ତେଣୁ ପିଲାଙ୍କୁ ଏପରି ଗ୍ୟାଜେଟ୍ ଦେଉଥିଲେ ସେମାନେ ଏହାକୁ କେଉଁ କାର୍ଯ୍ୟ ଲାଗି ବ୍ୟବହାର କରୁଛନ୍ତି ତଦାରଖ କରନ୍ତୁ, ଗୋଟିଏ ସ୍ଥାନରେ ଯେପରି ଦୀର୍ଘ ସମୟ ବସି ନ ରୁହନ୍ତି ଦେଖନ୍ତୁ ଏବଂ ଏକ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରନ୍ତୁ।

▶ସେହିପରି ଇ-ଗ୍ୟାଜେଟ୍ ବ୍ୟବହାର ସମୟରେ ଅନେକ ପିଲା ଖାଇବା ପିଇବା ଭୁଲି ଯାଉଛନ୍ତି ; ଯାହାକି ପରବର୍ତ୍ତୀ ସମୟରେ ସେମାନଙ୍କଠାରେ ଚିଡ଼ିଚିଡ଼ା ଲାଗିବା, ଅବସାଦ, ଅଳସୁଆ ଲାଗିବା, କାର୍ଯ୍ୟକୁଶଳତା ହ୍ରାସ, ଗ୍ୟାସ୍, ବଦହଜମୀ, ହୃଦ୍‌ରୋଗ ସମସ୍ୟା, ଆଖିତଳ କଳା ପଡ଼ିବା, ତ୍ୱଚାରେ କୁଞ୍ଚନ, ମଧୁମେହ, ମେଦବହୁଳତା, ସ୍ମରଣଶକ୍ତି, ଦୃଷ୍ଟିଶକ୍ତି ହ୍ରାସ ହେବା ଭଳି ବିଭିନ୍ନ ସମସ୍ୟା ସହିତ କେତେକ ଦୁସାଧ୍ୟ ରୋଗ ସୃଷ୍ଟି ହେଉଛି। ତେଣୁ ଯଦି ପିଲାଙ୍କୁ ଇ- ଗ୍ୟାଜେଟ୍ ଦେଉଛନ୍ତି ତେବେ ତାଙ୍କ ଖାଦ୍ୟପେୟ ସହ ଶୋଇବା ଯେପରି ଠିକ୍ ରୁହେ ସେଥିପ୍ରତି ଯତ୍ନଶୀଳ ହୁଅନ୍ତୁ।

▶ଇଣ୍ଟରନେଟ୍‌ର ଦୀର୍ଘ ସମୟ ବ୍ୟବହାର ଦ୍ୱାରା ଅନେକ ପିଲା ଇଣ୍ଟରନେଟ୍ ଆଡିକ୍ସନ ଡିସ୍‌ଅର୍ଡର ରୋଗର ଶିକାର ହେଉଛନ୍ତି । ହଠାତ୍ ସେମାନଙ୍କୁ ଏଥିରୁ ନିବୃତ୍ତ ରଖିଲେ ସେମାନଙ୍କଠାରେ ଚିଡ଼ିଚିଡ଼ା ହେବା, ବିନା କାରଣରେ ରାଗିବା କିମ୍ବା ଡିପ୍ରେସନ୍ ବା ଅବସାଦଗ୍ରସ୍ତ ହେବା ଭଳି ଲକ୍ଷଣ ଦେଖାଯାଉଛି। ତେଣୁ ଆରମ୍ଭରୁ ଏଥିପ୍ରତି ଦୃଷ୍ଟି ଦିଅନ୍ତୁ ଏବଂ ସେମାନଙ୍କ ଇଣ୍ଟରନେଟ୍ ବ୍ୟବହାର ଲାଗି ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟ କରନ୍ତୁ।

▶ ଇ-ଗ୍ୟାଜେଟ୍‌ରେ ଭିଡିଓଗେମ୍ ବିଶେଷକରି ଅନ୍‌ଲାଇନ ଗେମ୍ ଖେଳିବା ଅଧିକାଂଶ ପିଲାଙ୍କର ସବୁଠୁ ଅଧିକ ପସନ୍ଦ। ତେବେ ଯେଉଁମାନେ ବାରମ୍ବାର ଫାଇଟିଂ, ରେସିଂ ଆଦି ଗେମ୍ ଖେଳୁଛନ୍ତି ସେମାନଙ୍କ ମାନସିକ ସ୍ତରରେ ଏହାର ନକାରାତ୍ମକ ପ୍ରଭାବ ପଡୁଛି। ଫଳସ୍ୱରୂପ ମନରେ କ୍ରୋଧ, ହିଂସା ଭଳି ଭାବନା ସୃଷ୍ଟି ହେଉଛି । ଦିନକୁ ଦିନ ଅନ୍‌ଲାଇନ ଗେମ୍ ଯୋଗୁ ଏଭଳି ମୃତ୍ୟୁ ସଂଖ୍ୟା ବଢୁଥିବା ଦେଖିବାକୁ ମିଳୁଛି। କେବଳ ଏତିକି ନୁହେଁ, କିଛିଦିନ ପୂର୍ବରୁ ପୋକେମନ୍ ଗୋ ଗେମ୍ ଏବଂ ବର୍ତ୍ତମାନ ବ୍ଲୁହ୍ୱେଲ୍ ଗେମ୍ ଯୋଗୁ ସମଗ୍ର ବିଶ୍ୱରେ ଅନେକଙ୍କ ଜୀବନ ହାନି ହୋଇଥିବା ଘଟଣା ସମଗ୍ର ବିଶ୍ୱରେ ଚହଳ ପକାଇଥିଲା। ତେଣୁ ପିଲାଙ୍କୁ ଇ-ଗ୍ୟାଜେଟ୍ ଦେଉଥିଲେ ସୁରକ୍ଷା ଦୃଷ୍ଟିରୁ ସେ କେଉଁଭଳି ଭିଡିଓଗେମ୍ ଖେଳୁଛି ପ୍ରଥମେ ଦେଖନ୍ତୁ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପିଲାମାନେ ମୋବାଇଲ ହେଉ ଅବା ଲାପ୍‌ଟପ୍, କମ୍ପ୍ୟୁଟର ଇତ୍ୟାଦିରେ ଯେଉଁ ଗେମ୍ ଖେଳୁଛନ୍ତି ତାହା ସେମାନଙ୍କ ସୋସିଆଲ ସାଇଟ୍ ସହିତ ଲିଙ୍କ୍ ଅଛିକି ନାହିଁ ଦେଖନ୍ତୁ। କାରଣ ବର୍ତ୍ତମାନ ସୋସିଆଲ ସାଇଟ୍‌ରେ ଗେମ୍ ଖେଳି ପିଲାଙ୍କ ଆକାଉଣ୍ଟ ହ୍ୟାକ୍ କରି ବିଭିନ୍ନ ଅସାମାଜିକ କାର୍ଯ୍ୟ କରିବା କିମ୍ବା ପିଲାଙ୍କୁ ଅସୁବିଧାରେ ପକାଇବା ଭଳି ଘଟଣା ମଧ୍ୟ ଦେଖିବାକୁ ମିଳୁଛି। ଆପଣ ଚାହିଁଲେ ପ୍ୟାରେଣ୍ଟିଂ କଣ୍ଟ୍ରୋଲ ଜରିଆରେ ମଧ୍ୟ ପିଲାଙ୍କ ଅନ୍‌ଲାଇନ ଗେମ୍ ଖେଳିବାର ସମୟସୀମା କମାଇପାରିବେ।

▶ଅଧିକ ସମୟ ଫୋନ୍, ଟ୍ୟାବ୍, ଲାପ୍‌ଟପ୍, କମ୍ପ୍ୟୁଟର ସ୍କ୍ରିନ୍‌କୁ ଦେଖିବା ଦ୍ୱାରା ପିଲାଙ୍କ ଠାରେ ଚକ୍ଷୁ ସମସ୍ୟା ମଧ୍ୟ ଦେଖାଦେଉଛି। ତେଣୁ ଏଥିପ୍ରତି ସଜାଗ ରୁହନ୍ତୁ। ବିଶେଷକରି ପିଲା ଯେପରି ଅନ୍ଧାରରେ ଏହାକୁ ବ୍ୟବହାର ନ କରେ ଧ୍ୟାନ ଦିଅନ୍ତୁ।

## କ'ଣ କରନ୍ତି ଏମାନେ...



ରୋଜାଲିନ୍



କୃଷ୍ଣପ୍ରିୟା

**କୃଷ୍ଣପ୍ରିୟା ଆଚାର୍ଯ୍ୟ** (କର୍ମଜୀବୀ, ରସୁଲଗଡ଼, ଭୁବନେଶ୍ୱର)– ବର୍ତ୍ତମାନ ସ୍ମାର୍ଟଫୋନ୍‌ରେ ଯେଉଁସବୁ ସୁବିଧା ଉପଲବ୍ଧ, ତାହାକୁ ଦୀର୍ଘ ସମୟ ଧରି ବ୍ୟବହାର କରିବାଠାରୁ ବଡ଼ମାନେ ମଧ୍ୟ ନିଜକୁ ରୋକିପାରୁନାହାନ୍ତି, ଏମିତିରେ ପିଲାମାନେ ବା କେମିତି ସେଥିରୁ ବାଦ୍ ଯିବେ। ପିଲାମାନେ ତ ଏଥିପାଇଁ ଜିଦ୍ କରିବା ସାଧାରଣ କଥା, ହେଲେ ଏହା ଯେପରି ସେମାନଙ୍କର ନିଶା ନ ପାଲଟିଯାଏ ସେଥିପ୍ରତି ଧ୍ୟାନଦେବା ଅଭିଭାବକଙ୍କର ଦାୟିତ୍ୱ। ନିଜ କଥା କହିବି, ସୁରକ୍ଷା ଦୃଷ୍ଟିରୁ ପିଲାଙ୍କୁ ଖୁବ୍ କମ୍ ସମୟ ମୋବାଇଲ ବ୍ୟବହାର କରିବାକୁ ଦେଇଥାଏ। ସେମାନେ ଜିଦ୍ କଲେ ଏହାର ବିଭିନ୍ନ ଅସୁବିଧା ସମ୍ପର୍କରେ ବୁଝାଇଦିଏ।

**ରୋଜାଲିନ୍ ସାହୁ**(ଗୃହିଣୀ, ନିଆଳି, କଟକ)– ଆମମାନଙ୍କ ପିଲାବେଳ ଭଳି ଏବେ ଆଉ ପିଲାମାନଙ୍କୁ ବାହାରେ ଯାଇ ଖେଳିବାକୁ ସୁବିଧା ମିଳୁନି। ତେଣୁ ଏଥିପାଇଁ ସେମାନେ ଇ-ଗ୍ୟାଜେଟ୍ ଉପରେ ନିର୍ଭର କରୁଛନ୍ତି। ଧୀରେ ଧୀରେ ଏହା ସେମାନଙ୍କର ଆଡିକ୍ସନ ପାଲଟିଯାଉଛି ଏବଂ ଅପରପକ୍ଷେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜୁଛି। କେବଳ ଏହି ଡରରେ ନିଜ ଝିଅକୁ ମୋବାଇଲ ଫୋନ୍ ଦେବା ସମୟରେ ବିଭିନ୍ନ ଦିଗ ପ୍ରତି ସଜାଗ ରୁହେ। ଏକ ନିର୍ଦ୍ଦିଷ୍ଟ ସମୟସୀମା ରଖେ ଏବଂ ସେ କ'ଣ ଦେଖୁଛି ବା ଖେଳୁଛି ତଦାରଖ କରେ।

# ଗର୍ଭାବସ୍ଥାରେ ବାନ୍ତି ହେଉଥିଲେ

ହର୍ମୋନ ପରିବର୍ତ୍ତନ ଯୋଗୁ ଗର୍ଭାବସ୍ଥାରେ ଅନେକ ମହିଳାଙ୍କର ବାନ୍ତି ହେବା ଏକ ପ୍ରାକୃତିକ ପ୍ରକ୍ରିୟା। ହେଲେ ବାରମ୍ବାର ବାନ୍ତି ହେବା ବା ଆବଶ୍ୟକରୁ ଅଧିକ ବାନ୍ତି ହେବା ଦ୍ୱାରା ଶରୀର ଡିହାଇଡ୍ରେଟ୍ ହେବା ସହ ଦୁର୍ବଳ ହୋଇଯାଏ। ତେଣୁ କେତେକ ଘରୋଇ ଉପାୟରେ ଏହାକୁ କମ୍ କରାଯାଇପାରିବ। ଜାଣିରଖନ୍ତୁ ସେ ସମ୍ପର୍କରେ...

▶ପ୍ରଥମ କଥା ହେଉଛି ଏ ସମୟରେ ବାରମ୍ବାର ବାନ୍ତି ହେଲେ ଶରୀର ଶୀଘ୍ର ଡିହାଇଡ୍ରେଟ୍ ହୋଇଯିବା ଆଶଙ୍କା ରହିଛି। ତେଣୁ ପ୍ରଚୁର ପାଣି ପିଅନ୍ତୁ। ଏହା ସହ ଫ୍ରୁଟ୍ ଜୁସ୍ ବି ପିଇ ପାରିବେ।

▶ଅଁଳା ଖଣ୍ଡ ପାଟିରେ ଜାକିବା ଦ୍ୱାରା ବାନ୍ତି କମିଥାଏ। ଯଦି ଏହାର ସ୍ୱାଦ ଖରାପ ଲାଗୁଛି ତେବେ ଅଁଳା ମୁରବା ଖାଇଲେ ବାନ୍ତି ସମସ୍ୟାରୁ ଉପଶମ ମିଳିପାରିବ।

▶ଶୁଖିଲା କିମ୍ବା କଞ୍ଚା ଧନିଆକୁ ଗ୍ରାଇଣ୍ଡିଂ କରି ସେଥିରେ ସାମାନ୍ୟ କଳା ଲୁଣ ମିଶାନ୍ତୁ। ଅଧିକ ବାନ୍ତି ହେଉଥିଲେ ମଝିରେ ମଝିରେ ଏହାକୁ ଖାଇବା ଦ୍ୱାରା ବାନ୍ତି କମିବା ସହ ଆରାମ ଲାଗିବ।

▶ତୁଳସୀପତ୍ର ରସରେ ମହୁ ମିଶାଇ ଅଳ୍ପ ଅଳ୍ପ ଚାଟିଲେ ବି ଉପକୃତ ହେବେ।

▶ଅଧିକ ବାନ୍ତି ହେଉଥିଲେ ରାତିରେ କଳା ଚଣା ବା ବୁଟକୁ ପାଣିରେ ଭିଜାଇ ଦିଅନ୍ତୁ ଏବଂ ସକାଳୁ ଉକ୍ତ ପାଣିକୁ ପିଇଦିଅନ୍ତୁ। ଏପରି କରିବା ଦ୍ୱାରା ଉପକୃତ ହେବେ।

▶ଏ ସମୟରେ ଅଦାର ସେବନ ମଧ୍ୟ ହଜମ ଭଲ କରିବା ସହ ଏସିଡିଟି ହେବାକୁ ଦିଏ ନାହିଁ, ଯାହାକି ବାନ୍ତି କମ୍ କରିବାରେ ସାହାଯ୍ୟ କରିଥାଏ। ତେଣୁ ଅଦାରସରେ ମହୁ, ଅଦା ଚା କିମ୍ବା ଅଦା ଚକୋଲେଟ୍ ବା କୁକିଜ୍ ଖାଇଲେ ବାନ୍ତି ସମସ୍ୟା ଦୂର ହୋଇପାରିବ।

▶କମଳାରେ ଥିବା ସାଇଟ୍ରିକ୍ ଏସିଡ୍ ବାନ୍ତି କମ୍ କରିବାରେ ବେଶ୍ ଲାଭଦାୟକ। ତେଣୁ ବାନ୍ତି ହେଲେ କମଳା ଖାଆନ୍ତୁ କିମ୍ବା ଏହାର ଜୁସ୍ ପିଅନ୍ତୁ।

▶ଲେମ୍ବୁ ଶୁଙ୍ଘିବା କିମ୍ବା ଉଷୁମ ପାଣିରେ ଲେମ୍ବୁ ଚିପୁଡ଼ି ପିଇବା ଦ୍ୱାରା ବି ଉପଶମ ମିଳିଥାଏ।

▶ତେବେ ଏସବୁ ଉପଚାର ସହିତ ଯଦି ବାନ୍ତି ନ କମେ ତେବେ ଡାକ୍ତରଙ୍କ ପରାମର୍ଶ ନେବାକୁ ଭୁଲନ୍ତୁ ନାହିଁ।



ଖାଦ୍ୟ ରୁଚି

# ଅଏଲ୍ ଫ୍ରି ଚିକେନ୍ କରି

**ଆବଶ୍ୟକ ସାମଗ୍ରୀ:**
କଟା ହୋଇଥିବା ଚିକେନ୍– ୧ କିଗ୍ରା, ୨୫୦ ମିଲିଗ୍ରାମ୍ ଦହି, ୧ ଚାମଚ ଲଙ୍କା ଗୁଣ୍ଡ, ୨ ଚାମଚ ଜିରା, ୧ ଚାମଚ ଧନିଆ ପାଉଡର, ଅଧା ଚାମଚ ଗରମ ମସଲା, ଗୋଟିଏ ଲେମ୍ବୁର ରସ, ଛୋଟ ଛୋଟ କଟା ହୋଇଥିବା ୩ଟି ପିଆଜ, କଟା ହୋଇଥିବା ୩-୪ଟି କଞ୍ଚାଲଙ୍କା, ଛେଚା ହୋଇଥିବା ଅଳ୍ପ ରସୁଣ, ଅଦା, ୨ ଛୋଟ ଚାମଚ ଭିନେଗାର, ସ୍ୱାଦାନୁସାରେ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ଚିକେନ୍‌ରେ ଲେମ୍ବୁ ରସ ଏବଂ ପିଆଜ ଗୋଳାଇ ଏକ ଘଣ୍ଟା ରଖିଦିଅନ୍ତୁ। ତା' ପରେ ଦହିରେ ସମସ୍ତ ମସଲାଗୁଣ୍ଡ ଭଲ ଭାବେ ମିଶାଇ ଦିଅନ୍ତୁ। ଏହାକୁ ଚିକେନ୍‌ରେ ଢାଳି ମିଶାଇ ଦିଅନ୍ତୁ। ବର୍ତ୍ତମାନ ଚୂଲାରେ ଏକ ନନ୍‌ଷ୍ଟିକ୍ ପ୍ୟାନ୍ ଗରମ କରି ସେଥିରେ ଚିକେନ୍ ପକାଇ ଘାଣ୍ଟନ୍ତୁ। ସ୍ୱାଦ ଅନୁସାରେ ଲୁଣ ପକାନ୍ତୁ। ଚିକେନ ସିଝିବା ପରେ ଚୂଲା ବନ୍ଦ କରିଦିଅନ୍ତୁ। ବିନା ତେଲରେ ଆପଣଙ୍କ ଚିକେନ୍ ତରକାରି ପ୍ରସ୍ତୁତ। ସେଥିରେ ଧନିଆ ପତ୍ର ପକାଇ ପରଷନ୍ତୁ।



# ଘର ସଜାଉଥିଲେ

ଘର ସଜାଇବାର ସଉକ ଥିଲେ ଦାମୀ ଫର୍ନିଚର କିମ୍ବା ଡେକୋରେଟିଭ୍ ସାମଗ୍ରୀ ରଖିବା ଯେ ନିହାତି ଆବଶ୍ୟକ ତା' ନୁହେଁ ବରଂ କମ୍ ବଜେଟରେ ୱାଲ୍ ଡେକୋରେଶନ ବି ଆପଣଙ୍କ ଘରକୁ ଦେଇପାରିବ ଆକର୍ଷଣୀୟ ଲୁକ୍...

– ଘରର କାନ୍ଥ ସଜାଇବା ଲାଗି ବିଭିନ୍ନ ପ୍ରକାର ଟାଇଲ ବ୍ୟବହାର କରିପାରିବେ। ଏହା ୱାନ୍ ଟାଇମ୍ ଇନ୍‌ଭେଷ୍ଟମେଣ୍ଟ। ହେଲେ ଆହୁରି କମ୍ ଖର୍ଚ୍ଚରେ କାନ୍ଥ ସଜାଇବାକୁ ଚାହୁଁଥିଲେ ମାର୍କେଟ୍‌ରେ ମିଳୁଥିବା ବିଭିନ୍ନ ପ୍ରକାର ୱାଲ୍ ପେପର ଲଗାଇପାରିବେ।

– ୱାଲ୍ ହ୍ୟାଙ୍ଗିଙ୍ଗ୍ ଲଗାଇବାକୁ ଚାହୁଁଥିଲେ ବିଭିନ୍ନ ପେଣ୍ଟିଂ ଲଗାଇପାରିବେ। ଘରେ ଥିବା ପୁରୁଣା ଫଟୋ ଫ୍ରେମ୍‌ରେ କୌଣସି ସୁନ୍ଦର ପ୍ରିଣ୍ଟେଡ୍ ୱାଲ୍‌ପେପର, କ୍ୟାଲେଣ୍ଡର ଆଦି କାଟି ମଧ୍ୟ ପୁନର୍ବାର ବ୍ୟବହାର କରିପାରିବେ। ନିଜେ ମଧ୍ୟ ପେଣ୍ଟିଂ କିମ୍ବା ପ୍ୟାଚ୍ ୱାର୍କ କରି କାନ୍ଥରେ ଲଗାଇପାରିବେ। ବିଶେଷକରି ଲିଭିଂ ଏବଂ ଷ୍ଟଡି ରୁମ୍ ୱାଲ୍ ଡେକୋରେଶନ ଲାଗି ଏସବୁ ବେଶି ସୁନ୍ଦର ଲାଗିବ।

– ଆପଣଙ୍କର ଆର୍ଟ କିମ୍ବା କ୍ରାଫ୍ଟ ୱାର୍କ ଉପରେ ଜ୍ଞାନ ଥିଲେ କମ୍ ବଜେଟରେ ଘର ସଜାଇବା ଖୁବ୍ ସହଜ ହେବ। ଆପଣ ଥର୍ମୋକୁଲ୍ କିମ୍ବା ଆଇସ୍‌କ୍ରିମ୍ ଷ୍ଟିକ୍‌ରେ ୱାଲ୍ ହ୍ୟାଙ୍ଗିଙ୍ଗ୍, ଫ୍ଲାୱାର ଭେସ୍ ପ୍ରସ୍ତୁତକରି ସେଥିରେ ସୁନ୍ଦର ରଙ୍ଗର ଫୁଲ ରଖିପାରିବେ। ଏହା ମଧ୍ୟ ଆପଣଙ୍କ ଘରର ଇଣ୍ଟେରିୟରକୁ ଅଧିକ ସୁନ୍ଦର କରିବ।

– ଡ୍ରଇଂ ରୁମ୍, ବଡ଼ ହଲ୍ କିମ୍ବା ବାରଣ୍ଡାକୁ ରୟାଲ ଲୁକ୍ ଦେବାକୁ ଚାହୁଁଥିଲେ ନିଜର କୌଣସି ସୁନ୍ଦର ଶାଢ଼ି କିମ୍ବା ଏମ୍ବ୍ରୋଡୋରି, ବୁଣା ହୋଇଥିବା ଅବା ଅନ୍ୟ କାମ ହୋଇଥିବା କପଡ଼ାକୁ ବଡ଼ ଓ ଲମ୍ବା କାର୍ଡ ବୋର୍ଡ ଉପରେ ଲଗାଇ କାନ୍ଥରେ ଟଙ୍ଗାଇ ପାରିବେ।



| Dollar | Sensex | Nifty | Gold | Silver |
|---|---|---|---|---|
| 71.98 (34) | 40,363.23 (806.89) | 11,829.40 (251.45) | 44,472.00 (₹953) | 49,990.00 (₹586) |



" ବର୍ତ୍ତମାନ ବ୍ୟାଙ୍କଗୁଡିକ ଋଣ ଅଭିବୃଦ୍ଧି କ୍ଷେତ୍ରରେ ଏକ ପ୍ରମୁଖ ଚ୍ୟାଲେଞ୍ଜ ସାମ୍ନା କରୁଛନ୍ତି।

-ଶକ୍ତିକାନ୍ତ ଦାସ, ରିଜର୍ଭ ବ୍ୟାଙ୍କ ଗଭର୍ନର



" ଟେଲିକମ୍ ସେକ୍ଟର ବନ୍ଦ ହୋଇ ଯାଉ ବୋଲି କେହି ଚାହିଁବେ ନାହିଁ। ସରକାରଙ୍କ ପକ୍ଷରୁ ଏ ନେଇ ଆଗାମୀ ପଦକ୍ଷେପକୁ ନଜର ରଖାଯାଇଛି।

-ରଜନୀଶ କୁମାର, ଏସ୍‌ବିଆଇ ଅଧ୍ୟକ୍ଷ

# ଭାରତ ସହ ଟ୍ରେଡ ଡିଲ୍ ନେଇ ଟ୍ରମ୍ପ ଆଶାବାଦୀ

- ଦୁଇ ଦେଶ ମଧ୍ୟରେ ଆଲୋଚନା ଚାଲୁ ରହିଛି
- ସବୁଠାରୁ ବଡ ହେବ ବାଣିଜ୍ୟ ଚୁକ୍ତି
- ମୋଦି ଜଣେ ଟପ୍ ନେଗୋସିଏଟର:ଟ୍ରମ୍ପ
- ଭାରତ ଆମେରିକା ଦ୍ୱିପାକ୍ଷିକ ବାଣିଜ୍ୟ ୪୦% ବଢ଼ିଛି

ଅହମ୍ମଦାବାଦ, ୨୪-୨

ଭାରତ ସହ ଏକ ଉତ୍ତମ ବାଣିଜ୍ୟିକ ଚୁକ୍ତି ନେଇ ଆଶାବାଦୀ ଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋମବାର କହିଛନ୍ତି। ସେ ଏବେ ଭାରତ ଗସ୍ତରେ ଥିବା ବେଳେ ମୋଟେରା ଷ୍ଟାଡିୟମଠାରେ ନମସ୍ତେ ଟ୍ରମ୍ପ କାର୍ଯ୍ୟକ୍ରମକୁ ସମ୍ବୋଧିତ କରିଛନ୍ତି। ସେ କହିଛନ୍ତି ଯେ, ଦୁଇ ଦେଶ ମଧ୍ୟରେ ସମ୍ପାଦିତ ହେବାକୁ ଥିବା ବାଣିଜ୍ୟ ଚୁକ୍ତି ସବୁଠାରୁ ବଡ ହେବ। ଏଥିଲାଗି ଭାରତ ଆମେରିକା ଆଲୋଚନାର ପ୍ରାଥମିକ ପର୍ଯ୍ୟାୟରେ ରହିଛନ୍ତି। ଚୁକ୍ତି ସଫଳ ହେଲେ ଏହା ନିବେଶ କ୍ଷେତ୍ରରେ ସବୁ ପ୍ରକାରର ପ୍ରତିବନ୍ଧକକୁ ଦୂର କରିବାରେ ସକ୍ଷମ ହେବ ବୋଲି ସେ ମତ ଦେଇଛନ୍ତି। ଦୁଇ ଦେଶ ମଧ୍ୟରେ ଅର୍ଥନୈତିକ ସମ୍ପର୍କ କିଭଳି ବୃଦ୍ଧିପାଇବ ସେ ନେଇ ଦୁଇ ଲିଡର ଆଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଣେ ଟପ୍ ନେଗୋସିଏଟର(କଠୋର) ବୋଲି ଟ୍ରମ୍ପ ମତ ଦେଇଛନ୍ତି।

ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ୪୦% ବଢ଼ିଛି। ଆମେରିକାର ରପ୍ତାନି କ୍ଷେତ୍ରରେ ଭାରତ ଏକ ପ୍ରମୁଖ ବଜାର ଭାବେ ଉଭା ହୋଇଛି। ସେହିଭଳି ନୂଆଦିଲ୍ଲୀ ଲାଗି ଆମେରିକା ସର୍ବବୃହତ୍ ବଜାର ହୋଇପାରିଛି। ଆମେରିକାର ବିକାଶ ଉଭୟ ଭାରତ ଏବଂ ବିଶ୍ୱ ଲାଗି ଭଲ। ଆମେରିକାରେ ବାଣିଜ୍ୟ କ୍ଷେତ୍ରରେ ରହିଥିବା ଅସୁବିଧାକୁ ଦୂର କରିବା ସହ ନିଯୁକ୍ତି ଏବଂ ସୁଯୋଗ ସୃଷ୍ଟି ଦିଗରେ କାର୍ଯ୍ୟକ୍ରମ ଜାରି ରହିଛି। ନୂଆ ନିବେଶକୁ ପ୍ରୋତ୍ସାହିତ କରିବା ସହ ଅମଲାତନ୍ତ୍ରର ଅଯଥା ହସ୍ତକ୍ଷେପ, ନାଲିଫିତାବାଦ,ଟିକସ ଏବଂ ନିୟମ କ୍ଷେତ୍ରରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଥିବା ସେ ସ୍ପଷ୍ଟ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସଂସ୍କାରଧାରା ହାତକୁ ନେଇଥିବା ଟ୍ରମ୍ପ ଏଥିରେ ମତବ୍ୟକ୍ତ କରିଛନ୍ତି। ଭାରତର ବାଣିଜ୍ୟିକ କାର୍ଯ୍ୟକଳାପ ଦ୍ରୁତ ହାରରେ ବଢ଼ୁଛି। ଏହାକୁ ସାରା ବିଶ୍ୱ ଏବେ ଚାହିଁ ରହିଛି। ରେକର୍ଡ ସମୟ ମଧ୍ୟରେ ମୋଦି ଏସବୁ କରିବାକୁ ସକ୍ଷମ ହୋଇଥିବା ଟ୍ରମ୍ପ କହିଛନ୍ତି।

ଆମେରିକା ସହ ଭାରତର ବାଣିଜ୍ୟ ସମ୍ପର୍କ ଅନେକ ଗୁରୁତ୍ୱ ବହନ କରୁଛି। ଟ୍ରମ୍ପଙ୍କ ଗସ୍ତ ସମୟରେ ଏହି ବାଣିଜ୍ୟ ଚୁକ୍ତି ସମ୍ପର୍କରେ ଘୋଷଣା ହୋଇପାରେ ବୋଲି ଆଶା କରାଯାଉଛି। ଉଭୟ ଦେଶ ଏବେ କୃଷି, ଡାଟା ସୁରକ୍ଷା ଏବଂ ସ୍ଥାନୀୟକରଣ, ଡେରୀ, ଇ-କମର୍ସ ଭଳି ଅନ୍ୟ କେତେକ କ୍ଷେତ୍ରରେ ରହିଥିବା ସମସ୍ୟାକୁ ସମାଧାନ କରିବା ଦିଗରେ ସକ୍ଷମ ହୋଇପାରି ନାହାନ୍ତି। ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଡିଲ ହେଲେ ଆପୋଷ ବୁଝାମଣାରେ ହେବ। ଏହାଦ୍ୱାରା ଭାରତର ସ୍ୱାର୍ଥରେ କୌଣସି ଆଞ୍ଚ୍ ଆସିବ ନାହିଁ ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଅଧିକାରୀଙ୍କ କହିବା ମୁତାବକ ଆମେରିକା ନିକଟରେ ଆଉ କିଛି ଦାବି ନୂଆ କରି ରଖିଛି। ବାଣିଜ୍ୟିକ ଆଲୋଚନା ଏବେ ଚାଲୁ ରହିଛି। ଦୁଗ୍ଧଜାତ ସାମଗ୍ରୀ ଲାଗି ଭାରତ ଏକ ବଡ ବଜାର ବୋଲି ଆମେରିକା ବିଚାର କରୁଛି। ମାତ୍ର ଭାରତୀୟ ଗ୍ରାହକଙ୍କ ମନୋଭାବ ଏବଂ ସମାଜ ପ୍ରଭାବିତ ହେଲା ଭଳି ଏମିତି କିଛି କାମ ନ ହେଉ ତାକୁ ମଧ୍ୟ ଭାରତ ବିଚାର କରୁଛି। ଏହାବାଦ୍ ଅଖରୁଟ, ସେଓ, ମେଡିକାଲ ଡିଭାଇସ ଉପରେ ପ୍ରାଇସ କ୍ୟାପ ହଟାଇବା, ୧୬୦୦ ସିସି ବାଇକ ଉପରେ ସୀମା ଶୁଳ୍କ ହଟାଇବା ଭଳି ଅନେକ ପ୍ରସଙ୍ଗ ଉପରେ ଆମେରିକା ଭାରତ ସହ ଆଲୋଚନା କରିବ। ଏହାବାଦ ସୂଚନା ଏବଂ ପ୍ରଯୁକ୍ତି ପ୍ରଡକ୍ଟଗୁଡିକ ଉପରେ ଭାରତ ବଜାରରେ ଉପଲବ୍ଧତା ବଢାଇବାକୁ ଆମେରିକା ପ୍ରୟାସ କରୁଛି।

ଏହାବାଦ୍ ଭାରତ ସହ ଉଚ୍ଚ ବାଣିଜ୍ୟ ନିୟଣ୍ଟକୁ ନେଇ ଆମେରିକା ଆଶଙ୍କାରେ ରହିଛି। ସେହିଭଳି ଭାରତ ଜେନେରାଲାଇଜ୍‌ଡ ସିଷ୍ଟମ ଅଫ୍ ପ୍ରିଫରେନ୍ସ(ଜିଏସ୍‌ପି) ପ୍ରୋଗ୍ରାମ ଅଧୀନରେ ଆମେରିକାଠାରୁ ରପ୍ତାନି ପ୍ରୋତ୍ସାହନ ଆଶା କରୁଛି। ଏହି କାର୍ଯ୍ୟକ୍ରମ ଅଧୀନରେ ଭାରତ ଆମେରିକାକୁ ୬.୫ ବିଲିୟନ ଡଲାରର ସାମଗ୍ରୀ ପ୍ରେରଣ କରୁଥିଲା। ଆମେରିକା ଯଦି ଏହି ସୁବିଧାକୁ ପୁଣି ଥରେ ପ୍ରଦାନ କରେ ତେବେ ଭାରତ ଲାଗି ଏହା ପୁଣି ଥରେ ଲାଭକାରୀ ସାବ୍ୟସ୍ତ ହେବ। ଜିଏସ୍‌ପିରେ ଭାରତ ଆମେରିକାକୁ ୧୯୦୦ ସାମଗ୍ରୀ ପଠାଇ ଥାଏ। ଏହା ମଧ୍ୟରେ କେମିକାଲ, ଇଞ୍ଜିନିୟରିଂ ସମେତ ଅନ୍ୟ ପ୍ରଡକ୍ଟ ସାମିଲ ରହିଛି। ଗତ ବର୍ଷ ଏହି ମାନ୍ୟତାକୁ ଆମେରିକା ପ୍ରତ୍ୟାହାର କରି ନେଇଛି। ଏହାବାଦ ଘରୋଇ ପ୍ରଫେଶନାଲଙ୍କ ପାଇଁ ଭିଜା ଫି ହ୍ରାସ, କେତେକ ଇସ୍ପାତ ଏବଂ ଆଲୁମିନିୟମ ପ୍ରଡକ୍ଟ ବର୍ଗରେ ଆମେରିକା ଲାଗୁ କରୁଥିବା ଉଚ୍ଚ ପରିମାଣର ଟିକସରେ ହ୍ରାସ, କୃଷି ଜାତୀୟ ସାମଗ୍ରୀ, ଅଟୋମୋବାଇଲ, ଅଟୋମୋବାଇଲ କମ୍ପୋନେଣ୍ଟ ଏବଂ ଇଞ୍ଜିନିୟରିଂ ପ୍ରଡକ୍ଟ ଲାଗି ଆମେରିକାରେ ଏକ ବଡ ବଜାର ଆଶାରେ ଭାରତ ରହିଛି।

ଏପଟେ ଭାରତ ଆମେରିକା ପ୍ରଡକ୍ଟ ଉପରେ ସବୁବେଳେ ଅଧିକ ଟିକସ ଲଗାଉଥିବା କହି ଭାରତକୁ ଟାରିଫ କିଙ୍ଗ୍ ବୋଲି ଟ୍ରମ୍ପ ଅଭିଯୋଗ କରୁଛନ୍ତି। ଗତ ବର୍ଷ ଜୁନରେ ୨୮ ଆମେରିକା ପ୍ରଡକ୍ଟ ଉପରେ ଉଚ୍ଚ ଟିକସ ଲାଗୁ କରାଇବା ପାଇଁ ଭାରତ ଘୋଷଣା କରିଥିଲା। ୱାଶିଂଟନ ଭାରତର ଷ୍ଟିଲ ଏବଂ ଆଲୁମିନିୟମ ପ୍ରଡକ୍ଟ ଉପରେ ଟିକସ ବଢାଇବା ପରେ ଭାରତ ଏଭଳି ନିଷ୍ପତ୍ତି ନେଇଥିଲା। ଆମେରିକା ଏବେ ଚାଇନାକୁ ଟପି ଭାରତର ପ୍ରମୁଖ ବାଣିଜ୍ୟ ଅଂଶୀଦାର ହୋଇଛି। ୨୦୧୮-୧୯ରେ ଭାରତ ଆମେରିକାକୁ ୫୨.୪ ବିଲିୟନ ଡଲାରର ସାମଗ୍ରୀ ରପ୍ତାନି କରିଛି। ଏହି ସମୟରେ ଆମେରିକାରୁ ଭାରତ ୩୫.୫ ବିଲିୟନ ଡଲାରର ସାମଗ୍ରୀ ଆମଦାନୀ କରିଛି। ଏହାବାଦ୍ ବାଣିଜ୍ୟ ନିଅଣ୍ଟ ୨୦୧୭-୧୮ରେ ୨୧.୩ ବିଲିୟନ ଥିବା ବେଳେ ୨୦୧୮-୧୯ରେ ୧୬.୯ ବିଲିୟନ ଡଲାର ରହିଛି। ୨୦୧୮-୧୯ରେ ଭାରତ ଆମେରିକାଠାରୁ ୩.୧୩ ବିଲିୟନ ଡଲାରର ଏଫ୍‌ଡିଆଇ ଲାଭ କରିଛି। ଏହା ୨୦୧୭-୧୮ରେ ୨ ବିଲିୟନ ଡଲାରଥିଲା। ଦୁଇ ଦେଶ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତି ହେଲେ ଏହାଦ୍ୱାରା ଉଭୟ ଦେଶ ଲାଭବାନ ହୋଇପାରିବେ।



## ଟ୍ରମ୍ପଙ୍କ ଗସ୍ତକୁ ନେଇ ଶେୟାର ବଜାର ଖୁସି ନୁହଁ

**ନୂଆଦିଲ୍ଲୀ, ୨୪-୨:** ସୋମବାରଠାରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଗସ୍ତରେ ଆସିଛନ୍ତି। ଭାରତରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି। ହେଲେ ତାଙ୍କ ଗସ୍ତକୁ ନେଇ ଦେଶର ଶେୟାର ବଜାର ଖୁସି ନ ଥିବା ପରି ଲାଗୁଛି। ଶେୟାର ବଜାର ଉପରେ କରୋନା ଭାଇରସର ପ୍ରଭାବ ଭାରି ପଡିଛି। କରୋନା ଭାଇରସ ପ୍ରଭାବରେ ସୋମବାର ଶେୟାର ବଜାର ସୂଚକାଙ୍କ ବୃହତ୍ ପରିମାଣର ହ୍ରାସ ହେବା ସହ ବନ୍ଦ ହୋଇଥିଲା। ୩୦ ଶେୟାର ବିଶିଷ୍ଟ ସେନସେକ୍ସ ୮୦୬.୮୯ ପଏଣ୍ଟ ଖସିଥିବା ବେଳେ ୪୦,୩୬୩.୨୩ ସ୍ତରରେ ବନ୍ଦ ହୋଇଛି। ସେହିଭଳି ନିଫ୍ଟି ୨୫୧.୪୫ ପଏଣ୍ଟ ଖସିବା ସହ ୧୧,୮୨୯.୪୦ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ଏହି ସମୟ ମଧ୍ୟରେ ସେନସେକ୍ସରେ ୧.୯୬% ଏବଂ ନିଫ୍ଟିରେ ୨.୦୧% ହ୍ରାସ ଘଟିଛି। କରୋନା ଯୋଗୁ ବର୍ତ୍ତମାନ ୨୫୦୦ ଲୋକଙ୍କ ମୃତ୍ୟୁ ଘଟିଛି। ୭୭ ହଜାର ଲୋକ ଏହାଦ୍ୱାରା ସଂକ୍ରମିତ ହୋଇଛନ୍ତି। ସେନସେକ୍ସର ପ୍ରାୟ ସବୁ କମ୍ପାନୀଙ୍କ ଶେୟାର କାରବାର ପ୍ରଭାବିତ ହୋଇଛି। ଟାଟା ଷ୍ଟିଲରେ ସର୍ବାଧିକ ୬.୩୯% ହ୍ରାସ ଘଟିଛି। କରୋନା ଯୋଗୁ ଦକ୍ଷିଣ କୋରିଆରେ ୭୬୩ ଲୋକ ମୃତ୍ୟୁମୁଖରେ ପଡିଛନ୍ତି।

# 'ଷ୍ଟାର୍ଟଅପ୍ କରୁଥିବା ବ୍ୟକ୍ତି ହୋଇ ପାରିବେ ଧୀରୁଭାଇ ଅମ୍ବାନୀ'



- ଭାରତ ହେବ ତୃତୀୟ ବୃହତ୍ତ ଅର୍ଥନୀତି: ମୁକେଶ ଅମ୍ବାନୀ
- ସବୁ ବର୍ଗକୁ ଲାଭ ଦେଲା ଭଳି ଟେକ୍ନୋଲୋଜି ଆଣନ୍ତୁ ଭାରତୀୟ ସିଇଓ: ସତ୍ୟ ନାଡେଲା

ନୂଆଦିଲ୍ଲୀ, ୨୪-୨: ଛୋଟ ଛୋଟ ବ୍ୟବସାୟ କରୁଥିବା ବ୍ୟକ୍ତିବିଶେଷ ଦିନେ ବହୁତ ବଡ ହେବାର ସମ୍ଭାବନା ରହିଛି। ଦେଶରେ ଷ୍ଟାର୍ଟ ଅପ୍ କରୁଥିବା ବ୍ୟକ୍ତି ଦିନେ ଧୀରୁଭାଇ ଅମ୍ବାନୀ ହୋଇପାରିବେ ବୋଲି ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ସୋମବାର କହିଛନ୍ତି। ଏହିଭଳି କାରଣ ଯୋଗୁ ଭାରତ ଅନ୍ୟ ଦେଶଠାରୁ ଭିନ୍ନ ହୋଇପାରିଛି। ୪୦ ବର୍ଷ ପୂର୍ବେ ଏକ ଟେବୁଲରୁ ରିଲାଏନ୍ସର ଯାତ୍ରା ଆରମ୍ଭ ହୋଇଥିଲା ହେଲେ ଏହା ବର୍ତ୍ତମାନ ବହୁତ ବଡ କମ୍ପାନୀ ହୋଇସାରିଥିବା ମୁକେଶ କହିଛନ୍ତି। ପ୍ରବାସୀ ଭାରତୀୟ ସତ୍ୟ ନାଡେଲା ମଧ୍ୟ ସୋମବାରଠାରୁ ଭାରତ ଗସ୍ତରେ ଅଛନ୍ତି। ମୁମ୍ବାଇରେ ଅନୁଷ୍ଠିତ ଡିକୋଡ ସିଇଓ ୨୦୨୦ କାର୍ଯ୍ୟକ୍ରମରେ ମୁକେଶ ଅମ୍ବାନୀ ଏବଂ ସତ୍ୟ ନାଡେଲା ଏକ କାର୍ଯ୍ୟକ୍ରମରେ ଗୋଟିଏ ମଞ୍ଚରେ ଦେଖାଯାଇଥିଲେ। ଟ୍ରମ୍ପଙ୍କ ଗସ୍ତକୁ ନେଇ ମୁକେଶ କହିଛନ୍ତି ଯେ, ଆମେରିକାର ଅନ୍ୟ ରାଷ୍ଟ୍ରପତିଙ୍କ ଗସ୍ତଠାରୁ ଏହା ଭିନ୍ନ। ମାଇକ୍ରୋସଫ୍ଟ ଏବଂ ରିଲାଏନ୍ସର ସହଭାଗିତା ଆଜିର ସମୟ ଲାଗି ଅନେକ ଗୁରୁତ୍ୱ ବହନ କରୁଥିବା ମୁକେଶ କହିଛନ୍ତି।

ଅଗଷ୍ଟ ୨୦୧୯ରେ ଦୁଇ କମ୍ପାନୀ ମିଳିତ ହୋଇ କ୍ଲାଉଡ ଇନ୍‌ଫ୍ରାଷ୍ଟ୍ରକଚର ଆଜ୍ୟୁରେ ନେଇ ଚୁକ୍ତିରେ ସାମିଲ ହୋଇଥିଲେ। ଷ୍ଟାର୍ଟଅପ କମ୍ପାନୀଗୁଡିକୁ ମାଗଣାରେ ସଂଯୋଗ ଏବଂ କ୍ଲାଉଡ ସେବା ଯୋଗାଣ ଦିଗରେ ଏହି ଚୁକ୍ତି ସହାୟକ ହେବ। ୨୦୨୧ ଜାନୁୟାରୀ ପହିଲାରୁ ଏହା କାର୍ଯ୍ୟକାରୀ ହେବ। ଜିଓ ଯୋଗୁ ଡାଟା ବହୁତ ଶସ୍ତା ହୋଇଥିବା ଏହି ଅବସରରେ ମୁକେଶ ମତ ରଖିଛନ୍ତି। ଦେଶ ମଧ୍ୟରେ ଉନ୍ନତ ମୋବାଇଲ ଡିଜିଟାଲ ନେଟୱର୍କ ରହିଥିବା ଯୋଗୁ ଭାରତ ସାରା ବିଶ୍ୱରେ ଏକ ପ୍ରମୁଖ ଡିଜିଟାଲ ସୋସାଇଟି ହେବାର କ୍ଷମତା ରଖୁଛି। ଆଗାମୀ ଦଶନ୍ଧିରେ ଭାରତ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି ହେବ ବୋଲି ସେ ଆଶା ପ୍ରକଟ କରିଛନ୍ତି। ସବୁ ବର୍ଗକୁ ଲାଭ ଦେଲା ଭଳି ଟେକ୍ନୋଲୋଜି ସମାଧାନ ପ୍ରଦାନ ଦିଗରେ ଭାରତୀୟ ସିଇଓ ମାକେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ମାଇକ୍ରୋସଫ୍ଟ ସିଇଓ ସତ୍ୟ ନାଡେଲା ଏଥିରେ ମତ ପ୍ରକାଶ କରିଛନ୍ତି।

# ୧.୦୫ ଲକ୍ଷ କୋଟି ଟଙ୍କା ନିବେଶ କରିବ ଗେଲ୍

ନୂଆଦିଲ୍ଲୀ, ୨୪-୨

ଦେଶର ସର୍ବବୃହତ୍ ଗ୍ୟାସ କମ୍ପାନୀ ଗେଲ୍ ଇଣ୍ଡିଆ ଲିମିଟେଡ ଆଗାମୀ ୫ ବର୍ଷରେ ୧.୦୫ ଲକ୍ଷ କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରିବା ନେଇ ଲକ୍ଷ୍ୟ ରଖିଛି। ପାଇପ ଲାଇନ ସମ୍ପ୍ରସାରଣ, ସହରୀ ଗ୍ୟାସ ବିତରଣ ନେଟୱର୍କ, ପେଟ୍ରୋକେମିକାଲ ଉତ୍ପାଦନ କ୍ଷମତା ବଢାଇବା ଦିଗରେ ଏହି ନିବେଶ କରାଯିବ ବୋଲି କମ୍ପାନୀର ନୂଆ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ମନୋଜ ଜୈନ ସୂଚନା ଦେଇଛନ୍ତି। ବର୍ତ୍ତମାନ ଦେଶ ମଧ୍ୟରେ ପ୍ରାକୃତିକ ବାଷ୍ପ ବାସ୍କେଟ ୬.୨% ରହିଛି। ଏହାକୁ ୨୦୩୦ ସୁଦ୍ଧା ଦେଶର ମୋଟ ଏନର୍ଜି ବ୍ରାକେଟର ୧୫%କୁ ବଢାଇବା ଦିଗରେ ସରକାର ପ୍ରୟାସ ଜାରି ରଖିଛନ୍ତି। ଏହି ଧାରାରେ ଦେଶର ପୂର୍ବଭାଗ, ଉତ୍ତର-ପୂର୍ବ ଭାଗ ସହ ଦକ୍ଷିଣ ଭାଗର ଗ୍ରାହକଙ୍କୁ ଗ୍ୟାସ ପାଇପ ଯୋଗେ ଅଧିକ ସେବା ଯୋଗାଣ ନେଇ ଯୋଜନା କରାଯାଇଛି। ପାଇପ ଲାଇନ ବିଛାଇବା ଲାଗି ୪୫ ହଜାର ଟଙ୍କାରୁ ୫୦ ହଜାର ଟଙ୍କାର କ୍ୟାପେକ୍ସ, ପେଟ୍ରୋକେମିକାଲ୍ସର କ୍ଷମତା ସମ୍ପ୍ରସାରଣ ଲାଗି ୧୦ ହଜାର କୋଟି ପୁଞ୍ଜି ବ୍ୟବସ୍ଥା ଏବଂ ସିଟି ଗ୍ୟାସ ଡିଷ୍ଟ୍ରିବ୍ୟୁଶନ(ସିଜିଡି) ପ୍ରକଳ୍ପରେ ୪୦ ହଜାର କୋଟି ଟଙ୍କା ପୁଞ୍ଜି ବିନିଯୋଗ ହେବ ବୋଲି ସେ ଖବରଦାତା କାର୍ଯ୍ୟକ୍ରମରେ ସୂଚନା ଦେଇଛନ୍ତି। ପ୍ରଦୂଷଣ ମୁକ୍ତ ଫୁଏଲ ଯୋଗାଣ ଏବଂ ପ୍ରଧାନମନ୍ତ୍ରୀଙ୍କ ଗ୍ୟାସଭିତ୍ତିକ ଅର୍ଥନୀତିକୁ ପ୍ରୋତ୍ସାହନ କାର୍ଯ୍ୟକ୍ରମ ଅନ୍ତର୍ଗତ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି ସେ ମତ ପ୍ରକାଶ କରିଛନ୍ତି।

# ବଲିଉଡର ୭ ପ୍ରଡକ୍ସନ ହାଉସ ଉପରେ ଆଇଟି ସର୍ଭେ

ନୂଆଦିଲ୍ଲୀ, ୨୪-୨

ବଲିଉଡର ୭ ପ୍ରଡକ୍ସନ ହାଉସ ଉପରେ ଆୟକର (ଆଇଟି) ବିଭାଗ ପକ୍ଷରୁ ସର୍ଭେ କରାଯାଇଛି। ଏହା ମଧ୍ୟରେ କରନ ଜୋହରଙ୍କ ଧର୍ମା ପ୍ରଡକ୍ସନ ଏବଂ ଏକତା କପୁରଙ୍କ ବାଲାଜି ଟେଲିଫିଲ୍ମ ଭଳି ପ୍ରମୁଖ ହାଉସ ରହିଛନ୍ତି। ଏହାବାଦ ରିତେଶ ସିଧୱାନୀ ଏବଂ ଫରହାନ ଅଖତରଙ୍କ ଏକ୍ସେଲ ଏଣ୍ଟରଟେନମେଣ୍ଟ, ବାସୁ ଭଗନାନୀଙ୍କ ପୂଜା ଏଣ୍ଟରଟେନମେଣ୍ଟ ଆଣ୍ଡ ଫିଲ୍ମ, ମ୍ୟାଡକ ଫିଲ୍ମ, ଲଭ୍ ଫିଲ୍ମ ଏବଂ ଜାର ପିକଚର ଭଳି ହାଉସ ମଧ୍ୟ ରହିଛନ୍ତି। ଏକ୍ସଟ୍ରା ଅନ୍ତର୍ଗତ ଏହି ଫାର୍ମ ଗୁଡିକରେ କାର୍ଯ୍ୟ କରୁଥିବା ଲୋକଙ୍କୁ ଦିଆଯାଉଥିବା ପାରିଶ୍ରମିକରେ ଟିଡିଏସ୍ କମ୍ କଟାଯାଇଥିବା ବିଭାଗ ସନ୍ଦେହ କରିଛି। ଗୋଟିଏ ଦଶନ୍ଧି ହେବ ଏକ୍ସଟ୍ରା ଲାଗି ୨% ଟିଡିଏସ୍ ଫାର୍ମଗୁଡିକ କାଟୁଛନ୍ତି। ଏ କ୍ଷେତ୍ରରେ ୧୦% ଟିଡିଏସ୍ କଟାଯିବା କଥା ବୋଲି ଆୟକର ବିଭାଗ କିନ୍ତୁ ଯୁକ୍ତିରେ କହିଛି। ଏହି ମାମଲାରେ କିଛି ପ୍ରଡକ୍ସନ ହାଉସ ଉପରେ ଚଡାଉ ମଧ୍ୟ କରାଯାଇଛି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

DHANLAXMI FINANCE
DHANLAXMIଋଣ 2%ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
ଯେବେ କଉଠି ନ ମିଳେ ଲୋନ୍ ଆମକୁ କରନ୍ତୁ ଫୋନ୍
Plot No-14/524, Chandini Chowk, Kolkata
8146524009
8607786347

JAGRUTI FINANCE
Jagruti Finance ସମସ୍ତ ପ୍ରକାର Loan ଯୋଗାଇ ଦେଉଛି। ସୁଧ 2%, ବିଶେଷ ରିହାତି ଅଛି। ମାର୍କଶିଟ୍, କୃଷି, ବ୍ୟକ୍ତିଗତ ଗୃହଋଣ, ବ୍ୟବସାୟ ଓ ପଶୁପାଳନ। Online ସୁବିଧା ଅଛି।
8280202796
7750826959
8763049235
T-62, Yamuna puri, Exit Delhi, Gosainpada, Mahulpalli, Sambalpur-768227

ପଇସା ଆମର ସଫଳତା ଆପଣଙ୍କର (ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା
ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ |50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
9990624548
7982465910

FINANCE
ସରକାରୀ ଯୋଜନା ଦ୍ୱାରା All Odisha ଋଣ ନିଜର ମାର୍କସିଟ, ଆଧାରକାର୍ଡ, କୃଷି ଋଣ
ମାତ୍ର ୦% ସୁଧ ୫୦% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
Call / SMS Now
Rupali - 8963951185
Sweta - 8963979286
Riya - 9630505037
Sandhya - 8878040343
Niddhi - 7587695952
Vasundhara Mall, West Boring Canal Rd, Rajapur, Patna, Bihar 800001

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
78950-82886
73765-91521
B-34/7 A Block Vijay Enclave, Bururi, New Delhi

ସହଜ କିସ୍ତିରେ ଋଣ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଫାଇନାନ୍ସ
ଆଣିଛନ୍ତି ଓଡ଼ିଶାରେ ପ୍ରଥମ ଥର ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତି
ଆଧାରକାର୍ଡ | ରାଶନକାର୍ଡ | ପର୍ସନାଲ | ପ୍ରପର୍ଟି | ଏଗ୍ରିକଲ୍ଚର | ବ୍ୟବସାୟ | ଗୃହ ଋଣ | ଟୁ-ହ୍ୱିଲର୍ | ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
Online ସୁବିଧା ଉପଲବ୍ଧ
9540066083
9540066027
M.P. Nagar, Zone-1, Bhopal, Madhya Pradesh.

BUSINESS BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ।
ଆଜି ହିଁ ସଂମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: galaxytower1999@gmail.com
WhatsApp No
9479667248

ଡିଜିଟାଲ ଇଣ୍ଡିଆ ସ୍କିମ୍ ଦ୍ୱାରା ନିଜ ଖାଲି ଜମି, ଛାତରେ ଟାୱାର୍ ଲଗାନ୍ତୁ (ଅଗ୍ରିମ-60,00,000) ଭଡ଼ା 45,000। ସରକାରୀ ନିର୍ଦ୍ଦେଶ- କୌଣସି ଟାୱାର/ ଫାଇନାନ୍ସ କମ୍ପାନୀ ସହ କଥାବାର୍ତ୍ତା ଚାଲିଥିଲେ ପ୍ରଥମେ କଲ୍ କରି ସୂଚନା ନିଅନ୍ତୁ ଯେ କମ୍ପାନୀ ଠିକ୍ କି ନୁହେଁ ଏବଂ ଅଭିଯୋଗ କରି ଟଙ୍କା ଫେରସ୍ତ ପାଆନ୍ତୁ (ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରାନ୍ତୁ ଏବଂ ଟାୱାର ମଧ୍ୟ ଲଗାନ୍ତୁ)।
ମୋ. 9411277198

DHARITRI Career appointment Every Wednesday and Saturday

ASTROLOGY ASTROLOGY

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୫ ଫେବୃୟାରୀ, ୨୦୨୦



“ଭାରତ ବିପକ୍ଷ ପ୍ରଥମ ଟେଷ୍ଟରେ ଯୋଜନାକୁ ଠିକଣା ରୂପେ କାର୍ଯ୍ୟକାରୀ କରିପାରିଥିବାରୁ ଆମେ ବିଜୟ ଲାଭ କରିପାରିଲୁ ।

–କେନ୍ ୱିଲିୟମସନ, ନ୍ୟୁଜିଲାଣ୍ଡ କ୍ରିକେଟ ଅଧିନାୟକ



“ଚଳିତ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜରେ ଭଲ ସ୍କୋର କରିପାରି ନ ଥିଲେ ମଧ୍ୟ ଏହା ମୋ ବ୍ୟାଟିଂ ଶୈଳୀକୁ ପ୍ରଭାବିତ କରିବ ନାହିଁ ।

–ବିରାଟ କୋହଲି, ଭାରତୀୟ କ୍ରିକେଟ ଅଧିନାୟକ



## ସଂକ୍ଷେପରେ

### ରାଜ୍ୟଗୋଷ୍ଠୀ ଶୁଟିଂ, ଆର୍ଚେରୀ ଇଭେଣ୍ଟ ଭାରତରେ

**ଲଣ୍ଡନ, ୨୪।୨ (ପି.ଟି.):** ୨୦୨୨ ଜାନୁୟାରୀରେ ଭାରତ ରାଜ୍ୟଗୋଷ୍ଠୀ ଶୁଟିଂ ଓ ଆର୍ଚେରୀ ଚାମ୍ପିୟନଶିପ୍ ଆୟୋଜନ କରିବ। ଏହି ଦୁଇଟି ଇଭେଣ୍ଟର ପଦକଗୁଡ଼ିକ ବର୍ମିଂହାମ ଗେମ୍ସର ଚୂଡ଼ାନ୍ତ ତାଲିକାରେ ସାମିଲ କରାଯିବ। ରାଜ୍ୟଗୋଷ୍ଠୀ କ୍ରୀଡ଼ା ମହାସଂଘ (ସିଜିଏଫ୍)ରେ ଏହି ପ୍ରସ୍ତାବ ଗୃହୀତ ହୋଇଯାଇଛି। ଏହା ଏକ ବିରଳ ଦୃଷ୍ଟାନ୍ତ। ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଉଦ୍‌ଯାପନର ଏକ ସପ୍ତାହ ପରେ ଏହି ପଦକଗୁଡ଼ିକୁ ସାମିଲ କରାଯିବ। ଏଠାରେ ଗତ ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ସିଜିଏଫ୍ କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏହାକୁ ଭାରତର ଏକ ବଡ଼ ବିଜୟ ବୋଲି କୁହାଯାଇପାରେ। କାରଣ ରାଜ୍ୟଗୋଷ୍ଠୀ କ୍ରୀଡ଼ାରୁ ଶୁଟିଂ ଏବଂ ଏକ ଅତିରିକ୍ତ କ୍ରୀଡ଼ା ଆର୍ଚେରୀକୁ ବାଦ୍ ଦିଆଯିବା ଲାଗି ବିଚାର ପରେ ପ୍ରତିବାଦ ସ୍ୱରୂପ ଆସନ୍ତା ବର୍ମିଂହାମ ସଂସ୍କରଣରୁ ଭାରତ ଓହରିଯିବ ବୋଲି ଧମକ ଦେଇଥିଲା। ଚଣ୍ଡିଗଡ଼ରେ ୨୦୨୨ ଜାନୁୟାରୀରେ ଶୁଟିଂ ଓ ଆର୍ଚେରୀ ଇଭେଣ୍ଟ ହେବାକୁ ଥିବାବେଳେ ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୨୨ ଜୁଲାଇ ୨୭ରୁ ଅଗଷ୍ଟ ୭ ପର୍ଯ୍ୟନ୍ତ ହେବ। ନ୍ୟାଶନାଲ ରାଇଫଲ ଆସୋସିଏଶନ ଅଫ୍ ଇଣ୍ଡିଆ (ଏନ୍ଆର୍ଏଆଇ) ସଭାପତି ରଣଧୀର ସିଂ ସିଜିଏଫ୍‌ର ଏହି ନିଷ୍ପତ୍ତିକୁ ସ୍ୱାଗତ କରିବା ସହ ଅଭିନବ ଏବଂ ଅଭୂତପୂର୍ବ ବୋଲି କହିଛନ୍ତି।

### ଆଇପିଏଲ ପୂର୍ବରୁ ଚମକିଲେ ଯଶସ୍ୱୀ

**ମୁମ୍ବାଇ,୨୪।୨:** ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ଜବରଦସ୍ତ ପ୍ରଦର୍ଶନ କରିବା ପରେ ଯଶସ୍ୱୀ ଜୈସ୍ୱାଲ ଭଲ ଫର୍ମ ଜାରି ରଖିଛନ୍ତି। ୨.୪ କୋଟି ଟଙ୍କାରେ ବିକ୍ରି ହୋଇଥିବା ଜସଶ୍ୱୀ ୧୯ ବର୍ଷରୁ କମ୍ ସି.କେ.ନାଇଡୁ ଟ୍ରଫିର କ୍ୱାର୍ଟର ଫାଇନାଲରେ ମାରାଥନ ଶତକୀୟ ଇନିଂସ ଖେଳିଛନ୍ତି। ଏଥିଯୋଗୁ ୱାଙ୍ଖେଡେ ଷ୍ଟାଡିୟମରେ ପୁଡୁଚେରୀ ବିପକ୍ଷ ମ୍ୟାଚ୍‌ରେ ମୁମ୍ବାଇ ବଡ଼ ସ୍କୋର ଛିଡ଼ା କରିଛି। ଜୁନିୟର ବିଶ୍ୱକପ୍ ଇଭେଣ୍ଟରେ ପ୍ଲେୟାର ଅଫ୍ ଦି ଇୟର ପୁରସ୍କାର ପାଇବା ପରେ ପ୍ରଥମ ମ୍ୟାଚ୍ ଖେଳୁଥିବା ଜଶସ୍ୱୀ ଅଳ୍ପକେ ଦ୍ୱିଶତକରୁ ବଞ୍ଚିତ ହୋଇଛନ୍ତି। ସେ ୨୪୩ ବଲର ସମ୍ମୁଖୀନ ହୋଇ ୧୮୫ (୧୯ ଚୌକା ଓ ଗୋଟିଏ ଛକା) ରନ୍ କରିଥିଲେ। ଅଧିନାୟକ ହାର୍ଦ୍ଦିକ ତାମୋର ୮୬ ଓ ସର୍ଫାଜ ଖାଁ (୬୦)ଙ୍କ ଅର୍ଦ୍ଧଶତକୀୟ ଇନିଂସ ବଳରେ ମୁମ୍ବାଇ ପ୍ରଥମ ଇନିଂସରେ ୨୪୦ ରନ୍‌ର ଅଗ୍ରଣୀ ହାସଲ କରିଛି।

# ନିରାଶରେ ଶେଷ ହେଲା ସିଜନ୍

**କଟକ ଅଫିସ,୨୪।୨**

ଚଳିତ ରଣଜୀ ଟ୍ରଫି ସିଜନରେ କ୍ୱାର୍ଟର ଫାଇନାଲରୁ ଓଡ଼ିଶାର ଅଭିଯାନ ଶେଷ ହୋଇଛି। ଟାଙ୍ଗୀସ୍ଥିତ ଡ୍ରିମ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ବେଙ୍ଗଲ ସେମିଫାଇନାଲରେ ପ୍ରବେଶ କରିଛି। ଘରୋଇ ପରିବେଶରେ ଓଡ଼ିଶା ସେମିରେ ପ୍ରବେଶ କରିବାର ଏକାଧିକ ସୁଯୋଗ ରହିଥିଲା। ହେଲେ ସୁଯୋଗ ହାତଛଡ଼ା କରି ରାଜ୍ୟ କ୍ରିକେଟପ୍ରେମୀଙ୍କୁ ନିରାଶ କରିଛି ଓଡ଼ିଶା ଦଳ।

ସୋମବାର ୫ମ ଦିନର ଖେଳ ଖରାପ ଆଲୋକ ଯୋଗୁ ସମ୍ପୂର୍ଣ୍ଣ ରୂପେ ବାଧାପ୍ରାପ୍ତ ହୋଇଥିଲା। ରବିବାର ଖେଳ ଶେଷ ସୁଦ୍ଧା ଭ୍ରମଣକାରୀ ବେଙ୍ଗଲ ଦ୍ୱିତୀୟ ଇନିଂସରେ ୭ ଉଇକେଟ ହରାଇ ୩୬୧ରନ କରିଥିଲା। ସୋମବାର ଦଳୀୟ ସ୍କୋରରେ ୧୨ରନ ଯୋଡ଼ି ହେବା ସହ ବଳକା ୩ ଉଇକେଟର ପତନ ଘଟିଥିଲା। ମୁକେଶ କୁମାରଙ୍କୁ ୬ରନରେ ଦେବବ୍ରତ ଏଲବିଡବ୍ଲ୍ୟୁ କରିବା ପରେ ଶାହବାଜ ଅହମ୍ମଦ ୬୪ ଓ ନୀଳକଣ୍ଠ ଦାସ ଖାତା ଖୋଲିବା ପୂର୍ବରୁ ସୂର୍ଯ୍ୟକାନ୍ତ ପ୍ରଧାନଙ୍କ ଶିକାର ହୋଇଥିଲେ। ବେଙ୍ଗଲର ପ୍ରଥମ ଇନିଂସ ସ୍କୋର ଥିଲା ୩୩୨। ଏଣୁ ୨୫୦ରନରେ ଅଲଆଉଟ ହୋଇଥିବା ଓଡ଼ିଶା ସମ୍ମୁଖରେ ୪୫୫ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ୧୦ ଓଭର ଖେଳରୁ ବିନା ଉଇକେଟରେ ଓଡ଼ିଶା ୩୯ରନ କରିଥିବା ବେଳେ କୋହଲା ପାଗ ଓ ଖରାପ ଆଲୋକ ସମସ୍ୟା ସୃଷ୍ଟି କରିଥିଲା। ଫଳରେ ମ୍ୟାଚ୍‌କୁ ସାମୟିକ ମୁହୂର୍ତ୍ତ ପାଇଁ ବନ୍ଦ ରଖିଥିଲେ ଅମ୍ପାୟର। ଗୋଟିଏ ଦିବସରେ ୪୦୦ରୁ ଊର୍ଦ୍ଧ୍ୱ ସ୍କୋର ସଂଗ୍ରହ କରିବା କଷ୍ଟସାଧ୍ୟ ଥିଲେ ସୁଦ୍ଧା ମ୍ୟାଚ୍ ପୁର୍ନବାର ଆରମ୍ଭ ହେବାର କୌଣସି ସମ୍ଭାବନା ସୃଷ୍ଟି ନ ହେବାରୁ ଓଡ଼ିଶାର ସେମି ଫାଇନାଲ ଆଶା ମଉଳି ଯାଇଥିଲା।




**ଶାନ୍ତନୁ, ଦେବାଶିଷ ସର୍ବାଧିକ ରନ୍**

ଚଳିତ ରଣଜୀ ସିଜନରେ ଓଡ଼ିଶା ପକ୍ଷରୁ ସର୍ବାଧିକ ରନ ସଂଗ୍ରହ କରିଛନ୍ତି ଓପନିଂ ଦାୟିତ୍ୱ ସମ୍ଭାଳୁଥିବା ତଥା ଡାହାଣହାତୀ ବ୍ୟାଟ୍ସମ୍ୟାନ ଶାନ୍ତନୁ ମିଶ୍ର। ୯ଟି ମ୍ୟାଚ୍‌ର ୧୬ଟି ଇନିଂସରୁ ୩୮.୫୭ ଆଭରେଜରେ ସେ ୫୪୦ରନ କରିଛନ୍ତି। ଏଥି ମଧ୍ୟରେ ଗୋଟିଏ ଶତକ ଓ ୩ଟି ଅର୍ଦ୍ଧଶତକୀୟ ଇନିଂସ ରହିଛି। କ୍ୱାର୍ଟର ଫାଇନାଲରେ ଶାନ୍ତନୁ ୬୨ରନର ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ। ମହାରାଷ୍ଟ୍ର ଓ ଆସାମ ବିପକ୍ଷରେ ଅନ୍ୟ ଦୁଇଟି ଅର୍ଦ୍ଧଶତକୀୟ ଇନିଂସ ଥିବା ବେଳେ ଉତ୍ତରାଖଣ୍ଡ ବିପକ୍ଷରେ ୧୧୦ରନର ଶତକୀୟ ଇନିଂସ ଖେଳିଥିଲେ ଭୁବନେଶ୍ୱରର ଏହି ୨୫ ବର୍ଷୀୟ ଖେଳାଳି। ସେହିପରି ୮ଟି ମ୍ୟାଚ୍‌ର ୧୨ଟି ଇନିଂସରୁ ୫୩.୫୦ ଆଭରେଜରେ ୫୩୫ରନ କରିଛନ୍ତି ବାମହାତୀ ବ୍ୟାଟ୍ସମ୍ୟାନ ଦେବାଶିଷ ସାମନ୍ତରାୟ। ଦେବାଶିଷଙ୍କ କ୍ୟାରିୟର ପାଇଁ ଏହି ସିଜନ୍ ଶ୍ରେଷ୍ଠ ରହିଛି। ସର୍ଭିସେସ୍ ବିପକ୍ଷରେ ୧୯୫ରନ ଓ ଝାଡ଼ଖଣ୍ଡ ବିପକ୍ଷରେ ୧୫୬ରନର ଇନିଂସ ଦେବାଶିଷଙ୍କ ବ୍ୟାଟିଂ ପରାକାଷ୍ଠାର ପ୍ରମାଣ ଦେଉଛି। ଏହାଛଡ଼ା କ୍ୱାର୍ଟର ଫାଇନାଲ ମୁକାବିଲାରେ ମଧ୍ୟ ଶାନ୍ତନୁଙ୍କ ବ୍ୟତୀତ ଦ୍ୱିତୀୟ ଖେଳାଳି ଭାବେ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ଚଳିତ ସିଜନରେ ଦେବାଶିଷ ୨ଟି ଅର୍ଦ୍ଧଶତକ ମଧ୍ୟ ହାସଲ କରିଛନ୍ତି।

**ସୂର୍ଯ୍ୟକାନ୍ତଙ୍କ ନାମରେ ସର୍ବାଧିକ ଛକା, ଉଇକେଟ**

ଉଭୟ ବ୍ୟାଟିଂ ଓ ବୋଲିଂରେ ଚମତ୍କାର ପ୍ରଦର୍ଶନ କରିଛନ୍ତି ସୂର୍ଯ୍ୟକାନ୍ତ ପ୍ରଧାନ। ୧୦ଟି ମ୍ୟାଚ୍‌ରୁ ୪୦ଟି ଉଇକେଟ ନେବା ସହ ସେ ସିଜନରେ ଓଡ଼ିଶାର ସର୍ବାଧିକ ଉଇକେଟ ହାସଲକାରୀ ହୋଇଛନ୍ତି। ତାଙ୍କ ପଛକୁ ଅଛନ୍ତି ବସନ୍ତ ମହାନ୍ତି(୩୪ ଉଇକେଟ) ଓ ରାଜେଶ ମହାନ୍ତି(୩୨ ଉଇକେଟ)। ହରିୟାଣା ବିପକ୍ଷ ମ୍ୟାଚ୍‌ରେ ଉଭୟ ଇନିଂସରେ ୧୨୨ରନ ବ୍ୟୟ କରି ସେ ୧୧ଟି ଉଇକେଟ ହାସଲ କରିଥିଲେ। ଓଡ଼ିଶା ବୋଲର ମାନଙ୍କ ସ୍କୋରକୁ ନଜର ପକାଇଲେ ଆଗରେ ରହିଛନ୍ତି ସୂର୍ଯ୍ୟକାନ୍ତ। ସେ ଗୋଟିଏ ଅର୍ଦ୍ଧଶତକୀୟ ଇନିଂସ ସହାୟତାରେ ମୋଟ୍ ୨୫୭ରନ କରିଛନ୍ତି। ଏହି ସିଜନରେ ସର୍ବାଧିକ ଛକା ମଧ୍ୟ ଏହି ବୋଲର ଅଲରାଉଣ୍ଡରଙ୍କ ନାମରେ ରହିଛି। ସେ ମୋଟ୍ ୧୫ଟି ଛକା ମାରିଛନ୍ତି। ୭ଟି ଛକା ସହ ପଛକୁ ଅଛନ୍ତି ରାଜେଶ ଧୂପର।

**ଛାପ ଛାଡ଼ିଲେ ନବାଗତ ‘ଦେବବ୍ରତ’**

ନବାଗତ ଦେବବ୍ରତ ପ୍ରଧାନ ନିଜ ପ୍ରତିଭାର ଛାପ ଏହି ସିଜନରେ ଛାଡ଼ିଛନ୍ତି। ଓଡ଼ିଶାକୁ ଜଣେ ଭରସାଯୋଗ୍ୟ ଅଲରାଉଣ୍ଡର ମିଳିଛି ବୋଲି କହିଲେ ମଧ୍ୟ ଅତ୍ୟୁକ୍ତି ହେବ ନାହିଁ। ସମ୍ବଲପୁରର ଏହି ଡାହାଣହାତୀ ଅଲରାଉଣ୍ଡର ୭ ମ୍ୟାଚ୍‌ରୁ ୨ଟି ଅର୍ଦ୍ଧଶତକୀୟ ଇନିଂସ ବଳରେ ୧୯୬ରନ କରିଥିବା ବେଳେ ୨୫ଟି ଉଇକେଟ ମଧ୍ୟ ହାସଲ କରିଛନ୍ତି। ଆସାମ ବିପକ୍ଷରେ ଉଭୟ ବ୍ୟାଟିଂ ଓ ବୋଲିଂରେ ସେ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି।

**ଶ୍ରେଷ୍ଠ ନୁହେଁ, ସନ୍ତୋଷଜନକ: କୋଚ୍**

ରାଜ୍ୟ ଦଳ ଖରାପ ଖେଳିନାହିଁ। ଭଲ ଖେଳିଛୁ ବୋଲି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛୁ। କିଛି ତ୍ରୁଟି ରହିଲା, କିଛି ସମୟରେ ଆମ ଦଳର ପ୍ରଦର୍ଶନ ତୁଳନାରେ ବିପକ୍ଷ ଦଳର ପ୍ରଦର୍ଶନ ଭାରି ପଡ଼ିଲା। ଏହି ପ୍ରଦର୍ଶନ ଶ୍ରେଷ୍ଠ ନ ହେଲେ ବି, ସନ୍ତୋଷଜନକ। ଏବେ ଆମକୁ ବଡ଼ ଆହ୍ୱାନ ମିଳିବ। ଆସନ୍ତା ସିଜନରେ ଭଲ ଦଳ ସହ ଆମେ ଖେଳିବୁ। ଏଥିରୁ ଖେଳାଳିଙ୍କୁ ଅନେକ କିଛି ଶିଖିବାକୁ ମିଳିବ ବୋଲି କୋଚ୍ ରଶ୍ମିରଞ୍ଜନ ପରିଡ଼ା ପ୍ରକାଶ କରିଛନ୍ତି ।

## ରଣଜୀ ଟ୍ରଫିରେ ଓଡ଼ିଶା

### ପରିସଂଖ୍ୟାନ

**ସର୍ବାଧିକ ରନ**

| ଖେଳାଳି | ମ୍ୟାଚ୍ | ରନ୍ |
|---|---|---|
| ଶାନ୍ତନୁ ମିଶ୍ର | ୯ | ୫୪୦ |
| ଦେବାଶିଷ ସାମନ୍ତରାୟ | ୮ | ୫୩୫ |
| ବିପ୍ଳବ ସାମନ୍ତରାୟ | ୧୦ | ୪୧୧ |
| ଅନୁରାଗ ଷଡ଼ଙ୍ଗୀ | ୭ | ୩୭୬ |
| ଗୋବିନ୍ଦ ପୋଦ୍ଦାର | ୮ | ୩୩୫ |

**ଉଇକେଟ ତାଲିକା**

| ଖେଳାଳି | ମ୍ୟାଚ୍ | ଉଇକେଟ୍ |
|---|---|---|
| ସୂର୍ଯ୍ୟକାନ୍ତ ପ୍ରଧାନ | ୧୦ | ୪୦ |
| ବସନ୍ତ ମହାନ୍ତି | ୯ | ୩୪ |
| ରାଜେଶ ମହାନ୍ତି | ୮ | ୩୨ |
| ଦେବବ୍ରତ ପ୍ରଧାନ | ୭ | ୨୫ |

**ଲକ୍ଷ୍ୟଠାରୁ ପଛରେ ରହିଗଲି: ଶୁଭ୍ରାଂଶୁ**

ଗୋଟିଏ ରଣଜୀ ସିଜନରେ ସମ୍ପୂର୍ଣ୍ଣ ଭାବେ ଅଧିନାୟକ ଦାୟିତ୍ୱ ତୁଲାଇଥିବା ପ୍ରତିଭାବାନ ବ୍ୟାଟ୍ସମ୍ୟାନ ଶୁଭ୍ରାଂଶୁ ଶେଖର ସେନାପତି ନିଜ ଲକ୍ଷ୍ୟଠାରୁ ପଛରେ ପଡ଼ିଗଲି ବୋଲି କହିଛନ୍ତି। ଗତ ସିଜନରେ ମାତ୍ର ୨ଟି ମ୍ୟାଚରେ ସେ ଅଧିନାୟକ ଦାୟିତ୍ୱରେ ଥିଲେ। ସିଜନ ଆରମ୍ଭ ହେବା ପୂର୍ବରୁ ଯେଉଁ ସମସ୍ତ ଲକ୍ଷ୍ୟ ଥିଲା ତାହାର ୨୦ ପ୍ରତିଶତ ବି ପୂରଣ କରି ପାରିଲିନି। ତଥାପି ସିଜନରୁ ବହୁତ କିଛି ଅଭିଜ୍ଞତା ହାସଲ ହେଲା। ଆଗାମୀ ସିଜନରେ ଏହା କାମରେ ଲାଗିବ ବୋଲି ଶୁଭ୍ରାଂଶୁ କୁହନ୍ତି। ଅଧିନାୟକତ୍ୱ ଚାପ ତାଙ୍କ ବ୍ୟାଟିଂ ଉପରେ ପ୍ରଭାବ ପକାଇଛି କି ପଚାରିବାରୁ ସେ କହିଥିଲେ, କିଛି ମାତ୍ରାରେ ପଡ଼ିଛି। ଅନେକ ଅଭିଜ୍ଞ ଖେଳାଳି ଥିବା ଦଳର ଅଧିନାୟକ ହୋଇଥିଲି। ଜଗିରଖି ଖେଳିବା ବେଳେ ବ୍ୟକ୍ତିଗତ ପ୍ରଦର୍ଶନ ଉପରେ ଆଞ୍ଚ ଆସିଛି ବୋଲି ଶୁଭ୍ରାଂଶୁଙ୍କ ମତ।

**ପେସରଙ୍କୁ ୧୩୪, ସ୍ପିନରଙ୍କୁ ୧୮**

ଓଡ଼ିଶାର ପେସ୍ ବୋଲିଂ ବିଶେଷ ଫଳପ୍ରଦ ହୋଇଛି। ପେସ୍ ବୋଲିଂରୁ ୧୩୪ ଉଇକେଟ ଦଖଲ ହୋଇଥିବା ବେଳେ ସ୍ପିନରୁ ମିଳିଛି ୧୮ଟି ସଫଳତା। ପେସର ଭାବେ ସୂର୍ଯ୍ୟକାନ୍ତ, ବସନ୍ତ, ରାଜେଶ, ଦେବବ୍ରତ ଓ ନବାଗତ ପ୍ରୀତ କନୱର ସିଂ ଚୌହ୍ୱାନ ସିଜନରେ ଉଇକେଟ ଦଖଲ କରିଥିଲେ। ଅଙ୍କିତ ଯାଦବ ଗୋଟିଏ ମ୍ୟାଚ୍ ଖେଳିଥିଲେ ସୁଦ୍ଧା କୌଣସି ଉଇକେଟ ପାଇ ନଥିଲେ। ସ୍ପିନର ଭାବେ ସର୍ବାଧିକ ଉଇକେଟ ଦଖଲ କରିଛନ୍ତି ଅଭିଷେକ ରାଉତ। ସେ ୬ଟି ମ୍ୟାଚ୍‌ରୁ ୭ଟି ଉଇକେଟ ପାଇଛନ୍ତି। ଏହାଛଡ଼ା ଗୋବିନ୍ଦ ପୋଦ୍ଦାର ୫ଟି, ପପୁ ରାୟ ୩ଟି, ଅନୁରାଗ ଷଡ଼ଙ୍ଗୀ ୨ଟି ଓ ଶାନ୍ତନୁ ମିଶ୍ର ଗୋଟିଏ ଉଇକେଟ ନେଇଛନ୍ତି।

–ରିପୋର୍ଟ: କୁମାରଶ୍ରୀ

## ମାର୍ଚ୍ଚ ୨୧ରୁ ଆର୍‌ସିବିର ଟ୍ରେନିଂ କ୍ୟାମ୍ପ

**ନୂଆଦିଲ୍ଲୀ, ୨୪।୨:** ଆଇପିଏଲ୍‌ର ୧୩ତମ ସଂସ୍କରଣ ମାର୍ଚ୍ଚ ୨୯ ତାରିଖରୁ ଆରମ୍ଭ ହେବ। ଏଥିଲାଗି ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ୭ ଦିନ ପୂର୍ବରୁ ଟ୍ରେନିଂ କ୍ୟାମ୍ପ ଆରମ୍ଭ କରିବ। ଏ ନେଇ ଫ୍ରାଞ୍ଚାଇଜର ଡିରେକ୍ଟର ଅଫ୍ କ୍ରିକେଟ ମାଇକ୍ ହେସନ ସୋମବାର ସ୍ପଷ୍ଟ କରିଛନ୍ତି। ପ୍ରାୟ ଅନ୍ତର୍ଜାତୀୟ ଓ ଘରୋଇ ଖେଳାଳିମାନେ ନିଜ ଚୁକ୍ତି ଶେଷ କରିବା ପରେ ଟ୍ରେନିଂ କ୍ୟାମ୍ପରେ ଯୋଗଦେବେ। ଆର୍‌ସିବି ୩୧ ମାର୍ଚ୍ଚରେ ତା’ର ପ୍ରଥମ ମ୍ୟାଚ୍ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ସହ ଖେଳିବ। ଖେଳାଳିଙ୍କ ନିଲାମ ପ୍ରକ୍ରିୟାରେ ଆର୍‌ସିବି କ୍ରିସ୍ ମୋରିସ, ଆରୋନ ଫିଞ୍ଚ, କେନ୍ ରିଚାର୍ଡସନ, ଡେଲ୍ ଷ୍ଟେଇନଙ୍କୁ କିଣିଛି।

## ପଡ଼ିଆକୁ ଫେରିବେ ଫିଟ୍ ହାର୍ଦ୍ଦିକ ପାଣ୍ଡ୍ୟା

**ମୁମ୍ବାଇ, ୨୪।୨:** ନ୍ୟୁଜିଲାଣ୍ଡରେ ଭାରତୀୟ ଦଳ ସଂଘର୍ଷ କରାଯାଉଥିବା ବେଳେ ଏକ ଭଲ ଖବର ସାମ୍ନାକୁ ଆସିଛି। ଅସ୍ତ୍ରୋପଚାର କରାଯିବାର ୫ ମାସ ପରେ ହାର୍ଦ୍ଦିକ ପାଣ୍ଡ୍ୟା ଫିଟ୍ ହୋଇଛନ୍ତି। ଦୀର୍ଘଦିନର ବ୍ୟବଧାନ ପରେ ପାଣ୍ଡ୍ୟା ପଡ଼ିଆକୁ ଓହ୍ଲାଇବେ। ୨୬ ବର୍ଷୀୟ ପାଣ୍ଡ୍ୟା ଡି. ୱାଇ. ପାଟିଲ ଟି୨୦ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବେ। ରିଲାଏନ୍ସ ୱାନ୍ ୩ ମ୍ୟାଚ୍ ଚଳିତମାସ ୨୫, ୨୮ ଓ ମେ ୩ ତାରିଖରେ ଖେଳିବ। ରିଲାଏନ୍ସ ୱାନ୍ ଦଳରେ ହାର୍ଦ୍ଦିକଙ୍କ ନାମ ରହିଛି। ସେ ଡି.ୱାଇ. ପାଟିଲ ଟି୨୦ ଟୁର୍ନାମେଣ୍ଟରେ ଖେଳିବେ। ତାଙ୍କୁ ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ) ଏହି ସୁଯୋଗ ପ୍ରଦାନ କରିଛି ବୋଲି ସୂତ୍ରରୁ ଜଣାପଡ଼ିଛି। ସେ ଗତବର୍ଷ ସେପ୍ଟେମ୍ବର ୨୨ ତାରିଖରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଅନ୍ତିମ ଟି୨୦ ମ୍ୟାଚ୍ ଖେଳିଥିଲେ। ଜାତୀୟ ଚୟନକର୍ତ୍ତା ଏବେ ଡି.ୱାଇ. ପାଟିଲ ଷ୍ଟାଡିୟମ ଗସ୍ତକରି ପାଣ୍ଡ୍ୟାଙ୍କ ଫିଟ୍‌ନେସ୍ ଓ ଫର୍ମ ଦେଖିବେ। ଯଦି ସେ ନିଜ ଫିଟ୍‌ନେସ୍ ପ୍ରମାଣ କରିବାରେ ସଫଳ ହୁଅନ୍ତି, ତେବେ ତାଙ୍କୁ ନିଶ୍ଚିତ ଦକ୍ଷିଣ ଆଫ୍ରିକା ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ ଲାଗି ଭାରତୀୟ ଦଳରେ ତାଙ୍କୁ ସ୍ଥାନ ମିଳିବ। ଏହି ସିରିଜ ମାର୍ଚ୍ଚ ୧୨ରୁ ହିମାଚଳ ପ୍ରଦେଶର ଧର୍ମଶାଳାଠାରେ ଆରମ୍ଭ ହେବ।

# ନ୍ୟୁଜିଲାଣ୍ଡର ୧୦୦ତମ ଟେଷ୍ଟ ବିଜୟ

**ୱେଲିଂଟନ, ୨୪।୨(ପି.ଟି.)**

ଟିମ୍ ସୌଦୀ ଓ ଟ୍ରେଣ୍ଟ ବୋଲ୍ଟଙ୍କ ଘାତକ ବୋଲିଂକୁ ସାମ୍ନା କରି ନ ପାରି ଭାରତ ଏଠାରେ ଅନୁଷ୍ଠିତ ପ୍ରଥମ କ୍ରିକେଟ ଟେଷ୍ଟରେ ନ୍ୟୁଜିଲାଣ୍ଡଠାରୁ ୧୦ ଉଇକେଟରେ ପରାସ୍ତ ହୋଇଛି। ସିମ୍ ଓ ସୁଇଂ କଣ୍ଡିଶନରେ ଭାରତୀୟ ବ୍ୟାଟିଂ ଲାଇନ୍‌ଅପ୍ ମ୍ୟାଚ ବଞ୍ଚାଇବା ପାଇଁ ପର୍ଯ୍ୟାପ୍ତ ନୁହେଁ ବୋଲି ନ୍ୟୁଜିଲାଣ୍ଡ ବୋଲରମାନେ ପ୍ରମାଣିତ କରିଛନ୍ତି। ଉଭୟ ଇନିଂସରେ ବ୍ୟାଟିଂ ବିଫଳତା ଭାରତ ପାଇଁ ମହଙ୍ଗା ପଡ଼ିଛି। ଭାରତ ପ୍ରଥମ ଇନିଂସରେ ମାତ୍ର ୧୬୫ ରନ କରିଥିବାବେଳେ ଦ୍ୱିତୀୟ ଇନିଂସରେ ୧୯୧ ରନ କରିବାକୁ ସକ୍ଷମ ହୋଇଥିଲା। ଫଳରେ ପ୍ରଥମ ଇନିଂସରେ ୩୪୮ ରନ କରିଥିବା ନ୍ୟୁଜିଲାଣ୍ଡ ପାଇଁ ୯ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଯାହାକୁ ଘରୋଇ ଦଳ କୌଣସି ଉଇକେଟ ନ ହରାଇ ହାସଲ କରି ନେଇଥିଲା। ଫଳରେ ୫ ଦିନ ଦୂରର କଥା ୪ର୍ଥ ଦିବସର ଅଧାରୁ ମ୍ୟାଚ ଶେଷ ହୋଇ ଯାଇଥିଲା। ପ୍ରଥମ ଇନିଂସରେ ୪ ଓ ଦ୍ୱିତୀୟ ଇନିଂସରେ ୫ ଉଇକେଟ ନେଇଥିବା ଟିମ୍ ସୌଦୀ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଭାରତ ପୂର୍ବରୁ ୨୦୧୮–୧୯ ସିରିଜରେ ଅଷ୍ଟ୍ରେଲିଆଠାରୁ ପର୍ଥ ଟେଷ୍ଟ ହାରିଥିଲା। ମାତ୍ର ଏହି ପରାଜୟ ଦଳକୁ ଅଧିକ ଆଘାତ ଦେଇଛି। କାରଣ ନିକଟ ଅତୀତରେ ଭାରତ କୌଣସି ଟେଷ୍ଟରେ ଏପରି ଆତ୍ମସମର୍ପଣ କରି ନ ଥିଲା। ୪୪୧ ମ୍ୟାଚରୁ ଏହାଥିଲା ନ୍ୟୁଜିଲାଣ୍ଡର ୧୦୦ତମ ଟେଷ୍ଟ ବିଜୟ। ଆଇସିସି ଟେଷ୍ଟ ଚାମ୍ପିୟନଶିପରେ ଭାରତର ଏହା ପ୍ରଥମ ପରାଜୟ। ବିରାଟ କୋହଲିଙ୍କ ଦଳ ୮ ମ୍ୟାଚରୁ ୭ ବିଜୟ ଓ ୧ ପରାଜୟ ସହ ୩୬୦ ପଏଣ୍ଟ ପାଇ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି। ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡ ୬ ମ୍ୟାଚରୁ ୨ ବିଜୟ, ୪ ପରାଜୟ ସହିତ ୧୨୦ ପଏଣ୍ଟ ହାସଲ କରି ୫ମ ସ୍ଥାନରେ ରହିଛି।

ତୃତୀୟ ଦିବସର ଅସମାପ୍ତ ସ୍କୋର ୧୪୪/୪ରୁ ଖେଳ ଆରମ୍ଭ କରିଥିବା ଭାରତ ୪ର୍ଥ ଦିବସରେ ଆଉ ୪୭ ରନ ଯୋଗ କରି ଅବଶିଷ୍ଟ ୬ଟି ଉଇକେଟ ହରାଇଥିଲା। ପୂର୍ବ ଦିନର ଦୁଇ ଅପରାଜିତ ବ୍ୟାଟ୍ସମ୍ୟାନ ଅଜିଙ୍କ୍ୟ ରାହାନେ ଓ ହନୁମା ବିହାରୀ ଯଥାକ୍ରମେ ୨୯ ଓ ପୂର୍ବ ଦିନ ସ୍କୋର ୧୫ ରନରେ ଆଉଟ ହେବାରୁ ଭାରତର ଲଢ଼େଇ ଆଶା ମଉଳି ଯାଇଥିଲା। ରିଷଭ ପନ୍ତ ୨୫ ରନର ଯୋଗଦାନ ଦେଇଥିଲେ। ନ୍ୟୁଜିଲାଣ୍ଡ ବୋଲରଙ୍କ ମଧ୍ୟରେ ସୌଦୀଙ୍କ ବ୍ୟତୀତ ବୋଲ୍ଟ ୪ ଉଇକେଟ ନେଇ ଭାରତକୁ ବଡ଼ ପରାଜୟ ଭେଟିଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। କଲିନ ଡି ଗ୍ରାଣ୍ଡହୋମ୍‌ଙ୍କୁ ଗୋଟିଏ ଉଇକେଟ ମିଳିଥିଲା।

**କେତେ ମ୍ୟାଚରେ ଶତକ ଟେଷ୍ଟ ବିଜୟ**

- ଅଷ୍ଟ୍ରେଲିଆ ୧୯୯ ଟେଷ୍ଟ, ୧୯୫୧
- ଇଂଲଣ୍ଡ ୨୪୧ ଟେଷ୍ଟ, ୧୯୩୯
- ୱେଷ୍ଟଇଣ୍ଡିଜ ୨୬୬ ଟେଷ୍ଟ, ୧୯୮୮
- ଦକ୍ଷିଣ ଆଫ୍ରିକା ୩୧୦ ଟେଷ୍ଟ, ୨୦୦୬
- ପାକିସ୍ତାନ ୩୨୦ ଟେଷ୍ଟ, ୨୦୦୬
- ଭାରତ ୪୩୨ ଟେଷ୍ଟ, ୨୦୦୯
- ନ୍ୟୁଜିଲାଣ୍ଡ ୪୪୧ ଟେଷ୍ଟ, ୨୦୨୦

**ପ୍ରଥମ ଟେଷ୍ଟ**

**ଭାରତ ୧୦ ଉଇକେଟରେ ପରାସ୍ତ**

**ଭାରତ ବିପକ୍ଷରେ ନ୍ୟୁଜିଲାଣ୍ଡର ୧୦ ଉଇକେଟ ବିଜୟ**

ଖ୍ରୀଷ୍ଟଚର୍ଚ୍ଚ: ୧୯୮୯/୯୦
ୱେଲିଂଟନ: ୨୦୦୨/୦୩
ୱେଲିଂଟନ: ୨୦୧୯/୨୦




ଉଇକେଟ ହାସଲ ପରେ ନ୍ୟୁଜିଲାଣ୍ଡ ଖେଳାଳି ଖୁସି ମନାଉଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୧୬୫।
ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ: ୩୪୮ ।
ଭାରତ ଦ୍ୱିତୀୟ ଇନିଂସ: ୧୯୧/ଅଲଆଉଟ (ମୟଙ୍କ ଅଗ୍ରୱାଲ–୫୮, ରାହାନେ–୨୯, ପନ୍ତ–୨୫, ସୌଦୀ–୫/୬୧, ବୋଲ୍ଟ–୪/୩୯, ଗ୍ରାଣ୍ଡହୋମ–୧/୨୮)।
ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ: ୯/୦।
ମ୍ୟାନ ଅଫ ଦି ମ୍ୟାଚ: ଟିମ୍ ସୌଦୀ

## ଡିଫେନ୍ସରେ ସୁଧାର ଆବଶ୍ୟକ

**ବାଇଚୁଙ୍ଗ ଭୂଟିଆ**

ଫୁଟବଲ୍‌ରେ ଅପୂର୍ବ ସଫଳତା ଯୋଗୁ ଗୋଆ କାର୍ନିଭାଲ ପୂର୍ବରୁ ଅର୍ଥାତ ୧୯ରେ ରାଜ୍ୟ ଉତ୍ସବମୁଖରିତ ହୋଇଛି। ଏଫ୍‌ସି ଗୋଆ ପ୍ରଥମ ଭାରତୀୟ ଫୁଟ୍‌ବଲ କ୍ଲବ ହିସାବରେ ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍ ଖେଳିବା ଲାଗି ଟିକେଟ ହାସଲ କରିଛି। ଏଥିପାଇଁ ଶୁଭେଚ୍ଛା। ଯେତେବେଳେ କୌଣସି ନୂଆ କ୍ଲବ ଇତିହାସ ସୃଷ୍ଟି କରେ ତାହାକୁ ଏକ ଶକ୍ତିଶାଳୀ ଦଳ ଭାବେ ବିବେଚନା କରାଯାଇଥାଏ। ପୁନଶ୍ଚ ପ୍ରଥମ ଭାରତୀୟ କ୍ଲବ ହିସାବରେ ଏହି ଟୁର୍ନାମେଣ୍ଟରେ ଖେଳିବା ଲାଗି ଯୋଗ୍ୟତା ଅର୍ଜନ କରିବା ଛୋଟିଆ କଥା ନୁହେଁ। ଗୋଆ ଦଳର କ୍ୱାଲିଟି ଖେଳ ଖୁବ୍ ଆକର୍ଷଣୀୟ। ଦଳ ୧୮ଟି ମ୍ୟାଚରେ ୪୬ଗୋଲ ସ୍କୋର କରିଛି। ଏଥିରୁ ଦଳର ଦକ୍ଷତା ସୂଚାଇ ଦେଉଛି। ଗତ ହିରୋ ଇଣ୍ଡିଆ ସୁପର ଲିଗ୍‌ରେ ଏହି ଦଳର ଖେଳ ଷ୍ଟାଇଲ ସମ୍ପୂର୍ଣ୍ଣ ନିଆରା ଥିଲା। ଦଳ ଏତେ ଭଲ ପ୍ରଦର୍ଶନ କରିବା ପଛରେ କି କାରଣ ରହିଛି, ତାହା ମନରେ ଆସିପାରେ। ଟର୍ଫରେ ଦଳର କମ୍ବିନେଶନ ଓ ଷ୍ଟ୍ରାଇକିଂରେ ବେଶ୍ ସନ୍ତୁଳନ ରହିଛି। ଦଳର ଶର୍ଟ ପାସ୍ ଖୁବ୍ ଚମତ୍କାର। ଟେଲିପାଥି ଭଳି ଦଳର ପ୍ରତ୍ୟେକ ଖେଳାଳିଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ଦେଖିବାକୁ ମିଳେ। ଲେନି ରୋଡ୍ରିଗୁଏଜ୍ ଏବଂ ବ୍ରାଣ୍ଡନ ଫର୍ନାଣ୍ଡିଜ ମିଡ୍‌ଫିଲ୍ଡରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥାନ୍ତି। ଯାହାଫଳରେ ଫେରାନ କରୋମିନାସ ଏବଂ ଏଡୁ ବେଡିଆ ବିନା ଚାପରେ ଖେଳିପାରନ୍ତି। କରୋମିନାସ ଜଣେ ଦକ୍ଷ ଫିନିଶର। ସେ ସବୁବେଳେ ଅଧିକ ୱାର୍କଲୋଡ୍ ନେବାକୁ ଚାହିଥାନ୍ତି। ମ୍ୟାଚବେଳେ ସେ ଆକସ୍ମିକ ସ୍ୱିଡ୍ ଖେଳିଥାନ୍ତି। ଅନ୍ୟ ବିଭାଗଗୁଡ଼ିକରେ ଭାରତୀୟ ଖେଳାଳିମାନଙ୍କର ଅବଦାନ ରହିଛି। ମହମ୍ମଦ ନୱାଜ ସେରିଟନ ଫର୍ନାଣ୍ଡିଜ, ମନ୍ଦର ରାଓ ଦେଶାଇ ଓ ଜ୍ୟାକିଚାନ୍ଦ ସିଂ ବିଭିନ୍ନ ପରିସ୍ଥିତିରେ ସେମାନଙ୍କ ସାମର୍ଥ୍ୟ ପ୍ରତିପାଦନ କରିଛନ୍ତି। ଏଫ୍‌ସି ଗୋଆ ଯଦି ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍‌ରେ ପ୍ରଭାବୀ ପ୍ରଦର୍ଶନ କରିବାକୁ ଚାହୁଁଛି ତେବେ ଏହାର ଡିଫେନ୍ସ ବିଭାଗକୁ ଅଧିକ ସୁଦୃଢ଼ କରିବା ଆବଶ୍ୟକ। ଟିମ୍ ମ୍ୟାନେଜମେଣ୍ଟ ଏଥିପ୍ରତି ଧ୍ୟାନ ଦେବ ବୋଲି ମୋର ଦୃଢ଼ ବିଶ୍ୱାସ।

–(ଗେମ୍‌ପ୍ଲାନ)

#WhatDrivesYou
EXIDE




ଫେନସିଂ ମହିଳା ଦଳଗତ ଫଏଲ ଏବଂ ସନ୍ତରଣ ପୁରୁଷ ଦଳଗତ ଇଭେଣ୍ଟରେ ପଦକ ବିଜୟୀ ପ୍ରତିଯୋଗୀମାନେ।



ତୀରନ୍ଦାଜୀ ଇଭେଣ୍ଟ ଅବସରରେ ପ୍ରତିଯୋଗୀମାନେ।

# ଟେବୁଲ ଶୀର୍ଷରେ ଗୁରୁ ନାନକ ଦେବ

**ଭୁବନେଶ୍ୱର, ୨୪।୨ (ସ୍ପୋର୍ଟ୍ସ ବ୍ୟୁରୋ):** ପ୍ରଥମ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡାର ୪ର୍ଥ ଦିବସ ଖେଳ ସୋମବାର ଶେଷ ହୋଇଛି। ୬ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୪ ବ୍ରୋଞ୍ଜ ସହ ମୋଟ୍ ୧୧ ପଦକ ପାଇ ଅମୃତସର୍‌ର ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟ ଟେବୁଲ ତାଲିକାର ଶୀର୍ଷରେ ରହିଛି। ଚଣ୍ଡିଗଡ଼ର ପଞ୍ଜାବ ବିଶ୍ୱବିଦ୍ୟାଳୟ ୧୬ଟି ପଦକ ଜିତି ତାଲିକାର ୨ୟ ସ୍ଥାନରେ ରହିଛି। ପଞ୍ଜାବ ଯଥାକ୍ରମେ ୫ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୫ବ୍ରୋଞ୍ଜ ପଦକ ଜିତିଛି। କର୍ନାଟକର ଜୈନ ବିଶ୍ୱବିଦ୍ୟାଳୟ ୭ (୪ ସ୍ୱର୍ଣ୍ଣ, ୩ ରୌପ୍ୟ) ସହ ୩ୟ ସ୍ଥାନ ଲାଭ କରିଛି।

**ଫାଇନାଲରେ କିଟ୍‌ର ରଞ୍ଜିତ**

ଆୟୋଜକ କିଟ୍ ବିଶ୍ୱବିଦ୍ୟାଳୟର ତୀରନ୍ଦାଜ ରଞ୍ଜିତ ନାୟକ ଫାଇନାଲରେ ପ୍ରବେଶ କରିଛନ୍ତି। ରଞ୍ଜିତ ପୁରୁଷ ରିକର୍ଭ ଇଭେଣ୍ଟର ଫାଇନାଲରେ ପ୍ରବେଶ କରି ପଦକ ନିଶ୍ଚିତ କରିଛନ୍ତି। ମଙ୍ଗଳବାର ଖେଳାଯିବାକୁ ଥିବା ଫାଇନାଲ ମୁକାବିଲାରେ ରଞ୍ଜିତ ପଟିଆଲାର ପଞ୍ଜାବ ବିଶ୍ୱବିଦ୍ୟାଳୟର ଉତ୍କର୍ଷଙ୍କୁ ଭେଟିବେ। ଉତ୍କର୍ଷ ସେମିଫାଇନାଲରେ ସାବିତ୍ରୀବାଈ ଫୁଲେ ପୁନେ ବିଶ୍ୱବିଦ୍ୟାଳୟର ଗୌରବ ଲାମ୍ବେଙ୍କୁ ପରାସ୍ତ କରିଥିଲେ।

**ବାସ୍କେଟ୍‌ବଲ:**

ପୁରୁଷ ବାସ୍କେଟ୍‌ବଲରେ ମାଡ୍ରାସ ବିଶ୍ୱବିଦ୍ୟାଳୟ ୧୦୪-୯୧ ପଏଣ୍ଟରେ ମୁମ୍ବାଇ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି।

**ପଦକ ତାଲିକା (ଟପ୍-୧୦)**

| ବିଶ୍ୱବିଦ୍ୟାଳୟ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ୍ |
|---|---|---|---|---|
| ଗୁରୁ ନାନକଦେବ | ୬ | ୧ | ୪ | ୧୧ |
| ପଞ୍ଜାବ | ୫ | ୬ | ୫ | ୧୬ |
| ଜୈନ | ୪ | ୩ | ୦ | ୭ |
| ସାବିତ୍ରୀ ଫୁଲେ ପୁନେ | ୪ | ୨ | ୨ | ୮ |
| ମୁମ୍ବାଇ | ୨ | ୨ | ୫ | ୯ |
| ଦିଲ୍ଲୀ | ୨ | ୨ | ୩ | ୭ |
| ଡ. ବାବାସାହେବ ଆମ୍ବେଡକର | ୨ | ୦ | ୧ | ୩ |
| ମାଡ୍ରାସ | ୨ | ୦ | ୦ | ୨ |
| ଆର୍‌ଜିୟୁଏଚ୍‌ଏସ୍, କର୍ନାଟକ | ୨ | ୦ | ୦ | ୨ |
| ଶିବାଜୀ | ୧ | ୩ | ୪ | ୮ |

# ସନ୍ତରଣରେ ଚମକିଲେ ଯମଜ ଭଗିନୀ

**ଭୁବନେଶ୍ୱର, ୨୪।୨ (ସ୍ପୋର୍ଟ୍ସ ବ୍ୟୁରୋ):** ଚଳିତ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ଉଦ୍‌ଘାଟନୀ ସଂସ୍କରଣ ଟୁଇନ୍ ସିଟିରେ ଚାଲିଥିବାବେଳେ ସନ୍ତରଣ ଇଭେଣ୍ଟର ପ୍ରଥମ ଦିବସରେ ଯମଜ ଭଗିନୀ ଜ୍ୟୋତି ଓ ଆରତି ପଟେଲଙ୍କ ଚମକ ଦେଖିବାକୁ ମିଳିଛି। ମୁମ୍ବାଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଜ୍ୟୋତି ଓ ଆରତି ସନ୍ତରଣର ପ୍ରଥମ ଦିନରେ ୪ ପଦକ ଜିତିଛନ୍ତି। ଫଳରେ ଏହି ଦୁଇ ଯମଜ ଭଉଣୀ ବର୍ତ୍ତମାନ ଖବରର ଶିରୋନାମାରେ ରହିଛନ୍ତି।



ଅତିଥିଙ୍କ ଗହଣରେ ପଦକ ସହ ଜ୍ୟୋତି ଓ ଆରତି।

୨୦୦ ମିଟର ବ୍ରେଷ୍ଟ-ଷ୍ଟ୍ରୋକ୍ ଇଭେଣ୍ଟରେ ଜ୍ୟୋତି ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ଆରତି ବ୍ରୋଞ୍ଜରେ ସନ୍ତୁଷ୍ଟ ରହିଥିଲେ। ସେହିଭଳି ୪ ଗୁଣା ୨୦୦ ମିଟର ଫ୍ରିଷ୍ଟାଇଲ ରିଲେରେ ମଧ୍ୟ ମୁମ୍ବାଇ ବିଶ୍ୱବିଦ୍ୟାଳୟକୁ ବ୍ରୋଞ୍ଜ ପଦକ ଜିତାଇବାରେ ଉଭୟ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଆଗକୁ ମଧ୍ୟ ଉଭୟ ଆହୁରି ପଦକ ସଫଳତା ପାଇବେ ବୋଲି ଆଶା ରଖିଛନ୍ତି। ଏଥିପୂର୍ବରୁ ପୁନେରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ଗେମ୍ସର ୨ୟ ସଂସ୍କରଣରେ ଉଭୟ ୨୦୦ ଓ ୧୦୦ ମିଟର ବ୍ରେଷ୍ଟ-ଷ୍ଟ୍ରୋକ୍ ଇଭେଣ୍ଟରେ ଜ୍ୟୋତି ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ସଫଳତା ପାଇଥିଲେ। ଜ୍ୟୋତି ଓ ଆରତିଙ୍କ ବାପା ବାଜିରାଓ ପଟେଲ ଉଭୟଙ୍କୁ ନେଇ ଅଲିମ୍ପିକ ସ୍ୱପ୍ନ ଦେଖିଥିବାବେଳେ ଏହା ଏବେ ବେଶି ଦୂର ନୁହେଁ ବୋଲି ଆଲୋଚନା ହେଉଛି। ପୂର୍ବରୁ ୪ ବର୍ଷ ବୟସରେ ଉଭୟ ଗେଟ୍‌ୱେ ଅଫ୍ ଇଣ୍ଡିଆରୁ ଆଲିବଗ୍ ପର୍ଯ୍ୟନ୍ତ ସନ୍ତରଣ କରି ଏହି ବୟସ ବର୍ଗରେ ଦ୍ରୁତତମ ସନ୍ତରଣକାରୀ ବିବେଚିତ ହୋଇଥିଲେ।



# ଚର୍ଚ୍ଚାରେ ୬ ଫୁଟ୍ ୯ ଇଞ୍ଚ ଉଚ୍ଚତାର ସହଜ୍

**ଭୁବନେଶ୍ୱର, ୨୪।୨ (ସ୍ପୋର୍ଟ୍ସ ବ୍ୟୁରୋ):** ଏଠାରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ପ୍ରଥମ ସଂସ୍କରଣ ସୋମବାର ୪ର୍ଥ ଦିନରେ ପହଞ୍ଚିଛି। ପ୍ରତିଯାଗିତାରେ ଜୈନ ବିଶ୍ୱବିଦ୍ୟାଳୟ (କର୍ନାଟକ)ର ଉନ୍ନତ ପ୍ରଦର୍ଶନ ଧାରା ଜାରି ରହିଛି। ତେବେ ସେମାନଙ୍କ ସଫଳତା ଯେତିକି ଚର୍ଚ୍ଚାରେ ନାହିଁ ଏହାଠାରୁ ଅଧିକ ଚର୍ଚ୍ଚାରେ ରହିଛନ୍ତି ଏହି ବିଶ୍ୱବିଦ୍ୟାଳୟର ବାସ୍କେଟବଲ ଖେଳାଳି ସହଜ୍ ପଟେଲ। ବରୋଦା ଜନ୍ମିତ ସହଜ୍‌ଙ୍କ ଉଚ୍ଚତା ୬ ଫୁଟ ଏବଂ ୯ ଇଞ୍ଚ୍ ରହିଛି। ଚଳିତ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ତାଙ୍କୁ ସବୁଠାରୁ ଡେଙ୍ଗା ଖେଳାଳି ଭାବେ ବିବେଚିତ କରାଯାଇଛି। ୧୮ ବର୍ଷ ବୟସରେ କଲେଜରେ ଯୋଗଦେବା ପରେ ସହଜ୍ ବହୁ ବିଳମ୍ବରେ ବାସ୍କେଟବଲ ସହିତ ସଂଶ୍ଳିଷ୍ଟ ହୋଇଥିଲେ। 'ଖେଳିବାଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୪ ବର୍ଷ ହୋଇଗଲାଣି, କେବେ ପଛଘୁଞ୍ଚା ଦେଇନାହିଁ। ମୋ ଅଭିଭାବକ ଖୁସି ନ ଥିଲେ କି ମୁଁ କ୍ରୀଡ଼ା କ୍ଷେତ୍ରରେ ପ୍ରବେଶ କରେ। କିନ୍ତୁ ସମୟକ୍ରମେ ସେମାନେ ବୁଝିଗଲେ ଯେ ଏହା ମୋ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ' ବୋଲି ସହଜ୍ କହିଛନ୍ତି। ୨୪ ବର୍ଷୀୟ ସହଜ୍ ପ୍ରଥମେ ବାପାଙ୍କ ଇଚ୍ଛା ପୂରଣ କରି ଇଞ୍ଜିନିୟରିଂ ପଢ଼ା ଶେଷ କରିଥିଲେ। ବର୍ତ୍ତମାନ ସେ ଜୈନ ବିଶ୍ୱବିଦ୍ୟାଳୟରେ ବାଣିଜ୍ୟରେ ମାଷ୍ଟର ଡିଗ୍ରୀ କରୁଛନ୍ତି।

ପୂର୍ବରୁ ସହଜ୍ ଯେତେବେଳେ ଜାତୀୟ ପ୍ରତିଯୋଗିତାରେ ଗୁଜରାଟ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ ସେତେବେଳେ ଜାତୀୟ ଚୟନକର୍ତ୍ତାଙ୍କ ନଜରକୁ ଆସିଥିଲେ। ଏହାପରେ ତାଙ୍କୁ ସାଫ୍ ଗେମ୍ସରେ ଭାରତ ପାଇଁ ଖେଳିବାର ସୁଯୋଗ ମିଳିଥିଲା। ସେଠାରେ ଭାରତ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ସହଜ୍ ଏହି ସଫଳତା ପଛରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ' ଏହା ସ୍ୱପ୍ନ ସତ ହେବା ଭଳି। ବାସ୍ତବରେ କ୍ରମାଗତ ଭାବେ ମୁଁ ଭାରତ ପାଇଁ ପ୍ରତିନିଧିତ୍ୱ କରିବାକୁ ଇଚ୍ଛୁକ। ଏଫ୍‌ଆଇବିଏ ଗେମ୍ସରେ ମୁଁ ବିଫଳ ହୋଇଯାଇଥିଲି। କିନ୍ତୁ ପରବର୍ତ୍ତୀ ସମୟରେ ଭାରତୀୟ ଦଳରେ ସାମିଲ ହେବା ପାଇଁ ଚେଷ୍ଟା ଜାରି ରଖିଛି ଏବଂ ଜଣେ ପ୍ରମୁଖ ଖେଳାଳିରେ ପରିଣତ ହେବାକୁ ଚାହୁଁଛି' ବୋଲି ସେ କହିଛନ୍ତି। 'ଭାରତ ସରକାରଙ୍କ ଦ୍ୱାରା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଏକ ବୃହତ୍ ପଦକ୍ଷେପ। ଏହି ପ୍ରତିଯୋଗିତାର ପ୍ରଥମ ସଂସ୍କରଣରେ ସାମିଲ ହୋଇଥିବାରୁ ବେଶ୍ ଆନନ୍ଦିତ'ବୋଲି ସହଜ୍ ପ୍ରକାଶ କରିଛନ୍ତି।



ମହିଳା ତୀରନ୍ଦାଜୀ ରିକର୍ଭ ଇଭେଣ୍ଟ ଅବସରରେ ପ୍ରିୟଙ୍କା ଥାକରନ୍।

# ଜନ୍ମଦିନକୁ ସ୍ମରଣୀୟ କଲେ ପ୍ରିୟଙ୍କା

**ଭୁବନେଶ୍ୱର, ୨୪।୨ (ସ୍ପୋର୍ଟ୍ସ ବ୍ୟୁରୋ):** ପୂର୍ବତନ ବିଶ୍ୱ ତୀରନ୍ଦାଜୀ ୟୁଥ୍ ଚାମ୍ପିୟନଶିପ୍ ସ୍ୱର୍ଣ୍ଣ ପଦକ ବିଜୟିନୀ କୋମାଲିକା ବାରିଙ୍କୁ ଚଳିତ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ନିରାଶ ହେବାକୁ ପଡ଼ିଛି। ସୋମବାର ଏଠାରେ ଅନୁଷ୍ଠିତ ବାଳିକା ରିକର୍ଭ ତୀରନ୍ଦାଜୀ ଇଭେଣ୍ଟରେ ଝାଡ଼ଖଣ୍ଡର କୋଲହାନ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା କୋମାଲିକା ସେମିଫାଇନାଲରୁ ବିଦାୟ ନେଇଛନ୍ତି। ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟ (ରୋହତକ)ର ପ୍ରିୟଙ୍କା ଥାକରନ୍ ସେମିଫାଇନାଲରେ କୋମାଲିକାଙ୍କୁ ପରାସ୍ତ କରିଛନ୍ତି। ପ୍ରିୟଙ୍କା ଏଥିପୂର୍ବରୁ ରାଉଣ୍ଡ-୧୬ରେ କୋଲହାନ ବିଶ୍ୱବିଦ୍ୟାଳୟର ଅନ୍ୟତମ ତୀରନ୍ଦାଜ ବାସନ୍ତୀ ବିରୁଆଙ୍କୁ ୧୨୭-୧୧୮ ସ୍କୋରରେ ହରାଇଥିଲେ। ଏହାପରେ କ୍ୱାର୍ଟର ଫାଇନାଲରେ ପ୍ରିୟଙ୍କା ୮୨-୬୨ରେ ମଣିପୁର ନ୍ୟାଶନାଲ ସ୍ପୋର୍ଟ୍ସ ବିଶ୍ୱବିଦ୍ୟାଳୟର ଦୁର୍ଗେଶ ଗୋସ୍ୱାମୀଙ୍କୁ ମାତ୍ ଦେଇ ସେମିଫାଇନାଲରେ ପହଞ୍ଚିଥିଲେ। ଯେଉଁଠି ସେ ୨୦୧୯ ବିଶ୍ୱ ତୀରନ୍ଦାଜୀ ୟୁଥ୍ ଚାମ୍ପିୟନଶିପ୍‌ର ସ୍ୱର୍ଣ୍ଣ ପଦକ ବିଜୟିନୀ କୋମାଲିକାଙ୍କୁ ପରାସ୍ତ କରିଛନ୍ତି। 'ନିଶ୍ଚିତ ଭାବେ ମୁଁ ଜାଣିଥିଲି କୋମାଲିକା ପ୍ରତିଯୋଗିତାର ଜଣେ ଶ୍ରେଷ୍ଠ ତୀରନ୍ଦାଜ। କିନ୍ତୁ ମୋ ଖେଳ ଉପରେ ମୁଁ ଫୋକସ୍ କରିଥିଲି ଏବଂ ଏହାର ଫଳ ପାଇଛି' ବୋଲି ଜନ୍ମଦିନରେ ବଡ଼ ବିଜୟ ହାସଲ କରିଥିବା ପ୍ରିୟଙ୍କା କହିଛନ୍ତି। ପ୍ରିୟଙ୍କାଙ୍କ ପ୍ରଦର୍ଶନରେ ତାଙ୍କ କୋଚ୍ ଅନିଲ କୁମାର ଖୁସି ଜାହିର କରିଛନ୍ତି। ନବମ ଶ୍ରେଣୀରେ ପଢୁଥିବାବେଳେ ପ୍ରିୟଙ୍କା ତୀରନ୍ଦାଜୀ କ୍ରୀଡ଼ାରେ ପ୍ରବେଶ କରିଥିଲେ। ୨୦୧୮ ନ୍ୟାଶନାଲରେ ସେ ରୌପ୍ୟ ପଦକ ବିଜୟୀ ହରିୟାଣା ଦଳର ସଦସ୍ୟା ରହିଥିଲେ।

## ମନେ ପଡ଼ନ୍ତି

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ରାମକୃଷ୍ଣ ମହାପାତ୍ର**
ଏ-୯୪, ଶହୀଦ ନଗର, ଭୁବନେଶ୍ୱର
ଆବିର୍ଭାବ: ୨୦।୦୫।୧୯୩୧
ତିରୋଧାନ: ୧୪।୦୨।୨୦୨୦
(First Batch XLRI, Former Chairman, NIPM, Fellow Utkal Chapter, Honorary Member, O.P.C, Director, Dinabandhu Trust)
ବାପା, ଏହି ଧରାପୃଷ୍ଠ ଭୂମିରୁ ଆପଣଙ୍କ ଅଚାନକ ବିଦାୟରେ ଆମ୍ଭେ ଅତ୍ୟନ୍ତ ମର୍ମାହତ। ଆପଣଙ୍କ ଅସୀମ ତ୍ୟାଗ, ସ୍ନେହ, ଶ୍ରଦ୍ଧା, ଆଦର୍ଶ, ନିର୍ଭୀକତା, ସଚ୍ଚୋଟ, ପରୋପକାରିତା, ଉଦାରପଣ, ମହାନୀୟତା, ସହିଷ୍ଣୁତା, କର୍ତ୍ତବ୍ୟନିଷ୍ଠା ଆମ୍ଭମାନଙ୍କ ପାଇଁ ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ଅମର ମହାନ୍ ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା।
**ହତଭାଗ୍ୟ:** ଦିଲ୍ଲୀପ୍, ଦୀପକ, ଆଲୋକ (ପୁତ୍ର), ଶୁଭ୍ରା, ସବିତା, ସିନାଲି (ପୁତ୍ରବଧୂ), ନାତି, ନାତୁଣୀ, ସଂଗ୍ରାମ ଓ ଲୀନା (ଜାମାତା, କନ୍ୟା) ଓ ମହାପାତ୍ର ପରିବାର।
ଧ-୬୮୫୯୬

**ବିଂଶତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଡ. ପ୍ରଭାକର ରାଉତ**
ଲକ୍ଷ୍ମୀସାଗର, ଭୁବନେଶ୍ୱର
ଆବିର୍ଭାବ: ୦୨।୦୧।୧୯୪୪
ତିରୋଧାନ: ୦୭।୦୩।୨୦୦୦
ବାବା, କୋଡିଏ ବର୍ଷ ହୋଇଗଲା। ଆପଣଙ୍କର ଆଶୀର୍ବାଦ, କର୍ତ୍ତବ୍ୟପରାୟଣତା ଏବଂ ଉପଦେଶ ଆଜି ବି ଆମର ପଥପ୍ରଦର୍ଶକ। ଆଜି ଏହି ପବିତ୍ର ଦିବସରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
ବନ୍ଧୁ ଓ ପରିବାରବର୍ଗ ।
ଧ-୧୬୮୭୭

**ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଚିତ୍ତରଞ୍ଜନ ପରିଡ଼ା**
ମତ୍ତଗଜପୁର, ବିରିବାଟୀ, କଟକ
ଆବିର୍ଭାବ: ତା. ୩୦।୦୫।୧୯୪୦
ତିରୋଧାନ: ତା. ୨୦।୦୨।୨୦୧୫
ଶ୍ରୀଜଗନ୍ନାଥଙ୍କ କୃପାରୁ ତୁମର ଆତ୍ମା ଶାନ୍ତିରେ ରହୁ
**ଶୋକସନ୍ତପ୍ତ:**
ପତ୍ନୀ: ଶାନ୍ତିଲତା, ପୁତ୍ର: ସଞ୍ଜୟ, ଅଜୟ, ଅକ୍ଷୟ, ବିଜୟ, ଅଭୟ, ଧନଞ୍ଜୟ, ଚିନ୍ମୟ, ମୃତ୍ୟୁଞ୍ଜୟ, ଦୃଜୟ, କନିଷ୍ଠ ଭ୍ରାତା: ଲକ୍ଷ୍ମୀଧର, ଶରତ, ପ୍ରଭାତ, ଆଶୁତୋଷ।
ଧ-୧୪୫୭୬

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଜୟଦେବ ମହାପାତ୍ର**
ଆବିର୍ଭାବ: ୧୯।୦୫।୧୯୩୪
ତିରୋଧାନ: ୨୮।୦୨।୨୦୧୭
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀଲିଙ୍ଗରାଜଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ:**
ପୁତ୍ର-ପୁତ୍ରବଧୂ: ମଣ୍ଟୁ-ରୁନୁ, ମିଟୁ-ମିତା, ଝିଅ-ଜାମାତା: ସବିତା-ସୁନୀଲ୍, ନାତି-ନାତୁଣୀ: ବାଦଲ, ଆକାଶ, ଶିବା, ବର୍ଷା।
ଧ-୧୬୮୭୮

## CLASSIFIED DISPLAY

ବାସ୍ ଏବେ ଆଉ ଦୁଃଖ କାହିଁକି ?
ଦୁଃଖକୁ ଖୁସିରେ ବଦଳେଇବା ବାଲା ଏବଂ ରୁହାନି ଶକ୍ତି ଏବଂ କଳା ଯାଦୁରେ ମାହିର୍
ପୂର୍ବପୁରୁଷଙ୍କଠୁ ମିଳିଥିବା ବରଦାନ କେବଳ ୪ ଘଣ୍ଟାରେ ୧୦୦% ସମାଧାନ
ଆପଣ ଯେକୌଣସି ସମସ୍ୟାରେ ଯଦି ବ୍ୟସ୍ତ ଅଛନ୍ତି ତାହେଲେ ଏବେ ଫୋନ୍ କରନ୍ତୁ ଏବଂ ଘରେ ବସି ସମାଧାନ କରାନ୍ତୁ ।
ପ୍ରେମବିବାହ, ବିବାହରେ ବାଧା, ଗୃହକ୍ଲେଶ, ସଉତୁଣୀ ଓ ଶତ୍ରୁ ମୁକ୍ତି, ବ୍ୟବସାୟରେ ବାଧା, ଗଡାଧନ, ଜୁଆ, ସଟ୍‌ଟା, ଭୂତ-ପ୍ରେତ, ପ୍ରେମ ଏବଂ ଭଲପାଇବା ଇତ୍ୟାଦି
(ମୁଠ୍‌କରଣୀ ଏବଂ ବଶିକରଣ ସ୍ପେଶାଲିଷ୍ଟ)
ପ୍ରେମରେ ଧୋକା ଖାଇଥିବା ସ୍ତ୍ରୀ-ପୁରୁଷ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପୁଅ କିମ୍ବା ଝିଅ ବ୍ୟସ୍ତ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା କବୀର ଖାନ୍
ଠିକଣା - ହୋଟେଲ ମୋନାଲିସା, ରାଜମହଲ୍, ଭୁବନେଶ୍ୱର
9911195449

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋଡାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ସ୍ୱାମୀ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
8376889657 9971793786

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ଫେବୃୟାରୀ ୨୫/୨୦୨୦ Bhubaneswar, Tuesday, February 25/2020




# ବଳାତ୍କାର ମାମଲାରେ ବିଏସ୍ଏଫ୍ ଅଧିକାରୀ ଗିରଫ

**ଭୁବନେଶ୍ୱର,୨୪।୨(ବ୍ୟୁରୋ)**

ଯୁବତୀଙ୍କୁ ବଳାତ୍କାର କରି ଏହାର ଭିଡିଓ ଦେଖାଇ ବ୍ଲାକ୍‌ମେଲ୍ କରିବା ଓ ୨୦ଲକ୍ଷ ଠକିନେବା ଅଭିଯୋଗରେ ସୋମବାର ଗିରଫ ହୋଇଛନ୍ତି ବିଏସ୍ଏଫ୍ ଡିଏସ୍‌ପି ସରୋଜ ମନୋଜ କୁମାର ମହାକୁଡ଼। ମହିଳା ଥାନା ପୋଲିସ ତାଙ୍କୁ ଗିରଫ କରିବା ପରେ କ୍ୟାପିଟାଲ ହସ୍ପିଟାଲରେ ଡାକ୍ତରୀ ମାଇନା ପରେ କୋର୍ଟ ଚାଲାଣ କରିଛି। ଡାକ୍ତରୀମାଇନା ସମୟରେ ମନୋଜ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ତାଙ୍କୁ ଯୁବତୀ ଜଣକ ଫସାଇ ଦେଇଛନ୍ତି। ଯୁବତୀ ଜଣକ ଲକ୍ଷ୍ମୀସାଗର ଅଞ୍ଚଳରେ ଜମି କିଣାଇ ଦେବାକୁ କହି ୧୦ ଲକ୍ଷ ଟଙ୍କା ନେଇଥିଲେ। ଜମି ନ ଦେବାରୁ ମୁଁ ତାଙ୍କୁ ଦେଇଥିବା ୧୦ ଲକ୍ଷ ଟଙ୍କା ଫେରସ୍ତ ମାଗିଥିଲି। କିନ୍ତୁ ସେ ଟଙ୍କା ନ ଦେଇ ମୋତେ ଏଭଳି ମିଥ୍ୟା ଅଭିଯୋଗ ଆଣି ଫସାଇ ଦେଇଛନ୍ତି। ଏପରି କି ମୋର ଅଶ୍ଳୀଳ

**ନେଇଥିବା ଟଙ୍କା ମାଗିବାରୁ ମୋତେ ଫସାଇ ଦେଇଛନ୍ତି: ଡିଏସ୍‌ପି**



ଭିଡିଓ ସେ ହିଁ ତାଙ୍କ ଫେସ୍‌ବୁକ୍ ଆଇଡିରୁ ଭାଇରାଲ କରିଛନ୍ତି। କୋର୍ଟକୁ ମୁଁ ଏହାର ପ୍ରମାଣ ଦେବି ବୋଲି ମନୋଜ କହିଛନ୍ତି।

ସୂଚନାଯୋଗ୍ୟ, ମନୋଜ ଜଟଣୀ ଅଞ୍ଚଳରେ ଥିବା ବିଏସ୍ଏଫ୍ କ୍ୟାମ୍ପରେ କାର୍ଯ୍ୟ କରନ୍ତି। ତାଙ୍କ ଘର ଜଗତ୍‌ସିଂପୁର ଜିଲାରେ ହୋଇଥିବାବେଳେ ସେ ଚନ୍ଦକା ନିକଟ ଏକ ଆପାର୍ଟମେଣ୍ଟରେ ପରିବାର ସହ ରୁହନ୍ତି। ଅଭିଯୋଗକାରିଣୀ ଯୁବତୀଙ୍କ ଘର କଟକରେ ହୋଇଥିବାବେଳେ ସେ ଭୁବନେଶ୍ୱରରେ ରହି ଏକ ବିଲ୍ଡର ସଂସ୍ଥାରେ ଏଜେଣ୍ଟ ଭାବେ କାର୍ଯ୍ୟ କରନ୍ତି। ତାଙ୍କ ଅଭିଯୋଗ ଅନୁସାରେ, ୨୦୧୭ରେ ଏକ ଜାଗା କିଣିବା ପାଇଁ ମନୋଜ ତାଙ୍କ ସହ ଯୋଗାଯୋଗ କରିଥିଲେ। ଏହାପରେ ମନୋଜ ବିଭିନ୍ନ ଆଳରେ ତାଙ୍କୁ ଦେଖା କରିବା ପାଇଁ ଡାକି ସମ୍ପର୍କ ବଢ଼ାଇଥିଲେ। ପରେ ବିବାହ ଆଳରେ ତାଙ୍କୁ ବଳାତ୍କାର କରିଥିଲେ। ଏହି ସମୟରେ ମନୋଜ ନିଜ ମୋବାଇଲ୍ ଫୋନ୍‌ରେ ଭିଡିଓ ରେକର୍ଡିଂ କରିଥିଲେ। ପରେ ଏହି ଭିଡିଓ ଭାଇରାଲ କରାଇ ଦେବାର ଧମକ ଦେଇ ଯୁବତୀଙ୍କୁ ବାରମ୍ବାର ବଳାତ୍କାର କରିଥିଲେ। ଏପରି କି ଭିଡିଓ ଡିଲିଟ୍ କରିବାକୁ ତାଙ୍କଠାରୁ ୨୦ଲକ୍ଷ ଟଙ୍କା ନେଇଥିବା ଯୁବତୀ ଜଣକ ମହିଳା ଥାନାରେ ଅଭିଯୋଗ କରିଥିଲେ।

# ଅଭିଯୁକ୍ତ ଭୂତଙ୍କୁ ୧୦ ବର୍ଷ କାରାଦଣ୍ଡ

**ଭୁବନେଶ୍ୱର,୨୪।୨(ବ୍ୟୁରୋ)**

ଖୋର୍ଦ୍ଧା ସଦର ଥାନା କାଇମାଟିଆ ୯ ବର୍ଷର ନାବାଳିକା ବଳାତ୍କାର ମାମଲାର ସୋମବାର ରାୟ ପ୍ରକାଶ ପାଇଛି। ଭୁବନେଶ୍ୱର ଏଡିଜେ-୪ ଆଣ୍ଡ୍ ସ୍ପେଶାଲ ଜଜ ପୋକ୍‌ସୋ କୋର୍ଟ ଏହି ମାମଲାର ବିଚାର କରି ଅଭିଯୁକ୍ତ ସଞ୍ଜୟ କୁମାର ଭୋଇ ଓରଫ ଭୂତଙ୍କୁ ୧୦ ବର୍ଷ କାରାଦଣ୍ଡ ଶୁଣାଇଛନ୍ତି। ଏହାସହ ୧୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ଅନାଦାୟ ହେଲେ ଅଧିକ ୬ମାସ ଅଧିକ ସଜା ଭୋଗିବାକୁ ବିଚାରପତି ସତ୍ୟରଞ୍ଜନ ପ୍ରଧାନ ତାଙ୍କ ରାୟରେ ଶୁଣାଇଛନ୍ତି। ଜର୍ଜ୧୦ ଜଣ ସାକ୍ଷ୍ୟ ଏବଂ ୨୮ଟି ଦସ୍ତାବିଜ୍‌କୁ ଅନୁଧ୍ୟାନ କରିବା ପରେ ଏହି ରାୟ ଦେଇଛନ୍ତି।

**କାଇମାଟିଆ ନାବାଳିକା ବଳାତ୍କାର ମାମଲା**

ସୂଚନା ଅନୁଯାୟୀ, ଖୋର୍ଦ୍ଧା ସଦର ଥାନା କାଇମାଟିଆ ଅଞ୍ଚଳରେ ନାବାଳିକା ପରିବାର ସହ ରୁହନ୍ତି। ଗାଁ ପଦିଆରେ ୨୦୧୭ ମସିହା ମେ ୧ ତାରିଖରେ ମେଳା ପଡିଥିଲା। ମେଳା ନିକଟରେ ନାବାଳିକା ବାପାଙ୍କ ଏକ ପାନ ଦୋକାନ ରହିଛି। ସେହି ଦିନ ରାତି ପ୍ରାୟ ୧୧ଟା ସମୟରେ ନାବାଳିକା ରାମଲିଳା ଦେଖିବା ପାଇଁ ଘରୁ ଗାଁ ପଡିଆକୁ ଏକାକୀ ଯାଉଥିଲେ। ଗାଁ ମଝି ରାସ୍ତାରେ ନାବାଳିକାଙ୍କୁ ଏକାକୀ ଦେଖି ଅଭିଯୁକ୍ତ ସଞ୍ଜୟ ଟେକିନେଇ ନିକଟରେ ଥିବା ଏକ ଭଙ୍ଗାଘରେ ବଳାତ୍କାର କରିଥିଲେ। ସେହିବାଟ ଦେଇ ଯାଉଥିବା ଗାଁର ଅନ୍ୟ ଝିଅମାନେ ପାଟିଶୁଣି ଗାଁ ଲୋକଙ୍କୁ ଡାକିବା ପରେ ଅଭିଯୁକ୍ତ ସଞ୍ଜୟ ସେଠାରୁ ଫେରାର ହୋଇଯାଇଥିଲା। ଏନେଇ ଖୋର୍ଦ୍ଧା ସଦର ଥାନାରେ ଅଭିଯୋଗ କରାଯିବା ପରେ ପୋଲିସ କେସ ନଂ-୭୮/୧୭ ଦଫା ୩୭୬,୩୬୩(୨)(ଆଇ),୫୦୬, ୬ ପୋକ୍‌ସୋ ଆକ୍ଟ ଲଗାଇ ଅଭିଯୁକ୍ତ ସଞ୍ଜୟଙ୍କୁ ଗିରଫ କରିଥିଲେ। ପରେ ଏହି ମାମଲା କୋର୍ଟ ଟ୍ରାଏଲ ନଂ-୯୧୪/୧୭ରେ ମାମଲା ଚାଲୁଥିଲା। ଏହି ମାମଲାରେ ବିପକ୍ଷ ଓକିଲ ମଧ୍ୟରୁ ଜଣଙ୍କୁ ମଧ୍ୟ ସାକ୍ଷ୍ୟରୂପେ ନିଆଯାଇଥିଲା। ଏହାସହ ଆଇନି ଅନୁଯାୟୀ ସରକାର ପିଡିତାଙ୍କୁ ୪ଲକ୍ଷ ଟଙ୍କା କ୍ଷତିପୂରଣ ଦେଇଥିଲେ। ସରକାରଙ୍କ ସ୍ୱତନ୍ତ୍ର ପିପିଭାବେ ସୁବ୍ରତ ପ୍ରିୟଦର୍ଶୀ ମାମଲାର ପରିଚାଳନା କରୁଥିଲେ।

# ଆଧୁନିକୀକରଣ କାର୍ଯ୍ୟ ଯୋଗୁ ପ୍ରଭାବିତ ହେବ ଟ୍ରେନ୍ ଚଳାଚଳ

**ଭୁବନେଶ୍ୱର,୨୪।୨(ବ୍ୟୁରୋ)**

ପୂର୍ବ କେନ୍ଦ୍ରୀୟ ରେଳପଥର ଦାନାପୁର ରେଳମଣ୍ଡଳ ଅନ୍ତର୍ଗତ କିଉଲ ଷ୍ଟେଶନଠାରେ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଯୋଗୁଁ ପୂର୍ବତଟ ରେଳପଥକୁ ଆସୁଥିବା ଏବଂ ଏହାର ପରିସୀମାରୁ ଛାଡ଼ିବାକୁ ଥିବା କେତେକ ଟ୍ରେନକୁ ବାତିଲ ଓ ମାର୍ଗ ପରିବର୍ତ୍ତନ କରାଯାଇଛି। ପୁରୀ-ଜୟନଗର-ପୁରୀ ଏକ୍ସପ୍ରେସ ପୁରୀଠାରୁ ମାର୍ଚ୍ଚ ୧୯ ଓ ୨୬ ଏବଂ ଜୟନଗରଠାରୁ ମାର୍ଚ୍ଚ ୨୧ ଓ ୨୮ରେ ଉଭୟ ଦିଗରୁ ବାତିଲ ରହିବ। ସେହିଭଳି ପୁରୀ-ପାଟନା-ପୁରୀ ଏକ୍ସପ୍ରେସ ପୁରୀଠାରୁ ମାର୍ଚ୍ଚ ୨୩ ଓ ୩୦ ଏବଂ ପାଟନାଠାରୁ ମାର୍ଚ୍ଚ ୨୫ ଓ ଏପ୍ରିଲ ୧ ଦିନ ଏହାର ସ୍ଥିରୀକୃତ ମାର୍ଗ ବର୍ଦ୍ଧମାନ-ଆସାନସୋଲ-ଚିତ୍ତରଞ୍ଜନ-ଜାଶିଡ଼ିହ-କିଉଲ-ବକ୍ତିଆରପୁର ମାର୍ଗରେ ନ ଯାଇ ପରିବର୍ତ୍ତିତ ମାର୍ଗ ଭାୟା ଆଦ୍ରା-ଗୋମୋ-ଗୟା ମାର୍ଗଦେଇ ଚଳାଚଳ କରିବ। ଏର୍ଣ୍ଣାକୁଲମ-ପାଟନା-ଏର୍ଣ୍ଣାକୁଲମ ଏକ୍ସପ୍ରେସ ଏର୍ଣ୍ଣାକୁଲମଠାରୁ ମାର୍ଚ୍ଚ ୧୭ ରୁ ୩୧ ମଧ୍ୟରେ ଏବଂ ପାଟନାଠାରୁ ମାର୍ଚ୍ଚ ୧୯ରୁ ଏପ୍ରିଲ ୨ ମଧ୍ୟରେ ଏହାର ସ୍ଥିରୀକୃତ ମାର୍ଗ ଆସାନସୋଲ-ଚିତ୍ତରଞ୍ଜନ-ଜାଶିଡ଼ିହ-କିଉଲ-ବକ୍ତିଆରପୁର ମାର୍ଗରେ ନ ଯାଇ ପରିବର୍ତ୍ତିତ ମାର୍ଗ ଭାୟା ରାଜବେରା-ଗୋମୋ-ଗୟା ମାର୍ଗ ଦେଇ ଉଭୟ ପାର୍ଶ୍ୱରୁ ଚଳାଚଳ କରିବ। ଅନ୍ୟପକ୍ଷରେ ଯଶୋବନ୍ତପୁର-ଭାଗଲପୁର-ଯଶୋବନ୍ତପୁର ଏକ୍ସପ୍ରେସ ଉଭୟ ଯଶୋବନ୍ତପୁର ଓ ଭାଗଲପୁରଠାରୁ ଫେବୃୟାରୀ ୨୬ରୁ ଏପ୍ରିଲ ୨ ମଧ୍ୟରେ ଆସାନସୋଲ-ଜାଶିଡ଼ିହ-କିଉଲ-ଜମଲପୁର ମାର୍ଗ ପରିବର୍ତ୍ତେ ବର୍ଦ୍ଧମାନ-ରାମପୁର ହାଟ-ସାହିବ ଗଞ୍ଜ ମାର୍ଗ ଦେଇ ଚଳାଚଳ କରିବ ବୋଲି ରେଳ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ